# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ମାର୍ଚ୍ଚ 2014ରେ ସମାପ୍ତ ବର୍ଷ ପାଇଁ ପ୍ରତିବେଦନ
# ସାଧାରଣ ଓ ସାମାଜିକ କ୍ଷେତ୍ର

**ଓଡ଼ିଶା ସରକାର**

**ପ୍ରତିବେଦନ ସଂଖ୍ୟା 4 ବର୍ଷ 2015**

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ମାର୍ଚ୍ଚ 2014ରେ ସମାପ୍ତ ବର୍ଷ ପାଇଁ ପ୍ରତିବେଦନ

## ସାଧାରଣ ଓ ସାମାଜିକ କ୍ଷେତ୍ର

**ଓଡ଼ିଶା ସରକାର**

ପ୍ରତିବେଦନ ସଂଖ୍ୟା 4 ବର୍ଷ 2015

# ସୂଚୀପତ୍ର


| | ପ୍ରସଙ୍ଗ ସୂଚନା | |
|---|---|---|
| | *ଅନୁଚ୍ଛେଦ* | *ପୃଷ୍ଠା* |
| ମୁଖବନ୍ଧ | | v |
| **ଅଧ୍ୟାୟ I : ଉପକ୍ରମ** | | |
| ଉପକ୍ରମ | 1.1 ରୁ 1.4 | 1-10 |
| **ଅଧ୍ୟାୟ II : ସମ୍ପାଦନ ସମୀକ୍ଷା** | | |
| **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ** | | |
| ରାଜ୍ୟର ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ସେମାନଙ୍କ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକାରିତା | 2.1 | 11-36 |
| **ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ** | | |
| ରାଜ୍ୟରେ ପ୍ରାଥମିକ ଶିକ୍ଷା | 2.2 | 37-62 |
| **ଅଧ୍ୟାୟ III : ଅନୁପାଳନ ସମୀକ୍ଷା** | | |
| **ଯୋଜନା ଓ ସମନ୍ୱୟ ବିଭାଗ** | | |
| ସମ୍ବଲପୁର ଜିଲ୍ଲାର ସମୀକ୍ଷା | 3.1 | 63-94 |
| **ଗୃହ ବିଭାଗ** | | |
| ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସର କାର୍ଯ୍ୟକାରିତା | 3.2 | 95-113 |
| **ରାଜସ୍ୱ ଓ ବିପର୍ଯ୍ୟୟ ପରିଚ୍ଳନା ବିଭାଗ** | | |
| ଲଘୁ ଖଣିଜ ଦ୍ରବ୍ୟରୁ ଆୟ | 3.3 | 113-121 |
| **ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ** | | |
| ରାଜ୍ୟର ସହରାଞ୍ଚଳରେ ପର୍ଯ୍ୟାପ୍ତ ଏବଂ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା | 3.4 | 121-133 |
| **ଗ୍ରାମ୍ୟ ଉନ୍ନୟନ ବିଭାଗ** | | |
| ବିଜୁ ସେତୁ ଯୋଜନାର କାର୍ଯ୍ୟକାରିତା | 3.5 | 133-139 |
| **ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ** | | |
| ତହସିଲରେ ଜମି ପରିଚାଳନ | 3.6 | 140-164 |
| **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ** | | |
| ରାଜ୍ୟରେ ଜାତୀୟ ଆମ୍ବୁଲାନ୍ସ ସେବାର କାର୍ଯ୍ୟକାରିତା | 3.7 | 165-172 |
| ସରକାରୀ ଚିକିତ୍ସାଳୟଗୁଡ଼ିକରେ ବ୍ୟବହାରିକ ଫିସ୍‌ର ସଂଗ୍ରହ, ହିସାବ ଏବଂ ଉପଯୋଗ | 3.8 | 172-175 |
| ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାନ ପରିସର ମଧରେ ଔଷଧ ଦୋକାନର ଚୟନ ଓ କାର୍ଯ୍ୟକାରିତା | 3.9 | 175-177 |
| **ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ** | | |
| କମ୍ପ୍ୟୁଟର ଏବଂ ଆନୁସଙ୍ଗିକ ଉପକରଣ ସଂଗ୍ରହଣରେ ସ୍ୱଚ୍ଛତାର ଅଭାବ | 3.10 | 177-181 |
| **ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ** | | |
| ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମର ବଣ୍ଟନ ଓ ବିତରଣ | 3.11 | 181-187 |
| **ଅର୍ଥ ବିଭାଗ** | | |
| ସମୀକ୍ଷାକୁ ପ୍ରତିଜବାବ ପ୍ରଦାନରେ ହେଳା | 3.12 | 187-193 |

| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| | ପରିଶିଷ୍ଟ | | |
| 2.1.1 | ଅକାମି/ ଅଚଳ ଯନ୍ତ୍ରାଂଶର ବିବରଣ | 2.1.7.3 | 195 |
| 2.1.2 | ଜିଏମସିଏଚ୍-ୱାରୀ ଖାଲି ପଡିଥିବା ଶିକ୍ଷକ ଓ ଅନ୍ୟ କର୍ମଚାରୀ ପଦବୀର ବିବରଣ | 2.1.8.1 | 196 |
| 2.1.3 | ଉପଯୁକ୍ତ ଗୁଣବତ୍ତା ହୀନ ଭାବେ ଘୋଷଣା ହେବା ସମୟରେ ଔଷଧର ଉପଯୋଗ ଏବଂ ବଳକା ଭଣ୍ଡାରର ବିବରଣ | 2.1.10.6 | 197-199 |
| 2.2.1 | ପ୍ରାପ୍ତ ହୋଇଥିବା କମ୍ ସଂଖ୍ୟକ ଏନ୍‌ଟି ବହିର ବିବରଣ | 2.2.9.1 | 200 |
| 2.2.2 | ବିଡିଓ/ ଡିଏସ୍‌ଡବ୍ଲ୍ୟୁଓମାନଙ୍କ ପାଖରେ ଖର୍ଚ୍ଚ ନହୋଇ ପଡ଼ିରହିଥିବା ଏମ୍‌ଡିଏମ୍ ପାଣ୍ଠିର ବିବରଣ | 2.2.15 | 201 |
| 3.1.1 | ଡିଏଚ୍‌ଏଚ୍ ସମ୍ବଲପୁରର ଓଟି ଏବଂ ଲେବର ରୁମ୍‌ରେ ଉପଲବ୍ଧ ନଥିବା ଉପକରଣ ଗୁଡିକର ବିବରଣ | 3.1.9.1 | 202-203 |
| 3.1.2 | ଅଗଷ୍ଟ 2014 ସୁଦ୍ଧା ଅସମ୍ପୂର୍ଣ୍ଣ ଥିବା ପିଏମ୍‌ଜିଏସ୍‌ୱାଇ ରାସ୍ତାର ବିବରଣ | 3.1.19 | 204-207 |
| 3.2.1 | 10ଟି ପୁଲିସ ଥାନାର 473 ନମୁନା ଯାଞ୍ଚ୍ ମାମଲାର ଏକତ୍ରିତ ବିବରଣ | 3.2.3.6 | 208 |
| 3.2.2 | ନମୁନା ଯାଞ୍ଚ ପୁଲିସ ଥାନା ମାନଙ୍କରେ ବନ୍ଧୁକ ଲାଇସେନ୍‌ସର ସ୍ଥିତିର ବିବରଣ | 3.2.7.5 | 209 |
| 3.3.1 | ଅଣଚିହ୍ନିତ ଉତ୍ସଗୁଡ଼ିକରୁ ଲଘୁ ଖଣିଜ ଦ୍ରବ୍ୟର ଅନଧିକୃତ ଉତ୍ତୋଳନର ବିବରଣ | 3.3.2.1 | 210 |
| 3.3.2 | ମୀମାଂସା ହୋଇ ନଥିବା ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ବିବରଣ | 3.3.2.3 | 211-212 |
| 3.3.3 | ଅଧିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ବିବରଣ | 3.3.2.5 | 213 |
| 3.3.4 | ଚୁକ୍ତି ଦଲିଲ୍‌ର ସଂପାଦନ ନହେବା ଏବଂ ପଞ୍ଜୀକରଣ ନହେବା ଯୋଗୁ ଷ୍ଟାମ୍ପ ଶୁଳ୍କ କ୍ଷତିର ବିବରଣ | 3.3.3.2 | 214 |
| 3.3.5 | ଉଭୟ ସରକାରୀ ଓ ବେସରକାରୀ ଜମିରୁ ଖଣିଜ ଦ୍ରବ୍ୟର ଅପ୍ରାଧିକୃତ ଉତ୍ତୋଳନ ଓ ଅପସାରଣର ବିବରଣ | 3.3.4.1 | 215 |
| 3.4.1 | ଜମି ଅଧିଗ୍ରହଣ ପୂର୍ବରୁ କାର୍ଯ୍ୟାରମ୍ଭର ବିବରଣ | 3.4.5.2 | 216 |
| 3.4.2 | ଅସମ୍ପୂର୍ଣ୍ଣ କାର୍ଯ୍ୟରେ ନିଷ୍ଫଳ ବ୍ୟୟର ବିବରଣ | 3.4.5.3 | 217-218 |
| 3.5.1 | ବିଜୁ ସେତୁ ଯୋଜନା ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରି ସେତୁ ନିର୍ମାଣର ବିବରଣ | 3.5.2.1 | 219 |
| 3.6.1 | ସମୀକ୍ଷା ଉପସ୍ଥିତିରେ ଆର୍‌ଆଇଙ୍କଦ୍ୱାରା କରାଯାଇଥିବା ଜମି/ କ୍ଷେତ୍ରର ନିରୀକ୍ଷଣରୁ ପରିଲକ୍ଷିତ ହୋଇଥିବା ପ୍ରମୁଖ ଅନଧିକୃତ ଦଖଲର ବିବରଣ | 3.6.1.1 | 220-222 |
| 3.6.2 | ଅବ୍ୟବହୃତ ଆବଣ୍ଟିତ ଜମିର ବିଶଦ୍ ବିବରଣ | 3.6.2.5 | 223-224 |
| 3.6.3 | ନମୁନା ଯାଞ୍ଚ୍ ତହସିଲରେ ବିଚାରାଧିନ ଥିବା କିସମ ପରିବର୍ତ୍ତନ ମାମଲାର ବିଶଦ ବିବରଣ | 3.6.3.7 | 225 |
| 3.6.4 | ତହସିଲଦାରମାନଙ୍କ ଦ୍ୱାରା ସ୍ୱଇଚ୍ଛାରେ ଦାଖଲ ଖାରଜ ଆରମ୍ଭ ନହେବାର ବିବରଣ | 3.6.4.3 | 226 |
| 3.8.1 | ଅପ୍ରାଧିକୃତ ଉଦ୍ଦେଶ୍ୟରେ ବ୍ୟବହାରିକ ଫିସ୍ ବିନିଯୋଗର ବିବରଣ | 3.8.4 | 227-228 |
| 3.12.1 | ମାର୍ଚ୍ଚ 2014 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ ଜୁନ୍ 2014 ସୁଦ୍ଧା ମୀମାଂସା ହୋଇନଥିବା ନିରୀକ୍ଷଣ ପ୍ରତିବେଦନ/ ଅନୁଚ୍ଛେଦ ଗୁଡ଼ିକର ବର୍ଷୱାରୀ ବିବରଣ | 3.12 | 229 |
| 3.12.2 | ମାର୍ଚ୍ଚ 2014 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ ଜୁନ୍ 2014 ସୁଦ୍ଧା ମୀମାଂସା ହୋଇନଥିବା ନିରୀକ୍ଷଣ ପ୍ରତିବେଦନ/ ଅନୁଚ୍ଛେଦ ଗୁଡ଼ିକର ବିବରଣ | 3.12 | 230 |
| 3.12.3 | ପରିଲକ୍ଷିତ ହୋଇଥିବା ଏବଂ ନିରୀକ୍ଷଣ ପ୍ରତିବେଦନରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତାର ବିବରଣ | 3.12 | 231 |

| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| 3.12.4 | 30 ସେପ୍ଟେମ୍ବର 2014 ସୁଦ୍ଧା ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିବା ସଂପାଦନ ସମୀକ୍ଷା/ ପୁନଃରୀକ୍ଷଣ ଗୁଡିକ ସହିତ ଅନୁଚ୍ଛେଦଗୁଡିକର ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଦାନ କରି ନଥିବା ବିଭାଗୱାରୀ ବିବରଣ | 3.12.1 | 232-233 |
| 3.12.5 | 30 ସେପ୍ଟେମ୍ବର 2014 ରେ ପିଏସି ସୁପାରିଶ (10ମ ବିଧାନସଭା ଠାରୁ 14ତମ ବିଧାନସଭା) ଉପରେ କାର୍ଯ୍ୟାନୁଷ୍ଠାନ ବିବୃତ୍ତି(ଏଟିଏନ୍)ର ବିଭାଗୱାରୀ ସ୍ଥିତିର ବିବରଣ | 3.12.2 | 234-235 |
| 3.12.6 | ଟିସି ବୈଠକରେ ମୀମାଂସା ହୋଇଥିବା ଆଇଆର/ ଅନୁଚ୍ଛେଦର ବିବରଣ | 3.12.3.2 | 236 |
| 3.12.7 | ଟିସି ବୈଠକ ଆୟୋଜନ କରି ନଥିବା ବିଭାଗ ଏବଂ ଅମୀମାଂସୀତ ଆଇଆର୍/ ଅନୁଚ୍ଛେଦର ବିବରଣ | 3.12.3.2 | 237 |
| | ସଂକ୍ଷିପ୍ତ ଶବ୍ଦକୋଷ | | 239-246 |

# ମୁଖବନ୍ଧ

ମାର୍ଚ୍ଚ 2014 ସୁଦ୍ଧା ଶେଷ ହୋଇଥିବା ବର୍ଷ ପାଇଁ ଏହି ପ୍ରତିବେଦନ ଭାରତ ସମ୍ବିଧାନର ଧାରା 151 ଅନୁଯାୟୀ ଓଡ଼ିଶାର ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଥାଏ ।

ଉକ୍ତ ପ୍ରତିବେଦନରେ ସାଧାରଣ ଏବଂ ସାମାଜିକ ସେବା ଅଧିନରେ ଥିବା ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଯଥା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଯୋଜନା ଓ ସମନ୍ୱୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଗୃହ ନିର୍ମାଣ ଓ ପୌର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ଗୃହ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ସୂଚନା ପ୍ରଯୁକ୍ତିବିଦ୍ୟା, ପଞ୍ଚାୟତିରାଜ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଗୁଡିକର ସମ୍ପାଦନ ସମୀକ୍ଷା ଏବଂ ଅନୁପାଳନ ସମୀକ୍ଷାର ତାତ୍ପର୍ଯ୍ୟପୂର୍ଣ୍ଣ ଫଳାଫଳ ଦର୍ଶାଯାଇଛି ।

ସାଧାରଣ ଏବଂ ସାମାଜିକ ସେବା ଉପରେ ଆଧାରିତ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇନଥିବା ବିଭାଗ ଗୁଡ଼ିକ ହେଲେ, ଉଚ୍ଚ ଶିକ୍ଷା, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି, ସୂଚନା ଓ ଲୋକ ସଂପର୍କ, ଆଇନ୍, ସଂସଦୀୟ ବ୍ୟାପାର, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାଧାରଣ ପ୍ରଶାସନ, ସରକାରୀ ଉଦ୍ୟୋଗ ଏବଂ ବିଜ୍ଞାନ ଓ ବୈଷୟିକ ବିଭାଗ ।

ଏହି ପ୍ରତିବେଦନରେ ବର୍ଣ୍ଣନା କରାଯାଇଥିବା ମାମଲାଗୁଡ଼ିକ ଯାହା 2013-14 ବର୍ଷର ହିସାବର ନମୁନା ସମୀକ୍ଷାରୁ ଜଣାପଡ଼ିଥିଲା, ଅଥବା ପୂର୍ବ ବର୍ଷମାନଙ୍କରେ ଧ୍ୟାନକୁ ଆସିଥିଲା କିନ୍ତୁ ପୂର୍ବ ପ୍ରତିବେଦନରେ ପ୍ରକାଶ କରାଯାଇ ପାରି ନଥିଲା; 2013-14 ର ପରବର୍ତ୍ତୀ ସମୟ ସମ୍ବନ୍ଧିତ ବିଷୟକୁ ମଧ୍ୟ ଦରକାର ମୁତାବକ ଉପଯୁକ୍ତ ସ୍ଥାନରେ ଅନ୍ତର୍ଭୁକ୍ତ କରାଯାଇଅଛି ।

ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁଯାୟୀ ସମୀକ୍ଷାର ପରିଚାଳନା କରାଯାଇଅଛି ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

# ଅଧ୍ୟାୟ I

# ଉପକ୍ରମ

# ଅଧ୍ୟାୟ I
# ଉପକ୍ରମ

## 1.1 ଏହି ପ୍ରତିବେଦନ ସମ୍ବନ୍ଧରେ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଏହି ପ୍ରତିବେଦନ ଓଡ଼ିଶା ସରକାରଙ୍କ ବଛାବଛା କାର୍ଯ୍ୟକ୍ରମ ଓ କ୍ରିୟାକଳାପର ସଂପାଦନ ସମୀକ୍ଷା ଏବଂ ସରକାରୀ ବିଭାଗ ଗୁଡ଼ିକର ଅନୁପାଳନ ସମୀକ୍ଷାରୁ ଉଦ୍ଧୃତ ବିଷୟ ସମ୍ପର୍କିତ ଅଟେ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳକୁ ରାଜ୍ୟ ବିଧାନସଭାର ଧ୍ୟାନକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ସମୀକ୍ଷା ମାନଦଣ୍ଡ ଅନୁଯାୟୀ ପ୍ରତିବେଦନ ପାଇଁ ବାସ୍ତବତା, କାର୍ଯ୍ୟ ସମ୍ପାଦନର ସ୍ୱଭାବ, ଆୟତନ ଏବଂ ମହତ୍ୱ ସହ ଅନୁପାତିକ ହେବା ଉଚିତ୍ । ଏହି ସମୀକ୍ଷା ଉପଲବ୍ଧି ଗୁଡ଼ିକ କାର୍ଯ୍ୟନିର୍ବାହିମାନଙ୍କୁ ସଠିକ୍ ପଦକ୍ଷେପ ନେଇ ନୀତି ଏବଂ ନିର୍ଦ୍ଦେଶାବଳୀ ଗଠନ କରିବାରେ ସହାୟକ ହେବା ଆଶା କରାଯାଏ, ଯାହାକି ସଂଗଠନର ଆର୍ଥିକ ପରିଚାଳନା ଉନ୍ନତି କରିବ ଏବଂ ଭଲ ଶାସନ ରୀତିରେ ସହାୟକ ହେବ।

ସମୀକ୍ଷିତ ସଂସ୍ଥାର ବ୍ୟୟ, ପ୍ରାପ୍ତି, ଆସ୍ତି ଏବଂ ଦାୟିତ୍ୱ ସମ୍ପର୍କିତ ହିସାବ ତର୍ଜମା କରି ନିଶ୍ଚିତ କରିବା ଯେ, ଭାରତର ସମ୍ବିଧାନରେ ଥିବା ବ୍ୟବସ୍ଥା, ପ୍ରଯୁଜ୍ୟ ନୀତି, ନିୟମାବଳୀ, ନିୟନ୍ତ୍ରଣ ଏବଂ ବିଭିନ୍ନ ଆଦେଶ ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁପାଳନ କରାଯାଇଛି, ତାହା ଅନୁପାଳନ ସମୀକ୍ଷା ବୋଲି ବିବେଚନା କରାଯାଏ।

ସମ୍ପାଦନ ସମୀକ୍ଷା ପରୀକ୍ଷା କରେ ଯେ, ଗୋଟିଏ ପ୍ରତିଷ୍ଠାନର ଲକ୍ଷ୍ୟ, କାର୍ଯ୍ୟକ୍ରମ କିମ୍ବା ପରିକଳ୍ପନା ହାସଲ କରିବାରେ କେତେଦୂର ମିତବ୍ୟୟିତା, ଦକ୍ଷତା ଓ ଫଳପ୍ରଦ ହୋଇପାରିଛି ।

ଏହି ଅଧ୍ୟାୟ I ରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଏବଂ ସମୀକ୍ଷା ପ୍ରତିବେଦନ ଉପରେ ପରବର୍ତ୍ତୀ ପଦକ୍ଷେପ ଉଲ୍ଲେଖ କରାଯାଇଅଛି । ଏହି ପ୍ରତିବେଦନର ଅଧ୍ୟାୟ II ରେ ଦୁଇଟି ସମ୍ପାଦନ ସମୀକ୍ଷାର ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଅଛି ଏବଂ ଅଧ୍ୟାୟ III ରେ ବିଭିନ୍ନ ବିଭାଗ ଉପରେ ଅନୁପାଳନ ସମୀକ୍ଷା ବର୍ଣ୍ଣନା କରାଯାଇଅଛି ।

ଏହି ପ୍ରତିବେଦନରେ ବର୍ଣ୍ଣନା କରାଯାଇଥିବା ମାମଲାଗୁଡ଼ିକ ଯାହା 2013-14 ବର୍ଷର ହିସାବର ନମୁନା ସମୀକ୍ଷାରୁ ଜଣାପଡ଼ିଥିଲା, ଅଥବା ପୂର୍ବ ବର୍ଷମାନଙ୍କରେ ଧ୍ୟାନକୁ ଆସିଥିଲା କିନ୍ତୁ ପୂର୍ବ ପ୍ରତିବେଦନରେ ପ୍ରକାଶ କରାଯାଇ ପାରି ନଥିଲା । 2013-14 ର ପରବର୍ତ୍ତୀ ସମୟ ସମ୍ବନ୍ଧିତ ବିଷୟକୁ ମଧ୍ୟ ଦରକାର ମୁତାବକ ଉପଯୁକ୍ତ ସ୍ଥାନରେ ଅନ୍ତର୍ଭୁକ୍ତ କରାଯାଇଅଛି ।

## 1.2 ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ

ଏହି ପ୍ରତିବେଦନରେ ଦୁଇଟି ସମ୍ପାଦନ ସମୀକ୍ଷା ଉଲ୍ଲେଖ କରାଯାଇଅଛି । କାର୍ଯ୍ୟ ନିର୍ବାହିମାନେ ସଠିକ୍ ପଦକ୍ଷେପ ନେବା ପାଇଁ ଓ ନାଗରିକମାନଙ୍କୁ ସେବା ଯୋଗାଇ ଦେବାରେ ସାହାଯ୍ୟ ଅଭିଳାଷ ନେଇ, ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ/ପରିକଳ୍ପନାର ସମୀକ୍ଷା କରି ଉପଯୁକ୍ତ ସୁପାରିଶ ଦିଆଯାଇଅଛି । ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା :

### 1.2.1 ରାଜ୍ୟର ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ସେମାନଙ୍କ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକାରିତା

2009-14 ଅବଧି ମଧ୍ୟରେ ରାଜ୍ୟର ତିନିଟି ଭେଷଜ ମହାବିଦ୍ୟାଳୟ ଏବଂ ସେମାନଙ୍କ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକାରିତାର ସଂପାଦନ ସମୀକ୍ଷା ମାର୍ଚ୍ଚ ରୁ ଜୁଲାଇ 2014 ମଧ୍ୟରେ କରାଯାଇଥିଲା ଏବଂ ପରିଲକ୍ଷିତ ହୋଇଥିଲା ଯେ ବିଭାଗ ଦ୍ୱାରା ପରିପ୍ରେକ୍ଷଣ ଯୋଜନା କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ

କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଯଥେଷ୍ଟ ନଥିଲା । ନିଦାନିକ ବିଭାଗ ମାନଙ୍କରେ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଦରକାରୀ ସାମଗ୍ରୀର ଉପଲବ୍ଧ ନଥିବା, କେନ୍ଦ୍ରୀୟ ପାଠାଗାରରେ ପର୍ଯ୍ୟାପ୍ତ ବହି ଏବଂ ପଞ୍ଜିକା ଉପଲବ୍ଧ ନଥିବା, କେନ୍ଦ୍ରୀୟ ଗବେଷଣାଗାର ଏବଂ ନିଦାନିକ ଭେଷଜ ବିଜ୍ଞାନ ଶାଖା କାର୍ଯ୍ୟକ୍ଷମ ନହେବା, ଡାକ୍ତରୀ ଶିକ୍ଷା ଶାଖାର ଅଣ-ଅଭିଷ୍ଟ କାର୍ଯ୍ୟକାରିତା, ଛାତ୍ରଛାତ୍ରୀମାନଙ୍କୁ ରୋଗୀ ସେବା ସହିତ ପରିଚିତ କରିବାରେ ନ୍ୟୁନତା, ଆଧୁନିକ ପାଠ ପଢାଇବା ପଦ୍ଧତି ଗ୍ରହଣ ନକରିବା ଏବଂ ଏମବିବିଏସ୍ ପାଠ୍ୟକ୍ରମର ନବୀକରଣ ନହେବା ଦ୍ୱାରା ଗୁଣାତ୍ମକ ଗବେଷଣା ଏବଂ ଶିକ୍ଷା ପ୍ରଦାନର ଉଦ୍ଦେଶ୍ୟ ବାଧା ପ୍ରାପ୍ତ ହୋଇଥିଲା ।

ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟଗୁଡ଼ିକରେ (ଜିଏମ୍‌ସିଏଚ୍) ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଶିକ୍ଷା ପ୍ରଦାନକାରୀ, ଅଣଶିକ୍ଷା ପ୍ରଦାନକାରୀ ଏବଂ ପାରାମେଡିକାଲ କର୍ମଚାରୀଙ୍କ ଅଭାବ ଯୋଗୁଁ ରୋଗୀ ସେବା ଏବଂ ଶିକ୍ଷା ପ୍ରଦାନ କାର୍ଯ୍ୟ ପ୍ରଭାବିତ ହୋଇଥିଲା । ସଂଲଗ୍ନ ଚିକିତ୍ସାଳୟଗୁଡ଼ିକରେ ଥିବା ଅନ୍ତଃର୍ବାସୀ ରୋଗୀଙ୍କ ପ୍ରକୋଷ୍ଠ ଏବଂ ଅସ୍ତ୍ରୋପଚାର ଗୃହ ଗୁଡ଼ିକରେ ଭିତ୍ତିଭୂମିର ନ୍ୟୁନତା ଯୋଗୁଁ ରୋଗୀ ସେବା ପ୍ରଭାବିତ ହୋଇଥିଲା । ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ସର୍ବନିମ୍ନ 69 ଶଯ୍ୟା, (ସମୁଦାୟ ଚିକିତ୍ସାଳୟ ଶଯ୍ୟା ସଂଖ୍ୟାର ଦୁଇ ପ୍ରତିଶତ) ଉପଲବ୍ଧି ସହିତ ଆଶୁ ଚିକିତ୍ସା ବିଭାଗରେ ଆଇସିୟୁ ନଥିବା ହେତୁ ସଂକଟାପନ୍ନ ରୋଗୀମାନେ ଜରୁରୀକାଳୀନ ସତନ୍ତ୍ର ସେବା ପାଇବାରୁ ବଂଚିତ ହୋଇଥିଲେ । ଏହା ବ୍ୟତୀତ ଦୁଇଟି ଜିଏମ୍‌ସିଏଚ୍ (ଏମ୍‌କେସିଜି ଏବଂ ଭିଏସ୍ଏସ୍) ରେ 3.54 କୋଟି ଟଙ୍କା ବ୍ୟୟରେ ନିର୍ମିତ ଟ୍ରମା କେୟାର ସେଣ୍ଟର କାର୍ଯ୍ୟକ୍ଷମ ନଥିଲା, ଯାହାଦ୍ୱାରା କି ଦୁର୍ଘଟଣା ପୀଡିତଙ୍କୁ ଜରୁରୀକାଳିନ ସେବା ପ୍ରଦାନରେ ନ୍ୟୁନତା ପରିଲକ୍ଷିତ ହୋଇଥିଲା ।

ତିନିଟି ଜିଏମ୍‌ସିଏଚ୍‌ରେ ରୋଗ ନିରୂପଣ ଉଦ୍ଦେଶ୍ୟରେ ରୋଗ ପ୍ରତିରୋଧକ ତଥା ରୋଗ ନିଦାନ ଏବଂ ଡିଜିଟାଲ ଏକ୍ସରେ ଭଳି ଅନୁସନ୍ଧାନ ସମ୍ବନ୍ଧୀୟ ସୁବିଧା ଉପଲବ୍ଧ ନଥିବାରୁ ଏସବୁ ପରୀକ୍ଷା କରିବା ପାଇଁ ଘରୋଇ ଚିକିତ୍ସାଳୟ ଏବଂ ପରୀକ୍ଷାଗାରାକୁ ଯିବା ପାଇଁ ରୋଗୀମାନେ ବାଧ୍ୟ ହେଉଥିଲେ । ଜାନୁଆରୀ 2006 ରୁ ମାର୍ଚ୍ଚ 2014 ମଧ୍ୟରେ ନିଶା ଦ୍ରବ୍ୟର ଗାଢତା ମାପିବା ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ଥିନ୍ ଲେୟର କ୍ରୋମାଟୋଗ୍ରାଫି ଯନ୍ତ୍ର, ସ୍ତନ କର୍କଟ ଚିହ୍ନଟ ପାଇଁ ମାମୋଗ୍ରାଫି ଯନ୍ତ୍ର ପ୍ରଭୃତି ସାମଗ୍ରୀ 3.84 କୋଟି ଟଙ୍କା ବ୍ୟୟରେ କିଣା ହୋଇ ଅବ୍ୟବହୃତ ହୋଇ ରହିଥିଲା ।

ତିନିଟି ଜିଏମ୍‌ସିଏଚ୍‌ରେ ରୋଗୀ ମୃତ୍ୟୁ ହାର ବୃଦ୍ଧି ସତ୍ତ୍ୱେ ସରକାରଙ୍କ ନିର୍ଦ୍ଦେଶାନୁସାରେ ଡାକ୍ତରୀ ସେବାର ଦକ୍ଷତା ଏବଂ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ମୃତ୍ୟୁ ସମୀକ୍ଷା ଏବଂ ଡାକ୍ତରମାନଙ୍କ ଦ୍ୱାରା ପ୍ରଦତ୍ତ ଔଷଧ ଚିଠାର ସମୀକ୍ଷା ହେଉନଥିଲା ।

ଚିକିତ୍ସାଳୟର ଅନ୍ତଃବାସୀ ରୋଗୀମାନଙ୍କ ପାଇଁ ଔଷଧ ଯୋଗାଣ ପର୍ଯ୍ୟାପ୍ତ ନଥିଲା ବେଳେ ମାନକ ଗୁଣବତ୍ତା ନଥିବା 11 କିସମର ଔଷଧ ସଂଲଗ୍ନିତ ତିନିଟି ଚିକିତ୍ସାଳୟରେ ରୋଗୀମାନଙ୍କୁ ପ୍ରୟୋଗ କରାଯାଇଥିଲା ।

ସାମଗ୍ରୀ କ୍ରୟ ପାଇଁ ଏମ୍‌କେସିଜି ଏମ୍‌ସିଏଚ୍‌କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା 3.66 କୋଟି ଟଙ୍କାକୁ ବିନିଯୋଗ କରା ନଯାଇ ସଞ୍ଚୟ ବ୍ୟାଙ୍କ ଖାତାରେ ଜମା ରଖାଯାଇଥିଲା, ଯାହାକି ବିଧିବଦ୍ଧ ଯୋଜନାକୁ ଉଲ୍ଲଙ୍ଘନ କରିଥିଲା । ନର୍ସିଂ ସ୍କୁଲକୁ ନର୍ସିଂ ମହାବିଦ୍ୟାଳୟରେ ଉଚ୍ଚ ଶ୍ରେଣୀଭୁକ୍ତ କରିବା ପାଇଁ ଏବଂ ସରକାରୀ ଭେଷଜ ମହାବିଦ୍ୟାଳୟଗୁଡ଼ିକୁ ମଜବୁତ୍ ଓ ଉଚ୍ଚ ଶ୍ରେଣୀଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ 7.45 କୋଟି ଟଙ୍କାର କେନ୍ଦ୍ରୀୟ/ ରାଜ୍ୟ ସହାୟତା ରାଶି ମଇ 2014 ପର୍ଯ୍ୟନ୍ତ ବିନିଯୋଗ କରାଯାଇ ପାରି ନଥିଲା ।

ଶିକ୍ଷା ସମୀକ୍ଷା, ବାର୍ଷିକ ରିପୋର୍ଟ, ବାୟୋମେଟ୍ରିକ୍ ହାଜିରା ବ୍ୟବସ୍ଥା ସବୁର ଅନୁପସ୍ଥିତ ପରିପ୍ରେକ୍ଷୀରେ ଜିଏମ୍‌ସିଏଚ୍ ଗୁଡ଼ିକର କାର୍ଯ୍ୟ ସଂପାଦନର ଯାଞ୍ଚ ପ୍ରକ୍ରିୟା ଫଳପ୍ରଦ ହୋଇପାରି ନଥିଲା । ଓଡ଼ିଶା ରାଜ୍ୟ ସମନ୍ୱିତ ସ୍ୱାସ୍ଥ୍ୟ ନୀତି ଅନୁସାରେ 2009-14 ମଧ୍ୟରେ ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଏହା ସଂଲଗ୍ନ ଚିକିତ୍ସାଳୟମାନଙ୍କ କାର୍ଯ୍ୟ ସଂପାଦନାର ଯାଞ୍ଚ ହେବା ଉଚିତ୍ କିନ୍ତୁ ତାହା କରାଯାଇ ନଥିଲା । ଅଭିଯୋଗ ନିବାରଣ ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିଲା ଏବଂ ବିଭାଗ ସମେତ ଭେଷଜ ମହାବିଦ୍ୟାଳୟ ଏବଂ ପ୍ରଶିକ୍ଷଣର ନିର୍ଦ୍ଦେଶକ ଏବଂ ଜିଏମ୍‌ସିଏଚ୍ ଗୁଡ଼ିକର ଅଧ୍ୟକ୍ଷମାନଙ୍କ ନିରୀକ୍ଷଣ ସଂକ୍ରିୟା ଧାର୍ଯ୍ୟ ଠାରୁ ବହୁତ କମ୍ ଥିଲା ।

***(ଅନୁଚ୍ଛେଦ 2.1)***

### 1.2.2 ରାଜ୍ୟରେ ପ୍ରାଥମିକ ଶିକ୍ଷା

'ରାଜ୍ୟରେ ପ୍ରାଥମିକ ଶିକ୍ଷା' ଉପରେ 2009-14 ବର୍ଷ ଅବଧି ପାଇଁ କରାଯାଇଥିବା ସମ୍ପାଦନ ସମୀକ୍ଷା ରେ ଦର୍ଶାଯାଇଛି ଯେ ପ୍ରାଥମିକ ଶିକ୍ଷା ପାଇଁ 23,193.60 କୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ବିଭାଗର ଦୂର ଦୃଷ୍ଟିର ଅଭାବ, ସଠିକ୍ ଯୋଜନାର ଅଭାବ ଏବଂ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା (ଆରଟିଇ) ପାଇଁ ପିଲାମାନଙ୍କ ଅଧିକାର ଅଧିନିୟମ 2009 ର ପ୍ରାବଧାନଗୁଡିକୁ ନିଷ୍ପାପର ଭାବରେ ପାଳନ ନ କରିବା ଫଳରେ ରାଜ୍ୟରେ ପ୍ରାଥମିକ ଶିକ୍ଷାର ସ୍ଥିତି ଦୁଃସ୍ଥ ଅବସ୍ଥାରେ ରହିଥିଲା।

ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ ନ କରାଯିବା, ଭିତ୍ତିଭୂମିର ମାନ ଓ ଶିକ୍ଷକ ନିଯୁକ୍ତି ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ନହେବା ଯୋଗୁଁ ଯୋଜନାରେ ଅଭାବ ପରିଲକ୍ଷିତ ହୋଇଥିଲା । ବେସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ ଅନୁମତି ଓ ସ୍ୱୀକୃତି ପ୍ରଦାନ ଯଥେଷ୍ଟ ନଥିଲା ଯେହେତୁ ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟରେ 1,544ଟି ଏଭଳି ବିଦ୍ୟାଳୟ ସ୍ୱୀକୃତି ନଥାଇ ଚାଲୁଥିଲା, ଯଦିଓ ଆରଟିଇ ଅଧିନିୟମ କୌଣସି ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ଚାଲିବାକୁ ପ୍ରଶୟ ଦେଇନଥିଲା।

ମାର୍ଚ୍ଚ 2014 ସୁଦ୍ଧା 1,226ଟି ଯୋଗ୍ୟ ଜନବସତିର ଏକ କିଲୋମିଟର ମଧ୍ୟରେ କୌଣସି ପ୍ରାଥମିକ ବିଦ୍ୟାଳୟ (ପିଏସ୍) ଓ 201ଟି ଜନବସତିର ତିନି କିଲୋମିଟର ମଧ୍ୟରେ କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ୟୁପିଏସ୍) ଖୋଲାଯାଇନଥିଲା । ପ୍ରାଥମିକ ସ୍ତରରେ ନାମ ଲେଖାଇବା ପିଲାଙ୍କ ସଂଖ୍ୟା 2009-10 ରେ 66.21 ଲକ୍ଷରୁ 2013-14 ରେ 63.88 ଲକ୍ଷକୁ ଖସି ଆସିଥିଲା। ଏଥିରୁ ସୁଚୀତ ହେଉଥିଲା ଯେ, ଯଦିଓ ମଧ୍ୟାହ୍ନ ଭୋଜନ, ମାଗଣାରେ ପୁସ୍ତକ ଓ ପୋଷାକ ଯୋଗାଣ ଭଳି କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା, ସରକାରୀ/ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକ ପିଲାମାନଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଇଥିଲେ।

ପ୍ରାଥମିକ ଶିକ୍ଷାର ଗୁଣ ହ୍ରାସ ପାଇଥିଲା କାରଣ 2009-14 ମଧ୍ୟରେ 3,440 ରୁ 8,739 ବିଦ୍ୟାଳୟରେ 1.79 ଲକ୍ଷରୁ 3.88 ଲକ୍ଷ ପିଲାଙ୍କ ପାଇଁ କେବଳ ବିଦ୍ୟାଳୟ ପିଛା ଜଣେ ଶିକ୍ଷକ ନିଯୁକ୍ତ ହୋଇଥିଲେ, ବିଜ୍ଞାନ ଓ ଗଣିତ ପାଇଁ ଉଦ୍ଦିଷ୍ଟ 2,558 ଶିକ୍ଷକ ପଦବୀ ବହୁ ବର୍ଷ ଧରି ପୂରଣ ହୋଇପାରିନଥିଲା, ଆରଟିଇ ଅଧିନିୟମ ଅନୁସାରେ ଅଗଷ୍ଟ 2014 ମଧ୍ୟରେ ସମସ୍ତ ଅଣତାଲିମ ପ୍ରାପ୍ତ ଶିକ୍ଷକଙ୍କୁ ତାଲିମ ଦେବାରେ ବ୍ୟବସ୍ଥା ଥିଲେ ମଧ୍ୟ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ନଥାଇ ପ୍ରାଥମିକ ବିଦ୍ୟାଳୟ (20,471) ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ (936) ପ୍ରଶିକ୍ଷଣ ନପାଇ ଶିକ୍ଷକମାନେ ଶିକ୍ଷାଦାନ ଜାରି ରଖିଥିଲେ।

ଆରଟିଇ ଅଧିନିୟମ ଦ୍ୱାରା ନିର୍ଦ୍ଧାରିତ ମାନ ଅନୁସାରେ ଶ୍ରେଣୀ ଗୃହ, ଶୌଚାଳୟ, ପର୍ଯ୍ୟାପ୍ତ ଏବଂ ସୁରକ୍ଷିତ ପାନୀୟ ଜଳ ଯୋଗାଣ ଭଳି ଆବଶ୍ୟକୀୟ ଭିତ୍ତିଭୂମି ବିଦ୍ୟାଳୟମାନଙ୍କୁ ଯୋଗାଇ ଦିଆଯାଇ ନଥିଲା, ଯଦିଓ ଏହାର ସମୟ ସୀମା ଅଗଷ୍ଟ 2012 ସୁଦ୍ଧା ସମାପ୍ତ ହୋଇଯାଇଥିଲା । 2009-14 ମଧ୍ୟରେ 33,499 ରୁ 50,400 ଶିକ୍ଷକ ପଦବୀ ଖାଲି ପଡିଥିଲା ବେଳେ ଶିକ୍ଷକ ପଦବୀ ପୁରଣର ସୁବ୍ୟବସ୍ଥିକରଣ କରାଯାଇ ନଥିଲା ଏବଂ ନମୁନା ଯାଞ୍ଚ ହୋଇଥିବା କିଛି ଜିଲ୍ଲାରେ ଶିକ୍ଷକ ଓ ଛାତ୍ରଙ୍କର ଅନୁପାତ 1:187 ଓ 1:272 ରହିଥିଲା।

ସରକାରଙ୍କର ଅନୁଦାନ ପ୍ରଦାନ ନୀତିରେ ତୃଟିଥିଲା ଯାହାଫଳରେ ରାଜ୍ୟରେ 629ଟି ପ୍ରାଥମିକ/ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯୋଗ୍ୟ ବିବେଚିତ ହେଉନଥିବା ଶିକ୍ଷକମାନଙ୍କୁ 23.66 କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା।

ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) କାର୍ଯ୍ୟକ୍ରମ ଫଳପ୍ରଦ ନଥିଲା କାରଣ 191ଟି ଅଯୋଗ୍ୟ ବିଦ୍ୟାଳୟକୁ ଏମଡିଏମ ପ୍ରଦାନ କରାଯାଇଥିଲା, 105.98 ମେଟ୍ରିକ ଟନ୍ ଏମଡିଏମ ଚାଉଳର ତୋଷାରପାତ ହୋଇଥିଲା, ପାଣ୍ଠି ପରିଚାଳନା ଦୁର୍ବଳ ଥିଲା କାରଣ 252.29 କୋଟି ଟଙ୍କାର ଅଗ୍ରୀମ ବହୁବର୍ଷ ଧରି ବ୍ୟବସ୍ଥିତ ନହୋଇ ଅନାଦାୟ ରହିଥିଲା, 28.80 କୋଟି ଟଙ୍କା ବହୁ ବର୍ଷ ଧରି ଅବରୋଧ ହୋଇ ପଡ଼ି ରହିଥିଲା। ସମୀକ୍ଷା ଓ ପରିଚାଳନା ପଦ୍ଧତି ଦୁର୍ବଳ ଥିଲା।

***(ଅନୁଚ୍ଛେଦ 2.2)***

## 1.3 ଅନୁପାଳନ ସମୀକ୍ଷା ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ

### 1.3.1 ସମ୍ବଲପୁର ଜିଲ୍ଲାର ସମୀକ୍ଷା

ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ପ୍ରଶାସନ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ, ଜଳ ଯୋଗାଣ, କୃଷି, ନିଯୋଜନ, ପାନୀୟ ଜଳ, ସଂଯୋଗୀକରଣ, ଜଳସେଚନ ଇତ୍ୟାଦି ବିଭିନ୍ନ ସାମାଜିକ ଓ ଆର୍ଥିକ ବିକାଶ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନର କେତେ ମାତ୍ରାରେ ସଫଳତା ହାସଲ କଲା ଏବଂ ଜନସାଧାରଣଙ୍କୁ ପର୍ଯ୍ୟାପ୍ତ ଓ ପ୍ରଭାବୀ ସେବା ପ୍ରଦାନ କରାଯାଇଥିଲା କି ନାହିଁ, ତାହା ଯାଞ୍ଚ୍ କରିବା ପାଇଁ ସମ୍ବଲପୁର ଜିଲ୍ଲାର ସମୀକ୍ଷା କରାଯାଇଥିଲା ।

ସେପ୍ଟେମ୍ବର 2014 ସୁଦ୍ଧା ପରିପ୍ରେକ୍ଷଣ ଯୋଜନା 2008-13ରେ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ବାର୍ଷିକ ଫଳାଫଳ ଆଧାରିତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ନଥିଲା ଏବଂ 2013-18 ପାଇଁ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା । 2009-14 ରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ସଂସ୍ଥା ଅକାମୀ ଥିଲା ।

ସର୍ବଶିକ୍ଷା ଅଭିଯାନର ହସ୍ତକ୍ଷେପ ସତ୍ତ୍ୱେ, ବିଦ୍ୟାଳୟ ଗୁଡ଼ିକରେ ପାଇଖାନା, ପାନୀୟ ଜଳ, ଖେଳ ପଡ଼ିଆ ଇତ୍ୟାଦି ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧ ନଥିଲା । ସମସ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସୁବ୍ୟବସ୍ଥାକରଣର ଆବଶ୍ୟକତା ଥିଲା ।

ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର/ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର/ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟାପ୍ତ ଭିତ୍ତିଭୂମି ତଥା ମାନବ ସମ୍ବଳର ଅଭାବ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପ୍ରଭାବୀ ନଥିଲା ଏବଂ ଏକ ସୁବ୍ୟବସ୍ଥିତ, ପ୍ରଭାବୀ, ସ୍ୱଳ୍ପ ବ୍ୟୟରେ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ଲକ୍ଷ୍ୟ ହାସଲ ହୋଇପାରିନଥିଲା ।

ଇନ୍ଦିରା ଆବାସ ଯୋଜନା (ଆଇଏୱାଇ) ଅଧିନରେ ହାତକୁ ନିଆଯାଇଥିବା ଗୃହଗୁଡିକ ସଂମ୍ପୂର୍ଣ୍ଣ ହୋଇନଥିଲା। 2009-14 ରେ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ 73 ପ୍ରତିଶତ ଆଇଏୱାଇ ଗୃହ କାର୍ଯ୍ୟ ଜିଲ୍ଲାରେ ସମାପ୍ତ ହୋଇସାରିଥିଲା। ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଇଁ ଜନ ସଚେତନତା ସୃଷ୍ଟି ନକରିବା ହେତୁ କାର୍ଯ୍ୟ ପାଇଁ ଆଗ୍ରହରେ ସ୍ୱଳ୍ପତା ଲକ୍ଷ୍ୟ କରାଯାଇଥିଲା । କାର୍ଯ୍ୟକ୍ରମ ଅଧିନରେ ହାତକୁ ନିଆଯାଇଥିବା ଆଡ଼ିବନ୍ଧ ମଧ୍ୟରୁ ମାତ୍ର 22 ପ୍ରତିଶତ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା

ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଅସମ୍ପୂର୍ଣ୍ଣ ବା ଅକାମୀ ରହିବା ଫଳରେ ଜନସାଧାରଣଙ୍କୁ ସୁରକ୍ଷିତ ପର୍ଯ୍ୟାପ୍ତ ଏବଂ ପାନୀୟ ଯୋଗ୍ୟ ଜଳ ଯୋଗାଣର ଲକ୍ଷ୍ୟ ହାସଲ ହୋଇପାରିନଥିଲା । ଜଳର ଗୁଣବତ୍ତା ନିର୍ଦ୍ଧାରଣ ନିୟମିତ ଭାବରେ କରାଯାଇ ନଥିଲା । ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପରେ ମଧ ପ୍ରାୟ 45.61 ପ୍ରତିଶତ ପରିବାରଙ୍କୁ ପାନୀୟ ଜଳ ଯୋଗାଣ ହୋଇପାରି ନଥିଲା । 2009-14 ମଧ୍ୟରେ 1.45 ଲକ୍ଷ ପାଇଖାନା ନିର୍ମାଣର ଲକ୍ଷ୍ୟ ଥିବା ସତ୍ତ୍ୱେ ମାତ୍ର 0.35 ଲକ୍ଷ ପାଇଖାନା (24 ପ୍ରତିଶତ) ନିର୍ମାଣ ହୋଇ ପାରିଥିଲା ।

ଅଙ୍ଗନୱାଡି କେନ୍ଦ୍ରରେ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ଉପଲବ୍ଧ ନଥିଲା । ବାର୍ଦ୍ଧକ୍ୟ ଭତ୍ତା ଅନୁମୋଦନରେ ବିଳମ୍ବ ହୋଇଥିଲା । 2009-14 ମଧ୍ୟରେ ପାଞ୍ଚଟି ବ୍ଲକରେ 82 ଜଣ ମୃତ ବ୍ୟକ୍ତିଙ୍କୁ ସେମାନଙ୍କ ମୃତ୍ୟୁର 1 ରୁ 29 ମାସ ପରେ ମଧ 0.94 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଦେଖାଯାଇଥିଲା ।

ଉଠା ଜଳସେଚନ ପ୍ରତିଷ୍ଠା ନହେବା, ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ନହେବା, ଅଚଳ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଇତ୍ୟାଦି ନହେବା ଯୋଗୁଁ ଧାର୍ଯ୍ୟ ଜଳସେଚନ କ୍ଷମତା ବୃଦ୍ଧି କରାଯାଇ ପାରିନଥିଲା । ଏହା ବ୍ୟତୀତ ଚାଷୀମାନଙ୍କୁ କମ୍ ପରିମାଣର ପ୍ରାମାଣିକ ବିହନ ଯୋଗାଇ ଦିଆଯାଇଥିଲା ।

ଯୋଗାଯୋଗ ସୁବିଧା ନଥିବା ବସତିମାନଙ୍କୁ ଯୋଗାଯୋଗ ବ୍ୟବସ୍ଥା କରିବା ପାଇଁ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରାଯାଇ ନଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧିନରେ ଆରମ୍ଭ

କରାଯାଇଥିବା 140.44 କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ 43 ଟି ରାସ୍ତାର କାର୍ଯ୍ୟ ଅଗଷ୍ଟ 2014 ସୁଦ୍ଧା ସମାପ୍ତ ହେବାର ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ 27.91 କୋଟି ଟଙ୍କା ବ୍ୟୟ ପରେ ମଧ୍ୟ ତାହା ଅସମ୍ପୂର୍ଣ୍ଣ ଥିଲା ।

ଜିଲ୍ଲାରେ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା କାର୍ଯ୍ୟାନ୍ୱୟନର ଛଅ ବର୍ଷ ପରେ ମଧ୍ୟ 58 ଟି ଗ୍ରାମ ଓ 42,866 ଟି ବିପିଏଲ୍ ପରିବାର (44 ପ୍ରତିଶତ)ଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇ ପାରିନଥିଲା । 2009-14 ମଧ୍ୟରେ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା 822 ଟି ଅତି କ୍ଷୁଦ୍ର ଓ କ୍ଷୁଦ୍ରଶିଳ୍ପ ମଧ୍ୟରୁ 766 ଟି (93 ପ୍ରତିଶତ) ଉଦ୍ୟୋଗ ପ୍ରତିଷ୍ଠା କରାଯାଇ ପାରିଥିଲା । ପାଣ୍ଠି ଉପଲବ୍ଧ ସତ୍ତ୍ୱେ, ଜିଲ୍ଲାରେ ପର୍ଯ୍ୟଟନ ପରିପଥ ଅସମାପ୍ତ ଥିଲା ।

ଜିଲ୍ଲାରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଭିତ୍ତିଭୂମି, ଯାନବାହନ, ମାନବ ସମ୍ବଳର ଅଭାବ ଥିଲା। ଇ-ଗଭର୍ଣ୍ଣାନ୍ସ ଅନ୍ତର୍ଗତ ସରକାର (ଜି2ସି) ଙ୍କଠାରୁ ନାଗରିକ ସେବାଗୁଡ଼ିକୁ ଜିଲ୍ଲାର ସମସ୍ତ ତହସିଲ୍‌ରେ ସୁନିଶ୍ଚିତ କରାଯାଇ ପାରିନଥିଲା। ଜିଲ୍ଲାର ବିଭିନ୍ନ ଯୋଜନା/ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ପର୍ଯ୍ୟାଲୋଚନା ଏବଂ ତଦାରଖର ଅଭାବ ଥିବା ପରିଲକ୍ଷିତ ହୋଇଥିଲା।

***(ଅନୁଚ୍ଛେଦ 3.1)***

### 1.3.2 ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସର କାର୍ଯ୍ୟକାରିତା

କମିଶନରେଟ୍ ବ୍ୟବସ୍ଥାର କାର୍ଯ୍ୟ ଦକ୍ଷତା ନିର୍ଣ୍ଣୟ କରିବା ପାଇଁ କୌଣସି ମୁଖ୍ୟ କାର୍ଯ୍ୟନିର୍ବାହୀ ସୂଚକାଙ୍କ ଧାର୍ଯ୍ୟ କରାଯାଇ ନଥିବାରୁ ପୁଲିସ୍ ବ୍ୟବସ୍ଥାର କର୍ମ ସଂପାଦନ ଦକ୍ଷତା ମୂଲ୍ୟାୟିତ ହୋଇପାରି ନଥିଲା । କମିଶନରେଟ୍ ବ୍ୟବସ୍ଥାର ପ୍ରବର୍ତ୍ତନ ସତ୍ତ୍ୱେ, 2008-13 ମଧ୍ୟରେ କମିଶନରେଟ୍ ଅଞ୍ଚଳରେ ଅପରାଧ ହାର 1,000 ଜନସଂଖ୍ୟା ପ୍ରତି ତିନି ଥିଲା ଯାହାକି ରାଜ୍ୟ ହାରାହାରି ଠାରୁ 50 ପ୍ରତିଶତ ଅଧିକ ଥିଲା । ଅପରାଧ ନିବାରଣ ପଦକ୍ଷେପ ଯଥା ସମୟୋଚିତ ଗୁପ୍ତ ସୂଚନା ଠୁଳ କରିବା ଓ ପ୍ରଭାବୀ ପେଟ୍ରୋଲିଂର ତଥା କମ୍ୟୁନିଟ୍ ପୁଲିସିଂର କାର୍ଯ୍ୟାନ୍ୱୟନରେ ଉନ୍ନତି ଆବଶ୍ୟକ ଥିଲା ।

ଅପରାଧକୁ ମୁକାବିଲା କରିବା ପାଇଁ ପ୍ରବର୍ତ୍ତନ ଏବଂ ରକ୍ଷଣାବେକ୍ଷଣ ତତ୍ପରତାର ଅଭାବ ଥିଲା । ଯେହେତୁ ନମୁନା ଯାଞ୍ଚ୍ କରାଯାଇଥିବା 473ଟି ରେଜିଷ୍ଟ୍ରିଭୁକ୍ତ ମାମଲା ମଧ୍ୟରୁ 343ଟି ମାମଲା (73 ପ୍ରତିଶତ) ରେ ପୁଲିସର ପ୍ରଥମ ସ୍ଥାନ ପରିଦର୍ଶନ ସମୟ ଅପରାଧ ସୂଚକ ରେଜିଷ୍ଟରରେ ଲିଖିତ ନଥିଲା ଏବଂ 27ଟି ମାମଲା (21 ପ୍ରତିଶତ) ରେ ଏକ ଘଣ୍ଟାରୁ ଅଧିକ ଠାରୁ 10 ଘଣ୍ଟା 15 ମିନିଟ୍ ବିଳମ୍ବ ହୋଇଥିଲା । ଏତଦ୍ ବ୍ୟତୀତ 48ଟି ମାମଲାରେ, ଷ୍ଟେସନ୍ ଡାଏରୀରେ ଲେଖା ଯିବାର 1 ଦିନରୁ 56 ଦିନ ପର୍ଯ୍ୟନ୍ତ ବିଳମ୍ବରେ ଏଫ୍‌ଆଇଆର ଦାଖଲ କରାଯାଇଥିଲା ଏବଂ 88ଟି ମାମଲାରେ ଅଭିଯୋଗକାରୀମାନଙ୍କୁ ମାର୍ଚ୍ଚ 2014 ସୁଦ୍ଧା ଏଫ୍‌ଆଇଆରର ନକଲ ପ୍ରଦାନ କରାଯାଇ ନଥିଲା । ମାର୍ଚ୍ଚ 2014 ସୁଦ୍ଧା କମିଶନରଙ୍କ ପାଖରେ ପଡ଼ିରହିଥିବା 7,767ଟି ମାମଲା ମଧ୍ୟରୁ 935ଟି ମାମଲା (12 ପ୍ରତିଶତ) ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡ଼ି ରହିଥିଲା ।

ଭାରତ ସରକାରଙ୍କ ମାନାଦର୍ଶ ଅନୁସାରେ ଥାନାମାନଙ୍କରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଅଭାବ, କର୍ମଚାରୀଙ୍କ ଉପଲବ୍ଧତା, ପର୍ଯ୍ୟାପ୍ତ ଚାଳକଙ୍କ ଅଭାବ ଯୋଗୁଁ ଚଳମାନ ସମର୍ଥନର ଅପର୍ଯ୍ୟାପ୍ତତା, ଏସପିଓ ମାନଙ୍କ ଅଭାବ ଇତ୍ୟାଦି ଏବଂ ତଦନ୍ତ ବିଭାଗ ଆଇନ୍ ଶୃଙ୍ଖଳା ଠାରୁ ଅଲଗା ନହେବା ଦ୍ୱାରା କମିଶନରେଟ୍ ପୁଲିସ୍‌ର କାର୍ଯ୍ୟ ସଂପାଦନ ପ୍ରସ୍ତୁତି ବିଗିଡ଼ି ଯାଇଥିଲା । ବିଭାଗ, ବିପିଆର୍‌ଡି ମାନାଦର୍ଶ ଅନୁସାରେ ଫଳପ୍ରଦ ଭାବରେ ଅପରାଧକୁ ନିୟନ୍ତ୍ରଣ ପାଇଁ କମିଶନରେଟ୍ କାର୍ଯ୍ୟାଳୟରେ ପୁଲିସ୍ ମାନଙ୍କ ମଞ୍ଜୁରୀ ପ୍ରାପ୍ତ ପଦକୁ ସଂଶୋଧନ କରିନଥିଲେ । ନିରୀକ୍ଷଣ ଏବଂ ଅଭିଯୋଗ ନିବାରଣ ପ୍ରଣାଳୀ ଠିକ୍ ନଥିଲା, ଅଭିଯୋଗକାରୀଙ୍କ ଠାରୁ ପ୍ରାପ୍ତ ଅଭିଯୋଗ ଗୁଡ଼ିକୁ ଫଏସଲା କରିବା ପାଇଁ ଉପଯୁକ୍ତ ଧ୍ୟାନ ଦିଆଯାଇ ନଥିଲା ।

***(ଅନୁଚ୍ଛେଦ 3.2)***

### 1.3.3 ଲଘୁ ଖଣିଜ ଦ୍ରବ୍ୟରୁ ଆୟ

ତହସିଲଗୁଡିକ କେତେକ ମାମଲାରେ ଉତ୍ସ ଚିହ୍ନଟ ହୋଇନଥିଲା କି ନଥିଭୁକ୍ତ ହୋଇନଥିଲା । ଲଘୁ ଖଣିଜ ଦ୍ରବ୍ୟର ଅବସ୍ଥିତିକୁ ନିର୍ଦ୍ଧାରଣ ନକରି ବେଳେବେଳେ ଉତ୍ସଗୁଡ଼ିକ ବନ୍ଦ/ଲୁପ୍ତ ଘୋଷିତ କରାଯାଇଥିଲା । ଖଣିର ସୀମା ନିର୍ଦ୍ଧାରଣ ଓ ସୂଚନାଫଳକ ସଂସ୍ଥାପନ ନହେବା ଫଳରେ ନିଲାମଧାରୀମାନଙ୍କୁ ଖଣି ସଂଲଗ୍ନ ଅଞ୍ଚଳରୁ ଅନଧିକୃତ ଉତ୍ତୋଳନ ପାଇଁ ସୁଯୋଗ ମିଳିଥିଲା । ପରିବେଶ ମଞ୍ଜୁରୀ ବିନା ଖଣିଜ ଦ୍ରବ୍ୟକୁ ଉତ୍ତୋଳନ କରାଯାଇଥିଲା । ଅନଧିକୃତ ଉତ୍ତୋଳନ ସତ୍ତ୍ୱେ ତହସିଲଦାରମାନେ ରୟାଲିଟି କିମ୍ବା ଜରିମାନା ଧାର୍ଯ୍ୟ କରିନଥିଲେ ଏବଂ ବକେୟା ସରକାରୀ ପ୍ରାପ୍ୟ ଆଦାୟ କରିବା ପାଇଁ ଉଚିତ୍ ପଦକ୍ଷେପ ନେଇନଥିଲେ । ପୁନଶ୍ଚ, ଖଣିଗୁଡ଼ିକର ସ୍ୱଚ୍ଛ ନିରୀକ୍ଷଣ ସହିତ ପରିବହନ ଅନୁମତି ପ୍ରଦାନ ନକରିବା, ଅନଧିକୃତ ଉତ୍ତୋଳନକୁ ପ୍ରୋତ୍ସାହିତ କରିଥିଲା ।

***(ଅନୁଚ୍ଛେଦ 3.3)***

### 1.3.4 ରାଜ୍ୟର ସହରାଞ୍ଚଳରେ ପର୍ଯ୍ୟାପ୍ତ ଏବଂ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା

ରାଜ୍ୟର 106ଟି ପୌରାଞ୍ଚଳ ମଧ୍ୟରୁ 95ଟି ପୌରାଞ୍ଚଳର ସମସ୍ତ ଜନସାଧାରଣଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦିଆଯାଇନଥିଲା । ରାଜ୍ୟରେ ଜଳ ଯୋଗାଣ ନୀତି ଥିବା ସତ୍ତ୍ୱେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ପରିକଳ୍ପନାରେ ବିଚ୍ୟୁତି ଥିଲା । ପାନୀୟ ଜଳର ମାନ ପର୍ଯ୍ୟାଲୋଚନା ଓ ନିରୀକ୍ଷଣତା ଯଥେଷ୍ଟ ଦୁର୍ବଳ ଥିଲା, ଅନେକ ସହରୀ କ୍ଷେତ୍ରରେ ଅସୁରକ୍ଷିତ ପାନୀୟ ଜଳ ଯୋଗାଣ ହେଉଥିଲା । ଟେଣ୍ଡର ପ୍ରକ୍ରିୟା ଏବଂ ରାଜିନାମା ପରିଚାଳନା ତଥା ଜଳଯୋଗାଣ କାର୍ଯ୍ୟ ସଂପାଦନରେ ପ୍ରକଳ୍ପ ପରିସମାପ୍ତିରେ ଆଠରୁ 47 ମାସ ପର୍ଯ୍ୟନ୍ତ ଅତିରିକ୍ତ ବିଳମ୍ବ, ପରିହାର୍ଯ୍ୟ ଖର୍ଚ୍ଚ (10.98 କୋଟି ଟଙ୍କା), ଅସମାପ୍ତ କାର୍ଯ୍ୟରେ 38.55 କୋଟି ଟଙ୍କାର ନିରର୍ଥକ ବ୍ୟୟ ଫଳରେ ବାଧାପ୍ରାପ୍ତ ହୋଇଥିଲା । ଟେଣ୍ଡରିଂ ପ୍ରକ୍ରିୟା, କାର୍ଯ୍ୟାନ୍ୱୟନ ଓ ଧନରାଶିର ବିନିଯୋଗରେ ବିଳମ୍ବ ଯୋଗୁଁ 128.23 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରାପ୍ତ ହୋଇପାରି ନଥିଲା । ସେବା ସ୍ତରୀୟ ଗୁଣାତ୍ମକ ମାନ ହାସଲ ହୋଇନଥିଲା ଏବଂ ନିର୍ଦ୍ଦେଶିତ ପୌର ସଂସ୍କାର କାର୍ଯ୍ୟାନ୍ୱୟନ ଲାଗୁ କରାଯାଇ ନଥିଲା ।

***(ଅନୁଚ୍ଛେଦ 3.4)***

### 1.3.5 ବିଜୁ ସେତୁ ଯୋଜନାର କାର୍ଯ୍ୟକାରିତା

2011-14 ମଧ୍ୟରେ ନିର୍ମାଣ ପାଇଁ ଯୋଜନା କରାଯାଇଥିବା 600ଟି ସେତୁ ମଧ୍ୟରୁ ମାତ୍ର 547ଟି ସେତୁ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା ଏବଂ 156ଟି ସେତୁର କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । 20.62 କୋଟି ଟଙ୍କାର ଅଟକଳରେ 13ଟି ସେତୁ ନିର୍ମାଣ ପାଇଁ ମାର୍ଗଦର୍ଶିକାର ବ୍ୟତିକ୍ରମେ ସ୍ଥାନ ନିର୍ଣ୍ଣୟ କରାଯାଇଥିଲା ଯେଉଁଥିରେ 10.58 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ସ୍ଥାନ ନିରୂପଣରେ ଅପର୍ଯ୍ୟାପ୍ତ ସମ୍ଭାବ୍ୟ ଅଧ୍ୟୟନ ଯୋଗୁଁ ଠିକା ବନ୍ଦ ହୋଇଥିଲା ତଥା କାର୍ଯ୍ୟ ସଂପାଦନ ବିଳମ୍ବ ହୋଇଥିଲା । ଅଟକଳ ପ୍ରସ୍ତୁତି ସଠିକ୍ ନ ଥିଲା । ଟେଣ୍ଡର ଆହ୍ୱାନରେ ବିଳମ୍ବ, ଟେଣ୍ଡର ଅନୁମୋଦନରେ ବିଳମ୍ବ ଏବଂ ରାଜିନାମା ସ୍ୱାକ୍ଷର କରିବାରେ ବିଳମ୍ବ ଯୋଗୁଁ କାର୍ଯ୍ୟ ଗୁଡ଼ିକ ସଂପୂର୍ଣ୍ଣ ହେବାରେ ମଧ୍ୟ ବିଳମ୍ବ ହୋଇଥିଲା । ଗୋଟିଏ ମାମଲାରେ ଟେଣ୍ଡର ଅବଧି ପରିସମାପ୍ତି ପରେ ସରକାରଙ୍କ ଦ୍ୱାରା ବିଳମ୍ବରେ ଅନୁମୋଦନ ଲାଭ କରିବା ଫଳରେ 3.04 କୋଟି ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା । ପର୍ଯ୍ୟାଲୋଚନା ଓ ପର୍ଯ୍ୟବେକ୍ଷଣ ଦୁର୍ବଳ ଥିଲା କାରଣ ରାଜ୍ୟ ଗୁଣାତ୍ମକ ମାନ ନିରୀକ୍ଷକ ନିଯୁକ୍ତ ନ ହେବା ଫଳରେ ଦ୍ୱିତୀୟ ସ୍ତରୀୟ ଗୁଣାତ୍ମକ ମାନ ନିର୍ଣ୍ଣୟ ସଂକ୍ରିୟା ଅଚଳ ହୋଇ ପଡ଼ିଥିଲା ।

***(ଅନୁଚ୍ଛେଦ 3.5)***

### 1.3.6 ତହସିଲରେ ଜମି ପରିଚାଳନ

ପ୍ରତିବେଦିତ ହୋଇ ସାରିଥିବା ଜବରଦଖଲକୁ ଛାଡ଼ି, ରାଜସ୍ୱ ନିରୀକ୍ଷକମାନେ ନିଜ ଅଧିନରେ ଥିବା ଅଞ୍ଚଳରେ ଆଉ ଜବରଦଖଲ ହୋଇନଥିବା ପ୍ରମାଣପତ୍ର ତହସିଲଦାରଙ୍କୁ ଦେଇ ନଥିଲେ ଯାହାକି ଓପିଏଲଇ ନିୟମ 1985 ରେ ଥିବା ନିୟମକୁ ଉଲ୍ଲଙ୍ଘନ କରୁଥିଲା । ଯାହାଫଳରେ, ମିଳିତ ସରଜମିନ ତଦନ୍ତ ପାଇଁ ଅବିଚାରିତ

ବଛାଯାଇଥିବା 824ଟି ସରକାରୀ ପ୍ଲଟ/ ଜାଗା ମଧ୍ୟରୁ 622ଟି (75 ପ୍ରତିଶତ) ମାମଲାରେ ରାଜସ୍ୱ ନିରୀକ୍ଷକ/ ତହସିଲଦାରଙ୍କ ଅନୁସାରେ, 2013-14 ବେଞ୍ଚ ମାର୍କ ମୂଲ୍ୟ ଅନୁସାରେ 1,113.32 କୋଟି ଟଙ୍କାର 1,919.663 ଏକର ସରକାରୀ ଜମି 3 ମାସରୁ 67 ବର୍ଷ ଧରି ଅପ୍ରାଧିକୃତ ଦଖଲରେ ଥିଲା । 40ଟି ନମୁନା ଯାଞ୍ଚ ତହସିଲରେ 11,159.39 ଏକର ଜମି ସଂପର୍କିତ 37,528ଟି ଜବରଦଖଲ ମାମଲାର ଫଏସଲା ହେବାକୁ ବାକି ଥିଲା ଯଦିଓ ସରକାର ଦରଖାସ୍ତ ଗ୍ରହଣ କରିବାର 90 ଦିନ ମଧ୍ୟରେ ଫଏସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ନଭେମ୍ବର 2005) ।

ମାର୍ଚ୍ଚ 2014 ସୁଦ୍ଧା 4,270ଟି ବିଚାରାଧିନ ପଟ୍ଟା ମାମଲା ମଧ୍ୟରୁ ନମୁନା ଯାଞ୍ଚ କରାଯାଇଥିବା 2,576.084 ଏକର ଜମି ସମ୍ବଳିତ 400ଟି ବିଚାରାଧିନ ମାମଲାରୁ ଜଣାଗଲା ଯେ ଯଦିଓ ସରକାରୀ ଅନୁଦେଶ (ନଭେମ୍ବର 2005) ଅନୁଯାୟୀ ଏହି ମାମଲା ଗୁଡ଼ିକ ଦରଖାସ୍ତ ପାଇବାର 90 ଦିନ ମଧ୍ୟରେ ତହସିଲଦାରଙ୍କ ଦ୍ୱାରା ଫଏସଲା ହେବା କଥା, ଏହି ମାମଲାଗୁଡ଼ିକ ମାର୍ଚ୍ଚ 2014 ସୁଦ୍ଧା ତିନି ମାସରୁ 34 ବର୍ଷ ଧରି ପଡ଼ିରହିଥିଲା । ଓପିଏଲଇ ଅଧିନିୟମ ଏବଂ ଓଜିଏଲଏସ୍ ନିୟମାବଳୀର ବ୍ୟବସ୍ଥାର ବ୍ୟତିକ୍ରମେ 65.100 ଏକର ସରକାରୀ ଜମିକୁ ଅନିୟମିତ ଭାବେ ଦୁଇଜଣ ଅନଧିକୃତ ଦଖଲକାରୀଙ୍କୁ ପଟ୍ଟା ଦିଆଯାଇଥିଲା। ଚାରିଟି ତହସିଲ (ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା ଓ ପୁରୀ)ରେ କୃଷି ଉଦ୍ଦେଶ୍ୟରେ ଜବାନ ମାନଙ୍କୁ ପ୍ରଦାନ କରାଯାଇଥିବା (1967 ରୁ 2000) 46ଟି ପଟ୍ଟା ମାମଲାରେ 199.196 ଏକର ଜମି ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ଦେଖାଯାଇଥିଲା । 86.64 କୋଟି ଟଙ୍କା ମୂଲ୍ୟର 180.101 ଏକର ସରକାରୀ ଜମି ଯଦିଓ 3 ରୁ 29 ବର୍ଷ ପୂର୍ବରୁ ପଟ୍ଟା ଦିଆଯାଇଥିଲା, ଏହା ଖାଲି ପଡ଼ିଥିଲା । ଜମିର ଅଧିମୂଲ୍ୟ, ଅନୁସଂଗୀନ ଦେୟ, ଖଜଣା, ଶୁଳ୍କ, ପୁଞ୍ଜୀକୃତ ମୂଲ୍ୟ ଇତ୍ୟାଦି ଦେୟର ଆଦାୟ ନହେବା/ କମ୍ ଆଦାୟ ହେବା ଯୋଗୁଁ ସରକାରଙ୍କର 21.58 କୋଟି ଟଙ୍କାର ରାଜସ୍ୱ ହାନି ଘଟିଥିଲା ।

ବ୍ୟାପକ ଉନ୍ନୟନ ଯୋଜନା/ ମାଷ୍ଟର ପ୍ଲାନ/ ସହରୀ ଉନ୍ନତି ଯୋଜନା ଅଭାବରୁ ଚାଷଜମିର କିସମ ପରିବର୍ତ୍ତନ ଅଣଯୋଜନା ପଦ୍ଧତିରେ କରାଯାଇଥିଲା । ରୂପାନ୍ତର ପାଇଁ ଅନୁମତି ପ୍ରଦାନ କଲାବେଳେ, ତହସିଲଦାରମାନେ ମାମଲା ଗୁଡ଼ିକୁ ଉନ୍ନୟନ କର୍ତ୍ତୃପକ୍ଷ/ଉନ୍ନତି ନ୍ୟାସ/ ସହର ଯୋଜନା କର୍ତ୍ତୃପକ୍ଷଙ୍କ ମତାମତ ନେବାକୁ ମାମଲାଗୁଡ଼ିକୁ ପ୍ରେରଣ ନକରିବା ଦେଖିବାକୁ ମିଳିଥିଲ । 75ଟି ଚାଷଜମି/ ଜାଗାର ମିଳିତ ସରଜମିନ୍ ତଦନ୍ତରୁ ଜଣାଗଲା ଯେ 302.456 ଏକର ଚାଷ ଜମି ରୂପାନ୍ତର ନହୋଇ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର ହେଉଥିଲା । 75 ଟି ଚାଷ ଜମି/ ଜାଗା (64.531 ଏକର) ମଧ୍ୟରୁ 32ଟିରେ ବହୁତଳ ବିଶିଷ୍ଟ ବାସଗୃହ ନିର୍ମାଣ କରାଯାଇ ଥିଲା। ରାଜସ୍ୱ ନିରୀକ୍ଷକ/ ତହସିଲଦାରଙ୍କର ଜମି ବ୍ୟବହାରରେ ପଦ୍ଧତି ତଦାରଖରେ ବିଫଳତା ଯୋଗୁଁ ଚାଷ ଜମିଗୁଡ଼ିକ ଅନଧିକୃତ ଭାବେ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୋଇରହିଥିଲା ।

ଏହା ଦୃଷ୍ଟିଗୋଚର ହୋଇଥିଲା ଯେ 127ଟି ଦାଖଲ ଖାରଜ ମାମଲା (64 ପ୍ରତିଶତ) ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡ଼ିରହିଥିଲା ବେଳେ ଦାଖଲ ଖାରଜ ମାମଲାଗୁଡ଼ିକର ହାରାହାରି ପଡ଼ିରହିବା ସମୟ 588 ଦିନ ଥିଲା। ମାମଲା ଫଏସଲା କରିବାକୁ 135 ଦିନ ସମୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ, 329ଟି ମାମଲା (90.88 ପ୍ରତିଶତ) 1 ରୁ 2,020 ଦିନ ବିଳମ୍ବରେ ଫଏସଲା ହୋଇଥିଲା। 24 ଜଣ ତହସିଲଦାର ନିଜ ତରଫରୁ କୌଣସି ଦାଖଲ ଖାରଜ ମାମଲା ଆରମ୍ଭ କରିନଥିଲେ। ଦାଖଲ ଖାରଜ ମାମଲା ଫଏସଲା କରିବା ସମୟରେ ତହସିଲଦାରମାନେ, ଅମିନମାନଙ୍କ ଦ୍ୱାରା କରାଯାଇଥିବା କ୍ଷେତ୍ର ତଦାରଖ ବିବରଣର ନମୁନା ମାପ କରିନଥିଲେ।

***(ଅନୁଚ୍ଛେଦ 3.6)***

### 1.3.7 ରାଜ୍ୟରେ ଜାତୀୟ ଆମ୍ବୁଲାନ୍ସ ସେବାର କାର୍ଯ୍ୟକାରିତା

ସରକାରୀ-ଘରୋଇ-ସହଭାଗିତା ପଦ୍ଧତିରେ ଜାତୀୟ ଆମ୍ବୁଲାନ୍ସ ସେବାର କାର୍ଯ୍ୟକାରିତା ପାଇଁ ସରକାରଙ୍କ ନିଷ୍ପତ୍ତି ଆବଶ୍ୟକୀୟ ତର୍ଜମା ଉପରେ ବ୍ୟବସ୍ଥିତ ନଥିଲା । ଘରୋଇ ସହଭାଗୀ ଚୟନ ନିମନ୍ତେ ପ୍ରାପ୍ତ ହୋଇଥିବା ନିଲାମ ଡକାଳିଙ୍କ ଯୋଗ୍ୟତାକୁ ମୂଲ୍ୟାଙ୍କନ ନକରି ଜଣେ ନିଲାମଧାରୀଙ୍କ ନିବେଦନ ଆଧାରରେ ଯୋଗ୍ୟତା

ମାନଦଣ୍ଡକୁ ବଦଳାଇ ଦିଆଯାଇଥିଲା । ଯାହାଫଳରେ ଚୟନ ପ୍ରକ୍ରିୟା ମନମୁଖୀ ଏବଂ ସ୍ୱଚ୍ଛତାହୀନ ହୋଇଥିଲା। 15ଟି ଜିଲ୍ଲାର ଉନ୍ନତ ଜୀବନ ସହାୟକ (ଏଏଲ୍ଏସ୍) ଆମ୍ବୁଲାନ୍ସ ସୁବିଧା ଉପଲବ୍ଧ ନଥିଲା ଯେଉଁଥିରେ ରାଜ୍ୟର ସାତଟି ନିମ୍ନ ସ୍ୱାସ୍ଥ୍ୟ ସୂଚକ ଜିଲ୍ଲା ଅନ୍ତର୍ଭୁକ୍ତ ଥିଲା ।

ଧ୍ୟାନ ଦିଆଯାଇନଥିବା ଡାକରା ପାଇଁ, ଘରୋଇ ସହଭାଗୀଙ୍କ ଦ୍ୱାରା କୌଣସି ନଥି ପରିଚାଳନା କରାଯାଉ ନଥିବାରୁ ଏହା ତାଙ୍କ କାର୍ଯ୍ୟନିର୍ବାହର ଅପାରଗତାକୁ ଦର୍ଶାଉଥିଲା ଧ୍ୟାନ ଦିଆଯାଇଥିବା ମୋଟ 2,75,243 ଡାକରା ମଧ୍ୟରୁ 41 ପ୍ରତିଶତ ଡାକରାକୁ ଧ୍ୟାନ ଦେବାରେ ବିଳମ୍ବ ହୋଇଥିଲା । ଦିନକୁ ଅତି କମ୍‌ରେ ପାଞ୍ଚ ଥର ଭ୍ରମଣ କରିବା ସ୍ଥଳେ 12 ଟି ଆମ୍ବୁଲାନ୍ସ ଦିନକୁ ଦୁଇଥରରୁ କମ୍ ଏବଂ 180 ଟି ଆମ୍ବୁଲାନ୍ସ ଦିନକୁ ଅନ୍ୟୁନ ପାଞ୍ଚ ଥରରୁ କମ୍ ଭ୍ରମଣ କରିଥିଲେ ମଧ୍ୟ 22.59 ଲକ୍ଷ ଟଙ୍କାର ଜରିମାନା ଆଦାୟ କରିବା ପରିବର୍ତ୍ତେ ଆଦର୍ଶ ପରିଚାଳନା ପଦ୍ଧତିକୁ ଉଲ୍ଲଙ୍ଘନ କରି ଜାତୀୟ ସ୍ୱାସ୍ଥ୍ୟ ମିଶନ ସେମାନଙ୍କୁ ସଂପୂର୍ଣ୍ଣ ଦେୟ ପ୍ରଦାନ କରିଥିଲେ ।

*(ଅନୁଚ୍ଛେଦ 3.7)*

### 1.3.8 ସରକାରୀ ଚିକିତ୍ସାଳୟଗୁଡିକରେ ବ୍ୟବହାରିକ ଫିସ୍‌ର ସଂଗ୍ରହ, ହିସାବ ଏବଂ ଉପଯୋଗ

ରିହାତି ପାଇଥିବା ରୋଗୀଙ୍କ କ୍ଷେତ୍ରରେ ଚିକିତ୍ସାଳୟଗୁଡ଼ିକ ଚିର୍‌କୁଟ ବହି କିମ୍ବା ଅଲଗା ନଥି ରଖିନଥିଲେ । ଚିକିତ୍ସାଳୟର ପ୍ରମୁଖ ସ୍ଥାନମାନଙ୍କରେ ବ୍ୟବହାରିକ ଦେୟ ସେବା ସହିତ ଦର ସଂପର୍କିତ ତଥ୍ୟ ପ୍ରଦର୍ଶନ କରାଯାଇ ନଥିଲା । ବ୍ୟବହାରିକ ଦେୟର ଜମା କରିବାରେ ବିଳମ୍ବ ଯୋଗୁଁ ଅର୍ଥର ସାମୟିକ ଆତ୍ମସାତ ହୋଇଥିଲା। ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ସଂପୃକ୍ତ ନଥାଇ 2011-14 ମଧ୍ୟରେ ନମୁନା ଯାଞ୍ଚ୍ ଚିକିତ୍ସାଳୟଗୁଡ଼ିକ 58.97 କୋଟି ଟଙ୍କାର ବ୍ୟବହାରିକ ଦେୟ ରାଶିରୁ 92.39 ଲକ୍ଷ ଟଙ୍କା ବିନିଯୋଗ କରିଥିଲେ।। ଜୁଲାଇ 2001 ରୁ ମାର୍ଚ୍ଚ 2014 ମଧ୍ୟରେ କର୍ମଚାରୀ ଏବଂ ଯୋଗାଣକାରୀମାନଙ୍କୁ ଅଗ୍ରୀମ ଆକାରରେ ଦିଆଯାଇଥିବା 2.38 କୋଟି ଟଙ୍କା ସେପ୍ଟେମ୍ବର 2014 ସୁଦ୍ଧା ଅବ୍ୟବସ୍ଥିତ ହୋଇ ପଡ଼ି ରହିଥିଲା ।

*(ଅନୁଚ୍ଛେଦ 3.8)*

### 1.3.9 ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାନ ପରିସର ମଧ୍ୟରେ ଔଷଧ ଦୋକାନର ଚୟନ ଓ କାର୍ଯ୍ୟକାରିତା

ମୁକ୍ତ ନିଲାମ ମାଧ୍ୟମରେ ପ୍ରତିନିଧିଙ୍କ ଚୟନ ପାଇଁ ନଭେମ୍ବର 2012 ରେ ମାର୍ଗଦର୍ଶିକା ଜାରି କରାଯାଇଥିଲେ ମଧ୍ୟ 14ଟି ରୁ ପାଞ୍ଚଟି ମାମଲାରେ ମୁକ୍ତ ନିଲାମ ଡକା ନଯାଇ ବିଦ୍ୟମାନ ପଟ୍ଟାକୁ ନବୀକରଣ କରାଯାଇଥିଲା । ଏହା ବ୍ୟତୀତ ମାର୍ଚ୍ଚ 2014 ରେ ନିଲାମ ଅବଧି ପରିସମାପ୍ତି ହୋଇଥିଲେ ମଧ୍ୟ ଗୋଟିଏ ଦୋକାନ ଜାନୁଆରୀ 2015 ସୁଦ୍ଧା ନବୀକରଣ ନହୋଇ ପରିଚାଳିତ ହେଉଥିଲା । ରାଜିନାମାରେ ଅସଂଗତ ବ୍ୟବସ୍ଥା ସହିତ ଏଥିରେ ଥିବା ସର୍ତ୍ତର କାର୍ଯ୍ୟକାରୀତାରେ ବିଫଳତା ଯୋଗୁଁ ଔଷଧ ଦୋକାନରେ ଫାର୍ମାସିଷ୍ଟରେ ମୁତୟନକୁ ସୁନିଶ୍ଚିତ କରାଯାଇ ପାରିନଥିଲା ଫଳରେ ରୋଗୀମାନଙ୍କୁ ନକଲି ଓ ଭୁଲ୍ ଔଷଧ ବିକ୍ରିର ବିପଦ ସୃଷ୍ଟି କରିଥିଲା । ଜନସାଧାରଣଙ୍କୁ କମ୍ପ୍ୟୁଟରୀକରଣ ରସିଦ୍ ପ୍ରଦାନ କରାଯାଉ ନଥିବାରୁ ଔଷଧର ଉଚିତ୍ ମୂଲ୍ୟରେ ବିକ୍ରି ହେଉଥିବା ବିଷୟ ସୁନିଶ୍ଚିତ କରାଯାଇପାରି ନଥିଲା ।

*(ଅନୁଚ୍ଛେଦ 3.9)*

### 1.3.10 କମ୍ପ୍ୟୁଟର ଏବଂ ଆନୁସଙ୍ଗିକ ଉପକରଣ ସଂଗ୍ରହଣରେ ସ୍ୱଚ୍ଛତାର ଅଭାବ

ବିଦ୍ୟାଳୟମାନଙ୍କରେ କମ୍ପ୍ୟୁଟର ସାହାଯ୍ୟରେ ଶିକ୍ଷାଦାନ ପାଇଁ କମ୍ପ୍ୟୁଟର ଯୋଗାଣ ପାଇଁ ବିକ୍ରେତା ଚୟନଅନିୟମିତ ଭାବେ ବୈଷୟିକ ବିଭାଗୀୟ ସଂଶୋଧନ ମାଧ୍ୟମରେ କରାଯାଇଥିଲା । ପୁନଶ୍ଚ, ଡିଜିଏସ୍‌ଆଣ୍ଡଡି ମୂଲ୍ୟରେ ସଂଗ୍ରହଣ ଉଦ୍ଦେଶ୍ୟରେ ବିକ୍ରେତା ଚୟନ ପାଇଁ ଆହ୍ୱାନ କରାଯାଉଥିବା ଅଭିବ୍ୟକ୍ତିକୁ ରଦ୍ଦ କରିଦିଆଯାଇଥିଲେ ମଧ୍ୟ ଚୟନ ହୋଇଥିବା ବିକ୍ରେତା ଡିଜିଏସ୍‌ଆଣ୍ଡଡି ମୂଲ୍ୟ ଚୁକ୍ତିଧାରୀ ନଥିଲେ । 814ଟି ବିଦ୍ୟାଳୟକୁ 1.63 କୋଟି ଟଙ୍କାର ଏନ୍-କମ୍ପ୍ୟୁଟିଂ କୌଶଳ ଯୋଗାଣ ନହେବା ଯୋଗୁଁ ଉକ୍ତ ବିଦ୍ୟାଳୟ ଗୁଡ଼ିକର ଥିବା କମ୍ପ୍ୟୁଟର ଗୁଡ଼ିକ ଅଚଳ ହୋଇ ପଡ଼ି ରହିଥିଲା । କିନ୍ତୁ କ୍ରୟ ଆଦେଶରେ ଉପଯୁକ୍ତ ବ୍ୟବସ୍ଥା ନଥିବା ଯୋଗୁଁ

ବିକ୍ରେତାଙ୍କ ଉପରେ ଜରିମାନା ଲାଗୁ କରାଯାଇପାରି ନଥିଲା । ପୁନଶ୍ଚ, ଉଚ୍ଚ କ୍ଷମତା ସଂପନ୍ନ ରାମ୍ ସଂଗ୍ରହଣ ଫଳରେ 4.06 କୋଟି ଟଙ୍କା ଅଧିକ ବ୍ୟୟ ହୋଇଥିଲା ।

***(ଅନୁଚ୍ଛେଦ 3.10)***

### 1.3.11 ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମର ବଣ୍ଟନ ଓ ବିତରଣ

ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧିନରେ ପ୍ରଦାନ କରାଯାଇଥିବା କାର୍ଡର ବାର୍ଷିକ ଯାଞ୍ଚ୍ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ, ପାଞ୍ଚଟି ଜିଲ୍ଲାର ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ 2011-14 ମଧ୍ୟରେ କୌଣସି କାର୍ଡର ବାର୍ଷିକ ଯାଞ୍ଚ୍ କରାଯାଇ ନଥିଲା । ଫଳରେ ୫୫,୪୫୫ ଟି କାର୍ଡ ଯାଞ୍ଚ୍ ହୋଇନଥିଲା । ଏହି କାର୍ଡଗୁଡ଼ିକ ରଦ୍ଦ ନହେବା ଫଳରେ କାର୍ଡ ପିଛା 3-6 କିଲୋଗ୍ରାମ ଯାଏ ଗହମ କମ୍ ବଣ୍ଟନ ହୋଇଥିଲା । ନିକଟସ୍ଥ ଗୋଦାମରୁ ଗହମ ଉଠାଇବା ପାଇଁ ଭାରତୀୟ ଖାଦ୍ୟ ନିଗମ ସହିତ ସମନ୍ୱୟ ରକ୍ଷା ନହୋଇ ପାରିବା ଫଳରେ 1.80 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା । କଟକ ଜିଲ୍ଲାର ତିନିଟି ମାଲଗୋଦାମରୁ 2012-13 ରେ ଖାଦ୍ୟ ସାମଗ୍ରୀ ଉଠାଣ ପାଇଁ, ବୈଜ୍ଞାନିକ ଆଧାର ନଥାଇ ଜିଲ୍ଲା ପ୍ରଶାସନ ଦ୍ୱାରା ଧାର୍ଯ୍ୟ ମୂଲ୍ୟରେ ପରିଚାଳନା ଓ ପରିବହନ ଠିକା ପ୍ରଦାନ ଫଳରେ 69.39 ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ଏଫ୍‌ସିଆଇର ଗୋଦାମରୁ ଗହମ ନଉଠାଇବା/ କମ୍ ଉଠାଇବା ଯୋଗୁଁ ପିଡିଏସ୍ ଅଧିନରେ ଗହମ ଯୋଗାଣ ହୋଇନଥିଲା/ ବିଳମ୍ବରେ ଯୋଗାଣ ହୋଇଥିବା ଦୃଷ୍ଟାନ୍ତ ମିଳିଥିଲା ।

***(ଅନୁଚ୍ଛେଦ 3.11)***

### 1.3.12 ସମୀକ୍ଷାକୁ ପ୍ରତିଜବାବ ପ୍ରଦାନରେ ହେଳା

- ***ସମୀକ୍ଷିତ ସଂସ୍ଥା ଉପରେ ନିରୀକ୍ଷଣ ପ୍ରତିବେଦନ***

ସମୀକ୍ଷା ନିରୀକ୍ଷଣ ରିପୋର୍ଟ (ଆଇଆର)ର ପ୍ରତିଜବାବ ଦେବାରେ ଅଭାବ ଥିଲା । ମାର୍ଚ୍ଚ 2014 ସୁଦ୍ଧା ଜାରି ହୋଇଥିବା ଆଇଆର ଗୁଡିକର ସମୀକ୍ଷାରୁ ଜଣାପଡିଲା ଯେ ମହାଲେଖାକାର (ସାଧାରଣ ଏବଂ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା), ଓଡ଼ିଶାଙ୍କ ସମୀକ୍ଷା ଅଧିକାରିତା ଅଧିନରେ ଥିବା 24ଟି ବିଭାଗରେ ଜୁନ 2014 ଶେଷ ସୁଦ୍ଧା 10,395ଟି ଆଇଆରର 42,736ଟି ଅନୁଚ୍ଛେଦ ଅମୀମାଂସିତ ରହିଥିଲା । ଏହା ମଧ୍ୟରୁ 3,685ଟି ଆଇଆରର 11,271ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ ସମୟ ଧରି ଅମୀମାଂସିତ ରହିଥିଲା । ବାକିଥିବା ଉପରୋକ୍ତ ଆଇଆର ଗୁଡ଼ିକ ମଧ୍ୟରୁ ମାର୍ଚ୍ଚ 2014 ସୁଦ୍ଧା ଜାରି ହୋଇଥିବା 1,655ଟି ଆଇଆର ସପକ୍ଷରେ କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ ପ୍ରଥମ ଜବାବ ପ୍ରାପ୍ତ ହୋଇନଥିଲା ।

- ***ପୂର୍ବ ସମୀକ୍ଷା ପ୍ରତିବେଦନ ଗୁଡିକ ଉପରେ ପଦକ୍ଷେପ***

ଏହା ପରିଲକ୍ଷିତ ହୋଇଥିଲା ଯେ ସିଏଜିଙ୍କ ସମୀକ୍ଷା ରିପୋର୍ଟ ବର୍ଷ 2000-01 ଠାରୁ 2011-12 ବର୍ଷ ମଧ୍ୟରେ ପ୍ରକାଶିତ 24ଟି ବିଭାଗ ମଧ୍ୟରୁ 11ଟି ବିଭାଗର 26ଟି ଅନୁଚ୍ଛେଦ (16ଟି ବ୍ୟକ୍ତିଗତ ଓ 10ଟି ସମ୍ପାଦନ ସମୀକ୍ଷା/ ସମୀକ୍ଷା ଅନୁଚ୍ଛେଦ)ର ବ୍ୟାଖ୍ୟାତ୍ମକ ଟିପ୍ପଣୀ ସେପ୍ଟେମ୍ବର 2014 ସୁଦ୍ଧା ଉପସ୍ଥାପନ କରିନଥିଲେ । ଏହି 16ଟି ବ୍ୟକ୍ତିଗତ କାର୍ଯ୍ୟ ସଂପାଦନ ସମୀକ୍ଷା ଅନୁଚ୍ଛେଦର ଅନୁପାଳନ ବିବରଣ ସାତଟି ବିଭାଗ ଦ୍ୱାରା ପ୍ରଦାନ କରାଯାଇ ନଥିଲା । ବିଶେଷ ଭାବରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଦାନ କରି ନଥିବା ବିଭାଗ ଗୁଡ଼ିକ ହେଲେ ଗୃହ ଓ ପୌର ଉନ୍ନୟନ, ଯୋଜନା ଓ ସମନ୍ୱୟ, ଉଚ୍ଚ ଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ।

- ***ଲୋକଲେଖା ସମିତି (ପିଏସି) କରିଥିବା ସୁପାରିଶ ଉପରେ ବିଭାଗ ଗୁଡ଼ିକର ଜବାବ***

ଲୋକଲେଖା ସମିତି (ପିଏସି) ଦ୍ୱାରା ଦଶମ ବିଧାନସଭା (1990-95)ର ତୃତୀୟ ପ୍ରତିବେଦନ ଠାରୁ ଚତୁର୍ଦ୍ଦଶ ବିଧାନସଭା (2009-14) ର ଦଶମ ପ୍ରତିବେଦନ ପର୍ଯ୍ୟନ୍ତ ପ୍ରଦତ୍ତ 624ଟି ସୁପାରିଶ ମଧ୍ୟରୁ ସାତଟି ବିଭାଗର 33ଟି ସୁପାରିଶ ଉପରେ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତୀକ୍ଷା ଥିଲା (ସେପ୍ଟେମ୍ବର 2014) ।

***(ଅନୁଚ୍ଛେଦ 3.12)***

## 1.4 ସୁପାରିଶ

ବିହିତ ଆଭ୍ୟନ୍ତରୀଣ ପ୍ରକ୍ରିୟା ଓ ପଦ୍ଧତିର ପାଳନ ନହେବା, ସୁଶାସନ ପ୍ରୋତ୍ସାହନ ସହିତ ଅନୁପାଳନ ଏବଂ ବିଭାଗୀୟ କାର୍ଯ୍ୟକ୍ରମ ଅନୁପାଳନରେ ଅନବଧାନତା ଏବଂ ସର୍ବୋପରି ଉଦ୍ଦେଶ୍ୟ ସମ୍ବନ୍ଧୀୟ ବହୁଗୁଡ଼ିଏ ବିଷୟ ଉପରେ ବିନିର୍ଦ୍ଦିଷ୍ଟ ସୁପାରିଶ ପ୍ରତିବେଦନରେ ଉଲ୍ଲେଖ କରାଯାଇଅଛି ।

# ଅଧ୍ୟାୟ II

# ସମ୍ପାଦନ ସମୀକ୍ଷା


| ପରିଚ୍ଛେଦ ସଂଖ୍ୟା | ବିବରଣୀ | ପୃଷ୍ଠା |
|---|---|---|
| 2.1 | ରାଜ୍ୟର ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ସେମାନଙ୍କ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକାରିତା | 11-36 |
| 2.2 | ରାଜ୍ୟରେ ପ୍ରାଥମିକ ଶିକ୍ଷା | 37-62 |

# ଅଧ୍ୟାୟ II
# ସମ୍ପାଦନ ସମୀକ୍ଷା

ଏହି ଅଧ୍ୟାୟରେ ତିନିଟି ସରକାରୀ ଭେଷଜ ବିଦ୍ୟାଳୟ ଏବଂ ସେମାନଙ୍କ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକାରିତା (2.1) ଏବଂ ରାଜ୍ୟରେ ପ୍ରାଥମିକ ଶିକ୍ଷା (2.2) ଉପରେ ସମ୍ପାଦନ ସମୀକ୍ଷାର ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଅଛି ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## 2.1 ରାଜ୍ୟର ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ସେମାନଙ୍କ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକାରିତା


### *କାର୍ଯ୍ୟନିର୍ବାହ ସାରାଂଶ*

*2009-14 ଅବଧି ମଧ୍ୟରେ ରାଜ୍ୟର ତିନିଟି ଭେଷଜ ମହାବିଦ୍ୟାଳୟ ଏବଂ ସେମାନଙ୍କ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକାରିତାର ସଂପାଦନ ସମୀକ୍ଷା ମାର୍ଚ୍ଚ ରୁ ଜୁଲାଇ 2014 ମଧ୍ୟରେ କରାଯାଇଥିଲା ଏବଂ ପରିଲକ୍ଷିତ ହୋଇଥିଲା ଯେ ବିଭାଗ ଦ୍ୱାରା ପରିପ୍ରେକ୍ଷଣ ଯୋଜନା କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଯଥେଷ୍ଟ ନଥିଲା । ନିଦାନିକ ବିଭାଗ ମାନଙ୍କରେ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଦରକାରୀ ସାମଗ୍ରୀର ଉପଲବ୍ଧ ନଥିବା, କେନ୍ଦ୍ରୀୟ ପାଠାଗାରରେ ପର୍ଯ୍ୟାପ୍ତ ବହି ଏବଂ ପଞ୍ଜିକା ଉପଲବ୍ଧ ନଥିବା, କେନ୍ଦ୍ରୀୟ ଗବେଷଣାଗାର ଏବଂ ନିଦାନିକ ଭେଷଜ ବିଜ୍ଞାନ ଶାଖା କାର୍ଯ୍ୟକ୍ଷମ ନହେବା, ଡାକ୍ତରୀ ଶିକ୍ଷା ଶାଖାର ଅଣ-ଅଭିଷ୍ଟ କାର୍ଯ୍ୟକାରିତା, ଛାତ୍ରଛାତ୍ରୀମାନଙ୍କୁ ରୋଗୀ ସେବା ସହିତ ପରିଚିତ କରିବାରେ ନ୍ୟୁନତା, ଆଧୁନିକ ପାଠ ପଢାଇବା ପଦ୍ଧତି ଗ୍ରହଣ ନକରିବା ଏବଂ ଏମବିବିଏସ୍ ପାଠ୍ୟକ୍ରମର ନବୀକରଣ ନହେବା ଦ୍ୱାରା ଗୁଣାତ୍ମକ ଗବେଷଣା ଏବଂ ଶିକ୍ଷା ପ୍ରଦାନର ଉଦ୍ଦେଶ୍ୟ ବାଧା ପ୍ରାପ୍ତ ହୋଇଥିଲା ।*

*ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟଗୁଡ଼ିକରେ (ଜିଏମ୍‌ସିଏଚ୍) ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଶିକ୍ଷା ପ୍ରଦାନକାରୀ, ଅଣଶିକ୍ଷା ପ୍ରଦାନକାରୀ ଏବଂ ପାରାମେଡିକାଲ କର୍ମଚାରୀଙ୍କ ଅଭାବ ଯୋଗୁଁ ରୋଗୀ ସେବା ଏବଂ ଶିକ୍ଷା ପ୍ରଦାନ କାର୍ଯ୍ୟ ପ୍ରଭାବିତ ହୋଇଥିଲା । ସଂଲଗ୍ନ ଚିକିତ୍ସାଳୟଗୁଡ଼ିକରେ ଥିବା ଅନ୍ତର୍ବାସୀ ରୋଗୀଙ୍କ ପ୍ରକୋଷ୍ଠ ଏବଂ ଅସ୍ତ୍ରୋପଚାର ଗୃହ ଗୁଡ଼ିକରେ ଭିତ୍ତିଭୂମିର ନ୍ୟୁନତା ଯୋଗୁଁ ରୋଗୀ ସେବା ପ୍ରଭାବିତ ହୋଇଥିଲା । ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ସର୍ବନ୍ୟୁନ 69 ଶଯ୍ୟା, (ସମୁଦାୟ ଚିକିତ୍ସାଳୟ ଶଯ୍ୟା ସଂଖ୍ୟାର ଦୁଇ ପ୍ରତିଶତ) ଉପଲବ୍ଧି ସହିତ ଆଶୁ ଚିକିତ୍ସା ବିଭାଗରେ ଆଇସିୟୁ ନଥିବା ହେତୁ ସଂକଟାପନ୍ନ ରୋଗୀମାନେ ଜରୁରୀକାଳୀନ ସତନ୍ତ୍ର ସେବା ପାଇବାରୁ ବଂଚିତ ହୋଇଥିଲେ । ଏହା ବ୍ୟତୀତ ଦୁଇଟି ଜିଏମ୍‌ସିଏଚ୍ (ଏମ୍‌କେସିଜି ଏବଂ ଭିଏସ୍‌ଏସ୍) ରେ 3.54 କୋଟି ଟଙ୍କା ବ୍ୟୟରେ ନିର୍ମିତ ଟ୍ରମା କେୟାର ସେଣ୍ଟର କାର୍ଯ୍ୟକ୍ଷମ ନଥିଲା, ଯାହାଦ୍ୱାରା କି ଦୁର୍ଘଟଣା ପୀଡିତଙ୍କୁ ଜରୁରୀକାଳିନ ସେବା ପ୍ରଦାନରେ ନ୍ୟୁନତା ପରିଲକ୍ଷିତ ହୋଇଥିଲା ।*

*ତିନିଟି ଜିଏମ୍‌ସିଏଚ୍ ରେ ରୋଗ ନିରୂପଣ ଉଦ୍ଦେଶ୍ୟରେ ରୋଗ ପ୍ରତିରୋଧକ ତଥା ରୋଗ ନିଦାନ ଏବଂ ଡିଜିଟାଲ ଏକ୍ସରେ ଭଳି ଅନୁସନ୍ଧାନ ସମ୍ବନ୍ଧୀୟ ସୁବିଧା ଉପଲବ୍ଧ ନଥିବାରୁ ଏସବୁ ପରୀକ୍ଷା କରିବା ପାଇଁ ଘରୋଇ ଚିକିତ୍ସାଳୟ ଏବଂ ପରୀକ୍ଷାଗାରାକୁ ଯିବା ପାଇଁ ରୋଗୀମାନେ ବାଧ୍ୟ ହେଉଥିଲେ । ଜାନୁଆରୀ 2006 ରୁ ମାର୍ଚ୍ଚ 2014 ମଧ୍ୟରେ ନିଶା ଦ୍ରବ୍ୟର ଗାଢତା ମାପିବା ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ଥିନ୍ ଲେୟର କ୍ରୋମାଟୋଗ୍ରାଫି ଯନ୍ତ୍ର, ସ୍ତନ କର୍କଟ ଚିହ୍ନଟ ପାଇଁ ମାମୋଗ୍ରାଫି ଯନ୍ତ୍ର ପ୍ରଭୃତି ସାମଗ୍ରୀ 3.84 କୋଟି ଟଙ୍କା ବ୍ୟୟରେ କିଣା ହୋଇ ଅବ୍ୟବହୃତ ହୋଇ ରହିଥିଲା ।*

*ତିନିଟି ଜିଏମ୍‌ସିଏଚ୍ ରେ ରୋଗୀ ମୃତ୍ୟୁ ହାର ବୃଦ୍ଧି ସତ୍ତ୍ୱେ ସରକାରଙ୍କ ନିର୍ଦ୍ଦେଶାନୁସାରେ ଡାକ୍ତରୀ ସେବାର ଦକ୍ଷତା ଏବଂ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ମୃତ୍ୟୁ ସମୀକ୍ଷା ଏବଂ ଡାକ୍ତରମାନଙ୍କ ଦ୍ୱାରା ପ୍ରଦତ୍ତ ଔଷଧ ଚିଠାର ସମୀକ୍ଷା ହେଉନଥିଲା ।*

*ଚିକିତ୍ସାଳୟର ଅନ୍ତଃବାସୀ ରୋଗୀମାନଙ୍କ ପାଇଁ ଔଷଧ ଯୋଗାଣ ପର୍ଯ୍ୟାପ୍ତ ନଥିଲା ବେଳେ ମାନକ ଗୁଣବତ୍ତା ନଥିବା 11 କିସମର ଔଷଧ ସଂଲଗ୍ନିତ ତିନିଟି ଚିକିତ୍ସାଳୟରେ ରୋଗୀମାନଙ୍କୁ ପ୍ରୟୋଗ କରାଯାଇଥିଲା ।*

*ସାମଗ୍ରୀ କ୍ରୟ ପାଇଁ ଏମ୍‌କେସିଜି ଏମ୍‌ସିଏଚ୍‌କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା 3.66 କୋଟି ଟଙ୍କାକୁ ବିନିଯୋଗ କରା ନଯାଇ ସଞ୍ଚୟ ବ୍ୟାଙ୍କ ଖାତାରେ ଜମା ରଖାଯାଇଥିଲା, ଯାହାକି ବିଦ୍ଧିବଦ୍ଧ ଯୋଜନାକୁ ଉଲ୍ଲଙ୍ଘନ କରିଥିଲା । ନର୍ସିଂ ସ୍କୁଲକୁ ନର୍ସିଂ ମହାବିଦ୍ୟାଳୟରେ ଉଚ୍ଚ ଶ୍ରେଣୀଭୁକ୍ତ କରିବା ପାଇଁ ଏବଂ ସରକାରୀ ଭେଷଜ ମହାବିଦ୍ୟାଳୟଗୁଡ଼ିକୁ ମଜବୁତ୍ ଓ ଉଚ୍ଚ ଶ୍ରେଣୀଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ 7.45 କୋଟି ଟଙ୍କାର କେନ୍ଦ୍ରୀୟ/ ରାଜ୍ୟ ସହାୟତା ରାଶି ମଇ 2014 ପର୍ଯ୍ୟନ୍ତ ବିନିଯୋଗ କରାଯାଇ ପାରି ନଥିଲା ।*

*ଶିକ୍ଷା ସମୀକ୍ଷା, ବାର୍ଷିକ ରିପୋର୍ଟ, ବାୟୋମେଟ୍ରିକ୍ ହାଜିରା ବ୍ୟବସ୍ଥା ସବୁର ଅନୁପସ୍ଥିତ ପରିପ୍ରେକ୍ଷୀରେ ଜିଏମ୍‌ସିଏଚ୍ ଗୁଡ଼ିକର କାର୍ଯ୍ୟ ସଂପାଦନର ଯାଞ୍ଚ ପ୍ରକ୍ରିୟା ଫଳପ୍ରଦ ହୋଇପାରି ନଥିଲା । ଓଡ଼ିଶା ରାଜ୍ୟ ସମନ୍ୱିତ ସ୍ୱାସ୍ଥ୍ୟ ନୀତି ଅନୁସାରେ 2009-14 ମଧ୍ୟରେ ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଏହା ସଂଲଗ୍ନ ଚିକିତ୍ସାଳୟମାନଙ୍କ କାର୍ଯ୍ୟ ସଂପାଦନାର ଯାଞ୍ଚ ହେବା ଉଚିତ୍ କିନ୍ତୁ ତାହା କରାଯାଇ ନଥିଲା । ଅଭିଯୋଗ ନିବାରଣ ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିଲା ଏବଂ ବିଭାଗ ସମେତ ଭେଷଜ ମହାବିଦ୍ୟାଳୟ ଏବଂ ପ୍ରଶିକ୍ଷଣର ନିର୍ଦ୍ଦେଶକ ଏବଂ ଜିଏମ୍‌ସିଏଚ୍ ଗୁଡ଼ିକର ଅଧକ୍ଷମାନଙ୍କ ନିରୀକ୍ଷଣ ସଂକ୍ରିୟା ଧାର୍ଯ୍ୟ ଠାରୁ ବହୁତ କମ୍ ଥିଲା ।*

### 2.1.1 ଉପକ୍ରମ

ତିନିଟି ସରକାରୀ ଏବଂ ପାଞ୍ଚଟି ବେସରକାରୀକୁ ମିଶାଇ 31 ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟରେ ସମୁଦାୟ ଆଠଟି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ଥିଲା । ମାର୍ଚ୍ଚ 2014 ସୁଦ୍ଧା ପ୍ରବେଶିକା ସ୍ତରରେ ଏହି ଆଠଟି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ବାର୍ଷିକ ଉପସ୍ନାତକ ପାଠ୍ୟକ୍ରମ ଏବଂ ସ୍ନାତକୋତର ପାଠ୍ୟକ୍ରମରେ ବାର୍ଷିକ ଛାତ୍ର ଗ୍ରହଣ କରିବାର କ୍ଷମତା ଯଥାକ୍ରମେ 1,050 ଓ 442 ଥିଲା । ଏହି ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ (ଜିଏମ୍‌ସିଏଚ୍) ସ୍ଥାପନା ବର୍ଷ, ଏମାନଙ୍କ ଶଯ୍ୟା ସଂଖ୍ୟା ଏବଂ ଛାତ୍ର ଗ୍ରହଣ କ୍ଷମତା ନିମ୍ନରେ ସୂଚିତ କରାଗଲା ।

***ସାରଣୀ 2.1.1: ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ସ୍ଥାପନା ଏବଂ ମାର୍ଚ୍ଚ 2014 ଶେଷ ସୁଦ୍ଧା ଶଯ୍ୟା ସଂଖ୍ୟା***

| ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନାମ | ସ୍ଥାପନା ବର୍ଷ | ଛାତ୍ର ଗ୍ରହଣ ସଂଖ୍ୟା | | ଶଯ୍ୟା ସଂଖ୍ୟା |
|---|---|---|---|---|
| | | ଉପସ୍ନାରକ ପାଠ୍ୟକ୍ରମ | ସ୍ନାତକୋତ୍ତର ପାଠ୍ୟକ୍ରମ (ବିଭାଗ ସଂଖ୍ୟା) | |
| ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ଏସ୍‌ସିବି ଏମ୍‌ସିଏଚ୍), କଟକ | 1944 | 250 | 170 (22) | 1707 |
| ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ଭିଏସ୍‌ଏସ୍ ଏମ୍‌ସିଏଚ୍), ବୁର୍ଲା | 1959 | 150 | 88 (16) | 1006 |
| ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ଏମ୍‌କେସିଜି ଏମ୍‌ସିଏଚ୍), ବ୍ରହ୍ମପୁର | 1962 | 150 | 95 (17) | 1062 |
| **ମୋଟ** | | **550** | **353** | **3775** |

*(ଉତ୍ସ: ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଏବଂ ଭାରତ ଭେଷଜ ପରିଷଦ ୱେବ୍‌ସାଇଟ୍)*

ଭେଷଜ ମହାବିଦ୍ୟାଳୟ ଖୋଲିବା ସହିତ ଏବଂ ଏହାର ମାନ ପ୍ରତିପାଳନ ଭାରତୀୟ ଭେଷଜ ପରିଷଦ ନିୟମ (ଆଇଏମ୍‌ସିଏ), 1956 ଅନୁସାରେ ହୋଇଥାଏ । ଉଭୟ ଉପସ୍ନାତକ (ଏମ୍‌ବିବିଏସ୍) ଏବଂ ସ୍ନାତକୋତ୍ତର (ଶଲ୍ୟ

ଚିକିତ୍ସା[1] ଏବଂ ଭେଷଜ ଚିକିତ୍ସା[2]) ଶିକ୍ଷା ଆଇଏମସିଏ 1956 ଧାରା ଅଧିନରେ ଗଠିତ ଭାରତୀୟ ଭେଷଜ ପରିଷଦ (କାଉନସିଲ୍) ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହା ଭେଷଜ ମହାବିଦ୍ୟାଳୟ ଗୁଡ଼ିକ ସର୍ବନିମ୍ନ ମାନ ପ୍ରତିପାଦନ କରୁଛନ୍ତି କି ନାହିଁ, ନିୟମିତ ବ୍ୟବଧାନରେ ତଦାରଖ କରେ ଏବଂ ନୂଆ ଭେଷଜ ମହାବିଦ୍ୟାଳୟ ଏବଂ ନୂଆ ବିଷୟ ଖୋଲିବା ପାଇଁ ଅନୁମତି ପ୍ରଦାନ କରେ ।

### 2.1.2 ସାଙ୍ଗଠନିକ ବ୍ୟବସ୍ଥା

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ମୁଖ୍ୟ ସଚିବ ହେଉଛନ୍ତି ଏହି ବିଭାଗର ପ୍ରଶାସନିକ ମୁଖ୍ୟ ଏବଂ ତାଙ୍କ ଅଧିନରେ ନଅଟି ନିର୍ଦ୍ଦେଶାଳୟ କାର୍ଯ୍ୟ କରିଥାନ୍ତି । ତିନିଟି ଜିଏମ୍‌ସିଏଚ୍ ଗୁଡ଼ିକର ସମସ୍ତ ପ୍ରଶାସନିକ ଏବଂ ତଦାରଖ ଦାୟିତ୍ୱ ହେଉଛି ଭେଷଜ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ (ଡିଏମ୍‌ଇଟି)ଙ୍କର । ଭେଷଜ ମହାବିଦ୍ୟାଳୟ ବିଭାଗ ସମୁହର ମୁଖ୍ୟ ଏବଂ ଅଧକ୍ଷ୍ୟମାନେ ଭେଷଜ ମହାବିଦ୍ୟାଳୟର ମୁଖ୍ୟ ହୋଇଥିବା ବେଳେ ଏଥିରେ ସଂଲଗ୍ନ ଚିକିତ୍ସାଳୟ ଗୁଡ଼ିକର ପ୍ରଶାସନିକ ଦାୟିତ୍ୱ ଅଧିକ୍ଷକଙ୍କର । ଏମ୍‌ସିଆଇ ଦ୍ୱାରା ସମସ୍ତ ପାଠ୍ୟସୂଚୀ ଓ ପାଠ୍ୟକ୍ରମ ନିର୍ଦ୍ଧାରଣ କରାଯାଇଥିବା ଅନୁବନ୍ଧିତ ବିଶ୍ୱବିଦ୍ୟାଳୟଗୁଡ଼ିକଙ୍କର ଦାୟିତ୍ୱ ହେଉଛି ସବିଶେଷ ପାଠ୍ୟ ବିଷୟବସ୍ତୁ ତିଆରି କରିବା, ପରୀକ୍ଷା ପରିଚାଳନା କରିବା ଏବଂ ଉପାଧି ପ୍ରଦାନ କରିବା । ଡିଏମଇଟି ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଦାୟିତ୍ୱ ହେଉଛି ନିର୍ଦ୍ଧାରିତ ମାନ ଅନୁସାରେ ଭିତ୍ତିଭୂମି ଏବଂ ମାନବସମ୍ବଳ ଯୋଗାଇ ଦେବା ।

### 2.1.3 ସମୀକ୍ଷାର ଉଦ୍ଦେଶ୍ୟ

ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକୁ ଆକଳନ କରିବା ପାଇଁ ସଂପାଦନ ସମୀକ୍ଷା କରାଯାଇଥିଲା:

- ଭେଷଜ ମହାବିଦ୍ୟାଳୟଗୁଡ଼ିକ ଏବଂ ଏଥି ସହିତ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକ ଦକ୍ଷତା ସହିତ କାର୍ଯ୍ୟ ସଂପାଦନ ଉପଲକ୍ଷେ ଯୋଜନା ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ପ୍ରଭାବୀ ଥିଲା କି ନାହିଁ ;
- ଭାରତୀୟ ଭେଷଜ ପରିଷଦ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଆବଶ୍ୟକତା ଅନୁସାରେ ଭୌତିକ ଭିତ୍ତିଭୂମି ଏବଂ ମାନବସମ୍ବଳ ଉପଲବ୍ଧ କରାଯାଇଥିଲା କି ନାହିଁ;
- ଭେଷଜ ମହାବିଦ୍ୟାଳୟଗୁଡ଼ିକ ଦ୍ୱାରା ହେଉଥିବା ପାଠପଢ଼ା, ଗବେଷଣା ଏବଂ ପ୍ରଶିକ୍ଷଣ ପର୍ଯ୍ୟାପ୍ତ ଥିଲା କି ନାହିଁ;
- ସଂଲଗ୍ନିତ ଚିକିତ୍ସାଳୟରେ ଯୋଗାଇ ଦିଆଯାଉଥିବା ଗୁଣାତ୍ମକ ଏବଂ ସ୍ୱତନ୍ତ୍ର ରୋଗୀ ସେବା ଦକ୍ଷ ଏବଂ ପ୍ରଭାବୀ ଥିଲା କି ନାହିଁ;
- ପାଣ୍ଠି ପ୍ରଦାନ ପର୍ଯ୍ୟାପ୍ତ ଥିଲା କି ନାହିଁ ଏବଂ ପାଣ୍ଠିର ପରିଚାଳନା ପ୍ରଣୋଦିତ ଉଦ୍ଦେଶ୍ୟରେ ଏବଂ ମିତବ୍ୟୟିତା ଆଧାରରେ ପରିଚାଳିତ ହୋଇଥିଲା କି ନାହିଁ ; ଏବଂ
- ନିୟମିତ ଯାଞ୍ଚ୍ ଏବଂ ଅବିରତ ଆକଳନ ବ୍ୟବସ୍ଥା ଥିଲା କି ନାହିଁ ଏବଂ ଏହା ପ୍ରଭାବୀ ଥିଲା କି ନାହିଁ ।

### 2.1.4 ସମୀକ୍ଷାର ମାନଦଣ୍ଡ

ନିମ୍ନଲିଖିତ ଦସ୍ତାବିଜ ଆଧାରରେ ସମୀକ୍ଷା ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିଲା :

- ଓଡ଼ିଶା ରାଜ୍ୟ ସମନ୍ୱିତ ସ୍ୱାସ୍ଥ୍ୟ ନୀତି 2002 (ଓଏସ୍‌ଆଇଏଚ୍‌ପି);
- ଏମ୍‌ସିଆଇ ଦ୍ୱାରା ଅଧିସୂଚୀର ଭାରତୀୟ ଭେଷଜ ପରିଷଦ ଧାରା 1956;

1 ଶଲ୍ୟ ଚିକିତ୍ସାରେ ସ୍ନାତକୋତ୍ତର

2 ଭେଷଜ ଚିକିତ୍ସାରେ ସ୍ନାତକୋତ୍ତର

- ଭାରତୀୟ ଭେଷଜ ପରିଷଦ (ସଂଶୋଧନ) ଅଧ୍ୟାଦେଶ 2011 ଏବଂ 2013;
- ଏମ୍‌ସିଆଇର ବାର୍ଷିକ 150/250 ନାମଲେଖା ଯାଇପାରୁଥିବା ଭେଷଜ ମହାବିଦ୍ୟାଳୟର ସର୍ବନିମ୍ନ ଆବଶ୍ୟକତା ମାନ ଅଧିନିୟମ 1999;
- 2012 ମସିହା ସୁଦ୍ଧା ହୋଇଥିବା ସର୍ବଶେଷ ସଂଶୋଧନ ସଂଶ୍ଳିଷ୍ଟ ସ୍ନାତକୋତ୍ତର ଭେଷଜ ଶିକ୍ଷା ବିନିୟମ 2000;
- ରାଜ୍ୟ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ/ ଭେଷଜ ଶିକ୍ଷା ଉପରେ ରାଜ୍ୟ ସରକାର ଏବଂ ଏମ୍‌ସିଆଇ ଦ୍ୱାରା ପ୍ରଚଳନ କରାଯାଇଥିବା ଆଦେଶାବଳୀ;
- ଓଡ଼ିଶା ସାଧାରଣ ବିତ୍ତୀୟ ନିୟମାବଳୀ, ଟ୍ରେଜେରୀ ସଂହିତା;
- ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଭାରତୀୟ ଜନ ସ୍ୱାସ୍ଥ୍ୟମାନ;
- ଓଡ଼ିଶା ବିଶ୍ୱବିଦ୍ୟାଳୟର ସର୍ବପ୍ରଥମ ବିଧାନ 1990;
- ଜାତୀୟ ରକ୍ତ ନୀତି ଏବଂ ରକ୍ତ ଭଣ୍ଡାରର ମାନ ଏବଂ ରକ୍ତ ଟ୍ରାନ୍‌ସଫ୍ୟୁଜନ ସେବା;
- ଡ୍ରଗ୍‌ସ ଏବଂ କସ୍‌ମେଟିକ୍ ନିୟମ 1945;
- ଚିକିତ୍ସାଳୟ ସେବା ପାଇଁ ଭାରତୀୟ ଗୁଣାତ୍ମକମାନ ପରିଚାଳନା ।

### 2.1.5 ସମୀକ୍ଷା ପରିସର ଏବଂ ପଦ୍ଧତି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣର ଅତିରିକ୍ତ ସଚିବଙ୍କ ସହିତ 28 ଫେବୃଆରୀ 2014ରେ ହୋଇଥିବା ପ୍ରବେଶ ସମ୍ମିଳନୀରେ ସମୀକ୍ଷାର ଲକ୍ଷ୍ୟ, ପରିସର ଏବଂ ପଦ୍ଧତି ବିଷୟରେ ଆଲୋଚନା କରାଯାଇଥିଲା । 2009-14 ଅବଧି ପାଇଁ ସମୀକ୍ଷା ମାର୍ଚ୍ଚରୁ ଜୁଲାଇ 2014 ମଧ୍ୟରେ ତିନିଟି ଜିଏମ୍‌ସିଏଚ୍, ସଂପୃକ୍ତ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ (ଉତ୍କଳ, ବ୍ରହ୍ମପୁର ଏବଂ ସମ୍ବଲପୁର), ଭେଷଜ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଇତ୍ୟାଦି ନଥିପତ୍ର ଯାଞ୍ଚ କରାଯାଇଥିଲା । ଏହାବ୍ୟତୀତ ଜିଏମ୍‌ସିଏଚ୍‌ର ସମ୍ପତ୍ତି ଏବଂ ଉପଲବ୍ଧ ସୁବିଧାର ସରଜମିନ୍ ଯାଞ୍ଚ୍ ସମୀକ୍ଷା ଉପସ୍ଥିତିରେ କରାଯାଇଥିଲା ଏବଂ ଆବଶ୍ୟକ କ୍ଷେତ୍ରରେ ପ୍ରମାଣ ସ୍ୱରୂପ ଏହାର ଫଟୋ ଉତ୍ତୋଳନ କରାଯାଇଥିଲା । ଭେଷଜ ଛାତ୍ର, ଶିକ୍ଷକ ଏବଂ ରୋଗୀମାନଙ୍କ ସନ୍ତୋଷତାର ନିର୍ଣ୍ଣୟ ପାଇଁ ପ୍ରାକ୍ ପ୍ରସ୍ତୁତ ପ୍ରଶ୍ନାବଳୀ ଜରିଆରେ ଛାତ୍ର, ଶିକ୍ଷକ ଏବଂ ରୋଗୀମାନଙ୍କ ସାକ୍ଷାତକାର କରି ମତାମତ ନିଆଯାଇଥିଲା । 25 ମଇ 2015 ରେ ହୋଇଥିବା ପ୍ରସ୍ଥାନ ସମ୍ମିଳନୀରେ ସମୀକ୍ଷା ସିଦ୍ଧାନ୍ତ ଆଲୋଚନା କରାଯାଇଥିଲା ଏବଂ ଆବଶ୍ୟକ ସ୍ଥଳେ ବିଭାଗ ଦେଇଥିବା ଉତ୍ତର ସବୁକୁ ଉପଯୁକ୍ତ ଭାବରେ ସ୍ଥାନିତ କରାଯାଇଥିଲା ।

**ସମୀକ୍ଷା ସିଦ୍ଧାନ୍ତ**

### 2.1.6 ନୀତି, ଯୋଜନା ଏବଂ ଆନୁଷ୍ଠାନିକ ବ୍ୟବସ୍ଥା

ରାଜ୍ୟ ସରକାର ଓଏସ୍‌ଆଇଏଚ୍‌ପି 2002 ପ୍ରଣୟନ କରିଥିଲେ, ଯେଉଁଥିରେ ଭେଷଜ ପରିଷଦ ମାନାଦର୍ଶ ଅନୁଯାୟୀ ଭିତ୍ତିଭୂମିର ନିର୍ମାଣ, ଉଚ୍ଚ ମାନର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା, ଶିକ୍ଷକ ଏବଂ ସ୍ନାତକୋତ୍ତର ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ସମ୍ବଳିତ ବିଷୟ ପ୍ରଶିକ୍ଷଣ ଦେବା ପାଇଁ ପ୍ରଶିକ୍ଷଣ ଶାଖା ସ୍ଥାପନ କରିବା, ଗବେଷଣା ଓ ଉନ୍ନତିମୂଳକ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା, ଜିଏମ୍‌ସିଏଚ୍ ପାଇଁ ପାଣ୍ଠି ବିକାଶ ବ୍ୟବସ୍ଥା କରିବା, ବିଦ୍ୟାର୍ଥୀମାନଙ୍କୁ ପଢାଇବା ଏବଂ ପ୍ରଶିକ୍ଷଣ ଦେବା ପାଇଁ ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ସାମିଲ୍ କରିବା ଭଳି ବିଭିନ୍ନ ବିଷୟ ଉଲ୍ଲେଖ ଅଛି । ସମ୍ବେଦନଶୀଳ କ୍ଷେତ୍ର ଗୁଡ଼ିକରେ କୌଶଳାତ୍ମକ ଉପାୟ ଉପଦେଶ ଦେବା ପାଇଁ ବିଭାଗରେ ନୀତି ଏବଂ ପନ୍ଥା ଯୋଜନା ପ୍ରସ୍ତୁତ ଶାଖା ଗଠିତ ହେବା ଦରକାର ବିଷୟ ମଧ୍ୟ ଉଲ୍ଲେଖ ଅଛି ।

### 2.1.6.1 ପରିପ୍ରେକ୍ଷଣ ଯୋଜନାର ନ୍ୟୁନତା

2009 ରୁ 2014 ବର୍ଷ ପାଇଁ ଏକ ପରିପ୍ରେକ୍ଷଣ ଯୋଜନା ବିଭାଗ ପ୍ରସ୍ତୁତ କରିଥିଲେ (ସେପ୍ଟେମ୍ବର 2009) । ପାଞ୍ଚଟି ନୂଆ କଲେଜ ସ୍ଥାପନା କରିବା, ଅବସ୍ଥିତ ଭେଷଜ ମହାବିଦ୍ୟାଳୟ ଗୁଡ଼ିକର ଛାତ୍ରଗ୍ରହଣ କ୍ଷମତା ବୃଦ୍ଧି କରାଯିବା, ସଙ୍କଟପୂର୍ଣ୍ଣ ବିଭାଗରେ ଶଯ୍ୟା ବୃଦ୍ଧି କରିବା, ଇ-ଶିକ୍ଷା କେନ୍ଦ୍ରର ସ୍ଥାପନା କରାଯିବା, ଜିଏମ୍‌ସିଏଚ୍‌ର ଜଟିଳ ସେବା ପାଇଁ ଶାଖା ସ୍ଥାପନା କରାଯିବା, ଜିଏମ୍‌ସିଏଚ୍‌କୁ ଆବଶ୍ୟକୀୟ ଭିତ୍ତିଭୂମି ଓ ସାମଗ୍ରୀ ଯୋଗାଇଦେବା, ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସିତ କରାଇବା, ଭେଷଜ ଶିକ୍ଷା ପାଇଁ ଏକ ବୈଷୟିକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଏବଂ ଜିଏମ୍‌ସିଏଚ୍‌ରେ ଥିବା ରୋଗ ନିରୂପଣ ପରୀକ୍ଷାଗାର ଉନ୍ନତି ଏବଂ ସ୍ୱୀକୃତି କରାଯିବା ପ୍ରଭୃତି ଲକ୍ଷ୍ୟ ହାସଲ କରିବା ପାଇଁ ଏହି ଯୋଜନାରେ ସ୍ଥିର କରାଯାଇଥିଲା ।

ସମୀକ୍ଷାରେ ଦେଖାଗଲା ଯେ ପରିପ୍ରେକ୍ଷଣ ଯୋଜନା ଓଏସ୍‌ଆଇଏଚ୍‌ପି ସହିତ ସୁସଙ୍ଗତ ନଥିଲା କାରଣ ଏଥିରେ ପାଠ୍ୟକ୍ରମର ନବୀକରଣ ଏବଂ ସଂସ୍କାର, ଶିକ୍ଷା ପାଇଁ ଶିକ୍ଷା ଏବଂ ସ୍ନାତକୋତ୍ତର ଛାତ୍ରଙ୍କ ପ୍ରଶିକ୍ଷଣ ପାଇଁ ପ୍ରଶିକ୍ଷଣ ଶାଖା ମଜଭୁତ୍ କରିବା, ଗବେଷଣା ଏବଂ ଉନ୍ନତିକୁ ପ୍ରୋତ୍ସାହନ ଦେବା, ସରକାରୀ ଭେଷଜ ମହାବିଦ୍ୟାଳୟରେ ପାଣ୍ଠି ବିକାଶ ପାଇଁ ସଂସ୍ଥା ଗଠନ କରିବା, ପଢ଼ାଇବା ଏବଂ ପ୍ରଶିକ୍ଷଣ ଦେବା ପାଇଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଗୁଡ଼ିକୁ ସୁଦୃଢ଼ କରିବା ଏବଂ ନୀତି ଓ ବିଶେଷ ଯୋଜନା ପ୍ରସ୍ତୁତ ପାଇଁ ଶାଖା ଗଠନ କରିବା ସବୁ ବିଷୟ ପରିସରଭୁକ୍ତ ନଥିଲା ।

ସୁବିଧା ସୁଯୋଗ ବର୍ଦ୍ଧିତ କରିବା ଲକ୍ଷରେ ଚିକିତ୍ସା ଭବନର ଉପଯୁକ୍ତ ଢାଞ୍ଚା ନିରୂପଣ କରିବା କାର୍ଯ୍ୟ ସରକାର ଏକ ସଂସ୍ଥାକୁ ନ୍ୟସ୍ତ କରିଥିଲେ, ଯେଉଁ ପ୍ରତିବେଦନ 2010ରେ ହସ୍ତଗତ ହୋଇଥିଲା । ମାତ୍ର ଏହାର ସୁପାରିଶ ଗୁଡ଼ିକ କାର୍ଯ୍ୟକାରୀ କରାଯାଇ ନଥିଲା ।

ଭେଷଜ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଦର୍ଶାଇଲେ (ଜୁନ୍ 2015) ଯେ ଆବଶ୍ୟକୀୟ ଭିତ୍ତିଭୂମି, ସାମଗ୍ରୀ ଏବଂ ମାନବ ସମ୍ବଳ ଉପଲବ୍ଧ କାର୍ଯ୍ୟ ସଂପାଦନ ପରେ ହିଁ ଏହି ଜିଏମ୍‌ସିଏଚ୍‌ର ଆସନ ସଂଖ୍ୟା 250କୁ ବୃଦ୍ଧି ଏବଂ ପରୀକ୍ଷାଗାରଗୁଡ଼ିକର ସ୍ୱୀକୃତ କାର୍ଯ୍ୟ ସମୟକ୍ରମେ ହାତକୁ ନିଆଯିବାର ପ୍ରସ୍ତାବ ଥିଲା ।

### 2.1.6.2 ପରିପ୍ରେକ୍ଷଣ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ନହେବା

ସମୀକ୍ଷାରେ ଦେଖାଗଲା ଯେ ପରିପ୍ରେକ୍ଷଣ ଯୋଜନାରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ହାସଲ ହୋଇପାରି ନଥିଲା ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ଓଡ଼ିଶା ଆର୍ଥିକ ସର୍ବେକ୍ଷଣ 2014-15 ଅନୁସାରେ 2009-10 ରେ ପ୍ରତି ଏକ ଲକ୍ଷ ରୋଗୀଙ୍କ ପାଇଁ 11 ଜଣ ଡାକ୍ତର ଥିବା ବେଳେ 2012-13 ରେ ତାହା 10 ଥିଲା ।

- ଏପ୍ରିଲ୍ 2009 ରେ ତିନିଟି ଜିଏମ୍‌ସିଏଚ୍‌ରେ ଉପସ୍ନାତକ ସ୍ତରରେ ଛାତ୍ର ଗ୍ରହଣ କ୍ଷମତା 450 ଥିଲାବେଳେ 31 ମାର୍ଚ୍ଚ 2014 ବେଳକୁ ଏହି କ୍ଷମତା ମାତ୍ର 100 ଅଧିକ ହୋଇଥିଲା । ଭିତ୍ତିଭୂମୀ ନିର୍ମାଣ କାର୍ଯ୍ୟର ମାନଦଣ୍ଡ ଅସମ୍ପୂର୍ଣ୍ଣ ହେତୁ ଏହି ବର୍ଦ୍ଧିତ ଆସନ ସଂଖ୍ୟା ଅଦ୍ୟାବଧି ଭାରତୀୟ ଭେଷଜ ପରିଷଦର ସ୍ୱୀକୃତି ପାଇ ନଥିବାରୁ ଛାତ୍ରମାନଙ୍କ ଭବିଷ୍ୟତ ଅନିଶ୍ଚିତ ଅଛି ।

- ଅନୁରୂପ ଭାବରେ ଏହି ସମୟ ମଧରେ ସ୍ନାତକୋତ୍ତର ସ୍ତରରେ ଆସନ ସଂଖ୍ୟା 275 ରୁ 353କୁ ବୃଦ୍ଧି ହୋଇଥିଲା । ଏହି ଜିଏମ୍‌ସିଏଚ୍‌କୁ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ କେନ୍ଦ୍ର ପ୍ରାୟୋଜିତ ଯୋଜନାରେ ସ୍ନାତକୋତ୍ତର ଆସନ ସଂଖ୍ୟା ବଢ଼ାଇବା ତଥା ନୂଆ ଆସନ ପାଇଁ ପାଣ୍ଠି ପାଇଥିଲେ । କିନ୍ତୁ ଏହାକୁ ବିନିଯୋଗ କରିବାରେ ବିଫଳ ହୋଇଥିଲା ଯାହାକି ***ଅନୁଚ୍ଛେଦ 2.1.11.2*** ରେ ଆଲୋଚିତ ହୋଇଛି ।

- ଏପ୍ରିଲ୍ 2009 ରେ ତିନିଟି ଜିଏମ୍‌ସିଏଚ୍‌ରେ ରୋଗୀ ଶଯ୍ୟା ସଂଖ୍ୟା 2,906 ଥିଲା ବେଳେ ତାହା ମାର୍ଚ୍ଚ 2014 ବେଳକୁ 3,775 (30 ପ୍ରତିଶତ)କୁ ବୃଦ୍ଧି ପାଇଥିଲା । ମାତ୍ର ରୋଗୀମାନଙ୍କ ଶଯ୍ୟା ଅକ୍ତିଆର

ଅନୁପାତ ଭିତ୍ତିରେ ଏହି ବୃଦ୍ଧି ଆବଶ୍ୟକତା ସହିତ ସମନ୍ଵିତ ନଥିଲା ଯାହାକି ***ଅନୁଚ୍ଛେଦ 2.1.10.2*** ରେ ଆଲୋଚନା କରାଯାଇଛି ।

- ଜିଏମ୍‌ସିଏଚ୍‌ରେ ରୋଗ ନିରୂପଣ ପାଇଁ ପରୀକ୍ଷାଗାର ଅଧିସ୍ୱୀକୃତି, ଇ-ଶିକ୍ଷା କେନ୍ଦ୍ର ଏବଂ ଜଟିଳ ଚିକିତ୍ସା ସେବା କେନ୍ଦ୍ର ସ୍ଥାପନା ଲକ୍ଷ୍ୟଗୁଡ଼ିକ ହାସଲ ହୋଇପାରି ନଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ତିନିଟି ଜିଏମ୍‌ସିଏଚ୍‌ରେ ବୃହଦାକାରରେ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା ଏବଂ ଭାରତୀୟ ଭେଷଜ ପରିଷଦ ନୀତି ପ୍ରବର୍ତ୍ତିତ ସର୍ବନିମ୍ନ ଆବଶ୍ୟକତାର ମାନଦଣ୍ଡ ଅନୁସାରେ ଭିତ୍ତିଭୂମି ଏବଂ ମାନବ ସମ୍ବଳ କ୍ଷେତ୍ରରେ ଥିବା ବ୍ୟବଧାନ ଦୂର କରିବା ପାଇଁ ଶିକ୍ଷା ପ୍ରଦାନ ଏବଂ ଅଣଶିକ୍ଷା ପ୍ରଦାନକାରୀ କର୍ମଚାରୀ ନିଯୁକ୍ତ ଅନୁମୋଦନ ହୋଇଥିଲା । କିନ୍ତୁ ଅନେକ ନ୍ୟୁନତା ସମୀକ୍ଷାରେ ଦେଖା ଯାଇଥିଲା ଯାହାକି ***ଅନୁଚ୍ଛେଦ 2.1.7*** ରେ ଆଲୋଚନା କରାଯାଇଛି ।

## 2.1.7 ଭୌତିକ ଭିତ୍ତିଭୂମିର ଉପଲବ୍ଧି

### *2.1.7.1 ଭେଷଜ ମହାବିଦ୍ୟାଳୟଗୁଡ଼ିକରେ ନିର୍ଦ୍ଧାରିତ ଭୌତିକ ଭିତ୍ତିଭୂମି ଉପଲବ୍ଧ ନହେବା*

ଏମ୍‌ଏସ୍‌ଆର୍‌ଆର୍ 1999 ଭିତ୍ତିଭୂମି ଏବଂ ସୁବିଧା ସୁଯୋଗ ନିର୍ଦ୍ଧାରଣ କରିଅଛି । ମାତ୍ର ସମୀକ୍ଷାରେ ଦେଖାଗଲା ଯେ ଭେଷଜ ମହାବିଦ୍ୟାଳୟଗୁଡ଼ିକ ପର୍ଯ୍ୟାପ୍ତ ଭିତ୍ତିଭୂମି ନଥାଇ କାର୍ଯ୍ୟ ସମ୍ପାଦନା କରୁଥିଲା ଯାହାକି ନିମ୍ନରେ ସୂଚିତ କରାଗଲା:

***ସାରଣୀ 2.1.2: ତିନିଟି ଭେଷଜ ମହାବିଦ୍ୟାଳୟରେ ନିର୍ଦ୍ଧାରିତ ଭିତ୍ତିଭୂମିର ଅନୁପଲବ୍ଧତା***

| ଏମ୍‌ଏସ୍‌ଆର୍‌ଆର୍ 1999 ର ଖଣ୍ଡ ଅନୁସାରେ ଭିତ୍ତିଭୂମି | ପରିଲକ୍ଷିତ ଅଭାବ | ପ୍ରଭାବ |
|---|---|---|
| **ଅଧ୍ୟାପନା ପ୍ରକୋଷ୍ଠ :** ଅଧ୍ୟାପନା ଥିଏଟର (ଖଣ୍ଡ-ଏ-1.5) ଶ୍ରବଣ ଓ ଦୃଶ୍ୟମାନ ବ୍ୟବସ୍ଥା ଥାଇ ସାତଟି ଅଧ୍ୟାପନା ଥିଏଟର (ଗୋଟିଏ 650 ଜଣ ଏବଂ ଛଅଟି 300 ଜଣ ବସିବା କ୍ଷମତା) ରହିବା ଉଚିତ୍ | ଏସ୍‌ସିବି ଏମ୍‌ସିଏଚ୍‌ରେ କମ୍ କ୍ଷମତା ଥିବା ଛଅଟି ଅଧ୍ୟାପନା ଥିଏଟର ଥିଲା ଏବଂ କୌଣସି ଥିଏଟରରେ ସ୍ଲାଇଡ୍ ପ୍ରୋଜେକ୍ଟର ଏବଂ ଇଣ୍ଟର୍‌ଆକ୍ଟିଭ୍ ମଲ୍ଟିମିଡିଆ ବୋର୍ଡ/ ପୋଡିୟମର ବ୍ୟବସ୍ଥା ନଥିଲା | ଆଧୁନିକ ପଦ୍ଧତିରେ ଶିକ୍ଷା ପ୍ରଦାନ ଏବଂ ଜ୍ଞାନ ଆହରଣ ସୁନିଶ୍ଚିତ ହୋଇ ପାରି ନଥିଲା |
| **କେନ୍ଦ୍ରୀୟ ଗବେଷଣାଗାର:** (ଖଣ୍ଡ-ଏ-1.17 ଏବଂ ଏ-1.19 ବି) | କୌଣସି ଜିଏମ୍‌ସିଏଚ୍‌ରେ ଉପଲବ୍ଧ ନଥିଲା | ଗୁଣବତ୍ତା ଗବେଷଣା କାର୍ଯ୍ୟର ସୁବିଧା ନଥିଲା |
| **ନିଦାନିକ ଭେଷଜ ବିଜ୍ଞାନ ଶାଖା:** ସରକାରଙ୍କ ନିର୍ଦ୍ଦେଶ (ଜୁନ୍ 2011) | କୌଣସି ଜିଏମ୍‌ସିଏଚ୍‌ରେ ଉପଲବ୍ଧ ନଥିଲା | ରୋଗୀମାନଙ୍କ ଉପରେ ଔଷଧର ପ୍ରତିକୂଳ ପ୍ରତିକ୍ରିୟାକୁ ଦୂର କରିବା ପାଇଁ ନିଦାନିକ ଯାଞ୍ଚ କରାଯାଇ ପାରିନଥିଲା |
| **କେନ୍ଦ୍ରୀୟ ଫଟୋଗ୍ରାଫିକ ଶାଖା:** (ଖଣ୍ଡ-ଏ.1.7) ଷ୍ଟୁଡିଓ, ଅନ୍ଧାର କକ୍ଷ, ଫଟୋକୁ ବଡ଼ କରିବା ଓ ଫଟୋଷ୍ଟାଟ୍ କାର୍ଯ୍ୟର ସୁବିଧା ଥାଇ ଗୋଟିଏ ଲେଖାଏଁ ରହିବା ଉଚିତ୍ | ତିନିଟି ଜିଏମ୍‌ସିଏଚ୍ ମଧ୍ୟରୁ କୌଣସିରେ ମାର୍ଚ୍ଚ 2014 ପର୍ଯ୍ୟନ୍ତ ଉପଲବ୍ଧ ନଥିଲା ଏବଂ ସଂପୃକ୍ତ ଛଅ ଜଣ କର୍ମଚାରୀ କାର୍ଯ୍ୟାଳୟ କାର୍ଯ୍ୟରେ ନିୟୋଜିତ ହୋଇଥିଲେ | ନିଦର୍ଶନର ଫଟୋଗ୍ରାଫି ଦେଖିବାରୁ ଛାତ୍ରଛାତ୍ରୀ ମାନେ ବଞ୍ଚିତ ହେଲେ |
| **କେନ୍ଦ୍ରୀୟ ଜୀବାଣୁନାଶକ ଶାଖା:** (ଖଣ୍ଡ-ବି.2.5): ପ୍ରତିଦିନ କାର୍ଯ୍ୟକ୍ଷମ ରହିବା ପାଇଁ ଉପଯୁକ୍ତ ଯନ୍ତ୍ରପାତି ଏବଂ କର୍ମଚାରୀ ଥାଇ ପ୍ରତ୍ୟେକରେ ଗୋଟିଏ ରହିବା ଉଚିତ୍ | ତିନିଟି ଜିଏମ୍‌ସିଏଚ୍‌ରେ ଏଥିଲିନ୍ ଅକ୍ସାଇଡ୍ ଜୀବାଣୁ ନାଶକ, ଫ୍ରିଅନ୍ ଏଥିଲିନ୍ ଯନ୍ତ୍ର, ଇତ୍ୟାଦି ଉପଲବ୍ଧ ନଥିଲା । | ଯନ୍ତ୍ରପାତି ଗୁଡ଼ିକର ଉପଯୁକ୍ତ ବୀଜାଣୁ ବିଶୋଧନ ସୁନିଶ୍ଚିତ ହୋଇପାରି ନଥିଲା |
| **ପରସ୍ପର ଯୋଗାଯୋଗ ନେଟ୍‌ୱାର୍କ:** (ଖଣ୍ଡ- | 35.75 ଲକ୍ଷ ଟଙ୍କା ବ୍ୟୟରେ | ଉତ୍ତମ ସେବା ଏବଂ ସମନ୍ୱୟନ ପ୍ରଭାବିତ ହୋଇଥିଲା |

| ଏମ୍ଏସ୍ଆର୍ଆର୍ 1999 ର ଖଣ୍ଡ ଅନୁସାରେ ଭିତ୍ତିଭୂମି | ପରିଲକ୍ଷିତ ଅଭାବ | ପ୍ରଭାବ |
|---|---|---|
| ଏ.1.13 ଏବଂ ଏ.1.15): ପେଜିଙ୍ଗ ଏବଂ କ୍ଲିପ୍ ସିଷ୍ଟମ ଥାଇ ଇଣ୍ଟରନେଟ୍ ନେଟୱାର୍କ ରହିବା ଉଚିତ୍ | ଭିଏସ୍ଏସ୍ ଏମସିଏଚ୍‌ରେ ଇଣ୍ଟରକମ୍ ନେଟ୍‌ୱାର୍କ ସ୍ଥାପନ[3] କରାଯାଇଥିଲା ଯାହାକି ଟେଲିକମ୍ କମ୍ପାନୀକୁ ବାକିଥିବା ରାଶି ପୈଠ ନହେବାରୁ ଅଚଳ ହୋଇ ପଡ଼ିରହିଥିଲା | |
| **କେନ୍ଦ୍ରୀୟ ପାଠାଗାର:** (ଖଣ୍ଡ-ଏ.1.4): ଏମ୍ଏସ୍ଆର୍ଆର୍ 1999 ଅନୁଯାୟୀ 250/150 ଛାତ୍ରଛାତ୍ରୀ ବସିବା କ୍ଷମତା ବିଶିଷ୍ଟ | ଯଦିଓ ଆବଶ୍ୟକ ମାତ୍ରାରେ ବହି ଉପଲବ୍ଧ ଥିଲା, ବିଭାଗ ମୁଖ୍ୟ/ ଅଧାପକ/ ଛାତ୍ରଛାତ୍ରୀମାନେ ବ୍ୟକ୍ତ କଲେ ଯେ ସଂଶୋଧିତ ବହି ଉପଲବ୍ଧ ନଥିଲା | ଆଧୁନିକ ସୁବିଧା ଥାଇ ସଂଶୋଧିତ ଜ୍ଞାନ ପାଇବାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଲେ |
| **ଭେଷଜ ସାହିତ୍ୟ ବିଶ୍ଳେଷଣ ଏବଂ ଉଦ୍ଧାର ପ୍ରକ୍ରିୟା** ଏବଂ ସର୍ବନିମ୍ନ 50/40 ନୋଡ ଓ ଇ-ଲାଇବ୍ରାରୀ ସହିତ ଇଣ୍ଟରନେଟ୍ ସୁବିଧା | ଦୁଇଟି[4] ଜିଏମ୍ସିଏଚ୍‌ରେ ପର୍ଯ୍ୟାପ୍ତ ମାତ୍ରାରେ ଜାଗା ନଥିଲା | |
| | ତିନିଟି ଜିଏମ୍ସିଏଚ୍‌ରେ କେନ୍ଦ୍ରୀୟ ପାଠାଗାରରେ ଇଣ୍ଟରନେଟ୍ ଓ ଇ-ଜୋର୍ନାଲ ସବସ୍କ୍ରିପସନର ସୁବିଧା ଥାଇ ଇ-ଲାଇବ୍ରେରୀ ଉପଲବ୍ଧ ନଥିଲା । | |
| ମହାବିଦ୍ୟାଳୟ ଗୁଡ଼ିକର ବିଭିନ୍ନ ବିଭାଗ ପାଇଁ ଯନ୍ତ୍ରପାତି | ତିନିଟି ଜିଏମ୍ସିଏଚ୍‌ରେ ଅଣ-ନିଦାନିକ ବିଭାଗ ଗୁଡ଼ିକରେ ପର୍ଯ୍ୟାପ୍ତ ଯନ୍ତ୍ରପାତି ଉପଲବ୍ଧ ନଥିଲା | ଉପଯୁକ୍ତ ଶିକ୍ଷା ସୁବିଧା ସୁନିଶ୍ଚିତ ହୋଇ ପାରି ନଥିଲା । |

***(ଉତ୍ସ: କଲେଜଗୁଡ଼ିକ ଦେଇଥିବା ତଥ୍ୟ)***

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ କେନ୍ଦ୍ର ପ୍ରାୟୋଜିତ ଯୋଜନାର ପାଣ୍ଠି ବିନିଯୋଗ କରାଯାଇ ବହୁ ବିଷୟ ଗବେଷଣା ଶାଖା ପ୍ରତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ସ୍ଥାପନା କରାଯିବ ଏବଂ କେନ୍ଦ୍ରୀୟ ଜୀବାଣୁଶୋଧନ ଶାଖାଗୁଡ଼ିକରେ ବିଭିନ୍ନ ସାମଗ୍ରୀ ଯୋଗାଇ ଦିଆଯିବ, ପରସ୍ପର ଯୋଗାଯୋଗ (ଇଣ୍ଟରକମ୍) ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରାଯିବ ଏବଂ ଅଧାପକ ଏବଂ ଛାତ୍ର ଆବଶ୍ୟକତା ନିରାକରଣ କରିବା ପାଇଁ ପାଠାଗାରଗୁଡ଼ିକରେ ଉନ୍ନତମାନର ସୁବିଧା ପ୍ରଦାନ କରାଯିବ ।

### *2.1.7.2 ସଂଲଗ୍ନିତ ଚିକିତ୍ସାଳୟମାନଙ୍କରେ ନିର୍ଦ୍ଧାରିତ ଭୌତିକ ଭିତ୍ତିଭୂମି ଓ ସାମଗ୍ରୀ ଉପଲବ୍ଧ ନଥିବା*

ଏମ୍ଏସ୍ଆର୍ଆର୍ 1999 ରେ ସଂଲଗ୍ନିତ ଚିକିତ୍ସାଳୟମାନଙ୍କରେ ପ୍ରତ୍ୟେକ ନିଦାନିକ ବିଭାଗଗୁଡ଼ିକରେ ରୋଗୀ ଏବଂ ସେବା ପ୍ରଦାନକାରୀ କର୍ମଚାରୀମାନଙ୍କ ପାଇଁ ଆବଶ୍ୟକ ସର୍ବନିମ୍ନ ସ୍ଥାନ ବିଷୟ ନିର୍ଦ୍ଧାରଣ କରାଯାଇଛି । ତିନିଟି ଜିଏମ୍ସିଏଚ୍‌ରେ ବିଭିନ୍ନ ଭିତ୍ତିଭୂମିର ଉପଲବ୍ଧିର ନ୍ୟୁନତା ସମୀକ୍ଷାରେ ଦେଖାଯାଇଥିଲା ଯାହାକି ନିମ୍ନରେ ଦର୍ଶାଗଲା :

- ***ଇଣ୍ଟେନସିଭ୍ କେୟାର ୟୁନିଟ୍ (ଆଇସିୟୁ) :*** ତିନିଟି ଜିଏମ୍ସିଏଚ୍‌ର କେନ୍ଦ୍ରୀୟ ଆଶୁଚିକିତ୍ସା ବିଭାଗ ଗୁଡ଼ିକରେ ଆଇସିୟୁ ଏବଂ ଇଣ୍ଟେନସିଭ୍ କରୋନାରି କେୟାର ୟୁନିଟ୍ (ଆଇସିସିୟୁ) ନଥିଲା । ତିନିଟି ଜିଏମ୍ସିଏଚ୍‌ର ସମୁଦାୟ ଶଯ୍ୟା ସଂଖ୍ୟା 3,775 ର ପାଞ୍ଚ ପ୍ରତିଶତ ଅର୍ଥାତ୍ 188 ଆଇସିୟୁ ଶଯ୍ୟା ଆବଶ୍ୟକ ସ୍ଥଳେ ମାତ୍ର 69 (ଦୁଇ ପ୍ରତିଶତ) ଆଇସିୟୁ ଶଯ୍ୟା ଉପଲବ୍ଧ[5] ଥିଲା । ଏମ୍କେସିଜି ଏମ୍ସିଏଚ୍‌ରେ ସ୍ନାୟୁଶଲ୍ୟ ଚିକିତ୍ସା ରୋଗୀ ଏବଂ ଶିଶୁ ରୋଗୀ ମାନଙ୍କ ପାଇଁ ଆଇସିୟୁ ନଥିଲା ଏବଂ

---

[3] ଏସ୍ସିବି ଏମ୍ସିଏଚ୍ (ଜାନୁଆରୀ 2010), ଭିଏସ୍ଏସ୍ ଏମସିଏଚ୍ (ଅଗଷ୍ଟ 2008); ଏମ୍କେସିଜି ଏମ୍ସିଏଚ୍ (ଡିସେମ୍ବର 2005) ରେ ସ୍ଥାପନା କରାଯାଇଥିଲା

[4] ଏସ୍ସିବି ଏମ୍ସିଏଚ୍: 500 ଛାତ୍ରଛାତ୍ରୀ ପରିବର୍ତ୍ତେ 165 ଜଣ ବସିବା ପାଇଁ 4,000 ବର୍ଗମିଟର ସ୍ଥାନ ପରିବର୍ତ୍ତେ 887 ବର୍ଗମିଟର; ଏମ୍କେସିଜି ଏମ୍ସିଏଚ୍: 300 ଛାତ୍ରଛାତ୍ରୀ ପରିବର୍ତ୍ତେ 171 ଜଣ ବସିବା ପାଇଁ 2,400 ବର୍ଗମିଟର ପରିବର୍ତ୍ତେ 931 ବର୍ଗମିଟର

[5] ଏସ୍ସିବି ଏମ୍ସିଏଚ୍: 44, ଭିଏସ୍ଏସ୍ ଏମ୍ସିଏଚ୍: 16 ଏବଂ ଏମକେସିଜି ଏମ୍ସିଏଚ୍: 09

ତିନିଟି ଏମ୍‌ସିଏଚ୍‌ରେ ଯକ୍ଷ୍ମା ରୋଗୀ ଏବଂ ନିଃଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟାଜନିତ ରୋଗୀମାନଙ୍କ ପାଇଁ ଆଇସିୟୁ ନଥିଲା । ଏସସିବି ଏମ୍‌ସିଏଚ୍‌ରେ ଆଇସିୟୁ ସେବା ପାଇଁ ପ୍ରତ୍ୟହ ହାରାହାରି 15 ରୁ 57 ଜଣ ରୋଗୀ ଅପେକ୍ଷା ତାଲିକାରେ ରହୁଥିଲେ । ଏସସିବି ଏମ୍‌ସିଏଚ୍‌ରେ କେନ୍ଦ୍ରୀୟ ଅମ୍ଳଜାନ ଯୋଗାଣ ବ୍ୟବସ୍ଥା ନଥିଲା । 69 ଆଇସିୟୁ ଶଯ୍ୟା ପାଇଁ ମାତ୍ର 36 ଟି କାର୍ଯ୍ୟକ୍ଷମ ଭେଣ୍ଟିଲେଟର ଉପଲବ୍ଧ ଥିଲା । ଏସସିବି ଏମ୍‌ସିଏଚ୍‌ରେ ହୃଦରୋଗ ବିଭାଗର 14 ଶଯ୍ୟା ସଂଖ୍ୟା ପାଇଁ ମାତ୍ର ଦୁଇଟି ଭେଣ୍ଟିଲେଟର ଉପଲବ୍ଧ ଥିଲା ବେଳେ ଶିଶୁ ରୋଗ ବିଭାଗରେ ଆଠଟି ଶଯ୍ୟା ପାଇଁ ଭେଣ୍ଟିଲେଟର ଉପଲବ୍ଧ ନଥିଲା । ଗ୍ୟାସ୍ ପାଇପ୍ ଲାଇନ୍ ନଥିବା ଯୋଗୁଁ ଏମ୍‌କେସିଜି ଏମ୍‌ସିଏଚ୍ ପାଇଁ କିଣା ଯାଇଥିବା (ଜୁନ୍ 2014) ଭେଣ୍ଟିଲେଟରଗୁଡ଼ିକ ସ୍ଥାପିତ ହୋଇପାରି ନଥିଲା (ଏପ୍ରିଲ୍ 2015) ।

- ***ଅପେକ୍ଷାଗୃହ ନଥିବା:*** ଏମ୍‌କେସିଜି ଏମ୍‌ସିଏଚ୍‌ରେ ନିଦାନ ବିଭାଗରେ ରୋଗୀ ଏବଂ ସାଙ୍ଗରେ ଥିବା ବ୍ୟକ୍ତିଙ୍କ ପାଇଁ ଅପେକ୍ଷା ଗୃହ ନଥିବା ବେଳେ ଅନ୍ୟ ଦୁଇଟି ଏମ୍‌ସିଏଚ୍‌ର ପାଞ୍ଚଟି[6] ନିଦାନିକ ବିଭାଗରେ ଏହି ସୁବିଧା ଉପଲବ୍ଧ ନଥିଲା । ଏହି ଚିକିତ୍ସାଳୟ ଗୁଡ଼ିକରେ ବାହ୍ୟ ରୋଗୀ ବାରଣ୍ଡାକୁ ରୋଗୀ ଏବଂ ରୋଗୀଙ୍କ ସାଙ୍ଗରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଅପେକ୍ଷା ଗୃହ ଭାବରେ ବ୍ୟବହାର କରାଯାଇ ଥିଲା ।

- ***ଶଯ୍ୟା ତୁଳନାରେ ଅଧିକା ରୋଗୀ ସଂଖ୍ୟା*** : ଏସ୍‌ସିବି ଏମ୍‌ସିଏଚ୍ ଓ ଚିକିତ୍ସାଳୟର ଛାତି ଓ ଯକ୍ଷ୍ମାରୋଗ ବିଭାଗର ଦୁଇଟି ଶାଖା ଏବଂ ଏହାର ଶଯ୍ୟା ସଂଖ୍ୟା 75 ଥିଲା ଏବଂ ଭେଷଜ ବିଭାଗର ଆଠଟି ଶାଖା ଏବଂ ଏହାର ଶଯ୍ୟା ସଂଖ୍ୟା 340 ବିଶିଷ୍ଟ ଥିଲା ଯାହା ଡାକ୍ତର ରୋଗୀ ଅନୁପାତ ଏବଂ ପ୍ରକୋଷ୍ଠରେ ଗହଳି ହେବା ଦେଖାଯାଇଥିଲା । ଦୁଇଟି ଏମ୍‌ସିଏଚ୍‌ର ଛଅଟି[7] ବିଭାଗରେ ରୋଗୀମାନଙ୍କ ଶଯ୍ୟାଗୁଡ଼ିକ ମଧ୍ୟରେ ବ୍ୟବଧାନ ଏକ ମିଟରରୁ କମ୍ ଥିଲା ।

- ***ଶଯ୍ୟା ସଂଖ୍ୟାରେ ନ୍ୟୁନତା:*** ଭିଏସଏସ୍ ଏମ୍‌ସିଏଚ୍‌ର ଭେଷଜ ବିଭାଗରେ ଚାରିଟି ଶାଖା ଏବଂ 120 ଶଯ୍ୟା ଥିଲା ବେଳେ ଅସ୍ଥିଶଲ୍ୟ ବିଭାଗରେ ଦୁଇଟି ଶାଖା ଓ 60 ଟି ଶଯ୍ୟା ଥିଲା । ଭିଏସ୍‌ଏସ୍ ଓ ଏମକେସିଜି ଏମ୍‌ସିଏଚ୍‌ର ଆଶୁ ଚିକିତ୍ସା ପ୍ରକୋଷ୍ଠରେ ଆବଶ୍ୟକତା ଥିବା 30 ଟି ଶଯ୍ୟା କ୍ଷେତ୍ରରେ ଶଯ୍ୟା ସଂଖ୍ୟା ଯଥାକ୍ରମେ 20 ଏବଂ 10 ଟି ଥିଲା ।

- ***ପରୀକ୍ଷା ଏବଂ ଚିକିତ୍ସା ଗୃହ:*** ଦୁଇଟି ଏମ୍‌ସିଏଚ୍‌ର ଚାରିଟି[8] ନିଦାନିକ ବିଭାଗ ଗୁଡ଼ିକର ୱାର୍ଡ ଗୁଡ଼ିକରେ ଅନ୍ତଃର୍ବାସୀ ରୋଗୀମାନଙ୍କ ପାଇଁ ଏହି ପରୀକ୍ଷା ଏବଂ ଚିକିତ୍ସା ଗୃହ ନଥିଲା । ଦୁଇଟି ଜିଏମ୍‌ସିଏଚ୍‌ର ଦୁଇଟି[9] ବିଭାଗରେ ନିବାସୀ ଡାକ୍ତର ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ କର୍ତ୍ତବ୍ୟ କୋଠରୀ ନଥିଲା ଯାହାଫଳରେ କି ରୋଗୀ ଏବଂ ଚିକିତ୍ସାରେ ନିୟୋଜିତ ଡାକ୍ତରମାନଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଥିଲା ।

- ***ଅସ୍ତ୍ରୋପଚାର ଗୃହ:*** ତିନିଟି ଏମ୍‌ସିଏଚ୍‌ର ଚାରିଟି ନିଦାନିକ ବିଭାଗ[10]ରେ ଅସ୍ତ୍ରୋପଚାର ଗୃହର ଅପେକ୍ଷା କୋଠରୀ ନଥିବାରୁ ରୋଗୀ ଏବଂ ରୋଗୀର ସହଯୋଗୀମାନେ ଅସ୍ତ୍ରୋପ୍ରଚାର ଗୃହର ବାରଣ୍ଡାକୁ ଅପେକ୍ଷା ଗୃହ ଭାବରେ ବ୍ୟବହାର କରୁଥିଲେ । ତିନିଟି ଜିଏମ୍‌ସିଏଚ୍‌ର ଛଅଗୋଟି[11] ବିଭାଗରେ ରୋଗୀମାନଙ୍କ ପାଇଁ ପ୍ରାକ୍ ନିଶ୍ଚେତକ/ ପ୍ରସ୍ତୁତି କୋଠରୀ ସହିତ ଅସ୍ତ୍ରୋପଚାର ରୋଗୀ ପାଇଁ ଶଯ୍ୟା ଉପଲବ୍ଧ ନଥିଲା । ଆହୁରି ମଧ୍ୟ ଅସ୍ତ୍ରୋପଚାର ପରେ ନିର୍ଦ୍ଧାରିତ ଶଯ୍ୟା ଥାଇ ଆରୋଗ୍ୟ ଲାଭ କୋଠରୀ ତିନିଟି

[6] ଏସ୍‌ସିବି ଏମ୍‌ସିଏଚ୍: ଅସ୍ଥିଶଲ୍ୟ, ଚର୍ମ ଏବଂ ଯୌନ ରୋଗ; ଭିଏସ୍‌ଏସ୍ ଏମ୍‌ସିଏଚ୍: ଚକ୍ଷୁ, ଚର୍ମ ଏବଂ ଯୌନ ରୋଗ, ଯକ୍ଷ୍ମା ଏବଂ ଛାତି

[7] ଏମ୍‌କେସିଜି ଏମ୍‌ସିଏଚ୍: ଶିଶୁରୋଗ, ଭେଷଜ, ସାଧାରଣ ଶଲ୍ୟ, ପ୍ରସୂତି ଓ ସ୍ତ୍ରୀରୋଗ; ଭିଏସ୍‌ଏସ୍ ଏମ୍‌ସିଏଚ୍: ଭେଷଜ ଓ ଅସ୍ଥିଶଲ୍ୟ

[8] ଏମ୍‌କେସିଜି ଏମ୍‌ସିଏଚ୍: କର୍ଣ୍ଣ, ନାସା ଓ ଗଳା, ଚର୍ମ; ଭିଏସ୍‌ଏସ୍ ଏମ୍‌ସିଏଚ୍: ଚକ୍ଷୁ, ଅସ୍ଥିଶଲ୍ୟ

[9] ଏମ୍‌କେସିଜି ଏମ୍‌ସିଏଚ୍: ଚର୍ମ ଓ ଯୌନ; ଏସ୍‌ସିବି ଏମ୍‌ସିଏଚ୍: ଭେଷଜ

[10] ଏସ୍‌ସିବି ଏମ୍‌ସିଏଚ୍: ଅସ୍ଥିଶଲ୍ୟ ଓ ଶଲ୍ୟ ବିଭାଗ; ଭିଏସ୍‌ଏସ୍ ଏମ୍‌ସିଏଚ୍: ଅସ୍ଥିଶଲ୍ୟ; ଏମ୍‌କେସିଜି ଏମ୍‌ସିଏଚ୍: ସ୍ତ୍ରୀ ଓ ପ୍ରସୂତୀ

[11] ଏସ୍‌ସିବି ଏମ୍‌ସିଏଚ୍: ଅସ୍ଥି ଶଲ୍ୟ ଓ ଶଲ୍ୟ; ଏମ୍‌କେସିଜି ଏମ୍‌ସିଏଚ୍: କର୍ଣ୍ଣ, ନାସା ଓ ଗଳା, ଶଲ୍ୟ; ଭିଏସ୍‌ଏସ୍ ଏମ୍‌ସିଏଚ୍: ଶଲ୍ୟ, ସ୍ତ୍ରୀ ଓ ପ୍ରସୂତୀ

ଜିଏମ୍‌ସିଏଚ୍‌ର ନଅଟି[12] ବିଭାଗରେ ନଥିଲା। ଏହାବ୍ୟତୀତ ଗୋଟିଏ ସରକାରୀ ଭେଷଜ ମହାବିଦ୍ୟାଳୟ[13]ର ଦୁଇଟି ବିଭାଗର ଅସ୍ତ୍ରୋପଚାର ପ୍ରକୋଷ୍ଠ ପାଇଁ ଜୀବାଣୁ ବିଶୋଧନ ପାଇଁ ସ୍ୱତନ୍ତ୍ର କୋଠରୀ ଉପଲବ୍ଧ ନଥିଲା। ଏମ୍‌କେସିଜି ଏମ୍‌ସିଏଚ୍‌ର ଦୁଇଟି ବିଭାଗ (ସ୍ତ୍ରୀ ଓ ପ୍ରସୂତୀ ଏବଂ ସାଧାରଣ ଶଲ୍ୟ) ରେ ଥିବା ଜୀବାଣୁ ବିଶୋଧନ ସାମଗ୍ରୀ ଅକାମୀ ହୋଇ ପଡ଼ିରହିଥିଲା । ତିନିଟି ଜିଏମ୍‌ସିଏଚ୍‌ର କୌଣସିଟିରେ ନିଦାନିକ ବିଭାଗଗୁଡ଼ିର ଅସ୍ତ୍ରୋପଚାର ଗୃହରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅବଲୋକନ ଗ୍ୟାଲେରୀ ନଥିଲା । ଏଣୁ, ଛାତଛାତ୍ରୀମାନେ ଅସ୍ତ୍ରୋପଚାର କୌଶଳର ବ୍ୟବହାରିକ ଜ୍ଞାନ ଆହରଣ କରିବାରୁ ବଞ୍ଚିତ ହୋଇଥିଲେ ।

- ***କେନ୍ଦ୍ରୀୟ ପରୀକ୍ଷାଗାରରେ ରୋଗ ନିରୂପଣ ସୁବଧା :*** କୌଣସି ଜିଏମ୍‌ସିଏଚ୍‌ରେ ରୋଗ ଅନୁସନ୍ଧାନ ପାଇଁ ସାମୁହିକ ସଂଗ୍ରହ କେନ୍ଦ୍ର ଉପଲବ୍ଧ ନଥିଲା । ଜିଏମ୍‌ସିଏଚ୍‌ର ଆଞ୍ଚଳିକ ରୋଗ ନିରୂପଣ କେନ୍ଦ୍ରରେ କେବଳ ଜୀବ-ରସାୟନ ଏବଂ ରକ୍ତ ପରୀକ୍ଷା କରାଯାଉଥିଲା । ତିନିଟି ଏମ୍‌ସିଏଚ୍‌ରେ ରୋଗ ପ୍ରତିରୋଧକ ନିଦାନ ପରୀକ୍ଷାଗାର ନଥିଲା। ଜିଏମ୍‌ସିଏଚ୍ ନିଦାନିକ ବିଭାଗ ଗୁଡ଼ିକରେ ହିଷ୍ଟୋ ପାଥୋଲୋଜି ଏବଂ ସାଇଟୋ-ପାଥୋଲୋଜି ପରୀକ୍ଷା କରାଯାଉଥିଲା । ଯନ୍ତ୍ରପାତି ତଥା ଉପକରଣ ନଥିବାରୁ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ଥାଇରଏଡ୍ ରୋଗ ପରୀକ୍ଷା ଗୁଡ଼ିକ (ଟି-3, ଟି-4, ଟିଏସ୍‌ଏଚ୍) କରାଯାଇପାରୁ ନଥିଲା । ତିନିଟି ଜିଏମ୍‌ସିଏଚ୍‌ର ପରୀକ୍ଷାଗାରଗୁଡ଼ିକ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ସେବା ଯୋଗାଣକାରୀ ପାଇଁ ଥିବା ଜାତୀୟ ଅନୁବନ୍ଧନ ବୋର୍ଡର ଅନୁବନ୍ଧିତ ହୋଇନଥିଲେ ।

  ସରକାରଙ୍କ ତିନିଟି ଏମ୍‌ସିଏଚ୍‌ରେ ସରକାରୀ-ଘରୋଇ ଭାଗିଦାରୀରେ ଦୃଷ୍ଟାନ୍ତମୂଳକ ରୋଗ ନିରୂପଣ ସୁବିଧା ଅଗଷ୍ଟ 2013 ସୁଦ୍ଧା ସ୍ଥାପନା କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ 28 ଜାନୁୟାରୀ 2013 ରେ ଏଚ୍‌ଏଲ୍‌ଏଲ୍ ଲାଇଫକେୟାର ଲିମିଟେଡ୍ ସହିତ ଏକ ଚୁକ୍ତି କରିଥିଲେ । ପରବର୍ତ୍ତୀ ସମୟରେ ବିଭାଗ ଏହାର ସ୍ଥାପନା ପାଇଁ ନିଲାମ ଡାକି କରିବା ପାଇଁ ସ୍ଥିର କରିଥିଲେ (ଅକ୍ଟୋବର 2013) । ବିଭାଗ ଏହା ସ୍ଥିର କଲା ପରେ ଏହି କାମ ପାଇଁ ନିଲାମ (ଟେଣ୍ଡର) ଡକାଯାଇ ନଥିଲା । ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ପନ୍ଥାର ନିର୍ଣ୍ଣୟରେ ଅନିଶ୍ଚିତତା ଯୋଗୁଁ ରୋଗ ନିରୂପଣ ସୁବିଧା ସୃଷ୍ଟି କରାଯାଇ ପାରି ନଥିଲା ।

- ***ରଞ୍ଜନରଶ୍ମି ବିକିରଣ ଭିତ୍ତିକ ରୋଗ ନିରୂପଣ :*** ଏମ୍‌ଆର୍‌ଆଇ ଏବଂ ଏହାର ସାମଗ୍ରୀ ରଖିବା ପାଇଁ ଭିଏସ୍‌ଏସ୍ ଏବଂ ଏମ୍‌କେସିଜି ଏମ୍‌ସିଏଚ୍‌ରେ କୋଠରୀ ଉପଲବ୍ଧ ନଥିଲା । ଏମ୍‌କେସିଜି ଏମ୍‌ସିଏଚ୍‌ରେ 300 ଏମ୍‌ଏ ଏବଂ 600 ଏମ୍‌ଏ ଏକ୍ସରେ ୟୁନିଟ୍ ଉପଲବ୍ଧ ନଥିଲା । ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ଦୁଇଟି 60 ଏମ୍‌ଏ ଏବଂ ଗୋଟିଏ 500 ଏମ୍‌ଏ ଏକ୍ସରେ ୟୁନିଟର ଅଭାବ ଥିଲା ।

- ***ବିଭିନ୍ନ ବିଭାଗର ସାମଗ୍ରୀ/ ଯନ୍ତ୍ରପାତି :*** ତିନିଟି ଏମ୍‌ସିଏଚ୍‌ର ପାଞ୍ଚଟି ନିଦାନିକ ବିଭାଗଗୁଡ଼ିକରେ (ଶଲ୍ୟ, ଅସ୍ଥି ଶଲ୍ୟ, ସ୍ତ୍ରୀ ଓ ପ୍ରସୂତୀ, କର୍ଣ୍ଣ, ନାସା ଓ ଗଳା ଏବଂ ଚକ୍ଷୁରୋଗ ବିଭାଗ) ବିଭିନ୍ନ ପ୍ରକାର ଯନ୍ତ୍ରପାତି ସାମଗ୍ରୀର ଅନୁପଲବ୍ଧତା ପ୍ରତିଶତ ହାର 17 ରୁ 67 ଥିଲା ।

- ***କେନ୍ଦ୍ରୀୟ ଚିକିତ୍ସାଳୟ ଭଣ୍ଡାର :*** ଔଷଧର ଗୁଣ ଏବଂ ଉପଶମଜନିତ ସାମର୍ଥ୍ୟର କ୍ଷୟକୁ ପ୍ରତିରୋଧ କରିବା ପାଇଁ ଏସ୍‌ସିବି ଏବଂ ଏମ୍‌କେସିଜି ଏମ୍‌ସିଏଚ୍‌ରେ କେନ୍ଦ୍ରୀୟ ଭଣ୍ଡାର ଗୃହ ନଥିବାବେଳେ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ପର୍ଯ୍ୟାପ୍ତ ଯାଗା ନଥିଲା । 2009-14 ମଧ୍ୟରେ ଏହି ଏମ୍‌ସିଏଚ୍‌ଗୁଡ଼ିକରେ 75.17 କୋଟି ଟଙ୍କା ମୂଲ୍ୟର ଔଷଧ ବିକ୍ଷିପ୍ତ ଭାବରେ ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ରଖାଯାଇଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଭବିଷ୍ୟତରେ ଆବଶ୍ୟକତାକୁ ପୂରଣ କରିବା ପାଇଁ ନୂତନ ତଥା ଅତିରିକ୍ତ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ଏବଂ ସଙ୍କଟାପନ୍ନ ରୋଗୀମାନଙ୍କୁ ସେବା ଯୋଗାଇ ଦେବା ପାଇଁ

[12] ଏସ୍‌ସିବି ଏମ୍‌ସିଏଚ୍: କର୍ଣ୍ଣ, ନାସା ଓ ଗଳା, ଅସ୍ଥି ଶଲ୍ୟ ଏବଂ ଶଲ୍ୟ; ଏମ୍‌କେସିଜି ଏମ୍‌ସିଏଚ୍: କର୍ଣ୍ଣ, ନାସା ଓ ଗଳା, ଅସ୍ଥି ଶଲ୍ୟ, ଶଲ୍ୟ, ଚକ୍ଷୁ; ଭିଏସ୍‌ଏସ୍ ଏମ୍‌ସିଏଚ୍: ଶଲ୍ୟ, ସ୍ତ୍ରୀ ଓ ପ୍ରସୂତୀ

[13] ଏସସିବି ଏମ୍‌ସିଏଚ୍: ଶଲ୍ୟ ଏବଂ ଅସ୍ଥି ଶଲ୍ୟ

ଆଇସିୟୁ ସବୁକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଚିକିତ୍ସାଳୟର ଓ୍ୱାର୍ଡ, ଅସ୍ତ୍ରୋପଚାର ଗୃହ ଏବଂ ବର୍ହିଃରୋଗୀ ବିଭାଗରେ ଉପରୋକ୍ତ ସୁବିଧା ସୁଯୋଗ ନଥିବାରୁ ଏବଂ ଆବଶ୍ୟକୀୟ ଆଇସିୟୁ ସୁବିଧା ନଥିବାରୁ ସଙ୍କଟାପୂର୍ଣ୍ଣ ରୋଗୀମାନଙ୍କୁ ଚିକିତ୍ସା ଏବଂ ସେବା ପ୍ରଦାନ କରିବା ଲକ୍ଷ୍ୟ ଅପୂରଣୀୟ ହୋଇ ରହିଥିଲା ଏବଂ ଗୁଣାତ୍ମକ ଚିକିତ୍ସା ସେବା ପ୍ରଦାନକୁ ସୁନିଶ୍ଚିତ କରାଯାଇପାରି ନଥିଲା ।

### *2.1.7.3 ଯନ୍ତ୍ରପାତି ଗୁଡ଼ିକ ବ୍ୟବହାର ନହେବା*

ତିନିଟି ଜିଏମ୍‌ସିଏଚ୍‌ର ବିଭିନ୍ନ ବିଭାଗ ଗୁଡ଼ିକରେ ଜାନୁଆରୀ 2006 ରୁ ମାର୍ଚ୍ଚ 2014 ମଧ୍ୟରେ 3.84 କୋଟି ଟଙ୍କା ମୂଲ୍ୟର କିଣା ଯାଇଥିବା ଏବଂ ସ୍ଥାପିତ ହୋଇଥିବା ବିଭିନ୍ନ ଯନ୍ତ୍ରପାତି ସାମଗ୍ରୀଗୁଡ଼ିକ ମଇ 2014 ସୁଦ୍ଧା ଅକାମୀ ତଥା ଅବ୍ୟବହୃତ ହୋଇ ପଡ଼ି ରହିଥିଲା, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 2.1.1*** ରେ ଦର୍ଶାଯାଇଛି ।

କିଛି ମୁଖ୍ୟ ବିଷୟ ନିମ୍ନରେ ବର୍ଣ୍ଣନା କରାଯାଇଛି:

- ଭିଏସ୍‌ଏସ ଏମ୍‌ସିଏଚ୍‌ରେ 28.11 ଲକ୍ଷ ଟଙ୍କା ବ୍ୟୟରେ ମାମୋଗ୍ରାଫି ଯନ୍ତ୍ର ଅଣାଯାଇ ଲଗାଗଲା (ଅପ୍ରେଲ୍ 2008) । ଏକ୍ସରେ ଫଟୋ ନିମ୍ନମାନର ଥିବାରୁ ଏହାକୁ ବ୍ୟବହାର କରାଯାଇ ପାରିଲା ନାହିଁ, ଯାହାକି ଯୋଗାଣକାରୀଙ୍କୁ ଅର୍ଥ ପ୍ରଦାନ ପୂର୍ବରୁ ଏହି ଯନ୍ତ୍ରକୁ ଉପଯୁକ୍ତ ଭାବରେ ଯାଞ୍ଚ୍ କରାଯାଇ ନଥିବା ସୂଚାଉଥିଲା । ସେହିପରି ଏମ୍‌କେସିଜି ଏମ୍‌ସିଏଚ୍‌ରେ ଗୋଟିଏ ମାମୋଗ୍ରାଫି ଯନ୍ତ୍ର କାର୍ଯ୍ୟକ୍ଷମ ଥିବା ସମୟରେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ବରାଦ ପ୍ରସ୍ତାବ ନଥାଇ ବିଭାଗ 15.99 ଲକ୍ଷ ଟଙ୍କା ବ୍ୟୟରେ ଆଉ ଏକ ଯନ୍ତ୍ର କିଣିଥିଲେ (ମାର୍ଚ୍ଚ 2014) ଯଦ୍ୱାରା କି ଗୋଟିଏ ଯନ୍ତ୍ର ଅବ୍ୟବହୃତ ହୋଇ ପଡ଼ିରହିଥିଲା ।
- ଭିଏସ୍‌ଏସ୍ ଏମ୍‌ସିଏଚ୍‌ର ନିଦାନିକ ବିଭାଗର ବରାଦ ପ୍ରସ୍ତାବ (ଜାନୁଆରୀ 2007) ମୁତାବକ ବିଭାଗ 25.16 ଲକ୍ଷ ଟଙ୍କା ମୂଲ୍ୟରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଥିନ୍‌ଲେୟର କ୍ରୋମାଟୋଗ୍ରାଫି ଯନ୍ତ୍ର କିଣିଥିଲେ (ଜୁନ୍ 2007) । ଏହାର ଆବଶ୍ୟକତା ନଥିବାରୁ ଏହା ବ୍ୟବହୃତ ନ ହୋଇ ପଡ଼ିରହିଥିଲା ।
- ଭିଏସ୍‌ଏସ୍ ଏମ୍‌ସିଏଚ୍‌ର ଶଲ୍ୟ ବିଭାଗ ପାଇଁ ବିନା ବରାଦରେ ଏବଂ ବିଭାଗୀୟ ପ୍ରଫେସର ଏହାର ଆବଶ୍ୟକତା ନଥିବା ଜଣାଇଥିଲେ (ଡିସେମ୍ବର 2013) ମଧ ବିଭାଗ 99.75 ଲକ୍ଷ ଟଙ୍କା ବ୍ୟୟରେ ଅଗ୍ନାଶୟ ଅସ୍ତ୍ରୋପଚାର ପାଇଁ ଏକ କାଭିଟ୍ରନ୍ ଅଲଟ୍ରାସୋନିକ୍ ଆସ୍ପିରେଟର ଯନ୍ତ୍ର ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ ଠାରୁ କିଣିଥିଲେ (ମାର୍ଚ୍ଚ 2014) । ଏହି ସାମଗ୍ରୀଟି ଅବସ୍ଥାପିତ କରାଯାଇ ପାରି ନଥିଲା (ଜୁନ୍ 2015) ।
- ଏଚ୍‌ଆଇଭିର ତ୍ୱରିତ ନିରୂପଣ ପାଇଁ ବିଭାଗ ସେପ୍ଟେମ୍ବର 2011 ରେ 45 ଲକ୍ଷ ଟଙ୍କା ବ୍ୟୟରେ ଏକ ପଲିମରେଜ ଚେନ୍ ରିଆକ୍ସନ୍ ଯନ୍ତ୍ର କିଣିଥିଲେ । ମାତ୍ର ଆନୁଷଙ୍ଗିକ ଉପକରଣ ନଥିବାରୁ ଏବଂ ଏହାର ପରିଚାଳନା ପଦବୀ ପୂରଣ ନହେବାରୁ ଏହି ମେସିନ୍ ସ୍ଥାପନା ହୋଇଥିଲେ ମଧ ବ୍ୟବହୃତ ହେଉନଥିଲା ।

ଏଣୁ, ଆବଶ୍ୟକୀୟ ଭିତ୍ତିଭୂମି, ଆନୁସଙ୍ଗିକ ଉପକରଣ ଏବଂ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା କର୍ମଚାରୀମାନଙ୍କ ଉପଲବ୍ଧ ନଥାଇ ଏବଂ ଆବଶ୍ୟକତାକୁ ଆକଳନ ନକରି ସାମଗ୍ରୀ କ୍ରୟ କରାଯାଇଥିବାରୁ 3.84 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ମାମୋଗ୍ରାଫି ଯନ୍ତ୍ର ବ୍ୟବହାର ହେଉନଥିବା ବିଷୟ ତଦନ୍ତ କରାଯିବ । ଏଚ୍‌ଆଇଭି ପରୀକ୍ଷା ବ୍ୟୟ ବହୁଳ ହୋଇଥିବାରୁ ଏମ୍‌କେସିଜି ଏମ୍‌ସିଏଚ୍‌ରେ କରାଯାଉନଥିଲା ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ଏବଂ ସାମଗ୍ରୀର ବ୍ୟବହାର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## 2.1.8 ମାନବ ସମ୍ବଳ ପରିଚାଳନା

### *2.1.8.1 ଶିକ୍ଷା ପ୍ରଦାନ କାରୀ ଏବଂ ଅଣଶିକ୍ଷା ପ୍ରଦାନ କାରୀ କର୍ମଚାରୀଙ୍କ ଅଭାବ*

ଏମ୍ଏସ୍ଆର୍ଆର୍ 1999 ର ତାଲିକା-II ରେ ପ୍ରତ୍ୟେକ ଭେଷଜ ମହାବିଦ୍ୟାଳୟ ଓ ଏଥିରେ ସଂଲଗ୍ନ ଶିକ୍ଷା ପ୍ରଦାନକାରୀ ଚିକିତ୍ସାଳୟଗୁଡ଼ିକରେ ପାଠ ପଢାଇବା ପାଇଁ (ପ୍ରଫେସର, ସହଯୋଗୀ ପ୍ରଫେସର, ବରିଷ୍ଠ / ଆବାସିକ/ ଅଧ୍ୟାପକ) ଏବଂ ଅଣଶିକ୍ଷା ପ୍ରଦାନକାରୀ କର୍ମଚାରୀମାନଙ୍କ ସଂଖ୍ୟା ନିର୍ଦ୍ଧାରିତ ହୋଇଅଛି । ଏହାର ଅଭାବରେ ଛାତ୍ରମାନଙ୍କ ନାମଲେଖା ଉପରେ ଏମ୍ସିଆଇ କଟକଣା ଜାରି କରିପାରିବେ । ତିନିଟି ଜିଏମ୍ସିଏଚ୍‌ରେ ସମସ୍ତ ଶିକ୍ଷା ପ୍ରଦାନକାରୀ ଓ ଅଣଶିକ୍ଷା ପ୍ରଦାନକାରୀ କର୍ମଚାରୀମାନଙ୍କ ସହିତ ଅସ୍ତ୍ରୋପଚାର ବିଶେଷଜ୍ଞ ଏବଂ ଡାକ୍ତରମାନଙ୍କ ପଦବୀ ସବୁ ପୂରଣ କରିବା ଦାୟିତ୍ୱ ହେଉଛି ବିଭାଗର ।

ତିନିଟି ଏମ୍ସିଏଚ୍‌ରେ ବିଭିନ୍ନ କ୍ଷେତ୍ରରେ ଥିବା ଅନୁମୋଦିତ ପଦବୀ ସଂଖ୍ୟା ଏବଂ ପ୍ରକୃତ ପଦବୀ ଦାୟିତ୍ୱରେ ଥାଇ କାର୍ଯ୍ୟ କରୁଥିବା କର୍ମଚାରୀ ଯଥା ଶିକ୍ଷା ପ୍ରଦାନକାରୀ ଏବଂ ଅଣଶିକ୍ଷା ପ୍ରଦାନକାରୀ କର୍ମଚାରୀ ସହିତ ଅସ୍ତ୍ରୋପଚାର ବିଶେଷଜ୍ଞ/ ଡାକ୍ତର ଏବଂ ଅର୍ଦ୍ଧଡାକ୍ତରୀ କର୍ମଚାରୀମାନଙ୍କ ସଂଖ୍ୟା ଯାଞ୍ଚ କଲା ପରେ ଦେଖାଗଲା ଯେ ବହୁ ସଂଖ୍ୟାରେ ବିଭିନ୍ନ ପଦବୀ ଖାଲି ପଡ଼ିଥିଲା ଯଥା ସହାୟକ ପ୍ରଫେସର (34.84 ପ୍ରତିଶତ), ଚିକିତ୍ସାରତ ଡାକ୍ତର (54.28 ପ୍ରତିଶତ), ନର୍ସିଂ କର୍ମଚାରୀ (28.43 ପ୍ରତିଶତ) ସହିତ ସର୍ବାଧିକ ଚିକିତ୍ସା କାର୍ଯ୍ୟରତ ଭେଷଜ ବିଜ୍ଞାନ ଡାକ୍ତର (54.28 ପ୍ରତିଶତ) ପଦବୀ ଏବଂ ସର୍ବନିମ୍ନ ପ୍ରଫେସର (13.60 ପ୍ରତିଶତ) ପଦବୀ ପୂରଣ ନ ହୋଇ ଖାଲି ପଡ଼ିଥିଲା ଯାହାକି ନିମ୍ନରେ ଦିଆଗଲା ।

***ସାରଣୀ 2.1.3: ଜିଏମ୍ସିଏଚ୍‌ରେ ଖାଲି ଥିବା ଶିକ୍ଷା ପ୍ରଦାନକାରୀ ଏବଂ ଅଣଶିକ୍ଷା ପ୍ରଦାନକାରୀ ପଦବୀ***

| ଶ୍ରେଣୀ | 31 ମାର୍ଚ୍ଚ 2014 ସୁଦ୍ଧା କର୍ମଚାରୀ ମାନଙ୍କ ସ୍ଥିତି | | | ପ୍ରତିଶତ ଖାଲିଥିବା ସଂଖ୍ୟା |
|---|---|---|---|---|
| | ଅନୁମୋଦିତ ପଦବୀ ସଂଖ୍ୟା | ବିଦ୍ୟମାନ କର୍ମଚାରୀ ସଂଖ୍ୟା | ଖାଲି ଥିବା ପଦବୀ | |
| **ଭେଷଜ ମହାବିଦ୍ୟାଳୟ** | | | | |
| ପ୍ରଫେସର | 125 | 108 | 17 | 13.60 |
| ସହଯୋଗୀ ପ୍ରଫେସର | 240 | 202 | 38 | 15.83 |
| ସହାୟକ ପ୍ରଫେସର | 393 | 260 | 133 | 33.84 |
| ଶିକ୍ଷକ /ବରିଷ୍ଠ ଆବାସିକ | 366 | 261 | 105 | 28.68 |
| ଅଣଶିକ୍ଷା ପ୍ରଦାନକାରୀ କର୍ମଚାରୀ[14] | 747 | 472 | 275 | 36.81 |
| **ସଂଲଗ୍ନିତ ଚିକିତ୍ସାଳୟ** | | | | |
| ଡାକ୍ତର/ ଚିକିତ୍ସକ/ ସହାୟକ ପ୍ରଫେସର/ ବରିଷ୍ଠ ଆବାସିକ ଡାକ୍ତର | 210 | 96 | 114 | 54.28 |
| ସେବିକା କର୍ମଚାରୀ | 2363 | 1691 | 672 | 28.43 |
| ଅନ୍ୟ ଅର୍ଦ୍ଧ ଡାକ୍ତରୀ କର୍ମଚାରୀ[15] | 282 | 216 | 66 | 23.40 |

(***ଉତ୍ସ: ସରକାରୀ ଭେଷଜ ମହାବିଦ୍ୟାଳୟଗୁଡିକ ଦ୍ୱାରା ପ୍ରଦତ୍ତ ତଥ୍ୟ***)

ଜିଏମ୍ସିଏଚ୍‌ଦ୍ୱାରା ଖାଲିଥିବା ପଦବୀ ***ପରିଶିଷ୍ଟ 2.1.2*** ରେ ବର୍ଣ୍ଣନା କରାଯାଇଅଛି ।

ଆହୁରି ମଧ୍ୟ ସମୀକ୍ଷାରେ ଦେଖାଗଲା:

- ଏମ୍କେସିଜି ଏମ୍ସିଏଚ୍‌ର ସୁକ୍ଷ୍ମ ଜୀବ ବିଜ୍ଞାନ ଏବଂ ଶରୀର ବିଜ୍ଞାନ କ୍ଷେତ୍ରରେ ସହଯୋଗୀ ପ୍ରଫେସର ପଦବୀ ଦୀର୍ଘ ଏକ ବର୍ଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଖାଲି ପଡ଼ିଥିବା ବେଳେ ଏସ୍ସିବି ଏମ୍ସିଏଚ୍‌ରେ ଶରୀର ବିଜ୍ଞାନ, ଜୀବ ରସାୟନ ଏବଂ ଶରୀର ଗଠନ ବିଜ୍ଞାନ ବିଭାଗରେ ଗୋଟିଏ ଲେଖାଏଁ ସହଯୋଗୀ/ ସହାୟକ ପ୍ରଫେସର ପଦବୀ ଦୀର୍ଘ ଚାରି ବର୍ଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଖାଲି ପଡ଼ିଥିଲା । ଏସ୍ସିବି

---

14 ଟେକନିସିଆନ୍, ଲାବୋରେଟୋରୀ ପରିଚାରକ, ଭଣ୍ଡାର ରକ୍ଷକ, ଇତ୍ୟାଦି

15 ଫାର୍ମାସିଷ୍ଟ, ରେଡିଓଗ୍ରାଫର, ଲାବୋରେଟରୀ ଟେକନିସିଆନ୍, ଅନୁସନ୍ଧାନକାରୀ ଇତ୍ୟାଦି

ଏମ୍‌ସିଏଚ୍‌ର ଦୁଇ ଜଣ ଅଧ୍ୟାପକ ଦୀର୍ଘ 9 ରୁ 11 ବର୍ଷ ଧରି ଅପ୍ରାଧିକୃତ ଭାବେ ଅନୁପସ୍ଥିତ ଥିଲେ ଏବଂ ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଚାଲୁ ରହିଥିଲା । ଛାତ୍ରଛାତ୍ରୀ ସନ୍ତୋଷ ସର୍ବେକ୍ଷଣରୁ ଜଣାପଡିଲାଯେ ଶିକ୍ଷା ପ୍ରଦାନକାରୀ ପଦବୀ ଖାଲିଥିବାରୁ ପାଠ୍ୟକ୍ରମ ଠିକ୍ ସମୟରେ ସଂପୂର୍ଣ୍ଣ ହୋଇପାରି ନଥିଲା ।

- ଫୋରେନ୍‌ସିକ୍ ବିଭାଗରେ ଟେକ୍‌ନିସିଆନ୍ ନଥିବାରୁ ଏସ୍‌ସିବି ଏମ୍‌ସିଏଚ୍‌ରେ ଅଧ୍ୟାପକ ମାନେ ଅତିରିକ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ । ତିନିଟି ଏମ୍‌ସିଏଚ୍‌ର ଅସ୍ଥି ଶଲ୍ୟ ବିଭାଗରେ ସି-ଆର୍‌ମ (ଏକ୍ସ-ରେ) ମେସିନ୍ ଚଳାଇବା ପାଇଁ ଟେକ୍‌ନିସିଆନ୍ ନଥିଲେ ।

- ଶରୀର ଗଠନ ବିଜ୍ଞାନ ବିଷୟ ପାଇଁ ଶବ ଏବଂ ଏହାର ବିଭିନ୍ନ ଅଂଶର ବିଚ୍ଛେଦନ ପ୍ରାଥମିକ ଆବଶ୍ୟକତା ହୋଇଥିଲେ ସୁଦ୍ଧା ଏସ୍‌ସିବି ଓ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ଶବ ବ୍ୟବଚ୍ଛେଦ ପ୍ରକୋଷ୍ଠରେ କେହି ପରିଚାରକ ନଥିବା ବେଳେ ଆବଶ୍ୟକ ହେଉଥିବା ଚାରିଜଣ ପରିଚାରକ ସ୍ଥାନରେ ଏମ୍‌କେସିଜି ଏମ୍‌ସିଏଚ୍‌ରେ ମାତ୍ର ଗୋଟିଏ ପରିଚାରକ ଉପଲବ୍ଧ ଥିଲା ।

- ତିନିଟି ଏମ୍‌ସିଏଚ୍‌ରେ ମାନସିକ ରୋଗ ବିଭାଗରେ ମାନସିକ ରୋଗୀ ସାମାଜିକ କାର୍ଯ୍ୟ କର୍ତ୍ତା ନଥିବାରୁ ରୋଗୀ ସେବା, ଗବେଷଣା କାର୍ଯ୍ୟକ୍ରମ ଏବଂ ମାନସିକ ରୋଗୀମାନଙ୍କ ଚିକିତ୍ସା ପରବର୍ତ୍ତୀ ପୁନଃ ଥଇଥାନ କାର୍ଯ୍ୟ ସବୁ ପ୍ରଭାବିତ ହୋଇଥିଲା ।

- ଏସ୍‌ସିବି ଏବଂ ଏମ୍‌କେସିଜି ଏମ୍‌ସିଏଚ୍‌ର କର୍ଣ୍ଣ, ନାସା ଓ ଗଳା ବିଭାଗରେ ସ୍ପିଚ୍ ଥେରାପିଷ୍ଟ ନଥାଇ କାର୍ଯ୍ୟ ସଂପାଦନ ହେଉଥିବା ବେଳେ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ଚର୍ମ ଓ ଯୌନ ବିଭାଗରେ ଟେକ୍‌ନିସିଆନ୍ ନଥିବାରୁ ଅସ୍ତ୍ରୋପଚାର ଏବଂ ରୋଗ ନିରୂପଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା ।

- ଭାରତୀୟ ଭେଷଜ ପରିଷଦ 2009-14 ମଧ୍ୟରେ ଭେଷଜ ମହାବିଦ୍ୟାଳୟମାନଙ୍କର ତଦାରଖ କରି ଅଧ୍ୟାପକ ଅଭାବ ଥିବା ବିଷୟ ସୂଚାଇ ଥିଲେ ମଧ୍ୟ ଏହି ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ବିଭାଗ କୌଣସି ଫଳପ୍ରଦ ପଦକ୍ଷେପ ନେଇନଥିଲେ ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ନ୍ୟାୟିକ ବାଧା ହେତୁ ସହାୟକ ପ୍ରଫେସର ପଦବୀ ପୂରଣ ପ୍ରଭାବିତ ହୋଇଥିଲା ଏବଂ ପ୍ରଫେସର/ ସହଯୋଗୀ ପ୍ରଫେସର ପଦବୀ ଗୁଡ଼ିକ ପୂରଣ ପାଇଁ ବିଭାଗୀୟ ପଦୋନ୍ନତି କମିଟି ଡାକି ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି । ଅଣଶିକ୍ଷା ପ୍ରଦାନ କର୍ମଚାରୀମାନଙ୍କ ପଦବୀ ଆନୁଷ୍ଠାନିକ ସ୍ତରରେ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଦର୍ଶାଇଥିଲେ ।

### 2.1.8.2 କୌଣସି ବଦଳି ଓ ନିଯୁକ୍ତି ନିୟମର ଅନୁପାଳନ ନ ହେବା

ସାଧାରଣ ପ୍ରଶାସନ ବିଭାଗର ବଦଳି ନିୟମ (ଜୁଲାଇ 1991) ଅନୁଯାୟୀ ଦ୍ୱିତୀୟ ଶ୍ରେଣୀ ଏବଂ ତଦୁର୍ଦ୍ଧ୍ୱ ଅଧିକାରୀମାନଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଜିଲ୍ଲାରେ ଛଅ ବର୍ଷରୁ ଅଧିକ ରହିବା ପାଇଁ ଅନୁମତି ଦିଆଯିବ ନାହିଁ ଏବଂ କୌଣସି ପ୍ରଶାସନିକ କାରଣ କିମ୍ବା ଅତ୍ୟନ୍ତ ଜଟିଳ କ୍ଷେତ୍ରରେ ଲିଖିତ କାରଣ ନଥିଲେ ସାଧାରଣ ଭାବେ ତିନି ବର୍ଷ ପରେ ଜଣେ ଅଧିକାରୀ ବଦଳି ହେବେ । ଆହୁରି ମଧ୍ୟ ଏହି ନିୟମ ଅନୁସାରେ କୌଣସି ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ବଦଳି ପ୍ରସ୍ତାବକୁ କୋହଳ କରିବା ପାଇଁ ସେହି ବିଭାଗ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ବିଚାର ପାଇଁ ପଠାଇବା ଦରକାର ।

ମାତ୍ର ସମୀକ୍ଷାରେ ଦେଖାଗଲା ଯେ:

- ଏମ୍‌କେସିଜି ଏମ୍‌ସିଏଚ୍‌ରେ ପାଞ୍ଚ ଜଣ ପ୍ରଫେସର ଏବଂ ତିନି ଜଣ ସହଯୋଗୀ ପ୍ରଫେସର ଦୀର୍ଘ 25 ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଥିବା ବେଳେ ଏସ୍‌ସିବି ଏମ୍‌ସିଏଚ୍‌ରେ ତିନି ଜଣ ପ୍ରଫେସର 25 ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଥିଲେ।

- ନେଫ୍ରୋଲୋଜି ବିଭାଗର ଜଣେ ପ୍ରଫେସର ଏବଂ ଚକ୍ଷୁରୋଗ ବିଭାଗର ଜଣେ ସହଯୋଗୀ ପ୍ରଫେସରଙ୍କୁ ବଦଳି କରି ଏମ୍‌କେସିଜି ଏମ୍‌ସିଏଚ୍‌ରେ ସ୍ଥାନିତ କରାଯିବା ପରେ ସେମାନେ ସେଠାରେ

ଯଥାକ୍ରମେ ଏକ ବର୍ଷ ଓ ପାଞ୍ଚ ମାସ କାମ କଲେ ଏବଂ ଏସସିବି ଏମ୍‌ସିଏଚ୍‌ରେ ନିୟୋଜିତ କରାଯାଇଥିଲେ ଯଦିଓ ଏମ୍‌କେସିଜି ଏମ୍‌ସିଏଚ୍‌ରେ ନେଫ୍ରୋଲୋଜି ବିଭାଗର ଏହି ପଦବୀ ବହୁଦିନ ଧରି ଖାଲି ରହିଥିଲା । ଏସ୍‌ସିବି ଏମ୍‌ସିଏଚ୍‌ରୁ ଭିଏସ୍‌ଏସ୍ ଏମ୍‌ସିଏଚ୍‌କୁ ସ୍ଥାନାନ୍ତରଣ ପରେ ସେମାନଙ୍କ କର୍ତ୍ତବ୍ୟ ସ୍ଥାନ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ଦେଖାଯାଇଥିଲା । ମାତ୍ର ସେମାନେ ସେଠାରେ କାର୍ଯ୍ୟରେ ଯୋଗ ଦେବା ଦିନରୁ ଏସ୍‌ସିବି ଏମ୍‌ସିଏଚ୍‌ରେ ନିୟୋଜିତ ଥିଲେ । ପୁନଶ୍ଚ, ସଂପୃକ୍ତ ଡାକ୍ତରଙ୍କ ଅନୁରୋଧ ପତ୍ର ଆଧାରରେ ବଦଳି ନିୟୋଜନ କରାଯାଇଥିଲା ଏବଂ ଏହି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କୋହଳ ଅନୁମୋଦନ ସମୀକ୍ଷାକୁ ଦିଆଯାଇଥିବା ନଥିରେ ଉପଲବ୍ଧ ନଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଦଳି କରାଯାଇଥିଲା ଏବଂ ଏଥିପାଇଁ ସରକାର କୌଣସି ନିୟମାବଳୀ ତିଆରି କରିନାହାନ୍ତି । କିନ୍ତୁ ଯେହେତୁ ସାଧାରଣ ପ୍ରଶାସନ ବିଭାଗ ଜୁଲାଇ 1991 ରେ ଏଥିପାଇଁ ନୀତି ତିଆରି କରିଥିଲେ ଏବଂ ରାଜ୍ୟ ସରକାରଙ୍କ ସବୁ ବିଭାଗକୁ ପ୍ରସାର କରିଥିଲେ, ତାହା ଅନୁସରଣ କରାଯିବାର ଥିଲା କିମ୍ବା ଅନୁମୋଦନ ପାଇଁ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିବାର ଥିଲା ।

## 2.1.9 ଶିକ୍ଷା, ପ୍ରଶିକ୍ଷଣ ଏବଂ ଗବେଷଣା

ସରକାରୀ ଭେଷଜ ମହାବିଦ୍ୟାଳୟର ମୌଳିକ କାର୍ଯ୍ୟ ହେଲା ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଇବା । ପାଠ ପଢାଇବା ପାଇଁ ପାଠ୍ୟକ୍ରମ ଓ ବିଷୟବସ୍ତୁ ପ୍ରସ୍ତୁତି ଏବଂ ପରୀକ୍ଷା ପରିଚାଳନା ଅନୁବନ୍ଧିତ ବିଶ୍ୱବିଦ୍ୟାଳୟର ନିୟନ୍ତ୍ରକ ଅଧିକାରୀମାନେ କରିଥାନ୍ତି । ମାତ୍ର ଭେଷଜ ମହାବିଦ୍ୟାଳୟରେ ଶିକ୍ଷା ପ୍ରଦାନ କାର୍ଯ୍ୟଗୁଡ଼ିକର ସଂପୂର୍ଣ୍ଣ ଦାୟିତ୍ୱ ସେହି କଲେଜ ଡିନ୍‌ଙ୍କର ।

### *2.1.9.1 ଏମ୍‌ବିବିଏସ୍ ପାଠ୍ୟକ୍ରମର ନବୀକରଣ ନହେବା*

ଓଏସ୍‌ଆଇଏଚ୍‌ପି 2002 ଅନୁସାରେ ସରକାର, ବିଶ୍ୱବିଦ୍ୟାଳୟ, ବିଶାରଦ ପରିଷଦ ଏବଂ ସଂଗଠନ ଉଚ୍ଚମାନର ଶିକ୍ଷା ପ୍ରଦାନ ଏବଂ ପରୀକ୍ଷା ସଙ୍ଗେ ସଙ୍ଗେ ପାଠ୍ୟ କ୍ରମକୁ ସମାଜ ସଙ୍ଗତ କରିବା, ପାଠ୍ୟ କ୍ରମର ନବୀକରଣ ପାଇଁ ଉପାୟମାନ ହାତକୁ ନେବାର ଥିଲା ।

ସମୀକ୍ଷାରେ ଦେଖାଗଲା ଯେ, ଏସ୍‌ସିବି ଓ ଏମ୍‌କେସିଜି ଏମ୍‌ସିଏଚ୍ ଦ୍ୱୟ ଭାରତୀୟ ଭେଷଜ ପରିଷଦ ଦ୍ୱାରା 1997 ରେ ନିର୍ଦ୍ଧାରିତ ପ୍ରାକ୍ ସ୍ନାତକ ପାଠ୍ୟକ୍ରମକୁ କୌଣସି ପରିବର୍ତ୍ତନ ତଥା ନବୀକରଣ ନକରି 1998 ରୁ ପ୍ରଚଳିତ ହେବା ଠାରୁ ଏହାକୁ ଅନୁସରଣ କରୁଥିବା ବେଳେ ଭିଏସ୍‌ଏସ୍ ଏମ୍‌ସିଏଚ୍ 2012-13 ଠାରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅନୁମୋଦନ କ୍ରମେ ଏହାର ପାଠ୍ୟକ୍ରମର ପରିବର୍ତ୍ତନ କରିଥିଲେ । ପ୍ରାକ୍ ସ୍ନାତକ ପାଠ୍ୟ କ୍ରମର ବିଷୟ ବସ୍ତୁର ପରିବର୍ତ୍ତନ ନକରିବା, ସରକାର/ ବିଦ୍ୟାଳୟ ଗୁଡ଼ିକର ଡାକ୍ତରୀ ଶିକ୍ଷାର ପରିବର୍ତ୍ତିତ ଆବଶ୍ୟକତା ଏବଂ ଅଧୁନାତନ ଦୃଶ୍ୟପଟ୍ଟକୁ ଅଣଦେଖା କରିବାର ସୂଚନା ପ୍ରଦାନ କରୁଥିଲା ।

ପୁନଶ୍ଚ, ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟର 68 ପ୍ରତିଶତ ଅଧାପକମାନେ (233 ରୁ 159) ସମୀକ୍ଷାକୁ ଦେଇଥିବା ସାକ୍ଷାତକାରରେ ଦର୍ଶାଇଥିଲେ ଯେ ପୁରୁଣା ପାଠ୍ୟକ୍ରମ ଅନୁସାରେ ହିଁ ପାଠ ପଢା ଚାଲୁଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଭାରତୀୟ ଭେଷଜ ପରିଷଦର ଅନୁମୋଦନ ବ୍ୟତୀତ ରାଜ୍ୟ/ ବିଶ୍ୱବିଦ୍ୟାଳୟ/ ଅନୁଷ୍ଠାନ ମୁଖ୍ୟ ଚାହିଁଲେ ମଧ ପାଠ୍ୟକ୍ରମ ଓ ବିଷୟବସ୍ତୁର ସଂଶୋଧନ/ ପରିବର୍ତ୍ତନ କରିପାରିବେ ନାହିଁ । ବିଭାଗ ପୁନଶ୍ଚ ଦର୍ଶାଇଲେ ଯେ ଏହି ପରିବର୍ତ୍ତନ ନିକଟ ଭବିଷ୍ୟତରେ ଅନ୍ୱେଷଣ ଏବଂ ଅନ୍ତର୍ଭୁକ୍ତ କରାଯିବ । ଏହି ଉତ୍ତର ପାଠ୍ୟକ୍ରମ ପରିବର୍ତ୍ତନରେ ଥିବା ଅସ୍ୱଷ୍ଟତାକୁ ସୂଚାଉଥିଲା ।

### *2.1.9.2 ଅନୁପଯୁକ୍ତ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ*

ସରକାରୀ ଭେଷଜ ମହାବିଦ୍ୟାଳୟରେ ଶିକ୍ଷା ପ୍ରଦାନରେ ନିମ୍ନଲିଖିତ ଅଭାବ ଥିବା ସମୀକ୍ଷା ପରିଲକ୍ଷିତ କରିଥିଲା:

- 2009 ରୁ 2014 ମସିହା ମଧରେ ତିନିଟି ଭେଷଜ ମହାବିଦ୍ୟାଳୟ 2009 ରେ ଡିଏମ୍‌ଇଟି ଦ୍ୱାରା

ଏମ୍‌ବିବିଏସ୍ ପରୀକ୍ଷା ପାଇଁ ନିର୍ଦ୍ଧାରିତ ଏକ ନିର୍ଦ୍ଦିଷ୍ଟ ତାରିଖରେ ପରୀକ୍ଷା କରାଯାଇଥିଲା । ଶିକ୍ଷା ପ୍ରଦାନକାରୀ କର୍ମଚାରୀଙ୍କ ଅଭାବ ଏବଂ ନିର୍ଦ୍ଦିଷ୍ଟ ସମୟରେ ପାଠ୍ୟକ୍ରମର ବିଷୟ ବସ୍ତୁ ସମ୍ପୂର୍ଣ୍ଣ ନ ହେବା କାରଣରୁ ଏପରି ଘଟିଥିଲା ।

- ପ୍ରତି ସେମିଷ୍ଟାର ସମାପ୍ତି ପରେ ଥରେ ପ୍ରାକ୍ଟିକାଲ୍ ଏବଂ ମୌଖିକ ପରୀକ୍ଷା ଦ୍ୱାରା ବିଦ୍ୟାର୍ଥୀମାନଙ୍କର ପାଠପଢା ପ୍ରଦର୍ଶନର ଆକଳନ କରାଯାଉଥିଲା । ଓଏସ୍‌ଆଇଏଚ୍‌ପିରେ ନିର୍ଦ୍ଧାରିତ ଥିଲେ ମଧ ତିନିଟି ଭେଷଜ ମହାବିଦ୍ୟାଳୟରେ ସେମିନାର, ଗୋଷ୍ଠୀ ଆଲୋଚନା କିମ୍ବା ସମସ୍ୟା ସମାଧାନ କରାଯାଇନଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ତିନିଟି ଭେଷଜ ମହାବିଦ୍ୟାଳୟରେ ପାଠପଢା କାର୍ଯ୍ୟକ୍ରମକୁ ମୂଲ୍ୟାଙ୍କନ ଏବଂ ତଦାରଖ କରିବା ପାଇଁ ଡିଏମ୍‌ଇଟିରେ ଏକ ଶିକ୍ଷା ସେଲ୍ ଗଠନ କରାଯାଇଥିଲା ।

### *2.1.9.3 ସଂଲଗ୍ନିତ ଗ୍ରାମ୍ୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର/ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କର ବ୍ୟବହାରିକ ଜ୍ଞାନ ଆହରଣ କରିବାରେ ନ୍ୟୁନତା*

ଏମ୍‌ଏସ୍‌ଆର୍‌ଆର୍ 1999 ଏବଂ ଓଏସ୍‌ଆଇଏଚ୍‌ପି 2002 ଅନୁଯାୟୀ ପ୍ରତ୍ୟେକ ଭେଷଜ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସେବାରେ ପ୍ରଶିକ୍ଷଣ ଦେବା ପାଇଁ କାର୍ଯ୍ୟରତ ଶିକ୍ଷକମାନଙ୍କ ସହିତ ଗୋଟିଏ ଗ୍ରାମ୍ୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର, ଗୋଟିଏ ସହରାଞ୍ଚଳ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର ଓ ତିନିଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ରହିବା ଉଚିତ୍ ।

ସମୀକ୍ଷା ଅବଲୋକନ କଲା ଯେ:

- ତୃତୀୟ , ଚତୁର୍ଥ ଏବଂ ଷଷ୍ଠ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ବର୍ଷରେ 72 ଦିନ[16] ପାଇଁ ଗ୍ରାମ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର/ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ଅଛି । ଛାତ୍ରଛାତ୍ରୀମାନଙ୍କୁ ଏମ୍‌ସିଏଚ୍ ତରଫରୁ ପ୍ରଶିକ୍ଷଣ କେନ୍ଦ୍ରକୁ ଯିବା ଆସିବା ପାଇଁ ପର୍ଯ୍ୟାପ୍ତ ପରିବହନ ବ୍ୟବସ୍ଥା ଯୋଗାଇଦେବା ଦରକାର । 2009 ରୁ 2014 ମଧ୍ୟରେ ଏମକେସିଜି ଏମ୍‌ସିଏଚ୍ 360 ଦିନ (72 x 5 ବର୍ଷ) ରୁ ମାତ୍ର 65 ଦିନ (ଗ୍ରାମ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରଶିକ୍ଷଣ ପାଇଁ 33 ଦିନ ଏବଂ ସହରାଞ୍ଚଳ ପ୍ରଶିକ୍ଷଣ କେନ୍ଦ୍ର ପାଇଁ 32 ଦିନ) ପ୍ରଶିକ୍ଷଣ ପାଇଁ ପରିବହନ ବ୍ୟବସ୍ଥାର ବନ୍ଦୋବସ୍ତ କରିଥିଲେ ଏବଂ ଭିଏସ୍‌ଏସ ଏମ୍‌ସିଏଚ୍‌ରେ ମାତ୍ର 13 ଦିନ ପାଇଁ ପରିବହନ ବ୍ୟବସ୍ଥା ଯୋଗାଇ ଦିଆଯାଇଥିବା ବେଳେ ଏସ୍‌ସିବି ଏମ୍‌ସିଏଚ୍‌ରେ ଛାତଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପାଇଁ କେବଳ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବହନ ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା । ସମୀକ୍ଷା ଦ୍ୱାରା କରାଯାଇଥିବା ପ୍ରଶ୍ନର ଉତ୍ତର ଜରିଆରେ ତିନିଟି ଭେଷଜ ମହାବିଦ୍ୟାଳୟର 249 ରୁ 123 ଜଣ (49 ପ୍ରତିଶତ) ବିଦ୍ୟାର୍ଥୀ କହିଥିଲେ ଯେ ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ଗ୍ରାମ୍ୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରକୁ ନିଆଯାଇନଥିଲା । ଏହା ବିଦ୍ୟାର୍ଥୀମାନେ ପ୍ରଶିକ୍ଷଣ ପାଇବାରୁ ବଞ୍ଚିତ ହେବାର ସୂଚନା ଦେଇଥିଲା ।
- ଦୁଇଟି ଗ୍ରାମ୍ୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର (ଅତାବିରା ଏବଂ ଦିଗପହଣ୍ଡି) ଶ୍ରେଣୀ ଗୃହରେ ଶବ୍ଦ-ଦୃଶ୍ୟର ସୁବିଧା ନ ଥିଲାବେଳେ ଅତାବିରା ଗ୍ରାମ୍ୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ଏକ୍ସରେ ଏବଂ ଇସିଜି ଭଳି ରୋଗ ନିରୀକ୍ଷଣ ପରୀକ୍ଷା, ସୁବିଧା ନଥିଲା ସେହିପରି ବୁର୍ଲା ସହରାଞ୍ଚଳ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ନିଦାନ ପରୀକ୍ଷା, ଛୋଟ ଅସ୍ତ୍ରୋପଚାର ଏବଂ ରୋଗୀ ମାନଙ୍କ ପାଇଁ ଶଯ୍ୟାର ବ୍ୟବସ୍ଥା ନଥିଲା ।
- ଏମ୍‌ଏସ୍‌ଆର୍‌ଆର୍ 1999 ଅନୁସାରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର/ ସହରାଞ୍ଚଳ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର ଗୁଡିକରେ ନିର୍ଦ୍ଧାରିତ କର୍ମଚାରୀ ନଥିଲେ । ଦିଗପହଣ୍ଡି ଏବଂ ଅତାବିରା ଗ୍ରାମ୍ୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ସହାୟକ ପ୍ରଫେସର, ମହିଳା ଡାକ୍ତର ଅଧିକାରୀ ଏବଂ ସହାୟକ ଅସ୍ତ୍ରୋପଚାର ବିଶେଷଜ୍ଞ ଭଳି ପ୍ରଧାନ ପଦବୀ ଗୁଡିକ ଖାଲି ପଡିଥିଲା । 2009 ରୁ 2014 ମଧ୍ୟରେ ସବୁ ଶ୍ରେଣୀର ଅନୁମୋଦିତ/ ସଂଖ୍ୟାର ପଦବୀ ଠାରୁ ଗ୍ରାମ୍ୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର ଦିଗପହଣ୍ଡିରେ 48 ପ୍ରତିଶତ, ଜଗତସିଂହପୁରରେ 34

---

16 ପ୍ରତ୍ୟେକ ଚାରି ସପ୍ତାହ ପାଇଁ ଅର୍ଥାତ୍ (12 x 6 ଦିନ ରବିବାର ବ୍ୟତୀତ)

ପ୍ରତିଶତ ଏବଂ ଅତାବିରାରେ 63 ପ୍ରତିଶତ ପଦବୀ ଖାଲି ପଡିଥିଲା । ଆଙ୍କୁଲି ଏବଂ ବୁର୍ଲାର ସହରାଞ୍ଚଳ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରର ମହିଳା ଡାକ୍ତର ଅଧିକାରୀ ପଦବୀ 2009 ମସିହାରୁ ଖାଲି ପଡିଥିଲା ବେଳେ ଆଙ୍କୁଲିରେ ଭେଷଜ ସାମାଜିକ କର୍ମଚାରୀ ପଦବୀ 2009 ରୁ ପୁରଣ ହୋଇନଥିଲା । ବୁର୍ଲା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ପଦବୀ ସେଥିରେ କାର୍ଯ୍ୟରତ କର୍ମଚାରୀଙ୍କ ଅବସର ପରେ ନଭେମ୍ବର 2012 ମସିହାରୁ ପୂରଣ ନହୋଇ ଖାଲି ପଡିରହିଥିଲା ।

ତେଣୁ ପର୍ଯ୍ୟାପ୍ତ ଯନ୍ତ୍ରପାତି ଏବଂ ମାନବ ସମ୍ବଳ ଉପଲବ୍ଧ ନଥିବାରୁ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନରେ ଗୁଣବତ୍ତା ସୁନିଶ୍ଚିତ କରାଯାଇପାରି ନଥିଲା । 2009-10 ରେ ଏମସିଆଇ ସେହିପରି ଅଭାବ ଥିବା ସଂକେତ ଦେଇଥିଲେ ମଧ ପଦବୀ ପୂରଣ ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା ଏବଂ ଭିଏସ୍ଏସ୍ ଓ ଏମ୍କେସିଜି ଏମ୍ସିଏଚ୍ ଅଧିନରେ ଥିବା ଗ୍ରାମୀଣ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର/ ସହରାଞ୍ଚଳ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରର ଯୁଗ୍ମ ସରଜମିନ ତଦନ୍ତ ବେଳେ (ଜୁନ-ଜୁଲାଇ 2014) ସେହି ଅଭାବ ଥିବା ପରିଲକ୍ଷିତ ହୋଇଥିଲା ।

ଯନ୍ତ୍ରପାତି ଓ ଶିକ୍ଷା ପ୍ରଦାନକାରୀ ତଥା ଓ ଅଣଶିକ୍ଷା ପ୍ରଦାନକାରୀ ପଦବୀ ପୂରଣ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବିଭାଗ ପ୍ରତିଶ୍ରୁତି ଦେଇଥିଲେ (ଜୁନ୍ 2015) ।

### *2.1.9.4 ଛାତ୍ରଛାତ୍ରୀମାନଙ୍କୁ ରୋଗୀସେବା କାର୍ଯ୍ୟ ସହିତ ପରିଚିତ କରାଇବାରେ ଅଭାବ*

ଏମ୍ଏସ୍ଆର୍ଆର 1999 ର ଖଣ୍ଡ ବି-1.7 ଅନୁସାରେ ପ୍ରତ୍ୟେକ ବିଦ୍ୟାର୍ଥୀ ବହିଃରୋଗୀ ବିଭାଗରେ ଦିନକୁ ଆଠଟି ରୋଗୀ ଦେଖିବେ ।

ସମୀକ୍ଷାରେ ଅବଲୋକନ ହେଲା ଯେ ଏସ୍ସିବି ଏମ୍ସିଏଚ୍ରେ ଛାତ୍ରଛାତ୍ରୀ ଓ ରୋଗୀର ଅନୁପାତ 1:12, ଭିଏସ୍ଏସ୍ ଏମ୍ସିଏଚ୍ରେ ଏହାର ଅନୁପାତ 1:4 ଏବଂ ଏମ୍କେସିଜି ଏମ୍ସିଏଚ୍ରେ ଏହା 1:7 ଥିଲା । ଏଣୁ ଭିଏସ୍ଏସ୍ ଏବଂ ଏମ୍କେସିଜି ଏମ୍ସିଏଚ୍ରେ ଏହି କମ୍ ରୋଗୀ ହେତୁ ପାଠ ପଢାଇବା ପାଇଁ ନିଦାନିକ ସାମଗ୍ରୀ ଉପଲବ୍ଧ ନଥିଲା ଏବଂ ଛାତ୍ରଛାତ୍ରୀମାନଙ୍କୁ ରୋଗୀସେବା କାର୍ଯ୍ୟସହିତ ଉପଯୁକ୍ତ ଭାବରେ ପରିଚିତ ନକରିବାର ସୂଚନା ଦେଇଥିଲା ।

ବିଭାଗ ଦର୍ଶାଇଲେ (ଜୁନ୍ 2015) ଯେ ତିନିଟି ଜିଏମ୍ସିଏଚ୍ରେ ଭିତ୍ତିଭୂମିର ସୁବିଧା, ଉଚ୍ଚ କ୍ଷମତାମାନ ସମ୍ପନ୍ନ ସାମଗ୍ରୀ/ ଯନ୍ତ୍ରପାତି ଥିବାହେତୁ ରୋଗୀମାନଙ୍କର ଆସିବା ବହୁ ମାତ୍ରାରେ ବଢିଥିଲା ଏବଂ ଭିଏସ୍ଏସ୍ ଏମ୍ସିଏଚ୍ରେ ଏହା ମଧ ବଢିବା ଆଶା କରାଯାଉଥିଲା ।

### *2.1.9.5 ଅପର୍ଯ୍ୟାପ୍ତ ଅଧାପକ ଉନ୍ନତି କାର୍ଯ୍ୟକ୍ରମ ଏବଂ ଗବେଷଣା କାର୍ଯକଳାପ ପର୍ଯ୍ୟାପ୍ତ ନଥିଲା*

ଓଏସ୍ଆଇଏଚ୍ପି 2002 ର ଅନୁଚ୍ଛେଦ 5.8 ଅନୁଯାୟୀ ଗବେଷଣା କାର୍ଯ୍ୟକ୍ରମ ପ୍ରୋତ୍ସାହନ ଆବଶ୍ୟକ କରେ । ଏମ୍ଏସ୍ଆର୍ଆର୍ 1999 ର ତାଲିକା-I, ଖଣ୍ଡ ଏ 1.11 ଭେଷଜ ମହାବିଦ୍ୟାଳୟରେ ଅଧାପକମାନଙ୍କ ମାନ ଉନ୍ନତି ପାଇଁ ଭେଷଜ ଶିକ୍ଷା ଶାଖା ପ୍ରତିଷ୍ଠା କରିବା ଏବଂ ପାଠ ପଢାଇବା ତଥା ପ୍ରଶିକ୍ଷଣ ପାଇଁ ସମ୍ବଳର ବ୍ୟବସ୍ଥା କରିବା ବିଷୟ ଦର୍ଶାଯାଇଛି । ପ୍ରତ୍ୟେକ ଭେଷଜ ଶିକ୍ଷା ଶାଖା ପ୍ରତି ବର୍ଷରେ ଦୁଇଟି ଭେଷଜ ଶିକ୍ଷା ପ୍ରଯୁକ୍ତି ବିଜ୍ଞାନ ଉପରେ କାର୍ଯ୍ୟଶାଳା କରିବାର ଆବଶ୍ୟକତା ଥିଲା । ଏହାସହ ପ୍ରତ୍ୟେକ ଅଧାପକ ପାଞ୍ଚ ବର୍ଷରେ ଅନ୍ୟୁନ ଗୋଟିଏ ଥର ପ୍ରଶିକ୍ଷଣ ନେବା ଦରକାର ଥିଲା ।

ସମୀକ୍ଷା ପରିଲକ୍ଷିତ କଲା ଯେ:

- ***ଅଧାପକମାନଙ୍କୁ ପ୍ରଶିକ୍ଷଣ :*** ଏସ୍ସିବି ଏମ୍ସିଏଚ୍ରେ ଭେଷଜ ଶିକ୍ଷା ବିଷୟକ ଶାଖା କାର୍ଯ୍ୟକ୍ଷମ ଥିଲା ଏବଂ ଭିଏସ୍ଏସ୍ ଏବଂ ଏମ୍କେସିଜି ଏମ୍ସିଏଚ୍ରେ ଏହା ଯଥାକ୍ରମେ ମଇ 2012 ଏବଂ ଜାନୁଆରୀ 2013 ରେ ସ୍ଥାପନ କରାଯାଇଥିଲା । ଏହି ଦୁଇଟି ଭେଷଜ ଶିକ୍ଷା ଶାଖାରେ ଛଅ ଜଣ ସହାୟକ କର୍ମଚାରୀଙ୍କ ଆବଶ୍ୟକତା ଥିଲା ବେଳେ ମାତ୍ର ଜଣେ କର୍ମଚାରୀ ଯୋଗାଇ ଦିଆଯାଇଥିଲା । ଭିଏସ୍ଏସ୍ ଏମ୍ସିଏଚ୍ର ଏହି ଶାଖା 2012 ରୁ 2014 ମଧରେ ମାତ୍ର ଦୁଇ ଥର କାର୍ଯ୍ୟଶାଳା ସଂଗଠିତ କରିଥିବା ବେଳେ ଏମ୍କେସିଜି ଏମ୍ସିଏଚ୍ ମାର୍ଚ୍ଚ 2014 ସୁଦ୍ଧା କୌଣସି କାର୍ଯ୍ୟଶାଳାର ଆୟୋଜନ କରି ନଥିଲେ । ଏହା

ବ୍ୟତୀତ ଏହି ତିନିଟି ଜିଏମ୍‌ସିଏଚ୍‌ର 231 ଜଣ ଅଧ୍ୟାପକଙ୍କୁ 2009 ରୁ 2014 ମଧ୍ୟରେ ତାଲିମ ପ୍ରଦାନ କରାଯାଇଥିଲା ।

- ***ଗବେଷଣା କାର୍ଯ୍ୟକ୍ରମ :*** 2009 ରୁ 2014 ମଧ୍ୟରେ ଏହି ତିନିଟି ଜିଏମ୍‌ସିଏଚ୍‌ର 436 ଜଣ ଅଧ୍ୟାପକଙ୍କ ମଧ୍ୟରୁ 167 ଜଣ (38 ପ୍ରତିଶତ) 433 ଟି ଗବେଷଣା ପ୍ରକଳ୍ପ ହାତକୁ ନେଇଥିଲେ । ରାଜ୍ୟ ସରକାର ମାତ୍ର 12 ଟି ପ୍ରକଳ୍ପ (3 ପ୍ରତିଶତ) ପ୍ରାୟୋଜିତ କରିଥିଲା ବେଳେ 433 ରୁ 389 ଟି ପ୍ରକଳ୍ପ (90 ପ୍ରତିଶତ) ଗବେଷଣା କୌଣସି ପ୍ରାୟୋଜିତ ନ ହୋଇ ହାତକୁ ନିଆଯାଇଥିଲା, ଯାହାକି ସରକାରଙ୍କ ଗବେଷଣା କାର୍ଯ୍ୟକ୍ରମ ପ୍ରତି ପର୍ଯ୍ୟାପ୍ତ ପ୍ରୋତ୍ସାହନ ନଥିବା ସୂଚାଇଥିଲା ।

ବିଭାଗ ଦର୍ଶାଇଲେ (ଜୁନ୍ 2015) ଯେ ଭେଷଜ ଶିକ୍ଷା ଶାଖାକୁ ଦୃଢୀଭୂତ କରିବା ପାଇଁ ସହାୟକ କର୍ମଚାରୀ ଯୋଗାଇବା ପାଇଁ ଏବଂ ପାଠ ପଢାଇବା ପଦ୍ଧତି, ତାଲିମ ସୂଚୀ ପ୍ରଭୃତିକୁ ତଦାରଖ କରିବା ପାଇଁ ଭେଷଜ ଶିକ୍ଷା ସେଲ୍ ଗଠନ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଆହୁରି ମଧ୍ୟ ତିନିଟି ଜିଏମ୍‌ସିଏଚ୍‌ରେ ବହୁ ବିଦ୍ୟା ଗବେଷଣା ଶାଖା ସ୍ଥାପନା କରିବା ପ୍ରସ୍ତୁତି ପଥରେ ଅଛି ।

### 2.1.10 ରୋଗୀ ସେବାର ମାନ

ସରକାରୀ ଭେଷଜ ମହାବିଦ୍ୟାଳୟର ସଂଲଗ୍ନ ଚିକିତ୍ସାଳୟଗୁଡ଼ିକ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ତାଲିମ ସ୍ଥଳ ହୋଇଥିବା ବେଳେ ସେଗୁଡ଼ିକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଦାୟୀ ଅଟନ୍ତି ।

ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ପରିଲକ୍ଷିତ ତ୍ରୁଟିବିଚ୍ୟୁତି ନିମ୍ନ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଗଲା ।

### *2.1.10.1 ବର୍ହିଃରୋଗୀଙ୍କ ଭିଡ଼ ଏବଂ ଅଧିକ ସମୟ ଅପେକ୍ଷା*

ଭାରତୀୟ ମାନଦଣ୍ଡ (ଆଇ ଏସ୍) 13808 (ଚିକିତ୍ସାଳୟ ସେବାର ଗୁଣାତ୍ମକ ପରିଚାଳନା) ରେ ଗୋଟିଏ ଡାକ୍ତର ଦିନକୁ 45 ଜଣ ରୋଗୀଙ୍କୁ ଦେଖିବା ପାଇଁ ନିର୍ଦ୍ଧାରିତ ହୋଇଛି । ବର୍ହିଃରୋଗୀ ବିଭାଗରେ ଅଳ୍ପ ସଂଖ୍ୟକ ଡାକ୍ତର ନିୟୋଜିତ ହେଲେ ଡାକ୍ତରମାନେ ଚାପର ସମ୍ମୁଖୀନ ହୋଇଥାନ୍ତି । ତତ୍‌ସହିତ ରୋଗୀମାନଙ୍କ ପାଇଁ ଅପେକ୍ଷାର ସମୟ ମଧ୍ୟ ବଢିଥାଏ ।

ସମୀକ୍ଷାରେ ସବୁ ଜିଏମ୍‌ସିଏଚ୍‌ରେ ବର୍ହିଃରୋଗୀମାନଙ୍କ ସଂଖ୍ୟା ପରୀକ୍ଷାରୁ ଦେଖାଗଲା ଯେ ଏସ୍‌ସିବି ଏମ୍‌ସିଏଚ୍‌ର ପାଞ୍ଚଟି[17] ଏବଂ ଏମ୍‌କେସିଜି ଏମ୍‌ସିଏଚ୍‌ର ଗୋଟିଏ ନିଦାନିକ ବିଭାଗର ବର୍ହିଃରୋଗୀ ବିଭାଗରେ ନିର୍ଦ୍ଧାରିତ ମାନଦଣ୍ଡରୁ ଅଧିକା ଯଥା ଗୋଟିଏ ଡାକ୍ତର ହାରାହାରି 61 ରୁ 106 ରୋଗୀ ଦେଖୁଥିଲେ । ଏହି ବର୍ହିଃରୋଗୀ ବିଭାଗରେ ଡାକ୍ତରଙ୍କ ପରାମର୍ଶ ପାଇଁ ରୋଗୀମାନେ ଦୀର୍ଘ 4 ଘଣ୍ଟା 36 ମିନିଟ୍‌ରୁ 8 ଘଣ୍ଟା 12 ମିନିଟ୍ ସମୟ ଅପେକ୍ଷା କରୁଥିଲେ ଏବଂ ଏସ୍‌ସିବି ଏମ୍‌ସିଏଚ୍‌ର ସ୍ନାୟୁ ବର୍ହିଃରୋଗୀ ବିଭାଗରେ ଏହି ଅପେକ୍ଷା ସମୟ ସବୁଠାରୁ ବେଶୀ (8 ଘଣ୍ଟା 12 ମିନିଟ୍) ଥିଲା ।

### *2.1.10.2 ଅନ୍ତଃରୋଗୀ ସଂଖ୍ୟା ଏବଂ ଶଯ୍ୟା ଦଖଲ ପ୍ରତିହାର*

ଏମ୍‌ଏସ୍‌ଆର୍‌ଆର୍ 1999 ର ଖଣ୍ଡ ବି 1.1 ଏବଂ ବି 1.8 ଅନୁସାରେ ସର୍ବନିମ୍ନ ଶଯ୍ୟା ଦଖଲ ହାର ଯଥାକ୍ରମେ 75 ପ୍ରତିଶତ ଏବଂ 80 ପ୍ରତିଶତ ହେବା ଉଚିତ୍ । ଭାରତୀୟ ମାନଦଣ୍ଡ 13808 ଅନୁସାରେ ଶଯ୍ୟା ଦଖଲ ହାର ଶତକଡ଼ା 90 ଭାଗରୁ ଅଧିକ ହେବା ଉଚିତ ନୁହେଁ । ଅଧିକ ଶଯ୍ୟା ଦଖଲ ହାର ଆନ୍ତଃରୋଗୀମାନଙ୍କ ଅଧିକ ପରିମାଣକୁ ସୂଚାଇଥାଏ ।



*ଏସ୍‌ସିବି ଏମ୍‌ସିଏଚ୍‌ର ନେଫ୍ରୋଲୋଜି ବିଭାଗରେ ଚଟାଣ ଉପରେ ରୋଗୀମାନେ ରହିଛନ୍ତି*

17 ଏସ୍‌ସିବି ଏମ୍‌ସିଏଚ୍: ଭେଷଜ: 98, ଚର୍ମ ଏବଂ ଯୌନ ରୋଗ: 78, ସ୍ତ୍ରୀ ଓ ପ୍ରସୂତୀ: 77, ସ୍ନାୟୁ: 106, ଅସ୍ଥିଶଲ୍ୟ: 61; ଏମ୍‌କେସିଜି ଏମ୍‌ସିଏଚ୍: ଭେଷଜ: 88

ସମୀକ୍ଷା ଅବଲୋକନ କଲା ଯେ 2009-14 ବର୍ଷ ମଧ୍ୟରେ ଏସ୍‌ସିବି ଏମ୍‌ସିଏଚ୍‌ରେ ଶଯ୍ୟାଦଖଲ ହାର 97 ରୁ 122 ଥିଲା ଯାହା ଅନ୍ୟ ଦୁଇଟି ଜିଏମ୍‌ସିଏଚ୍‌ରେ ନିର୍ଦ୍ଧାରିତ ସୀମାଠାରୁ ନିମ୍ନରେ ଥିଲା । 2009-14 ମଧ୍ୟରେ ତିନିଟି ଜିଏମ୍‌ସିଏଚ୍‌ର ନମୁନା ଯାଞ୍ଚ 11 ଟି ବିଭାଗର ଶଯ୍ୟାଦଖଲ ହାର ଯାଞ୍ଚରୁ ସମୀକ୍ଷା ପରିଲକ୍ଷିତ କଲା ଯେ:

- ଏସ୍‌ସିବି ଏମ୍‌ସିଏଚ୍‌ର ନମୁନା ଯାଞ୍ଚ ହୋଇଥିବା ସମସ୍ତ 11ଟି ବିଭାଗ, ଭିଏସ୍‌ଏସ୍ ଏମ୍‌ସିଏଚ୍‌ର ଚାରିଟି ବିଭାଗ[18] ଏବଂ ଏମ୍‌କେସିଜି ଏମ୍‌ସିଏଚ୍‌ର ଛଅଟି ବିଭାଗ[19]ରେ 75 ରୁ ଅଧିକ ଶଯ୍ୟାଦଖଲ ହାର ଏବଂ ଏହା ସହିତ ଏମ୍‌କେସିଜି ଏମ୍‌ସିଏଚ୍‌ର ଅସ୍ଥି ଶଲ୍ୟ ବିଭାଗରେ ସର୍ବାଧିକ (215) ଥିଲା ।

- 2009-14 ରେ ଏସ୍‌ସିବି ଏମ୍‌ସିଏଚ୍‌ର ନମୁନା ଯାଞ୍ଚ ହୋଇଥିବା 11 ଟି ବିଭାଗରେ ଶଯ୍ୟା ଦଖଲ ହାର 97 ଏବଂ 122 ରେ ଥିବାବେଳେ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ତାହା ବୃଦ୍ଧି ପାଇ ଭେଷଜରେ 103 ରୁ 126, ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ 96 ରୁ 150, ଅସ୍ଥିଶଲ୍ୟ ବିଭାଗରେ 86 ରୁ 129, ହୃଦ୍‌ରୋଗ ବିଭାଗରେ 68 ରୁ 84 ଏବଂ ଯକ୍ଷ୍ମା ଓ ରେସ୍ପିରେଟୋରୀରେ ବିଭାଗରେ 27 ରୁ 45 ପ୍ରତିଶତ ଏବଂ ଏମ୍‌କେସିଜି ଏମ୍‌ସିଏଚ୍‌ର ଅସ୍ଥିଶଲ୍ୟ ବିଭାଗରେ 149 ରୁ 182 ଏବଂ ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ 109 ରୁ 128 ପ୍ରତିଶତ ଥିଲା ।

ଶଯ୍ୟା ଦଖଲ ହାର ଅଧିକ ସତ୍ତ୍ୱେ, ଶଯ୍ୟା ସଂଖ୍ୟା ବୃଦ୍ଧି, ଅନ୍ୟାନ୍ୟ ଭିତ୍ତି ଭୂମି ଓ ସମ୍ବଳ ଇତ୍ୟାଦି ବୃଦ୍ଧି କରିବା ପାଇଁ କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିଲେ ଏବଂ ଜନଗହଳିପୂର୍ଣ୍ଣ ଓ୍ୱାର୍ଡମାନଙ୍କରେ ରୋଗୀମାନଙ୍କୁ ଚଟାଣରେ ଚିକିତ୍ସା କରୁଥିଲେ ।

### *2.1.10.3 ରାସ୍ତା ଦୁର୍ଘଟଣାରେ ଶିକାର ଲୋକଙ୍କୁ ଜରୁରୀ କାଳିନ ସେବା ପ୍ରଦାନରେ ହେଳା*

ମାର୍ଚ୍ଚ 2012ରେ ସମାପ୍ତ ବର୍ଷ ପାଇଁ ସମୀକ୍ଷା ପ୍ରତିବେଦନ (ସାମାନ୍ୟ ଏବଂ ସାମାଜିକ କ୍ଷେତ୍ର)ର ଅନୁଚ୍ଛେଦ 3.3 ରେ ଉଲ୍ଲେଖ ଅଛି ଯେ ପୁର୍ତ୍ତ ନିର୍ମାଣ କାର୍ଯ୍ୟ ସମାପ୍ତି, ଯନ୍ତ୍ରପାତି କ୍ରୟରେ ବିଳମ୍ବ ଏବଂ ପ୍ରଶିକ୍ଷିତ ମାନବ ସମ୍ବଳର ଅଭାବରୁ ଏସ୍‌ସିବି ଏବଂ ଏମ୍‌କେସିଜି ଏମ୍‌ସିଏଚ୍‌ରେ ଟ୍ରମା କେୟାର ସେଣ୍ଟର (ଟିସିସି) କାର୍ଯ୍ୟକ୍ଷମ ନଥିଲା ।

ପୁନଶ୍ଚ, ନଥିପତ୍ର ସମୀକ୍ଷାରୁ ଜଣାଗଲା ଯେ ଯେତେବେଳେ ରାସ୍ତା ଦୁର୍ଘଟଣା ରୋଗୀଙ୍କୁ ଜରୁରୀ କାଳିନ ସେବା ପାଇଁ ନିର୍ଦ୍ଦିଷ୍ଟ ଟ୍ରମା କେୟାର ସେଣ୍ଟର ଏସ୍‌ସିବି ଏମ୍‌ସିଏଚ୍‌ରେ କାର୍ଯ୍ୟ କରୁଥିଲା ଏବଂ ତାହା ଏମ୍‌କେସିଜି ଏମ୍‌ସିଏଚ୍‌ରେ 2.04 କୋଟି[20]ଟଙ୍କା ଏବଂ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ 1.50[21] କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ମୁଖ୍ୟତଃ ବିଶେଷଜ୍ଞ ଏବଂ ଡାକ୍ତର ମୁତୟନ ନହେବା ଏବଂ ଯନ୍ତ୍ରପାତି କ୍ରୟ ନହେବା ହେତୁ କାର୍ଯ୍ୟକ୍ଷମ ହୋଇପାରି ନଥିଲା (ଅପ୍ରେଲ 2015) ।

ଉକ୍ତ କେନ୍ଦ୍ରର ଅଭାବରେ ଦୁର୍ଘଟଣା ଗ୍ରସ୍ତ ଲୋକମାନେ କାଜୁଆଲଟି ଏବଂ ସଂପୃକ୍ତ ବିଭାଗଗୁଡ଼ିକରେ ଚିକିତ୍ସିତ ହେଉଥିଲେ । 2011-14 ରେ ଏମ୍‌କେସିଜି ଏମ୍‌ସିଏଚ୍‌ରେ 1.00 କୋଟି ଟଙ୍କା ମୂଲ୍ୟରେ ସାଜସରଞ୍ଜାମ ଏବଂ ଯନ୍ତ୍ରପାତି କ୍ରୟ କରାଯାଇଥିଲା ଏବଂ ଉପଯୋଗିତା ପାଇଁ ଚିକିତ୍ସାଳୟର ବିଭାଗ ଗୁଡ଼ିକୁ ଯୋଗାଇ ଦିଆଯାଇଥିଲା । ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ 2009-14 ବର୍ଷ ମଧ୍ୟରେ 0.66 କୋଟି ଟଙ୍କା ମୂଲ୍ୟର ସାଜ ସରଞ୍ଜାମ କ୍ରୟ କରାଯାଇଥିଲେ ସୁଦ୍ଧା କେନ୍ଦ୍ରୀୟ ଭଣ୍ଡାର ଗୃହ/ ଟ୍ରମା କେୟାର ସେଣ୍ଟରରେ ପ୍ୟାକ୍ ଅବସ୍ଥାରେ ପଡ଼ିରହିଥିଲା । କ୍ରୟ ସାଜ ସରଞ୍ଜାମ ଏବଂ ନିର୍ମିତ କୋଠା ଅକାମୀ ଥିବାରୁ ସମୁଦାୟ 3.54 କୋଟି ଟଙ୍କା ଅବରୁଦ୍ଧ ହୋଇ ରହିଥିଲା ଏବଂ

---

[18] ଭେଷଜ (126), ଅସ୍ଥିଶଲ୍ୟ (129), ସ୍ତ୍ରୀ ରୋଗ ଓ ପ୍ରସୂତୀ (150) ଏବଂ ହୃଦ୍ ରୋଗ (84)

[19] ଭେଷଜ (99), ଯକ୍ଷ୍ମା ଓ ଛାତି (81), ସାଧାରଣ ଅସ୍ତ୍ରୋପଚାର (97), ଶଲ୍ୟ (215), ଚକ୍ଷୁ (86), ସ୍ତ୍ରୀ ରୋଗ ଓ ପ୍ରସୂତି (128)

[20] ଏମ୍‌କେସିଜି ଏମ୍‌ସିଏଚ୍: 2.04 କୋଟି ଟଙ୍କା (କୋଠାଘର: 0. 80 କୋଟି ଟଙ୍କା; ଆମ୍ବୁଲାନ୍‌ସ: 0.11 କୋଟି ଟଙ୍କା; ଯନ୍ତ୍ରପାତି: 1.01 କୋଟି ଟଙ୍କା; ଯୋଗାଯୋଗ: 0.01 କୋଟି ଟଙ୍କା; ଲୋକବଳ: 0.11 କୋଟି ଟଙ୍କା)

[21] ଭିଏସ୍‌ଏସ୍ ଏମ୍‌ସିଏଚ୍: 1.50 କୋଟି ଟଙ୍କା (କୋଠାଘର: 0.63 କୋଟି ଟଙ୍କା; ଯନ୍ତ୍ରପାତି:0.66 କୋଟି ଟଙ୍କା; ଆମ୍ବୁଲାନ୍‌ସ: 0.20 କୋଟି ଟଙ୍କା; ଯୋଗାଯୋଗ: 0.01 କୋଟି ଟଙ୍କା)

ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଟ୍ରମା କେୟାର ସେଣ୍ଟର ଜରିଆରେ ଜରୁରୀକାଳୀନ ସେବା ପ୍ରଦାନର ଉଦ୍ଦେଶ୍ୟ ଦୁଇଟି ଏମ୍‌ସିଏଚ୍‌ରେ ଅସମ୍ପୂର୍ଣ୍ଣ ରହିଗଲା ।

ଭେଷଜ ମହାବିଦ୍ୟାଳୟ ଏବଂ ଟ୍ରମା କେୟାର ସେଣ୍ଟରରେ ମୁତୟନ ହେବାକୁ ଥିବା ଅଧାପକ ଏବଂ ଶଲ୍ୟ ଚିକିତ୍ସକଙ୍କ ବେତନ ତାରତମ୍ୟରେ ସୁଧାର ଆଣି ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ଟ୍ରମା କେୟାର ସେଣ୍ଟରକୁ କାର୍ଯ୍ୟକ୍ଷମ କରାଯିବ ବୋଲି ବିଭାଗ ପ୍ରତିଶ୍ରୁତି ଦେଇଥିଲେ (ଜୁନ୍ 2015) ।

### *2.1.10.4 ସୁପର ସ୍ପେସିଆଲିଟି ବିଭାଗ ଗୁଡ଼ିକର ସ୍ୱଳ୍ପ କାର୍ଯ୍ୟକାରିତା*

ସୁପର ସ୍ପେସିଆଲିଟି ବିଭାଗ ଗୁଡ଼ିକରେ ହୃଦ୍‌ରୋଗ, ସ୍ନାୟୁ, ନେଫ୍ରୋଲୋଜି, ହିପାଟୋଲୋଜି ବିଭାଗ ଗୁଡ଼ିକ ଅନ୍ତର୍ଭୁକ୍ତ ଯାହାକି ବିଶେଷଜ୍ଞ ଚିକିତ୍ସା କ୍ଷେତ୍ରରେ ସ୍ନାତୋକତ୍ତର ଶିକ୍ଷା ପ୍ରଦାନ କରନ୍ତି । ଏମ୍‌ସିଆଇ ମାନଦଣ୍ଡ ଅନୁସାରେ ଏହିଭଳି ସୁପର ସ୍ପେସିଆଲିଟି ବିଭାଗ ପ୍ରତ୍ୟେକ ୟୁନିଟ[22]ରେ ଜଣେ ପ୍ରଫେସର, ଜଣେ ସହଯୋଗୀ ପ୍ରଫେସର ଏବଂ ଜଣେ ସହାୟକ ପ୍ରଫେସର ଆବଶ୍ୟକ । ଏହାଛଡ଼ା ପ୍ରତି ୟୁନିଟରେ ଶଯ୍ୟା ସଂଖ୍ୟା 20 ରୁ କମ୍ ଏବଂ 30 ରୁ ଅଧିକ ହେବା ଉଚିତ୍ ନୁହେଁ ଏବଂ ଉପକରଣଯୁକ୍ତ ଏବଂ ସମୟୋପଯୋଗୀ ଆଇସିୟୁ ଆଣିବା ବାଞ୍ଛନୀୟ । ସ୍ୱତନ୍ତ୍ର ଚିକିତ୍ସା ପାଇଁ ଆବଶ୍ୟକ ଭିତ୍ତିଭୂମି/ ଯନ୍ତ୍ରପାତିର ବ୍ୟବସ୍ଥା ଥିବା ଦରକାର ।

ତିନିଟି ଏମ୍‌ସିଏଚ୍‌ରେ ସୁପର ସ୍ପେସିଆଲିଟି ବିଭାଗଗୁଡ଼ିକର ସ୍ନାୟୁ, ନେଫ୍ରୋଲୋଜି ଏବଂ କାର୍ଡିଓଲୋଜି ସହିତ ଏସ୍‌ସିବି ଏମ୍‌ସିଏଚ୍‌ର ହିପାଟୋଲୋଜି ବିଭାଗର ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ଏହି ସୁପର ସ୍ପେସିଆଲିଟି ବିଭାଗଗୁଡ଼ିକ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି, ମାନବସମ୍ବଳ ଏବଂ ସାଜ ସରଞ୍ଜାମ ଉପଲବ୍ଧ ନଥିଲା ଯାହା ନିମ୍ନରେ ଆଲୋଚନା କରାଗଲା:

- ଏମ୍‌ସିଆଇ ମାନଦଣ୍ଡ ଅନୁସାରେ ଏହିପରି ସୁପର ସ୍ପେସିଆଲିଟି ବିଭାଗର ପ୍ରତ୍ୟେକ ୟୁନିଟ[23]ରେ ଜଣେ ପ୍ରଫେସର, ଜଣେ ସହଯୋଗୀ ପ୍ରଫେସର ଏବଂ ଜଣେ ସହାୟକ ପ୍ରଫେସର ସ୍ଥଳେ ଏମ୍‌କେସିଜି ଏମ୍‌ସିଏଚ୍‌ରେ ସ୍ନାୟୁ ବିଭାଗରେ କେବଳ ଜଣେ ସହାୟକ ପ୍ରଫେସର ଏବଂ ଜଣେ ବରିଷ୍ଠ ନିବାସୀ ଡାକ୍ତର କାର୍ଯ୍ୟରତ ଥିଲେ ଏବଂ ନେଫ୍ରୋଲୋଜି ବିଭାଗରେ ଜଣେ ଠିକା ପ୍ରଫେସର କାର୍ଯ୍ୟରତ ଥିଲେ । ଭିଏସ୍‌ଏସ୍ ଏମସିଏଚ୍‌ର ସ୍ନାୟୁ ବିଭାଗରେ ଜଣେ ପ୍ରଫେସର ଏବଂ ଜଣେ ନିବାସୀ ଡାକ୍ତର କାର୍ଯ୍ୟରତ ଥିଲେ ।

- ସ୍ନାୟୁ ରୋଗୀ ପାଇଁ ସ୍ୱାଧୀନ ଅନ୍ତରୋଗୀ ୱାର୍ଡ ଏମକେସିଜି ଏବଂ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ନଥିଲା ଏବଂ ସେହି ରୋଗୀମାନଙ୍କ ପାଇଁ ତିନିଟି ଜିଏମ୍‌ସିଏଚ୍ ମଧ୍ୟରୁ କୌଣସି ଗୋଟିକରେ ମଧ୍ୟ ଆଇସିୟୁ ଉପଲବ୍ଧ ନଥିଲା ଯେଉଁଥିପାଇଁ ସେମାନେ ଭେଷଜ ୱାର୍ଡର ଶଯ୍ୟାରେ ଚିକିତ୍ସିତ ହେଉଥିଲେ ।

- ଏମ୍‌କେସିଜି ଏମ୍‌ସିଏଚ୍ (13) ଏବଂ ଭିଏସ୍‌ଏସ୍ ଏମ୍‌ସିଏଚ୍ (14)ର ନେଫ୍ରୋଲୋଜି ବିଭାଗ ଗୁଡ଼ିକରେ ଉପଲବ୍ଧ ରୋଗୀ ଶଯ୍ୟା ଏମ୍‌ସିଆଇ ଦ୍ୱାରା ନିର୍ଦ୍ଧାରିତ ପ୍ରତି ୟୁନିଟ ପାଇଁ ଶଯ୍ୟା ସଂଖ୍ୟା 20 ରୁ କମ୍ ଥିଲା ଯେତେବେଳେ ଏସସିବି ଏମ୍‌ସିଏଚ୍‌ରେ (33) ତାହା ନିର୍ଦ୍ଧାରିତ ଶଯ୍ୟା ସଂଖ୍ୟାରୁ (30) ଅଧିକ ଥିଲା । ଯଦିଓ ଗୋଟିଏ ଜିଏମ୍‌ସିଏଚ୍‌ର ଅନୁରୋଧ ଏବଂ ଏମ୍‌ସିଆଇର ସୁପାରିଶ କ୍ରମେ ତିନିଟି ଜିଏମ୍‌ସିଏଚ୍‌ର ସ୍ନାୟୁ ବିଭାଗରେ ଅନ୍ୟ ଏକ ୟୁନିଟ୍ ସ୍ଥାପନ କରିବାର ଥିଲା, ବିଭାଗ ଦ୍ୱାରା ଦୁଇଟି ଜିଏମ୍‌ସିଏଚ୍‌ରେ ତାହା ଅନୁମୋଦିତ ହୋଇ ନଥିଲା (ମାର୍ଚ୍ଚ 2015) ।

- ଏସ୍‌ସିବି ଏମ୍‌ସିଏଚ୍‌ର ସ୍ନାୟୁ ବିଭାଗରେ ନିଦ୍ରାରେ ପରିବର୍ତ୍ତନର ନିରୂପଣ ନିମନ୍ତେ ସିଜର[24] ଏବଂ ସିଡୋ ସିଜରର ସନ୍ଧାନ ପାଇଁ ଆବଶ୍ୟକ ପୋଲିସୋମ୍ନୋଗ୍ରାଫି ମେସିନ୍ ଉପଲବ୍ଧ ନଥିବାରୁ ଉତ୍ତମ ରୋଗୀ ସେବା ନିଶ୍ଚିତ କରାଯାଇ ପାରି ନଥିଲା । ସଂପୃକ୍ତ ବିଭାଗୀୟ ମୁଖ୍ୟ ବ୍ୟକ୍ତ କଲେ ଯେ ଯଦିଓ

---

22 ସର୍ବନିମ୍ନ 20 ଟି ଶଯ୍ୟା ଓ ସର୍ବାଧିକ 30 ଟି ଶଯ୍ୟା

23 ସର୍ବନିମ୍ନ 20 ଟି ଶଯ୍ୟା ଓ ସର୍ବାଧିକ 30 ଟି ଶଯ୍ୟା

24 ହଠାତ୍ ଅଚେତ୍ ହୋଇପଡ଼ିଯିବା

ସପ୍ତାହକୁ ହାରାହାରି 10 ରୁ 15 ଜଣ ସ୍ନାୟୁଗତ ରୋଗୀ ପରୀକ୍ଷା ପାଇଁ ଆସୁଥିଲେ, ସେଥିପାଇଁ ଆବଶ୍ୟକ ଏମ୍ଆରଆଇ ଯନ୍ତ୍ର ଦୁଇଟି ଜିଏମ୍ସିଏଚ୍‌ରେ ଉପଲବ୍ଧ ନଥିଲା ।

- ଏସସିବି ଏମ୍ସିଏଚ୍‌ରେ ବିଭାଗୀୟ ମୁଖ୍ୟ ବ୍ୟକ୍ତ କଲେ ଯେ ସମସ୍ତ 21 ଟି ଡାଇଲିସିସ୍ ମେସିନକୁ ଚଳାଇବା ପାଇଁ ଆବଶ୍ୟକ ରିଭର୍ସ ଅସ୍‌ମୋସିସ୍ ପ୍ଲାଣ୍ଟ ପର୍ଯ୍ୟାପ୍ତ ନଥିଲା ଯେତେବେଳେ ଭିଏସ୍ଏସ୍ ଏମ୍ସିଏଚ୍‌ରେ 2,000 ଲିଟର କ୍ଷମତା ବିଶିଷ୍ଟ ଅସ୍‌ମୋସିସ୍ ପ୍ଲାଣ୍ଟ ଆବଶ୍ୟକ ଥିବାସ୍ଥଳେ 500 ଲିଟର କ୍ଷମତା ବିଶିଷ୍ଟ ରିଭର୍ସ ଅସ୍‌ମୋସିସ୍ ପ୍ଲାଣ୍ଟ ଥିଲା । ଯଦିଓ ଭିଏସ୍ଏସ୍ ଏମସିଏଚ୍ ସପ୍ତାହକୁ ଡାଇଲିସିସର ସମସ୍ତ ସାଇକେଲ୍ ସଂପୂର୍ଣ୍ଣ ଏବଂ ନିୟମିତ ରୋଗୀମାନଙ୍କର ସେବା ଉଦ୍ଦେଶ୍ୟରେ 20ଟି ଡାଇଲିସିସ୍ ମେସିନ୍ ଚାହିଁଥିଲେ ବିଭାଗ ତାହା ଯୋଗାଇ ନଥିଲେ ଏବଂ ଉପଲବ୍ଧ ପାଞ୍ଚଟି ମଧ୍ୟରୁ ତିନିଟି ମେସିନ୍ କାର୍ଯ୍ୟ କରୁଥିଲା ।

- ଏସସିବି ଏମ୍ସିଏଚ୍‌ର ହେପାଟୋଲୋଜି ବିଭାଗରେ ଫାଇବ୍ରୋସିସ୍, ହେପାଟାଇଟିସ୍, ଯକୃତ କର୍କଟ, ଲିଭର ସିରୋସିସ୍ ସଂଧାନ କରିବା ପାଇଁ ଆବଶ୍ୟକ ଥିବା ଫିବ୍ରୋସ୍କାନ ଉପଲବ୍ଧ ନଥିଲା । ରୋଗୀମାନେ ଏହି ପରୀକ୍ଷଣ ଗୁଡ଼ିକ ପାଇଁ ବାହ୍ୟ ରୋଗ ନିଦାନ କେନ୍ଦ୍ର ଗୁଡ଼ିକ ଉପରେ ନିର୍ଭର କରୁଥିଲେ । କମନ ବାଇଲ ଡକ୍ଟ (ସିବିଡି) ଷ୍ଟୋନ୍, ଜିଆଇ ଟ୍ରାକ୍ଟ କ୍ୟାନସର ଏବଂ ରକ୍ତସ୍ରାବ ମାମଲାରେ ଚିକିତ୍ସାରେ ଆବଶ୍ୟକ ଥିବା ସି-ଆର୍ମ ଲାଡଲର ଉପଲବ୍ଧ ନଥିଲା ଏବଂ ଏହି ସେବା ରୋଗୀମାନଙ୍କୁ ଯୋଗାଇ ଦିଆଯାଉ ନଥିଲା ।

- ଏମ୍‌କେସିଜି ଏମ୍ସିଏଚ୍‌ର ହୃଦ୍‌ରୋଗ ବିଭାଗରେ 10 ଶଯ୍ୟା ବିଶିଷ୍ଟ ଆଇସିୟୁ ଚଳାଇବା ପାଇଁ ପ୍ରାପ୍ତ ହୋଇଥିବା ଇକୋକାର୍ଡିଓଗ୍ରାଫି ମେସିନ୍ ଏବଂ ନର୍ସିଂ ଷ୍ଟେସନ୍ ଆବଶ୍ୟକ ପ୍ରାୟୋଗିକ ମାନବସମ୍ବଳ ଏବଂ ଭିତ୍ତିଭୂମି ଅଭାବରୁ ଦୁଇବର୍ଷ ହେଲା ଅକାମୀ ହୋଇ ପଡ଼ିରହିଥିଲା ।

- ଏମକେସିଜି ଏମ୍ସିଏଚ୍ ଏବଂ ଭିଏସ୍ଏସ୍ ଏମ୍ସିଏଚ୍ ରେ କାର୍ଡିଓ ଥୋରାସିକ୍ ଏବଂ ଭାସ୍କୁଲାର ସର୍ଜରୀ (ସିଟିଭିଏସ୍) ବିଭାଗ ଅଭାବରୁ ସଙ୍କଟମୟ ରୋଗୀମାନେ ହାଇରିସ୍କ ଏଞ୍ଜିଓପ୍ଲାଷ୍ଟି ଆବଶ୍ୟକ କରୁଥିବା ବାଇପାସ୍ ବ୍ୟାକ୍‌ଅପ୍, ମିଟ୍ରାଲ୍ ବେଲଭୋଟୋମି ଇତ୍ୟାଦି ଆବଶ୍ୟକୀୟ ଅବଲମ୍ବନ ଉପଲବ୍ଧ ନଥିଲା ଏବଂ ସେମାନଙ୍କୁ ଏସସିବି ଏମସିଏଚ୍ ଏବଂ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ଅଧିନରେ ଥିବା ମାନ୍ୟତାପ୍ରାପ୍ତ କେନ୍ଦ୍ରଗୁଡ଼ିକୁ ପଠାଇ ଦିଆଯାଉଥିଲା ।

- ପ୍ରଚଳିତ ଲ୍ୟାବ୍ ଏବଂ ଇକୋକାର୍ଡିଓଗ୍ରାଫ୍ ମେସିନ୍‌ର ଅଚଳାବସ୍ଥାରେ ବ୍ୟବହାର ପାଇଁ ଲାଇଭ୍ 3ଡି ସୁବିଧା ଥାଇ ଅତିରିକ୍ତ କାର୍ଡିଆକ କାଥଲ୍ୟାବ୍ ଏସ୍‌ସିବି ଏମ୍ସିଏଚ୍‌ରେ ଉପଲବ୍ଧ ନଥିଲା ବେଳେ ହୃଦ୍‌ରୋଗ ଏବଂ ଏରିଥ୍ମିଆଁ ନିରୂପଣ କରିବା ପାଇଁ ଡେଡିକେଟେଡ୍ ହୋଲଟର ମନିଟର ଭିଏସ୍ଏସ୍ ଏମ୍ସିଏଚ୍‌ରେ ଉପଲବ୍ଧ ନଥିଲା । ଏତଦ୍ ବ୍ୟତୀତ ପେସମେକର ପ୍ରତିରୋପଣରେ ଆବଶ୍ୟକ ଥିବା ସି-ଆର୍ମ ଏବଂ ଦୁଇଟି ଡେଫିବ୍ରିଲେଟର ମନିଟର ଅକାମୀ ହୋଇ ପଡ଼ିରହିଥିଲା ।

ଉପରୋକ୍ତ ଭିତ୍ତିଭୂମି/ ଯନ୍ତ୍ରପାତି ଏବଂ ମାନବ ସମ୍ବଳ ଅଭାବ ବିଭାଗ ଦ୍ୱାରା ସଂବୋଧିତ ହୋଇନଥିଲା (ମାର୍ଚ୍ଚ 2015) ଯେଉଁଥିପାଇଁ ଅନ୍ତଃର୍ବାସୀ ରୋଗୀ ସଂଖ୍ୟା ଏମ୍‌କେସିଜି ଏମ୍ସିଏଚ୍‌ରେ କମ୍ ଥିବା ସହିତ ଶଯ୍ୟା ଦଖଲ ହାର ନିମ୍ନରେ ଥିଲା ଯଥା ସ୍ନାୟୁ ବିଭାଗରେ ଏକ ରୁ 17 ପ୍ରତିଶତ, କାର୍ଡିଓଲୋଜିରେ 9 ରୁ 41 ପ୍ରତିଶତ ଏବଂ ନେଫ୍ରୋଲୋଜିରେ 12 ରୁ 23 ପ୍ରତିଶତ ଥିଲା । ସେହିଭଳି ଭିଏସ୍ଏସ୍ ଏମସିଏଚ୍ ଅନ୍ତଃର୍ବାସୀ ରୋଗୀ ସଂଖ୍ୟା ହ୍ରାସ ପାଇଁ 2013-14 ରେ ସ୍ନାୟୁରେ ଚାରି ପ୍ରତିଶତ ଏବଂ ନେଫ୍ରୋଲୋଜିରେ 20 ପ୍ରତିଶତ ଥିଲା ।

ଏହି ଜିଏମ୍ସିଏଚ୍‌ର ବିଭାଗୀୟ ମୁଖ୍ୟମାନେ ଦର୍ଶାଇଥିଲେ (ଜୁନ୍ 2015) ଯେ ମାନବ ସମ୍ବଳ, ଭିତ୍ତିଭୂମି, ସାଜ ସରଞ୍ଜାମ ଏବଂ ଯନ୍ତ୍ରପାତି ପାଇଁ ଡିଏମ୍‌ଇଟି/ ବିଭାଗକୁ ବରାଦ କରାଯାଇଥିବା ସତ୍ତ୍ୱେ ଏହାକୁ ସୁଧାରିବା ପାଇଁ ସରକାର କୌଣସି ଫଳପ୍ରଦ ପଦକ୍ଷେପ ନେଇ ନଥିଲେ ।

### 2.1.10.5 ରୋଗୀମାନଙ୍କୁ ଅପର୍ଯ୍ୟାପ୍ତ ଔଷଧ ଯୋଗାଣ

ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନର ଉପଲବ୍ଧ ପାଣ୍ଠି ସୀମା ମଧ୍ୟରେ ରୋଗୀମାନଙ୍କୁ ଠିକ୍ ସମୟରେ ଆବଶ୍ୟକୀୟ ପରିମାଣର ଗୁଣବତ୍ତା ଔଷଧ ଏବଂ ଚିକିତ୍ସାଗତ ଦ୍ରବ୍ୟ ଯୋଗାଇବା ଉଦ୍ଦେଶ୍ୟରେ 2011 ରେ ବିଭାଗ ଏକ ଅତ୍ୟାବଶ୍ୟକ ଭେଷଜ ତାଲିକା ପ୍ରସ୍ତୁତ କରି 165 ପ୍ରକାରର ଔଷଧ ତାଲିକା ଭୁକ୍ତ କରିଥିଲେ । ବିଭାଗର ରାଜ୍ୟ ଔଷଧ ପରିଚାଳନା ୟୁନିଟ୍ (ଏସ୍‌ଡିଏମ୍‌ୟୁ) ଏହି ତାଲିକାଭୁକ୍ତ ଔଷଧ ଯୋଗାଇଥାଏ ।

ତିନିଟି ଜିଏମ୍‌ସିଏଚ୍‌ରେ ରେ 12 ଟି ନମୁନା ଯାଞ୍ଚ ବିଭାଗ[25]ର ବିଭିନ୍ନ ୱାର୍ଡରୁ ଡାକ୍ତରମାନଙ୍କ ପ୍ରେସ୍‌କ୍ରିପ୍‌ସନରେ ମଗାଯାଇଥିବା ମେଡିସିନର ଯାଞ୍ଚ (ଜାନୁୟାରୀ 2014) ରୁ ଜଣାଗଲା ଯେ 30 ରୁ 37 ପ୍ରକାରର ଅତ୍ୟାବଶ୍ୟକ ଔଷଧ ସଂପୃକ୍ତ ଜିଏମ୍‌ସିଏଚ୍‌ରେ ଉପଲବ୍ଧ ନଥିଲା କାରଣ ଆବଶ୍ୟକୀୟ ଔଷଧ ତାଲିକା 42 ରୁ 123 ଦିନ ବିଳମ୍ବରେ ଡିଏଚ୍‌ଏସ୍/ ଡିଏମ୍‌ଇଟି କୁ ପଠାଯାଇଥିଲା । ପରିଣାମ ସ୍ୱରୂପ, ରୋଗୀମାନେ ଅତ୍ୟାବଶ୍ୟକୀୟ ଔଷଧ ଗୁଡିକୁ ପାଇବାରୁ ବଞ୍ଚିତ ହେଉଥିଲେ ଏବଂ ବାଧ୍ୟ ହୋଇ ଘରୋଇ ଔଷଧ ଦୋକାନମାନଙ୍କରୁ ସେଗୁଡିକ କ୍ରୟ କରୁଥିଲେ ।

ବିଭାଗ ଦର୍ଶାଇଲେ (ଜୁନ 2015) ଯେ ରାଜ୍ୟ ଔଷଧ ନିଗମ ରାଜ୍ୟର ବିଭିନ୍ନ ସଂସ୍ଥାମାନଙ୍କୁ ଔଷଧ ଯୋଗାଇ ଦେବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ଖୁବ୍ ଶୀଘ୍ର ଏହି ସମସ୍ୟା ର ସମାଧାନ ହେବ ।

### 2.1.10.6 ରୋଗୀମାନଙ୍କୁ ଉପଯୁକ୍ତ ମାନ ନଥିବା ଔଷଧ (ଏନ୍‌ଏସ୍‌କ୍ୟୁ) ପ୍ରୟୋଗ

ରାଜ୍ୟ ଔଷଧ ପରିଚାଳନା ନୀତି ଅନୁଯାୟୀ ନିର୍ମାତାମାନେ ଯୋଗାଇଥିବା ପ୍ରତ୍ୟେକ ବ୍ୟାଚ ଔଷଧ ମଧ୍ୟରୁ ଅନିୟମିତ ନମୁନା ଚିକିତ୍ସାଳୟ ଗ୍ରହଣ କରିବାର ତିନି ଦିନ ମଧ୍ୟରେ ଏସଡିଏମ୍‌ୟୁକୁ ଗୁଣବତ୍ତା ପରୀକ୍ଷଣ ପାଇଁ ପଠାଇବାରଥିଲା। ଯଦି କୌଣସି ଔଷଧ ମାନକ ଗୁଣବତ୍ତା ନଥିବା ଜଣାପଡ଼େ ତାହା ତତ୍‌କ୍ଷଣାତ୍ ଏସ୍‌ଡିଏମ୍‌ୟୁ ଦ୍ୱାରା ଚିକିତ୍ସାଳୟକୁ ସୂଚିତ କରିବେ ଏବଂ ସୂଚନା ପାଇବାର 30 ଦିନ ମଧ୍ୟରେ ଔଷଧ ଗୁଡ଼ିକୁ ପରିବର୍ତ୍ତନ କରିବା ପାଇଁ ଔଷଧ ନିର୍ମାତାଙ୍କୁ ଜଣାଇବେ । ଯାହାହେଉ, ରୋଗୀମାନଙ୍କୁ ଔଷଧ ଦିଆଯିବା ପୂର୍ବରୁ ରିପୋର୍ଟ ଆବଶ୍ୟକ ଥିବାର ବ୍ୟବସ୍ଥା ନଥିବାରୁ ଔଷଧ ଯାଞ୍ଚ କରାଯାଉନଥିଲା କିମ୍ବା ନିର୍ଦ୍ଧାରିତ ଅବଧି ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରାଯାଉନଥିଲା । ଏହା ବ୍ୟତୀତ ପରୀକ୍ଷଣ କରିବା ପୂର୍ବରୁ ଅନୁପଯୁକ୍ତ ଔଷଧ ରୋଗୀମାନଙ୍କୁ ପ୍ରଦାନ କରାଯାଉଥିଲା ଯାହା ନିମ୍ନରେ ଆଲୋଚିତ ହେଲା:

- 2009-14 ରେ ନିର୍ମାତା ମାନଙ୍କ ଦ୍ୱାରା 146 ଔଷଧର ନମୁନା[26] ସିଧା ଏସଡିଏମ୍‌ୟୁକୁ ଦୁଇଟି ଜିଏମ୍‌ସିଏଚ୍ ଦ୍ୱାରା ଗୁଣବତ୍ତା ପରୀକ୍ଷଣ ପାଇଁ ପଠାଇଥିଲେ କିନ୍ତୁ ପରୀକ୍ଷଣ ରିପୋର୍ଟ ଏସଡିଏମ୍‌ୟୁଙ୍କ ଦ୍ୱାରା ଏପରିକି ପାଞ୍ଚ ମାସଠାରୁ ପାଞ୍ଚ ବର୍ଷ ବିତି ଯାଇଥିଲେ ବି ପଠାଯାଇ ନଥିଲା ।

- ଯଦିଓ 13 ପ୍ରକାର ଔଷଧ ପରୀକ୍ଷଣ ରିପୋର୍ଟରେ ଉପଯୁକ୍ତ ମାନ ନଥିବା ଘୋଷିତ ହୋଇଥିଲା, ତାହା ଏସଡିଏମ୍‌ୟୁଙ୍କ ଦ୍ୱାରା ଜିଏମ୍‌ସିଏଚ୍‌ମାନଙ୍କୁ ଔଷଧ ପ୍ରାପ୍ତ ହେବାର ଦୁଇରୁ ପାଞ୍ଚ ମାସ ପରେ ସୂଚିତ କରାଯାଇଥିଲା ଯେଉଁ ସମୟ ମଧ୍ୟରେ 5 ରୁ 100 ପ୍ରତିଶତ ମାନକ ଗୁଣବତ୍ତା ନଥିବା 11 ପ୍ରକାରର ଔଷଧ (20,092 ଇଞ୍ଜେକ୍‌ସନ, 22,900 ଟାବଲେଟ୍ ଏବଂ 574 ସିରପ ଇତ୍ୟାଦି) ରୋଗୀମାନଙ୍କଠାରେ ପ୍ରୟୋଗ କରାଯାଇସାରିଥିଲା ଯାହାର ବିଶଦ ବିବରଣୀ ***ପରିଶିଷ୍ଟ 2.1.3*** ରେ ଦର୍ଶାଯାଇଛି । ଗୁଣବତ୍ତା ନଥିବା ବଳକା ଔଷଧ (22,288 ଇଞ୍ଜେକ୍‌ସନ, 5,500 ଟାବଲେଟ୍, 9,826 ସିରପ, ଇତ୍ୟାଦି) ସୂଚିତ ହେବାର 30 ଦିନ ମଧ୍ୟରେ ନିର୍ମାତାଙ୍କ ଦ୍ୱାରା ପରିବର୍ତ୍ତନ କରା ନଯାଇ ଜୁନ୍ 2014 ସୁଦ୍ଧା ଡାକ୍ତରଖାନା ଭଣ୍ଡାରଗୃହରେ ପଡ଼ିରହିଥିଲା ।

---

25 ସାଧାରଣ ଔଷଧ; ଚର୍ମ ଓ ଯୌନ; ଓପିଡି ଡାକ୍ତରଖାନା; କେନ୍ଦ୍ରୀୟ ଆଇସିୟୁ; ଅସ୍ଥି ଶଲ୍ୟ; ସ୍ନାୟୁ; ଜରୁରୀକାଳୀନ ଓପିଡି ଡାକ୍ତରଖାନା; ଶଲ୍ୟ ଓ ପ୍ରସୂତି ୱାର୍ଡ; ଶିଶୁ ବିଭାଗ; ଯକ୍ଷ୍ମା ଓ ଛାତି; ନେଫ୍ରୋଲୋଜି

26 ଏସ୍‌ସିବି ଏମ୍‌ସିଏଚ୍: 58 ନମୁନା ଏବଂ ଏମ୍‌କେସିଜି ଏମ୍‌ସିଏଚ୍: 88 ଟି ନମୁନା

ଏଣୁ, ଔଷଧ ପ୍ରଦାନ କରିବା ପୂର୍ବରୁ ପରୀକ୍ଷଣ ରିପୋର୍ଟ ଆବଶ୍ୟକ ବ୍ୟବସ୍ଥା ନଥିବାରୁ ଔଷଧକୁ ପରୀକ୍ଷଣ କରାଯାଇ ନଥିଲା ଏବଂ ଗୁଣବତ୍ତା ନଥିବା ଔଷଧ ରୋଗୀମାନଙ୍କ ଜୀବନକୁ ବିପଦରେ ପକାଇ ପ୍ରୟୋଗ କରାଯାଇଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ରାଜ୍ୟ ସ୍ୱାସ୍ଥ୍ୟ ନିଗମ ରାଜ୍ୟର ବିଭିନ୍ନ ସଂସ୍ଥାମାନଙ୍କୁ ଔଷଧ ଯୋଗାଇ ଦେବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ଏହି ସମସ୍ୟାର ସମାଧାନ ହେବ ।

### *2.1.10.7 ନିରାପଦ ରକ୍ତ ଦେହାନ୍ତକରଣ*

ରକ୍ତ ବ୍ୟାଙ୍କ ଏବଂ ରକ୍ତ ଦେହାନ୍ତକରଣ ସେବାର ମାନଦଣ୍ଡ ଅନୁସାରେ ରକ୍ତଦାତାଙ୍କଠାରୁ ରକ୍ତ ଗ୍ରହଣ ପରେ କିନ୍ତୁ ରୋଗୀମାନଙ୍କୁ ପ୍ରୟୋଗ (ବାଧତାମୂଳକ ପରୀକ୍ଷଣ ଯଥା-ମ୍ୟାଲେରିଆ ଏବଂ ସିଫିଲିସି ପରୀକ୍ଷା) ପୂର୍ବରୁ ବ୍ୟବସ୍ଥିତ କରିଥିଲେ । ସମୀକ୍ଷା ଅବଲୋକନ କଲେ ଯେ:

- ଏମ୍‌କେସିଜି ଏମସିଏଚରେ 2010-14 ମଧ୍ୟରେ ସଂଗୃହୀତ ରକ୍ତର ଯାଞ୍ଚ୍ ବେଳେ ଜଣାଗଲା ଯେ, 30,583 (24 ପ୍ରତିଶତ) ୟୁନିଟ୍ ରକ୍ତର ସିଫିଲସ୍ ଏବଂ 45,165 (36 ପ୍ରତିଶତ) ୟୁନିଟ୍ ରକ୍ତର ମ୍ୟାଲେରିଆ ପରୀକ୍ଷା କରାଯାଇ ନଥିଲା । ବାଧ୍ୟତାମୂଳକ ପରୀକ୍ଷଣ ବିନା ରକ୍ତ ଦେହାନ୍ତକରଣ ବିପଦ ପ୍ରବଣ ଥିଲା ଏବଂ ତେଣୁ, ଅନିୟମିତ ଥିଲା ।

- ଜାତୀୟ ରକ୍ତ ନୀତି 2002 ର ଖଣ୍ଡ XIIB (III) ଏଫ୍ (6) ଅନୁଯାୟୀ ରକ୍ତ ବ୍ୟାଙ୍କରେ ଆଫେରେସିସ୍[27] ପାଇଁ ବ୍ୟବସ୍ଥା ରହିବା ଉଚିତ୍ । ତିନିଟି ଭେଷଜ ମହାବିଦ୍ୟାଳୟ ମଧ୍ୟରୁ ଆଫେରେସିସ୍ ୟୁନିଟ୍, ଏମ୍‌କେସିଜି ଏମ୍‌ସିଏଚ୍ ଏବଂ ଏସ୍‌ସିବି ଏମ୍‌ସିଏଚ୍‌ରେ ବ୍ୟବସ୍ଥା କରାଯାଇ ନଥିବାବେଳେ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ଉକ୍ତ ମେସିନ୍ 24.15 ଲକ୍ଷ ଟଙ୍କା ବ୍ୟୟରେ ସଂସ୍ଥାପିତ ହୋଇଥିଲେ (ଅପ୍ରେଲ 2014) ମଧ୍ୟ ଉପଯୋଗ ହୋଇପାରି ନଥିଲା (ଅପ୍ରେଲ 2015)। ଆଫେରେସିସ୍ ମେସିନ ନଥିବାରୁ 2008-14 ମଧ୍ୟରେ 4,477 ୟୁନିଟ୍ ପ୍ଲାଜମା ଜୈବ ଅପଚୟ ହୋଇଯାଇଥିଲା ।

### *2.1.10.8 ମୃତ୍ୟୁର ସମୀକ୍ଷା/ ପ୍ରେସ୍କ୍ରିପ୍‌ସନ ସମୀକ୍ଷା ନହେବା*

ରାଜ୍ୟର ତିନିଟି ଭେଷଜ ମହାବିଦ୍ୟାଳୟ ଏବଂ ସଂଲଗ୍ନ ଚିକିତ୍ସାଳୟଗୁଡ଼ିକରେ ହେଉଥିବା ମୃତ୍ୟୁର କାରଣକୁ ସମୀକ୍ଷା କରିବା ପାଇଁ ବିଭାଗ ଗୋଟିଏ କମିଟି[28] ଗଠନ କରିଥିଲେ (ଅଗଷ୍ଟ 1984) । ଏହି କମିଟି ନିୟମିତ ଭାବେ ମାସକୁ ଅତିକମରେ ଥରେ ବସିବା ଉଚିତ୍ ଏବଂ ଏହାର କାର୍ଯ୍ୟ ବିବରଣୀ ଡିଏମଇଟିଙ୍କୁ ଉପସ୍ଥାପନ କରିବା ଉଚିତ୍। ସମସ୍ତ ସରକାରୀ ଚିକିତ୍ସାଳୟଗୁଡ଼ିକରେ ପ୍ରେସ୍କ୍ରିପ୍‌ସନ ବ୍ୟବସ୍ଥାପତ୍ର ସମୀକ୍ଷା କରିବା ପାଇଁ ବିଭାଗ ମଧ୍ୟ ଅନୁଦେଶ ଦେଇଥିଲେ (ନଭେମ୍ବର 2012) । ଅଗଷ୍ଟ 1984 ର ଆଦେଶ ଅନୁସାରେ ନିୟମିତ ଭାବେ ଏହିଭଳି ମୃତ୍ୟୁ ସମୀକ୍ଷା କରିବା ପାଇଁ ସମସ୍ତ ଜିଏମ୍‌ସିଏଚ୍‌ର ନିଦାନ ବିଭାଗଗୁଡ଼ିକୁ ବିଭାଗ ଅନୁଦେଶ ଦେଲା (ସେପ୍ଟେମ୍ବର 2013) ।

ସମୀକ୍ଷା ପରିଲକ୍ଷିତ କଲା ଯେ କମିଟି ଗଠିତ (ଅଗଷ୍ଟ 1984) ହେବାର 30 ବର୍ଷ ପରେ ମଧ୍ୟ କୌଣସି ଜିଏମ୍‌ସିଏଚ୍‌ରେ ଏହିଭଳି ସମୀକ୍ଷା ହୋଇ ନଥିଲା ଯଦିଓ 2009-14 ମଧ୍ୟରେ ଏହି ଜିଏମ୍‌ସିଏଚ୍‌ଗୁଡ଼ିକରେ

[27] ଆଫେରେସିସ୍ ପ୍ରକ୍ରିୟାରେ ଜଣେ ରୋଗୀ ଅଥବା ରକ୍ତଦାତାଙ୍କ ଠାରୁ ସଂପୂର୍ଣ୍ଣ ରକ୍ତ ଗୋଟିଏ ଯନ୍ତ୍ରରେ ନିର୍ଗତ କରାଯାଏ ଯେଉଁଥିରେ ସଂପୂର୍ଣ୍ଣ ରକ୍ତର ଆବଶ୍ୟକ ଉପାଦାନଟି ପୃଥକ କରି କାଢି ନିଆଯାଏ ଏବଂ ଅବଶିଷ୍ଟ ଉପାଦାନଗୁଡ଼ିକୁ ରକ୍ତଦାତାଙ୍କ ଶରୀରକୁ ପୁନଃ ଦେହାନ୍ତକରଣ କରାଯାଏ

[28] ଭେଷଜ ମହାବିଦ୍ୟାଳୟର ଅଧକ୍ଷ, ଅଧୀକ୍ଷକ, ପାଥୋଲୋଜି ଏବଂ ରେଡିଓଲୋଜି ବିଭାଗର ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ ଏବଂ ସଂପୃକ୍ତ ଜିଏମ୍‌ସିଏଚ୍‌ର ସଂପୃକ୍ତ ବିଭାଗକୁ ନେଇ

ବର୍ଦ୍ଧିତ ହାରରେ[29] (5.38 ରୁ 7.27 ପ୍ରତିଶତ) 68,417 ଜଣ ରୋଗୀ ମୃତ୍ୟୁ ବରଣ କରିଥିଲେ । ସେହିପରି ପ୍ରେସ୍କ୍ରିପସନ ସମୀକ୍ଷା ମଧ୍ୟ କୌଣସି ଭେଷଜ ମହାବିଦ୍ୟାଳୟରେ ମାର୍ଚ୍ଚ 2015 ସୁଦ୍ଧା ହୋଇନଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ନିୟମିତ ମୃତ୍ୟୁ ମାମଲାଗୁଡ଼ିକର ସମୀକ୍ଷା ଏବଂ ପ୍ରେସ୍କ୍ରିପସନର ନିୟମିତ ସମୀକ୍ଷା କରିବା ପାଇଁ ଜିଏମ୍‌ସିଏଚ୍‌ଗୁଡ଼ିକୁ ଅନୁଦେଶ ଦିଆଯିବ ।

### 2.1.11 ଆର୍ଥିକ ପରିଚାଳନା

#### *2.1.11.1 ପାଣ୍ଠି ଉପଯୋଗ ନହେବା*

ରାଜ୍ୟ ସରକାର 2009-14 ମଧ୍ୟରେ ତିନିଟି ଜିଏମ୍‌ସିଏଚ୍‌କୁ 1,051.72 କୋଟି ଟଙ୍କା ପ୍ରଦାନ କରିଥିଲେ ଯେଉଁଥିରୁ 940.29 କୋଟି ଟଙ୍କା ଉପଯୋଗ ହୋଇଥିଲା । ସମୀକ୍ଷା ଜିଏମ୍‌ସିଏଚ୍‌ଗୁଡ଼ିକ ଦ୍ୱାରା ଆର୍ଥିକ ପରିଚାଳନାକୁ ଯାଞ୍ଚ କରି ନିମ୍ନଲିଖିତ ତ୍ରୁଟିବିଚ୍ୟୁତି ପରିଲକ୍ଷିତ କଲା ।

ସମୀକ୍ଷା ପରିଲକ୍ଷିତ କଲା ଯେ:

- ସରକାର 2013-14 ରେ ସାଜ ସରଞ୍ଜାମ କ୍ରୟ ନିମନ୍ତେ ତିନିଟି ଜିଏମ୍‌ସିଏଚ୍‌କୁ 42.88 କୋଟି ଟଙ୍କା ଆବଣ୍ଟନ କଲେ (ଫେବୃଆରୀ/ ମାର୍ଚ୍ଚ 2014) । ଏସ୍‌ସିବି ଏମ୍‌ସିଏଚ୍ ଏବଂ ଭିଏସ୍‌ଏସ ଏମ୍‌ସିଏଚ୍ ଯୋଗାଣକାରୀଙ୍କଠାରୁ ଚୂଡ଼ାନ୍ତ ବିଲ୍ ନପାଇବା ଯୋଗୁଁ 33.74[30] କୋଟି ଟଙ୍କା ଉଠାଇ ପାରିନଥିଲେ ଏବଂ ଏହା ଗତ ହୋଇଯାଇଥିଲା । ଯାହାହେଉ, ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁର 9.14 କୋଟି ଟଙ୍କା ଉଠାଇଲା ପରେ 5.48 କୋଟି ଟଙ୍କା ଉପଯୋଗ କଲେ ଏବଂ ଓଟିସି ଭଲ୍ୟୁମ-I ର ଏସ୍‌ଆର 242 କୁ ଉଲ୍ଲଙ୍ଘନ କରି 3.66 କୋଟି ଟଙ୍କା ସଞ୍ଚୟ ବ୍ୟାଙ୍କ ଖାତାରେ ଜମା ରଖିଥିଲେ ।

- ଏସସିବି ଏମସିଏଚ ସହିତ ସଂଲଗ୍ନ ଥିବା ସେବିକା ବିଦ୍ୟାଳୟର ପାହ୍ୟା ବୃଦ୍ଧି କରି ସେବିକା ମହାବିଦ୍ୟାଳୟରେ 12 ମାସ ମଧ୍ୟରେ ବ୍ୟବହାର କରିବା ପାଇଁ ଏସ୍‌ସିବି ଏମ୍‌ସିଏଚ୍‌ର ଅଧୀକ୍ଷକଙ୍କୁ ଭାରତ ସରକାର 1.50 କୋଟି ଟଙ୍କା ପ୍ରଦାନ କରିଥିଲେ (ଅପ୍ରେଲ 2005) । ତେବେ ଏହି ଉଦ୍ଦେଶ୍ୟ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ ହୋଇ ନପାରିବାରୁ ସଂପୂର୍ଣ୍ଣ ପାଣ୍ଠି ଉପଯୋଗ ହୋଇ ପାରିନଥିଲା (ଅପ୍ରେଲ 2015) ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ପାଣ୍ଠିଗୁଡ଼ିକ 2014-15 ରେ ଉପଯୋଗ ହୋଇଥିଲା ଏବଂ କେନ୍ଦ୍ରୀୟ ସହାୟତା ବିଷୟରେ ଘଟଣାକୁ ସମୀକ୍ଷା କରି ଯଥାଯୋଗ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ।

#### *2.1.11.2 ପାଣ୍ଠି ପରିଚଳନା ଉପରେ ଅନ୍ୟାନ୍ୟ ମନ୍ତବ୍ୟ*

ପ୍ରଶାସନିକ ଅନୁଦେଶ ଏବଂ ସଂହିତା ବ୍ୟବସ୍ଥାଗୁଡ଼ିକର ଅନୁପାଳନରେ ଅଭାବ ରହିଥିବା ସମୀକ୍ଷା ଲକ୍ଷ୍ୟ କଲା ଯାହା ସାରଣୀ 2.1.4 ରେ ଦର୍ଶାଗଲା ।

**ସାରଣୀ 2.1.4: ଆର୍ଥିକ ନିୟମାବଳୀ ଏବଂ ବିନିୟମଗୁଡିକ ଅନୁପାଳନ ନହେବା**

| ନିୟମାବଳୀ | ସମୀକ୍ଷା ସିଦ୍ଧାନ୍ତ |
|---|---|
| ଏସ୍‌ଆର୍ 509 ଓଟିସି ଭଲ୍ୟୁମ-I । ଅର୍ଥ ବିଭାଗ ଅନୁଦେଶ | ***ଅଗ୍ରୀମର ଅନିୟମିତ ପରିଚାଳନା :*** ତିନିଟି ଜିଏମ୍‌ସିଏଚ୍‌ରେ ଜାନୁଆରୀ 1991 ରୁ ମାର୍ଚ୍ଚ 2014 ମଧ୍ୟରେ, 293 ଜଣ କର୍ମଚାରୀ, 97 ଜଣ ଅବସର ପ୍ରାପ୍ତ କର୍ମଚାରୀ, 168 ଛାତ୍ର ପ୍ରତିନିଧି ଏବଂ ଅନ୍ୟାନ୍ୟ 265 |

[29] ଏସସିବି ଏମସିଏଚ, କଟକ: 6.43 ରୁ 7.26 ପ୍ରତିଶତ; ଭିଏସ୍‌ଏସ୍ ଏମ୍‌ସିଏଚ୍, ବୁର୍ଲା: 6.57 ରୁ 7.27 ପ୍ରତିଶତ; ଏମ୍‌କେସିଜି ଏମ୍‌ସିଏଚ୍, ବ୍ରହ୍ମପୁର 5.38 ରୁ 6.44 ପ୍ରତିଶତ

[30] ଏସ୍‌ସିବି ଏମ୍‌ସିଏଚ୍: 28.82 କୋଟି ଟଙ୍କା ଏବଂ ଭିଏସ୍‌ଏସ୍ ଏମ୍‌ସିଏଚ୍: 4.92 କୋଟି ଟଙ୍କା

| | |
|---|---|
| (ଡିସେମ୍ବର 1985 ଏବଂ ମାର୍ଚ୍ଚ 2002) ଓଟିସି ଭଲ୍ୟୁମ 1 ର ଏସଆର 343 | ଜଣଙ୍କୁ ଜାଳେଣୀ ମୂଲ୍ୟ, ସାଂସ୍କୃତିକ ଉତ୍ସବ ପାଳନ, ସାଜ ସରଞ୍ଜାମ ଯୋଗାଣ ଇତ୍ୟାଦି ବାବଦକୁ ଅଗ୍ରୀମ ଦିଆଯାଇଥିବା 70.19 ଲକ୍ଷ[31] ଟଙ୍କା ମଇ 2014 ସୁଦ୍ଧା ଏକ ରୁ 10 ବର୍ଷ[32]ରୁ ଉର୍ଦ୍ଧ୍ୱ ହେଲା ଅନାଦେୟ ରହିଥିଲା । |
| ଏସଆର 37 (ii) ଓଟିସି ଭଲ୍ୟୁମ-I | ***ବ୍ୟାଙ୍କ୍ ମିଳାମିଶା କରାନଯିବା:-*** ଯଦିଓ କ୍ୟାସ୍ ବହି ଏବଂ ଜମା ଖାତା ମଧ୍ୟରେ ଥିବା ଜମାର ବ୍ୟବଧାନକୁ ପ୍ରତିମାସ ଶେଷରେ ମିଳାମିଶା କରାଯିବା କଥା, 31 ମାର୍ଚ୍ଚ 2014 ସୁଦ୍ଧା ଜିଏମ୍‌ସିଏଚ୍ ମାନଙ୍କରେ ଥିବା 3.05 କୋଟି ଟଙ୍କାର ବ୍ୟବଧାନକୁ ଜୁନ୍ 2014 ସୁଦ୍ଧା ମିଳାମିଶା କରାଯାଇ ନଥିଲା । ଏହା ଟଙ୍କା ଆତ୍ମସାତ୍ ଏବଂ ଠକାମିକୁ ପ୍ରଶ୍ରୟ ଦେଇଥିଲା । |
| ଓଜିଏଫ୍‌ଆର ଭଲ୍ୟୁମ-Iର ନିୟମାବଳୀ 8, 11 ଏବଂ 88 ଏବଂ ଓଟିସି ଭଲ୍ୟୁମ୍ -I ର ଏସଆର 247 | ***ପ୍ରଦତ୍ତ ଭାଉଚର ଆକାରରେ ଅନଧିକୃତ ଖର୍ଚ୍ଚ:*** ଯଦିଓ ଆବଣ୍ଟନଠାରୁ ଅଧିକ ଖର୍ଚ୍ଚ ନିୟମିତ ହୋଇନଥିଲେ ଅନଧିକୃତ ଖର୍ଚ୍ଚ ଭାବେ ଗଣ୍ୟ ହେବା କଥା, ଲଭ୍ୟ ପାଣ୍ଠିରୁ ଯାନର ମରାମତି ଏବଂ ରକ୍ଷଣାବେକ୍ଷଣରେ ଅନିୟମିତ ସାମଗ୍ରୀ ଇତ୍ୟାଦିରେ 6.03 ଲକ୍ଷ ଟଙ୍କା (ଏସସିବି ଏମସିଏଚ: 2.01 ଲକ୍ଷ ଟଙ୍କା, ଏମକେସିଜି ଏମସିଏଚ: 3.92 ଲକ୍ଷ ଟଙ୍କା) ଏବଂ ଭିଏସ୍‌ଏସ୍ ଏମ୍‌ସିଏଚ୍: 0.10 ଲକ୍ଷ ଟଙ୍କା) ଖର୍ଚ୍ଚ ହୋଇଥିଲା ଏବଂ ମାର୍ଚ୍ଚ 2014 ସୁଦ୍ଧା ପ୍ରଦତ୍ତ ଭାଉଚର ଭାବେ ଦେଖାହୋଇଥିଲା । |
| ଓଜିଏଫ୍‌ଆର୍ ଭଲ୍ୟୁମ୍ -I ର ନିୟମ 171(2) ଏବଂ 173 | ***ଉପଯୋଗ ପ୍ରମାଣପତ୍ରର ଅଣଉପସ୍ଥାପନ/ବିଳମ୍ବିତ ଉପସ୍ଥାପନ :*** ଯଦିଓ ୟୁସିଗୁଡ଼ିକ ଉତ୍ତରବର୍ତ୍ତୀ ବର୍ଷର 1 ଜୁନ୍ ସୁଦ୍ଧା ଉପସ୍ଥାପନ ହେବା କଥା, ତିନିଟି ଜିଏମ୍‌ସିଏଚ୍ ଗୁଡ଼ିକ 2009-14 ମଧ୍ୟରେ ଭାରତ ସରକାରଙ୍କ ଠାରୁ ପାଇଥିବା 32.32 କୋଟି ଟଙ୍କାରୁ ବାସ୍ତବିକ ଖର୍ଚ୍ଚ 26.37 କୋଟି ଟଙ୍କା ହୋଇଥିବା ସ୍ଥଳେ 9.41 କୋଟି[33] ଟଙ୍କା (29 ପ୍ରତିଶତ) ର ୟୁସି ଡିଡିଓମାନଙ୍କ ଦ୍ୱାରା ଜୁନ୍ 2014 ସୁଦ୍ଧା ଉପଲବ୍ଧ କରାଯାଇନଥିଲା । |
| ଓଜିଏଫ୍‌ଆର୍‌ର ନିୟମ 171(2) | ***ପାଣ୍ଠିକୁ ଅନିୟମିତ ଭାବେ ବ୍ୟାଙ୍କ୍ ଖାତାରେ ରଖିବା :*** ଅପ୍ରେଲ 2010 ରୁ ଜାନୁଆରୀ 2014 ମଧ୍ୟରେ ଭାରତ ସରକାର ଠାରୁ ମିଳିଥିବା 5.95 କୋଟି[34] ଟଙ୍କା ଅଭିଳକ୍ଷିତ ଉଦ୍ଦେଶ୍ୟ ଯଥା- ସ୍ନାତକୋତ୍ତର ଆସନ ସଂଖ୍ୟା ବୃଦ୍ଧି ପାଇଁ ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ଉପଯୋଗ ନହୋଇ ତିନିଟି ଜିଏମ୍‌ସିଏଚ୍ ଦ୍ୱାରା ବ୍ୟାଙ୍କ ଖାତାରେ ଅନିୟମିତ ଭାବେ ରଖାଯାଇଥିଲା । |

***(ଉତ୍ସ: ଜିଏମ୍‌ସିଏଚ୍ ଗୁଡ଼ିକର ନଥିପତ୍ର)***

ଏଗୁଡ଼ିକ ଜିଏମ୍‌ସିଏଚ୍‌ରେ ଅଧକ୍ଷ ତଥା ଡିନ୍ ଏବଂ ଅଧୀକ୍ଷକମାନଙ୍କର ଆର୍ଥିକ ପରିଚାଳନାରେ ଅଭାବ ଥିବା ଏବଂ ଡିଏମ୍‌ଇଟି ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପର୍ଯ୍ୟାଲୋଚନାର ଅଭାବ ଥିବା ସୂଚାଉଛି ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ତଦନ୍ତ ପରେ, ଯଦି କିଛି ଅନିୟମିତତା ଥିବା ଜଣାଯାଏ, ତେବେ ବିବେଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### *2.1.11.3 ବାହ୍ୟ-ସଂସ୍ଥା ଦ୍ୱାରା ଖାଦ୍ୟ ଯୋଗାଣ*

ଚିକିତ୍ସାଳୟରେ ଖାଦ୍ୟ ପରିଚାଳନା ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା (ଜୁଲାଇ 2011) ଅନୁସାରେ ମୂଲ୍ୟ ଏବଂ ଗୁଣବତ୍ତା ଆଧାରରେ ଖାଦ୍ୟ ଯୋଗାଣକାରୀ ଚୟନ ହେବେ । ସାଧାରଣ ରୋଗୀଙ୍କ ପାଇଁ 50 ଟଙ୍କା ଏବଂ ଟିବି ରୋଗୀଙ୍କ ପାଇଁ 60 ଟଙ୍କା ହିସାବରେ ସରକାର ନିର୍ଦ୍ଧାରଣ କରିଥିଲେ (ଅପ୍ରେଲ 2011) । ସମୀକ୍ଷା ନିମ୍ନଲିଖିତ

---

[31] ଏସ୍‌ସିବି ଏମ୍‌ସିଏଚ୍ 13.65 ଲକ୍ଷ ଟଙ୍କା (ମହାବିଦ୍ୟାଳୟ: 11.94 ଲକ୍ଷ ଟଙ୍କା; ଚିକିତ୍ସାଳୟ:1.71 ଲକ୍ଷ ଟଙ୍କା); ଏମ୍‌କେସିଜି ଏମ୍‌ସିଏଚ୍ : 2.62 ଲକ୍ଷ ଟଙ୍କା (1.20 ଲକ୍ଷ ଟଙ୍କା; ଚିକିତ୍ସାଳୟ: 1.42 ଲକ୍ଷ ଟଙ୍କା); ଭିଏସ୍‌ଏସ୍ ଏମ୍‌ସିଏଚ୍: 53.92 ଲକ୍ଷ ଟଙ୍କା (ମହାବିଦ୍ୟାଳୟ: 53.17 ଲକ୍ଷ ଟଙ୍କା; ଚିକିତ୍ସାଳୟ; 0.75 ଲକ୍ଷ ଟଙ୍କା)

[32] 1-5 ବର୍ଷ: 31.96 ଲକ୍ଷ ଟଙ୍କା (254 ମାମଲା); 5-10 ବର୍ଷ: 25.71 ଲକ୍ଷ ଟଙ୍କା (196 ମାମଲା); 10 ବର୍ଷ ରୁ ଅଧିକ: 12.52 ଲକ୍ଷ ଟଙ୍କା (373 ମାମଲା)

[33] ଏସ୍‌ସିବି ଏମ୍‌ସିଏଚ୍: 10.42 କୋଟି ଟଙ୍କା ରୁ 4.16 କୋଟି ଟଙ୍କା; ଏମ୍‌କେସିଜି ଏମ୍‌ସିଏଚ୍: 7.72 କୋଟି ଟଙ୍କା ରୁ 2.95 କୋଟି ଟଙ୍କା; ଭିଏସ୍‌ଏସ୍ ଏମ୍‌ସିଏଚ୍: 14.18 କୋଟି ଟଙ୍କା ରୁ 2.30 କୋଟି ଟଙ୍କା

[34] ସ୍ନାତକୋତ୍ତର ଆସନ ବୃଦ୍ଧି ପାଇଁ ରାଜ୍ୟ ସରକାର ଭେଷଜ ମହାବିଦ୍ୟାଳୟ ଗୁଡ଼ିକୁ ମଜବୁତ୍ ଏବଂ ନବୀକରଣ କରିବା: 3.10 କୋଟି ଟଙ୍କା (ଏସ୍‌ସିବି ଏମ୍‌ସିଏଚ୍:0.93 କୋଟି ଟଙ୍କା, ଏମ୍‌କେସିଜି ଏମ୍‌ସିଏଚ୍: 0.75 କୋଟି ଟଙ୍କା; ଭିଏସ୍‌ଏସ୍ ଏମ୍‌ସିଏଚ୍: 1.42 କୋଟି ଟଙ୍କା); ଡାଇରେକ୍ଟ ଅବଜରଭେସନ ଥେରାପି (ଡିଓଟି ପ୍ଲସ୍)ର ସୂଚନା: 25 ଲକ୍ଷ ଟଙ୍କା; ଏମ୍‌କେସିଜି ଏମ୍‌ସିଏଚ୍ ରେ ଟେଲି ମେଡିସିନ୍ କେନ୍ଦ୍ରର ପ୍ରତିଷ୍ଠା: 2.60 କୋଟି ଟଙ୍କା

ତ୍ରୁଟିବିଚ୍ୟୁତି ପରିଲକ୍ଷିତ କଲା:

- ***ଅତିରିକ୍ତ ଖାଦ୍ୟ ଉପରେ ପ୍ରତିଯୋଗିତାମୂଳକ ମୂଲ୍ୟ ପାଇଁ ଟେଣ୍ଡର ନକରି ଖାଦ୍ୟ ଯୋଗାଣକାରୀମାନଙ୍କୁ 1.23 କୋଟି ଟଙ୍କାର ଅହେତୁକ ଅନୁକମ୍ପା:*** ତିନିଟି ଏମ୍‌ସିଏଚ୍‌ରେ ବିଭାଗ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ଦରରେ ଟେଣ୍ଡର ଦ୍ୱାରା ଅନ୍ତେର୍ବାସୀ ରୋଗୀଙ୍କ ନିମନ୍ତେ ଖାଦ୍ୟ ଯୋଗାଇଦେବା ପାଇଁ ନିଲାମ ଡକାଳିମାନଙ୍କୁ ଚୟନ କରାଯାଇଥିଲା । ଯାହାହେଉ, ଏହି ଚିକିତ୍ସାଳୟଗୁଡ଼ିକର ଖାଦ୍ୟ କମିଟି ଯେଉଁ ନିଲାମ ଡକାଳିମାନେ ସରକାରଙ୍କ ସ୍ଥିରିକୃତ ମୂଲ୍ୟ (ଦିନକୁ ଜଣେ ଲେଖା ପାଇଁ) ଠାରୁ କମ୍ ମୂଲ୍ୟାଙ୍କନ କରିଥିଲେ ସେହି ନିଲାମ ଡକାଳିଙ୍କର ଅବଶିଷ୍ଟ ପରିମାଣକୁ ବ୍ୟବସ୍ଥିତ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ନିଲାମ ଡକାଳିମାନଙ୍କୁ ଅତିରିକ୍ତ ଜିନିଷ ଯଥା ଖଲିପତ୍ର (ଏସ୍‌ସିବି ଏମ୍‌ସିଏଚ୍‌ରେ), ଦହି ଏବଂ ସାଲାଡ (ଭିଏସ୍‌ଏସ୍ ଏମସିଏଚ୍‌ରେ), ଅଧିକା ପାଉଁରୁଟି (ଏସକେସିଜି ଏମ୍‌ସିଏଚ୍‌ରେ) ଯୋଗାଇ ଦେବାକୁ କୁହାଯାଇଥିଲା । ଏହିପରି ଅଧିକ ଜିନିଷ ଉପରେ ଏହି ବ୍ୟୟର ପ୍ରତିଯୋଗିତା ମୂଲ୍ୟ ନିରୂପଣ ହୋଇ ନଥିଲା । ତେଣୁ ଏହି ଅତିରିକ୍ତ ଖାଦ୍ୟ ଉପରେ ଅଧିକା ଖର୍ଚ୍ଚ ପାଇଁ କୌଣସି ପ୍ରତିଯୋଗିତାମୂଳକ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ନଥିଲା କିମ୍ବା ଉପଯୁକ୍ତ ପ୍ରକ୍ରିୟା ଅବଲମ୍ବନ କରାଯଇ ନଥିଲା ଯାହାଫଳରେ ତିନିଟି ଜିଏମ୍‌ସିଏଚ୍[35] ରେ ମଇ 2010 ରୁ ମାର୍ଚ୍ଚ 2014 ମଧ୍ୟରେ ଚାରିଟି ଯୋଗାଣକାରୀଙ୍କୁ 1.23 କୋଟି ଟଙ୍କାର ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିଲା ।

  ତିନିଟି ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟର ଅଧୀକ୍ଷକମାନେ ଏହି ତଥ୍ୟକୁ ସ୍ୱୀକାର କରି ବ୍ୟକ୍ତ କଲେ ଯେ ଖାଦ୍ୟ କମିଟି/ ଉପକମିଟି ପାଇଁ ଅବଶିଷ୍ଟ ପରିମାଣକୁ ରୋଗୀମାନଙ୍କ କଲ୍ୟାଣ ପାଇଁ ଉପଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ ।

- ***ଅତିରିକ୍ତ ଖାଦ୍ୟ ନଯୋଗାଇବା ସତ୍ତ୍ୱେ ଯୋଗାଣକାରୀଙ୍କୁ ସଂପୂର୍ଣ୍ଣ ଅର୍ଥ ପ୍ରଦାନ:*** ଏସ୍‌ସିବି ଏମ୍‌ସିଏଚ୍‌ର ଅଧୀକ୍ଷକ ରନ୍ଧନ ଖାଦ୍ୟ ଯୋଗାଇଦେବା ପାଇଁ ନିମ୍ନତମ ନିଲାମ ଡକାଳି ଉତ୍କଳ ସପ୍ଲାୟର୍‌ସଙ୍କୁ ରନ୍ଧନ ଖାଦ୍ୟ ସାଧାରଣ ରୋଗୀ ଏବଂ ଟିବି ରୋଗୀମାନଙ୍କୁ ଯଥାକ୍ରମେ 40.75 ଟଙ୍କା ଏବଂ 43.75 ଟଙ୍କା ହାରରେ ଦେବା ପାଇଁ କାର୍ଯ୍ୟ ପ୍ରଦାନ କରିଥିଲେ (ସେପ୍ଟେମ୍ବର 2011) । ଉକ୍ତ ଆଦେଶ ଅପ୍ରେଲ୍ 2012 ରୁ ଅକ୍ଟୋବର 2013 ସମୟ ମଧ୍ୟରେ ବଳବତ୍ତର ରହିଥିଲା । ସରକାରଙ୍କ ଦ୍ୱାରା ସ୍ଥିରିକୃତ ଖାଦ୍ୟର ମୂଲ୍ୟ ଉପଯୋଗ କରିବା ପାଇଁ, ଖାଦ୍ୟ ଉପକମିଟିର ସୁପାରିଶ (ନଭେମ୍ବର 2011) ଅନୁସାରେ ଅଧୀକ୍ଷକ ଖାଦ୍ୟ ତାଲିକାକୁ ପରିବର୍ତ୍ତନ କରିବେ ଏବଂ ଅତିରିକ୍ତ ଖାଦ୍ୟ ପ୍ରଦାନ କରିବା ସର୍ତ୍ତ ରଖି ଖାଦ୍ୟ ମୂଲ୍ୟକୁ 50 ଟଙ୍କା ଓ 60 ଟଙ୍କାକୁ ପୁନରୀକ୍ଷଣ କରିଥିଲେ ।

  ଖାଦ୍ୟ ରେଜିଷ୍ଟରର ସମୀକ୍ଷାରୁ ଦେଖାଗଲା ଯେ ଅପ୍ରେଲ 2012 ରୁ ଅକ୍ଟୋବର 2013 ମଧ୍ୟରେ ଯୋଗାଣକାରୀ ଅତିରିକ୍ତ ଖାଦ୍ୟ ଯୋଗାଇ ନଥିଲେ ଯେଉଁ ସମୟରେକି ଯଥାକ୍ରମେ 2,29,566 ଏବଂ 15,830 ମିଲ ସାଧାରଣ ଓ ଟିବି ରୋଗୀମାନଙ୍କୁ ଯୋଗାଇ ଥିଲେ । ଏହା ସତ୍ତ୍ୱେ ଅଧୀକ୍ଷକ ସଂପୂର୍ଣ୍ଣ ଅର୍ଥ ଯୋଗାଣକାରୀଙ୍କୁ ପ୍ରଦାନ କରିଥିଲେ ।

  ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଘଟଣାର ତଦନ୍ତ ପରେ ଅନିୟମିତତା ଥିବା ଜଣାଗଲେ ଯଥାଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### 2.1.12 ନିରୀକ୍ଷଣ, ପର୍ଯ୍ୟାଲୋଚନା ଏବଂ ମୂଲ୍ୟ ନିର୍ଦ୍ଧାରଣ

#### *2.1.12.1 ନିରୀକ୍ଷଣ ଏବଂ ପର୍ଯ୍ୟାଲୋଚନା*

ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟର ଡିଏମ୍‌ଇଟି ନିୟନ୍ତ୍ରଣ ଅଧିକାରୀ ହୋଇଥିବାରୁ ଉତ୍ତମ ସ୍ୱାସ୍ଥ୍ୟ ସେବା

---

[35] ଏସ୍‌ସିବି ଏମ୍‌ସିଏଚ୍: ମେସର୍ସ ଉତ୍କଳ ସପ୍ଲାୟର୍‌ସ 1.12 କୋଟି ଟଙ୍କା; ଏମ୍‌କେସିଜି ଏମ୍‌ସିଏଚ୍: ମା ରାମଚଣ୍ଡୀ ଟ୍ରେଡର୍ସ: 0.56 ଲକ୍ଷ ଟଙ୍କା; ଭିଏସ୍‌ଏସ୍ ଏମ୍‌ସିଏଚ୍: ମାର୍ସ ଡେଭ୍‌ଲପର୍‌ସ ଏଣ୍ଡ ସପ୍ଲାୟର୍‌ସ: 6.95 ଲକ୍ଷ ଟଙ୍କା ; ପ୍ରଦୀପ କୁମାର ମିଶ୍ର ଏଜେନ୍‌ସୀ: 3.40 ଲକ୍ଷ ଟଙ୍କା

ଏବଂ ମାନକ ଭେଷଜ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଜିଏମ୍‌ସିଏଚ୍ ଗୁଡ଼ିକର କାର୍ଯ୍ୟକଳାପର ପର୍ଯ୍ୟାଲୋଚନା କରିବା ପାଇଁ ଦାୟୀ ଅଟନ୍ତି । ସମୀକ୍ଷା ନିମ୍ନଲିଖିତ ତ୍ରୁଟିବିଚ୍ୟୁତି ଥିବା ପରିଲକ୍ଷିତ କରିଥିଲେ:

- ସରକାରଙ୍କ ଅନୁଦେଶ (ଡିସେମ୍ବର 2013) ଅନୁଯାୟୀ ପ୍ରତ୍ୟେକ ଜିଏମ୍‌ସିଏଚ୍‌ର ଅଧକ୍ଷ ପ୍ରତ୍ୟେକ ଅଧ୍ୟାପନା ବିଭାଗକୁ ନିର୍ଦ୍ଦିଷ୍ଟକାଳିକ ପରିଦର୍ଶନ କରି ପ୍ରଶିକ୍ଷକମାନଙ୍କର ବିଦ୍ୟାଗତ ହାଜିରା ଉପରେ ଡିଏମଇଟି କୁ ବିବରଣୀ ଦେବେ । ଯାହାହେଉ, ଅଧକ୍ଷମାନେ ଏହି ବାବଦରେ କୌଣସି ବିଦ୍ୟାଗତ ସମୀକ୍ଷା କିମ୍ବା କୌଣସି ବିବରଣୀ ଡିଏମ୍‌ଇଟିଙ୍କୁ ଉପସ୍ଥାପିତ କରିନଥିଲେ । ସରକାର ବାଇଓମେଟ୍ରିକ୍ ହାଜିରା ପଦ୍ଧତି ପ୍ରଚଳନ (2011-12) କଲେ ଯାହାକି ତିନିଟି ଜିଏମ୍‌ସିଏଚ୍‌ରେ କାର୍ଯ୍ୟକାରୀ ହୋଇପାରିଲା ନଥିଲା । ବିଦ୍ୟାଗତ ସମୀକ୍ଷା ଏବଂ ଅଧକ୍ଷକଙ୍କ ବିବରଣୀ ଅଭାବରେ ସରକାରୀ ଭେଷଜ ମହାବିଦ୍ୟାଳୟଗୁଡ଼ିକର ବିଦ୍ୟାଗତ କାର୍ଯ୍ୟକଳାପର ଗୁଣବତ୍ତା ବିଷୟରେ ଡିଏମ୍‌ଇଟି ଅବଗତ ହୋଇପାରି ନଥିଲେ ।

- ଓଏସ୍‌ଆଇଏଚ୍‌ପି 2002 ରେ ନିର୍ଦ୍ଧାରିତ ସତ୍ତ୍ୱେ ତିନିଟି ଜିଏମ୍‌ସିଏଚ୍ ସେମାନଙ୍କର ବିଦ୍ୟାଗତ, ପ୍ରଶିକ୍ଷଣ, ସେବା ଏବଂ ଗବେଷଣା କାର୍ଯ୍ୟକଳାପ ତଥା ଆର୍ଥିକ ଏବଂ ପ୍ରଶାସନିକ ଦିଗରେ ବାର୍ଷିକ ବିବରଣୀ ପ୍ରସ୍ତୁତ କରୁନଥିଲେ ।

- ସରକାରୀ ଭେଷଜ ମହାବିଦ୍ୟାଳୟର ଗୁଣବତ୍ତା ପାଇଁ ବସ୍ତୁଗତ ଭିତ୍ତିଭୂମି, ମାନବ ସମ୍ବଳ ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟର ସର୍ବପ୍ରଥମ ବିଧାନ 1990 ଆବଶ୍ୟକ କରୁଥିବା ପରିବେଶ ଅନୁକୂଳ ଗୁଣବତ୍ତା ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସହବନ୍ଧିତ ବିଶ୍ୱବିଦ୍ୟାଳୟଗୁଡ଼ିକ 2009-14 ମଧ୍ୟରେ ତିନିଟି ଜିଏମ୍‌ସିଏଚ୍‌କୁ ନିରୀକ୍ଷଣ କରିନଥିଲେ ।

- ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ/ ଡିଏମଇଟି/ବିଶ୍ୱବିଦ୍ୟାଳୟଗୁଡ଼ିକର ଅଧିକାରୀମାନଙ୍କ ଦ୍ୱାରା ଜିଏମ୍‌ସିଏଚ୍‌ରେ ନିରୀକ୍ଷଣ ରୀତି ନିର୍ଦ୍ଧାରିତ କରାଯାଇ ନଥିଲା ।

- ଯଦିଓ ଏମଏସ୍‌ଆର୍‌ଆର୍ 1999 ଖଣ୍ଡ ବି. 1.11 ଅନୁସାରେ ୱେବସାଇଟ୍‌କୁ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଅପ୍‌ଡେଟ୍ କରିବା ଆବଶ୍ୟକ, ତିନିଟି ଜିଏମ୍‌ସିଏଚ୍‌ର ୱେବସାଇଟ୍ ଗୁଡ଼ିକ 2012 ପରେ (ଭିଏସ୍‌ଏସ୍) ଏବଂ 2013 ପରେ (ଏସ୍‌ସିବି ଏବଂ ଏମ୍‌କେସିଜି) ଅପ୍‌ଡେଟ୍ କରାଯାଇ ନଥିଲା । ବିଗତବର୍ଷର ପରୀକ୍ଷା ଫଳ, ସମସ୍ତ ପାଠ୍ୟକ୍ରମର ସବିଶେଷ ସ୍ୱୀକୃତି ଅବସ୍ଥା (ୟୁଜି, ପିଜି ଏବଂ ଡିଏମ୍‌ଏମ୍‌ସିଏଚ୍), ଅଧ୍ୟାପକମାନଙ୍କ ଦ୍ୱାରା ପରିଚାଳିତ ବିଗତବର୍ଷର ଗବେଷଣା ଡାଟାବେସ୍, ସଂସ୍ଥା ଦ୍ୱାରା ପରିଚାଳିତ ବିଦ୍ୟାଗତ କାର୍ଯ୍ୟକ୍ରମ ଚିକିତ୍ସାଳୟର ନିଦାନିକ ସାମଗ୍ରୀର ବିଶଦ ବିବରଣୀ ଇତ୍ୟାଦି ପ୍ରଦର୍ଶିତ ହେଉ ନଥିଲା ।

- ଢାଞ୍ଚାର ବ୍ୟବସ୍ଥିକରଣ, କର୍ମଚାରୀ ମୂଲ୍ୟାୟନ ଏବଂ ପରିଚାଳନାଗତ ଲକ୍ଷ୍ୟ ହାସଲ କରିବାକୁ ଅନୁଷ୍ଠାନର ଉତ୍ତମ ଓ ଦକ୍ଷତା ପାଇଁ ପ୍ରତି ପାଞ୍ଚ ବର୍ଷରେ ଥରେ ସଂଗଠନିକ ସମୀକ୍ଷା କରିବାକୁ ଓଏସଆଇଏଚ୍‌ପି 2002 ରେ ବ୍ୟବସ୍ଥା ଥିଲା । କିନ୍ତୁ ଜିଏମ୍‌ସିଏଚ୍ ଗୁଡ଼ିକର ଏହି ସମୀକ୍ଷା 2009-14 ମଧ୍ୟରେ କରାଯାଇ ନଥିଲା ।

ଅତଏବ, ଜିଏମ୍‌ସିଏଚ୍‌ର କାର୍ଯ୍ୟ ସମ୍ପାଦନ ପର୍ଯ୍ୟାଲୋଚନା ତଥା ନିରୀକ୍ଷଣ ନିମ୍ନମାନର ଥିଲା ।

ବିଭାଗ ଦର୍ଶାଇଲେ (ଜୁନ୍ 2015) ଯେ ଭେଷଜ ମହାବିଦ୍ୟାଳୟର ଅଧ୍ୟାପନା କ୍ରିୟାକଳାପ ଯତ୍ନ ନେବା ପାଇଁ ଭେଷଜ ଶିକ୍ଷା ସେଲ୍ ଗଠନ ହୋଇଥିଲା । ପୁନଶ୍ଚ, ରାଜ୍ୟର ଚିକିତ୍ସାଳୟ ପାରାମେଡିକାଲ ଶିକ୍ଷା ପଦ୍ଧତିର ତଦାରଖ କରିବା ପାଇଁ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ରହିଅଛି । ଭେଷଜ ଶିକ୍ଷା ସେଲ୍ ସହବନ୍ଧିତ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଦ୍ୱାରା କରାଯାଉଥିବା ସମୀକ୍ଷାର ତଦାରଖ କରିବେ ।

### *2.1.12.2 ପ୍ରଭାବହୀନ ଅଭିଯୋଗ ନିବାରଣ ବ୍ୟବସ୍ଥା*

ଏସ୍‌ସିବି ଏମ୍‌ସିଏଚ୍ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଦାଖଲ ପାଇଁ ଏକ ହେଲପଲାଇନ୍ ନମ୍ବର ଏବଂ ଇ-ମେଲ ଅଧିସୂଚିତ କରିଥିଲେ । ଏମକେସିଜି ଏମ୍‌ସିଏଚ୍ ଅଭିଯୋଗ ଦାଖଲ କରିବା ପାଇଁ କଲେଜ ପରିସର ମଧ୍ୟରେ ଅଭିଯୋଗର ବାକ୍ସ ବସାଇଥିଲେ ଏବଂ ଭିଏସ୍‌ଏସ୍ ଏମ୍‌ସିଏଚ୍‌ରେ ଏହିପରି କୌଣସି ବ୍ୟବସ୍ଥା ନଥିଲା (ଜୁନ୍ 2014) । ଜିଏମ୍‌ସିଏଚ୍‌ଗୁଡ଼ିକରେ ମୂଳ ନଥିପତ୍ର ଯଥା ଅଭିଯୋଗ ଅଭିଲିଖିତ କରିବା ଏବଂ ଫଏସଲା ପର୍ଯ୍ୟନ୍ତ

ଅଭିଯୋଗ ଉପରେ ନଜର ରଖିବା ପାଇଁ କୌଣସି ରେଜିଷ୍ଟର ନଥିଲା । ଏସ୍‌ସିବି ଏମ୍‌ସିଏଚ୍‌ର ଅଧକ୍ଷ ଏକ ଅଭିଯୋଗ ଗ୍ରହଣ କରିଛନ୍ତି ବୋଲି ବ୍ୟକ୍ତ କଲେ ଏବଂ ଭିଏସ୍‌ଏସ୍ ଏମ୍‌ସିଏଚ୍‌ର ଅଧକ୍ଷ 24 ଟି ଅଭିଯୋଗ 2009-14 ମଧ୍ୟରେ ଗ୍ରହଣ କରିଥିଲେ ଏବଂ ତାହାର ଫଏସଲା ହୋଇସାରିଥିଲା ।

ବିଭାଗ ଦର୍ଶାଇଲେ (ଜୁନ୍ 2015) ଯେ ଏହି ଘଟଣା ଉପରେ ଧ୍ୟାନ ଦିଆଯିବ ଏବଂ ଆବଶ୍ୟକ ହେଲେ ତାହା ସୁବ୍ୟବସ୍ଥିତ କରିବାକୁ ଜିଏମ୍‌ସିଏଚ୍‌କୁ ଅନୁଦେଶ ଦିଆଯିବ ।

## 2.1.13 ଉପସଂହାର

ରାଜ୍ୟ ସମନ୍ୱିତ ସ୍ୱାସ୍ଥ୍ୟ ନୀତି 2002 ଥିବା ସତ୍ତ୍ୱେ ଆନୁଷ୍ଠାନିକ ଆୟୋଜନ ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରଚେଷ୍ଟାର ଅଭାବ ଥିଲା । ଗୁଣବତ୍ତା ଶିକ୍ଷା ପ୍ରଦାନ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ଉପଯୁକ୍ତ ଭିତ୍ତିଭୂମି ନଥିଲା । ଶିକ୍ଷା ଏବଂ ପରୀକ୍ଷାର ମାନଗୁଡ଼ିକୁ ସୁନିଶ୍ଚିତ କରିବା ପାଇଁ ପାଠ୍ୟସୂଚୀରେ ପୁନରୀକ୍ଷଣ/ ନବୀକରଣ କରାଯାଇ ନଥିଲା । ଗବେଷଣା କ୍ରିୟାକଳାପ ପାଇଁ ପ୍ରୋତ୍ସାହନ କରାଯାଉନଥିଲା । ବିଳମ୍ବରେ ଏମଇୟୁ ସ୍ଥାପନ କରାଯାଇଥିଲା । ଭେଷଜ ଶିକ୍ଷା ଏବଂ ଗୁଣବତ୍ତା ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ପ୍ରଶିକ୍ଷକଙ୍କ ଅଭାବ ଥିଲା । ପ୍ରାକ୍ ସ୍ନାତକ ଏବଂ ସ୍ନାତୋକତ୍ତର ଛାତ୍ରମାନଙ୍କୁ ଗୁଣବତ୍ତା ଭେଷଜ ଶିକ୍ଷା ସୁନିଶ୍ଚିତ କରାଯାଇ ନଥିଲା । 2009-14 ମଧ୍ୟରେ ମୃତ୍ୟୁ ହାର ପାଞ୍ଚରୁ ସାତ ପ୍ରତିଶତକୁ ବୃଦ୍ଧି ପାଇଥିଲା । ପାଣ୍ଠିର ସୁପରିଚାଳନା ନିମନ୍ତେ ଏବଂ ବ୍ୟୟର ପରିଚାଳନା ପାଇଁ ଆର୍ଥିକ ନିୟମାବଳୀରେ ଥିବା ବ୍ୟବସ୍ଥା ଗୁଡିକୁ ଅନୁସରଣ କରାଯାଇ ନଥିଲା ଏବଂ ପାଣ୍ଠି ପରିଚାଳନାରେ ନ୍ୟୁନତା ଦେଖାଯାଇଥିଲା । ନର୍ସିଂ ବିଦ୍ୟାଳୟକୁ ମହାବିଦ୍ୟାଳୟପାହ୍ୟାକୁ ଉନ୍ନିତ କରିବା ଏବଂ ଅନ୍ୟାନ୍ୟ ଯୋଜନା ଉଦ୍ଦେଶ୍ୟରେ ଦିଅଯାଇଥିବା କେନ୍ଦ୍ରୀୟ ସହାୟତାକୁ ବିନିଯୋଗ କରାଯାଇନଥିଲା ଏବଂ ବ୍ୟାଙ୍କ ଖାତାରେ ଜମା ରଖାଯାଇଥିଲା, ଯାହାକି ସ୍ୱାସ୍ଥ୍ୟ ସେବାର ଉନ୍ନତିକୁ ପ୍ରଭାବିତ କରିଥିଲା ।

ବିଦ୍ୟାଗତ ସମୀକ୍ଷାର କାର୍ଯ୍ୟାନ୍ୱୟନ ନହେବା, ଡିଏମ୍‌ଇଟିଙ୍କ ଦ୍ୱାରା ଜିଏମ୍‌ସିଏଚ୍‌ର ନିରୀକ୍ଷଣ ନିର୍ଦ୍ଧାରଣ ନହେବା ଯୋଗୁଁ ପର୍ଯ୍ୟାଲୋଚନା ପ୍ରଭାବଶାଳୀ ନଥିଲା । ରାଜ୍ୟ ନୀତିରେ ନିର୍ଦ୍ଧାରଣ ହୋଇଥିବା ସତ୍ତ୍ୱେ 2009-14 ମଧ୍ୟରେ ଜିଏମ୍‌ସିଏଚ୍‌ର କାର୍ଯ୍ୟ ଦକ୍ଷତାର ମୂଲ୍ୟାୟନ କରାଯାଇ ନଥିଲା । ଗୋଟିଏ ପ୍ରଭାବୀ ଏବଂ ଦାୟିତ୍ୱବାନ୍ ଅଭିଯୋଗ ନିବାରଣ ବ୍ୟବସ୍ଥାର ଅଭାବ ଥିଲା ।

## 2.1.14 ସୁପାରିଶ

ନିମ୍ନଲିଖିତ ସୁପାରିଶ ଗୁଡିକୁ ସରକାର ବିଚାର କରିପାରନ୍ତି:

- ଗୁଣବତ୍ତା ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସଂଲଗ୍ନିତ ଚିକିତ୍ସାଳୟଗୁଡ଼ିକରେ ରୋଗୀ ସଂଖ୍ୟା ଏବଂ ଏମ୍‌ସିଆଇରେ ନିର୍ଦ୍ଧାରିତ ଭିତ୍ତିଭୂମି ବ୍ୟବଧାନକୁ ସଂପୂର୍ଣ୍ଣ କରିବା ।

- ଏମସିଆଇ ଦ୍ୱାରା ନିର୍ଦ୍ଧାରିତ ମାନ ଅନୁସାରେ ଶିକ୍ଷା ପ୍ରଦାନକାରୀ ଏବଂ ଅଣଶିକ୍ଷା ପ୍ରଦାନକାରୀ କର୍ମଚାରୀମାନଙ୍କ ଖାଲିଥିବା ପଦବୀ ଗୁଡିକୁ ପୁରଣ କରିବାକୁ ପାଇଁ ସରକାର ଏକ ସମୟ ଭିତ୍ତିକ କାର୍ଯ୍ୟାନୁଷ୍ଠାନ ଯୋଜନା ପାଇଁ ଆବଶ୍ୟକ ପଦକ୍ଷେପ ନେବା ।

- ଉତ୍ତମ ଭେଷଜ ଶିକ୍ଷା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ପରିଚାଳନା ପାଇଁ ସରକାର ଗୁଣବତ୍ତା ଗବେଷଣାତ୍ମକ କାର୍ଯ୍ୟକ୍ରମର ପ୍ରୟୋଜନ ସୁନିଶ୍ଚିତ କରିବା ।

- ଜିଏମ୍‌ସିଏଚ୍‌ରେ ଔଷଧ ଏବଂ ଯନ୍ତ୍ରପାତି ଏବଂ ପାଣ୍ଠିର ଅଭାବକୁ ଦୂର କରିବା ପାଇଁ ତିନିଟି ଜିଏମ୍‌ସିଏଚ୍‌ରୁ ଉପଯୁକ୍ତ ନିର୍ଦ୍ଧାରଣ କରି ଏକ ବାସ୍ତବବାଦୀ ବଜେଟ୍ ପ୍ରସ୍ତୁତ କରିବା ।

ସରକାର ଦର୍ଶାଇଥିଲେ (ଜୁନ୍ 2015) ଯେ ପ୍ରତିବେଦନରେ ଦିଆଯାଇଥିବା ସୁପାରିଶ ପ୍ରତି ଧ୍ୟାନ ଦିଆଯିବ ।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

## 2.2 ରାଜ୍ୟରେ ପ୍ରାଥମିକ ଶିକ୍ଷା


### *କାର୍ଯ୍ୟ ନିର୍ବାହୀ ସାରାଂଶ*

*'ରାଜ୍ୟରେ ପ୍ରାଥମିକ ଶିକ୍ଷା' ଉପରେ 2009-14 ବର୍ଷ ଅବଧି ପାଇଁ କରାଯାଇଥିବା ସମ୍ପାଦନ ସମୀକ୍ଷା ରେ ଦର୍ଶାଯାଇଛି ଯେ ପ୍ରାଥମିକ ଶିକ୍ଷା ପାଇଁ 23,193.60 କୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ବିଭାଗର ଦୂର ଦୃଷ୍ଟିର ଅଭାବ, ସଠିକ୍ ଯୋଜନାର ଅଭାବ ଏବଂ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା (ଆରଟିଇ) ପାଇଁ ପିଲାମାନଙ୍କ ଅଧିକାର ଅଧିନିୟମ 2009 ର ପ୍ରାବଧାନଗୁଡିକୁ ନିଷ୍ଠାପର ଭାବରେ ପାଳନ ନକରିବା ଫଳରେ ରାଜ୍ୟରେ ପ୍ରାଥମିକ ଶିକ୍ଷାର ସ୍ଥିତି ଦୁଃସ୍ଥ ଅବସ୍ଥାରେ ରହିଥିଲା ।*

*ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ ନକରାଯିବା, ଭିତ୍ତିଭୂମିର ମାନ ଓ ଶିକ୍ଷକ ନିଯୁକ୍ତି ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ନହେବା ଯୋଗୁଁ ଯୋଜନାରେ ଅଭାବ ପରିଲକ୍ଷିତ ହୋଇଥିଲା । ବେସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ ଅନୁମତି ଓ ସ୍ୱୀକୃତି ପ୍ରଦାନ ଯଥେଷ୍ଟ ନଥିଲା ଯେହେତୁ ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟରେ 1,544 ଟି ଏଭଳି ବିଦ୍ୟାଳୟ ସ୍ୱୀକୃତି ନଥାଇ ଚାଲୁଥିଲା, ଯଦିଓ ଆରଟିଇ ଅଧିନିୟମ କୌଣସି ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ଚଳିବାକୁ ପ୍ରଶୟ ଦେଇନଥିଲା ।*

*ମାର୍ଚ୍ଚ 2014 ସୁଦ୍ଧା 1,226 ଟି ଯୋଗ୍ୟ ଜନବସତିର ଏକ କିଲୋମିଟର ମଧ୍ୟରେ କୌଣସି ପ୍ରାଥମିକ ବିଦ୍ୟାଳୟ (ପିଏସ୍) ଓ 201 ଟି ଜନବସତିର ତିନି କିଲୋମିଟର ମଧ୍ୟରେ କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ୟୁପିଏସ୍) ଖୋଲାଯାଇନଥିଲା । ପ୍ରାଥମିକ ସ୍ତରରେ ନାମ ଲେଖାଇବା ପିଲାଙ୍କ ସଂଖ୍ୟା 2009-10 ରେ 66.21 ଲକ୍ଷରୁ 2013-14 ରେ 63.88 ଲକ୍ଷକୁ ଖସି ଆସିଥିଲାବେଳେ 2009-14 ମଧ୍ୟରେ ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଅପେକ୍ଷା ବେସରକାରୀ ବିଦ୍ୟାଳୟ ଗୁଡିକରେ ପିଲାସଂଖ୍ୟାରେ ବୃଦ୍ଧି ଘଟିଥିଲା, ଏଥିରୁ ସୂଚୀତ ହେଉଥିଲା ଯେ, ଯଦିଓ ମଧ୍ୟାହ୍ନ ଭୋଜନ, ମାଗଣାରେ ପୁସ୍ତକ ଓ ପୋଷାକ ଯୋଗାଣ ଭଳି କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା, ସରକାରୀ/ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକ ପିଲାମାନଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଇଥିଲେ ।*

*ପ୍ରାଥମିକ ଶିକ୍ଷାର ଗୁଣ ହ୍ରାସ ପାଇଥିଲା କାରଣ 2009-14 ମଧ୍ୟରେ 3,440 ରୁ 8,739 ବିଦ୍ୟାଳୟରେ 1.79 ଲକ୍ଷରୁ 3.88 ଲକ୍ଷ ପିଲାଙ୍କ ପାଇଁ କେବଳ ବିଦ୍ୟାଳୟ ପିଛା ଜଣେ ଶିକ୍ଷକ ନିଯୁକ୍ତ ହୋଇଥିଲେ, ବିଜ୍ଞାନ ଓ ଗଣିତ ପାଇଁ ଉଦ୍ଦିଷ୍ଟ 2,558 ଶିକ୍ଷକ ପଦବୀ ବହୁ ବର୍ଷ ଧରି ପୂରଣ ହୋଇପାରିନଥିଲା, ଆରଟିଇ ଅଧିନିୟମ ଅନୁସାରେ ଅଗଷ୍ଟ 2014 ମଧ୍ୟରେ ସମସ୍ତ ଅଣତାଲିମ ପ୍ରାପ୍ତ ଶିକ୍ଷକଙ୍କୁ ତାଲିମ ଦେବାରେ ବ୍ୟବସ୍ଥା ଥିଲେ ମଧ୍ୟ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ନଥାଇ ପ୍ରାଥମିକ ବିଦ୍ୟାଳୟ (20,471) ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ (936) ପ୍ରଶିକ୍ଷଣ ନପାଇ ଶିକ୍ଷକମାନେ ଶିକ୍ଷାଦାନ ଜାରି ରଖିଥିଲେ ।*

*ଆରଟିଇ ଅଧିନିୟମ ଦ୍ୱାରା ନିର୍ଦ୍ଧାରିତ ମାନ ଅନୁସାରେ ଶ୍ରେଣୀ ଗୃହ, ଶୌଚାଳୟ, ପର୍ଯ୍ୟାପ୍ତ ଏବଂ ସୁରକ୍ଷିତ ପାନୀୟ ଜଳ ଯୋଗାଣ ଭଳି ଆବଶ୍ୟକୀୟ ଭିତ୍ତିଭୂମି ବିଦ୍ୟାଳୟମାନଙ୍କୁ ଯୋଗାଇ ଦିଆ ଯାଇନଥିଲା, ଯଦିଓ ଏହାର ସମୟ ସୀମା ଅଗଷ୍ଟ 2012 ସୁଦ୍ଧା ସମାପ୍ତ ହୋଇଯାଇଥିଲା । 2009-14 ମଧ୍ୟରେ 33,499 ରୁ 50,400 ଶିକ୍ଷକ ପଦବୀ ଖାଲି ପଡିଥିଲା ବେଳେ ଶିକ୍ଷକ ପଦବୀ ପୂରଣର ସୁବ୍ୟବସ୍ଥିକରଣ କରାଯାଇ ନଥିଲା ଏବଂ ନମୁନା ଯାଞ୍ଚ ହୋଇଥିବା କିଛି ଜିଲ୍ଲାରେ ଶିକ୍ଷକ ଓ ଛାତ୍ରଙ୍କର ଅନୁପାତ 1:187 ଓ 1:272 ରହିଥିଲା ।*

*ସରକାରଙ୍କର ଅନୁଦାନ ପ୍ରଦାନ ନୀତିରେ ତ୍ରୁଟିଥିଲା ଯାହାଫଳରେ ରାଜ୍ୟରେ 629 ଟି ପ୍ରାଥମିକ/ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯୋଗ୍ୟ ବିବେଚିତ ହେଉନଥିବା ଶିକ୍ଷକମାନଙ୍କୁ 23.66 କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା ।*

*ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) କାର୍ଯ୍ୟକ୍ରମ ଫଳପ୍ରଦ ନଥିଲା କାରଣ 191 ଟି ଅଯୋଗ୍ୟ ବିଦ୍ୟାଳୟକୁ ଏମଡିଏମ ପ୍ରଦାନ କରାଯାଇଥିଲା, 105.98 ମେଟ୍ରିକ ଟନ୍ ଏମଡିଏମ ଚାଉଳର ତୋଷାରପାତ ହୋଇଥିଲା, ପାଣ୍ଠି ପରିଚାଳନା ଦୁର୍ବଳ ଥିଲା କାରଣ 252.29 କୋଟି ଟଙ୍କାର ଅଗ୍ରୀମ ବହୁବର୍ଷ ଧରି ବ୍ୟବସ୍ଥିତ ନହୋଇ ଅନାଦାୟ ରହିଥିଲା, 28.80 କୋଟି ଟଙ୍କା ବହୁ ବର୍ଷ ଧରି ଅବରୋଧ ହୋଇ ପଡ଼ି ରହିଥିଲା । ସମୀକ୍ଷା ଓ ପରିଚାଳନା ପଦ୍ଧତି ଦୁର୍ବଳ ଥିଲା ।*

## 2.2.1 ଉପକ୍ରମ

ଭାରତର ସମ୍ବିଧାନର ଧାରା 21(ଏ)ରେ 6 ବର୍ଷରୁ 14 ବର୍ଷ ମଧ୍ୟରେ ସମସ୍ତ ପିଲାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାର ପ୍ରାବଧାନ ରହିଅଛି । ଭାରତ ସରକାର ମଧ୍ୟ ପିଲାମାନଙ୍କର ଅଧିକାର ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା (ଆରଟିଇ) ଅଧିନିୟମ 2009 (ଅଗଷ୍ଟ 2009) ଏବଂ ତଦଧୀନ ଆରଟିଇ ନିୟମ 2010 ପ୍ରଣୟନ କରିଥିଲେ । ତଦନୁଯାୟୀ ଓଡିଶା ସରକାର ପିଲାମାନଙ୍କ ଅଧିକାର ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିୟମ 2010 ପ୍ରଣୟନ କରିଥିଲେ (ଜାନୁଆରୀ 2011) ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ରାଜ୍ୟରେ ବିକାଶମୁଖୀ ଓ ମଜବୁତ୍ କରି ନିର୍ମାଣ କରିବାରେ ସହଯୋଗ କରିବା ପାଇଁ ଭାରତ ସରକାର ଦୁଇଟି ଅଗ୍ରଗାମୀ ଯୋଜନା ପ୍ରଣୟନ କରିଥିଲେ ଯଥା ପ୍ରାଥମିକ ଶିକ୍ଷା ପାଇଁ ପୌଷ୍ଟିକ ସମର୍ଥନର ଜାତୀୟ ଯୋଜନା (ଏନ୍‌ପିଏନ୍‌ଏସ୍‌ପିଇ), ଯାହା ସାଧାରଣରେ ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ବୋଲି ବିବେଚନା କରାଯାଏ, ଅଗଷ୍ଟ 1995 ରେ ଏବଂ ସର୍ବ ଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ) 2001 ରେ ଚାଲୁ କରିଥିଲେ । ପ୍ରାଥମିକ ସ୍ତରରେ ନାମ ଲେଖାଇଥିବା ପିଲାମାନଙ୍କର ପୁଷ୍ଟିକରଣ ଓ ଉପସ୍ଥାନ ବୃଦ୍ଧି କରିବା ପାଇଁ ଏମଡିଏମ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲାବେଳେ 2010 ସୁଦ୍ଧା 6 ରୁ 14 ବର୍ଷ ର ପିଲାମାନଙ୍କର ଉପସ୍ଥାନ ବୃଦ୍ଧି, ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା 'ଶୁନ୍ୟ'କୁ ଆଣିବା ଏବଂ ଶିକ୍ଷାର ମାନବୃଦ୍ଧି କରିବା ସର୍ବଶିକ୍ଷା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଓଡିଶା ସରକାର ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ପାଠ୍ୟ ପୁସ୍ତକ ଓ ପୋଷାକ ଯୋଗାଇ ଦେଉଛନ୍ତି ।

ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟର 67,666 ଟି ପ୍ରାଥମିକ ବିଦ୍ୟାଳୟ (ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ) 63.88 ଲକ୍ଷ ଛାତ୍ରଛାତ୍ରୀଙ୍କୁ ନେଇ ଚାଲୁଥିଲା ଏବଂ 2009-10 ରୁ 2013-14 ମଧ୍ୟରେ ବିଦ୍ୟାଳୟ ସଂଖ୍ୟା ଓ ସେଥିରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ବର୍ଷୱାରୀ ବିବରଣୀ ନିମ୍ନରେ ଦର୍ଶାଗଲା:

***ସାରଣୀ 2.2.1: 2009-14 ମଧ୍ୟରେ ବିଦ୍ୟାଳୟ ସଂଖ୍ୟା ଓ ଛାତ୍ରଛାତ୍ରୀ ସଂଖ୍ୟା***

| ବର୍ଷ | ବିଦ୍ୟାଳୟ ସଂଖ୍ୟା | | | | | | ନାମ ଲେଖାଇଥିବା ଛାତ୍ରଛାତ୍ରୀ ସଂଖ୍ୟା (ଲକ୍ଷରେ) | | |
|---|---|---|---|---|---|---|---|---|---|
| | ସରକାରୀ | ଅନୁଦାନ ପ୍ରାପ୍ତ | ଅନ୍ୟାନ୍ୟ | ଅଣ ଅନୁଦାନ ପ୍ରାପ୍ତ | ଅଣସ୍ୱୀକୃତ ପ୍ରାପ୍ତ | ମୋଟ | ବାଳକ | ବାଳିକା | ମୋଟ |
| 2009-10 | 55432 | 4060 | 655 | 2760 | 1570 | 64477 | 34.07 | 32.14 | 66.21 |
| 2010-11 | 56530 | 4200 | 562 | 2844 | 1496 | 65632 | 33.80 | 31.99 | 65.79 |
| 2011-12 | 57478 | 4306 | 548 | 2893 | 1463 | 66688 | 33.54 | 31.66 | 65.20 |
| 2012-13 | 57680 | 4458 | 615 | 2981 | 1501 | 67235 | 33.09 | 31.13 | 64.22 |
| 2013-14 | 57921 | 4527 | 494 | 3180 | 1544 | 67666 | 32.93 | 30.95 | 63.88 |

***(ଉତ୍ସ: ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ଓପେପାର ବଜେଟ୍)***

## 2.2.2 ସାଙ୍ଗଠନିକ ବ୍ୟବସ୍ଥା

ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା (ଏସ୍‌ଏଣ୍ଡଏମ୍‌ଇ) ବିଭାଗର ମୁଖ୍ୟ ଭାବରେ କମିଶନର ତଥା ସଚିବ ରାଜ୍ୟର ପ୍ରାଥମିକ ଶିକ୍ଷାର ପ୍ରଶାସନ କାର୍ଯ୍ୟକ୍ରମ, ନୀତି, ଯୋଜନା ପ୍ରଣୟନ ସହିତ କାର୍ଯ୍ୟାନ୍ୱୟନ ଓ ପର୍ଯ୍ୟାଲୋଚନା ପାଇଁ ଦାୟୀ ଅଟନ୍ତି । କମିଶନର ତଥା ସଚିବଙ୍କୁ ସହଯୋଗ କରିବା ପାଇଁ ପ୍ରାଥମିକ ଶିକ୍ଷା ପରିଚାଳକ (ଡିଇଇ) ଅଛନ୍ତି

ଯିଏକି ପ୍ରତ୍ୟେକ ଜିଲ୍ଲା ସ୍ତରରେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ବ୍ଲକ ସ୍ତରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ମାନଙ୍କ ସହାୟତାରେ ବିଦ୍ୟାଳୟଗୁଡିକର ପ୍ରଶାସନ ଓ ପର୍ଯ୍ୟବେକ୍ଷଣ କରନ୍ତି ।

ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା (ଜାନୁୟାରୀ 1996) ଏକ ସମିତି ଯଥା, ଓଡିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ସଂସ୍ଥା (ଓପେପା), ରାଜ୍ୟରେ ସର୍ବଶିକ୍ଷା ଅଭିଯାନର କାର୍ଯ୍ୟାନ୍ୱୟନ ପାଇଁ ଦାୟୀ ଅଟେ । ଓପେପାର ମୁଖ୍ୟ ହିସାବରେ ଜଣେ ରାଜ୍ୟ ପ୍ରକଳ୍ପ ପରିଚାଳକ ରହିଛନ୍ତି ଯାହାଙ୍କୁ ଜିଲ୍ଲା ସ୍ତରରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଡିପିସି) ମାନେ ସହାୟତା କରନ୍ତି । ଏମ୍‌ଡିଏମ୍ ପ୍ରକଳ୍ପ ଅଗଷ୍ଟ 2011ପର୍ଯ୍ୟନ୍ତ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳନା କରାଯାଉଥିଲା ଏବଂ ତା ପରଠାରୁ ଏସ୍‌ଏଣ୍ଡଏମ୍‌ଇ ବିଭାଗ ଦ୍ୱାରା ପରିଚାଳିତ ହେଉଅଛି । ଏମ୍‌ଡିଏମ୍ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ନୋଡାଲ ଅଧିକାରୀ (ଏସ୍‌ଏନ୍‌ଓ) ହେଉଛନ୍ତି କାର୍ଯ୍ୟକାରୀ ମୁଖ୍ୟ ।

### 2.2.3 ସମୀକ୍ଷାର ଉଦ୍ଦେଶ୍ୟ

ସମୀକ୍ଷା ନିମ୍ନଲିଖିତ ବିଷୟ ନିର୍ଦ୍ଧାରଣ ନିମନ୍ତେ କରାଯାଇଥଲା କି:

- ଯୋଜନା ପ୍ରସ୍ତୁତି ପର୍ଯ୍ୟାପ୍ତ ଓ ପ୍ରଭାବୀ ଥିଲା ଏବଂ ଏହା ଗୋଷ୍ଠୀ ଓ ପିତାମାତାଙ୍କର ମାଲିକାନା ନିଶ୍ଚିତ କରିବାକୁ ସାମିଲ୍ କରାଯାଇଥିଲା;
- 6 ରୁ 14 ବର୍ଷର ସମସ୍ତ ପିଲା ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ବାଧ୍ୟତା ମୂଳକ ଭାବେ ନାମ ଲେଖାଇଥିଲେ ଓ ଶିକ୍ଷା ଅବ୍ୟାହତ ରଖିଥିଲେ ଏବଂ ପାଠପଢା କାର୍ଯ୍ୟକ୍ରମ ଉପଯୁକ୍ତ ଓ ପ୍ରଭାବୀ ଢଙ୍ଗରେ କରାଯାଇଥିଲା;
- ଆର୍‌ଟିଇ ଅଧିନୀୟମରେ ନିର୍ଦ୍ଧାରିତ ନୀତି ଅନୁସାରେ ଯଥେଷ୍ଟ ଆବଶ୍ୟକୀୟ ଭିତ୍ତିଭୂମି ଓ ଶିକ୍ଷିତ ଏବଂ ପେଶାଗତ ପ୍ରଶିକ୍ଷିତ ଶିକ୍ଷକ ଯଥେଷ୍ଟ ପରିମାଣର ଥିଲେ ଏବଂ ସେମାନଙ୍କୁ ଉପଯୁକ୍ତ ଉପଯୋଗ କରାଯାଉଥିଲା;
- ପ୍ରାଥମିକ ଶ୍ରେଣୀରେ ପିଲାମାନଙ୍କର ପୌଷ୍ଟିକ ସ୍ଥିତିରେ ଉନ୍ନତି ପାଇଁ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ମିତବ୍ୟୟିତା, ଦକ୍ଷତାର ଏବଂ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ ହେଉଥିଲା;
- ବେସରକାରୀ ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନରେ ଉଚିତ୍ ଏବଂ ସମାନତା ରକ୍ଷା କରାଯାଇଥିଲା । ଆବଶ୍ୟକୀୟ ଅର୍ଥର ଆକଳନ ସତର୍କତାର ସହ ହୋଇଥିଲା ଓ ପର୍ଯ୍ୟାପ୍ତ ପରିମାଣର ଯୋଗାଇ ଦିଆଯାଇଥିଲା ଏବଂ ମିତବ୍ୟୟିତା, ଦକ୍ଷତା ଓ ପ୍ରଭାବୀ ଭାବରେ ପରିଚାଳିତ ହୋଇଥିଲା; ଏବଂ
- ପରିଦର୍ଶନ ଓ ପରିଚାଳନା ପଦ୍ଧତି ପର୍ଯ୍ୟାପ୍ତ ଓ ଯଥେଷ୍ଟ ଥିଲା ।

### 2.2.4 ସମୀକ୍ଷା ମାନଦଣ୍ଡ

ନିମ୍ନଲିଖିତ ଦସ୍ତାବିଜ ମଧ୍ୟରୁ ଏହି ସଂପାଦନ ସମୀକ୍ଷାର ମାନଦଣ୍ଡ ଗୁଡ଼ିକ ଉଦ୍ଧାର କରାଯାଇଥିଲା ।

- ଜାତୀୟ ଶିକ୍ଷା ନୀତି 1969 ଓ 1986 ।
- ଓଡ଼ିଶା ଶିକ୍ଷା ଅଧିନିୟମ 1969 ଏବଂ ଏହା ଉପରେ ପର୍ଯ୍ୟବେଶିତ ନିୟମାବଳୀ ।
- ଭାରତ ସରକାରଙ୍କର ଏସ୍‌ଏସ୍‌ଏ ଓ ଏମ୍‌ଡିଏମ୍ ଉପରେ ଥିବା ମାର୍ଗଦର୍ଶିକା ଏବଂ ରାଜ୍ୟ ଓ କେନ୍ଦ୍ର ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶନାମା ।
- ଆର୍‌ଟିଇ ଅଧିନିୟମ 2009 ଓ ଆର୍‌ଟିଇ ନିୟୟମାବଳୀ 2010, ଅନୁଦାନ ନିର୍ଦ୍ଦେଶାବଳୀ, ଓଡ଼ିଶା ବଜେଟ୍ ମାନୁଆଲ, ଓଡିଶା ଟ୍ରେଜେରୀ କୋଡ୍ ଓ ଓଡ଼ିଶା ଜେନେରାଲ ଫାଇନାନସିଆଲ ରୁଲ୍ସ ।

### 2.2.5 ସମୀକ୍ଷାର ପରିସର ଓ ପଦ୍ଧତି

ନଭେମ୍ବର 2014 ରୁ ମାର୍ଚ୍ଚ 2015 ମଧ୍ୟରେ 2009-14 ଅବଧିକୁ ନେଇ ସମୀକ୍ଷା କରାଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଓପେପା, ଆଠଟି ନମୁନା ଜିଲ୍ଲା[36] ର (25 ପ୍ରତିଶତ) ଡିପିସି ଓ ଡିଇଓ ମାନଙ୍କର ନଥିର ନମୁନା ଯାଞ୍ଚ୍ କରାଯାଇଥିଲା । ଏହି ଜିଲ୍ଲା ଗୁଡ଼ିକରେ ଥିବା 15,896 ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ 191 ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏମ୍‌ଡିଏମ୍ ପାଇଁ ଅତିରିକ୍ତ ତିନିଟି ଜିଲ୍ଲା (କେନ୍ଦ୍ରାପଡ଼ା, କନ୍ଧମାଳ ଓ ପୁରୀ)କୁ ମିଶାଇ ସମୁଦାୟ 11 ଟି ଜିଲ୍ଲାରୁ 148ଟି ଅଧିକ ବିଦ୍ୟାଳୟକୁ ସାମିଲ୍ କରାଯାଇଥିଲା । 2014 ମସିହା ସେପ୍ଟେମ୍ବର 15 ତାରିଖରେ ଅନୁଷ୍ଠିତ ପ୍ରବେଶ ବୈଠକରେ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବଙ୍କ ସହ ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, ପଦ୍ଧତି ଓ ପରିସର ସମ୍ବନ୍ଧରେ ଆଲୋଚନା ହୋଇଥିଲା । 2015 ମସିହା ମଇ 29 ତାରିଖ ଦିନ ପ୍ରସ୍ଥାନ ବୈଠକରେ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ଆଲୋଚିତ ହୋଇଥିଲା ।

ନମୁନା ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ଥିବା ସୁବିଧା ସୁଯୋଗ ଗୁଡିକର ମିଳିତ ସରଜମିନ୍ ତଦନ୍ତ ଡିଇଓ/ ଡିପିସି ମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ କରାଯାଇଥିଲା ଏବଂ ଆବଶ୍ୟକ ସ୍ଥଳେ ଫଟୋ ଉତ୍ତୋଳନ କରାଯାଇଥିଲା । ସଂପୃକ୍ତ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକମାନେ ସମୀକ୍ଷାରେ ଅନୁରୋଧ କ୍ରମେ ପିଲାମାନଙ୍କର ଜ୍ଞାନ ପରୀକ୍ଷା କରିଥିଲେ । ସେହିପରି ଭାବରେ ପାଠ୍ୟ ଉପକରଣ, ତାଲିମ ପ୍ରଦାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବିଷୟ ପ୍ରଶ୍ନାବଳୀ ମାଧ୍ୟମରେ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କର ଏକ ସର୍ଭେ କରାଯାଇଥିଲା । ଏଥିରୁ ଉପଲବ୍ଧ ତଥ୍ୟକୁ ବିଚାର କରାଯାଇଥିଲା ଏବଂ ରିପୋର୍ଟର ଉଚିତ୍ ସ୍ଥାନରେ ସାମିଲ୍ କରାଯାଇଥିଲା ।

ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଗଲା ।

**ସମୀକ୍ଷା ସିଦ୍ଧାନ୍ତ**

### 2.2.6 ଯୋଜନା

ସର୍ବଶିକ୍ଷା ଅଭିଯାନ ମାର୍ଗଦର୍ଶିକା ଆକଳନ, ସମାନତା ଓ ଦକ୍ଷତା ଉପରେ ଗୁରୁତ୍ୱ ଆରୋପ କରିବା ସହିତ ରାଜ୍ୟ ଓ ପ୍ରତ୍ୟେକ ଜିଲ୍ଲା ପାଇଁ ଦୀର୍ଘ ଓ ମଧ୍ୟବର୍ତ୍ତୀ ଯୋଜନା ପ୍ରଣୟନ ସହିତ ଦୂରଦୃଷ୍ଟି ସଂପନ୍ନ ସମୃଦ୍ଧି ଯୋଜନା କରିବା ଆବଶ୍ୟକ କରେ । ମାର୍ଗଦର୍ଶିକାରେ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ, ବିକାଶ ଓ ଶିକ୍ଷକ ପଦବୀ ପୁରଣ ତିନି ବର୍ଷିଆ ସମୟ ସୀମା ରଖାଯାଇଥିଲା ବେଳେ ଆର୍‌ଟିଇ ଅଧିନିୟମ 2009 ଅନୁଯାୟୀ ପାଞ୍ଚ ବର୍ଷ ମଧ୍ୟରେ ସମସ୍ତ ଶିକ୍ଷକଙ୍କ ବୃତ୍ତିଗତ ଦକ୍ଷତା ହାସଲର ପ୍ରତିଶ୍ରୁତି ଥିଲା । ଆହୁରି ମଧ୍ୟ ବିଭିନ୍ନ ଅଭାବ ଓ ତାହାକୁ ବାର୍ଷିକ ଯୋଜନା ପୂରଣ । ଦିଗରେ ସମ୍ବଳ[37]ର ପ୍ରାବଧାନକୁ ଦର୍ଶାଉଥିବା ଯୋଜନା ପ୍ରଣୟନ କରିବା କଥା । ଏତଦ୍ ବ୍ୟତୀତ, ରାଜ୍ୟର ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ (ଜୁନ୍ 2009) ଯେ ମୁଖ୍ୟ କାର୍ଯ୍ୟକାରୀ ଅଞ୍ଚଳ ସହିତ ସ୍ୱଷ୍ଟ ଚିହ୍ନିତ ପର୍ଯ୍ୟାଲୋଚନା ଲକ୍ଷ୍ୟ ନେଇ ସମସ୍ତେ ପଞ୍ଚବାର୍ଷିକ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରିବେ ।

ସମୀକ୍ଷାରେ ନିମ୍ନ ବିଷୟ ଗୁଡ଼ିକ ଦୃଷ୍ଟିଗୋଚର ହୋଇଥିଲା :

- ***ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ ନକରିବା:*** ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ପାଇଁ ଭିତ୍ତିଭୂମି ଓ ଅନ୍ୟାନ୍ୟ ଅଭାବକୁ ଦର୍ଶାଇ ଦୀର୍ଘ ମିଆଦି ଯୋଜନା ସରକାର 2009-14 ମଧ୍ୟରେ ପ୍ରସ୍ତୁତ କରିନଥିଲେ । ରାଜ୍ୟର ତଥା ପ୍ରତ୍ୟେକ ଜିଲ୍ଲାର ପରିଚାଳନାଗତ ଲକ୍ଷ୍ୟ ଓ ତାହାକୁ ପୂରଣ କରିବା ପାଇଁ ପାଣ୍ଠିର ପ୍ରାବଧାନ କରାଯାଇନଥିଲା ।

---

[36] ଅନୁଗୁଳ, ବଲାଙ୍ଗୀର, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ଖୋର୍ଦ୍ଧା, କଟକ

[37] ପାଣ୍ଠି, ଯୋଗ୍ୟତା ଏବଂ ଅଭିଜ୍ଞ ଶିକ୍ଷକ ଓ ଦକ୍ଷତା

- ***ବାର୍ଷିକ ଯୋଜନାରେ ଅଭାବ*** : ରାଜ୍ୟରେ ଏକ ବାସ୍ତବ ବାର୍ଷିକ ଯୋଜନା ପ୍ରସ୍ତୁତ କରିବା ପାଇଁ ନମୁନା ଯାଞ୍ଚ କରାଯାଇଥିବା 191 ଟି ବିଦ୍ୟାଳୟ ମଧ୍ୟରୁ 144 ଟି ବିଦ୍ୟାଳୟର ଉନ୍ନୟନ ଯୋଜନା (ଏସ୍‌ଡିପି)କୁ ସାମିଲ କରାଯାଇନଥିଲା ଏବଂ ଯୋଜନା କ୍ରମରେ ଗୋଷ୍ଠୀଗୁଡିକୁ ସଂପୃକ୍ତ କରାଯାଇନଥିଲା । ଫଳରେ ଓପେପା ଦ୍ୱାରା ପ୍ରସ୍ତୁତ 2009-14 ବର୍ଷିକ ଯୋଜନା ଏସଡିପି ଉପରେ ଆଧାରିତ ନଥିଲା ।

  ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଓପେପା ଦ୍ୱାରା 2007-12 ପାଇଁ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରାଇଥିଲେ, ଯେଉଁଥିରେ ବିଭିନ୍ନ ଲକ୍ଷ୍ୟଗୁଡିକ ପାଇଁ ସଂକେତକ ଯେପରି ବିଦ୍ୟାଳୟ, ଧାରଣ ଶକ୍ତି ଶିକ୍ଷକ, ଗୁଣବତ୍ତା ଗୁଡିକର ବାର୍ଷିକ ଭିତ୍ତିରେ ପ୍ରସ୍ତୁତ କରାଯାଇଥିଲା । ଯାହାହେଉ, ଓପେପା 2007-12 ବର୍ଷ ପାଇଁ କେବଳ ପାଣ୍ଠିର ଆବଶ୍ୟକତା (167.80 କୋଟି ଟଙ୍କା) ବିଭାଗକୁ ଦେଇଥିଲେ (ଜୁଲାଇ 2010) ଓ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରିନଥିଲେ ।

- ***ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ମୂଖ୍ୟ ଯୋଜନା ପ୍ରସ୍ତୁତ ହୋଇନଥିଲା:*** ସରକାରୀ କ୍ଷେତ୍ରରେ ନୂତନ ବିଦ୍ୟାଳୟ ଖୋଲିବା ପାଇଁ ଓପେପା ଦ୍ୱାରା ବିଦ୍ୟାଳୟ ମ୍ୟାପିଙ୍ଗ ମାଧ୍ୟମରେ ଓ ବେସରକାରୀ ବିଦ୍ୟାଳୟ ଖୋଲିବା ପାଇଁ ବିଦ୍ୟାଳୟ ପରିଚାଳନା ସମିତିକୁ ଡିଇଇ ର ଅନୁମତି ପାଇଁ ଆଞ୍ଚଳିକ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଆବେଦନ କରିବାର ଆବଶ୍ୟକ ଥିଲା । ମୁଖ୍ୟ ଯୋଜନା ଅନୁସାରେ ଡିଇଇ, ଡିଇଓ ମାନଙ୍କ ଠାରୁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା ପାଇଁ ପ୍ରସ୍ତାବ ଗ୍ରହଣ କରିଥାନ୍ତି । ଯାହାହେଉ 2009-10 ରୁ 2013-14 ମଧ୍ୟରେ ଡିଇଇ କୌଣସି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିନଥିଲେ ଯାହା ଫଳରେ ଅଞ୍ଚଳର ଆବଶ୍ୟକତାକୁ ବିଚାରକୁ ନନେଇ ବିଦ୍ୟାଳୟଗୁଡିକୁ ଖୋଲାଯାଇଥିବାରୁ ଜିଲ୍ଲାମାନଙ୍କରେ ବିଦ୍ୟାଳୟ ସ୍ଥାପନାରେ ଅହେତୁକ ବୃଦ୍ଧି ହୋଇଥିଲା । ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା 12 ରୁ 14 ବର୍ଷର ପିଲାଙ୍କର ବିଦ୍ୟାଳୟ ପ୍ରତି ହାରାହାରି ସଂଖ୍ୟା ରାଜ୍ୟର 66 ଥିଲାବେଳେ ନମୁନା ଯାଞ୍ଚ୍ କରାଯାଇଥିବା ଆଠଟି ଜିଲ୍ଲାରେ ହାରାହାରି 70 ରହିଥିଲା, ସର୍ବୋଚ୍ଚ ନବରଙ୍ଗପୁର ଜିଲ୍ଲାରେ (91.17) ଥିଲାବେଳେ ସର୍ବନିମ୍ନ ଅନୁଗୁଳ ଜିଲ୍ଲାରେ (57.59) ରହିଥିଲା ।

- ***ମାଧ୍ୟମିକ ଶିକ୍ଷାରୁ ଅଷ୍ଟମ ଶ୍ରେଣୀକୁ ଅଲଗା ନକରିବା:*** ଜାତୀୟ ଶିକ୍ଷାନୀତି 1968 ରେ ଅଷ୍ଟମ ଶ୍ରେଣୀ କୁ ମାଧ୍ୟମିକ ଶିକ୍ଷାରୁ ବାଦ୍ ଦେଇ ପ୍ରାଥମିକ ଶିକ୍ଷା (ଉଚ୍ଚ ପ୍ରାଥମିକ) ରେ ସାମିଲ କରିବା ପାଇଁ ପ୍ରାବଧାନ ରହଛି । ଆର୍‌ଟିଇ ଅଧିନିୟମର ଧାରା 2(ଏଫ୍) ରେ ପ୍ରାଥମିକ ଶିକ୍ଷା ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବୋଲି ବ୍ୟାଖ୍ୟା କରାଯାଇଛି ଏବଂ 6 ରୁ 14 ବର୍ଷ ମଧର ପିଲାମାନଙ୍କୁ ପଡ଼ୋଶୀ ସ୍କୁଲରେ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ପ୍ରଦାନ ସମାପ୍ତ ହେବା ପର୍ଯ୍ୟନ୍ତ ପ୍ରାବଧାନ ରଖାଯାଇଛି । ଯଦିଓ ସରକାର ଏହାକୁ ଅଗଷ୍ଟ 2013 ରେ ଲାଗୁ କରିବା ପାଇଁ ଆଦେଶ ଦେଇଥିଲେ ତେବେ ଏହା କାର୍ଯ୍ୟକାରୀ ହୋଇନଥିଲା ଏବଂ ମାର୍ଚ୍ଚ 2014 ସୁଦ୍ଧା 6,245 ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଆଠଟି ନମୁନା ଯାଞ୍ଚ ଜିଲ୍ଲାର 1,376 ଟି ଅଷ୍ଟମ ଶ୍ରେଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଥିଲା ।

  ନମୁନା ଯାଞ୍ଚ୍ କରାଯାଇଥିବା ଗୋଟିଏ ସ୍କୁଲ ଅର୍ଥାତ ଖରିଆରର ବାଳିକା ବିଦ୍ୟାଳୟରେ 2009-14 ମଧରେ ଅଷ୍ଟମ ଶ୍ରେଣୀରେ ହାରାହାରି 73 ରୁ 120 ବିଦ୍ୟାର୍ଥୀ ଥିଲେ । ବିଦ୍ୟାର୍ଥୀମାନେ ଗୋଟିଏ ଶ୍ରେଣୀ ଗୃହରେ ପଢୁଥିଲେ ଏବଂ ଏଥିପାଇଁ ଏସ୍‌ଏସ୍‌ଏ ତରଫରୁ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇ ନଥିଲା । ଏତଦ୍‌ବ୍ୟତୀତ ଅଧିକ ଶିକ୍ଷକ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଇନଥିବାରୁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାନଙ୍କ ଦ୍ୱାରା ଏଠାରେ ପାଠପଢା ହେଉଥିଲା ।

  ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଅଷ୍ଟମ ଶ୍ରେଣୀକୁ ପ୍ରାଥମିକ ଶିକ୍ଷା ହିସାବରେ ଗ୍ରହଣ କରାଯାଇଛି ଏବଂ ତେଣୁ ପାଠ୍ୟ ପୁସ୍ତକ ଓ ପୋଷାକ ମାଗଣାରେ ପ୍ରଦାନ କରାଯାଇଛି । ଯାହାହେଉ, ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପର୍ଯ୍ୟାପ୍ତ ନଥିଲା କାରଣ କେବଳ ବିଦ୍ୟାର୍ଥୀମାନଙ୍କୁ ସୁବିଧା

ଯୋଗାଇବା, ଅଲଗା କରିବାର ମୁଖ୍ୟ ଉଦ୍ଦେଶ୍ୟ ନ ଥିଲା ଏବଂ ପ୍ରାଥମିକ ବିଦ୍ୟାଳୟ ପାଇଁ ଅଲଗା ଶିକ୍ଷକ ଏବଂ ଭିତ୍ତିଭୂମି ଯୋଗାଇବା ସୁନିଶ୍ଚିତ କରାଯାଇନଥିଲା ।

### 2.2.7 ବେସରକାରୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକୁ ଅନୁମତି ଓ ସ୍ୱୀକୃତି

ଓଡ଼ିଶା ଶିକ୍ଷା ଅଧିନିୟମ 1969 ର ଧାରା 4 ଓ 5 ବଳରେ ରାଜ୍ୟ ସରକାର ବେସରକାରୀ ସ୍ତରରେ ନୂତନ ବିଦ୍ୟାଳୟ ସ୍ଥାପନା ପାଇଁ ଅନୁମତି ଓ ସ୍ୱୀକୃତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ପ୍ରୋତ୍ସାହନକାରୀ ସଂସ୍ଥାଗୁଡ଼ିକ ସରକାରଙ୍କଠାରୁ ଅନୁମତି ପାଇଲା ପରେ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ଓ ଯୋଗ୍ୟତା ସମ୍ପନ୍ନ ଶିକ୍ଷକ ନିଯୁକ୍ତି କରିସାରି ସରକାରଙ୍କ ସ୍ୱୀକୃତି ପାଇଁ ଆବେଦନ କରନ୍ତି । ସରକାର ଶିକ୍ଷା ଅଧିନିୟମ 1969 ର ଧାରା 6 ଅନୁସାରେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ଶିକ୍ଷକ ନିଯୁକ୍ତିକୁ ନିଶ୍ଚିତ କଲା ପରେ ସ୍ୱୀକୃତି ପ୍ରଦାନ କରିଥାନ୍ତି ଏବଂ ସ୍ୱୀକୃତି ପାଇଲା ପରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ଗ୍ରହଣ କରାଯାଏ । ଶିକ୍ଷା ପରିଚାଳକ[38]ଙ୍କ ଦ୍ୱାରା ବିଦ୍ୟାଳୟଗୁଡ଼ିକୁ ଅନୁମତି ଓ ସ୍ୱୀକୃତି ପ୍ରଦାନ ବିଷୟଗୁଡ଼ିକ 'ଓଡ଼ିଶା ଶିକ୍ଷା (ବେସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥାପନା, ସ୍ୱୀକୃତି ଓ ପରିଚାଳନା) ନିୟମ 1991' ଧାରା 4 ରୁ 12 (ଅନୁମତି) ଓ 13 ରୁ 20 (ସ୍ୱୀକୃତି)ରେ ବିଶଦ ଭାବରେ ବର୍ଣ୍ଣିତ ଅଛି । ଏଥିପାଇଁ ଜିଲ୍ଲା ନିରୀକ୍ଷକଙ୍କ ସ୍ତରରେ ଦରଖାସ୍ତର ଯାଞ୍ଚ ଓ ଆରଟିଇ ଅଧିନିୟମ ଅନୁସାରେ ଭିତ୍ତିଭୂମି ନିର୍ମାଣ ଓ ଶିକ୍ଷକ ନିଯୁକ୍ତି ହେବା ଓ ଉକ୍ତ ଅଞ୍ଚଳରେ ଶିକ୍ଷାନୁଷ୍ଠାନର ଆବଶ୍ୟକତା ଅନୁସାରେ ଯାଞ୍ଚ ଏବଂ ରାଜ୍ୟର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚ ସ୍ତରୀୟ କମିଟି (ଏଚ୍‌ପିସି) ର ଅନୁମୋଦନ ଆବଶ୍ୟକ ।

ସମୀକ୍ଷା ପରିଲକ୍ଷିତ କଲା ଯେ:

- ***କାର୍ଯ୍ୟରତ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ:*** ସର୍ବଶିକ୍ଷା ଅଭିଯାନର ବାର୍ଷିକ କାର୍ଯ୍ୟ ଯୋଜନା ଓ ବଜେଟ୍ 2015-16 ଅନୁସାରେ ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟରେ 1,544 ଟି ଅଣସ୍ୱୀକୃତି ପ୍ରାପ୍ତ ବେସରକାରୀ ବିଦ୍ୟାଳୟ ଚାଲୁଥିଲା । ସମୀକ୍ଷା ପରିଲକ୍ଷିତ କଲା ଯେ ଯଦିଓ ଅନୁମତି (50), ସ୍ୱୀକୃତି(423) ପାଇଁ ଆବେଦନ ପତ୍ର 4 ରୁ 10 ବର୍ଷ ହେଲା ପଡ଼ି ରହିଥିଲା ଓ ଏଚ୍‌ପିସି ଦ୍ୱାରା 344 ଟି ବିଦ୍ୟାଳୟ ନାକଚ କରାଯାଇଥିଲା, ତଥାପି ମଧ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ରାଜ୍ୟରେ ଚାଲୁଥିଲା ଯାହାକି ଶିକ୍ଷା ବିଭାଗ/ ପରିଚାଳକଙ୍କର ସ୍ୱୀକୃତି ପାଇଁ ଆବେଦନ ନକରି ଚାଲୁଥିବା ଏହି ବିଦ୍ୟାଳୟଗୁଡ଼ିକୁ ନିୟନ୍ତ୍ରଣ କରିବାପାଇଁ ବିଭାଗ/ ଡିଇଇର ପ୍ରଶାସନିକ ଦକ୍ଷତାର ଅଭାବକୁ ସୂଚାଉଥିଲା ।

- ***ଆପତ୍ତି ବିହୀନ ପ୍ରମାଣ ପତ୍ର (ଏନ୍‌ଓସି) ବିଚାରଧୀନ ମାମଲା :*** 2014-15 ବର୍ଷରୁ ଶିକ୍ଷା ବିଭାଗ ସ୍ୱୀକୃତି ପ୍ରଦାନ ବଦଳରେ ଏନ୍‌ଓସି ପ୍ରଦାନ ବ୍ୟବସ୍ଥା ଗ୍ରହଣ କରିଥିଲେ। ଯାହାହେଉ, 1,816ଟି ଆବେଦନ ପତ୍ର ଡିପିସିଙ୍କ ନିକଟରେ (584) ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ (1,232) ବିଚାରାଧୀନ ଥିଲା (ଜାନୁଆରୀ 2015) । ମାର୍ଚ୍ଚ 2014 ସୁଦ୍ଧା ନମୁନା ଯାଞ୍ଚ କରାଯାଇଥିବା ଆଠଟି ଜିଲ୍ଲାରେ 2.25 ଲକ୍ଷ ଛାତ୍ରଛାତ୍ରୀ 262 ଟି ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରେ ପାଠ ପଢୁଥିଲେ । ଆଠଟି ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟର ମିଳିତ ସରଜମିନ ତଦନ୍ତରୁ ଜଣାଗଲା ଯେ ଖୋର୍ଦ୍ଧା ଜିଲ୍ଲାର ଏକ ବିଦ୍ୟାଳୟ[39] ଭିତ୍ତିଭୂମିର ଅଭାବ ଥାଇ ଚାଲୁଥିଲା । ପୁନଶ୍ଚ, ଆରଟିଇ ଅଧିନିୟମ ଧାରା 19 ଅନୁସାରେ ସ୍ୱୀକୃତି ପ୍ରତ୍ୟାହାର ପରେ ବିଦ୍ୟାଳୟ ଚାଲୁଥିଲେ ମଧ ନିର୍ଦ୍ଧାରିତ ଜରିମାନା ଉକ୍ତ ଅନୁଷ୍ଠାନଠାରୁ ଆଦାୟ କରାଯିବା ନିୟମ ରହିଥିଲା ବେଳେ ଡିଇଇ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ।

- ନିୟମ 16 ଅନୁଯାୟୀ ଯଦିଓ ବର୍ଷକୁ ବର୍ଷ ସର୍ତ୍ତମୂଳକ ଏନ୍‌ଓସି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିଲା, 2014-15 ରେ 26 ଟି ଓଡ଼ିଆ ମାଧ୍ୟମ ବେସରକାରୀ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ଏକାଥରକେ ତିନି ବର୍ଷ ପାଇଁ ଏନ୍‌ଓସି ପ୍ରଦାନ କରାଯାଇଥିଲା ।

---

[38] କ୍ଷମତାପୂର୍ଣ୍ଣ ନିୟମ 4 ଅନୁସାରେ ଏସ୍ ଏଣ୍ଡ ଏମ୍‌ଇ ବିଭାଗ ତରଫରୁ ଅନୁମତି ଏବଂ ସ୍ୱୀକୃତି ପ୍ରଦାନ

[39] ବାଳିକା ଉଚ୍ଚ ପ୍ରାଥମିକ (ଏମ୍‌ଇ) ସ୍କୁଲ, ବନମାଳିପୁର

- ନିୟମ 4 ଅନୁସାରେ ଆବଶ୍ୟକ ହେଉଥିବା କ୍ରମିକ ନଥି ଯେଉଁଥିରେ ଆବେଦନ ପତ୍ର ପ୍ରାପ୍ତିର ତାରିଖ, ଏଚ୍‌ପିସିକୁ ସୁପାରିଶ ତାରିଖ, ଫଏସଲା ଇତ୍ୟାଦି ରହିଥାଏ ତାହା ଡିଇଇ ପ୍ରସ୍ତୁତ କରିନଥିଲେ । କ୍ରମିକ ନଥି ପରିଚାଳନା ନହେଉଥିବା ବିଷୟ ଡିଇଇଙ୍କ ଦ୍ୱାରା ସ୍ୱୀକାର କରାଯାଇଥିଲା (ମଇ 2015) ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଯଦିଓ କୌଣସି ବିଦ୍ୟାଳୟ ବିନା ସ୍ୱୀକୃତି ଯୋଗୁଁ ବନ୍ଦ୍ କରାଯାଇନଥିଲା ବା ଜରିମାନା ଧାର୍ଯ୍ୟ କରାଯାଇ ନଥିଲା ଡିଇଓ ମାନଙ୍କୁ ସେମାନଙ୍କର ତଦାରଖ ରିପୋର୍ଟ ନିର୍ଦ୍ଧାରିତ ସମୟ ସୀମା (ଜୁଲାଇ 2014, ଡିସେମ୍ବର 2014 ଏବଂ ଫେବୃଆରୀ 2015) ମଧ୍ୟରେ ଉପସ୍ଥାପନ କରିବାକୁ ଅନୁଦେଶ ଜାରି କରାଯାଇଥିଲା ।

### 2.2.8 ପ୍ରବେଶ, ନାମ ତାଲିକାଭୁକ୍ତ ଏବଂ ଧାରଣ

1968 ଏବଂ 1986 ମସିହାର ରାଷ୍ଟ୍ରୀୟ ଶିକ୍ଷା ନୀତି ଅନ୍ୟାନ୍ୟ ବିଷୟ ମଧ୍ୟରେ ଶିକ୍ଷାକୁ ସାର୍ବଜନିନ ପ୍ରବେଶ ବ୍ୟାପକ କରିବା ପାଇଁ ମନସ୍ଥ କରିଥିଲା । ପୁନଶ୍ଚ ପ୍ରାଥମିକ ଶିକ୍ଷାକୁ ସାର୍ବଜନିନ ପ୍ରବେଶ ପାଇଁ ଯଥାର୍ଥ ଦୂରତା ମଧ୍ୟରେ ବିଦ୍ୟାଳୟ ସୁବିଧାର ଆବଶ୍ୟକତା ଉପରେ ଏସ୍‌ଏସ୍‌ଏ ଗୁରୁତ୍ୱ ଆରୋପ କରିଥିଲା ।

2009-10 ରୁ 2013-14 ମଧ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ତାଲିକାଭୁକ୍ତ ଅନୁପାତର ସ୍ଥିତି, ମୋଟ ତାଲିକାଭୁକ୍ତର ଅନୁପାତ (ଜିଇଆର) [40] ଏବଂ ବାସ୍ତବିକ ତାଲିକାଭୁକ୍ତ ଅନୁପାତ [41] ନିମ୍ନସାରଣୀରେ ଦର୍ଶାଗଲା ।

***ସାରଣୀ 2.2.2: ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲିକା ଭୁକ୍ତ ହେବାର ଧାରା***

| ସ୍ଥିତି / ଅବସ୍ଥା | 2009-10 | 2013-14 |
|---|---|---|
| **ପ୍ରାଥମିକ** | | |
| ପ୍ରାଥମିକ ସ୍ତରର ତାଲିକାଭୁକ୍ତ (ଲକ୍ଷରେ) | 44.93 | 42.78 |
| ପ୍ରାଥମିକ ସ୍ତରରେ ବାଳିକାମାନଙ୍କର ତାଲିକାଭୁକ୍ତ ସଂଖ୍ୟା (ଲକ୍ଷରେ) | 21.84 | 20.66 |
| ଅନୁସୁଚିତ ଜାତି ବିଦ୍ୟାର୍ଥୀମାନଙ୍କର ତାଲିକାଭୁକ୍ତ ସଂଖ୍ୟା (ଲକ୍ଷରେ) | 8.65 | 8.08 |
| ଅନୁସୁଚିତ ଜନଜାତି ବିଦ୍ୟାର୍ଥୀମାନଙ୍କର ତାଲିକାଭୁକ୍ତ ସଂଖ୍ୟା (ଲକ୍ଷରେ) | 13.25 | 14.00 |
| ବାଳିକାମାନଙ୍କର ମୋଟ ତାଲିକାଭୁକ୍ତର ଅନୁପାତ (ପ୍ରାଥମିକ) | 97.78 | 99.25 |
| ବାଳକମାନଙ୍କର ମୋଟ ତାଲିକାଭୁକ୍ତର ଅନୁପାତ[42] (ପ୍ରାଥମିକ) | 98.29 | 99.21 |
| ବାଳକମାନଙ୍କର ବାସ୍ତବିକ ତାଲିକାଭୁକ୍ତର ଅନୁପାତ (ପ୍ରାଥମିକ)[43] | 92.37 | 93.94 |
| ବାଳିକାମାନଙ୍କର ବାସ୍ତବିକ ତାଲିକୁଭୁକ୍ତରଅନୁପାତ (ପ୍ରାଥମିକ) | 93.01 | 95.47 |
| **ଉଚ୍ଚ ପ୍ରାଥମିକ** | | |
| ଉଚ୍ଚ ପ୍ରାଥମିକ ଶ୍ରେଣୀରେ ତାଲିକାଭୁକ୍ତ (ଲକ୍ଷରେ) | 21.28 | 21.10 |
| ଉଚ୍ଚପ୍ରାଥମିକ ଶ୍ରେଣୀରେ ବାଳିକାଙ୍କର ତାଲିକାଭୁକ୍ତ (ଲକ୍ଷରେ) | 10.30 | 10.29 |
| ଅନୁସୂଚିତ ଜାତି ବିଦ୍ୟାର୍ଥୀମାନଙ୍କର ତାଲିକାଭୁକ୍ତ ସଂଖ୍ୟା (ଲକ୍ଷରେ) | 4.22 | 4.19 |
| ଅନୁସୂଚୀତ ଜନଜାତି ବିଦ୍ୟାର୍ଥୀମାନଙ୍କର ତାଲିକାଭୁକ୍ତ ସଂଖ୍ୟା (ଲକ୍ଷରେ) | 4.28 | 5.07 |
| ବାଳକମାନଙ୍କର ବାସ୍ତବିକ ତାଲିକାଭୁକ୍ତର ଅନୁପାତ (ଉଚ୍ଚ ପ୍ରାଥମିକ) | 85.84 | 91.61 |
| ବାଳିକାମାନଙ୍କର ବାସ୍ତବିକ ତାଲିକାଭୁକ୍ତର ଅନୁପାତ (ଉଚ୍ଚ ପ୍ରାଥମିକ) | 85.26 | 91.14 |

***(ଉତ୍ସ: 2009-10 ରୁ 2013-14 ପର୍ଯ୍ୟନ୍ତ ଓପେପାର କାର୍ଯ୍ୟ ଯୋଜନା ଓ ବଜେଟ୍)***

[40] ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଥିବା ପିଲା ଏବଂ 6 ରୁ 11 ବର୍ଷ ମଧ୍ୟରେ ଥିବା ମୋଟ ପିଲା ସଂଖ୍ୟାର ଅନୁପାତ

[41] 6 ରୁ 11 ବର୍ଷ ମଧ୍ୟରେ ନାମ ଲେଖାଇଥିବା ପିଲା ଏବଂ 6 ରୁ 11 ବର୍ଷ ମଧ୍ୟରେ ଥିବା ମୋଟ ପିଲା ସଂଖ୍ୟାର ଅନୁପାତ

[42] ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଥିବା ପିଲା (ବାଳକ) ଏବଂ 6 ରୁ 11 ବର୍ଷ ମଧ୍ୟରେ ଥିବା ମୋଟ ପିଲା ସଂଖ୍ୟାର ଅନୁପାତ

[43] 6 ରୁ 11 ବର୍ଷ ମଧ୍ୟରେ ନାମ ଲେଖାଇଥିବା ପିଲା (ବାଳକ) ଏବଂ 6 ରୁ 11 ବର୍ଷ ମଧ୍ୟରେ ଥିବା ମୋଟ ପିଲା ସଂଖ୍ୟାର ଅନୁପାତ

### 2.2.8.1 ଅପର୍ଯ୍ୟାପ୍ତ ବିଦ୍ୟାଳୟ ପହଞ୍ଚ

ଆର୍‌ଟିଇ ଅଧିନିୟମର ଧାରା 6 ଅନୁଯାୟୀ, ଏହି ଅଧିନିୟମ କାର୍ଯ୍ୟକାରୀ ହେବାର ତିନି ବର୍ଷ ମଧରେ, ନିର୍ଦ୍ଧାରଣ ମତେ ଯଦି କୌଣସି ସ୍ଥାନରେ ବିଦ୍ୟାଳୟ ନଥିବ, ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ[44] ସେହି ଅଞ୍ଚଳରେ କିମ୍ବା ପଡୋଶୀ ସୀମା ମଧରେ ବିଦ୍ୟାଳୟ ସ୍ଥାପନ କରିବେ । ଆରଟିଇ ନିୟମ 2010ର ନିୟମ 6 ର ନିର୍ଦ୍ଧାରିତ ହୋଇଛି ଯେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କ ପାଇଁ ଏବଂ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପିଲାମାନଙ୍କ ପାଇଁ ବିଦ୍ୟାଳୟ ଯଥାକ୍ରମେ ଏକ କିଲୋମିଟର ଓ ତିନି କିଲୋମିଟର ଦୂରତା ବିଶିଷ୍ଟ ଚଲାପଥ ମଧରେ ସ୍ଥାପିତ ହେବା ଆବଶ୍ୟକ ।

ସମୀକ୍ଷା ପରିଲକ୍ଷିତ କଲା ଯେ 2009-14 ମଧରେ ପ୍ରାଥମିକ ବିଦ୍ୟାଳୟ ନଥିବା ଯୋଗ୍ୟ ଜନବସତି ସଂଖ୍ୟା 1,560[45] ରୁ ହ୍ରାସ ପାଇ 1,226 ରେ ରହିଥିଲା । ସେହିପରି ଉକ୍ତ ସମୟ ମଧରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନଥିବା ଜନବସତି ସଂଖ୍ୟା 239 ରୁ ହ୍ରାସ ପାଇ 201 ରହିଥିଲା । ଅର୍ଥାତ୍ ରାଜ୍ୟର 46,861 ଜଣ ପିଲା ଏହି ବସତି ମଧରେ ସେମାନଙ୍କ ନିକଟରେ ବିଦ୍ୟାଳୟ ଲାଭରୁ ବଞ୍ଚିତ ହୋଇଥିଲେ । ଯାଞ୍ଚ କରାଯାଇଥିବା ଆଠଟି ଜିଲ୍ଲାରେ 22,198ଟି ବସତି ମଧରୁ ଚାରିଟି ଜିଲ୍ଲାର 431ଟି ବସତିରେ[46] ନିୟମ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ନଥିଲା ଏବଂ ଗୋଟିଏ ଜିଲ୍ଲାରେ 56ଟି ବସତିରେ[47] ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନଥିଲା ।

ସମୀକ୍ଷା ଆହୁରି ପରିଲକ୍ଷିତ କଲା ଯେ 3,911 ଟି ବିଦ୍ୟାଳୟରେ (2,564 ପ୍ରାଥମିକ ବିଦ୍ୟାଳୟ ଏବଂ 1,347 ଉଚ୍ଚ ପ୍ରାଥମିକ ବିଦ୍ୟାଳୟ) ଶିକ୍ଷକ ନିଯୁକ୍ତି ପାଇନଥିଲେ (ମାର୍ଚ୍ଚ 2014) ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଭାରତ ସରକାରଙ୍କ ପ୍ରକଳ୍ପ ମୂଲ୍ୟାୟନ ପରିଷଦ (ପିଏବି)ର ଅନୁମୋଦନ ପାଇଲା ପରେ ଯୋଗ୍ୟ ଅନ୍ତର୍ଭୁକ୍ତ ନଥିବା ବସତିଗୁଡ଼ିକରେ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିଲା ଏବଂ ଭାରତ ସରକାର ସର୍ବଶିକ୍ଷା ଅଧିନରେ ଅଳ୍ପ ସଂଖ୍ୟକ ବିଦ୍ୟାଳୟ ପାଇଁ ମଞ୍ଜୁର ପ୍ରଦାନ କରିଥିଲେ । କିନ୍ତୁ ଏହିପରି କ୍ଷେତ୍ରରେ ଆରଟିଇ ଅଧିନିୟମ ଧାରା 6 ଅନୁଯାୟୀ ଆରଟିଇ ମାନଦଣ୍ଡକୁ ପାଳନ କରିବାକୁ ରାଜ୍ୟ ତାଙ୍କ ନିଜ ସମ୍ବଳରୁ ବିଦ୍ୟାଳୟ ସ୍ଥାପନ କରିବା ଉଚିତ୍ ଥିଲା ।

### 2.2.8.2 ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ତାଲିକାଭୁକ୍ତରେ ହ୍ରାସ

ଆର୍‌ଟିଇ 2009 ଅଧିନିୟମର ପରିଣାମ ସ୍ୱରୂପ, ପ୍ରାଥମିକ ଶିକ୍ଷା ଉପଲବ୍ଧ୍ କରାଇବାକୁ ଯଦିଓ ସରକାରଙ୍କର ଦାୟିତ୍ୱ ବୃଦ୍ଧି ପାଇଥିଲା, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର ଏଥିରେ ଅନ୍ତର୍ଗ୍ରହଣ ନିମ୍ନଗାମୀ ପରିଲକ୍ଷିତ ହୋଇଥିଲା ଯାହାକି 2011-14ରେ ସର୍ବୋପରି ହ୍ରାସ ପାଞ୍ଚ ପ୍ରତିଶତ ଥିଲା । ମାତ୍ର ବିଦ୍ୟାଳୟ ଗୁଡିକରେ ନାମଲେଖା ହାର ବୃଦ୍ଧି ପାଇଥିଲା ।

ସମୀକ୍ଷା ଅବଲୋକନା କଲା ଯେ:

- ***ନାମଲେଖାରେ ହ୍ରାସ:*** ସରକାରୀ/ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଉତ୍ତମ ଶିକ୍ଷାର୍ଥୀ-ଶିକ୍ଷକ ଅନୁପାତ[48] ଥାଇ ଏବଂ ଅନ୍ୟାନ୍ୟ ସୁବିଧା ଯଥା ମଧ୍ୟାହ୍ନ ଭୋଜନ, ମାଗଣା ବହି, ପୋଷାକ ଯୋଗାଣ ଓ ମାଗଣା ଶିକ୍ଷା ସୁବିଧା ଥାଇ ନାମଲେଖା ହାର 2009-10 ରେ ଥିବା 92 ପ୍ରତିଶତରୁ ହ୍ରାସ

---

44 ଉପଯୁକ୍ତ ସରକାର ଅର୍ଥ ରାଜ୍ୟ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଅର୍ଥ ମ୍ୟୁନିସିପାଲିଟି କର୍ପୋରେସନ ବା ମ୍ୟୁନିସିପାଲିଟି କାଉନସିଲ୍ କିମ୍ବା ଜିଲ୍ଲା ପରିଷଦ କିମ୍ବା ନଗର ପଞ୍ଚାୟତ ନାମରେ ନାମିତ ଏବଂ ବିଦ୍ୟାଳୟ ଉପରେ ପ୍ରଶାସନିକ ନିୟନ୍ତ୍ରଣ ଥିବା ବା କ୍ଷମତାପନ୍ନ ହୋଇଥିବା ବା କାର୍ଯ୍ୟକାରୀ ଥିବା କୌଣସି ଆଇନ୍ ଦ୍ୱାରା ଅଧିକୃତ ଅନ୍ୟାନ୍ୟ କର୍ତ୍ତୃପକ୍ଷ ବା ସଂସ୍ଥା କୌଣସି ସହର ବା ଗ୍ରାମରେ ସ୍ଥାନୀୟ କର୍ତ୍ତୃପକ୍ଷ ଭାବରେ କାର୍ଯ୍ୟ କରିବାକୁ ଯୋଗ୍ୟ

45 ରାଜ୍ୟ ନିୟମ ଅନୁସାରେ ପ୍ରାଥମିକ ସ୍କୁଲ୍ ଖୋଲିବା ପାଇଁ ଅତି କମରେ 25 ବିଦ୍ୟାର୍ଥୀ ଏବଂ ଉଚ୍ଚ ମାଧମିକ ସ୍କୁଲ୍ ପାଇଁ 40 ଜଣ ବିଦ୍ୟାର୍ଥୀ ଆବଶ୍ୟକ

46 କୋରାପୁଟ:139, ନବରଙ୍ଗପୁର: 87, ନୂଆପଡ଼ା:43, ରାୟଗଡ଼ା: 162

47 କୋରାପୁଟ:56

48 ବେସରକାରୀ/ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରେ 14:1 ଥିବା ସ୍ଥଳେ ସରକାରୀ/ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରେ 25:1

ପାଇ 2013-14 ରେ 87 ପ୍ରତିଶତ ରହିଥିଲା ବେଳେ ଘରୋଇ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ଏହି ସମୟ ମଧ୍ୟରେ ନାମଲେଖା ହାର 8 ରୁ 13 ପ୍ରତିଶତକୁ ବୃଦ୍ଧି ପାଇଥିଲା ।

ବିଭାଗ ଏଥିପାଇଁ ସରକାରୀ ବିଦ୍ୟାଳୟ ନିକଟରେ ନୂତନ ଘରୋଇ ପ୍ରାଥମିକ ବିଦ୍ୟାଳୟ ସ୍ଥାପନକୁ ଦାୟୀ କରିଥିଲେ (ମଇ 2015) ।

- ***ସ୍ୱଳ୍ପ ନାମ ଲେଖା ହେବା:*** 2013-14 ବର୍ଷରେ 21ଟି ବିଦ୍ୟାଳୟରେ 26 ଜଣ ଶିକ୍ଷକ ଉପଲବ୍ଧ ଥିବାବେଳେ ନାମଲେଖା ଶୂନ୍ୟ ଥିଲା । 149ଟି ବିଦ୍ୟାଳୟରେ ଏକରୁ ପାଞ୍ଚଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ 581ଟି ବିଦ୍ୟାଳୟରେ 6 ରୁ 10 ଜଣ ଯାଏ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ । ସେହିପରି 2,520 ଟି ବିଦ୍ୟାଳୟରେ ନାମଲେଖାଯାଇଥିବା ଛାତଛାତ୍ରୀଙ୍କ ସଂଖ୍ୟା 11 ଜଣରୁ 20 ଜଣ ମଧ୍ୟରେ ଥିଲା । ଆଠଟି ନମୁନା ଜିଲ୍ଲାରେ 790ଟି ବିଦ୍ୟାଳୟରେ[49] ସ୍ୱଳ୍ପ ନାମଲେଖା (1 ରୁ 19 ଯାଏ) ବିଷୟ ଦୃଷ୍ଟିଗୋଚର ହୋଇଥିଲା । ଫଳରେ ଉକ୍ତ ବିଦ୍ୟାଳୟମାନଙ୍କରେ ନିଯୁକ୍ତ ହୋଇଥିବା ଶିକ୍ଷକମାନଙ୍କର ସେବା ଉପଯୋଗ ହୋଇପାରିନଥିଲା ।

  ବିଭାଗ ଦର୍ଶାଇଥିଲେ (ମଇ 2015) ଯେ 20 ଜଣ ଠାରୁ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବିଦ୍ୟାଳୟଗୁଡିକୁ ବନ୍ଦ କରିଦେବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।

### *2.2.8.3 ଛାତ୍ରଛାତ୍ରୀଙ୍କର ଶିକ୍ଷା ତ୍ୟାଗ କରିବା ଏବଂ ଶିକ୍ଷା ଗ୍ରହଣ କରୁଥିବା/ ପରିବର୍ତ୍ତନ ସମୟର ହାର*

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ***ଶିକ୍ଷା ଗ୍ରହଣ ଜାରି ରଖିବାର ହାରରେ କମତି***: ରାଜ୍ୟରେ 2009-14 ମଧରେ ପ୍ରାଥମିକ ସ୍ତରରେ ବିଦ୍ୟାଳୟରେ ପାଠପଢା ଜାରି ରଖିଥିବା ଛାତ୍ରଛାତ୍ରୀଙ୍କର ହାର 81.68 (2009-10)ରୁ 84.46 (2013-14) ପ୍ରତିଶତ ଥିଲାବେଳେ ଏହା ଗଜପତି ଜିଲ୍ଲାରେ 62.30 ପ୍ରତିଶତ (2013-14) ରୁ ସୁବର୍ଣ୍ଣପୁର ଜିଲ୍ଲାରେ 100 ପ୍ରତିଶତ ଥିଲା । ପ୍ରାଥମିକ ସ୍ତରରେ (ପ୍ରଥମରୁ ପଞ୍ଚମ ଶ୍ରେଣୀ ) ଶିକ୍ଷା ତ୍ୟାଗ କରୁଥିବା ପିଲାଙ୍କ ସଂଖ୍ୟା 2009-14 ମଧ୍ୟରେ 3.32 ଲକ୍ଷ ଥିଲାବେଳେ ଏହି ସଂଖ୍ୟା ଉଚ୍ଚ ପ୍ରାଥମିକ ସ୍ତରରେ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ ) 4.65 ଲକ୍ଷ ଥିଲା । ଅର୍ଥାତ୍, ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପର୍ଯ୍ୟନ୍ତ 7.97 ଲକ୍ଷ ପିଲା ବିଦ୍ୟାଳୟ ମାନଙ୍କରେ ଶିକ୍ଷା ଜାରି ରଖିପାରିନଥିଲେ ଏବଂ ପ୍ରତିବର୍ଷ ପ୍ରତି ଶ୍ରେଣୀରେ ଶିକ୍ଷା ତ୍ୟାଗ କରିବା ନିୟମିତ ରହିଥିଲା । ମଧ୍ୟାହ୍ନ ଭୋଜନ ପ୍ରଚଳନ, ମାଗଣା ପୋଷାକ, ମାଗଣା ପାଠ୍ୟ ପୁସ୍ତକ ଯୋଗାଣ ଇତ୍ୟାଦି ସତ୍ତ୍ୱେ ଏପରି ବହୁଳ ସଂଖ୍ୟାରେ ଶିକ୍ଷା ତ୍ୟାଗ ହେଉଥିବାର କାରଣକୁ ସରକାର ବିଶ୍ଳେଷଣ କରିନଥିଲେ (ମଇ 2015) । ଯାଞ୍ଚ ହୋଇଥିବା ଆଠଟି ଜିଲ୍ଲାରେ 2009-14 ରେ ଶିକ୍ଷା ଜାରି ରଖିଥିବା ପିଲାଙ୍କ ହାର 78.79 ପ୍ରତିଶତ (ଖୋର୍ଦ୍ଧା) ରୁ 100 ପ୍ରତିଶତ (ବଲାଙ୍ଗୀର, କୋରାପୁଟ ଓ ନବରଙ୍ଗପୁର ) ମଧ୍ୟରେ ଥିଲା ।

- ***ସ୍ୱଳ୍ପ ପରିବର୍ତ୍ତନ ସମୟ ହାର***: ରାଜ୍ୟରେ ପ୍ରାଥମିକ ସ୍ତରରୁ ଉଚ୍ଚ ପ୍ରାଥମିକ ସ୍ତରକୁ ପରିବର୍ତ୍ତନ ସମୟର ହାର ବର୍ଦ୍ଧିତ ହୋଇ 84.98 (2009-10) ପ୍ରତିଶତରୁ 87.05 ପ୍ରତିଶତ ଥିଲା (2013-14) । ଯାହାହେଉ 2013-14 ରେ ରାଜ୍ୟର ହାରାହାରି 87.05 ପ୍ରତିଶତ ତୁଳନାରେ ଗଜପତି ଜିଲ୍ଲାରେ 57.92 ପ୍ରତିଶତ ରୁ ସୁବର୍ଣ୍ଣପୁର ଜିଲ୍ଲାରେ 97.23 ପ୍ରତିଶତ ଥିଲା । ପଞ୍ଚମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଷଷ୍ଠ ଶ୍ରେଣୀର ପ୍ରବେଶକୁ ପରୀକ୍ଷା କରି ସମୀକ୍ଷା ପରିଲକ୍ଷିତ କରିଥିଲା ଯେ 2009-14 ମଧ୍ୟରେ 3.06 ଲକ୍ଷ [50] ପିଲା ପ୍ରାଥମିକ ସ୍ତର (ପଞ୍ଚମ ଶ୍ରେଣୀ) ପରେ ବିଦ୍ୟାଳୟ ତ୍ୟାଗ କରିଥିଲା ବେଳେ 3.09

49 ଛଅରୁ କମ୍ : 44 ବିଦ୍ୟାଳୟ; 6 ରୁ 10: 151 ବିଦ୍ୟାଳୟ; 11 ରୁ 19: 595 ବିଦ୍ୟାଳୟ

50 ପ୍ରାଥମିକରୁ ଉଚ୍ଚ ପ୍ରାଥମିକକୁ ପରିବର୍ତ୍ତନ ବେଳେ ପାଠ୍ୟକ୍ରମ ତ୍ୟାଗ କରିବା: 2010-11: 52,264; 2011-12: 1,04,163; 2012-13: 78,155 ଏବଂ 2013-14: 71,578

ଲକ୍ଷ[51] ପିଲା ଅଷ୍ଟମ ଶ୍ରେଣୀରେ ନାମ ନ ଲେଖାଇ ସପ୍ତମ ଶ୍ରେଣୀ ପରେ ବିଦ୍ୟାଳୟ ତ୍ୟାଗ କରିଥିଲେ । ନମୁନା ଜିଲ୍ଲା ଗୁଡିକରେ ପରିବର୍ତ୍ତନ ସମୟର ହାର 2013-14 ରେ 69.09 ପ୍ରତିଶତ (ଅନଗୁଳ) ରୁ 95.05 ପ୍ରତିଶତ (ଖୋର୍ଦ୍ଧା) ଯାଏ ରହିଥିଲା ।

- ***ଛାତ୍ରଛାତ୍ରୀମାନେ ଓହରି ଯିବା:*** ପ୍ରାଥମିକ ସ୍ତରରେ ଶିକ୍ଷାରୁ ଓହରି ଯିବା ହାର ରାଜ୍ୟରେ 2009-10 ରେ 2.83 ପ୍ରତିଶତରୁ ହ୍ରାସ ପାଇ 2013-14 ରେ 1.97 ପ୍ରତିଶତ ରହିଥିଲାବେଳେ ଏହି ହାର ଉଚ୍ଚ ପ୍ରାଥମିକ ସ୍ତରରେ 2009-10 ରେ 8.19 ପ୍ରତିଶତରୁ ହ୍ରାସ ପାଇ 2013-14 ରେ 2.40 ପ୍ରତିଶତ ରହିଥିଲା । ଓହରି ଯାଉଥିବା ଏସଟି ପିଲାଙ୍କ ହାର ମଧ୍ୟ ପ୍ରାଥମିକ ସ୍ତରରେ 6.46 ରୁ 2.71 ପ୍ରତିଶତ କୁ ହ୍ରାସ ପାଇଥିଲା ବେଳେ ଏହି ହାର ଉଚ୍ଚ ପ୍ରାଥମିକ ସ୍ତରରେ 2009-10 ରେ ଥିବା 9.72 ପ୍ରତିଶତରୁ ହ୍ରାସ ପାଇ 2013-14 ରେ 3.63 ପ୍ରତିଶତ ରହିଥିଲା ।
- ନମୁନା ଯାଞ୍ଚ କରାଯାଇଥିବା ଆଠଟି ଜିଲ୍ଲାରୁ, ଶିକ୍ଷାରୁ ଓହରି ଯିବା ହାର 2009-14 ମଧ୍ୟରେ ପ୍ରାଥମିକ ସ୍ତରରେ ତିନିଟି ଜିଲ୍ଲାରେ[52] ହ୍ରାସ ପାଇଥିବା ସ୍ଥଳେ ଏହି ହାର ଅନ୍ୟ ପାଞ୍ଚଟି ଜିଲ୍ଲାରେ[53] ବୃଦ୍ଧି ପାଇଥିଲା । 2013-14 ରେ ଉଚ୍ଚ ପ୍ରାଥମିକ ସ୍ତରରେ ଶିକ୍ଷା ପରିତ୍ୟାଗ ହାର 8.19 ପ୍ରତିଶତ ରୁ 2.40 ପ୍ରତିଶତକୁ ହ୍ରାସ ପାଇଥିଲା ।

ତେଣୁ, ଶିକ୍ଷା ପରିହାର ହାର ଶୁନ୍ୟ ପ୍ରତିଶତ ଏବଂ ଶିକ୍ଷା ଜାରି ରଖିବା ହାର 100 ପ୍ରତିଶତର ଅଭିଳଷିତ ଉଦ୍ଦେଶ୍ୟ ହାସଲ ହୋଇପାରି ନଥିଲା (ମାର୍ଚ୍ଚ 2015) ।

ଓପେପା ଦର୍ଶାଇଥିଲେ (ମଇ 2015) ଯେ ବିଦ୍ୟାଳୟ ଗୃହକୁ ସଜେଇବା, କ୍ରୀଡ଼ା ଏବଂ ଖେଳକୁଦର ବ୍ୟବସ୍ଥା, ଶିକ୍ଷା ବିଦ୍ୟା ଦିଗ, ପାଠାଗାର, ମାନ୍ଦା ଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ, ଇତ୍ୟାଦି ବିଭିନ୍ନ ଉପାୟ ଓହରିଯିବା ହାରକୁ ଅଟକାଇବାକୁ ଓ ଶିକ୍ଷା ଜାରି ରଖିବାକୁ ବଢାଇବା ପାଇଁ ପ୍ରୟୋଗ କରାଯାଇଥିଲା ।

### 2.2.9 ଛାତ୍ରଛାତ୍ରୀଙ୍କ ଅଧିକାର

#### *2.2.9.1 ପୋଷାକ ଓ ପାଠ୍ୟ ପୁସ୍ତକ ବିତରଣରେ ବିଳମ୍ବ*

ଏସ୍ଏସ୍ଏ ମାର୍ଗଦର୍ଶିକାରେ ଆବଶ୍ୟକତା ଅନୁଯାୟୀ ସରକାରୀ/ ସରକାରୀ ସାହାଯ୍ୟ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଏବଂ ସ୍ୱାୟତ୍ତ ସଂସ୍ଥା ଦ୍ୱାରା ପରିଚାଳିତ ବିଦ୍ୟାଳୟ ମାନଙ୍କରେ ପଢୁଥିବା ସମସ୍ତ ପିଲାମାନଙ୍କୁ ମାଗଣା ପାଠ୍ୟ ପୁସ୍ତକ ଯୋଗାଣ ଓ ସମସ୍ତ ଛାତ୍ରୀ, ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଦୁଇ ସେଟ୍ ମାଗଣା ପୋଷାକ ଯୋଗାଇ ଦିଆଯିବା କଥା । ମାର୍ଗଦର୍ଶିକା ଆହୁରି ମଧ୍ୟ ବ୍ୟବସ୍ଥା କରେ ଯେ ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି) ଦ୍ୱାରା ପୋଷାକ ସଂଗ୍ରହଣ ବିକେନ୍ଦ୍ରୀକରଣ ପ୍ରଣାଳୀରେ କରାଯିବ । ପାଠ୍ୟ ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ବର୍ଷର ଠିକ ଆରମ୍ଭରେ ଏବଂ ପୋଷାକ ସବୁ ଅଗଷ୍ଟ 15 ତାରିଖ ମଧ୍ୟରେ ପ୍ରଦାନ କରାଯିବା ଉଚିତ୍ ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ବିଦ୍ୟାଳୟର ଏସଏମ୍ସି ଙ୍କୁ 2009-10 ରୁ 2013-14 ମଧ୍ୟରେ ଉକ୍ତ ଉଦ୍ଦେଶ୍ୟରେ ପାଣ୍ଠି, ଏକରୁ ଚଉଦ ମାସ ବିଳମ୍ବରେ ପ୍ରଦାନ କରାଯାଇଥିଲା, ଯାହାହେତୁ 13ଟି ନମୁନା ଯାଞ୍ଚ ବିଦ୍ୟାଳୟରେ ତାହା

[51] VII ଶ୍ରେଣୀରୁ VIII ଶ୍ରେଣୀକୁ ପରିବର୍ତ୍ତନ ବେଳେ ପାଠ୍ୟକ୍ରମ ତ୍ୟାଗ କରିବା: 2010-11: 1,53,207; 2011-12: 61,021; 2012-13: 45,423 ଏବଂ 2013-14: 49,699

[52] ଅନୁଗୁଳ 3.65 ରୁ 0.27 ପ୍ରତିଶତ; କଟକ 7.16 ରୁ 1.72 ପ୍ରତିଶତ ଏବଂ ଖୋର୍ଦ୍ଧା 4.92 ରୁ 0 ପ୍ରତିଶତ

[53] ବଲାଙ୍ଗିର: 0.23 ରୁ 3.44 ପ୍ରତିଶତ; କୋରାପୁଟ: 1.32 ରୁ 4.55 ପ୍ରତିଶତ; ନବରଙ୍ଗପୁର: 1.76 ରୁ 3.25 ପ୍ରତିଶତ; ନୂଆପଡ଼ା: 1.98 ରୁ 4.32 ପ୍ରତିଶତ ଏବଂ ରାୟଗଡ଼ା: 0.33 ରୁ 3.17 ପ୍ରତିଶତ

ବର୍ଷର ଶେଷବେଳକୁ ଯୋଗାଇ ଦିଆଯାଇଥିଲା । ଦୁଇଟି ବିଦ୍ୟାଳୟରେ, ଶିକ୍ଷା ବର୍ଷ ସମାପ୍ତ ପରେ ପାଣ୍ଠି ଗ୍ରହଣ କରାଯାଇଥିଲା, ଯାହା ଫଳରେ ପୋଷାକ ବିତରଣରେ ବିଳମ୍ବ ହୋଇଥିଲା ।

- ଯାଞ୍ଚ କରାଯାଇଥିବା ଆଠଟି ଜିଲ୍ଲା ମଧ୍ୟରୁ ଛଅଟି ଜିଲ୍ଲାରେ ଆବଶ୍ୟକତା ଠାରୁ 1 ରୁ 56 ପ୍ରତିଶତ ପର୍ଯ୍ୟନ୍ତ କମ୍ ପାଠ୍ୟ ପୁସ୍ତକ ଯୋଗାଣ ହୋଇଥିଲା ***(ପରିଶିଷ୍ଟ 2.2.1)***। ଯେଉଁ ସମୟରେ ଗୋଟିଏ ନମୁନା ଯାଞ୍ଚ୍ ବିଦ୍ୟାଳୟରୁ 2013-14 ମଧରେ ଡିଇଓଙ୍କ ଦ୍ୱାରା ପୁସ୍ତକ ଯୋଗାଇ ଦିଆନଥିବା ଯୋଗୁଁ କୌଣସି ପୁସ୍ତକ ବିତରଣ କରାଯାଇ ନଥିଲା ।

- ଶିକ୍ଷା ବର୍ଷ 1 ଅପ୍ରେଲ ଆରମ୍ଭ ହେବାର 27 ରୁ 358 ଦିନ ପରେ ପାଠ୍ୟ ପୁସ୍ତକ ବିତରଣ କରାଯାଇଥିଲା।

ତେଣୁ, ସମନ୍ୱୟ ଓ ଉପଯୁକ୍ତ ପରିଚାଳନାର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ଠିକ୍ ସମୟରେ ସଂପୂର୍ଣ୍ଣ ପୁସ୍ତକ ସେଟ୍ ଓ ପୋଷାକ ପାଇବାରୁ ବଞ୍ଚିତ ହୋଇଥିଲେ ।

ଭବିଷ୍ୟତରେ ଏହି ବିଷୟ ଗୁଡିକୁ ସମାଧାନ କରିବାକୁ ପ୍ରଚେଷ୍ଟା କରିବାକୁ ବିଭାଗ ଆଶ୍ୱାସନା ଦେଇଥିଲେ (ମଇ 2015) ।

## 2.2.10 ବିଦ୍ୟାଳୟ ସଂକ୍ରାନ୍ତ କାର୍ଯ୍ୟକଳାପ

### *2.2.10.1 ଛାତ୍ରଛାତ୍ରୀ ମାନଙ୍କର ଦୁର୍ବଳ ବିଦ୍ୟାଗତ ସଫଳତା*

ଏସ୍ଏସ୍ଏ ମାର୍ଗଦର୍ଶିକା ଅନୁଯାୟୀ ଶ୍ରେଣୀ ଗୃହ ଗୁଡ଼ିକ ଜ୍ଞାନ ସ୍ଥଳ ରୂପେ ବ୍ୟବହାର ହେବା ଦରକାର ଯେଉଁଠାରେ ପିଲାଟିଏ ସମସ୍ୟାମୂଳକ ପରିସ୍ଥିତିର ସାମନା କରିବାକୁ ବିଶ୍ୱାସ ଲାଭ କରିପାରିବ, ସ୍ୱାଧୀନ ଭାବରେ ପରସ୍ପର ପ୍ରତିକ୍ରିୟା କରିପାରିବ, ଶିକ୍ଷକ ଓ ଶିକ୍ଷାଦାନ ଉପକରଣ ତଥା ସହପାଠୀମାନଙ୍କ ସହିତ ଖୁସିରେ ମିଶିପାରିବ ଏବଂ ଗୋଷ୍ଠୀରେ ମତ ରଖିପାରିବ ଏବଂ ନିଜର ଅଗ୍ରଗତିକୁ ଆକଳନ କରିବାକୁ ଶିକ୍ଷା ପାଇବ । ଏଗୁଡ଼ିକୁ ନିଶ୍ଚିତ କରିବା ପାଇଁ ଆର୍‌ଟିଇ ଅଧିନିୟମର ମାନ ଅନୁସାରେ ସମସ୍ତ ବିଦ୍ୟାଳୟରେ ପେଷାଗତ ଯୋଜନା ସମ୍ପନ୍ନ ଶିକ୍ଷକ ଓ ଭିତ୍ତିଭୂମି ରହିବା ଆବଶ୍ୟକ । ଏତଦ୍‌ବ୍ୟତୀତ, ପ୍ରତ୍ୟେକ ବିଦ୍ୟାଳୟ ବୟସାନୁଯାୟୀ ଏକକ ପାଠ୍ୟକ୍ରମ ସୂଚୀ ଅନୁସରଣରେ ପାଠ ପଢାଯିବା ଆବଶ୍ୟକ । ପ୍ରସ୍ତୁତି ସମୟ ସହ ପ୍ରତି ସପ୍ତାହରେ 45 ଘଣ୍ଟାର ପାଠ ପଢା ସମୟ ନିଶ୍ଚିତ କରିବା ଆବଶ୍ୟକ । ପରିଯୋଜନା କାର୍ଯ୍ୟ ସହ ନିରନ୍ତର ବ୍ୟାପକ ମୂଲ୍ୟାୟନ କରାଯିବା ଆବଶ୍ୟକ ଏବଂ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ପ୍ରସ୍ତୁତ ଗୁଣବତ୍ତା ପର୍ଯ୍ୟାଲୋଚନା କରାଯିବା ଆବଶ୍ୟକ ଯାହାଦ୍ୱାରା ରାଜ୍ୟରେ ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷାର ପ୍ରସାର ଘଟିବ । ମାର୍ଗଦର୍ଶିକା ଆହୁରି ବିବେଚନା କରେ ଯେ ଗୁଣାତ୍ମକ ପ୍ରାଥମିକ ଶିକ୍ଷାର ମୁଖ୍ୟ ସଂକେତ ଏହାର ଫଳାଫଳ ଉଭୟ ବିଦ୍ୟାଳୟ ଏବଂ ସହ ବିଦ୍ୟାଳୟ ସ୍ତରୀୟ ଶିକ୍ଷାର୍ଥୀଙ୍କ କୃତିତ୍ୱରୁ ଦୃଶ୍ୟମାନ ହୋଇପାରିବ ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ଖେଳ ଉପକରଣ 191 ଟି ନମୁନା ବିଦ୍ୟାଳୟରୁ 99 ଟି ବିଦ୍ୟାଳୟରେ ଉପଲବ୍ଧ ନଥିଲା।
- 191 ଟି ନମୁନା ବିଦ୍ୟାଳୟରୁ 54 ଟି ବିଦ୍ୟାଳୟରେ ପାଠାଗାର ସୁବିଧା ନଥିଲାବେଳେ ଖବର କାଗଜ, ପ୍ରଶ୍ନ ପତ୍ର ବ୍ୟାଙ୍କ୍ ଓ ମାଗାଜିନ୍ ସୁବିଧା 191 ଟି ନମୁନା ବିଦ୍ୟାଳୟରୁ କୌଣସି ବିଦ୍ୟାଳୟରେ ନଥିଲା ।
- ନମୁନା ନିଆଯାଇଥିବା ସମସ୍ତ 191 ଟି ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇନଥିଲା ଏବଂ ପିଲାମାନଙ୍କର ଉପସ୍ଥାନ ଓ ସଫଳତା ପିତାମାତାଙ୍କୁ ଅବଗତ କରାଯାଇ ନଥିଲା ।
- ନମୁନା ନିଆଯାଇଥିବା 191 ଟି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ କୌଣସି ପ୍ରକଳ୍ପ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇ ନଥିଲା ।

ପ୍ରାଥମିକ ସ୍ତରରେ ଛାତ୍ରମାନଙ୍କର ଶିକ୍ଷାଗତ ସାମର୍ଥ୍ୟ ଜାଣିବା ପାଇଁ ଜାନୁଆରୀ-ମାର୍ଚ୍ଚ 2015 ମଧ୍ୟରେ ନମୁନା ବିଦ୍ୟାଳୟର 3,390 ଛାତ୍ରଛାତ୍ରୀମାନଙ୍କର ସମୀକ୍ଷା ଉପସ୍ଥିତିରେ ଶିକ୍ଷକମାନଙ୍କ ଦ୍ୱାରା କରାଯାଇଥିବା ମୂଲ୍ୟାୟନ ପରୀକ୍ଷା ଉପରେ ଭରସା କରିଥିଲା । ସଂପୃକ୍ତ ଶିକ୍ଷକଙ୍କ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନର ଫଳାଫଳ ଦର୍ଶାଇଲା ଯେ:

- 112 ଟି ନମୁନା ବିଦ୍ୟାଳୟରେ I ରୁ III ଶ୍ରେଣୀ ଯାଏ ସମୁଦାୟ 1,069 ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ 775 ବିଦ୍ୟାର୍ଥୀ (73 ପ୍ରତିଶତ) 30 ପ୍ରତିଶତ ବା ଏଥିରୁ ଅଧିକ ନମ୍ବର ରଖିଥିବା ବେଳେ 133 ଜଣ ଛାତ୍ରଛାତ୍ରୀ (12 ପ୍ରତିଶତ) ପାଞ୍ଚଟି ଓଡ଼ିଆ ବର୍ଣ୍ଣ, ସଂଖ୍ୟା ଏବଂ ଶବ୍ଦ ଲେଖିପାରି ନଥିଲେ ଓ ଶୂନ ନମ୍ବର ରଖିଥିଲେ । 161 ଜଣ ଛାତ୍ରଛାତ୍ରୀ (15 ପ୍ରତିଶତ) 30 ପ୍ରତିଶତରୁ କମ୍ ନମ୍ବର ରଖିଥିଲେ ।
- ସେହିପରି ନମୁନା ଯାଞ୍ଚ 134 ଟି ବିଦ୍ୟାଳୟରେ IV ରୁ VI ଶ୍ରେଣୀରେ ପଢୁଥିବା ଏବଂ ପରୀକ୍ଷାରେ ଭାଗ ନେଇଥିବା 1,371 ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ 942 ଜଣ ଛାତ୍ରଛାତ୍ରୀ (69 ପ୍ରତିଶତ) 30 ପ୍ରତିଶତ ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ 170 ଜଣ ଛାତ୍ରଛାତ୍ରୀ (12 ପ୍ରତିଶତ) ଶୁନ ନମ୍ବର ରଖିଥିଲେ ଏବଂ 259 ଜଣ ଛାତ୍ରଛାତ୍ରୀ (19 ପ୍ରତିଶତ) 30 ପ୍ରତିଶତରୁ କମ୍ ନମ୍ବର ରଖିଥିଲେ ।
- VII ଓ VIII ଶ୍ରେଣୀରେ ପଢୁଥିବା 103 ଟି ନମୁନା ଯାଞ୍ଚ୍ ବିଦ୍ୟାଳୟରେ 950 ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ 401 ଜଣ (42 ପ୍ରତିଶତ) ଏକ ଲେଖାଂଶକୁ ପଢିପାରି ନଥିଲେ ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଖେଳ ଉପକରଣ, ଖବର କାଗଜ, ପତ୍ରପତ୍ରିକା କ୍ରୟ ପାଇଁ ଏସ୍‌ଏସ୍‌ଏ ଦ୍ୱାରା ପ୍ରଦତ୍ତ ପାଣ୍ଠି ଉଦ୍ଦିଷ୍ଟ ହୋଇନଥିବାରୁ ମୌଖିକ ପ୍ରଶ୍ନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କର ଅନିୟମିତ ଉପସ୍ଥାନକୁ ସ୍ୱଳ୍ପ ଶିକ୍ଷାଗତ ସଫଳତାର କାରଣ ଭାବେ ଦର୍ଶାଯାଇଥିଲା (ମଇ 2015) ।

## 2.2.11 ନିର୍ଦ୍ଧାରିତ ଭିତ୍ତିଭୂମିର ଅଭାବ

ପ୍ରତ୍ୟେକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଶୌଚାଳୟ, ବିଶୁଦ୍ଧ ଓ ଯଥେଷ୍ଟ ପାନୀୟ ଜଳ ବ୍ୟବସ୍ଥା, ରୋଷେଇଶାଳ, ଖେଳ ପଡ଼ିଆ, ପାଚେରୀ ଇତ୍ୟାଦି ଆବଶ୍ୟକୀୟ ମୌଳିକ ଭିତ୍ତିଭୂମି ଯୋଗାଇ ଦେବାକୁ ଆରଟିଇ ଅଧିନିୟମ ଅନୁଯାଇ ଅଗଷ୍ଟ 2012 ପର୍ଯ୍ୟନ୍ତ ଏକ ତିନି ବର୍ଷିଆ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା । ନିମ୍ନ ଅନିୟମିତତାଗୁଡ଼ିକୁ ସମୀକ୍ଷା ପରିଲକ୍ଷିତ କରିଥିଲା:

### *2.2.11.1 ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ*

ନମୁନା ଜିଲ୍ଲା ଓ ଯାଞ୍ଚ୍ କରାଯାଇଥିବା ବିଦ୍ୟାଳୟଗୁଡ଼ିକରେ ନିମ୍ନଲିଖିତ ମୂଳ ଭିତ୍ତିଭୂମିର ଅଭାବ ସମୀକ୍ଷା ପରିଲକ୍ଷିତ କରିଥିଲା ।

***ସାରଣୀ 2.2.3: ଭିତ୍ତିଭୂମିର ଅଭାବ***

| ବିଦ୍ୟାଳୟ ସଂଖ୍ୟା (ସରକାରୀ) | ରାଜ୍ୟରେ | | ନମୁନା ଯାଞ୍ଚ୍ ଜିଲ୍ଲା | | ନମୁନା ବିଦ୍ୟାଳୟ | |
|---|---|---|---|---|---|---|
| | **52890 (ମାଧ୍ୟମିକ ବିଦ୍ୟାଳୟକୁ ବାଦ୍ ଦେଇ)** | | **15896** | | **191** | |
| ସୁବିଧା | ଉପଲବ୍ଧ ନୁହେଁ | ପ୍ରତିଶତ | ଉପଲବ୍ଧ ନୁହେଁ | ପ୍ରତିଶତ | ଉପଲବ୍ଧ ନୁହେଁ | ପ୍ରତିଶତ |
| ବାଳକ ଶୌଚାଳୟ | 12364 | 23 | 7009 | 44 | 95 | 50 |
| ବାଳିକା ଶୌଚାଳୟ | 7497 | 14 | 4749 | 30 | 82 | 43 |
| ପିଇବା ପାଣି | 1714 | 3 | 4323 | 27 | 25 | 13 |
| ବିଦ୍ୟୁତ୍ ଯୋଗାଣ | 43386 | 82 | 13330 | 84 | 108 | 57 |
| ଖେଳ ପଡ଼ିଆ | 41706 | 79 | 10342 | 65 | 123 | 64 |

| | | | | | | |
|---|---|---|---|---|---|---|
| ପାଚେରୀ | 27577 | 52 | 12289 | 77 | 94 | 49 |
| ରୋଷେଇଶାଳ | 27410 | 52 | 7006 | 44 | 88 | 46 |
| ଅଗ୍ନିରୋଧକ ପକ୍କା ଗୃହ | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | 22 | 12 |
| ଡେକ୍ସ ଓ ବେଞ୍ଚ | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | 118 | 62 |
| ପ୍ରତିବନ୍ଧ ମୁକ୍ତ ପ୍ରବେଶ | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | 81 | 42 |
| ଅଗ୍ନି ନିର୍ବାପକ ଯନ୍ତ୍ର | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | 74 | 39 |

***(ଓପେପା,ଡିପିସି ଓ ନମୁନା ବିଦ୍ୟାଳୟର ନଥିପତ୍ର ସହିତ ଯୁଗ୍ମ ସରଜମିନ ତଦନ୍ତ)***

ଉପର ଲିଖିତ ସାରଣୀରୁ ଏହା ଦେଖାଯାଏ ଯେ ଆଠଟି ନମୁନା ଜିଲ୍ଲାର 4,323 ବିଦ୍ୟାଳୟ (27 ପ୍ରତିଶତ) ରେ ବିଶୁଦ୍ଧ ଓ ଯଥେଷ୍ଟ ପାନୀୟ ଜଳର ସୁବିଧା ନଥିଲା ବେଳେ 25 ନମୁନା ବିଦ୍ୟାଳୟରେ (13 ପ୍ରତିଶତ) ଏହି ସୁବିଧା ଉପଲବ୍ଧ ନଥିଲା । 191 ନମୁନା ବିଦ୍ୟାଳୟରୁ 118 ଟି ବିଦ୍ୟାଳୟରେ ପିଲାମାନେ ଡେସ୍କ ନଥିବାରୁ ତଳେ ବସିପାଠ ପଢୁଥିଲେ ।

ଯଦିଓ ରାଜ୍ୟ ସରକାର ଏହାର ବାର୍ଷିକ କାର୍ଯ୍ୟ ଖସଡ଼ା ଓ 2011-12 ରୁ 2013-14 ବଜେଟରେ ଅନ୍ୟାନ୍ୟ ଯୋଜନା ସହିତ ଏକାଭିମୁଖୀ କରାଇ ବିଦ୍ୟମାନ ଥିବା ସମସ୍ତ ବିଦ୍ୟାଳୟରେ ଶୌଚାଳୟ ଓ ପାନୀୟ ଜଳର ସୁବିଧା ପହଞ୍ଚାଇବାକୁ ଭାରତ ସରକାରଙ୍କ ନିକଟରେ ପ୍ରତିଶ୍ରୁତି ବଦ୍ଧ ଥିଲେ, ମାତ୍ର ଏହା ହାସଲ ହୋଇପାରନଥିଲା କାରଣ 23 ପ୍ରତିଶତ ବିଦ୍ୟାଳୟରେ ଶୌଚାଳୟ ସୁବିଧା ନଥିଲା ଏବଂ ତିନି ପ୍ରତିଶତ ବିଦ୍ୟାଳୟରେ ପାନୀୟ ଜଳର ସୁବିଧା ନଥିଲା । ସମୀକ୍ଷା ଉପସ୍ଥିତିରେ ନମୁନା ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ମିଳିତ ସରଜମିନ ତଦନ୍ତରୁ ଜଣାଗଲା ଯେ ପିଇବା ଜଳ ଓ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ନିର୍ମାଣ ହୋଇଥିବା ଶୌଚାଳୟଗୁଡ଼ିକ ବ୍ୟବହୃତ ହେଉନଥିଲା। ପ୍ରଧାନ ଶିକ୍ଷକମାନେ ଏଥିପାଇଁ ଏସ୍ଏସ୍ଏର ଅନୁମୋଦିତ ନିୟାମକ ଅନୁଯାୟୀ ଓପେପା/ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱଳ୍ପ[54] ବିଦ୍ୟାଳୟ ରକ୍ଷଣାବେକ୍ଷଣ ଅନୁଦାନକୁ ଦାୟୀ କରିଥିଲେ ।



***ଉନ୍ନିତ ଉଚ୍ଚ ବିଦ୍ୟାଳୟ, ଚୁରମାଳ, ବଲାଙ୍ଗିରରେ ପର୍ଯ୍ୟାପ୍ତ ପରିମାଣର ବେଞ୍ଚ/ ଡେସ୍କ ନଥିଲା***

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଓପେପା ମାର୍ଚ୍ଚ 2015 ସୁଦ୍ଧା ଭିତ୍ତିଭୂମି ଅଭାବର ଆକଳନ କରିଥିଲା ଓ ତାହା 2015-16 ମଧ୍ୟରେ ଅନୁମୋଦନ ପାଇଁ ପ୍ରସ୍ତାବ ଦେବ । ଆହୁରି ମଧ୍ୟ ଜଣାଇଥିଲେ ଯେ ଏସ୍ଏସ୍ଏ ଅଧିନରେ ପାଚେରୀ ନିର୍ମାଣ, ଖେଳ ପଡ଼ିଆ, ଡେସ୍କବେଞ୍ଚ ପାଇଁ କୌଣସି ବ୍ୟବସ୍ଥା ନଥିଲା । କିନ୍ତୁ ଆରଟିଇ ଅଧିନିୟମର ନିର୍ଦ୍ଧାରଣ ଅନୁଯାୟୀ ରାଜ୍ୟ ସରକାର ଏହି ସବୁ ଭିତ୍ତିଭୂମି ସୁବିଧା ଯୋଗାଇ ଦେବା ଉଚିତ୍ ।

### *2.2.11.2 ବିଦ୍ୟାଳୟ ଭିତ୍ତିଭୂମି ନିର୍ମାଣର ସ୍ଥିତି*

ଏସ୍ଏସ୍ଏ ରେ ବିଦ୍ୟାଳୟ ଗୃହ/ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଏକ ବଡ଼ ପଦକ୍ଷେପ । 2009-14 ମଧ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଦିଆଯାଇଥିବା 3,463.88 କୋଟି ଟଙ୍କାରୁ 1,986.09 କୋଟି ଟଙ୍କା ବିନିଯୋଗ କରାଯାଇଥିଲା ।

ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟରେ ବିଦ୍ୟାଳୟ ଗୃହ ଏବଂ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା 92,195ଟି କାର୍ଯ୍ୟରୁ 79,693ଟି କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା ବେଳେ 9,595[55] ଟି କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିଲା ଏବଂ ବଳକା 2,907ଟି କାର୍ଯ୍ୟ ଆରମ୍ଭ ହୋଇ ନଥିଲା (ମାର୍ଚ୍ଚ 2014) । ଆଠଟି ନମୁନା

---

54 ବାର୍ଷିକ 5,000 ଟଙ୍କାରୁ 7,000 ଟଙ୍କା

55 ପାଞ୍ଚ ବର୍ଷରୁ ଅଧିକ: 776ଟି କାର୍ଯ୍ୟ, ଏକରୁ ପାଞ୍ଚ ବର୍ଷ ମଧ୍ୟରେ 8,714ଟି କାର୍ଯ୍ୟ ଏବଂ ଏକ ବର୍ଷରୁ କମ୍ 105ଟି କାର୍ଯ୍ୟ

ଜିଲ୍ଲାରେ 2009-14 ମଧ୍ୟରେ ହାତକୁ ନିଆଯାଇଥିବା ଗୃହ ସମ୍ପୂର୍ଣ୍ଣ ହୋଇଥିବା ଓ ନିର୍ମାଣାଧିନ ଥିବା କାର୍ଯ୍ୟର ସଂଖ୍ୟା ନିମ୍ନ ସାରଣୀରେ ପ୍ରଦତ୍ତ କରାଗଲା ।

***ସାରଣୀ 2.2.4: ମାର୍ଚ୍ଚ 2014 ସୁଦ୍ଧା ଆଠଟି ନମୁନା ଜିଲ୍ଲାରେ ବିଦ୍ୟାଳୟ ଗୃହ/ ଶ୍ରେଣୀଗୃହ ନିର୍ମାଣର ସ୍ଥିତି***

| ଗୃହର ପ୍ରକାର | ନିର୍ମାଣ ପାଇଁ ଗ୍ରହଣ କାର୍ଯ୍ୟ | ସଂପୂର୍ଣ୍ଣ ହୋଇଥିବା କାର୍ଯ୍ୟ | ଆରମ୍ଭ ହୋଇନଥିବା କାର୍ଯ୍ୟ | ଶେଷ ହୋଇନଥିବା କାର୍ଯ୍ୟ | ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟର ସମୟ | କାରଣ |
|---|---|---|---|---|---|---|
| ପ୍ରାଥମିକ ବିଦ୍ୟାଳୟ ଗୃହ | 818 | 480 | 53 | 285 | 3 ବର୍ଷରୁ ଅଧିକ (32 ମାମଲା) | ଏସ୍ଏମ୍ସି ଗଠନ ନହୋଇଥିବା/ କାର୍ଯ୍ୟ କରୁନଥିବା ଏସ୍ଏମ୍ସି ସଭ୍ୟ ମାନଙ୍କ ମଧ୍ୟରେ ମତଭେଦ, ଜମିର ଅଭାବ, ପାଣ୍ଠି ଯୋଗାଣରେ ବିଳମ୍ବ |
| ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହ | 549 | 341 | 23 | 185 | 3 ବର୍ଷରୁ ଅଧିକ (13 ମାମଲା) | |
| ଅତିରିକ୍ତ ଶ୍ରେଣୀ ଗୃହ | 9270 | 5748 | 741 | 2781 | ଏକରୁ ଛଅ ବର୍ଷ (238 ମାମଲା) | |

***(ଉତ୍ସ: ଡିପିସିଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ମିଳିତ ସରଜମିନ୍ ତଦନ୍ତ ବେଳେ ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ଆଠଟି ନମୁନା ଯାଞ୍ଚ୍ ଜିଲ୍ଲାରେ ମାର୍ଚ୍ଚ 2015 ସୁଦ୍ଧା 3 ରୁ 13 ବର୍ଷ ମଧ୍ୟରେ ଅସମ୍ପୂର୍ଣ୍ଣ ରହିଥିବା 1,266 ଟି ଗୃହ କାର୍ଯ୍ୟ ମଧ୍ୟରୁ 166ଟି କାର୍ଯ୍ୟ ମୂଳଦୁଆ ସ୍ତରର ଥିଲା, 196ଟି କାର୍ଯ୍ୟ ଲିଣ୍ଟେଲ୍ ସ୍ତରରେ ଥିଲା, 172ଟି କାର୍ଯ୍ୟ ଛାତ ପଡିବା ସ୍ତରରେ ଥିଲା ଏବଂ 732ଟି କାର୍ଯ୍ୟ ଛାତ ଢଳେଇ ଅବସ୍ଥାରେ ରହିଥିଲା । ଯାହାଫଳରେ ଏହି ଅସମ୍ପୂର୍ଣ୍ଣ କାର୍ଯ୍ୟରେ ବିନିଯୋଗ ହୋଇଥିବା 35.85 କୋଟି ଟଙ୍କା ଅବରୋଧ ହୋଇ ରହିଥିଲା ଏବଂ ଛାତ୍ରଛାତ୍ରୀମାନେ ଉତ୍ତମ ଶ୍ରେଣୀ ଗୃହ ପରିବେଶରୁ ବଞ୍ଚିତ ହୋଇଥିଲେ । ସେହିଭଳି ଏହି ଜିଲ୍ଲାମାନଙ୍କରେ ମାର୍ଚ୍ଚ 2015 ସୁଦ୍ଧା 3.95 କୋଟି[56] ଟଙ୍କା ପ୍ରଦାନ କରାଯାଇଥିଲେ ମଧ୍ୟ ଆରମ୍ଭ ହୋଇନଥିବା 102ଟି କାର୍ଯ୍ୟ ମଧ୍ୟରୁ 27ଟି କାର୍ଯ୍ୟ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ଆରମ୍ଭ ହୋଇନଥିଲା, 75ଟି କାର୍ଯ୍ୟ ଏକରୁ ପାଞ୍ଚ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରି ନଥିଲା ଯାହାର କାରଣଗୁଡ଼ିକ ସାରଣୀ 2.2.4 ରେ ଦର୍ଶାଯାଇଛି ।

- 191 ଟି ନମୁନା ବିଦ୍ୟାଳୟରୁ 22 ଟି (12 ପ୍ରତିଶତ) ବିଦ୍ୟାଳୟ କଚ୍ଚା ଘରେ ଚାଲୁଥିଲା । ଯଦିଓ ରାୟଗଡ଼ା ଜିଲ୍ଲାରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପକ୍କା ଘର ରହିଥିବା ଓପେପା ତାଙ୍କ ବାର୍ଷିକ କାର୍ଯ୍ୟ ଖସଡ଼ାରେ ଦର୍ଶାଇଥିଲେ, ସମୀକ୍ଷା ପରିଲକ୍ଷିତ କରିଥିଲା ଯେ 24ଟି ନମୁନା ବିଦ୍ୟାଳୟରୁ ଦୁଇଟି[57] ବିଦ୍ୟାଳୟ ବେସରକାରୀ କଚ୍ଚା ଘର ବାରଣ୍ଡାରେ (ଗୋଟିଏ) ଏବଂ ଅସ୍ଥାୟୀ ଛାଉଣୀ ତଳେ (ଗୋଟିଏ) ଚାଲୁଥିଲା ।

- ସମଗ୍ର ରାଜ୍ୟରେ ମାର୍ଚ୍ଚ 2014 ସୁଦ୍ଧା ଶୌଚାଳୟର ନିର୍ମାଣ ସହିତ 4,817ଟି (ତିନି ପ୍ରତିଶତ) ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ 16,762ଟି କାର୍ଯ୍ୟ (12 ପ୍ରତିଶତ) ନିର୍ମାଣାଧିନ ଥିଲା ।

- ଏସ୍ଏମ୍ସି କୁ ପାଣ୍ଠି ଦିଆଯିବା ପରେ ଡିପିସି, ଡିଇଓ ଓ ବିଇଓ ଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହର ନିର୍ମାଣ କାର୍ଯ୍ୟ ସମାପ୍ତିକୁ ନିଶ୍ଚିତ କରିବାକୁ କୌଣସି ପର୍ଯ୍ୟାଲୋଚନା ନହେବା ଯୋଗୁଁ ବିଦ୍ୟାଳୟ ନିମିତ୍ତ ଆବଶ୍ୟକୀୟ ଭିତ୍ତିଭୂମି ଠିକ୍ ସମୟରେ ନିର୍ମାଣ ହୋଇପାରି ନଥିଲା ।

ବିଳମ୍ବ ପାଇଁ ବିଭାଗ ଏସ୍ଏମ୍ସିର ଗଠନ ନହେବା/ କାର୍ଯ୍ୟକାରୀ ନହେବା ମୂଲ୍ୟ ବଢିଯିବା, ଉପଯୁକ୍ତ ସରକାରୀ ଜମି ନ ମିଳିବା, ପାଣ୍ଠି ପ୍ରଦାନରେ ବିଳମ୍ବ ଇତ୍ୟାଦିକୁ ଦୋଷାରୋପ କରିଥିଲେ (ମଇ 2015) । ଏହା ମଧ୍ୟ

[56] ଏକ ରୁ ଅଧିକ ପାଞ୍ଚ ବର୍ଷରୁ କମ୍ 75 ଟି କାର୍ଯ୍ୟ: 2.99 କୋଟି ଟଙ୍କା ଏବଂ ପାଞ୍ଚ ବର୍ଷରୁ ଅଧିକ 27 ଟି କାର୍ଯ୍ୟ : 95.85 ଲକ୍ଷ ଟଙ୍କା

[57] ଉଚ୍ଚ ଗୁସୁରିପଦର ପ୍ରାଥମିକ ବିଦ୍ୟାଳୟ (ବିଶମ କଟକ ବ୍ଲକ୍) ଏବଂ ମୁଖାପଦର ନୂଆ ପ୍ରାଥମିକ ବିଦ୍ୟାଳୟ (ଗୁଡାରି ବ୍ଲକ୍)

ଦର୍ଶାଇଥିଲେ ଯେ ଜୁଲାଇ 2015 ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସମସ୍ତ ଡିପିସି ମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।

## 2.2.12 ମାନବ ସମ୍ବଳ ପରିଚାଳନା

ଏସ୍‌ଏସ୍‌ଏ ଆଧାରର ଖଣ୍ଡ 1.9.10 ଅନୁଯାୟୀ, ଏସଏସଏର ପ୍ରତ୍ୟେକ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଞ୍ଜୁରୀ ପ୍ରାପ୍ତ ତିନି ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକ ଗଣିତ ଓ ବିଜ୍ଞାନ ସମ୍ବନ୍ଧିତ ବିନିର୍ଦ୍ଦିଷ୍ଟ ପୃଷ୍ଠଭୂମିରୁ ହେବା ଆବଶ୍ୟକ ।

### *2.2.12.1 ବ୍ୟାପକ ଖାଲି ପଦବୀ*

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ଯଦିଓ ଆର୍‌ଟିଇ ଅଧିନିୟମର ମାନ ସହ ସମାନ କରାଇବା ପାଇଁ ପ୍ରାଥମିକ ବିଦ୍ୟାଳୟରେ ମଞ୍ଜୁରୀ ପ୍ରାପ୍ତ ଶିକ୍ଷକ ସଂଖ୍ୟା 2009-10 ରେ 1,60,505 ରୁ ବଢାଇ 2013-14 ରେ 2,29,006 କରାଯାଇଥିଲା, ତଥାପି 2009-14[58] ମଧ୍ୟରେ 33,499 ରୁ 50,400 ପର୍ଯ୍ୟନ୍ତ ଶିକ୍ଷକ ପଦବୀଗୁଡ଼ିକ ଖାଲି ରହିଥିଲା, ଯାହା 2009-10 ରେ 31.40 ପ୍ରତିଶତ ଥିଲାବେଳେ 2013-14 ରେ 14.63 ପ୍ରତିଶତ ରହିଥିଲା ।

- କେବଳ ଖୋର୍ଦ୍ଧା ଜିଲ୍ଲାରେ 44,681 ଛାତ୍ରଛାତ୍ରୀ ଥିବା 369 ଟି ବିଦ୍ୟାଳୟ 2010-11 ବର୍ଷରେ କୌଣସି ନିୟମିତ ଶିକ୍ଷକ ବିନା ଚାଲୁଥିଲା ଏବଂ ପାଠପଢା କାମଚଳା ବ୍ୟବସ୍ଥା ମାଧ୍ୟମରେ ହେଉଥିଲା ।

- ***ଏକକ ଶିକ୍ଷକ ଦ୍ୱାରା ଚାଲୁଥିବା ବିଦ୍ୟାଳୟ:*** ରାଜ୍ୟରେ 2009-14 ମଧ୍ୟରେ 1.79 ଲକ୍ଷରୁ 3.88 ଲକ୍ଷ ଛାତ୍ରଛାତ୍ରୀ ଥିବା 3,440 (5.50 ପ୍ରତିଶତ) ରୁ 8,739[59] (14 ପ୍ରତିଶତ) ଟି ବିଦ୍ୟାଳୟ ଗୋଟିଏ ଲେଖାଏଁ ଶିକ୍ଷକ ଦ୍ୱାରା ଚାଲୁଥିଲା ଯଦ୍ୟପି ସେହି ସମୟରେ ପ୍ରତ୍ୟେକ ଏହିପରି ସ୍କୁଲରେ ହାରାହାରି ଛାତ୍ରଛାତ୍ରୀ ସଂଖ୍ୟା 44 ରୁ 90 ପର୍ଯ୍ୟନ୍ତ ଥିଲା । ନମୁନା ଯାଞ୍ଚ୍ କରାଯାଇଥିବା ଆଠ ଜିଲ୍ଲାରୁ ପାଞ୍ଚଟି ଜିଲ୍ଲାରେ[60] 869 ରୁ 1,667 ବିଦ୍ୟାଳୟ[61]ରେ ମାନଦଣ୍ଡ ଅନୁଯାୟୀ ଦୁଇରୁ ତିନି ଜଣ ଶିକ୍ଷକଙ୍କର ଆବଶ୍ୟକତା ଥିବା ସ୍ଥଳେ ଏକକ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା ।

- ***ବିଷୟଗତ ଶିକ୍ଷକଙ୍କ ଅଭାବ:*** ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟର ଉଚ୍ଚ ମାଧମିକ ବିଦ୍ୟାଳୟରେ 2,558ଟି ବିଜ୍ଞାନ ଏବଂ ଗଣିତ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା । ନମୁନା ଯାଞ୍ଚ୍ ଆଠଟି ଜିଲ୍ଲା ମଧ୍ୟରୁ ତିନିଟି ଜିଲ୍ଲା (ନବରଙ୍ଗପୁର, ନୂଆପଡ଼ା ଓ କୋରାପୁଟ) ରେ 572 ଟି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୃଷ୍ଟି କରାଯାଇଥିଲା ବେଳେ କେବଳ 350 ଜଣ ବିଜ୍ଞାନ ଓ ଗଣିତ ପୃଷ୍ଠଭୂମି ଥିବା ଶିକ୍ଷକ ନିଯୁକ୍ତ ହୋଇଥିଲେ । ଆବଶ୍ୟକୀୟ ଶିକ୍ଷକଙ୍କ ଅଭାବରେ, ଅନ୍ୟ ବିଷୟର ଶିକ୍ଷକଙ୍କ ଦ୍ୱାରା ଗଣିତ ଓ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରାଯାଉଥିଲା ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଶିକ୍ଷକମାନଙ୍କର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଅଛି ।

### *2.2.12.2 ଶିକ୍ଷକ ମୁତୟନରେ ଅବ୍ୟବସ୍ଥା*

ଆର୍‌ଟିଇ ଅଧିନିୟମର ବିହିତ ମାନକ ଅନୁଯାୟୀ, ଅନ୍ୟୁନ ଦୁଇଟି ଶିକ୍ଷକ 60 ଶିକ୍ଷାର୍ଥୀ ଥିବା ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଏବଂ ତିନିଟି ଶିକ୍ଷକ ପ୍ରତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ

---

58 2009-10 ଏବଂ 2010-11: 50,400; 2011-12: 45,163; 2012-13: 66,587 ଏବଂ 2013-14: 33,499

59 2009-10: 4,083; 2010-11: 8,739; 2011-12: 4,811; 2012-13: 4,492 ଏବଂ 2013-14: 3,440

60 ଅନୁଗୁଳ, ଖୋର୍ଦ୍ଧା, କୋରାପୁଟ, ନୂଆପଡ଼ା ଏବଂ ରାୟଗଡା

61 2009-10: 869ଟି ବିଦ୍ୟାଳୟରେ 34,671 ଛାତ୍ରଛାତ୍ରୀ; 2010-11: 1,655ଟି ବିଦ୍ୟାଳୟରେ 1,06,561 ଛାତ୍ରଛାତ୍ରୀ; 2011-12: 1,667ଟି ବିଦ୍ୟାଳୟରେ 84,365 ଛାତ୍ରଛାତ୍ରୀ; 2012-13: 1,028ଟି ବିଦ୍ୟାଳୟରେ 21,148 ଛାତ୍ରଛାତ୍ରୀ ଏବଂ 2013-14: 985ଟି ବିଦ୍ୟାଳୟରେ 34,012 ଛାତ୍ରଛାତ୍ରୀ ସହିତ

ଭାଷାଗତ ଶିକ୍ଷା ଦାନ ପାଇଁ ରହିବା ଆବଶ୍ୟକ ।

ନମୁନା ଯାଞ୍ଚ୍ ହୋଇଥିବା ସ୍କୁଲ୍ ଗୁଡ଼ିକରେ, ଶିକ୍ଷକ ମୁତୟନରେ ସମୀକ୍ଷା ପରିଲକ୍ଷିତ କରିଥିବା ଅସଂଗତି ସାରଣୀ 2.2.5ରେ ଦର୍ଶାଗଲା ।

***ସାରଣୀ 2.2.5: 2013-14 ରେ ବିଦ୍ୟାର୍ଥୀ ଏବଂ ଶିକ୍ଷକଙ୍କ ଅନୁପାତ***

| ବିଦ୍ୟାଳୟ ନାମ | ବ୍ଲକ୍/ଜିଲ୍ଲା | ତାଲିକାଭୁକ୍ତ ଛାତ୍ରଛାତ୍ରୀସଂଖ୍ୟା | ଉପଲବ୍ଧ ଶିକ୍ଷକ ସଂଖ୍ୟା | ବିଦ୍ୟାର୍ଥୀ - ଶିକ୍ଷକ ଅନୁପାତ |
|---|---|---|---|---|
| ଓଲାରବିନ୍ଧା ପିପିଏସ୍ | ବାଲିଅନ୍ତା/ଖୋର୍ଦ୍ଧା | 3 | 2 | 1.5 : 1 |
| ଅରଙ୍ଗ ୟୁଜିୟୁପିଏସ୍ | ବାଣପୁର/ଖୋର୍ଦ୍ଧା | 198 | 2 | 99 : 1 |
| ଟିକରପଡ଼ା ପିପିଏସ୍ | ନୂଆପଡ଼ା/ନୂଆପଡ଼ା | 7 | 2 | 3.5 : 1 |
| ପାଣ୍ଡ୍ରିପାଣି ପିଏସ୍ | ନୂଆପଡ଼ା/ନୂଆପଡ଼ା | 96 | 1 | 96 : 1 |
| ରଘୁମଣିପାଲି ପିଏସ୍ | ବଲାଙ୍ଗିର/ ବଲାଙ୍ଗିର | 9 | 2 | 4.5 : 1 |
| ଗୌଡ଼ତଲା ୟୁପିଏସ୍ | ଟିଟିଲାଗଡ଼/ ବଲାଙ୍ଗିର | 272 | 1 | 272 : 1 |
| ୟେଗୁଭଦ୍ରାପଲ୍ଲୀ ପିପିଏସ୍ | ବନ୍ଧୁଗାଁ/ କୋରାପୁଟ | 43 | 5 | 8.6 : 1 |
| ବଡ଼ାଇଁନ୍ଦପୁର ପିୟୁପିଏସ୍ | ବୋରିଗୁମ୍ମା/କୋରାପୁଟ | 159 | 2 | 79.5 : 1 |
| ଚିକିଲିଗୁଡ଼ା ଏନ୍‌ପିଏସ୍ | ଡାବୁଗାଁ/ ନବରଙ୍ଗପୁର | 7 | 2 | 3.5 : 1 |
| ତରାବେଡ଼ା ପିୟୁପିଏସ୍ | ଝରିଗାଁ/ ନବରଙ୍ଗପୁର | 187 | 1 | 187 : 1 |

***(ଉତ୍ସ: ଡିପିସି ନଥିରୁ ଉପଲବ୍ଧ ସମୀକ୍ଷା ବିଶ୍ଳେଷଣ)***

ଅତଏବ, ଶିକ୍ଷକ ପଦବୀଗୁଡ଼ିକ ଖାଲି ଥିଲେ ମଧ ମୁତୟନ ନ୍ୟାୟୋଚିତ ନଥିଲା ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ, ସୁବ୍ୟବସ୍ଥିକରଣ ନୀତି/ ମାର୍ଗଦର୍ଶିକା ପ୍ରତି ବର୍ଷ ପ୍ରଣୟନ ହେଉଥିଲା ।

### *2.2.12.3 ସ୍ୱଳ୍ପ ଯୋଗ୍ୟତା ସମ୍ପନ୍ନ ଶିକ୍ଷକ ଶିକ୍ଷାଦାନ ନିଯୁକ୍ତି ଜାରି ରଖିବା*

ଆର୍‌ଟିଇ ଅଧିନିୟମ ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ପାଇଁ ବିହିତ ଅନ୍ୟୁନ ଯୋଗ୍ୟତା ଉଚ୍ଚ ମାଧମିକ ସ୍ତରରେ 50 ପ୍ରତିଶତ ନମ୍ବର ସହ ଉତ୍ତୀର୍ଣ୍ଣ ହୋଇ ପ୍ରାଥମିକ ବିଦ୍ୟାଳୟ ପାଇଁ ଦୁଇ ବର୍ଷିଆ ପ୍ରାଥମିକ ଶିକ୍ଷାରେ ସ୍ନାତକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଦୁଇ ବର୍ଷିଆ ସ୍ନାତକ ଉପାଧି ସହ ପ୍ରାଥମିକ ଶିକ୍ଷାରେ ସ୍ନାତକ ହେବା ବିହିତ କରାଯାଇଥିଲା । ଉଭୟ ଆର୍‌ଟିଇ ଅଧିନିୟମ ଓ ଏସ୍‌ଏସ୍‌ଏ ମାର୍ଗଦର୍ଶିକା ଅନୁଯାୟୀ, ପେଶାଗତ ଯୋଗ୍ୟ ଶିକ୍ଷକଙ୍କ ନିଯୁକ୍ତି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଗଷ୍ଟ 2014 ପର୍ଯ୍ୟନ୍ତ ପାଞ୍ଚ ବର୍ଷିୟା ସମୟସୀମା ମଧ୍ୟରେ ହେବା ଆବଶ୍ୟକ ଯାହାଦ୍ୱାରା ଅଣ-ଯୋଗ୍ୟତା ପ୍ରାପ୍ତ ଶିକ୍ଷକଙ୍କୁ ପେଶାଗତ ଯୋଗ୍ୟତା କରାଯିବା ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ମାର୍ଚ୍ଚ 2014 ସୁଦ୍ଧା, ସ୍ୱଳ୍ପ ଯୋଗ୍ୟତା ଥିବା ଶିକ୍ଷକ ମାନେ ପ୍ରାଥମିକ ବିଦ୍ୟାଳୟ (20,471) ଓ ଉଚ୍ଚ ପ୍ରଥମିକ ବିଦ୍ୟାଳୟ (936) ରେ କାର୍ଯ୍ୟ ଜାରି ରଖିଥିଲେ । ଶିକ୍ଷକ ମାନଙ୍କ ମଧ୍ୟରୁ କୌଣସି ଅତିରିକ୍ତ ପେଶାଗତ, ଶିକ୍ଷାଗତ ଯୋଗ୍ୟତା ବିନା 1,265 ଜଣ ଅଣ-ମାଧ୍ୟମିକ ଯୋଗ୍ୟତା ସମ୍ପନ୍ନ ଥିବାବେଳେ 20,142 ଜଣ ମାଧ୍ୟମିକ ଯୋଗ୍ୟତା ସଂପନ୍ନ ଥିଲେ । ଯାହାହେଉ, ଜିଲ୍ଲା ପରିଯୋଜନା ସମନ୍ୱୟକାରୀ ଦ୍ୱାରା ଅଣ-ଯୋଗ୍ୟତାପ୍ରାପ୍ତ ଶିକ୍ଷକମାନଙ୍କୁ ସେମାନଙ୍କ କୌଶଳ ଏବଂ ପେଷାଦାର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଉଚ୍ଚତର ଶିକ୍ଷା ପ୍ରଦାନ ନିମନ୍ତେ ମୁକ୍ତ ଜାତୀୟ ପ୍ରତିଷ୍ଠାନରେ ଶିକ୍ଷା ଲାଭ ଏବଂ ପରେ ଜିଲ୍ଲା ଶିକ୍ଷା ସଂସ୍ଥାନରେ ତାଲିମ ପ୍ରଦାନ ପାଇଁ ପ୍ରାୟୋଜିତ କରିନଥିଲେ । ନମୁନାକୃତ ଆଠଟି ଜିଲ୍ଲାରେ, 3,411 ଜଣ ଶିକ୍ଷକ ମାର୍ଚ୍ଚ 2014 ସୁଦ୍ଧା ଆବଶ୍ୟକ ପେଶାଗତ ଯୋଗ୍ୟତା ହାସଲ କରିନଥିଲେ ।

ବିଭାଗ ଦର୍ଶାଇଥିଲା (ମଇ 2015) ଯେ, ଅଣ-ପ୍ରଶିକ୍ଷିତ ଶିକ୍ଷକମାନଙ୍କ ଯୋଗ୍ୟତା/ ମାନ ବୃଦ୍ଧି ପାଇଁ ମୁକ୍ତ ବିଦ୍ୟାଳୟର ଜାତୀୟ ପ୍ରତିଷ୍ଠାନ ଓ ରାଜ୍ୟର ସମରୂପ ଅନୁଷ୍ଠାନ ସହ ଏକାଭିମୁଖୀ କରାଇବାକୁ ପଦକ୍ଷେପ ନିଆଯାଇଥିଲା ।

### *2.2.12.4 ଗୁଣବତ୍ତା ଓ ଦକ୍ଷତାରେ ସାଲିସ କରି ଶିକ୍ଷା ସହାୟକ/ ଗଣ ଶିକ୍ଷକଙ୍କ ନିଯୁକ୍ତି*

ଉପସ୍ଥାନ ବୃଦ୍ଧି ତଥା ପ୍ରାଥମିକ ସ୍ତରରେ ବିଦ୍ୟାଳୟ ଛାଡିବା ହାର କମାଇବା ଉଦ୍ଦେଶ୍ୟରେ, ଅକ୍ଟୋବର 2000 ରେ ପ୍ରଦତ୍ତ ମାର୍ଗଦର୍ଶିକା ଅନୁଯାୟୀ, ଶିକ୍ଷା ସହାୟକ (ଏସ୍ଏସ୍) ଓ ଗଣ ଶିକ୍ଷକ (ଜିଏସ୍) ମାନଙ୍କୁ ଏକତ୍ରୀକୃତ ବେତନ[62] ରେ ସହାୟକ ଶିକ୍ଷକ ଭାବେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ନିଯୁକ୍ତି ଦିଆଯାଇଥିଲା । ଉଭୟ ଏସ୍ଏସ୍ ଏବଂ ଜିଏସ୍ ପାଇଁ ଆବଶ୍ୟକୀୟ ଯୋଗ୍ୟତା ମଧ୍ୟମ ତାଲିମ ପ୍ରାପ୍ତ ଥିଲା । 2010-14 ମଧ୍ୟରେ 50,366 ଜଣ ଏସ୍ଏସ୍[63] ଓ 22,512 ଜଣ ଜିଏସ୍[64] ନିଯୁକ୍ତ ହୋଇଥିଲେ ଏବଂ 5,388 ସ୍ୱଳ୍ପ ଯୋଗ୍ୟତା ସଂପନ୍ନ ଏବଂ ଅଣ ପ୍ରଶିକ୍ଷିତ ଥିଲେ ।

ନମୁନାକୃତ ଆଠଟି ଜିଲ୍ଲାରେ, 646 ଜଣ ସ୍ୱଳ୍ପ ଯୋଗ୍ୟତା ସଂପନ୍ନ ଏବଂ 2,836 ଜଣ ଅଣପ୍ରଶିକ୍ଷିତ ଏସ୍ଏସ୍ ଏବଂ 204 ଜଣ ସ୍ୱଳ୍ପ ଯୋଗ୍ୟତା ସଂପନ୍ନ ଏବଂ 1,072 ଜଣ ଅଣ ପ୍ରଶିକ୍ଷିତ ଜିଏସ୍ ମାର୍ଚ୍ଚ 2015 ସୁଦ୍ଧା କାର୍ଯ୍ୟରତ ଥିଲେ । ଏମାନଙ୍କ ନିଯୁକ୍ତି ଦେବା କାରଣ ସଂପର୍କରେ ବିଭାଗ କୌଣସି ସୂଚନା ପ୍ରଦାନ କରିନଥିଲେ । ଅଣ ପ୍ରଶିକ୍ଷିତ ଓ ସ୍ୱଳ୍ପ ଯୋଗ୍ୟତା ସଂପନ୍ନ ଶିକ୍ଷକମାନଙ୍କ ବେତନ ବାବଦକୁ 2010-15 ମଧ୍ୟରେ 132.69 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଯେହେତୁ ମାର୍ଚ୍ଚ 2015 ସୁଦ୍ଧା ସର୍ବନିମ୍ନ ଆବଶ୍ୟକୀୟ ଯୋଗ୍ୟତା ଓ ତାଲିମ ହାସଲ କରିବାରେ ଅସମର୍ଥ ଥିବା ଜିଏସ୍ ମାନଙ୍କୁ ସେବା ନିବୃତ୍ତ କରିବାକୁ ସରକାରଙ୍କର ନିର୍ଦ୍ଦେଶ (ଡିସେମ୍ବର 2013) ଥିଲେ ମଧ୍ୟ ତଦନୁଯାୟୀ ପଦକ୍ଷେପ ନିଆଯାଇ ନଥିଲା (ମଇ 2015) । ଏହିଭଳି କୌଣସି ନିର୍ଦ୍ଦେଶ ଏସ୍ଏସ୍ଙ୍କ ନିମନ୍ତେ ଜାରି କରାଯାଇନଥିଲା ।

କୁଶଳତା ବୃଦ୍ଧି ତଥା ସେବା ବିକାଶ ନୀତି ବ୍ୟବସ୍ଥିତ କରିବା ଦିଗରେ ପଦକ୍ଷେପ ନିଆଯିବାକୁ ବିଭାଗ ଭରସା ଦେଇଥିଲେ (ମଇ 2015) ।

### 2.2.13 ମଧ୍ୟାହ୍ନ ଭୋଜନ ପରିକଳ୍ପନା

ନାମ ଲେଖା ବୃଦ୍ଧି, ହାଜିରା, ଅଧାରୁ ପାଠ ଛାଡୁଥିବା ଛାତ୍ରଙ୍କ ସଂଖ୍ୟାକୁ କମ୍ କରିବା ଏବଂ ଏକକାଳୀନ ପିଲାମାନଙ୍କର ପୌଷ୍ଟିକତା ହାର ବୃଦ୍ଧି ଲକ୍ଷ୍ୟ ସହିତ ପ୍ରାଥମିକ ଶିକ୍ଷାକୁ ପୌଷ୍ଟିକ ସମର୍ଥନ ଦେବା ପାଇଁ ଏକ ଜାତୀୟ କାର୍ଯ୍ୟକ୍ରମ (ଏନ୍ପି-ଏନ୍ଏସ୍ପିଇ), ମଧ୍ୟାହ୍ନ ଭୋଜନ (ଏମ୍ଡିଏମ୍) ନାମରେ 15 ଅଗଷ୍ଟ 1995 ରେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ପରିକଳ୍ପନା ଆରମ୍ଭ କରାଯାଇଥିଲା । ଏହି ପରିକଳ୍ପନା ଅଗଷ୍ଟ 2011 ପର୍ଯ୍ୟନ୍ତ ମହିଳା ଏବଂ ଶିଶୁ ବିକାଶ ବିଭାଗ (ଡବ୍ଲ୍ୟୁଏଣ୍ଡସିଡି) ଏବଂ ତା'ପରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଜରିଆରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେଉଅଛି ।

### *2.2.13.1 ଅଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନର ସଂପ୍ରସାରଣ: 7.12 କୋଟି ଟଙ୍କାର ଅଗ୍ରାହ୍ୟ ଖର୍ଚ୍ଚ*

ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ମଧ୍ୟାହ୍ନ ଭୋଜନ ସରକାରୀ/ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦେବାର ଥିଲା । 2009-10 ରେ 66,388 ଟି ଏବଂ 2013-14 ରେ 63,531 ଟି ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଗ୍ରହଣ କରିଥିବା ବେଳେ 2009-10 ରେ 59,492 ଏବଂ 2013-14 ରେ 62,448 ଟି ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ପାଇଁ ଯଥାକ୍ରମେ ଯୋଗ୍ୟ ବିବେଚିତ ହୋଇଥିଲେ । ଏହି ଅସଙ୍ଗତିକୁ ଦୂର କରାଯାଇ ନଥିଲା (ଜୁନ୍ 2015) ।

---

[62] ଶିକ୍ଷା ସହାୟକ: 31 ଅକ୍ଟୋବର 2013 ସୁଦ୍ଧା 4,000 ଟଙ୍କା ଏବଂ 1 ନଭେମ୍ବର 2013 ସୁଦ୍ଧା 5,200 ଟଙ୍କା; ଗଣ ଶିକ୍ଷକଃ 3,700 ଟଙ୍କାରୁ 5,200 ଟଙ୍କା (ଯୋଗ୍ୟତା ଆଧାରରେ)

[63] 2010-11: 20,735; 2011-12: 16,089; 2013-14: 13,542

[64] ତାଲିମ ପ୍ରାପ୍ତ: 17,124 ଏବଂ ଅଣତାଲିମ ପ୍ରାପ୍ତ: 5,388

ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍ (ଏମ୍‌ଡିଏମ୍) ଖୋର୍ଦ୍ଧା ଏବଂ ଭଦ୍ରକ ଏବଂ ତତ୍ ସହିତ ରାଜ୍ୟ ନୋଡାଲ ଅଧିକାରୀ (ଏମ୍‌ଡିଏମ୍) ଙ୍କ ନଥିପତ୍ରର ଯାଞ୍ଚରୁ ସମୀକ୍ଷା ଦେଖିବାକୁ ପାଇଥିଲା ଯେ 2009-15 ମଧ୍ୟରେ ଅନିୟମିତ ଭାବରେ 7.12 କୋଟି ଟଙ୍କାର 191 ଟି ଅଯୋଗ୍ୟ ବିବେଚିତ ବେସରକାରୀ/ ଅଣଅନୁଦାନ ପ୍ରାପ୍ତ[65] ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଇଥିଲା । ସେହିଭଳି ଏପ୍ରିଲ୍ 2012 ଠାରୁ ଜୁନ୍ 2014 ମଧ୍ୟରେ ସାତଟି ଜିଲ୍ଲାର 140ଟି ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନ ପ୍ରଦାନ ବନ୍ଦ କରାଯାଇଥିଲା ବେଳେ 51ଟି[66] ସେହିପରି ଅଯୋଗ୍ୟ ବିବେଚିତ ଅଣଅନୁଦାନପ୍ରାପ୍ତ/ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନ ଯୋଗାଣ ଜାରି ରହିଥିଲା (ମଇ 2015) । ଭାରତ ସରକାରଙ୍କ ମାର୍ଗଦର୍ଶିକାର ବ୍ୟବସ୍ଥା ବ୍ୟତିରେକ 7.12 କୋଟି ଟଙ୍କା ମଧ୍ୟାହ୍ନ ଭୋଜନ ପାଣ୍ଠିରୁ ଅନିୟମିତ ଭାବରେ ବିନିଯୋଗ ହୋଇଥିଲା ।

ବିଭାଗ ଦର୍ଶାଇଥିଲା (ମାର୍ଚ୍ଚ 2015) ଯେ ଅଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନଭୋଜନ ବନ୍ଦ କରିଦିଆଯାଇଛି । କିନ୍ତୁ ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ରାଜ୍ୟ ନୋଡାଲ ଅଧିକାରୀଙ୍କ ନଥିପତ୍ର ଅନୁଯାୟୀ ସାତଟି ଜିଲ୍ଲାର 51ଟି ଅଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡ଼ିକୁ ମଇ 2015 ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଥିଲା ।

### *2.2.13.2 ମରୁଡ଼ି ପ୍ରଭାବିତ ବିଦ୍ୟାଳୟଗୁଡ଼ିକୁ ଗ୍ରୀଷ୍ମ ଛୁଟି ସମୟରେ ମଧ୍ୟାହ୍ନ ଭୋଜନ ନଯୋଗାଇବା*

ଏମ୍‌ଡିଏମ୍ ମାର୍ଗଦର୍ଶିକାର ଅନୁଚ୍ଛେଦ 5.1 (4) ରେ ନିର୍ଦ୍ଧାରିତ ହୋଇଅଛି ଯେ ସରକାରଙ୍କ ଦ୍ୱାରା ଔପଚାରିକତା ଭାବେ ଘୋଷିତ ବିଜ୍ଞପ୍ତି ଅନୁଯାୟୀ ମରୁଡ଼ି ପ୍ରଭାବିତ ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନ ଗ୍ରୀଷ୍ମ ଛୁଟି ସମୟରେ ମଧ ଯୋଗାଇ ଦିଆଯିବ । ଯଦି ମରୁଡ଼ି ପ୍ରଭାବିତ ବୋଲି ବିଜ୍ଞପ୍ତି ଘୋଷଣା ହେବା ବେଳକୁ ଗ୍ରୀଷ୍ମ ଛୁଟି ଆରମ୍ଭ ହୋଇଯାଇଥିବ କିମ୍ବା ଆରମ୍ଭ ହେବାକୁ ଯାଉଥିବ, ରାଜ୍ୟ ସରକାର କେନ୍ଦ୍ର ସହାୟତାକୁ ନଜରରେ ରଖି ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବେ ।

ସମୀକ୍ଷା ଲକ୍ଷ୍ୟ କଲା ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଟି ବ୍ଲକ୍, ଆଳି ଏବଂ ରାଜକନିକା 2011 ଏବଂ 2012 ରେ ମରୁଡ଼ି ପ୍ରଭାବିତ ହୋଇଥିଲା । ଯାହାହେଉ 99.79 ଲକ୍ଷ ଟଙ୍କା ମରୁଡ଼ି ଉଦ୍ଦେଶ୍ୟରେ ମଇ 2012 ଏବଂ ନଭେମ୍ବର 2012 ରେ ଯୋଗାଇ ଦିଆଯାଇଥିଲେ ମଧ ବିନିଯୋଗ ହୋଇନଥିଲା (ଜୁନ୍ 2015) ଏବଂ 2011 ଓ 2012 ଗ୍ରୀଷ୍ମ ଛୁଟି ସମୟରେ ସଂପୃକ୍ତ ବିଦ୍ୟାଳୟଗୁଡ଼ିକର 76,559 ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଇ ନଥିଲା ।

ଗ୍ରୀଷ୍ମ ଛୁଟିରେ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନର ପରିଚାଳନା ପାଇଁ ଏଜେନ୍ସି/ ସରକାରୀ ପ୍ରାଧୀକାରଙ୍କ ନାମ ଏବଂ ଶିକ୍ଷକମାନେ ଯଦି ଗ୍ରୀଷ୍ମ ଛୁଟିରେ କାର୍ଯ୍ୟ କରନ୍ତି ସେମାନଙ୍କ ଛୁଟି କିପରି ଭରଣା କରାଯିବ, ଏହି ବିଷୟ ସରକାରୀ ଆଦେଶରେ ଉଲ୍ଲେଖ ନଥିବା କାରଣକୁ ଡିଇଓ କେନ୍ଦ୍ରାପଡ଼ା ଦାୟୀ କରିଥିଲେ (ଅକ୍ଟୋବର 2014) । ବିନିଯୋଗ ହୋଇପାରି ନଥିବା ଏହି ପାଣ୍ଠି ବିଷୟରେ ରାଜ୍ୟ ଏମ୍‌ଡିଏମ୍ ସେଲକୁ ଜଣାଇବେ ବୋଲି ଡିଇଓ ଆଶ୍ୱାସନା ଦେଇଥିଲେ (ଜୁନ୍ 2015)।

### *2.2.13.3 ଚାଉଳର କମ୍‌ତି / ଆତ୍ମସାତ୍*

ଭାରତ ସରକାରଙ୍କ ଅନୁଦେଶ (ଫେବୃଆରୀ 2010) ଅନୁଯାୟୀ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଠାରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଉଠାଣ ଅଧିକାରୀ ଆବଶ୍ୟକ ଚାଉଳ ଉଠାଇବେ । ଏହା ବ୍ୟତୀତ କମ୍ ଯୋଗାଣ ଏବଂ ଛୋଟମୋଟ ଚାଉଳ ଚୋରିର ସମ୍ଭାବନାକୁ ଦୂରେଇ ଦେବା ପାଇଁ ପରିବହନ ଏଜେନ୍ସୀଙ୍କ ଦ୍ୱାରା ଚାଉଳ ଉଠାଣ ଏବଂ ବ୍ଲକ୍/ ବିଦ୍ୟାଳୟଗୁଡ଼ିକରେ ପ୍ରଦାନକୁ ନିୟମିତ ଭାବରେ ମିଳାମିଶା କରିବା କଥା ।

---

65 ଭଦ୍ରକ: 64; ଖୋର୍ଦ୍ଧା: 7; ବାଲେଶ୍ୱର: 19; ବରଗଡ଼: 2; ଦେବଗଡ଼: 9; ଢେଙ୍କାନାଳ: 6; ଯାଜପୁର: 13; କଳାହାଣ୍ଡି: 34; କନ୍ଧମାଳ: 11; ମାଲକାନଗିରି: 1; ନୂଆପଡ଼ା: 19; ପୁରୀ: 6

66 ଭଦ୍ରକ: 3; ଖୋର୍ଦ୍ଧା:7; ବାଲେଶ୍ୱର: 19; ବରଗଡ଼: 2; ମାଲକାନଗିରି: 1; ଯାଜପୁର: 13; ପୁରୀ: 6

ସମୀକ୍ଷା, ଜିଲ୍ଲା ସ୍ତରରେ ଖାଦ୍ୟ ଶସ୍ୟ ପରିଚାଳନାର ଯାଞ୍ଚ୍ କରି ପରିଲକ୍ଷିତ କଲା ଯେ ଏଫ୍‌ସିଆଇରୁ ଉଠାଣ ଏବଂ ବିଦ୍ୟାଳୟ ମାନଙ୍କରେ ଠିକ୍ ଭାବରେ ପ୍ରଦାନ ପାଇଁ କୌଣସି ନିୟମିତ ମିଳାମିଶା ସଂକ୍ରିୟା ନଥିଲା ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)/ ଡିଇଓମାନେ ପରିବହନ ଏଜେନ୍‌ସୀମାନଙ୍କ ପରିବହନ ଖର୍ଚ୍ଚ ବିଲ୍ ସହିତ ପ୍ରଦାନର ଚାଲାଣ ଓ ଉପସ୍ଥାପନ କରିବା ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ ।

ଡିଏସ୍‌ଡବ୍ଲ୍ୟୁଓ ଏବଂ ଡିଇଓଙ୍କ ନଥିପତ୍ର ସହିତ ବିଇଓ ଏବଂ ମାଲଗ୍ରହୀତାଙ୍କ ନଥିପତ୍ର ପରୀକ୍ଷଣରୁ ସମୀକ୍ଷା ଲକ୍ଷ୍ୟ କଲା ଯେ 1.88 କୋଟି ଟଙ୍କା ମୂଲ୍ୟର 794.396 ମେଟ୍ରିକ୍ ଟନ୍ ଚାଉଳ କମ୍ ଯୋଗାଣ ହୋଇଥିଲା ଏବଂ ଅବଶିଷ୍ଟ ଚାଉଳର ଆତ୍ମସାତ୍ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ଯାହା ନିମ୍ନ ସାରଣୀରେ ସୂଚୀତ କରାଗଲା:

***ସାରଣୀ 2.2.6: ଚାଉଳର କମ୍ ଯୋଗାଣ***

| **ଅନୁମତି ପ୍ରଦାନକାରୀ ଡିଏନ୍‌ଓଙ୍କ ନାମ** | **ଏଫ୍‌ସିଆଇ ଠାରୁ ଚାଉଳ ଉଠାଣକାରୀ ପରିବହନ ଏଜେନସୀ (ମେଟ୍ରିକ୍ ଟନ୍ ଆକାରରେ)** | **କେଉଁଠାରେ ପ୍ରଦାନ କରାଯିବ** | **ଉଠାଣ ସମୟ** | **ଚାଉଳ ପ୍ରାପ୍ତ ଏବଂ ବିଡିଓ/ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଜମାକୁ ନେବା (ମେଟ୍ରିକ୍ ଟନ୍ ଆକାରରେ)[67]** | **ମେଟ୍ରିକ୍ ଟନ୍ ଆକାରରେ କମ୍ ପରିମାଣ ଯୋଗାଣ (ମୂଲ୍ୟ ଲକ୍ଷ୍ୟ ଟଙ୍କାରେ)** |
|---|---|---|---|---|---|
| ଡିଏସ୍‌ଡବ୍ଲ୍ୟୁଓ, ବଲାଙ୍ଗିର | 653.04 | ବିଡିଓ, ଲୋଇସିଙ୍ଗା | ଅପ୍ରେଲ 2009 ରୁ ମାର୍ଚ୍ଚ 2011 | 547.06 | 105.98 (25.10) |
| ଡିଇଓ, କେନ୍ଦ୍ରାପଡ଼ା | 2143.25 | ଆଳି, ମାର୍ଶାଘାଇ ଏବଂ ମହାକାଳପଡ଼ା ବ୍ଲକରେ ଥିବା ବିଦ୍ୟାଳୟ ସ୍ଥାନ | ଅପ୍ରେଲ 2013 ରୁ ଅଗଷ୍ଟ 2014 | 1758.71 | 384.54 (91.07) |
| ଡିଇଓ, କେନ୍ଦ୍ରାପଡ଼ା | 4278.698 | ବିଦ୍ୟାଳୟ ସ୍ଥାନ | ଜାନୁଆରୀ 2012 ରୁ ଜାନୁଆରୀ 2013 | 4022.822 | 255.876 (60.60) |
| ଡିଏସ୍‌ଡବ୍ଲ୍ୟୁଓ, କେନ୍ଦ୍ରାପଡ଼ା | 410.35 | ବିଦ୍ୟାଳୟ ସ୍ଥାନ | 20 ଡିସେମ୍ବର 2011 | 362.35 | 48.00 (11.37) |
| **ମୋଟ** | **7485.338** | | | **6690.942** | **794.396 (188.14)** |

***(ଉତ୍ସ: ଡିଇଓ/ଡିଏସ୍‌ଡବ୍ଲୁଓ/ବିଇଓ/ବିଡିଓଙ୍କ କାର୍ଯ୍ୟାଳୟ ନଥିରୁ)***

794.396 ମେଟ୍ରିକ୍ ଟନ୍ ଚାଉଳ କମ୍ ଯୋଗାଣ ମଧ୍ୟରୁ 105.98 ମେଟ୍ରିକ୍ ଟନ୍ କମ୍ ଚାଉଳ ଯୋଗାଇ ଦିଆଯାଇଥିବା ଚାଲାଣ ଡିଏସଡବ୍ଲ୍ୟୁଓ, ବଲାଙ୍ଗୀରଙ୍କ ପାଖରେ ଉପଲବ୍ଧ ଥିଲା, ଡିଇଓ, କେନ୍ଦ୍ରାପଡା ଏବଂ ଡିଏସଡବ୍ଲ୍ୟୁଓ, କେନ୍ଦ୍ରାପଡା 688.416 ମେଟ୍ରିକ୍ ଟନ୍ ଚାଉଳ କମ୍ ଯୋଗାଣ ବାବଦରେ ଚାଲାଣ ସମୀକ୍ଷାକୁ ପ୍ରଦାନ କରିନଥିଲେ (ନଭେମ୍ବର- ଡିସେମ୍ବର 2014) । ବିଡିଓ ଲୋଇସିଙ୍ଗା (ଗ୍ରହଣକାରୀ), ଡିଇଓ କେନ୍ଦ୍ରାପଡା ଏବଂ ପାଞ୍ଚଟି ବିଦ୍ୟାଳୟ ଗୁଡିକର ନଥିପତ୍ର ପରୀକ୍ଷାରୁ ଜଣାଗଲା ଯେ:

- ବିଡିଓ ଲୋଇସିଙ୍ଗାଙ୍କ ଜମା ଖାତାରେ 25.10 ଲକ୍ଷ ଟଙ୍କା ମୂଲ୍ୟର 105.98 ମେଟ୍ରିକ ଟନ୍ ଚାଉଳ ଦରଜ ହୋଇନଥିଲା ଏବଂ ପରିବହନ ଏଜେନ୍‌ସୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଓ ଜମାରେ ଦରଜ ହୋଇଥିବା 12ଟି ଚାଲାଣ (ଜୁନ 2015) ଜାଲ୍ ଥିବାର ଜଣାଯାଇଥିଲା । ବିଡିଓ ଏହା ସ୍ୱୀକାର କରିଥିଲେ (ମାର୍ଚ୍ଚ 2015 ଏବଂ ଜୁନ୍ 2015) । ଏହା 105.98 ମେଟ୍ରିକ୍ ଟନ୍ ଚାଉଳ ଆତ୍ମସାତ୍ ହୋଇଥିବା ସୂଚାଉଥିଲା ।

- ବିଦ୍ୟାଳୟମାନଙ୍କୁ ଡିଇଓ କେନ୍ଦ୍ରାପଡାଙ୍କ ଦ୍ୱାରା ଚାଉଳ ଯୋଗାଣ ବାବଦରେ (ଏପ୍ରିଲ 2013 ଠାରୁ ଅଗଷ୍ଟ 2014) ସମୀକ୍ଷା ଲକ୍ଷ୍ୟ କଲା ଯେ ସମସ୍ତ ପାଞ୍ଚଟି ନମୁନା ଯାଞ୍ଚ ବିଦ୍ୟାଳୟ ଗୁଡିକରେ ଯଦିଓ ପରିବହନ ଏଜେନ୍‌ସୀ 16.2 ମେଟ୍ରିକ ଟନ୍ ଚାଉଳ ପ୍ରଦାନ କରିଥିବାର ଦର୍ଶାଇଥିଲେ, କିନ୍ତୁ ବିଦ୍ୟାଳୟ

---

67 ଏମ୍‌ଡିଏମ୍ କାର୍ଯ୍ୟ ପରିଚାଳନା କରୁଥିବା ସଂପୃକ୍ତ ବ୍ଲକର ବିଡିଓମାନଙ୍କ ଦ୍ୱାରା ପ୍ରସ୍ତୁତ ବିଦ୍ୟାଳୟ ଅନୁଯାୟୀ ଚାଉଳ ପ୍ରାପ୍ତି ଓ ଉପଯୋଗ

ଗୁଡିକର ଜମା ଖାତାରେ 11.55 ମେଟ୍ରିକ ଟନ୍ ପ୍ରାପ୍ତ ହୋଇଥିବା ଏବଂ 4.65 ମେଟ୍ରିକ୍ ଟନ୍ ଚାଉଳ ପ୍ରାପ୍ତ କରିନହୋଇଥିବା ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ନିଶ୍ଚିତ କରିଥିଲେ । ଏହାଛଡ଼ା ସମୀକ୍ଷା ବିଦ୍ୟାଳୟର ନଥିପତ୍ର ପରୀକ୍ଷା କରି ଲକ୍ଷ୍ୟ କଲା ଯେ ବଲାଙ୍ଗିର ଏବଂ କଟକ ଜିଲ୍ଲାରେ 3.29 ଲକ୍ଷ୍ୟ ଟଙ୍କା[68]ର 13.90 ମେଟ୍ରିକ୍ ଟନ୍ ମଧାହ୍ନ ଭୋଜନ ଚାଉଳ ପାଞ୍ଚଟି ନମୁନା ବ୍ଲକର 43[69] ଟି ବିଦ୍ୟାଳୟରେ କମ୍ ପ୍ରଦାନ କରାଯାଇଥିଲା ।

### 2.2.13.4 ଖୋଲାସ୍ଥାନରେ ମଧାହ୍ନ ଭୋଜନ ପ୍ରସ୍ତୁତ ଓ ପରଷା

ଅନୁଚ୍ଛେଦ 4.2 ର ଏନ୍‌ପି-ଏନ୍‌ଏସ୍‌ପିଇ 2006 ଅନୁସାରେ ରୋଷେଇ ତଥା ଭଣ୍ଡାର ଘର ପର୍ଯ୍ୟାପ୍ତ ଏବଂ ସ୍ୱାସ୍ଥ୍ୟକର ପରିବେଶରେ ହେବା ଦରକାର ଯାହାକି ଖାଦ୍ୟ ବିଷାକ୍ତକରଣ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂକଟ ତତ୍ ସହିତ ଅଗ୍ନି ଦୁର୍ଘଟଣାକୁ ପ୍ରତିରୋଧ କରାଯାଇପାରିବ । ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ପାଇଁ ଭାରତ ସରକାର (2006-10) ରାଜ୍ୟର ମଧାହ୍ନ ଭୋଜନ କାର୍ଯ୍ୟକ୍ରମ ଅଧିନରେ 405.80 କୋଟି ଟଙ୍କା 69,152[70]ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ଗୃହର ନିର୍ମାଣାର୍ଥେ ପ୍ରଦାନ କରିଥିଲେ । ଯାହାହେଉ ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟରେ ମଧାହ୍ନ ଭୋଜନ ଯୋଜନାରେ ଅନ୍ତର୍ଭୁକ୍ତ 27,410 ଟି ବିଦ୍ୟାଳୟରେ ରୋଷେଇ ଗୃହର ନିର୍ମାଣ ହୋଇପାରି ନଥିଲା । 339 ନମୁନା ବିଦ୍ୟାଳୟ ମଧରୁ 163 (48 ପ୍ରତିଶତ) ବିଦ୍ୟାଳୟରେ ରୋଷେଇ ଗୃହ ଉପଲବ୍ଧ ନଥିଲା, ତେଣୁ ମଧାହ୍ନ ଭୋଜନ ରୋଷେଇ ଅସ୍ୱାସ୍ଥ୍ୟକର ପରିବେଶରେ ଖୋଲାସ୍ଥାନ/ ବାରଣ୍ଡା/ ଶ୍ରେଣୀ ଗୃହରେ ହେଉଥିଲା, ଯାହାର ଫଟୋ ଚିତ୍ର ନିମ୍ନରେ ଦର୍ଶାଗଲା ।



*ରୋଷେଇ ଗୃହ ନିର୍ମାଣ ନହୋଇଥିବାରୁ ସରକାରୀ ଉଚ୍ଚ ବିଦ୍ୟାଳୟ (ବଲାଙ୍ଗିର ଜିଲ୍ଲା) ଏବଂ ଚିନ୍ଦ୍ରି ମଳିଗୁଡ଼ା (କୋରାପୁଟ ଜିଲ୍ଲା) ଖୋଲାସ୍ଥାନରେ ରୋଷେଇ ହେଉଥିଲା*

ଡିଇଓ, ଖୋର୍ଦ୍ଧାଙ୍କ ଅନୁସନ୍ଧାନ ରିପୋର୍ଟରୁ ସମୀକ୍ଷା ମଧ ଲକ୍ଷ୍ୟ କଲା ଯେ ମଧାହ୍ନ ଭୋଜନର ଅନୁଚିତ୍ ପରିଚାଳନା ଯୋଗୁଁ 2013-14 ବର୍ଷରେ 19ଟି ବିଦ୍ୟାଳୟର 210 ଜଣ ଛାତ୍ରଛାତ୍ରୀ ବିଷାକ୍ତ ହୋଇଥିବା ମଧାହ୍ନ ଭୋଜନ ଖାଦ୍ୟ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ । ଏହା ସୂଚିତ କରେ କି ପରିକଳ୍ପନାର କାର୍ଯ୍ୟକାରିତା କ୍ଷେତ୍ରରେ ଯଥାଯୋଗ୍ୟ ଯତ୍ନ ନିଆଯାଇ ନଥିଲା ।

### 2.2.14 ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଅନୁଦାନ ପ୍ରଦାନ

ନିରନ୍ତର ଭାବରେ ଉଚ୍ଚ ମାନର ଶିକ୍ଷା ଦାନକୁ ନିଶ୍ଚିତ କରିବା ପାଇଁ ସରକାର, ବେସରକାରୀ ସ୍ତରରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ ସହଯୋଗ କରିଥାନ୍ତି ଏବଂ ସେମାନଙ୍କର ଶିକ୍ଷକ ଓ ଅଣଶିକ୍ଷକ ମାନଙ୍କୁ ଏକ ନିର୍ଦ୍ଧିଷ୍ଟ ମାନଦଣ୍ଡ ଅନୁସାରେ ପୁର୍ଣ୍ଣ/ ଆଂଶିକ ଦରମା ଅନୁଦାନ ଆକାରରେ ପ୍ରଦାନ କରଥାନ୍ତି । ମାର୍ଚ୍ଚ 2014 ସୁଦ୍ଧା 4,527ଟି ବେସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଦ୍ରାସା ଏବଂ ମିଶନ/ ସଂଖ୍ୟାଲଘୁ

68 2,368.36 ଟଙ୍କା କ୍ୱିଣ୍ଟାଲ୍ ପ୍ରତି (ସିଏମ୍‌ଆର୍ 2013-14 ର ମୂଲ୍ୟ) X 139.00 କ୍ୱିଣ୍ଟାଲ୍

69 ଗୁଡଭେଲା: 8; ଲୋଇସିଙ୍ଗା: 17; ମୁଡିବାହାଲ: 9; କଟକ ସଦର: 3 ଏବଂ ଆଠଗଡ: 6

70 59,492 ସେହି ଯୋଗ୍ୟ ବିଦ୍ୟାଳୟଗୁଡ଼ିକ ବିରୋଧରେ (2009-10) ଏବଂ 62,448 (2013-14) ବହୁ ସଂଖ୍ୟକ ବିଦ୍ୟାଳୟ ଗୁଡ଼ିକର ସ୍ୱୀତ ପ୍ରସ୍ତାବ ଡବ୍ଲ୍ୟୁଏଣ୍ଡସିଡି ବିଭାଗ ପ୍ରଦାନ କରିବା ଦ୍ୱାରା

ସଂପ୍ରଦାୟ ଦ୍ୱାରା ପରିଚାଳିତ ବିଦ୍ୟାଳୟଗିଡିକରେ ଥିବା 11,250 ଜଣ କର୍ମଚାରୀଙ୍କୁ ଅନୁଦାନ/ ବ୍ଲକ୍ ଗ୍ରାଣ୍ଟ (ବିଜି) ପ୍ରଦାନ କରିଥିଲେ । ମାର୍ଚ୍ଚ 2014 ସୁଦ୍ଧା 3,375 ଟି ବିଦ୍ୟାଳୟର ଶିକ୍ଷକଙ୍କୁ ଅନୁଦାନ ଓ 1,152 ଟି ବିଦ୍ୟାଳୟର ଶିକ୍ଷକଙ୍କୁ ବ୍ଲକ୍ ଗ୍ରାଣ୍ଟ ପ୍ରଦାନ କରାଯାଇଥିଲା । ଉପରୋକ୍ତ ବିଦ୍ୟାଳୟ ଗୁଡିକରେ ଥିବା ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ 2009 ରୁ 14 ମଧ୍ୟରେ 295.22 କୋଟି[71] ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା ।

ସମୀକ୍ଷାରୁ ଜଣାଗଲା ଯେ ଅନୁଦାନ ପାଇଁ ଏକ ସୁନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରାନଯାଇ କେତେକ କାର୍ଯ୍ୟକାରୀ ନିର୍ଦ୍ଦେଶ ବଳରେ ଏହା ପ୍ରଦାନ କରାଯାଇଥିଲା ଏବଂ ଏହା ସ୍ୱଚ୍ଛ ବା ସମାନତା ଢଙ୍ଗରେ ପ୍ରଦାନ କରାଯାଇ ନଥିଲା ଯାହା ନିମ୍ନରେ ଆଲୋଚନା କରାଗଲା ।

### *2.2.14.1 ଅନୁଦାନ ମଞ୍ଜୁରୀରେ ଅନିୟମିତତା*

ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଅନୁଦାନ ପ୍ରଦାନ କରିବା ନିମନ୍ତେ ଜୁଲାଇ 1994 ରେ ସଂଶୋଧନ ହୋଇଥିବା ଓଡ଼ିଶା ଶିକ୍ଷା ଅଧିନିୟମର ଧାରା 7-ଗ ରେ ଏକ ବୈଧାନିକ ବ୍ୟବସ୍ଥା ରଖାଯାଇଥିଲା, ଯେଉଁଥିରେ ଉଲ୍ଲେଖ କରାଯାଇଥିଲା କି ସରକାର ତାଙ୍କର ଆର୍ଥିକ କ୍ଷମତା ଅନୁସାରେ ପ୍ରତ୍ୟେକ ବର୍ଷ ଏକ ନିର୍ଦ୍ଦିଷ୍ଟ ରାଶି ଏହି ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବେ । ଯଦିଓ ଅଧିନିୟମରେ ଅନୁଦାନ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିଲା ତଥାପି ଏହାର ସମୟ ସୀମା, ପରିମାଣ ଓ ନିୟମିତତା ଯାହା ଏକ ସୁନିର୍ଦ୍ଦିଷ୍ଟ ନୀତି ଦ୍ୱାରା ନିର୍ଦ୍ଧାରିତ ହେବା କଥା, ତାହା ହୋଇନଥିଲା (ଏପ୍ରିଲ୍ 2015), ବରଂ ସରକାର କେତେକ କାର୍ଯ୍ୟକାରୀ ନିର୍ଦ୍ଦେଶ ବଳରେ (ମାର୍ଚ୍ଚ 1995[72], ଫେବୃଆରୀ 2004, ଅକ୍ଟୋବର 2007, ଡିସେମ୍ବର 2008, ଜୁନ୍ 2013 ଓ ମାର୍ଚ୍ଚ 2014) ବିଭିନ୍ନ ସର୍ତ୍ତ ଓ ପରିମାଣର ଅନୁଦାନ ପ୍ରଦାନ/ ବୃଦ୍ଧି କରିଥିଲେ । 1994 ମସିହା ଜୁନ୍ 1 ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଶିକ୍ଷକମାନଙ୍କୁ ବ୍ଲକ ଗ୍ରାଣ୍ଟ[73] ପ୍ରଦାନ କରିବା ପାଇଁ ମାର୍ଚ୍ଚ 1995 ରେ ସରକାରୀ ଆଦେଶ ଏହା ପରଠାରୁ ଯୋଗ୍ୟ ବିବେଚିତ ହୋଇଥିବା ଶିକ୍ଷକ ମାନଙ୍କୁ ବ୍ଲକ୍ ଗ୍ରାଣ୍ଟ ପ୍ରଦାନକୁ ରୁପାନ୍ତର କରାଯାଇଥିଲା, ଯେଉଁଥିରେ ଉଚ୍ଚ ପ୍ରାଥମିକ ସାଧାରଣ ପରୀକ୍ଷା ଦେଇସାରିବାର ବର୍ଷକ ପରେ 40 ପ୍ରତିଶତ, ତିନି ବର୍ଷ ପରେ 60 ପ୍ରତିଶତ ଓ ଛଅ ବର୍ଷ ପରେ 75 ପ୍ରତିଶତ ଓ ଆଠ ବର୍ଷ ପରେ 100 ପ୍ରତିଶତ ପ୍ରଦାନ କରିବାର ବ୍ୟବସ୍ଥା ଥିଲା ।

ସମୀକ୍ଷା ପୁନଃ ପରିଲକ୍ଷିତ କରିଥିଲା ଯେ:

- ଉପରୋକ୍ତ ଅନୁଦାନ ଆଦେଶନାମା ଗୁଡ଼ିକରେ ସମୟ ସୀମା ଓ ଯୋଗ୍ୟତା ମାନଦଣ୍ଡ ନିର୍ଦ୍ଧାରଣରେ ସମାନତା ନଥିଲା । ମାର୍ଚ୍ଚ 1995 ରେ ପ୍ରକାଶିତ ଅନୁଦାନ ଆଦେଶ ନାମା 1994 ଅନୁସାରେ 1989 ରେ ସ୍ଥାପିତ ହୋଇଥିବା ଏକ ବେସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହାର ପାଞ୍ଚ ବର୍ଷ ପୂର୍ତ୍ତି ପରେ 1 ଜୁନ୍ 1994 ରୁ ଅନୁଦାନ ପାଉଥିବାବେଳେ ସେହି ସମାନ ବିଦ୍ୟାଳୟ 1990 ମସିହାରେ ସ୍ଥାପନ ହୋଇ କର୍ମଚାରୀ ନିଯୁକ୍ତ ହୋଇଥିଲେ ମଧ ଅନୁଦାନ (ବିଜି) ପାଇବା ପାଇଁ 2004 ପର୍ଯ୍ୟନ୍ତ ଯଥା 10 ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା ।

- ଓଡ଼ିଶା ଶିକ୍ଷା (ନିଯୁକ୍ତି ଓ ସେବା ସର୍ତ୍ତ) ନିୟମାବଳୀ 1974 ର ନିୟମ 9 ଅନୁସାରେ ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କୁ, ସେମାନଙ୍କର ସମସାମୟିକ ଭାବେ କାର୍ଯ୍ୟ କରୁଥିବା ସରକାରୀ ଶିକ୍ଷକମାନଙ୍କୁ ପ୍ରଦାନ କରାଯାଉଥିବା ବେତନ ଓ ସୁବିଧା ସୁଯୋଗ ସମାନ୍ତରାଳ ଭାବେ ପ୍ରଦାନ କରାଯିବା ବିଧେୟ । ମାର୍ଚ୍ଚ 2014 ସୁଦ୍ଧା 3,375 ଟି ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଥିବା 8,946 ଜଣ ଯୋଗ୍ୟ ଶିକ୍ଷକଙ୍କୁ 1 ଜୁନ୍ 1994 ଠାରୁ ପୂର୍ଣ୍ଣ ବେତନ ହାରରେ ଅନୁଦାନ ଦିଆଯାଇଥିଲା କିନ୍ତୁ

[71] 2009-10: 29.24 କୋଟି ଟଙ୍କା; 2010-11: 24.66 କୋଟି ଟଙ୍କା; 2011-12: 84.44 କୋଟି ଟଙ୍କା; 2012-13: 81.40 କୋଟି ଟଙ୍କା ଏବଂ 2013-14: 75.48 କୋଟି ଟଙ୍କା

[72] ଶିକ୍ଷା କ୍ଷେତ୍ରରେ ଉନ୍ନତ ଜିଲ୍ଲାଗୁଡ଼ିକରେ 1 ଜୁନ୍ 1989 ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କୁ ଏବଂ ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ଜିଲ୍ଲାଗୁଡ଼ିକରେ 1 ଜୁନ୍ 1991 ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କୁ ପୁନଃ ବେତନ ମୂଲ୍ୟର ଅନୁଦାନ ପ୍ରଦାନ ପାଇଁ ବ୍ୟବସ୍ଥା

[73] ବିନା ବେତନ ବୃଦ୍ଧି ଓ ମହଙ୍ଗା ଭତ୍ତାରେ 1 ଜାନୁଆରୀ 2004 ଠାରୁ ମିଳୁଥିବା ଏକ ସାମଗ୍ରିକ ଦରମା ଜୁନ୍ 2013 ରେ ପେ-ବ୍ୟାଣ୍ଡ ଓ ଗ୍ରେଡ୍-ପେ ସହିତ ନ୍ୟୁନତମ ମୂଳ ଦରମାକୁ ବୃଦ୍ଧି ହୋଇଥିଲା

1,152ଟି ଅନୁଦାନ ପ୍ରାପ୍ତ ପ୍ରାଥମିକ/ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା 2,304 ଜଣ ଶିକ୍ଷକ 1 ଜୁନ୍ 2004 ପରେ ଯୋଗ୍ୟ ବିବେଚିତ ହୋଇଥିଲେ ମଧ ସେମାନଙ୍କୁ 1 ଜାନୁୟାରୀ 2004 ଠାରୁ ବ୍ଲକ୍ ଗ୍ରାଣ୍ଟ[74] ପ୍ରଦାନ କରାଯାଇଥିଲା ଯେଉଁଥିରେ ବେତନ ବୃଦ୍ଧି କିମ୍ବା ମହଙ୍ଗା ଭତ୍ତା ପ୍ରଦାନର ବ୍ୟବସ୍ଥା ନଥିଲା, ଫଳରେ ବେତନ ପ୍ରଦାନରେ ଅସମାନତା ରହିଥିଲା । ଉପର ଲିଖିତ ନିୟମ 9 ଅନୁସାରେ ଭବିଷ୍ୟନିଧି ପାଣ୍ଠି ସୁବିଧା, ପେନ୍‌ସନ୍ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲା ବେଳେ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ବ୍ଲକ୍ ଗ୍ରାଣ୍ଟ ଶିକ୍ଷକମାନଙ୍କୁ ଏହା ପ୍ରଦାନ କରାଯାଇଥିଲା ।

- ଚୁକ୍ତି ଭିତ୍ତିକ ପାରା ଶିକ୍ଷକ (ଶିକ୍ଷା ସହାୟକ) ଯେଉଁମାନେ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ ସେମାନଙ୍କର ନିଯୁକ୍ତିର ଛଅ ବର୍ଷ ପରେ ମହଙ୍ଗା ଭତ୍ତା ସହ ପୂର୍ଣ୍ଣ ଦରମା ପାଇବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲା ବେଳେ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର 2,304 ଜଣ ଶିକ୍ଷକ 20 ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିଲେ ମଧ ବ୍ଲକ୍ ଗ୍ରାଣ୍ଟ ପାଉଥିଲେ ଯାହାକି ରାଜ୍ୟରେ ବେତନ ହାରରେ ନିୟମିତ ଶିକ୍ଷା ସହାୟକଙ୍କମାନଙ୍କ ଦରମାର 50 ପ୍ରତିଶତରୁ କମ୍ ଥିଲା ।

ବିଭାଗ ଉତ୍ତରରେ ଦର୍ଶାଇଥିଲେ (ମଇ 2015) ଯେ ସରକାର, ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଚାଲୁରଖିବା ପାଇଁ ଅନୁଦାନ ମାଧମରେ ସହାୟତା ରାଶି ପ୍ରଦାନ କରୁଥିଲେ ଏବଂ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକମାନଙ୍କ ପାଇଁ କୌଣସି ଚାକିରି ସର୍ତ୍ତାବଳୀ ପ୍ରଣୟନ ହୋଇନଥିବାରୁ ପେନ୍‌ସନ୍, ଭବିଷ୍ୟନିଧି ପାଣ୍ଠି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ନଥିଲା ।

### 2.2.14.2 ଅଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ

ଓଡ଼ିଶା ଶିକ୍ଷା (ପ୍ରତିଷ୍ଠାନ, ସ୍ୱୀକୃତି, ବେସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା) ନିୟମାବଳୀ 1991, ନିୟମ୍ 20 ଅନୁସାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ସର୍ବନିମ୍ନ 30 ଜଣ ପିଲା, ଅନୁସୂଚିତ/ ଜନଜାତି ଅଞ୍ଚଳରେ ଯଥାକ୍ରମେ ସର୍ବନିମ୍ନ 20 ଓ 15 ଜଣ ପିଲା ରହିବାର ବ୍ୟବସ୍ଥା ରହିଛି । ପୁନଶ୍ଚ ନିୟମ 20(2) ଅନୁସାରେ ଯଦି କୌଣସି ବିଦ୍ୟାଳୟରେ ନିର୍ଦ୍ଧାରିତ ପିଲା ସଂଖ୍ୟା କମ୍ ଥିବାର ଦୃଷ୍ଟିଗୋଚର ହୁଏ ତେବେ ବିଦ୍ୟାଳୟ ପରିଦର୍ଶକ, ଉକ୍ତ ବିଦ୍ୟାଳୟର ଅନୁଦାନ ସ୍ଥଗିତ କରିବା ପାଇଁ ଡିଇଇ ଙ୍କୁ ସୁପାରିଶ କରିବେ ।

2012-13 ରୁ 2013-14 ମଧରେ ଓପେପା ନିକଟରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲା ସଂଖ୍ୟା ଓ ଅନୁଦାନର ତର୍ଜମା କରି ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ଯଦିଓ 611 ଟି ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ 30 ରୁ କମ୍ ସଂଖ୍ୟକ ପିଲା ଥିଲେ ତେବେ ଏମାନଙ୍କର ଅନୁଦାନ ସ୍ଥଗିତ କରାଯାଇ ନଥିଲା । ଜିଲ୍ଲା ଶିକ୍ଷା ଅଧିକାରୀମାନେ ଏହି ବିଦ୍ୟାଳୟ ଗୁଡ଼ିକରେ କମ୍ ସଂଖ୍ୟକ ପିଲା ଥିବା ସେମାନଙ୍କର ପରିଦର୍ଶନ ରିପୋର୍ଟରେ ଦର୍ଶାଇନଥିଲେ କିମ୍ବା ଅନୁଦାନ ସ୍ଥଗିତ ରଖିବା ପାଇଁ ଡିଇଇଙ୍କୁ ସୁପାରିଶ କରିନଥିଲେ । ପରନ୍ତୁ ଏଭଳି ହକ୍‌ଦାର ନଥିବା ବିଦ୍ୟାଳୟ ଗୁଡ଼ିକୁ 23.66 କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା ।

- ଅନୁସୂଚିତ/ ଜନଜାତି ଅଞ୍ଚଳରେ ଥିବା 18ଟି ବେସରକାରୀ ଅନୁଦାନ ପ୍ରାପ୍ତ ପ୍ରଥମିକ/ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ପିଛା ନିର୍ଦ୍ଧାରିତ 15 ଜଣରୁ କମ୍ ସଂଖ୍ୟକ ପିଲା ରହିଥିଲେ ମଧ ଅନୁଦାନ ସ୍ଥଗିତ ହୋଇ ନଥିଲା ।

ସରକାର ଦର୍ଶାଇଥିଲେ (ମଇ 2015) ଯେ ଅନୁମୋଦିତ ଶିକ୍ଷକ ସଂଖ୍ୟାର ପ୍ରମାଣ ଦେଖିସାରିଲା ପରେ ଯୋଗ୍ୟ ବିଦ୍ୟାଳୟ ଗୁଡ଼ିକୁ ତ୍ରୟମାସିକ ଭିତ୍ତିରେ ଅନୁଦାନ/ ବ୍ଲକ୍ ଗ୍ରାଣ୍ଟ ପ୍ରଦାନ କରାଯାଉଥିଲା । କିନ୍ତୁ ପ୍ରକୃତ କଥା ହେଲା ଏହି ବିଦ୍ୟାଳୟଗୁଡ଼ିକର ଅନୁଦାନ ପାଇବାର ଯୋଗ୍ୟତାକୁ ତର୍ଜମା କରାଯାଇନଥିଲା ।

[74] ବେତନ ବୃଦ୍ଧି ଓ ମହଙ୍ଗା ଭତ୍ତା ବିନା ମୂଳ ଦରମା ଏବଂ ଗ୍ରେଡ-ପେର ନ୍ୟୁନତମ ବେତନ

### 2.2.15 ପାଣ୍ଠି ପରିଚାଳନା

2009 ରୁ 2014 ମଧ୍ୟରେ ରାଜ୍ୟ ଯୋଜନା ଅଧୀନରେ 18,830.16 କୋଟି ଟଙ୍କା ଏବଂ ଭାରତ ସରକାରଙ୍କ ଠାରୁ ସର୍ବଶିକ୍ଷା ଅଭିଯାନ ଅଧିନରେ 4,029.74 କୋଟି ଟଙ୍କା ପାଇଥିଲେ । 31 ମାର୍ଚ୍ଚ 2014 ସୁଦ୍ଧା ଉପଲବ୍ଧ ଥିବା 23,781.63 କୋଟି[75] ଟଙ୍କାରୁ 23,193.60 କୋଟି ଟଙ୍କା (97.50 ପ୍ରତିଶତ) ଉପଯୋଗ ହୋଇଥିଲା ବେଳେ 588.03 କୋଟି ଟଙ୍କା ଉପଯୋଗ ନ ହୋଇରହିଥିଲା ।

ରାଜ୍ୟ ଓ ଜିଲ୍ଲା ସ୍ତରରେ ପ୍ରାଥମିକ ଶିକ୍ଷା କ୍ଷେତ୍ର ଅନ୍ତର୍ଗତ ପାଣ୍ଠି ପରିଚାଳନାର ପୁନଃ ପରୀକ୍ଷା କରି ସମୀକ୍ଷା ନିମ୍ନ ଅନିୟମିତତା ଗୁଡ଼ିକୁ ଅବଲୋକନ କରିଥିଲା ।

- ***ଅବ୍ୟବସ୍ଥିତ ଅଗ୍ରୀମ 252.29 କୋଟି ଟଙ୍କା:*** ଆଠଟି ନମୁନା ଜିଲ୍ଲାର ଡିପିସିଙ୍କ କାର୍ଯ୍ୟାଳୟଗୁଡ଼ିକରେ 252.29 କୋଟି ଟଙ୍କାର ଅଗ୍ରୀମ ବିଡିଓ, ଅନ୍ୟ ସରକାରୀ କାର୍ଯ୍ୟାଳୟ, ବ୍ଲକ ରିସୋର୍ସ ସେଣ୍ଟର କୋଅର୍ଡିନେଟର (ବିଆରସିସି), କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଅର୍ଡିନେଟର (ସିଆରସିସି), ବିଦ୍ୟାଳୟ ପରିଚାଳନା କମିଟି ଓ ଯୋଗାଣକାରୀ ଏବଂ ଡିପିସିଙ୍କ କର୍ମଚାରୀଙ୍କ ଉପରେ 31 ମାର୍ଚ୍ଚ 2014 ସୁଦ୍ଧା ଏକରୁ ଚାରି ବର୍ଷ ପର୍ଯ୍ୟନ୍ତ ଅବ୍ୟବସ୍ଥିତ ହୋଇ ପଡ଼ି ରହିଥିଲା ।

  ବିଭାଗ ତାଙ୍କ ଉତ୍ତରରେ ଦର୍ଶାଇଥିଲେ (ମଇ 2015) ଯେ, ଅବ୍ୟବସ୍ଥିତ ଅଗ୍ରୀମର ପ୍ରମୁଖ ଭାଗ ଉପଜିଲ୍ଲା ସ୍ତରୀୟ ସଂସ୍ଥାମାନଙ୍କ ପାଖରେ ପଡ଼ିରହିଥିଲା ଏବଂ ଅଗ୍ରୀମର ହିସାବ ନିକାଶ କରିବାକୁ ବ୍ଲକ୍ ସ୍ତରୀୟ ହିସାବରକ୍ଷକ ମାନଙ୍କ ମାଧ୍ୟମରେ ବିନିଯୋଗ ପ୍ରମାଣପତ୍ର ସଂଗ୍ରହ ପାଇଁ ସୁଚିନ୍ତିତ ଅଭିଜାନ ଗ୍ରହଣ କରାଯାଇଥିଲା ।

- ***ପାଣ୍ଠିର ଅବରୋଧ:*** ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ସ୍କୁଲ୍ ଓ ଗଣ ଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା (ଅଗଷ୍ଟ 2011) ସମୟରେ ବଳକା ଅର୍ଥ ରାଶିକୁ ହସ୍ତାନ୍ତର କରିବା ପାଇଁ ସରକାର ମହିଳା ଓ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବିନିଯୋଗ ହୋଇନଥିବା ଅର୍ଥକୁ ଡିଇଓମାନଙ୍କୁ ହସ୍ତାନ୍ତର କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟ ବିଡିଓ/ଡିଏସଡବ୍ଲୁଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଫେବୃଆରୀ 2013) । କିନ୍ତୁ ବଳକା ଅର୍ଥ ନ ଫେରାଇ 16 ବିଡିଓ ଏବଂ 5 ଡିଏସଡବ୍ଲୁଓ ଅନିୟମିତ ଭାବେ ନିଜ ପାଖରେ 28.05 କୋଟି ଟଙ୍କା ରଖିଥିଲେ ***(ପରିଶିଷ୍ଟ 2.2.2)*** । ଏତଦ୍ ବ୍ୟତୀତ, କେନ୍ଦ୍ରାପଡ଼ା ଜିଲ୍ଲା ସ୍କୁଲ୍ ନିରୀକ୍ଷକ ତଥା ଜିଲ୍ଲା ନୋଡାଲ ଅଫିସର (ଏମ୍‌ଡିଏମ୍) ମହାକାଳପଡ଼ା ବିଡିଓଙ୍କୁ ଏପ୍ରିଲରୁ ଅଗଷ୍ଟ 2012 ମଧ୍ୟରେ ଦେଇଥିବା 74.60 ଲକ୍ଷ ଟଙ୍କା ଅର୍ଥକୁ ବିଡିଓ ସ୍କୁଲମାନଙ୍କୁ ପ୍ରଦାନ ନକରି ନିଜ ସଂଚୟ ବ୍ୟାଙ୍କ୍ ଜମା ଖାତାରେ ଜମା ରଖିଥିଲେ (ନଭେମ୍ବର 2014) ।

- ***ବିଦ୍ୟାଳୟ ସଂଖ୍ୟା ବଢ଼ାଇ 7.47 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ହାସଲ:*** 2006-10 ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ ଥିବା ମଧ୍ୟାହ୍ନ ଭୋଜନ ଓ ଶିକ୍ଷା ଗ୍ୟାରେଣ୍ଟି ପରିକଳ୍ପନା ବିଦ୍ୟାଳୟ ସହିତ 66,388 ଟି ବିଦ୍ୟାଳୟ ଥିଲା ଯାହା ପରବର୍ତ୍ତୀ ସମୟରେ 2008-09 ରେ ବନ୍ଦ ହୋଇଯାଇଥିଲା, 69,152 ବିଦ୍ୟାଳୟ, ରନ୍ଧନ ଗୃହ ନିର୍ମାଣ ପାଇଁ ଭାରତ ସରକାରଙ୍କଠାରୁ ପାଣ୍ଠି ପାଇବା ଉଦ୍ଦେଶ୍ୟରେ ଆବେଦନ କରିଥିଲେ । ଯାହାହେଉ, 2009-10 ମଧ୍ୟରେ ମଧ୍ୟାହ୍ନ ଭୋଜନ ପାଇଁ ଯୋଗ୍ୟ ବିବେଚିତ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଇ 59,492 ଥିଲା ଏବଂ ମାର୍ଚ୍ଚ 2014 ସୁଦ୍ଧା ଏହା ବୃଦ୍ଧି ପାଇ 62,448 ହୋଇଥିଲା । ଯାହାହେଉ, ଏହି ବର୍ଦ୍ଧିତ ସଂଖ୍ୟା ଆଧାରରେ ଭାରତ ସରକାର (2006-07 ରୁ 2009-10) ପ୍ରତି ବିଦ୍ୟାଳୟ ପିଛା 60,000 ଟଙ୍କା ହିସାବରେ 67,633 ଟି ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରନ୍ଧନ ଗୃହ ନିର୍ମାଣ ପାଇଁ 405.80 କୋଟି ଟଙ୍କା

[75] ସୁଧ ଆଦି ଅନ୍ୟାନ୍ୟ ପ୍ରାପ୍ତି ସହ: 694.34 କୋଟି ଟଙ୍କା ଏବଂ ଓପେପା ପାଖରେ 1 ଅପ୍ରେଲ 2009 ସୁଦ୍ଧା ବଳକା ରାଶି: 227.39 କୋଟି ଟଙ୍କା । ରାଜ୍ୟ ବଜେଟରେ ପ୍ରଦାନ ପାଇଁ ବିନିଯୋଗ ଓ ଆର୍ଥିକ ହିସାବ ଏବଂ ରାଜ୍ୟ ବଜେଟ ମାଧ୍ୟମ ବିନା ଏସ୍‌ଏସ୍‌ଏ ଅଧିନରେ ଭାରତ ସରକାରଙ୍କ ଠାରୁ ସିଧାସଳଖ ଓପେପା ଦ୍ୱାରା କେନ୍ଦ୍ରୀୟ ସହାୟତା ପ୍ରାପ୍ତି

ପ୍ରଦାନ କରିଥିଲେ ଏବଂ ସରକାର 7.47 କୋଟି[76] ଟଙ୍କା ଭାରତ ସରକାରଙ୍କଠାରୁ ଅଧିକ ପାଇଥିଲେ। ପାଣ୍ଠି ବିନିଯୋଗ ନହୋଇ ଡିଇଓ ଏବଂ ବିଡିଓଙ୍କ ନିକଟରେ ରହିଥିବାର ସମୀକ୍ଷା ପରିଲକ୍ଷିତ କରିଥିଲା।

## 2.2.16 ନିରୀକ୍ଷଣ, ପର୍ଯ୍ୟାଲୋଚନା ଏବଂ ପରିଦର୍ଶନ

### *2.2.16.1 ରାଜ୍ୟ ଉପଦେଷ୍ଟା ପରିଷଦ ଗଠନରେ ବିଳମ୍ବ*

ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ପିଲାଙ୍କ ଅଧିକାର ନିୟମାବଳୀ 2010ର ନିୟମ 25 ଏବଂ 26 ଅନୁଯାୟୀ, ଆରଟିଇର ରୀତି ଏବଂ ମାନକଗୁଡ଼ିକୁ ସମୀକ୍ଷା କରିବା ପାଇଁ ରାଜ୍ୟ ଉପଦେଷ୍ଟା ପରିଷଦ ଗଠିତ ହେବା ଆବଶ୍ୟକ।

ସମୀକ୍ଷା ପରିଲକ୍ଷିତ କଲା ଯେ ଉକ୍ତ ପରିଷଦ, ଆରଟିଇ ଅଧିନିୟମ 2009 ର କାର୍ଯ୍ୟାନ୍ୱୟନ ହେବାର ପାଞ୍ଚ ବର୍ଷ ପରେ ଜୁଲାଇ 2014 ରେ ଗଠିତ ହୋଇଥିଲା । ଏହି ପରିଷଦର ସଭାପତି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀଙ୍କ ସହିତ 15 ଜଣ ସଭ୍ୟ ଥିଲେ । ଏହା ବ୍ୟତୀତ ପରିଷଦର ପ୍ରଥମ ବୈଠକ ମାର୍ଚ୍ଚ 2015 ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପରିଷଦ, ବିଦ୍ୟାଳୟ ବାହାରେ ରହିଥିବା ପିଲାମାନଙ୍କର ସଠିକ୍ ସ୍ଥିତି ଚିହ୍ନଟ କରିବା ପାଇଁ ସର୍ବେକ୍ଷଣ କାର୍ଯ୍ୟ ହାତକୁ ନେବାକୁ ପ୍ରସ୍ତାବ ଦେଇଥିଲେ । ପରିଷଦ ମଧ୍ୟ ଶିକ୍ଷକମାନଙ୍କର ବ୍ୟବସ୍ଥିକରଣ କରିବା, ଗ୍ରନ୍ଥାଗାର ପୁସ୍ତକ ପାଇଁ ବ୍ୟବସ୍ଥା କରିବା, ନିରାପତ୍ତା ସରଞ୍ଜାମର ସଂସ୍ଥାପନ ଇତ୍ୟାଦି କରିବା ପାଇଁ ଅନୁଦେଶ ପ୍ରଦାନ କରିଥିଲେ । ଏହା ଉପରେ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଥିଲା (ଜୁନ୍ 2015)।

### *2.2.16.2 ଆବଶ୍ୟକୀୟ ପରିଦର୍ଶନ କରା ନଯିବା*

ବିଭାଗର ଅନୁଦେଶ (ଜୁଲାଇ 2013) ଅନୁଯାୟୀ, ବିଇଓ ମାନେ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଓ ଅଧ୍ୟାପନା ସମ୍ବନ୍ଧୀୟ ଉନ୍ନତିକୁ ଯାଞ୍ଚ କରିବା ଲାଗି ପ୍ରତିମାସରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ପରିଦର୍ଶନରେ ଯିବା କଥା । ଏହା ବ୍ୟତୀତ, ଡିଇଓ ଏବଂ ଡିପିସି ପ୍ରତି ମାସ ପାଞ୍ଚଟି ବିଦ୍ୟାଳୟ ପରିଦର୍ଶନରେ ଯିବାର ଥିବାବେଳେ ସିଆରସିସି ପୁଞ୍ଜି ସାଧନ କେନ୍ଦ୍ର ସମନ୍ୱୟକାରୀ ମାସକୁ ଅତି କମ୍‌ରେ ନିଜ ନିୟନ୍ତ୍ରଣରେ ଥିବା 10 ଟି ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନରେ ଯିବା କଥା ।

ସମୀକ୍ଷା ପରିଲକ୍ଷିତ କଲା ଯେ, ଯାଞ୍ଚ ହୋଇଥିବା ତିନିଟି ନମୁନା ଜିଲ୍ଲା (ଅନୁଗୁଳ, ବଲାଙ୍ଗିର ଏବଂ କୋରାପୁଟ)ର 72ଟି ନମୁନା ବିଦ୍ୟାଳୟ ମଧ୍ୟରୁ ଡିଇଓ 2009-14 ମଧ୍ୟରେ କେବଳ 20ଟି ବିଦ୍ୟାଳୟକୁ (26 ପ୍ରତିଶତ) ଥରେ ମାତ୍ର ପରିଦର୍ଶନରେ ଯାଇଥିଲାବେଳେ ଏହି ସମୟ ମଧ୍ୟରେ ବିଇଓ 46ଟି ବିଦ୍ୟାଳୟ (64 ପ୍ରତିଶତ)କୁ ଥରେ ଲେଖାଏଁ ପରିଦର୍ଶନରେ ଯାଇଥିଲେ । ସେହିଭଳି 2009-14 ମଧ୍ୟରେ 191ଟି ନମୁନା ବିଦ୍ୟାଳୟରେ 5,730ଟି ପରିଦର୍ଶନର ଆବଶ୍ୟକତା ଥିଲାବେଳେ, ସିଆର୍‌ସିସି ମାନେ 4,219ଟି (74 ପ୍ରତିଶତ) ପରିଦର୍ଶନ କରିଥିଲେ। ତେବେ ସିଆରସିସି/ ଡିଇଓଙ୍କ ଦ୍ୱାରା ସଂପୃକ୍ତ ବିଦ୍ୟାଳୟଗୁଡ଼ିକୁ କୌଣସି ପରିଦର୍ଶନ ପ୍ରତିବେଦନ ପ୍ରଦାନ କରାଯାଇ ନଥିଲା ।

## 2.2.17 ଉପସଂହାର

ଆରଟିଇ ନିୟମ ଅନୁଯାୟୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ ନ ହେବା, ଭିତ୍ତିଭୂମିର ଯୋଗ୍ୟତା ପରିପୂର୍ଣ୍ଣ ଓ ଶିକ୍ଷକମାନଙ୍କର ଉପଲବ୍ଧତାର ପର୍ଯ୍ୟାଲୋଚନାତ୍ମକ ଲକ୍ଷ୍ୟ ଧାର୍ଯ୍ୟ ନହେବା ଫଳରେ ଯୋଜନା ପ୍ରତିହତ ହୋଇଥିଲା । ବେସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଅନୁମତି ଏବଂ ସ୍ୱୀକୃତି ପ୍ରଦାନ ବ୍ୟବସ୍ଥା ମଧ୍ୟ ଦୁର୍ବଳ ଥିଲା ଯାହା ଫଳରେ ରାଜ୍ୟରେ 1,544ଟି ବିଦ୍ୟାଳୟ ଅନଧିକୃତଭାବେ ମାର୍ଚ୍ଚ 2014 ସୁଦ୍ଧା କାର୍ଯ୍ୟକ୍ଷମ ଥିଲା ।

---

[76] (67,633 - 66,388) x 60,000 ଟଙ୍କା = 7.47 କୋଟି ଟଙ୍କା

ମାର୍ଚ୍ଚ 2014 ସୁଦ୍ଧା 1,226 ଯୋଗ୍ୟ ବସତିରେ କୌଣସି ପ୍ରାଥମିକ ବିଦ୍ୟାଳୟ ନଥିଲାବେଳେ 201 ବସତିର ତିନି କିଲୋମିଟର ମଧ୍ୟରେ କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ଥିଲା, ଯାହାଫଳରେ 46,861 ପିଲା ସହଜ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ । ପ୍ରାଥମିକ ସ୍ତରରେ ନାମ ଲେଖାଇ ଥିବା ସଂଖ୍ୟା 2009-10 ରେ 66.21 ଲକ୍ଷ ରୁ 2013-14 ରେ 63.88 ଲକ୍ଷକୁ କମିଯାଇଥିଲା । ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ନାମଲେଖା କମିଯାଇଥିଲା, ହେଲେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ 2009-14 ରେ ଅନୁରୂପଭାବେ ନାମଲେଖା ବୃଦ୍ଧି ପାଇଥିଲା ଯାହା ଏମ୍‌ଡିଏମ୍, ମାଗଣା ପୋଷାକ ଏବଂ ପାଠ୍ୟପୁସ୍ତକ ଯୋଗାଣ ଭଳି ଯୋଜନା ଥାଇ ମଧ୍ୟ ପିଲାମାନଙ୍କୁ ଏହି ବିଦ୍ୟାଳୟଗୁଡ଼ିକ ପ୍ରତି ଆକୃଷ୍ଟ କରିବାରେ ସରକାରୀ/ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ବିଫଳତାକୁ ସୂଚାଉଥିଲା ।

ରାଜ୍ୟରେ ପ୍ରାଥମିକ ଶିକ୍ଷା ବାବଦକୁ 2009-14 ମଧ୍ୟରେ 23,193.60 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଯାହା ମୁଖ୍ୟତଃ ଅଭାବୀ ଯୋଜନା, ଅପ୍ରଚୁର ଭିତ୍ତି ସଂରଚନା, ନ୍ୟୁନତମ ପେଶାଗତ, ଶିକ୍ଷାଗତ ଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତା ଥିବା ଶିକ୍ଷକମାନଙ୍କର ଅଭାବ ଏବଂ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ପିଲାଙ୍କ ଅଧିକାର ଅଧିନିୟମ 2009 ର ବ୍ୟବସ୍ଥାଗୁଡ଼ିକର ଦୁର୍ବଳ କାର୍ଯ୍ୟାନ୍ୱୟନ ଯୋଗୁଁ ଶିକ୍ଷାର ଗୁଣାତ୍ମକ ମାନ ଦୁର୍ବଳ ଥିଲା ।

2009-14 ମଧ୍ୟରେ 1.79 ଲକ୍ଷରୁ 3.88 ଲକ୍ଷ ଛାତ୍ରଛାତ୍ରୀ ସଂଖ୍ୟା ଥାଇ 3,440ଟି ରୁ 8,739ଟି ବିଦ୍ୟାଳୟ ଜଣେ ଶିକ୍ଷକଙ୍କୁ ନେଇ ଚାଲୁଥିଲା, 2,558 ଟି ବିଜ୍ଞାନ ଏବଂ ଗଣିତ ଶିକ୍ଷକ ପଦବୀଗୁଡ଼ିକ ବର୍ଷ ବର୍ଷ ଧରି ଖାଲି ରହିଥିଲା, କମ୍ ଯୋଗ୍ୟତା ସମ୍ପନ୍ନ ଶିକ୍ଷକମାନେ ପ୍ରାଥମିକ ବିଦ୍ୟାଳୟ (20,471)ରେ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (936) ରେ କାର୍ଯ୍ୟ କରୁଥିଲେ ଏବଂ ଆର୍‌ଟିଇ ଆଇନ୍ ଅନୁସାରେ ସ୍ଥିରୀକୃତ ସମୟ ସୀମା ଅଗଷ୍ଟ 2014 ଠାରୁ ସମାପ୍ତି ହୋଇସାରିଥିଲେ ମଧ୍ୟ ସେମାନଙ୍କୁ ପେଷାଗତ ଭାବେ ଯୋଗ୍ୟତା ପ୍ରାପ୍ତ କରାଯାଇ ନଥିବା ଯୋଗୁଁ ରାଜ୍ୟରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକମାନ ପ୍ରଭାବିତ ହୋଇଥିଲା ।

ଆବଶ୍ୟକ ସମୟ ସୀମା ଅଗଷ୍ଟ 2012 ରେ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଆରଟିଇ ଅଧିନିୟମ ଦ୍ୱାରା ବିହିତ ମାନଦଣ୍ଡ ଅନୁସାରେ ଶ୍ରେଣୀଗୃହ, ଶୌଚାଳୟ, ନିରାପଦ ଓ ଯଥେଷ୍ଟ ପିଇବା ପାଣି ସୁବିଧା ଭଳି ମୌଳିକ ଭିତ୍ତିଭୂମି ବିଦ୍ୟାଳୟଗୁଡ଼ିକରେ ଉପଲବ୍ଧ ନଥିଲା । 2009-14 ମଧ୍ୟରେ 33,499 ରୁ 50,400 ପର୍ଯ୍ୟନ୍ତ ଶିକ୍ଷକ ପଦବୀ ଖାଲି ରହିଥିଲାବେଳେ ଖାଲି ପଦବୀଗୁଡ଼ିକର ସୁବ୍ୟବସ୍ଥା କରାଯାଇ ନଥିଲା ଏବଂ ଯାଞ୍ଚ୍ ହୋଇଥିବା କେତେକ ନମୁନା ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଛାତ୍ର ଅନୁପାତ 1:187 ଏବଂ 1:272 ଭଳି ଉଚ୍ଚତର ଥିଲା । ସହାୟକ ଅନୁଦାନ ପରିଚାଳନାରେ ଅଭାବ ଥିଲା ଯାହାଫଳରେ ରାଜ୍ୟର 629ଟି ପ୍ରାଥମିକ/ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯୋଗ୍ୟତା ବିହୀନ ଶିକ୍ଷକମାନଙ୍କୁ 23.66 କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା ।

ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ପରିଚାଳନା ପ୍ରଭାବହୀନ ଥିଲାବେଳେ, 28.39 ଲକ୍ଷ ଟଙ୍କାର ଚାଉଳ ଆତ୍ମସାତ୍ ହୋଇଥିବା ଦୃଷ୍ଟିଗୋଚର ହୋଇଥିଲା । ପାଣ୍ଠି ପରିଚାଳନାରେ ଅଭାବ ହେତୁ ଅଗ୍ରୀମ ଦିଆଯାଇଥିବା 252.29 କୋଟି ଟଙ୍କା ବର୍ଷ ବର୍ଷ ଧରି ଅବ୍ୟବସ୍ଥିତ/ ଅସୁଲ ନହୋଇ ରହିଥିଲା ଏବଂ 28.80 କୋଟି ଟଙ୍କା ବର୍ଷ ବର୍ଷ ଧରି ଅବରୋଧ ହୋଇରହିଥିଲା । ନିରୀକ୍ଷଣ ଏବଂ ପର୍ଯ୍ୟାଲୋଚନା ସଂକ୍ରିୟାରେ ଉନ୍ନତି ଆଣିବାର ଆବଶ୍ୟକାତା ଥିଲା ।

### 2.2.18 ସୁପାରିଶ

ରାଜ୍ୟରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସରକାର ନିମ୍ନୋକ୍ତ ସୁପାରିଶଗୁଡ଼ିକୁ ବିଚାର କରିପାରନ୍ତି ।

- ପର୍ଯ୍ୟାଲୋଚନା ଯୋଗ୍ୟ ଲକ୍ଷ୍ୟ ସ୍ଥିର କରିବାକୁ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରି ସରକାର ଯୋଜନାକୁ ଶକ୍ତିଶାଳୀ କରିପାରନ୍ତି ।
- ଆରଟିଇ ଅଧିନିୟମ ଦ୍ୱାରା ବିହିତ ରୀତି ଏବଂ ମାନକକୁ ବିଚାରକୁ ନେଇ ଭିତ୍ତିଭୂମିରେ ଏବଂ ପେଶାଗତଭାବେ କମ୍ ଯୋଗ୍ୟତା ପ୍ରାପ୍ତ ଶିକ୍ଷକଙ୍କ ଅଭାବକୁ ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରାଯାଇପାରେ ଏବଂ ସମୟବଦ୍ଧ ଭାବରେ ପୂରଣ କରାଯାଇପାରେ ।

- ବିଦ୍ୟାଳୟ ବାହାରେ ଥିବା 6 ରୁ 14 ବର୍ଷ ବୟସର ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଆଣିବାକୁ ଏବଂ ଧାରଣହାରରେ ଏବଂ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତର ମଧ୍ୟରେ ମଧ୍ୟକାଳ ହାରରେ ଉନ୍ନତି ଆଣିବାକୁ ନିର୍ଦ୍ଦିଷ୍ଟ ପ୍ରଚେଷ୍ଟା କରାଯାଇପାରେ ।
- ଅବ୍ୟବସ୍ଥିତ ଅଗ୍ରୀମ ଏବଂ ପାଣ୍ଠି ଅବରୋଧକୁ କମାଇବା ପାଇଁ ପାଣ୍ଠି ପରିଚାଳନାକୁ ସମୟବଦ୍ଧ ଭାବରେ ଅଧିକ ବ୍ୟବସ୍ଥିତ କରାଯାଇପାରେ ।
- କୌଣସି ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟର ପରିଚାଳନାକୁ ପରିହାର କରିବା ପାଇଁ ଏବଂ ଆରଟିଇ ଅଧିନିୟମରେ ସ୍ଥିର ହୋଇଥିବା ରୀତି ଏବଂ ମାନକଗୁଡ଼ିକୁ ପୂରଣ କରିବା ଯାଏ ଏହି ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ପାଇଁ ନିରୀକ୍ଷଣ ଏବଂ ପର୍ଯ୍ୟାଲୋଚନା ସଂକ୍ରିୟାକୁ ଶକ୍ତିଶାଳୀ କରାଯାଇପାରେ ।

ପ୍ରାଥମିକ ଶିକ୍ଷାର ମାନବୃଦ୍ଧି ପାଇଁ ସମୀକ୍ଷାର ସୁପାରିଶଗୁଡ଼ିକୁ ଏବଂ ଏଡବ୍ଲ୍ୟୁପିଏଣ୍ଡବି ପ୍ରସ୍ତୁତିକୁ ଭବିଷ୍ୟତର ସଙ୍କେତ ରୂପେ ବିଭାଗ ଗ୍ରହଣ କରିଥିଲା (ଜୁନ୍ 2015) ।

# ଅଧ୍ୟାୟ III

# ଅନୁପାଳନ ସମୀକ୍ଷା


| ପରିଚ୍ଛେଦ ସଂଖ୍ୟା | ବିବରଣୀ | ପୃଷ୍ଠା |
|---|---|---|
| 3.1 | ସମ୍ବଲପୁର ଜିଲ୍ଲାର ସମୀକ୍ଷା | 63-94 |
| 3.2 | ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସର କାର୍ଯ୍ୟକାରିତା | 95-113 |
| 3.3 | ଲଘୁ ଖଣିଜ ଦ୍ରବ୍ୟରୁ ଆୟ | 113-121 |
| 3.4 | ରାଜ୍ୟର ସହରାଞ୍ଚଳରେ ପର୍ଯ୍ୟାପ୍ତ ଏବଂ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା | 121-133 |
| 3.5 | ବିଜୁ ସେତୁ ଯୋଜନାର କାର୍ଯ୍ୟକାରିତା | 133-139 |
| 3.6 | ତହସିଲରେ ଜମି ପରିଚାଳନ | 140-164 |
| 3.7 | ରାଜ୍ୟରେ ଜାତୀୟ ଆମ୍ବୁଲାନ୍ସ ସେବାର କାର୍ଯ୍ୟକାରିତା | 165-172 |
| 3.8 | ସରକାରୀ ଚିକିତ୍ସାଳୟଗୁଡ଼ିକରେ ବ୍ୟବହାରିକ ଫିସ୍‌ର ସଂଗ୍ରହ, ହିସାବ ଏବଂ ଉପଯୋଗ | 172-175 |
| 3.9 | ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାନ ପରିସର ମଧ୍ୟରେ ଔଷଧ ଦୋକାନର ଚୟନ ଓ କାର୍ଯ୍ୟକାରିତା | 175-177 |
| 3.10 | କମ୍ପ୍ୟୁଟର ଏବଂ ଆନୁସଙ୍ଗିକ ଉପକରଣ ସଂଗ୍ରହଣରେ ସ୍ୱଚ୍ଛତାର ଅଭାବ | 177-181 |
| 3.11 | ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମର ବଣ୍ଟନ ଓ ବିତରଣ | 181-187 |
| 3.12 | ସମୀକ୍ଷାକୁ ପ୍ରତିଜବାବ ପ୍ରଦାନରେ ହେଳା | 187-193 |

# ଯୋଜନା ଓ ସମନ୍ୱୟ ବିଭାଗ

## 3.1 ସମ୍ବଲପୁର ଜିଲ୍ଲାର ସମୀକ୍ଷା

### *କାର୍ଯ୍ୟନିର୍ବାହୀ ସାରାଂଶ*

*ସେପ୍ଟେମ୍ବର 2014 ସୁଦ୍ଧା ପରିପ୍ରେକ୍ଷଣ ଯୋଜନା 2008-13ରେ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ବାର୍ଷିକ ଫଳାଫଳ ଆଧାରିତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ନଥିଲା ଏବଂ 2013-18 ପାଇଁ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା । 2009-14ରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ସଂସ୍ଥା ଅକାମୀ ଥିଲା ।*

*ସର୍ବଶିକ୍ଷା ଅଭିଯାନର ହସ୍ତକ୍ଷେପ ସତ୍ତ୍ୱେ, ବିଦ୍ୟାଳୟ ଗୁଡ଼ିକରେ ପାଇଖାନା, ପାନୀୟ ଜଳ, ଖେଳ ପଡ଼ିଆ ଇତ୍ୟାଦି ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧ ନଥିଲା । ସମସ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସୁବ୍ୟବସ୍ଥିକରଣର ଆବଶ୍ୟକତା ଥିଲା ।*

*ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର/ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର/ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟାପ୍ତ ଭିତ୍ତିଭୂମି ତଥା ମାନବ ସମ୍ବଳର ଅଭାବ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପ୍ରଭାବୀ ନଥିଲା ଏବଂ ଏକ ସୁବ୍ୟବସ୍ଥିତ, ପ୍ରଭାବୀ, ସ୍ୱଳ୍ପ ବ୍ୟୟରେ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ଲକ୍ଷ୍ୟ ହାସଲ ହୋଇପାରିନଥିଲା ।*

*ଇନ୍ଦିରା ଆବାସ ଯୋଜନା (ଆଇଏୱାଇ) ଅଧିନରେ ହାତକୁ ନିଆଯାଇଥିବା ଗୃହଗୁଡିକ ସଂମ୍ପୂର୍ଣ୍ଣ ହୋଇନଥିଲା। 2009-14ରେ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ 73 ପ୍ରତିଶତ ଇନ୍ଦିରା ଆବାସ ଯୋଜନା ଗୃହ କାର୍ଯ୍ୟ ସମାପ୍ତ ହୋଇସାରିଥିଲା। ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଇଁ ଜନ ସଚେତନତା ସୃଷ୍ଟି ନକରିବା ହେତୁ କାର୍ଯ୍ୟ ପାଇଁ ଆଗ୍ରହରେ ସ୍ୱଳ୍ପତା ଲକ୍ଷ୍ୟ କରାଯାଇଥିଲା । କାର୍ଯ୍ୟକ୍ରମ ଅଧିନରେ ହାତକୁ ନିଆଯାଇଥିବା ଆଡ଼ିବନ୍ଧ ମଧ୍ୟରୁ ମାତ୍ର 22 ପ୍ରତିଶତ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା*

*ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଅସମ୍ପୂର୍ଣ୍ଣ ବା ଅକାମୀ ରହିବା ଫଳରେ ଜନସାଧାରଣଙ୍କୁ ସୁରକ୍ଷିତ ପର୍ଯ୍ୟାପ୍ତ ଏବଂ ପାନୀୟ ଯୋଗ୍ୟ ଜଳ ଯୋଗାଣର ଲକ୍ଷ୍ୟ ହାସଲ ହୋଇପାରିନଥିଲା । ଜଳର ଗୁଣବତ୍ତା ନିର୍ଦ୍ଧାରଣ ନିୟମିତ ଭାବରେ କରାଯାଇ ନଥିଲା । ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପରେ ମଧ ପ୍ରାୟ 45.61 ପ୍ରତିଶତ ପରିବାରଙ୍କୁ ପାନୀୟ ଜଳ ଯୋଗାଣ ହୋଇପାରି ନଥିଲା । 2009-14 ମଧ୍ୟରେ 1.45 ଲକ୍ଷ ପାଇଖାନା ନିର୍ମାଣର ଲକ୍ଷ୍ୟ ଥିବା ସତ୍ତ୍ୱେ ମାତ୍ର 0.35 ଲକ୍ଷ ପାଇଖାନା (24 ପ୍ରତିଶତ) ନିର୍ମାଣ ହୋଇ ପାରିଥିଲା ।*

*ଅଙ୍ଗନୱାଡି କେନ୍ଦ୍ରରେ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ଉପଲବ୍ଧ ନଥିଲା । ବାର୍ଦ୍ଧକ୍ୟ ଭତ୍ତା ଅନୁମୋଦନରେ ବିଳମ୍ବ ହୋଇଥିଲା । 2009-14 ମଧ୍ୟରେ ପାଞ୍ଚଟି ବ୍ଲକରେ 82 ଜଣ ମୃତ ବ୍ୟକ୍ତିଙ୍କୁ ସେମାନଙ୍କ ମୃତ୍ୟୁର 1 ରୁ 29 ମାସ ପରେ ମଧ 0.94 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଦେଖାଯାଇଥିଲା ।*

*ଉଠା ଜଳସେଚନ ପ୍ରତିଷ୍ଠା ନହେବା, ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ନହେବା, ଅଚଳ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଇତ୍ୟାଦି ନହେବା ଯୋଗୁଁ ଧାର୍ଯ୍ୟ ଜଳସେଚନ କ୍ଷମତା ବୃଦ୍ଧି କରାଯାଇ ପାରିନଥିଲା । ଏହା ବ୍ୟତୀତ ଚାଷୀମାନଙ୍କୁ କମ୍ ପରିମାଣର ପ୍ରାମାଣିକ ବିହନ ଯୋଗାଇ ଦିଆଯାଇଥିଲା ।*

*ଯୋଗାଯୋଗ ସୁବିଧା ନଥିବା ବସତିମାନଙ୍କୁ ଯୋଗାଯୋଗ ବ୍ୟବସ୍ଥା କରିବା ପାଇଁ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରାଯାଇ ନଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧିନରେ ଆରମ୍ଭ କରାଯାଇଥିବା 140.44 କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ 43ଟି ରାସ୍ତାର କାର୍ଯ୍ୟ ଅଗଷ୍ଟ 2014 ସୁଦ୍ଧା ସମାପ୍ତ ହେବାର ନିର୍ଦ୍ଧାରିତ ହୋଇଥିଲେ ମଧ 27.91 କୋଟି ଟଙ୍କା ବ୍ୟୟ ପରେ ମଧ ତାହା ଅସମ୍ପୂର୍ଣ୍ଣ ଥିଲା ।*

*ଜିଲ୍ଲାରେ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା କାର୍ଯ୍ୟାନ୍ୱୟନର ଛଅ ବର୍ଷ ପରେ ମଧ୍ୟ 58ଟି ଗ୍ରାମ ଓ 42,866ଟି ବିପିଏଲ୍ ପରିବାର (44 ପ୍ରତିଶତ)ଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇ ପାରିନଥିଲା । 2009-14 ମଧ୍ୟରେ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା 822ଟି ଅତି କ୍ଷୁଦ୍ର ଓ କ୍ଷୁଦ୍ରଶିଳ୍ପ ମଧ୍ୟରୁ 766ଟି (93 ପ୍ରତିଶତ) ଉଦ୍ୟୋଗ ପ୍ରତିଷ୍ଠା କରାଯାଇ ପାରିଥିଲା । ପାଣ୍ଠି ଉପଲବ୍ଧ ସତ୍ତ୍ୱେ, ଜିଲ୍ଲାରେ ପର୍ଯ୍ୟଟନ ପରିପଥ ଅସମାପ୍ତ ଥିଲା ।*

*ଜିଲ୍ଲାରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଭିତ୍ତିଭୂମି, ଯାନବାହନ, ମାନବ ସମ୍ବଳର ଅଭାବ ଥିଲା । ଇ-ଗଭର୍ଣ୍ଣାନ୍ସ ଅନ୍ତର୍ଗତ ସରକାରଙ୍କଠାରୁ ନାଗରିକ ସେବା (ଜି2ସି)ଗୁଡ଼ିକୁ ଜିଲ୍ଲାର ସମସ୍ତ ତହସିଲ୍‌ରେ ସୁନିଶ୍ଚିତ କରାଯାଇ ପାରିନଥିଲା । ଜିଲ୍ଲାର ବିଭିନ୍ନ ଯୋଜନା/ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ପର୍ଯ୍ୟାଲୋଚନା ଏବଂ ତଦାରଖର ଅଭାବ ଥିବା ପରିଲକ୍ଷିତ ହୋଇଥିଲା ।*

### 3.1.1 ଉପକ୍ରମ

ଓଡ଼ିଶାର ପଶ୍ଚିମ ଭାଗରେ ଅବସ୍ଥିତ ସମ୍ବଲପୁର ଜିଲ୍ଲାର ଉତ୍ତରରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲା, ଦକ୍ଷିଣରେ ସୁବର୍ଣ୍ଣପୁର ଓ ଅନୁଗୁଳ ଜିଲ୍ଲା, ପୂର୍ବରେ ଦେବଗଡ଼ ଓ ପଶ୍ଚିମରେ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ଦ୍ୱାରା ପରିବେଷ୍ଟିତ । ଏହି ଜିଲ୍ଲାର ପରିସୀମା 6,072 ବର୍ଗ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ଏହାର ଜନସଂଖ୍ୟାର ସାନ୍ଦ୍ରତା ପ୍ରତି ବର୍ଗ କିମିରେ 158 ଜଣ ଅଟେ । ନଅଟି ବ୍ଲକ୍, 148ଟି ଗ୍ରାମ ପଞ୍ଚାୟତ, ଗୋଟିଏ ପୌର ନିଗମ ଏବଂ ଚାରିଟି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ସମ୍ବଲପୁର ଜିଲ୍ଲା ଗଠିତ । ଜିଲ୍ଲାର ଅନ୍ୟାନ୍ୟ ପାର୍ଶ୍ୱଚିତ୍ର ନିମ୍ନ ସାରଣୀରେ ବର୍ଣ୍ଣନା କରାଯାଇଛି ।

***ସାରଣୀ 3.1.1: ଜିଲ୍ଲାର ପାର୍ଶ୍ୱଚିତ୍ର***

| ପାର୍ଶ୍ୱଚିତ୍ରର ରୂପ | ଜିଲ୍ଲା ସ୍ଥିତି | ରାଜ୍ୟ |
|---|---|---|
| ସମୁଦାୟ ଜନସଂଖ୍ୟା (ଲକ୍ଷରେ) | 10.44 | 419.47 |
| ପୁରୁଷ ଜନସଂଖ୍ୟା (ଲକ୍ଷରେ) | 5.29 | 212.02 |
| ମହିଳା ଜନସଂଖ୍ୟା (ଲକ୍ଷରେ) | 5.15 | 207.46 |
| ଜନସଂଖ୍ୟାର ସାନ୍ଦ୍ରତା (ପ୍ରତି ବର୍ଗ କିମିରେ ଜନସଂଖ୍ୟା) | 158 | 269 |
| ଅନୁସୂଚିତ ଜାତି ଜନସଂଖ୍ୟା (ଲକ୍ଷରେ) | 1.92 | 71.88 |
| ଅନୁସୂଚିତ ଜନଜାତି ଜନସଂଖ୍ୟା (ଲକ୍ଷରେ) | 3.55 | 95.91 |
| ଲିଙ୍ଗ ଅନୁପାତ | 973 | 978 |
| ସାକ୍ଷରତା ହାର | 76.91 | 73.45 |
| ଶିଶୁ ମୃତ୍ୟୁ ହାର (ପ୍ରତି ହଜାରରେ) | 56 | 62 |
| ମାତୃ ମୃତ୍ୟୁହାର (ପ୍ରତି ଲକ୍ଷରେ) | 253 | 277 |

***(ଉତ୍ସ: ଜନଗଣନା 2011 ଓ ବାର୍ଷିକ ସ୍ୱାସ୍ଥ୍ୟ ସର୍ବେକ୍ଷଣ 2011-12)***

### 3.1.2 ପ୍ରଶାସନିକ ସଂରଚନା

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ହେଉଛନ୍ତି ଜିଲ୍ଲା ପ୍ରଶାସନର ମୁଖ୍ୟ ଏବଂ ତାଙ୍କୁ ଜିଲ୍ଲାର ଯୋଜନାକୁ ବ୍ୟବସ୍ଥିତ କରିବାରେ ଉପ ନିର୍ଦ୍ଦେଶକ (ଯୋଜନା) ଓ ବିଭିନ୍ନ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ପ୍ରଣୟନରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ସାହାଯ୍ୟ କରିଥାନ୍ତି । ଏହା ବ୍ୟତୀତ ଜିଲ୍ଲାପାଳ ମଧ୍ୟ ଅନ୍ୟାନ୍ୟ ବିଭାଗ ମୁଖ୍ୟମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ପର୍ଯ୍ୟବେକ୍ଷଣ କରିଥାନ୍ତି । ଯାହାହେଲେବି, ଜିଲ୍ଲା ଯୋଜନା କମିଟି (ଡିପିସି) ହେଉଛି ଜିଲ୍ଲାସ୍ତରୀୟ ସର୍ବୋଚ୍ଚ ସଂସ୍ଥା ଯାହାକି ଜିଲ୍ଲା ଯୋଜନାକୁ ଅନୁମୋଦନ କରିଥାଏ ।

### 3.1. 3 ସମୀକ୍ଷା ଉଦ୍ଦେଶ୍ୟ

ନିମ୍ନୋକ୍ତ ତଥ୍ୟ ନିର୍ଦ୍ଧାରଣ କରିବା ପାଇଁ ସମୀକ୍ଷାର ଉଦ୍ଦେଶ୍ୟ କରାଯାଇଥିଲା:

- ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପ୍ରଣୟନର ପରିଯୋଜନାର ଧାରା ଓ ଆନୁଷ୍ଠାନିକ ବ୍ୟବସ୍ଥା ଦକ୍ଷ ଓ ଫଳପ୍ରଦ ଥିଲା;
- ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟକ୍ରମରେ ଆସୁଥିବା ଅର୍ଥ ରାଶି ଯଥେଷ୍ଟ ଥିଲା ଓ ତାର ଦକ୍ଷ, ଫଳପ୍ରଦ ଓ ମିତବ୍ୟୟ ମାଧମରେ ଖର୍ଚ୍ଚ ହୋଇଥିଲା;
- କାର୍ଯ୍ୟକ୍ରମ/ ଯୋଜନାର ପ୍ରଣୟନ ଦକ୍ଷ, ଫଳପ୍ରଦ ଓ ମିତବ୍ୟୟୀ ଥିଲା;
- ପର୍ଯ୍ୟାଲୋଚନା ସଂକ୍ରିୟା ଓ ଆଭ୍ୟନ୍ତରୀଣ କଣ୍ଟ୍ରୋଲ ବ୍ୟବସ୍ଥା ଥିଲା ଓ ତାହା ଦକ୍ଷ ଓ ଫଳପ୍ରଦ ଥିଲା ।

### 3.1.4 ସମୀକ୍ଷା ମାନଦଣ୍ଡ

ସମୀକ୍ଷାର ଫଳାଫଳ ନିମ୍ନ ମାନଦଣ୍ଡ ଆଧାରରେ ପର୍ଯ୍ୟବେସିତ ଥିଲା:

- ପରିପ୍ରେକ୍ଷଣ ଯୋଜନା, ବାର୍ଷିକ ଯୋଜନା ଓ ଯୋଜନା କମିଶନ ଦ୍ୱାରା ବ୍ୟବସ୍ଥିତ ହୋଇଥିବା ସମନ୍ୱିତ ଜିଲ୍ଲା ଯୋଜନାର ମାନୁଆଲ;
- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପରିକଳ୍ପନାର ନିର୍ଦ୍ଦେଶାବଳୀ/ ଅନୁଦେଶ/ ଆଦେଶ;
- ଓଡ଼ିଶା ସାଧାରଣ ଆର୍ଥିକ ନିୟମାବଳୀ ବ୍ୟବସ୍ଥା (ଓଜିଏଫ୍ଆର୍), ଓଡ଼ିଶା ରାଜକୋଷ ସଂହିତା (ଓଟିସି), ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବ୍ଲ୍ୟୁଡି);
- ବିହିତ ପର୍ଯ୍ୟାଲୋଚନା ସଂକ୍ରିୟା ।

### 3.1.5 ସମୀକ୍ଷା ପରିସର ଓ ପଦ୍ଧତି

ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ/ ଯୋଜନା ଯଥା ସାମାଜିକ, ଅର୍ଥନୈତିକ ଓ ସାଧାରଣ ସେବାର ସମୀକ୍ଷା କରିବା ସମ୍ବଲପୁର ଜିଲ୍ଲା ସମୀକ୍ଷାରେ ସାମିଲ୍ ଥିଲା । ଜିଲ୍ଲାର ସାଧାରଣ ଲୋକଟିର ଦୈନନ୍ଦିନ ଜୀବନ ନିର୍ବାହରେ ଉନ୍ନତି ଆଣି ଏକ ଫଳପ୍ରଦ ସେବା ପ୍ରଦାନ କରିବାରେ ଏବଂ ପ୍ରଭାବୀ ସେବା ପ୍ରଦାନର ସୁନିଶ୍ଚିତତା ଉପରେ ଜିଲ୍ଲା ପ୍ରଶାସନର କର୍ତ୍ତବ୍ୟ ଓ ଦାୟିତ୍ୱ ମଧ ସମୀକ୍ଷା ପରିସରଭୁକ୍ତ ଥିଲା ।

ଜୁନ୍ 2014 ରୁ ଫେବୃଆରୀ 2015 ମଧରେ ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ଓ ନମୁନା ଯାଞ୍ଚ ବ୍ଲକ୍[1] ସ୍ତରୀୟ ଅନୁଷ୍ଠାନର 2009-14 ର ନଥିକୁ ସମୀକ୍ଷା କରାଯାଇଥିଲା । ସମ୍ପତ୍ତିର ମିଳିତ ସରଜମିନ୍ କରାଯାଇଥିଲା ଓ ଆବଶ୍ୟକ ସ୍ଥଳେ ଫଟୋ ମଧ ନିଆଯାଇଥିଲା ।

ଜିଲ୍ଲା ସ୍ତରୀୟ ଅଫିସରଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ସହ 21 ମଇ 2014 ରେ ଏକ ପ୍ରାରମ୍ଭିକ ସମ୍ମିଳନୀ ହୋଇଥିଲା ଓ ସେଠାରେ ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଓ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା । ସମୀକ୍ଷାର ଫଳାଫଳକୁ 26 ମଇ 2015 ରେ ହୋଇଥିବା ପ୍ରସ୍ଥାନ ସମ୍ମିଳନୀରେ ଆଲୋଚନା କରାଯାଇଥିଲା ଓ ସରକାରଙ୍କର ଜବାବକୁ ପରିଚ୍ଛେଦର ପ୍ରକୃଷ୍ଟ ସ୍ଥାନରେ ଅନ୍ତର୍ଭୁକ୍ତ କରାଯାଇଅଛି ।

[1] ବାମରା, ଧନକଉଡ଼ା, ଜମନକିରା, ନାକଟିଦେଉଳ, ରେଙ୍ଗାଲି

### 3.1.6 ଆନୁଷ୍ଠାନିକ ଢାଞ୍ଚା ଏବଂ ସେମାନଙ୍କର କାର୍ଯ୍ୟକାରିତା

ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ଉତ୍ତମ ସରକାରୀ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାରେ ବିଭିନ୍ନ ସଂସ୍ଥା ତଥା କମିଟି ଗଠନ କରାଯାଇଥିଲା ଏବଂ ଜିଲ୍ଲାପାଳ ଏହାର ଅକ୍ଷ୍ୟକ୍ଷ କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ । ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା, ପର୍ଯ୍ୟାଲୋଚନା, କାର୍ଯ୍ୟନିର୍ବାହ ତଥା ମୂଲ୍ୟାୟନ ପାଇଁ ଏହି କମିଟି/ ସଂସ୍ଥାଗୁଡ଼ିକ ଦାୟୀ ଥିଲେ ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା :

- ***ସର୍ବଶିକ୍ଷା ଅଭିଯାନ (ଏସ୍ଏସ୍ଏ) ଅଧିନରେ ଜିଲ୍ଲା ସ୍ତରୀୟ ପର୍ଯ୍ୟାଲୋଚନା କମିଟି :*** ଏସ୍ଏସ୍ଏର ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳମାନଙ୍କୁ ଆବାହକ ସଦସ୍ୟ ରଖି ଏକ ଜିଲ୍ଲା ସ୍ତରୀୟ ପର୍ଯ୍ୟାଲୋଚନା କମିଟି ଗଠନ କରାଯାଇଥିଲା । ଧାର୍ଯ୍ୟ ଲକ୍ଷ୍ୟ ହାସଲ ଏବଂ ଫଳାଫଳ ସୂଚକ ଯଥା ଛାତ୍ରଛାତ୍ରୀମାନଙ୍କର ନାମଲେଖା, ସ୍କୁଲ ବାହାରେ ଥିବା ପିଲା, ଶିକ୍ଷା ହାସଲ ଇତ୍ୟାଦି ଆଧାରରେ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନର ପ୍ରଗତି ବାବଦରେ କମିଟି ଅବଗତ ରହିବା ଉଚିତ୍ । ଯଦିଓ ଏହି କମିଟି ପ୍ରତି ତିନି ମାସରେ ଥରେ ବୈଠକ କରିବା କଥା, କିନ୍ତୁ ଗଠନ ହେବା ଦିନଠାରୁ କୌଣସି ବୈଠକ ହୋଇନଥିଲା (ସେପ୍ଟେମ୍ବର 2009) ।

- ***ଜିଲ୍ଲା ସ୍ୱାସ୍ଥ୍ୟ ସମିତି (ଜେଡ୍ଏସ୍ଏସ୍)/ରୋଗୀ କଲ୍ୟାଣ ସମିତି (ଆର୍କେଏସ୍):*** ଜିଲ୍ଲାରେ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଯୋଜନାର କାର୍ଯ୍ୟାନ୍ୱୟନରେ ସହାୟତା କରିବା ପାଇଁ ଜିଲ୍ଲାପାଳଙ୍କୁ ପରିଚାଳନା ନିକାୟର ସହ-ଅଧକ୍ଷ ରଖି ଜିଲ୍ଲା ସ୍ତରରେ ଜେଡ୍ଏସ୍ଏସ୍ ଗଠନ କରାଯାଇଥିଲା । ସୁବିଧା ଓ ସ୍ୱାସ୍ଥ୍ୟ ପାଇଁ ସର୍ବନିମ୍ନ ମାନର ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ଆରକେଏସର ଅଧକ୍ଷ ଭାବେ ଜିଲ୍ଲାପାଳ ଦାୟୀ ଅଟନ୍ତି ।

  2009-14 ମଧ୍ୟରେ ଜେଡ୍ଏସ୍ଏସ୍ର 10ଟି ବୈଠକ ହେବା ସ୍ଥଳେ କେବଳ ତିନିଟି ବୈଠକ କରାଯାଇଥିଲା । ସେହିପରି 2009-14 ମଧ୍ୟରେ ଆରକେଏସ୍ର 20ଟି ବୈଠକ ହେବା ସ୍ଥଳେ କେବଳ ଛଅଟି ବୈଠକ କରାଯାଇଥିଲା । ଯାହାହେଉ, ଏଥିରେ ବର୍ଜ୍ୟବସ୍ତୁ ନିଷ୍କାସନ, ଡାକ୍ତରମାନଙ୍କ ସୁବିଧା, ଯନ୍ତ୍ରପାତି ପରିଚାଳନା, ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା, କିନ୍ତୁ ଯୋଜନାର କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା କରାଯାଇ ନଥିଲା ।

  ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସଦସ୍ୟମାନଙ୍କ ନିଯୁକ୍ତିରେ ଅସୁବିଧା ଯୋଗୁଁ କମ୍ ବୈଠକ ପରିଚାଳନା କରାଯାଇଥିଲା ।

- ***ଜିଲ୍ଲା ଜଳ ଓ ପରିମଳ କମିଟି (ଡିଡବ୍ଲ୍ୟୁଏସ୍ସି) :*** ଜିଲ୍ଲାରେ ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଓ ପରିମଳ ଅଭିଯାନର କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅଗଷ୍ଟ 2003 ରେ ଡିଡବ୍ଲ୍ୟୁଏସ୍ସି ଗଠନ କରାଯାଇଥିଲା । ସମୀକ୍ଷା ଅବଲୋକନ କଲା ଯେ 2009-14 ମଧ୍ୟରେ 10ଟି ସାଧାରଣ ବୈଠକ ହେବାକୁ ଥିବା ସ୍ଥଳେ ଦୁଇଟି ବୈଠକ କରାଯାଇ ଥିଲା ।

- ***ଜିଲ୍ଲା ସ୍ତରୀୟ ପର୍ଯ୍ୟାଲୋଚନା ଓ ପୁନର୍ବିଲୋକନ କମିଟି (ଡିଏଲ୍ଏମ୍ଆର୍ସି):*** ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ପ୍ରଗତି ଓ ଅନ୍ୟ ବିଭାଗ/ କାର୍ଯ୍ୟକ୍ରମ ସହିତ ସମନ୍ୱୟ ରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଡିଏଲ୍ଏମ୍ଆର୍ସି ଗଠନ କରାଯାଇଥିଲା (ମାର୍ଚ୍ଚ 2012) । ଯାହାହେଉ କାର୍ଯ୍ୟକ୍ରମଗୁଡ଼ିକର ପୁନର୍ବିଲୋକନ ପାଇଁ କୌଣସି ବୈଠକ କରାଯାଇ ନଥିଲା ।

- ***କୃଷି ବୈଷୟିକ ପରିଚାଳନା ସଂସ୍ଥା (ଏଟିଏମ୍ଏ) :*** ଜିଲ୍ଲାପାଳ ଏଟିଏମ୍ଏର ପରିଚାଳନା ନିକାୟର ଅଧକ୍ଷ ଅଟନ୍ତି ଯିଏକି ନୀତି ନିର୍ଦ୍ଧାରଣ କରେ ଏବଂ ଏଟିଏମ୍ଏର ପ୍ରଗତି ଏବଂ କାର୍ଯ୍ୟକଳାପର ସମୀକ୍ଷା କରିଥାଏ । ସମୀକ୍ଷା ପରିଲକ୍ଷିତ କଲା ଯେ 2009-14 ଅବଧି ମଧ୍ୟରେ 20ଟି ପରିଚାଳନା ନିକାୟ ବୈଠକ ହେବାକୁ ଥିବା ସ୍ଥଳେ ମାତ୍ର ଆଠଟି ବୈଠକ ହୋଇଥିଲା ।

- ***ଜିଲ୍ଲାସ୍ତରୀୟ ବୈଦ୍ୟୁତିକ କମିଟି (ଡିଇସି):*** ରାଜୀବ ଗାନ୍ଧି ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା (ଆରଜିଜିଭିଓ୍ୱାଇ) ଏବଂ ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା (ବିଜିଜେଓ୍ୱାଇ) ଅଧିନରେ ଜିଲ୍ଲାରେ ବିଦ୍ୟୁତିକରଣର ତଦାରଖ ଡିଇସି କରିବେ ଏବଂ ଜିଲ୍ଲାପାଳ ଡିଇସିର ଅଧକ୍ଷ ରହିବେ । 2007 ରେ ଡିଇସି ଗଠିତ ହେଲା ପରେ 2009-14 ମଧରେ ଆବଶ୍ୟକ ଥିବା 20ଟି ବୈଠକରୁ ମାତ୍ର ନଅଟି ବୈଠକ କରିଥିଲେ ।

- ***ଜିଲ୍ଲା ସ୍ତରୀୟ ଦୁର୍ନୀତିନିବାରଣ ଏବଂ ପର୍ଯ୍ୟାଲୋଚନା କମିଟି (ଡିଏଲ୍‌ଭିଏମ୍‌ସି) :*** ଗ୍ରାମ୍ୟ ନିଯୁକ୍ତି ସମେତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ସମସ୍ତ ଯୋଜନାର ଫଳପ୍ରଦ କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନା ପାଇଁ ଜିଲ୍ଲାସ୍ତରରେ ଡିଏଲଭିଏମ୍‌ସି ଗଠିତ ହେବାର ଥିଲା । ଜିଲ୍ଲାପାଳ କମିଟିର ସଦସ୍ୟ ସଚିବ ଅଟନ୍ତି । 2009-14 ମଧରେ 20ଟି ବୈଠକ ଅନୁଷ୍ଠିତ ହେବାକୁ ଥିବା ସ୍ଥଳେ ମାତ୍ର ଛଅଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର କାର୍ଯ୍ୟ ବିବରଣୀ ସଂପୃକ୍ତ କାର୍ଯ୍ୟ ବିଶେଷଜ୍ଞଙ୍କୁ ପଠାଇବାରେ ଛଅ ମାସ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ଅଧକ୍ଷଙ୍କ ଦ୍ୱାରା ବୈଠକର ତାରିଖ ନିର୍ଦ୍ଧାରିତ ହୋଇ ନଥିବାରୁ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା ବୈଠକ ଆବାହନ ନହେବା ଯୋଗୁଁ ତ୍ରୈମାସିକ ବୈଠକଗୁଡ଼ିକ ହୋଇପାରି ନଥିଲା ।

ସମୀକ୍ଷା ପରିଲକ୍ଷିତ କଲା ଯେ ଯେହେତୁ କମିଟିର ପର୍ଯ୍ୟାପ୍ତ ବୈଠକ ଅନୁଷ୍ଠିତ ହୋଇନଥିଲା ତେଣୁ ବିଭିନ୍ନ ଲକ୍ଷ୍ୟ ହାସଲ ନହେବା ପାଇଁ ପର୍ଯ୍ୟାଲୋଚନାର ଅଭାବ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ଯାହା ପରବର୍ତ୍ତି ଅନୁଚ୍ଛେଦଗୁଡିକରେ ଆଲୋଚନା କରାଗଲା ।

## 3.1.7 ଯୋଜନା

### *3.1.7.1 ପରିପ୍ରେକ୍ଷଣ ଯୋଜନା 2008-13 ଏବଂ ବାର୍ଷିକ ଯୋଜନା*

ଜିଲ୍ଲା ପରିପ୍ରେକ୍ଷଣ ଯୋଜନା 2008-13 ପ୍ରସ୍ତୁତ କରିଥିଲା ଯାହାକି ଜିଲ୍ଲା ଯୋଜନା କମିଟି (ଡିପିସି)[2] ଦ୍ୱାରା ଅନୁମୋଦିତ ହୋଇଥିଲା (ସେପ୍ଟେମ୍ବର 2008) । ପରିପ୍ରେକ୍ଷଣ ଯୋଜାନା ସାଙ୍କେତିକ ପର୍ଯ୍ୟାଲୋଚନା ଆକାରରେ ବିଭିନ୍ନ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଯଥା (i) 2008ରେ ଥିବା ସମୁଦାୟ ଲୋକସଂଖ୍ୟାର 40 ପ୍ରତିଶତ ଦାରିଦ୍ର୍ୟକୁ 25 ପ୍ରତିଶତକୁ କମାଇବା ଏବଂ କ୍ଷୁଧା ନିବାରଣ କରିବା (ii) ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସନ୍ତୁଳିତ ଓ ପରିପୂରକ ବୃଦ୍ଧି, (iii) ମାନବ ବିକାଶ ସୂଚନା 0.63 କୁ ବୃଦ୍ଧି ଏବଂ (iv) ଆଞ୍ଚଳିକ (ବ୍ଲକ ଏବଂ ପଞ୍ଚାୟତ) ଏବଂ ସାମାଜିକ ଅର୍ଥନୈତିକ ବର୍ଗଙ୍କ ତାରତମ୍ୟକୁ କମାଇବା ଏବଂ ଲିଙ୍ଗଗତ ସମାନତା ସୁନିଶ୍ଚିତ ଏବଂ ପ୍ରତିପୋଷଣ କରିବା । ଏହିସବୁ ଲକ୍ଷ୍ୟ ଗୁଡିକୁ 2013 ସୁଦ୍ଧା ହାସଲ କରିବା ପାଇଁ ଆବଶ୍ୟକ ପାଣ୍ଠି 2,309.76 କୋଟି ଟଙ୍କା ଅଟକଳ କରାଯାଇ ଥିବାବେଳେ 1,550.62 କୋଟି ଟଙ୍କା ଉପଲବ୍ଧ ଥିଲା ଏବଂ 759.14 କୋଟି ଟଙ୍କା କମ୍ ଥିବା ଚିହ୍ନଟ୍ କରାଯାଇଥିଲା । ଜିଲ୍ଲା ପରିପ୍ରେକ୍ଷଣ ଯୋଜନା ଗ୍ରାମୀଣ ଉନ୍ନତି ଏବଂ ସାମାଜିକ ସେବା କୁ ତାର ଲକ୍ଷ୍ୟ ହାସଲପାଇଁ ଅଗ୍ରାଧିକାର ଦେଇଥିଲା । ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ଯଦିଓ ଜିଲ୍ଲା ପରିପ୍ରେକ୍ଷଣ ଯୋଜନା 2008-13 ବର୍ଷ ପାଇଁ ପ୍ରସ୍ତୁତ କରାଯାଇଥିଲା ତାହା ସେପ୍ଟେମ୍ବର 2014 ପର୍ଯ୍ୟନ୍ତ 2013-18 ପାଇଁ ପ୍ରସ୍ତୁତ କରାଯାଇନଥିଲା ।

- ଜିଲ୍ଲା ବାର୍ଷକ ଯୋଜନା (ଡିଏପି) ଗୁଡିକ ନିମ୍ନ ସ୍ତରରୁ ହୋଇନଥିଲା ଯେହେତୁ ଗ୍ରାମପଞ୍ଚାୟତ ଏବଂ ପଲ୍ଲୀ ସଭାଗୁଡିକର ପରାମର୍ଶ ନିଆଯାଇନଥିଲା । ଯାହାହେଉ ଏକ ବୈଷୟିକ ସହାୟତା ଅନୁଷ୍ଠାନ (ଟିଏସଆଇ) ଯାହା ଜିଲ୍ଲା ଯୋଜନା ଏବଂ ପର୍ଯ୍ୟାଲୋଚନା ୟୁନିଟ (ଡିପିଏମ୍‌ୟୁ) ମାଧ୍ୟମରେ ଜିଲ୍ଲା ସ୍ତରୀୟ ଅଫିସମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ତଥ୍ୟ ଆଧାରରେ ଡିଏପି ପ୍ରସ୍ତୁତ ହୋଇଥିଲା ଯାହାକି 2009-14 ମଧ୍ୟରେ ଅକାମୀ ହୋଇ ପଡିରହିଥିଲା । ଡିପିଏମ୍‌ୟୁ ପାଇଁ ମଞ୍ଜୁରି ପ୍ରାପ୍ତ ହୋଇଥିବା ବିଭିନ୍ନ

2 ଡିପିସି 20 ଜଣ ସଦସ୍ୟଙ୍କୁ ନେଇ ଗଠିତ ଯଥା-ଜିଲ୍ଲା ପରିଷଦରୁ 11 ଜଣ ସଦସ୍ୟ, ୟୁଏଲ୍‌ବିରୁ ପାଞ୍ଚ ଜଣ ସଦସ୍ୟ, ଜିଲ୍ଲା କଲେକ୍ଟର ସଚିବ ସଦସ୍ୟ ରୂପେ, ମନ୍ତ୍ରୀ ଅଧକ୍ଷ ରୂପେ ଏବଂ ଦୁଇଜଣ ମନୋନୀତ ସଦସ୍ୟ

ପଦବୀ[3] ସୃଷ୍ଟି ହେବା (ଜୁଲାଇ 2010) ଦିନ ଠାରୁ ଖାଲି ରହିଥିଲା, ଯାହାକି ଡିଏପି ପ୍ରସ୍ତୁତ କରିବା ପାଇଁ ଏବଂ ଏହାର ପର୍ଯ୍ୟାଲୋଚନା କରିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବକୁ ସୂଚଉଥିଲା ।

- 2009-10 ଏବଂ 2013-14 ବର୍ଷ ପାଇଁ ଡିଏପି ଗୁଡିକ ଠିକ୍ ସମୟରେ ପ୍ରସ୍ତୁତ ହୋଇଥିଲା କିନ୍ତୁ ସେଗୁଡିକ ସାତରୁ ନଅ ମାସ ବିଳମ୍ବରେ ଡିପିସିଙ୍କ ଅନୁମୋଦନ ଲାଭ କରିଥିଲା । ସମନ୍ୱିତ ଜିଲ୍ଲା ଯୋଜନା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶୀକା ଅନୁଯାୟୀ ଆର୍ଥିକ ବର୍ଷ ଆରମ୍ଭ ହେବା ପୂର୍ବରୁ ଡିପିସି ବୈଠକ କରାଯିବା କଥା କିନ୍ତୁ ତାହା ଠିକ୍ ସମୟରେ କରାଯାଇନଥିଲା । ଯାହା ଫଳରେ ଡିଏପି ଗୁଡିକ ଠିକ୍ ସମୟରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇ ପାରିନଥିଲା ।
- ପରିପ୍ରେକ୍ଷଣ ଯୋଜନା 2008-13 ରେ ଥିବା ଲକ୍ଷ୍ୟକୁ ହାସଲ କରିବା ପାଇଁ  ବାର୍ଷିକ ପରିଣାମ ଭିତ୍ତିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇନଥିଲା ।
- ସାଧାରଣ ସେବା କ୍ଷେତ୍ରକୁ ଡିଏପି (2008-09 ରୁ 2011-12) ରେ ଅନ୍ତର୍ଭୁକ୍ତ କରାଯାଇନଥିଲା । ଯଦିଓ ତାହା ପରିପ୍ରେକ୍ଷଣ ଯୋଜନାରେ  5.68 କୋଟି ଟଙ୍କା ଅଟକଳର ଏକ ଅଂଶ  ଅଟେ ।

ଯୋଜନା ଓ ସମନ୍ୱୟ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଡିପିଏମୟୁ ଅଗଷ୍ଟ 2014 ଠାରୁ କାର୍ଯ୍ୟ ଆରମ୍ଭ କରିଥିଲା  ଏବଂ ବିଶ୍ୱାସ ଯୋଗ୍ୟ ତଥ୍ୟ ସଂଗ୍ରହ କରିବା ଏବଂ ଚିଠା ଯୋଜନା ପ୍ରସ୍ତୁତ କରିବା ଡିପିଏମୟୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ହୋଇଥିଲା ।

### 3.1.8 ଶିକ୍ଷା (ସର୍ବଶିକ୍ଷା ଅଭିଯାନ)

ଭାରତ ସରକାରଙ୍କ ନେତୃତ୍ୱରେ ପ୍ରାଥମିକ ଶିକ୍ଷାକୁ ବ୍ୟାପକ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ (ଏସ୍ଏସ୍ଏ) ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଡିପିସି) ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଙ୍କ ମାଧମରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଥିଲା । ପିଲାମାନଙ୍କର ଉପସ୍ଥାନରେ ବୃଦ୍ଧି ଏବଂ ବିଦ୍ୟାଳୟରେ ରହିବା ନିମନ୍ତେ ଏହିସବୁ ବିଦ୍ୟାଳୟ ଗୁଡ଼ିକରେ ମଧାହ୍ନ ଭୋଜନ ଯୋଗାଇ ଦିଆଯାଇଥିଲା, ଯାହାକି ଅନ୍ୟ ଏକ ପ୍ରମୁଖ କାର୍ଯ୍ୟକ୍ରମ ମଧାହ୍ନ ଭୋଜନ (ଏମ୍ଡିଏମ୍) ନାମରେ ପରିଚିତ ଥିଲା ।

ଜିଲ୍ଲାକୁ 2009-14 ବର୍ଷ ମଧରେ ସର୍ବଶିକ୍ଷା ଅଭିଯାନ (232.44 କୋଟି ଟଙ୍କା) ଏବଂ ମଧାହ୍ନ ଭୋଜନ (119.31 କୋଟି ଟଙ୍କା) ପାଇଁ 351.75 କୋଟି ଟଙ୍କା ପ୍ରଦାନ କରାଯାଇଥିଲା  ଯେଉଁଥିରୁ କି 225.27[4] କୋଟି ଟଙ୍କା (64 ପ୍ରତିଶତ) ବିନିଯୋଗ ହୋଇଥିଲା । 2011 ଜନଗଣନା ଅନୁଯାୟୀ  ଜିଲ୍ଲା ସର୍ବୋପରି ସାକ୍ଷରତା ହାର (76.91 ପ୍ରତିଶତ) ହାସଲ କରିପାରିଥିଲା, କିନ୍ତୁ ମହିଳା ସାକ୍ଷରତା ହାର 70 ପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟଥିଲାବେଳେ 68.47 ପ୍ରତିଶତ ରହିଥିଲା ।

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ (ଓପେପା), ଡିପିସି, ଡିଇଓ ଏବଂ 42ଟି ପ୍ରାଥମିକ/ ଉଚ୍ଚ ପ୍ରାଥମିକ/ ଉଚ୍ଚ ବିଦ୍ୟାଳୟର ନଥିପତ୍ରକୁ ଯାଞ୍ଚ୍ କରି ସମୀକ୍ଷା ଜାଣିବାକୁ ପାଇଥିଲା ଯେ, ଜିଲ୍ଲାରେ ବିଦ୍ୟାଳୟକୁ ଆସୁ ନଥିବା ପିଲାଙ୍କ ହାର 2009-10 ରେ 2.46 ପ୍ରତିଶତ ରୁ 2013-14 ରେ 0.03 ପ୍ରତିଶତକୁ କମିଯାଇଥିଲା ।

ସମୀକ୍ଷା ନିମ୍ନଲିଖିତ ଅଭାବ ଗୁଡ଼ିକୁ ପରିଲକ୍ଷିତ କରିଥିଲା:

#### *3.1.8.1 ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମିର ଅଭାବ*

ସର୍ବଶିକ୍ଷା ଅଭିଯାନ ନିୟମ ପୁସ୍ତିକାର ଅନୁଚ୍ଛେଦ 15.4 ର ବ୍ୟବସ୍ଥା ଅନୁଯାୟୀ ବିଦ୍ୟାଳୟରେ ପାଠପଢାରେ ଆନନ୍ଦଦାୟକ ପରବେଶ ସୃଷ୍ଟି କରିବା ପାଇଁ ଉପଯୁକ୍ତ ଭିତ୍ତିଭୂମିର ଆବଶ୍ୟକତା ରହିଛି । 2009-14 ମଧରେ

[3] ଜିଲ୍ଲା ଯୋଜନାର ପ୍ରସ୍ତୁତି, ନବୀକରଣ, ତଥ୍ୟ ସଂଗ୍ରହ, ବିଶ୍ଲେଷଣ ଏବଂ ପର୍ଯ୍ୟାଲୋଚନା ପାଇଁ ଅର୍ଥନୀତିଜ୍ଞ, ଜୀବିକା ନିର୍ବାହ ବିଷେଷଜ୍ଞ, ସହର ଯୋଜନା ବିଷେଷଜ୍ଞ, ଆଞ୍ଚଳିକ ଯୋଜନା ବିଷେଷଜ୍ଞ, ଭୌଗୋଳିକ ସୂଚନା ପଦ୍ଧତି ବିଶେଷଜ୍ଞ, ହିସାବ ଅଧିକାରୀ ଇତ୍ୟାଦି

[4] ଏସଏସ୍ଏ : 131.90 କୋଟି ଟଙ୍କା ; ଏମ୍ଡିଏମ୍:  93.37 କୋଟି ଟଙ୍କା

ବିଦ୍ୟାଳୟର ଭିତ୍ତିଭୂମି ଏବଂ ରକ୍ଷଣାବେକ୍ଷଣ ପାଇଁ 12.41 କୋଟି[5] ଟଙ୍କା ବିନିଯୋଗ ହୋଇଥିବା ସତ୍ତ୍ୱେ ବିଦ୍ୟାଳୟଗୁଡ଼ିକରେ ମୌଳିକ ସୁବିଧା ସୁଯୋଗ ଉପଲବ୍ଧ ହୋଇ ନଥିଲା, ଯାହାର ସବିଶେଷ ବିବରଣୀ ନିମ୍ନ ସାରଣୀରେ ଦର୍ଶାଗଲା:

***ସାରଣୀ 3.1.2: ସ୍ୱଳ୍ପ ମୌଳିକ ସୁବିଧା ହାସଲ ହୋଇଥିବା ବିଦ୍ୟାଳୟର ବିବରଣ***

| ମୌଳିକ ସୁବିଧା | ଜିଲ୍ଲାର 1,482ଟି ବିଦ୍ୟାଳୟ ମଧ୍ୟରୁ ପର୍ଯ୍ୟାପ୍ତ ଭିତ୍ତିଭୂମି ନଥିବା ବିଦ୍ୟାଳୟର ସଂଖ୍ୟା | ପ୍ରତିଶତ |
|---|---|---|
| ଶୌଚାଳୟ ନଥିବା ବିଦ୍ୟାଳୟ | 327 | 22 |
| ବାଳିକା ଶୌଚାଳୟ ନଥିବା ବିଦ୍ୟାଳୟ | 188 | 13 |
| ପାନୀୟ ଜଳ ସୁବିଧା ନଥିବା ବିଦ୍ୟାଳୟ | 14 | 1 |
| ବିଦ୍ୟୁତ୍ ନଥିବା ବିଦ୍ୟାଳୟ | 1112 | 75 |
| ଖେଳପଡ଼ିଆ ନଥିବା ବିଦ୍ୟାଳୟ | 1108 | 75 |
| ପାଚେରୀ ନଥିବା ବିଦ୍ୟାଳୟ | 240 | 16 |
| ରୋଷେଇ ଗୃହ ନଥିବା ବିଦ୍ୟାଳୟ | 618 | 42 |
| କୋଠାଘର ନଥିବା ଏବଂ କଚ୍ଚା ଗୃହରେ ଚାଲୁଥିବା ବିଦ୍ୟାଳୟ | 75 | 5 |
| ଗୋଟିଏ ଶ୍ରେଣୀ ଗୃହ ଥିବା ବିଦ୍ୟାଳୟ | 46 | 3 |

**(*ଉତ୍ସ: ଡିପିସିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ*)**

ଭିତ୍ତିଭୂମି ଅଭାବର ମୁଖ୍ୟ କାରଣ ହେଉଛି ନିର୍ମାଣ କାର୍ଯ୍ୟରେ ବିଳମ୍ବ। 2009-13 ବର୍ଷ ମଧ୍ୟରେ ଅତିରିକ୍ତ ଶ୍ରେଣୀ ଗୃହ, ବାଳିକା ଶୌଚାଳୟ, ପ୍ରଧାନଶିକ୍ଷକଙ୍କ ଗୃହ ଇତ୍ୟାଦି ଭଳି ସମୁଦାୟ 4,670ଟି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ 6.57 କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ 526 କାର୍ଯ୍ୟ[6] ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିଲା। ଉପରୋକ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟରୁ 103ଟି କାର୍ଯ୍ୟର ନଥିପତ୍ର ସମୀକ୍ଷା ଯାଞ୍ଚ କରିଥିଲା ଏବଂ ପରିଲକ୍ଷିତ କରିଥିଲା ଯେ ଏହି ଅସମ୍ପୂର୍ଣ୍ଣ କାର୍ଯ୍ୟର ମୁଖ୍ୟ କାରଣ ଗୁଡ଼ିକ ଥିଲା ବିଦ୍ୟାଳୟ ପରିଚାଳନା କମିଟିରେ ବିବାଦ (25), ପ୍ରଧାନ ଶିକ୍ଷକଙ୍କ ଅବହେଳା (73) ଏବଂ ପାଣ୍ଠିର ଅଭାବ (5)।

### ***3.1.8.2 ବିଦ୍ୟାର୍ଥୀ-ଶିକ୍ଷକ ଅନୁପାତ***

ସର୍ବ ଶିକ୍ଷା ଅଭିଯାନ ମାର୍ଗଦର୍ଶିକାର ଅନୁଚ୍ଛେଦ 1.9.10 ଅନୁସାରେ ପ୍ରାଥମିକ ବିଦ୍ୟାଳୟରେ ଅତି କମରେ ଦୁଇ ଜଣ ଶିକ୍ଷକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିନି ଜଣ ଶିକ୍ଷକ ରହିବା ଆବଶ୍ୟକ। ପୁନଶ୍ଚ ପିଲାମାନଙ୍କ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାରର ଅଧିନିୟମ ଅନୁଯାୟୀ ବିଦ୍ୟାର୍ଥୀ ଶିକ୍ଷକଙ୍କ ଅନୁପାତ 30:1 ହେବା ଆବଶ୍ୟକ।



*ଧାନକଉଡ଼ ବ୍ଲକର କୁମ୍ଭାରକଟା ପିଏସ୍‌ରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଗୋଟିଏ କୋଠରୀରେ ପଢୁଛନ୍ତି*

ଜିଲ୍ଲାର 1,482ଟି (ପ୍ରାଥମିକ: 889 ଏବଂ ଉଚ୍ଚ ପ୍ରାଥମିକ: 593) ବିଦ୍ୟାଳୟରେ 5,397 ଜଣ ଶିକ୍ଷକ ଥିଲେ। ସମୀକ୍ଷା ପରିଲକ୍ଷିତ କରିଥିଲା ଯେ 40ଟି ପ୍ରାଥମିକ ବିଦ୍ୟାଳୟ ଏବଂ ଚାରିଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଣେ ଲେଖାଏଁ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ନମୁନା ଯାଞ୍ଚ କରାଯାଇଥିବା 42[7]ଟି ବିଦ୍ୟାଳୟ ମଧ୍ୟରୁ ଗୋଟିଏ ପ୍ରାଥମିକ ବିଦ୍ୟାଳୟ[8]ରେ ଏବଂ

5 ସଂପୂର୍ଣ୍ଣ କାମ ପାଇଁ 5.84 କୋଟି ଟଙ୍କା ଏବଂ ଅସମ୍ପୂର୍ଣ୍ଣ କାମ ପାଇଁ 6.57 କୋଟି ଟଙ୍କା

6 2009-10:17, 2010-11:25, 2012-13: 57 ଏବଂ 2013-14: 427

7 24 ପ୍ରାଥମିକ, 16 ଉଚ୍ଚ ପ୍ରାଥମିକ ଏବଂ ଦୁଇଟି ଉଚ୍ଚ ବିଦ୍ୟାଳୟ

8 କୁମ୍ଭାରକଟା ପଞ୍ଚାୟତ ସମିତି, ଧାନକଉଡା ବ୍ଲକ

ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ[9]ରେ ଯଥାକ୍ରମେ ପାଞ୍ଚଟି ଓ ଦୁଇଟି ଶ୍ରେଣୀ ନିମନ୍ତେ କେବଳ ଜଣେ ଲେଖାଏଁ ଶିକ୍ଷକ ରହିଥିଲେ ।

ସମୀକ୍ଷା ଆହୁରି ମଧ୍ୟ ଲକ୍ଷ୍ୟ କରିଥିଲା ଯେ, ସରକାରଙ୍କ ଅନୁଦେଶ (ମଇ 2012) ସତ୍ତ୍ୱେ ଧୁଙ୍କଛାଲି ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ମୋଟ ପାଞ୍ଚ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ତିନି ଜଣ ଶିକ୍ଷକ ରହିଥିବା ବେଳେ ପାଣ୍ଡିଆପାଲି ପ୍ରାଥମିକ ବିଦ୍ୟାଳୟରେ 72 ଜଣ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ଦୁଇଜଣ ଶିକ୍ଷକ ନିଯୁକ୍ତି ହୋଇଥିଲେ, ଯାହାକି ଶିକ୍ଷକମାନଙ୍କ ନିଯୁକ୍ତିକୁ ସୁବ୍ୟବସ୍ଥିତ କରିବାକୁ ଇଙ୍ଗିତ କରୁଥିଲା ।

### 3.1.8.3 ବିଷୟଭିତ୍ତିକ ଶିକ୍ଷକ ନ ଥିବା

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ 2009-14 ବର୍ଷ ମଧ୍ୟରେ ଖୋଲାଯାଇଥିବା ସାତଟି ନୂଆ ବିଦ୍ୟାଳୟ ମଧ୍ୟରୁ ଚାରିଟି ବିଦ୍ୟାଳୟରେ ବିଜ୍ଞାନ ଏବଂ ଗଣିତ ବିଷୟରେ ଶିକ୍ଷକ ନିଯୁକ୍ତ ହୋଇନଥିଲେ ।

### 3.1.8.4 ଅପର୍ଯ୍ୟାପ୍ତ ନିରୀକ୍ଷଣ

ପ୍ରାଥମିକ ସ୍ତରରେ ବିଦ୍ୟାଳୟ ନିରୀକ୍ଷଣ କରିବା, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଡିପିସି, ଏସ୍ଏସ୍ଏ ଏବଂ ଗ୍ରାମ୍ୟ ଶିକ୍ଷା କମିଟି (ଭିଇସି) ଙ୍କର ମିଳିତ ଦାୟିତ୍ୱ ଅଟେ । ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ 42ଟି ନମୁନା ଯାଞ୍ଚ୍ କରାଯାଇଥିବା ବିଦ୍ୟାଳୟ ମଧ୍ୟରୁ 30ଟି (71 ପ୍ରତିଶତ) ବିଦ୍ୟାଳୟ 2009-14 ମଧ୍ୟରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ନିରୀକ୍ଷିତ ହୋଇନଥିଲା, ଯଦିଓ ସେହି ବିଦ୍ୟାଳୟମାନଙ୍କରେ ପୂର୍ବବର୍ତ୍ତୀ ଅନୁଚ୍ଛେଦରେ ଆଲୋଚିତ ଅଭାବଗୁଡ଼ିକ ରହିଥିଲା ।

## 3.1.9 ସ୍ୱାସ୍ଥ୍ୟ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ) ଉପ ପ୍ରଭାଗୀୟ ଚିକିତ୍ସାଳୟ (ଏସ୍ଡିଏଚ୍), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ସି), ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍ସି) ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ର (ଏସ୍ସି) ନେଟ୍ୱାର୍କ ଜରିଆରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଦାୟୀ ଅଟନ୍ତି ।

ସମୀକ୍ଷା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପାଞ୍ଚଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ 20ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡ଼ିକର ନଥିପତ୍ରର ନମୁନା ଯାଞ୍ଚ୍ କରିଥିଲା ଓ ନିମ୍ନ ବିଷୟଗୁଡ଼ିକ ପରିଲକ୍ଷିତ କରିଥିଲା:

- ***ଆବଶ୍ୟକ ପରିମାଣର ସ୍ୱାସ୍ଥ୍ୟ କେନ୍ଦ୍ରର ଅଭାବ:*** ଭାରତୀୟ ସାର୍ବଜନୀକ ସ୍ୱାସ୍ଥ୍ୟ ମାନକ (ଆଇପିଏଚଏସ୍) ରୀତି[10] ଅନୁସାରେ 10.44 ଲକ୍ଷ ଜନସଂଖ୍ୟା (2011 ଜନ ଗଣନା) ବିଶିଷ୍ଟ ଜିଲ୍ଲାରେ ନଅଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, 35ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ 209ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିବା ଉଚିତ୍ । ଏହା ତୁଳନାରେ ଫେବୃଆରୀ 2015 ସୁଦ୍ଧା ଉକ୍ତ ଜିଲ୍ଲାରେ 11ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, 31ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ 167ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର କାର୍ଯ୍ୟ କରୁଥିଲେ । ତେଣୁ ଚାରିଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (11 ପ୍ରତିଶତ) ଏବଂ 42ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର (20 ପ୍ରତିଶତ) ର ଅଭାବ ଥିଲା । ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାନଙ୍କ ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ମଫସଲ ଅଞ୍ଚଳରେ ଥିବା ତିନିଟି ଗ୍ରାମ (ଖୁଲାଗଡ଼, ବେତଝରଣ ଏବଂ ସଦୁବାହାଲି) ର ରୋଗୀମାନେ 20 ରୁ 30 କିଲୋ ମିଟର ଅତିକ୍ରମ କରି ନିକଟସ୍ଥ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିଲେ । ଯଦିଓ 27 ଜୁନ୍ 2014 ରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାନଙ୍କର ଅତିରିକ୍ତ ଆବଶ୍ୟକତା ଉପରେ ଜିଲ୍ଲା କମିଟି ସଭାରେ ଆଲୋଚନା

---

[9] ଗୁମକର୍ଣ୍ଣମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରେଙ୍ଗାଲି ବ୍ଲକ

[10] ପ୍ରତ୍ୟେକ 1,20,000 ଜନସଂଖ୍ୟା ପାଇଁ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରତ୍ୟେକ 30,000 ଜନ ସଂଖ୍ୟା ପାଇଁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର; ପ୍ରତ୍ୟେକ 5,000 ଜନ ସଂଖ୍ୟା ପାଇଁ ଗୋଟିଏ ସ୍ୱାସ୍ଥ୍ୟ ଉପକେନ୍ଦ୍ର ।

କରାଯାଇଥିଲା, ଲୋକମାନଙ୍କର ଆବଶ୍ୟକତାକୁ ପୁରା କରିବା ପାଇଁ ଅଧିକ ସଂଖ୍ୟାରେ ସ୍ୱାସ୍ଥ୍ୟ ଅନୁଷ୍ଠାନ ବୃଦ୍ଧି କରାଯାଇ ନଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ 48ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗଠନ ନିମିତ୍ତ ସରକାର ଓ ମିଶନ ନିର୍ଦ୍ଦେଶକ, ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ପ୍ରସ୍ତାବ ପ୍ରେରଣ କରାଯାଇଥିଲା ।

- ***ଡାକ୍ତର ଏବଂ ପାରା ମେଡିକାଲ କର୍ମଚାରୀଙ୍କ ଅଭାବ :*** ଆଇପିଏଚ୍ଏସ୍ ରୀତି ଅନୁଯାୟୀ 50 ଜଣ ଡାକ୍ତର, 135 ଜଣ ସେବୀକା ଓ 12ଟି ପରୀକ୍ଷାଗାର ପ୍ରଯୋଗବିତ୍ ଆବଶ୍ୟକ ଥିବା ସ୍ଥଳେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାର୍ଚ୍ଚ 2014 ସୁଦ୍ଧା 32 ଜଣ ଡାକ୍ତର, 25 ଜଣ ସେବୀକା ଏବଂ ନଅଟି ପରୀକ୍ଷାଗାର ପ୍ରଯୋଗବିତ୍ ଉପଲବ୍ଧ ଥିଲେ । ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଜିଲ୍ଲାର ଆବଶ୍ୟକ ହେଉଥିବା ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀଙ୍କ ସ୍ଥିତି ସମ୍ବନ୍ଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୌଣସି ପ୍ରସ୍ତାବ ଦାଖଲ କରିନଥିଲେ କିମ୍ବା ବିଭାଗ କୌଣସି ସମୀକ୍ଷା କରିନଥିଲେ ।

  ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଖାଲିଥିବା ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନିଆଯାଉଅଛି ।

- ***ଜିଲ୍ଲା ସଦର ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟାର ଅଭାବ:*** ଆଇପିଏଚଏସ୍ ରୀତି ଅନୁଯାୟୀ ଜିଲ୍ଲା ସଦର ଚିକିତ୍ସାଳୟରେ ଶଯ୍ୟା ଦଖଲ ହାର ଅତିକମରେ 80 ପ୍ରତିଶତ ରହିବା ଉଚିତ୍ । ଏହା ତୁଳନାରେ ସମ୍ବଲପୁର ଜିଲ୍ଲା ସଦର ଚିକିତ୍ସାଳୟର ଶଯ୍ୟା ଦଖଲ ହାର 2009-14 ମଧ୍ୟରେ 131 ରୁ 177 ପ୍ରତିଶତ ମଧ୍ୟରେ ଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଳିତ ସର୍‌ଜମିନ ତଦନ୍ତ (ସେପ୍ଟେମ୍ବର 2014) ରୁ ଜଣାଗଲା ଯେ ଶିଶୁ ବିଭାଗର କେତେକ ରୋଗୀ ବାରଣ୍ଡାରେ ଚିକିତ୍ସିତ ହେଉଥିଲେ ।

  ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ, ଉକ୍ତ ବିଷୟର ସମାଧାନ ପାଇଁ ପଦକ୍ଷେପ ନିଆଯାଉଅଛି ।

### *3.1.9.1 ମୌଳିକ ରୋଗ ନିର୍ଣ୍ଣାୟକ ସୁବିଧା ଏବଂ ସରଞ୍ଜାମର ଅଭାବ*

ରୋଗ ନିରୂପଣ ଓ ଚିକିତ୍ସା ପାଇଁ ନିଦାନିକ ବିଭାଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରୀକ୍ଷାଗାରରେ ଦିଆଯାଉଥିବା ସେବାର ମିଳିତ ସରଜମିନ୍ ତଦନ୍ତ (ସେପ୍ଟେମ୍ବର 2014)ରୁ ଜଣାଗଲା ଯେ ଆଇପିଏଚଏସ୍‌ର ରୀତି ଅନୁଯାୟୀ ଆବଶ୍ୟକ ରୋଗ ନିର୍ଣ୍ଣାୟକ ସୁବିଧା ଉପଲବ୍ଧ ନଥିଲା, ଯାହାକି ନିମ୍ନ ସାରଣୀରେ ଦର୍ଶାଗଲା ।

***ସାରଣୀ 3.1.3: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗ ନିଦାନ ସମ୍ବନ୍ଧୀୟ ସେବାର ଅଭାବ***

| କ୍ର.ସଂ | ବିଶେଷଜ୍ଞ | ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଳୁ ନଥିବା ସେବା |
|---|---|---|
| 1 | ନିଦାନିକ | ସମୁଦାୟ ଇଓସିନୋଫିଲ୍ ଗଣନା, ରେଟିକୁଲୋସାଇଟ୍ ଗଣନା, ସମୁଦାୟ ଆରବିସି ଗଣନା, ପ୍ରୋଥ୍ରୋମ୍ବିନ୍ ସମୟ, ପ୍ଲେଟ୍‌ଲେଟ୍ ଗଣନା, ପ୍ୟାକଡ ସେଲ୍ ଭଲ୍ୟୁମ୍, ବ୍ଲଡ୍ କ୍ରସ ମେଚିଙ୍ଗ୍, ଟିବି ପାଇଁ ଏଲିସା, ଅସ୍ଥି ମଜ୍ଜା ଆସ୍ପିରେସନ୍, ଥାଲାସେମିଆ ଏବଂ ସ୍ପୁଟମ୍ ସାଇଟୋଲୋଜି |
| 2 | ମଳ ବିଶ୍ଳେଷକ | କଲେରା ପାଇଁ ବୀଜାଣୁ ସମ୍ବନ୍ଧୀୟ କଲଚର ଏବଂ ସେନସିଟିଭିଟି ପାଇଁ ହ୍ୟାଙ୍ଗିଂ ଡ୍ରପ୍, |
| 3 | ହିଷ୍ଟୋ ପାଥୋଲୋଜି | ସମସ୍ତ ପ୍ରକାରର ସ୍ପେସିମେନ୍ ବାୟୋପ୍ସିସ |

***(ଉତ୍ସ: ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନଥିପତ୍ରରୁ ସମୀକ୍ଷା ଦ୍ୱାରା ସଂକଳିତ)***

ଅସ୍ତ୍ରୋପଚାର କକ୍ଷ (ଓଟି), ପ୍ରସୂତି କକ୍ଷର ମିଳିତ ସର୍‌ଜମିନ୍ ତଦନ୍ତ (ସେପ୍ଟେମ୍ବର 2014) ରୁ ଜଣାଗଲା ଯେ ଆଇପିଏଚଏସର ଆବଶ୍ୟକତା ଅନୁସାରେ ସରଞ୍ଜାମ ***(ପରିଶିଷ୍ଟ 3.1.1)*** ଉପଲବ୍ଧ ନଥିଲା । ପୁନଶ୍ଚ 2005-06 ମଧ୍ୟରେ 13.14 ଲକ୍ଷ ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯାଇଥିବା ଗୋଟିଏ ସିଷ୍ଟୋୟୁରୋଥ୍ରୋସ୍କୋପ ଏବଂ ଗୋଟିଏ

ଅଲଟ୍ରାସାଉଣ୍ଡ ସ୍କାନର (ଆନୁସଙ୍ଗିକ ଉପକରଣ ସହ) ଯଥାକ୍ରମେ 2005 ଏବଂ 2008 ରୁ ପରୀକ୍ଷାଗାର ପ୍ରୟୋଗବିତ୍‌ଙ୍କ ଅଭାବରୁ ନିଷ୍କ୍ରିୟ/ ଅକାମି ହୋଇ ପଡିରହିଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଉକ୍ତ ବିଷୟର ସମାଧାନ ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନିଆଯାଉଛି ।

### *3.1.9.2 ଗୁଣାତ୍ମକ ମାନ ନଥିବା ଔଷଧ ଯୋଗାଣ*

ରାଜ୍ୟ ଭେଷଜ ପରିଚାଳନା ୟୁନିଟ୍ (ଏସଡିଏମୟୁ) ଦ୍ୱାରା କ୍ରୟ କରାଯାଇଥିବା 14 ପ୍ରକାର ଅତ୍ୟାବଶ୍ୟକ ଔଷଧ ଗୁଡିକରେ ଗୁଣାତ୍ମକ ମାନ (ଏନଏସ୍‌କ୍ୟୁ) ନଥିଲା ଏବଂ ଏଗୁଡିକ କେନ୍ଦ୍ରୀୟ ଭଣ୍ଡାରରେ ପଡି ରହିଥିବାର ପରିଲକ୍ଷିତ ହୋଇଥିଲା । ଯୋଗାଣକାରୀ ଏନ୍‌ଏସ୍‌କ୍ୟୁ ଔଷଧକୁ ବଦଳାଇ ନଥିଲେ କିମ୍ବା ଭେଷଜ ପରିଚାଳନା ନୀତି ଅନୁସାରେ ଆବଶ୍ୟକ ଥିଲେ ମଧ୍ୟ ଚିକିତ୍ସା କର୍ତ୍ତୃପକ୍ଷ ଉକ୍ତ ଔଷଧକୁ ନଷ୍ଟ କରିନଥିଲେ । ପୁନଶ୍ଚ ଦେଖାଗଲା ଯେ ଔଷଧ ନୀତି ଅନୁଯାୟୀ ଆବଶ୍ୟକ ଥିବା 290ଟି ଅତ୍ୟାବଶ୍ୟକ ଔଷଧ ମଧ୍ୟରୁ ନମୁନା ଯାଞ୍ଚ କରାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକୁ 53 ରୁ 263ଟି ଔଷଧ ଯୋଗାଇଦିଆଯାଇଥିଲା । ଏହାଛଡା 14 ପ୍ରକାରର ଔଷଧର ଉପଯୋଗିତା ସମୟ ସମାପ୍ତି ହୋଇ ଯାଇଥିଲେ ମଧ୍ୟ ଏଗୁଡିକ 30 ସେପ୍ଟେମ୍ବର 2014 ସୁଦ୍ଧା ଭଣ୍ଡାରରେ ପଡି ରହିଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ କ୍ରୟ ରୀତି ଏବଂ ସମସ୍ତ ଔଷଧ ଗୁଡିକର ଉପଯୋଗ ସମାପ୍ତି ତାରିଖର ସଠିକ୍ ଭାବରେ ତଦାରଖ କରିବା ପାଇଁ ପଦକ୍ଷେପ ନିଆଯାଉଛି ଯାହା ଫଳରେ ଷ୍ଟକ୍ ବାହାର କରିବା ଏବଂ ଅତିରିକ୍ତ ମହଜୁଦ୍ କୁ ପରିହାର କରାଯାଇପାରିବ। ଗୁଣାତ୍ମକ ମାନକ ନଥିବା ଔଷଧ ସମ୍ବନ୍ଧରେ ବିଭାଗ ଦର୍ଶାଇଥିଲେ ଯେ 14 ପ୍ରକାରାର ଔଷଧ ରୁ ସାତ ପ୍ରକାର ଔଷଧକୁ ଯୋଗାଣକାରୀଙ୍କ ଦ୍ୱାରା ବଦଳା ଯାଇଅଛି ।

### *3.1.9.3 ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟାନ୍ୱୟନ*

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜିଲ୍ଲାରେ ନିମ୍ନୋକ୍ତ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗୁଡିକୁ କାର୍ଯ୍ୟାନ୍ୱୟନ କରିବାର ଥିଲା । ଏହି କାର୍ଯ୍ୟକ୍ରମ ଗୁଡିକର ଲକ୍ଷ୍ୟ ଓ ସଫଳତା ନିମ୍ନରେ ସୂଚିତ କରାଗଲା ।

- ***ଦୃଷ୍ଟିହୀନତା ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟକ୍ରମ*** : ଜିଲ୍ଲା ଦୃଷ୍ଟିହୀନତା ନିୟନ୍ତ୍ରଣ ସୋସାଇଟିର ନଥିପତ୍ର ରୁ ଦେଖାଗଲା ଯେ 2009-14 ମଧ୍ୟରେ 30,035ଟି ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଲକ୍ଷ୍ୟ ଧାର୍ଯ୍ୟ ଥିବା ସ୍ଥଳେ ମୁଖ୍ୟତଃ ନିୟୋଜିତ ହୋଇଥିବା ଏନଜିଓ ମାନଙ୍କ ଦ୍ୱାରା ଶିବିର କମ୍ ହେବା କିମ୍ବା ଆଦୌ ନ ହେବା ଯୋଗୁଁ ମାତ୍ର 18,811(63 ପ୍ରତିଶତ) ଜଣଙ୍କର ଅସ୍ତ୍ରୋପଚାର କରାଯାଇଥିଲା ।

  ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଅଧିକ ସ୍ୱାସ୍ଥ୍ୟ ଶିବିର କରିବା ପାଇଁ ଏନଜିଓମାନଙ୍କୁ ଅନୁରୋଧ କରାଯାଇଥିଲା ।

- ***ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ (ଏନ୍‌ଏଲ୍‌ଇପି)*** ଲକ୍ଷ୍ୟ ରଖିଥିଲା ଯେ 2005ରେ ପ୍ରଚଳିତ ହାର (ପିଆର୍) 10,000 ଲୋକସଂଖ୍ୟା ପିଛା 1.8 କୁ ପରବର୍ତ୍ତୀ ସମୟରେ କମାଇ 10,000 ଲୋକ ସଂଖ୍ୟା ପିଛା 1 ରୁ କମ୍ ରଖିବା । 2009-14 ମଧରେ ଏନ୍‌ଏଲ୍‌ଇପି ଅଧିନରେ 31.44 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ରାଜ୍ୟ ହାରାହାରି ହାର 2009-14 ମଧରେ 0.87 ରୁ 1.47 ତୁଳନାରେ ପ୍ରଚଳିତ ହାର 0.93 (2009-10) ଏବଂ 1.88 (2013-14) ରହିଥିଲା ଯାହାକି ଯଥେଷ୍ଟ ପରିମାଣରେ କାର୍ଯ୍ୟକ୍ରମ କରା ନଯିବାର ସୂଚନା ଦେଉଥିଲା । ପୁନଶ୍ଚ, ନୂଆ ମାମଲା ସନ୍ଧାନ ମଧ 2009-10 ରେ 16.98 ପ୍ରତିଶତରୁ 2013-14 ରେ 33.96 ପ୍ରତିଶତକୁ ବୃଦ୍ଧି ପାଇଥିଲା । କିନ୍ତୁ ଜିଲ୍ଲା ପ୍ରଶାସନ କୌଣସି କୁଷ୍ଠ ଚିକିତ୍ସାଳୟ ଖୋଲିବା ପାଇଁ କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୁଷ୍ଠରୋଗୀମାନଙ୍କର ଚିକିତ୍ସା କରିବା ପାଇଁ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଜିଲ୍ଲାଟି କୁଷ୍ଠ ପ୍ରବଣ ଅଞ୍ଚଳରେ ଆସୁଛି କିନ୍ତୁ ଲୁକ୍କାୟିତ ମାମଲା ସବୁ ଆଶା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ଜଡିତ କରିବାରୁ ବାହାରକୁ ଆସୁଅଛି ।

- ***ଜାତୀୟ ଏଡ୍ସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍ଏସିପି)*** ଏଚ୍ଆଇଭି ସଂକ୍ରମଣକୁ କମାଇବା ଉଦ୍ଦେଶ୍ୟରେ ସେପ୍ଟେମ୍ବର 1992 ରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । 2009 ରୁ 2014 ମଧ୍ୟରେ ପରୀକ୍ଷା କରାଯାଇଥିବା 22,741 ଜଣଙ୍କ ମଧ୍ୟରୁ 246 ଜଣ ଏଚ୍.ଆଇ.ଭି ସଂକ୍ରମିତ ଥିବା ଚିହ୍ନଟ ହୋଇଥିଲେ । ଯଦିଓ ଜିଲ୍ଲାରେ ସେରୋ ପଜିଟିଭ୍ ହାର ଉର୍ଦ୍ଧ୍ୱଗାମୀ ରହିଥିଲା, ଜିଲ୍ଲାରେ ଏହି ସମୟ ମଧ୍ୟରେ ଏଚ୍.ଆଇ.ଭି/ ଏଡ୍ସ୍ ଉପରେ କୌଣସି ପରିବାର ସ୍ୱାସ୍ଥ୍ୟ ସଚେତନତା ଶିବିରର ଆୟୋଜନ କରାଯାଇ ନଥିଲା ।

  ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଯଥେଷ୍ଟ ସଂଖ୍ୟାରେ ପରିବାର ସ୍ୱାସ୍ଥ୍ୟ ସଚେତନତା ଶିବିରର ଆୟୋଜନ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

### *3.1.9.4 ନିରୀକ୍ଷଣ*

2009-2014 ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ ନିର୍ଦ୍ଦେଶକଙ୍କ ଦ୍ୱାରା କୌଣସି ନିରୀକ୍ଷଣ କରାଯାଇନଥିବା ପରିଲକ୍ଷିତ ହୋଇଥିଲା । ପୁନଶ୍ଚ, ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜୁଲାଇ 2013 ରୁ ଫେବୃଆରୀ 2014 ମଧ୍ୟରେ ନିରୀକ୍ଷଣର ସୂଚୀ ପ୍ରସ୍ତୁତ କରିଥିଲେ । ପୁନଶ୍ଚ କୌଣସି ପରିଦର୍ଶନ କରାଯାଇ ନଥିଲା ଏବଂ ଅପ୍ରେଲ 2009 ଠାରୁ ଜୁନ୍ 2013 ପର୍ଯ୍ୟନ୍ତ ନିରୀକ୍ଷଣ ସୂଚୀ ପ୍ରସ୍ତୁତ କରିନଥିଲେ । 2009-2014 ମଧ୍ୟରେ ନିରୀକ୍ଷଣ ରିପୋର୍ଟ ସମୀକ୍ଷାକୁ ଉପଲବ୍ଧ ହୋଇ ପାରିନଥିଲା । ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ନିୟମିତ ନିରୀକ୍ଷଣ ହେଉ ନଥିବା ଯୋଗୁଁ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ପ୍ରଭାବିତ ହୋଇଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ବର୍ତ୍ତମାନର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିୟମିତ ଭାବରେ କ୍ଷେତ୍ର ନିରୀକ୍ଷଣରେ ଯାଉଛନ୍ତି । କିନ୍ତୁ ନିରୀକ୍ଷଣ ସମ୍ବନ୍ଧୀୟ କୌଣସି ନଥିପତ୍ର ଉପଲବ୍ଧ ହୋଇ ନଥିଲା ।

### 3.1.10 ଗୃହ ବ୍ୟବସ୍ଥା (ଇନ୍ଦିରା ଆବାସ ଯୋଜନା)

ଇନ୍ଦିରା ଆବାସ ଯୋଜନା (ଆଇଏୱାଇ) ଦରିଦ୍ର ଗ୍ରାମୀଣ ଲୋକଙ୍କୁ ଗୃହ ଯୋଗାଣ କ୍ଷେତ୍ରରେ ଏକ ମୁଖ୍ୟ ଯୋଜନା । ମୁଖ୍ୟତଃ ଅନୁସୂଚୀତ ଜାତି/ ଜନଜାତି, ଗୋଟି ଶ୍ରମିକ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସାଧାରଣଙ୍କୁ ବାସଗୃହ ନିର୍ମାଣ/ ଉନ୍ନତିକରଣ ପାଇଁ ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ କରିବା ହେଲା ଏହି ଯୋଜନାର ଉଦ୍ଦେଶ୍ୟ ।

- ***ଧାର୍ଯ୍ୟ ଲକ୍ଷ୍ୟ ଓ ଲକ୍ଷ୍ୟ ହାସଲ:*** 2009-14 ମଧ୍ୟରେ ଜିଲ୍ଲାରେ ସମୁଦାୟ 17,394ଟି ଗୃହ ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ 12,651ଟି ଗୃହ (73 ପ୍ରତିଶତ) ନିର୍ମାଣ ହୋଇଥିଲା ଏବଂ ପାଞ୍ଚୋଟି ନମୁନା ଯାଞ୍ଚ୍ ହୋଇଥିବା[11] ପଞ୍ଚାୟତ ସମିତିର 9,559ଟି ଗୃହ ମଧ୍ୟରୁ 4,371 (46 ପ୍ରତିଶତ)ଟି ଗୃହ ମାର୍ଚ୍ଚ 2014 ମଧ୍ୟରେ ସଂପୂର୍ଣ୍ଣ ହୋଇଥିବାର ଦେଖାଯାଇଥିଲା । ସେହିପରି ଜିଲ୍ଲାରେ 4,743ଟି ଏବଂ ନମୁନା ଯାଞ୍ଚ୍ ପଞ୍ଚାୟତ ସମିତିଗୁଡ଼ିକରେ 4,346ଟି ଗୃହ ମାର୍ଚ୍ଚ 2014 ସୁଦ୍ଧା କାର୍ଯ୍ୟାଧିନ ଥିଲା ।

- ***ଅସମ୍ପୂର୍ଣ୍ଣ ଗୃହ :*** ପାଞ୍ଚଟି ମନୋନୀତ ବ୍ଲକରେ 369ଟି ଆଇଏୱାଇ ଗୃହର 2009-12 ଅବଧିର ନଥିପତ୍ର ତନଖିରୁ ଜଣାଗଲା ଯେ 341ଟି ଗୃହ ବିହିତ ଅବଧି ଦୁଇବର୍ଷ ମଧ୍ୟରେ 93.69 ଲକ୍ଷ ଟଙ୍କା ଖର୍ଚ୍ଚ ହେଲା ପରେ ମଧ ଅସମ୍ପୂର୍ଣ୍ଣ ଥିଲା ଏବଂ ଶ୍ରମିକ ତଥା କଞ୍ଚାମାଲର ମୂଲ୍ୟ ବୃଦ୍ଧି ଯୋଗୁଁ ମଞ୍ଜୁର ହୋଇଥିବା ଅର୍ଥରେ ଏହି ଗୃହଗୁଡ଼ିକ ସମ୍ପୂର୍ଣ୍ଣ ହେବାର ସମ୍ଭାବନା କମ୍ ଥିଲା । ପୁନଶ୍ଚ, ଜିଲ୍ଲା କର୍ତ୍ତୃପକ୍ଷ

[11] ବାମରା, ଧନକଉଡ଼ା, ଜମନକିରା, ନାକଟିଦେଉଳ, ରେଙ୍ଗାଲି

ଭେଦାତ୍ମକ ସୁଧହାର ଯୋଜନାରେ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ କାର୍ଯ୍ୟ ବାବଦକୁ କରଜ ଦେବା ପାଇଁ ମଧ୍ୟ କୌଣସି ପଦକ୍ଷେପ ନେଇ ନଥିଲେ ।

- ***ଆରମ୍ଭ ହୋଇନଥିବା ଆଇଏୱାଇ ଗୃହ:*** 20ଟି ନମୁନା ଗ୍ରାମ ପଞ୍ଚାୟତର 2009-13 ଅବଧି ମଧ୍ୟରେ 958ଟି ନଥିର ଯାଞ୍ଚରୁ ଜଣାଗଲା ଯେ ହିତାଧିକାରୀମାନଙ୍କୁ 34.28 ଲକ୍ଷ ଟଙ୍କା ଦିଆଯିବାପରେ ମଧ୍ୟ 258ଟି ଆଇଏୱାଇ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନଥିଲା । ହିତାଧିକାରୀମାନଙ୍କ ଦ୍ଵାରା ପୂର୍ତ୍ତ କାର୍ଯ୍ୟ ପାଇଁ ପ୍ରାରମ୍ଭିକ ପୁଞ୍ଜି ବିନିଯୋଗ ନିମନ୍ତେ ଅସାମର୍ଥ୍ୟ ଏବଂ କ୍ଷେତ୍ର ଅଧିକାରୀମାନଙ୍କ ଦ୍ଵାରା ପ୍ରେରଣା ଏବଂ ପର୍ଯ୍ୟାଲୋଚନାର ଅଭାବ ଯୋଗୁଁ ଗୃହ ନିର୍ମାଣ ଆରମ୍ଭ ନହେବା ସତ୍ତ୍ୱେ ମଧ୍ୟ ବିଡିଓମାନଙ୍କ ଦ୍ଵାରା ଗୃହାରମ୍ଭ/ ସମ୍ପୂର୍ଣ୍ଣ ହେବା ସୁନିଶ୍ଚିତ କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ପଞ୍ଚାୟତିରାଜ (ପିଆର) ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଅସମ୍ପୂର୍ଣ୍ଣ ଆଇଏୱାଇ ଗୃହ ଗୁଡ଼ିକ ସଂପୂର୍ଣ୍ଣ କରିବା ପାଇଁ ଏବଂ ଯେଉଁ ଗୃହଗୁଡ଼ିକ ଆରମ୍ଭ ହୋଇନାହିଁ ତାକୁ ରଦ୍ଦ କରିବା ପାଇଁ 2014-15 ରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା ।

## 3.1.11 କର୍ମ ନିଯୁକ୍ତି ସୃଷ୍ଟି (ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)

ଗ୍ରାମାଞ୍ଚଳ ଲୋକଙ୍କ ଜୀବିକା ବୃଦ୍ଧି ପାଇଁ ଭାରତ ସରକାରଙ୍କ ଦ୍ଵାରା ବ୍ୟବସ୍ଥିତ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଅଧିନିୟମ (ଏନ୍‌ଆର୍‌ଇଜିଏ) ଅଧିନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରତ୍ୟେକ ପରିବାରକୁ ଅନ୍ତତଃ ପକ୍ଷେ 100 ଦିନ ନିଶ୍ଚିତ ନିଯୁକ୍ତି ପ୍ରଦାନ କରିବା ଲକ୍ଷ୍ୟରେ 2006 ଫେବୃଆରୀରେ ସମ୍ବଲପୁର ଜିଲ୍ଲାରେ ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ) ଆରମ୍ଭ କରାଯାଇଥିଲା । ଜିଲ୍ଲାରେ ଜିଲ୍ଲା କାର୍ଯ୍ୟକ୍ରମ ସମନ୍ୱୟକାରୀ (ଡିପିସି) ଓ ବ୍ଲକ୍ ମାନଙ୍କରେ କାର୍ଯ୍ୟକ୍ରମ ଅଧିକାରୀ (ପିଓ) ପରିକଳ୍ପନାର କାର୍ଯ୍ୟାନ୍ୱୟନ ପାଇଁ ଦାୟୀ ରହିବେ ।

2009-14 ମଧ୍ୟରେ, ପରିକଳ୍ପନା ଅଧିନରେ ପ୍ରାପ୍ତ 158.85 କୋଟି ଟଙ୍କାରୁ 154.86 କୋଟି ଟଙ୍କା (97 ପ୍ରତିଶତ) ବିନିଯୋଗ ହୋଇଥିଲା । ନଥିପତ୍ର ଯାଞ୍ଚରୁ ସମୀକ୍ଷା ନିମ୍ନଲିଖିତ ବିଷୟଗୁଡ଼ିକ ଅବଲୋକନ କରିଥିଲା:

### *3.1.11.1 ନିଯୁକ୍ତି ପ୍ରତିଶ୍ରୁତି*

ଏନ୍‌ଆରଇଜିଏର କାର୍ଯ୍ୟ ସଂପାଦନ ମାର୍ଗଦର୍ଶିକା ଅନୁସାରେ କାମ ପାଇଁ ଲିଖିତ ଦରଖାସ୍ତ କରିବାର 15 ଦିନ ମଧ୍ୟରେ ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ପ୍ରଦାନ କରିବା ଉଚିତ୍ । ଏନ୍‌ଆରଇଜିଏ ଧାରା 10 ର ଅନୁସୂଚୀ-I ଅନୁସାରେ କୌଣସି ନିଯୁକ୍ତି ଆଶାୟୀ ବ୍ୟକ୍ତିଙ୍କୁ ଅଧିନିୟମରେ ଅନୁମୋଦିତ ଯେକୌଣସି କାର୍ଯ୍ୟ କରିବା ପାଇଁ କାର୍ଯ୍ୟକ୍ରମ ଅଧିକାରୀ (ପିଓ)ଓ ଗ୍ରାମ ପଞ୍ଚାୟତ ନିର୍ଦ୍ଦେଶ ଦେବେ ।

2009-14 ବର୍ଷ ଅବଧିରେ 1,88,270 ଜବ୍‌କାର୍ଡଧାରୀଙ୍କୁ ଜିଲ୍ଲାରେ ନିଯୁକ୍ତି ପ୍ରଦାନ କରି 86.83 ଲକ୍ଷ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିଲା, ଯେଉଁଥିରୁ 28.65 ଲକ୍ଷ (33 ପ୍ରତିଶତ) କାର୍ଯ୍ୟ ଦିବସ ମହିଳା ମାନଙ୍କୁ ପ୍ରଦାନ କରିବାକୁ ଥିଲାବେଳେ ମାତ୍ର 27.04 ଲକ୍ଷ କାର୍ଯ୍ୟ ଦିବସ (31 ପ୍ରତିଶତ) ମହିଳା ଶ୍ରମିକଙ୍କୁ ପ୍ରଦାନ କରାଯାଇ ଥିବା ପାଞ୍ଚଟି ନମୁନା ଯାଞ୍ଚ୍ ବ୍ଲକରେ 2009-14 ବର୍ଷ ଅବଧିରେ ଜବ୍‌କାର୍ଡଧାରୀଙ୍କୁ ନିଯୁକ୍ତି ପ୍ରଦାନ କରି ମୋଟ 40.13 ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା ଯେଉଁଥିରୁ ମହିଳାମାନଙ୍କ ପାଇଁ ଆବଶ୍ୟକ 13.24 ଲକ୍ଷ ଶ୍ରମ ଦିବସ ସ୍ଥାନରେ 12.66 ଲକ୍ଷ ଶ୍ରମ ଦିବସ (32 ପ୍ରତିଶତ) ପ୍ରଦାନ କରାଯାଇଥିଲା ।

ପଞ୍ଜୀକୃତ ଜବ୍‌କାର୍ଡଧାରୀ ଏବଂ ସେମାନଙ୍କ ମଧ୍ୟରୁ ଯେଉଁମାନେ 2009-14 ମଧ୍ୟରେ ନିଯୁକ୍ତି ପାଇଥଲେ ସେମାନଙ୍କର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା:

**ସାରଣୀ 3.1.4: 2009-14 ମଧ୍ୟରେ ଜବ୍‌କାର୍ଡଧାରୀଙ୍କୁ କର୍ମଯୋଗାଣର ପ୍ରକୃତ ବ୍ୟବସ୍ଥାର ବିସ୍ତୃତ ବିବରଣୀ**

| ବର୍ଷ | ପଞ୍ଜୀକୃତ ମୋଟ ଜବ୍‌କାର୍ଡଧାରୀ | | କାର୍ଯ୍ୟ ଦାବି କରିଥିବା ଜବ୍‌କାର୍ଡଧାରୀ | | ନିଯୁକ୍ତି ପ୍ରାପ୍ତ ଜବ୍‌କାର୍ଡଧାରୀ | | 100 ଦିନ କାର୍ଯ୍ୟ ପ୍ରାପ୍ତ ଜବ୍‌କାର୍ଡଧାରୀ | | ନିଯୁକ୍ତି ପ୍ରତିଶତ | |
|---|---|---|---|---|---|---|---|---|---|---|
| | ଜିଲ୍ଲା | ବ୍ଲକ୍ | ଜିଲ୍ଲା (ପ୍ରତିଶତ) | ବ୍ଲକ୍ (ପ୍ରତିଶତ) | ଜିଲ୍ଲା | ବ୍ଲକ୍ | ଜିଲ୍ଲା | ବ୍ଲକ୍ | ଜିଲ୍ଲା | ବ୍ଲକ୍ |
| 2009-10 | 155885 | 79876 | 29733 (19) | 14520 (18) | 29540 | 14433 | 1950 | 100 | 07 | 0.7 |
| 2010-11 | 156632 | 80323 | 60913 (39) | 27764 (35) | 60560 | 27598 | 11630 | 100 | 19 | 0.4 |
| 2011-12 | 157244 | 80655 | 32283 (21) | 15977 (20) | 31869 | 15835 | 1076 | 200 | 03 | 1.3 |
| 2012-13 | 157210 | 81159 | 30882 (20) | 16805 (21) | 26221 | 14338 | 707 | 400 | 03 | 2.8 |
| 2013-14 | 158346 | 83090 | 46586 (29) | 25750 (31) | 40080 | 22352 | 4200 | 800 | 10 | 3.6 |
| ମୋଟ | **785317** | **405103** | **200397** | **100689** | **188270** | | **19563** | **1600** | | |

***(ଉତ୍ସ: ଡିଆର୍‌ଡ଼ିଏ ଓ ସମ୍ବଲପୁର ଜିଲ୍ଲାର ପାଞ୍ଚଟି ପଞ୍ଚାୟତ ସମିତି)***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ 2009-14 ବର୍ଷ ଅବଧିରେ ଜିଲ୍ଲାରେ କାର୍ଯ୍ୟ ଦାବି କରିଥିବା ଜବ୍‌କାର୍ଡଧାରୀଙ୍କ ପ୍ରତିଶତ 19 ରୁ 39 ମଧ୍ୟରେ ଥିଲା ଓ ଜିଲ୍ଲାରେ ନିଯୁକ୍ତିର ପ୍ରତିଶତ 3 ରୁ 19 ପ୍ରତିଶତ ମଧ୍ୟରେ ଥିଲା ବେଳେ ନମୁନା ଯାଞ୍ଚ୍ ବ୍ଲକରେ ଏହି ପ୍ରତିଶତ ଯଥାକ୍ରମେ 18 ରୁ 35 ଓ 0.4 ରୁ 3.6 ମଧ୍ୟରେ ରହିଥିଲା । ଜିଲ୍ଲାରେ 2009-10, 2011-12 ଓ 2012-13 ବର୍ଷ ମାନଙ୍କରେ 100 ଦିନ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ସଂଖ୍ୟା 10 ପ୍ରତିଶତରୁ ତଳେ ଥିଲା ଯାହାକି ପରିକଳ୍ପନାର ମୌଳିକ ଉଦ୍ଦେଶ୍ୟକୁ ପୂରଣ କରିପାରି ନଥିଲା ।

ପଞ୍ଚାୟତିରାଜ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ, ଯେହେତୁ ଏମ୍‌ଜିଏନ୍‌ଆରଇଜିଏସ୍ ଏକ ଦାବି ସମ୍ବଳିତ ଯୋଜନା ତେଣୁ, ଯେଉଁ ଶ୍ରମିକମାନେ ଆଗେଇ ଆସିଥିଲେ ସେମାନଙ୍କୁ ନିଯୁକ୍ତି ଯୋଗାଇ ଦିଆଯାଇଥିଲା ।

### *3.1.11.2 ଆଡ଼ିବନ୍ଧ ନିର୍ମାଣ*

ମୌସୁମୀର ଶେଷକୁ ଜଳ ସଂଗ୍ରହଣ କରି ତାହାକୁ ପାନୀୟ ଜଳ, ଭୂତଳ ଜଳ ସଂରକ୍ଷଣ ଓ ସାମୟିକ ଜଳ ସେଚନ ପାଇଁ ଆଡ଼ିବନ୍ଧ ଯୋଜନା ରାଜ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଅଧିନରେ 2010-11 ରେ ଆରମ୍ଭ ହୋଇଥିଲା । 35 ପ୍ରତିଶତରୁ କମ୍ ଜଳସେଚନ ସୁବିଧା ଥିବା ବ୍ଲକ୍ ମାନଙ୍କରେ ଓ ଯେଉଁ ଅଞ୍ଚଳରେ କୃଷକମାନେ ପାରମ୍ପରିକ ପ୍ରଣାଳୀରେ ଝରଣାରୁ ଅସ୍ଥାୟୀ ବନ୍ଧ କରି ଜଳସେଚନ କରୁଥିବେ ଏବଂ ଯେଉଁଠାରେ କୃଷକମାନେ ପ୍ରକଳ୍ପର ରକ୍ଷଣାବେକ୍ଷଣ ଏବଂ ପରିଚାଳନାରେ ଇଚ୍ଛା ପ୍ରକାଶ କରିବେ, ସେଠାରେ ଏହା ନିର୍ମାଣ ପାଇଁ ଅଗ୍ରାଧୀକାର ଦିଆଯିବା କଥା ।

2011-14 ଅବଧିରେ 52.24 କୋଟି ଟଙ୍କା ଅଟକଳରେ ଅନୁମୋଦିତ 1,049ଟି ପ୍ରକଳ୍ପ ମଧ୍ୟରୁ ମାର୍ଚ୍ଚ 2014 ମଧ୍ୟରେ 232ଟି ପ୍ରକଳ୍ପ (22 ପ୍ରତିଶତ) ଶେଷ ହୋଇପାରିଥିଲା । ପାଞ୍ଚଟି ନମୁନା ଯାଞ୍ଚ୍ ପଞ୍ଚାୟତ ସମିତିରେ 4.40 କୋଟି ଟଙ୍କା ଖର୍ଚ୍ଚ ଅଟକଳରେ 2011-13 ମଧ୍ୟରେ 88ଟି ଆଡିବନ୍ଧ ନିର୍ମାଣ କରିବାକୁ ନିଆଯାଇଥିବା ବେଳେ 13ଟି ବନ୍ଧ 62.57 ଲକ୍ଷ ଟଙ୍କା ଖର୍ଚ୍ଚରେ ଶେଷ ହୋଇପାରି ଥିଲା ଓ 75ଟି ପ୍ରକଳ୍ପ 2.66 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ଅସମାପ୍ତ ରହିଥିଲା ।

ସମୀକ୍ଷା ସହିତ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି କର୍ମକର୍ତ୍ତାଙ୍କ ଆଡ଼ିବନ୍ଧଗୁଡ଼ିକର ଯୁଗ୍ମ ସରଜମିନ ତଦନ୍ତରୁ ଦେଖିବାକୁ ପାଇଥିଲା ଯେ କୌଣସି ଆଡ଼ିବନ୍ଧରେ ଜଳ ସଂରକ୍ଷଣ ନିମନ୍ତେ ସ୍ଲୁଇସ୍ ଗେଟ୍ ଏବଂ ଜଳସେଚନ ଜମି ପାଇଁ ନାଳ ନିର୍ମାଣ କରାଯାଇ ନଥିଲା । ଯେହେତୁ ନଳାର ଉଭୟ ପାର୍ଶ୍ୱ ଚାଷ ଜମି ଆଡ଼ିବନ୍ଧ ସ୍ତର ଠାରୁ ଉର୍ଦ୍ଧ୍ୱରେ ଥିଲା, ଜମିରେ ନାଳ ସାହାଯ୍ୟରେ ଜଳସେଚନର ସମ୍ଭାବନା ଖୁବ୍ କମ୍ ଥିଲା ।



*ନାକଟିଦେଉଳ ପିଏସର ସାଲେଭଟା ଗ୍ରାମ ପଞ୍ଚାୟତର ସାଗନାଳରେ ଅସମ୍ପୂର୍ଣ୍ଣ ଚେକ୍ ଡ୍ୟାମ୍*

କ୍ଷୁଦ୍ର ଜଳସେଚନ ବିଭାଜନ ସହିତ ସମନ୍ୱୟର ଅଭାବ, ଭୁଲ୍ ସ୍ଥାନ ନିରୂପଣ, ତ୍ରୁଟିପୂର୍ଣ୍ଣ ଯୋଜନା, ଜଳସେଚନ ପାଇଁ ଜମିରେ ନଳା ନିର୍ମାଣ ବେଳେ ପ୍ଲାଷ୍ଟିକ୍ ଚାଦର ଇତ୍ୟାଦି ବ୍ୟବହାର ବ୍ୟବସ୍ଥା ନରହିବା ଯୋଗୁଁ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଥିଲା ।

### 3.1.12 ପାନୀୟ ଜଳ

ଗ୍ରାମାଞ୍ଚଳରେ ଲୋକମାନଙ୍କୁ ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଜିଲ୍ଲାରେ ଅପ୍ରେଲ 2009 ରେ ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (ଏନ୍ଆର୍ଡିଡବ୍ଲୁପି) ର କାର୍ଯ୍ୟାନ୍ୱୟନ କରାଯାଇଥିଲା । ପୌରାଞ୍ଚଳ ଜଳ ଯୋଗାଣ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ନିର୍ବାହୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଜନ, ସମ୍ବଲପୁର ଦାୟୀ ରହିବା ବେଳେ ଗ୍ରାମାଞ୍ଚଳ ଜଳ ଯୋଗାଣ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ନିର୍ବାହୀଯନ୍ତ୍ରୀ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଜନ, ସମ୍ବଲପୁର ଦାୟୀ ରହିବେ ।

ଭାରତୀୟ ମାନକ ଆଇଏସ୍ 1172:1983 ତଥା ଜଳଯୋଗାଣ ଓ ବିଶୋଧନ ମାର୍ଗଦର୍ଶିକା ନିର୍ଦ୍ଧାରଣ (ଭାରତ ସରକାର) କରେ ଯେ, ଭୁଗର୍ଭସ୍ଥ ନର୍ଦ୍ଦମା ବ୍ୟବସ୍ଥା ନଥାଇ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯାଇଥିବା ପୌରାଞ୍ଚଳରେ ପାନୀୟ ଜଳ ଯୋଗାଣ ମୁଣ୍ଡପିଛା 70 ଲିଟର[12] ଏବଂ ନର୍ଦ୍ଦମା ବ୍ୟବସ୍ଥା ଥାଇ ପାଇପ୍ ଯୋଗେ ଜଳ ଯୋଗାଣର ଦିଆଯାଉଥିବା ପୌରାଞ୍ଚଳରେ ପାନୀୟ ଜଳ ଯୋଗାଣ ମୁଣ୍ଡପିଛା 135 ଲିଟର ରହିବ ।

**ପୌର ଜଳ ଯୋଗାଣ**

#### *3.1.12.1 ପୌରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳର ଲଭ୍ୟତା*

ସମୀକ୍ଷା ଅବଲୋକନ କଲା ଯେ ଜିଲ୍ଲାର ପାଞ୍ଚଟି ପୌରାଞ୍ଚଳରୁ ଗୋଟିଏ ପୌରାଞ୍ଚଳ ଯଥା ରେଢାଖୋଲକୁ ମୁଣ୍ଡପିଛା ଦୈନିକ ପାନୀୟ ଜଳ ଯୋଗାଣ 40 ଲିଟର ଥିଲା ଯାହାକି ମାନାଦର୍ଶ ଅନୁସାରେ 70 ଲିଟର ହେବା ଉଚିତ୍ ।

ପୁନଶ୍ଚ, ଯାଞ୍ଚରୁ ଜଣାଗଲା ଯେ ପୌରାଞ୍ଚଳରେ ପାନୀୟ ଜଳ ଯୋଗାଣ ପର୍ଯ୍ୟାପ୍ତ ନଥିଲା ଯାହା ନିମ୍ନରେ ଦର୍ଶାଗଲା :

- ***ଆଂଶିକ ଯୋଗାଣ ଓ ଅଣଯୋଗାଣ ଅଞ୍ଚଳ:*** ସମ୍ବଲପୁର ସହରରେ ମୁଣ୍ଡପିଛା 213 ଲିଟର ଜଳ ଯୋଗାଇ ଦିଆଯାଇଥିଲା, ଯାହାକି ମାନାଦର୍ଶରେ ନିର୍ଦ୍ଧାରିତ 135 ଲିଟର ଠାରୁ ଅଧିକ ଥିଲା । କିନ୍ତୁ ଚାରିଟି ୱାର୍ଡ[13]କୁ ଆଂଶିକ ଜଳ ଯୋଗାଣ ହୋଇଥିଲା । ସେହିପରି ଅବଶିଷ୍ଟ ଚାରିଟି ପୌରାଞ୍ଚଳରେ 25ଟି ୱାର୍ଡ[14]କୁ ଆଂଶିକ ଜଳ ଯୋଗାଣ ହୋଇଥିବାବେଳେ ନଅଟି ୱାର୍ଡ[15]କୁ ଜଳ ଯୋଗାଣ ହୋଇପାରି ନଥିଲା । ଏହି ସମସ୍ତ ୱାର୍ଡକୁ ପାଇପ୍ ଦ୍ୱାରା ଜଳ ଯୋଗାଣ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଅପେକ୍ଷାରତ ଥିଲା (ମାର୍ଚ୍ଚ 2015) ।

- ସମ୍ବଲପୁର ଜିଲ୍ଲାରେ ଜଳ ଯୋଗାଣ ବୃଦ୍ଧି ଏବଂ ଜଳ ଯୋଗାଣର ବ୍ୟବସ୍ଥା ନଥିବା ଅଞ୍ଚଳରେ ଜଳ ଯୋଗାଣ ପାଇଁ 38.81 କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟ ଥାଇ ଏକ ପ୍ରକଳ୍ପ ସୀମାନ୍ତ ଅଞ୍ଚଳ ସମେତ ସମ୍ବଲପୁରକୁ ଜଳ ଯୋଗାଣରେ ଉନ୍ନତୀକରଣ ପାଇଁ ମଞ୍ଜୁର ହୋଇଥିଲା (ଅକ୍ଟୋବର 2013)। ଏଥିପାଇଁ 15.53 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଫେବୃଆରୀ 2014 ରେ ପ୍ରଦତ୍ତ ହୋଇଥିଲା। ରାଜ୍ୟ ଓ ପୌରସଂସ୍ଥା ଅଂଶଧନ ବାବଦକୁ 3.88 କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିଥିଲେ (ମାର୍ଚ୍ଚ 2014) । ଅଥଚ ପ୍ରଶାସନିକ ଅନୁମୋଦନ, ବିଶଦ ଅଟକଳ, ନକ୍ସା ପ୍ରସ୍ତୁତି ଓ ଟେଣ୍ଡର ଡାକିବା ଆଦିରେ ବିଳମ୍ବ ଯୋଗୁଁ ମାର୍ଚ୍ଚ 2015 ସୁଦ୍ଧା ସଂପୂର୍ଣ୍ଣ ପାଣ୍ଠି ସଂପୃକ୍ତ ପୌରସଂସ୍ଥା (ସମ୍ବଲପୁର ମହାନଗର ନିଗମ) ପାଖରେ ପଡ଼ି ରହିଥିଲା ।

---

12 ମୁଣ୍ଡପିଛା ଲିଟର ପ୍ରତିଦିନ

13 ୱାର୍ଡ ନମ୍ବର 2, 7, 24 ଏବଂ 25 (ସମ୍ବଲପୁର ମ୍ୟୁନିସିପାଲିଟି)

14 ବୁର୍ଲା ଏନ୍ଏସି (9 ଟି ୱାର୍ଡ), ରେଢାଖୋଲ ଏନ୍ଏସି (9 ଟି ୱାର୍ଡ) ଏବଂ କୁଚିଣ୍ଡା ଏନ୍ଏସି (7 ଟି ୱାର୍ଡ)

15 ୱାର୍ଡ ନମ୍ବର 4, 5, 6 ଏବଂ 17 (ହୀରାକୁଦ ଏନ୍ଏସି), ୱାର୍ଡ ନମ୍ବର 1, 2, 6 ଏବଂ 9 (ରେଢାଖୋଲ ଏନ୍ଏସି), ୱାର୍ଡ ନମ୍ବର 1 (କୁଚିଣ୍ଡା ଏନ୍ଏସି)

- ***ଦୈନିକ ଜଳ ଯୋଗାଣ:*** ପର୍ଯ୍ୟାପ୍ତ ଜଳ (ମୁଣ୍ଡପିଛା 145 ରୁ 213 ଲିଟର ପ୍ରତିଦିନ) ଉପଲବ୍ଧ ଥିବା ସତ୍ତ୍ୱେ ଦୁଇଟି ସହରରେ (ବୁର୍ଲା ଓ ହୀରାକୁଦ ଏନ୍‌ଏସି) ଜଳ ଯୋଗାଣକୁ 12 ଘଣ୍ଟାରେ ସୀମିତ ରଖାଯାଇଥିଲା ଯେତେବେଳେ କି ସମ୍ବଲପୁର ସହରରେ ଦୈନିକ 2.64 ଘଣ୍ଟା ଜଳ ଯୋଗାଯାଉଥିଲା । ଅନ୍ୟ ଦୁଇଟି ପୌରସଂସ୍ଥାରେ ଜାତୀୟ ମାନାଦର୍ଶ ଅନୁସାରେ 24 ଘଣ୍ଟା ଜଳ ଯୋଗାଉଥିବା ବେଳେ ଜଳ ଯୋଗାଣକୁ 1.5 ରୁ 2 ଘଣ୍ଟାରେ ସୀମିତ ରଖାଯାଇଥିଲା ।

- ***ଜଳ ଯୋଗାଣ ସଂଯୋଗର ସ୍ୱଳ୍ପତା:*** ସେବାସ୍ତରୀୟ ମାନକ ଅନୁସାରେ ଜଳ ଯୋଗାଣ ସଂଯୋଗ ଶତ ପ୍ରତିଶତ ହେବା କଥା । ଅଥଚ ଏହି ସଂଯୋଗ ସେବା ଏକ ପୌରାଞ୍ଚଳ (ସମ୍ବଲପୁର 57.56 ପ୍ରତିଶତ) ରେ 50 ପ୍ରତିଶତଠାରୁ ଉର୍ଦ୍ଧ୍ୱରେ ଥିବା ବେଳେ ଅବଶିଷ୍ଟ ଚାରିଟି ସହରରେ 50 ପ୍ରତିଶତ ତଳେ ଥିଲା ଯାହାକି 1.50 ପ୍ରତିଶତ (ରେଢାଖୋଲ) ରୁ 42 ପ୍ରତିଶତ (ବୁର୍ଲା) ମଧ୍ୟରେ ଥିଲା ।

- ***ମିଟର ବ୍ୟବସ୍ଥାରେ ଅଭାବ :*** ମିଟର ବ୍ୟବସ୍ଥାର ମାନାଦର୍ଶ ଅନୁସାରେ ମିଟର ବ୍ୟବସ୍ଥା 100 ପ୍ରତିଶତ ଥିବା କଥା । କିନ୍ତୁ ତିନିଟି ପୌରାଞ୍ଚଳରେ (ହୀରାକୁଦ, କୁଚିଣ୍ଡା ଓ ରେଢାଖୋଲ) ମିଟର ବ୍ୟବସ୍ଥା ଆଦୌ ନଥିଲା ଏବଂ ବୁର୍ଲା ଏବଂ ସମ୍ବଲପୁରରେ ବହୁତ କମ୍ ଯଥା 0.03 ଓ 0.19 ପ୍ରତିଶତ ଥିଲା ।

- ***ଅଧିକ ରାଜସ୍ୱରହିତ ଜଳ ଯୋଗାଣ ଏବଂ ଜଳ ଅପଚୟ:*** ରାଜସ୍ୱରହିତ ଜଳ ଯୋଗାଣକୁ 20 ପ୍ରତିଶତ ମଧ୍ୟରେ ସୀମିତ କରିବା ପାଇଁ ମାନାଦର୍ଶରେ ଉଲ୍ଲେଖ ଥିବାବେଳେ ତାହା ରେଢାଖୋଲରେ ଅତ୍ୟଧିକ ଯଥା 90.87 ପ୍ରତିଶତ, ସମ୍ବଲପୁରରେ 66.55 ପ୍ରତିଶତ ଏବଂ କୁଚିଣ୍ଡାରେ 52.31 ପ୍ରତିଶତ ଥିଲା । ଅବଶ୍ୟ ବୁର୍ଲା ଓ ହୀରାକୁଦରେ ତାହା ଯଥାକ୍ରମେ 16 ଓ 18 ପ୍ରତିଶତ ଥିଲା ।

- ***ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଜଳ ଯୋଗାଣ କାର୍ଯ୍ୟ ସଂପୂର୍ଣ୍ଣ ନହେବା:*** ଯେହେତୁ ରେଢାଖୋଲ ଏନ୍‌ଏସିର 13ଟିରୁ 9ଟି ୱାର୍ଡକୁ ଆଂଶିକ ଜଳ ଯୋଗାଣ ହେଉଥିଲା ଏବଂ ବାକି ଚାରିଟି ୱାର୍ଡକୁ ଜଳ ଯୋଗାଣ ସୁବିଧା ନଥିଲା, ତେଣୁ କିଆକଟା ଠାରେ ମହାନଦୀରୁ ରେଢାଖୋଲ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଞ୍ଜୁର କରାଗଲା ଓ ଏକ ଠିକାଦାରଙ୍କୁ 23.81 କୋଟି ଟଙ୍କା ମୂଲ୍ୟରେ ସମାପନ ଅବଧି ନଭେମ୍ବର 2014 କୁ ନିର୍ଦ୍ଧାରିତ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା (ନଭେମ୍ବର 2012) । କିନ୍ତୁ ଠିକାଦାରଙ୍କ ମନ୍ଥର ନିର୍ମାଣ କାର୍ଯ୍ୟ ଯୋଗୁଁ ଡିସେମ୍ବର 2014 ସୁଦ୍ଧା କେବଳ 9.78 କୋଟି ଟଙ୍କା[16]ର କାର୍ଯ୍ୟ (41 ପ୍ରତିଶତ) ସଂପୂର୍ଣ୍ଣ ହୋଇପାରିଥିଲା ।

ତେଣୁ, ଜିଲ୍ଲାର ପାଞ୍ଚଟିରୁ ଚାରିଟି ସହରରେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଥିବା ସତ୍ତ୍ୱେ, ସମସ୍ତ ପୌରାଞ୍ଚଳ ଅବିରତ ଏବଂ ନିରପେକ୍ଷ ଜଳ ଯୋଗାଣ ହାସଲ କରାଯାଇପାରି ନଥିଲା ।

### *3.1.12.2 ପାନୀୟ ଜଳର ଗୁଣବତ୍ତା ପର୍ଯ୍ୟାଲୋଚନା ଓ ସଂନିରୀକ୍ଷଣ*

ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ (ପୌର) ସମସ୍ତ ଜନସ୍ୱାସ୍ଥ୍ୟ ବିଭାଗମାନଙ୍କୁ ଜଳର ଗୁଣବତ୍ତା ଜାଣିବା ପାଇଁ ନିୟମିତ ବୀଜାଣୁ ସମ୍ବନ୍ଧୀୟ ପରୀକ୍ଷା ସମେତ ଉଭୟ ଭୌତିକ ଓ ରାସାୟନିକ ପରୀକ୍ଷା କରିବା ପାଇଁ ଅନୁଦେଶ ଦେଇଥିଲେ (ମଇ 2009 ଓ ସେପ୍ଟେମ୍ବର 2013) । ସମୀକ୍ଷା ଅବଲୋକନ କଲା ଯେ :

- ଜିଲ୍ଲାର ପାଞ୍ଚଟି ପୌରାଞ୍ଚଳରେ ଜଳ ନମୁନା ପରୀକ୍ଷା କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଜନ, ସମ୍ବଲପୁରରେ କୌଣସି ପରୀକ୍ଷାଗାର ନଥିଲା । ଯଦିଓ ବିଭାଜନରେ ଜଳ ପରୀକ୍ଷା ଉପକରଣ ଥିଲା ଏବଂ ଜିଲ୍ଲାର ଉପ ବିଭାଜନମାନଙ୍କୁ ନିୟମିତ ଜଳ ନମୁନା ପରୀକ୍ଷା ପାଇଁ ଉପକରଣ ଯୋଗା ଯାଇଥିଲା, ସେ ସମ୍ପର୍କରେ କୌଣସି ରିପୋର୍ଟ ନିର୍ବାହୀଯନ୍ତ୍ରୀଙ୍କୁ ପଠାଯାଉ ନଥିଲା କିମ୍ବା ଜଳ ପରୀକ୍ଷା ସଂମ୍ବନ୍ଧରେ ସଂପୃକ୍ତ ଯନ୍ତ୍ରୀମାନେ ଉପବିଭାଜନ ସ୍ତରରେ କୌଣସି ଦସ୍ତାବିଜ୍ ଅନୁରକ୍ଷଣ କରୁନଥିଲେ । ଗୃହ ଏବଂ ପୌର ଉନ୍ନୟନ ବିଭାଗ

---

[16] 2012-13: 2.12 କୋଟି ଟଙ୍କା, 2013-14: 6.34 କୋଟି ଟଙ୍କା ଏବଂ 2014-15 (ଜୁଲାଇ 2014 ପର୍ଯ୍ୟନ୍ତ):1.32 କୋଟି ଟଙ୍କା

ପିପିପି ବ୍ୟବସ୍ଥାରେ ଏକ ଜନସ୍ୱାସ୍ଥ୍ୟ ବିଭାଗୀୟ ପରୀକ୍ଷାଗାର ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲା (ମଇ 2015)।

- 2011-14 ମଧ୍ୟରେ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର, ଭୁବନେଶ୍ୱରକୁ 25ଟି ଉତ୍ସରୁ ଜଳ ନମୁନା ପଠାଯାଇଥିଲା ଓ ସେଥିମଧ୍ୟରୁ 13ଟି ମାମଲାରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଲୌହକଣିକା, ଗୋଳିଆ ପାଣି, ଖାରୀୟ ଯୋଗୁଁ ଜଳ ପ୍ରଦୂଷଣ ହୋଇଥିବାର ବିବରଣୀ ଦିଆଯାଇଥିଲା ଏବଂ ତତ୍ ସହିତ ସେହି ସବୁ ଉତ୍ସକୁ ବନ୍ଦ୍ କରିବା ପାଇଁ ପରୀକ୍ଷା ଗାର ସୁପାରିଶ କରିଥିଲା । ତଥାପି ସେହି ସବୁ ଉତ୍ସକୁ ବନ୍ଦ୍ କରାଯାଇ ନଥିଲା ଏବଂ ଅସୁରକ୍ଷିତ ପାନୀୟ ଜଳ ଯୋଗାଣ ଚାଲୁ ରହିଥିଲା (ସେପ୍ଟେମ୍ବର 2014), ଯଦ୍ୱାରା ଜଳବାହିତ ରୋଗର ସମ୍ଭାବନା ବୃଦ୍ଧି ପାଇଥିଲା ଓ ମଇ 2014 ରୁ ଫେବୃଆରୀ 2015 ମଧ୍ୟରେ କାମଳ ରୋଗ ବ୍ୟାପିଥିଲା (3,010ଟି ମାମଲା)।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଯିଏକି ନଦୀ ଜଳ ନମୁନାର ଅନିୟମିତ ପରୀକ୍ଷଣ କରେ, ମହାନଦୀର ନିମ୍ନ ଅବବାହିକା ଯେଉଁଠାରୁ ଜନସ୍ୱାସ୍ଥ୍ୟ ବିଭାଜନ, ସମ୍ବଲପୁର ସହର ପାଇଁ ଜଳ ସଂଗ୍ରହ କରେ ସେଠାରେ ବାୟୋଟେକନିକାଲ ଅକ୍ସିଜେନ୍ ଡିମାଣ୍ଡ (ବିଓଡି) ଓ ଟୋଟାଲ କୋଲିଫର୍ମ (ଟିସି)ର ଅବସ୍ଥିତି ପ୍ରକାଶ କରିଥିଲା (ମଇ 2009) । କିନ୍ତୁ ଏସ୍‌ପିସିବିର ସେହି ରିପୋର୍ଟ ଉପରେ ନିର୍ବାହୀଯନ୍ତ୍ରୀ କୌଣସି ପ୍ରତିକାରାତ୍ମକ ପଦକ୍ଷେପ ନେଇନଥିଲେ ।
- ତିନିଟି ଉପ ବିଭାଜନରେ ପରୀକ୍ଷାଗାର ପ୍ରତିଷ୍ଠା କରିବା ପାଇଁ ଯଦିଓ ନିର୍ବାହୀଯନ୍ତ୍ରୀ 15.69 ଲକ୍ଷ ଟଙ୍କା ବ୍ୟୟରେ ଜଳ ଗୁଣବତ୍ତା ପରୀକ୍ଷା ଯନ୍ତ୍ରପାତି କିଣିଥିଲେ (ମାର୍ଚ୍ଚ 2014), ସେଗୁଡ଼ିକ ପର୍ଯ୍ୟାପ୍ତ ଭିତ୍ତି ଭୂମି ଓ ବୈଷୟିକ କର୍ମଚାରୀଙ୍କ ଅଭାବରୁ ଅବ୍ୟବହୃତ ହୋଇ ପଡ଼ିରହିଥିଲା । ଗୃହ ଓ ପୌର ଉନ୍ନୟନ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଉପ ନିର୍ବାହୀ ଯନ୍ତ୍ରୀ, ସହାୟକ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ସେହି ଯନ୍ତ୍ରପାତିକୁ ଜଳ ଗୁଣବତ୍ତାକୁ ପରୀକ୍ଷା କରିବା ପାଇଁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବିଭାଜନରେ ବିଶ୍ଳେଷକ ନଥିବାରୁ ଏହିପରି ହୋଇଥିବା ନିର୍ବାହୀଯନ୍ତ୍ରୀ ଉତ୍ତରରେ ଦର୍ଶାଇଥିଲେ (ଅଗଷ୍ଟ 2014) ଏବଂ କହିଥିଲେ ଯେ ଏବାବଦରେ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା ।

**ଗ୍ରାମ୍ୟ ଜଳ ଯୋଗାଣ**

ମାର୍ଚ୍ଚ 2014 ସୁଦ୍ଧା ସମ୍ବଲପୁର ଜିଲ୍ଲାରେ ଏନ୍‌ଆରଡିଡବ୍ଲ୍ୟୁପିର କାର୍ଯ୍ୟାନ୍ୱୟନ ସତ୍ତ୍ୱେ ଜିଲ୍ଲାର 5,386 ଗ୍ରାମର 1,79,411 ପରିବାର ମଧ୍ୟରୁ 97,586 (54.39 ପ୍ରତିଶତ) ପରିବାର ଗ୍ରାମ୍ୟ ପାଇପ୍ ଜଳ ଯୋଗାଣରେ ଅନ୍ତର୍ଭୁକ୍ତ ହୋଇଥିଲେ ଏବଂ 81,825 (45.61 ପ୍ରତିଶତ) ପରିବାର ଅନ୍ତର୍ଭୁକ୍ତ ହୋଇପାରି ନଥିଲେ । ସେହି ଅନ୍ତର୍ଭୁକ୍ତ ହୋଇପାରି ନଥିବା ପରିବାରଗୁଡ଼ିକ ପାରମ୍ପରିକ ଜଳ ଯୋଗାଣର ଉତ୍ସ ଯଥା ନଳକୂପ/ ପରିମଳ ଉପରେ ନିର୍ଭର କରୁଥିଲେ ।

### *3.1.12.3 ଅସମ୍ପୂର୍ଣ୍ଣ ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ (ଆର୍‌ପିଡବ୍ଲ୍ୟୁଏସ୍)*

ସମୀକ୍ଷା ପରିଲକ୍ଷିତ କଲା ଯେ, 2009-14 ମଧ୍ୟରେ 2.36 ଲକ୍ଷ ଲୋକଙ୍କୁ ପାଇପ୍ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିବା 171ଟି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ (ଆର୍‌ପିଡବ୍ଲ୍ୟୁଏସ୍) ପ୍ରକଳ୍ପ ମଧ୍ୟରୁ ମାତ୍ର 102ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିଲା ଏବଂ ଏହି ଯୋଜନାରେ ରାଜ୍ୟ ସରକାରଙ୍କ ଦ୍ୱାରା 5.71 କୋଟି ଟଙ୍କା ଉପଲବ୍ଧ ସତ୍ତ୍ୱେ 69ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଯାଇଥିଲା । ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ନିମ୍ନଲିଖିତ ତ୍ରୁଟି ପରିଲକ୍ଷିତ ହୋଇଥିଲା ।

- ***ସମନ୍ୱୟର ଅଭାବ:*** କାର୍ଯ୍ୟ ଆରମ୍ଭ ହେବାର ବର୍ଷକ ମଧ୍ୟରେ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ ଥିବା ସ୍ଥଳେ କାର୍ଯ୍ୟର ବିଭିନ୍ନ ବିଭାଗରେ ସମନ୍ୱୟର ଅଭାବ ହେତୁ 2.66 କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ମଧ 2011-13 ମଧ୍ୟରେ ବିଶୁଦ୍ଧ ଜଳଯୋଗାଣ କରିବା ପାଇଁ ଆରମ୍ଭ ହୋଇଥିବା 27ଟି ଆରପିଡବ୍ଲ୍ୟୁଏସ୍ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଥିଲା କିମ୍ବା ଆରମ୍ଭ ହୋଇପାରିନଥିଲା (ଡିସେମ୍ବର 2014)।

- ***ପ୍ରକଳ୍ପଗୁଡ଼ିକ ଆରମ୍ଭ ନହେବା:*** ଜଳ ଉତ୍ସଗୁଡ଼ିକର ଚୂଡ଼ାନ୍ତ ନହେବା (6), ଟେଣ୍ଡର ଚୂଡ଼ାନ୍ତ ନହେବା (19), ରାଜିନାମାଗୁଡ଼ିକର ନିଷ୍ପାଦନ ନହେବା (2) ଯୋଗୁଁ 2013-14 ମଧ୍ୟରେ 0.45 ଲକ୍ଷ ଗ୍ରାମୀଣ ଲୋକଙ୍କୁ ପାଇପ୍ ଜଳ ଯୋଗାଣ ପାଇଁ ହାତକୁ ନିଆଯାଇଥିବା 37ଟି ଆରପିଡବ୍ଲ୍ୟୁଏସ୍ ପ୍ରକଳ୍ପର ନିଷ୍ପାଦନ କାର୍ଯ୍ୟ ଆରମ୍ଭ ହୋଇପାରିନଥିଲା (ଡିସେମ୍ବର 2014) ଏବଂ ଅବଶିଷ୍ଟ 10ଟି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ ନହେବାର କାରଣଗୁଡ଼ିକ ନଥିପତ୍ରରୁ ଜଣାପଡ଼ି ନଥିଲା ।

- ***ପ୍ରକଳ୍ପ ଗୁଡ଼ିକୁ ଅଗ୍ରାଧିକାର ନଦେବା:*** ଯଦିଓ ଏନ୍ଆରଡିଡବ୍ଲ୍ୟୁପି ମାର୍ଗଦର୍ଶିକା ଅନୁସାରେ ଆଂଶିକ ଅନ୍ତର୍ଭୁକ୍ତ/ ଗୁଣବତ୍ତା ପ୍ରଭାବିତ/ ଅନୁସୂଚିତ ଜାତି ଓ ଜନଜାତି ଓ ସଂଖ୍ୟାଲଘୁ ସଂପ୍ରଦାୟ ବସତି/ ଅସଂପୂର୍ଣ୍ଣ ପ୍ରକଳ୍ପ ଇତ୍ୟାଦିକୁ ଅଗ୍ରାଧିକାର ଦିଆଯିବା ଉଲ୍ଲେଖିତ ଥିଲା, ଏହିପରି କୌଣସି ଅଗ୍ରାଧିକାର ଦିଆଯାଇନଥିଲା । ଏନ୍ଆରଡିଡବ୍ଲ୍ୟୁପି ପ୍ରାରମ୍ଭ ହେବା ପୂର୍ବରୁ 1961 ଆଂଶିକ ଅନ୍ତର୍ଭୁକ୍ତ ବସତି ମଧ୍ୟରୁ 1,883 (96.02 ପ୍ରତିଶତ) ବସତି ଏବଂ 1 ଅପ୍ରେଲ 2009 ସୁଦ୍ଧା ଚିହ୍ନଟ ହୋଇଥିବା 58ଟି ଗୁଣବତ୍ତା ପ୍ରଭାବିତ ବସତି ମଧ୍ୟରୁ 36ଟି (62 ପ୍ରତିଶତ) ବସତି ଏବେ ମଧ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବାକୁ ଅଛି ।

- ***ଅଚଳ ପ୍ରକଳ୍ପ:*** 2009-13 ମଧ୍ୟରେ 1.53 କୋଟି ଟଙ୍କା ମୂଲ୍ୟରେ ଆରମ୍ଭ ହୋଇଥିବା ଛଅଟି ଆରପିଡବ୍ଲ୍ୟୁଏସ୍ ପ୍ରକଳ୍ପ[17] ଜଳସ୍ରୋତର ବିଫଳତା (ଦୁଇ) ଏବଂ ବିଦ୍ୟୁତ୍ ଯୋଗାଣରେ ବିଫଳତା (ଚାରି) ଯୋଗୁଁ ମାର୍ଚ୍ଚରୁ ଅକ୍ଟୋବର 2014 ମଧ୍ୟରେ ଅଚଳ ହୋଇଯାଇଥିଲା । ପ୍ରଭାବିତ ବସତି ଗୁଡ଼ିକୁ ଜଳଯୋଗାଣର ପୁନରୁଦ୍ଧାର ପାଇଁ ବିକଳ୍ପ ଜଳ ଉତ୍ସ ଯୋଗାଇ ଦିଆଯାଇ ନଥିଲା କିମ୍ବା ବିଦ୍ୟୁତ୍ ଜନିତ ଅସୁବିଧାର ସମାଧାନ ହୋଇପାରି ନଥିଲା । ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ନହେବା ଯୋଗୁଁ ଡିସେମ୍ବର 2014 ସୁଦ୍ଧା 5,845 ଗ୍ରାମୀଣ ବସତିକୁ 3 ରୁ 12 ମାସ ପର୍ଯ୍ୟନ୍ତ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା ।

- ***ଗ୍ରାମ୍ୟ ଜଳ ଓ ପରିମଳ କମିଟି (ଭିଡବ୍ଲ୍ୟୁଏସସି) ଗଠନ ନହେବା:*** ଜିଲ୍ଲାରେ ଥିବା 204ଟି ଆରପିଡବ୍ଲ୍ୟୁଏସ୍ ଗ୍ରାମଗୁଡ଼ିକ ମଧ୍ୟରୁ କାର୍ଯ୍ୟକ୍ଷମ ପ୍ରକଳ୍ପଗୁଡ଼ିକର ପ୍ରଗତିର ପର୍ଯ୍ୟାଲୋଚନା, ଅଚଳ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଆଦି ପାଇଁ ଭିଡବ୍ଲ୍ୟୁଏସ୍‌ସି ଗୁଡ଼ିକ ଗଠନ କରାଯାଇ ନଥିଲା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ, ପାଣ୍ଠି ଉପଲବ୍ଧ ଆଧାରରେ ପ୍ରକଳ୍ପଗୁଡ଼ିକୁ ପର୍ଯ୍ୟାୟକ୍ରମେ ଆରମ୍ଭ କରାଯିବ ।

### *3.1.12.4 ଜଳର ଗୁଣବତ୍ତା ପରୀକ୍ଷା, ପର୍ଯ୍ୟାଲୋଚନା ଏବଂ ସଂନିରୀକ୍ଷଣ*

ସମୀକ୍ଷାରୁ ଜଣାପଡ଼ିଲା ଯେ, ସମସ୍ତ ଆରପିଡବ୍ଲ୍ୟୁଏସ୍ ଆରମ୍ଭ ହେବା ଦିନଠାରୁ ମାତ୍ର ଥରେ/ ଦୁଇଥର ଜଳର ଗୁଣବତ୍ତା ପରୀକ୍ଷା କରାଯାଇ ଥିଲା ଏବଂ ନିର୍ଦ୍ଦିଷ୍ଟକାଳୀନ ପରୀକ୍ଷା କରାଯାଇନଥିଲା । ଜଳର ଗୁଣବତ୍ତା ପରୀକ୍ଷା ସମ୍ବନ୍ଧରେ 2009 ରୁ 2014 ମଧ୍ୟରେ କାର୍ଯ୍ୟକ୍ଷମ ଥିବା ଉତ୍ସ ନଳକୂପ/ ପରିମଳ କୂପ ମଧ୍ୟରୁ 35 ରୁ 90 ପ୍ରତିଶତ ଉତ୍ସର ଜଳର ଗୁଣବତ୍ତା ପରୀକ୍ଷା କରାଯାଇଥିଲା ।

- 2013-14 ମଧ୍ୟରେ ଯାଞ୍ଚ୍ କରାଯାଇଥିବା 10,480ଟି ସ୍ରୋତ (ନଳକୂପ/ ପରିମଳ କୂପ) ମଧ୍ୟରୁ 837 (8 ପ୍ରତିଶତ)ଟି ନଳକୂପ ଉତ୍ସରେ ଲୌହପରିମାଣ ନିର୍ଦ୍ଧାରିତ ଥିବା 0.30 ମିଲିଗ୍ରାମ/ ଲିଟର ଠାରୁ ଅଧିକ ଥିଲା ଯାହାକି 0.31 ମିଲିଗ୍ରାମ/ ଲିଟରରୁ 8.0 ମିଲିଗ୍ରାମ / ଲିଟର ଥିଲା ଏବଂ ବିଆଇଏସ୍ ମାନାଦର୍ଶ ଅନୁସାରେ ତାହା ମନୁଷ୍ୟ ବ୍ୟବହାର ପାଇଁ ନିରାପଦ ନଥିଲା ।

- 2009-14 ମଧ୍ୟରେ କୌଣସି ଉତ୍ସର (ଟିଡବ୍ଲ୍ୟୁ/ ଏସଡବ୍ଲ୍ୟୁ/ ପିଡବ୍ଲ୍ୟୁଏସ) ବୀଜାଣୁଜନିତ ପରୀକ୍ଷା କରାଯାଇ ନଥିଲା ।

[17] ବରଡୁଙ୍ଗୁରି; ଜି.ବାଦାମି, ଖଲିଆବନ୍ଧ, ମେଘପାଟ, ଡୁରେଇନିକଟିମାଲ, ଉତ୍‌କପଟା

- ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ଦେଖାଗଲା ଯେ, 2010-14 ମଧ୍ୟରେ ଜିଲ୍ଲାର 98,310 ଗ୍ରାମୀଣ ଲୋକ ଡାଇରିଆ (89,535), କାମଳ (21) ଏବଂ ଟାଇଫଏଡ୍ (8,754) ଆଦି ଜଳବାହିତ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିଲେ, ଯାହାଦ୍ୱାରା କି ସାତଜଣଙ୍କର ପ୍ରାଣହାନି ଘଟିଥିଲା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସମସ୍ତ ଆରପିଡବ୍ଲୁଏସ୍ ପ୍ରକଳ୍ପ ଗୁଡ଼ିକର 2015-16 ଠାରୁ ଉଭୟ ରାସାୟନିକ ଓ ବୀଜାଣୁଜନିତ ପରିମାପକ ଅନୁଯାୟୀ ବର୍ଷରେ ଦୁଇଥର ଏବଂ ଆବଶ୍ୟକ ସ୍ଥଳେ ଅଧିକ ଥର ପରୀକ୍ଷା କରାଯିବା ସ୍ଥିର କରାଯାଇଥିଲା ।

### 3.1.13 ସଂପୂର୍ଣ୍ଣ ପରିମଳ ଯୋଜନା / ନିର୍ମଳ ଭାରତ ଅଭିଯାନ

ସଂପୂର୍ଣ୍ଣ ପରିମଳ ଯୋଜନା (ଟିଏସ୍‌ସି)/ ନିର୍ମଳ ଭାରତ ଅଭିଯାନ (ଏନବିଏ) କାର୍ଯ୍ୟକ୍ରମ ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗ ଦ୍ୱାରା ଓଡ଼ିଶାରେ କାର୍ଯ୍ୟାନ୍ୱୟନ ହୋଇଥିଲା । ଓଡ଼ିଶା ରାଜ୍ୟ ଜଳ ଓ ପରିମଳ ମିଶନ (ଓଏସ୍‌ଡବ୍ଲୁଏସ୍‌ଏମ୍) ଏବଂ ଜିଲ୍ଲା ଜଳ ଓ ପରିମଳ ମିଶନ (ଡିଡବ୍ଲୁଏସ୍‌ଏମ) ଯଥାକ୍ରମେ ରାଜ୍ୟ ଓ ଜିଲ୍ଲାରେ ଟିଏସ୍‌ସି/ ଏନ୍‌ବିଏର କାର୍ଯ୍ୟାନ୍ୱୟନ ତଦାରଖ କରିବା କଥା ।

2009-14 ମଧ୍ୟରେ ଡିଡବ୍ଲ୍ୟୁଏସ୍‌ଏମ୍ ସମ୍ବଲପୁରଙ୍କୁ 6.89 କୋଟି ଟଙ୍କା ପ୍ରାପ୍ତ ହୋଇଥିଲା ଏବଂ ଉପଲବ୍ଧ 10.37 କୋଟି[18] ଟଙ୍କା ପାଣ୍ଠିରୁ ଜିଲ୍ଲା କେବଳ 6.42 କୋଟି ଟଙ୍କା (62 ପ୍ରତିଶତ) ବିନିଯୋଗ କରିଥିଲା । 2009-14 ମଧ୍ୟରେ 1.45 ଲକ୍ଷ ଶୌଚାଳୟ ନିର୍ମାଣ ଲକ୍ଷ୍ୟ ଥିବା ସ୍ଥଳେ 0.35 ଲକ୍ଷ ଶୌଚାଳୟ (24 ପ୍ରତିଶତ) ନିର୍ମାଣ କରାଯାଇଥିଲା । ବିଭିନ୍ନ ଅଭାବ ଯେପରିକି ତଳ ସ୍ତରରେ ସର୍ବେକ୍ଷଣ ନକରିବା, ଅନୁଷ୍ଠାନିକ ଆୟୋଜନର ଅଭାବ, କମ୍ ଆଇଇସି କାର୍ଯ୍ୟକ୍ରମ, ଅପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା ଇତ୍ୟାଦି ଯୋଗୁଁ ଶୌଚାଳୟ ନିର୍ମାଣ ପାଇଁ ଥିବା ଲକ୍ଷ୍ୟ ହାସଲ ହୋଇପାରି ନଥିଲା, ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା ।

- ***ଆଧାର ରେଖା ସର୍ବେକ୍ଷଣ ନହେବା :*** ଏନବିଏ ମାର୍ଗଦର୍ଶିକା ଅନୁସାରେ ଯୋଜନାର ସମସ୍ତ ଉପାଦାନର କାର୍ଯ୍ୟାନ୍ୱୟନର ପ୍ରଭାବ ଏବଂ ପରିମଳ ଏବଂ ସ୍ୱାସ୍ଥ୍ୟ ରକ୍ଷା କାର୍ଯ୍ୟ ପଦ୍ଧତିର ପ୍ରକୃତ ଅବସ୍ଥାର ନିର୍ଦ୍ଧାରଣ ପାଇଁ ନିର୍ଦ୍ଦିଷ୍ଟ ଅନ୍ତରାଳରେ ତଳସ୍ତରରେ ସର୍ବେକ୍ଷଣ (ବିଏଲଏସ୍) କରାଯିବା ଦରକାର ।

  ସମୀକ୍ଷାରୁ ଜଣାଗଲା ଯେ 2009-14 ମଧ୍ୟରେ ବିଏଲ୍‌ଏସ୍ କରାଯାଇନଥିଲା କିନ୍ତୁ ଡିସେମ୍ବର 2014 ରେ ଆରମ୍ଭ ହୋଇଥିଲା । ଯଦିଓ ଟିଏସ୍‌ସିର ଏନ୍‌ବିଏକୁ ନାମ ପରିବର୍ତ୍ତନ ପରେ ପାଣ୍ଠି ବ୍ୟବସ୍ଥା ଓ ଯୋଗ୍ୟତା ରୀତି ସହ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଜନାର ପୁନରୀକ୍ଷଣ ହେବା ଦରକାର ଥିଲା, ତାହା ବିଏଲ୍‌ଏସ୍ ନକରିବା ଯୋଗୁଁ ହୋଇ ପାରି ନଥିଲା ଏବଂ ଡିସେମ୍ବର 2014 ସୁଦ୍ଧା ଭାରତ ସରକାରଙ୍କର ସହାୟତା ମଗାଯାଇ ପାରିନଥିଲା ।

- ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ ସ୍ତରର ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା (ଏଆଇପି) ନପାଇ ଡିଡବ୍ଲୁଏସ୍‌ଏମ୍ ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରିଥିଲେ । ତେଣୁ ଜିଲ୍ଲା ଏଆଇପିରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟର ବାସ୍ତବିକତା ନଥିଲା କାରଣ ତଥ୍ୟଗୁଡ଼ିକ ତୃଣମୂଳ ସ୍ତର ଆଧାରରେ ନଥିଲା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ 2009-14 ମଧ୍ୟରେ ବଜେଟ ବ୍ୟବସ୍ଥା ଲଭ୍ୟ ନହେବାରୁ ସାମୟିକ ବିଏସ୍‌ଏଲ୍ କରାଯାଇ ପାରି ନଥିଲା । ତଥାପି ଯୋଜନାର କାର୍ଯ୍ୟାନ୍ୱୟନର ପ୍ରଭାବୀ ବିଶ୍ଳେଷଣ କରିବା ପାଇଁ ସର୍ବେକ୍ଷଣ ସୁନିଶ୍ଚିତ କରଯିବ ।

- ***ଆନୁଷ୍ଠାନିକ ଆୟୋଜନର ଅଭାବ:*** ଏନବିଏର ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ଚଳମାନ ଏବଂ ପ୍ରେରଣା ପ୍ରଦାନ ପାଇଁ ବ୍ଲକରେ ଏବଂ ଗ୍ରାମ ପଞ୍ଚାୟତରେ ଯଥାକ୍ରମେ ବ୍ଲକ୍ ରେସୋର୍ସ କେନ୍ଦ୍ର (ବିଆରସି) ଏବଂ ଗ୍ରାମ୍ୟ ଜଳ ଏବଂ ପରିମଳ କମିଟି (ଭିଡବ୍ଲୁଏସସି) ଗଠନ କରାଯିବା କଥା ।

[18] ପ୍ରାରମ୍ଭିକ ଜମା: 2.73 କୋଟି ଟଙ୍କା + କେନ୍ଦ୍ର ଅଂଶ: 5.04 କୋଟି ଟଙ୍କା + ରାଜ୍ୟ ଅଂଶ : 1.85 କୋଟି ଟଙ୍କା + ସୁଧ 0.75 କୋଟି ଟଙ୍କା

କିନ୍ତୁ 2009-14 ମଧ୍ୟରେ ନଅଟି ବ୍ଲକ୍ ମଧ୍ୟରୁ କେବଳ ଦୁଇଟିରେ ବିଆରସି ଏବଂ 148ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ କେବଳ 10ଟିରେ ଭିଡବ୍ଲ୍ୟୁଏସ୍‌ସି ସ୍ଥାପନ କରାଯାଇଥିଲା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସମସ୍ତ ବ୍ଲକରେ ବିଆର୍‌ସି ଗଠନ କରାଯାଇଥିଲା ଏବଂ ଭିଡବ୍ଲ୍ୟୁଏସ୍‌ସି ଗୁଡ଼ିକର ଗଠନ ଆରମ୍ଭ ହୋଇଥିଲା ।

- ***ତୃଣମୂଳ କାର୍ଯ୍ୟକର୍ତ୍ତାଙ୍କର କ୍ଷମତା ବୃଦ୍ଧି :*** 2009-14 ମଧ୍ୟରେ ପିଆର୍‌ଆଇ ସଭ୍ୟ ଭିଡବ୍ଲ୍ୟୁଏସ୍‌ସି ବ୍ଲକ୍ ଅଧିକାରୀମାନଙ୍କୁ ଅଙ୍ଗନବାଡ଼ି କର୍ମୀ/ ଏଏନ୍‌ଏମ୍‌ମାନଙ୍କୁ/ ପ୍ରବର୍ତ୍ତକମାନଙ୍କୁ ପ୍ରଶିକ୍ଷଣ ଯୋଗାଇ ଦେବା ପାଇଁ 192ଟି କାର୍ଯ୍ୟକ୍ରମର ଯୋଜନା ତୁଳନାରେ 127 (66.15 ପ୍ରତିଶତ)ଟି କାର୍ଯ୍ୟର ପରିଚାଳନା କରାଯାଇଥିଲା ।

- ***ନିରୀକ୍ଷଣର ଅଭାବ:*** ଟିଏସ୍‌ସି/ ଏନ୍‌ବିଏର ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟକ୍ରମର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ସ୍ତରରେ[19] ଅଧିକାରୀମାନଙ୍କ ନିୟମିତ କ୍ଷେତ୍ର ନିରୀକ୍ଷଣ କରିବା ଆବଶ୍ୟକ । ଟିଏସ୍‌ସି/ ଏନ୍‌ବିଏର କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନା ପାଇଁ ଯଦିଓ ସଦସ୍ୟ ସଚିବ ଡିଡବ୍ଲୁଏସ୍‌ଏମ୍ ଦାବି କରିଥିଲେ ଯେ ନିୟମିତ କ୍ଷେତ୍ର ନିରୀକ୍ଷଣ କରାଯାଇଥିଲା କିନ୍ତୁ କୌଣସି ନଥିପତ୍ର ଯେପରିକି କେତେ ସଂଖ୍ୟାରେ ବ୍ୟକ୍ତିଗତ ଗୃହ ଶୌଚାଳୟ (ଆଇଏଚ୍‌ଏଚ୍‌ଏଲ) ନିରୀକ୍ଷଣ କରାଯାଇଥିଲା, ହିତାଧିକାରୀଙ୍କ ଦ୍ୱାରା ବ୍ୟବହୃତ ଆଇଏଚ୍‌ଏଚ୍‌ଏଲ୍ ଇତ୍ୟାଦିର ନିରୀକ୍ଷଣ ଟିପ୍ପଣୀ ସମୀକ୍ଷାକୁ ପ୍ରଦାନ କରାଯାଇ ପାରିନଥିଲା । ଟିଏସ୍‌ସି/ ଏନ୍‌ବିଏର କାର୍ଯ୍ୟାନ୍ୱୟନର ପ୍ରଗତିର ସମୀକ୍ଷା ପାଇଁ ଡିସେମ୍ବର 2014 ସୁଦ୍ଧା ବିଶେଷଜ୍ଞ ଦଳ ଗଠନ ହୋଇନଥିଲା ।

### 3.1.14 ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା

ଶୂନରୁ ଛଅ ବର୍ଷ ବୟସର ପିଲା ଏବଂ ଗର୍ଭବତୀ ତଥା ସ୍ତନ୍ୟପାନ କରାଉଥିବା ମା ତଥା ଏଗାର ବର୍ଷରୁ ଅଠର ବର୍ଷ ମଧ୍ୟରେ ଥିବା କିଶୋରୀମାନଙ୍କର ସାମୂହିକ ବିକାଶ ପାଇଁ ଅକ୍ଟୋବର 1975 ମସିହାରେ ସମଗ୍ର ରାଜ୍ୟରେ, ଏକ କେନ୍ଦ୍ର ପ୍ରାୟୋଜିତ ଯୋଜନା ସମନ୍ୱିତ ଶିଶୁ ବିକାଶ ସେବା ଯୋଜନାର ଶୁଭାରମ୍ଭ କରାଯାଇଥିଲା । ବିଭିନ୍ନ ଯୋଜନା ଗୁଡ଼ିକର ସଫଳ ରୂପାୟନ କରିବା ପାଇଁ ଅଙ୍ଗନବାଡ଼ି କେନ୍ଦ୍ର (ଏଡବ୍ଲ୍ୟୁସି) ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି ।

- ***ଭିତ୍ତିଭୂମିର ଅଭାବ:*** ଆଇସିଡିଏସ୍‌ର ମାର୍ଗଦର୍ଶିକା ଅନୁସାରେ ସୁରକ୍ଷିତ ବାତାବରଣ ମଧ୍ୟରେ ହିତାଧିକାରୀମାନଙ୍କୁ ସୁବିଧା ଉପଲବ୍ଧ କରାଇବା ପାଇଁ ସମସ୍ତ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ସୁରକ୍ଷିତ ପକ୍କା ଗୃହ, ଶିଶୁ ଉପଯୋଗୀ ପାଇଖାନା, ପାନୀୟ ଜଳ ଯୋଗାଣ ଇତ୍ୟାଦି ସହିତ ପର୍ଯ୍ୟାପ୍ତ ଭିତ୍ତିଭୂମି ଯୋଗାଇ ଦେବା ଆବଶ୍ୟକ ଥିଲା । ମାର୍ଚ୍ଚ 2014 ସୁଦ୍ଧା ଜିଲ୍ଲାରେ 1842ଟି ଅଙ୍ଗନବାଡ଼ି କେନ୍ଦ୍ର (376ଟି କ୍ଷୁଦ୍ର ଅଙ୍ଗନବାଡ଼ି କେନ୍ଦ୍ର) କାର୍ଯ୍ୟ କରୁଥିଲେ, ଯାହା ନିମ୍ନରେ ବର୍ଣ୍ଣନା କରାଗଲା ।

**ସାରଣୀ 3.1.5: ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ବିବରଣୀ**

| ଅଙ୍ଗନବାଡ଼ି କାର୍ଯ୍ୟ କରୁଥିବା ସ୍ଥାନ | ଅଙ୍ଗନବାଡ଼ି କେନ୍ଦ୍ର ସଂଖ୍ୟା |
|---|---|
| ନିଜସ୍ୱ ଗୃହ | 878 |
| ବିଦ୍ୟାଳୟ ଗୃହ | 299 |
| ଭଡ଼ା / ବେସରକାରୀ ଗୃହ | 237 |
| ଗୋଷ୍ଠୀ କେନ୍ଦ୍ର | 422 |
| ଖୋଲା ସ୍ଥାନ | 6 |

***(ଉତ୍ସ; ଡିଏସଡବ୍ଲ୍ୟୁଓ, ସମ୍ବଲପୁରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ)***

[19] ଜିଲ୍ଲାପାଳ, ଡିଡବ୍ଲ୍ୟୁଏସ୍‌ଏମ୍ ଇତ୍ୟାଦିର ସଦସ୍ୟ ସଚିବ

ସମୀକ୍ଷା ଆହୁରି ମଧ୍ୟ ଲକ୍ଷ୍ୟ କରିଥିଲା ଯେ, ନିଜସ୍ୱ ଗୃହରେ କାର୍ଯ୍ୟ କରୁଥିବା 878ଟି (48 ପ୍ରତିଶତ) ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ 122ଟି କେନ୍ଦ୍ରର ଅବସ୍ଥା ଖରାପ ଥିଲା । ଅଙ୍ଗନବାଡି ଗୁଡିକର ଯୁଗ୍ମ ସରଜମିନ୍ ତଦନ୍ତରୁ ଜଣାଗଲା ଯେ ଗସ୍ତ କରାଯାଇଥିବା 10ଟି ଅଙ୍ଗନବାଡି କେନ୍ଦ୍ର[20]ର ପାଇଖାନା, ବିଦ୍ୟୁତ ଯୋଗାଣ ଏବଂ ପାନୀୟ ଜଳ ଯୋଗାଣ ଇତ୍ୟାଦି ସୁବିଧା ଉପଲବ୍ଧ ନଥିଲା । ଅଙ୍ଗନବାଡି କେନ୍ଦ୍ରଗୁଡିକରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଭାବ ହେତୁ, କିଶୋରୀ ବାଳିକାଙ୍କ ସହିତ ଅନ୍ୟ ହିତାଧିକାରୀମାନଙ୍କୁ ସୁରକ୍ଷିତ ବାତାବରଣ ପ୍ରଦାନ କରାଯାଇ ପାରିନଥିଲା ।

### 3.1.15 ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା (ଏନ୍‌ଓଏପି) ଯୋଜନା ଅନ୍ତର୍ଗତ ଷାଠିଏ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବୃଦ୍ଧମାନଙ୍କୁ କେନ୍ଦ୍ରୀୟ ସହାୟତା[21] ପ୍ରଦାନ କରାଯାଇଥାଏ । ଏହା ବ୍ୟତୀତ, 60 ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସ୍କ ବୃଦ୍ଧମାନଙ୍କ ପାଇଁ ରାଜ୍ୟ ସରକାର, ମଧୁବାବୁ ପେନ୍‌ସନ୍ ଯୋଜନା[22] ପ୍ରଚଳିତ କରିଛନ୍ତି । ବ୍ଲକ୍ ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲୁଓ) ମାନଙ୍କ ଦ୍ୱାରା ରାଜ୍ୟରେ ଉଭୟ ଯୋଜନା ପରିଚାଳିତ କରିବା ପାଇଁ ମହିଳା ଏବଂ ଶିଶୁ ବିକାଶ ବିଭାଗ ହିଁ ମୁଖ୍ୟ ଭୂମିକା ନିର୍ବାହ କରିଥାଏ ।

2009-14 ମଧରେ, ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ବିତରଣ ଉଦ୍ଦେଶ୍ୟରେ 77.11 କୋଟି ଟଙ୍କା ମଧରୁ 73.53 କୋଟି ଟଙ୍କା ବିନିଯୋଗ ହୋଇପାରିଥିଲା ଏବଂ 3.58 କୋଟି ଟଙ୍କା ବିନିଯୋଗ ନ ହୋଇ ବଳକା ରହିଥିଲା । ଉପରୋକ୍ତ ଯୋଜନା ଗୁଡ଼ିକ ଅଧିନରେ ମାର୍ଚ୍ଚ 2014 ସୁଦ୍ଧା, 62,335 ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇଥିଲେ ।

ସମୀକ୍ଷା ପାଞ୍ଚଟି ବ୍ଲକ୍[23], ତିନିଟି ଉପ ଜିଲ୍ଲାପାଳ[24] ଏବଂ ଡିଏସ୍‌ଡବ୍ଲ୍ୟୁଓଙ୍କ ନଥିପତ୍ର ଯାଞ୍ଚରୁ, ପେନ୍‌ସନ ବିତରଣରେ ବିଳମ୍ବ, ଅଯୋଗ୍ୟ ହିତାଧିକାରୀଙ୍କୁ ପେନ୍‌ସନ୍ ପ୍ରଦାନ ଇତ୍ୟାଦି ତୃଟି ଲକ୍ଷ୍ୟ କରିଥିଲା, ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା ।

- ***ପେନ୍‌ସନ୍ ଅନୁମୋଦନ ବିତରଣରେ ବିଳମ୍ବ:*** ମଧୁବାବୁ ପେନ୍‌ସନ୍ ଯୋଜନା ମାର୍ଗଦର୍ଶିକା ଅନୁସାରେ, ବିଡିଓଙ୍କ ଠାରୁ ଦରଖାସ୍ତ ପାଇବାର 15 ଦିନ ମଧରେ ଉପ-ଜିଲ୍ଲାପାଳ ଉକ୍ତ ଦରଖାସ୍ତକୁ ପରୀକ୍ଷା କରିବା ଆବଶ୍ୟକ । କିନ୍ତୁ ପାଞ୍ଚଟି ନମୁନା ଯାଞ୍ଚ ଉପ-ଜିଲ୍ଲାପାଳରୁ ତିନିଟି ଉପ-ଜିଲ୍ଲାପାଳ 867ଟି କ୍ଷେତ୍ରରେ ପେନ୍‌ସନ୍ ଅନୁମୋଦନ କରିବାରେ 30 ଦିନରୁ ଅଧିକ ବିଳମ୍ବ କରିଥିବା ପରିଲକ୍ଷିତ ହୋଇଥିଲା ।

  କାର୍ଯ୍ୟବ୍ୟସ୍ତତା ଏବଂ ସ୍ୱଳ୍ପ ଜନ ଶକ୍ତି ହେତୁ ପେନ୍‌ସନ୍ ପ୍ରଦାନରେ ବିଳମ୍ବ ହୋଇଥିଲା ବୋଲି ଉପଜିଲ୍ଲାପାଳ ଉତ୍ତର ଦେଇଥିଲେ ।

- ***ଅଗ୍ରାଧିକାର ତାଲିକା ପ୍ରସ୍ତୁତ କରା ନଯିବା:*** ଦରଖାସ୍ତ ପ୍ରାପ୍ତିର ସମୟ ଏବଂ ତାରିଖ ଆଧାରରେ ଅଗ୍ରାଧିକାର ତାଲିକା ପ୍ରସ୍ତୁତ କରାଯାଇ ନଥିଲା । ବିଡିଓମାନେ ଦରଖାସ୍ତ ପଠାଇବା ମାତ୍ରେ ପେନ୍‌ସନ୍ ଅନୁମୋଦିତ ହୋଇଥିଲା । ସରକାରଙ୍କ ଆଦେଶ (ମଇ 2011) ସତ୍ତ୍ୱେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତି ମାନଙ୍କର କୌଣସି କମ୍ପ୍ୟୁଟରୀକୃତ ଡାଟାବେସ୍ ପ୍ରସ୍ତୁତ କରାଯାଇ ନଥିଲା ।

---

20 ଚଉଲଦିପୋ, ଦେବରା, ଗାନ୍ଧିନଗର, ଘୋସ୍ରାମାଲ, ଗୁହ୍ରାପଡ଼ା-I, କହପାଣି, କୁନ୍ଦ୍ରାବାହାଲ, ଲାରପଙ୍କ, ନୂଆଡିହି, କ୍ଷେତ୍ରପୁର

21 ଏନ୍‌ଓଏପି ଅଧିନରେ 60 ରୁ 79 ବର୍ଷ ବୟସର ହିତାଧିକାରୀଙ୍କୁ ପ୍ରତି ମାସ 300 ଟଙ୍କା ଏବଂ 80 ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ହିତାଧିକାରୀଙ୍କୁ ପ୍ରତିମାସ 500 ଟଙ୍କା

22 ଏମବିପିଓ୍ୱାଇ ଅଧିନରେ 60 ବର୍ଷ ତଥା ତଦୁର୍ଦ୍ଧ୍ୱ ହିତାଧିକାରୀଙ୍କୁ 300 ଟଙ୍କା ପ୍ରତିମାସ

23 ବାମରା, ଧାନକୌଡ, ଜମନକିରା, ନାକଟିଦେଉଳ ଏବଂ ରେଙ୍ଗାଲି

24 କୁଚିଣ୍ଡା, ରେଢାଖୋଲ ଏବଂ ସମ୍ବଲପୁର

- ***ଅନୁମୋଦନ ହେବା ପୂର୍ବରୁ ଭତ୍ତା ପ୍ରଦାନ:*** ଅନୁମୋଦନ ହୋଇଥିବା ମାସର ପରବର୍ତ୍ତୀ ମାସର ପ୍ରଥମ ଦିନରୁ ଭତ୍ତା ଦିଆଯିବା ଆବଶ୍ୟକ । ମାତ୍ର ଅନୁମୋଦନ ହେବାର 1 ମାସ ରୁ 24 ମାସ ପୂର୍ବରୁ 7629 ହିତାଧିକାରୀଙ୍କୁ 1.01 କୋଟି ଟଙ୍କାର ପେନ୍‌ସନ୍ ପ୍ରଦାନ କରାଯାଇଥିଲା ।

- ***ବୟସ ହୋଇନଥିବା/ ଅଯୋଗ୍ୟ/ ମୃତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ:*** ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା ଅନୁସାରେ ଜନ୍ମ ପଞ୍ଜୀକରଣ ପ୍ରମାଣପତ୍ର କିମ୍ବା ସ୍କୁଲ୍ ଛାଡିବା ପ୍ରମାଣପତ୍ର କିମ୍ବା ମ୍ୟୁନିସିପାଲିଟି/ ଏନ୍‌ଏସି/ ଗ୍ରାମ ପଞ୍ଚାୟତର ମତଦାତା ସୁଚୀରୁ ଆବେଦକର ବୟସ ଯାଞ୍ଚ୍ କରାଯିବା ଆବଶ୍ୟକ । ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ, ଦୁଇଟି ବ୍ଲକ୍[25] ଏବଂ ଗୋଟିଏ ସବ୍‌ଡିଭିଜନ[26] କ୍ଷେତ୍ରରେ, ଭୋଟର ପରିଚୟ ପତ୍ର ଅନୁଯାୟୀ ଅନୁମୋଦନ ତାରିଖରୁ 60 ବର୍ଷ ହୋଇନଥିବା 55ଟି ଆବେଦକଙ୍କୁ 3.42 ଲକ୍ଷ ଟଙ୍କାର ଭତ୍ତା ଅନୁମୋଦନ କରାଯାଇଥିଲା । ସେହିପରି ପାଞ୍ଚଟି ନମୁନା ଯାଞ୍ଚ୍ ବ୍ଲକରେ 2009 ରୁ 2014 ମଧ୍ୟରେ 82 ଜଣ ମୃତବ୍ୟକ୍ତିଙ୍କୁ ମୃତ୍ୟୁର 1 ମାସରୁ 29 ମାସ ପରେ 0.94 ଲକ୍ଷ ଟଙ୍କାର ଭତ୍ତା ପ୍ରଦାନ କରାଯାଇଥିଲା ।

  ମାମାଲାର ତଦନ୍ତ ପରେ ଯଥୋଚିତ ପଦକ୍ଷେପ ନିଆଯିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ ।

### 3.1.16 ବିଧାନସଭା ସଭ୍ୟମାନଙ୍କର ଆଞ୍ଚଳିକ ଉନ୍ନୟନ (ଏମ୍‌ଏଲ୍‌ଏଏଲଏଡି) ଯୋଜନା

ଯୋଜନା ପ୍ରକ୍ରିୟାରେ ସ୍ଥାନୀୟ ଜନସାଧାରଣ ଓ ସେମାନଙ୍କ ପ୍ରତିନିଧିମାନଙ୍କ ଅଂଶ ଗ୍ରହଣ ବୃଦ୍ଧି କରିବା, ସ୍ଥାନୀୟ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛୋଟ କିନ୍ତୁ ଦରକାରୀ ସର୍ବସାଧାରଣ ସମ୍ପତ୍ତି/ ପ୍ରକଳ୍ପ/ କାର୍ଯ୍ୟ ସୃଷ୍ଟି କରିବା ଏମ୍‌ଏଲଏଲ୍ୟାଡର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

2009-14 ମଧ୍ୟରେ ଯୋଜନା ପାଇଁ ଉପଲବ୍ଧ ଥିବା 20.76 କୋଟି ଟଙ୍କା ମଧ୍ୟରୁ ଡିଆରଡିଏ ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ 20.36 କୋଟି ଟଙ୍କା ପ୍ରଦାନ କରିଥିଲେ ଏବଂ ବଳକା 0.40 କୋଟି ଟଙ୍କା 31 ମାର୍ଚ୍ଚ 2014 ସୁଦ୍ଧା ପିଏଲ୍ ଆକାଉଣ୍ଟରେ ଏବଂ ବ୍ୟାଙ୍କ୍ ଆକାଉଣ୍ଟରେ ରଖିଥିଲେ । ଯୋଜନାର କାର୍ଯ୍ୟାନ୍ୱୟନରେ ନିମ୍ନଲିଖିତ ଅଭାବ ଗୁଡ଼ିକୁ ସମୀକ୍ଷା ଅବଲୋକନ କରିଥିଲା:

- ***ଅଗ୍ରାହ୍ୟ କାର୍ଯ୍ୟଗୁଡ଼ିକର ଚୟନ :*** ଯୋଜନା ମାର୍ଗଦର୍ଶିକା ଅନୁଯାୟୀ ପୂଜା ସ୍ଥଳରେ ଏବଂ ଧାର୍ମିକ/ ଆର୍ଥିକ ସେବା ଇତ୍ୟାଦିଙ୍କ ମାଲିକାନାରେ ନୂତନ କାର୍ଯ୍ୟ ନିଷିଦ୍ଧ କରାଯାଇଥିଲା । କିନ୍ତୁ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଅନୁମତି ଥିଲା । ସମୀକ୍ଷା ଯାଞ୍ଚରୁ ଦେଖାଗଲା ଯେ 21 କାର୍ଯ୍ୟ ଗ୍ରାହ୍ୟ ମାନଦଣ୍ଡ ପୂରଣ କରୁନଥିଲେ ମଧ 2009-14 ରେ 24.75 ଲକ୍ଷ ଟଙ୍କା ବିନିମୟରେ କାର୍ଯ୍ୟସଂପାଦନ କରାଯାଇଥିଲା ।

  ଯୋଜନା ଓ ସମନ୍ୱୟ (ପିଏଣ୍ଡସି) ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଅନୁମୋଦିତ କାର୍ଯ୍ୟଗୁଡ଼ିକ ଏମ୍‌ଏଲ୍‌ଏଏଲଏଡି ମାର୍ଗଦର୍ଶିକା ଅନୁଯାୟୀ ଗ୍ରାହ୍ୟ ଥିଲା । ଉତ୍ତର ଗ୍ରହଣ ଯୋଗ୍ୟ ନଥିଲା, ଯେହେତୁ ନୂତନ ନିର୍ମାଣ କାର୍ଯ୍ୟ କରାଯାଇଥିଲା, ଯାହାକି ମାର୍ଗଦର୍ଶିକା ଅନୁଯାୟୀ ଗ୍ରହଣୀୟ ନଥିଲା ।

- ***ଅସମ୍ପୂର୍ଣ୍ଣ ସମ୍ପତ୍ତି:*** ନମୁନା ଯାଞ୍ଚ୍ ପାଞ୍ଚଟି କାର୍ଯ୍ୟନିର୍ବାହୀ ସଂସ୍ଥାରେ କାର୍ଯ୍ୟ ସଂପୂର୍ଣ୍ଣ ଦର୍ଶାଯାଇଥିବା 31ଟି କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିଲା ଏବଂ 18.15 ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲେ ମଧ ଯୋଜନାରେ ପାଣିର ଅଭାବ ଯୋଗୁଁ ତାହା ବ୍ୟବହାର ଉପଯୋଗୀ ନଥିଲା ।

  ଯୋଜନା ଓ ସମନ୍ୱୟ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ଆଦେଶ ଦିଆଯାଇଛି ।

---

25 ବାମରା, ନାକଟିଦେଉଳ

26 ସମ୍ବଲପୁର

- ***ବିଳମ୍ବିତ ଯୋଜନା ଗୁଡ଼ିକରୁ ପାଣ୍ଠି ଅପସାରଣ ନକରିବା:*** ଯୋଜନା ମାର୍ଗଦର୍ଶିକା ଦର୍ଶାଏ ଯେ ପାଣ୍ଠି ଯଦି ପ୍ରଦାନ ତାରିଖ ଠାରୁ ଛଅ ମାସ ମଧ୍ୟରେ ସଂପୃକ୍ତ ପ୍ରକଳ୍ପରେ ଯଦି ଖର୍ଚ୍ଚ ନହେଲା ଆବଣ୍ଟିତ ଅର୍ଥ ଫେରସ୍ତ ଆଣି ଅଗ୍ରାଧିକାର ତାଲିକାରେ ପାଣ୍ଠି ଅପେକ୍ଷାରେ ଥିବା ପ୍ରକଳ୍ପ ପାଇଁ ବିନିଯୋଗ କରାଯିବ। ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟଗୁଡ଼ିକ ଆରମ୍ଭ ହୋଇନଥିଲେ ମଧ୍ୟ 284ଟି କାମ ପାଇଁ ଆବଣ୍ଟିତ 2.40 କୋଟି ଟଙ୍କାର ଅଟକଳ ରାଶିକୁ ଅପସାରଣ କରାଯାଇନଥିଲା।

ଯୋଜନା ଓ ସମନ୍ୱୟ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ମଞ୍ଜୁର ହୋଇଥିବା ଅର୍ଥକୁ ବିନିଯୋଗ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଅଛି।

### 3.1.17 ଜଳସେଚନ

ମାର୍ଚ୍ଚ 2014 ସୁଦ୍ଧା ଜିଲ୍ଲାର ମୋଟ 1,93,674 ହେକ୍ଟର ଚାଷୋପଯୋଗୀ ଜମିରୁ 65,334 ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଥିଲା। ପରିପ୍ରେକ୍ଷଣ ଯୋଜନା ଅନୁଯାୟୀ ଜିଲ୍ଲାରେ ଜଳସେଚନ କ୍ଷମତା ପ୍ରତି ବର୍ଷ 7 ରୁ 10 ପ୍ରତିଶତ ବୃଦ୍ଧି କରିବାର ଲକ୍ଷ୍ୟ ଥିଲା। ସେହିପରି ଭାବରେ 2013-14 ସୁଦ୍ଧା 98,964 ହେକ୍ଟର[27] ଜଳସେଚନର ସୁବଧା ସୃଷ୍ଟି କରିବାକୁ ଥିଲାବେଳେ ମାତ୍ର 65,334 ହେକ୍ଟର ଜମିରେ (69 ପ୍ରତିଶତ) ଜଳସେଚନର ସୁବିଧା ସୃଷ୍ଟି ହୋଇଥିଲା, ଯାହାଫଳରେ 33,630 ହକ୍ଟର ଜମି ରହିଯାଇଥିଲା। ନିମ୍ନ କାରଣ ଗୁଡ଼ିକ ପାଇଁ ଲକ୍ଷ୍ୟ ହାସଲ ହୋଇପାରି ନଥିଲା :

- ***ଉଠା ଜଳସେଚନ ପଏଣ୍ଟ ଗୁଡ଼ିକର ସଂସ୍ଥାପନ ନହେବା :*** ପରିପ୍ରେକ୍ଷଣ ଯୋଜନା 2008-13 ଅନୁଯାୟୀ 2009-14 ମଧ୍ୟରେ 450ଟି ନୂଆ ଉଠା ଜଳସେଚନ ପଏଣ୍ଟ ସ୍ଥାପନ ପାଇଁ ଲକ୍ଷ୍ୟ ଥିଲାବେଳେ 146[28]ଟି (32 ପ୍ରତିଶତ) ଉଠା ଜଳସେଚନ ପଏଣ୍ଟ ସ୍ଥାପିତ ହୋଇଥିଲା। ସରକାରଙ୍କ ଠାରୁ ପାଣ୍ଠି ପ୍ରାପ୍ତ ନ ହେବାରୁ ଏହି ଲକ୍ଷ୍ୟ ହାସଲ ହୋଇ ପାରିନଥିଲା।

- ***ଜଳସେଚନ ପଏଣ୍ଟଗୁଡ଼ିକର ରକ୍ଷଣାବେକ୍ଷଣ :*** ଜିଲ୍ଲାର 113ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍ଆଇପି) ମଧ୍ୟରୁ 64ଟି ଏମ୍ଆଇପି କାର୍ଯ୍ୟକ୍ଷମ ଥିଲା, 27ଟି ସଂପୂର୍ଣ୍ଣ ଭାବରେ ଅଚଳ ହୋଇଥିଲା, 13ଟି ଆଂଶିକ ଅଚଳ ହୋଇଥିଲା ଏବଂ ଅବଶିଷ୍ଟ ନଅଟି ଏମ୍ଆଇପି 1,315 ହେକ୍ଟର ଆୟାକଟ୍ ଅଞ୍ଚଳରୁ ଜଳସେଚନ କରିବା ପାଇଁ 2006-09 ରେ ଆରମ୍ଭ ହୋଇଥିଲେ ମଧ୍ୟ ଜାନୁଆରୀ 2015 ସୁଦ୍ଧା ଅସମ୍ପୂର୍ଣ୍ଣ ରହିଥିଲା।

- ଜଙ୍ଗଲ ମଞ୍ଜୁରୀ ଅଭାବରୁ 35.88 ହେକ୍ଟର[29] ଆୟାକଟର ଜମି ପାଇଁ ଚାରିଟି ନୂତନ ଏମ୍ଆଇପି ଆରମ୍ଭ ହୋଇପାରି ନଥିଲା।

- ଏହାବ୍ୟତିତ 1,631 ହେକ୍ଟର ପରିବ୍ୟାପ୍ତ ଆୟାକଟ ଅଞ୍ଚଳରେ ମାର୍ଚ୍ଚ 2011 ଓ ଅପ୍ରେଲ 2012 ମଧ୍ୟରେ 10.05 କୋଟି ଟଙ୍କାର ଅଟକଳରେ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ହାତକୁ ନିଆଯାଇଥିବା 49ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମରାମତି ଓ ଆଧୁନିକୀକରଣ କାର୍ଯ୍ୟ 8.03 କୋଟି ଟଙ୍କା ବିନିଯୋଗ ହୋଇ ମଧ୍ୟ ଜାନୁଆରୀ 2015 ସୁଦ୍ଧା ଅସମ୍ପୂର୍ଣ୍ଣ ରହିଥିଲା।

- ***ଅଚଳ ଉଠାଜଳସେଚନ ପ୍ରକଳ୍ପ :*** ଜିଲ୍ଲାର ମୋଟ 458 କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଧ୍ୟରୁ, ମୁଖ୍ୟ ଅଂଶ କ୍ଷତିଗ୍ରସ୍ତ କାରଣରୁ, ବିଦ୍ୟୁତ୍ ଯୋଗାଣ ନହେବାରୁ, ବିଦ୍ୟୁତ୍ ଟ୍ରାନ୍ସଫରମର ଚୋରି ହେବା ଇତ୍ୟାଦି କାରଣରୁ 2,409 ହେକ୍ଟର ଜମିକୁ ଜଳସେଚନ କରିବା କ୍ଷମତା ଥିବା 110ଟି ଉଠାଜଳସେଚନ ପ୍ରକଳ୍ପ 1989-2004 ଠାରୁ ଅଚଳ ହୋଇ ପଡ଼ି ରହିଥିଲା।

---

[27] 2009-10 ରେ ଥିବା 75,499 ହେକ୍ଟର ଜଳ ସେଚନକ୍ଷମ ଜମି ଉପରେ ପ୍ରତିବର୍ଷ 7 ପ୍ରତିଶତ ବୃଦ୍ଧି

[28] 2009-10: 42 (47 ପ୍ରତିଶତ), 2010-11:12 (13 ପ୍ରତିଶତ), 2011-12: 23 ( 26 ପ୍ରତିଶତ); 2012-13: 20 (22 ପ୍ରତିଶତ) ଏବଂ 2013-14: 49 (55 ପ୍ରତିଶତ)

[29] ସୁନାଟୁଙ୍ଗୁରୀ:11.36 ହେକ୍ଟର; କରନ୍ଦିଜୋର: 6.12 ହେକ୍ଟର; ବଡ଼ଝରଣ: 17.51 ହେକ୍ଟର, ଏବଂ କଦଳୀଝରଣ:0.89 ହେକ୍ଟର

ଜଳ ସମ୍ପଦ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଏବଂ ପୁନଃନିର୍ମାଣ କାର୍ଯ୍ୟ ଚାଲୁଅଛି ଏବଂ ଶୀଘ୍ର ସମ୍ପୂର୍ଣ୍ଣ ହୋଇଯିବ ।

### 3.1.18 କୃଷି

କ୍ଷେତ୍ର ସଂପ୍ରସାରଣ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ କୃଷି କ୍ଷେତ୍ରର ମିତବ୍ୟୟିତା ବୃଦ୍ଧି କରି ଚାଉଳ, ଗହମ, ଡାଲି ପ୍ରଭୃତିର ଉତ୍ପାଦନ ବୃଦ୍ଧି ନିମନ୍ତେ ଭାରତ ସରକାରଙ୍କ ଅଧିନରେ ଥିବା ବୃହତ୍ ପରିକଳ୍ପନା ଗୁଡ଼ିକ ଯଥା- ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଏନ୍ଏଫ୍ଏସ୍ଏମ୍) ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆରକେଭିଓ୍ୱାଇ) ରୁ 2009-14 ମଧ୍ୟରେ ଜିଲ୍ଲା 32.12 କୋଟି ଟଙ୍କା ପାଇଥିଲା । ଜିଲ୍ଲାରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଏଟିଏମ୍ଏ) ଗଠନ କରାଯାଇ ଏହି ପରିକଳ୍ପନା ଗୁଡ଼ିକ ଜିଲ୍ଲାରେ କାର୍ଯ୍ୟାନ୍ୱୟନ କରାଯାଇଥିଲା । କିନ୍ତୁ, ଏହି ଯୋଜନାର ପରିଚାଳନା ପାଇଁ ଜିଲ୍ଲା 29.14 କୋଟି ଟଙ୍କା (91 ପ୍ରତିଶତ) ବିନିଯୋଗ କରିଥିଲା ।

ଉପକୃଷି ନିର୍ଦ୍ଦେଶକ (ଡିଡିଏ) ସମ୍ବଲପୁର ଏବଂ ତିନିଟି[30] ଜିଲ୍ଲା କୃଷି ଅଧିକାରୀମାନଙ୍କର ନଥିଗୁଡ଼ିକର ନମୁନା ଯାଞ୍ଚରୁ ନିମ୍ନଲିଖିତ ବିଷୟଗୁଡ଼ିକ ଅବଲୋକନ କରାଯାଇଥିଲା :

- ***ଯୋଜନା ପ୍ରକ୍ରିୟାରେ କୃଷକମାନଙ୍କୁ ସାମିଲ୍ ନକରିବା :*** ଆର୍କେଭିଓ୍ୱାଇ ମାର୍ଗଦର୍ଶିକା ଅନୁସାରେ ପ୍ରତ୍ୟେକ ଜିଲ୍ଲା ବ୍ୟାପକ ଜିଲ୍ଲା କୃଷି ଯୋଜନା (ସି-ଡିଏପି) ପ୍ରସ୍ତୁତି କରିବା ଆବଶ୍ୟକ ଯାହା ମୂଳ ସ୍ତରରୁ (ଗ୍ରାମ ପଞ୍ଚାୟତ) ଆରମ୍ଭ ହୋଇଥିବ । ଜିଲ୍ଲା କୃଷି କାର୍ଯ୍ୟକାରୀ ଯୋଜନା (ଡିଏଏପି) ପ୍ରସ୍ତୁତି ପାଇଁ ବ୍ଲକ୍ କାର୍ଯ୍ୟକାରୀ ଯୋଜନା (ବିଏପି), ବ୍ଲକ୍ କୃଷକ ଉପଦେଷ୍ଟା କମିଟି (ବିଏଫ୍ଏସି) ଏବଂ ଗ୍ରାମ୍ୟ ସ୍ତରରେ କୃଷକମାନଙ୍କୁ (ଏଫ୍ଏଫ୍) ଅନ୍ତର୍ଭୁକ୍ତ କରିବା ଉଚିତ୍ । ଯାହାହେଉ ସମସ୍ତ ଷ୍ଟେକ୍ ହୋଲଡରଙ୍କ ଅଂଶ ଗ୍ରହଣ ବିନା ଜିଲ୍ଲା ଯୋଜନା 2009-14 ପ୍ରସ୍ତୁତ ହୋଇଥିଲା । ଯଦିଓ ବିଏପିଗୁଡ଼ିକୁ ପରାମର୍ଶ କରି ଡିଏଏପି ପ୍ରସ୍ତୁତ କରାଯାଇଥିଲା, ବ୍ଲକ୍ କୃଷି ଉପଦେଷ୍ଟା କମିଟି ଏବଂ କୃଷକ ବନ୍ଧୁମାନଙ୍କୁ ଏଥିରେ ସାମିଲ୍ କରାଯାଇ ନଥିଲା । ଯେହେତୁ ଡିଏଏପିରେ ମୂଳ ସ୍ତରରେ ଚାଷୀମାନଙ୍କୁ ସଂଶ୍ଳିଷ୍ଟ କରିନଥିଲା, ଜିଲ୍ଲା ସ୍ତରୀୟ ଯୋଜନା ଲୋକମାନଙ୍କର ପ୍ରକୃତ ଆବଶ୍ୟକତାକୁ ସମାଧାନ କରି ପାରିବାରେ ବାସ୍ତବିକତା ନଥିଲା ।

- ***ବିହନ ଗ୍ରାମ ଯୋଜନା :*** ବିହନ ଗ୍ରାମ ଯୋଜନା (ଏସ୍ଭିଏସ୍) ର ମାର୍ଗଦର୍ଶିକା ଅନୁଯାୟୀ, ଏକ ନିର୍ଦ୍ଦିଷ୍ଟ ଶସ୍ୟ ପାଇଁ ବିହନ ଗ୍ରାମ କାର୍ଯ୍ୟକ୍ରମକୁ ଏକ ମନୋନୀତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ ଏବଂ ଏହି ଅଞ୍ଚଳଟି ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ (ଓଏସ୍ଏସ୍ସି) ଦ୍ୱାରା ଆଦର୍ଶ ଭାବରେ ଗ୍ରହଣ କରାଯାଇଥିବା ଆବଶ୍ୟକ । କୌଣସି କାରଣରୁ ବାଣିଜ୍ୟିକ ବିହନ ଉତ୍ପାଦନ ପାଇଁ ଉପଯୁକ୍ତ ଗ୍ରାମ ଭାବରେ ଉକ୍ତ ଅଞ୍ଚଳକୁ ଯଦି ଓଏସ୍ଏସ୍ସି ହାତକୁ ନ ନେଇଥିବ ତେବେ ପ୍ରଶିକ୍ଷଣ ପ୍ରାପ୍ତ ଚାଷୀମାନଙ୍କୁ ବିହନ ଉପୁଜାଇବା ପାଇଁ ପଞ୍ଜୀକୃତ କରାଯିବାକୁ ପ୍ରବର୍ତ୍ତିତ କରାଯିବା ଉଚିତ୍ ଏବଂ ମଞ୍ଜି ଉତ୍ପାଦନକୁ ଜାରି ରଖିବାକୁ ସେମାନଙ୍କୁ ଆବଶ୍ୟକୀୟ ଭିତ୍ତି/ ପ୍ରାମାଣିକ ଅବସ୍ଥା-1 ବିହନ ପରବର୍ତ୍ତୀ ବର୍ଷମାନଙ୍କରେ ଯୋଗାଇଦେବା ଉଚିତ୍ ।

  2009-10 ଏବଂ 2010-11 ଖରିଫ୍ ଋତୁରେ ବିହନ ଉତ୍ପାଦନକାରୀ ଭାବରେ 4,320 କୃଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ଏବଂ 25,588.06 ହେକ୍ଟର ଜମି ପାଇଁ 14,381.02 କୁଇଣ୍ଟାଲ ବିହନ ସେମାନଙ୍କୁ କିଟ୍ ଭାବରେ ସରକାରୀ ସାହାଯ୍ୟ ମୂଲ୍ୟରେ ବଣ୍ଟାଯାଇଥିଲା । ମାତ୍ର 2009-14 ମଧ୍ୟରେ ଓଡ଼ିଶା ରାଜ୍ୟ ବିହନ ଯୋଗାଣ ନିଗମ କୃଷକମାନଙ୍କର କ୍ଷେତ୍ର ରେଜିଷ୍ଟ୍ରେସନ ପାଇଁ ଗ୍ରହଣ କରିନଥିଲେ କିମ୍ବା ଡିଡିଏ କୃଷକମାନଙ୍କୁ ପଞ୍ଜୀକୃତ ହେବା ପାଇଁ ପ୍ରବର୍ତ୍ତାଇନଥିଲେ, ଯାହାଫଳରେ ପ୍ରଶିକ୍ଷିତ କୃଷକମାନଙ୍କ ଦ୍ୱାରା ପ୍ରମାଣୀକୃତ ବିହନ ଉତ୍ପାଦନ ସୁନିଶ୍ଚିତ କରାଯାଇପାରି ନଥିଲା ଏବଂ ଏହା ଫଳରେ 55,486 କୁଇଣ୍ଟାଲ୍ କମ୍ ପ୍ରମାଣୀକୃତ ବିହନ ଯୋଗାଇ ଦିଆଯାଇଥିଲା ।

---

30 ସମ୍ବଲପୁର, କୁଚିଣ୍ଡା ଏବଂ ରେଢ଼ାଖୋଲ

- ***ଜଳ ନିଧି କାର୍ଯ୍ୟକ୍ରମର ଅସଫଳତା :*** ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗଭୀର ନଳକୂପ ଖନନ, କୂପ ଖନନ ଏବଂ ଉତ୍ତୋଳକ ସେଟ୍ କ୍ରୟ କରିବାକୁ ସରକାର ଚାଷୀମାନଙ୍କୁ ରିହାତି ପ୍ରଦାନ କରିଥିଲେ । 2009-14 ମଧ୍ୟରେ ଗଭୀର ନଳକୂପ ଖନନର ସଫଳତା 1 ରୁ 62 ପ୍ରତିଶତ ଥିଲାବେଳେ କୂପ ଖନନରେ ଏହି ସଫଳତା 26 ପ୍ରତିଶତ (2010-11) ରୁ 99 ପ୍ରତିଶତ (2011-12) ଥିଲା ।

କୃଷି ଉପନିର୍ଦ୍ଦେଶକ ଦର୍ଶାଇଥିଲେ (ଜାନୁଆରୀ 2015) ଯେ, 2013-14 ରେ ଗଭୀର ନଳକୂପ ଖନନରେ ସଫଳତା ଖୁବ୍ କମ୍ ଥିଲା କାରଣ ଚାଷୀମାନେ ଆର୍‌କେଭିଓ୍ୱାଇ ଅଧିନରେ ଉଠା ଜଳସେଚନ ପାଇଁ 90 ପ୍ରତିଶତ ରିହାତି ଲାଭ କରିଥିଲେ ।

### 3.1.19 ସଂଯୋଗୀକରଣ

ମାର୍ଚ୍ଚ 2014 ସୁଦ୍ଧା, ଜିଲ୍ଲାରେ 63 କିଲୋମିଟର ଜାତୀୟ ରାଜପଥ, 302.74 କିଲୋମିଟର ରାଜ୍ୟ ରାଜପଥ (ଏସ୍ଏଚ୍), 116.17 କିଲୋମିଟର ବୃହତ୍ ଜିଲ୍ଲା ସଡ଼କ ଏବଂ 178.351 କିଲୋମିଟର ଅନ୍ୟାନ୍ୟ ଜିଲ୍ଲା ପଥ ରହିଥିଲା । ଜିଲ୍ଲାର ସମୁଦାୟ 1,477 ବସତି ମଧ୍ୟରୁ 770ଟି ବସତିକୁ ରାସ୍ତା ସଂଯୋଗ କରୁଥିଲା ଏବଂ 707ଟି ବସତି ପାଇଁ କୌଣସି ଯୋଗାଯୋଗ ନଥିଲା ।

2009 ରୁ 2014 ମଧ୍ୟରେ ପୌର/ଗ୍ରାମ୍ୟ ସଡ଼କର ନିର୍ମାଣ ତଥା ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲା 488.36 କୋଟି[31] ଟଙ୍କା ପାଇଥିଲେ । ଯେଉଁଥିରୁ 473.42 କୋଟି[32] ଟଙ୍କା ବିନିଯୋଗ ହୋଇଥିଲା ଏବଂ 14.94 କୋଟି ଟଙ୍କା ବିନିଯୋଗ ହୋଇପାରି ନଥିଲା । ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ, 2009-14 ମଧ୍ୟରେ ଲୋକମାନଙ୍କୁ ସବୁ ଋତୁରେ ସଡ଼କ ପଥର ସଂଯୋଗୀକରଣ ପାଇଁ ସଡ଼କ ଓ ସେତୁ ନିର୍ମାଣ ଏବଂ ଉନ୍ନତିକରଣ ସଂପୂର୍ଣ୍ଣ ହୋଇପାରି ନଥିଲା:

***ପୌର ସଡ଼କ***

- ***ରାଜ୍ୟ ରାଜପଥ/ ଜିଲ୍ଲା ସଡ଼କ:*** 2009-14 ମଧ୍ୟରେ ନଅ ଜଣ ଠିକାଦାରଙ୍କୁ ଜାନୁଆରୀ 2011ରୁ ନଭେମ୍ବର 2014 ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ପାଇଁ 72.27 କୋଟି ଟଙ୍କାର ଏଗାରଟି ସଡ଼କର ଉନ୍ନତିକରଣ କାର୍ଯ୍ୟ ପ୍ରଦାନ କରାଯାଇଥିଲା । ଜାନୁଆରୀ 2015 ସୁଦ୍ଧା 58.88 କୋଟି ଟଙ୍କା (81 ପ୍ରତିଶତ) ବ୍ୟୟ କରିସାରିବା ପରେ ଏହା ସଂପୂର୍ଣ୍ଣ ହୋଇପାରି ନଥିଲା ।।

- ***ସେତୁ କାର୍ଯ୍ୟ:*** ସେପ୍ଟେମ୍ବର/ ନଭେମ୍ବର 2014 ସୁଦ୍ଧା ସଂପୂର୍ଣ୍ଣ କରିବା ଲକ୍ଷ୍ୟରେ ଦୁଇଟି ଉଚ୍ଚ ସ୍ତରୀୟ ସେତୁର[33] ନିର୍ମାଣ କାର୍ଯ୍ୟ ପାଇଁ 4.43 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ଜୁଲାଇ-ସେପ୍ଟେମ୍ବର 2013) । କିନ୍ତୁ 1.09 କୋଟି ଟଙ୍କା (25 ପ୍ରତିଶତ) ଖର୍ଚ୍ଚ ହୋଇସାରିବା ପରେ ମଧ ଉକ୍ତ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିଲା ।

  ନିର୍ମାଣ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଜବର ଦଖଲକୁ ଦଖଲଚ୍ୟୁତ କରିବାରେ ବିଳମ୍ବ, ପିଏଚଡି ପାଇପ୍ ଲାଇନ୍ ବିଦ୍ୟୁତ୍ ସେବାର ସ୍ଥାନାନ୍ତର, ନକ୍ସଲ ପ୍ରଭାବ, ସେତୁ ନିର୍ମାଣ ଡିଜାଇନ୍‌ରେ ପରିବର୍ତ୍ତନ ଇତ୍ୟାଦି କାରଣ ହେତୁ ସଡ଼କ ଓ ସେତୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଂପୂର୍ଣ୍ଣ ହୋଇପାରି ନଥିଲା ।

---

[31] ଏନ୍ଏଚ୍ ଡିଭିଜନ: 14.66 କୋଟି ଟଙ୍କା (ଏନ୍ଏଚ୍); ଆରଏଣ୍ଡବି ଡିଭିଜନ: 201.92 କୋଟି ଟଙ୍କା (ଏସଏଚ/ ଏମଡିଆର/ ଓଡିଆର୍), ଗ୍ରାମାଞ୍ଚଳ କାର୍ଯ୍ୟ (ଆର୍‌ଡବ୍ଲ୍ୟୁ) ବିଭାଜନ: 271.78 କୋଟି ଟଙ୍କା (ପିଏମଜିଏସ୍ୱାଇ ରାସ୍ତା)

[32] ଏନ୍ଏଚ୍ ଡିଭିଜନ: 14.66 କୋଟି ଟଙ୍କା; ଆରଏଣ୍ଡବି ଡିଭିଜନ: 201.92 କୋଟି ଟଙ୍କା, ଗ୍ରାମାଞ୍ଚଳ କାର୍ଯ୍ୟ (ଆରଡବ୍ଲ୍ୟୁ) ବିଭାଜନ: 256.84 କୋଟି ଟଙ୍କା

[33] (1) ମାନେଶ୍ୱର-କଳପଡ଼ା ରାସ୍ତାର ପ୍ରଥମ କିମିରେ ଗାଇଖାଇ ନଳା ଉପରେ ସେତୁ ଏବଂ (2) ସେଣ୍ଟ-ଅନ୍ଧାରୀ ରାସ୍ତାର ତୃତୀୟ କିମିରେ ଧ୍ରୁବ ନଳା ଉପରେ ସେତୁ

*ଗ୍ରାମ୍ୟ ସଡ଼କ (ପିଏମ୍‌ଜିଏସ୍‌ୱାଇ)*

2009-14 ରେ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଗତ ଅନୁମୋଦିତ ହୋଇଥିବା 234ଟି ସଡ଼କ ମଧ୍ୟରୁ ମାର୍ଚ୍ଚ 2014 ସୁଦ୍ଧା 125ଟି ସଡ଼କର (53 ପ୍ରତିଶତ) କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା, 46ଟି ସଡକର କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିଲା ଏବଂ 63ଟି ସଡ଼କ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିଲା ।

- ସେପ୍ଟେମ୍ବର 2011 ରୁ ନଭେମ୍ବର 2013 ମଧ୍ୟରେ ହାତକୁ ନିଆଯାଇଥିବା 140.44 କିଲୋମିଟର (***ପରିଶିଷ୍ଟ 3.1.2***) ଦୈର୍ଘ୍ୟ ବିଶିଷ୍ଟ 43ଟି ସଡ଼କର କାର୍ଯ୍ୟ ଅଗଷ୍ଟ 2012 ରୁ ଅଗଷ୍ଟ 2014 ମଧ୍ୟରେ ସଂପୂର୍ଣ୍ଣ କରିବା ଲକ୍ଷ୍ୟ ରଖାଯାଇଥିବା ସତ୍ତ୍ୱେ 27.91 କୋଟି ଟଙ୍କା ଖର୍ଚ୍ଚ ହୋଇସାରିବା ପରେ ମଧ ନିର୍ଦ୍ଧାରିତ ସମୟ ସୀମା ଠାରୁ 5 ମାସରୁ 28 ମାସ ପର୍ଯ୍ୟନ୍ତ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରିନଥିଲା ।

  ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ଦର୍ଶାଇଥିଲେ (ମଇ 2015) ଯେ, ଡିସେମ୍ବର 2015 ସୁଦ୍ଧା ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

- ସଡ଼କ ନିର୍ମାଣ ସମୟରେ ନଦୀ ଏବଂ ନାଳଗୁଡ଼ିକରେ ସେତୁ ନିର୍ମାଣ ନକରିବା ହେତୁ 10.59 କୋଟି ଟଙ୍କା ବ୍ୟୟ କରିବା ସତ୍ତ୍ୱେ ଡିସେମ୍ବର 2010 ଏବଂ ନଭେମ୍ବର 2014 ମଧ୍ୟରେ ସଂପୂର୍ଣ୍ଣ ହୋଇସାରିଥିବା ସାତଟି ସଡ଼କରେ ଯୋଗାଯୋଗ ସ୍ଥାପିତ ହୋଇପାରି ନଥିଲା ।

  ଗ୍ରାମ ଉନ୍ନୟନ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସଂଯୋଗକାରୀ ସେତୁ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଭାରତ/ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଥିଲେ ଏବଂ ଏହା ମାର୍ଚ୍ଚ 2016 ସୁଦ୍ଧା ସଂପୂର୍ଣ୍ଣ କରାଯିବ ।

- ***ସଡ଼କର ଲମ୍ବ ହ୍ରାସ ହେତୁ ଯୋଗାଯୋଗ ସ୍ଥାପନ ହୋଇ ନପାରିବା :*** ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ 104.71 କିଲୋମିଟର ଲମ୍ବ ବିଶିଷ୍ଟ 15ଟି ସଡ଼କର ନିର୍ମାଣ କାର୍ଯ୍ୟ 32.17 କୋଟି ଟଙ୍କା ବ୍ୟୟରେ ସଂପୂର୍ଣ୍ଣ ହେବାର ଥିଲା । ସେଥି ମଧ୍ୟରୁ 87.14 କିଲୋମିଟର (83.22 ପ୍ରତିଶତ) ଦୈର୍ଘ୍ୟର ସଡ଼କ ନିର୍ମିତ ହୋଇଥିଲା ଏବଂ ବଳକା 17.57 କିମି ସଡ଼କର ନିର୍ମାଣ କାର୍ଯ୍ୟ ଜଙ୍ଗଲ-ମଞ୍ଜୁରୀ ହାସଲ ନକରି ପାରିବା ହେତୁ ସଂପୂର୍ଣ୍ଣ କରାଯାଇ ପାରିନଥିଲା ।

  ଗ୍ରାମ୍ୟ ଉନ୍ନୟନ ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସ୍ଥାନର ଆବଶ୍ୟକତା ଅନୁଯାୟୀ ସଡ଼କର ପ୍ରକୃତ ଦୈର୍ଘ୍ୟ ହ୍ରାସ କରାଯାଇଥିଲା ଏବଂ ଜଙ୍ଗଲ ମଞ୍ଜୁରୀ ହାସଲ କରିବା ପରେ ବନାଞ୍ଚଳରେ ଆସୁଥିବା ସଡ଼କ ଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ।

### 3.1.20 ଗ୍ରାମୀଣ ବିଦ୍ୟୁତୀକରଣ

ଭାରତ ସରକାର 2012 ସୁଦ୍ଧା ସବୁ ଗ୍ରାମ ଓ ବସତି ଯାହାର ଜନସଂଖ୍ୟା 100 ଠାରୁ ଅଧିକ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ଥିବା ପରିବାରଙ୍କୁ ବିନା ମୂଲ୍ୟରେ ବିଦ୍ୟୁତ୍ ସଂଯୋଗ ଉଦ୍ଦେଶ୍ୟ ନେଇ ରାଜୀବ ଗାନ୍ଧି ଗ୍ରାମୀଣ ବିଦ୍ୟୁତ୍ ଯୋଗାଣ ଯୋଜନା (ଆର୍‌ଜିଜିଭିୱାଇ) ପ୍ରଚଳନ କରିଥିଲେ (ମଇ 2005) । ଏତତ୍‌ବ୍ୟତୀତ ଓଡ଼ିଶା ସରକାର ଆର୍‌ଜିଜିଭିୱାଇରେ ବିଦ୍ୟୁତୀକରଣ ହୋଇ ନଥିବା ବସତିକୁ ବିଦ୍ୟୁତୀକରଣ ପାଇଁ ବିଜୁ ଗ୍ରାମୀଣ ଜ୍ୟୋତି ଯୋଜନା (ବିଜିଜେୱାଇ) (ସେପ୍ଟେମ୍ବର 2007) ପ୍ରଚଳନ କରିଥିଲେ ଓ ଏଟିପିସି ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡକୁ ଆରଜିଜିଭିୱାଇ କାର୍ଯ୍ୟନିର୍ବାହ କରିବା ପାଇଁ ନ୍ୟସ୍ତ କରାଯାଇଥିଲା ଏବଂ ଜିଲ୍ଲାପାଳ ସଂପୃକ୍ତ ବିଦ୍ୟୁତ୍ ବିତରଣ କମ୍ପାନୀ ଦ୍ୱାରା ବିଜିଜେୱାଇର କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଥିଲା । ବିଜିଜେୱାଇ ଅଧିନରେ 2007-14 ମଧ୍ୟରେ 487ଟି ଗ୍ରାମର ବିଦ୍ୟୁତୀକରଣ ପାଇଁ 16 କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା ।

ସମୀକ୍ଷା ଯାଞ୍ଚରୁ ନିମ୍ନଲିଖିତ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥିଲା:

- ***ଆରଜିଜିଭିୱାଇ ଅଧିନରେ କମ୍ ଲକ୍ଷ୍ୟ ହାସଲ :*** ଅପ୍ରେଲ 2010 ସୁଦ୍ଧା 1,239 ଗ୍ରାମ/ ବସତି ଓ

96,884 ଦାରିଦ୍ର୍ୟ ସୀମା ରେଖା ତଳେ (ବିପିଏଲ୍) ଥିବା ପରିବାରଙ୍କୁ ବିଦ୍ୟୁତ୍ ଯୋଗାଣ କରିବାର ଥିଲା କିନ୍ତୁ ଯୋଜନା ଜିଲ୍ଲାରେ କାର୍ଯ୍ୟାନ୍ୱିତ ହେବାର ଛଅ ବର୍ଷ ପରେ 1,173 ଗ୍ରାମ/ ବସତି ବିଦ୍ୟୁତ୍‌କରଣ ହେଲା ଓ ୱେସ୍‌କୋକୁ[34] ହସ୍ତାନ୍ତରେ କରାଯାଇଥିଲା ଓ ସର୍ଭିସ୍ କନେକ୍ସନ 54,018 ବିପିଏଲ୍ ପରିବାରକୁ ଦିଆଯାଇଥିଲା ଫଳରେ ବଳକା 58 ଗ୍ରାମ ଓ 42,866 ବିପିଏଲ୍ ପରିବାର (44 ପ୍ରତିଶତ) କୁ ବିଦ୍ୟୁତ୍ ଯୋଗାଣ ହୋଇପାରିନଥିଲା ।

- ***ବିଜିଜେୱାଇ ଅଧିନରେ କମ୍ ଅନ୍ତର୍ଭୁକ୍ତ ହେବା :*** ମାର୍ଚ୍ଚ 2014 ସୁଦ୍ଧା ବିଦ୍ୟୁତୀକରଣ ଯୋଜନା ଥିବା 487 ଗ୍ରାମ/ ବସତିରୁ ମାର୍ଚ୍ଚ 2014 ସୁଦ୍ଧା 10.15 କୋଟି ଟଙ୍କା ଖର୍ଚ୍ଚରେ 315 ଗ୍ରାମ (65 ପ୍ରତିଶତ) ଅନ୍ତର୍ଭୁକ୍ତ ହୋଇଥିଲେ । ଜିଲ୍ଲା ପ୍ରଶାସନ ଦ୍ୱାରା ଅନୁପଯୁକ୍ତ ଯୋଜନା ଓ ଠିକ୍ ଭାବେ ପର୍ଯ୍ୟାଲୋଚନା ନକରିବାରୁ କମ୍ ଅନ୍ତର୍ଭୁକ୍ତ ହୋଇଥିଲା ।

ଶକ୍ତି ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ବିପିଏଲ୍ ପରିବାରମାନେ ବିଛୁରିତ ହୋଇ ରହିଥିଲେ ଓ ମାନାଦର୍ଶ ଅନୁସାରେ ବିଦ୍ୟୁତୀକରଣ ହୋଇ ପାରିନଥିଲା । ଯାହାହେଉ ଏହି ଗ୍ରାମଗୁଡ଼ିକ ଦ୍ୱାଦଶ ଯୋଜନା ଅବଧିରେ (2012-17) ଆର୍‌ଜିଜିଭିୱାଇ ଅଧିନରେ ବିଦ୍ୟୁତୀକରଣ କରାଯିବାର ପ୍ରସ୍ତାବ ରଖାଯାଇଥିଲା ।

### 3.1.21 ଶିଳ୍ପ

ସମ୍ବଲପୁର ଜିଲ୍ଲାର ପରିପ୍ରେକ୍ଷଣ ଯୋଜନା 2008-13 ରେ 420ଟି କ୍ଷୁଦ୍ର ଶିଳ୍ପ (ଏସ୍‌ଏସ୍‌ଆଇ) ବସାଇବା ଲକ୍ଷ୍ୟ ରଖାଯାଇଥିଲା । ଏସ୍‌ଏସ୍‌ଆଇଗୁଡ଼ିକୁ ପ୍ରୋତ୍ସାହନ ଦେବା ହେଉଛି ଆଞ୍ଚଳିକ ଶିଳ୍ପ ୟୁନିଟ୍ (ଆର୍‌ଆଇସି)ର ଦାୟିତ୍ୱ । ଯାହାହେଉ ସମୀକ୍ଷା ଅବଲୋକନ କଲା ଯେ:

- 2009-14 ମଧ୍ୟରେ 822ଟି ଅତି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବସାଇବା ଲକ୍ଷ୍ୟ ତୁଳନାରେ 93 ପ୍ରତିଶତ (766) ଲକ୍ଷ୍ୟ ହାସଲ ହୋଇଥିଲା, ଯାହାଫଳରେ 56 ଉଦ୍ୟୋଗ କମ୍ ପ୍ରତିଷ୍ଠା ହୋଇଥିଲା ।
- ଓଡ଼ିଶାର ଇଡ୍‌କୋ ଏମ୍‌ଏସ୍‌ଏମ୍‌ଇ ପାଇଁ ଜମି ବ୍ୟାଙ୍କ ପ୍ରତିଷ୍ଠା କରିବାକୁ ବିଭିନ୍ନ ଜାଗାରେ 342.61 ଏକର ସରକାରୀ ଜମି ହସ୍ତାନ୍ତର ଓ 11.83 ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ସମ୍ବଲପୁର ଓ ରେଙ୍ଗାଲି ତହସିଲଦାରଙ୍କୁ ଇଡ୍‌କୋ ଆବେଦନ କରିଥିଲେ (ଫେବୃଆରୀ 2007 ଠାରୁ ଡିସେମ୍ବର 2010), କିନ୍ତୁ ସେପ୍ଟେମ୍ବର 2014 ମଧ୍ୟରେ 100 ଏକର ଜମି ଆବଣ୍ଟିତ ହୋଇଥିଲେ ।
- ଚାରିଟି ଉଦ୍ୟୋଗ ଡିସେମ୍ବର 2008 ରୁ ଅଗଷ୍ଟ 2010 ମଧ୍ୟରେ ଜମି ପାଇଁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଜମି ଆବଣ୍ଟିତ ହୋଇନଥିଲା । ସେହିପରି ଛଅଟି ଉଦ୍ୟୋଗ ଯାହା ଶିଳ୍ପାଞ୍ଚଳରେ ଶିଳ୍ପ ସେଡ୍ ପାଇଁ ଆବେଦନ କରିଥିଲେ ମଧ୍ୟ ଉପଲବ୍ଧ ନଥିବା ଯୋଗୁଁ ଦିଆଯାଇପାରି ନଥିଲା । ତେଣୁ, ଏମ୍‌ଏସ୍‌ଏମଇ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପ୍ରସ୍ତୁତି ସେହି ପରିମାଣର ହୋଇପାରି ନଥିଲା ।
- ଓଡ଼ିଶା ଶିଳ୍ପ (ଫେସିଲିଟେସନ୍) ଅଧିନିୟମ 2004 ର ଧାରା 5 ଅନୁସାରେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ସିଙ୍ଗଲ ୱିଇଣ୍ଡୋ କ୍ଲିଅରାନ୍ସ ଅଥରିଟୀ (ଡିଏଲଏସଡବ୍ଲ୍ୟୁସିଏ) ଗଢାଯିବ ଯିଏକି ଶିଳ୍ପ ପ୍ରତିଷ୍ଠାନ ପ୍ରସ୍ତାବକୁ ପରୀକ୍ଷା କରିବ ଓ ତାହା ପାଇଁ ସ୍ୱୀକୃତି ଅନୁମୋଦନ କରିବ । ଡିଏଲଏସଡବ୍ଲ୍ୟୁସିଏ 2009-14 ମଧ୍ୟରେ ପାଇଥିବା 13 ଆବେଦନ ପତ୍ର ମଧ୍ୟରୁ ଆଠଟି ଆବେଦନ ଅଗଷ୍ଟ 2014 ସୁଦ୍ଧା ମଞ୍ଜୁର ହୋଇ ନଥିଲା ଓ ନଥିପତ୍ରରେ ଏହାର କାରଣ ଦର୍ଶାଯାଇନଥିଲା ।
- ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ 2009-14 ମଧ୍ୟରେ 2,676ଟି କର୍ମ ସୃଷ୍ଟି ଲକ୍ଷ୍ୟଥିଲେ ମଧ୍ୟ 1,349 (50 ପ୍ରତିଶତ) ସୃଷ୍ଟି ହୋଇପାରିଥିଲା । ବ୍ୟାଙ୍କ ଋଣ ନେଇ ଥିବା 287 ୟୁନିଟ୍ ମଧ୍ୟରୁ 241 ୟୁନିଟ୍ ପ୍ରତିଷ୍ଠା ହୋଇଥିଲା । ଆଞ୍ଚଳିକ ପରିଚାଳକ, ଆଞ୍ଚଳିକ ଶିଳ୍ପ କେନ୍ଦ୍ର (ଆରଆଇସି)

[34] ଓଡ଼ିଶାର ୱେଷ୍ଟର୍ଣ୍ଣ ଇଲେକ୍ଟ୍ରିସିଟି ସପ୍ଲାଏ କମ୍ପାନୀ ଲିମିଟେଡ୍

ସମ୍ବଲପୁର ଏହାକୁ ଠିକ୍ ଭାବେ ତଦାରଖ ନକରିବା କାରଣରୁ 46ଟି ୟୁନିଟ୍ ପ୍ରତିଷ୍ଠା ହୋଇପାରି ନଥିଲା ଯାହା ଜିଲ୍ଲାର କର୍ମ ନିଯୁକ୍ତି ସୃଷ୍ଟିରେ ବାଧକ ସୃଷ୍ଟି କରିଥିଲା ।

- ଅଗ୍ରାଧିକାର ଶିଳ୍ପ ସେକ୍ଟରର ପ୍ରୋତ୍ସାହନ ପାଇଁ ଶିଳ୍ପ ପାର୍କର ଉନ୍ନତି ଶିଳ୍ପ ନୀତି ସଂକଳ୍ପ 2007 ରେ ନିର୍ଦ୍ଧାରିତ କରାଯାଇଥିଲା ଓ ସରକାର ସମ୍ବଲପୁର-ଝାରସୁଗୁଡ଼ା-ରାଉରକେଲା ଶିଳ୍ପ କରିଡର ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଆନୁସଙ୍ଗିକ ଏବଂ ବିଲୁପ୍ତ ପ୍ରାୟ ଶିଳ୍ପଗୁଡ଼ିକର ଉନ୍ନତି ପାଇଁ ଆରଆଇସି ସକ୍ରିୟ ପଦକ୍ଷେପ ନେଇନଥିଲେ ।
- 2009-14 ମଧ୍ୟରେ 17 ୟୁନିଟ୍ ରୁଗ୍ଣ ଚିହ୍ନିତ ହୋଇଥିଲେ ମଧ୍ୟ ତାହାର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା (ଅଗଷ୍ଟ 2014) ।

ଶିଳ୍ପ ବିଭାଗ ଦର୍ଶାଇଲେ (ମଇ 2015) ଯେ ଅଗ୍ରାଧିକାର ସେକ୍ଟରର ପ୍ରୋତ୍ସାହନ ପାଇଁ ଶିଳ୍ପ ପାର୍କର ଉନ୍ନତି କରିବା ତାଙ୍କର ସକ୍ରିୟ ବିଚାରାଧିନ ଅଛି ।

### *3.1.21.1 ଅପର୍ଯ୍ୟାପ୍ତ ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ*

ବାୟୁ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଅଧିନିୟମ 1981 ର ଧାରା 21 ଓ ଜଳ ପ୍ରଦୂଷଣ ଜଳ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଅଧିନିୟମ 1974ର ଧାରା 25 ଅନୁସାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର (ଏସ୍‌ପିସିବି) ଆଗୁଆ ସହମତି ବିନା କୌଣସି ବ୍ୟକ୍ତି, ମଇଳା ପାଣି କିମ୍ବା ବର୍ଜ୍ୟବସ୍ତୁ ଛାଡୁଥିବା କୌଣସି ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରିପାରିବେ ନାହିଁ । ସମୀକ୍ଷା ଅବଲୋକନ କଲା ଯେ:

- ଜିଲ୍ଲାରେ 211 ୟୁନିଟରୁ 76[35] ୟୁନିଟ୍ ଏସପିସିବିର ବିନା ସହମତିରେ କାର୍ଯ୍ୟକ୍ଷମ ଥିଲା ।
- 10ଟି ବୃହତ୍ ଓ ଶିଳ୍ପ ସଂସ୍ଥାରୁ ଆଠଟି[36] ଆବଣ୍ଟନ ଜାଗାର 33 ପ୍ରତିଶତ ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରି ନଥିଲେ ।
- ଉପାନ୍ତ ଅଞ୍ଚଳ ଉନ୍ନୟନ ଓ ଥଇଥାନ ଉପଦେଷ୍ଟା କମିଟି (ଆରପିଡିଏସ)ର କାର୍ଯ୍ୟବିଧି (ଜାନୁଆରୀ 2014) ରୁ ପ୍ରକଟ ହେଲା ଯେ ଦୁଇଟି ଶିଳ୍ପ ସଂସ୍ଥା ଯଥା ହିନ୍ଦୁସ୍ଥାନ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ହିଣ୍ଡାଲ୍‌କୋ) ହିରାକୁଦ ଓ ଭୂଷଣ ପାୱାର ଓ ଷ୍ଟୀଲ୍ ଲିମିଟେଡ୍ (ବିପିଏସ୍‌ଏଲ) ଠେଲକୋଲୋଇ, ଉତ୍ପାଦନ ଆରମ୍ଭର ଛଅ ବର୍ଷ ପରେ ମଧ୍ୟ ଜଳ ଓ ବାୟୁ ପ୍ରଦୂଷଣ ରୋକିବା ପାଇଁ ଦରକାରୀ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ନେଇ ନଥିଲେ । ପୁଣି ହିଣ୍ଡାଲକୋ ମାମଲାରେ ଗ୍ୟାସ୍ ନିର୍ଗତ ଓ ପାଉଁଶ ଗାଡିଆ (ଆସ୍ ପଣ୍ଡ) ଭାଙ୍ଗିବା ଯୋଗୁଁ ଶସ୍ୟ ନଷ୍ଟ ହୋଇଥିଲା । ବିପିଏସ୍‌ଏଲ୍ ଦୂଷିତ ଜଳ ନିଷ୍କାସନ ପ୍ଲାଣ୍ଟ ମାର୍ଚ୍ଚ 2014 ସୁଦ୍ଧା ପୂର୍ଣ୍ଣ କରିବା ଲକ୍ଷ୍ୟ ଥିଲେ ମଧ୍ୟ ଅଗଷ୍ଟ 2014 ସୁଦ୍ଧା ବସାଇନଥିଲେ ।

ଏହିପରି ବୃହତ୍ ଶିଳ୍ପ ଦ୍ୱାରା ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଅଗଷ୍ଟ 2014 ସୁଦ୍ଧା ହାସଲ ହୋଇପାରିଲା ନଥିଲା ।

### 3.1.22 ପର୍ଯ୍ୟଟନ

ଓଡ଼ିଶା ପର୍ଯ୍ୟଟନ ନୀତି 2013 ର ଅନୁଚ୍ଛେଦ 6.3.1 ଅନୁସାରେ, ପର୍ଯଟନ ଏବଂ ସଂସ୍କୃତି ବିଭାଗ/ ଜିଲ୍ଲା ପର୍ଯ୍ୟଟନ ବିକାଶ ପରିଷଦ[37] ପର୍ଯ୍ୟଟନର ବିକାଶ ପାଇଁ ଉପଯୋଗୀୟ କ୍ଷେତ୍ର/ଭୂମିର ଆପାତତଃ ଚୟନ କରିବେ । ଏହି ଚୟନ ପ୍ରକ୍ରିୟା କ୍ଷେତ୍ର ପରିଦର୍ଶନ, ଅନୁଧାନ ଏବଂ ସେହି ଅଞ୍ଚଳରେ ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ନିର୍ଦ୍ଧାରଣ

---

35 ଧାନ ମିଲ୍ (22), କ୍ରସର ୟୁନିଟ୍ (47), ସ୍ଥାୟୀ ଚିମିନି ଇଟା ୟୁନିଟ୍ (1), ଫ୍ଲାଇ ଆସ୍ ବ୍ରିକ୍‌ଓ ୟୁନିଟ୍ (6)

36 (1) ଆର୍ଯ୍ୟନ ଇସ୍ପାତ୍ ଓ ପାୱାର ଲିମିଟେଡ୍, (2) ବିଶାଖା ଶିଳ୍ପ ଲିମିଟେଡ୍, (3) ବିରାଜ ଷ୍ଟୀଲ୍ ଏଣ୍ଡ ଏନର୍ଜି ଲିମିଟେଡ୍, (4) ଆଦିତ୍ୟ ଆଲୁମିନିୟମ ହିଣ୍ଡାଲକୋ ଲିମିଟେଡ୍, (5) ଭୂଷଣ ପାୱାର ଆଣ୍ଡ ଷ୍ଟୀଲ୍ ଲିମିଟେଡ୍, (6) ଶ୍ୟାମ ମେଟାଲିକ୍ ଆଣ୍ଡ ଏନର୍ଜି ଲିମିଟେଡ୍, (7) ଜୟ ଜଗନ୍ନାଥ ଷ୍ଟୀଲ ଆଣ୍ଡ ପାୱାର ଲିମିଟେଡ୍, (8) ତଳବିରା –I ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍

37 ଅଧ୍ୟକ୍ଷ ଭାବରେ ଜିଲ୍ଲାପାଳ ଏବଂ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସଦସ୍ୟ ସଚିବ ଭାବରେ

ଆଧାରରେ କରାଯିବ । ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ 2009 ରେ ଜିଲ୍ଲାକୁ 7.89 ଲକ୍ଷ ପର୍ଯ୍ୟଟକ ଆସିଥିବା ବେଳେ ଏହି ସଂଖ୍ୟା 2013 ରେ 9.16 ଲକ୍ଷକୁ (16 ପ୍ରତିଶତ) ବୃଦ୍ଧି ପାଇଥିଲା । ସମୀକ୍ଷା ଅବଲୋକନ କଲା ଯେ:

- ***ପର୍ଯ୍ୟଟନ କ୍ଷେତ୍ରର ନିର୍ମାଣ କାର୍ଯ୍ୟ ଅସଂପୂର୍ଣ୍ଣ ରହିବା :*** ଭାରତ ସରକାର (ଜାନୁଆରୀ 2009 ରେ) ସମ୍ବଲପୁର- ହିରାକୁଦ- ଧମା- ପ୍ରଧାନପାଟ- ଖଣ୍ଡାଧାର- ବେଦବ୍ୟାସ- ପିତାମହଲ- ଖିଣ୍ଡା- ଦେବଗଡ଼ ପର୍ଯ୍ୟଟନ ସର୍କିଟର ବିକାଶ ପାଇଁ 6.16 କୋଟି ଟଙ୍କା ଅନୁମୋଦନ କରିଥିଲେ ଏବଂ 60 ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଧାରଣ କରି ସେଥିମଧ୍ୟରୁ 4.93 କୋଟି ଟଙ୍କା (80 ପ୍ରତିଶତ) ପ୍ରଦାନ କରିଥିଲେ । ଯଦିଓ ସେହି ରାଶିକୁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍ (ଓଟିଡିସି) କୁ ପ୍ରକଳ୍ପ କାର୍ଯ୍ୟ ନିର୍ବାହ କରିବା ପାଇଁ ପ୍ରଦାନ କରାଯାଇଥିଲା (ଫେବୃଆରୀ 2010) । କିନ୍ତୁ ଜୁନ୍ 2013 ସୁଦ୍ଧା, ଏହା ମାତ୍ର 2.83 କୋଟି ଟଙ୍କା (57.40 ପ୍ରତିଶତ) ବିନିଯୋଗ କରିପାରିଥିଲା ।

- ସେହିପରି, ବରଗଡ଼- ପାପଙ୍ଗା- ସମ୍ବଲପୁର- ଘଣ୍ଟେଶ୍ୱରୀ- ବୁଢ଼ାରଜା- ଗୁଡୁଗୁଡ଼ିଆ- ଝାରସୁଗୁଡ଼ା- କୁଇଲିଗୁହାର - ବିକ୍ରମଖୋଲ ପର୍ଯ୍ୟଟନ ସର୍କିଟର ବିକାଶ ପାଇଁ ଭାରତ ସରକାର 4.34 କୋଟି ଟଙ୍କା ଅନୁମୋଦନ କରିଥିଲେ ଏବଂ 24 ମାସ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ କରିବା ନିର୍ଦ୍ଧାରଣ କରି 3.47 କୋଟି ଟଙ୍କା ପ୍ରଦାନ କରିଥିଲେ (ଅଗଷ୍ଟ 2010) । କିନ୍ତୁ ଓଟିଡିସି କେବଳ 0.89 କୋଟି ଟଙ୍କା (25.64 ପ୍ରତିଶତ) ବିନିଯୋଗ କରିପାରିଥିଲା ।

- ଉପଯୁକ୍ତ ଜମିର ହସ୍ତାନ୍ତରଣ ହୋଇନପାରିବା, ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ, ବିଦ୍ୟୁତ୍ ଯୋଗାଣରେ ବିଳମ୍ବ ଇତ୍ୟାଦି କାରଣଗୁଡ଼ିକ ଯୋଗୁଁ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟନିର୍ବାହ ହୋଇପାରି ନଥିଲା ଏବଂ 4.68[38] କୋଟି ଟଙ୍କା ଭାରତ ସରକାରଙ୍କୁ ଫେରସ୍ତ କରିଦିଆଯାଇଥିଲା (ସେପ୍ଟେମ୍ବର 2013) ।

  ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ରାଜ୍ୟ ସମ୍ବଳରୁ ହିଁ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ କରାଯିବ ।

- ***ବ୍ୟବସାୟିକ ଉଦ୍ଦେଶ୍ୟରେ ପର୍ଯ୍ୟଟନ ବ୍ୟାଖ୍ୟା କେନ୍ଦ୍ର ଏବଂ ସାଧାରଣ ସୁବିଧାଗୁଡ଼ିକର ବ୍ୟବହାର :*** ସମ୍ବଲପୁର-ହିରାକୁଦ-ଧମା-ପ୍ରଧାନପାଟ-ଖଣ୍ଡାଧାର-ବେଦବ୍ୟାସ-ପିତାମହଲ-ଖିଣ୍ଡା-ଦେଓଗଡ଼-ଦେବ୍ରିଗଡ଼ ପର୍ଯ୍ୟଟନ ସର୍କିଟ୍ର ଅଂଶ ବିଶେଷ ଭାବରେ 68.26 ଲକ୍ଷ ଟଙ୍କା ବ୍ୟୟରେ ସମଲେଶ୍ୱରୀ ମନ୍ଦିର ଠାରେ ସାଧାରଣ ସୁବିଧା ଏବଂ ପର୍ଯ୍ୟଟନ ବ୍ୟାଖ୍ୟା କେନ୍ଦ୍ର ନିର୍ମାଣ କରାଯାଇଥିଲା । ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ସହ ମନ୍ଦିର ଭୂମିର ସରଜମିନ୍ ପରୀକ୍ଷଣରେ (ଫେବୃଆରୀ 2015) ଏହା ଲକ୍ଷ୍ୟ କରାଯାଇଥିଲା ଯେ ଏହି କେନ୍ଦ୍ର ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ/ କ୍ରିୟାକଳାପ ପାଇଁ ବ୍ୟବହାର କରାଯାଉଥିଲା ।

  ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ମନ୍ଦିର କମିଟି ବିପକ୍ଷରେ ଯଥାଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### 3.1.23 ଜଙ୍ଗଲ

ଭାରତର  ଜଙ୍ଗଲ ସର୍ବେକ୍ଷଣ ରିପୋର୍ଟ 2011ଏବଂ 2013 ଅନୁଯାୟୀ ସମ୍ବଲପୁର ଜିଲ୍ଲାର ଜଙ୍ଗଲ ଅଞ୍ଚଳ 2011 ରେ 3,309 ବର୍ଗ କିମି ରୁ 2013 ରେ 3,358 ବର୍ଗ କିମିକୁ ବୃଦ୍ଧି ପାଇଥିଲା । ବନୀକରଣ ଏବଂ ସାମାଜିକ ବନ୍ୟ ବିଭାଜନ ଦ୍ୱାରା ଜଙ୍ଗଲ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା ।

[38] (4.93 କୋଟି ଟଙ୍କା - 2.83 କୋଟି ଟଙ୍କା) + (3.47 କୋଟି ଟଙ୍କା - 0.89 କୋଟି ଟଙ୍କା)

### 3.1.23.1 କ୍ଷତିପୂରକ ବନୀକରଣର କାର୍ଯ୍ୟାନ୍ୱୟନ

ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ଦୁଇଟି କମ୍ପାନୀ[39]ଙ୍କୁ 157.66 ହେକ୍ଟର ଜଙ୍ଗଲ ଜମି ପ୍ରଦାନ କରିଥିଲେ ଏବଂ ସେଥିପାଇଁ 157.66 ହେକ୍ଟର ଜମିରେ କ୍ଷତିପୂରକ ବନୀକରଣ କରାଯିବାର ଥିଲା । ଯେଉଁଥିପାଇଁ ଦୁଇ କମ୍ପାନୀ 1.25 କୋଟି[40] ଟଙ୍କା କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରିଥିଲେ (2008 ରୁ 2012) ।

ସମୀକ୍ଷା ପରିଲକ୍ଷିତ କଲା ଯେ 157.66 ହେକ୍ଟର ମଧ୍ୟରୁ ବନୀକରଣ କାର୍ଯ୍ୟକ୍ରମ ପାଇଁ 38.39 ହେକ୍ଟର ଏବଂ 119.27 ହେକ୍ଟର ଜମିକୁ ଯଥାକ୍ରମେ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ), ରେଢାଖୋଲ ଏବଂ ସମ୍ବଲପୁରଙ୍କ ଅଧିନରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଡିଏଫଓ ରେଢାଖୋଲଙ୍କ କ୍ଷେତ୍ରରେ ଯଦିଓ ତାହା ବାର୍ଷିକ କର୍ମ ସଂପାଦନ ଯୋଜନା (ଏପିଓ) 2014-15 ରେ ଅନ୍ତର୍ଭୁକ୍ତ ହୋଇଥିଲା, କିନ୍ତୁ ସେପ୍ଟେମ୍ବର 2014 ପର୍ଯ୍ୟନ୍ତ ଡିଏଫ୍‌ଓଙ୍କୁ ପାଣ୍ଠି ଯୋଗାଯାଇ ନଥିଲା । ଡିଏଫଓ ସମ୍ବଲପୁରଙ୍କ କ୍ଷେତ୍ରରେ 2012-13 ରେ ବୃକ୍ଷରୋପଣ କରିବା ପାଇଁ 119.26 ହେକ୍ଟର ଜମିକୁ ଯଦିଓ ଏପିଓ 2011-12 ରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଏଥିରୁ ମାତ୍ର 81.26 ହେକ୍ଟରରେ ବନୀକରଣ କରାଯାଇଥିଲା ।

ଓଡିଶାର ପ୍ରମୁଖ ମୁଖ୍ୟ ବନସଂରକ୍ଷକ ଦର୍ଶାଇଥିଲେ (ମଇ 2015) ଯେ ବିକଳ୍ପ ଅଣ ଜଙ୍ଗଲ ଜମି ବୃକ୍ଷରୋପଣପାଇଁ ଚିହ୍ନଟ ହୋଇଥିଲା ଏବଂ ତାହା ଆସନ୍ତା ବାର୍ଷିକ କର୍ମ ସଂପାଦନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ଏବଂ ବୃକ୍ଷରୋପଣ କରାଯିବ ।

### 3.1.24 ପୁଲିସ : ଆଇନ୍ ଓ ଶୃଙ୍ଖଳା

ଜିଲ୍ଲାରେ ଆଇନ୍ ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ଆରକ୍ଷୀ ଅଧିକ୍ଷକ (ଏସ୍‌ପି) ସମ୍ବଲପୁରଙ୍କ ପ୍ରଶାସନିକ ନିୟନ୍ତ୍ରଣରେ 23ଟି ଥାନା ଓ 19ଟି ପୁଲିସ ଆଉଟ୍ ପୋଷ୍ଟ ଥିଲା । ଏହି ଜିଲ୍ଲା ପୁଲିସ ଉପନିର୍ଦ୍ଦେଶକ ଉତ୍ତରାଞ୍ଚଳଙ୍କ ଅଧିକାରିତା ଅଧିନରେ ଥିଲା ।

- **ଆଇନ୍ ଶୃଙ୍ଖଳା ଦୃଶ୍ୟପଟ:** ଜିଲ୍ଲାରେ 2009-13 ମଧରେ ଅପରାଧ ଦୃଶ୍ୟପଟ ନିମ୍ନରେ ଦର୍ଶାଗଲା:

***ସାରଣୀ 3.1.6: 2009-2013 ମଧରେ ଅପରାଧ ଦୃଶ୍ୟପଟ***

| ବର୍ଷ | ଅପରାଧ ସଂଖ୍ୟା | | | | | |
|---|---|---|---|---|---|---|
| | ନରହତ୍ୟା | ଚୋରୀ | ବଳାତ୍କାର | ଦଙ୍ଗା | ଅନ୍ୟାନ୍ୟ | ମୋଟ |
| 2009 | 43 | 298 | 35 | 85 | 2172 | 2633 |
| 2010 | 45 | 323 | 27 | 84 | 2131 | 2610 |
| 2011 | 37 | 409 | 30 | 79 | 2616 | 3171 |
| 2012 | 54 | 426 | 57 | 74 | 2355 | 2966 |
| 2013 | 48 | 513 | 81 | 70 | 2989 | 3701 |
| ମୋଟ | **227** | **1969** | **230** | **392** | **12263** | **15081** |

***(ଉତ୍ସ: ଆରକ୍ଷୀ ଅଧିକ୍ଷକ ସମ୍ବଲପୁର)***

ଉପରୋକ୍ତ ସାରଣୀରୁ ଅବଲୋକନ କରାଗଲା ଯେ 2009-14 ମଧରେ ଅପରାଧ 41 ପ୍ରତିଶତ ବଢିଛି । ସମୀକ୍ଷା ଅବଲୋକନ କଲା ଯେ:

- ଜିଲ୍ଲାରେ ଡିସେମ୍ବର 2013 ସୁଦ୍ଧା 736 ମାମଲା[41] ତଦନ୍ତ ପାଇଁ ବିଚାରାଧିନ ଥିଲା ଯେଉଁଥିରୁ 25ଟି ମାମଲା ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଚାରାଧିନ ରହିଥିଲା ।

---

39 ଆଦିତ୍ୟ ଆଲୁମିନିୟମ (119.264 ହେକ୍ଟର), ଶ୍ୟାମ ଡିଆରଆଇ ପାୱାର ଲିମିଟେଡ୍ (38.393 ହେକ୍ଟର)

40 ଆଦିତ୍ୟ ଆଲୁମିନିୟମ (1.10 କୋଟି ଟଙ୍କା), ଶ୍ୟାମ ଡିଆରଆଇ ପାୱାର ଲିମିଟେଡ୍ (0.15 କୋଟି ଟଙ୍କା)

41 ଏକ ବର୍ଷରୁ କମ୍:591; ଏକ ବର୍ଷରୁ ଅଧିକ ତିନି ବର୍ଷରୁ କମ୍: 89; ତିନି ବର୍ଷରୁ ଅଧିକ ପାଞ୍ଚ ବର୍ଷରୁ କମ୍: 31; ପାଞ୍ଚ ବର୍ଷରୁ ଅଧିକ 10 ବର୍ଷରୁ କମ୍: 24 ଏବଂ 10 ବର୍ଷରୁ ଅଧିକ: 1

- ଅକାଳ ମୃତ୍ୟୁ ମାମଲାର ଫଏସଲା ପାଇଁ ଥିବା ବିଚାରାଧୀନ ମାମଲା ସଂଖ୍ୟା 2009-10 ରେ ବଢ଼ିଥିଲା ଓ 2013 ସୁଦ୍ଧା 563ଟି ମାମଲା ଫଏସଲା ପାଇ ବିଚାରାଧୀନ ଥିଲା, ଯେଉଁଥିରୁ 39ଟି ମାମଲା 2009 ପୂର୍ବରୁ ବିଚାରାଧୀନ ଥିଲା ।
- ଡିସେମ୍ବର 2013 ସୁଦ୍ଧା 1,679 ଜାମିନ ବିହୀନ ଗିରଫ ପରୱାନାର (ଏନ୍‌ବିଡବ୍ଲ୍ୟୁ) କାର୍ଯ୍ୟନିର୍ବାହ ପାଇଁ ବିଚାରାଧୀନ ଥିଲା ଓ 2009-13 ମଧ୍ୟରେ ଜାମିନ ବିହୀନ ଗିରଫ ପରୱାନାର କାର୍ଯ୍ୟନିର୍ବାହ 16 ରୁ 23 ପ୍ରତିଶତ ଥିଲା ।
- ଏସ୍‌ପି ସମ୍ବଲପୁର 2009-14 ମଧ୍ୟରେ ତିନିଟି ସରକାରୀ ଓ ବେସରକାରୀ ସଂସ୍ଥାକୁ ପୁଲିସ ଗାର୍ଡ ଯୋଗାଇ ଦେଇଥିଲେ ମାତ୍ର ମୁତୟନ ଖର୍ଚ୍ଚ ବାବଦରେ 4.63 କୋଟି ଆଦାୟ ହୋଇନଥିଲା (ଡିସେମ୍ବର 2014) ।
- ପୁଲିସ କର୍ମଚାରୀମାନଙ୍କ ଦକ୍ଷତାର ଉନ୍ନତି ପାଇଁ ପ୍ରଶିକ୍ଷଣ ପର୍ଯ୍ୟାପ୍ତ ନଥିଲା ଯେହେତୁ ଜିଲ୍ଲାର 193 ତଦନ୍ତକାରୀ ଅଧିକାରୀଙ୍କ ମଧ୍ୟରୁ କେବଳ 23 ଜଣଙ୍କୁ ଅପରାଧ ମାମଲା ପରିଚାଳନା କରିବା ପାଇଁ ବିଶେଷ ପ୍ରଶିକ୍ଷଣ ଦିଆଯାଇଥିଲା ।

***ଚଳମାନତା ସମର୍ଥନ***

ସମୀକ୍ଷା ଅବଲୋକନ କଲା ଯେ:

- ଉପଲବ୍ଧ 203ଟି ଯାନରୁ 38ଟି ଯାନ (15ଟି ହାଲୁକା ଯାନ ଓ 23ଟି ମୋଟର ସାଇକଲ) ଅଚଳ ଥିଲା ଓ ମାର୍ଚ୍ଚ 2005 ରୁ ସେପ୍ଟେମ୍ବର 2013 ମଧ୍ୟରେ ଅକାମି ଥିଲା । 79ଟି ଚାଲୁଥିବା ଗାଡ଼ି[42] ପାଇଁ କେବଳ 51 ଜଣ ଡ୍ରାଇଭର ଥିଲେ ଯାହାଫଳରେ ଚାଲୁଥିବା ଯାନର ଚଳମାନତା ପ୍ରଭାବିତ ହୋଇଥିଲା ।
- ଦୁଇଟି ପୁଲିସ କଣ୍ଟ୍ରୋଲ ରୁମ୍ (ପିସିଆର) ଭ୍ୟାନ କମ୍ ଥିବା ଯୋଗୁଁ ଜିଲ୍ଲା ପୁଲିସର ପହରା (ପେଟ୍ରୋଲିଂ) ଦୁଇଟି ସିଫ୍‌ଟକୁ (ସକାଳ 7 ରୁ ରାତି 11) ସୀମିତ କରିବାକୁ ପଡ଼ିଥିଲା । ସଂପୃକ୍ତ ପୁଲିସ ଉପ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରସ୍ତାବ (ଅଗଷ୍ଟ/ ସେପ୍ଟେମ୍ବର 2009) ଦିଆଯାଇଥିଲେ ମଧ ସମୀକ୍ଷା ଦିନ ପର୍ଯ୍ୟନ୍ତ ବିଭାଗ ମଞ୍ଜୁର କରିନଥିଲେ ।

***ମାନବ ସମ୍ବଳ***

- ମଞ୍ଜୁରୀ ପ୍ରାପ୍ତ ପଦବୀ 1,020 ତୁଳନାରେ ମାର୍ଚ୍ଚ 2014 ସୁଦ୍ଧା ପ୍ରକୃତରେ 894 ଜଣ କର୍ମଚାରୀ ଥିଲେ । ତଦନ୍ତ ଅଧିକାରୀ ବର୍ଗରେ 59ଟି ପଦବୀ ସହିତ ବିଭିନ୍ନ ବର୍ଗରେ 126ଟି ପଦବୀ ଖାଲି ପଡ଼ିଥିଲା, ଯାହାକି ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିଥିଲା ଯାହା ପୂର୍ବବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣନା କରାଯାଇଅଛି ।
- ଜିଲ୍ଲା ପାଇଁ ଆବଶ୍ୟକ 2,359 ଗୃହରକ୍ଷୀ ତୁଳନାରେ କେବଳ 650ଟି ପଦବୀ ସୃଷ୍ଟି କରାଯାଇଥିଲା ଓ ମାର୍ଚ୍ଚ 2014 ସୁଦ୍ଧା 576 ଜଣ ଥିଲେ । ଏହାଫଳରେ ଜିଲ୍ଲାରେ 1,783 (76 ପ୍ରତିଶତ) ଗୃହରକ୍ଷୀ କମ୍ ଥିଲେ ।
- ଗୋଷ୍ଠୀ ପୁଲିସଙ୍କ ଯୋଜନା କାର୍ଯ୍ୟକାରିତା ପାଇଁ ଜିଲ୍ଲାରେ ଦୁଇଟି ଥାନା[43] ବଛାଯାଇଥିଲେ (ଫେବୃଆରୀ 2013 ଓ ଜୁଲାଇ 2013) ସୁଦ୍ଧା ଏହି ଯୋଜନା ସେହି ଥାନାରେ ଜୁଲାଇ 2014 ସୁଦ୍ଧା ଆରମ୍ଭ ହୋଇନଥିଲା ।

### 3.1.25 ଇ-ଗଭର୍ଣ୍ଣାନ୍‌ସ

ସାଧାରଣ ସେବା ପ୍ରଦାନ କେନ୍ଦ୍ର ମାଧ୍ୟମରେ ସରକାରଙ୍କ ସମସ୍ତ ସେବା ସାଧାରଣ ଲୋକଙ୍କ ନିକଟରେ ଉପଲବ୍ଧ

[42] କୋର୍ଟ ଭ୍ୟାନ:2; ଭାରି ଯାନ: 6; ମଧ୍ୟମ ଯାନ: 15 ଏବଂ ହାଲୁକା ଯାନ: 56

[43] ହିରାକୁଦ ପୁଲିସ ଷ୍ଟେସନ ଏବଂ ସଦର ପୁଲିସ ଷ୍ଟେସନ୍

କରାଇବା ଏବଂ ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତାକୁ ଉପଲବ୍ଧି କରିବାକୁ ସାମର୍ଥ୍ୟ ମୂଲ୍ୟରେ ଏହି ସେବାଗୁଡ଼ିକର ସକ୍ଷମ, ସ୍ୱଚ୍ଛତା ଏବଂ ବିଶ୍ୱସନୀୟତାକୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା 2003 ରେ ଜାତୀୟ ଇ-ଗଭର୍ଣ୍ଣାନ୍ସ ଯୋଜନାର ରୂପରେଖ ଅନୁମୋଦନ କରାଯାଇଥିଲା । ସମ୍ବଲପୁର ଜିଲ୍ଲା ସମେତ 28ଟି ଜିଲ୍ଲାରେ ଇ-ଡିଷ୍ଟ୍ରିକ୍ଟ ମିଶନ ପ୍ରକଳ୍ପ ନୀତି ଅଧିନରେ ଛଅଟି ସେବା (ଆୟ, ନିବାସ, ଜାତି, ସାମାଜିକ ଆର୍ଥିକ ପଛୁଆ ବର୍ଗ/ ଅନ୍ୟାନ୍ୟ ପଛୁଆ ବର୍ଗ, ଉତ୍ତରାଧୀକାରୀ ଏବଂ ଆର୍ଥିକ ସାମର୍ଥ୍ୟ ପ୍ରମାଣପତ୍ର ପ୍ରଦାନ କରିବାକୁ) କୁ ସରକାର ଅନୁମୋଦନ କରିଥିଲେ । ଯାହାହେଉ ନିମ୍ନଲିଖିତ ବିଷୟ ଗୁଡ଼ିକୁ ସମୀକ୍ଷା ପରିଲକ୍ଷିତ କରିଥିଲା ।

- ***ଇ-ଡିଷ୍ଟ୍ରିକ୍ଟ ଅଧିନରେ ସେବା ପ୍ରଦାନ ନକରିବା:*** ସେବା ପ୍ରଦାନ ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧି ସେବା କେନ୍ଦ୍ରରେ ଅତି କମ୍‌ରେ ଗୋଟିଏ ସାଧାରଣ ସେବା କେନ୍ଦ୍ର(ସିଏସ୍‌ସି) ସ୍ଥାପନ କରିବାକୁ ରାଜ୍ୟ ଇ-ଗଭର୍ଣ୍ଣାନ୍ସ ଆପେକ୍ସ କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିଲା । ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ଅଗଷ୍ଟ 2014 ସୁଦ୍ଧା ଜିଲ୍ଲାରେ 149ଟି ସିଏସ୍‌ସି ସ୍ଥାପନା କରାଯାଇଥିଲା, ଯେଉଁଥିରେ ଜିଲ୍ଲାର 148ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ 127ଟି ଗ୍ରାମ ପଞ୍ଚାୟତରେ ଏବଂ ପୌରାଞ୍ଚଳରେ 22ଟି ସିଏସ୍‌ସି ଗଠନ କରାଯାଇ ଥିଲା । ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକଙ୍କ ଦ୍ୱାରା ଯାଞ୍ଚ୍ କରାଯାଇଥିବା 89ଟି ସିଏସ୍‌ସି ମଧ୍ୟରୁ 39ଟି ସିଏସସି କାର୍ଯ୍ୟକାରୀଥିବା ପରିଲକ୍ଷିତ କରାଯାଇଥିଲା । କିନ୍ତୁ ଅବଶିଷ୍ଟ 60ଟି ସିଏସ୍‌ସି ଗୁଡ଼ିକର କାର୍ଯ୍ୟକାରୀ ସ୍ଥିତି ନଥିଭୁକ୍ତ ହୋଇନଥିଲା । ତେଣୁ, ସିଏସ୍‌ସି ଗୁଡ଼ିକ ମାଧ୍ୟମରେ ସେବା ପ୍ରଦାନ ଲକ୍ଷ୍ୟ ଅସମ୍ପୂର୍ଣ୍ଣ ରହିଥିଲା (ଫେବୃଆରୀ 2015) । ପୁନଶ୍ଚ, ନଅଟି ସିଏସ୍‌ସିର ମିଳିତ ସରଜମିନ ତଦନ୍ତରୁ ସମୀକ୍ଷା ଜାଣିବାକୁ ପାଇଥିଲା ଯେ ଏଥିରୁ କୌଣସି ଗୋଟିଏ ହେଲେବି ରାଜୀବ ଗାନ୍ଧି ସେବା କେନ୍ଦ୍ର (ଆରଜିଏସକେ) ରେ କାର୍ଯ୍ୟକାରୀ ହେଉନଥିଲା ।

- ***ସରକାରଙ୍କଠାରୁ ନାଗରିକ (ଜି2ସି) ସେବା ପ୍ରଦାନ ନହେବା:*** ଇ-ଜିଲ୍ଲା ମିଶନ ମୋଡ୍ ପ୍ରକଳ୍ପ (ଏମ୍‌ଏମ୍‌ପି) ଅଧିନରେ ଛଅଟି ସେବା ପ୍ରଦାନ ପାଇଁ ସିଏସ୍‌ସିର ଗ୍ରାମ୍ୟ ସ୍ତରୀୟ ଶିଳ୍ପୋଦ୍ୟୋଗୀ (ଭିଏଲ୍‌ଇ) ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିବାକୁ ସୂଚନା ଓ ପ୍ରଯୁକ୍ତି ବିଭାଗ ଅନୁଦେଶ ଦେଇଥିଲେ (ଅଗଷ୍ଟ 2013) ଯାହାକି ସରକାରଙ୍କ ଠାରୁ ନାଗରିକ ସେବା (ଜି2ସି) ନାମରେ ନାମିତ । ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ମାର୍ଚ୍ଚ 2015 ସୁଦ୍ଧା ସିଏସସିରେ ଥିବା 149ଟି ଭିଏଲ୍‌ଇ ମଧ୍ୟରୁ ମାତ୍ର 63ଟି ଭିଏଲ୍‌ଇଙ୍କ ସହିତ ଜିଲ୍ଲାପାଳ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ । ତେଣୁ ଜିଲ୍ଲାରେ ଜି2ସି ସେବା ସୁନିଶ୍ଚିତ କରାଯାଇ ପାରିନଥିଲା ।

- ***ସଚେତନତା କାର୍ଯ୍ୟକ୍ରମ ଓ ପ୍ରଚାର:*** ପାଣ୍ଠି ନଥିବା କାରଣରୁ ଜି2ସି ସେବା ପ୍ରଦାନ ଉପରେ କୌଣସି ପ୍ରଚାର ଏବଂ ସଚେତନତା କାର୍ଯ୍ୟକ୍ରମ କରାଯାଇ ପାରିନଥିଲା । ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ସମିତି, ପ୍ରତି ତିନି ମାସରେ ଥରେ ବୈଠକ କରିବାକୁ ଥିଲେ ମଧ 2011-14 ବର୍ଷ ମଧ୍ୟରେ ମାତ୍ର ଗୋଟିଏ ବୈଠକ (ଅଗଷ୍ଟ 2012) କରାଯାଇଥିଲା । ଯାହା ଫଳରେ, ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ପର୍ଯ୍ୟାଲୋଚନାର ଅଭାବ ଥିଲା ।

### 3.1.26 ଉପସଂହାର

ସେପ୍ଟେମ୍ବର 2014 ସୁଦ୍ଧା 2008-13 ପାଇଁ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରାଯାଇଥିଲେ ମଧ, 2013-18 ପାଇଁ ଉକ୍ତ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା । 2008-13 ର ପରିପ୍ରେକ୍ଷଣ ଯୋଜନାର ଲକ୍ଷ୍ୟ ହାସଲ କରିବା ପାଇଁ ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ନଥିଲା । 2009-14 ମଧ୍ୟରେ ଜିଲ୍ଲା ଯୋଜନା ଏବଂ ପର୍ଯ୍ୟାଲୋଚନା ୟୁନିଟ୍ କାର୍ଯ୍ୟକ୍ଷମ ନଥିଲା । ସର୍ବଶିକ୍ଷା ଅଭିଯାନର ହସ୍ତକ୍ଷେପ ସତ୍ତ୍ୱେ, ବିଦ୍ୟାଳୟ ଗୁଡ଼ିକରେ ପାଇଖାନା, ପାନୀୟ ଜଳ, ଖେଳ ପଡ଼ିଆ ଇତ୍ୟାଦି ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧ ନଥିଲା । ସମସ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ବ୍ୟବସ୍ଥା ନହେବା ହେତୁ କେତେକ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର/ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟାପ୍ତ ଭିତ୍ତିଭୂମି ତଥା ମାନବ ସମ୍ବଳର ଅଭାବ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପ୍ରଭାବୀ ନଥିଲା ଏବଂ ଏକ ସୁବ୍ୟବସ୍ଥିତ, ପ୍ରଭାବୀ, ସ୍ୱଳ୍ପ ବ୍ୟୟରେ ସୁଗମ୍ୟ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ଲକ୍ଷ୍ୟ ହାସଲ ହୋଇପାରିନଥିଲା । ଇନ୍ଦିରା ଆବାସ ଯୋଜନା

ଅନ୍ତର୍ଗତ ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇନଥିଲା । ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଜନ ସଚେତନତା ସୃଷ୍ଟି ନକରିବା ହେତୁ କର୍ମ ଦାବୀରେ ସ୍ୱଳ୍ପତା ଲକ୍ଷ୍ୟ କରାଯାଇଥିଲା । କାର୍ଯ୍ୟକ୍ରମ ଅଧିନରେ ହାତକୁ ନିଆଯାଇଥିବା ଆଡ଼ିବନ୍ଧ ମଧ୍ୟରୁ ମାତ୍ର 22 ପ୍ରତିଶତ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା । ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଅସମ୍ପୂର୍ଣ୍ଣ ବା ଅକାମୀ ରହିବା ଫଳରେ ଜନସାଧାରଣଙ୍କୁ ସୁରକ୍ଷିତ ପର୍ଯ୍ୟାପ୍ତ ଏବଂ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ହାସଲ ହୋଇପାରିନଥିଲା । ଜଳର ଗୁଣବତ୍ତା ନିର୍ଦ୍ଧାରଣ ନିୟମିତ ଭାବରେ କରାଯାଇ ନଥିଲା । 2009-14 ମଧ୍ୟରେ 1.45 ଲକ୍ଷ ପାଇଖାନା ନିର୍ମାଣର ଲକ୍ଷ୍ୟ ଥିବା ସତ୍ତ୍ୱେ ମାତ୍ର 0.35 ଲକ୍ଷ ପାଇଖାନା (24 ପ୍ରତିଶତ) ନିର୍ମିତ ହୋଇପାରିଥିଲା । ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କର ଆବଶ୍ୟକୀୟ ଭିତ୍ତିଭୂମି ନଥିଲା ।

ଆବଶ୍ୟକୀୟ ସ୍ତର ପର୍ଯ୍ୟନ୍ତ ଜଳସେଚନ କ୍ଷମତା ବୃଦ୍ଧି ନକରିବା କାରଣରୁ ଜିଲ୍ଲାରେ କୃଷି ଉତ୍ପାଦନ କ୍ଷମତା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରି ନଥିଲା । କୃଷକମାନଙ୍କୁ ପ୍ରମାଣିତ ବିହନ ଯୋଗାଣ ପୂର୍ଣ୍ଣ ରୂପରେ କରାଯାଇ ନଥିଲା । ସଡ଼କ ଓ ସେତୁ ନିର୍ମିତ ନହୋଇପାରିବା ହେତୁ ଯୋଗାଯୋଗ ନଥିବା ବସତି/ ଅଞ୍ଚଳ ଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଯୋଗାଯୋଗ ସ୍ଥାପିତ ହୋଇପାରିନଥିଲା । ଭୂମି ଅଧିଗ୍ରହଣ ତଥା ଜମି ହସ୍ତାନ୍ତରଣ ନହେବାରୁ ଜିଲ୍ଲାରେ ଅତି କ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପଗୁଡ଼ିକର ବିକାଶ ପାଇଁ ଜମି ବ୍ୟାଙ୍କଗୁଡ଼ିକ ସ୍ଥାପିତ ହୋଇନଥିଲା । ଆବଶ୍ୟକୀୟ ରାଶି ଉପଲବ୍ଧ ଥିବା ସତ୍ତ୍ୱେ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ର ସୃଷ୍ଟି କରିବାରେ ବିଳମ୍ବ ପରିଲକ୍ଷିତ ହୋଇଥିଲା ।

ଜିଲ୍ଲାରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଭିତ୍ତିଭୂମି, ଯାନବାହନ, ମାନବ ସମ୍ବଳର ଅଭାବ ଥିଲା । ଇ-ଗଭର୍ଣ୍ଣାନ୍ସ ଅନ୍ତର୍ଗତ ସରକାରଙ୍କଠାରୁ ନାଗରିକ ସେବାଗୁଡ଼ିକୁ ସୁନିଶ୍ଚିତ କରାଯାଇ ପାରିନଥିଲା । ଭାରପ୍ରାପ୍ତ କମିଟି ଗୁଡ଼ିକ ଆବଶ୍ୟକ ପରିମାଣର ବୈଠକ କରିନଥିଲେ କିମ୍ବା ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନର ବିକାଶ ଉପରେ ବିଚାର କରାଯାଇନଥିଲା ଯାହାଫଳରେ ବିଭିନ୍ନ ଯୋଜନା/ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ପର୍ଯ୍ୟାଲୋଚନା ଏବଂ ତଦାରଖର ଅଭାବ ଥିବା ପରିଲକ୍ଷିତ ହୋଇଥିଲା ।

### 3.1.27 ସୁପାରିଶ

- ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ଉନ୍ନତି ପାଇଁ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଯିବ ।
- ସରକାରଙ୍କ ଦ୍ୱାରା ଆବଶ୍ୟକୀୟ ମାନବ ସମ୍ବଳ ତଥା ଭିତ୍ତିଭୂମିର ବିକାଶ କରି ଡିଏଚ୍‌ଏଚ୍, ସିଏଚ୍‌ସି ଏବଂ ପିଏଚ୍‌ସି ଗୁଡ଼ିକର କାର୍ଯ୍ୟ କ୍ଷମତାକୁ ସୁଦୃଢ଼ କରାଯିବ ।
- ପାନୀୟ ଜଳ ପ୍ରକଳ୍ପ ଗୁଡିକର ପୁନଃରୁଦ୍ଧାର / ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଜରୁରୀ ପଦକ୍ଷେପ ଗ୍ରହଣ କରିବେ ଏବଂ ପ୍ରଭାବୀ ଭାବରେ ପ୍ରତିକାରାତ୍ମକ ପଦକ୍ଷେପ ନେଇ ପାନୀୟ ଜଳର ଗୁଣବତ୍ତା ସୁନିଶ୍ଚିତ କରିବେ ଏବଂ ସଂପୃକ୍ତ ଏଜେନ୍ସି ଦ୍ୱାରା ପ୍ରତିକୂଳ ଗୁଣବତ୍ତା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।
- ଗ୍ରାମାଞ୍ଚଳ ରାସ୍ତାକୁ ଠିକ୍ ସମୟରେ ସମାପ୍ତ କରିବା ପାଇଁ ପଦକ୍ଷେପ ନିଆଯିବ ।
- ଇନ୍ଦିରା ଆବାସ ଯୋଜନାରେ ଅନୁମୋଦିତ ହୋଇଥିବା ଗୃହ, ଏମଏଲଏଏଲଏଡି ଅନ୍ତର୍ଗତ କାର୍ଯ୍ୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନ୍ତର୍ଗତ ଆଡ଼ିବନ୍ଧ ଏବଂ ଜିଲ୍ଲାରେ ପର୍ଯ୍ୟଟନ ପ୍ରକଳ୍ପ ଗୁଡିକର ନିର୍ମାଣ ଆଦିକୁ ସମୟୋଚିତ ସମାପ୍ତ କରିବା ପାଇଁ ଜିଲ୍ଲା କର୍ତ୍ତୃପକ୍ଷ ନିଶ୍ଚିତ କରିବେ ।
- ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ପ୍ରଭାବୀ ପର୍ଯ୍ୟବେକ୍ଷଣ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ବୈଠକ ଆୟୋଜିତ କରିବେ ।

ସରକାର ସୁପାରିଶ ଗୁଡ଼ିକୁ ସ୍ୱୀକାର କରି (ଜୁନ୍ 2015) ପ୍ରତିଶ୍ରୁତି ଦେଇଥିଲେ ଯେ ସମୀକ୍ଷା ଦ୍ୱାରା ପ୍ରଦତ୍ତ ସୁପାରିଶଗୁଡ଼ିକୁ ଅନୁସରଣ କରିବା ପାଇଁ ବିଭାଗ ଗୁଡ଼ିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯିବ ।

## ଗୃହ ବିଭାଗ

## 3.2 ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସର କାର୍ଯ୍ୟକାରିତା

### 3.2.1 ଉପକ୍ରମ

ଓଡ଼ିଶା ସହରୀ ପୁଲିସ ଅଧିନିୟମ (ଓୟୁପି) 2003 ର ଧାରା 4 ଅନୁଯାୟୀ ଦୁଇଟି ସହର ପୁଲିସ ଜିଲ୍ଲା ଭୁବନେଶ୍ୱର ଏବଂ କଟକର 45[44]ଟି ଥାନାକୁ ନେଇ ରାଜ୍ୟରେ କମିଶନରେଟ୍ ପୁଲିସ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା (ଜାନୁଆରୀ 2008) । ଜିଲ୍ଲା ସ୍ତରରେ ପୁଲିସ ଅଧିକ୍ଷକଙ୍କ ଦ୍ୱାରା ପାରମ୍ପରିକ ପୁଲିସିଂ ନିୟନ୍ତ୍ରଣ, ଲୋକାଭିମୁଖୀ ହେବା ବ୍ୟତୀତ ଆଧୁନିକ, ସଂଗଠିତ/ ଅସଙ୍ଗଠିତ ଅପରାଧ, ଆଇନ୍ ଶୃଙ୍ଖଳା ବ୍ୟବସ୍ଥାର ମୁକାବିଲା, ଶୃଙ୍ଖଳିତ ଯାତାୟତ ସୁନିଶ୍ଚିତ କରିବା ଦିଗରେ ମିଳିତ ପେଶାଗତ ନେତୃତ୍ୱ ଅଧିନରେ ଏକ ଉନ୍ନତ ବ୍ୟବସ୍ଥା ସୃଷ୍ଟି କରିବା କମିଶନରେଟ୍ ବ୍ୟବସ୍ଥାର ଲକ୍ଷ୍ୟ ଥିଲା ।

କମିଶନରେଟ୍ ପୁଲିସର ମୁଖ୍ୟ ହିସାବରେ ପୁଲିସ କମିଶନର (ସିପି)ଙ୍କୁ ସହଯୋଗ କରିବାକୁ ଜଣେ ଅତିରିକ୍ତ ପୁଲିସ କମିଶନର, ଛଅ ଜଣ ଉପ-ପୁଲିସ କମିଶନର (ଡିସିପି) ଏବଂ 20 ଜଣ ସହାୟକ ପୁଲିସ କମିଶନର (ଏସିପି) ରହିଥାନ୍ତି । ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ (ଡଜିପି) ଓ ପୁଲିସ ମହାନିରୀକ୍ଷକଙ୍କ ବୈଷୟିକ ନିୟନ୍ତ୍ରଣରେ ଏବଂ ଗୃହ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କମିଶନରେଟ୍ ପୁଲିସ କାର୍ଯ୍ୟ କରିଥାନ୍ତି । ଓୟୁପି ଅଧିନିୟମର ଧାରା 58 1(ଏ) ଅନୁଯାୟୀ ରାଜ୍ୟ ସରକାର ପୁଲିସ କମିଶନରଙ୍କୁ କାର୍ଯ୍ୟପାଳିକା/ ଜିଲ୍ଲା ଶାସନ କର୍ତ୍ତା[45]ର କ୍ଷମତା ଓ କର୍ତ୍ତବ୍ୟ ଅର୍ପଣ କରିଥିଲେ (ଡିସେମ୍ବର 2007) ।

କମିଶନରେଟ୍ ପୁଲିସଙ୍କର କାର୍ଯ୍ୟ ସଂପାଦନର ପ୍ରସ୍ତୁତି ଓ କାର୍ଯ୍ୟ ଦକ୍ଷତାର ପର୍ଯ୍ୟାପ୍ତତା ଓ ଦକ୍ଷତା, ପରିଦର୍ଶନ ଓ ପର୍ଯ୍ୟାଲୋଚନା ପଦ୍ଧତି ତଥା ଉପଲବ୍ଧ ଥିବା ଆବଶ୍ୟକୀୟ ମାନବ ସମ୍ବଳ ଓ ବାସ୍ତବିକ ଭିତ୍ତିଭୂମିର ମୂଲ୍ୟାୟନ କରିବା ଉଦ୍ଦେଶ୍ୟରେ 2008-13 ଅବଧିର ସମୀକ୍ଷା ଫେବୃଆରୀ ଠାରୁ ଜୁନ୍ 2014 ମଧ୍ୟରେ କରାଯାଇଥିଲା ।

#### *3.2.1.1 ସମୀକ୍ଷାକୁ ବାଧା*

ସମୀକ୍ଷା ପାଇଁ ନଥିପତ୍ର ଯୋଗାଇବା ବାଧ୍ୟତାମୂଳକ ଥିଲାବେଳେ ସାଧାରଣ ଅଭିଯୋଗ, ସାଧାରଣ ଆବେଦନ ଏବଂ ମୁଖ୍ୟାଳୟରେ ଅଭିଯୋଗ ଆଦି, ଭିଭିଆଇପି ବ୍ୟକ୍ତିଙ୍କର ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା, କମିଶନର ତଥା ଜିଲ୍ଲା ଶାସନ କର୍ତ୍ତାଙ୍କ ନ୍ୟାୟାଳୟରେ ଦାଏର ମାମଲା ଫଏସଲା ହୋଇଥିବା ଏବଂ ବିଚାରାଧୀନ ଥିବା ମାମଲା ସଂଖ୍ୟା ସଂପର୍କିତ ନଥିପତ୍ର ପ୍ରଦାନ କରାଯାଇ ନଥିଲା । ଫଳସ୍ୱରୂପ ସିପିଙ୍କ ନିକଟରେ ହୋଇଥିବା ଅଭିଯୋଗର ଫଏସଲା ଏବଂ ସେମାନଙ୍କର ବିଚାରାଧୀନତା, ସିପିଙ୍କ ଦ୍ୱାରା ଦଣ୍ଡାଧିକରଣ କ୍ଷମତାର ପ୍ରୟୋଗ ଏବଂ ଭିଭିଆଇପିଙ୍କର ସୁରକ୍ଷା ବ୍ୟବସ୍ଥାର ଭରସା ଦେବାକୁ ସମୀକ୍ଷା ଅସମର୍ଥ ଥିଲା ।

### 3.2.2 ସମୀକ୍ଷା ସିଦ୍ଧାନ୍ତ

ଅନ୍ୟାନ୍ୟ ବିଷୟ ସହିତ ସହରାଞ୍ଚଳରେ ଉନ୍ନତ ପୁଲିସିଂ ବ୍ୟବସ୍ଥା ସ୍ଥାପନ କରି ଦକ୍ଷତାର ସହ ଅପରାଧ ନିୟନ୍ତ୍ରଣ କରିବା ଏବଂ ସହରାଞ୍ଚଳରେ ଶାନ୍ତି ଓ ଆଇନ୍ ଶୃଙ୍ଖଳା ବଜାୟ ରଖିବାକୁ ଆଧୁନିକ, ସଂଗଠିତ ଓ ସଶସ୍ତ୍ର ଅପରାଧୀଙ୍କୁ ଗିରଫ କରିବା ଏବଂ ସେମାନଙ୍କୁ ଅପରାଧୀ ସାବ୍ୟସ୍ତ କରିବା କମିଶନରେଟ୍ ସ୍ଥାପନ କରିବାର ଉଦ୍ଦେଶ୍ୟ ଥିଲା ।

---

[44] 45 ଟି ପୁଲିସ ଥାନା ମଧ୍ୟରୁ, ଉତ୍ତରା ପୁଲିସ ଥାନା, ଏୟାରପୋର୍ଟ ପୁଲିସ ଥାନା ଏବଂ ସିଡିଏ, କଟକ ପୁଲିସ ଥାନା ଏପର୍ଯ୍ୟନ୍ତ କାର୍ଯ୍ୟକରୁ ନାହିଁ (ମାର୍ଚ୍ଚ 2014)

[45] ଦଣ୍ଡ ପ୍ରକ୍ରିୟା ସଂହିତା 1973 ର ଅଧ୍ୟାୟ VIII, ଧାରା 106 ରୁ 124 ଏବଂ ଅଧ୍ୟାୟ X ର ଧାରା 129 ରୁ 148 ଧାରା ଅନୁଯାୟୀ ଏହି କ୍ଷମତା ପରିଭାଷିତ ହୋଇଛି

କାର୍ଯ୍ୟ ସଂପାଦନର ଦକ୍ଷତା ଯଥା: ଅପରାଧ ନିୟନ୍ତ୍ରଣ, ଏଫ୍ଆଇଆର୍ ପଞ୍ଜୀକରଣରେ ସମୟାନୁବର୍ତ୍ତିତା, ତଦନ୍ତର ଗତି, ପୁଲିସ କମିଶନରେଟ୍‌ଙ୍କ ଦ୍ୱାରା ଯାତାୟତ ନିୟନ୍ତ୍ରଣ ସହିତ ପ୍ରତିହତ କ୍ଷମତା, ଚଳମାନ ସହାୟତା, ମାନବ ସମ୍ବଳ ପରିଚାଳନା ଇତ୍ୟାଦି କାର୍ଯ୍ୟ ସଂପାଦନର ପ୍ରସ୍ତୁତି ଉପରେ ସମୀକ୍ଷା ସିଦ୍ଧାନ୍ତ ନିମ୍ନରେ ଆଲୋଚନା କରାଗଲା ।

**କାର୍ଯ୍ୟ ସଂପାଦନ ଦକ୍ଷତା**

### 3.2.3 ଅପରାଧ ପରିଚାଳନା

ଫଳପ୍ରଦ ଅପରାଧ ପରିଚାଳନା ନିମିତ୍ତ ଦକ୍ଷ ଓ କୁଶଳ ଢଙ୍ଗରେ ଅପରାଧ ନିରାକରଣ, ଚିହ୍ନଟ ଏବଂ ତଦନ୍ତ ଆବଶ୍ୟକ।

#### *3.2.3.1 ମୁଖ୍ୟ ସଂପାଦନ ଦକ୍ଷତା ସୂଚକାଙ୍କ (କେପିଆଇ) ଏବଂ ବେଞ୍ଚମାର୍କ ନିର୍ଦ୍ଧାରିତ ନହେବା*

ପୁଲିସର ପରିଚାଳନା ପାରଦର୍ଶିତା ମାପିବା ପାଇଁ ପୁଲିସ ଅନୁସନ୍ଧାନ ଏବଂ ବିକାଶ ବ୍ୟୁରୋର (ବିପିଆର୍‌ଡି) ମାର୍ଗଦର୍ଶିକାରେ ଏବଂ ଭାରତ ସରକାରଙ୍କର ଅନୁଦେଶରେ କେପିଆଇ[46] ନିର୍ଦ୍ଧାରିତ କରାଯାଇଥିଲା ଏବଂ ଦକ୍ଷତା ସମ୍ପାଦନ ପାଇଁ ବେଞ୍ଚମାର୍କ ଧାର୍ଯ୍ୟ କରିବା ଆବଶ୍ୟକ ଥିଲା । ବାର୍ଷିକ ଯୋଜନା 2012-13 ର କେତେକ ସୂଚକକୁ ରାଜ୍ୟ ସରକାର ଚୂଡ଼ାନ୍ତ କରିବା ପାଇଁ ରାଜି ହୋଇଥିଲେ । ତେବେବି, ସେହି କେପିଆଇ ଗୁଡ଼ିକୁ ଧାର୍ଯ୍ୟ କରାଯାଇ ନଥିଲା (ମଇ 2015) । ଏହି ସବୁ କେପିଆଇର ଅଭାବ ଯୋଗୁଁ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ରୀତି ତଥା ରାଜ୍ୟର ହାରକୁ ସାଙ୍କେତିକ ବେଞ୍ଚମାର୍କ ଭାବରେ ସମୀକ୍ଷା ଗ୍ରହଣ କରିଥିଲା ।

#### *3.2.3.2 ଅପରାଧ ଘଟଣାର ବୃଦ୍ଧି*

2008-13 ମଧ୍ୟରେ କମିଶନରେଟ୍ ସୀମା ମଧ୍ୟରେ ବିଭିନ୍ନ ପ୍ରକାର ଅପରାଧ ଘଟଣା ନିମ୍ନ ସାରଣୀରେ ସୂଚୀତ କରାଯାଇଅଛି ଯାହା ଦର୍ଶାଉଅଛି ଯେ 2011 ବର୍ଷ ଅପେକ୍ଷା 2012 ରେ 20 ପ୍ରତିଶତ ଏବଂ 2013 ରେ 35 ପ୍ରତିଶତ ସହିତ ଆଖିଦୃଶିଆ ଭାବରେ ଅପରାଧର ଧାରା ବଢ଼ି ଚାଲିଥିଲା ।

***ସାରଣୀ 3.2.1: କମିଶନରେଟ୍ ପରିସୀମା ମଧ୍ୟରେ ଅପରାଧ ଘଟଣା (ବର୍ଗ ଅନୁସାରେ)***

| ବିଭିନ୍ନ ପ୍ରକାର ଅପରାଧ ମାମଲା ରିପୋର୍ଟ | 2008 | 2009 | 2010 | 2011 | 2012 | 2013 |
|---|---|---|---|---|---|---|
| ନରହତ୍ୟା | 65 | 51 | 63 | 61 | 82 | 83 |
| ଚୋରୀ | 1797 | 1593 | 1663 | 1703 | 1953 | 2378 |
| ମଟରଗାଡିଜନିତ ଦୁର୍ଘଟଣା | 818 | 918 | 929 | 936 | 949 | 875 |
| ଡକାୟତି | 47 | 49 | 36 | 30 | 34 | 44 |
| ଲୁଣ୍ଠନ | 172 | 155 | 119 | 130 | 138 | 143 |
| ସିନ୍ଧି ଚୋରି | 472 | 391 | 387 | 316 | 432 | 507 |
| ଠକେଇ | 294 | 154 | 134 | 164 | 252 | 381 |
| ଦଙ୍ଗା | 95 | 91 | 82 | 68 | 96 | 102 |
| ବଳାତ୍କାର | 54 | 46 | 60 | 54 | 84 | 81 |
| ଅନ୍ୟାନ୍ୟ | 2822 | 3487 | 3344 | 3303 | 4127 | 4515 |
| **ମୋଟ** | **6636** | **6935** | **6817** | **6765** | **8147** | **9109** |
| **ଅପରାଧର ସଂଖ୍ୟା ପ୍ରତି 1000 ଜନସଂଖ୍ୟାରେ** | **3** | **3** | **3** | **3** | **3** | **3** |
| **ମୋଟ ଜନସଂଖ୍ୟା** | **2160126** | **2269358** | **2312093** | **2501238** | **2658577** | **2889802** |

***(ଉତ୍ସ: ଅପରାଧ ହାର ପାଇଁ ଡେପୁଟି ପୁଲିସ କମିଶନର, ଭୁବନେଶ୍ୱର ଏବଂ କଟକଙ୍କ ଶ୍ୱେତପତ୍ର ଏବଂ ପୁଲିସ କମିଶନର ଉପଲବ୍ଧ କରାଇଥିବା ଜନସଂଖ୍ୟାର ସୂଚନା)***

[46] ଅପରାଧ ସ୍ଥଳରେ ପହଞ୍ଚିବା ପାଇଁ ପ୍ରତିକ୍ରିୟା ସମୟ, ପ୍ରଥମ ସୂଚନା ଫର୍ଦ୍ଦ (ଏଫ୍ଆଇଆର୍) ଦରଜ କରିବା ପାଇଁ ସମୟ, ବିଭିନ୍ନ ବର୍ଗର ଅପରାଧକୁ ସନ୍ଧାନ କରିବା ପାଇଁ ନିଆଯାଉଥିବା ହାରାହାରି ସମୟ, ଦାଖଲ ପୁଲିସ ପଦାଧିକାରୀଙ୍କ ଦ୍ୱାରା ଗୋଟିଏ ଦିନରେ ଏବଂ ଗୋଟିଏ ମାସରେ ବିଭିନ୍ନ ପ୍ରକାର ଅନୁସନ୍ଧାନର ସଂଖ୍ୟା

ଦେଖାଗଲା ଯେ ଜନସଂଖ୍ୟା ବୃଦ୍ଧି ତୁଳନାରେ କମିଶନରେଟ୍ ଅଞ୍ଚଳରେ ପ୍ରତି 1000 ଜନସଂଖ୍ୟାରେ ତିନିଟି ଅପରାଧର ହାର, 2008-13 ମଧ୍ୟରେ ରାଜ୍ୟ ହାରାହାରି[47] ହାର ଠାରୁ 50 ପ୍ରତିଶତ ଅଧିକ ଥିଲା । ପୁଲିସ କମିଶନର ତାଙ୍କ ଉତ୍ତରରେ କହିଥିଲେ ଯେ ଅପରାଧ ବଢିବା ଏକ ଚିନ୍ତାର ବିଷୟ। ଯେହେତୁ କମିଶନରଙ୍କ ପରିସୀମାକୁ ଅଧିକ ସହରୀକରଣ ଓ ଶିଳ୍ପ ଭିତ୍ତିକ କରାଯାଉଛି, ତେଣୁ ଅପରାଧ ଘଟଣାର ସଂଖ୍ୟା ବଢିଚାଲିଛି । କିନ୍ତୁ ଅପରାଧ ଆୟତ୍ତ କରିବା ଦିଗରେ କମିଶନରେଟ୍ ପ୍ରଣାଳୀକୁ ଏକ ଉନ୍ନତ ପ୍ରଣାଳୀ ଭାବେ ବିବେଚନା କରାଯାଏ ।

### 3.2.3.3 *ମହିଳା ଏବଂ ଶିଶୁମାନଙ୍କ ପ୍ରତି ଅପରାଧ*

ମହିଳା ଓ ଶିଶୁ ସଂପର୍କିତ ବିଷୟକୁ ସଫଳତା ସହ ସମାଧାନ କରିବା ପାଇଁ ଦୁଇଟି ମହିଳା ପୁଲିସ ଥାନା ସିପି ଅଞ୍ଚଳରେ କାର୍ଯ୍ୟକ୍ଷମ ଥିଲା ବେଳେ ନମୁନା ଯାଞ୍ଚ୍ ହୋଇଥିବା ଅବଶିଷ୍ଟ 10ଟି ପୁଲିସ ଥାନାରେ ମହିଳା ଓ ଶିଶୁ ଡେସ୍କ ଉପଲବ୍ଧ ଥିଲା । ସମୀକ୍ଷା ପରିଲକ୍ଷିତ କରିଥିଲା ଯେ 2008 ରୁ 2013 ମଧ୍ୟରେ କମିଶନରେଟ୍ ଅଞ୍ଚଳରେ ମହିଳାଙ୍କ[48] ପ୍ରତି 3,572ଟି ଅପରାଧ ମାମଲା ଏବଂ ଶିଶୁଙ୍କ[49] ପ୍ରତି 146 ଅପରାଧ ମାମଲା ପଞ୍ଜୀକରଣ କରାଯାଇଥିଲା । ପୁନଶ୍ଚ ବିଶ୍ଳେଷଣରୁ ଜଣାଗଲା ଯେ:

- ମହିଳା ଉତ୍ପୀଡ଼ନ ମାମଲା 2008 ରେ 79 ରୁ ବୃଦ୍ଧି ପାଇ 2013 ରେ 119 ହୋଇଥିଲା ବେଳେ ମହିଳା ଅପହରଣ ମାମଲା 2008 ରେ 41 ରୁ 2013ରେ 104 କୁ ବୃଦ୍ଧି ପାଇଥିଲା ।
- 2008 ରେ ଯୌତୁକ ମାମଲା 62 ରୁ ବୃଦ୍ଧି ପାଇ 2013 ରେ 183 ରେ ପହଞ୍ଚିଥିଲା ବେଳେ ବିନାଯୌତୁକ ନିର୍ଯ୍ୟାତନା ମାମଲା 2008 ରେ 58 ରୁ 2012 ରେ 210 କୁ ବୃଦ୍ଧି ପାଇଥିଲା ।
- ନାବାଳିକାଙ୍କୁ ବଳାତ୍କାର ଘଟଣା 2008 ରେ ନଅ ରୁ ବୃଦ୍ଧି ପାଇ 2013 ରେ 53 ହୋଇଥିଲା ।
- 2008 ରୁ 2013 ମଧ୍ୟରେ ନମୁନା ଯାଞ୍ଚ୍ ଦୁଇଟି ମହିଳା ଥାନାରେ ପଞ୍ଜୀକୃତ ହୋଇଥିବା ମହିଳା ଓ ଶିଶୁ ସଂପର୍କିତ 2,362ଟି ମାମଲା ମଧ୍ୟରୁ ମାର୍ଚ୍ଚ 2014 ସୁଦ୍ଧା 1,242ଟି ମାମଲାରେ ଫଏସଲା ହୋଇଥିଲାବେଳେ 1,120ଟି ମାମଲା (47 ପ୍ରତିଶତ) ଏକ ରୁ ପାଞ୍ଚ ବର୍ଷ[50] ଧରି ତଦନ୍ତ ନିମନ୍ତେ ପଡ଼ି ରହିଥିଲା । ଅନୁସନ୍ଧାନ ଅଧିକାରୀଙ୍କ (ଆଇଓ) ଅବହେଳା ସହିତ ସେମାନଙ୍କର କେସ୍ ଡାଏରୀ ଲେଖିବାର ଦକ୍ଷତା ନଥିବା ଯୋଗୁଁ ବହୁଳ ପରିମାଣରେ ମାମଲା ପଡ଼ିରହିଥିଲା ବୋଲି ମହିଳା ଥାନା ଭାରପ୍ରାପ୍ତ ଇନସ୍ପେକ୍ଟର (ଆଇଆଇସି) ଦର୍ଶାଇଥିଲେ ।

### 3.2.3.4 *ଅପରାଧ ନିରାକରଣ*

ସମୟୋପଯୋଗୀ ଗୁପ୍ତ ତଥ୍ୟ ସଂଗ୍ରହ, ପ୍ରଭାବଶାଳୀ ପହରା ଭଳି ଅପରାଧ ନିରାକରଣ ପଦକ୍ଷେପ ଏବଂ ଗୋଷ୍ଠୀ ପୁଲିସିଂ ଭଳି ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରିତାରେ ଅଭାବ ଯୋଗୁଁ ଅପରାଧ ଘଟଣାଗୁଡ଼ିକ ବୃଦ୍ଧି ପାଇଥିଲା । ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୱିଙ୍ଗ୍ ବିଭାଗ ସୃଷ୍ଟି ପ୍ରସ୍ତାବ ଗୃହ ବିଭାଗରେ ପଡ଼ିରହିଥିଲା (2008) ବେଳେ ଗୋଷ୍ଠୀ ପୁଲିସିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ନଥିଲା (ମାର୍ଚ୍ଚ 2013) । ଯାହାହେଉ, ପୁଲିସ କଣ୍ଟ୍ରୋଲ ରୁମ୍ (ପିସିଆର୍) ଭ୍ୟାନ୍ ମାଧ୍ୟମରେ ପହରା ଦେବା କାର୍ଯ୍ୟ କରାଯାଉଥିଲା ।

---

47 1,000 ଲୋକସଂଖ୍ୟାରେ 2 ଅପରାଧ

48 ଉତ୍ପୀଡ଼ନ: 507; ଯୌନ ନିର୍ଯ୍ୟାତନା: 19; ଚିଡ଼େଇବା: 95; ମହିଳାଙ୍କୁ ଅପହରଣ: 330; ନାରୀ ହତ୍ୟା: 153; ଯୌତୁକ ମାମଲା: 710; ଯୌତୁକ ହତ୍ୟା: 177; ଯୌତୁକ ନିର୍ଯ୍ୟାତନା: 824; ଯୌତୁକ ଆତ୍ମହତ୍ୟା: 56; ବିନା ଯୌତୁକ ନିର୍ଯ୍ୟାତନା: 682; ଗଣ ବଳାତ୍କାର: 19

49 ନାବାଳିକା ଧର୍ଷଣ: 113; ପୁନଃ ବିବାହ ପାଇଁ ମନାକରିବା: 32; ବାଲ୍ୟ ବିବାହ: 1

50 ଏକ ବର୍ଷ ମଧ୍ୟରେ କିନ୍ତୁ 30 ଦିନରୁ ଅଧିକ: 338; ଏକ ରୁ ଦୁଇ ବର୍ଷ: 286; 2 ରୁ 3 ବର୍ଷ: 145; ତିନି ରୁ ଚାରି ବର୍ଷ: 136; 4 ରୁ 5 ବର୍ଷ: 117; ପାଞ୍ଚ ବର୍ଷରୁ ଅଧିକ: 98

### 3.2.3.5 ପ୍ରଥମ ସ୍ଥାନ ଭ୍ରମଣରେ ବିଳମ୍ବ: ପ୍ରତିକ୍ରିୟା ସମୟ ପାଇଁ ନୀତି ସ୍ଥିର ନହେବା

ପରିଚାଳନା ଦକ୍ଷତା ପାଇଁ ବିଭାଗ କୌଣସି ପ୍ରତିକ୍ରିୟା ସମୟ[51] ସ୍ଥିର କରିନଥିଲେ ।

ନମୁନା ଯାଞ୍ଚ୍ ଥାନାର ଦୁଇ ନମୁନା ଯାଞ୍ଚ୍ ମାସରେ (ଜୁଲାଇ 2012 ଏବଂ ମାର୍ଚ୍ଚ 2013) ପଞ୍ଜୀକୃତ ମାମଲାର ସମ୍ୟକ୍ ପରୀକ୍ଷାରୁ ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ପୁଲିସ ମାନୁଆଲ (ଫର୍ମ-177) ଅନୁଯାୟୀ ଆବଶ୍ୟକ ଥିଲେ ମଧ ସମୁଦାୟ 473ଟି ପଞ୍ଜୀକୃତ ମାମଲାରୁ 343ଟି ମାମଲାରେ (73 ପ୍ରତିଶତ) ଏଫ୍‌ଆଇଆର ପଞ୍ଜୀକୃତ ହେଲା ପରେ ପୁଲିସ ଦ୍ୱାରା ପ୍ରଥମ ସ୍ଥାନ ଭ୍ରମଣର ପ୍ରତିକ୍ରିୟା ସମୟ ଅପରାଧ ସୂଚକ ରେଜିଷ୍ଟରରେ ଉଲ୍ଲିଖିତ ହୋଇନଥିଲା । ଅପରାଧ ସୂଚକ ରେଜିଷ୍ଟର ଅନୁଯାୟୀ ଅବଶିଷ୍ଟ 130ଟି ମାମଲାରୁ 27ଟି ମାମଲାରେ (21 ପ୍ରତିଶତ) ପ୍ରତିକ୍ରିୟା ସମୟ ଏକ ଘଣ୍ଟାରୁ ଉର୍ଦ୍ଧ ଓ 10 ଘଣ୍ଟା 15 ମିନିଟ୍ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ କୌଣସି ଅପରାଧ ଘଟଣାର ସୂଚନା ଡାଏଲ୍ 100 ପଦ୍ଧତିରେ ପାଇଲା ପରେ ପିସିଆର ଭ୍ୟାନ୍ ସେହି ଅପରାଧ ସ୍ଥଳରେ 90 ପ୍ରତିଶତ ମାମଲାରେ ପାଞ୍ଚ ରୁ ଦଶ ମିନିଟ୍ ସମୟରେ ପହଞ୍ଚୁଥିଲା । କିନ୍ତୁ ସମୀକ୍ଷା ଯାଞ୍ଚରେ ଏହା ଅନ୍ୟ ପ୍ରକାରେ ଦୃଷ୍ଟିଗୋଚର ହୋଇଥିଲା ।

### 3.2.3.6 ଏଫ୍‌ଆଇଆର ଦାଖଲରେ ସମୟାନୁବର୍ତ୍ତିତା ଏବଂ ଏଫ୍‌ଆଇଆର ପ୍ରତିଲିପି ପ୍ରଦାନ

ଓଡ଼ିଶା ପୁଲିସ ମାନୁଆଲ୍ ଧାରା 143(ଏ) ଏବଂ (ବି) ଏବଂ 116 ଏବଂ ବିପିଆର୍‌ଡି ମାନ ଏଫ୍‌ଆଇଆର ଏବଂ ମୌଖିକ ଭାବରେ ମିଳିଥିବା ଏଫଆଇଆରକୁ ମଧ ତୁରନ୍ତ ପଞ୍ଜୀକୃତ କରାଯିବା ଆବଶ୍ୟକ କରେ । ଓଡ଼ିଶା ପୁଲିସ ମାନୁଆଲ୍ (ଓପିଏମ୍) ଅନୁସାରେ ମଧ ଥାନା ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ ଦୃଷ୍ଟିକୁ ଆସୁଥିବା ପ୍ରତ୍ୟେକ ଘଟଣାକୁ ଷ୍ଟେସନ ଡାଏରୀ (ଏସଡି)ରେ ଲିପିବଦ୍ଧ କରିବା ଉଚିତ୍ ଏବଂ ସମସ୍ତ ଧର୍ତ୍ତବ୍ୟ ଅପରାଧକୁ ଏଫ୍‌ଆଇଆରରେ ପରିବର୍ତ୍ତନ କରାଯିବା ଉଚିତ୍ । ଓପିଏମ୍‌ର ଧାରା 143(ବି) ଅନୁସାରେ ଏଫ୍‌ଆଇଆର ନକଲ ତୁରନ୍ତ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯିବ । ଏତଦ୍ ବ୍ୟତୀତ ଓଡ଼ିଶା ସର୍ବସାଧାରଣ ସେବା ଅଧିକାର ଅଧିନିୟମ (ଓଆର୍‌ଟିପିଏସ୍) 2012 ଅନୁସାରେ ଅଭିଯୋଗକାରୀଙ୍କୁ ଏଫ୍‌ଆଇଆରର ନକଲ 24 ଘଣ୍ଟା ମଧରେ ମାଗଣାରେ ହସ୍ତାନ୍ତର କରିବା କଥା ।

ଦୁଇଟି ନମୁନା ମାସ (ଜୁଲାଇ 2012 ଏବଂ ମାର୍ଚ୍ଚ 2013) ରେ 12ଟି ଥାନାରୁ 10[52]ଟି ଥାନାରେ ଦାଖଲ ହୋଇଥିବା 473ଟି ଏଫ୍‌ଆଇଆର ସମୀକ୍ଷା ଯାଞ୍ଚ୍ କରିଥିଲା ଏବଂ ପରିଲକ୍ଷିତ କରିଥିଲା ଯେ :

- 48ଟି ମାମଲାରେ, ଥାନାର ଷ୍ଟେସନ୍ ଡାଏରୀ ଲିପିବଦ୍ଧ ହେବାର 1 ରୁ 56 ଦିନ ବିଳମ୍ବରେ ଏଫ୍‌ଆଇଆର ଦାଏର କରାଯାଇଥିଲା । ସବୁଠାରୁ ଅଧିକ ବିଳମ୍ବ 56 ଦିନ[53] ବାଦାମବାଡ଼ି ଥାନାରେ ଦେଖିବାକୁ ମିଳିଥିଲା ।
- ନମୁନା ଯାଞ୍ଚ ଥାନାଗୁଡ଼ିକରେ ଅପରାଧ ସଂପର୍କିତ ନଥିରେ ଲିଖିତ ବିଷୟ ସହିତ ଷ୍ଟେସନ୍ ଡାଏରୀର ତର୍ଜମାରୁ ଜଣାଗଲା ଯେ 53ଟି ମାମଲା ***(ପରିଶିଷ୍ଟ 3.2.1)*** ରେ ଅଭିଯୋଗ ଗୁଡ଼ିକ ଷ୍ଟେସନ ଡାଏରୀରେ ଲିପିବଦ୍ଧ ହୋଇନଥିଲା ।
- 17ଟି ମାମଲାରେ ଏଫ୍‌ଆଇଆରଗୁଡ଼ିକ ପ୍ରଥମେ ଦାଏର କରାଯାଇଥିଲା ଏବଂ ଷ୍ଟେସନ ଡାଏରୀରେ ଦୁଇ ରୁ ତିନି ଦିନ ବିଳମ୍ବରେ ଲିପିବଦ୍ଧ କରାଯାଇଥିଲା । ସବୁଠାରୁ ଅଧିକ ତିନି ଦିନ ବିଳମ୍ବ ଖଣ୍ଡଗିରି ଥାନାରେ ଦେଖାଯାଇଥିଲା ।
- ଗୋଟିଏ ନମୁନା ଥାନା (ଖଣ୍ଡଗିରି ଥାନା)ରେ ଜୁଲାଇ 2012 (ତିନିଟି ମାମଲା) ଏବଂ ମାର୍ଚ୍ଚ 2013

[51] ପ୍ରଥମ ସୂଚନା ଫର୍ଦ୍ଦ ପ୍ରସ୍ତୁତ କରିବା ପାଇଁ ଲାଗୁଥିବା ସମୟଠାରୁ ଅପରାଧ ସ୍ଥଳରେ ପୁଲିସ ପହଞ୍ଚିବାକୁ ଲାଗୁଥିବା ପ୍ରକୃତ ସମୟ

[52] ଦୁଇଟି ଟ୍ରାଫିକ୍ ପୁଲିସ ଷ୍ଟେସନ ବ୍ୟତୀତ, ଯେଉଁଠାରେ କୌଣସି ଏଫ୍‌ଆଇଆର୍ ଗ୍ରହଣ କରାଯାଏ ନାହିଁ

[53] 23 ମଇ 2012 ଅପରାହ୍ନ ଘ.2.30ରେ ପୁଲିସ ଥାନାରେ ରିପୋର୍ଟ କରାଗଲା କିନ୍ତୁ 18 ଜୁଲାଇ 2012 ମଧ୍ୟାହ୍ନ ଘ.12.40ରେ ଏଫ୍‌ଆଇଆର ପଞ୍ଜୀକରଣ କରାଯାଇଥିଲା

(ଦୁଇଟି ମାମଲା)ରେ ଯଦିଓ ପାଞ୍ଚଟି ଧର୍ଷବ୍ୟ ଅପରାଧ ମାମଲା ଷ୍ଟେସନ ଡାଏରୀରେ ଲିପିବଦ୍ଧ ହୋଇଥିଲା, ସେଗୁଡ଼ିକ ଦୁଇ ରୁ ତିନି ବର୍ଷ ପରେ ମଧ ଏଫ୍‌ଆଇଆର କୁ ରୂପାନ୍ତରିତ ହୋଇନଥିଲା ।

- ନମୁନା ଯାଞ୍ଚ୍ କରାଯାଇଥିବା 473ଟି ମାମଲା ମଧ୍ୟରୁ 88ଟି ମାମଲାରେ ମାର୍ଚ୍ଚ 2014 ସୁଦ୍ଧା ଅଭିଯୋଗକାରୀଙ୍କୁ ଏଫ୍‌ଆଇଆର ନକଲ ହସ୍ତାନ୍ତର କରାଯାଇନଥିଲା ଯଦିଓ ଓପିଏମ୍‌ର ନିୟମ 143(ବି) ଅନୁଯାୟୀ ହସ୍ତାନ୍ତର କରିବା କଥା । ସବୁଠାରୁ ଅଧିକ 41 ମାମଲା ଖଣ୍ଡଗିରି ଥାନାରେ ଦେଖିବାକୁ ମିଳିଥିଲା । 13ଟି ମାମଲାରେ ଏଫ୍‌ଆଇଆର ନକଲ ଠିକ୍ ସମୟରେ ପ୍ରଦାନ କରାଯାଇଥିଲା ବେଳେ ଗୋଟିଏ ମାମଲାରେ ଏହା 22 ଦିନ ବିଳମ୍ବରେ ପ୍ରଦାନ କରାଯାଇଥିଲା । ଅବଶିଷ୍ଟ 371ଟି ମାମଲାରେ ଏଫ୍‌ଆଇଆର ନକଲଗୁଡ଼ିକ ଅଭିଯୋଗକାରୀଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯାଇଥିଲେ ମଧ ପାଇବାର ତାରିଖ ଉଲ୍ଲେଖ କରାଯାଇ ନଥିଲା । ଯାହାଫଳରେ ସଂଯୁକ୍ତ ବିଳମ୍ବ ସମୀକ୍ଷା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରି ନଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ ମାମଲା ବନ୍ଦ କରିବାକୁ ଯଦିଓ ଲକ୍ଷ୍ୟ ସ୍ଥିର କରାଯାଇଥିଲା ସେମାନଙ୍କର ବିଭିନ୍ନ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଉଭୟ ସହରୀ ପୁଲିସ ଜିଲ୍ଲାରେ ତାହା ହାସଲ ହୋଇପାରି ନଥିଲା ।

## 3.2.4 ଚୂଡ଼ାନ୍ତ ରିପୋର୍ଟ/ ଚାର୍ଜସିଟ୍ ଦାଖଲ ହାର ରାଜ୍ୟ ହାର ଠାରୁ କମ୍

2008 ରୁ 2013 ମଧ୍ୟରେ ସତ୍ୟ ପ୍ରମାଣିତ[54] କମିଶନରଙ୍କ ଦ୍ୱାରା ଦାଖଲ ହୋଇଥିବା ଚାର୍ଜସିଟ୍ ଏବଂ ଚୂଡ଼ାନ୍ତ ରିପୋର୍ଟର ହାର 47 ରୁ 59[55] ପ୍ରତିଶତ ଥିଲା । ଉକ୍ତ ସମୟରେ ରାଜ୍ୟର ହାର 73 ରୁ 76 ପ୍ରତିଶତ[56] ଠାରୁ କମ୍ ଥିଲା । ଏତଦ୍‌ବ୍ୟତୀତ 2013 ର ଅପରାଧ ତଥ୍ୟ ବିଶ୍ଳେଷଣରୁ ଜଣାଗଲା ଯେ ଚାର୍ଜସିଟ୍ ଓ ଚୂଡ଼ାନ୍ତ ରିପୋର୍ଟ[57] ଦାଖଲ ହାର ଗଞ୍ଜାମ ଜିଲ୍ଲାରେ (79 ପ୍ରତିଶତ), ସୁନ୍ଦରଗଡ଼ ଜିଲ୍ଲାରେ (83 ପ୍ରତିଶତ) ସମ୍ବଲପୁର ଜିଲ୍ଲାରେ (84 ପ୍ରତିଶତ) ଏବଂ ବାଲେଶ୍ୱର ଜିଲ୍ଲାରେ (71 ପ୍ରତିଶତ) ବହୁ ଉର୍ଦ୍ଧ୍ୱରେ ରହିଥିଲା ।

ପୁନଶ୍ଚ ପରୀକ୍ଷାରୁ ଜଣାପଡ଼ିଲା ଯେ:

### *3.2.4.1 ଚାର୍ଜସିଟ୍/ଚୂଡ଼ାନ୍ତ ରିପୋର୍ଟର ଦାଖଲ / ଉପସ୍ଥାପନରେ ବିଳମ୍ବ*

ବିପିଆରଡି ମାନ ତଥା ଓଡ଼ିଶା ପୁଲିସ ମାନୁଆଲ ଅନୁଯାୟୀ ବିଶେଷ ରୂପେ ଅଭିଯୋଗ ହୋଇଥିବା ମାମଲାରେ ଏଫ୍‌ଆଇଆର ରୁଜୁ କରିବାର 120 ଦିନ ମଧ୍ୟରେ ଚାର୍ଜସିଟ୍/ ଚୂଡ଼ାନ୍ତ ରିପୋର୍ଟ ଦାଖଲ ହେବାସ୍ଥଳେ ଅନ୍ୟ ମାମଲାରେ ଏହା 60 ଦିନ ମଧ୍ୟରେ ଦାଖଲ ହେବା କଥା ।

ସମୀକ୍ଷା ପରିଲକ୍ଷିତ କଲା ଯେ:

- 2008-13 ମଧ୍ୟରେ ଯଦିଓ 44,409ଟି ମାମଲାରେ ଏଫ୍‌ଆଇଆର ରୁଜୁ କରାଯାଇଥିଲା, ମାର୍ଚ୍ଚ 2014 ସୁଦ୍ଧା ପାଞ୍ଚ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ 935ଟି ମାମଲା (2.10 ପ୍ରତିଶତ) ରେ ଏହା ଦାଖଲ ହୋଇ ନଥିଲା ।

- ନମୁନା ଯାଞ୍ଚ୍ କରାଯାଇଥିବା ମାସଗୁଡ଼ିକରେ ରୁଜୁ କରାଯାଇଥିବା 473ଟି ଏଫ୍‌ଆଇଆର ମଧ୍ୟରୁ ମାର୍ଚ୍ଚ 2014 ସୁଦ୍ଧା 312ଟି ମାମଲାରେ ଚାର୍ଜସିଟ୍ (214) ଏବଂ ଚୂଡ଼ାନ୍ତ ରିପୋର୍ଟ (98) ଦାଖଲ ହୋଇଥିଲା । ବଳକା ଥିବା 160ଟି ବିଚାରାଧୀନ ମାମଲାରେ 395 ରୁ 725 ଦିନ ବିତି ଯାଇଥିଲେ ମଧ ତଦନ୍ତ ପୂରଣ ହୋଇପାରି ନଥିଲା ।

---

54 ପ୍ରକୃତ ଘଟଣା ଆଧାରିତ ଏଫ୍‌ଆଇଆର

55 2010: 52 ପ୍ରତିଶତ; 2011: 54 ପ୍ରତିଶତ; 2012: 59 ପ୍ରତିଶତ; ଏବଂ 2013: 47 ପ୍ରତିଶତ

56 2010: 73 ପ୍ରତିଶତ; 2011: 75 ପ୍ରତିଶତ; 2012: 76 ପ୍ରତିଶତ ଏବଂ 2013: 75 ପ୍ରତିଶତ

57 ଏଫ୍‌ଆଇଆର ଦରଜ ଠାରୁ ଚାର୍ଜସିଟ୍ ଦରଜ ଏବଂ ଚୂଡ଼ାନ୍ତ ଫର୍ମ ଦାଖଲ

- 312ଟି ଫଏସଲା ହୋଇଥିବା ମାମଲାରୁ 167ଟି (54 ପ୍ରତିଶତ) ମାମଲାରେ ନିର୍ଦ୍ଧାରିତ ସମୟ ସୀମାର ଏକ ରୁ 300 ଦିନ[58] ବିଳମ୍ବରେ ଚାର୍ଜସିଟ୍ କିମ୍ବା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯାଇଥିଲା ।
- ନମୁନା ଯାଞ୍ଚ ହୋଇଥିବା ତିନିଟି ଥାନାର[59] 47ଟି ମାମଲାରେ[60] ଅଭିଯୋଗ ଆଗତ ହେବା ଏବଂ ଅଦାଲତରେ ଚାର୍ଜସିଟ୍ ଦାଖଲ ହେବାରେ 1 ରୁ 355 ଦିନ ଯାଏ ବିଳମ୍ବ ହୋଇଥିଲା ।

### 3.2.4.2 ଏଫ୍‌ଆଇଆର୍ ପଞ୍ଜୀକରଣ ପରେ ଅଭିଯୋଗ ମାମଲାଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

ଥାନାରେ ଗ୍ରହଣ ହେଉଥିବା ସମସ୍ତ ଅଭିଯୋଗ ଷ୍ଟେସନ ଡାଏରୀରେ ଲିପିବଦ୍ଧ ହେବାକଥା ଓ ଧର୍ତ୍ତବ୍ୟ ଅପରାଧଗୁଡ଼ିକ ଏଫ୍‌ଆଇଆରକୁ ପରିବର୍ତ୍ତନ କରିବା ଉଚିତ୍ । ଏତଦ୍ ବ୍ୟତୀତ, ଯେତେବେଳେ କୌଣସି ବ୍ୟକ୍ତି କ୍ଷୁବ୍ଧ ହୁଅନ୍ତି ସେ ତାଙ୍କର ଅଭିଯୋଗ କମିଶନର ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରନ୍ତି ଯାହାକି ଏକ ନଥିରେ ଉଲ୍ଲେଖ ହୁଏ ଏବଂ ଅନୁସନ୍ଧାନ କରାଯାଏ ।

ସମୀକ୍ଷା ପରିଲକ୍ଷିତ କଲା ଯେ ଅଭିଯୋଗ ଫଏସଲା ପାଇଁ ବିଭାଗ/ କମିଶନରଙ୍କ ଦ୍ୱାରା କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନଥିଲା । 2008 ରୁ 2013 ମଧ୍ୟରେ କମିଶନରଙ୍କ ଦ୍ୱାରା ଗ୍ରହଣ ହୋଇଥିବା 5,496ଟି ଅଭିଯୋଗ ଆବେଦନ ମଧ୍ୟରୁ ଅଭିଯୋଗର ଗୋପନୀୟତା ଦୃଷ୍ଟିରୁ କେବଳ 14ଟି ମାମଲାର ନଥି, ସମୀକ୍ଷାକୁ ପ୍ରଦାନ କରାଯାଇଥିଲା । ସେହି 14ଟି ମାମଲାର ନମୁନା ପରୀକ୍ଷା ବେଳେ ସେଥିମଧ୍ୟରୁ ଛଅଟି ଧର୍ତ୍ତବ୍ୟ ଅପରାଧ ମାମଲାରେ ଏଫ୍‌ଆଇଆର୍ ହେଲା ପରେ ମଧ୍ୟ ପୁଲିସର ନିଷ୍କ୍ରିୟତା ପରିଲକ୍ଷିତ ହୋଇଥିଲା ବେଳେ ଅନ୍ୟ ଚାରିଟି ଧର୍ତ୍ତବ୍ୟ ଅପରାଧ ମାମଲାରେ ଏଫଆଇଆର ପଞ୍ଜୀକରଣ ହୋଇ ନଥିଲା । ସମୀକ୍ଷା ଅବଲୋକନ କଲା ଯେ ଏହି ଚାରିଟି ମାମଲାରେ ଅଭିଯୋଗ ଆବେଦନ ମିଳିବାର 5 ରୁ 51 ଦିନ ବିଳମ୍ବରେ ଏଫ୍‌ଆଇଆର ରୁଜୁ ହୋଇଥିଲା ।

ଏତଦ୍ ବ୍ୟତୀତ କମିଶନରଙ୍କ ଅଭିଯୋଗ ପୁସ୍ତିକାର ପରୀକ୍ଷାରୁ ଜଣାଗଲା ଯେ ତିନିଟି ମାମଲା (ଅଭିଯୋଗ ଗ୍ରହଣ ସମୟ ମାର୍ଚ୍ଚ-ଏପ୍ରିଲ୍ 2010) ରେ ତଦନ୍ତ ଅଧିକାରୀଙ୍କ ଠାରୁ ରିପୋର୍ଟ ମିଳିନଥିଲା (ଡିସେମ୍ବର 2014) ବେଳେ ପାଞ୍ଚଟି ମାମଲା (ଜୁନ୍ 2008 ରୁ ନଭେମ୍ବର 2010 ମଧ୍ୟରେ ପ୍ରାପ୍ତ ହୋଇଥିବା) ରେ ତଦନ୍ତକାରୀ ଅଧିକାରୀଙ୍କ ଠାରୁ ଏହା ଏକ ବର୍ଷ ତିନିମାସରୁ ଦୁଇ ବର୍ଷ 10 ମାସ ବିଳମ୍ବରେ ପ୍ରାପ୍ତ ହୋଇଥିଲା । ଅଧିକ ନଥିପତ୍ରର ଅଭାବ ଯୋଗୁଁ ଏହି ସମୟ ମଧ୍ୟରେ କମିଶନରଙ୍କ ନିକଟରେ ପହଞ୍ଚିଥିବା ନାଗରିକ ମାନଙ୍କର ଅଭିଯୋଗର ମାନ ଓ ତ୍ୱରିତ କିମ୍ବା ଫଏସଲାର ବିଳମ୍ବ ସମ୍ବନ୍ଧରେ ସମୀକ୍ଷା ସୁନିଶ୍ଚିତ ହୋଇପାରି ନଥିଲା ।

ନମୁନା ଯାଞ୍ଚ କରାଯାଇଥିବା ଥାନାଗୁଡ଼ିକର ନଥିପତ୍ର ଯାଞ୍ଚରୁ ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ପାଞ୍ଚଟି ଥାନା[61] ଓ ଦୁଇଟି ସହକାରୀ ପୁଲିସ କମିଶନରଙ୍କ କାର୍ଯ୍ୟାଳୟ (ଭୁବନେଶ୍ୱର ୟୁପିଡିର ଏସିପି III ଏବଂ IV) 2008-13 ମଧ୍ୟରେ ଏସିପି (ଅଭିଯୋଗ) ଓ ଡିସିପି ଭୁବନେଶ୍ୱରଙ୍କ ଠାରୁ 2,715ଟି ଅଭିଯୋଗ ପାଇଥିଲେ, ଯେଉଁଥିରୁ 1,533ଟି ଅଭିଯୋଗ (56 ପ୍ରତିଶତ) ମାର୍ଚ୍ଚ 2014 ସୁଦ୍ଧା ଫଏସଲା ହେବାକୁ ପଡ଼ିରହିଥିଲା ।

ଏତଦ୍ ବ୍ୟତୀତ ନମୁନା ଯାଞ୍ଚ ମାମଲାଗୁଡିକରେ ଅଭିଯୋଗର ଫଏସଲା 1 ରୁ 36 ମାସ ବିଳମ୍ବରେ ହୋଇଥିବା ଦୃଷ୍ଟିଗୋଚର ହୋଇଥିଲା । ବିଭାଗ ସ୍ୱୀକାର କରିଥିଲେ (ଜାନୁଆରୀ 2015)ଯେ ସ୍ୱଳ୍ପ ସଂଖ୍ୟକ କ୍ଷେତ୍ର କର୍ମଚାରୀ ଏବଂ ସେମାନଙ୍କୁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯିବା ଯୋଗୁଁ ଅଭିଯୋଗ ଆବେଦନଗୁଡ଼ିକର ଅନୁସନ୍ଧାନ ଦ୍ରୁତ ଗତିରେ ହୋଇପାରି ନଥିଲା ।

58 ଏକରୁ 100 ଦିନ: 120 ମାମଲା, 101-200 ଦିନ: 26 ମାମଲା ଏବଂ ଅଧିକ 200 ଦିନ: 21 ମାମଲା

59 ଇନଫୋସିଟି ପୁଲିସ ଥାନା, ମହିଳା ପୁଲିସ ଥାନା ଭୁବନେଶ୍ୱର ଏବଂ କଟକ

60 ଏକରୁ 100 ଦିନ: 42 ଟି ମାମଲା, 101-200 ଦିନ: 2 ଟି ମାମଲା ଏବଂ 200-355 ଦିନ: 3 ଟି ମାମଲା

61 ଖଣ୍ଡଗିରି, ଲକ୍ଷ୍ମୀସାଗର, ବଡଗଡ଼,ଚାଉଳିଆଗଞ୍ଜ ଏବଂ ମହିଳା ପୁଲିସ ଥାନା, କଟକ

### 3.2.5 ଅପରାଧ ତଦନ୍ତ

ବିପିଆର୍‌ଡି ମାନକ ଅନୁଯାୟୀ ତିନି ଅଧିକାରୀଙ୍କୁ[62] ନେଇ ଗୋଟିଏ ଦଳ ବର୍ଷକୁ 50ଟି ତଦନ୍ତ କରିବାର ଥିଲେ ମଧ ବିଭାଗ କିମ୍ବା କମିଶନରଙ୍କ ଦ୍ୱାରା ଜଣେ ଅଧିକାରୀ ମାସକୁ କେତେ ଅପରାଧର ତଦନ୍ତ କରିବେ ସେ ବିଷୟରେ କୌଣସି ନିୟମ ଧାର୍ଯ୍ୟ କରାଯାଇ ନଥିଲା । ତଦନ୍ତ ଏବଂ ଆଇନ୍ ଶୃଙ୍ଖଳା ବିଭାଗ ଅଲଗା ନଥିବା ଯୋଗୁଁ ମାମଲାଗୁଡ଼ିକର ଫଏସଲା ପାଇଁ କୌଣସି ନିୟମ ଧାର୍ଯ୍ୟ କରାଯାଇ ନଥିଲା ଏବଂ ଏଥିଯୋଗୁଁ ତଦନ୍ତକାରୀ ଅଧିକାରୀମାନଙ୍କୁ ବହୁ ବିଧ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ସମୀକ୍ଷା ନିମ୍ନ ଅଭାବଗୁଡ଼ିକ ପରିଲକ୍ଷିତ କରିଥିଲା ।

#### *3.2.5.1 ତଦନ୍ତର ମନ୍ଥର ଗତିଯୋଗୁଁ ବହୁଳ ଭାବରେ ମାମଲା ପଡ଼ିରହିବା*

2008-13 ମଧ୍ୟରେ କମିଶନରେଟ୍ ଅଞ୍ଚଳରେ ତଦନ୍ତାଧୀନ ସତ୍ୟ ପ୍ରମାଣିତ ଏଫଆଇଆର ଗୁଡ଼ିକର ସଂଖ୍ୟା 41 ଏବଂ 53 ପ୍ରତିଶତ ମଧରେ ରହୁଥିଲା ଏବଂ ଏହିସମୟରେ ଏହା ରାଜ୍ୟର ହାରାହାରି ପ୍ରତିଶତ 24 ରୁ 27 ପ୍ରତିଶତ ଠାରୁ ବହୁ ଉର୍ଦ୍ଧ୍ୱରେ ଥିଲା । ଏହା ବ୍ୟତୀତ, କମିଶନରେଟ୍ ପୁଲିସଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ ଉଭୟ ୟୁପିଡିରେ 2013 ରେ ତଦନ୍ତାଧୀନ ଥିବା ମାମଲା, ଗଞ୍ଜାମ (21 ପ୍ରତିଶତ), ସୁନ୍ଦରଗଡ଼ (19 ପ୍ରତିଶତ), ସମ୍ବଲପୁର (16 ପ୍ରତିଶତ) ଏବଂ ବାଲେଶ୍ୱର (29 ପ୍ରତିଶତ) ପ୍ରଭୃତି ଅଧିକ ପୌରାଞ୍ଚଳ ଥିବା ଜିଲ୍ଲାଗୁଡ଼ିକ ଠାରୁ ବହୁ ଉର୍ଦ୍ଧ୍ୱରେ ଥିଲା । ଏହା କମିସନରେଟ ଦ୍ୱାରା ତଦନ୍ତର ମନ୍ଥର ଗତିକୁ ସୂଚାଉଥିଲା ।

ସମୀକ୍ଷା ଆହୁରି ମଧ ପରିଲକ୍ଷିତ କରିଥିଲା ଯେ:

- ମାର୍ଚ୍ଚ 2014 ସୁଦ୍ଧା କମିଶନରେଟ୍ ପୁଲିସ ଅଧିନରେ ତଦନ୍ତାଧିନ ଥିବା 7,767 ମାମଲା ମଧରୁ 935 ମାମଲା (12 ପ୍ରତିଶତ) ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ପଡ଼ି ରହିଥିଲା । ଏହା ବ୍ୟତୀତ ପଡ଼ିରହିଥିବା 5,969ଟି ଅସାଭାବିକ ମୃତ୍ୟୁ ମାମଲା ମଧରୁ 303ଟି ମାମଲା (ପାଞ୍ଚ ପ୍ରତିଶତ) 2008 ପୂର୍ବରୁ ପଡି ରହିଥିଲା ଏବଂ ତାହାର କାରଣ ସମୀକ୍ଷାକୁ ଦର୍ଶାଯାଇ ନଥିଲା ।
- ଦଶଟି ନମୁନା ଥାନାରେ ପଡ଼ି ରହିଥିବା 2,640ଟି ବିଚାରାଧୀନ ମାମଲା ମଧରୁ 1,000 (38 ପ୍ରତିଶତ)ଟି ମାମଲା ଭାରପ୍ରାପ୍ତ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିଲା ଯେଉଁମାନେ କି ଅନ୍ୟ ଥାନାକୁ ବଦଳି ହୋଇଥିଲେ କିମ୍ବା ଚାକିରୀରୁ ଅବସର ଗ୍ରହଣ କରିସାରିଥିଲେ ।
- 76 ଲକ୍ଷ ଟଙ୍କାର ସଂପତ୍ତି ସହିତ ଚୋରି ଓ ସିନ୍ଧିଚୋରି ଇତ୍ୟାଦି ସଂପର୍କିତ ଯାଞ୍ଚ୍ କରାଯାଇଥିବା 114ଟି ମାମଲା ମଧରୁ ମାତ୍ର 29ଟି ମାମଲାରେ ଜଡିତ 14.88 ଲକ୍ଷ (20 ପ୍ରତିଶତ) ଟଙ୍କାର ଦ୍ରବ୍ୟ ଉଦ୍ଧାର କରାଯାଇ ପାରିଥିଲା ।

ବିଭାଗ ତଥ୍ୟକୁ ସ୍ୱୀକାର କରି ଦର୍ଶାଇଥିଲେ (ଜାନୁଆରୀ 2015) ଯେ ଅପରାଧ ପଞ୍ଜୀକରଣରେ ବୃଦ୍ଧି ଚିନ୍ତାର କାରଣ ।

#### *3.2.5.2 ଆଇନ୍ ଶୃଙ୍ଖଳା ଶାଖା ଠାରୁ ତଦନ୍ତ ଶାଖା ଅଲଗା ନହେବା*

ତଦନ୍ତ ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଶାଖା ସୃଷ୍ଟି କରିବା ଏବଂ ଏହାକୁ ଆଇନ୍ ଶୃଙ୍ଖଳା ଶାଖା ଠାରୁ ଅଲଗା କରିବାକୁ ଗୃହ ବିଭାଗ ଗୁରୁତ୍ୱ ଆରୋପ କରିଥିଲା (ଅପ୍ରେଲ 2007) । ସମୀକ୍ଷା ପରିଲକ୍ଷିତ କଲା ଯେ ଏହି ପୃଥକୀକରଣ ମାର୍ଚ୍ଚ 2015 ସୁଦ୍ଧା କରାଯାଇ ନଥିଲା । ଏହା ଫଳରେ ତଦନ୍ତାଧିନ ଥିବା ମାମଲାଗୁଡ଼ିକ ସଂଖ୍ୟାରେ ବୃଦ୍ଧି ଘଟିଥିଲା ଯାହାକି 2008 ଆରମ୍ଭରେ 573 ରୁ ବୃଦ୍ଧି ପାଇ ମାର୍ଚ୍ଚ 2014 ଶେଷ ବେଳକୁ 7,767 ରେ ପହଞ୍ଚିଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ ଏଏସଆଇ ଓ ତଦୁର୍ଦ୍ଧ୍ୱ ସ୍ତରର ଅଧିକାରୀଙ୍କ ଅଭାବ କାରଣରୁ,

---

62 ଜଣେ ସବ ଇନସ୍ପେକ୍ଟର, ଜଣେ ମୁଖ୍ୟ କନେଷ୍ଟବଳ ଏବଂ ଜଣେ କନେଷ୍ଟବଳ

ତଦନ୍ତ ପାଇଁ ଏବଂ ଆଇନ୍ ଶୃଙ୍ଖଳା ପାଇଁ ଅଲଗା ଶାଖା ସୃଷ୍ଟି କରିବା ସମ୍ଭବ ହୋଇ ପାରିନଥିଲା ।

### *3.2.5.3 ଅଦାଲତ ଦ୍ୱାରା ପ୍ରେରଣ ହୋଇ ପଡ଼ି ରହିଥିବା ଆଇସିସି ମାମଲା*

ଆଇସିସି ମାମଲାରେ ଅଭିଯୋଗକାରୀ ସିଧାସଳଖ ଅଦାଲତରେ ଅଭିଯୋଗ ଦାଖଲ କରନ୍ତି ଏବଂ ଘଟଣାର ତଦନ୍ତ କରିବାକୁ ଅଦାଲତ ସଂପୃକ୍ତ ଥାନାକୁ ନିର୍ଦ୍ଦେଶ ଜାରି କରନ୍ତି । ସମୀକ୍ଷା ପରିଲକ୍ଷିତ କଲା ଯେ ମାର୍ଚ୍ଚ 2013 ପୂର୍ବବର୍ତ୍ତୀ ସମୟର 636ଟି ଆଇସିସି ମାମଲା ମାର୍ଚ୍ଚ 2014 ସୁଦ୍ଧା କମିଶନରେଟ୍ ଅଞ୍ଚଳରେ ତଦନ୍ତ ହେବାକୁ ପଡ଼ିରହିଥିଲା ଯେଉଁଥିରୁ କି 193ଟି ମାମଲା ନମୁନା ଯାଞ୍ଚ 12ଟି ଥାନା ମଧ୍ୟରୁ ଆଠଟି[63] ଥାନା ସହ ଜଡ଼ିତ ଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ ତଦନ୍ତକାରୀ ଅଧିକାରୀଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁଁ ମାମଲାଗୁଡ଼ିକ ତଦନ୍ତ ପାଇଁ ପଡ଼ି ରହିଥିଲା ତଥା ତଦନ୍ତର ବିଳମ୍ବ ହୋଇଥିଲା ।

### *3.2.5.4 ଅପରାଧ ନିୟନ୍ତ୍ରଣ: ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ ନହେବା*

ଅଦାଲତ ଦ୍ୱାରା ଜାରି ହୋଇଥିବା ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ)ଅଦାଲତ ଦ୍ୱାରା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପୁଲିସ ଦ୍ୱାରା କାର୍ଯ୍ୟକାରୀ ହେବା କଥା । ସମୀକ୍ଷା ପରିଲକ୍ଷିତ କରିଥିଲା ଯେ, 2008 ରୁ 2014 ମଧ୍ୟରେ ଯଦିଓ 7,906ଟି ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ ହୋଇଥିଲା, 4,190 ଗିରଫ ପରୱାନା (ଭୁବନେଶ୍ୱର: 1,817 ଏବଂ କଟକ: 2,373) (53 ପ୍ରତିଶତ) ଖୋର୍ଦ୍ଧା ଓ କଟକ ମୁଖ୍ୟ ବିଚାର ବିଭାଗ ମାଜିଷ୍ଟ୍ରେଟଙ୍କ ସମନ୍ୱୟ ବୈଠକରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଥିବା ସତ୍ତ୍ୱେ (ଜାନୁଆରୀ 2013/ ମାର୍ଚ୍ଚ 2013) ଅଭିଯୁକ୍ତଙ୍କ ପଳାୟନ, ଠିକଣାର ପରିବର୍ତ୍ତନ, ଅଜ୍ଞାତ ଠିକଣା, ଚଢାଉ ହେବା ସମୟରେ ଅଭିଯୁକ୍ତଙ୍କ ଅନୁପସ୍ଥିତି ଯୋଗୁଁ ମାର୍ଚ୍ଚ 2014 ସୁଦ୍ଧା କାର୍ଯ୍ୟକାରୀ ହୋଇପାରି ନଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ ଏହି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରିବା ପାଇଁ ସାମୟିକ ଏବଂ ସ୍ୱତନ୍ତ୍ର ଉଦ୍ୟମ ଜାରି ରହିଥିଲା ।

### 3.2.6 ଯାତାୟତ ପରିଚାଳନା

### *3.2.6.1 ଅଭାବୀ ଯାତାୟତ ନିୟନ୍ତ୍ରଣ*

କମିଶନରେଟ୍ ପୁଲିସ ପାଇଁ ଯାତାୟତ ନିୟନ୍ତ୍ରଣ ଏବଂ ପହରା ଦେବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ସମୀକ୍ଷା ପରିଲକ୍ଷିତ କଲା ଯେ କମିଶନରେଟ୍ ପୁଲିସ ଅଞ୍ଚଳରେ ରାସ୍ତା ଦୁର୍ଘଟଣା ବର୍ଦ୍ଧିତ ହାର[64]ରେ ଥିଲା, ଯାହାକି 2008 ରେ 818 ରୁ ବୃଦ୍ଧି ପାଇ 2012ରେ 949 ରେ ପହଞ୍ଚିଥିଲା । ସମୀକ୍ଷା ଏହା ମଧ୍ୟ ପରିଲକ୍ଷିତ କଲା ଯେ ମଞ୍ଜୁରୀ ପ୍ରାପ୍ତ ପଦବୀ 371[65] ଠାରୁ 152 ଅଧିକ ପୁଲିସ ଏବଂ ଗୃହରକ୍ଷୀ ମୃତୟନ ସତ୍ତ୍ୱେ ଏ ଦୁର୍ଘଟଣା ବଢ଼ିଚାଲିଥିଲା ।

ସମୀକ୍ଷା ପୁନଃ ପରିଲକ୍ଷିତ କରିଥିଲା ଯେ, ଜାନୁଆରୀ 2008 ରୁ ମାର୍ଚ୍ଚ 2013 ମଧ୍ୟରେ ପୁଲିସ କମିଶନର ଦିନକୁ ଗୋଟିଏ ଟ୍ରାଫିକ୍ ପୁଲିସ ଅଫିସର ପାଇଁ 30ଟି ଚାଲାଣ କାଟିବା ଧାର୍ଯ୍ୟ କରିଥିଲେ ଏବଂ ସେହି ଅନୁଯାୟୀ ସମୁଦାୟ 6,91,576 ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ପଞ୍ଜୀକୃତ କରାଯାଇଥିଲା ଏବଂ 7.10 କୋଟି ଟଙ୍କା ଆଦାୟ କରାଯାଇଥିଲା ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିକଟରେ ଜମାକରାଯାଇଥିଲା । କିନ୍ତୁ ନିମ୍ନଲିଖିତ ଅଭାବ ଗୁଡ଼ିକ ରହିଥିଲା ।

- ***କ୍ଲୋଜ୍‌ଡ ସର୍କିଟ୍ ଟେଲିଭିଜନ (ସିସିଟିଭି) ସ୍ଥାପନାରୁ ଅଭିଳଷିତ ସୁବିଧା ହାସଲ ନହେବା :*** ଅପରାଧ ଏବଂ ଯାତାୟତ ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା ପାଇଁ, କମିଶନରେଟ୍ ପୁଲିସ 20.61 କୋଟି ଟଙ୍କା ଆକଳନରେ ଭୁବନେଶ୍ୱରର 83ଟି ସ୍ଥାନରେ ସିସିଟିଭି ଲଗାଇବା ପାଇଁ ବିସ୍ତୃତ ପ୍ରକଳ୍ପ

---

63 ଖଣ୍ଡଗିରି, ଲକ୍ଷ୍ମୀସାଗର, ବରଗଡ଼, ମହିଳା ପୁଲିସ ଥାନା କଟକ, ଦରଘାବଜାର, ବାଦାମବାଡ଼ି, ଲାଲବାଗ ଏବଂ ଇନଫୋସିଟି

64 2008: 818; 2009: 918; 2010: 929; 2011: 936; 2012: 949 ଏବଂ 2013 (ମାର୍ଚ୍ଚ ଯାଏ): 254

65 ଟ୍ରାଫିକ୍ ପୁଲିସ: 371, ଗୃହରକ୍ଷୀ: ଶୂନ

ପ୍ରସ୍ତୁତ କରିଥିଲେ (ମଇ 2010) । ଏହି କାର୍ଯ୍ୟ ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ ଲିମିଟେଡ୍ (ଓଏସପିଏଚଡବ୍ଲ୍ୟୁସି) ଉପରେ ନ୍ୟସ୍ତ କରାଯାଇଥିଲା । ଓଏସପିଏଚଡବ୍ଲ୍ୟୁସି ଏକ ଏଜେନ୍ସୀ[66] ମାଧ୍ୟମରେ 7.06 କୋଟି ଟଙ୍କା ବିନିମୟରେ 28ଟି ସ୍ଥାନରେ ସିସିଟିଭି ସ୍ଥାପନ କରିଥିଲା। ଏହା ଫେବୃଆରୀ 2015 ରେ ଉଦ୍‌ଘାଟିତ ହୋଇଥିଲା । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହା କମିଶନରେଟ୍ ପୁଲିସକୁ ହସ୍ତାନ୍ତର କରାଯାଇନାହିଁ (ଜୁନ୍ 2015) । ପୁଲିସ କମିଶନର ମଇ 2015 ରେ ଓଏସପିଏଚଡବ୍ଲ୍ୟୁସିକୁ ଜଣାଇଥିଲେ ଯେ କ୍ୟାମେରାଗୁଡ଼ିକ ନମ୍ବର ପ୍ଲେଟ୍/ ବିଶୃଙ୍ଖଳିତ ବ୍ୟକ୍ତିମାନଙ୍କର ମୁହଁକୁ ଚିହ୍ନିବାରେ ବିଫଳ ହେଉଥିବାରୁ ପ୍ୟାନ ଟିଲ୍ଟ ଜୁମ୍ କ୍ୟାମେରା ସ୍ଥାପନ କରିବା ଉପରେ ଜୋର୍ ଦେବେ । ଏହି ସମୟ ମଧ୍ୟରେ 116ଟି ବ୍ୟାଟେରୀ ଚୋରି ହୋଇଯାଇଥିଲା ଓଏସପିଏଚଡବ୍ଲ୍ୟୁସିର କର୍ମକର୍ତ୍ତାଙ୍କ ସହିତ ମିଳିତ ତଦନ୍ତରୁ (ମଇ 2015) ସୁନିଶ୍ଚିତ ହୋଇଥିଲା ଯେ ଚାରିଟି ସ୍ଥାନରୁ ୟୁପିଏସ୍ ବାକ୍ସରୁ ବ୍ୟାଟେରୀ ଚୋରି ହୋଇଯାଥିଲା ଓ ସଂଯୋଗ ଅଭାବରୁ ଗୋଟିଏ ସ୍ଥାନରେ ସିସିଟିଭି କାର୍ଯ୍ୟକ୍ଷମ ନଥିଲା । ଏହାଦ୍ୱାରା ଏହି ସିସିଟିଭି ଦ୍ୱାରା ଉତ୍ତୋଳିତ ଚିତ୍ରକୁ ସମୀକ୍ଷା କରାଯାଇ ପାରିନଥିଲା ଏବଂ କୌଣସି ଗୋଟିଏ ଚାଲାଣ କଟାଯାଇ ନଥିଲା । ତେଣୁ 7.06 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଟ୍ରାଫିକ୍ ପୁଲିସ ଉପଯୁକ୍ତ ଯାତାୟାତ ପରିଚାଳନା ଏବଂ ଅପରାଧ ନିୟନ୍ତ୍ରଣ କରିବାରେ ଟ୍ରାଫିକ୍ ପୁଲିସ ସିସିଟିଭିର ଅଭିଳକ୍ଷିତ ସୁବିଧାରୁ ବଞ୍ଚିତ ହୋଇଥିଲେ ।

- ***ଅବ୍ୟବହୃତ ଉତ୍ତୋଳନ ଯନ୍ତ୍ର*** : ଚାଳକ ଅଭାବରୁ ଭୁବନେଶ୍ୱର ଓ କଟକ ଡିସିପିଙ୍କ ନିକଟରେ ଗୋଟିଏ ଲେଖାଏଁ ଉତ୍ତୋଳନ ଯନ୍ତ୍ରକୁ ମିଶାଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ସମୁଦାୟ 10ଟି ଉତ୍ତୋଳନ ଯନ୍ତ୍ର ଅବ୍ୟବହୃତ ହୋଇ ପଡ଼ି ରହିଥିବା ବିଷୟରେ 31 ମାର୍ଚ୍ଚ 2011 ସୁଦ୍ଧା ଶେଷ ହୋଇଥିବା ବର୍ଷର ସମୀକ୍ଷା ରିପୋର୍ଟ (ସିଭିଲ୍) ର ଅନୁଚ୍ଛେଦ 2.2.8.7 ରେ ଉଲ୍ଲେଖ କରାଯାଇଥିଲା । ସେଥି ମଧ୍ୟରୁ ଗୋଟିଏ ଅଗଷ୍ଟ 2008 ଠାରୁ ମରାମତି ନ ହେବାରୁ ଚାଲିବାରୁ ବାଦ୍ ପଡ଼ିଥିଲା ବେଳେ ଅନ୍ୟଗୁଡ଼ିକ ଚାଳକ ତଥା ପରିଚାଳନା ଅଭାବରୁ ଜାନୁଆରୀ 2013 ଠାରୁ ଅବ୍ୟବହୃତ ହୋଇ ପଡ଼ି ରହିଥିଲା ।

- ***ଲାଲ୍ ଆଲୋକ ସଂକେତ ଲାଇଟର ଦୁରୁପଯୋଗ / ଅପବ୍ୟବହାର ପାଇଁ ମିଶ୍ରିତ ଦେୟ ଆଦାୟ ନହେବା :*** ଅପ୍ରାଧିକୃତ ବ୍ୟକ୍ତିମାନଙ୍କ ଦ୍ୱାରା ଲାଲ୍ ଆଲୋକ ସଂକେତ ଲାଇଟ ବ୍ୟବହାରକୁ ମଟର ଭେଇକିଲ୍ ଆକ୍ଟ 1988 ଧାରା 177 ଅନୁଯାୟୀ ବାରଣ କରାଯାଇଛି । ଏହି ଧାରା ଉଲ୍ଲଘଂନ କାରୀମାନଙ୍କ ଉପରେ ଅର୍ଥ ଦଣ୍ଡର ବ୍ୟବସ୍ଥା ଅଛି । ଯଦିଓ ଫେବୃଆରୀରୁ ମାର୍ଚ୍ଚ 2010 ମଧ୍ୟରେ ଚାରି ଜଣ ଉଲ୍ଲଘଂନକାରୀଙ୍କୁ ପୁଲିସ କମିଶନରଙ୍କ ଦ୍ୱାରା ଧରାଯାଇଥିଲା, ସେମାନଙ୍କ ଠାରୁ କୌଣସି ଜରିମାନା ଆଦାୟ କରାଯାଇନଥିଲା । ଏହି ଅପବ୍ୟବହାର ନିରାପତ୍ତା ପ୍ରତି ବିପଦ ଅଟେ ।

ବିଭାଗ ଦର୍ଶାଇଥିଲା (ଡିସେମ୍ବର 2014) ଯେ ମାନବ ସମ୍ବଳ ଅଭାବ ସତ୍ତ୍ୱେ ପୁଲିସ କମିଶନର ବିଭିନ୍ନ ପଦକ୍ଷେପ ନେଇଥିଲେ ଯାହାକି ଯାତାୟାତ ଶୃଙ୍ଖଳା ଏବଂ ପରିଚାଳନା ଉପରେ ବହୁତ ସକାରାତ୍ମକ ପ୍ରଭାବ ପକାଉଥିଲା ।

### 3.2.7 କର୍ମ ସଂପାଦନ ପ୍ରସ୍ତୁତିରେ ଅଭାବ

କୌଣସି ଅପରାଧ ଏବଂ ଆଇନ୍ ଶୃଙ୍ଖଳାକୁ ସୂଚାରୁ ଏବଂ ଫଳପ୍ରଦ ଭାବରେ ପରିଚାଳନା ପାଇଁ ଆଧୁନିକ ଅସ୍ତ୍ରଶସ୍ତ୍ର, ଚଳମାନ ସମର୍ଥନ, ପର୍ଯ୍ୟାପ୍ତ ଏବଂ କୁଶଳ ପ୍ରଶିକ୍ଷିତ ମାନବ ସମ୍ବଳ ଇତ୍ୟାଦି ପୁଲିସ କର୍ମସଂପାଦନ ପ୍ରସ୍ତୁତିର ସୂଚକ ଅଟେ । କିନ୍ତୁ ସମୀକ୍ଷା, କମିଶନରେଟ୍ ପୁଲିସର କର୍ମସମ୍ପାଦନ ପ୍ରସ୍ତୁତିରେ ନାନାବିଧ ଅଭାବ ଅବଲୋକନ କଲା, ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା ।

66 ହନିୱେଲ ଅଟୋମେସନ ଇଣ୍ଡିଆ ଲିମିଟେଡ୍ (ଏଚଏଆଇଏଲ୍)

### 3.2.7.1 ପାରଙ୍ଗମତା: ଆଧୁନିକ ଅସ୍ତ୍ରର ଅଭାବ

ସମୀକ୍ଷା ଅବଲୋକନ କଲା ଯେ ବିପିଆର୍‌ଡି ମାନଦଣ୍ଡ[67] ଅନୁସାରେ 5,568ଟି ଆଧୁନିକ ଅସ୍ତ୍ର ଆବଶ୍ୟକ ଥିଲାବେଳେ କମିଶନରେଟ୍ ପୁଲିସ ପାଖରେ ମାର୍ଚ୍ଚ 2014 ସୁଦ୍ଧା 1,381ଟି (25 ପ୍ରତିଶତ) ଅସ୍ତ୍ର ମହଜୁଦ୍ ଥିଲା। 892ଟି ଏକେ 47 ରାଇଫଲ ଆବଶ୍ୟକ ସ୍ଥଳେ 61ଟି ଏକେ 47 ରାଇଫଲ ମହଜୁଦ୍ ଥିଲା ଏବଂ 1,013ଟି ଏସଏଲଆର୍ ଆବଶ୍ୟକ ସ୍ଥଳେ 135ଟି ଏସ୍ଏଲ୍ଆର୍ ମହଜୁଦ୍ ଥିଲା । ସେହିପରି 557ଟି ଆଇଏନ୍ଏସ୍ଏଏସ୍ ରାଇଫଲ୍ ଆବଶ୍ୟକ ସ୍ଥଳେ କେବଳ 170ଟି ଆଇଏନ୍ଏସ୍ଏଏସ୍ ରାଇଫଲ୍ ମହଜୁଦ ଥିଲା । ଯାହାହେଉ ଥାନାରେ କାର୍ଯ୍ୟରତ ପୁଲିସ ମାନଙ୍କର ଶାରୀରିକ ବ୍ୟାୟାମ ଏବଂ ରିଜର୍ଭରେ କାର୍ଯ୍ୟରତ ପୁଲିସଙ୍କର ନିୟମିତ ବ୍ୟାୟାମ ଅଭ୍ୟାସର କୌଣସି ପ୍ରମାଣ ସମୀକ୍ଷା ପାଇନଥିଲା ।

ସମୀକ୍ଷା ପୁନଶ୍ଚ ଅବଲୋକନ କଲା ଯେ ସେହି ଲଭ୍ୟ ଆଧୁନିକ ଅସ୍ତ୍ରଗୁଡ଼ିକ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଅସ୍ତ୍ରାଗାରରେ ରଖାଯାଇଥିଲା । ଆଧୁନିକ ଅସ୍ତ୍ରର ଅଭାବ ଏବଂ ଅପରାଧ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ରକ୍ଷା କରିବାରେ ଏହାର ପ୍ରଭାବକୁ ପରସ୍ପର ସଂପୃକ୍ତି କରିବା ଆବଶ୍ୟକ ଥିଲା ।

### 3.2.7.2 ଚଳମାନ ସମର୍ଥନ

ସମୀକ୍ଷା ଅବଲୋକନ କଲା ଯେ ବିପିଆର୍‌ଡି ମାନଦଣ୍ଡ[68] ଅନୁଯାୟୀ 456ଟି ଯାନର ଆବଶ୍ୟକତା ଥିବାବେଳେ, ମାର୍ଚ୍ଚ 2014 ସୁଦ୍ଧା ପୁଲିସ କମିଶନରଙ୍କ ପାଖରେ 495ଟି ଯାନ ଉପଲବ୍ଧ ଥିଲା । ଯେଉଁଥିରେ ହାଲୁକା ଯାନ ଯଥା- ଜିପ୍, ପିସିଆର୍, ଭ୍ୟାନ୍, କାର ଇତ୍ୟାଦି ଅଧିକ (42 ପ୍ରତିଶତ) ସଂଖ୍ୟାରେ ଥିଲା । କିନ୍ତୁ ସାତଟି ଭାରି ଯାନ ଓ 21ଟି ଦୁଇ ଚକିଆ ଯାନ କମ୍ ଥିଲା ଯେଉଁ ଗୁଡ଼ିକୁ ମୁଖ୍ୟତଃ ପୁଲିସ ଥାନା ଗୁଡ଼ିକରେ ବ୍ୟବହାର କରାଯାଏ ।

***ସାରଣୀ 3.2.2: ମାର୍ଚ୍ଚ 2014 ସୁଦ୍ଧା ଆବଶ୍ୟକତା ତୁଳନାରେ ପୁଲିସ କମିଶନରଙ୍କ ପାଖରେ ଉପଲବ୍ଧ ଥିବା ଯାନଗୁଡ଼ିକ***

| ଯାନର ପ୍ରକାର | ବିପିଆରଡି ମାନଦଣ୍ଡ ଅନୁଯାଇ ଆବଶ୍ୟକତା (ସଂଖ୍ୟାରେ) | ବାସ୍ତବ ଉପଲବ୍ଧ (ସଂଖ୍ୟାରେ) | କମ୍ (-)/ ବେଶୀ (+) | ପ୍ରତିଶତ |
|---|---|---|---|---|
| ଭାରି ଯାନ | 18 | 11 | (-) 7 | (-) 39 |
| ମଧ୍ୟମ ଯାନ | 34 | 37 | 3 | (+) 9 |
| ହାଲୁକା ଯାନ | 154 | 218 | 64 | (+) 42 |
| ଦୁଇଚକିଆ ଯାନ | 250 | 229 | (-) 21 | (-) 8 |
| **ମୋଟ** | **456** | **495** | | |

***(ଉତ୍ସ: ପୁଲିସ କମିଶନରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ସମୀକ୍ଷା ଆହୁରି ମଧ୍ୟ ଅବଲୋକନ କଲା ଯେ:

- ***ଅବ୍ୟବହୃତ ଯାନ :*** ମରାମତି ମୂଲ୍ୟ ନିର୍ଦ୍ଧାରଣ ନହେବା/କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତି ନ ମିଳିବା ଯୋଗୁଁ 2008-13 ମଧ୍ୟରେ 12ଟି ଯାନ ନଅ ମାସରୁ 8 ବର୍ଷ ତିନିମାସ ପର୍ଯ୍ୟନ୍ତ ମରାମତି ଅଭାବରୁ ଅବ୍ୟବହୃତ ହୋଇ ପଡ଼ିରହିଥିଲା ।

---

67 ଏକେ 47 ରାଇଫଲ୍ କନେଷ୍ଟବଳ ସଂଖ୍ୟାର 20 ପ୍ରତିଶତ ଏବଂ ମୁଖ୍ୟ କନେଷ୍ଟବଳଙ୍କ ଶତପ୍ରତିଶତ; 7.62 ଏମଏମ ରାଇଫଲ୍/ 5.56 ଏମଏମ୍ ଆଇଏନ୍ଏସ୍ଏଏସ୍ ରାଇଫଲ୍ କନେଷ୍ଟବଳ ସଂଖ୍ୟାର 80 ପ୍ରତିଶତ ଏବଂ ଏଏସ୍ଆଇ ଏବଂ ଉପର୍ ଅଧିକାରୀଙ୍କର 25 ପ୍ରତିଶତ; ପିସ୍ତଲ ଏଏସ୍ଆଇ ଏବଂ ଉପର ଅଧିକାରୀଙ୍କର 50 ପ୍ରତିଶତ; କାରବାଇନ୍ ଷ୍ଟେନ: ଏଏସ୍ଆଇ ଏବଂ ତଦୁର୍ଦ୍ଧ୍ୱ ଅଧିକାରୀଙ୍କର 25 ପ୍ରତିଶତ ଏବଂ ତତ୍‌ସହିତ ଲୁହବୁହା ବାଷ୍ପ (3); ଭିଏଲ୍ ପିସ୍ତଲ (2); ଗ୍ରେନେଡ୍ ଲଞ୍ଚର (ଏକ) ଇତ୍ୟାଦି

68 ପ୍ରତି ପୁଲିସ ଥାନା: ତିନିଟି ହାଲୁକା ଯାନ ଏବଂ ତିନିଟି ମଟର ସାଇକଲ, ଓପି: ଦୁଇଟି ମଟର ସାଇକଲ୍, ପୁଲିସ ଜିଲ୍ଲା: ନଅଟି ଭାରୀ ଯାନ, 17 ଟି ମଧ୍ୟମ ଯାନ, 14 ଟି ହାଲୁକା ଯାନ ଏବଂ ସାତଟି ମଟର ସାଇକଲ୍

- ***ପିସିଆର୍ ଭ୍ୟାନ୍ ଗୁଡ଼ିକର ମରାମତି ନହେବା*** : ମାର୍ଚ୍ଚ 2014 ସୁଦ୍ଧା ପହରା ଦେବା ପାଇଁ ମୁତୟନ କରାଯାଇଥିବା 50ଟି ପିସିଆର୍ ଭ୍ୟାନ୍ ମଧ୍ୟରୁ ପାଞ୍ଚଟି ଭ୍ୟାନ୍ ପାଞ୍ଚ ରୁ 26 ମାସ ପର୍ଯ୍ୟନ୍ତ ମରାମତି ଅଭାବରୁ ଅଚଳ ହୋଇ ପଡ଼ିରହିଥିଲା ।

  ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ ସ୍ୱଳ୍ପ ଅର୍ଥ ଯୋଗୁଁ ପିସିଆର ଭ୍ୟାନ୍‌ଗୁଡ଼ିକୁ ମରାମତି କରାଯାଇ ପାରି ନଥିଲା । କିନ୍ତୁ ସମୀକ୍ଷା ଅବଲୋକନ କଲା ଯେ ମରାମତି ପାଇଁ ଆବଶ୍ୟକ ଅର୍ଥର ଆକଳନ ଏବଂ ଆନୁମାନିକ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇନଥିଲା (ମାର୍ଚ୍ଚ 2014) ।

- ***ଗାଡ଼ିଚାଳକ ମାନଙ୍କର ଅଭାବ*** : ବିପିଆରଡି ମାନଦଣ୍ଡ ଅନୁଯାୟୀ ପ୍ରତ୍ୟେକ ହାଲୁକା ଯାନ ପାଇଁ ଦୁଇଜଣ ଗାଡ଼ିଚାଳକ ଏବଂ ପ୍ରତ୍ୟେକ ମଧ୍ୟମ/ ଭାରି ଯାନ ପାଇଁ ଜଣେ ଗାଡି ଚାଳକ ଆବଶ୍ୟକ । ତେଣୁ, 266[69]ଟି ଯାନ ପାଇଁ 484 ଜଣ ଗାଡ଼ିଚାଳକ ଆବଶ୍ୟକ ଥିବାବେଳେ, 114ଟି ଗାଡ଼ିଚାଳକ ପଦବୀ ସ୍ୱୀକୃତି ପ୍ରାପ୍ତ ଥିଲା ଏବଂ 105 ଜଣ ଗାଡିଚାଳକ ଉପଲବ୍ଧ ଥିଲେ (ମାର୍ଚ୍ଚ 2014) ଯାହା 78 ପ୍ରତିଶତ କମ୍ ଥିଲା । ଫଳରେ 161ଟି ଯାନ ପୂର୍ଣ୍ଣ ଉପଯୋଗ ହୋଇପାରି ନଥିଲା । ଏପ୍ରିଲ୍ 2008 ରୁ ମାର୍ଚ୍ଚ 2014 ମଧ୍ୟରେ 133ଟି ଯାନ ବଢିଥିବା ସତ୍ତ୍ୱେ, ଗାଡିଚାଳକ ପଦ ସଂଖ୍ୟାକୁ ସଂଶୋଧନ କରାଯାଇ ନଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ ଯାନଗୁଡ଼ିକ କନେଷ୍ଟବଳ / ଗୃହରକ୍ଷୀ ମାନଙ୍କ ଦ୍ୱାରା ପରିଚାଳିତ କରାଯାଉଥିଲା । କିନ୍ତୁ ପୁଲିସ କମିଶନର ଏବଂ ଉପ-ପୁଲିସ କମିଶନର ମତ ପ୍ରକାଶ କରିସାରିଥିଲେ (ଜାନୁଆରୀ 2011, ଅଗଷ୍ଟ 2011 ଏବଂ ଅଗଷ୍ଟ 2012) ଯେ ଗୃହରକ୍ଷୀ ଗାଡ଼ିଚାଳକମାନଙ୍କ କ୍ଷେତ୍ରରେ କିଛି ସମସ୍ୟା ଥିଲା ।

### *3.2.7.3 ପୁଲିସ ମାନବ ସମ୍ବଳ*

ବର୍ଷ 2008-13 ମଧ୍ୟରେ ପୁଲିସ କମିଶନରଙ୍କ ଅଧିନରେ ଥିବା ପୁଲିସ ଥାନା ଗୁଡ଼ିକର ବର୍ଗଓ୍ୱାରୀ ସ୍ୱୀକୃତ ପଦ ସଂଖ୍ୟା ଏବଂ ଉପଲବ୍ଧ ସଂଖ୍ୟା ନିମ୍ନ ସାରଣୀରେ ବର୍ଣ୍ଣନା କରାଗଲା:

***ସାରଣୀ 3.2.3: ମାର୍ଚ୍ଚ 2014 ସୁଦ୍ଧା ମାନବ ସମ୍ବଳ ସ୍ଥିତି***

| କାର୍ଯ୍ୟାଳୟ ନାମ | ସ୍ୱୀକୃତ ପଦ | ଉପଲବ୍ଧ କର୍ମଚାରୀ | ଖାଲିଥିବା ପଦ | ଖାଲିଥିବା ପଦର ପ୍ରତିଶତ |
|---|---|---|---|---|
| କମିଶନରେଟ୍ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର | 191 | 111 | 80 | 42 |
| ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା | 1984 | 1826 | 158 | 8 |
| କଟକ ସହରାଞ୍ଚଳ ପୁଲିସ ଜିଲ୍ଲା କଟକ | 1611 | 1459 | 152 | 9 |
| ସ୍ୱତନ୍ତ୍ର ସୁରକ୍ଷା ବାହିନୀ, ଭୁବନେଶ୍ୱର | 1161 | 986 | 175 | 15 |
| ଓଡ଼ିଶା ରାଜ୍ୟ ସଶସ୍ତ୍ର ପୁଲିସ (ସପ୍ତମ ବାଟାଲିୟନ୍), ଭୁବନେଶ୍ୱର | 1263 | 1079 | 184 | 15 |
| ସହରାଞ୍ଚଳ ପୁଲିସ ଟ୍ରାଫିକ୍ ପ୍ରଶିକ୍ଷଣ ସଂସ୍ଥା, ଭୁବନେଶ୍ୱର | 56 | 47 | 9 | 16 |
| ମୋଟ | **6266** | **5508** | **758** | **12** |

***(ଉତ୍ସ: ପୁଲିସ କମିଶନରଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରଦତ୍ତ ତଥ୍ୟ)***

କିନ୍ତୁ, ପୁଲିସ କମିଶନର ତାଙ୍କ ଅଧିନରେ ଥିବା ଓଡ଼ିଶା ସହାୟକ ପୁଲିସ ବଳମାନଙ୍କର ସ୍ୱୀକୃତ ପଦ ସଂଖ୍ୟା ଏବଂ ଉପଲବ୍ଧ ପୁଲିସ ସଂଖ୍ୟାର ତଥ୍ୟ ପ୍ରଦାନ କରିନଥିଲେ । ଗୃହ ବିଭାଗ ନଥିରୁ ସମୀକ୍ଷା ଅବଲୋକନ କଲା ଯେ 21 ଜାନୁଆରୀ 2013 ରେ 691 ଜଣ କନେଷ୍ଟବଳ ଓଡ଼ିଶା ସହାୟକ ପୁଲିସ ବଳରେ ନିଯୁକ୍ତି ପାଇଥିଲେ ଏବଂ ମାର୍ଚ୍ଚ 2014 ସୁଦ୍ଧା ପୁଲିସ କମିଶନରଙ୍କ ତତ୍ତ୍ୱାବଧାନରେ ଉପଲବ୍ଧ ଥିଲେ ।

[69] ମାର୍ଚ୍ଚ 2014 ସୁଦ୍ଧା ଭାରୀ ଯାନ: 11, ମଧ୍ୟମ ଯାନ: 37 ଏବଂ ହାଲୁକା ଯାନ: 218

ସମୀକ୍ଷା ପରିଲକ୍ଷିତ କଲା ଯେ ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟରେ ହାରାହାରି 762 ଜଣ ଲୋକଙ୍କ ସେବା ପାଇଁ ଜଣେ ପୁଲିସ ଥିବା ବେଳେ, କମିଶନରେଟ୍ ଅଞ୍ଚଳରେ 525 ଜଣ ଲୋକଙ୍କ ସେବା ପାଇଁ ଜଣେ ପୁଲିସ ଥିଲେ ।

ମାର୍ଚ୍ଚ 2014 ସୁଦ୍ଧା ପୁଲିସ କମିଶନରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ବର୍ଗଓ୍ୱାରୀ ସ୍ୱୀକୃତି ପ୍ରାପ୍ତ ପଦସଂଖ୍ୟା ଏବଂ ଉପଲବ୍ଧ ପୁଲିସ ସଂଖ୍ୟା ନିମ୍ନ ସାରଣୀରେ ଦର୍ଶାଗଲା ।

***ସାରଣୀ 3.2.4: ଭୁବନେଶ୍ୱର ଓ କଟକ ସହରାଞ୍ଚଳ ପୁଲିସ ଜିଲ୍ଲା ଅଧିନରେ ଥିବା ପୁଲିସ ଥାନା ମାନଙ୍କରେ ବର୍ଷ-ଓ୍ୱାରୀ ସ୍ୱୀକୃତି ପ୍ରାପ୍ତ ପଦସଂଖ୍ୟା ଏବଂ ଉପଲବ୍ଧ ପୁଲିସ ସଂଖ୍ୟା***

| ବର୍ଷ | ଇନସ୍ପେକ୍ଟର | | | ସବ୍-ଇନସ୍ପେକ୍ଟର | | | ସହାୟକ ସବ୍-ଇନସ୍ପେକ୍ଟର | | | ହାବିଲଦାର/ କନେଷ୍ଟବଳ | | |
|---|---|---|---|---|---|---|---|---|---|---|---|---|
| | ସ୍ୱୀକୃତି ପ୍ରାପ୍ତ ପଦ ସଂଖ୍ୟା | ଉପଲବ୍ଧ ପଦ ସଂଖ୍ୟା | ଖାଲି ଥିବା ପଦ (ପ୍ରତିଶତରେ) | ସ୍ୱୀକୃତି ପ୍ରାପ୍ତ ପଦ ସଂଖ୍ୟା | ଉପଲବ୍ଧ ପଦ ସଂଖ୍ୟା | ଖାଲି ଥିବା ପଦ (ପ୍ରତିଶତରେ) | ସ୍ୱୀକୃତି ପ୍ରାପ୍ତ ପଦ ସଂଖ୍ୟା | ଉପଲବ୍ଧ ପଦ ସଂଖ୍ୟା | ଖାଲି ଥିବା ପଦ (ପ୍ରତିଶତରେ) | ସ୍ୱୀକୃତି ପ୍ରାପ୍ତ ପଦ ସଂଖ୍ୟା | ଉପଲବ୍ଧ ପଦ ସଂଖ୍ୟା | ଖାଲି ଥିବା ପଦ (ପ୍ରତିଶତରେ) |
| 2008-09 | 40 | 31 | 9 (23) | 146 | 132 | 14 (10) | 255 | 101 | 154 (60) | 1387 | 1062 | 325 (23) |
| 2009-10 | 44 | 41 | 3 (7) | 149 | 131 | 18 (12) | 264 | 261 | 3 (1) | 1423 | 1038 | 385 (27) |
| 2010-11 | 45 | 41 | 4 (9) | 152 | 138 | 14 (9) | 264 | 277 | -13 (-5) | 1429 | 1168 | 261 (18) |
| 2011-12 | 47 | 46 | 1 (2) | 155 | 140 | 15 (10) | 266 | 262 | 4 (2) | 1456 | 1244 | 212 (15) |
| 2012-13 | 47 | 45 | 2 (4) | 155 | 137 | 18 (12) | 266 | 256 | 10 (4) | 1456 | 1289 | 167 (11) |

***(ଉତ୍ସ: ପୁଲିସ କମିଶନରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ସମୀକ୍ଷା ପୁନଶ୍ଚ ପରିଲକ୍ଷିତ କରିଥିଲା ଯେ:

- ମାର୍ଚ୍ଚ 2014 ସୁଦ୍ଧା 42ଟି କାର୍ଯ୍ୟକାରୀ ପୁଲିସ ଥାନାଗୁଡ଼ିକରେ 1,205 କର୍ମଚାରୀ ଥିଲେ, ଯାହା ସ୍ୱୀକୃତି ପ୍ରାପ୍ତ 1,081 ପଦବୀ ଠାରୁ 124 ଅଧିକ ଥିଲା । କିନ୍ତୁ ଅପ୍ରେଲ 2010 ରେ ଗୃହ ମନ୍ତ୍ରାଳୟ ସୁପାରିଶ କରିଥିବା ମାନଦଣ୍ଡ ଅନୁଯାୟୀ (ପୁଲିସ ଥାନା ପ୍ରତି 60 କର୍ମଚାରୀ) ତାହା 1,315 (52 ପ୍ରତିଶତ) କମ୍ ଥିଲା । ମାନଦଣ୍ଡ ଅନୁଯାୟୀ ପୁଲିସ ଥାନା ପ୍ରତି 60 ଜଣ କର୍ମଚାରୀ ତୁଳନାରେ 42 ପୁଲିସ ଥାନାରେ ହାରାହାରି କର୍ମଚାରୀ ସଂଖ୍ୟା 29 ଥିଲା । ପୁଲିସ କମିନଶନରଙ୍କ ଦ୍ୱାରା ପୁଲିସ ମହାନିର୍ଦ୍ଦେଶକଙ୍କୁ ବହୁବାର ଅନୁରୋଧ (2010-13) କରାଯିବା ସତ୍ତ୍ୱେ ପୁଲିସ କମିଶନରେଟ୍ ପ୍ରତିଷ୍ଠିତ ହେବା ପୂର୍ବରୁ ସ୍ଥିରୀକୃତ ହୋଇଥିବା ସ୍ୱୀକୃତି ପ୍ରାପ୍ତ ପଦବୀ ସଂଖ୍ୟାକୁ ଉପରୋକ୍ତ ଗୃହ ମନ୍ତ୍ରାଳୟର ମାନଦଣ୍ଡ ଅନୁଯାୟୀ ସଂଶୋଧନ କରାଯାଇ ନଥିଲା ।
- ଆହୁରି ମଧ ମାର୍ଚ୍ଚ 2014 ସୁଦ୍ଧା 50ଟି ପିସିଆର ଭ୍ୟାନ୍‌କୁ ପରିଚାଳନା ପାଇଁ 150 ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀ ଆବଶ୍ୟକ ଥିବା ସ୍ଥଳେ ମାତ୍ର 66 ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସପିଓ) ନିଯୁକ୍ତ କରାଯାଇଥିଲା ।
- ମାର୍ଚ୍ଚ 2014 ସୁଦ୍ଧା ଦୁଇଟି ସହରାଞ୍ଚଳ ପୁଲିସ ଜିଲ୍ଲା ( ଭୁବନେଶ୍ୱର ଏବଂ କଟକ) ରେ ଉପଲବ୍ଧ ଥିବା 2,546 ଜଣ କନେଷ୍ଟବଳ/ ହାବିଲଦାରଙ୍କ ମଧ୍ୟରୁ ପୁଲିସ କମିଶନର କେବଳ 1,779 ଜଣଙ୍କୁ ପୁଲିସ ଥାନାରେ (1,289) ଏବଂ ଟ୍ରାଫିକ (490) କାର୍ଯ୍ୟରେ ନିୟୋଜିତ କରାଯିବାର ତଥ୍ୟ ପ୍ରଦାନ କରିପାରିଥିଲେ । ବଳକା 767 ଜଣ (30 ପ୍ରତିଶତ) କନେଷ୍ଟବଳ/ ହାବିଲଦାରଙ୍କ ସହିତ ଅନୁସରଣୀୟ ଅର୍ଦ୍ଦଳି ମାନଙ୍କର ମୁତୟନ ସଂପର୍କରେ ନଥିପତ୍ର ନ ମିଳିବାରୁ ସମୀକ୍ଷା ମୁତୟନର ଯୁକ୍ତିଯୁକ୍ତତା ସ୍ଥିର କରିପାରି ନଥିଲା ।

- ବର୍ଷ 2011 ରୁ ପୁଲିସ କମିଶନରଙ୍କ ତତ୍ତ୍ୱାବଧାନରେ ଥିବା ଓଡ଼ିଶା ରାଜ୍ୟ ସଶସ୍ତ୍ର ପୁଲିସ ବାହିନୀ (ସପ୍ତମ ବାଟାଲିୟନ) ରେ ଉପଲବ୍ଧ 884 ମଧ୍ୟରୁ ସିପାହୀ (750) ଏବଂ ହାବିଲଦାର (134) ମାନଙ୍କ ହାରାହାରି ମୁତୟନ ପ୍ରାୟ 70 ପ୍ରତିଶତ ରହିଥିଲା ଏବଂ ସଂସ୍ଥାପନ କାର୍ଯ୍ୟ ଓ ମଙ୍ଗଳ କାର୍ଯ୍ୟ ସ୍ୱଳ୍ପ ମୁତୟନର କାରଣ ବୋଲି ଦର୍ଶାଯାଇଥିଲା ।

ବିଭାଗ ଦର୍ଶାଇଥିଲେ ଯେ ପୁଲିସ ଥାନା, ରିଜର୍ଭ କାର୍ଯ୍ୟାଳୟ ଇତ୍ୟାଦିରୁ କର୍ମଚାରୀମାନଙ୍କୁ ଅଣାଯାଇ ସ୍ୱଳ୍ପତାକୁ ଭରଣା କରାଯାଇଥିଲା । କିନ୍ତୁ ମହଜୁଦ୍ ମାନବ ସମ୍ବଳକୁ ଅପରାଧ ନିୟନ୍ତ୍ରଣ ଏବଂ ତଦନ୍ତ ସମ୍ପର୍କିତ କାର୍ଯ୍ୟକଳାପରେ ନିୟୋଜିତ କରାଯାଇ ନଥିଲା ।

### *3.2.7.4 ପ୍ରଭାବହୀନ ଦକ୍ଷତା ଗଠନ*

ପୁଲିସ କର୍ମଚାରୀମାନଙ୍କର ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବାକୁ ପ୍ରଚେଷ୍ଟା କରିବା ଏବଂ ମକଦ୍ଦମା ଗୁଡ଼ିକର ତୁରନ୍ତ ତଦନ୍ତ କରିବା ପାଇଁ ବୈଜ୍ଞାନିକ ପ୍ରକ୍ରିୟା ଗ୍ରହଣ କରିବା ଏବଂ ଉତ୍ତମ ସେବା ପ୍ରଦାନ କରିବା ପୁଲିସ କମିଶନରଙ୍କ ଉଦ୍ଦେଶ୍ୟ ମାନଙ୍କ ମଧ୍ୟରୁ ଅନ୍ୟତମ ।

ସମୀକ୍ଷା ପରିଲକ୍ଷିତ କଲା ଯେ କମିଶନର ପୁଲିସର ପ୍ରତ୍ୟେକ ସ୍ତରରେ ପୁଲିସ୍ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ ସୂଚୀ, ଆବଶ୍ୟକ ପ୍ରଶିକ୍ଷଣର ଆକଳନ, ପୁଲିସ କର୍ମଚାରୀଙ୍କୁ ଶାରୀରିକ ଯୋଗ୍ୟ ରଖିବାକୁ ନିୟମିତ ଡ୍ରିଲ୍, ଆଧୁନିକ ଅସ୍ତ୍ର ଶସ୍ତ୍ରର ବ୍ୟବହାର କରିବାକୁ ପ୍ରଶିକ୍ଷଣ ଏବଂ ସ୍ୱତନ୍ତ୍ର ପ୍ରଶିକ୍ଷଣ ସୂଚୀ ପ୍ରସ୍ତୁତ କରିବା ସୁନିଶ୍ଚିତ କରାଯାଇ ନଥିଲା କାରଣ ପୁଲିସ କମିଶନର୍ ବ୍ୟୟ ଅଟକଳରେ ପ୍ରଶିକ୍ଷଣ ପାଇଁ ବ୍ୟୟ ଅଟକଳର ବ୍ୟବସ୍ଥା କରାଯାଇ ନଥିଲା। 2008 ରୁ ମାର୍ଚ୍ଚ 2013 ମଧ୍ୟରେ ପୁଲିସ କମିଶନରେଟ୍‌ରେ ଥିବା 5,508 ଜଣ କର୍ମଚାରୀମାନଙ୍କ ମଧ୍ୟରୁ ମାତ୍ର 278 କର୍ମଚାରୀ ମୌଳିକ ପ୍ରଶିକ୍ଷଣ ବ୍ୟତୀତ ଅନ୍ୟାନ୍ୟ ପ୍ରଶିକ୍ଷଣ ପାଇଥିଲେ । ଏତଦ୍‌ବ୍ୟତୀତ ମାର୍ଚ୍ଚ 2015 ସୁଦ୍ଧା ପ୍ରଶିକ୍ଷଣ ସୂଚୀର ପ୍ରସ୍ତୁତି, କାର୍ଯ୍ୟକାରୀ ଏବଂ କାର୍ଯ୍ୟକଳାପର ପର୍ଯ୍ୟାଲୋଚନା ପାଇଁ ପୁଲିସ କମିଶନରେଟ୍‌ରେ କୌଣସି ପ୍ରଶିକ୍ଷଣ ପ୍ରକୋଷ୍ଠ ନଥିଲା ।

ଅନୁଷ୍ଠାନ ଭିତରେ ସ୍ୱତନ୍ତ୍ର ଭାବରେ ପ୍ରଶିକ୍ଷଣ କାର୍ଯ୍ୟ କରିବା ପାଇଁ କମିଶନରେଟରେ ପ୍ରଶିକ୍ଷଣ ପ୍ରକୋଷ୍ଠ ଅଭାବକୁ ବିଭାଗ ସ୍ୱୀକାର କରିଥିଲେ (ଜାନୁଆରୀ 2015) ।

### *3.2.7.5 ପୁଲିସ କମିଶନରଙ୍କ ଦ୍ୱାରା ମାଜିଷ୍ଟ୍ରେଟ୍ କ୍ଷମତା ନିର୍ବାହ: ବନ୍ଧୁକ ଲାଇସେନ୍ସ*

କମିଶନରେଟ୍ ସୃଷ୍ଟି କରାଯିବା ପରେ ଅପରାଧ ବିଚାର ପ୍ରଣାଳୀ 1973 ଅନ୍ତର୍ଗତ ଅଧ୍ୟାୟ VIII (ଶାନ୍ତିରକ୍ଷା ଏବଂ ଉତ୍ତମ ବ୍ୟବହାର ପାଇଁ ସୁରକ୍ଷା)ର ଧାରା 106 ରୁ 124 ଏବଂ ଅଧ୍ୟାୟ X (ଆଇନ୍ ଶୃଙ୍ଖଳା ଏବଂ ଶାନ୍ତି ରକ୍ଷା) ର ଧାରା 129 ରୁ 148 ରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା, ସରକାରଙ୍କ ଦ୍ୱାରା ଓୟୁପି ଅଧିନିୟମର ଧାରା 58 1(ଏ) ଆଧାରରେ ପୁଲିସ କମିଶନରଙ୍କ ଉପରେ ନ୍ୟସ୍ତ କରାଯାଇଥିଲା (ଡିସେମ୍ବର 2007) । ସାକ୍ଷୀମାନଙ୍କୁ ସମନ ଜାରି କରିବା କିମ୍ବା ବିଚାରାଳୟରେ ଉପସ୍ଥିତ ହେଉନଥିବା ଦୋଷୀଙ୍କୁ ଗିରଫ ପରୱାନା ଜାରି କରିବା, ବନ୍ଧୁକ ଲାଇସେନ୍ସ ପ୍ରଦାନ/ ନବୀକରଣ, ହୋଟେଲ/ ଲଜ୍/ ଅତିଥି ଭବନ/ ପ୍ରେକ୍ଷାଳୟ ଏବଂ ବିଦ୍ୟାଳୟ ବସ୍ ଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରିବା ତଥା ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ 144 ଧାରା ଜାରି କରିବା ଇତ୍ୟାଦି ଏହି କ୍ଷମତାର ଅନ୍ତର୍ଭୁକ୍ତ ଅଟେ । ସେହିପରି ବିଭିନ୍ନ ରାଜ୍ୟ/ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ନିୟମରେ ପ୍ରଦାନ କରାଯାଇଥିବା ମାଜିଷ୍ଟ୍ରେଟ୍ କ୍ଷମତା ମଧ କମିଶନରେଟ୍ ପାଇଁ ଉପଲବ୍ଧ ଥିଲା । ନମୁନା ଯାଞ୍ଚ କରାଯାଇଥିବା ଥାନା ତଥା ଅନ୍ୟ ସୂତ୍ରରୁ ଉପଲବ୍ଧ ନଥିପତ୍ର ଗୁଡ଼ିକର ଯାଞ୍ଚରୁ ନିମ୍ନ ବର୍ଣ୍ଣିତ ତ୍ରୁଟି ବିଚ୍ୟୁତି ଗୁଡ଼ିକ ସମୀକ୍ଷା ପରିଲକ୍ଷିତ କରିଥିଲା:

- ***ବନ୍ଧୁକ ଲାଇସେନ୍ସ ନବୀକରଣ ନକରିବା :*** ଅସ୍ତ୍ର (ସଂଶୋଧନ) ଅଧିନିୟମ 1983 ଅନ୍ତର୍ଗତ ଧାରା 13,14 ଏବଂ 15 ଅନୁଯାୟୀ ବନ୍ଧୁକ ଲାଇସେନ୍ସ ପ୍ରଦାନ ଏବଂ ନିୟମିତ ସମୟ ବ୍ୟବଧାନରେ ନବୀକରଣ କରାଯିବା ଆବଶ୍ୟକ । ବିଧିମାନ୍ୟ ଲାଇସେନ୍ସ ବିନା ବନ୍ଧୁକ ରଖିବା ଦଣ୍ଡନୀୟ ଅପରାଧ ।

2009-15 ମଧ୍ୟରେ କମିଶନର ପୁଲିସ ଜିଲ୍ଲାପାଳଙ୍କ କ୍ଷମତା ସଦୃଶ କ୍ଷମତା ବଳରେ 93ଟି ନୂତନ ବନ୍ଧୁକ ଲାଇସେନ୍ସ ପ୍ରଚଳନ କରିଥିଲେ ।

ସମୀକ୍ଷା ପରିଲକ୍ଷିତ କଲା ଯେ ଛଅଟି ନମୁନା ଯାଞ୍ଚ କରାଯାଇଥିବା ଥାନା[70] ଦ୍ୱାରା ପ୍ରଚଳନ କରାଯାଇଥିବା 649ଟି ବନ୍ଧୁକ ଲାଇସେନ୍ସ ମଧ୍ୟରୁ 141ଟି ଲାଇସେନ୍ସର ବିଧିମାନ୍ୟ ଅବଧି (***ପରିଶିଷ୍ଟ 3.2.2***) ପୁରି ଯାଇଥିଲେ ମଧ୍ୟ ସେଗୁଡ଼ିକର ନବୀକରଣ କରାଯାଇ ନଥିଲା । ଯାହା ମଧ୍ୟରେ ସର୍ବାଧିକ ସଂଖ୍ୟକ ଚଉଳିଆଗଞ୍ଜ (72) ରେ ହୋଇଥିବା ବେଳେ, ଦ୍ୱିତୀୟ ସ୍ଥାନରେ ଥିଲା ଲକ୍ଷ୍ମୀସାଗର ଥାନା (51) । କିନ୍ତୁ ବିନା ଲାଇସେନସ୍ ନବୀକରଣରେ ବନ୍ଧୁକ ରଖିଥିବା ନିୟମ ଉଲଂଘନକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏତଦ୍ ବ୍ୟତୀତ, 88ଟି କ୍ଷେତ୍ରରେ ଲାଇସେନସ୍‌ଧାରୀମାନଙ୍କ ଫଟୋ ବନ୍ଧୁକ ଲାଇସେନ୍‌ସ ରେଜିଷ୍ଟରରେ ଲଗାଯାଇନଥିଲା, ଯାହା ମଧ୍ୟରେ ସର୍ବାଧିକ ଲାଇସେନ୍‌ସ ଚଉଳିଆଗଞ୍ଜ ପୁଲିସ ଥାନା (70) ଅନ୍ତର୍ଗତ ହୋଇଥିବା ବେଳେ, ଦ୍ୱିତୀୟ ସ୍ଥାନରେ ଲକ୍ଷ୍ମୀସାଗର ପୁଲିସ ଥାନା (13) ରହିଥିଲା, ଯାହା ନବୀକରଣ ହୋଇନଥିବା ବନ୍ଧୁକ ଗୁଡିକର ଅପବ୍ୟବହାର ହେବାର ସମ୍ଭାବନା ସୃଷ୍ଟି କରୁଥିଲା । ପୁନଶ୍ଚ, ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ (ଜାନୁୟାରୀ 2014) ସତ୍ତ୍ୱେ ବନ୍ଧୁକ ଲାଇସେନ୍‌ସ ଗୁଡିକର ପ୍ରଚଳନ ତଥା ନବୀକରଣ ସମ୍ବନ୍ଧୀୟ ତଥ୍ୟ କେନ୍ଦ୍ରୀୟ ଡାଟାବେସ ମାଧ୍ୟମରେ କମିଶନର କାର୍ଯ୍ୟାଳୟରେ ରଖାଯାଇନଥିଲା (ମାର୍ଚ୍ଚ 2015) ଏବଂ ଡାଟାବେସର ପ୍ରସ୍ତୁତି (ଜୁନ 2015) ଜାରି ରହିଥିବା ଦର୍ଶାଯାଇଥିଲା ।

- ***ହୋଟେଲ/ ଅତିଥିଶାଳା/ ପ୍ରେକ୍ଷାଳୟ ଏବଂ ବିଦ୍ୟାଳୟ ବସ୍‌ଗୁଡିକୁ ପଞ୍ଜୀକରଣ/ ଲାଇସେନ୍‌ସ ପ୍ରଦାନ:*** ସରାଇ ଅଧିନିୟମ ଅନ୍ତର୍ଗତ ବ୍ୟବସ୍ଥା ଅନୁସାରେ କମିଶନରେଟ୍ ପୁଲିସ ଦ୍ୱାରା ଭୁବନେଶ୍ୱର ସହର ପୁଲିସ ଜିଲ୍ଲା (129) ଏବଂ କଟକ ସହର ପୁଲିସ ଜିଲ୍ଲା (61) ଅଞ୍ଚଳରେ 190ଟି ହୋଟେଲ/ ଲଜ୍/ ଅତିଥିଶାଳା ଗୁଡିକୁ ପଞ୍ଜୀକୃତ କରାଯାଇଥିଲା । ଏହା ବ୍ୟତୀତ, ଏହି ସମୟରେ ଉଭୟ ସହରାଞ୍ଚଳ ପୁଲିସ ଜିଲ୍ଲା ଅଞ୍ଚଳରେ 13ଟି ପ୍ରେକ୍ଷାଳୟ ଏବଂ 85ଟି ଶିକ୍ଷାନୁଷ୍ଠାନର ବସ୍‌ଗୁଡିକୁ ଲାଇସେନସ ପ୍ରଦାନ କରାଯାଇଥିଲା ।

- ***ଆଇନଶୃଙ୍ଖଳା ତଥା ଆଇପିସି ର 144 ଧାରା ଲାଗୁ*** : 2008-13 ମଧ୍ୟରେ ଉଭୟ ସହରାଞ୍ଚଳ ପୁଲିସ ଜିଲ୍ଲାରେ ପଞ୍ଜୀକୃତ ହୋଇଥିବା 534ଟି ଦଙ୍ଗା ମାମଲା ମଧ୍ୟରୁ 533ଟି ସତ୍ୟ ଥିବା ଦେଖାଯାଇଥିଲା, ଯାହା ମଧ୍ୟରୁ 119ଟି ମାମଲା (22 ପ୍ରତିଶତ) ରେ ଚୂଡାନ୍ତ ରିପୋର୍ଟ ଉପସ୍ଥାପିତ କରାଯାଇଥିଲା ଏବଂ ଦୁଇଟି ମାମଲାରେ ଘଟଣା ସତ୍ୟ ଥିଲେ ମଧ୍ୟ କୌଣସି ସୁରାକ ନଥିଲା । 117ଟି ମାମଲାରେ ଚାର୍ଜସିଟ୍ କରାଯାଇଥିଲା, ଅବଶିଷ୍ଟ 414ଟି ମାମଲାରେ ଅନ୍ତିମ ଅବସ୍ଥା ବିଷୟରେ ପୁଲିସ କମିଶନର ସମୀକ୍ଷାକୁ ଅବଗତ କରାଇନଥିଲେ ।।

ଉଭୟ ପୁଲିସ କମିଶନର ଏବଂ ସ୍ୱତନ୍ତ୍ର ସଚିବ ଦର୍ଶାଇଥିଲେ ଯେ ଏହି ମାଜିଷ୍ଟ୍ରେଟ୍ କ୍ଷମତା କମିଶନର ପୁଲିସଙ୍କୁ ଅଧିକ କର୍ମଚାରୀ ବ୍ୟବସ୍ଥା କରାନଯାଇ ପ୍ରଦାନ କରାଯାଇଥିଲା ଏବଂ ବିଦ୍ୟମାନ କର୍ମଚାରୀଙ୍କୁ ନେଇ ଏହି କ୍ଷମତାର ପରିଚଳନା କରାଯାଉଥିଲା ।

### *3.2.7.6 ଉନ୍ନତ ପୁଲିସ ସେବା ପ୍ରଦାନରେ ଅସୁବିଧା*

ସମୀକ୍ଷାରେ ଅବଲୋକନ କରାଗଲା ଯେ ପୁଲିସ କମିଶନରଙ୍କୁ ମାଜିଷ୍ଟ୍ରେଟ୍ କ୍ଷମତା ପ୍ରଦାନ ଏବଂ ତାଙ୍କ ଅକ୍ତିଆରରେ ଦୁଇଟି ବାହିନୀ (ବିଭିନ୍ନ ସଂସ୍ଥାପନା ତଥା ବ୍ୟକ୍ତି ନିରାପତ୍ତା ପାଇଁ ଗୋଟିଏ ଏବଂ ଅନ୍ୟଟି ଶାନ୍ତି ଶୃଙ୍ଖଳା ରକ୍ଷା ସମ୍ପର୍କିତ କାର୍ଯ୍ୟକଳାପ ପାଇଁ) ରଖାଯିବା ବ୍ୟତୀତ, କମିଶନର କାର୍ଯ୍ୟାଳୟର ଉନ୍ନତି ପାଇଁ ବିଭାଗ ଅନ୍ୟ କୌଣସି ପଦକ୍ଷେପ ନେଇନଥିଲେ, ଯାହା ନିମ୍ନରେ ଆଲୋଚନା କରାଗଲା:

70 ଖଣ୍ଡଗିରି, ବଡଗଡ଼, ଲକ୍ଷ୍ମୀସାଗର, ଚାଉଳିଆଗଞ୍ଜ, ଇନଫୋସିଟି ଏବଂ ଦରଘା ବଜାର

- ଆସିଷ୍ଟାଣ୍ଟ ସବ୍-ଇନସ୍ପେକ୍ଟର, ସବ୍-ଇନସ୍ପେକ୍ଟର ଏବଂ ଇନସ୍ପେକ୍ଟର ପଦବୀରେ ଯୋଗ୍ୟତା ଥିବା ବ୍ୟକ୍ତିଙ୍କର ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ଯୋଗ୍ୟତା ମାନଦଣ୍ଡର ପୁନରୀକ୍ଷଣ କରାଯାଇ ନଥିଲା । ଏହା ବ୍ୟତୀତ ଏସିପି କ୍ୟାଡରରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟାକୁ ପ୍ରଚଳନ କରାଯାଇ ନଥିଲା ।
- ପୁଲିସ କମିଶନରଙ୍କର ଦାୟିତ୍ୱ ବହୁ ଗୁଣିତ ହୋଇଥିଲେ ମଧ ମଞ୍ଜୁରୀ ପ୍ରାପ୍ତ କର୍ମଚାରୀ ସଂଖ୍ୟାର ପୁନରୀକ୍ଷଣ କରାଯାଇ ନଥିଲା । ନମୁନା ଯାଞ୍ଚ୍ କରାଯାଇଥିବା 42ଟି ଥାନାରେ କର୍ମଚାରୀ ସଂଖ୍ୟା ଏମ୍‌ଏଚ୍‌ଏ ମାନଦଣ୍ଡ ଅନୁଯାୟୀ କମ୍ ଥିଲା । ଏହା ବ୍ୟତୀତ ଓୟୁପି ଅଧିନିୟମ ଭିତ୍ତିରେ ଦାୟିତ୍ୱ ନିର୍ବାହ କରିବା ପାଇଁ ପୁଲିସ ମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଇ ନଥିଲା ।

କମିଶନର ପୁଲିସ ଏବଂ ସ୍ୱତନ୍ତ୍ର ସଚିବ ପ୍ରସ୍ଥାନ ସମ୍ମିଳନୀରେ ସମୀକ୍ଷା ମନ୍ତବ୍ୟକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଦର୍ଶାଇଥିଲେ (ଜୁନ୍ 2015) ଯେ ଅଧିକ କର୍ମଚାରୀ ବ୍ୟବସ୍ଥା କରାନଯିବା ଫଳରେ ମାଜିଷ୍ଟ୍ରେଟ୍ କ୍ଷମତା ବ୍ୟତୀତ, କମିଶନର ପୁଲିସ ଅଧିନସ୍ଥ ଉଭୟ ସହରାଞ୍ଚଳ ପୁଲିସ ଜିଲ୍ଲା, ଅନ୍ୟ ସାଧାରଣ ପୁଲିସ ଜିଲ୍ଲା ଠାରୁ ଭିନ୍ନ ନଥିଲେ ।

## 3.2.8 ସମ୍ପତ୍ତି ପରିଚାଳନା

### *3.2.8.1 କମିଶନରେଟ୍ ଭବନ*

ସମୀକ୍ଷାରେ ପରିଲକ୍ଷିତ ହେଲା ଯେ:

- କମିଶନରେଟ୍ ଭବନର ପ୍ରଥମ ମହଲା ଦୁଇଟି କୋର୍ଟ ପାଇଁ ଉଦ୍ଦିଷ୍ଟ ଥିବା ବେଳେ, ତାହା ଡିସେମ୍ବର 2014 ପର୍ଯ୍ୟନ୍ତ ଅବ୍ୟବହୃତ ହୋଇ ପଡ଼ିରହିଥିଲା, ଫଳରେ ନିର୍ମିତ ମହଲା ଅଯଥାରେ ତିନି ବର୍ଷରୁ ଅଧିକ ସମୟ ଧରି ପଡ଼ି ରହିଥିଲା ।

  ନିକଟ ଭବିଷ୍ୟତରେ ଆବଶ୍ୟକ କର୍ମଚାରୀ ମଞ୍ଜୁର ହେବା ପରେ କୋର୍ଟ ରୁମ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେବା ବିଷୟ ବିଭାଗ ପକ୍ଷରୁ ଅବଗତ କରାଯାଇଥିଲା (ଜାନୁଆରୀ 2015) ।
- ଯଦିଓ ତୃତୀୟ ମହଲାଟି ମଇ 2013 ରେ ଦଖଲକୁ ନିଆଯାଇଥିଲା, ତାହା ଡିସେମ୍ବର 2014 ପର୍ଯ୍ୟନ୍ତ ଅବ୍ୟବହୃତ ହୋଇ ପଡ଼ିରହିଥିଲା । ତେଣୁ ପ୍ରସ୍ତାବିତ ଆଧୁନିକ ନିୟନ୍ତ୍ରଣ କକ୍ଷ କମିଶନରେଟ୍ କାର୍ଯ୍ୟାଳୟ ପରିସର ମଧ୍ୟରେ ଡିସେମ୍ବର 2014 ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିନଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ କମିଶନରେଟ୍ କାର୍ଯ୍ୟାଳୟ ମଧ୍ୟରେ ନିୟନ୍ତ୍ରଣ କକ୍ଷ ତଥା ଡାଟାବେସ୍ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲୁରହିଥିଲା ।

## 3.2.9 ଆର୍ଥିକ ପରିଚାଳନା

2008-14 ମଧ୍ୟରେ ପୁଲିସ କମିଶନରଙ୍କୁ 522.27 କୋଟି ଟଙ୍କା ଆବଣ୍ଟିତ ହୋଇଥିଲା, ଯାହା ମଧ୍ୟରୁ 508.35 କୋଟି ଟଙ୍କା (97 ପ୍ରତିଶତ) ବିନିଯୋଗ କରାଯାଇଥିଲା । ସମୀକ୍ଷାରେ କମିଶନରେଟର ଆର୍ଥିକ ପରିଚାଳନାରେ ଦେଖାଯାଇଥିବା ତ୍ରୁଟି ବିଚ୍ୟୁତି ଗୁଡ଼ିକ ନିମ୍ନ ସାରଣୀରେ ଦର୍ଶାଗଲା:

***ସାରଣୀ 3.2.5: ଆର୍ଥିକ ପରିଚାଳନାରେ ତ୍ରୁଟି***

| ଅନିୟମିତତାର ପ୍ରକାର | ନିୟମ/ ଆଦେଶର ଅବମାନନା | ସଂକ୍ଷେପରେ ଅବଲୋକନ | ଜଡ଼ିତ ପରିମାଣ (ଲକ୍ଷ ଟଙ୍କାରେ) | କାରଣ |
|---|---|---|---|---|
| ବିଳମ୍ବିତ ଅର୍ଥ ସମର୍ପଣ | ଓଡ଼ିଶା ବଜେଟ୍ ମାନୁଆଲର ନିୟମ 144 | ଧାର୍ଯ୍ୟ ତାରିଖ ବର୍ଷର ମାର୍ଚ୍ଚ 10 ତାରିଖ ପରେ ସମର୍ପିତ | 829.50 | ଅନୁଚିତ୍ ବ୍ୟୟ ଅଟକଳ ପରିଚାଳନା |

| ଅନିୟମିତତାର ପ୍ରକାର | ନିୟମ/ ଆଦେଶର ଅବମାନନା | ସଂକ୍ଷେପରେ ଅବଲୋକନ | ଜଡ଼ିତ ପରିମାଣ (ଲକ୍ଷ ଟଙ୍କାରେ) | କାରଣ |
|---|---|---|---|---|
| ଫିସ୍ ଏବଂ ଜରିମାନା ଆଦାୟ ନହେବା ଏବଂ ପୈଠ ନହେବା | ଓଡ଼ିଶା ସହରାଞ୍ଚଳ ପୁଲିସ ଅଧିନିୟମ 2003 ର ଧାରା 65 ରୁ 83 | ସର୍ବାଧିକ ତିନି ଦିନ ଭିତରେ ପୈଠ କରିବାର ଅନୁମତି ଥିଲାବେଳେ 105ଟି ମାମଲାରେ 30 ରୁ 646 ଦିନ ବିଳମ୍ବରେ ଟ୍ରେଜେରୀରେ ପୈଠ କରାଯାଇଥିଲା । | 15.58 | ଠିକ୍ ସମୟରେ ଫିସ୍ ଏବଂ ଜରିମାନା ସରକାରୀ ଖାତାରେ ପୈଠ କରିବାରେ ଅବହେଳା |
| ଫିସ୍ ଏବଂ ଜରିମାନାକୁ ଟ୍ରେଜେରୀରେ ପୈଠ କରିବାରେ ବିଳମ୍ବ | ମୋଟର ଯାନ ଅଧିନିୟମ 1988 ର ଧାରା 177, 179, 180, 181, 183, 184 ଏବଂ 192 | ଅପ୍ରେଲ 2010 ରୁ ଅପ୍ରେଲ 2013 ମଧ୍ୟରେ ଆଦାୟ ହୋଇଥିବା କମ୍ପାଉଣ୍ଡିଂ ଫିସ୍ 3 ରୁ 330 ଦିନ ବିଳମ୍ବରେ ଟ୍ରେଜେରୀରେ ପୈଠ ହୋଇଥିଲା | 26.59 | |
| ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କ ଠାରୁ ମୁତୟନ ଦେୟ ଆଦାୟ ନହେବା | ଗୃହ ବିଭାଗର ନିର୍ଦ୍ଦେଶନାମା (ଜୁନ୍ 2004) | ବର୍ଷ 2008-14 ମଧ୍ୟରେ 22ଟି ସଂସ୍ଥାମାନଙ୍କଠାରୁ ପୁଲିସ ପ୍ରହରୀ ମୁତୟନ ଦେୟ ଆଦାୟ ହୋଇନଥିଲା । | 903.98 | ମୁତୟନ ଦେୟ ଆଦାୟ କ୍ଷେତ୍ରରେ ଅବହେଳା |
| **ମୋଟ** | | | **1775.65** | |

*(ଉତ୍ସ: ପୁଲିସ କମିଶନରଙ୍କ ନଥି)*

ସମୀକ୍ଷା ପୁନଶ୍ଚ ଅବଲୋକନ କଲା ଯେ:

2010 ରୁ 2012 ମଧ୍ୟରେ ଓଡ଼ିଶା ସହରାଞ୍ଚଳ ପୁଲିସ ଅଧିନିୟମ ଅଧିନରେ କମ୍ପାଉଣ୍ଡିଂ ଦେୟ ଆଦାୟ ପାଇଁ ବିଭିନ୍ନ ଇନସ୍ପେକ୍ଟର-ଇନ୍-ଚାର୍ଜ ମାନଙ୍କୁ ପ୍ରଦାନ କରାଯାଇଥିବା 75ଟି ଆରସି ବହିଗୁଡ଼ିକ[71] ମଧ୍ୟରୁ 66ଟି ବହି କମିଶନରେଟ୍ କାର୍ଯ୍ୟାଳୟକୁ ଫେରିଯାଇଥିଲା, ଛଅଟି ବହି ବ୍ୟବହାରରେ ଥିଲା ଏବଂ ତିନିଟି ବହି ମିଳି ନଥିଲା । ଉତ୍ତରରେ ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ କଟକ ସହରାଞ୍ଚଳ ପୁଲିସ ଜିଲ୍ଲା ଅଧିନରେ ଥିବା କନ୍ଦରପୁର ପୁଲିସ ଏବଂ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ଅଧିନରେ ଥିବା ଜଟଣୀ ପୁଲିସ ଥାନାକୁ ଅର୍ଥ ଆଦାୟ ପାଇଁ ପ୍ରଦାନ କରାଯାଇଥିବା ଆର୍‌ସି ବହି ଗୁଡ଼ିକ ପୁଲିସ କମିଶନର କାର୍ଯ୍ୟାଳୟକୁ ଫେରିଆସିଥିଲା କିନ୍ତୁ ଆର୍‌ସି ବହି ଗୁଡ଼ିକର ପ୍ରତିପତ୍ର ତତ୍‌କ୍ଷଣାତ୍ ଉପଲବ୍ଧ ନଥିଲା ଏବଂ ଅବଶିଷ୍ଟ ମିଳୁ ନଥିବା ତିନିଟି ଆର୍‌ସି ବହି ପାଇଁ ସଂପୃକ୍ତ ପୁଲିସ ଥାନାର ଇନସ୍ପେକ୍ଟର-ଇନ୍-ଚାର୍ଜ ମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା ।

- ***ଅଗ୍ରାହ୍ୟ ଭତ୍ତା ପ୍ରଦାନ :*** ବିଭିନ୍ନ ପ୍ରକାର ଭତ୍ତା ଯଥା ସ୍ୱତନ୍ତ୍ର ଖାଦ୍ୟ ଭତ୍ତା, କିଟ୍ ରକ୍ଷଣାବେକ୍ଷଣ ଭତ୍ତା, ସାଇକଲ ଏବଂ ମୋଟର ସାଇକଲ ଭତ୍ତା, ସତନ୍ତ୍ର ବେତନ ଇତ୍ୟାଦି ପାଇବା ପାଇଁ କାର୍ଯ୍ୟ ନିର୍ବାହୀ ପୁଲିସ କର୍ମଚାରୀମାନେ ହକ୍‌ଦାର ଥିଲେ । ପରନ୍ତୁ ସେମାନଙ୍କର ସେବାକୁ କମିଶନରେଟର ପ୍ରତିଷ୍ଠାନ ବିଭାଗରେ ବିଭିନ୍ନ ନିୟମିତ ପ୍ରତିଷ୍ଠାନ କାର୍ଯ୍ୟ ଯଥା ଦରମା ବିଲ୍ ପ୍ରସ୍ତୁତି, ଅନ୍ୟାନ୍ୟ ବିଲ୍, ଛୁଟି ମଞ୍ଜୁରୀ, ସେବା ପୁସ୍ତକର ରକ୍ଷଣାବେକ୍ଷଣ ଇତ୍ୟାଦି ପାଇଁ ଦୁଇଟି ସହରାଞ୍ଚଳ ପୁଲିସ ଜିଲ୍ଲା ଏବଂ ପୁଲିସ କମିଶନରଙ୍କ ଅଫିସରେ ମନ୍ତ୍ରାଳୟ କର୍ମଚାରୀଙ୍କ ଅଭାବରୁ ବ୍ୟବହାର କରାଯାଉଥିଲା କାରଣ ଉପ-ଆରକ୍ଷୀ ନିରୀକ୍ଷକ କାର୍ଯ୍ୟାଳୟ (ଭୁବନେଶ୍ୱର ରେଞ୍ଜ), ପୁଲିସ କମିଶନର କାର୍ଯ୍ୟାଳୟକୁ ପରିବର୍ତ୍ତନ ହେବା ପରଠାରୁ କୌଣସି ନୂଆ ମନ୍ତ୍ରଣାଳୟ କର୍ମଚାରୀ ପଦବୀକୁ ସ୍ୱୀକୃତି ଦିଆଯାଇ ନଥିଲା । ମାର୍ଚ୍ଚ 2009 ରୁ ମାର୍ଚ୍ଚ 2013 ମଧ୍ୟରେ କମିଶନର ଓ ଉପ-କମିଶନରଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗରେ ନିଯୁକ୍ତି ହୋଇଥିବା 65 ଜଣ କାର୍ଯ୍ୟ ନିର୍ବାହୀ ପୁଲିସ କର୍ମଚାରୀ ତାଙ୍କ କାର୍ଯ୍ୟ ନିର୍ବାହ ନକରିବା ସତ୍ତ୍ୱେ କମିଶନରଙ୍କ ଆଦେଶ କ୍ରମେ 12.88 ଲକ୍ଷ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା ।

[71] ପ୍ରତ୍ୟେକ ଆର୍‌ସି ବହିରେ 50 ଟି ଟଙ୍କା ରସିଦ୍ ଏବଂ 500 ଟଙ୍କାରୁ 1,000 ଟଙ୍କା ପ୍ରତ୍ୟେକ ରସିଦରେ ଆଦାୟ କରାଯିବ

ବିଭାଗ ସ୍ୱୀକାର କଲେ (ଜାନୁଆରୀ 2015) ଯେ ମନ୍ତ୍ରଣାଳୟ କର୍ମଚାରୀଙ୍କ ଅଭାବ ଯୋଗୁଁ ଏହି କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ କାର୍ଯ୍ୟରେ ଲଗାଯାଇଥିଲା ।

### 3.2.10 ସାଧାରଣ ନଗରୀୟ ପଦକ୍ଷେପ

ସମୀକ୍ଷା ନିମ୍ନରେ ବର୍ଣ୍ଣିତ ବିଷୟକୁ ଅବଲୋକନ କରିଥିଲା:

- ***ଅଭ୍ୟର୍ଥନା କକ୍ଷ/ ସହାୟତା ଡେସ୍କ :*** 12ଟି ନମୁନା ଯାଞ୍ଚ ଥାନା ମଧ୍ୟରୁ 11ଟିରେ ଅଭ୍ୟର୍ଥନା କକ୍ଷ/ ସହାୟତା ଡେସ୍କ କାର୍ଯ୍ୟକ୍ଷମ ଥିଲା । ତେବେ ବି ମହିଳା ଥାନା, କଟକ ବ୍ୟତୀତ ଅନ୍ୟ କୌଣସି ଥାନାରେ ଅଭ୍ୟାଗତମାନଙ୍କର ନାମ ଓ ସେମାନଙ୍କର ଅଭିଯୋଗ ଲେଖି ରଖିବା ପାଇଁ କୌଣସି ଅଭିଲେଖ ବହି ଅନୁରକ୍ଷଣ କରାଯାଇ ନଥିଲା । ଏତଦ୍‌ବ୍ୟତୀତ 30 ଲକ୍ଷ ଟଙ୍କାରେ ତିନିଟି ଥାନାରେ (ଖଣ୍ଡଗିରି, ଲକ୍ଷ୍ମୀସାଗର ଏବଂ ଚାଉଳିଆଗଞ୍ଜ) ନିର୍ମାଣ ହୋଇଥିବା ତିନିଟି ଅଭ୍ୟର୍ଥନା କେନ୍ଦ୍ର ତଥା ପ୍ରତୀକ୍ଷାଳୟ ମଧ୍ୟରୁ ଦୁଇଟି କାର୍ଯ୍ୟକ୍ଷମ ନଥିବାର ଦେଖାଯାଇଥିଲା (ମାର୍ଚ୍ଚ 2014) ଏବଂ ଅନ୍ୟଟି (ଲକ୍ଷ୍ମୀସାଗର) ପୁଲିସ କର୍ମଚାରୀଙ୍କ ପାଇଁ ବାରାକ୍ ରୂପରେ ବ୍ୟବହାର କରାଯାଉଥିଲା ।




*ଅଭ୍ୟର୍ଥନା କେନ୍ଦ୍ର ଓ ପ୍ରତୀକ୍ଷାଳୟ ଲକ୍ଷ୍ମୀସାଗରରେ ପୁଲିସ କର୍ମଚାରୀଙ୍କ ପାଇଁ ବାରାକ୍ ରୂପରେ ବ୍ୟବହାର କରାଯାଉଛି*

  ଏହି ଉଦ୍ଦେଶ୍ୟରେ କୌଣସି ନିର୍ଦ୍ଦିଷ୍ଟ କର୍ମଚାରୀ ମଞ୍ଜୁର ହୋଇ ନଥିବା ବିଷୟ ହିଁ ଏଥିପାଇଁ ଦାୟୀ ବୋଲି ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ।

- ***ବରିଷ୍ଠ ନାଗରିକ ନିରାପତ୍ତା ପ୍ରକୋଷ୍ଠ:*** ବରିଷ୍ଠ ନାଗରିକଙ୍କ ପାଇଁ ସୁରକ୍ଷା ଓ ନିରାପତ୍ତାର ସମନ୍ୱୟ ପାଇଁ 13ଟି ଥାନାରେ ବରିଷ୍ଠ ନାଗରିକ ନିରାପତ୍ତା ପ୍ରକୋଷ୍ଠ (ଏସ୍‌ସିଏସ୍‌ସି) ଖୋଲା ଯାଇଥିଲା। ଯାହାହେଉ ସମୀକ୍ଷା ଅବଲୋକନ କଲା ଯେ:
  - ତିନିଟି ପୁଲିସ ଥାନାରେ (ଲକ୍ଷ୍ମୀସାଗର, ବଡ଼ଗଡ଼ ଏବଂ ଚାଉଳିଆଗଞ୍ଜ) ପଞ୍ଜୀକୃତ ହୋଇଥିବା 116 ଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ କେବଳ 85 ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।
  - ଚାଉଳିଆଗଞ୍ଜ ଥାନାରେ ପଞ୍ଜୀକୃତ ହୋଇଥିବା 51 ଜଣ ବରିଷ୍ଠ ନାଗରିକଙ୍କ ଫଟୋ ସଂଯୁକ୍ତ ହୋଇନଥିଲା ଯାହାଫଳରେ ବରିଷ୍ଠ ନାଗରିକ ଚିହ୍ନଟ ହୋଇପାରି ନଥିଲେ ।
  - ଖଣ୍ଡଗିରି ଥାନାରେ ବରିଷ୍ଠ ନାଗରିକ ନିରାପତ୍ତା ପ୍ରକୋଷ୍ଠ ଉପଲବ୍ଧ ଥିବା ସମ୍ବନ୍ଧରେ ଏବଂ ସହାୟତା ପ୍ରଦାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ସମ୍ବନ୍ଧରେ କୌଣସି ନଥିପତ୍ର ପରିଚାଳନା କରାଯାଉନଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ ନମୁନା ଯାଞ୍ଚ ଥାନାରେ[72] ଅଭ୍ୟାଗତ ନଥି ସହିତ ସମସ୍ତ ନଥିପତ୍ର ନୋଡାଲ ଅଧିକାରୀଙ୍କ ଦ୍ୱାରା ଅନୁରକ୍ଷଣ କରାଯାଉଥିଲା । ତେବେବି ନମୁନା ଯାଞ୍ଚ କୌଣସି ଥାନାର ନୋଡାଲ ଅଧିକାରୀ ଏହାର ସପକ୍ଷରେ କୌଣସି ଦସ୍ତାବିଜ ସମୀକ୍ଷାକୁ ପ୍ରଦାନ କରି ପାରିନଥିଲେ ।

### 3.2.11 ନିରୀକ୍ଷଣ ଏବଂ ଅଭିଯୋଗ ନିବାରଣ

#### *3.2.11.1 ଅପର୍ଯ୍ୟାପ୍ତ ନିରୀକ୍ଷଣ*

ଯଦିଓ ଓପିଏମ ଅନୁଯାୟୀ ଡିଜିପି, ଏସ୍‌ପି ଇତ୍ୟାଦିଙ୍କ ଦ୍ୱାରା ନିରୀକ୍ଷଣ କରାଯିବା କଥା, ଓୟୁପି

[72] ଖଣ୍ଡଗିରି, ଲକ୍ଷ୍ମୀସାଗର, ବଡ଼ଗଡ଼, ଇନଫୋସିଟି, ଚାଉଳିଆଗଞ୍ଜ, ଦରଘାବଜାର, ବାଦାମବାଡି ଏବଂ ପୁରୀଘାଟ

ଅଧିନିୟମାନୁସାରେ ସୃଷ୍ଟି କରାଯାଇ ଥିବା ନୂଆ ପଦବୀଗୁଡ଼ିକ ଯଥା ସିପି/ଅତିରିକ୍ତ ସିପି ପଦବୀ ସୃଷ୍ଟିକୁ ମାର୍ଚ୍ଚ 2013 ସୁଦ୍ଧା ପାଞ୍ଚ ବର୍ଷ ହୋଇଯାଇଥିଲେ ମଧ ତାଙ୍କ ଅଧିକାରିତାରେ ଥିବା କାର୍ଯ୍ୟାଳୟ/ ପ୍ରତିଷ୍ଠାନଗୁଡ଼ିକର ନିରୀକ୍ଷଣ ଏବଂ ପର୍ଯ୍ୟବେକ୍ଷଣ ପାଇଁ କୌଣସି ମାନାଦର୍ଶ ନିର୍ଦ୍ଧାରଣ କରାଯାଇ ନଥିଲା । ସମୀକ୍ଷା ଅବଲୋକନ କଲା ଯେ 2008-2013 ଅବଧି ମଧରେ ବିଭିନ୍ନ ଅଧିକାରୀମାନଙ୍କୁ ବିଭିନ୍ନ ୟୁନିଟ୍ ବଣ୍ଟନ କରି ସିପି, ଅତିରିକ୍ତ ସିପି ଏବଂ ଡିସିପି (ମୁଖ୍ୟ କାର୍ଯ୍ୟାଳୟ) ଙ୍କ ପାଇଁ ବାର୍ଷିକ ନିରୀକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଯାହାହେଉ, 2008-13 ଅବଧି ମଧରେ 332 ୟୁନିଟ୍ ମଧରୁ 293ଟିରେ ନିରୀକ୍ଷଣ କରାଯାଇଥିଲା, ପରିଣାମସ୍ୱରୂପ ନିରୀକ୍ଷଣ 12 ପ୍ରତିଶତ କମ୍ ରହିଥିଲା ।

ଏତଦ୍‌ବ୍ୟତୀତ ଯଦିଓ ଓଡ଼ିଶା ପୁଲିସ ନିୟମର ନିୟମ 35 ଅନୁସାରେ ଡିଜିପି ପ୍ରତି ଦୁଇ ବର୍ଷରେ ଅତିକମରେ ଥରେ ପ୍ରତ୍ୟେକ ଜିଲ୍ଲା/ପ୍ରତିଷ୍ଠାନର ନିରୀକ୍ଷଣ କରିବା କଥା, ଏମିତି କୌଣସି ନିରୀକ୍ଷଣ ସଂଚାଳନ କରାଯାଇ ନଥିଲା, ଯାହାଫଳରେ ଦୈତ ସହରରେ ଅପରାଧର ଦୃଶ୍ୟଲେଖ ଏବଂ ସିପି ପ୍ରଣାଳୀରେ ପ୍ରଭାବୀ କାର୍ଯ୍ୟକାରିତାର ମାତ୍ରା ଡିଜିପିଙ୍କ ଦ୍ୱାରା ପର୍ଯ୍ୟାଲୋଚନା ହୋଇପାରି ନଥିଲା ।

ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2015) ଯେ ନିରୀକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବସର ଏବଂ ସ୍ଥାନାନ୍ତରଣ ଯୋଗୁଁ ଏହି ଅଭାବ ରହିଥିଲା ।

### *3.2.11.2 ଜଘନ୍ୟ ଏବଂ ପେଷାଗତ ଅପରାଧ ମାମଲାଗୁଡିକର ପର୍ଯ୍ୟାଲୋଚନା*

କମିଶନରେଟ୍ ପୁଲିସ ମୁଖ୍ୟ କାର୍ଯ୍ୟାଳୟର ଅପରାଧ ଅନୁଭାଗକୁ ସିପି ନିର୍ଦ୍ଦେଶ ଦେଇଥିଲେ (ଅଗଷ୍ଟ 2011) ଯେ ଜଘନ୍ୟ ଏବଂ ପେଷାଗତ ଅପରାଧଗୁଡ଼ିକ ଅର୍ଥାତ୍ ହତ୍ୟା, ପେଷାଗତ ଡକାୟତି (ପ୍ରସ୍ତୁତି ଛଡ଼ା), ଯୌତୁକ ହତ୍ୟା, ବିଦେଶୀମାନଙ୍କ ଉପରେ ଆକ୍ରମଣ, ଗଣ ପ୍ରତିଦ୍ୱନ୍ଦିତା, ପୁଲିସ ହାଜତରେ ମୃତ୍ୟୁ, ଗୁରୁତର ଦଙ୍ଗା, ଘରପୋଡ଼ି, ରାଜ୍ୟ ବିରୁଦ୍ଧରେ ଅପରାଧ, ଭିଭିଆଇପି/ ମହତ୍ୱପୂର୍ଣ୍ଣ ଗଣମାନ୍ୟ ବ୍ୟକ୍ତିମାନଙ୍କ ସୁରକ୍ଷାକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଥିବା ଅପରାଧ, ଗଣ ବଳାତ୍କାର/ ନାବାଳିକାଙ୍କ ସହ ବଳାତ୍କାର, ସମ୍ବେଦନାତ୍ମକ ଚୋରି ମାମଲାଗୁଡ଼ିକ, ସିନ୍ଧି ଚୋରୀ, ଚୋରୀ, ଅପହରଣ ଇତ୍ୟାଦିର ଉଭୟ ଯାଞ୍ଚ ସମୟ ଏବଂ ପରୀକ୍ଷଣ ସ୍ତରରେ ଧ୍ୟାନ ପୂର୍ବକ ପର୍ଯ୍ୟାଲୋଚନା କରିବେ । ଏହି ସମସ୍ତ ମାମଲାଗୁଡ଼ିକ ସମେତ ଅଭିଯୁକ୍ତଙ୍କ ସନ୍ଧାନ, ଗିରଫ, ପ୍ରମାଣ ସଂଗ୍ରହ, ଯାଞ୍ଚର ବିଭିନ୍ନ ବୈଷୟିକ ଦିଗ ଇତ୍ୟାଦିର ଅନୁସନ୍ଧାନ ଚାଲିଥିବା ସମୟରେ ପୁଲିସ କମିଶନରେଟ୍ ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ସମୟ ସମୟରେ ପର୍ଯ୍ୟାଲୋଚନା ଏବଂ ସମୀକ୍ଷା କରିବାକୁ ଥିଲା । ମାମାଲାଗୁଡ଼ିକର ଅନୁସନ୍ଧାନର ମାନକୁ ସୁଦୃଢ଼ କରିବାକୁ ଆବଶ୍ୟକ ସ୍ଥଳେ ଆଇନ୍ ଅଧିକାରୀଙ୍କର ମତାମତ ନେବା ଆବଶ୍ୟକ । ଏହାବ୍ୟତୀତ ସେହିପ୍ରକାର ସମସ୍ତ ମାମଲାଗୁଡ଼ିକରେ ମାମଲା ପଞ୍ଜିକରଣର ତିନି ଦିନ ମଧରେ ସଂପୃକ୍ତ ଆଇସିମାନଙ୍କ ଦ୍ୱାରା ସିପିଙ୍କ କାର୍ଯ୍ୟାଳୟକୁ ଏଫ୍‌ଆଇଆର୍‌ର ପ୍ରତିଲିପି ଉପସ୍ଥାପନା କରିବା ଆବଶ୍ୟକ । ପୁନଶ୍ଚ ପର୍ଯ୍ୟବେକ୍ଷଣ ଅଧିକାରୀମାନେ ପର୍ଯ୍ୟବେକ୍ଷଣ ପରେ ସିଧା ସିପି କାର୍ଯ୍ୟାଳୟରେ ସମସ୍ତ ପର୍ଯ୍ୟବେକ୍ଷଣ ବିବୃତି ଦାଖଲ କରିବାର ଥିଲା, ଯାହଫଳରେ ତଦନ୍ତର ମାନ ସୁଦୃଢ଼ କରିବା ପାଇଁ ସମୟୋଚିତ ନିର୍ଦ୍ଦେଶ ଜାରି କରାଯାଇ ପାରିବ ।

ସମୀକ୍ଷାକୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ପ୍ରତିବେଦନ (ଏସ୍‌ଆର) ମାମଲା ଗୁଡ଼ିକର ସୂଚକପତ୍ରର ପ୍ରତିଲିପି ଯାଞ୍ଚରୁ ଏହା ଅବଲୋକନ କରାଗଲା ଯେ ଯଦିଓ ଦୁଇଟି ୟୁପିଡିର ସମସ୍ତ ଏସ୍‌ଆର୍ ମାମଲାଗୁଡ଼ିକ ସେହି ପ୍ରକାର ରେଜିଷ୍ଟରରେ ଅଭିଲିଖିତ ହୋଇଥିଲା, ସିପିଙ୍କ ଉପରୋକ୍ତ ନିର୍ଦ୍ଦେଶ ଗୁଡ଼ିକୁ ଅନୁପାଳନ କରିବା ଏବଂ ସିପିଙ୍କ କାର୍ଯ୍ୟାଳୟ ଦ୍ୱାରା ସେଗୁଡ଼ିକର ପର୍ଯ୍ୟାଲୋଚନା ବିଷୟରେ ସମୀକ୍ଷାକୁ କିଛି ପ୍ରମାଣ ଦିଆଯାଇପାରି ନଥିଲା । ଅନେକ ମାମଲାରେ ଅନୁସନ୍ଧାନର ଗୁଣବତ୍ତାକୁ ମଜବୁତ କରିବା ପାଇଁ କମିଶନରେଟ୍ ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ପର୍ଯ୍ୟାଲୋଚନା ଏବଂ ଆବଶ୍ୟକ ସ୍ଥଳେ ଆଇନ୍ ଅଧିକାରୀମାନଙ୍କ ମତାମତ ନିଆଯାଇଥିବା ମାମଲା ଗୁଡ଼ିକ ସମୀକ୍ଷାକୁ ପ୍ରଦାନ କରାଯାଇ ନଥିଲା । ସମୀକ୍ଷା ପରିଲକ୍ଷିତ କଲା ଯେ ଉପରୋକ୍ତ ନିର୍ଦ୍ଦେଶ ମତେ ଉଲ୍ଲିଖିତ ମାମଲାଗୁଡ଼ିକର ପର୍ଯ୍ୟାଲୋଚନା ପାଇଁ କୌଣସି ସଂକ୍ରିୟା ଉପଲବ୍ଧ ନଥିଲା ।

### 3.2.12 ଉପସଂହାର

କମିଶନରେଟ୍ ବ୍ୟବସ୍ଥାର କାର୍ଯ୍ୟ ଦକ୍ଷତା ନିର୍ଣ୍ଣୟ କରିବା ପାଇଁ କୌଣସି ମୁଖ୍ୟ ଦକ୍ଷତା ସୂଚକାଙ୍କ ଧାର୍ଯ୍ୟ କରାଯାଇ ନଥିବାରୁ ପୁଲିସ ବ୍ୟବସ୍ଥାର କର୍ମ ସଂପାଦନ ଦକ୍ଷତା ମୂଲ୍ୟାୟନ ହୋଇପାରି ନଥିଲା । କମିଶନରେଟ୍ ବ୍ୟବସ୍ଥାର ପ୍ରବର୍ତ୍ତନ ସତ୍ତ୍ୱେ, 2008 ରୁ 2013 ମଧ୍ୟରେ କମିଶନରେଟ୍ ଅଞ୍ଚଳରେ ଅପରାଧ ହାର ଏକ ହଜାର ଜନସଂଖ୍ୟା ପ୍ରତି ତିନି ଥିଲା ଯାହାକି ରାଜ୍ୟ ହାରାହାରି ଠାରୁ 50 ପ୍ରତିଶତ ଅଧିକ ଥିଲା । ଅପରାଧ ନିବାରଣ ଉପାୟ ଯଥା ସମୟୋଚିତ ଗୁପ୍ତ ସୂଚନା ଠୁଳ କରିବା ଓ ପ୍ରଭାବୀ ପହରା ତଥା କମ୍ୟୁନିଟ୍ ପୁଲିସିଂର କାର୍ଯ୍ୟାନ୍ୱୟନରେ ଉନ୍ନତି ଆବଶ୍ୟକ ଥିଲା ।

ଯେହେତୁ ନମୁନା ଯାଞ୍ଚ କରାଯାଇଥିବା 473 ରେଜିଷ୍ଟ୍ରିଭୁକ୍ତ ମାମଲା ମଧ୍ୟରୁ 343 ମାମଲା (73 ପ୍ରତିଶତ) ରେ ପୁଲିସର ପ୍ରଥମ ସ୍ଥାନ ପରିଦର୍ଶନ ସମୟ ଅପରାଧ ସୂଚକ ନଥିରେ ଉଲ୍ଲିଖିତ ନଥିଲା ଏବଂ 27ଟି ମାମଲା (21 ପ୍ରତିଶତ)ରେ ଏକ ଘଣ୍ଟାରୁ ଉର୍ଦ୍ଧ ଓ 10 ଘଣ୍ଟା 15 ମିନିଟ୍ ବିଳମ୍ବ ହୋଇଥିଲା । ଏତଦ୍ ବ୍ୟତୀତ 48ଟି ମାମଲାରେ, ଷ୍ଟେସନ୍ ଡାଏରୀରେ ଲେଖା ଯିବାର 1 ଦିନରୁ 56 ଦିନ ପର୍ଯ୍ୟନ୍ତ ବିଳମ୍ବରେ ଏଫ୍ଆଇଆର ଦାଖଲ କରାଯାଇଥିଲା ଏବଂ 88ଟି ମାମଲାରେ ଅଭିଯୋଗକାରୀମାନଙ୍କୁ ମାର୍ଚ୍ଚ 2014 ସୁଦ୍ଧା ଏଫ୍ଆଇଆର ର ନକଲ ପ୍ରଦାନ କରାଯାଇ ନଥିଲା । ମାର୍ଚ୍ଚ 2014 ସୁଦ୍ଧା କମିଶନରଙ୍କ ପାଖରେ ପଡ଼ିରହିଥିବା 7,767ଟି ମାମଲା ମଧ୍ୟରୁ 935ଟି ମାମଲା (12 ପ୍ରତିଶତ) ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡ଼ି ରହିଥିଲା ।

ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଅଭାବ, ଭାରତ ସରକାରଙ୍କ ମାନାଦର୍ଶ ଅନୁସାରେ ଥାନାମାନଙ୍କରେ କର୍ମଚାରୀଙ୍କ ବହୁଳ ଅଭାବ, ଅପର୍ଯ୍ୟାପ୍ତ ଚାଳକଙ୍କ ଯୋଗୁଁ ଚଳମାନ ସହାୟତାରେ ସ୍ୱଳ୍ପତା, ଏସପିଓ ମାନଙ୍କ ଅଭାବ ଇତ୍ୟାଦି ଏବଂ ତଦନ୍ତ ବିଭାଗ ଆଇନ୍ ଶୃଙ୍ଖଳା ଠାରୁ ଅଲଗା ନହେବା ଦ୍ୱାରା କମିଶନରେଟ୍ ପୁଲିସର କାର୍ଯ୍ୟ ସଂପାଦନ ପ୍ରସ୍ତୁତି ବିଗିଡ଼ି ଯାଇଥିଲା । ବିଭାଗ, ବି.ପି.ଆର୍.ଡି ମାନାଦର୍ଶ ଅନୁସାରେ ଫଳପ୍ରଦ ଭାବରେ ଅପରାଧକୁ ନିୟନ୍ତ୍ରଣ ପାଇଁ କମିଶନରେଟ୍ କାର୍ଯ୍ୟାଳୟରେ ପୁଲିସ ମାନଙ୍କ ମଞ୍ଜୁରୀ ପ୍ରାପ୍ତ ପଦକୁ ସଂଶୋଧନ କରିନଥିଲେ । ନିରୀକ୍ଷଣ ଓ ଅଭିଯୋଗ ନିବାରଣ ପ୍ରଣାଳୀ ଦୁର୍ବଳ ଥିଲା, ଅଭିଯୋଗକାରୀଙ୍କ ଠାରୁ ପ୍ରାପ୍ତ ଅଭିଯୋଗ ଗୁଡ଼ିକୁ ଫଏସଲା କରିବା ପାଇଁ ଉପଯୁକ୍ତ ଧ୍ୟାନ ଦିଆଯାଇ ନଥିଲା ।

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## 3.3 ଲଘୁ ଖଣିଜ ଦ୍ରବ୍ୟରୁ ଆୟ

### 3.3.1 ଉପକ୍ରମ

ଓଡିଶା ସରକାରଙ୍କ ଦ୍ୱାରା ଅଧିସୂଚିତ (ଅଗଷ୍ଟ 2004) ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ଓଏମଏମସି) ନିୟମାବଳୀ 2004 ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର ଏଣ୍ଡ ଡିଏମ) ବିଭାଗଙ୍କୁ ଲଘୁ ଖଣିଜ[73] ଦ୍ରବ୍ୟ ଖାଦାନ ଗୁଡିକର ପଟ୍ଟା[74] (ନିୟମ 26-29) ଓ ଖାଦାନ ଖୋଳିବାକୁ ଅନୁମତି[75] ( ନିୟମ 30-34) ଦେବା ପାଇଁ କିମ୍ବା ବ୍ୟାପକ ପ୍ରଚାର (ନିୟମ 37 ଓ 38) ମାଧ୍ୟମରେ ସର୍ବସାଧାରଣ ନିଲାମ ଦ୍ୱାରା ସେଗୁଡିକର ବିକ୍ରି ପାଇଁ କ୍ଷମତା ଦିଆଯାଇଥିଲା । ନିୟମ 56 (xii) ଅନୁଯାୟୀ ନିଲାମଧାରୀମାନେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପ୍ରେରଣର ସଠିକ୍ ମାସିକ ହିସାବ ରଖିବା ଏବଂ କ୍ଷମତାପନ୍ନ ଅଧିକାରୀଙ୍କୁ[76] ମାସିକ ଏବଂ ବାର୍ଷିକ ବିବରଣ ଉପଲବ୍ଧ କରାଇବା ଆବଶ୍ୟକ ଥିଲା ।

---

73 ସାଧାରଣ ମାଟି, ପଟୁ, ରେମାଟି, ଶିଳ୍ପ ଏବଂ ବିଶିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହେଉନଥିବା ସାଧାରଣ ବାଲି, ଇଟା ମାଟି, ସାଧାରଣ ମାଟି, ମୋରମ, ମାଙ୍କଡ଼ା ପଥର, ପଥର ଡିମା, ଗେଟି ସହିତ ରାସ୍ତା ପଥର, ଚିପ୍ସ, ବଜୁରୀ ଏବଂ କ୍ରସରରୁ ବାହାରୁଥିବା ପଥର ଗୁଣ୍ଡ, ଛୋଟ ସାଧାରଣ ପଥର ଖଣ୍ଡ ଏବଂ ନଦୀର ବାଲି ଓ ଗୋଡ଼ି

74 ନିର୍ଦ୍ଦିଷ୍ଟ ସମୟ ପାଇଁ ଦିଆଯାଇଥିବା ପଟ୍ଟା

75 ଏକ ବର୍ଷ ଠାରୁ ଅଧିକ ହୋଇନଥିବା ଅବଧି ପାଇଁ ଦିଆଯାଇଥିବା ଅନୁମତି

76 50,000 ଟଙ୍କା ପର୍ଯ୍ୟନ୍ତ କମ୍ ଅପସେଟ୍ ମୂଲ୍ୟ କ୍ଷେତ୍ରରେ ତହସିଲଦାର ଏବଂ ଏହି ସୀମା ଅତିକ୍ରମ ହେଲେ ଉପ-ଜିଲ୍ଲାପାଳ

2011-14 ଅବଧିରେ 'ଲଘୁ ଖଣିଜ ଦ୍ରବ୍ୟରୁ ଆୟ' ର ସମୀକ୍ଷା ଡିସେମ୍ବର 2014 ରୁ ଫେବୃୟାରୀ 2015 ମଧ୍ୟରେ ଆଠଟି ଜିଲ୍ଲାର 18ଟି[77] ତହସିଲରେ ଉତ୍ସ ଗୁଡିକର ଚିହ୍ନଟ୍ ଓ ସଠିକ୍ ନଥିଭୁକ୍ତ ହେବା, ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକର ଉଚିତ୍ ନିଲାମ, ଲାଗୁ ଓ ନିଲାମ ରାଶିର ଉଚିତ୍ ଆଦାୟ ଓ ଲଘୁ ଖଣିଜ ଦ୍ରବ୍ୟର ଅନଧିକୃତ ପରିବହନକୁ ରୋକିବା ପାଇଁ ପର୍ଯ୍ୟାଲୋଚନା, ପ୍ରତିବେଦନ ଏବଂ ମୂଲ୍ୟ ନିର୍ଦ୍ଧାରଣ ମାଧ୍ୟମରେ ଦୁର୍ନୀତି ନିବାରଣ ପ୍ରକ୍ରିୟା ଫଳପ୍ରଦ ହେବା ଉଦ୍ଦେଶ୍ୟରେ କରାଯାଇଥିଲା ।

**ସମୀକ୍ଷା ସିଦ୍ଧାନ୍ତ**

## 3.3.2 ଉତ୍ସଗୁଡିକର ଚିହ୍ନଟ

### *3.3.2.1 ଲଘୁ ଖଣିଜ ଦ୍ରବ୍ୟ ଉତ୍ସର ଚିହ୍ନଟ ନକରିବା*

ତହସିଲ ଆକାଉଣ୍ଟସ ମାନୁଆଲ୍ (ଟିଏଏମ) ର ନିୟମ 50 ଅନୁସାରେ ଗୋଟିଏ ନୂଆ ଉତ୍ସ ଜଣାପଡିବା ମାତ୍ରେ ରାଜସ୍ୱ ନିରୀକ୍ଷକ (ଆର୍ଆଇ) ଏହାକୁ ଚିହ୍ନଟକରି ନଥି VII ରେ ଲିପିବଦ୍ଧ କରିବେ ଏବଂ ଏହି ତଥ୍ୟ ସଂପୃକ୍ତ ତହସିଲଦାରଙ୍କ ଦୃଷ୍ଟିକୁ ଆଣିବେ, ଯିଏ କି ଏହାକୁ ନଥି -5 ରେ ଲିପିବଦ୍ଧ କରିବେ ।

ସମୀକ୍ଷା ଲକ୍ଷ୍ୟ କଲା ଯେ ମାର୍ଚ୍ଚ 2014 ସୁଦ୍ଧା 18ଟି ନମୁନା ଯାଞ୍ଚ ତହସିଲରେ ମୋଟ 3,816.19 ଏକର ପରିମିତ 710ଟି ଉତ୍ସ ନଥିଭୁକ୍ତ କରାଯାଇଥିଲା । କିନ୍ତୁ, ସମୀକ୍ଷା ଉପସ୍ଥିତରେ ତହସିଲଦାରଙ୍କ ପ୍ରତିନିଧିଙ୍କ ଦ୍ୱାରା କରାଯାଇଥିବା ମିଳିତ ସରଜମିନ୍ ନିରୀକ୍ଷଣରୁ ଜଣାପଡିଲା ଯେ 18ଟି ନମୁନା ଯାଞ୍ଚ ତହସିଲ ମଧ୍ୟରୁ ପାଞ୍ଚଟି ତହସିଲର 23ଟି ସ୍ଥାନରେ ପ୍ରାୟ 25.893 ଏକର ପରିମିତ କାର୍ଯ୍ୟକାରୀ ଅଞ୍ଚଳରୁ 3.12 କୋଟି ଟଙ୍କା ରୟାଲିଟି ଯୁକ୍ତ 2.65 ଲକ୍ଷ ଘନ ମିଟର ଲଘୁ ଖଣିଜ ଦ୍ରବ୍ୟ ଯଥା ମାଙ୍କଡା ପଥର, ମୁଗୁନି ପଥର ଓ ବାଲି ଉତ୍ତୋଳନ କରାଯାଇ ଅପସାରଣ କରାଯାଇଥିଲା, ଯାହା ***ପରିଶିଷ୍ଟ 3.3.1*** ରେ ବିଶଦ୍ ଭାବେ ଦର୍ଶାଯାଇଛି । କିନ୍ତୁ ଏହି ଉତ୍ସଗୁଡିକୁ ଚିହ୍ନଟ କରାଯାଇନଥିଲା କିମ୍ବା ରାଜସ୍ୱ ନିରୀକ୍ଷକ/ ତହସିଲଦାରମାନଙ୍କ ନଥିରେ ଲିପିବଦ୍ଧ କରାଯାଇନଥିଲା ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦର୍ଶାଇଥିଲେ (ଜୁନ 2015) ଯେ ପୂର୍ବ ନିର୍ଦ୍ଦେଶ ଗୁଡିକୁ ଦୋହରେଇବା ପାଇଁ ପଦକ୍ଷେପ ନିଆଯିବ ଓ ଜିଲ୍ଲାପାଳ ଏବଂ ସଂପୃକ୍ତ ତହସିଲଦାର ମାନଙ୍କୁ ରାଜସ୍ୱ ନିରୀକ୍ଷକମାନଙ୍କ ଠାରୁ ଆବଶ୍ୟକ ପ୍ରମାଣ ପତ୍ର ସଂଗ୍ରହ ସୁନିଶ୍ଚିତ କରିବାକୁ କୁହାଯିବ, ଯେପରିକି କୌଣସି ଉତ୍ସ ପ୍ରତିବେଦିତ ନ ହୋଇ ରହିବ ନାହିଁ ।

### *3.3.2.2 ଉତ୍ସଗୁଡିକର ବେନିୟମ ବିଲୁପ୍ତ ଘୋଷଣା*

ଟିଏଏମର ନିୟମ 50 ଏ ଅନୁସାରେ ଯେତେବେଳେ କୌଣସି ଉତ୍ସରୁ କ୍ରମାଗତ ତିନିବର୍ଷ ଧରି କୌଣସି ଆୟ ହେଉନଥିବ ଏବଂ ରାଜସ୍ୱ ନିରୀକ୍ଷକ ଭବିଷ୍ୟତରେ ଏଥିରୁ କିଛି ଆୟ ହେବାର ସମ୍ଭାବନା ଦେଖୁନଥିବେ, ସେତେବେଳେ ସେ ଏହି କାରଣଗୁଡିକୁ ଦର୍ଶାଇ ଉତ୍ସଟିକୁ ଲୁପ୍ତ ଘୋଷଣା କରିବା ପାଇଁ ତହସିଲଦାରଙ୍କୁ ରିପୋର୍ଟ ଦେବା ଉଚିତ୍ ।

ସମୀକ୍ଷା ଲକ୍ଷ୍ୟ କଲା ଯେ 2012-14 ମଧ୍ୟରେ ଟାଙ୍ଗି –ଚୌଦ୍ୱାର ତହସିଲ ଅଧିନରେ 17.300 ଏକର ପରିମିତ 26.31 ଲକ୍ଷ ଟଙ୍କା ଗତଥରର ବିକ୍ରି/ ଅପ୍‌ସେଟ୍ ମୂଲ୍ୟର 23ଟି ଲଘୁ ଖଣିଜ ଉତ୍ସକୁ ଲୁପ୍ତ/ ବନ୍ଦ ଘୋଷଣା କରାଯାଇଥିଲା । ଯାହାହେଉ, ଉତ୍ସଗୁଡିକର ଲୁପ୍ତ/ ବନ୍ଦ ଘୋଷଣାର କାରଣ ସପକ୍ଷରେ କୌଣସି ଦସ୍ତାବିଜ ପ୍ରସ୍ତୁତ ହୋଇନଥିଲା ।

[77] ବୋଲଗଡ଼, ଦର୍ପଣ, ଧର୍ମଶାଳା, ହିଞ୍ଜିଳିକାଟୁ, ଜଟଣୀ, କନିଶି, କପ୍ତିପଦା, ଖଇରା, ଖରିଆର, ନୀଳଗିରି, ନିଶ୍ଚିନ୍ତକୋଇଲି, ନୂଆପଡ଼ା, ପାରଳାଖେମୁଣ୍ଡି, ରାୟଗଡ଼ା, ଶାମାଖୁଣ୍ଟା, ସୁକିନ୍ଦା, ଟାଙ୍ଗୀ, ଟାଙ୍ଗୀ-ଚୌଦ୍ୱାର

ଏହିପରି ଏକ ଲୁପ୍ତ ଖାଦାନ (ମହିଷାଲଣ୍ଡା ମାଙ୍କଡା ପଥର ଖାଦାନ-ଖ)ର ମିଳିତ ସରଜମିନ୍ ତଦନ୍ତ (ଫେବୃଆରୀ 2015) ରୁ 20.20 ଲକ୍ଷ ଟଙ୍କା ରୟାଲିଟି ଜଡିତ 20,612.27[78] ଘନ ମିଟର ମାଙ୍କଡା ପଥର ଅନଧିକୃତ ଭାବେ ବାହାର କରାଯାଇ ଥିବାର ପ୍ରମାଣ ମିଳିଥିଲା ।



*ଲୁପ୍ତ ଘୋଷଣା ସତ୍ତ୍ୱେ ଟାଙ୍ଗୀ-ଚୌଦ୍ୱାର ତହସିଲର ମହିଷାଲଣ୍ଡା ମାଙ୍କଡ଼ା ପଥର ଖାଦାନ-ବି ରୁ ମାଙ୍କଡ଼ା ପଥରର ଅନଧିକୃତ ଉତ୍ତୋଳନ*

ତଥ୍ୟ ଗୁଡିକୁ କାଏମ ରଖି ଟାଙ୍ଗି-ଚୌଦ୍ୱାର ତହସିଲଦାର ଦର୍ଶାଇଥିଲେ (ଅପ୍ରେଲ 2015) ଯେ ଅନଧିକୃତ ଉତ୍ତୋଳନକୁ ରୋକିବା ପାଇଁ ଭବିଷ୍ୟତରେ ବାରମ୍ବାର ଚଢାଉର ଆୟୋଜନ କରାଯିବ ।

### 3.3.2.3 12 କୋଟି ଟଙ୍କା ଅପସେଟ୍ ମୂଲ୍ୟର ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକର ଅଣ ବନ୍ଦୋବସ୍ତ ଓ 76.82 ଲକ୍ଷ ଟଙ୍କା ମୂଲ୍ୟର ଖଣିଜ ଦ୍ରବ୍ୟର ଅନଧିକୃତ ଉତ୍ତୋଳନ

ଟିଏଏମ ର ନିୟମ 53 ଏବଂ ଓଏମ୍ଏମ୍ସି ନିୟମାବଳୀ 2004 ର ନିୟମ 35 ଅନୁଯାୟୀ ଖାଦାନ ଗୁଡିକ ସମେତ ପ୍ରତ୍ୟେକ ସୈରାତ[79] ଉତ୍ସ ସର୍ବସାଧାରଣ ନିଲାମ ମାଧ୍ୟମରେ ଫଏସଲା ହେବା ଉଚିତ୍ । ଅଂଶଗ୍ରହଣ ନଥିବା ନିଲାମଗୁଡିକ କ୍ଷେତ୍ରରେ, ଓଏମଏମସି ନିୟମାବଳୀ 2004ର ନିୟମ 46 ଅନୁଯାୟୀ ତହସିଲଦାର ଏହି ବିଷୟଟିକୁ ପ୍ରଚଳିତ ସ୍ଥାନୀୟ ଅବସ୍ଥା ଆଧାରରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ କମ୍ ଅପସେଟ୍ ମୁଲ୍ୟରେ ପୁନଃ ନିଲାମ ପାଇଁ ପଠାଇବା କଥା ।



*ଶାମାଖୁଣ୍ଟା ତହସିଲର ବ୍ୟବସ୍ଥିତ ହୋଇନଥିବା ରଙ୍ଗିଭୋଲ ପଥର ଖାଦାନର ଅନଧିକୃତ ପରିଚାଳନ*

ସମୀକ୍ଷା ଲକ୍ଷ୍ୟ କଲା ଯେ 2011-14 ମଧ୍ୟରେ, ଯେତେବେଳେ 1,322 ମାମଲାରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକ ନିଲାମ ମାଧ୍ୟମରେ ପ୍ରଦାନ ହୋଇଥିଲା, ନିଲାମ ଡକାଳିମାନଙ୍କ ଅଂଶଗ୍ରହଣ ନଥିବା ହେତୁ 15ଟି ତହସିଲରେ 12 କୋଟି ଟଙ୍କା ଅପ୍ସେଟ୍ ମୂଲ୍ୟର 424ଟି ମାମଲାର ଫଏସଲା ହୋଇପାରି ନଥିଲା । ଯାହାହେଉ, ସଂପୃକ୍ତ ତହସିଲଦାର ମାନେ ଏହି ତଥ୍ୟକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ନଥିଲେ କିମ୍ବା କମ୍ ଅପସେଟ୍ ମୂଲ୍ୟରେ ପୁନଃ ନିଲାମ ପ୍ରସ୍ତାବ ଦେବାକୁ କୌଣସି ପଦକ୍ଷେପ ନେଇ ନଥିଲେ ।

ଏହିଭଳି ଫଏସଲା ହୋଇପାରିନଥିବା 42ଟି ଉତ୍ସର ମିଳିତ ସରଜମିନ୍ ତଦନ୍ତରୁ ଜଣାପଡିଲା ଯେ ଉତ୍ସ ଗୁଡିକରୁ 76.82 ଲକ୍ଷ ଟଙ୍କା ମୂଲ୍ୟର ଲଘୁ ଖଣିଜ ଦ୍ରବ୍ୟ ଅନଧିକୃତ ଭାବେ ବାହାର କରାଯାଇଥିଲା ***(ପରିଶିଷ୍ଟ 3.3.2)*** ଏବଂ ସୁକିନ୍ଦା, ଟାଙ୍ଗି-ଚୌଦ୍ୱାର ଓ ଧର୍ମଶାଳା ତହସିଲରେ ସର୍ବାଧିକ ଅନଧିକୃତ ଉତ୍ତୋଳନ ହୋଇଥିଲା ।

ତହସିଲଦାରମାନେ ରୟାଲିଟି ସଂଗ୍ରହ କରିବା ପାଇଁ ଓ ତାହାକୁ ସରକାରୀ ଖାତାରେ ଜମା କରିବା ପାଇଁ ଆଶ୍ୱାସନା

78 6758.12 ବର୍ଗ ମିଟର 3.05 ମିଟର ଗଭୀରତା ସହିତ

79 ସମସ୍ତ ମାଛଧରା ସ୍ଥାନ, ଖଣି, ହାଟ ଓ ମେଳା, ନୌକା ଘାଟ, ବଗିଚା ଓ ସରକାରୀ ରାସ୍ତାରେ ଥିବା ବୃକ୍ଷ

ଦେଇଥିଲେ (ଜାନୁଆରୀ 2015)।

### *3.3.2.4 ନିଲାମ ପୂର୍ବରୁ ଲଘୁ ଖଣିଜ ଦ୍ରବ୍ୟର ମାତ୍ରା ନିର୍ଦ୍ଧାରଣ ନକରିବା*

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମସ୍ତ ରାଜସ୍ୱ ଅଧିକାରୀ ଅର୍ଥାତ୍ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଓ ତହସିଲଦାର ମାନଙ୍କୁ ଖାଦାନ ଚାଲୁ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଏବଂ ରାଜିନାମାରେ ଉତ୍ତୋଳନ ଓ ଅପସାରଣ ପାଇଁ ଅନୁମୋଦିତ ଲଘୁ ଖଣିଜ ଦ୍ରବ୍ୟ ପରିମାଣ ସହିତ ଅନୁମୋଦିତ ଦୈର୍ଘ୍ୟ,ପ୍ରସ୍ଥ ଓ ଗଭୀରତା ଆକାରରେ ଖାଦାନର ଆୟତନ ସୂଚାଇବାକୁ ନିର୍ଦ୍ଦେଶ ଦେଇଥିଲେ (ମାର୍ଚ୍ଚ 2012)।

ସମୀକ୍ଷା ଲକ୍ଷ୍ୟ କଲା ଯେ 18ଟି ନମୁନା ଯାଞ୍ଚ ତହସିଲରେ ପରୀକ୍ଷିତ 594ଟି ରାଜିନାମା ମଧ୍ୟରୁ ନୀଳଗିରି ତହସିଲରେ କେବଳ 13ଟି ରାଜିନାମାରେ ଖାଦାନର ଆୟତନ, ଅନୁମୋଦିତ ଦୈର୍ଘ୍ୟ, ପ୍ରସ୍ଥ ଓ ଗଭୀରତା ବିଷୟ ଉଲ୍ଲେଖ କରାଯାଇଥିଲା । ଅନ୍ୟ ସମସ୍ତ କ୍ଷେତ୍ରରେ ଖାଦାନର ଗଭୀରତା ବିନା କେବଳ କ୍ଷେତ୍ରଫଳ ଉଲ୍ଲିଖିତ ହୋଇଥିଲା, ଫଳରେ ବାହାର କରାଯିବାକୁ ଥିବା ଖଣିଜ ଦ୍ରବ୍ୟର ପରିମାଣ ନିର୍ଦ୍ଧାରଣ କରାଯାଇ ପାରି ନ ଥିଲା

### *3.3.2.5 ଉତ୍ସକ୍ଷେତ୍ରର ସ୍ପଷ୍ଟ ସୀମାଙ୍କନ ନହେବା*

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଜାନୁଆରୀ 2011) ଯେ ସମସ୍ତ ସୈରାତ ଉତ୍ସଗୁଡିକ ସ୍ପଷ୍ଟ ରୂପେ ସୀମାଙ୍କିତ ହେବ ଓ ଅଧିକୃତ ପରିମାଣ, କ୍ଷେତଫଳ ଏବଂ ଉତ୍ସ ନିଲାମର କାର୍ଯ୍ୟକାଳର ସମ୍ପୂର୍ଣ୍ଣ ସୂଚନା ଥିବା ନାମଫଳକ, ନିଲାମ ସ୍ଥାନରେ ନିଲାମ ଡକାଳୀଙ୍କ ଦ୍ୱାରା ପ୍ରଦର୍ଶିତ ହେବ।

13ଟି ନମୁନା ଯାଞ୍ଚ ତହସିଲର 35ଟି ନିଲାମ ଡକାଯାଇଥିବା ଉତ୍ସଗୁଡିକର ମିଳିତ ସରଜମିନ୍ ତଦନ୍ତରୁ ଦେଖାଗଲା ଯେ 34ଟି ମାମଲାରେ ପ୍ରତ୍ୟେକ ଉତ୍ସର କ୍ଷେତ୍ରଫଳ ସ୍ପଷ୍ଟ ଭାବେ ସୀମାଙ୍କିତ ହୋଇନଥିଲା ଏବଂ କୌଣସି କ୍ଷେତ୍ରରେ ଆବଶ୍ୟକୀୟ ସୂଚନା ଥିବା ନାମଫଳକ ପ୍ରଦର୍ଶିତ ହୋଇନଥିଲା।

ଦୁଇଟି ତହସିଲର[80] ପାଞ୍ଚଟି ମାମଲାରେ ଖାଦାନ କ୍ଷେତ୍ରର ସୀମାଙ୍କନ ନହେବା ଏବଂ ନାମ ଫଳକ ଗୁଡିକ ସଂସ୍ଥାପନ ନହେବା ଯୋଗୁଁ ନିଲାମଧାରୀମାନଙ୍କୁ ସନ୍ନିକଟ କ୍ଷେତ୍ରରୁ ଅନଧିକୃତ ଉତ୍ତୋଳନ ପାଇଁ ସାହାଯ୍ୟ କରିଥିଲା। ମିଳିତ ସରଜମିନ୍ ନିରୀକ୍ଷଣ ସମୟରେ ଅଧିକୃତ ଖାଦାନ କ୍ଷେତ୍ର (40.34 ଏକର) ଛଡା ଅଧିକ 9.16 ଏକର କ୍ଷେତ୍ରରେ ଉତ୍ତୋଳନ ହେବା ଦେଖାଯାଇଥିଲା, ଯେଉଁଥିରେ 16.15 ଲକ୍ଷ ଟଙ୍କା ***(ପରିଶିଷ୍ଟ 3.3.3***) ମୂଲ୍ୟର ପ୍ରାୟ 53,193.55 ଘନ ମିଟର ମାଙ୍କଡା ପଥର, ବାଲି ଓ ଡିମା ପଥର ଅନଧିକୃତ ଭାବେ ଉତ୍ତୋଳନ କରାଯାଇ ଅପସାରଣ କରାଯାଇଥିବା ଜଣା ପଡିଥିଲା।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦର୍ଶାଇଥିଲେ (ଜୁନ 2015) ଯେ ଖାଦାନ କ୍ଷେତ୍ରର ସ୍ପଷ୍ଟ ସୀମାଙ୍କନ ଓ ଉତ୍ସ ଗୁଡିକରେ ନାମ ଫଳକ ପ୍ରଦର୍ଶନ ପାଇଁ ସମସ୍ତ ତହସିଲଦାର ମାନଙ୍କୁ ଆଉଥରେ ନିର୍ଦ୍ଦେଶ ଦିଆଯିବ।

## 3.3.3 ଉତ୍ସର ପ୍ରଦାନ ଓ ପରିଚାଳନା

### *3.3.3.1 ଖିଲାପକାରୀଙ୍କୁ ଅନିୟମିତ ଠିକା ପ୍ରଦାନ*

ଓଏମ୍ଏମ୍ସି ନିୟମାବଳୀର ନିୟମ 40 (ଗ) ଅନୁସାରେ, ଅଧିନିୟମ ଓ ତାହା ଅଧିନରେ ଥିବା ନିୟମାବଳୀ ଅନୁଯାୟୀ କୌଣସି ସରକାରୀ ପାଉଣା ଖିଲାପକାରୀଙ୍କୁ ନିଲାମରେ ଅଂଶ ଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ।

ସୈରାତ୍ ମାମଲାର ନଥିପତ୍ର ସମୀକ୍ଷାରୁ ଜଣାଗଲା ଯେ 18ଟି ନମୁନା ଯାଞ୍ଚ ତହସିଲରୁ ଦୁଇଟି[81] ନିଲାମ ପ୍ରକ୍ରିୟାରେ ଯେଉଁ ଖିଲାପକାରୀମାନଙ୍କ ଉପରେ ବକେୟା ନିଲାମ ରାଶି ନିଲାମ ତାରିଖ ସୁଦ୍ଧା ପଡିରହିଥିଲା,

[80] ବୋଲଗଡ଼ ଓ ନିଶ୍ଚିନ୍ତକୋଇଲି

[81] ଧର୍ମଶାଳା (ମାମଲା ସଂଖ୍ୟା 17/10-11) ଏବଂ ଖଇରା (ମାମଲା ସଂଖ୍ୟା 19/11-12)

ସେମାନଙ୍କୁ ଭାଗ ନେବାକୁ ଅନୁମତି ଦିଆଯାଇଥିଲା ଏବଂ ଉତ୍ସ ଗୁଡିକୁ ସେମାନଙ୍କୁ ପ୍ରଦାନ କରାଯାଇଥିଲା, ଯାହା ଅନିୟମିତ ଥିଲା ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦର୍ଶାଇଥିଲେ (ଜୁନ 2015) ଯେ ଏହି ବିଷୟରେ ତହସିଲଦାରମାନଙ୍କୁ ପ୍ରତିକାରାତ୍ମକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

### *3.3.3.2 ନିଲାମଧାରୀଙ୍କ ସହ ରାଜିନାମା ନକରିବା*

ଓଏମ୍ଏମ୍ସି ନିୟମାବଳୀ 2004 ର ନିୟମ 53 ଏବଂ ପଞ୍ଜୀକରଣ ଅଧିନିୟମ 1908 ଓ ଷ୍ଟାମ୍ପ୍ ଅଧିନିୟମ 1899 ର ବ୍ୟବସ୍ଥା ଅନୁଯାୟୀ ନିଲାମ ବିକ୍ରିର ନିବନ୍ଧନ ଓ ସର୍ତ୍ତାବଳୀ ଥିବା ଏକ ରାଜିନାମା, ସଂପୂର୍ଣ୍ଣ ନିଲାମ ଅର୍ଥ ପ୍ରଦାନ ତାରିଖର ସାତ ଦିନ ମଧ୍ୟରେ, ସଫଳ ନିଲାମ ଡକାଳି ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ମଧ୍ୟରେ ସମ୍ପାଦିତ ହେବା କଥା ।

ସମୀକ୍ଷା ପରିଲକ୍ଷିତ କଲା ଯେ 18ଟି ନମୁନା ଯାଞ୍ଚ ତହସିଲରୁ 15ଟିରେ 2011-14 ମଧ୍ୟରେ 1,322[82]ଟି ମାମଲାରେ ଲଘୁଖଣିଜ ଦ୍ରବ୍ୟ ଉତ୍ସ ଗୁଡ଼ିକ ନିଲାମ ମାଧ୍ୟମରେ ପ୍ରଦାନ ହୋଇଥିଲା । 286ଟି ମାମଲାରେ (ମୋଟ ମୂଲ୍ୟ 4.15 କୋଟି ଟଙ୍କାରେ ପ୍ରଦାନ ହୋଇଥିବା) ସଂପୂର୍ଣ୍ଣ ନିଲାମ ରାଶି ଆଦାୟ ହୋଇଥିବା ସତ୍ତ୍ୱେ ତହସିଲଦାରମାନେ ସଫଳ ନିଲାମ ଡକାଳିଙ୍କ ସହ କୌଣସି ରାଜିନାମା କରିନଥିଲେ । ଫଳରେ, ସରକାର ଷ୍ଟାମ୍ପ ଶୁଳ୍କ ବାବଦରେ 20.76 ଲକ୍ଷ ଟଙ୍କା ***(ପରିଶିଷ୍ଟ 3.3.4)*** ରାଜସ୍ୱ ହରାଇଥିଲେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ସ୍ୱଳ୍ପ ମୂଲ୍ୟର ସୈରାତ ଉତ୍ସଗୁଡ଼ିକ କ୍ଷେତ୍ରରେ ନିଲାମଧାରୀମାନେ ପଞ୍ଜୀକରଣ ଏଡ଼ାଇ ଯାଇ ପାରିଥାନ୍ତି । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ନିୟମ ଅନୁସାରେ କୌଣସି ରିହାତି ପାଇଁ ଅନୁମତି ନଥିଲା ।

### *3.3.3.3 ପରିବେଶ ମଞ୍ଜୁରୀ ବିନା ଉତ୍ସଗୁଡ଼ିକର ସଞ୍ଚାଳନ*

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଦେଇଥିଲେ (ଡିସେମ୍ବର 2012) ଯେ ପଟ୍ଟାଧାରୀ, ରାଜ୍ୟ ପରିବେଶ ପ୍ରଭାବ ନିର୍ଦ୍ଧାରଣ ସଂସ୍ଥା (ଏସ୍ଇଆଇଏଏ) ଠାରୁ ପରିବେଶ ମଞ୍ଜୁରୀ (ଇସି) ପାଇଲା ପରେ ଉତ୍ସଗୁଡ଼ିକୁ ଉପଯୋଗ କରିପାରିବେ ।

ସମୀକ୍ଷା ପରିଲକ୍ଷିତ କଲା ଯେ ଛଅଟି ନମୁନା ଯାଞ୍ଚ୍ ତହସିଲରେ 2013-14 ରେ 46.83 ଲକ୍ଷ ଟଙ୍କାରେ ନିଲାମ କରାଯାଇଥିବା 56ଟି ଉତ୍ସ ଏସ୍ଇଆଇଏଏ ରୁ ପରିବେଶ ମଞ୍ଜୁରୀ ନଆଣି ନିଲାମ ଡକାଳୀମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା ଯାହା ନିମ୍ନରେ ବିଶଦ ଭାବେ ବର୍ଣ୍ଣିତ । ଏଥିମଧ୍ୟରୁ ଆଠଟି ମାମଲାରେ ନିଲାମ ଡକାଳିମାନେ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରିନଥିଲେ ଏବଂ 48ଟି ମାମଲାରେ ପରିବେଶ ମଞ୍ଜୁରୀ ଦିଆଯାଇନଥିଲା ।

***ସାରଣୀ 3.3.1: ପରିବେଶ ମଞ୍ଜୁରୀ ବିନା ପରିଚାଳିତ ଉତ୍ସ***

| କ୍ର.ସଂ. | ତହସିଲର ନାମ | ପରିବେଶ ମଞ୍ଜୁରୀ ବିନା ପରିଚାଳନା ମାମଲା ସଂଖ୍ୟା | ନିଲାମ ମୂଲ୍ୟ (ଲକ୍ଷ ଟଙ୍କାରେ) |
|---|---|---|---|
| 1 | ବୋଲଗଡ଼ | 19 | 4.93 |
| 2 | ନୂଆପଡ଼ା | 8 | 1.87 |
| 3 | ଶାମାଖୁଣ୍ଟା | 8 | 22.11 |
| 4 | ସୁକିନ୍ଦା | 3 | 3.31 |
| 5 | ଟାଙ୍ଗି | 13 | 10.44 |
| 6 | ଟାଙ୍ଗି-ଚୌଦ୍ୱାର | 5 | 4.17 |
| ମୋଟ | | **56** | **46.83** |

***(ଉତ୍ସ: ତହସିଲଦାରମାନଙ୍କ ନଥିପତ୍ର)***

[82] 2011-12: 540, 2012-13: 438 ଏବଂ 2013-14: 344

ମିଳିତ ସରଜମିନ ନିରୀକ୍ଷଣରେ ତିନିଟି ଉତ୍ସ[83] ଚାଲୁରହିଥିବା କଥା ଜଣା ପଡ଼ିଲା ଯେଉଁଥିରେ ପରିବେଶ ପ୍ରସଙ୍ଗ ଗୁଡ଼ିକର ଅନୁପାଳନ ହୋଇନଥିଲା ।



ପରିବେଶ ମଞ୍ଜୁରୀ ବିନା ସୁକିନ୍ଦା ତହସିଲର ଖରାଡିହ ବୋଲତର କ୍ୱାରୀରୁ ବେନିୟମ ଉତ୍ତୋଳିତ ଲଘୁଖଣିଜ ଦ୍ରବ୍ୟର ଫଟୋ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଏସଇଆଇଏଏ ରୁ ପରିବେଶ ମଞ୍ଜୁରୀ ପ୍ରାପ୍ତି ନ ହେବା କ୍ଷେତ୍ରରେ ନିଲାମ ରାଶି ଫେରାଇ ଦେବା ପାଇଁ ପଦକ୍ଷେପ ନିଆଯାଇଥିଲା ।

### 3.3.4 ରୟାଲିଟି/ଜରିମାନା/ ଅନ୍ୟାନ୍ୟ ପ୍ରାପ୍ୟ ଆଦାୟ ନହେବା

#### *3.3.4.1 ଅନଧିକୃତ ଖଣିଜ ଉତ୍ତୋଳନ ପାଇଁ ରୟାଲିଟି/ ଜରିମାନା ଆଦାୟ ନହେବା*

ଓଏମ୍ଏମ୍ସି ନିୟମାବଳୀ 2004 ର ନିୟମ 68 ଅନୁଯାୟୀ ବିଧିମାନ୍ୟ ଅନୁମତିପତ୍ର ବିନା ବେନିୟମ/ ଅନଧିକୃତ ଭାବରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯିବା ଏକ ଅପରାଧ । ଏଥିରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କଠାରୁ ଦ୍ରବ୍ୟ ସମୂହର ମୂଲ୍ୟ କିମ୍ବା ରୟାଲିଟି ସହିତ ଜରିମାନା ଆଦାୟ କରିବା ପାଇଁ ଉପଯୁକ୍ତ ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ନିୟମ 56 (xii) ଅନୁସାରେ, ନିଲାମଧାରୀ ଉତ୍ତୋଳନ ଓ ଅପସାରଣ କରିଥିବା ସମସ୍ତ ଖଣିଜର ପରିମାଣ ଦର୍ଶାଇ ମାସିକ ବିବରଣ, ଫର୍ମ-ୱାଇରେ ପରବର୍ତ୍ତୀ ମାସର 15 ତାରିଖ ସୁଦ୍ଧା ଦାଖଲ କରିବା ବିଧେୟ ।

ସମୀକ୍ଷା ଲକ୍ଷ୍ୟ କଲା ଯେ:

- ପାଞ୍ଚଟି ତହସିଲ ଅନ୍ତର୍ଗତ ନିଲାମଧାରୀମାନେ ଉପସ୍ଥାପନ କରିଥିବା ଫର୍ମ-ୱାଇ ଅନୁସାରେ, 2011-14 ମଧ୍ୟରେ ଅନୁମୋଦିତ ପରିମାଣରୁ 1,61,602 ଘନମିଟର କଳାପଥର ଅଧିକ ଉତ୍ତୋଳନ କରାଯାଇଥିଲା । ଯାହାହେଉ, ସଂପୃକ୍ତ ତହସିଲଦାରମାନେ, 1.06[84] କୋଟି ଟଙ୍କାର ଅତିରିକ୍ତ ରୟାଲିଟି ଲାଗୁ କରିନଥିଲେ, ଯାହାର କାରଣ ନଥିରେ ଉଲ୍ଲେଖ ନଥିଲା ।

- 18 ରୁ ଚାରିଟି ତହସିଲରେ ମିଳିତ ସରଜମିନ୍ ତଦନ୍ତରୁ ଜଣାଗଲା ଯେ, 2011-14 ମଧ୍ୟରେ ଉଭୟ ସରକାରୀ ଓ ବେସରକାରୀ ଜମିରେ ଥିବା 15ଟି ଉତ୍ସରୁ ଯଦିଓ 6.87 ଲକ୍ଷ ଘନମିଟର ଲଘୁ ଖଣିଜ ଦ୍ରବ୍ୟ ଅନଧିକୃତ ଭାବରେ ଉତ୍ତୋଳନ ଓ ଅପସାରଣ କରାଯାଇଥିଲା, ରୟାଲିଟି ବାବଦରେ 8.86 କୋଟି ଟଙ୍କା (***ପରିଶିଷ୍ଟ 3.3.5***) ଲାଗୁ କିମ୍ବା ଆଦାୟ କରାଯାଇନଥିଲା ।

  ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଉଠାଣ ଉପରେ ରୟାଲିଟି ପଇଠ ପାଇଁ ନିଲାମଧାରୀମାନଙ୍କୁ ନୋଟିସ୍ ଜାରି କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

- ***ଭାରତର ରାଜମାର୍ଗ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପ୍ରକଳ୍ପରେ ନିୟୋଜିତ ଠିକାଦାରମାନଙ୍କ ଦ୍ୱାରା ରୟାଲିଟି ପ୍ରଦାନ ନହେବା*** : ଭାରତର ଜାତୀୟ ରାଜମାର୍ଗ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ଙ୍କ ଦ୍ୱାରା ଏକ କାମରେ ନିୟୋଜିତ ଅନୁଗ୍ରହୀତାଙ୍କଠାରୁ ସଂଗୃହୀତ ଏବଂ ସମୀକ୍ଷାକୁ ପ୍ରଦତ୍ତ ତଥ୍ୟରୁ ଜଣାଗଲା ଯେ ଡିସେମ୍ବର 2014 ସୁଦ୍ଧା ଠିକାଦାରମାନେ ମାଟି, ବାଲି, ମୋରମ ଏବଂ ପଥର ବ୍ୟବହାର

---

83 ଅରଡ଼ାପାଳ ମାଙ୍କଡ଼ା ପଥର ଖଣି (0.80 ଏକର), ଗରାମିଆଁ ମାଙ୍କଡ଼ା ପଥର ଖଣି (5.64 ଏକର) ଓ ଖରାଡିହା ଡିମା ପଥର ଖଣି (4 ଏକର)

84 ଅନୁଗୁଳ: 9,03,450 ଟଙ୍କା; ବଅଁରପାଳ: 49,99,216 ଟଙ୍କା; କନିଶି: 30,52,708 ଟଙ୍କା; ଶାମାଖୁଣ୍ଟା: 1,44,366 ଟଙ୍କା ଏବଂ ଧର୍ମଶାଳା: 14,74,422 ଟଙ୍କା

ବାବଦକୁ 3.51 କୋଟି ଟଙ୍କାର ରୟାଲଟି ରାଜ୍ୟ ସରକାରଙ୍କୁ ପ୍ରଦାନ କରିନଥିଲେ ଯାହା ସାରଣୀ 3.3.2 ରେ ଦର୍ଶାଗଲା:

***ସାରଣୀ: 3.3.2 ଠିକାଦାର ମାନଙ୍କ ଦ୍ୱାରା ଦେୟ ଯୋଗ୍ୟ ଓ ପ୍ରଦତ୍ତ ରୟାଲିଟି***

| କନସେସିୟୋନର | ପ୍ରଦତ୍ତ ହେବାକୁ ଥିବା ରୟାଲିଟି (ଟଙ୍କାରେ) | ପ୍ରଦତ୍ତ ରୟାଲିଟି (ଟଙ୍କାରେ) | ରୟାଲିଟି ଦେୟ (ଟଙ୍କାରେ) |
|---|---|---|---|
| ସିମ୍ପ୍ଲେକ୍ସ ଇନଫ୍ରାଷ୍ଟ୍ରକଚର ଲିମିଟେଡ୍ | 145294993 | 120080634 | 25214359 |
| ଆରକେଡି କନଷ୍ଟ୍ରକସନ | 25553739 | 15624536 | 9929203 |
| ମୋଟ | **170848732** | **135705170** | **35143562** |

*(ଉତ୍ସ: ଏନ୍ଏଚ୍ଏଆଇ ଦ୍ୱାରା ପ୍ରଦତ୍ତ ସୂଚନା)*

ରୟାଲିଟି ଆଦାୟ ଯୋଗ୍ୟ ଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ସମ୍ପର୍କରେ ଠିକାଦାରମାନେ ଏନ୍ଏଚ୍ଏ ଆଇ କୁ ସୂଚିତ କରାଇ ନଥିଲେ । ଅଧିକନ୍ତୁ, ଯେଉଁ ତହସିଲଦାରମାନଙ୍କ ଇଲାକାରେ ଏପରି କାର୍ଯ୍ୟ ସମ୍ପାଦିତ ହେଉଥିଲା ଅର୍ଥାତ୍, କଟକ ଓ ଭୁବନେଶ୍ୱର, ସେମାନେ ଏପରି ଲଘୁ ଖଣିଜ ଦ୍ରବ୍ୟର ବ୍ୟବହାର ସଂପର୍କରେ ଅବଗତ ନଥିଲେ । ଫଳତଃ ସେମାନେ ରୟାଲିଟି ପ୍ରଦାନ ସଂପର୍କରେ କୌଣସି ଦାବି ଉତ୍ଥାପନ କରିନଥିଲେ । ତହସିଲଦାର କଟକ ସୂଚିତ କରିଥିଲେ ଯେ, ସମୀକ୍ଷା ଦର୍ଶାଇଥିବାରୁ ସିମ୍ପ୍ଲେକ୍ସ ଇନଫ୍ରାଷ୍ଟ୍ରକଚର ଲିମିଟେଡ୍ 20 ଲକ୍ଷ ଟଙ୍କାର ରୟାଲିଟି ପୈଠ କରିଥିଲେ ।

ବଡ଼ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଲଘୁ ଖଣିଜ ଦ୍ରବ୍ୟ ବ୍ୟବହାର ଉପରେ ପର୍ଯ୍ୟାଲୋଚନା କରିବା ନିମନ୍ତେ, ଏକ ସଂକ୍ରିୟାର ଆବଶ୍ୟକତାକୁ ସରକାର ସ୍ୱୀକାର କରିଥିଲେ ।

### 3.3.4.2 ଅନ୍ୟାନ୍ୟ ଦେୟ ଅସୁଲ ନହେବା

ଓଏମ୍ଏମ୍ସି ନିୟମାବଳୀ 2004 ଅନ୍ତର୍ଗତ ନିୟମ 47, 48 ଏବଂ 49 ଅନୁସାରେ ନିଲାମ ପ୍ରକ୍ରିୟା ସଂପୂର୍ଣ୍ଣ ହେଲା ପରେ, କୃତକାର୍ଯ୍ୟ ହୋଇଥିବା ନିଲାମଧାରୀ ତତ୍କ୍ଷଣାତ୍ ନିଲାମ ଡାକର 25 ପ୍ରତିଶତ ଅର୍ଥ ଏବଂ ନିଲାମ କାଏମ ରହିବାର 30 ଦିନ ମଧ୍ୟରେ ଅବଶିଷ୍ଟ ଅର୍ଥ ପଇଠ କରିବେ, ଅନ୍ୟଥା କ୍ଷମତାପନ୍ନ ଅଧିକାରୀ ନିଲାମକୁ ରଦ୍ଦ କରିପାରିବେ ଏବଂ ଇଏମଡି ରାଶି ସମେତ ପଇଠ କରାଯାଇଥିବା ଅର୍ଥକୁ ଜବତ କରିପାରିବେ । ନିୟମ 65 ଅନୁଯାୟୀ ଯଦି ନିଲାମଧାରୀ ସ୍ଥିରୀକୃତ ଅବଧି ମଧ୍ୟରେ ଅର୍ଥ ପଇଠ ନକରନ୍ତି, ସେହି ଦେୟ ଯୋଗ୍ୟ ରାଶି ଉପରେ ବାର୍ଷିକ 24 ପ୍ରତିଶତ ସୁଧ ଧାର୍ଯ୍ୟ କରାଯିବ । ଓଏମଏମ୍ସି ନିୟମ 2004 ର ନିୟମ 77 ଅନୁଯାୟୀ ଓଏମ୍ଏମ୍ସି ନିୟମ ଅଧିନ ସମସ୍ତ ବକେୟା ରାଶିକୁ ଓଡ଼ିଶା ସରକାରୀ ଦାବୀ ଆଦାୟ ଅଧିନିୟମ (ଓପିଡିଆର୍ ଅଧିନିୟମ) 1962 ଆଧାରରେ ଭୂ-ରାଜସ୍ୱ ବକେୟା ରାଶି ଆକାରରେ ଆଦାୟ କରାଯିବ ।

ସମୀକ୍ଷା ଲକ୍ଷ୍ୟ କଲା ଯେ:

- ***କିସ୍ତି ଆକାରରେ ନିଲାମ ମୂଲ୍ୟ ପ୍ରଦାନ :*** 13ଟି ତହସିଲର 132 ମାମଲାରେ ଯଦିଓ ନିଲାମଧାରୀମାନେ ନିଲାମ ମୂଲ୍ୟର 25 ପ୍ରତିଶତ ଅର୍ଥ ନିଲାମ କାଏମ ହେବା ମାତ୍ରେ ପଇଠ କରିଥିଲେ, ବଳକା ଥିବା 4.25 କୋଟି ଟଙ୍କାକୁ ନିର୍ଦ୍ଧାରିତ ତାରିଖ ଅତିକ୍ରାନ୍ତ ହେବାର 2 ରୁ 387 ଦିନ ମଧ୍ୟରେ ଏକ ରୁ ଛଅ କିସ୍ତିରେ ପଇଠ କରିଥିଲେ । ତହସିଲଦାରମାନେ ବଇନାଧନ ଏବଂ ରାଶିକୁ ଜବତ କରିବା ପରିବର୍ତ୍ତେ, ଅନିୟମିତ ଭାବରେ ଏପରି କିସ୍ତି ପଇଠକୁ ଅନୁମତି ଦେଇଥିଲେ । ଏତଦ୍ ବ୍ୟତୀତ ବିଳମ୍ବରେ ପଇଠ ଏହି ଅର୍ଥ ରାଶି ଉପରେ 22.96 ଲକ୍ଷ ଟଙ୍କାର ସୁଧ ରାଶି ଲାଗୁ କରାଯାଇନଥିଲା ଏବଂ ଏହାର କାରଣ ଲିପିବଦ୍ଧ ହୋଇନଥିଲା ।

- ***ନିଲାମ ମୂଲ୍ୟର ସମୟୋଚିତ ଜମା ନହେବା :*** 18ଟି ନମୁନା ଯାଞ୍ଚ ତହସିଲରୁ ସାତଟି ତହସିଲର 25ଟି ମାମଲାରେ ଯଦିଓ କୃତକାର୍ଯ୍ୟ ହୋଇଥିବା ନିଲାମଧାରୀମାନେ 9 ଲକ୍ଷ ଟଙ୍କାର ଅବଶିଷ୍ଟ ନିଲାମ ମୂଲ୍ୟ ନିଲାମ କାଏମ ରହିବାର 30 ଦିନ ମଧ୍ୟରେ ପଇଠ କରିବାରେ ଅସଫଳ ହୋଇଥିଲେ,

ତହସିଲଦାରମାନେ ବଳକା ପ୍ରାପ୍ୟ ଆଦାୟ କରିବା ପାଇଁ କୌଣସି ପଦକ୍ଷେପ ନେଇନଥିଲେ କିମ୍ବା ଡିସେମ୍ବର 2014 ସୁଦ୍ଧା 650 ରୁ 1,340 ଦିନ ପର୍ଯ୍ୟନ୍ତ ବିଳମ୍ବିତ ଜମା ପାଇଁ, ପ୍ରାରମ୍ଭିକ ଜମା ରାଶିକୁ ଜବତ କରିନଥିଲେ । ଯାହାହେଉ, ଏହି ମାମଲାଗୁଡ଼ିକରେ ନିଲାମଧାରୀମାନେ ଆବଶ୍ୟକୀୟ ଦେୟ ସମୟୋଚିତ ପଇଠ ନକରି ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବା ପାଇଁ ଅନୁମତି ପ୍ରାପ୍ତ ହୋଇଥିଲେ ।

- ***ବକେୟା ପ୍ରାପ୍ୟ ଆଦାୟ ନହେବା:*** 18ଟି ନମୁନା ଯାଞ୍ଚ୍ ତହସିଲରୁ ଆଠଟି ତହସିଲର 188[85]ଟି ମାମଲାରେ ଆଂଶିକ ନିଲାମ ମୂଲ୍ୟ/ ନିଲାମ ଆୟ ସର୍ବମୋଟ 2.12 କୋଟି ଟଙ୍କା ଯାହା 1974-75 ରୁ 2013-14 ମଧ୍ୟରେ ପଇଠ ପାଇଁ ଉଦ୍ଦିଷ୍ଟ ଥିଲା। ନିଲାମ ମୂଲ୍ୟ ସଂପୂର୍ଣ୍ଣ ଆଦାୟ ନହେବା ପୂର୍ବରୁ ଖଣିଜ ଉତ୍ତୋଳନ ପାଇଁ ଅନୁମତି ଦେବା କାରଣରୁ, ତାହା ଅନାଦାୟ ରହିଥିଲା । ଯାହାହେଉ, 1974-75 ରୁ 2013-14 ମଧ୍ୟରେ 0.20 କୋଟି ଟଙ୍କା ଆଦାୟ ପାଇଁ ଓଡ଼ିଶା ସରକାରୀ ଦାବୀ ଆଦାୟ ଅଧିନିୟମ, 1962 ଅନୁସାରେ ସାର୍ଟିଫିକେଟ୍ ମାମଲା କେବଳ 30ଟି (16 ପ୍ରତିଶତ) ମାମଲାରେ ରୁଜୁ କରାଯାଇଥିଲା ।

ଏହିପରି ସରକାରୀ ଦେୟ ଆଦାୟ କରିବାରେ ତହସିଲଦାରମାନଙ୍କ ନିଷ୍କ୍ରିୟତା ଯୋଗୁଁ 2.12 କୋଟି ଟଙ୍କା ଅନାଦାୟ ରହିଥିଲା ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଆଶ୍ୱାସନା ଦେଇଥିଲେ (ଜୁନ୍ 2015) ଯେ ତହସିଲଦାରମାନେ ଓପିଡିଆର ଅଧିନିୟମ, 1962 ଅନୁସାରେ ସରକାରୀ ଦେୟ ଭୂ-ରାଜସ୍ୱ ଆକାରରେ ଆଦାୟ କରିବା ପାଇଁ ସାର୍ଟିଫିକେଟ ମାମଲା ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବେ ।

### 3.3.5 ନିରୀକ୍ଷଣ, ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

#### *3.3.5.1 ଅପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା*

ଓଏମ୍ଏମ୍ସି ନିୟମାବଳୀ 2004 ଅନ୍ତର୍ଗତ ନିୟମ 72 ରେ କ୍ଷମତାପନ୍ନ ପ୍ରାଧିକାରୀଙ୍କୁ କୌଣସି କ୍ଷେତ୍ର ପରିଦର୍ଶନ କରିବା, କୌଣସି କାର୍ଯ୍ୟକୁ ସର୍ବେକ୍ଷଣ କରିବା ଏବଂ ଏପରି କାର୍ଯ୍ୟର ମାପନେବା ସହିତ ଖଣିରୁ ପଦ୍ଧତିଗତ, ବୈଜ୍ଞାନିକ ଓ ନିରାପଦ ଉତ୍ତୋଳନକୁ ସୁନିଶ୍ଚିତ କରିବା ପାଇଁ, ଗଚ୍ଛିତ ଥିବା ଲଘୁ ଖଣିଜଦ୍ରବ୍ୟର ମାପ ଓ ଓଜନ ସହିତ ଯେକୌଣସି ଅଭିଲେଖ ବହି ତର୍ଜମା କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି । ଯଦି କୌଣସି ବ୍ୟତିକ୍ରମ ପରିଲକ୍ଷିତ ହୁଏ, ପଟ୍ଟାଧାରୀ କିମ୍ବା ନିଲାମଧାରୀଙ୍କୁ ଖଣି ପରିଚାଳନା କାର୍ଯ୍ୟରୁ ବାରଣ କରାଯିବ ।

ସମୀକ୍ଷା ଲକ୍ଷ୍ୟ କଲେ ଯେ 18ଟି ନମୁନା ଯାଞ୍ଚ୍ ତହସିଲର ତହସିଲଦାରମାନେ ସେମାନଙ୍କର ନିରୀକ୍ଷଣ ସଂପର୍କରେ କୌଣସି ନିରୀକ୍ଷଣ ରିପୋର୍ଟ ଓ ଦୈନିକ ସୂଚନା ପ୍ରଦାନ କରିନଥିଲେ । ଟିଏମ୍ର ନିୟମ 109 ରେ ବିହିତ ଓ 18ଟି ନମୁନା ଯାଞ୍ଚ୍ ତସହିଲରେ ପ୍ରଚଳିତ ରେଜିଷ୍ଟର ସଂଖ୍ୟା-5, ଲଘୁ ଖଣିଜଦ୍ରବ୍ୟ ଉତ୍ସର କ୍ଷେତ୍ରଫଳ ସୂଚାଉଥିଲା ବେଳେ, ପରବର୍ତ୍ତୀ ଅବସ୍ଥାରେ ଖଣିର ଉତ୍ତୋଳନ ହୋଇଥିବା ଖଣିଜ ଦ୍ରବ୍ୟର ପରିମାଣ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଏଥିରେ ଖଣିଜ ଆୟତନ ଲିପିବଦ୍ଧ କରିବାକୁ କୌଣସି ବ୍ୟବସ୍ଥା ନଥିଲା ।

2011-14 ମଧ୍ୟରେ ନିଲାମଧାରୀମାନଙ୍କ ଦ୍ୱାରା ବାହାର କରାଯାଇଥିବା ଏବଂ ଉତ୍ତୋଳନ କରାଯାଇଥିବା ଲଘୁ ଖଣିଜର ପରିମାଣକୁ ତହସିଲଦାରମାନେ ତନଖି/ ମାପ କରିନଥିଲେ କିମ୍ବା ଓଏମ୍ଏମ୍ସି ନିୟମାବଳୀ 2004 ର ନିୟମ 73(5) ଅନୁଯାୟୀ ଖଣିଜ ଅନୁଯାୟୀ ଉତ୍ପାଦନ ଏବଂ ପ୍ରେରଣ ଦର୍ଶାଇ ବାର୍ଷିକ ବିବରଣ ଖଣି ନିର୍ଦ୍ଦେଶକଙ୍କ ନିକଟକୁ ପ୍ରେରଣ କରିନଥିଲେ ।

---

85 1974-84 (1 ଟି ମାମଲା), 1984-94 (6 ଟି ମାମଲା), 1994-2004 (83 ଟି ମାମଲା), 2004-14 (82 ଟି ମାମଲା) ବର୍ଷ ଉପଲବ୍ଧ ନଥିଲା (16 ଟି ମାମଲା)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଅଚାନକ ଚଢାଉ କରିବାକୁ ସେମାନଙ୍କ ସ୍ତରରେ ଦଳ ଗଠନ କରିବାକୁ, ଗସ୍ତ ବିବରଣୀ ନଥି ପରିଚାଳନା କରିବାକୁ ଏବଂ ଖିଲାପକାରୀମାନଙ୍କଠାରୁ ବକେୟା ରୟାଲିଟି ପ୍ରାପ୍ୟ ଆଦାୟ କରିବାକୁ କ୍ଷେତ୍ରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରି କରାଯିବ ।

### *3.3.5.2 ନିଲାମଧାରୀମାନଙ୍କୁ ଗମନ ଅନୁମତି ପ୍ରଦାନ ନକରିବା*

ଓଏମ୍ଏମ୍ସି ନିୟମାବଳୀ 2004 ର ନିୟମ 73 (1) ଅନୁସାରେ କୌଣସି ନିଲାମ/ ପଟ୍ଟାଧାରୀ/ ଅନୁମତି ପ୍ରାପ୍ତ ବ୍ୟକ୍ତି/ ନିଲାମଧାରୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ଫର୍ମ-ଆର୍ ରେ ପ୍ରଦତ୍ତ ଅନୁମତି ବିନା କୌଣସି ସ୍ଥାନରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିବହନ କରିପାରିବେ ନାହିଁ ।

ସମୀକ୍ଷା ଲକ୍ଷ୍ୟ କଲା ଯେ, 2011-14 ମଧ୍ୟରେ 18ଟି ନମୁନା ଯାଞ୍ଚ ତହସିଲର ତହସିଲଦାରମାନେ 1,322 ରୁ 75ଟି ମାମଲାରେ (ଛଅ ପ୍ରତିଶତ) ମାଲ ପରିବହନ ଅନୁମତି ପ୍ରଦାନ କରିନଥିଲେ ଏବଂ ତାହାର କାରଣ ମଧ୍ୟ ସମୀକ୍ଷାକୁ ଦର୍ଶାଇ ନଥିଲେ । ମିଳିତ ସରଜମିନ୍ ନିରୀକ୍ଷଣ ବେଳେ, ସମୀକ୍ଷା ଲକ୍ଷ୍ୟ କଲା ଯେ, ଖରିଆର ତହସିଲର ଅରି ନଦୀ ବାଲି ଉତ୍ସ ଓ ସୁନ୍ଦର ନଦୀ ବାଲି ଉତ୍ସ (ବଡ଼ ଡୋହେଲ ମୌଜା) ରୁ ଦୁଇଟି ଟ୍ରାକ୍ଟର ପରିବହନ ଅନୁମତି ବିନା ବାଲି ପରିବହନ କରୁଥିଲେ । ଖରିଆର ତହସିଲର ଦୁଆଝର ରାଜସ୍ୱ ସର୍କଲ ଅନ୍ତର୍ଗତ ସୁନ୍ଦର ନଦୀ ବାଲି ଉତ୍ସ (କୁସୁମାଲ ମୌଜା) ରୁ ବାଲି ଉଠାଣ ନିମନ୍ତେ ଖାଲି ମାଲ ପରିବହନ ଅନୁମତିପତ୍ର ପ୍ରଦାନ କରାଯାଇଥିଲା । ପରିବହନ ଅନୁମତି ବିନା ବାସ୍ତବିକ ଉଠାଣ ହୋଇଥିବା ଖଣିଜର ପରିମାଣ ସମୀକ୍ଷାରେ ନିର୍ଦ୍ଧାରିତ ହୋଇପାରିଲା ନାହିଁ । ନିଲାମଧାରୀମାନଙ୍କୁ ଅନଧିକୃତ ଭାବରେ ଉତ୍ସମାନଙ୍କରୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଏବଂ ଅପସାରଣ କରିବାରେ ସାହାଯ୍ୟ କରିଥିଲା ।

### 3.3.6 ଉପସଂହାର

ତହସିଲମାନଙ୍କରେ କେତେକ ଉତ୍ସ ଚିହ୍ନଟ ହୋଇନଥିଲା କି ନଥିଭୁକ୍ତ ହୋଇନଥିଲା । ଲଘୁ ଖଣିଜ ଦ୍ରବ୍ୟର ଅବସ୍ଥିତିକୁ ନିର୍ଦ୍ଧାରଣ ନକରି ବେଳେବେଳେ ଉତ୍ସଗୁଡ଼ିକ ବନ୍ଦ/ଲୁପ୍ତ ଘୋଷିତ କରାଯାଇଥିଲା । ଖଣିର ସୀମା ନିର୍ଦ୍ଧାରଣ ଓ ସୂଚନାଫଳକ ସଂସ୍ଥାପନ ନହେବା ଫଳରେ ନିଲାମଧାରୀମାନଙ୍କୁ ଖଣି ସଂଲଗ୍ନ ଅଞ୍ଚଳରୁ ଅନଧିକୃତ ଉତ୍ତୋଳନ ପାଇଁ ସୁଯୋଗ ମିଳିଥିଲା । ପରିବେଶ ମଞ୍ଜୁରୀ ବିନା ଖଣିଜ ଦ୍ରବ୍ୟକୁ ଉତ୍ତୋଳନ କରାଯାଇଥିଲା । ଅନଧିକୃତ ଉତ୍ତୋଳନ ସତ୍ତ୍ୱେ ତହସିଲଦାରମାନେ ରୟାଲିଟି କିମ୍ବା ଜରିମାନା ଧାର୍ଯ୍ୟ କରିନଥିଲେ ଏବଂ ବକେୟା ସରକାରୀ ପ୍ରାପ୍ୟ ଆଦାୟ କରିବା ପାଇଁ ଉଚିତ୍ ପଦକ୍ଷେପ ନେଇନଥିଲେ । ପୁନଶ୍ଚ, ଖଣିଗୁଡ଼ିକର ସ୍ୱଳ୍ପ ନିରୀକ୍ଷଣ ସହିତ ଗମନ ଅନୁମତି ପ୍ରଦାନ ନକରିବା, ଅନଧିକୃତ ଉତ୍ତୋଳନକୁ ପ୍ରୋତ୍ସାହିତ କରିଥିଲା ।

## ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ

## 3.4 ରାଜ୍ୟର ସହରାଞ୍ଚଳରେ ପର୍ଯ୍ୟାପ୍ତ ଏବଂ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା

### 3.4.1 ଉପକ୍ରମ

ଓଡ଼ିଶାରେ 106ଟି ସହରାଞ୍ଚଳ[86]କୁ ଜଳ ଯୋଗାଇବା, ଗୃହ ଏବଂ ପୌର ଉନ୍ନୟନ ବିଭାଗ (ଏଚ୍ଏଣ୍ଡ୍ୟୁଡି) ଅଧିନରେ କାର୍ଯ୍ୟକ୍ଷମ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର (ପିଏଚଇଓ) ଦାୟିତ୍ୱ । ମାର୍ଚ୍ଚ 2014 ସୁଦ୍ଧା କମିଶନର-ତଥା-ସଚିବ ପ୍ରଶାସନିକ ମୁଖ୍ୟ ହୋଇଥିବା ସ୍ଥଳେ ପିଏଚଇଓର ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ (ସହରାଞ୍ଚଳ) ଏହାର କାର୍ଯ୍ୟକାରୀ ମୁଖ୍ୟ ଥିଲେ ଯିଏକି ଛଅ ଜଣ ଅଧିକ୍ଷଣ ଯନ୍ତ୍ରୀ ଏବଂ 13 ଜଣ ନିର୍ବାହୀ ଯନ୍ତ୍ରୀଙ୍କ ସହାୟତା ନେଇଥିଲେ ।

[86] ମହାନଗର ନିଗମ: 3, ନଗର ପାଳିକା: 35 ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ: 68

ରାଜ୍ୟର ସହରାଞ୍ଚଳଗୁଡ଼ିକୁ ପର୍ଯ୍ୟାପ୍ତ ଏବଂ ସୁରକ୍ଷିତ ପାନୀୟ ଜଳ ଯୋଗାଣ ପାଇଁ 2009-14 ଅବଧି ପାଇଁ ପ୍ରକଳ୍ପ ଗୁଡ଼ିକର ଯୋଜନା ଏବଂ କାର୍ଯ୍ୟାନ୍ୱୟନର ପର୍ଯ୍ୟାପ୍ତତା ଏବଂ ପ୍ରଭାବଶୀଳତା ଉଦ୍ଦେଶ୍ୟରେ ଜୁନ୍ 2014, ଅଗଷ୍ଟ-ସେପ୍ଟେମ୍ବର 2014 ଏବଂ ଫେବୃଆରୀ 2015 ରେ ସମୀକ୍ଷା ସମ୍ପାଦିତ ହୋଇଥିଲା । ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ (ସହରାଞ୍ଚଳ) ଏବଂ 78ଟି ସହରାଞ୍ଚଳକୁ ପାଣି ଯୋଗାଉଥିବା ଆଠଟି[87] ଜନସ୍ୱାସ୍ଥ୍ୟ (ପିଏଚ୍) ବିଭାଜନର ନଥିପତ୍ର ସମୀକ୍ଷାରେ ଯାଞ୍ଚ କରାଯାଇଥିଲା ।

ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଗଲା ।

**ସମୀକ୍ଷା ସିଦ୍ଧାନ୍ତ**

### 3.4.2. ନୀତି ଏବଂ ଯୋଜନା

#### *3.4.2.1 ନୀତି, କାର୍ଯ୍ୟରେ ରୂପାନ୍ତରିତ ନହେବା*

ମାର୍ଚ୍ଚ 2007 ରେ ଅଧିସୂଚିତ ଓଡ଼ିଶା ରାଜ୍ୟ ଜଳ ନୀତି (ଓଏସ୍‌ଡବ୍ଲ୍ୟୁପି) 2007 ଅନ୍ୟାନ୍ୟ ବିଷୟ ମଧ୍ୟରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ବାସ କରୁଥିବା ସାଧାରଣ ଲୋକ ପାଇଁ ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଅଧିକୃତ କରିଥିଲା । ଉପରୋକ୍ତ ନୀତି ପର୍ଯ୍ୟାପ୍ତ ପରିମାଣ ଜଳ ଯୋଗାଣକୁ ଗୁରୁତ୍ୱ ପ୍ରଦାନ କରୁଥିବା ସହିତ ନିୟମିତ ପର୍ଯ୍ୟାଲୋଚନା ଏବଂ ନିରୀକ୍ଷଣ ମାଧ୍ୟମରେ ଜଳର ଗୁଣବତ୍ତା ବଜାୟ ରଖିବାକୁ ସୁନିଶ୍ଚିତ କରିଥିଲା ।

ଯାହାହେଉ, ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ[88] ଅନୁଯାୟୀ ରାଜ୍ୟର ନିଶ୍ଚିତ ସମୟ ସୀମା ମଧ୍ୟରେ ସମସ୍ତ ସହରାଞ୍ଚଳ ଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳର ଉପଲବ୍ଧତା ଏବଂ ଭାରତୀୟ ମାନକ ସଂସ୍ଥା (ବିଆଇଏସ୍)ର ଭାରତୀୟ ମାନକ (ଆଇଏସ୍ 1172:1993) ରେ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ପାଇପ୍ ଜଳ ଯୋଗାଣର ଗୁଣବତ୍ତାର ପର୍ଯ୍ୟାଲୋଚନା ପାଇଁ ପ୍ରତ୍ୟେକ ଜନ ସ୍ୱାସ୍ଥ୍ୟ ବିଭାଜନରେ ଜଳ ପରୀକ୍ଷଣ ପରୀକ୍ଷାଗାର ପ୍ରତିଷ୍ଠା କରିବା ପାଇଁ ବିଭାଗ ଦ୍ୱାରା କୌଣସି ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା ।
ଅକ୍ଟୋବର 2013 ରେ ସହରାଞ୍ଚଳ ଜଳ ଯୋଗାଣ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେବା ପ୍ରଦାନର ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର, ଓଡ଼ିଶା ରାଜ୍ୟ ସହରାଞ୍ଚଳ ଜଳ ଯୋଗାଣ ନୀତି 2013 (ଓଏସ୍‌ୟୁଡବ୍ଲ୍ୟୁଏସ୍‌ପି) ପ୍ରଣୟନ କରିଥିଲେ । ସମସ୍ତ ସହରାଞ୍ଚଳ ଜନସାଧାରଣଙ୍କୁ, ନିରବିଚ୍ଛିନ୍ନ ଭାବେ ସମୁଚିତ ମୂଲ୍ୟରେ ଏବଂ ନ୍ୟାୟସଙ୍ଗତ, ଅବିରତ, ପରିବେଶ ଅନୁକୂଳ ଏବଂ ଅନୁକୂଳ ସେବା ସ୍ତରୀୟ ମାନଦଣ୍ଡ ଆଧାରରେ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷିତ ପାନୀୟ ଜଳ ପ୍ରଦାନ କରିବାକୁ ଏହି ନୀତି ଉଦ୍ଦିଷ୍ଟ ଥିଲା । 2015 ରୁ 12 ବର୍ଷ ସମୟ ସୀମା ମଧ୍ୟରେ ପ୍ରସ୍ତାବିତ 4,380 କୋଟି ଟଙ୍କା ବ୍ୟୟ ଅଟକଳରେ ପର୍ଯ୍ୟାୟ କ୍ରମେ ଜାତୀୟ ସ୍ତର ମାନଦଣ୍ଡ ସହ ସମତୁଲ ସେବା ସ୍ତର ହାସଲ କରିବା ନିମନ୍ତେ ଏହା ମଧ୍ୟ ଲକ୍ଷ୍ୟ ରଖିଥିଲା । ଏହି ନୀତି, ଅନ୍ୟାନ୍ୟ ବିଷୟ ମଧ୍ୟରେ, 2016-17 ସୁଦ୍ଧା 100 ପ୍ରତିଶତ ଜଳର ଗୁଣବତ୍ତା ହାସଲ କରିବାକୁ, 2019 ସୁଦ୍ଧା ସମସ୍ତ ସହରରେ ନ୍ୟୁନତମ 70 ଏଲପିସିଡି ଜଳ ଯୋଗାଣ ଏବଂ 2023 ସୁଦ୍ଧା 135 ଏଲପିସିଡି, 2019 ସୁଦ୍ଧା 70 ପ୍ରତିଶତ ଏବଂ 2023 ସୁଦ୍ଧା 100 ପ୍ରତିଶତ ମିଟର ସଂଯୋଗ କରିବା ଏବଂ 2027 ସୁଦ୍ଧା ଅଣ-ରାଜସ୍ୱ ଜଳକୁ 50 ପ୍ରତିଶତରୁ 15 ପ୍ରତିଶତକୁ କମାଇବା ପାଇଁ ଲକ୍ଷ୍ୟ ରଖିଥିଲା ।

ଯାହାହେଉ, ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

---

[87] ବ୍ରହ୍ମପୁର, ଭଞ୍ଜନଗର, ବଲାଙ୍ଗିର, କଟକ I, କୋରାପୁଟ, ପୁରୀ, ରାଉରକେଲା ଏବଂ ସମ୍ବଲପୁର

[88] ପ୍ରସ୍ତାବିତ ଜଳ ଯୋଗାଣ ଏବଂ ଉପଚାର ନିୟମ ପୁସ୍ତିକାରେ ଭୂତଳ ବର୍ଜ୍ୟବସ୍ତୁ ନିର୍ଗମନ ବ୍ୟବସ୍ଥା ଥିବା କିମ୍ବା ପ୍ରସ୍ତାବିତ ଥିବା ସହର ଗୁଡ଼ିକରେ ଜଣ ପିଛା 135 ଏଲପିସିଡି ଏବଂ ଅନ୍ୟାନ୍ୟ ସହରରେ କେନ୍ଦ୍ରୀୟ ଜନ ସ୍ୱାସ୍ଥ୍ୟ ଏବଂ ପରିବେଶ ଯାନ୍ତ୍ରିକ ସଂଗଠନ (ସିପିଏଚଇଇଓ) ତଦ୍ୱାରା ପ୍ରସ୍ତାବିତ 70 ଏଲପିସିଡି ଜଳ ଯଗାଣର ବ୍ୟବସ୍ଥା

- ***2007 ନୀତି ଅନୁଯାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତ ନହେବା :*** ବିଭାଗ 2007-13 ମଧ୍ୟରେ କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ନଥିଲେ, ଯଦିଓ ଭାରତ ସରକାର ସହରାଞ୍ଚଳ ଜଳ ଯୋଗାଣ ପାଇଁ ସେବା ସ୍ତରୀୟ ମାନଦଣ୍ଡ (ଏସଏଲବି) ନିର୍ଦ୍ଧାରିତ କରିଥିଲେ (ଜୁଲାଇ 2008), ଯାହା ସହରାଞ୍ଚଳ ପୌର ସଂସ୍ଥାଗୁଡିକ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ 4 ରୁ 6 ବର୍ଷ ମଧ୍ୟରେ ପର୍ଯ୍ୟାପ୍ତ ଅର୍ନ୍ତଭୁକ୍ତ (70/ 135 ଏଲପିସିଡି) ଏବଂ 100 ପ୍ରତିଶତ ଗୁଣବତ୍ତା ସୁନିଶ୍ଚିତ କରିବାର ଥିଲା ।

- ***ସହରାଞ୍ଚଳ ଜଳ ଯୋଗାଣ ସମ୍ବନ୍ଧୀୟ ପୌର ସଂସ୍କାର କାର୍ଯ୍ୟାନ୍ୱୟନ ନହେବା :*** 2009-10 ସୁଦ୍ଧା ଜଳ ଯୋଗାଣ ପ୍ରଣାଳୀର କାର୍ଯ୍ୟ ସଂପାଦନ ତଥା ରକ୍ଷଣାବେକ୍ଷଣ ଏବଂ ଜଳ ଶୁଳ୍କର ଆଦାୟ ସହିତ କର୍ମଚାରୀଙ୍କୁ ଜନ ସ୍ୱାସ୍ଥ୍ୟ ଯାନ୍ତ୍ରୀକ ଶାଖାରେ ପ୍ରତିନିଯୁକ୍ତି ଆଧାରରେ ସ୍ଥାନୀୟ ପୌର ସଂସ୍ଥାକୁ ସ୍ଥାନାନ୍ତରଣ କରିବା ନିମନ୍ତେ ବିଭାଗ ଧାର୍ଯ୍ୟ କରିଥିଲେ (ନଭେମ୍ବର 2006) ଏବଂ ଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସ୍ଥାନୀୟ ପୌର ସଂସ୍ଥାଙ୍କୁ ସ୍ଥାନାନ୍ତରଣ ପାଇଁ ଅଧିସୂଚନା ଜାରି (ମାର୍ଚ୍ଚ 2010) କରିଥିଲେ । ପ୍ରଶାସନିକ ସଂସ୍କାର ପାଇଁ ଏହି ସୁନିଶ୍ଚିତତା ଆଧାରରେ, ରାଜ୍ୟ ସରକାର 2009-14 ମଧ୍ୟରେ କେନ୍ଦ୍ରୀୟ ପ୍ରାୟୋଜିତ ପରିକଳ୍ପନା ଅନ୍ତର୍ଗତ, ଜବାହାରଲାଲ ନେହେରୁ ଜାତୀୟ ସହର ନବୀକରଣ ମିଶନ (ଜେଏନ୍ଏନ୍ୟୁଆର୍ଏମ୍) (ଏକ) ଏବଂ କ୍ଷୁଦ୍ର ଏବଂ ମଧ୍ୟମ ସହରାଞ୍ଚଳ ପାଇଁ ସହରୀ ଭିତ୍ତିଭୂମି ବିକାଶ ଯୋଜନା (ୟୁଆଇବିଏସ୍ଏସ୍ଏମ୍ଟି) (17), 18ଟି ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସଂପାଦନା ନିମନ୍ତେ ସ୍ଥାନୀୟ ପୌରାଞ୍ଚଳ ସଂସ୍ଥାଗୁଡିକ (ୟୁଏଲବିଏସ୍) ମାଧ୍ୟମରେ 259.13 କୋଟି[89] ଟଙ୍କାର କେନ୍ଦ୍ରୀୟ ସହାୟତା ପାଇଥିଲେ । କିନ୍ତୁ, ପୌର ସଂସ୍ଥାଗୁଡିକୁ ସହରୀ ଜଳ ଯୋଗାଣ କାର୍ଯ୍ୟ ସ୍ଥାନାନ୍ତରଣ କରାଯାଇନଥିଲା (ମଇ 2015) । ଯାହାହେଉ, ପୌର ସଂସ୍କାରର କାର୍ଯ୍ୟାନ୍ୱୟନ ବାବଦରେ ରାଜ୍ୟ ସରକାର ଭାରତ ସରକାରଙ୍କୁ ସୂଚୀତ କରିଥିଲେ (ମଇ 2010 ଏବଂ ଅକ୍ଟୋବର 2010) । ଫଳତଃ ସହରାଞ୍ଚଳରେ ଏସ୍ଏଲ୍ବି ମାନଦଣ୍ଡ ଅନୁଯାୟୀ ଜଳ ଯୋଗାଣ ସୁବିଧା, ମାନ, ପରିବ୍ୟାପ୍ତି, ମିଟର ବସାଇବା ଏବଂ ଅଣ-ରାଜସ୍ୱ ଜଳ କମ୍ କରିବା ଇତ୍ୟାଦି ବିଷୟ ସ୍ଥାନୀୟ ପୌର ସଂସ୍ଥାମାନଙ୍କ ଦ୍ୱାରା ପର୍ଯ୍ୟାଲୋଚନା ହୋଇପାରି ନଥିଲା ।

- ***2013 ନୀତି ଅନ୍ତର୍ଗତ ବିଶଦ୍ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ ହୋଇନଥିଲା:*** 2013 ନୀତିକୁ ବାସ୍ତବ କାର୍ଯ୍ୟରେ ରୂପାନ୍ତରିତ କରିବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଯୋଜନା ଯଥା- ଦୀର୍ଘମିଆଦି ଯୋଜନା ପ୍ରସ୍ତୁତି, ବିଶଦ୍ ମାର୍ଗଦର୍ଶିକା, ତୃଣମୂଳ ସ୍ତରୀୟ ସର୍ବେକ୍ଷଣ, ବିଶଦ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଏବଂ ଜଳ ଯୋଗାଣର ସର୍ବୋତ୍ତମ ଯୋଜନା ଇତ୍ୟାଦି ବ୍ୟବସ୍ଥିତ ହୋଇ ନଥିଲା (ମଇ 2015) ଏବଂ ଜାନୁଆରୀ 2014ରେ କେବଳ ଗୋଟିଏ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଥିଲା ।

- ***ଗୃହ ସର୍ବେକ୍ଷଣ ସମ୍ପାଦନ ନକରିବା:*** ଜନଗଣନା 2011 ଅନୁଯାୟୀ ରାଜ୍ୟର 15.17 ଲକ୍ଷ ସହରାଞ୍ଚଳ ଗୃହ ମଧ୍ୟରୁ ମାତ୍ର 3.10 ଲକ୍ଷ ଗୃହ କୁ (20.44 ପ୍ରତିଶତ) ଜଳ ଯୋଗାଣ ସଂଯୋଗ କରାଯାଇଥିଲା । ଓଏସଡବ୍ଲୁଏସ୍ପି ନୀତି 2013 ର ଅନୁଚ୍ଛେଦ 9.3.1 ଅନୁଯାୟୀ ମାର୍ଚ୍ଚ 2015 ସୁଦ୍ଧା ଦୀର୍ଘମିଆଦି ଯୋଜନା ପ୍ରସ୍ତୁତି ପାଇଁ ମୌଳିକ ଆବଶ୍ୟକତା ଗୁଡିକ ଯଥା; ଗ୍ରାହକଙ୍କ ଚାହିଦା, ପରିଶୋଧର କ୍ଷମତା, ମୌଳିକ ତଥ୍ୟାବଳୀର ସୃଷ୍ଟି, ଜଳ ଯୋଗାଣ ସଂଯୋଗ ଆବଶ୍ୟକ କରୁଥିବା ଗୃହ ତଥା ଅନଧିକୃତ ସଂଯୋଗ ଚିହ୍ନଟ କରିବା, ଇତ୍ୟାଦିର ମୂଲ୍ୟାୟନ ନିମନ୍ତେ ତିନିଟି[90] ସହରାଞ୍ଚଳ ବ୍ୟତୀତ ଅନ୍ୟାନ୍ୟ ସହରାଞ୍ଚଳରେ ପିଏଚ୍ଇଓ ଦ୍ୱାରା ଗୃହ ଭିତ୍ତିକ ସର୍ବେକ୍ଷଣ କରାଯାଇନଥିଲା ।

- ***ଆଦର୍ଶ କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟା ଧାର୍ଯ୍ୟ ନହେବା:*** ଓଏସ୍ଡବ୍ଲୁଏସ୍ପି 2013 ରେ ବ୍ୟବସ୍ଥା ଥିବା ସତ୍ତ୍ୱେ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ତଥା ଯୋଜନା, ଭିତ୍ତି ବିବରଣୀ, ସ୍ୱଚ୍ଛ ସଂଗ୍ରହଣ ପ୍ରକ୍ରିୟାକୁ ଉଚିତ୍ ଗୁରୁତ୍ୱ ପ୍ରଦାନ କରି ପର୍ଯ୍ୟବେକ୍ଷଣ ଏବଂ ମାନ ନିୟନ୍ତ୍ରଣ ସହିତ କାର୍ଯ୍ୟ ସମ୍ପାଦନା ପ୍ରକ୍ରିୟା (ଏସ୍ଓପି) ବିଭାଗ ଦ୍ୱାରା ବିକଶିତ କରାଯାଇନଥିଲା (ମାର୍ଚ୍ଚ 2015) ।

---

89 ଜେଏନ୍ଏନ୍ୟୁଆର୍ଏମ୍: 61.74 କୋଟି ଟଙ୍କା ଏବଂ ୟୁଆଇଡିଏସ୍ଏସ୍ଏମ୍ଟି: 197.39 କୋଟି ଟଙ୍କା

90 ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସ୍ଥାନୀୟ ସହରୀ ନିକାୟ ଗୁଡିକର (ୟୁଏଲବି) ଭିତ୍ତିଭୂମି ସୁବିଧାର ଉନ୍ନତିକରଣ ପରେ ଜଳ ଯୋଗାଣ କାର୍ଯ୍ୟ ଉକ୍ତ ନିକାୟଗୁଡିକୁ ସ୍ଥାନାନ୍ତରଣ କରାଯିବ । ଏହା ମଧ୍ୟ ଦର୍ଶାଇଥିଲେ (ମଇ 2015) ଯେ ଜଳ ନୀତି 2013 ପ୍ରାରମ୍ଭ ପର୍ଯ୍ୟାୟରେ ଅଛି ଏବଂ ଯଥା ସମୟରେ ଉପଯୁକ୍ତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବ ।

### 3.4.3 ସହରାଞ୍ଚଳରେ ସ୍ୱଳ୍ପ ଜଳ ଯୋଗାଣ

ନାଳ ନର୍ଦ୍ଦମା ପ୍ରଣାଳୀ ବିନା ପାଇପ୍ ଜଳ ଯୋଗାଣ ସୁବିଧା ଥିବା ସହରରେ ମୁଣ୍ଡ ପିଛା ଦୈନିକ 70 ଲିଟର ଜଳ ଯୋଗାଇବାକୁ ଭାରତୀୟ ମାନକ[91] ଆଇଏସ୍ 1172:1993 ତଥା ଜଳ ଯୋଗାଣ ଓ ବିଶୋଧନ ମାନୁଆଲରେ ଧାର୍ଯ୍ୟ କରାଯାଇଥିଲା (ମଇ 1999) । ନାଳ ନର୍ଦ୍ଦମା ବ୍ୟବସ୍ଥା ଥିବା ଏବଂ ଏହି ବ୍ୟବସ୍ଥାର ଅପେକ୍ଷାରେ ଥିବା ସହରାଞ୍ଚଳକୁ ମୁଣ୍ଡ ପିଛା ଦୈନିକ 135 ଲିଟର ଜଳ ଯୋଗାଣ ପାଇଁ ବ୍ୟବସ୍ଥା ଥିଲା । ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗ ଚିହ୍ନଟ କରିବାକୁ ଗୃହ ସଂଯୋଗର ମୂଲ୍ୟ, ବିଦ୍ୟମାନ ଓ ନୂତନ ଉପଭୋକ୍ତାଙ୍କର ମିଟର ବସାଇବା ମୂଲ୍ୟ, ଜଳର ବାସ୍ତବିକ ଆବଶ୍ୟକତା, ଜଳ ପାଇଁ ଉତ୍ତରଦାୟୀ ଇତ୍ୟାଦି ଉପାଦାନଗୁଡ଼ିକୁ ନେଇ ସଂପ୍ରସାରଣ ପ୍ରସ୍ତାବ ସହିତ ପ୍ରତ୍ୟେକ ସହରକୁ ଜଳ ଯୋଗାଣ ସମ୍ବନ୍ଧୀୟ ଏକ ଅଲଗା ସର୍ବୋତ୍ତମ ଯୋଜନା ପ୍ରସ୍ତୁତି ଓଏସ୍‌ୟୁଡବ୍ଲ୍ୟୁଏସ୍‌ପି 2013 ଅନୁଯାୟୀ ଆବଶ୍ୟକ ଥିଲା । ରାଜ୍ୟର 106ଟି ପୌରାଞ୍ଚଳ ମଧ୍ୟରୁ 101ଟି ପୌରାଞ୍ଚଳରେ ନାଳ ନର୍ଦ୍ଦମା ପ୍ରଣାଳୀ ବିନା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲା ଏବଂ ପାଞ୍ଚଟି [92] ପୌରାଞ୍ଚଳରେ ଉଭୟ ବ୍ୟବସ୍ଥା ଥିଲା ।

ସମୀକ୍ଷାରୁ ଜଣାଗଲା ଯେ :

- ରାଜ୍ୟର 106ଟି ସହରାଞ୍ଚଳ  ମଧ୍ୟରୁ ନମୁନା ଯାଞ୍ଚ କରାଯାଇଥିବା 10ଟି ସହିତ ମୋଟ 11ଟି (10 ପ୍ରତିଶତ) ସହରାଞ୍ଚଳରେ ମୁଣ୍ଡପିଛା ଦୈନିକ ଜଳଯୋଗାଣ 135 ଲିଟର କିମ୍ବା ତତୋଧିକ ଥିଲା, ଯାହା କେନ୍ଦ୍ରାପଡ଼ାରେ  ସର୍ବନିମ୍ନ (138 ଏଲପିସିଡି) ଏବଂ ସମ୍ବଲପୁର ସର୍ବାଧିକ (213 ଏଲପିସିଡି) ଥିଲା । ଯାହାହେଉ, ଭାରତ ସରକାରଙ୍କ ମାନଦଣ୍ଡ ଅନୁଯାୟୀ 135 ଏଲପିସିଡି ଜଳ ଯୋଗାଣ ଆବଶ୍ୟକ କରୁଥିବା ପାଞ୍ଚଟି ସହରାଞ୍ଚଳ ମଧ୍ୟରୁ ଗୋଟିଏ ସହର ପୁରୀରେ ଜଳ ଯୋଗାଣ କାର୍ଯ୍ୟ ସମାପ୍ତ ହେବାରେ ବିଳମ୍ବ ଯୋଗୁଁ ମୁଣ୍ଡପିଛା ଦୈନିକ 124 ଲିଟର ଜଳ ଯୋଗାଇ ଦିଆଯାଇଥିଲା ।

- ନମୁନା ଯାଞ୍ଚ କରାଯାଇଥିବା 68ଟି ସହରାଞ୍ଚଳ ସହିତ ରାଜ୍ୟର ବଳକା 95ଟି ସହରାଞ୍ଚଳରେ ପ୍ରତ୍ୟେହ ମୁଣ୍ଡ ପିଛା ଜଳ ଯୋଗାଣ 135 ଲିଟରରୁ କମ୍ ଥିଲା, ସେଥିରୁ ବାଲେଶ୍ୱରରେ ସର୍ବାଧିକ (128 ଏଲ୍‌ପିସିଡି) ଥିଲା ବେଳେ ବେଲପାହାଡରେ ସର୍ବନିମ୍ନ (16 ଏଲ୍‌ପିସିଡି)  ଥିଲା । ନମୁନା ଯାଞ୍ଚ ହୋଇଥିବା ନାଳ ନର୍ଦ୍ଦମା ପ୍ରଣାଳୀ ନଥିବା 73ଟି ସହରାଞ୍ଚଳ ମଧ୍ୟରୁ 37ଟି (51 ପ୍ରତିଶତ) ସହରରେ ଏହି ଜଳ ଯୋଗାଣ ନିର୍ଦ୍ଧାରିତ ସୀମା ମୁଣ୍ଡପିଛା ଦୈନିକ 70 ଲିଟରରୁ କମ୍ ଥିଲା ଏବଂ ଚାରିଟି ସହର ଯଥା ବେଲପାହାଡ (16 ଏଲପିସିଡି), କୋଟପାଡ (23 ଏଲପିସିଡି), ପିପିଲି (26 ଏଲପିସିଡି) ଓ ବାଣପୁର  (25 ଏଲ୍‌ପିସିଡି) ରେ ଏହା ଧାର୍ଯ୍ୟ ସୀମାରୁ ଅଧାରୁ କମ୍ ଥିଲା । ଯାହାହେଉ, 68ଟି ସହରାଞ୍ଚଳ ମଧ୍ୟରୁ 14ଟି ସହରାଞ୍ଚଳ ପାଇଁ ସର୍ବୋତ୍ତମ ଯୋଜନା/ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇଥିଲା ।

- ରାଜ୍ୟର 106ଟି  ସହରାଞ୍ଚଳ ମଧ୍ୟରୁ କେବଳ 18ଟି ପାଇଁ ଡିପିଆର୍ ପ୍ରସ୍ତୁତ କରାଯାଇଥିଲା ଏବଂ କେନ୍ଦ୍ର ସରକାରଙ୍କୁ 2009-14 ରେ ଉପସ୍ଥାପନ କରାଯାଇଥିଲା, ଯାହା ମଧ୍ୟରୁ 17ଟି ପ୍ରକଳ୍ପ ପାଇଁ ମୋଟ  ପ୍ରକଳ୍ପ ଅଟକଳ 407.03 କୋଟି ଟଙ୍କା ୟୁଆଇଡିଏସଏସଏମଟି ଯୋଜନା ଅଧୀନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା ବେଳେ, ଅବଶିଷ୍ଟ ପ୍ରକଳ୍ପ (ବ୍ରହ୍ମପୁର ଫେଜ୍- II: 98.94

---

[91] କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଓ ପରିବେଶ ଇଞ୍ଜିନିୟରିଂ ସଂଗଠନ (ସିପିଏଚଇଇଓ) ଦ୍ୱାରା ପ୍ରସ୍ତୁତ

[92] ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର ଏବଂ ରାଉରକେଲା

କୋଟି ଟଙ୍କା) ପାଇଁ ମଞ୍ଜୁର କରାଯାଇନଥିଲା, ଯାହାର କାରଣ ନଥିପତ୍ରରୁ ମିଳିପାରି ନଥିଲା । ପୁନଃ ଯାଞ୍ଚରୁ ଜଣାଗଲା ଯେ ଏହି ପୌରାଞ୍ଚଳଗୁଡ଼ିକ କୌଣସି ଧାର୍ଯ୍ୟ ନିୟମ ଅନୁଯାୟୀ ବଛା ହୋଇନଥିଲା । ଅଧିକ ଜନସଂଖ୍ୟା ଥିବା ସହରାଞ୍ଚଳ[93]କୁ ଅନ୍ତର୍ଭୁକ୍ତ କରାଯାଇ ନଥିଲା କିମ୍ବା ମୁଣ୍ଡ ପିଛା 70 ଲିଟରରୁ କମ୍ ଜଳ ଯୋଗାଣ ହେଉଥିବା ଅଞ୍ଚଳ ପାଇଁ କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତି ହୋଇନଥିଲା । ବିଭାଗ ଦର୍ଶାଇଲା (ମଇ 2015) ଯେ, 22ଟି ସହରାଞ୍ଚଳ ପାଇଁ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତି ଦାୟିତ୍ୱ ପଞ୍ଜୀକୃତ ସଂସ୍ଥାଙ୍କ ଉପରେ ନ୍ୟସ୍ତ କରାଯାଇଛି ।

- ***ପାଇପ୍ ଜଳ ଯୋଗାଣ ପାଇଁ ଆଂଶିକ ଅନ୍ତର୍ଭୁକ୍ତ ଏବଂ ଅନ୍ତର୍ଭୁକ୍ତ ହୋଇନଥିବା ଅଞ୍ଚଳ:*** 78ଟି ନମୁନା ଯାଞ୍ଚ ପୌରାଞ୍ଚଳଗୁଡିକର 1,321 ୱାର୍ଡ ମଧ୍ୟରୁ 404 (31 ପ୍ରତିଶତ)ଟି ୱାର୍ଡ ଆଂଶିକ ଅନ୍ତର୍ଭୁକ୍ତ ହୋଇଥିବା ବେଳେ 104ଟି ୱାର୍ଡ (8 ପ୍ରତିଶତ) ଅନ୍ତର୍ଭୁକ୍ତ ହୋଇନଥିଲେ, ଫଳରେ ପାଇପ୍ ଜଳ ଯୋଗାଣରୁ ସହରୀ ଜନସାଧାରଣ ବଞ୍ଚିତ ହୋଇଥିଲା ।

ଅଭାବୀ ଯୋଜନା ପଦ୍ଧତି ଓ ବିଭିନ୍ନ ଜଳ ଯୋଗାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବା ଯୋଗୁଁ ଉପରୋକ୍ତ ଲକ୍ଷ୍ୟ ହାସଲ ହୋଇପାରିନଥିଲା ଯାହାକି ***ଅନୁଚ୍ଛେଦ 3.4.2 ଏବଂ 3.4.5*** ରେ ଆଲୋଚନା କରାଯାଇଛି ।

ବିଭାଗ ପ୍ରତିଶୃତି ଦେଇଥିଲା (ମଇ 2015) ଯେ ପାନୀୟ ଜଳ ଯୋଗାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସମସ୍ତ ୱାର୍ଡ ଏବଂ ଆଂଶିକ ଅନ୍ତର୍ଭୁକ୍ତ ହୋଇଥିବା ୱାର୍ଡମାନଙ୍କରେ ପାନୀୟ ଜଳ ଯୋଗାଇବା ପାଇଁ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରି ବହୁ ଘରୋଇ ସଂଯୋଗ ପ୍ରଣାଳୀର ଏବଂ ତାହାର ପର୍ଯ୍ୟାଲୋଚନା ବ୍ୟବସ୍ଥାର ସରଳୀକରଣ କରାଯାଇଥିଲା ।

### 3.4.4 ଜଳର ମାନ ପର୍ଯ୍ୟାଲୋଚନା ନ କରିବା

ସହରାଞ୍ଚଳ ଜନସାଧାରଣଙ୍କୁ 100 ପ୍ରତିଶତ ବିଶୁଦ୍ଧ ଜଳ ଯୋଗାଣ ପାଇଁ ଭାରତ ସରକାରଙ୍କ ଦ୍ୱାରା ବିହିତ ଏସ୍‌ଏଲ୍‌ବି (ଜୁଲାଇ 2008) ରେ ଉଲ୍ଲେଖ ଅଛି । ପୁନଶ୍ଚ, ଜଳର ମାନ ନିର୍ଦ୍ଧାରଣ ପାଇଁ ନିୟମିତ ଭାବରେ ଜଳର ବସ୍ତୁଗତ, ବୀଜାଣୁ ତଥା ରସାୟନିକ ପରୀକ୍ଷା କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ (ସହରାଞ୍ଚଳ) ସମସ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ (ମଇ 2009 ଏବଂ ସେପ୍ଟେମ୍ବର 2013 ) । ଏହା ବ୍ୟତୀତ, ପୁନଃପ୍ରଚଳନ ବିନା ଜଳ ବିଶୋଧନାଗାର ଦେଇ ମଇଳା ଜଳ ଛଡ଼ାଯିବାକୁ ବନ୍ଦ କରିବା ଆବଶ୍ୟକ କାରଣ ଏହା ଜଳକୁ ଗୋଳିଆ କରିଥାଏ ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ***ଜଳ ପରୀକ୍ଷାଗାର ସ୍ଥାପନ ନ କରିବା*** : ଭିତ୍ତିଭୂମି ଏବଂ ଆବଶ୍ୟକୀୟ ମାନବ ସମ୍ବଳ ସହିତ ପ୍ରତ୍ୟେକ ଜନ ସ୍ୱାସ୍ଥ୍ୟ ବିଭାଜନର ଜନସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ସ୍ଥାପନ କରି ସହରାଞ୍ଚଳକୁ ଜଳ ଯୋଗାଣ ପାଇଁ ଗୁଣାତ୍ମକ ମାନଦଣ୍ଡ ଦର୍ଶାଇ ଯନ୍ତ୍ରୀ ମୁଖ୍ୟ, ଜନ ସ୍ୱାସ୍ଥ୍ୟ 'ଜଳ ମାନ ପର୍ଯ୍ୟାଲୋଚନା ମାନକ୍ରମ' ପ୍ରସ୍ତୁତ କରିଥିଲେ (ଫେବୃଆରୀ 2014), ଯାହା ବିଭାଗ ଅଧିନରେ ଥିଲା (ଅପ୍ରେଲ 2015) । କଟକ, ଭୁବନେଶ୍ୱର, ସମ୍ବଲପୁର ଓ ବଲାଙ୍ଗୀରର ଚାରିଟି ସହରାଞ୍ଚଳ ନଭେମ୍ବର 2014 ରୁ ଅପ୍ରେଲ 2015 ମଧ୍ୟରେ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଥିଲେ । ପିପିପି ଆଧାରରେ ଜଳ ପରୀକ୍ଷାଗାର ସ୍ଥାପନ କରିବାକୁ ବିଭାଗ ପଦକ୍ଷେପ ଗ୍ରହଣ କରିଥିଲେ ଯାହା ଅନୁରୋଧ ପ୍ରସ୍ତାବ ସ୍ତରରେ ଥିଲା (ମଇ 2015)।

- ***ଅପର୍ଯ୍ୟାପ୍ତ ଜଳ ବିଶୋଧନାଗାର*** : ନମୁନା ଯାଞ୍ଚ ହୋଇଥିବା 78ଟି ସହରାଞ୍ଚଳ ମଧ୍ୟରୁ 44ଟି ସହରାଞ୍ଚଳ ରେ ମାର୍ଚ୍ଚ 2014 ସୁଦ୍ଧା କୌଣସି ଜଳ ବିଶୋଧନାଗାର ନଥିଲା । ଜଳ ବିଶୋଧନାଗାର ସ୍ଥାପନ ପାଇଁ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଜନ, ପୁରୀ କ୍ରୟ କରିଥିବା (ମାର୍ଚ୍ଚ 2014) 27.10 ଲକ୍ଷ

---

[93] ନବରଙ୍ଗପୁର (37,042: 62 ଏଲ୍‌ପିସିଡି), ବ୍ରଜରାଜନଗର (80,370: 38 ଏଲ୍‌ପିସିଡି), ରାଜଗାଙ୍ଗପୁର (48,200: 63.49 ଏଲ୍‌ପିସିଡି), ବୀରମିତ୍ରପୁର (33,410: 43.14 ଏଲ୍‌ପିସିଡି)

ଟଙ୍କା ମୂଲ୍ୟର ପରୀକ୍ଷା ଯନ୍ତ୍ର, ଭିତ୍ତିଭୂମି ଓ ବୈଷୟିକ କର୍ମଚାରୀଙ୍କ ଅଭାବରୁ ଅବ୍ୟବହୃତ ହୋଇ ପଡିରହିଥିଲା (ଡିସେମ୍ବର 2014)।

- ପରୀକ୍ଷାଗାର ନଥିବା ଚାରିଟି ନମୁନା ଯାଞ୍ଚ ବିଭାଜନ ମଧ୍ୟରୁ ଦୁଇଟି ବିଭାଜନ (ବଲାଙ୍ଗୀର ଓ ଭଞ୍ଜନଗର) ଅଧୀନରେ ଥିବା 29ଟି ସହରାଞ୍ଚଳରେ ଜଳ ପରୀକ୍ଷା କରିବା ପାଇଁ ପରୀକ୍ଷା ଉପକରଣ ନଥିବାବେଳେ ଅନ୍ୟ ଦୁଇଟି ବିଭାଜନ (ପୁରୀ ଓ ସମ୍ବଲପୁର) ରେ, ଯଦିଓ ପରୀକ୍ଷା ଉପକରଣ ଥିଲା ଏବଂ ଜନସ୍ୱାସ୍ଥ୍ୟ ଉପବିଭାଜନଗୁଡିକୁ ଯୋଗାଣ ହୋଇଥିଲା, କିନ୍ତୁ ଜଳ ପରୀକ୍ଷଣ ସମ୍ବନ୍ଧୀୟ କୌଣସି ଦସ୍ତାବିଜ ଉପବିଭାଜନ ଗୁଡିକର ଯନ୍ତ୍ରୀମାନେ ପ୍ରତିପାଳନ କରିନଥିଲେ।

- ବ୍ରହ୍ମପୁର, କୋରାପୁଟ ଏବଂ ରାଉରକେଲାରେ ଥିବା ଜନସ୍ୱାସ୍ଥ୍ୟ ବିଭାଜନଗୁଡିକର ଜଳ ପରୀକ୍ଷା ରିପୋର୍ଟ ଅନୁସାରେ ଜଳରେ କ୍ଷାରୀୟ, ଖାର, ଲୌହ ଓ ପଙ୍କିଳ ଅଂଶ ନିର୍ଦ୍ଧାରିତ ସୀମା ଠାରୁ ଅଧିକ ଥିବାର ପ୍ରମାଣ କରିଥିଲା, ଯାହା ଅସୁରକ୍ଷିତ ଜଳ ଉକ୍ତ ସହରାଞ୍ଚଳ ଲୋକମାନଙ୍କୁ ଯୋଗାଣ ହେଉଥିବା ସୂଚନା ଦେଇଥିଲା।

- କଟକ ଜନସ୍ୱାସ୍ଥ୍ୟ ବିଭାଜନର 90ଟି ଉତ୍ସର ଜଳ ସଂକ୍ରମିତ ହୋଇଥିବା ନମୁନା ପରୀକ୍ଷାରେ ନିଶ୍ଚିତ ହୋଇଥିଲା (2009-14)। ଏହା ବ୍ୟତୀତ, କଟକ ଜନସ୍ୱାସ୍ଥ୍ୟ ବିଭାଜନ ଅଧିନରେ ଥିବା ତିନିଟି[94] ଉପବିଭାଜନ ଅଗଷ୍ଟ 2014 ରେ ହୋଇଥିବା ପରୀକ୍ଷାରେ କ୍ରମାନ୍ୱୟରେ 60 ରୁ ଚାରି, 76 ରୁ ଚାରି ଏବଂ 57 ରୁ 10 ନମୁନା ପରୀକ୍ଷାରେ ବୀଜାଣୁ ସଂକ୍ରମିତ ଥିଲା। ସଂପୃକ୍ତ ନିର୍ବାହୀ ଯନ୍ତ୍ରୀ ପ୍ରତିକୂଳ ଯାଞ୍ଚ ରିପୋର୍ଟ ସତ୍ତ୍ୱେ ଉକ୍ତ ଉତ୍ସଗୁଡିକୁ ବନ୍ଦ କିମ୍ବା ବିଶୋଧନ କରିବାକୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ସମୀକ୍ଷାରୁ ଆହୁରି ମଧ୍ୟ ଜଣାଗଲା ଯେ, କଟକ ସହରରେ ଜଳ ବିଶୋଧନାଗାର ନଥିବାରୁ ବ୍ଲିଚିଂ ପାଉଡର ମାଧ୍ୟମରେ ଜଳ ବିଶୋଧନ କରାଯାଉଥିଲା। ଉକ୍ତ ବିଭାଜନର ଚାରିଟି ଅନୁଭାଗରେ ଅଗଷ୍ଟ 2011 ଠାରୁ ମାର୍ଚ୍ଚ 2014 ମଧ୍ୟରେ ଦୁଇ ରୁ 28 ମାସ ଧରି ବ୍ଲିଚିଂ ପାଉଡର ଉପଲବଧ୍ ହୋଇନଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ନଭେମ୍ବର 2014 ରୁ ଅପ୍ରେଲ 2015) ଦ୍ୱାରା ପରୀକ୍ଷା କରାଯାଇଥିବା 64ଟି ନମୁନା ମଧ୍ୟରୁ 18ଟି ନମୁନାରେ ଜଳ ବୀଜାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଦେଖାଯାଇଥିଲା।

- କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର, ଭୁବନେଶ୍ୱର ଦ୍ୱାରା ସମ୍ବଲପୁର ସହରର 25ଟି ଉତ୍ସରୁ ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିବା ଜଳ ମଧ୍ୟରୁ 13ଟି ଉତ୍ସର ଜଳରେ ମାତ୍ରାଧିକ ଲୌହ, ପଙ୍କ, ଖାର ଜଳ ଥିବାରୁ ତାହାକୁ ବର୍ଜନ ନିମନ୍ତେ ସୁପାରିଶ କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିଲା (ସେପ୍ଟେମ୍ବର 2014)।

- ଭଞ୍ଜନଗର ଜନସ୍ୱାସ୍ଥ୍ୟ ବିଭାଜନରେ ଯଦିଓ କୌଣସି ଜଳ ପରୀକ୍ଷାଗାର ନଥିଲା ତଥାପି ଅନ୍ୟ ପରୀକ୍ଷାଗାରରେ ପରୀକ୍ଷିତ ଜଳର ଗୁଣ ନିମ୍ନମାନର ବୋଲି ଜଣାପଡ଼ିଥିଲେ ମଧ (ଜୁଲାଇ, ଅକ୍ଟୋବର 2013 ଏବଂ ଜାନୁଆରୀ 2015) ନିର୍ବାହୀ ଯନ୍ତ୍ରୀ ଜଳ ବିଶୋଧନ ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ (ଫେବୃଆରୀ 2015)।

- ଆଠଟି ନମୁନା ଜନସ୍ୱାସ୍ଥ୍ୟ ବିଭାଜନ ଅଧୀନରେ ଥିବା 78ଟି ସହରାଞ୍ଚଳକୁ ଯୋଗାଣ କରାଯାଉଥିବା ଜଳର ଭୌତିକ, ରାସାୟନିକ ଓ ବୀଜାଣୁଜନିତ ପରୀକ୍ଷା ନିୟମିତ ବ୍ୟବଧାନ[95]ରେ କରାଯାଉନଥିଲା।

- କୋରାପୁଟ ଜନସ୍ୱାସ୍ଥ୍ୟ ବିଭାଜନ ଅଧୀନରେ ଥିବା ସୁନାବେଡ଼ା ଜନ ସ୍ୱାସ୍ଥ୍ୟ ପରୀକ୍ଷଣ ପ୍ରୟୋଗଶାଳାକୁ 2009-10 ରେ ଯୋଗାଣ ହୋଇଥିବା 61 ପ୍ରକାର ଜଳ ପରୀକ୍ଷଣ ଉପକରଣ ମଧରୁ 48 ପ୍ରକାର ଉପକରଣ 2012-13 ମସିହାଠାରୁ ବୈଷୟିକ ସହାୟକ ଅଭାବରୁ ସେପ୍ଟେମ୍ବର 2014 ମସିହା ସୁଦ୍ଧା ଅବ୍ୟବହୃତ ହୋଇ ପଡ଼ିରହିଥିଲା।

94 ପିଏଚ୍ ଉପବିଭାଜନ, ଜଳ ଯୋଗାଣ ପିଏଚ୍ ଉପବିଭାଜନ ଏବଂ ମେଡିକାଲ ପିଏଚ୍ ଉପବିଭାଜନ

95 ବୀଜାଣୁ ସଂକ୍ରମଣ ପାଇଁ ଦୁଇଥର ଏବଂ ରାସାୟନିକ ମାନ ପାଇଁ ଥରେ


ବ୍ରହ୍ମପୁର ସହରରେ ପାଣି ପାଇପ୍‌ଲାଇନ୍ ଲିକେଜ୍

- ବ୍ରହ୍ମପୁର ପୁରୁଣା ସହର ଅଞ୍ଚଳରେ ଥିବା ଜଳ ଯୋଗାଣ ନଳଗୁଡ଼ିକରେ ଛିଦ୍ରରୁ ବାହାରୁଥିବା ଜଳ ବାହାର ଅସ୍ୱାସ୍ଥ୍ୟକର ଆବର୍ଜନା ସହିତ ମିଶୁଥିବା ଯନ୍ତ୍ରୀଙ୍କ ଦ୍ୱାରା ସମୀକ୍ଷା ଉପସ୍ଥିତିରେ କରାଯାଇଥିବା ମିଳିତ ସରଜମିନ ତଦନ୍ତରୁ ଜଣାପଡିଥିଲା (ଫେବୃଆରୀ 2015) ।
- ଗରିଟି ବିଭାଜନ ଅଧୀନରେ ଥିବା 11ଟି ସହରାଞ୍ଚଳରେ 2009-14 ମଧ୍ୟରେ ନିର୍ମାଣ ହୋଇଥିବା (7)/ ବିଚରାଧୀନ ଥିବା (4), 1.13 ଏମଏଲରୁ 129 ଏମଏଲ କ୍ଷମତା ବିଶିଷ୍ଟ 11ଟି ଡବ୍ଲ୍ୟୁଟିପି[96]ର ଅଟକଳ/ ଡିପିଆର ରେ ସମ୍ପ ଏବଂ ପମ୍ପ ହାଉସ୍‌ର ପୁନଃ ପ୍ରଚଳନ ପାଇଁ କୌଣସି ବ୍ୟବସ୍ଥା ନ ଥିଲା । ଏହା ଫଳରେ କେବଳ ଜଳ ଅପଚୟ ହେଉନଥିଲା ବରଂ ଅସୁରକ୍ଷିତ ଜଳ ଯୋଗାଣକୁ ସୂଚଉଥିଲା ।
- ନମୁନା ଯାଞ୍ଚ ଜନସ୍ୱାସ୍ଥ୍ୟ ବିଭାଜନରେ ଯୋଗାଣ ହେଉଥିବା ପାନୀୟ ଜଳର ମାନ ନିର୍ଦ୍ଧାରଣ ପାଇଁ, ସମୀକ୍ଷାର ଅନୁରୋଧ କ୍ରମେ, ଆଠଟି[97] ସହରାଞ୍ଚଳର 28ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇଥିଲା ଏବଂ ଏହାକୁ ପିଏଚ୍‌ଇଓଙ୍କ ପରୀକ୍ଷା କେନ୍ଦ୍ରରେ (2) ଓ ଏସପିସିବିଙ୍କ ପରୀକ୍ଷା କେନ୍ଦ୍ରରେ (26) ପରୀକ୍ଷା କରାଯାଇଥିଲା (ସେପ୍ଟେମ୍ବର 2014 ଓ ଜାନୁଆରୀ–ମାର୍ଚ୍ଚ 2015) । ପ୍ରାପ୍ତ ହୋଇଥିବା 28ଟି ରିପୋର୍ଟ ମଧ୍ୟରୁ, ଦୁଇଟି ସହରାଞ୍ଚଳ (ବ୍ରହ୍ମପୁର ଓ ଫୁଲବାଣୀ)ର ଛଅଟି ସ୍ଥାନର ଜଳ ପ୍ରଚୁର ଗୋଳିଆ (ଚାରିଟି) ଓ ଅଧିକ ଲୌହ ଅଂଶ (ତିନିଟି) ଥିବାରୁ ଅସୁରକ୍ଷିତ ଜଣାପଡିଥିଲା ।

ବିଭାଗ ଏହାକୁ ସ୍ୱୀକାର କରି ଦର୍ଶାଇଥିଲେ (ମଇ 2015) ଯେ ନଭେମ୍ବର 2014 ରୁ 'ଜଳର ମାନ ପର୍ଯ୍ୟାଲୋଚନା ମାନକ୍ରମ' ବିଭାଗର ବିଚରାଧୀନ ରହିଛି ଏବଂ ପ୍ରତିଶ୍ରୁତି ଦେଇଥିଲେ ଯେ ଡବ୍ଲ୍ୟୁଟିପିରେ ମଇଳା ଜଳର ପୁନଃ ପ୍ରଚଳନ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯିବ । ଏହା ମଧ୍ୟ ଦର୍ଶାଇଥିଲେ ଯେ ପାଞ୍ଚଟି ଜନସ୍ୱାସ୍ଥ୍ୟ ବିଭାଜନରେ ପିପିପି ଢାଞ୍ଚାରେ ଜଳ ପରୀକ୍ଷାଗାର ସ୍ଥାପନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

### 3.4.5 ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ବାହ

ଓପିଡବ୍ଲ୍ୟୁଡି କୋଡ୍‌ର ଅନୁଚ୍ଛେଦ 3.4.21 (ସି) ଅନୁସାରେ କେନ୍ଦ୍ରୀୟ ମନ୍ତ୍ରାଳୟ ଦ୍ୱାରା ଜଳ ଯୋଗାଣ ସେବା ପାଇଁ ନିର୍ଦ୍ଧାରିତ ମାନଦଣ୍ଡ ପାଳନ କରିବା ଉଚିତ୍ । ତଦନୁଯାୟୀ ମଇ 1999 ରେ ସହରୀ ବିକାଶ ମନ୍ତ୍ରାଳୟ ଅନ୍ତର୍ଗତ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ଏବଂ ପର୍ଯ୍ୟାବରଣ ସଂଗଠନ (ସିପିଏଚ୍‌ଇଇଓ) ଜଳ ଯୋଗାଣ ଓ ଉପଚାରର ନିୟମ ବହି ମୁତାବକ ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ ଅଧିକ ସମୟ ଓ ଅଧିକ ଖର୍ଚ୍ଚରୁ ବଞ୍ଚିତ କରିବା ପାଇଁ ଅନୁବନ୍ଧ ପ୍ରବନ୍ଧନ ତଥା ସୂକ୍ଷ୍ମ ପର୍ଯ୍ୟାଲୋଚନା କରାଯିବା ଆବଶ୍ୟକ ।

2009 ମସିହା ଅପ୍ରେଲ 1 ତାରିଖ ସୁଦ୍ଧା ଆଠଟି ଯାଞ୍ଚ କରାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଜନ ଅଧିନରେ 31ଟି କାମ କାର୍ଯ୍ୟନିର୍ବାହ ଅବସ୍ଥାରେ ଥିଲା । ଏତଦ୍ ବ୍ୟତୀତ ସରକାର 2009 ରୁ 2014 ମଧରେ 29ଟି କାମକୁ ମଞ୍ଜୁରୀ ପ୍ରଦାନ କରିଥିଲେ । ମାର୍ଚ୍ଚ 2014 ସୁଦ୍ଧା 20ଟି କାମ (38.75 କୋଟି ଟଙ୍କା) ସଂପୂର୍ଣ୍ଣ ହୋଇଥିବା ବେଳେ ଆଠଟି ପ୍ରକଳ୍ପ ଆରମ୍ଭ ହୋଇନଥିଲା ଏବଂ ଅବଶିଷ୍ଟ 32ଟି କାମ ଅସମ୍ପୂର୍ଣ୍ଣ[98] ହୋଇରହିଥିଲା । ବିଳମ୍ବରେ ସଂପୂର୍ଣ୍ଣ ହେବାର କାରଣ ଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା ।

#### *3.4.5.1 ଟେଣ୍ଡର ପ୍ରକ୍ରିୟା ତ୍ରୁଟାନ୍ତରେ ଏବଂ ରାଜିନାମାରେ ବିଳମ୍ବ*

ଓପିଡବ୍ଲ୍ୟୁଡି କୋଡ ମୁତାବକ ନିର୍ବାହୀ ଯନ୍ତ୍ରୀଙ୍କ ସ୍ତରରେ ଟେଣ୍ଡର ପ୍ରକ୍ରିୟା ସର୍ବାଧିକ 10 ଦିନ ମଧରେ ଏବଂ ଯେଉଁ କ୍ଷେତ୍ରରେ ମଞ୍ଜୁରୀ ପାଇଁ ଉପର ସ୍ତରରେ ଯାଞ୍ଚ ତଥା ନିଷ୍ପାଦନର ଆବଶ୍ୟକତା ଥାଏ ସେହି କ୍ଷେତ୍ରରେ ସର୍ବାଧିକ

---

96 ବରଗଡ, ବାଲିମେଳା, ଗୁଣୁପୁର, ଝାରସୁଗୁଡ଼ା, ରେଢାଖୋଲ, ମାଲକାନଗିରି, କୋଟପାଡ଼, କଟକ, ପାରଳାଖେମୁଣ୍ଡି, ଚୌଦ୍ୱାର, ଆଠଗଡ

97 ବ୍ରହ୍ମପୁର, ବଲାଙ୍ଗିର, କଟକ, ଫୁଲବାଣୀ, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ ଏବଂ ରାଉରକେଲା

98 କାର୍ଯ୍ୟ ଚାଲୁଥିବା: 24, ନିର୍ମାଣ କାର୍ଯ୍ୟ ସମାପ୍ତ ହେଲା କିନ୍ତୁ କାର୍ଯ୍ୟକାରୀ ହେଲା ନାହିଁ: 7 ଏବଂ ବର୍ଷ ବର୍ଷ ଧରି ଅସମାପ୍ତ ଥିଲା: ଏକ (1)

50[99] ଦିନ ମଧ୍ୟରେ ଚୂଡାନ୍ତ କରାଯିବ। ଏତଦ୍ ବ୍ୟତୀତ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହେବାର ସାତ ଦିନ ମଧ୍ୟରେ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଦେଶ ପ୍ରଦାନ ତଥା ରାଜିନାମା ସ୍ୱାକ୍ଷର କାମ ସାରିବେ। ସୁଦୀର୍ଘ ସନ୍ଧିକରଣ ଆବଶ୍ୟକ ଥିବା ସ୍ଥଳେ ଆଉ 15 ଦିନ ସମୟ ନିଆଯାଇପାରେ।

ସମୀକ୍ଷା ଅବଲୋକନ କଲା ଯେ:

- ଟେଣ୍ଡର ଖୋଲା ହେବା ଦିନ ଠାରୁ କାର୍ଯ୍ୟାଦେଶ ପ୍ରଦାନ ପର୍ଯ୍ୟନ୍ତ ସର୍ବାଧିକ 57 ଦିନ ଧାର୍ଯ୍ୟ ହୋଇଥିବା ସ୍ଥଳେ 56.16 କୋଟି ଟଙ୍କାର ରାଜିନାମା ମୂଲ୍ୟର ଛଅଟି ମାମଲାରେ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ କରିବାକୁ 128 ଦିନରୁ 255 ଦିନ ଯାଏ ସମୟ ଲାଗିଥିଲା। ଏହି ବିଳମ୍ବର କାରଣ ଗୁଡିକ କୌଣସି ନଥିପତ୍ରରୁ ମିଳିନଥିଲା।

- ଗୋଟିଏ ପ୍ରକଳ୍ପ କ୍ଷେତ୍ରରେ (କେଉଁଝର ସହରକୁ ଜଳଯୋଗାଣରେ ଉନ୍ନତି: ରାଜିନାମା ମୂଲ୍ୟ 49.88 କୋଟି ଟଙ୍କା) ଯଦିଓ ଟେଣ୍ଡର କମିଟି ଦ୍ୱାରା ଟେଣ୍ଡର ଖୋଲାଯାଇ (20 ଅପ୍ରେଲ 2013) ଚୂଡାନ୍ତ କରାଯାଇଥିଲା (22 ଅକ୍ଟୋବର 2013) ଏହା ମୁଖ୍ୟ ଯନ୍ତ୍ରୀଙ୍କୁ ବିଭାଗ 75 ଦିନ ପରେ ତଥା 7 ଜାନୁଆରୀ 2014 ରେ ଅବଗତ କରିଥିଲେ। 27 ଜାନୁଆରୀ 2014 ରେ କାର୍ଯ୍ୟାଦେଶ ଦିଆଯାଇଥିଲା ଏବଂ ମୋଟ ଉପରେ 199 ଦିନ ବିଳମ୍ବ ହୋଇଥିଲା। ଅନ୍ୟ ଏକ କ୍ଷେତ୍ରରେ[100] ବିଭାଗୀୟ ସ୍ତରରେ ଟେଣ୍ଡର ପ୍ରକ୍ରିୟାକୁ ଚୂଡ଼ାନ୍ତ ହେବାରେ 165 ଦିନ ବିଳମ୍ବ ହୋଇଥିଲା।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ଟେଣ୍ଡର ଦସ୍ତାବିଜ ଛାନ୍‌ଭିନ୍ ସମୟରେ ଓପିଡବ୍ଲ୍ୟୁଡି କୋଡ୍‌ର ନିର୍ଦ୍ଧାରିତ ସମୟ ଅନୁସୂଚୀର ପାଳନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଅନୁଦେଶ ଜାରି କରାଯିବ।

### *3.4.5.2 ଭୂମି ଅଧିଗ୍ରହଣ ପୂର୍ବରୁ କାର୍ଯ୍ୟାରମ୍ଭ*

ଓପିଡବ୍ଲ୍ୟୁଡି କୋଡର ଭାଗ – I ର ଅନୁଚ୍ଛେଦ 3.7.4 ଅନୁଯାଇ ଆବଶ୍ୟକ ଥିଲେ ମଧ୍ୟ ଭୂମି ଅଧିଗ୍ରହଣ ନକରି ତିନିଟି ଜନସ୍ୱାସ୍ଥ୍ୟ ବିଭାଜନର ନିର୍ବାହୀ ଯନ୍ତ୍ରୀମାନେ 42.89 କୋଟି ଟଙ୍କା ରାଜିନାମା ମୂଲ୍ୟର ସାତଟି କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଡିସେମ୍ବର 2014 ସୁଦ୍ଧା ଉପରୋକ୍ତ ପ୍ରକଳ୍ପଗୁଡ଼ିକରେ 8.48 କୋଟି ଟଙ୍କା ***(ପରିଶିଷ୍ଟ 3.4.1)*** ବ୍ୟୟ ହୋଇଥିଲେ ମଧ୍ୟ ଜମି ନମିଳିବା ଯୋଗୁଁ ଏଗୁଡିକ ସଂପୂର୍ଣ୍ଣ ହୋଇପାରିନଥିଲା।

### *3.4.5.3 ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ଅସମ୍ପୂର୍ଣ୍ଣ ଯୋଗୁଁ ଧନରାଶିର ଅବରୋଧ*

ଆଠଟି ନମୁନା ଯାଞ୍ଚ ବିଭାଜନରେ କର୍ଯ୍ୟକାରୀ ହୋଇଥିବା 60ଟି ଜଳ ଯୋଗାଣ କାର୍ଯ୍ୟର ଯାଞ୍ଚ କରି ସମୀକ୍ଷା ପରିଲକ୍ଷିତ କଲା ଯେ 20ଟି କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା, 32ଟି କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିଲା ଏବଂ ଆଠଟି କାର୍ଯ୍ୟ ଆରମ୍ଭ ହୋଇନଥିଲା। ପୁନଶ୍ଚ, ସମୀକ୍ଷା ଅବଲୋକନ କଲା ଯେ:

- ଯାଞ୍ଚ୍ କରାଯାଇଥିବା ଚାରିଟି ଜନସ୍ୱାସ୍ଥ୍ୟ ବିଭାଜନର[101] 24.93 କୋଟି ଟଙ୍କା ରାଜିନାମା ମୂଲ୍ୟର ଆଠଟି କାର୍ଯ୍ୟ ***(ପରିଶିଷ୍ଟ 3.4.2)*** ମାର୍ଚ୍ଚ 2008 ରୁ ମାର୍ଚ୍ଚ 2014 ମଧ୍ୟରେ ଆରମ୍ଭ କରାଯାଇଥିଲେ ମଧ୍ୟ ଠିକାଦାରମାନଙ୍କ ଦ୍ୱାରା ମନ୍ଥର ଗତିରେ କାର୍ଯ୍ୟ ହେଉଥିବା ଯୋଗୁଁ 22.11 କୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ଦ୍ଧାରିତ ସମୟ ସମାପ୍ତି ହେବାର ଆଠରୁ 47 ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ ହୋଇପାରିନଥିଲା।

- ତିନିଟି ଜନସ୍ୱାସ୍ଥ୍ୟ ବିଭାଜନ (ଭଞ୍ଜନଗର, ସମ୍ବଲପୁର ଏବଂ କଟକ)ରେ ଅସମ୍ପୂର୍ଣ୍ଣ ଥିବା ଛଅଟି ପ୍ରକଳ୍ପ ମଧ୍ୟରୁ, ଜୁଲାଇ 2011 ରୁ ଅଗଷ୍ଟ 2014 ମଧ୍ୟରେ 87.16 ଲକ୍ଷ ଟଙ୍କା ବିନିମୟରେ ପୂର୍ତ୍ତ କାର୍ଯ୍ୟ ସରିଥିବା 1.27 କୋଟି ଟଙ୍କା ଅଟକଳ ମୂଲ୍ୟର ପାଞ୍ଚଟି ପ୍ରକଳ୍ପରୁ ଚାରିଟି ପ୍ରକଳ୍ପ ବିଭାଗ ଦ୍ୱାରା ସଂପନ୍ନ

---

99 ଇଇ: 15 ଦିନ, ଏସ୍‌ଇ:10 ଦିନ, ସିଇ: 10 ଦିନ, ସରକାରୀ ଟେଣ୍ଡର କମିଟି: 15 ଦିନ

100 ଟରଭା ଫେଜ-I ର ଅନ୍ୟ ବିକଳ୍ପରୁ ବଲାଙ୍ଗିର ସହରକୁ ଜଳ ଯୋଗାଣର ଉନ୍ନତି (ଆକଳନ ମୂଲ୍ୟ 32.22 କୋଟି ଟଙ୍କା)

101 ବଲାଙ୍ଗିର, ଭଞ୍ଜନଗର, ବ୍ରହ୍ମପୁର ଏବଂ ରାଉରକେଲା

କରାଯାଇଥିଲେ ମଧ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଆବଶ୍ୟକୀୟ ବୈଦ୍ୟୁତିକ ସବ୍-ଷ୍ଟେସନ ସ୍ଥାପନ କରାଯାଇ ନଥିବାରୁ କାର୍ଯ୍ୟକ୍ଷମ ହୋଇନଥିଲା ବେଳେ ଅନ୍ୟ ପ୍ରକଳ୍ପଟି ଏହାର କୂଅ ମଧ୍ୟରେ ଟରବାଇନ୍ ସ୍ଥାପନ ପାଇଁ ଠିକାଦାରଙ୍କ ଆଗ୍ରହ ନଥିବା ଯୋଗୁଁ, ଅସମ୍ପୂର୍ଣ୍ଣ ହୋଇ ପଡିରହିଥିଲା । ଅଧିକନ୍ତୁ, ନିର୍ବାହୀ ଯନ୍ତ୍ରୀ ଏହି ରାଜିନାମାକୁ ବାତିଲ କରିନଥିଲେ କିମ୍ବା ଅବଶିଷ୍ଟ କାର୍ଯ୍ୟକୁ ଅନ୍ୟ ସଂସ୍ଥା ମାଧ୍ୟମରେ କରାଇନଥିଲେ ।

- କୋରାପୁଟ ଜନସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ 6.50 କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟ ସମ୍ବଳିତ କୋଟପାଡ ସହରର ଜଳଯୋଗାଣ ବୃଦ୍ଧି ପ୍ରକଳ୍ପର ଦୁଇଟି ମହତ୍ୱପୂର୍ଣ୍ଣ ଭାଗ ଇନଟେକ୍ କୂଅ (ମାର୍ଚ୍ଚ 2013) ଏବଂ ଜଳ ବିଶୋଧନାଗାର (ଜାନୁଆରୀ 2014) ର କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ (ଡିସେମ୍ବର 2014) କାର୍ଯ୍ୟ ଆରମ୍ଭ ହୋଇନଥିଲା । ଏହି କ୍ଷେତ୍ରରେ ନିର୍ବାହୀ ଯନ୍ତ୍ରୀ ଠିକା ରଦ୍ଦ କରିବା ତଥା ଜରିମାନା ଲାଗୁ କରିବା ପାଇଁ କିମ୍ବା ନିର୍ଦ୍ଧାରିତ କାର୍ଯ୍ୟ ସଂପୂର୍ଣ୍ଣ ତାରିଖ ସେପ୍ଟେମ୍ବର 2013 ରୁ (ଇନଟେକ କୂଅ) ଏବଂ ଡିସେମ୍ବର 2014 ରୁ (ଡବ୍ଲ୍ୟୁଟିପି) ଅତିବାହିତ ହୋଇଯାଇଥିଲେ ମଧ ଅନ୍ୟ ସଂସ୍ଥା ସହାୟତାରେ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେଇ ନଥିଲେ । ଏତଦ୍ୱାରା 3.98 କୋଟି ଟଙ୍କା ବିନିମୟରେ ପ୍ରକଳ୍ପର ସଂପୂର୍ଣ୍ଣ ହୋଇଥିବା ତିନିଟି ଅଂଶ (ପାଇପ ଲାଇନ୍, ଜଳାଶୟ ଏବଂ ଅଶୋଧିତ ମୁଖ୍ୟ ପାଇପ୍) ମଇ 2010, ମାର୍ଚ୍ଚ 2011 ଏବଂ ଅକ୍ଟୋବର 2013 ମଧ୍ୟରେ ସଂପୂର୍ଣ୍ଣ ହୋଇଥିଲେ ମଧ ଅବ୍ୟବହୃତ ହୋଇ ପଡ଼ିରହିଥିଲା । ସେହିପରି 2.60 କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟ ସମ୍ବଳିତ ଜୟପୁର ମ୍ୟୁନିସିପାଲିଟି ଜଳଯୋଗାଣ ପ୍ରକଳ୍ପର ଭୂତଳ ଜଳ ଭଣ୍ଡାର ତଥା ସୁଉଚ୍ଚ ଜଳ ଭଣ୍ଡାର (ଇଏସ୍ଆର୍) 2.20 କୋଟି ଟଙ୍କା ବିନିଯୋଗରେ ମାର୍ଚ୍ଚ ରୁ ମଇ 2014 ମଧରେ ସଂପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ଠିକାଦାର ଦ୍ୱାରା ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟ ସଂପନ୍ନ ହୋଇ ନଥିବାରୁ ଏହା ଅବ୍ୟବହୃତ ହୋଇ ପଡ଼ିରହିଥିଲା ।

- କଟକ ଜନସ୍ୱାସ୍ଥ୍ୟ ବିଭାଜନର ନିର୍ବାହୀ ଯନ୍ତ୍ରୀ କଟକ ସହର ସେକ୍ଟର 6 ଓ 7 ରେ ହେବାକୁ ଥିବା ପାରମ୍ପରିକ ପ୍ରକାରର ଲୌହ ନିଷ୍କାସନ ପ୍ଲାଣ୍ଟ୍ (ଆଇଆରପି) ର ନକ୍ସା, ନିର୍ମାଣ, ପରୀକ୍ଷଣ ଓ କମିଶନିଂ କରିବା ତଥା ଯାନ୍ତ୍ରିକ ଓ ବୈଦ୍ୟୁତିକ ବ୍ୟବସ୍ଥା କରିବାକୁ ପ୍ରତ୍ୟେକ 56.98 ଲକ୍ଷ ଟଙ୍କା ଏବଂ ସାତ ମାସ ମଧରେ କାମ ସାରିବା ସର୍ତ୍ତ ସହିତ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଯଦିଓ, ସେକ୍ଟର 7 ର ଲୌହ ନିଷ୍କାସନ ପ୍ଲାଣ୍ଟ୍ 56.98 ଲକ୍ଷ ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିଲା (ଡିସେମ୍ବର 2012), ଏହାକୁ ଚଳାଇବାକୁ କର୍ମଚାରୀ ଅଭାବରୁ ଏହା ଅକାମୀ ହୋଇ ପଡ଼ିରହିଥିଲା । ସେକ୍ଟର 6 ରେ ଲୌହ ନିଷ୍କାସନ ପ୍ଲାଣ୍ଟ୍ କାର୍ଯ୍ୟ (ଆଇଆରପି)କୁ ଠିକାଦାର ଆରମ୍ଭ କରିଥିଲେ (ଡିସେମ୍ବର 2008), କିନ୍ତୁ 33.59 ଲକ୍ଷ ଟଙ୍କା ମୂଲ୍ୟର କାମ ସମ୍ପୂର୍ଣ୍ଣ ପରେ ଠିକାଦାର କାମ ଛାଡ଼ିଦେଇଥିଲେ (ଡିସେମ୍ବର 2012) ଏବଂ ନିର୍ବାହୀ ଯନ୍ତ୍ରୀଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ପୁନଶ୍ଚ କାମ ଆରମ୍ଭ କରିନଥିଲେ। ଏହା ସତ୍ତ୍ୱେ, ନିର୍ବାହୀ ଯନ୍ତ୍ରୀ ଉକ୍ତ ଠିକା ବାତିଲ କରି ଅନ୍ୟ ଠିକାଦାର/ ସଂସ୍ଥା ସହାୟତାରେ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ପଦକ୍ଷେପ ନେଇନଥିଲେ, ଯାହାଦ୍ୱାରା 90.57 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।



*ଡିସେମ୍ବର 2012 ଠାରୁ ସେକ୍ଟର 6 ରେ ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ଆଇଆରପି*

### 3.4.5.4 ଜଳ ଯୋଗାଣ ପ୍ରକଳ୍ପରେ ଅତିରିକ୍ତ ପରିହାର୍ଯ୍ୟ ଖର୍ଚ୍ଚ

ନିମ୍ନରେ ଆଲୋଚନା କରାଯାଇଥିବା ଦୁଇଟି କାର୍ଯ୍ୟର ପ୍ରଶାସନିକ ଅନୁମୋଦନ ଓ ବୈଷୟିକ ମଞ୍ଜୁରୀ ପ୍ରଦାନ କରିବାରେ ବିଳମ୍ବ, ତ୍ରୁଟିପୂର୍ଣ୍ଣ ନକ୍ସା, ବିବାଦୀୟ ସ୍ଥଳରେ କାର୍ଯ୍ୟ ନିଷ୍ପାଦନ ପ୍ରଭୃତି ଯୋଗୁଁ ଦୁଇଟି ଜଳ ଯୋଗାଣ ପ୍ରକଳ୍ପକାମରେ ଅତିରିକ୍ତ ପରିହାର୍ଯ୍ୟ ଖର୍ଚ୍ଚ ହୋଇଥବା ସମୀକ୍ଷା ପରିଲକ୍ଷିତ କରିଥିଲା, ଯାହା ନିମ୍ନରେ ଆଲୋଚନା କରାଗଲା।

- 2.19 କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟ ସମ୍ବଳିତ ମାଲକାନଗିରି ସହର ଜଳଯୋଗାଣ ପ୍ରକଳ୍ପର ଉନ୍ନତିକରଣ କାର୍ଯ୍ୟ, 1999 ମସିହା ସୁଦ୍ଧା ଶେଷ ହେବା ପାଇଁ ସ୍ଥିରୀକୃତ ହୋଇଥିଲେ ମଧ୍ୟ ଏହା 3.25 କୋଟି ଟଙ୍କା ବିନିଯୋଗରେ ମାର୍ଚ୍ଚ 2009 ରେ ସଂପୂର୍ଣ୍ଣ ହୋଇଥିଲା। ବିଳମ୍ବିତ ପ୍ରଶାସନିକ ଅନୁମୋଦନ (ମେଇ 2001) ଏବଂ ତ୍ରୁଟିପୂର୍ଣ୍ଣ ଡିଜାଇନ୍ ଯୋଗୁଁ ଅତିରିକ୍ତ ଖର୍ଚ୍ଚ ହୋଇଥିଲା।
- ଜୟପୁର ମ୍ୟୁନିସିପାଲିଟିର ଜଳ ଯୋଗାଣ ପ୍ରକଳ୍ପର ଉନ୍ନତିକରଣ କାର୍ଯ୍ୟ 1.97 କୋଟି ଟଙ୍କାରେ ମଞ୍ଜୁର ହୋଇଥିଲା (ମାର୍ଚ୍ଚ 2010)। କିନ୍ତୁ ସମବେତ ଭାବରେ ସାମଗ୍ରୀ କିଣିବା, ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ପାଇପ୍ ବିଛା କାମକୁ ଭାଗ ଭାଗ କରି କାର୍ଯ୍ୟାଦେଶ ଦେବା ଏବଂ ବିବାଦୀୟ ସ୍ଥଳରେ କାର୍ଯ୍ୟ ସଂପାଦନ କରିବା ଯୋଗୁଁ ଏହାକୁ 2.60 କୋଟି ଟଙ୍କାକୁ ସଂଶୋଧିତ କରାଯାଇଥିଲା। ଭୂତଳ ଜଳ ଭଣ୍ଡାର ଏବଂ ସୁଉଚ୍ଚ ଜଳ ଭଣ୍ଡାର ମାର୍ଚ୍ଚରୁ ମଇ 2014 ମଧ୍ୟରେ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ବିତରଣ ପାଇପ୍ ବିଛାଯିବା କାମ ସମୀକ୍ଷା ସମୟ ସୁଦ୍ଧା ସଂପୂର୍ଣ୍ଣ ହୋଇନଥିଲା। ଏହାଦ୍ୱାରା 64.33 ଲକ୍ଷ ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା।

ବିଭାଗ ଅତିରିକ୍ତ ଖର୍ଚ୍ଚକୁ ସ୍ୱୀକାର କରିବା ସହିତ ଦର୍ଶାଇଥିଲେ (ମେଇ 2015) ଯେ ମାଲକାନଗିରି ପ୍ରକଳ୍ପରେ ଠିକାଦାର କାମ ଅଧାରୁ ଛାଡ଼ିବା ଦ୍ୱାରା ବିଳମ୍ବ ହୋଇଥିଲା ଏବଂ ଜୟପୁର କାମକୁ ସଂପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଥିଲେ।

### 3.4.5.5 ଅଧିକ କ୍ଷମତା ସଂପନ୍ନ ଜଳ ବିଶୋଧନାଗାର ସୃଷ୍ଟି ଯୋଗୁଁ ଅତିରିକ୍ତ ବ୍ୟୟ

ସିପିଏଚ୍ଇଇଓ ପୁସ୍ତିକାର ଅନୁଚ୍ଛେଦ 2.2.6 ଅନ୍ୟାନ୍ୟ ବିଷୟ ସହିତ ବ୍ୟବସ୍ଥା କରେ ଯେ ମଧ୍ୟବର୍ତ୍ତୀ ସ୍ତର (ପରବର୍ତ୍ତି 15 ବର୍ଷ) ଏବଂ ଇନଟେକ କୂପର ଅନ୍ତିମ ସ୍ତର (ପରବର୍ତ୍ତୀ 30 ବର୍ଷ) ପାଇଁ ଜନସଂଖ୍ୟା ଆକଳନକୁ ହିସାବକୁ ନେଇ ଜଳ ବିଶୋଧନାଗାରର ନକ୍ସା କରାଯିବ । ଏଥିରେ ଏହା ମଧ୍ୟ ନିର୍ଦ୍ଧାରିତ କରାଯାଇଛି ଯେ ଯେଉଁ ସହର ଗୁଡ଼ିକରେ ଭୂଗର୍ଭସ୍ଥ ନର୍ଦ୍ଦମା ପ୍ରଣାଳୀ ନାହିଁ କିମ୍ବା ପରିକଳ୍ପନା କରାଯାଇ ନାହିଁ, ସେଠାରେ ମୁଣ୍ଡପିଛା ପ୍ରତିଦିନ 70 ଲିଟର ଏବଂ ହିସାବ ନଥିବା ଅତିରିକ୍ତ 15 ପ୍ରତିଶତ ଜଳ ଦାବିକୁ ହିସାବକୁ ନେଇ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ନକ୍ସା କରାଯିବା ଉଚିତ୍।

ସମୀକ୍ଷାରୁ ଦେଖାଗଲା ଯେ ଭୂଗର୍ଭସ୍ଥ ନର୍ଦ୍ଦମା ନିଷ୍କାସନ ପ୍ରଣାଳୀ ନଥାଇ ଏବଂ ପରିକଳ୍ପନା ନଥିବା ଛଅଟି ସହର (ବରଗଡ଼, ଚୌଦ୍ୱାର, ଝାରସୁଗୁଡ଼ା, କେଉଁଝର, ପାରଳାଖେମୁଣ୍ଡି ଏବଂ ରେଢ଼ାଖୋଲ), ଜଳ ବିଶୋଧନାଗାରଗୁଡ଼ିକର ଯୋଜନା ଏବଂ ନକ୍ସା ସମୟରେ ମଧ୍ୟବର୍ତ୍ତୀ ସ୍ତର ପାଇଁ ଜଳର ଆବଶ୍ୟକତାକୁ, ମୁଣ୍ଡ ପିଛା ଦୈନିକ 70 ଏଲପିସିଡି ଏବଂ ଅତିରିକ୍ତ 15 ପ୍ରତିଶତ ଜଳର ଆବଶ୍ୟକତାକୁ ହିସାବକୁ ନନେଇ, ଦୈନିକ 135 ଏଲ୍ପିସିଡି ଜଳକୁ ହିସାବକୁ ନିଆଯାଇଥିଲା। ଏହାଦ୍ୱାରା ଦରକାରଠାରୁ ଯଥେଷ୍ଟ ଅଧିକ କ୍ଷମତା ବିଶିଷ୍ଟ ଜଳ ବିଶୋଧନାଗାର ଏବଂ ଇନଟେକ୍ କୂଅ ଗୁଡ଼ିକର ନକ୍ସା ଏବଂ ନିର୍ମାଣ ପାଇଁ 9.28 କୋଟି ଟଙ୍କା ଅତିରିକ୍ତ ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା।

ଏହା ବ୍ୟତୀତ, ଯଦିବା ଚୌଦ୍ୱାର ଜଳ ବିଶୋଧନାଗାରକୁ ଜଳ ସମ୍ପଦ ବିଭାଗ ମହାନଦୀରୁ 2013 ରୁ 2028 ମଧ୍ୟରେ ପ୍ରତିଦିନ 6.07 ନିୟୁତ ଲିଟର, 2028 ରୁ 2043 ମଧ୍ୟରେ ପ୍ରତିଦିନ 8.47 ନିୟୁତ ଲିଟର ଏବଂ 2043 ମସିହା ପରେ ପ୍ରତିଦିନ 8.50 ନିୟୁତ ଲିଟର ହିସାବରେ ଜଳ ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ (ଡିସେମ୍ବର 2013), ତଥାପି ପ୍ରତିଦିନ 9 ନିୟୁତ ଲିଟର କ୍ଷମତା ସଂପନ୍ନ ଜଳ ବିଶୋଧନାଗାର ପ୍ରାବଧାନ କରାଯାଇଥିଲା। ଏଥିରୁ ଜଣାଯାଉଅଛି ଯେ ତିଆରି ହୋଇଥିବା ଅତିରିକ୍ତ କ୍ଷମତା ବିଶିଷ୍ଟ ଏମ୍ଏଲ୍ଡି ବ୍ୟବହାର ନ ହୋଇ ରହିଥିଲା । ସେହିପରି କଟକ ସହରର ଜଳ ଯୋଗାଣ ପ୍ରକଳ୍ପରେ ସିପିଏଚଇଇଓ ମାନ ଅନୁସାରେ ମଧ୍ୟବର୍ତ୍ତୀ ସ୍ତର (ପରବର୍ତ୍ତୀ 15 ବର୍ଷ)ରେ ଜନସଂଖ୍ୟା ପାଇଁ ପ୍ରତିଦିନ 116 ନିୟୁତ ଲିଟର ଜଳ ଆବଶ୍ୟକତା ସତ୍ତ୍ୱେ ପ୍ରତିଦିନ 129 ନିୟୁତ ଲିଟର କ୍ଷମତା ସମ୍ପନ୍ନ ଜଳ ବିଶୋଧନାଗାରର ପ୍ରାବଧାନ କରାଯାଇଥିଲା। ଏହା ଫଳରେ ଅତିରିକ୍ତ ଖର୍ଚ୍ଚ ସମ୍ବଳିତ ଅତିରିକ୍ତ କ୍ଷମତାର ଜଳ ବିଶୋଧନାଗାର ସୃଷ୍ଟି କରାଯିବା ଫଳରେ 4.50 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

ବିଭାଗ ଦର୍ଶାଇଥିଲା (ମେଇ 2015) ଯେ କଟକ ସହରର ଉକ୍ତ ବିଶୋଧନାଗାରର ସମୁଦାୟ ଖର୍ଚ୍ଚ ଭାରତୀୟ ତୈଳ ନିଗମ ଲିମିଟେଡ୍ ବହନ କରିବେ ।

### 3.4.6 ପାଣ୍ଠି ପରିଚାଳନା

#### *3.4.6.1 କେନ୍ଦ୍ରୀୟ ସହାୟତା ପ୍ରାପ୍ତ ନହେବା*

ୟୁଆଇଡିଏସ୍ଏସ୍ଏମ୍‌ଟି ଯୋଜନା ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକୁ ପ୍ରାଧାନ୍ୟ ଦେବା ସହିତ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ପୌରାଞ୍ଚଳ ଗୁଡ଼ିକ ମଧ୍ୟରେ ଯଥାକ୍ରମେ 80:10:10 ଅନୁପାତରେ ଧନରାଶିର ଭାଗିଦାରୀ ବ୍ୟବସ୍ଥା କରିଥିଲା । ଭାରତ ସରକାରଙ୍କ ମାର୍ଗଦର୍ଶିକାର ଅନୁଚ୍ଛେଦ 7.2 ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ପ୍ରକଳ୍ପମଞ୍ଜୁରୀ ତଥା ପୌରସଂସ୍କାର କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ରାଜିନାମା ସ୍ୱାକ୍ଷର ପରେ କେନ୍ଦ୍ରୀୟ ସହାୟତା ରାଶିର 50 ପ୍ରତିଶତ ପ୍ରଦାନ କରାଯିବା ବେଳେ ରାଜ୍ୟ ଅଂଶ ପ୍ରଦାନ, ପରେ ପ୍ରଥମ କିସ୍ତି ପ୍ରଦାନ ଆର୍ଥିକ ବର୍ଷ ସମାପ୍ତିର 12 ମାସ ମଧ୍ୟରେ ପ୍ରାପ୍ତ ରାଶି[102]ର 70 ପ୍ରତିଶତର ବିନିଯୋଗ ପ୍ରମାଣପତ୍ର ଉପସ୍ଥାପନ କରିବା ପରେ ଦ୍ୱିତୀୟ କିସ୍ତି କେନ୍ଦ୍ରୀୟ ସହାୟତା ରାଶି ପ୍ରଦାନ କରାଯିବ ।

ୟୁଆଇଡିଏସ୍ଏସ୍ଏମ୍‌ଟି ଅଧୀନରେ ଭାରତ ସରକାରଙ୍କ ଦ୍ୱାରା 2009-14 ମଧ୍ୟରେ 17ଟି ଜଳ ଯୋଗାଣ ପ୍ରକଳ୍ପ ପାଇଁ 407.03 କୋଟି ଟଙ୍କାର ପ୍ରକଳ୍ପ ରାଶି ମଞ୍ଜୁର କରାଯାଇଥିଲା ଏବଂ 197.39 କୋଟି ଟଙ୍କାର କେନ୍ଦ୍ରୀୟ ରାଶି ପ୍ରାପ୍ତ ହୋଇଥିଲା । ପିଏଚ୍ଇଓମାନେ ଯୋଜନା ପାଣ୍ଠିର 70 ପ୍ରତିଶତ ଉପଯୁକ୍ତ ସମୟରେ[103] ବିନିଯୋଗ କରିବାରେ ବିଫଳ ହେବାରୁ ଛଅଟି ପ୍ରକଳ୍ପ[104] ପାଇଁ 28.95 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ମିଳି ନଥିଲା, ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନଥିବା ଯୋଗୁଁ, ପାଞ୍ଚଟି ପ୍ରକଳ୍ପ[105] ପାଇଁ 99.28 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇନଥିଲା ଏବଂ ଏହି ଯୋଜନା ମାର୍ଚ୍ଚ 2014 ରେ ବନ୍ଦ ହୋଇଯାଇଥିଲା । ମାର୍ଚ୍ଚ 2015 ସୁଦ୍ଧା 92.36 କୋଟି ଟଙ୍କା ବିନିଯୋଗ ହୋଇଥିଲା ଏବଂ ମାତ୍ର ଦୁଇଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିଲା । ଦଶଟି ପ୍ରକଳ୍ପ କାର୍ଯ୍ୟାଧୀନ ଥିଲାବେଳେ ପାଞ୍ଚଟି ପ୍ରକଳ୍ପ ଟେଣ୍ଡର ସ୍ତରରେ ଥିଲା । ।

ଏଣୁ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସଂସ୍ଥା ଦ୍ୱାରା ଅଟକଳ ପ୍ରସ୍ତୁତ ଟେଣ୍ଡର ପ୍ରକ୍ରିୟା, କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ ଏବଂ ସମୟୋପଯୋଗୀ ପାଣ୍ଠି ବିନିଯୋଗ ନ ହୋଇପାରିଥିବା ଯୋଗୁଁ ରାଜ୍ୟ 128.23 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାରୁ ବଞ୍ଚିତ ହୋଇଥିଲା ଏବଂ ଉପରୋକ୍ତ ପ୍ରକଳ୍ପଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟକୁ ନିଜସ୍ୱ ସମ୍ବଳ ଉପରେ ନିର୍ଭର କରିବାକୁ ପଡ଼ିବ ।

#### *3.4.6.2 ଅନ୍ୟାନ୍ୟ ଅନିୟମିତତା*

ନମୁନା ଯାଞ୍ଚ କରାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଜନ ଏବଂ ପୌରସଂସ୍ଥାର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ୟୁଆଇଡିଏସ୍ଏସ୍ଏମ୍‌ଟି ଅଧୀନରେ ପ୍ରଦତ୍ତ ପାଣ୍ଠିର ପରିଚାଳନାରେ ନିମ୍ନ ଅନିୟମିତତାଗୁଡିକ ପରିଲକ୍ଷିତ ହୋଇଥିଲା ।

- ***ଯୋଜନା ଅର୍ଥକୁ ସୁଧ ଅର୍ଜୁଥିବା ଖାତାରେ ନରଖିବା:*** ୟୁଆଇଡିଏସ୍ଏସ୍ଏମ୍‌ଟି ମାର୍ଗଦର୍ଶିକାର ଅନୁଚ୍ଛେଦ 19.2 ଅନୁଯାୟୀ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ପ୍ରତ୍ୟେକ ସଂସ୍ଥା ପ୍ରତ୍ୟେକ ପ୍ରକଳ୍ପ ପାଇଁ ଅଲଗା ଅଲଗା ବ୍ୟାଙ୍କ୍ ଖାତାରେ ଯୋଜନା ଅଧୀନରେ ସମସ୍ତ ପ୍ରାପ୍ତ ଅର୍ଥ ଏବଂ ଏହାର ବ୍ୟୟର ହିସାବ ରଖିବା ଉଚିତ୍ । ଏତଦ୍ ବ୍ୟତୀତ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ ପାଇଁ ଅଲଗା ଅଲଗା ହିସାବ ଖାତା ରହିବା ଆବଶ୍ୟକ । ଯାଞ୍ଚ କରାଯାଇଥିବା ଆଠଟି ଜନସ୍ୱାସ୍ଥ୍ୟ ବିଭାଜନର ନିର୍ବାହୀ ଯନ୍ତ୍ରୀ, ମାର୍ଚ୍ଚ

---

[102] ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଅଂଶ

[103] ଆର୍ଥିକ ବର୍ଷ ସମାପ୍ତିର 12 ମାସ ମଧ୍ୟରେ

[104] ଅନୁଗୁଳ (5.09 କୋଟି ଟଙ୍କା); ବ୍ରହ୍ମପୁର (2.08 କୋଟି ଟଙ୍କା); ଭବାନୀପାଟଣା (3.89 କୋଟି ଟଙ୍କା); ଝାରସୁଗୁଡ଼ା (12.79 କୋଟି ଟଙ୍କା); ପାରଳାଖେମୁଣ୍ଡି (2.11 କୋଟି ଟଙ୍କା) ଏବଂ ଫୁଲବାଣୀ (2.99 କୋଟି ଟଙ୍କା)

[105] ବାରିପଦା, ଚୌଦ୍ୱାର, କଟକ, ରାଉରକେଲା, ସମ୍ବଲପୁର ଫେଜ୍-II

2008 ରୁ ମାର୍ଚ୍ଚ 2014 ମଧ୍ୟରେ ୟୁଆଇଡିଏସ୍ଏସ୍ଏମ୍‌ଟି ଯୋଜନାରେ ସଂପୃକ୍ତ ପୌରସଂସ୍ଥା ଠାରୁ 12 ଗୋଟି ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ, 120.28 କୋଟି ଟଙ୍କା ପାଇ, ତାହାକୁ ସୁଧ ଆୟ ନକରୁଥିବା ଟ୍ରେଜେରୀ ଖାତାରେ (8443-ପବ୍ଲିକ ୱ୍ୱାର୍କ ଡିପୋଜିଟସ୍) ରଖିଥିଲେ । ରାଜ୍ୟ ଓ କେନ୍ଦ୍ର ଅଂଶ ପାଇଁ ତଥା ପ୍ରତ୍ୟେକ ପ୍ରକଳ୍ପ ପାଇଁ ଅଲଗା ଅଲଗା ହିସାବ ଖାତା ପରିଚାଳନା କରାଯାଇନଥିଲା ।

ସେହିପରି ଚୌଦ୍ୱାର ପୌରପାଳିକା ପାଇଥିବା 4.95 କୋଟି ଟଙ୍କାର ଯୋଜନା ରାଶିକୁ ସୁଧରହିତ ଟ୍ରେଜେରୀର ବ୍ୟକ୍ତିଗତ ଖାତାରେ (29 ମାର୍ଚ୍ଚ 2014 ରୁ 26 ଜୁନ୍ 2014) ଏବଂ ବ୍ୟାଙ୍କ ଚଳନ୍ତି ଖାତାରେ (27 ଜୁନ୍ 2014 ରୁ 8 ଜୁଲାଇ 2014) ମୋଟ 102 ଦିନ ରଖିବା ଦ୍ୱାରା ସୁଧ ହାନୀ ହୋଇଥିଲା ।

ଯାଞ୍ଚ କରାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଜନ ଅନ୍ତର୍ଗତ ଦୁଇଗୋଟି ପ୍ରକଳ୍ପପାଇଁ 54.25 କୋଟି ଟଙ୍କାର ଯୋଜନା ରାଶି ପୌର ସଂସ୍ଥା (ଝାରସୁଗୁଡ଼ା ଏବଂ ରାଉରକେଲା) ପାଖରେ ପଡ଼ିରହିଥିଲା ଏବଂ କାମ ଆରମ୍ଭ ହୋଇ ନ ଥିବା ଯୋଗୁଁ ପିଏଚ୍ଇଓମାନଙ୍କୁ ପ୍ରଦାନ କରାଯାଇନଥିଲା (ମାର୍ଚ୍ଚ 2015)।

- ***ଯୋଜନା ଅର୍ଥରୁ ଲବ୍ଧ ସୁଧର ଅପବ୍ୟବହାର*** : ଯୋଜନା ରାଶିରୁ ଅର୍ଜିତ ସୁଧକୁ ଅତିରିକ୍ତ ଯୋଜନା ରାଶି ବୋଲି ବିବେଚନା କରାଯିବ ଏବଂ ସଂପୃକ୍ତ ଯୋଜନା ମାର୍ଗଦର୍ଶିକା ଅନୁଯାୟୀ ଖର୍ଚ୍ଚ କରାଯିବ । ପାଞ୍ଚଟି ପୌରସଂସ୍ଥା (ବରଗଡ଼, କଟକ, ଚୌଦ୍ୱାର, ଝାରସୁଗୁଡ଼ା ଏବଂ ରାଉରକେଲା) ଅଗଷ୍ଟ 2009 ଠାରୁ ମାର୍ଚ୍ଚ 2015 ମଧ୍ୟରେ ଅବ୍ୟବହୃତ ଯୋଜନା ରାଶିରୁ 4.07 କୋଟି ଟଙ୍କା ସୁଧ ଅର୍ଜନ କରିଥିଲେ। ଗୋଟିଏ ପୌରସଂସ୍ଥା (ବରଗଡ଼ ପୌରପାଳିକା) ଉପାର୍ଜିତ ସୁଧରୁ 25.18 ଲକ୍ଷ ଟଙ୍କା କର୍ମଚାରୀମାନଙ୍କର ଛୁଟି ଦରମା ପ୍ରଦାନ, ସମୂହ ବୀମା ପ୍ରିମିୟମ ଦେୟ ଏବଂ ଡୋଜର କିଣା ବାବଦରେ ଖର୍ଚ୍ଚ କରିଥିଲେ । ନିର୍ବାହୀ ଅଧିକାରୀ, ପୌର ଧନରାଶିରୁ ଏହାକୁ ଭରଣା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ (ଅପ୍ରେଲ 2015)। ଅବଶିଷ୍ଟ 3.82 କୋଟି ଟଙ୍କା ସୁଧ ରାଶି ଉକ୍ତ ପୌରସଂସ୍ଥା ପାଖରେ ରହିଥିଲା।
- ୟୁଆଇଡିଏସ୍ଏସ୍ଏମ୍‌ଟି ମାର୍ଗଦର୍ଶିକା ଅନୁଚ୍ଛେଦ 19.1 ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଯୋଜନା ଅଧିନରେ ସୃଷ୍ଟି ହୋଇଥିବା ସମ୍ପତ୍ତି ଗୁଡ଼ିକ ପାଇଁ ସମ୍ପତ୍ତି ନଥି ପରିଚାଳନା କରିବା ଉଚିତ୍ କିନ୍ତୁ ୟୁଆଇଡିଏସ୍ଏସ୍ଏମଟି ଯୋଜନା କାର୍ଯ୍ୟାନ୍ୱୟନ କରୁଥିବା ସାତଟି ଯାଞ୍ଚ କରାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଜନ ମଧ୍ୟରୁ କେହି ଗୋଟିଏ ମଧ୍ୟ ଏହି ନଥିର ପରିଚାଳନା କରିନଥିଲେ।

### 3.4.7 ନିରୀକ୍ଷଣ, ପର୍ଯ୍ୟାଲୋଚନା ଏବଂ ଅଭିଯୋଗ ନିବାରଣ

ଓପିଡବ୍ଲୁଡି କୋଡ ଖଣ୍ଡ I ର ଅନୁଚ୍ଛେଦ 2.2.55 ଅନୁଯାୟୀ ପ୍ରତ୍ୟେକ ନିର୍ବାହୀ ଯନ୍ତ୍ରୀ ନିଜର ପରିସର ଅନ୍ତର୍ଗତ ପ୍ରତ୍ୟେକ ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅତି କମ୍‌ରେ ବର୍ଷରେ ଥରେ ନିରୀକ୍ଷଣ କରି ବିଭାଗର ବୈଧାନିକ ତଥା କାର୍ଯ୍ୟକାରୀ ନିର୍ଦ୍ଦେଶ ନାମା ଅନୁଯାୟୀ ଏହାର ଅବସ୍ଥା ସଂପର୍କରେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ ଉନ୍ନତି, ମରାମତି କିମ୍ବା ଅନ୍ୟାନ୍ୟ ବିଷୟରେ ଉପଦେଶ ଦେବେ।

ଆଠଗୋଟି ଜନସ୍ୱାସ୍ଥ୍ୟ ବିଭାଜନର ରେକର୍ଡ ଯାଞ୍ଚରୁ ଦେଖାଗଲା ଯେ:

- ଓପିଡବ୍ଲ୍ୟୁଡି କୋଡ୍-I ର ଅନୁଚ୍ଛେଦ 2.2.9 ଏବଂ 2.2.23 ଅନୁଯାୟୀ ବିଭାଜନ ସ୍ତରରେ ନିରୀକ୍ଷଣ ନଥି ପ୍ରଚଳନ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଏହା ହୋଇନଥିଲା । ଏହା ନଥିବାରୁ ନିର୍ବାହୀ ଯନ୍ତ୍ରୀମାନଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥିବା କାର୍ଯ୍ୟ ସଂଖ୍ୟା, ଟିପ୍ପଣୀ ତଥା ସୁପାରିଶକୁ ସମୀକ୍ଷାରେ ଦେଖାଯାଇ ପାରିଲା ନାହିଁ।
- ଜଳ ଯୋଗାଣ ଓ ଉପଚାର ପୁସ୍ତିକା ଅନୁଯାୟୀ ପ୍ରକଳ୍ପରେ ବ୍ୟବହୃତ ସାମଗ୍ରୀ ଗୁଡ଼ିକର ମାନ ଭାରତୀୟ ମାନକର ଅନୁରୂପ ହେବା ଉଚିତ୍ । ଜଳ ଯୋଗାଣ ପ୍ରକଳ୍ପରେ ବ୍ୟବହୃତ ସାମଗ୍ରୀଗୁଡ଼ିକର ମାନ ପରୀକ୍ଷା ସରକାରୀ ମଞ୍ଜୁରୀ ପ୍ରାପ୍ତ ପରୀକ୍ଷାଗାରରେ ଏପରିକି ନମୁନା ଯାଞ୍ଚ ପାଇଁ ମଧ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇ

ନଥିଲା । କଂକ୍ରିଟ୍ କାର୍ଯ୍ୟ କ୍ଷେତ୍ରରେ ନିର୍ବାହୀ ଯନ୍ତ୍ରୀମାନେ ଠିକାଦାରମାନଙ୍କ ଦ୍ୱାରା ପ୍ରଦତ୍ତ ଯାଞ୍ଚ୍ ରିପୋର୍ଟ ଉପରେ ଭରସା କରିଥିଲେ ।

- ଆଠଟି ଯାଞ୍ଚ୍ କରାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଜନରେ ଅଭିଯୋଗ ନଥି କିମ୍ବା ଫାଇଲ୍ ଉପଲବ୍ଧ ନଥିଲା । ସମୀକ୍ଷା ଦେଖିଥିଲା ଯେ ଜନସ୍ୱାସ୍ଥ୍ୟ ବିଭାଜନଗୁଡ଼ିକ ନିଜର ବାର୍ଷିକ ପରିଣାମ ଆଧାରିତ ସମୀକ୍ଷା ରିପୋର୍ଟରେ ଅଭିଯୋଗ ନିବାରଣକୁ 80 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ଦର୍ଶାଇଥିଲେ । ପ୍ରାପ୍ତ ଅଭିଯୋଗ ଓ ଏହାର ନିଷ୍ପାଦନ ସମ୍ବନ୍ଧିତ ସୂଚୀ ଉପଲବ୍ଧି ନଥିବାରୁ ସମୀକ୍ଷା ଉପରୋକ୍ତ ତଥ୍ୟର ସତ୍ୟତା ତଥା ନିଷ୍ପାଦନର ମାନ ବିଷୟରେ ଯାଞ୍ଚ୍ କରିପାରିଲା ନାହିଁ ।

ବିଭାଗ ଦର୍ଶାଇଥିଲା (ମଇ 2015) ଯେ, ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିରୀକ୍ଷଣ ନଥି ଏବଂ ଅଭିଯୋଗ ନଥି ପ୍ରଚଳନ କରିବା ଓ ଗୁଣବତ୍ତା ପରୀକ୍ଷା କରିବା ପାଇଁ ଅନୁଦେଶ ଦିଆଯାଇଛି ।

### 3.4.8 ଉପସଂହାର

ପରିକଳ୍ପନା ମୁତାବକ ପର୍ଯ୍ୟାପ୍ତ ମାତ୍ରାରେ ସ୍ୱଚ୍ଛ ପାନୀୟ ଜଳ ରାଜ୍ୟର 106ଟି ପୌରାଞ୍ଚଳ ମଧ୍ୟରୁ 95ଟି ପୌରାଞ୍ଚଳର ଜନସାଧାରଣଙ୍କୁ ଯୋଗାଇ ଦିଆଯାଇନଥିଲା । ରାଜ୍ୟରେ ଜଳ ଯୋଗାଣ ନୀତି ଥିବା ସତ୍ତ୍ୱେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଅଭାବୀ ଯୋଜନା କରାଯାଇଥିଲା । ପାନୀୟ ଜଳର ମାନ, ପର୍ଯ୍ୟାଲୋଚନା ଓ ନିରୀକ୍ଷଣତା ଯଥେଷ୍ଟ ଦୁର୍ବଳ ଥିଲା । ଅନେକ ସହରୀ କ୍ଷେତ୍ରରେ ଅସୁରକ୍ଷିତ ପାନୀୟ ଜଳ ଯୋଗାଣ ହେଉଥିଲା । ଟେଣ୍ଡର ପ୍ରକ୍ରିୟା ଏବଂ ରାଜିନାମା ପରିଚାଳନା ତଥା ଜଳଯୋଗାଣ କାର୍ଯ୍ୟ ସଂପାଦନ, ପ୍ରକଳ୍ପ ପରିସମାପ୍ତିରେ 8 ରୁ 47 ମାସ ପର୍ଯ୍ୟନ୍ତ ଅତିରିକ୍ତ ବିଳମ୍ବ, ପରିହାର୍ଯ୍ୟ ଖର୍ଚ୍ଚ (10.98 କୋଟି ଟଙ୍କା), ଅସମାପ୍ତ କାର୍ଯ୍ୟରେ 38.55 କୋଟି ଟଙ୍କାର ନିରର୍ଥକ ବ୍ୟୟ ଫଳରେ, କ୍ଷତିଗ୍ରସ୍ତ ହୋଇଥିଲା । ଟେଣ୍ଡରିଂ ପ୍ରକ୍ରିୟା, କାର୍ଯ୍ୟାନ୍ୱୟନ ଓ ଧନରାଶିର ବିନିଯୋଗରେ ବିଳମ୍ବ ଯୋଗୁଁ 128.23 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରାପ୍ତ ହୋଇପାରି ନଥିଲା ।

## ଗ୍ରାମ୍ୟ ଉନ୍ନୟନ ବିଭାଗ

## 3.5 ବିଜୁ ସେତୁ ଯୋଜନାର କାର୍ଯ୍ୟକାରିତା

### 3.5.1 ଉପକ୍ରମ

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ରାସ୍ତା ଓ ପଞ୍ଚାୟତିରାଜ ଅଧିନସ୍ଥ ପଞ୍ଚାୟତ ସମିତିର ପ୍ରମୁଖ ମହତ୍ୱପୂର୍ଣ୍ଣ ରାସ୍ତା ଗୁଡ଼ିକ ମଧ୍ୟରେ ରହିଯାଇଥିବା ଫାଙ୍କଗୁଡ଼ିକୁ ସେତୁ ନିର୍ମାଣ କରି ପୂରଣ କରିବା ପାଇଁ ଓଡ଼ିଶା ସରକାର ବିଜୁ ସେତୁ ଯୋଜନା (ବିଏସ୍‌ୱାଇ) ଶୁଭାରମ୍ଭ (ଅକ୍ଟୋବର 2011) କରିଥିଲେ । ଅପହଞ୍ଚ କ୍ଷେତ୍ରରେ ରହୁଥିବା ଜନସାଧାରଣଙ୍କୁ ତତ୍‌କ୍ଷଣାତ ଯୋଗାଯୋଗ ବ୍ୟବସ୍ଥା ଯୋଗାଇବା ପାଇଁ ଯୁକ୍ତି ଯୁକ୍ତ ପ୍ରବେଶ ମାର୍ଗ ବିଶିଷ୍ଟ ଛୋଟ ସେତୁଗୁଡିକ ବିଜୁ ସେତୁ ଯୋଜନା ଅଧୀନରେ ତିଆରି କରାଯାଇଥିଲା । ତଦନୁସାରେ 2011-14 ମଧ୍ୟରେ ଏହି ପରିକଳ୍ପନା ଅଧୀନରେ 600ଟି ସେତୁ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ଗ୍ରାମ୍ୟ ନିର୍ମାଣର ଯନ୍ତ୍ରୀ ମୁଖ୍ୟ (ଇଆଇସି) କାର୍ଯ୍ୟ ନିର୍ବାହନ ପାଇଁ ଉତ୍ତରଦାୟୀ ଅଟନ୍ତି ।

ଯୋଜନାର ପର୍ଯ୍ୟାପ୍ତତା, ପାଣ୍ଠି ବିନିଯୋଗରେ ଦକ୍ଷତା, କାର୍ଯ୍ୟ ଚୟନ, ନିଲାମି ଓ ନିର୍ମାଣ କାର୍ଯ୍ୟର ମିତବ୍ୟୟିତାକୁ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ଇଆଇସି, ଗ୍ରାମ୍ୟ ନିର୍ମାଣ ଏବଂ ଆଠଟି[106] ଗ୍ରାମ୍ୟ ନିର୍ମାଣ ବିଭାଗର 2011-14 ମଧ୍ୟରେ ଅନ୍ତର୍ଭୁକ୍ତ ନଥିକୁ ସମୀକ୍ଷା ନମୁନା ଯାଞ୍ଚ କରିଥିଲା (ଜାନୁଆରୀ-ଫେବୃଆରୀ 2015) ।

---
106 ଅନୁଗୁଳ, ବରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ନବରଙ୍ଗପୁର-II, ଫୁଲବାଣୀ, ରାୟଗଡା, ରାଉରକେଲା

**ସମୀକ୍ଷା ସିଦ୍ଧାନ୍ତ**

### 3.5.2 ଯୋଜନା

2011-14 ମଧ୍ୟରେ ସରକାର 2,078.13 କୋଟି ଟଙ୍କା ଅଟକଳ ମୂଲ୍ୟରେ 600ଟି ସେତୁ ନିର୍ମାଣ କରିବାର ଯୋଜନା କରିଥିଲେ, ଯହିଁରୁ ମାର୍ଚ୍ଚ 2014 ସୁଦ୍ଧା 156ଟି ସେତୁର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା । ବାର୍ଷିକ ପରିଯୋଜନା କରାଯାଇଥିବା ସେତୁ ନିର୍ମାଣର ସଂଖ୍ୟା ଅଟକଳ ମୂଲ୍ୟ, ବଜେଟରେ ବ୍ୟବସ୍ଥିତ ରାଶି ଓ ଖର୍ଚ୍ଚ ହୋଇଥିବା ଟଙ୍କାର ପରିମାଣ ନିମ୍ନ ସାରଣୀରେ ପ୍ରଦତ୍ତ କରାଗଲା :

*ସାରଣୀ3.5.1: 2011-14 ମଧ୍ୟରେ ବିଜୁ ସେତୁ ଯୋଜନାର ଆର୍ଥିକ ଓ ଭୌତିକ ସ୍ଥିତି*

| ବର୍ଷ | ଯୋଜନା କରାଯାଇ-ଥିବା ସେତୁ ସଂଖ୍ୟା | ହାତକୁ ନିଆଯାଇ-ଥିବା ସେତୁ ସଂଖ୍ୟା | ସଂପୂର୍ଣ୍ଣ ହୋଇଥିବା ସେତୁ ସଂଖ୍ୟା | | | | ଆକଳନ ମୂଲ୍ୟ | ବଜେଟରେ ବ୍ୟବସ୍ଥିତ ରାଶି | ଖର୍ଚ୍ଚ ପରିମାଣ |
|---|---|---|---|---|---|---|---|---|---|
| | | | 2011-12 | 2012-13 | 2013-14 | ମୋଟ | କୋଟି ଟଙ୍କାରେ | | |
| 2011-12 | 100 | 100 | 2 | 41 | 45 | 88 | 260.98 | 78.51 | 54.60 |
| 2012-13 | 300 | 300 | 0 | 3 | 52 | 55 | 1227.15 | 140.00 | 135.78 |
| 2013-14 | 200 | 147 | 0 | 0 | 13 | 13 | 590.00 | 175.00 | 172.19 |
| **ମୋଟ** | **600** | **547** | **2** | **44** | **110** | **156** | **2078.13** | **393.51** | **362.57** |

*(ଉତ୍ସ: ଇଆଇସି ଦ୍ୱାରା ପ୍ରଦତ୍ତ ତଥ୍ୟ)*

2011-14 ମଧ୍ୟରେ ପରିଯୋଜନା କରାଯାଇଥିବା 600ଟି ସେତୁ ମଧ୍ୟରୁ 547ଟି ସେତୁର କାର୍ଯ୍ୟ ହାତକୁ ନିଆଯାଇଥିଲା, ତନ୍ମଧ୍ୟରୁ 156ଟି ସେତୁର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ 391ଟି ସେତୁ ଅସମ୍ପୂର୍ଣ୍ଣ ରହିଥିବା ସମୀକ୍ଷା ପରିଲକ୍ଷିତ କରିଥିଲା । ଆଠଟି ନମୁନା ଯାଞ୍ଚ କରାଯାଇଥିବା ବିଭାଜନରେ ହାତକୁ ନିଆଯାଇଥିବା 93ଟି ସେତୁର ନିର୍ମାଣ କାର୍ଯ୍ୟ ମଧ୍ୟରୁ ଫେବୃଆରୀ 2015 ସୁଦ୍ଧା 65ଟି ସେତୁର କାର୍ଯ୍ୟ ସମାପ୍ତ ହେବାର ଥିଲା । କିନ୍ତୁ ଏହି 65ଟି ମଧ୍ୟରୁ 18ଟି ସେତୁର ନିର୍ମାଣ କାର୍ଯ୍ୟ ସରିଥିଲା ଯେଉଁଥିରେ 12ଟି ସେତୁର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସରିଥିଲା । ଜେନେରାଲ ଆଲାଇନମେଣ୍ଟ ଡ୍ରଇଂ (ଜିଏଡି)ରେ ପରିବର୍ତ୍ତନ, ଜମି ନ ମିଳିବା, ଟେଣ୍ଡର ମଞ୍ଜୁରୀ ଓ ରାଜିନାମା ସ୍ୱାକ୍ଷର କରିବାରେ ବିଳମ୍ବ ହେବା ଇତ୍ୟାଦି କାରଣରୁ ପ୍ରକଳ୍ପ ଗୁଡ଼ିକ ସଂପୂର୍ଣ୍ଣ ହେବାରେ ବିଳମ୍ବ ଘଟିଥିଲା, ଯାହାକି ପରବର୍ତ୍ତି ଅନୁଚ୍ଛେଦରେ ବର୍ଣ୍ଣିତ ।

#### *3.5.2.1 ମାର୍ଗଦର୍ଶିକାର ବ୍ୟତିକ୍ରମ କରି ସ୍ଥାନ ନିରୂପଣ କରିବା*

ବିଜୁ ସେତୁ ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ ସେତୁ ଗୁଡ଼ିକ ନଦୀ/ ନାଳର ସେହି ସ୍ଥାନରେ ନିର୍ମାଣ ହେବ ଯେଉଁଠାରୁ 10 କିମି ପର୍ଯ୍ୟନ୍ତ ଉଠାଣି କିମ୍ବା ଗଡ଼ାଣିରେ କୌଣସି ସେତୁ ନଥିବ ଏବଂ ସେତୁର ଦୈର୍ଘ୍ୟ 25 ମିଟରରୁ କମ୍ ହୋଇନଥିବ ।

ଉପରୋକ୍ତ ମାର୍ଗଦର୍ଶିକାକୁ ଅବମାନନା କରି 20.62 କୋଟି ଟଙ୍କାର ଅଟକଳ ମୂଲ୍ୟରେ 13 ଗୋଟି ସେତୁ ପାଇଁ ସ୍ଥାନ ନିରୂପଣ କରାଯାଇ ଥିଲା ଓ ଜାନୁଆରୀ 2015 ସୁଦ୍ଧା 10.58 କୋଟି ଟଙ୍କା ଖର୍ଚ୍ଚ ହୋଇଥିବାର ସମୀକ୍ଷା ଅବଲୋକନ କରିଥିଲା ଯାହା ***ପରିଶିଷ୍ଟ 3.5.1*** ରେ ବିଶେଷ ଭାବରେ ବର୍ଣ୍ଣିତ। ସମୀକ୍ଷା ପୁନଶ୍ଚ ଅବଲୋକନ କଲେ ଯେ ପିଏମ୍‌ଜିଏସ୍‌ୱାଇ ଅଧୀନରେ ଥିବା ତିନିଟି ସେତୁର ନିର୍ମାଣ କାର୍ଯ୍ୟ ସହିତ 12ଟି ସେତୁ ନିର୍ମାଣ କାର୍ଯ୍ୟ ଯାହାକି ପୂର୍ବରୁ ଅନ୍ୟ ପରିକଳ୍ପନା କାର୍ଯ୍ୟ ଅଧୀନରେ ଥିଲା ଓ ସେମାନଙ୍କର କାର୍ଯ୍ୟନିର୍ବାହ ପାଇଁ ପଦକ୍ଷେପ ନିଆଯାଇନଥିଲା ଏବଂ ବିଏସୱାଇ ନିୟମାବଳୀ ଅଧୀନରେ ଥିବା ସେମାନଙ୍କର ଯୋଗ୍ୟତା ବିନା ପରୀକ୍ଷା ନିରୀକ୍ଷା କରାଯାଇ ଗ୍ରହଣ କରାଯାଇଥିଲା ।

ସରକାର ଦର୍ଶାଇଥିଲେ (ମଇ 2015) ଯେ, ସମସ୍ତ ଜନସାଧାରଣଙ୍କୁ ସେବା ଯୋଗାଇବା ଓ ଆଦିବାସୀ ଲୋକଙ୍କୁ

ସବୁଦିନିଆ ରାସ୍ତା ଯୋଗାଇଦେବା ଉଦ୍ଦେଶ୍ୟରେ ସେତୁ ଗୁଡ଼ିକୁ ହାତକୁ ନିଆଯାଇଥିଲା । ସରକାର ପୁନର୍ବାର ପ୍ରତିଶ୍ରୁତି ଦେଇଥିଲେ କି ବର୍ତ୍ତମାନର ମାନଦଣ୍ଡକୁ ସମୀକ୍ଷା କରି ଆବଶ୍ୟକୀୟ ପରିବର୍ତ୍ତନ କରାଯିବ ।

### 3.5.2.2 ଜମି ଅଧିଗ୍ରହଣ ନକରି / ଅନୁଚିତ୍ ସ୍ଥାନ ସର୍ଭେ କରି କାର୍ଯ୍ୟ ପ୍ରଦାନ

ଓପିଡବ୍ଲୁଡି ପ୍ରଥମ ଖଣ୍ଡ ଧାରା 3.4.9 ଅନୁଯାୟୀ, ଯେତେବେଳେ ଜଣେ ପୂର୍ତ୍ତ ବିଭାଗ ଅଫିସର ଯୋଜନା ଓ ଅଟକଳ ପ୍ରସ୍ତୁତ କରିବେ ଓ ତାହାର କାର୍ଯ୍ୟ ନିର୍ବାହ ଯଦି ଅନ୍ୟ ବିଭାଗ ଯଥା ରେଳ, ଡାକ ଓ ତାର ଇତ୍ୟାଦି ବିଭାଗର କାର୍ଯ୍ୟରେ ପ୍ରଭାବ ପକାଉଥିବ ବା ହସ୍ତକ୍ଷେପ କରୁଥିବ, ତେବେ ସେମାନଙ୍କ ସହ ବହୁ ଆଗରୁ କଥାବାର୍ତ୍ତା କରି ଦରକାର ମୁତାବକ ଯୋଜନା ଓ ନକ୍ସା ପ୍ରସ୍ତୁତ କରିବେ । ଓପିଡବ୍ଲୁଡି କୋଡ୍ ଭଲ୍ୟୁମ୍ I ର ଅନୁଚ୍ଛେଦ 3.7.4 ସୂଚିତ କରେ ଯେ ଯେଉଁ ଜମି କାର୍ଯ୍ୟକାରୀ କରୁଥିବା ବିଭାଗକୁ ଯଥାରୀତି ହସ୍ତାନ୍ତରିତ ହୋଇନଥିବ, ସେଭଳି ଜମିରେ କୌଣସି କାର୍ଯ୍ୟ ସମ୍ପାଦନ କରାଯିବ ନାହିଁ । ବସ୍ତୁଗତ ଭାବରେ ଅଧିଗ୍ରହଣ କରାଯାଇ ନଥିବା ଜାଗା ଉପରେ କାର୍ଯ୍ୟ ଆରମ୍ଭ କରିବାକୁ ଓପିଡବ୍ଲୁଡି କୋଡ୍ ଭଲ୍ୟୁମ୍ I ର ପରିଶିଷ୍ଟ XI ର ଅନୁଚ୍ଛେଦ 16 ରେ ବାରଣ କରାଯାଇଛି । ଓପିଡବ୍ଲୁଡି କୋଡ୍‌ର ଅନୁଚ୍ଛେଦ 3.4.17 ଅନୁଯାୟୀ ସେତୁର ଅଟକଳ ପ୍ରସ୍ତୁତି କରିବା ପୂର୍ବରୁ ପ୍ରାଥମିକ ଅନୁସନ୍ଧାନ ଆରମ୍ଭ କରିବା ଆବଶ୍ୟକ ଏବଂ ଆବଶ୍ୟକୀୟ ପ୍ରତ୍ୟେକ ଜେଟି ଓ ପିଲ ପାହିଆ ପାଇଁ ଯେତେସମ୍ଭବ ଖାଲ ବା ଗାଡ଼ କରି ପ୍ରାଥମିକ ପରୀକ୍ଷା କରିବା ଦରକାର । ଉପଯୁକ୍ତ ଜାଗାର ଅନୁସନ୍ଧାନ ନକରି, ଜାଗାର ଯାଞ୍ଚ୍ ନକରି ଓ ଜମି ଅଧିଗ୍ରହଣ ହେବା ପୂର୍ବରୁ କାର୍ଯ୍ୟ ପ୍ରଦାନ କରାଯାଇଥିବାର ସମୀକ୍ଷା ଅବଲୋକନ କରିଥିଲା, ଯାହାକି ନିମ୍ନରେ ଆଲୋଚନା କରାଗଲା :

- ଗ୍ରାମ୍ୟ ନିର୍ମାଣ ବିଭାଜନ, ରାଉରକେଲାଙ୍କ ଅଧିନରେ ଥିବା ବନ୍ଧମୁଣ୍ଡା-ଝିରପାଣି ରାସ୍ତାର 3.700 କିମିରେ ଥିବା ଜାମସାରା ନାଳ ଉପରେ ତିଆରି କରାଯାଇଥିବା ଛୋଟ ସେତୁର ନିର୍ମାଣ ପାଇଁ 1.22 କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା (ଜୁନ 2012) ଏବଂ କାର୍ଯ୍ୟଟିକୁ ମଇ 2013 ସୁଦ୍ଧା ସଂପୂର୍ଣ୍ଣ ପାଇଁ ନିର୍ଦ୍ଧାରିତ ଥିଲା । କିନ୍ତୁ, ଜମି ନ ମିଳିବା ଯୋଗୁଁ କାମ ଆରମ୍ଭ ହୋଇପାରି ନଥିଲା । ଫଳତଃ, ଠିକାଦାରଙ୍କ ଅନୁରୋଧ କ୍ରମେ ଚୁକ୍ତିକୁ ରଦ୍ଦ କରାଯାଇଥିଲା (ଜାନୁଆରୀ 2015) । ପୁନଶ୍ଚ, ପ୍ରାଥମିକ ଜମି ସର୍ଭେ ଓ ଅନୁସନ୍ଧାନ କରି ଅଟକଳ ପ୍ରସ୍ତୁତ କରାଯାଇଥିଲା, କିନ୍ତୁ ସର୍ଭେ ରିପୋର୍ଟରେ ଭୂମି ନଥିବାର କିଛି ସୂଚନା ନଥିଲା ।

  ସରକାର ଦର୍ଶାଇଥିଲେ (ମଇ 2015) ଯେ ଜମି ଅଧିଗ୍ରହଣ କରିବାର ସମ୍ଭାବନାକୁ ଦେଖି କାର୍ଯ୍ୟ ପ୍ରଦାନ କରାଯାଇଥିଲା ।

- ଚାରିଟି କାର୍ଯ୍ୟକୁ ଅକ୍ଟୋବର 2012 ରୁ ଡିସେମ୍ବର 2014 ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ 7.68 କୋଟି ଟଙ୍କାର ରାଜିନାମା ମୂଲ୍ୟରେ ପ୍ରଦାନ କରାଯାଇଥିଲା । ଦୁର୍ବଳ ମୃତ୍ତିକା ସ୍ତର ଓ କାର୍ଯ୍ୟାନ୍ୱୟନ ସମୟରେ ବିଭିନ୍ନ ପ୍ରକାର ମୃତ୍ତିକା ସ୍ତର ଯୋଗୁଁ ଜେନେରାଲ ଆଲାଇନମେଣ୍ଟ ଡ୍ରଇଂ (ଜିଏଡି) ରେ ପରିବର୍ତ୍ତନ କରାଯିବାରୁ ମୂଳଦୁଆରେ ଭିନ୍ନ ସ୍ଥିତିର ଏକତ୍ରିକରଣ କରିବା ସ୍ଥିତି ଓ ଖୋଲା ମୂଳଦୁଆରୁ ଭେଦା ମୂଳଦୁଆ ପର୍ଯ୍ୟନ୍ତ ପରିବର୍ତ୍ତନ ଦରକାର ପଡ଼ିଥିଲା । ଫଳରେ କାମର ମଧ୍ୟ ଭାଗରେ ନକ୍ସାର ପରିବର୍ତ୍ତନ କରିବାକୁ ପଡ଼ିଥିଲା ଏବଂ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ନିର୍ଦ୍ଧାରିତ ତାରିଖର 2 ମାସରୁ 26 ମାସ ପରେ ମଧ୍ୟ କାମ ଗୁଡ଼ିକ ଚାଲୁ ରହିଥିଲା ।

  ସରକାର ଦର୍ଶାଇଥିଲେ (ମଇ 2015) ଯେ ଯଦିଓ ପ୍ରାଥମିକ ସର୍ଭେ ଓ ଅନୁସନ୍ଧାନ ଭିତ୍ତିରେ ଜେନେରାଲ ଆଲାଇନମେଣ୍ଟ ଡ୍ରଇଂ (ଜିଏଡି) ପ୍ରସ୍ତୁତ କରାଯାଇଥିଲା, ତଥାପି ଡିଜାଇନରେ ପରିବର୍ତ୍ତନ ଅନିର୍ବାଯ୍ୟ ଥିଲା ।

- ଗ୍ରାମ୍ୟ ନିର୍ମାଣ ବିଭାଜନ, ରାଉରକେଲା ଅଧିନରେ ଝିର୍‌ପାଣି-ତୋଲପସ୍ ରାସ୍ତାରେ ଥିବା ତୋଲପସ୍ ଉପରେ ଏକ ସେତୁକୁ ସେପ୍ଟେମ୍ବର 2015 ସୁଦ୍ଧା ନିର୍ମାଣ କରିବା ପାଇଁ 5.31 କୋଟି ଟଙ୍କାରେ ରାଜିନାମା କରାଯାଇ କାର୍ଯ୍ୟ ପ୍ରଦାନ କରାଯାଇଥିଲା (ମାର୍ଚ୍ଚ 2014) । କାର୍ଯ୍ୟ ଚାଲୁଥିବା ସମୟରେ

ଉଚ୍ଚ କ୍ଷମତା ସମ୍ପନ୍ନ ଇଲେକ୍ଟ୍ରିଲାଇନ୍ ସେତୁ ପାଖରେ ଥିବା ଦୃଷ୍ଟି ଗୋଚର ହୋଇଥିଲା । ମାତ, ସର୍ବେକ୍ଷଣ ରିପୋର୍ଟରେ ଉକ୍ତ ଲାଇନ୍ ଥିବାର ସୂଚନା ନଥିଲା । ଫଳରେ, ଜେନେରାଲ୍ ଆଲାଇନମେଣ୍ଟ ଡ୍ରଇଂକୁ ପରିବର୍ତ୍ତନ କରି ସେତୁର ଦୈର୍ଘ୍ୟକୁ କମ୍ କରାଯାଇଥିଲା (ଡିସେମ୍ବର 2014) । ଯାହା ଦ୍ୱାରା ସର୍ଭେ ରିପୋର୍ଟରେ ରହିଥିବା ତୃଟି ଯୋଗୁଁ ଜେନେରାଲ ଆଲାଇନମେଣ୍ଟ ଡ୍ରଇଂ ଯାହାକି କାର୍ଯ୍ୟ ପ୍ରଦାନର ପୂର୍ବରୁ ଚୂଡ଼ାନ୍ତ ହେବା କଥା, ତାହା କାର୍ଯ୍ୟ ପ୍ରଦାନର ନଅ ମାସ ପରେ ଚୂଡ଼ାନ୍ତ ହୋଇଥିଲା ।

ସରକାର ଦର୍ଶାଇଥିଲେ (ମଇ 2015) ଯେ ଯେହେତୁ ଉଚ୍ଚ କ୍ଷମତାପନ୍ନ ତାର ସ୍ଥାନାନ୍ତର କରିବା ସମୟସାପେକ୍ଷ ଓ ଅଧିକ ବ୍ୟୟଯୁକ୍ତ, ତେଣୁ ଜେନେରାଲ ଆଲାଇନମେଣ୍ଟ ଡ୍ରଇଂରେ ପରିବର୍ତ୍ତନ କରାଯାଇଥିଲା ।

### 3.5.3 ଅଟକଳ ପ୍ରସ୍ତୁତି

ଓପିଡବ୍ଲ୍ୟୁଡି ଅନୁଯାୟୀ ଏକ ନିର୍ଭୁଲ ଅଟକଳ ପ୍ରସ୍ତୁତ କରିବାର ପ୍ରାଥମିକ ଆବଶ୍ୟକତା ହେଉଛି କାର୍ଯ୍ୟର ଉପଯୁକ୍ତ ଅଂଶଟିକୁ ଠିକ୍ ଭାବରେ ଆକଳନ କରିବା ଓ ତତ୍ ସହିତ ଉପଯୁକ୍ତ ବିଶ୍ଳେଷଣ କରି ନିର୍ଭୁଲ ମୂଲ୍ୟ ପ୍ରସ୍ତୁତ କରିବା । ମାତ୍ର ସମୀକ୍ଷା ପରିଲକ୍ଷିତ କଲା ଯେ, ବିଭିନ୍ନ ଅସୁବିଧା କାରଣରୁ ଯଥା- ସିମେଣ୍ଟର ଅତ୍ୟଧିକ ବ୍ୟବସ୍ଥା, ଅନାବଶ୍ୟକ ଦଫାକୁ ଗ୍ରହଣ କରିବା, ଗାଡ଼ି ଚାଲିବାର ରାସ୍ତାକୁ ଅଧିକ ଓସାରିଆ କରିବା ବ୍ୟବସ୍ଥା ଯୋଗୁଁ ଅଟକଳର ପ୍ରସ୍ତୁତି ସଠିକ ନଥିଲା, ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା ।

*ସାରଣୀ : 3.5.2 ଅଟକଳ ପ୍ରସ୍ତୁତିରେ ବିଚ୍ୟୁତି*

| ଅନିୟମିତତାର ପ୍ରକାର | ସମୀକ୍ଷା ମନ୍ତବ୍ୟ |
|---|---|
| ଅଧିକ ସିମେଣ୍ଟର ବ୍ୟବସ୍ଥା | ଓପିଡବ୍ଲ୍ୟୁଡି କୋଡ୍ ଭଲ୍ୟୁମ୍ I ର ଅନୁଚ୍ଛେଦ 3.4.17(vi) ଅନୁଯାୟୀ ସେତୁର ଅଟକଳ ପ୍ରସ୍ତୁତ କରିବା ସମୟରେ ଭାରତୀୟ ରୋଡ କଂଗ୍ରେସ (ଆଇଆରସି)ର କାର୍ଯ୍ୟ ପଦ୍ଧତି ସଂହିତାକୁ ଅନୁସରଣ କରିବା କଥା । କିନ୍ତୁ ଚାରିଟି[107] କାମର ଅଟକଳରେ ଏସ୍ଏଆର୍ ଆଧାରରେ ସିମେଣ୍ଟ କଂକ୍ରିଟ୍ କାମ ଏମ୍ 15, ଏମ୍ 20, ଏମ୍ 25, ଏବଂ ଏମ୍ 30 ଶକ୍ତିରେ ଯଥାକ୍ରମେ ପ୍ରତି କ୍ୟୁବିକ୍ ମିଟରକୁ 275 କିଗ୍ରା, 347 କିଗ୍ରା, 403 କିଗ୍ରା ଓ 404 କିଗ୍ରା ହାରରେ ସିମେଣ୍ଟ ବ୍ୟବସ୍ଥା କରାଯାଇଥିଲା । ମାତ୍ର ଆଇଆରସି 21-2000ର ଧାରା 302.6.2 ଅନୁଯାୟୀ ଉପରୋକ୍ତ କାମରେ ଯଥାକ୍ରମେ 250 କିଗ୍ରା, 310 କିଗ୍ରା, 360 କିଗ୍ରା ଏବଂ 380 କିଗ୍ରା ସିମେଣ୍ଟ ଲାଗିବା ଆବଶ୍ୟକ । ଫଳତଃ, 5,987.16 କ୍ୟୁବିକ୍ ମିଟର ସିମେଣ୍ଟ କଂକ୍ରିଟ୍ କାମରେ 2,253.28 କୁଇଣ୍ଟାଲର ଅଧିକ ସିମେଣ୍ଟ ବ୍ୟବହାର କରାଯିବା ଦ୍ୱାରା ଅଧିକ 12.68 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । |
| ଗାଡ଼ି ଯିବାର ରାସ୍ତାକୁ ଓସାରିଆ କରି ଅଟକଳ ପ୍ରସ୍ତୁତ କରିବା | ଆଇଆରସିଃ ଏସ୍ପି: 20-2002 ର ଅନୁଚ୍ଛେଦ 7.2.1 ଅନୁଯାୟୀ 7.5 ମିଟର ଓସାରିଆ ଥିବା ଗ୍ରାମ୍ୟ ରାସ୍ତାରେ ଛୋଟ ସେତୁ ଗୁଡ଼ିକର ପ୍ରସ୍ଥ ଛଅ ମିଟର ଓ ଗାଡ଼ି ଚାଲିବାର ରାସ୍ତା 5.5 ମିଟର ହେବା ଆବଶ୍ୟକ । ଯଦିଓ ରାସ୍ତାର ଗଠନ 7.5 ମିଟର ଥିଲା ତଥାପି ତିନିଟି ଗ୍ରାମ୍ୟ ନିର୍ମାଣ ବିଭାଜନର ତିନିଟି[108] ସେତୁର ଅଟକଳରେ ଗାଡ଼ି ଚାଲିବା ରାସ୍ତାର ଓସାରକୁ 5.5 ମିଟର ପରିବର୍ତ୍ତେ 7.5 ମିଟର କରାଯାଇ 9.63 କୋଟି ଟଙ୍କାର ଅଟକଳ ପ୍ରସ୍ତୁତ କରାଯାଇଥିଲା । ଏହି ଅନୁଯାୟୀ, ଡିସେମ୍ବର 2014 ପର୍ଯ୍ୟନ୍ତ 5.10 କୋଟି ଟଙ୍କାର ଖର୍ଚ୍ଚ କରାଯାଇଥିଲା । ଯାହାଫଳରେ, ସେତୁଗୁଡ଼ିକ ଦୁଇ ମିଟର ଅଧିକ ଓସାର ନିର୍ମାଣ କରାଯାଇଥିଲା ଯାହାକି ଆଇଆରସିର ନିର୍ଦ୍ଦେଶନାମାର ସର୍ତ୍ତାବଳୀରେ ନଥିଲା । |

[107] (1) ଲିଙ୍ଗିରିଆ ନଳା ଉପରେ ସେତୁ (ଅନୁଗୁଳ ବିଭାଜନ); (2) ଅର୍ଜୁନ୍ଦା ନଳା ଉପରେ ସେତୁ (ବରଗଡ଼ ବିଭାଜନ); (3) ବଳଦିଆ ନଳା ଉପରେ ସେତୁ (ରାୟଗଡ଼ା ବିଭାଜନ); (4) ଅମୃଦ୍ଧି ନଳା ଉପରେ ସେତୁ (ରାଉରକେଲା ବିଭାଜନ)

[108] (1) ନାକ୍ଟିଦେଉଳ ନଳା ଉପରେ ସେତୁ (ଅନୁଗୁଳ); (2) ବଞ୍ଜାରୀ ନଳା ଉପରେ ସେତୁ (ବରଗଡ) ଏବଂ (3) ଝଞ୍ଜାବତୀ ନଦୀ ଉପରେ ସେତୁ ( ରାୟଗଡ଼ା)

| ଅନିୟମିତତାର ପ୍ରକାର | ସମୀକ୍ଷା ମନ୍ତବ୍ୟ |
|---|---|
| କମ୍ ଦୈର୍ଘ୍ୟର ସେତୁ ନିର୍ମାଣ | ନୀଳେଶ୍ୱରପୁରରୁ ଏନ୍‌ଏଚ୍-6 ଭାୟା ପଥର୍ଲା ରୋଡରେ ବଞ୍ଜାରି ନଳା ଉପରେ ତିଆରି ହୋଇଥିବା ସେତୁର ହାଇଡ୍ରଲିକ୍ ତଥ୍ୟ ଅନୁଯାୟୀ ଉଚ୍ଚ ବନ୍ୟା ସ୍ତରରେ ରେଖାଙ୍କିତ ଜଳପଥ 86.79 ମିଟର ଥିଲା । ଏହା ଅନୁଯାୟୀ ସେତୁର ଦୈର୍ଘ୍ୟ ଅତିକମରେ 86.79 ମିଟର ହେବା ପ୍ରସ୍ତାବ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ, ବରଗଡ଼ ମୁଖ୍ୟ ଯନ୍ତ୍ରୀଙ୍କୁ ଦେଇଥିଲେ । କିନ୍ତୁ, ମୁଖ୍ୟ ଯନ୍ତ୍ରୀ ଜେନେରାଲ ଆଲାଇନମେଣ୍ଟ ଡ୍ରଇଂ (ଜିଏଡି) ରେ 53.85 ମିଟରକୁ ନେଇ ପ୍ରସ୍ତୁତ କରିଥିଲେ ଓ ମଞ୍ଜୁର ମଧ କରିଥିଲେ (ଫେବୃଆରୀ 2012) ଯାହାକି ଭାରତ ସରକାରଙ୍କ ସଡ଼କ ଓ ରାଜପଥ ମନ୍ତ୍ରଣାଳୟର ନିର୍ଦ୍ଦେଶନାମାର ଅନୁପୂରକ ନୁହେଁ । |
| ଅନୁପଯୁକ୍ତ ଚିଜକୁ ଗ୍ରହଣ କରିବା | ଅନୁଗୁଳ ଗ୍ରାମ୍ୟ ନିର୍ମାଣ ବିଭାଜନରେ ଚାରିଟି[109] ସେତୁର ଅଟକଳରେ 7.58 ଲକ୍ଷ ଟଙ୍କାର ଅସ୍ଥାୟୀ ବୁଲାବାଟ ବ୍ୟବସ୍ଥାକୁ ମିଶାଇ ଦିଆଯାଇଥିଲା, ଯଦିଓ ଚୁକ୍ତିର ଧାରା 16 ଅନୁଯାୟୀ ବୁଲା ରାସ୍ତାର ଖର୍ଚ୍ଚ ଠିକାଦାର ନିଜେ ବହନ କରିବା କଥା । ଫଳରେ, ଏହା ଠିକାଦାରଙ୍କୁ ଅନୁଚିତ୍ ଫାଇଦା ପହଞ୍ଚାଇଥିଲା । |

*(ଉତ୍ସ: ନମୁନା ଗ୍ରାମ୍ୟ ନିର୍ମାଣ ବିଭାଜନର ନଥିପତ୍ର)*

ସରକାର ଦର୍ଶାଇଥିଲେ ଯେ ପ୍ରକୃତ ଆବଶ୍ୟକତାକୁ ନେଇ ଅଟକଳଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା । ଏପରି ଉତ୍ତର ଗ୍ରହଣୀୟ ନଥିଲା କାରଣ ଅଟକଳଗୁଡ଼ିକ ଓପିଡବ୍ଲ୍ୟୁଡି କୋଡ୍, ଆଇଆର୍‌ସି/ ଏମ୍‌ଓଆର୍‌ଟିଏଚ୍ ନିର୍ଦ୍ଦେଶନାମାର ଅନୁପୂରକ ନଥିଲା ଏବଂ ଅଧିକ ଖର୍ଚ୍ଚ ସମ୍ବଳିତ ଥିଲା ।

### 3.5.4 କାର୍ଯ୍ୟ ପ୍ରଦାନ ଏବଂ ନିଷ୍ପାଦନ

କାର୍ଯ୍ୟ ପ୍ରଦାନ ଏବଂ ନିଷ୍ପାଦନ ସଂପର୍କିତ ନଥିପତ୍ର ସମୀକ୍ଷା ଯାଞ୍ଚ କରିଥିଲା ଏବଂ ଟେଣ୍ଡର ଆହ୍ୱାନ ପ୍ରକ୍ରିୟା, ଠିକାଦାର ମନୋନୟନ, ରାଜିନାମା ସଂପାଦନ ଇତ୍ୟାଦିରେ ବିଭିନ୍ନ ପ୍ରକାର ଅନିୟମିତତା ପରିଲକ୍ଷିତ କରିଥିଲା, ଯାହା ନିମ୍ନରେ ଆଲୋଚନା କରାଗଲା :

#### *3.5.4.1 ଟେଣ୍ଡର ଚୂଡ଼ାନ୍ତରେ ବିଳମ୍ବ*

ମାଛଗାଁ-ଅସିଲୋ ରାସ୍ତାର ଡାହାଣୀଖିଆ ନିକଟସ୍ଥ ଦେବୀ ନଦୀ ଉପରେ ଉଚ୍ଚସ୍ତର ସେତୁ ନିର୍ମାଣ ପାଇଁ ମୁଖ୍ୟ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ, ଭୁବନେଶ୍ୱର 22.73 କୋଟି ଟଙ୍କାର ଅଟକଳ ମୂଲ୍ୟରେ ଟେଣ୍ଡର (ଜୁଲାଇ 2011) ଆହ୍ୱାନ କରିଥିଲେ । ଟେଣ୍ଡରର ମୂଲ୍ୟ ନିର୍ଦ୍ଧାରଣ ପରେ (ଅଗଷ୍ଟ 2011) ମୁଖ୍ୟ ଯନ୍ତ୍ରୀ ସରକାରଙ୍କ ଅନୁମୋଦନ ମାଗିଥିଲେ (ସେପ୍ଟେମ୍ବର 2011) ଯାହାକି ନଅ ମାସ ପରେ ଜୁଲାଇ 2012 ରେ 25.19 କୋଟି ଟଙ୍କାରେ ମଞ୍ଜୁର ହୋଇଥିଲା । ଟେଣ୍ଡର ଅନୁମୋଦନରେ ବିଳମ୍ବ ଯୋଗୁଁ ଟେଣ୍ଡର ମୂଲ୍ୟର ଅବଧି ଶେଷ ହୋଇଯାଇଥିଲା (ନଭେମ୍ବର 2011) ଏବଂ ସର୍ବନିମ୍ନ ନିଲାମ ଡକାଳି ରାଜିନାମା ସ୍ୱାକ୍ଷର କରିବା ପାଇଁ ଉପସ୍ଥିତ ହୋଇନଥିଲେ । ଫଳରେ କାମ ପାଇଁ ପୁନର୍ବାର ଟେଣ୍ଡର ଆହ୍ୱାନ କରାଯାଇଥିଲା (ମାର୍ଚ୍ଚ 2013) ଏବଂ 28.23 କୋଟି ଟଙ୍କା ମୂଲ୍ୟରେ କାର୍ଯ୍ୟ ପ୍ରଦାନ କରାଯାଇଥିଲା । ଫଳରେ 3.04 କୋଟି ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା । ଅର୍ଥାତ୍, ବୈଧତା ସମାପ୍ତି ପରେ ସରକାରଙ୍କ ଦ୍ୱାରା ଟେଣ୍ଡର ଅନୁମୋଦନ ଯୋଗୁଁ ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା ।

ସରକାର ଦର୍ଶାଇଥିଲେ (ମଇ 2015) ଯେ, ଟେଣ୍ଡର ଅନୁମୋଦନରେ ବିଳମ୍ବର କାରଣ ହେଲା ଅର୍ଥ ବିଭାଗ ସହିତ ଆନ୍ତଃବିଭାଗର ଯୋଗାଯୋଗ ।

[109] (1) ବାଉଳି ନଦୀ ଉପରେ ସେତୁ; (2) ଲିଙ୍ଗରା ନଳା ଉପରେ ସେତୁ; (3) ନଡକା ନଳା ଉପରେ ସେତୁ; (4) ଗୁକୁଣା ନଳା ଉପରେ ସେତୁ

### 3.5.4.2 ଆଂଶିକ ଟେଣ୍ଡର ଆହ୍ୱାନ ଯୋଗୁଁ ସେତୁଗୁଡ଼ିକ ଅସଂପୂର୍ଣ୍ଣ ଥିଲା

ପାହାଡ଼ିଆ ଏବଂ ଅପହଞ୍ଚ ଅଞ୍ଚଳକୁ ଯୋଗାଯୋଗ ପ୍ରଦାନ ନିମିତ୍ତ 9.72 କୋଟି ଟଙ୍କା ଅଟକଳରେ ପାଞ୍ଚୋଟି ଇସ୍ପାତ୍ ଆଚ୍ଛାଦିତ ସେତୁ ନିର୍ମାଣ ପାଇଁ ରାୟଗଡ଼ା ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ପ୍ରସ୍ତାବ ଦେଇଥିଲେ (ଜୁନ୍ 2013) । ଏହି ନିର୍ମାଣ କାମରେ ପୂର୍ତ୍ତ କାମ (ମୂଳଦୁଆ ଓ ଉପ ଢାଞ୍ଚା) ଏବଂ ଇସ୍ପାତ୍ ଆଚ୍ଛାଦିତ ଅଂଶ (ଯୁଗ୍ମ ଢାଞ୍ଚା) ସାମିଲ୍ ହୋଇଥିଲା । ଇସ୍ପାତ୍ ଢାଞ୍ଚାକୁ ବାଦ୍ ଦେଇ କେବଳ ପୂର୍ତ୍ତ ଢାଞ୍ଚା ପାଇଁ ଟେଣ୍ଡର ଆହ୍ୱାନ କରିବାକୁ ଯନ୍ତ୍ରୀ ମୁଖ୍ୟ, ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଅକ୍ଟୋବର 2013) । ତଦନୁସାରେ, ପୂର୍ତ୍ତ କାମଗୁଡ଼ିକୁ ଏପ୍ରିଲ୍-ମଇ 2014 ସୁଦ୍ଧା ସଂପୂର୍ଣ୍ଣ କରିବାକୁ 4.14 କୋଟି ଟଙ୍କା ଅଟକଳରେ କାର୍ଯ୍ୟ ପ୍ରଦାନ କରାଯାଇଥିଲା (ଜାନୁୟାରୀ–ଫେବୃୟାରୀ 2014)। ପାଞ୍ଚଟି ସେତୁ ମଧ୍ୟରୁ ତିନିଟି ସେତୁର ପୂର୍ତ୍ତ କାମ ଜୁନ୍ 2014 ସୁଦ୍ଧା ସଂପୂର୍ଣ୍ଣ ହୋଇଥିଲା ଏବଂ ଅନ୍ୟ ଦୁଇଟି ମାମଲାରେ ଉକ୍ତ କାର୍ଯ୍ୟ ଡିସେମ୍ବର 2014 ସୁଦ୍ଧା ସଂପୂର୍ଣ୍ଣ କରାଯାଇଥିଲା । ପାଞ୍ଚଟି ସେତୁର ପୂର୍ତ୍ତ କାମ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ, ସୂକ୍ଷ୍ମ ଢାଞ୍ଚା ନିର୍ମାଣ ପାଇଁ ଟେଣ୍ଡର ଚୂଡ଼ାନ୍ତ ହୋଇପାରି ନଥିଲା, ଯାହାଫଳରେ ସେତୁ ଗୁଡ଼ିକ ସଂପୂର୍ଣ୍ଣ ହୋଇପାରି ନଥିଲା ।



କେ.ଧାମିନି ବେଠିଆପଡା ରାସ୍ତା ସ୍ଥାନୀୟ ନଳାର ଅସଂପୂର୍ଣ୍ଣ ସେତୁ

ସରକାର ଦର୍ଶାଇଥିଲେ (ମଇ 2015) ଯେ ପୂର୍ତ୍ତ କାମଗୁଡ଼ିକ ସରିବା ପରେ ଇସ୍ପାତ ଢାଞ୍ଚା ନିର୍ମାଣ କାର୍ଯ୍ୟ ଗୋଟିଏ କେନ୍ଦ୍ରୀୟ ସରକାରୀ ଶିଳ୍ପକୁ ପ୍ରଦାନ କରାଯାଇଥିଲା । ପ୍ରକୃତ କଥା ହେଲା ଯେ, ସିଭିଲ୍ କାର୍ଯ୍ୟ ଶେଷ ହେବାରେ ଦୁଇରୁ ଆଠ ମାସ ବିଳମ୍ବରେ ଅର୍ଥାତ୍ ଫେବୃଆରୀ 2015 ରେ ଟେଣ୍ଡର ଚୂଡ଼ାନ୍ତ ହୋଇଥିଲା ଯାହାଦ୍ୱାରା ଅନୁରୂପ ଭାବରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହୋଇଥିଲା ।

### 3.5.4.3 ରାଜିନାମା ସ୍ୱାକ୍ଷରରେ ବିଳମ୍ବ

ଓପିଡବ୍ଲୁଡି ସଂହିତା ପ୍ରଥମ ଖଣ୍ଡର ଅନୁଚ୍ଛେଦ 3.5.18 (vii) ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶ ( ଜୁଲାଇ 2010) ଅନୁଯାୟୀ ଟେଣ୍ଡର ଅନୁମୋଦନ ହେବାର 15 ଦିନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହେବା ଆବଶ୍ୟକ ।

ସମୀକ୍ଷା ପରିଲକ୍ଷିତ କଲା ଯେ ଆଠଟି ଗ୍ରାମ ନିର୍ମାଣ ବିଭାଜନ ମଧ୍ୟରୁ ଦୁଇଟି (ଅନୁଗୁଳ ଓ ରାୟଗଡା)ରେ ମାର୍ଚ୍ଚ 2012 ରୁ ଅକ୍ଟୋବର 2013 ମଧ୍ୟରେ ପାଞ୍ଚଟି[110] କାର୍ଯ୍ୟ ପାଇଁ ଟେଣ୍ଡର ଚୂଡ଼ାନ୍ତ ହୋଇଥିଲା, କିନ୍ତୁ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀମାନେ 85 ଦିନରୁ 250 ଦିନ ବିଳମ୍ବରେ ଜୁଲାଇ 2012 ଏବଂ ଜାନୁଆରୀ 2014 ରେ ରାଜିନାମା ସ୍ୱାକ୍ଷର କରିଥିଲେ । ଅତଏବ, ବିଳମ୍ବରେ ରାଜିନାମା ସ୍ୱାକ୍ଷରିତ ହେବା ଫଳରେ କାମ ଆରମ୍ଭ ହେବାରେ ମଧ୍ୟ ବିଳମ୍ବ ହୋଇଥିଲା ।

ସରକାର ଦର୍ଶାଇଥିଲେ (ମଇ 2015) ଯେ ବିଳମ୍ବକୁ ଏଡ଼ାଇବା ପାଇଁ ଠିକ୍ ସମୟରେ ରାଜିନାମା କରିବାକୁ ସମସ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

[110] ଅନୁଗୁଳ: (1) ଡେରାଙ୍ଗ-ଘଣ୍ଟିନାଳିରାସ୍ତାର 4ର୍ଥ କିମି ଠାରେ ଉଲାଣୀ ନଳା ଉପରେ ସେତୁ; ରାୟଗଡା; (2) କୁଟ୍ରାଗୁଡା-ଜଗଦଳପୁର-ଆମ୍ବଡୋଳା ରାସ୍ତାର 38ତମ କିମି ଠାରେ କରଞ୍ଜା ନଳା ଉପରେ ଅବସ୍ଥିତ ସେତୁ; (3) ଖଇରା-ଝୁମ୍ପାପୁର-ଫୁଲପୁଟି ରାସ୍ତାଠାରୁ 6ଷ୍ଠ କିମି ଠାରେ ସନାଇ ନଦୀ ଉପରେ ଥିବା ସେତୁ; (4) ପିଡବ୍ଲ୍ୟୁଡି ରାସ୍ତାଠାରୁ କାମପାର ରାସ୍ତାର 1ମ କିମି ଠାରେ କାମସାର ନଳା ଉପରେ ଅବସ୍ଥିତ ସେତୁ; (5) ବିସମକଟକ–କୁଟ୍ରାଗୁଡା ରାସ୍ତାଠାରୁ 11ତମ କିମି ଠାରେ କାନିଯୋଡି ନଳା ଉପରେ ଅବସ୍ଥିତ ସେତୁ

### *3.5.4.4 ପ୍ରବେଶ ପଥ ନିର୍ମାଣ ନହେବା ଯୋଗୁଁ ବୃଥା ଖର୍ଚ୍ଚ*

ଆଠଟି ଡିଭିଜନର ନଥିପତ୍ରଗୁଡ଼ିକୁ ପରୀକ୍ଷା ମୂଳକ ଭାବରେ ଯାଞ୍ଚରୁ ଦେଖାଗଲା ଯେ ରାଉରକେଲା ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିନସ୍ଥ ତୁର୍ତୁରୀ ନାଳରେ ପ୍ରବେଶ ପଥ ସହିତ ଏକ ସେତୁ ନିର୍ମାଣ କାର୍ଯ୍ୟ ପାଇଁ 1.28 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ନଭେମ୍ବର 2011) । ଯଦିଓ ସେତୁ ନିର୍ମାଣ କାର୍ଯ୍ୟ ଡିସେମ୍ବର 2012 ରେ 1.23 କୋଟି ଟଙ୍କା ବିନିମୟରେ ସଂପୂର୍ଣ୍ଣ ହୋଇଥିଲା, ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ପ୍ରବେଶ ପଥ ନିର୍ମାଣ ନ ହେବା ଫଳରେ ସେତୁଟିର ଯାତାୟାତ ପାଇଁ ସୁବିଧା ନଥିଲା । ଫଳରେ ଖର୍ଚ୍ଚ ହୋଇଥିବା ସମସ୍ତ ରାଶି ବୃଥା ହୋଇଥିଲା ।



*ପ୍ରବେଶ ପଥ ନଥାଇ ତୁରୁତୁରୀ ନଳା ଉପରେ ସେତୁ ନିର୍ମାଣ*

ସରକାର ଦର୍ଶାଇଥିଲେ (ମଇ 2015) ଯେ ପ୍ରବେଶ ପଥର ନିର୍ମାଣ କାର୍ଯ୍ୟ ଅନ୍ୟ ଯୋଜନା ଅଧିନରେ ଗ୍ରହଣ କରାଯାଇଥିଲା ।

### **3.5.5 ପର୍ଯ୍ୟାଲୋଚନା ଓ ପର୍ଯ୍ୟବେକ୍ଷଣ**

ବିଜୁ ସେତୁ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 7 ରେ ସେତୁ ନିମନ୍ତେ ଦ୍ୱିସ୍ତରୀୟ ଗୁଣାତ୍ମକ ମାନ ନିର୍ଣ୍ଣାୟକ ସଂକ୍ରିୟାର ବ୍ୟବସ୍ଥା ରହିଅଛି । ପ୍ରଥମ ସ୍ତରରେ କ୍ଷେତ୍ରୀୟ ଅଧିକାରୀ ଏବଂ ଦ୍ୱିତୀୟ ସ୍ତରରେ ନିରପେକ୍ଷ ରାଜ୍ୟ ଗୁଣବତ୍ତା ପର୍ଯ୍ୟବେକ୍ଷକମାନେ (ଏସ୍‌କ୍ୟୁଏମ୍) ଗୁଣାତ୍ମକ ମାନ ନିର୍ଣ୍ଣୟ ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ । ଯାହାହେଉ, ସମୀକ୍ଷା ପରିଲକ୍ଷିତ କଲା ଯେ ଯଦିଓ ଏହି ଯୋଜନା ଅକ୍ଟୋବର 2011 ଠାରୁ କାର୍ଯ୍ୟକାରୀ ହୋଇଥିଲା। ବିଭାଗ ଏସ୍‌କ୍ୟୁଏମ୍‌ଙ୍କୁ ନିଯୁକ୍ତ କରିବା ପ୍ରକ୍ରିୟା 2013-14ରେ ଆରମ୍ଭ କରିଥିଲା ଯାହାକି ଏଯାବତ୍ (ଜାନୁଆରୀ 2015) ଚୂଡ଼ାନ୍ତ ହୋଇପାରି ନାହିଁ। ଫଳରେ ଏସ୍‌କ୍ୟୁଏମ୍‌ଙ୍କ ଦ୍ୱାରା କୌଣସି ପର୍ଯ୍ୟବେକ୍ଷଣ କରାଯାଇ ନଥିଲା। ପୁନଶ୍ଚ, ନିର୍ବାହୀ ଯନ୍ତ୍ରୀମାନେ ସର୍ବନିମ୍ନ 10 ପ୍ରତିଶତ ମାପ ପରୀକ୍ଷା କରିବାର ଥିଲେ ମଧ୍ୟ ଯାଞ୍ଚ୍ କରାଯାଇଥିବା ଆଠଟି ଡିଭିଜନରେ କୌଣସି ମାପ ପରୀକ୍ଷା କରାଯାଇ ନଥିଲା।

ସରକାର ଦର୍ଶାଇଥିଲେ (ମେ 2015) ଯେ ସେତୁର ଗୁଣାତ୍ମକ ମାନ ପରୀକ୍ଷା ପାଇଁ ଗୋଟିଏ ନିରପେକ୍ଷ ଏସ୍‌କ୍ୟୁଏମ୍ ଖୁବ୍ ଶୀଘ୍ର ଗଠନ କରାଯିବ ଏବଂ ମାପ ପରୀକ୍ଷା କରିବା ପାଇଁ ସମସ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା ।

### **3.5.6 ଉପସଂହାର**

2011-14 ମଧ୍ୟରେ ନିର୍ମାଣ ପାଇଁ କଳ୍ପନା କରାଯାଇଥିବା 600ଟି ସେତୁ ମଧ୍ୟରୁ ମାତ୍ର 547ଟି ସେତୁ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା ଏବଂ 156ଟି ସେତୁର କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । 20.62 କୋଟି ଟଙ୍କାର ଅଟକଳରେ 13ଟି ସେତୁ ନିର୍ମାଣ ପାଇଁ ମାର୍ଗଦର୍ଶିକାର ବ୍ୟତିକ୍ରମେ ସ୍ଥାନ ନିର୍ଣ୍ଣୟ କରାଯାଇଥିଲା ଯେଉଁଥିରେ 10.58 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ସ୍ଥାନ ନିରୂପଣରେ ସ୍ୱଚ୍ଛ ସମ୍ଭାବନା ଆକଳନ ଯୋଗୁଁ ରାଜିନାମା ବନ୍ଦ ହୋଇଥିଲା ତଥା କାର୍ଯ୍ୟ ସଂପାଦନ ବିଳମ୍ବ ହୋଇଥିଲା । ଅଟକଳ ପ୍ରସ୍ତୁତି ସଠିକ୍ ନ ଥିଲା, ଟେଣ୍ଡର ଆହ୍ୱାନ, ଟେଣ୍ଡର ଅନୁମୋଦନ ଏବଂ ରାଜିନାମା ସ୍ୱାକ୍ଷର କରିବାରେ ବିଳମ୍ବ ଯୋଗୁଁ କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ ହେବାରେ ମଧ୍ୟ ବିଳମ୍ବ ହୋଇଥିଲା । ଗୋଟିଏ ମାମଲାରେ ଟେଣ୍ଡର ଅବଧି ପରିସମାପ୍ତି ପରେ ସରକାରଙ୍କ ଦ୍ୱାରା ବିଳମ୍ବରେ ଅନୁମୋଦନ ଲାଭ କରିବା ଫଳରେ 3.04 କୋଟି ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା। ରାଜ୍ୟ ଗୁଣାତ୍ମକ ମାନ ନିରୀକ୍ଷକ ନିଯୁକ୍ତ ନ ହେବା ଫଳରେ ଦ୍ୱିତୀୟ ସ୍ତରୀୟ ଗୁଣାତ୍ମକ ମାନ ନିର୍ଣ୍ଣୟ ସଂକ୍ରିୟା ଅଚଳ ହୋଇ ପଡ଼ିଥିଲା, ଯେହେତୁ ସର୍ବୋପରି ପର୍ଯ୍ୟାଲୋଚନା ଓ ପର୍ଯ୍ୟବେକ୍ଷଣ ଦୁର୍ବଳ ଥିଲା ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## 3.6 ତହସିଲରେ ଜମି ପରିଚାଳନ

ରାଜ୍ୟରେ ରାଜ୍ୟ ସରକାର, ସରକାରୀ ଜମିର ରକ୍ଷାକର୍ତ୍ତା ହୋଇ ବ୍ୟକ୍ତି ବିଶେଷ, ଗୋଷ୍ଠୀ, ଶିଳ୍ପ, କୃଷି ଇତ୍ୟାଦିର ଆବଶ୍ୟକତା ପୂରଣ କରି ଏହାର ପରିଚାଳନା କରିବା ପାଇଁ ଦାୟୀ ଅଟନ୍ତି । ଏହି ପରିପ୍ରେକ୍ଷୀରେ, ରାଜ୍ୟ ସରକାର ଜମିର ଉପଯୋଗ କରିବା ପାଇଁ ବ୍ୟକ୍ତି ବିଶେଷ, ସଂସ୍ଥା, କର୍ତ୍ତୃପକ୍ଷ, ଶିଳ୍ପ ଇତ୍ୟାଦିଙ୍କୁ ନିର୍ଦ୍ଦିଷ୍ଟ ସମୟ ପାଇଁ ପଟ୍ଟା ପ୍ରଦାନ କରିଥାନ୍ତି କିମ୍ବା ମାଲିକାନା ସତ୍ତ୍ୱ ନ୍ୟସ୍ତ କରିଥାନ୍ତି, ଯାହାକି ବିନା ସତାଧିକାର ଅଟେ ।

ଯଦି ସରକାରୀ ଜମି କୌଣସି ବ୍ୟକ୍ତି ବିଶେଷ, ସଙ୍ଗଠନ, ଗୋଷ୍ଠୀ ଇତ୍ୟାଦି ଦ୍ୱାରା ଅନଧିକୃତ ଦଖଲ କରାଯାଏ ତାହାକୁ 'ଜବରଦଖଲ' କୁହାଯାଏ । ପଟ୍ଟାର ସତ୍ତ୍ୱ ତାହାର ଅବଧିକାଳ ତଥା ଉପଯୋଗର ପ୍ରକାର ନିର୍ଦ୍ଧାରିତ କରିବା ସହିତ ସର୍ତ୍ତ ଉଲ୍ଲଙ୍ଘନ କ୍ଷେତ୍ରରେ ପୁର୍ନଗହଣ କରିବା ନିମନ୍ତେ ଧାରା ରହିଥିଲା ବେଳେ ଜମିର ମୁକ୍ତସତ୍ୱ କ୍ଷେତ୍ରରେ, ଜମିର ସ୍ଥାୟୀ ଏବଂ ସଂପୂର୍ଣ୍ଣ ଅବଧିକାଳ ନିମନ୍ତେ କିମ୍ବା ସଂପତ୍ତିକୁ ଇଚ୍ଛା ମୁତାବକ ଫଏସଲା କରିବା ପାଇଁ ସ୍ୱାଧୀନତା ଅଛି । ମାଲିକାନା ସତ୍ତ୍ୱ ବଦଳି କ୍ଷେତ୍ରରେ ଜମି ମାଲିକଙ୍କର ନାମ ପଞ୍ଜୀକୃତ କରିବା ପାଇଁ ଦାଖଲ ଖାରଜ ନିହାତି ଆବଶ୍ୟକ। ଆହୁରି ମଧ ଜମିର ପ୍ରକାର ଭେଦ ଯଥା, କିସମ ଯାହାକି ଗୃହଯୋଗ୍ୟ, ଚାଷ, ଜଙ୍ଗଲ, ଗୋଚର, ଅନାବାଦି ଇତ୍ୟାଦି ଉପରେ ଜମିର ପ୍ରକୃତ ଉପଯୋଗ ନିର୍ଭର କରେ । ଯଦି ଜମିର ମାଲିକ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ଇଚ୍ଛା କରିବେ ତେବେ ଏହା ଗୋଟିଏ ପ୍ରଣାଳୀ ମାଧମରେ ହୋଇପାରିବ ଯାହାକୁ ରୂପାନ୍ତର କୁହାଯାଏ ।

ଜିଲ୍ଲାର ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲାର ମୁଖ୍ୟ ରାଜସ୍ୱ ଅଧିକାରୀ, ଯାହାଙ୍କୁ ଉପଜିଲ୍ଲାପାଳ ଏବଂ ତହସିଲଦାର ସହଯୋଗ କରିଥାନ୍ତି। ଜମିର କ୍ଷେତ୍ରଫଳ, ମାଲିକାନା ସତ୍ୱ, ପ୍ରକାରଭେଦ ଇତ୍ୟାଦି ଜମି ନଥିପତ୍ରର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟର ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ତହସିଲ ଅଫିସ ଅଛି, ତହସିଲଦାର ତାହାର ମୁଖ୍ୟ ଅଟନ୍ତି । ଏହା ବ୍ୟତୀତ, ତହସିଲ ଅଫିସର ଦାୟିତ୍ୱ ହେଉଛି ସରକାରୀ ଜମିର ରକ୍ଷଣାବେକ୍ଷଣ, ଜମିର ରାଜସ୍ୱ ନିର୍ଦ୍ଧାରଣ ଏବଂ ରାଜସ୍ୱ ଆଦାୟ କରିବା ଇତ୍ୟାଦି । ତୃଣମୂଳ ସ୍ତରରେ ରାଜସ୍ୱ ଶାସନ ଉଦ୍ଦେଶ୍ୟ ପାଇଁ ପ୍ରତି ତହସିଲ କେତେ ଗୁଡିଏ ରାଜସ୍ୱ ମଣ୍ଡଳରେ ବିଭକ୍ତ ହୋଇଛି, ରାଜସ୍ୱ ନିରୀକ୍ଷକ ତାହାର ମୁଖ୍ୟ ଅଟନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୀତି ନିୟମ / ବିଧିବିଧାନ ପଟ୍ଟା ପ୍ରଦାନ, ଦାଖଲ ଖାରଜ, ରୂପାନ୍ତର ଏବଂ ଜବର ଦଖଲ ସହିତ ସଂପୃକ୍ତ ତହସିଲଦାର ଏବଂ ଜିଲ୍ଲାପାଳଙ୍କ କ୍ଷମତା ନିମ୍ନଲିଖିତ ସାରଣୀରେ ବର୍ଣ୍ଣନା କରାଗଲା:

***ସାରଣୀ 3.6.1: ବିଭିନ୍ନ ଅଧିନିୟମ/ ନିୟମ ଅଧିନରେ ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟ***

| କ୍ର.ସଂ | ବିଷୟ | ସଂପୃକ୍ତ ଅଧିନିୟମ/ ନିୟମ | କାର୍ଯ୍ୟକର୍ତ୍ତାଙ୍କର କର୍ତ୍ତବ୍ୟ |
|---|---|---|---|
| 1. | ଜବରଦଖଲ | ଓଡ଼ିଶା ଜମି ଜବରଦଖଲ ନିବାରଣ (ଓପିଏଲଇ) ଅଧିନିୟମ 1972 ଏବଂ ଏହା ଅଧିନରେ ତିଆରି ହୋଇଥିବା ନିୟମ 1985;<br><br>ଓଡ଼ିଶା ସର୍ବସାଧାରଣ ପରିସର (ଅପ୍ରାଧିକୃତ ଦଖଲକାରୀ) ଓପିପି (ଇୟୁଓ) ଅଧିନିୟମ 1972 | • **ତହସିଲଦାର:** ମାମଲା ଆରମ୍ଭ, କାରଣ ଦର୍ଶାଅ ବିଜ୍ଞପ୍ତି ଜାରି, ଖଜଣା ନିର୍ଦ୍ଧାରଣ, ଦଣ୍ଡ ବିଧାନା ଏବଂ ଉଚ୍ଛେଦ କରିବା<br>• **ଉପଜିଲ୍ଲାପାଳ:** ପୁନର୍ବିଚାର ପ୍ରାଧିକାରୀ<br>• **ଜିଲ୍ଲାପାଳ :** ପୁନରୀକ୍ଷଣ ପ୍ରାଧିକାରୀ<br><br>• **ଭୂ-ସଂପତ୍ତି ଅଧିକାରୀ** ଆରମ୍ଭ ଓ ଉଚ୍ଛେଦ |

| କ୍ର.ସଂ | ବିଷୟ | ସଂପୃକ୍ତ ଅଧିନିୟମ/ ନିୟମ | କାର୍ଯ୍ୟକର୍ତ୍ତାଙ୍କର କର୍ତ୍ତବ୍ୟ |
|---|---|---|---|
| 2. | ପଟ୍ଟା | ଓଡ଼ିଶା ସରକାର ଭୂ-ବନ୍ଦୋବସ୍ତ (ଓଜିଏଲ୍ଏସ୍) ଅଧିନିୟମ 1962 ଏବଂ ନିୟମ 1983 | • **ତହସିଲଦାର:** ସମସ୍ତ ପଟ୍ଟା ଦରଖାସ୍ତଗୁଡ଼ିକ ଗ୍ରହଣ, କ୍ଷେତ୍ର ପରିଦର୍ଶନ, ଅଧିମୂଲ୍ୟର ମୂଲ୍ୟାଙ୍କନ ଏବଂ ଉପଜିଲ୍ଲାପାଳଙ୍କ ପାଖକୁ ମାମଲା ସୁପାରିଶ କରିବା ।<br>• **ଉପଜିଲ୍ଲାପାଳ:** ମାମଲାଗୁଡ଼ିକୁ ଜିଲ୍ଲାପାଳ କିମ୍ବା ପୁନର୍ବିଚାର ପ୍ରାଧିକାରୀଙ୍କ ନିକଟକୁ ସୁପାରିଶ ଏବଂ ପୁନର୍ବିଚାର କରିବା<br>• **ଜିଲ୍ଲାପାଳ:** ଉକ୍ତ ଲିଜ୍ ଦରଖାସ୍ତ ଗୁଡ଼ିକୁ ଅନୁମୋଦନ କରିବେ ଯଦି ଏହା ତାଙ୍କର ପରିସର ଭିତରେ ହୋଇଥିବ ନଚେତ୍ ଉକ୍ତ ଦରଖାସ୍ତ ଗୁଡ଼ିକୁ ରାଜସ୍ବ କମିଶନର କିମ୍ବା ସରକାରଙ୍କ ନିକଟକୁ ସୁପାରିଶ କରିବେ ଏବଂ ସେ ସଂଶୋଧକ ଅଟନ୍ତି |
| 3. | ରୂପାନ୍ତର | ଓଡ଼ିଶା ଭୂସଂସ୍କାର ଅଧିନିୟମ (ଓଏଲ୍ଆର୍) 1960;<br>ଓଡ଼ିଶା ଭୂସଂସ୍କାର ନିୟମ 1997 | • **ତହସିଲଦାର:** ମାମଲା ଆରମ୍ଭ, ପରିବର୍ତ୍ତନ ଦେୟ ଧାର୍ଯ୍ୟ ଏବଂ ସମାଧାନ କରିବା<br>• **ଉପଜିଲ୍ଲାପାଳ:** ପୁନର୍ବିଚାର ଅଧିକାରୀ<br>• **ଜିଲ୍ଲାପାଳ:** ପୁନରୀକ୍ଷଣ ପ୍ରାଧିକାରୀ |
| 4. | ଦାଖଲ ଖାରଜ | ଓଡ଼ିଶା ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ (ଓଏସ୍ଏସ୍) ନିୟମାବଳୀ 1962 ଅଧିନସ୍ଥ ଓଡ଼ିଶା ଦାଖଲ ଖାରଜ ମାନୁଆଲ୍ (ଓଏମ୍ଏମ୍) 1962 | • **ତହସିଲଦାର:** ଦାଖଲ ଖାରଜ ଆରମ୍ଭ ଏବଂ ସମାଧାନ କରିବା<br>• **ଉପଜିଲ୍ଲାପାଳ:** ପୁନର୍ବିଚାର ଅଧିକାରୀ<br>• **ଜିଲ୍ଲାପାଳ:** ପୁନରୀକ୍ଷଣ ପ୍ରାଧିକାରୀ |

ସରକାରୀ ଜମିର ଜବରଦଖଲକୁ ରୋକିବାକୁ ଉପଯୁକ୍ତ ପଦକ୍ଷେପ ନିଆଯିବା, ଚିହ୍ନଟ ଜବରଦଖଲ ମାମଲାଗୁଡ଼ିକର ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ଉଚ୍ଛେଦ/ ବନ୍ଦୋବସ୍ତ କରାଯିବା, ସରକାରୀ ଜମିକୁ ସମୁଚିତ ଓ ସ୍ବଚ୍ଛ ପ୍ରକ୍ରିୟାରେ ପଟ୍ଟା ଦେବା, ଲିଜ୍ ଜମିକୁ ଅଭିଳଷିତ ଉଦ୍ଦେଶ୍ୟରେ ଉପଯୋଗ କରିବା, ଆଞ୍ଚଳିକ ବିକାଶ ଯୋଜନାକୁ ଆଖି ଆଗରେ ରଖି ରୂପାନ୍ତର ପାଇଁ ଅନୁମତି ପ୍ରଦାନ କରିବା ଏବଂ ଦାଖଲ ଖାରଜ ପାଇଁ କାର୍ଯ୍ୟାନୁଷ୍ଠାନ ଉଚିତ୍ ସମୟରେ ଆରମ୍ଭ ଓ ସମାଧାନ ହେବା ଆଦି ବିଷୟଗୁଡ଼ିକୁ ଆକଳନ କରିବା ପାଇଁ ସମୀକ୍ଷା ରାଜ୍ୟର 10ଟି ଜିଲ୍ଲାର 40ଟି ତହସିଲର ନଥିପତ୍ରଗୁଡ଼ିକୁ ଡିସେମ୍ବର 2014 ଏବଂ ଜାନୁଆରୀ 2015 ମଧ୍ୟରେ ନମୁନା ଯାଞ୍ଚ କରିଥିଲା । ବିଭାଗ ଓ ତହସିଲଦାରଙ୍କ ଦ୍ୱାରା ଉପଲବ୍ଧ କରାଯାଇଥିବା ନଥିପତ୍ର ଆଧାରରେ ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

### 3.6.1 ସରକାରୀ ଜମି ଜବର ଦଖଲ

ଓପିଏଲ୍ଇ ଅଧିନିୟମ 1972 ଏବଂ ତା ଅଧିନର ଆଇନ୍ 1985, ଅନୁସାରେ ଅଧିକୃତ ବ୍ୟକ୍ତି ବିଶେଷ ଏବଂ ସଙ୍ଗଠନ ଗୁଡ଼ିକ ଦ୍ୱାରା ସରକାରୀ ଜମିର ଜବର ଦଖଲକୁ ରୋକିବା ପାଇଁ ତହସିଲଦାରଙ୍କୁ ପ୍ରାଧିକୃତ କରାଯାଇଛି । ସେହିଭଳି ଓପିପି ଅଧିନିୟମ 1972 ପୌରାଞ୍ଚଳ/ ବିଜ୍ଞାପିତ ଅଞ୍ଚଳ ପରିଷଦ/ ଶିଳ୍ପାଞ୍ଚଳ ମଧ୍ୟରେ ଥିବା ଜମି ଜବର ଦଖଲ ମାମଲା ପରିଚାଳନା କରିବା ପାଇଁ ଭୂସମ୍ପର୍କିତ ଅଧିକାରୀଙ୍କୁ ପ୍ରାଧିକୃତ କରିଛନ୍ତି । ଓପିଇଇ ଅଧିନିୟମ 1972 ଧାରା 7 ଅନୁଯାୟୀ ସରକାରୀ ଜମି ଅନଧିକୃତ ଦଖଲ କରିଥିବା ବ୍ୟକ୍ତି ଜରିମାନା ଖଜଣା ଏବଂ ଉପକର ଦେବାପାଇଁ ଦାୟୀ ରହିବେ ଏବଂ ଅଧିନିୟମ ଧାରା 4 ଅନୁଯାୟୀ ନିର୍ଦ୍ଧାରିତ ଅର୍ଥ ପଇଠ କରିବେ ଏବଂ ନିର୍ମାଣ, ଜମିରେ ହୋଇଥିବା ଫସଲ ଇତ୍ୟାଦିକୁ ଉଠାଇବା ପାଇଁ ଉପଯୁକ୍ତ ପୂର୍ବ ସୂଚନା ଦେଇ ତହସିଲଦାର ସେଗୁଡ଼ିକୁ ଉଚ୍ଛେଦ କରିବେ । କିନ୍ତୁ ଜମିହୀନ କିମ୍ବା ଘରବାଡି ନଥିବା ଲୋକଙ୍କ ସପକ୍ଷରେ ଜବରଦଖଲ ଜମିକୁ ବନ୍ଦୋବସ୍ତ କରାଯାଇ ପାରିବ ।

#### *3.6.1.1 ସରକାରୀ ଜମିର ଅନଧିକୃତ ଦଖଲ ଚିହ୍ନଟ ନହେବା*

ଓପିଏଲ୍ଇ ନିୟମ 1985 ର ନିୟମ 3 (1) ଅନୁଯାୟୀ, ରାଜସ୍ୱ ନିରୀକ୍ଷକମାନେ ପ୍ରତି ଆର୍ଥିକ ବର୍ଷ ଶେଷ

ହେବାର 15 ଦିନ ମଧ୍ୟରେ ପୂର୍ବରୁ ଜବରଦଖଲ ହୋଇଥିବା ଜମି ବ୍ୟତୀତ ତାଙ୍କ ଇଲାକାରେ ଆଉ କୌଣସି ଜବରଦଖଲ ହୋଇନାହିଁ ବୋଲି ଗୋଟିଏ ପ୍ରମାଣ ପତ୍ର ତହସିଲଦାରଙ୍କ ପାଖକୁ ପଠେଇବେ ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ (ଦର୍ପଣ ତହସିଲ ବ୍ୟତୀତ) କୌଣସି ରାଜସ୍ୱ ନିରୀକ୍ଷକ 2011-14 ବର୍ଷ ମଧ୍ୟରେ ଏପରି ପ୍ରମାଣ ପତ୍ର ଉପସ୍ଥାପନ କରି ନଥିଲେ । ଯାହାହେଉ, ସଂପୃକ୍ତ ତହସିଲଦାରମାନଙ୍କୁ ସେହି ପ୍ରମାଣ ପତ୍ର ପାଇଁ ତାଗିଦ୍ କରାଯାଇନଥିଲା କିମ୍ବା ଭୁଲ କରୁଥିବା ରାଜସ୍ୱ ନିରୀକ୍ଷକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଦର୍ପଣ ତହସିଲର ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଉପସ୍ଥାପିତ ପ୍ରମାଣପତ୍ର ଭୁଲ୍ ଥିଲା କାରଣ ସମୀକ୍ଷା ଉପସ୍ଥିତିରେ ତହସିଲ ପ୍ରତିନିଧିଙ୍କ ଦ୍ୱାରା (ଅପ୍ରେଲ 2015) କରାଯାଇଥିବା ଯାଦୃଚ୍ଛିକ ନମୂନା 19ଟି ସରକାରୀ ଜମିର ସରଜମିନ୍ ନିରୀକ୍ଷଣରୁ ପ୍ରତୀତ ହେଲା ଯେ ଏହି ପ୍ଲଟ୍ ଗୁଡ଼ିକ ଏକରୁ ଷୋହଳ ବର୍ଷ ଧରି ଅନଧିକୃତ ଦଖଲରେ ରହିଥିଲା ।

ମିଳିତ ସରଜମିନ୍ ତଦନ୍ତ ପାଇଁ ସମୀକ୍ଷା 824ଟି ସରକାରୀ ଜମି/ ସ୍ଥାନକୁ (774ଟି ରାଜସ୍ୱ ମାନଚିତ୍ର ଏବଂ 50ଟି ବିଚାରାଧୀନ ଲିଜ୍ ମାମଲାରୁ) ଅନିୟତ ନମୂନା ମାଧ୍ୟମରେ ବାଛି ଥିଲା ଯାହାକି ସମୀକ୍ଷା ଉପସ୍ଥିତିରେ ତହସିଲଦାରଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥିଲା, ଯେଉଁଥିରୁ ଜଣାପଡ଼ିଲା ଯେ ସଂପୃକ୍ତ ରାଜସ୍ୱ ନିରୀକ୍ଷକ/ ତହସିଲଦାରଙ୍କ ତଥ୍ୟ ଅନୁଯାୟୀ 2013-14 ର 1,113.32 କୋଟି ଟଙ୍କାର ସାଂକେତିକ ମୂଲ୍ୟ[111] ସହ 622ଟି (75 ପ୍ରତିଶତ) ମାମଲାରେ 1,919.663 ଏକରର ସରକାରୀ ଜମି 3 ମାସରୁ 67 ବର୍ଷ[112] ଧରି ଅନଧିକୃତ ଦଖଲରେ ରହିଥିଲା । ଏହି ଜମି ଉପଯୋଗର ପ୍ରକାର ନିମ୍ନ ଚାର୍ଟରେ ଦର୍ଶାଗଲା:

***ଚାର୍ଟ 3.6.1: ଜବର ଦଖଲ ଜମିର ପ୍ରକାର ଉପଯୋଗ***

| ଯେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା | ମାମଲା ସଂଖ୍ୟା | କ୍ଷେତ୍ରଫଳ (ଏକରରେ) | ବେଞ୍ଚମାର୍କ ମୂଲ୍ୟ (କୋଟି ଟଙ୍କାରେ) |
|---|---|---|---|
| ବାଣିଜ୍ୟ | 62 | 224.755 | 430.01 |
| କୃଷି | 74 | 397.97 | 32.71 |
| ଶିକ୍ଷାନୁଷ୍ଠାନ | 89 | 271.915 | 96.54 |
| ଶିଳ୍ପ ସଂକ୍ରାନ୍ତୀୟ | 20 | 229.57 | 35.45 |
| ଅନ୍ୟାନ୍ୟ | 35 | 73.956 | 48.52 |
| ଧାର୍ମିକ | 23 | 29.27 | 15.29 |
| ଆବାସିକ | 319 | 692.227 | 454.80 |
| **ମୋଟ** | **622** | **1919.663** | **1113.32** |

*(ଉତ୍ସ: ଯୁଗ୍ମ ବାସ୍ତୁଗତ ନିରୀକ୍ଷଣ ଫଳାଫଳ, ତହସିଲ ଦାରଙ୍କ ଓ ସବ୍‌ରେଜିଷ୍ଟାରଙ୍କ ଅଭିଲେଖ)*

ଉପରୋକ୍ତ ଚାର୍ଟରୁ ଜଣାଯାଏ ଯେ ଚିହ୍ନଟ ହୋଇନଥିବା ଅନଧିକୃତ ଦଖଲରେ ଥିବା 79 ପ୍ରତିଶତ ଜମି ଆବାସିକ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା । ପାଞ୍ଚ ଏକର କିମ୍ବା ତଦୁର୍ଦ୍ଧ୍ୱ ପରିମାଣର ଜମିର 46 ଜଣ ପ୍ରମୁଖ ଅନଧିକୃତ ଦଖଲକାରୀଙ୍କ ତାଲିକା ***ପରିଶିଷ୍ଟ 3.6.1*** ରେ ଦର୍ଶାଯାଇଅଛି ।

[111] ଜିଲ୍ଲା ମୂଲ୍ୟାଙ୍କନ କମିଟିଦ୍ୱାରା ଧାର୍ଯ୍ୟ କରାଯାଇଥିବା ନ୍ୟୁନତମ ମୂଲ୍ୟ ଏବଂ ସରକାରଙ୍କ ଦ୍ୱାରା ଅନୁମୋଦିତ ପଞ୍ଜିକରଣ ଦେୟ

[112] ଏକ ବର୍ଷରୁ କମ୍ ଜବରଦଖଲ (5 ଟି ମାମଲା: 52.48 ଏକରର ମୂଲ୍ୟ 3.73 କୋଟି ଟଙ୍କା), ଏକରୁ ଦୁଇ ବର୍ଷ ମଧ୍ୟରେ (28 ମାମଲା: 80.15 ଏକରର ମୂଲ୍ୟ 4.30 କୋଟି ଟଙ୍କା), ଦୁଇରୁ ପାଞ୍ଚ ବର୍ଷ ମଧ୍ୟରେ (87 ଟି ମାମଲା: 97.985 ଏକରର ମୂଲ୍ୟ 26.21 କୋଟି ଟଙ୍କା), ପାଞ୍ଚରୁ 10 ବର୍ଷ ମଧ୍ୟରେ (94 ଟି ମାମଲା: 290.915 ଏକରର ମୂଲ୍ୟ 166.38 କୋଟି ଟଙ୍କା), 10 ରୁ 20 ବର୍ଷ ମଧ୍ୟରେ (82 ମାମଲା: 312.445 ଏକରର ମୂଲ୍ୟ 454.56 କୋଟି ଟଙ୍କା), 20 ରୁ 67 ବର୍ଷ ମଧ୍ୟରେ (87 ଟି ମାମଲା: 219.855 ଏକରର ମୂଲ୍ୟ 147.92 କୋଟି ଟଙ୍କା) ଏବଂ 239 ଟି ମାମଲା 865.833 ଏକରର ପରିମିତ 310.22 କୋଟି ଟଙ୍କା ମୂଲ୍ୟର ଜମି ଜବରଦଖଲର ଅବଧି ଆକଳନ କରାଯାଇପାରି ନଥିଲା ।

ସମୀକ୍ଷା ପୁନଃ ପରିଲକ୍ଷିତ କରିଥିଲା ଯେ:

- ***ସରକାରୀ ଜମିରେ ଲଜ୍/ହୋଟେଲ ଚାଳିବା* :** ନମୁନା ଯାଞ୍ଚ୍ କରାଯାଇଥିବା ଚାରିଟି ତହସିଲରେ 3.824 ଏକର ପରିମିତ ସରକାରୀ ଜମି 10ଟି[113] ହୋଟେଲ/ ଲଜ୍ ସହିତ ଅନଧିକୃତ ଭାବେ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା (11.33 କୋଟି ଟଙ୍କା ମୂଲ୍ୟ 5 ରୁ 20 ବର୍ଷ ପର୍ଯ୍ୟନ୍ତ) ।

- ***ସରକାରୀର ଜମିରେ ଆପାର୍ଟମେଣ୍ଟ ପାଇଁ ରାସ୍ତା ନିର୍ମାଣ* :** ତିନିଟି ରିୟଲ ଇଷ୍ଟେଟ୍ ସଂସ୍ଥା[114] 0.245 ଏକରର (ମୂଲ୍ୟ 19 ଲକ୍ଷ ଟଙ୍କା) ସରକାରୀ ଜମିକୁ ଅନଧିକୃତ ଦଖଲ କରି ଏହାକୁ ସେମାନଙ୍କ ଆପାର୍ଟମେଣ୍ଟ କୁ ରାସ୍ତା ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲେ ।

ବିଭାଗ ଆଶ୍ୱାସନା ଦେଇଥିଲା (ମଇ 2015) ଯେ ସେମାନେ ଏକ ବ୍ୟାପକ ମାର୍ଗଦର୍ଶିକା ଜାରି କରିବାକୁ ଯାଉଛନ୍ତି ଯାହାଫଳରେ ଭବିଷ୍ୟତରେ ଏଭଳି ମାମଲା ଚିହ୍ନଟ ନହୋଇ ରହିଯିବ ନାହିଁ ଏବଂ ଜବରଦଖଲ ମାମଲା ରୁଜୁ କରାଯିବ । ଏଭଳି କେତେକ ଦୃଷ୍ଟାନ୍ତ ନିମ୍ନରେ ବର୍ଣ୍ଣନା କରାଗଲା ।

- ***ସରକାରୀ ଜମିରେ ବେସରକାରୀ ମହାବିଦ୍ୟାଳୟ ନିର୍ମାଣ***

କାମାକ୍ଷାନଗର ତହସିଲରେ ଥିବା କାମାକ୍ଷାନଗର କଲେଜ୍ 18.38 ଏକର[115] ସରକାରୀ ଜମି ଉପରେ କୋଠା, ବୃକ୍ଷରୋପଣ ଇତ୍ୟାଦି କରି 27 ବର୍ଷ ହେଲା ଅପ୍ରାଧିକୃତ ଦଖଲ କରି ରଖିଥିଲେ । କଲେଜ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ 18.38 ଏକର ଜମି କଲେଜର ଦଖଲରେ ଥିବା ଦର୍ଶାଇ କାମାକ୍ଷାନଗର ତହସିଲଦାର ଉକ୍ତ କଲେଜ ଅଧକ୍ଷଙ୍କ ସପକ୍ଷରେ ଏକ ଦଖଲ ପ୍ରମାଣପତ୍ର ପ୍ରଦାନ କରିଥିଲେ (2001) । ଏହି ପ୍ରମାଣପତ୍ର ଆଧାରରେ ମହାବିଦ୍ୟାଳୟ ମଞ୍ଜୁରୀ ଏବଂ ଅନୁଦାନ ଲାଭ କରିଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ 2015) ଯେ ଜବର ଦଖଲ ଜମି ପ୍ରକୃତରେ ପଟ୍ଟା ଦେବାପାଇଁ ଯୋଗ୍ୟ ନୁହେଁ ଏବଂ ଜମିକୁ ଜବରଦଖଲମୁକ୍ତ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

- ***ସରକାରୀ ଜମିରେ ଇଟା ନିର୍ମାଣ***

ଗୋଟିଏ ଜାଗାର ମିଳିତ ସରଜମିନ ତଦନ୍ତରୁ[116] (ଡିସେମ୍ବର 2014) ଜଣାଗଲା ଯେ ଯଦିଓ ଏହି ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଜରିମାନା ଆଦାୟ କରି ଏହାକୁ ଦଖଲମୁକ୍ତ କରାଯିବା ଦର୍ଶାଯାଇ[117] ଥିଲା, ମାତ୍ର ଗୋଟିଏ ଲୋକ ଢେଙ୍କାନାଳ ତହସିଲ ଅଧିନରେ ଥିବା ଏହି 5.34 ଏକରର ସରକାରୀ ଜମିରେ ଇଟା ନିର୍ମାଣ କରୁଥିଲେ । ଯାହାହେଉ, ଦଖଲ ଚ୍ୟୁତ କେବଳ କାଗଜରେ ପ୍ରତୀତ ହୋଇଥିଲା ଏବଂ ଜମି ଉକ୍ତ ସଂସ୍ଥାର ଦଖଲରେ ରହିଥିଲା । ଏତତ୍ ବ୍ୟତୀତ ତହସିଲଦାରଙ୍କ ଆବଶ୍ୟକୀୟ ଅନୁମତି ବିନା ଇଟାଭାଟି ଅପ୍ରାଧିକୃତ ଭାବେ କାର୍ଯ୍ୟ କରୁଥିଲା ।

ବିଭାଗ ଦର୍ଶାଇଲେ (ଜୁନ୍ 2015) ଯେ ବେଆଇନ୍ ଇଟା ନିର୍ମାଣ ପାଇଁ 50,000 ଟଙ୍କାର ଜରିମାନା ଆଦାୟ ହୋଇଥିଲା । ଉତ୍ତର ଯୁକ୍ତିଯୁକ୍ତ ନଥିଲା, ଯେହେତୁ ଏହି ଜମି ଦଖଲଚ୍ୟୁତ ହୋଇଥିଲା ବୋଲି ଦର୍ଶାଯାଇନଥିଲା ।

---

113 ଗୋପ (ଶୁଭଦ୍ରା ଲଜ୍, କୋଣାର୍କ:0.25 ଏକର; ତାରିଣୀ ଲଜ୍: 0.08 ଏକର; ଲାବଣ୍ୟ ଲଜ୍: 0.83 ଏକର); ପୁରୀ (ହୋଟେଲ ହଲିଡେ ରିସର୍ଟ: 0.834 ଏକର; ହୋଟେଲ ମେ ଫେୟାର ୱେଭ୍ ଏଣ୍ଡ ହେରିଟେଜ୍: 0.609 ଏକର; ବିଜୟ ଇଣ୍ଟରନେସନାଲ: 0.566 ଏକର; ଜମିଦାର ପ୍ୟାଲେସ୍: 0.115 ଏକର); ବ୍ୟାସନଗର (ହୋଟେଲ ରମଣ, ଡୋଳିପୁର: 0.500 ଏକର); ଟାଙ୍ଗି-ଚୌଦ୍ୱାର (ହୋଟେଲ ଜ୍ୟୋତି: ଜଗତପୁର:0.02 ଏକର; ହୋଟେଲ ରାଜକୁମାର, ଜଗତପୁର: 0.02 ଏକର)

114 ଆକ୍ରୁକ୍ସ ରିୟଲକନ ପ୍ରାଇଭେଟ୍ ଲିମିଟେଡ୍, ସେକ୍ୟୁଏଲ୍ ଇନ୍‌ଫ୍ରା ପ୍ରୋମୋଟର୍ସ ଏଣ୍ଡ ଡେଭଲପର୍ସ ଲିମିଟେଡ୍, ଓମ୍ ସାଇ ଅକ୍ରଡ୍

115 ଖାତା ସଂଖ୍ୟା 549, ପ୍ଲଟ୍ ସଂଖ୍ୟା 2300/1, କ୍ଷେତ୍ର 12.00 ଏକର ଆଲଟୁମା ଗ୍ରାମ ଏବଂ ଖାତା ସଂଖ୍ୟା 166, ପ୍ଲଟ୍ ସଂଖ୍ୟା 921/1 କ୍ଷେତ୍ର 2.20 ଏକର ଏବଂ 1011/1 କ୍ଷେତ୍ର 4.180 ଏକର, ଶରଧାପୁର ଗ୍ରାମ

116 ଖାତା ନଂ. 252, ପ୍ଲଟ୍ ନଂ. 589, 598 ଏବଂ 590 (ଅଂଶ), ଗ୍ରାମ-ବିମ୍ବଳ, ଭାପୁର ଆରଆଇ ସର୍କଲ, ଢେଙ୍କାନାଳ ତହସିଲ

117 ଜବର ଦଖଲ ମାମଲା ନଂ. 2351/05-06

- ***ସରକାରୀ ଜମିରେ ହୋଟେଲ ନିର୍ମାଣ***

ଗୋଟିଏ[118] ପ୍ଲଟର ମିଳିତ ସରଜମିନ୍ ନିରୀକ୍ଷଣ (ଡିସେମ୍ବର 2014) ରୁ ଜଣାଗଲା ଯେ ଏହି 0.50 ଏକର ସରକାରୀ ଜମିରେ ଏକ ହୋଟେଲ[119] ନିର୍ମାଣ ହୋଇଥିଲା । ଯୁଗ୍ମ ନିରୀକ୍ଷଣ ସମୟରେ ଏପରି ଅପ୍ରାଧିକୃତ ନିର୍ମାଣ ହୋଇଥିଲା ବୋଲି ତହସିଲଦାରଙ୍କ ପ୍ରତିନିଧିମାନେ ସ୍ୱୀକାର କରିଥିଲେ ।

ଉକ୍ତ ଜମିର କିସମ ଜଙ୍ଗଲ ଥିଲା ଏବଂ ତହସିଲଦାରଙ୍କ ପ୍ରତିନିଧିଙ୍କ ଅନୁଯାୟୀ ହୋଟେଲ ତିନି-ଚାରି ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା ଯାହା ମିଳିତ ସରଜମିନ୍ ତଦନ୍ତ ବିବରଣରେ ଲିପିବଦ୍ଧ କରାଯାଇଛି, ହେଲେ ରାଜସ୍ୱ ନିରୀକ୍ଷକ ଉକ୍ତ ଜବରଦଖଲ ବିଷୟ ତହସିଲଦାରଙ୍କୁ ଜଣାଇ ନଥିଲେ କିମ୍ବା ଓପିଏଲଇ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ସରକାରୀ ଜମିରେ ଅନଧିକୃତ ନିର୍ମାଣ ପାଇଁ ତହସିଲଦାରଙ୍କ ଦ୍ୱାରା କୌଣସି ମାମଲା ଦରଜ କରାଯାଇ ନଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ହୋଟେଲ ବିରୁଦ୍ଧରେ 2015-16 ରେ ଜବରଦଖଲ ମାମଲା ରୁଜୁ ହୋଇଥିଲା ଏବଂ ବେଦଖଲ କରିବା ପାଇଁ ପଦକ୍ଷେପ ନିଆଯିବ ।

- ***ବିଚାରାଧୀନ ପଟ୍ଟା ମାମଲାରେ ଥିବା 143.775 ଏକର ସରକାରୀ ଜମିର ଜବର ଦଖଲ***

ଓଜିଏଲ୍‌ଏସ୍ ନିୟମ 1983 ଧାରା 5 (3) ଅନୁଯାୟୀ କେବଳ ଜବରଦଖଲ ମୁକ୍ତ ଜମି ଲିଜ୍‌ରେ ଦିଆଯାଇପାରିବାର ବ୍ୟବସ୍ଥା ଥିଲା ବେଳେ ଓପିଏଲ୍‌ଇ ଅଧିନିୟମ 1972 ଧାରା 7 ରେ ବ୍ୟବସ୍ଥା ଅଛି ଯେ, କୌଣସି ବ୍ୟକ୍ତି ଦ୍ୱାରା ଜବରଦଖଲ ଭାବେ ଥିବା ଜମିକୁ ତହସିଲଦାର ଦଖଲଚ୍ୟୁତ କରିପାରିବେ ।

ମିଳିତ ସରଜମିନ୍ ତଦନ୍ତ କରାଯାଇଥିବା 50ଟି ବିଚାରାଧୀନ ପଟ୍ଟା ମାମଲାରେ ଦେଖାଯାଇଥିଲା ଯେ 143.775 ଏକର ସରକାରୀ ଜମି ପଟ୍ଟା ଦରଖାସ୍ତକାରୀଙ୍କ ଅନଧିକୃତ ଦଖଲରେ ରହିଥିଲା । ସମୀକ୍ଷାରେ ଦେଖାଗଲା ଯେ :

- ମିଳିତ ସରଜମିନ୍ ନିରୀକ୍ଷଣରେ ସଂପୃକ୍ତ ରାଜସ୍ୱ ନିରୀକ୍ଷକ ଜଣାଇଥିଲେ ଯେ 20ଟି ମାମଲାରେ ଅନଧିକୃତ ଦଖଲର ଅବଧି 2 ରୁ 56 ବର୍ଷ ଥିଲା ଓ 30ଟି ମାମଲାରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଏହାର ନିରୂପଣ କରାଯାଇ ପାରି ନଥିଲା ।

- 50ଟିରୁ 6ଟି ମାମଲାରେ 32.715 ଏକର ସାଧାରଣ ବ୍ୟବହୃତ ଜମି (ଗୋଚର 30.115 ଗ୍ରାମ୍ୟ ଜଙ୍ଗଲ 2.60 ଏକର) ଅନଧିକୃତ ଦଖଲରେ ଥିଲା ଯାହାକି ପଟ୍ଟା ଉପଯୋଗୀ ନଥିଲା ।

- 50ଟି ପଟ୍ଟା ମାମଲା 1ରୁ 34 ବର୍ଷ[120] ପର୍ଯ୍ୟନ୍ତ ବିଚାରାଧିନ ଥିଲେ ମଧ ସଂପୃକ୍ତ ତହସିଲଦାର ସେହି ପଟ୍ଟା ମାମଲାଗୁଡ଼ିକୁ ଅଗ୍ରାହ୍ୟ କରିନଥିଲେ କି ଅନଧିକୃତ ଦଖଲକାରୀଙ୍କୁ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ କେବଳ ଜମିହୀନ ଲୋକଙ୍କ ସପକ୍ଷରେ ଜମିର ସମାଧାନ ହେବ ଓ ଅନ୍ୟ ମାମଲାରେ ଦଖଲଚ୍ୟୁତ ହେବ ଏବଂ ପଟ୍ଟା ପାଇଁ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଯାନ ଚଳାଇବା ପାଇଁ ମଧ୍ୟ ଆଶ୍ୱାସନା ଦେଇଥିଲେ ।

118 ଖାତା ନଂ. 126, ପ୍ଲଟ୍ ନଂ. 1, ଉମାପଡା ଗ୍ରାମ, କଣ୍ଟାଝରି ଆରଆଇ ସର୍କଲ, ବ୍ୟାସନଗର ତହସିଲ

119 ହୋଟେଲ ରମଣୀ, ଡଲିପୁର

120 ଦୁଇ ବର୍ଷ ପର୍ଯ୍ୟନ୍ତ: 20 ଟି ମାମଲା (30.69 ଏକର); 3 ରୁ 5 ବର୍ଷ: 8 ଟି ମାମଲା (48.639 ଏକର); 6 ରୁ 10 ବର୍ଷ: 7 ଟି ମାମଲା (20.67 ଏକର); 11 ରୁ 20 ବର୍ଷ: 6 ଟି ମାମଲା (13.906 ଏକର); 20 ବର୍ଷରୁ ଉର୍ଦ୍ଧ୍ୱ: 9 ଟି ମାମଲା (29.87 ଏକର)

### 3.6.1.2 ଅନଧିକୃତ ଦଖଲକାରୀଙ୍କୁ ଦଖଲଚ୍ୟୁତ ନକରିବା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ (ନଭେମ୍ବର 2005) ଅନୁଦେଶ ଦେଇଥିଲେ ଯେ ଆପତ୍ତି ଉଠାଯାଇଥିବା ମାମଲା ବା କଟକଣା ଥିବା ମାମଲା, ଅଦାଲତ ଆଦେଶ ଦ୍ୱାରା ସ୍ଥଗିତ ଥିବା ମାମଲା ବ୍ୟତୀତ ସବୁ ଜବରଦଖଲ ମାମଲା ସାଧାରଣତଃ 90 ଦିନ ସମୟ ସୀମା ଭିତରେ ଫଏସଲା ହେବା ଉଚିତ୍ । ଉପଜିଲ୍ଲାପାଳ, ଜିଲ୍ଲାପାଳ ଏବଂ ଆରଡିସି ତହସିଲ ଅଫିସ୍ ଗୁଡ଼ିକୁ ପରିଦର୍ଶନ କଲାବେଳେ ତିନିମାସରୁ ଅଧିକ ସମୟ ଧରି ପଡ଼ିରହିଥିବା ମାମଲାଗୁଡ଼ିକ ଯାଞ୍ଚ କରିବେ ଏବଂ ବିଚାରାଧିନ ମାମଲାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ତହସିଲଦାରଙ୍କୁ ଉପଯୁକ୍ତ ଅନୁଦେଶ ଦେବେ ।

ମାର୍ଚ୍ଚ 2014 ସୁଦ୍ଧା 40ଟି ନମୁନା ତହସିଲର 11,159.39[121] ଏକର ସଂପୃକ୍ତ 37,528ଟି ଜବରଦଖଲ ମାମଲା ବିଚାରାଧିନ ଥିଲା । 10ଟି ତହସିଲ[122]ରେ 1,000 ଠାରୁ ଅଧିକ ଜବରଦଖଲ ମାମଲା ମାର୍ଚ୍ଚ 2014 ସୁଦ୍ଧା ବିଚାରାଧିନ ଥିଲା, ସର୍ବାଧିକ ବିଚାରାଧିନ ମାମଲା (5,751) ସମ୍ବଲପୁରରେ ଏବଂ ତା'ପଛକୁ ରାଉରକେଲା (5,328) ଥିଲା ।

- **ଅନିୟମିତ ମାସିକ ପ୍ରଗତି ରିପୋର୍ଟ (ଏମ୍‌ପିଆର୍) ଉପସ୍ଥାପନା:** ସମୀକ୍ଷା ଅବଲୋକନ କଲା ଯେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ମାସିକ ପ୍ରଗତି ରିପୋର୍ଟ (ଏମ୍‌ପିଆର୍) ରେ ଏହି ମାମଲାଗୁଡ଼ିକୁ ତହସିଲଦାରମାନେ ସଠିକ୍ ଭାବେ ଉପସ୍ଥାପନ କରୁନଥିଲେ । 11ଟି ତହସିଲରେ ଦେଖାଗଲା ଯେ ଜବରଦଖଲ ନଥି ତୁଳନାରେ ଏମ୍‌ପିଆର୍‌ରେ ଜବରଦଖଲ ମାମଲା ସଂଖ୍ୟାର ପ୍ରଭେଦ 19 ରୁ 908 ଯାଏ ଥିଲା ଏବଂ ସର୍ବାଧିକ ପ୍ରଭେଦ ଯାଜପୁର ତହସିଲରେ ଥିଲା ।

ତହସିଲଦାରଙ୍କ ଦ୍ୱାରା ଦରଜ କରାଯାଇଥିବା ଏବଂ ବିଚାରାଧିନ ଥିବା 1,200.095 ଏକର ସରକାରୀ ଜମି ସଂପର୍କିତ 37,528ଟି ଜବରଦଖଲ ମାମଲାରୁ 789ଟି ମାମଲା ସମୀକ୍ଷା ନମୁନା ଯାଞ୍ଚ କରିଥିଲା । ବର୍ଷ ଅନୁଯାୟୀ ବିଚାରାଧିନ ଥିବା ମାମଲାଗୁଡ଼ିକ ନିମ୍ନ ସାରଣୀରେ ଦର୍ଶାଗଲା ।

**ସାରଣୀ 3.6.2: ନମୁନା ଯାଞ୍ଚ ବିଚାରାଧିନ ଜବରଦଖଲ ମାମଲାର ବର୍ଷୱାରୀ ବିବରଣ**

| ବିଚାରାଧୀନ ସମୟ | ମାମଲା ସଂଖ୍ୟା | ଜମିର ପରିମାଣ (ଏକରରେ) | ଜମିର ବେଞ୍ଚ୍ ମାର୍କ ମୂଲ୍ୟ (କୋଟି ଟଙ୍କାରେ) |
|---|---|---|---|
| ଏକ ବର୍ଷରୁ କମ୍ | 4 | 3.92 | 0.44 |
| ଏକ ବର୍ଷ ଠାରୁ ଦୁଇ ବର୍ଷରୁ କମ୍ | 233 | 478.474 | 48.94 |
| ଦୁଇ ବର୍ଷ ଠାରୁ ପାଞ୍ଚ ବର୍ଷରୁ କମ୍ | 378 | 522.381 | 54.54 |
| ପାଞ୍ଚ ବର୍ଷ ଠାରୁ ଦଶ ବର୍ଷରୁ କମ୍ | 63 | 85.326 | 25.87 |
| 10 ବର୍ଷରୁ 39 ବର୍ଷ | 47 | 77.254 | 53.07 |
| ନିଶ୍ଚିତ କରାଯାଇ ପାରିନଥିବା ମାମଲା | 64 | 32.74 | 3.39 |
| **ମୋଟ** | **789** | **1200.095** | **186.25** |

*(ଉତ୍ସ: ନମୁନା ତହସିଲର ନଥିପତ୍ର)*

ଉପରୋକ୍ତ ସାରଣୀ ଅଧ୍ୟୟନରୁ ଜଣାଗଲା ଯେ 789ଟି ମାମଲାରୁ 721 ମାମଲା 1 ବର୍ଷ ଠାରୁ 39 ବର୍ଷ ଧରି ବିଚାରାଧିନ ଥିଲା, ଯେଉଁଥିରୁ 110ଟି ମାମଲା ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ବିଚାରାଧିନ ରହିଥିଲା । ନିମ୍ନଲିଖିତ ଚାର୍ଟରେ ଜବରଦଖଲ ଜମିର ବ୍ୟବହାର ପ୍ରକାର ଦର୍ଶାଗଲା ।

121 ଗୋପ, ଜଟଣୀ ଓ ପୁରୀ ତହସିଲ ବ୍ୟତୀତ ଯେଉଁଠାରେ ଜବର ଦଖଲଜମିର କ୍ଷେତ୍ରଫଳ ସଂପର୍କିତ ଅଭିଲେଖ ପ୍ରଚଳନ ହେଉନଥିଲା

122 ଅନୁଗୁଳ (1,365), ବଲାଙ୍ଗିର (3,416), ଭୁବନେଶ୍ୱର (1,230), କଟକ (2,344), ଢେଙ୍କାନାଳ (1,314), ଯାଜପୁର (1,068), ଗୋପ (1,142) ରାଉରକେଲା (5,328), ସମ୍ବଲପୁର (5,751) ଏବଂ ସୁନ୍ଦରଗଡ଼ (2,243)

*ଚାର୍ଟ 3.6.2: ନମୁନା ଯାଞ୍ଚ ମାମଲାର ଜମି ବ୍ୟବହାର ପ୍ରକାର ଯେଉଁଥିରେ ତହସିଲଦାରଙ୍କ ଦ୍ୱାରା ଜମିର ଦଖଲ ମାମଲା ଦାଏର କରାଯାଇଥିଲା ।*

| ଯେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା | ମାମଲା ସଂଖ୍ୟା | କ୍ଷେତ୍ରଫଳ (ଏକରରେ) | ବେଞ୍ଚମାର୍କ ମୂଲ୍ୟ (କୋଟି ଟଙ୍କାରେ) |
|---|---|---|---|
| ବାଣିଜ୍ୟ | 17 | 98.991 | 15.38 |
| କୃଷି | 383 | 629.864 | 19.52 |
| ଶିକ୍ଷାନୁଷ୍ଠାନ | 29 | 110.34 | 46.89 |
| ଶିଳ୍ପ ସଂକ୍ରାନ୍ତୀୟ | 12 | 112.39 | 12.01 |
| ଅନ୍ୟାନ୍ୟ | 47 | 54.513 | 49.93 |
| ଧାର୍ମିକ | 7 | 1.34 | 1.49 |
| ଆବାସିକ | 294 | 192.657 | 41.03 |
| **ମୋଟ** | **789** | **1200.095** | **186.25** |

***(ଉତ୍ସ: ନମୁନା ତହସିଲର ନଥିପତ୍ର)***

ଉପରୋକ୍ତ ବିବରଣୀରୁ ପରିଲକ୍ଷିତ ହେଲା ଯେ 112 ମାମଲାରେ 377.574 ଏକର ଜମି ତଥା 31 ପ୍ରତିଶତ, ଆବାସିକ ଓ ଚାଷ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା, ଯାହାକି ଓପିଏଲଇ ଅଧିନିୟମ ଧାରା 7 ଅନୁଯାୟୀ ଜବରଦଖଲକାରୀଙ୍କ ସପକ୍ଷରେ ବ୍ୟବସ୍ଥିତ ହୋଇପାରି ନଥିଲା । ତହସିଲଦାରଙ୍କ ଦସ୍ତାବିଜ ଅନୁଯାୟୀ ସରକାରୀ ଜମି ଜବରଦଖଲରେ ତିନିମାସରୁ 39 ବର୍ଷ ରହିଥିଲେ ସୁଦ୍ଧା ସଂପୃକ୍ତ ତହସିଲଦାରମାନେ ଦଖଲଚ୍ୟୁତ ପାଇଁ ବଳିଷ୍ଠ ପଦକ୍ଷେପ ନେଇ ନଥିଲେ । କୃଷି ଓ ବସବାସ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଅବଶିଷ୍ଟ 677ଟି ମାମଲାରେ ଜମିକୁ ସେମାନଙ୍କ ସପକ୍ଷରେ ବ୍ୟବସ୍ଥିତ କରିବାକୁ ଜବରଦଖଲକାରୀଙ୍କ ଯୋଗ୍ୟତା ପରଖିବାକୁ ତହସିଲଦାର ଜମିକୁ ପୁନଃ ତଦାରଖ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଏହା କରାଯାଇ ନଥିଲା ।

ସମୀକ୍ଷା 789ଟି ମାମଲାରୁ 470ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ସ୍ତରର ଯାଞ୍ଚ କରି ପରିଲକ୍ଷିତ କଲେ ଯେ:

- 107ଟି ମାମଲାରେ (116.71 ଏକର ) କାରଣ ଦର୍ଶାଅ ନୋଟିସ୍ ଜାରୀ କରାଯାଇଥିବା ସ୍ଥଳେ 116ଟି ମାମଲାରେ (166.367 ଏକର) କାରଣ ଦର୍ଶାଅ ନୋଟିସ୍ ସହ ଜରିମାନା ନିର୍ଦ୍ଧାରଣ ହୋଇଥିଲା ।

- 205ଟି ମାମଲାରେ (44 ପ୍ରତିଶତ), 277.244 ଏକର ଜମି ପାଇଁ ଉଚ୍ଛେଦ ନୋଟିସ୍ ଜାରି ହୋଇଥିଲା ବେଳେ 33ଟି ମାମଲାରେ (77.137 ଏକର) କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ଏହି 205ଟି ମାମଲାରେ ଢେଙ୍କାନାଳ ତହସିଲର 15ଟି ମାମଲାରେ 52.177 ଏକର ଜମିର ଅନଧିକୃତ ଦଖଲକାରୀଙ୍କ ସ୍ୱୀକୃତି ସାଦା ଉଚ୍ଛେଦ ନୋଟିସ ଫର୍ମରେ ଅଣାଯାଇଥିଲା । କେବଳ ତିନିଟି ମାମଲାରେ 48.815 ଏକର ଜମିରେ ନିର୍ମାଣ ବନ୍ଦ ପାଇଁ ନୋଟିସ୍ ଜାରି କରାଯାଇଥିଲା ।

- ଛଅଟି[123] ମାମଲାରେ (0.215 ଏକର) ଅନଧିକୃତ ଦଖଲକାରୀଙ୍କ ସପକ୍ଷରେ ସମାଧାନ କରିବା ପାଇଁ ଉଦ୍‌ଘୋଷଣା ଜାରି କରାଯାଇଥିଲା ।

- **ଜବର ଦଖଲ ମାମଲା ଥିବା ସତ୍ତ୍ୱେ ପଟ୍ଟା ପ୍ରକ୍ରିୟା ଆରମ୍ଭ ହେବା:** 14ଟି ମାମଲାରେ 63.67 ଏକର ଜମି ପାଇଁ (ମୂଲ୍ୟ 29.45 କୋଟି ଟଙ୍କା) ସଂପୃକ୍ତ ତହସିଲଦାରମାନେ ଅନଧିକୃତ ଦଖଲ ପାଇଁ ଜବରଦଖଲ ମାମଲା (1996-2013) ରୁଜୁ କରିଥିଲେ ମାତ୍ର ଜବରଦଖଲକାରୀଙ୍କୁ ଦଖଲ ଚ୍ୟୁତ୍

---

[123] ଜବରଦଖଲ ମାମଲା ସଂଖ୍ୟା.: 124/10-11 (0.03 ଏକର); 1199/08-09, (0.04 ଏକର); 1030/07-08 (0.005 ଏକର); 208/07-08 (0.04 ଏକର); 229/08-09 (0.04 ଏକର), 209/07-08 (0.06 ଏକର)

କରିବା ପରିବର୍ତ୍ତେ ଏକ ରୁ 18 ବର୍ଷ[124] ଧରି ଜବରଦାଖଲକାରୀଙ୍କୁ ଲିଜ୍ ଦରଖାସ୍ତର କାର୍ଯ୍ୟ ପ୍ରକ୍ରିୟା ଚଳାଇଥିଲେ । ଯାହାଫଳରେ ପଟ୍ଟା ଆବେଦନ ବିଚାରାଧିନ ଆଳରେ ଜବରଦଖଲକାରୀମାନେ ସରକାରୀ ଜମିର ଅନଧିକୃତ ଦଖଲ କରିଥିଲେ । ଏହିପରି ଏକ ଉଦାହରଣ ନିମ୍ନରେ ଆଲୋଚନା କରାଗଲା ।

- କାମାକ୍ଷାନଗର ତହସିଲ ଅଧିନସ୍ଥ ପରିମଳ କଲେଜ (ଏକ ବେସରକାରୀ କଲେଜ) ର ସମ୍ପାଦକ 8.40 ଏକର ଜମି ପଟ୍ଟା ପାଇଁ ତହସିଲଦାରଙ୍କୁ ଦରଖାସ୍ତ (2005 ଓ 2014) କରିଥିଲେ ଯିଏକି 2014 ରେ ପଟ୍ଟା ମାମଲା ଆରମ୍ଭ କରିଥିଲେ। କିନ୍ତୁ ପଟ୍ଟା ଦରଖାସ୍ତ କରିବା ପୂର୍ବରୁ ମହାବିଦ୍ୟାଳୟ ଜମିକୁ ଅନଧିକୃତ ଦଖଲ କରିଥିଲେ । ଦଖଲଚ୍ୟୁତ କରିବା ପରିବର୍ତ୍ତେ ଦଖଲ ପ୍ରମାଣପତ୍ର ଯୋଗାଇ ଦେବାକୁ ନିୟମ/ ଆଦେଶ ନଥିଲେ ମଧ ତହସିଲଦାର କଲେଜ ସପକ୍ଷରେ 7.85 ଏକର ଜମି ପାଇଁ ଦଖଲ ପ୍ରମାଣପତ୍ର ଯୋଗାଇ ଦେଇଥିଲେ (2001) । ବିଭାଗ କହିଥିଲେ ଯେ ଅଧିମୂଲ୍ୟ ଆଦାୟ ପୂର୍ବକ ଅନଧିକୃତ ଦଖଲ ଜମିକୁ ନିୟମିତ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ସରକାରୀ ଜମିର ଜବରଦଖଲ ଉଚ୍ଛେଦ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### *3.6.1.3 ସହରାଞ୍ଚଳର ସାଧାରଣ ପରିସର କ୍ଷେତ୍ରରେ ଭୂ-ସମ୍ପତ୍ତି ଅଧିକାରୀ ଜବରଦଖଲ ମାମଲା ଆରମ୍ଭ ନକରିବା*

ଓପିପି (ଇୟୁଓ) ଅଧିନିୟମ 1972 ଧାରା 2(ଏଫ୍)ରେ ଭୂ-ସଂପତ୍ତି ଅଧିକାରୀଙ୍କୁ ପୌରପାଳିକା/ ବିଜ୍ଞାପିତ ଅଞ୍ଚଳ/ ଶିଳ୍ପାଞ୍ଚଳରେ ଥିବା ଜମିର ଜବରଦଖଲ ମାମଲା ପରିଚାଳନା କରିବା ଅଧିକାରୀ ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମଧ ବ୍ୟାଖ୍ୟା କରିଥିଲେ (ଜାନୁଆରୀ 2014) ଯେ ଏହି ସବୁ ଜବରଦଖଲ ମାମଲାଗୁଡ଼ିକ ଓପିଏଲ୍ଇ ଅଧିନିୟମ 1972 ଅନୁସାରେ ନହୋଇ ଓପିପି (ଇୟୁଓ) ଅଧିନିୟମ ଅନୁସାରେ ପରିଚାଳିତ ହେବ । ସେହି ତାରିଖ ସୁଦ୍ଧା ନୂତନ କିମ୍ବା ପୁନର୍ବିଚାର ସମ୍ବନ୍ଧୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆରମ୍ଭ ହୋଇଥିବା ଏବଂ ବିଚାରାଧିନ ଥିବା ଏହି ସମସ୍ତ ମାମଲାକୁ ସଂପୃକ୍ତ ଭୂ-ସଂପତ୍ତି ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉପଜିଲ୍ଲାପାଳ ମାନେ ମଧ ଭୂ-ସଂପତ୍ତି ଅଧିକାରୀ ରୂପେ ଆଖ୍ୟାୟିତ ହୋଇଥିଲେ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ଉପରୋକ୍ତ ବ୍ୟବସ୍ଥାର ବ୍ୟତିରେକେ ନମୁନା ଯାଞ୍ଚ କରାଯାଇଥିବା 32ଟି ସହରାଞ୍ଚଳ ତହସିଲରେ ତହସିଲଦାରମାନେ ଅନିୟମିତ ଭାବେ ଓପିଏଲ୍ଇ ଅଧିନିୟମ 1972 ର ବ୍ୟବସ୍ଥା ଅନୁଯାୟୀ ସହରାଞ୍ଚଳରେ ସରକାରୀ ଜମି ଜବରଦଖଲ ମାମଲା ରୁଜୁ କରିଥିଲେ, ଯଦିଓ ଏହି ମାମଲାଗୁଡ଼ିକ ଓପିପି (ଇୟୁଓ) ଅଧିନିୟମ ଅନୁଯାୟୀ ରୁଜୁ ହେବା କଥା ଏବଂ ତହସିଲଦାରମାନେ ଏହି ମାମଲାଗୁଡ଼ିକ ପରିଚାଳିତ କରିବାକୁ ଉପଯୁକ୍ତ କର୍ତ୍ତୃପକ୍ଷ ନୁହଁନ୍ତି । ସହରାଞ୍ଚଳରେ ଜମି ଜବରଦଖଲ ସଂପର୍କିତ ଅଲଗା ଦସ୍ତାବିଜ୍ ପରିଚାଳିତ ହେଉନଥିବାରୁ ଛଅଟି ତହସିଲ ବ୍ୟତୀତ 2011-14 ମଧରେ ଆରମ୍ଭ ହୋଇଥିବା ଏବଂ ଫଏସଲା ହୋଇଥିବା ମାମଲା ଗୁଡ଼ିକର ବିଶଦ ବିବରଣୀ ସମୀକ୍ଷା ନିର୍ଦ୍ଧାରଣ କରିପାରିଲା ନାହିଁ । ନମୁନା ଯାଞ୍ଚ୍ କରାଯାଇଥିବା ଏହି ଛଅଟି ତହସିଲରେ 2,263.156 ଏକର ଜମିର 11,812ଟି ମାମଲା (2011 ର ବଳକା ମାମଲା ସହିତ) 2011-14 ରେ ଆରମ୍ଭ କରାଯାଇଥିଲା । ଯେଉଁଥିରୁ 1,547.03 ଏକର ଜମିର 2,839ଟି ମାମଲା ଫଏସଲା ହୋଇଥିଲା । 716.126 ଏକର ଜମିର 8,973ଟି ମାମଲା ଭୂ-ସଂପତ୍ତି ଅଧିକାରୀଙ୍କୁ ପ୍ରେରଣ କରାନଯାଇ ତହସିଲଦାରଙ୍କ ନିକଟରେ ପଡ଼ିରହିଥିଲା । ଉପଜିଲ୍ଲାପାଳ ଭୂ-ସଂପତ୍ତି ଅଧିକାରୀ ହୋଇ ମଧ ସରକାରୀ ଜମିକୁ ଜବରଦଖଲରୁ ରକ୍ଷା କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିଲେ ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ସାଧାରଣ ଗୃହ ପରିସର ସମ୍ବନ୍ଧୀୟ ଜବରଦଖଲ ମାମଲାଗୁଡ଼ିକୁ ଓପିଏଲଇ ଅଧିନିୟମ ବଦଳରେ ଓପିପି (ଇୟୁଓ) ମାଧମରେ ଫଏସଲା କରିବାକୁ ଜିଲ୍ଲାପାଳମାନଙ୍କୁ ଉପଯୁକ୍ତ

---

124 1 ବର୍ଷ: 1 ଟି ମାମଲା (0.12 ଏକର); 2 ରୁ 5 ବର୍ଷ: 4 ଟି ମାମଲା (8.08 ଏକର); 6 ରୁ 10 ବର୍ଷ: 6 ଟି ମାମଲା (39.27 ଏକର); 15 ରୁ 18 ବର୍ଷ 3 ଟି ମାମଲା (16.20 ଏକର)

ନିର୍ଦ୍ଦେଶ ଜାରିକରାଯାଇଛି ।

### 3.6.1.4 ବାରମ୍ବାର ଜବର ଦଖଲ

ଓପିଏଲ୍ଇ ନିୟମ 1985 ର ଧାରା 5 (iv) ଅନୁସାରେ ଯଦି ଜବରଦଖଲକାରୀ ଦଖଲଚ୍ୟୁତ ପରେ ପୁଣି ଜବରଦଖଲ କରିଥିବେ ତେବେ ଦେୟ/ ଜରିମାନାରେ କୌଣସି ରିହାତି/ କ୍ଷମା ଦିଆଯାଇପାରିବ ନାହିଁ ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ 2013-14 ରେ ଆଠଗଡ ଓ ଗୋପ ତହସିଲର ଯଥାକ୍ରମେ ମେଘା ଓ ଖଣ୍ଡସାହି ରାଜସ୍ୱ ନିରୀକ୍ଷକ ପ୍ରମାଣ କରିଥିଲେ ଯେ 2013 ରେ 11 ଜଣ ଜବରଦଖଲକାରୀ ସରକାରୀ ଜମି ଖାଲି କରିଥିଲେ । ଉକ୍ତ ଜମିଗୁଡ଼ିକ ସେମାନଙ୍କ ଅନଧିକୃତ ଦଖଲରେ ରହିଥିବାର ଆଶଙ୍କା କରି ଉଭୟ ରାଜସ୍ୱ ନିରୀକ୍ଷକ ପୁଣିଥରେ ଉକ୍ତ ସରକାରୀ ଜମିର ଜବରଦଖଲ ପାଇଁ ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ ଜବରଦଖଲ ମାମଲା ରୁଜୁକରିଥିଲେ (ନଭେମ୍ବର ଓ ଏପ୍ରିଲ୍ 2014) । ଏହା ବ୍ୟତୀତ ମେଘା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ପରବର୍ତ୍ତୀ ବର୍ଷରେ ଜବରଦଖଲ ପାଇଁ ନିର୍ଦ୍ଧାରଣ କରାଯାଇଥିବା ଭଡ଼ା ଓ ଜରିମାନା ପ୍ରଥମ ବର୍ଷ (2012-13) ତୁଳନାରେ କମ୍ ଥିଲା । ଯାହାର କାରଣ କୌଣସି ଠାରେ ଲିପିବଦ୍ଧ ହୋଇନଥିଲା ।

ବିଭାଗ ଦର୍ଶାଇଥିଲା (ଜୁନ୍ 2015) ଯେ ବାରମ୍ବାର ଜବରଦଖଲକୁ ରୋକିବାକୁ ସମସ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକମାନଙ୍କୁ ଜିଲ୍ଲାପାଳମାନେ ଉପଯୁକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

### 3.6.1.5 ରାଜସ୍ୱ ଅଧିକାରୀଙ୍କ ରିପୋର୍ଟ ସତ୍ତ୍ୱେ ଜବର ଦଖଲ ମାମଲା ଆରମ୍ଭ ନକରିବା

ଓପିଏଲଇ ନିୟମ 1985 ଧାରା 3(1) ଅନୁସାରେ ରାଜସ୍ୱ ନିରୀକ୍ଷକମାନେ ସେମାନଙ୍କ ଇଲାକାର ଜମି ଜବରଦଖଲ ରିପୋର୍ଟ ଫର୍ମ-ଜି ରେ ତହସିଲଦାରଙ୍କୁ ଦେବା ଆବଶ୍ୟକ । ରିପୋର୍ଟ ପାଇବା ପରେ ତହସିରଦାରମାନେ ଜବରଦଖଲକାରୀଙ୍କ ବିରୁଦ୍ଧରେ ଜବର ଦଖଲ ମାମଲା ରୁଜୁ କରିବା ଆବଶ୍ୟକ ଓ ଏହି ସବୁ ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଆବଶ୍ୟକ ।

ସମୀକ୍ଷା ଲକ୍ଷ୍ୟକଲା ଯେ:

- ପାଲଲହଡ଼ା ତହସିଲରେ ପାଲଲହଡ଼ା ରାଜସ୍ୱ ନିରୀକ୍ଷକ, 2013-14 ରେ ଯଦିଓ 7.463 ଏକର ପରିମିତ ଜମିରେ 24ଟି ଜବର ଦଖଲ ମାମଲା ଥିବା ଦର୍ଶାଇଥିଲେ ଜବରଦଖଲକାରୀଙ୍କ ବିରୁଦ୍ଧରେ କୌଣସି ଜବରଦଖଲ ମାମଲା ଆରମ୍ଭ କରାଯାଇନଥିଲା । ଏହିପରି 12ଟି ସ୍ଥାନରେ ଦୋକାନ ଘର ନିର୍ମାଣ କରାଯାଇଥିଲା ବେଳେ, 11ଟି ମାମଲାରେ ଜମିଗୁଡ଼ିକୁ କୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା ଏବଂ ଅବଶିଷ୍ଟ ଗୋଟିଏ ମାମଲାରେ ଏହା ଗ୍ୟାରେଜ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିଲା ।

  ଉତ୍ତରରେ ତହସିଲଦାର ତଥ୍ୟକୁ ସ୍ୱୀକାର କରି ଦର୍ଶାଇଥିଲେ (ଡିସେମ୍ବର 2014) ଯେ ଜବରଦଖଲକାରୀ ହାଜର ନହେବା ଯୋଗୁଁ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ନଥିଲା ଏବଂ ଏହା 2014-15 ରେ ରୁଜୁ କରାଯିବ । ଉତ୍ତର ଗ୍ରହଣୀୟ ନଥିଲା କାରଣ ଓପିଏଲ୍ଇ ନିୟମାବଳୀ ନିୟମ 3(2) ଅନୁଯାୟୀ ମାମଲା ରୁଜୁ କରାଯିବା ପରେ ହିଁ ଜବରଦଖଲକାରୀମାନଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେବା କଥା ।

- ରେଢାଖୋଲ ତହସିଲରେ ଜମିର ଅନଧିକୃତ ଦଖଲ ମାମଲା ଗୁଡ଼ିକ ଜଣା ପଡ଼ିବା ମାତ୍ରେ ତହସିଲଦାରଙ୍କୁ ଫର୍ମ-ଜି ରେ ଜଣାଇବା ପରିବର୍ତ୍ତେ ରାଜସ୍ୱ ନିରୀକ୍ଷକ ଏହି ତଥ୍ୟ ଆର୍ଥିକ ବର୍ଷ ଶେଷ ହେବା ପରେ (2012-13 ର ଜବରଦଖଲ ମାମଲା 2013-14 ରେ ଦର୍ଶାଯାଇଥିଲା) ଉପସ୍ଥାପନା କରିଥିଲେ, ଫଳରେ ତହସିଲଦାରଙ୍କ ଦ୍ୱାରା ଜବରଦଖଲ ମାମଲା ଆରମ୍ଭ କରିବାରେ ବିଳମ୍ବ ଘଟିଥିଲା । ତହସିଲଦାର ଦର୍ଶାଇଥିଲେ ଯେ ରାଜସ୍ୱ ମଣ୍ଡଳରେ କର୍ମଚାରୀଙ୍କ ଅଭାବ ଯୋଗୁଁ ରାଜସ୍ୱ ନିରୀକ୍ଷକମାନେ ଅବିରତ କ୍ଷେତ୍ର ପରିଦର୍ଶନ କରିପାରୁ ନଥିଲେ ।

### 3.6.1.6 ଜବର ଦଖଲର ନଥିପତ୍ରର ଅନୁପଯୁକ୍ତ ପରିଚାଳନା

ଓପିଏଲଇ ନିୟମାବଳୀ 1985 ନିୟମ 3 ଅନୁଯାୟୀ ରାଜସ୍ୱ ନିରୀକ୍ଷକମାନଙ୍କ ଠାରୁ ଜବରଦଖଲ ପ୍ରତିବେଦନ ଫର୍ମ-ଜି ରେ ପାଇଲା ପରେ ନିର୍ଦ୍ଧାରିତ ନଥି ଫର୍ମ-ଏଚ୍ ରେ ତହସିଲଦାର ଏହାକୁ ବିଶଦ ଭାବେ କ୍ରମାନ୍ୱୟରେ ଦରଜ କରି ଓପିଏଲଇ ଅଧିନିୟମର ପ୍ରାବଧାନ ଅନୁସାରେ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା କଥା । ନଥିରେ ବିସ୍ତୃତ ଭାବେ ଯଥା, ଜବରଦଖଲ ଜମିର ବଜାର ମୂଲ୍ୟ, ଖାଲି ହେବା/ ଉଚ୍ଛେଦ ହେବା ତାରିଖ, ବନ୍ଦୋବସ୍ତର ତାରିଖ ଯଦି ଦରଜ ହୋଇଥାଏ, ତହସିଲଦାରଙ୍କ ମନ୍ତବ୍ୟ ସହିତ ବିଚାର ପାଇଁ ଅନୁରୋଧ, ଯଦି ରୁଜୁ ହୋଇଥାଏ ଏହି ଅନୁରୋଧର ତାରିଖ ଏବଂ ଅଦାଲତଙ୍କ ନିଷ୍ପତ୍ତି ଇତ୍ୟାଦି ଉଲ୍ଲେଖ ହେବା ଆବଶ୍ୟକ ।

ସମସ୍ତ 40ଟି ନମୁନା ଯାଞ୍ଚ ତହସିଲରେ ସମୀକ୍ଷା ପରିଲକ୍ଷିତ କଲା ଯେ ତହସିଲଦାରଙ୍କ ଦ୍ୱାରା ପରିଚାଳିତ ନଥିରେ ଉପରୋକ୍ତ ବିବରଣୀଗୁଡ଼ିକର ଉଲ୍ଲେଖ ହୋଇନଥିଲା । ନଥିଗୁଡ଼ିକର ଏହି ଅନିୟମିତ ପରିଚାଳନା ଯୋଗୁଁ ଏହି ମାମଲାଗୁଡ଼ିକ ପଡ଼ିରହିଥିବାର ସଂପୂର୍ଣ୍ଣ ବିବରଣୀ, ପୁନର୍ବିଚାର ପାଇଁ ଅନୁରୋଧ, ଉଚ୍ଛେଦ/ ବନ୍ଦୋବସ୍ତ ପ୍ରକ୍ରିୟା, ଅନଧିକୃତ ଦଖଲରେ ଥିବା ଏହି ଜମିର ବଜାର ମୂଲ୍ୟ, ଇତ୍ୟାଦି ସମୀକ୍ଷା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରିଲା ନାହିଁ । ଯାହାହେଉ, ପଞ୍ଜୀକରଣ କାର୍ଯ୍ୟାଳୟରୁ ବେଞ୍ଚମାର୍କ ମୂଲ୍ୟ ଅଣାଯାଇ ଏବଂ ବ୍ୟକ୍ତିଗତ ମାମଲା ନଥି ଯାଞ୍ଚ କରି ଜମିର ମୂଲ୍ୟ ଦଖଲ ଅବଧି, ନମୁନା ଯାଞ୍ଚ ହୋଇଥିବା ମାମଲାରେ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ଜମିର ମିଳିତ ସରଜମିନ୍ ତଦନ୍ତ ବିବରଣରେ ଉଲ୍ଲେଖ କରାଯାଇଥିଲା ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଜବରଦଖଲର ନଥିପତ୍ରର ସଠିକ୍ ପରିଚାଳନା ନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଫଳରେ ସମସ୍ତ ଜବର ଦଖଲ ମାମଲା ନିଶ୍ଚିତ ଭାବରେ ରୁଜୁ ହୋଇପାରିବ ।

## 3.6.2 ସରକାରୀ ଜମିର ଲିଜ୍

### 3.6.2.1 ଲିଜ୍ ମାମଲାଗୁଡ଼ିକର ପ୍ରକ୍ରିୟା ଚୂଡ଼ାନ୍ତ ହେବାରେ ବିଳମ୍ବ

ସରକାରୀ ଜମିର ଲିଜ୍ ମଞ୍ଜୁରୀ ପାଇଁ ଓଜିଏଲ୍ଏସ୍‌ର ନିୟମାବଳୀର ନିୟମ 5 ଅନୁସାରେ ଜମିଥିବା ଅଞ୍ଚଳରେ ତହସିଲଦାରଙ୍କ ନିକଟରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ଉଚିତ୍ । ଓଜିଏଲ୍ଏସ୍ ନିୟମାବଳୀ 1983 ର ଅଧିନିୟମ 5(3) ଅନୁଯାୟୀ ତହସିଲଦାରଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ପ୍ରାପ୍ତିର ପନ୍ଦର ଦିନ ଅବଧି ମଧ୍ୟରେ ଆବେଦିତ ପ୍ଲଟ୍ ଗୁଡ଼ିକର ଯାଞ୍ଚ ସଂପୂର୍ଣ୍ଣ କରି ସେହି ମାମଲାଗୁଡ଼ିକୁ ଉପଜିଲ୍ଲାପାଳଙ୍କ ନିକଟକୁ ସୁପାରିଶ କରିବା ଆବଶ୍ୟକ । ସରକାରଙ୍କ ନିର୍ଦ୍ଦେଶ (ନଭେମ୍ବର 2005) ଅନୁଯାୟୀ, ଜବରଦଖଲ, ଦାଖଲ ଖାରଜ (ମିୟୁଟେସନ୍), ଲିଜ୍ (ପଟ୍ଟା) ମାମଲା ଗୁଡ଼ିକ ଦରଖାସ୍ତ ପ୍ରାପ୍ତିର 90 ଦିନ ମଧ୍ୟରେ ଫଏସଲା ହେବା ଉଚିତ୍ ।

| ବିଚାରଧୀନ ଲିଜ୍ ମାମଲା | |
|---|---|
| ତିନି ମାସରୁ ଏକ ବର୍ଷ ପର୍ଯ୍ୟନ୍ତ | 52 |
| ଏକ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ | 240 |
| ପାଞ୍ଚ ବର୍ଷରୁ ଦଶ ବର୍ଷ ପର୍ଯ୍ୟନ୍ତ | 84 |
| 10 ବର୍ଷରୁ 20 ବର୍ଷ ପର୍ଯ୍ୟନ୍ତ | 13 |
| 20 ବର୍ଷରୁ ଅଧିକ | 11 |
| ମୋଟ | 400 |

ନମୁନା ଯାଞ୍ଚ କରାଯାଇଥିବା 40ଟି ତହସିଲରୁ 38[125]ଟି ତହସିଲରେ ସମୀକ୍ଷା ଅନୁଧ୍ୟାନ କଲା ଯେ, 31 ମାର୍ଚ୍ଚ 2014 ସୁଦ୍ଧା 4,270ଟି ଲିଜ୍ ମାମଲାଗୁଡ଼ିକର ଫଏସଲା ନ ହୋଇ ପଡ଼ିରହିଛି । 2,576.084 ଏକର ଜମି ସଂପୃକ୍ତି ଥିବା 400ଟି ବିଚାରାଧୀନ ଲିଜ୍ ମାମଲା ଗୁଡ଼ିକର ନମୁନା ଯାଞ୍ଚରେ ଦେଖାଗଲାଯେ, ଏହି ମାମଲାଗୁଡ଼ିକ ତିନି ମାସରୁ 34 ବର୍ଷ ପର୍ଯ୍ୟନ୍ତ ବିଚାରଧୀନ ଅବସ୍ଥାରେ ପଡିରହିଥିଲା । ସମୀକ୍ଷା ପୁନଃ ପରିଲକ୍ଷିତ କଲା ଯେ:

- ନମୁନା ଯାଞ୍ଚ ହୋଇଥିବା 400ଟି ମାମଲାରୁ 181ଟି ମାମଲାରେ ଅନୁମୋଦିତ 15 ଦିନ ମଧ୍ୟରେ (ଦରଖାସ୍ତ ପାଇବା ପରେ) 34ଟି ତହସିଲଦାର କ୍ଷେତ୍ର ପରିଦର୍ଶନ ଶେଷ କରିବାକୁ 16 ଦିନରୁ ଦୁଇ

[125] ବଲାଙ୍ଗିର ଏବଂ ପାଟଣାଗଡ଼ ତହସିଲ ଯେଉଁଠି କୌଣସି ଲିଜ୍ ମାମଲା ବିଚାରାଧୀନ ନଥିଲା

ବର୍ଷ ଆଠ ମାସ[126] ସମୟ ନେଇଥିଲାବେଳେ 107ଟି ମାମଲାରେ ତହସିଲଦାରମାନେ ନିର୍ଦ୍ଧାରିତ 15 ଦିନ ମଧ୍ୟରେ ଆରମ୍ଭ କରିଥିଲେ ଏବଂ 112ଟି ମାମଲାରେ, ଆବେଦନକାରୀଙ୍କ ଆବେଦନ ତାରିଖ ସହ ଦସ୍ତଖତ ନଥିବାରୁ ଏବଂ ଆବେଦନ ପତ୍ର ପାଇବା/ ମାମଲା ଆରମ୍ଭ କରିବାରେ ତହସିଲଦାରଙ୍କର ତାରିଖ ନଥିବା ଫଳରେ ମାମଲା ନଥିରେ ପଞ୍ଜୀକୃତ ତାରିଖ ଦର୍ଶାଯାଇ ନଥିଲା, ଯେଉଁଥିପାଇଁ ବିଳମ୍ବର ଅବଧି ନିର୍ଦ୍ଧାରଣ କରାଯାଇ ପାରିଲା ନାହିଁ ।

- ସେହିପରି 400 ମାମଲାରୁ 126ଟି ମାମଲାରେ, କ୍ଷେତ୍ର ପରିଦର୍ଶନ ଶେଷ କରିବାକୁ 15 ଦିନ ତୁଳନାରେ ରାଜସ୍ୱ ନିରୀକ୍ଷକମାନେ 16 ଦିନରୁ 7 ବର୍ଷ[127] ପର୍ଯ୍ୟନ୍ତ ସମୟ ନେଇଥିଲେ । ମାତ୍ର 51ଟି ମାମଲାରେ ନିର୍ଦ୍ଧାରିତ 15 ଦିନ ସମୟ ସୀମା ମଧ୍ୟରେ କ୍ଷେତ୍ର ପରିଦର୍ଶନ ହୋଇଥିଲାବେଳେ ଅବଶିଷ୍ଟାଂଶ 223ଟି ମାମଲାରେ ରାଜସ୍ୱ ନିରୀକ୍ଷକ ରିପୋର୍ଟରେ ତାରିଖ ଦର୍ଶାଯାଇ ନ ଥିବାରୁ/ ଏହି ତନଖି ପାଇଁ ଆଦେଶ ନଥିବାରୁ କେତେ ସମୟ ଲାଗିଥିଲା ତାହା ସମୀକ୍ଷା ଜାଣି ପାରିନଥିଲା ।

ତେଣୁ, ଲିଜ୍ ମାମଲାର ଆରମ୍ଭରେ ବିଳମ୍ବ ସହିତ ଜମିର ସରଜମିନ୍ ତଦନ୍ତର ବିଳମ୍ବ ଯୋଗୁଁ 400 ଆବେଦନକାରୀଙ୍କର 2,576.084 ଏକର ଜମିର ଲିଜ୍ ମାମଲା ଫଏସଲା ହୋଇପାରି ନଥିଲା । ଅଧିକନ୍ତୁ ଏହି ଦରଖାସ୍ତ ଗୁଡ଼ିକର ଫଏସଲା ନ ହେବା ଯୋଗୁଁ ନମୁନା ଯାଞ୍ଚ୍ 64ଟି ଲିଜ୍ ମାମଲାକୁ ଜବରଦଖଲ ପାଇଁ ଉତ୍ସାହିତ କରିଥିଲା ଏବଂ ମିଳିତ ସରଜମିନ୍ ତଦନ୍ତରୁ ଜଣାପଡ଼ିଥିବା ତଥ୍ୟ ***ଅନୁଚ୍ଛେଦ 3.6.1.1 ଏବଂ 3.6.1.2*** ରେ ବର୍ଣ୍ଣିତ ହୋଇଛି ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ବିଚାରାଧୀନ ଥିବା ଲିଜ୍ ମାମଲା ଗୁଡ଼ିକର ଠିକ୍ ସମୟରେ ଫଏସଲା ଏବଂ ଠିକ୍ ସମୟରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଜମିର ସରଜମିନ୍ ତଦନ୍ତ ନିଶ୍ଚିତ କରିବା ପାଇଁ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### *3.6.2.2 ଅପ୍ରାଧିକୃତ ଦଖଲକାରୀଙ୍କ ସପକ୍ଷରେ ଅନିୟମିତ ଲିଜ୍ ମଞ୍ଜୁରୀ*

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମସ୍ତ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଥିଲେ (ନଭେମ୍ବର 2010) ଯେ ବିଶେଷ ମାମଲାରେ ଯେଉଁଠାରେ ସରକାରୀ ଜମି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ଅନଧିକୃତ ଭାବେ ଅଧିକୃତ ହୋଇଥିବ, ସରକାର ଉକ୍ତ ଜମିକୁ ଜବରଦଖଲକାରୀଙ୍କ ସପକ୍ଷରେ ଲିଜ୍ ମଞ୍ଜୁରୀ କରିପାରନ୍ତି, କିନ୍ତୁ ଏହି ମାମଲାଗୁଡ଼ିକରେ ସରକାରୀ ନୀତିରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଥିବା ଅଧିମୂଲ୍ୟର ରିହାତି ଦର ଏଥିପାଇଁ ପ୍ରଯୁଜ୍ୟ ହେବ ନାହିଁ ଏବଂ ବଜାର ମୂଲ୍ୟ ଅନୁସାରେ ଜମିର ଅଧିମୂଲ୍ୟ ଦେବାକୁ ହେବ ।

ସମୀକ୍ଷା ପରିଲକ୍ଷିତ କଲା ଯେ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଏହି ଅନୁଦେଶ ଓପିଏଲଇ ଅଧିନିୟମ ଏବଂ ଓଜିଏଲ୍ଏସ୍ ନିୟମର ବ୍ୟବସ୍ଥା ଅନୁସାରେ ହୋଇନଥିଲା । ଏହା ସରକାରୀ ଜମିକୁ ଜବର ଦଖଲ କରିଥିବା ବ୍ୟକ୍ତିଙ୍କୁ ଲିଜ୍ ପ୍ରଦାନ କରିବାକୁ ଉତ୍ସାହିତ କରିଥିଲା ଯାହା ନିମ୍ନରେ ଆଲୋଚନା କରାଗଲା:

- ଆଧୁନିକ ମେଟାଲିକ୍ସ ଲିମିଟେଡ୍, ସୁନ୍ଦରଗଡ଼ 2002 ମସିହାରୁ 60.11 ଏକର ଜମି ଅନଧିକୃତ ଭାବେ ଦଖଲ କରିଥିଲା, ଯାହାପାଇଁ ତହସିଲଦାର ବିଳମ୍ବରେ 2008 ମସିହାରେ ଗୋଟିଏ ଜବରଦଖଲ ମାମଲା ଦାୟର କରିଥିଲେ । ସେ ଯାହାବି ହେଉ, ସୁନ୍ଦରଗଡ଼ ଜିଲ୍ଲାପାଳ ଉକ୍ତ ଜମିକୁ ସେହି ଶିଳ୍ପ ସପକ୍ଷରେ ମଞ୍ଜୁର ( ମାର୍ଚ୍ଚ 2012) କରିଥିଲେ । ବିଭାଗ ଜଣାଇଥିଲା ଯେ (ଜୁନ୍ 2015) କଥିତ ଜମି ଇଡ୍କୋ ଦ୍ୱାରା କମ୍ପାନୀକୁ ସବ୍‌ଲିଜରେ ଦିଆଯାଇଥିଲା ଏବଂ କମ୍ପାନୀ ଠାରୁ ଭେଦାତ୍ମକ ପରିମାଣ ଆଦାୟ କରିବାକୁ ପଦକ୍ଷେପ ନିଆଯାଇଥିଲା ।

[126] 16 ରୁ 30 ଦିନ: 26 ମାମଲା; 31 to 90 ଦିନ: 74 ମାମଲା; 91 ରୁ 365 ଦିନ: 61 ମାମଲା; ଏକ ବର୍ଷରୁ ଦୁଇ ବର୍ଷ ଆଠ ମାସ: 20 ମାମଲା

[127] 16 ଦିନରୁ 180 ଦିନ: 96 ମାମଲା; 181 ଦିନରୁ 365 ଦିନ: 17 ମାମଲା ଏବଂ ଏକ ବର୍ଷରୁ ଅଧିକ ଓ ସାତ ବର୍ଷ ପର୍ଯ୍ୟନ୍ତ: 13 ମାମଲା

- କାମାକ୍ଷାନଗର ତହସିଲ ଅଧିନରେ ଥିବା 4.99 ଏକର ସରକାରୀ ଜମି, ଯାହାର ବଜାର ମୂଲ୍ୟ 15.95 ଲକ୍ଷ ଟଙ୍କା, 2002 ମସିହାରୁ ମଠକରାଗୋଳା ମହାବିଦ୍ୟାଳୟର ଅନଧିକୃତ ଦଖଲରେ ଥିଲା । ଉକ୍ତ ଜମିକୁ ଢେଙ୍କାନାଳ ଜିଲ୍ଲାପାଳ ମହାବିଦ୍ୟାଳୟର ସଂପାଦକଙ୍କ ସପକ୍ଷରେ ଲିଜ୍ ମଞ୍ଜୁର କରିଥିଲେ (ଜାନୁଆରୀ 2014), ଯଦିଓ ସେ ଗ୍ରାମାଞ୍ଚଳରେ ଏକ ଏକରରୁ ଅଧିକ ଜମିକୁ ଲିଜ୍ ମଞ୍ଜୁରୀ ପାଇଁ କ୍ଷମତା ପ୍ରାପ୍ତ ନଥିଲେ । ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଜମିର ଅଧିମୂଲ୍ୟ ପୁନଃ ନିର୍ଦ୍ଧାରଣ କଲାପରେ କ୍ଷମତାପନ୍ନ ପ୍ରାଧିକାରଙ୍କ ଦ୍ୱାରା କାର୍ଯ୍ୟୋତ୍ତର ଲିଜ୍ ମଞ୍ଜୁରୀ ପାଇଁ ମାମଲା ନଥିପତ୍ର ପୁନଃଦାଖଲ ପାଇଁ ଜିଲ୍ଲାପାଳ, ଢେଙ୍କାନାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

### *3.6.2.3 ଜମିର ଅନିୟମିତ ବନ୍ଦୋବସ୍ତ*

ନାଜୁଲ୍ ଜମି, ଏକ ପ୍ରକାର ସହରାଞ୍ଚଳ ଜମି, ଯାହାକୁ ଓଜିଏଲ୍ଏସ୍ ନିୟମ 5 (ବି) ରେ ବିହିତ ଫର୍ମ 1 ରେ ଷ୍ଟାମ୍ପ୍ ରସିଦ୍ ସହ ଉପସ୍ଥାପନ କଲେ ଉପ-ପଟ୍ଟାଧାରୀଙ୍କ ସପକ୍ଷରେ ବ୍ୟବସ୍ଥିତ ହୋଇପାରିବ ମାତ୍ର ପଟ୍ଟାଧାରୀଙ୍କୁ କ୍ଷତି ପୂରଣ ଦେୟର ପ୍ରମାଣ ଉପସ୍ଥାପନା କରିବାକୁ ହେବ ।

ଝାରସୁଗୁଡ଼ା ତହସିଲ ଅଧିନ 0.316 ଏକର ନାଜୁଲ ଜମି ଜଡ଼ିତ ତିନିଟି ମାମଲା[128]ରେ କ୍ଷତିପୂରଣ ଦେୟର ପ୍ରମାଣ ଏବଂ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ୍ ଉପସ୍ଥାପନ କରା ନଯାଇ ସେହି ପ୍ରକାର ଜମିକୁ ଦୁଇ ଜଣଙ୍କ ସପକ୍ଷରେ ବନ୍ଦୋବସ୍ତ (ଡିସେମ୍ବର 2009) କରାଯାଇଥିଲା । ପୁନଶ୍ଚ, ଏହି ମାମଲାଗୁଡ଼ିକରୁ ଦୁଇଟି ମାମଲାରେ ଆବେଦନକାରୀମାନେ ବନ୍ଦୋବସ୍ତ ସପକ୍ଷରେ ତହସିଲଦାରଙ୍କ ନିକଟରେ ରାଜସ୍ୱ ନିରୀକ୍ଷକଙ୍କ ପ୍ରତିବେଦନ ଏବଂ ବିକ୍ରୟ କବଲାର ପ୍ରତିଲିପି ଉପସ୍ଥାପନ କରିଥିଲେ ଯାହାକି ପ୍ରକୃତ ପଟ୍ଟାଧାରୀଙ୍କ ମାଲିକାନା ସମ୍ବନ୍ଧରେ ବିରୋଧାତ୍ମକ ଥିଲା ।

ତହସିଲଦାର ଜଣାଇଥିଲେ (ମାର୍ଚ୍ଚ 2015) ଯେ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଯାଞ୍ଚ୍ ପରେ ମତାମତ ଦିଆଯିବ ।

### *3.6.2.4 ଲିଜ୍ ଜମିର ଅପବ୍ୟବହାର*

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶ (ସେପ୍ଟେମ୍ବର 2013) ଅନୁସାରେ ଭୂମିହୀନ ଜୱାନ୍‌ମାନଙ୍କୁ[129] ଲିଜ୍ ସୂତ୍ରରେ ଦିଆଯାଇଥିବା ଜମି କେବଳ ସେହି ଉଦ୍ଦେଶ୍ୟରେ ହିଁ ବ୍ୟବହୃତ ହେବ ଅନ୍ୟଥା ସେହି ଅବ୍ୟବହୃତ ଜମି ସରକାରଙ୍କ ପୁନଃଦଖଲ ହୋଇଯିବ । ସେହିପରି, ଜମି ବନ୍ଦୋବସ୍ତ ଅଧିନିୟମ 1962 ଅନୁଭାଗ 3-ବି ଅନୁସାରେ ଜମି ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉପଯୋଗ ହୋଇ ନଥାଏ, ତେବେ ଜିଲ୍ଲାପାଳ ସେହି ଜମିକୁ ପୁନଃ ଦଖଲ କରିବେ ।

ସମୀକ୍ଷା ଅବଲୋକନ କଲା ଯେ 50ଟି ଲିଜ୍ ମାମଲାରୁ ଚାରିଟି ତହସିଲ ଅଧିନରେ (ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା ଓ ପୁରୀ) 213.382 ଏକର ଜମି ଜୱାନ୍ ମାନଙ୍କୁ କୃଷି କାର୍ଯ୍ୟ ଉଦ୍ଦେଶ୍ୟରେ (1967 ରୁ 2000) ରେ ଲିଜ୍ ଦିଆଯାଇଥିଲା । ସଂପୃକ୍ତ ତହସିଲମାନଙ୍କର ଲିଜ୍, ନାମାନ୍ତରଣ ଏବଂ କିସମ ପରିବର୍ତ୍ତନ ସମ୍ବନ୍ଧୀୟ ନଥିପତ୍ର ଏବଂ ଯୁଗ୍ମ ବସ୍ତୁଗତ ସତ୍ୟାପନ ପରୀକ୍ଷାରୁ ଜଣାପଡ଼ିଲା ଯେ କୌଣସି ଲିଜ୍ ଜମି ଚାଷ କାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇନଥିଲା ।




*ନିର୍ମାଣାଧିନ ବହୁତଳ ପ୍ରାସାଦ ପ୍ଲଟ ନଂ: 540/1781, ଯାହା ଜବାନଙ୍କୁ କୃଷି ଉଦ୍ଦେଶ୍ୟରେ ଲିଜ୍ ଦିଆଯାଇଥିଲା*

---

[128] ନାଜୁଲ ମାମଲା ସଂଖ୍ୟା 4/2008; 5/2008: 0.204 ଏକର ଏବଂ ମାମଲା ସଂଖ୍ୟା 06/2008: 0.112 ଏକର

[129] 26 ଅକ୍ଟୋବର 1962 ରୁ 31 ଜାନୁଆରୀ 1964 ମଧ୍ୟରେ ଆଗୁଆ ଅଞ୍ଚଳରେ ଯେଉଁମାନେ ଥିଲେ, ଜମିହୀନ ପୂର୍ବତନ ସାମରିକ କର୍ମଚାରୀ ଏବଂ ଦେଶ ପାଇଁ ସେବା କ୍ଷେତ୍ରରେ ସାହସିକ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷ

- 20ଟି ମାମଲାରେ ମୋଟ 87.260 ଏକର ଜମି (ବର୍ତ୍ତମାନର ବେଞ୍ଚ୍ ମାର୍କ ମୂଲ୍ୟ 90.55 କୋଟି ଟଙ୍କା), ପଟ୍ଟାଧାରୀମାନେ ଜମିଗୁଡ଼ିକୁ ଛୋଟ ଛୋଟ ଭାଗ କରି ସେହି ପ୍ଲଟ୍‌ଗୁଡ଼ିକୁ ବିକ୍ରିକରି ଦେଇଥିଲେ। ତନ୍ମଧ୍ୟରୁ 12ଟି ମାମଲାରେ ସଂପୃକ୍ତ 45.446 ଏକର ଜମିରେ ବାସଗୃହଗୁଡ଼ିକ ସମେତ ବହୁତଳ ପ୍ରାସାଦ ନିର୍ମାଣ ହୋଇଥିଲା।

- ଅବଶିଷ୍ଟ 119.936 ଏକର ବିଶିଷ୍ଟ 26ଟି ଲିଜ୍ ଜମି (ବେଞ୍ଚମାର୍କ ମୂଲ୍ୟ 43.86 କୋଟି ଟଙ୍କା) ଚାଷ କାର୍ଯ୍ୟରେ ବ୍ୟବହୃତ ନ ହୋଇ ପଡ଼ିରହିଥିଲା।

- 50ଟି ମାମଲା ମଧ୍ୟରୁ ସାତଟି ମାମଲାରେ ଯଦିଓ 7.161 ଏକର ଜମି (ବେଞ୍ଚ୍‌ମାର୍କ ମୂଲ୍ୟ 15.07 କୋଟି ଟଙ୍କା) ଚାଷ କାର୍ଯ୍ୟରେ ବ୍ୟବହାର ହେବା ପାଇଁ ଜମି ଆବଣ୍ଟିତ ହୋଇଥିଲା, ପଟ୍ଟାଧାରୀମାନଙ୍କ ଦ୍ୱାରା ଘରବାଡ଼ି ଓ ବଗାୟତ-III କିସମକୁ ପରିବର୍ତ୍ତନ କରାଯାଇଥିଲା। ଲିଜ୍ ଅଧିନିୟମ ବ୍ୟତିରେକେ ତହସିଲଦାରଙ୍କ ଦ୍ୱାରା ଉକ୍ତ କିସମ ପରିବର୍ତ୍ତନର କାରଣ କୌଣସି ନଥିପତ୍ରରୁ ଅବଲୋକନ ହୋଇପାରି ନଥିଲା।

ଏହା ବ୍ୟତୀତ, ଦୁଇଟି ତହସିଲରେ ଚାରିଟି ମାମଲାରେ ଯୁଗ୍ମ ସରଜମିନ ତଦନ୍ତରୁ ଜଣାପଡ଼ିଲା ଯେ କୃଷିକାର୍ଯ୍ୟ ପାଇଁ ଲିଜରେ ଦିଆଯାଇଥିବା 13.890 ଏକର ଜମି ଅଣକୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିଲା।

ବିଳମ୍ବରେ ହେଲେ ମଧ୍ୟ (ସେପ୍ଟେମ୍ବର 2013) ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କିସମ ପରିବର୍ତ୍ତନକାରୀ ଏବଂ ଜମିର ବର୍ତ୍ତମାନର ମାଲିକଙ୍କୁ ସୂଚୀତ କରି, କିସମ ପରିବର୍ତ୍ତନକୁ ରଦ୍ଦ କରିବା ନିମନ୍ତେ ଏବଂ ଲିଜ୍ ନିୟମ ଉଲ୍ଲଙ୍ଘନ କରିଥିବାରୁ ଲିଜ୍‌ର ପୁନଃଦଖଲ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ତହସିଲଦାରମାନେ ପଦ୍ଧତିକୁ ସୁବ୍ୟବସ୍ଥିତ କରିବାକୁ କୌଣସି ପଦକ୍ଷେପ ନେଇ ନଥିଲେ (ମାର୍ଚ୍ଚ 2015)।

ବିଭାଗ ଦର୍ଶାଇଥିଲା ଯେ (ଜୁନ୍ 2015) ଯେ ଯଦି ଲିଜ୍ ଜମିକୁ ଅଭିଳାଷିତ ଉଦ୍ଦେଶ୍ୟରେ ବ୍ୟବହୃତ ହେଉନଥିବ ତେବେ ଲିଜ୍ ବାତିଲ୍ କରାଯିବ ଏବଂ ପୁନଃଦଖଲ କରାଯିବ।

### *3.6.2.5 ଆବଣ୍ଟିତ ଜମିର ଉପଯୋଗ ନହେବା*

ଓଡ଼ିଶା ସରକାରଙ୍କ ଜମି ବନ୍ଦୋବସ୍ତ ଅଧିନିୟମର ଅନୁଭାଗ 3 (ବି) ତଥା ମଞ୍ଜୁରୀ ଆଦେଶ ଓ ଲିଜ ଦଲିଲର ସର୍ତ୍ତ ଅନୁସାରେ ଆବଣ୍ଟିତ ଜମି ତିନି ବର୍ଷ ମଧ୍ୟରେ ସେହି ଉଦ୍ଦେଶ୍ୟରେ ଉପଯୋଗ ହେବା ଦରକାର ନହେଲେ ଲିଜ୍ ଦିଆଯାଇଥିବା ଜମି ସରକାରଙ୍କ ପୁନଃଦଖଲକୁ ଅଣାଯିବ।

ସମୀକ୍ଷାରୁ ଜଣାଗଲା ଯେ:



*ପୁରୀ ଜିଲ୍ଲାର ବାଲୁଖଣ୍ଡ ଗ୍ରାମରେ ଇଡକୋକୁ ଦିଆଯାଇଥିବା ଜମିର ଅନୁପଯୋଗର ଫଟୋ*

- ନମୁନା ଯାଞ୍ଚ ହୋଇଥିବା 40ଟି ତହସିଲ ମଧ୍ୟରୁ ଆଠଟିରେ 1985 ରୁ 2012 ମସିହା ମଧ୍ୟରେ 180.101 ଏକର ସରକାରୀ ଜମି ଶିଳ୍ପ ଓ ବାଣିଜ୍ୟ ଉଦ୍ଦେଶ୍ୟରେ 12ଜଣ ପଟ୍ଟାଦାରଙ୍କୁ ସଂପୃକ୍ତ ତହସିଲଦାରମାନଙ୍କ ଦ୍ୱାରା ହସ୍ତାନ୍ତର ହୋଇଥିଲା। ନଥିପତ୍ର ଯାଞ୍ଚରୁ ଏବଂ ଜମି ଉପଯୋଗର ସରଜମିନ୍ ତଦନ୍ତରୁ ଜଣାଗଲା ଯେ, 86.64 କୋଟି ଟଙ୍କା ବେଞ୍ଚ୍‌ମାର୍କ ମୂଲ୍ୟର 180.101 ଏକର ଜମି (***ପରିଶିଷ୍ଟ 3.6.2***) 3 ରୁ 29 ବର୍ଷ ଧରି ଲିଜ୍ ସୂତ୍ରରେ ଦିଆଯାଇଥିଲେ ମଧ୍ୟ ଖାଲି ପଡ଼ିଥିଲା।

- ଉପରୋକ୍ତ ବ୍ୟତୀତ, ଜଗତ୍‌ଗୁରୁ କ୍ରିପାଲୁଯୋଗ ଟ୍ରଷ୍ଟ ସହିତ ସ୍ୱାକ୍ଷରିତ ଏକ ବୁଝାମଣା ପତ୍ର (ଜୁଲାଇ 2008) ଆଧାରରେ ସରକାର ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ 100 ଏକର ଜମି ବଜାର ମୂଲ୍ୟ 11.20 କୋଟି ଟଙ୍କା ବଦଳରେ 1 କୋଟି ଟଙ୍କାର ରିହାତି ଦରରେ ମଞ୍ଜୁରୀ (ସେପ୍ଟେମ୍ବର 2009) କରିଥିଲେ ଏବଂ ଜମି ଆବଶ୍ୟକତାର ନିର୍ଦ୍ଧାରଣ ବିନା ଏହି ଜମିକୁ ଦଖଲ ପାଇଁ ଏପ୍ରିଲ୍ 2010 ରେ ମଞ୍ଜୁରୀ ପ୍ରଦାନ କରିଥିଲେ । ଲିଜ୍ ନିବନ୍ଧନ ଏବଂ ସର୍ତ୍ତ ଅନୁସାରେ ପାଞ୍ଚ ବର୍ଷ ଅବଧି ମଧ୍ୟରେ ଲିଜ୍ ଜମି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଉପଯୋଗ ହେବା ଉଚିତ୍ ଅନ୍ୟଥା ଜମି ସରକାରଙ୍କ ପୁନଃଦଖଲକୁ ଚାଲିଆସିବ । ଯଦିଓ ବୁଝାମଣା ପତ୍ର ଅବଧି ଜୁଲାଇ 2013 ରେ ସମାପ୍ତ ହୋଇଥିଲା ଏବଂ ଜମିର ସଦୁପଯୋଗ ପାଇଁ ନିର୍ଦ୍ଧାରିତ ଅବଧି ସେପ୍ଟେମ୍ବର 2014 ରେ ସମାପ୍ତ ହୋଇଯାଇଥିଲା, ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ଜମି ଉପଯୋଗ ହୋଇପାରିନଥିଲା । ଯୁଗ୍ମ ସରଜମିନ୍ ତଦନ୍ତରୁ ଜଣାଗଲା (ଜୁନ୍ 2015) ଯେ ଜମିର ଶତକଡ଼ା 10 ଭାଗ ଉପଯୋଗ ହୋଇଥିଲା ଏବଂ ଅବଶିଷ୍ଟ 90 ଏକର ଅବ୍ୟବହୃତ ଜମି ପାଇଁ ତହସିଲଦାର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ (ମଇ 2015) ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଏହି ବିଷୟ ଉପରେ ଉପଯୁକ୍ତ ପଦକ୍ଷେପ ନିଆଯିବ ।

### *3.6.2.6 ସରକାରୀ ପ୍ରାପ୍ୟର ଅନାଦାୟ/ ସ୍ୱଳ୍ପ ଆଦାୟ*

ଜମିର ଅଧିମୂଲ୍ୟ, ଆନୁସଙ୍ଗିକ ଦେୟ, ଭୂମିକର, ଶୁଳ୍କ, ପୁଞ୍ଜିକୃତ ମୂଲ୍ୟ ଇତ୍ୟାଦି ଅନାଦାୟ/ ସ୍ୱଳ୍ପ ଆଦାୟ ବାବଦରେ ସରକାରଙ୍କର 21.58 କୋଟି ଟଙ୍କାର  ରାଜସ୍ୱ କ୍ଷତି ହୋଇଥିବା ସମୀକ୍ଷା ପରିଲକ୍ଷିତ କରିଥିଲା ଯାହା ନିମ୍ନରେ ଆଲୋଚନା କରାଗଲା ।

- ***ଆନୁସଙ୍ଗିକ ଦେୟ, ଭୂମିକର ଏବଂ ଶୁଳ୍କର 16.57 କୋଟି ଟଙ୍କାର ସ୍ୱଳ୍ପ ଆଦାୟ/ ଅନାଦାୟ***

2010 ରେ ସଂଶୋଧିତ ହୋଇଥିବା ଓଡ଼ିଶା ସରକାରଙ୍କର ଜମି ବନ୍ଦୋବସ୍ତ ନିୟମ 2002 ବ୍ୟବସ୍ଥା ଅନୁସାରେ ଆନୁସଙ୍ଗିକ ଦେୟ ଯଥା ପ୍ରତିଷ୍ଠାନ ଖର୍ଚ୍ଚ, ଆକସ୍ମିକ ଖର୍ଚ୍ଚ ଇତ୍ୟାଦି ଜମିର ବଜାର ମୂଲ୍ୟର 10 ପ୍ରତିଶତ ହାରରେ ଧାର୍ଯ୍ୟ କରାଯିବ, ଯେଉଁ ସମୟରେ ସରକାରୀ ଜମିକୁ ଲିଜ୍ ଆକାରରେ (i) ସରକାରଙ୍କ ଯେକୌଣସି ବିଭାଗକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ, (ii) ଯେକୌଣସି କମ୍ପାନି, ନିଗମ ଏବଂ ଅନ୍ୟ ଶିଳ୍ପ ସଂଗଠନକୁ ଶିଳ୍ପ, ଖନନ ଏବଂ ବାଣିଜ୍ୟିକ ଉଦ୍ଦେଶ୍ୟରେ ଏବଂ (iii) ଯେକୌଣସି ବ୍ୟକ୍ତିଙ୍କୁ କୃଷି ଓ ଘରବାଡି ଛଡ଼ା ଶିଳ୍ପ ଏବଂ ଖନନ ଉଦ୍ଦେଶ୍ୟରେ ଜମି ଦିଆଯିବ ।  ସେହିପରି ଆଇପିଆର୍‌ର ରିହାତି ଦରରେ ପ୍ରଦାନ ହୋଇଥିବା ଜମି କ୍ଷେତ୍ରରେ ଭୂମିକର ଏବଂ ସେସ୍ ବଜାର ଦର ଅନୁସାରେ ଲାଗୁ କରାଯିବ ।

ନମୁନା ଯାଞ୍ଚ କରାଯାଇଥିବା ଆଠଟି ତହସିଲର 47ଟି ଲିଜ୍ ମାମଲାରୁ ସମୀକ୍ଷା ପରିଲକ୍ଷିତ କଲା ଯେ, ସଂପୃକ୍ତ ତହସିଲଦାରମାନଙ୍କର ସୁପାରିଶରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ/ ସଂପୃକ୍ତ ଜିଲ୍ଲାପାଳ ମାନେ 934.62 ଏକର ସରକାରୀ ଜମିକୁ ଆଇପିଆର୍ ରିହାତି ଦର ଅନୁସାରେ ଲିଜ୍ ଆକାରରେ ଇଡ୍‌କୋ/ ଶିକ୍ଷାନୁଷ୍ଠାନକୁ ମଞ୍ଜୁର କରିଥିଲେ (2005-13) । କିନ୍ତୁ ଭୂମିକର, ସେସ୍ ଏବଂ ଆନୁସଙ୍ଗିକ ଦେୟ ବାବଦରେ 19.97 କୋଟି ଟଙ୍କା ଜମିର ବଜାର ମୂଲ୍ୟ ପରିବର୍ତ୍ତେ ଆଇପିଆର ରିହାତି ଦର ଅନୁସାରେ 3.40 କୋଟି ଟଙ୍କା ଲାଗୁ କରାଯାଇଥିଲା । ଫଳରେ ପଟ୍ଟାଧାରୀଙ୍କ[130] ଠାରୁ ଆନୁସଙ୍ଗିକ ଦେୟ (15.40 କୋଟି ଟଙ୍କା), ଭୂମି କର (0.67 କୋଟି ଟଙ୍କା) ଏବଂ ସେସ୍ (0.50 କୋଟି ଟଙ୍କା)  ବାବଦକୁ ସର୍ବମୋଟ 16.57 କୋଟି ଟଙ୍କାର[131] ରାଜସ୍ୱ ସରକାରଙ୍କର ହାନୀ ହୋଇଥିଲା । ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଆଇପିଆର୍ ଦରରେ ଇଡ୍‌କୋ

[130] ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଲିମିଟେଡ୍ (45 ମାମଲା: 16.38 କୋଟି ଟଙ୍କାର ସ୍ୱଳ୍ପ ଆଦାୟ); ମିଲେନିୟମ ଏଜୁକେସନ ଟ୍ରଷ୍ଟ, ଜଟଣୀ ( 0.03 କୋଟି ଟଙ୍କା); ଅମୃତାନନ୍ଦମୟୀ ମଠ, ଜଟଣୀ  (0.16 କୋଟି ଟଙ୍କା)

[131] ବର୍ଗଁରପାଳ (3 ମାମଲା: 0.06 କୋଟି ଟଙ୍କା); ହିନ୍ଦୋଳ (9 ମାମଲା: 0.48 କୋଟି ଟଙ୍କା); ଝାରସୁଗୁଡ଼ା (11 ମାମଲା: 12.39 କୋଟି ଟଙ୍କା); ଓଡ଼ପଡ଼ା (16 ମାମଲା: 1.20 କୋଟି ଟଙ୍କା); ପୁରୀ (2 ମାମଲା:  2.21 କୋଟି ଟଙ୍କା); ସୁନ୍ଦରଗଡ଼ (3 ମାମଲା: 0.01 କୋଟି ଟଙ୍କା); ବ୍ୟାସନଗର (ଗୋଟିଏ ମାମଲା:  0.03 କୋଟି ଟଙ୍କା); ଜଟଣୀ (2 ମାମଲା: 0.19 କୋଟି ଟଙ୍କା)

ସପକ୍ଷରେ ଲିଜ୍ ମଞ୍ଜୁର ହୋଇଥିଲା, କିନ୍ତୁ ଭୂମିକର ଇତ୍ୟାଦି ବଜାର ଦରରେ ଆଦାୟ ହୋଇଥିଲା । ବିଭାଗ ଆଶ୍ୱାସନା ଦେଇଥିଲେ ଯେକୌଣସି ସ୍ୱଳ୍ପ ଦେୟ ଇଡକୋଠାରୁ ଅସୁଲ କରାଯିବ ।

- ***ସ୍ୱଳ୍ପ ପୁଞ୍ଜିକୃତ ମୂଲ୍ୟର 4.54 କୋଟି ଟଙ୍କା କମ୍ ନିର୍ଦ୍ଧାରଣ***

ସରକାରୀ ଜମିର ଲିଜ୍/ ହସ୍ତାନ୍ତର କ୍ଷେତ୍ରରେ ଜମି ବନ୍ଦୋବସ୍ତ ଅଧିନିୟମ 1962 ର ଅନୁଭାଗ 3 ସହିତ ଜମି ବନ୍ଦୋବସ୍ତ ଅଧିନିୟମ 3 ଏବଂ 5 ଅନୁସାରେ ସମୟ କ୍ରମେ[132] ସରକାରଙ୍କର ଆଦେଶ/ ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାରଙ୍କ ବିଭାଗକୁ ଜମି ହସ୍ତାନ୍ତର କ୍ଷେତ୍ରରେ ଭୂମିକର ଓ ସେସ୍‌ର[133] 25 ଗୁଣ ପଞ୍ଜୀକୃତ ମୂଲ୍ୟ ଆଦାୟ କରାଯିବ ।

ଖୋର୍ଦ୍ଧା ତହସିଲ ନଥିପତ୍ରରନମୁନା ଯାଞ୍ଚ୍ ବେଳେ ଜଣାପଡ଼ିଲା ଯେ, ଦୁଇଟି ମାମଲାରେ[134] ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ (ଏପ୍ରିଲ୍ 2010) ତରତୁଆ ମୌଜାରେ ଥିବା 109.025 ଏକର ସରକାରୀ ଜମିକୁ ମହାନିର୍ଦ୍ଦେଶକ, ଭାରତ ତିବ୍ବତ ସୀମା ପୁଲିସ (ଆଇଟିବିପି)କୁ ଲିଜ୍ ସୂତ୍ରରେ ଦେବା ସହିତ ତହସିଲଦାରଙ୍କୁ ଜମିର ବଜାର ଦର ମୂଲ୍ୟ 1.75 ପ୍ରତିଶତ ପରିବର୍ତ୍ତେ 0.25 ପ୍ରତିଶତର 25 ଗୁଣ ଦେୟ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥି ପାଇଁ 4.54 କୋଟି ଟଙ୍କା କମ୍ ଆଦାୟ ହୋଇଥିଲା ।

ବିଭାଗ ଜଣାଇଲେ (ଜୁନ୍ 2015) ଯେ ଆଇଟିବିପି ଭାରତ ସରକାରଙ୍କ ଅଧିନରେ ଥିବା ଯୋଗୁଁ ପୁଞ୍ଜୀକୃତ ମୂଲ୍ୟ ବଜାର ମୂଲ୍ୟର 0.25 ପ୍ରତିଶତ ହାରରେ ବାର୍ଷିକ ଭୂମି କରର 25 ଗୁଣ ଏବଂ ଭୂମିକରର 75 ପ୍ରତିଶତ ହାରରେ ଉପକର ଅସୁଲ କରାଯାଇଥିଲା । କିନ୍ତୁ ଜମି ହସ୍ତାନ୍ତର ବାବଦରେ ପୁଞ୍ଜୀକୃତ ମୂଲ୍ୟ ବଜାର ମୂଲ୍ୟର 1.75 ପ୍ରତିଶତ ହାରରେ 25 ଗୁଣରୁ କମ୍ ଅସୁଲ କରିବା ପାଇଁ କୌଣସି ବିସ୍ତୃତ ବ୍ୟବସ୍ଥା ନଥିଲା ।

- ***ଅଯୋଗ୍ୟ ପ୍ରକଳ୍ପଗୁଡ଼ିକୁ ଆଇପିଆର ହାରରେ ରିହାତି ପ୍ରଦାନ***

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି କରାଯାଇଥିବା (ଜୁଲାଇ 2008) ସ୍ପଷ୍ଟୀକରଣ ଅନୁସାରେ, ଶିଳ୍ପ ନୀତି ସଂକଳ୍ପନାମା (ଆଇପିଆର) 2007 ରେ ନିର୍ଦ୍ଧାରିତ ଅଧିମୂଲ୍ୟରେ ରିହାତି ଦର ଐକିକ ସାମାଜିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଯଥା- ବିଦ୍ୟାଳୟ, ମହାବିଦ୍ୟାଳୟ, ଚିକିତ୍ସାଳୟ ଶିଳ୍ପାୟନ ପଦ୍ଧତିର ଅନୁପୂରକ ନଥିବା ପ୍ରକଳ୍ପ ଗୁଡ଼ିକ ପାଇଁ ଲାଗୁ ହେବ ନାହିଁ ।

ସମୀକ୍ଷାରେ ଦେଖାଗଲା ଯେ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ (ମାର୍ଚ୍ଚ 2008) ଗୋଟିଏ ସ୍କୁଲ୍ ଏବଂ ବୈଷୟିକ ସଂସ୍ଥାର ସ୍ଥାପନା ପାଇଁ ଜଟଣୀ ତହସିଲ ଅଧିନ ଅଲକାର ଗାଁରେ ଏକ ମଠ ସପକ୍ଷରେ ଏକର ପ୍ରତି 7.35 ଲକ୍ଷ ଟଙ୍କା ବଜାର ଦରରେ 1.47 କୋଟି ଟଙ୍କାର 20 ଏକର ଜମି ମଞ୍ଜୁରୀ କରିଥିଲେ । ପରବର୍ତ୍ତୀ କାଳରେ, ବିଭାଗ ଏହାର ମଞ୍ଜୁରୀ ଆଦେଶକୁ ସଂଶୋଧନ କରିଥିଲା (ଜାନୁଆରୀ 2009) ଏବଂ ପ୍ରତି ଏକର 5.00 ଲକ୍ଷ ଟଙ୍କା ଆଇପିଆର୍ ରିହାତି ଦରରେ ଅଧିମୂଲ୍ୟକୁ 1.00 କୋଟି ଟଙ୍କାକୁ ପରିବର୍ତ୍ତନ କରିଥିଲା ଯଦିଓ ଏହି ସଂସ୍ଥାଟି ଗୋଟିଏ ସ୍ୱୟଂ ସଂପୂର୍ଣ୍ଣ ପରିଯୋଜନା ଥିଲା ଏବଂ ରିହାତି ଦର ପାଇବାକୁ ଯୋଗ୍ୟ ନଥିଲା । ଏପ୍ରକାର ମଞ୍ଜୁରୀ ପାଇଁ 47 ଲକ୍ଷ ଟଙ୍କା ଅଧିମୂଲ୍ୟ କମ୍ ଲାଗୁ କରାଯାଇଥିଲା ଏବଂ ସେତିକି ମାତ୍ରାରେ ସଂସ୍ଥାକୁ ଅନୁଚିତ୍ ଅନୁଗ୍ରହ ପ୍ରଦାନ କରାଯାଇଥିଲା । ବିଭାଗ ଜଣାଇଲା ଯେ, ସଂପୃକ୍ତ ଜିଲ୍ଲାପାଳମାନଙ୍କଠାରୁ ରିପୋର୍ଟ ପାଇଲା ପରେ ଜବାବ ଉପସ୍ଥାପନ କରାଯିବ ।

---

[132] 4 ସେପ୍ଟେମ୍ବର 1964 ଏବଂ 22 ଜାନୁଆରୀ 2005

[133] ଭୂମି କର ଜମିର ବଜାର ମୂଲ୍ୟର ଏକ ପ୍ରତିଶତ ଅଟେ ଏବଂ ସେସ୍ ଭୂମି କରର 75 ପ୍ରତିଶତ ଅଟେ

[134] ଲିଜ୍ ମାମଲା ସଂଖ୍ୟା 12/2008 ଏବଂ 13/2008

### *3.6.2.7 ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ଅଲଗା ରେଜିଷ୍ଟର ଅନୁରକ୍ଷଣ ନକରିବା*

ଓଜିଏଲ୍ଏସ୍ ନିୟମ 5(3) ଅନୁଯାୟୀ ସହରୀ ଏବଂ ଗ୍ରାମୀଣ କ୍ଷେତ୍ର ପାଇଁ ଅଲଗା ଅଲଗା ରେଜିଷ୍ଟର ଅନୁରକ୍ଷଣ କରିବା ଆବଶ୍ୟକ । 31ଟି ତହସିଲର ତହସିଲଦାରମାନେ ଅଲଗା ରେଜିଷ୍ଟର ଅନୁରକ୍ଷଣ କରୁନଥିଲେ । ଏହା ବ୍ୟତୀତ 40ଟି ନମୁନା ଯାଞ୍ଚ୍ ହୋଇଥିବା ତହସିଲର ତହସିଲଦାରମାନେ ନଥିରେ ଦରଜ ହୋଇଥିବା ତଥ୍ୟକୁ ପ୍ରମାଣୀକୃତ କରିନଥିଲେ, ଯେଉଁଥିପାଇଁ ସେଥିରେ ଦରଜ ହୋଇଥିବା ତଥ୍ୟଗୁଡିକର ସତ୍ୟାସତ୍ୟ ସନ୍ଦେହାତ୍ମକ ଥିଲା । ଏହି ରେଜିଷ୍ଟରଗୁଡ଼ିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦେଖା ହୋଇଥିଲା, କିନ୍ତୁ ଏହି ସମ୍ବନ୍ଧରେ ସେମାନଙ୍କ ଦ୍ୱାରା କୌଣସି ନିର୍ଦ୍ଦେଶ ଜାରି କରାଯାଇ ନଥିଲା ।

### 3.6.3 କୃଷି ଜମିର କିସମ ପରିବର୍ତ୍ତନ

ଜମି କେଉଁ ଉଦ୍ଦେଶ୍ୟ/ କାର୍ଯ୍ୟ ପାଇଁ ଉପଯୋଗ ହେବ ତାହା ସତ୍ୱ ଦଲିଲରେ ଉଲ୍ଲିଖିତ ଅଛି । ଓଏଲଆର ଆକ୍ଟ, 1960ର ଧାରା 8 ଅନୁସାରେ ଯଦି ଜମିକୁ ଅଣକୃଷି କାର୍ଯ୍ୟ ପାଇଁ ଉପଯୋଗ କରାଯାଏ ତେବେ ଉକ୍ତ ଜମିର ରୟତକୁ ଦଖଲଚ୍ୟୁତ କରାଯିବ । ତେବେ ଅଧିନିୟମର ଅନୁଭାଗ 8-ଏ ତଥା ଓଡିଶା ଭୂ ସଂସ୍କାର (ସାଧାରଣ) ସଂଶୋଧନ ନିୟମାବଳୀ, 1997ର ନିୟମ 12-ଏ ଅନୁସାରେ କୃଷି ଜମିର କିସମ ଅଣକୃଷି ପାଇଁ ପରିବର୍ତ୍ତନ ହୋଇପାରିବ ମାତ୍ର ପରିବର୍ତ୍ତନ ଜମିର ମାଲିକାନା ଲିଜ୍ ଆଧାରରେ ହେବ । 2006 ରେ ଏହାର ପୁନର୍ବାର ସଂଶୋଧନ କରାଯାଇ ବ୍ୟବସ୍ଥା କରାଯାଇଥିଲା ଯେ କିସମ ପରିବର୍ତ୍ତନ ହୋଇଥିବା ଜମିର ମାଲିକାନା ସତ୍ତ୍ୱ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ ।

ରିପୋର୍ଟ ନମୁନା ଯାଞ୍ଚ୍ କରାଯାଇଥିବା 40ଟି ତହସିଲ ମଧ୍ୟରୁ 35ଟି[135] ତହସିଲ ଦ୍ୱାରା ସମୀକ୍ଷାକୁ ପ୍ରଦାନ କରାଯାଇଥିବା ଏମ୍‌ପିଆର୍ ଏବଂ ସୂଚନାରୁ ପରିଲକ୍ଷିତ ହୋଇଥିଲା ଯେ 2,917.616 ଏକର କୃଷି ପାଇଁ 13,064ଟି କିସମ ପରିବର୍ତ୍ତନ ମାମଲା ସମାଧାନ ମାର୍ଚ୍ଚ 2014 ସୁଦ୍ଧା ସମାପ୍ତ ନ ହୋଇ ପଡି ରହିଥିଲା । ସମୀକ୍ଷା 2011-14 ସମୟରେ 456ଟି ଚୁଡାନ୍ତ ଫଏସଲା ହୋଇଥିବା ଏବଂ ମାର୍ଚ୍ଚ 2014 ସୁଦ୍ଧା ବିଚାରାଧୀନ ଥିବା 236ଟି କିସମ ପରିବର୍ତ୍ତନ ମାମଲାର ନମୁନା ପରୀକ୍ଷା କରିଥିଲା । ଏତଦ୍ ବ୍ୟତୀତ, ସମୀକ୍ଷା ସହର ଯୋଜନା ନିର୍ଦ୍ଦେଶକ ଓଡିଶାଙ୍କର ନଥିପତ୍ରର ପରୀକ୍ଷା କରିଥିଲା । ସମୀକ୍ଷା ସିଦ୍ଧାନ୍ତଗୁଡିକ ନିମ୍ନରେ ଆଲୋଚନା କରାଗଲା:

### *3.6.3.1 ସହରାଞ୍ଚଳରେ ଯୋଜନାହୀନ ଭାବେ ଜମିର କିସମ ପରିବର୍ତ୍ତନ*

ଓଏଲ୍ଆର୍ ଅଧିନିୟମର ଧାରା 8 ଏବଂ ଓଏଲ୍ଆର୍ ନିୟମାବଳୀ, 1997ର ନିୟମ 12 ଅନୁଯାୟୀ ଯେଉଁ ଜମିଗୁଡ଼ିକ ଉନ୍ନୟନ କର୍ତ୍ତୃପକ୍ଷ (ଡିଏ)/ସହର ଯୋଜନା କର୍ତ୍ତୃପକ୍ଷ (ଟିପିଏ)/ ଅଭିବୃଦ୍ଧି ନ୍ୟାସ୍ (ଆଇଟି) ଙ୍କ ଇଲାକାରେ ଅଛି, ସେହି ଜମିଗୁଡ଼ିକର କିସମ ପରିବର୍ତ୍ତନ ପୂର୍ବରୁ ତହସିଲଦାର ଡିଏ/ ଟିପିଏ / ଆଇଟି କର୍ତ୍ତୃପକ୍ଷଙ୍କ ମତ ନେବା ବାଧ୍ୟତାମୂଳକ ଅଟେ । ଯଦି 30 ଦିନ ମଧରେ ସେମାନେ ମତ ନଦିଅନ୍ତି ତେବେ ତହସିଲଦାର ପ୍ରସ୍ତାବିତ ଜମିର ଚୂଡ଼ାନ୍ତ କିସମ ପରିବର୍ତ୍ତନ ସମୟରେ ଏହା ଧରିନେବେ ଯେ ଏହି ପ୍ରସ୍ତାବରେ ସେମାନଙ୍କର କୌଣସି ଆପତ୍ତି ନାହିଁ ।

ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟରେ ନଅଟି ଉନ୍ନୟନ କର୍ତ୍ତୃପକ୍ଷ (ଡିଏ), ସାତଟି ଆଞ୍ଚଳିକ ଅଭିବୃଦ୍ଧି ଟ୍ରଷ୍ଟ (ଆରଆଇଟି) ଏବଂ 39ଟି ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ସଂସ୍ଥାପିତ ହୋଇଅଛି । ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ (ଓଡିଏ), 1982 ର ଧାରା 9, 10 ଓ 11 ଅନୁଯାୟୀ ବସ୍ତୁଗତ ବିକାଶ ପାଇଁ, ସହର ଜମିର ବ୍ୟବହାର ଦର୍ଶାଯାଇ ବ୍ୟାପକ ଉନ୍ନୟନ ଯୋଜନା (ସିଡିପ) ପ୍ରସ୍ତୁତ କରିବାର ଥିଲା, ଯାହା ପୁନର୍ବାର ଆଞ୍ଚଳିକ ଉନ୍ନୟନ ଯୋଜନା ଉପଭାଗରେ ବିଭକ୍ତ କରାଯାଇପାରିବ । ଯେଉଁ ସହରାଞ୍ଚଳ କୌଣସି ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ଆସୁନଥିବ, ଓଡିଶା

---

135 କଟକ, ଆଠଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ତାଳଚାର ତହସିଲ ବ୍ୟତିତ, ଯିଏକି ସମୀକ୍ଷାକୁ କୌଣସି ସୂଚନା ପ୍ରଦାନ କରିପାରି ନଥିଲେ

ସହର ଯୋଜନା ଏବଂ ଉନ୍ନୟନ ଟ୍ରଷ୍ଟ ଅଧିନିୟମ, 1956 ଅନୁଯାୟୀ ସୃଷ୍ଟି ହୋଇଥିବା ସହର ଯୋଜନା ନିର୍ଦ୍ଦେଶାଳୟ ତାହାର ସର୍ବୋତ୍ତମ ଯୋଜନା ପ୍ରସ୍ତୁତ ପାଇଁ ଦାୟି ଅଟନ୍ତି ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ 2011-12 ଠାରୁ 2013-14 ମଧ୍ୟରେ ନମୁନା ଯାଞ୍ଚ୍ ହୋଇଥିବା 40ଟି ତହସିଲ ମଧ୍ୟରୁ 39ଟି ତହସିଲର ତହସିଲଦାରମାନେ 9,219.026[136] ଏକର କୃଷି ଜମି ସଂପର୍କିତ 1,04,695ଟି କିସମ ପରିବର୍ତ୍ତନ ମାମଲାରେ ଫଏସଲା କରିଥିଲେ ।

27ଟି ସହରାଞ୍ଚଳ ତହସିଲର 280ଟି କିସମ ପରିବର୍ତ୍ତନ ମାମଲା (163.015 ଏକର) ନମୁନା ପରୀକ୍ଷା କରି ସମୀକ୍ଷା ଦେଖିଥିଲା :

- ***ସହରାଞ୍ଚଳ ପାଇଁ ଉନ୍ନୟନ ଯୋଜନା ପ୍ରସ୍ତୁତ ନହେବା*** : ଛଅଟି ସହରାଞ୍ଚଳ ତହସିଲରେ ନମୁନା ପରୀକ୍ଷାରୁ ଜଣାଗଲା ଯେ 64ଟି ମାମଲାରେ ଜଡିତ (12.257 ଏକର) ଜମିର ସିଡିପି/ ସର୍ବୋତ୍ତମ ଯୋଜନା ପ୍ରସ୍ତୁତ ହୋଇନଥିଲା ।

  କେବଳ ଦୁଇଟି ସହର (କଟକ ଓ ଭୁବନେଶ୍ୱର) ର ସିଡିପି ପ୍ରସ୍ତୁତ କରାଯାଇ ଦୁଇ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ତଥାପି ମାର୍ଚ୍ଚ 2009 ସୁଦ୍ଧା ଭୁବନେଶ୍ୱର ଉନ୍ନୟନ ଯୋଜନାଞ୍ଚଳ (ବିଡିପିଏ) ରେ ଅନ୍ତର୍ଭୁକ୍ତ ହୋଇଥିବା 351ଟି ନୂତନ ଗ୍ରାମ ବିଡିଏ ଅଧିନରେ ଥିବା ବ୍ୟାପକ ଉନ୍ନୟନ ଯୋଜନା (ସିଡିପି) ରେ (ମାର୍ଚ୍ଚ 2015) ଅନ୍ତର୍ଭୁକ୍ତ ହୋଇନଥିଲା । ଏତଦ୍ ବ୍ୟତୀତ ସିଡିପି ଅନ୍ତର୍ଭୁକ୍ତ ହୋଇଥିବା 205 ଗ୍ରାମରୁ କେବଳ 12ଟି ଗ୍ରାମ ପାଇଁ ଆଞ୍ଚଳିକ ବିକାଶ ଯୋଜନା ପ୍ରସ୍ତୁତ କରାଯାଇଥିଲା (ମାର୍ଚ୍ଚ 2015) । ରାଜ୍ୟରେ ଥିବା 106 ସହରାଞ୍ଚଳ ମଧ୍ୟରୁ କେବଳ 56 ସହରାଞ୍ଚଳର ସର୍ବୋତ୍ତମ ଯୋଜନା ପ୍ରସ୍ତୁତ କରାଯାଇଥିଲା । ବିଡିଏ ଅଧିନରେ ଥିବା 20ଟି ମାମଲାରେ ଜଡିତ 1.921 ଏକର ଜମିର କିସମ ପରିବର୍ତ୍ତନ ମାମଲାର ନମୁନା ପରୀକ୍ଷାରୁ ଜଣାଗଲା ଯେ, ଯଦିଓ ଭୁବନେଶ୍ୱର ତହସିଲଦାର ବିଡିଏ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ବିଷୟରେ ଅବଗତ କରାଇ ତାଙ୍କର ମତ ଲୋଡିଥିଲେ, କିନ୍ତୁ ଛଅଟି ଗ୍ରାମର ସିଡିପି ନଥିବାରୁ ବିଡିଏ କର୍ତ୍ତୃପକ୍ଷ ତାଙ୍କରେ କୌଣସି ମତ ଦେଇପାରି ନଥିଲେ । ତହସିଲଦାର 30 ଦିନର ବୈଧାନିକ ସମୟ ଅପେକ୍ଷା ପରେ (ଜୁନ୍ 2010 ରୁ ଅଗଷ୍ଟ 2012) ଏହି ପ୍ରକାର କିସମ ପରିବର୍ତ୍ତନକୁ ଅନୁମତି ଦେଇଥିଲେ । ଅର୍ଥାତ୍ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପାଖରେ ଉନ୍ନୟନ ଯୋଜନା ପରି ଉପକରଣ ନ ଥିବାରୁ ସେମାନେ କିସମ ପରିବର୍ତ୍ତନ ପ୍ରସ୍ତାବ ଉପରେ କୌଣସି ମତ ଦେଇପାରି ନଥିଲେ ।

- ***ଡିଏ/ଆଇଟି/ ଟିପିଏଙ୍କ ମତ ହାସଲ ନକରି କିସମ ପରିବର୍ତ୍ତନ*** : ନମୁନା ଜାଞ୍ଚ ପରୀକ୍ଷାରୁ ଜଣାଗଲା ଯେ 16 ଜଣ ତହସିଲଦାର 177ଟି ମାମଲା ମଧ୍ୟରୁ 151ଟିରେ (85 ପ୍ରତିଶତ) ଜଡିତ 85.735 ଏକର ଜମିର କିସମ ପରିବର୍ତ୍ତନ ସମୟରେ ଡିଏ/ ଆଇଟି/ ଟିପିଏଙ୍କ ମତ ଲୋଡ଼ିନଥିଲେ । ଏପରି ମାମଲାକୁ ବିଚାରାର୍ଥେ ନ ପଠାଇବାର କାରଣ ଲିପିବଦ୍ଧ ହୋଇନଥିଲା ।

- ***ଢେଙ୍କାନାଳ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଡିଆରଆଇଟି)ଙ୍କ ମତକୁ ଉପେକ୍ଷା କରି କିସମ ପରିବର୍ତ୍ତନ:*** ଢେଙ୍କାନାଳ ତହସିଲ ଅଧିନରେ ଥିବା 18ଟି ମାମଲାରେ ଜଡିତ 15.576 ଏକର ଜମିର କିସମ ପରିବର୍ତ୍ତନ ପାଇଁ ଡିଆରଆଇଟି ସର୍ତ୍ତ ରଖିଥିଲେ ଯେ ଆବେଦନକାରୀଙ୍କ ପ୍ଲଟକୁ ଅନ୍ୟୁନ 20 ଫୁଟ୍ ପ୍ରସ୍ଥର ପ୍ରବେଶ ମାର୍ଗ ରହିବା ଉଚିତ୍ ଏବଂ ଜମିର କିସମ ପରିବର୍ତ୍ତନ ପୂର୍ବରୁ ତାହାର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ତାହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ/ ପୌର ପାଳିକା / ରାଜସ୍ୱ କର୍ତ୍ତୃପକ୍ଷ / ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିବ, ପ୍ଲଟ୍/ ଜମି ପ୍ରାକୃତିକ ନାଳକୁବାଧା ଦେଉନଥିବ, ନିମ୍ନ ଅଞ୍ଚଳ ହୋଇନଥିବ ଏବଂ ଜମି ଚାଷ ଉପଯୋଗୀ ହୋଇନଥିବ। ଯେଉଁ ଜମି ଉପରୋକ୍ତ ସର୍ତ୍ତାବଳୀ ଗୁଡିକୁ

---

136 ଭୁବନେଶ୍ୱର, ଜଟଣୀ ଏବଂ ରେଢାଖୋଲ ତହସିଲର ତହସିଲଦାର ଚୂଡ଼ାନ୍ତ ହୋଇଥିବା କିସମ ପରିବର୍ତ୍ତନ ମାମଲାରେ ଜଡିତ ଜମିର ପରିମାଣର ସୂଚନା ଦେବାରେ ଅସମର୍ଥ ହୋଇଛନ୍ତି ।

ପୁରଣ କରୁନଥିବ ତାହାର କିସମ ଅଣକୃଷି ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଯିବନାହିଁ । କିନ୍ତୁ ତହସିଲଦାର ଡିଆରଆଇଟିଙ୍କ ମତକୁ ଉପେକ୍ଷା କରି ଜମିର କିସମ ପରିବର୍ତ୍ତନ କରିଥିଲେ ।

- ଏହିପରି ଚାରିଟି କିସମ[137] ପରିବର୍ତ୍ତନ ମାମଲାରେ ଜଡିତ 7.75 ଏକର ଜମିର ମିଳିତ ସରଜମିନ୍ ତଦନ୍ତରୁ (ଡିସେମ୍ବର 2014) ଜଣାଗଲା ଯେ କିସମ ପରିବର୍ତ୍ତନ ହୋଇଥିବା ଅଞ୍ଚଳରେ ଗୋଟିଏ ପାର୍ଶ୍ୱ ନିମ୍ନାଞ୍ଚଳ ଏବଂ ସେହି ଭୂଖଣ୍ଡର କୋଠାର ନିର୍ମାଣ ପ୍ରାକୃତିକ ନାଳକୁ ପଶୁ, ଜନସାଧାରଙ୍କ ଗମନାଗମନ ଓ କୃଷି ଉପକରଣର ଯାତାୟାତକୁ ଅବରୋଧ କରୁଥିଲା । ସେହି ଜମିର ତିନି ପାର୍ଶ୍ୱରେ ଚାଷ ଜମି ଥିବାରୁ ତାହା ପଡୋଶୀ ଜମି ମାଲିକ ମାନଙ୍କ ପାଇଁ ବାଧାବିଘ୍ନ ସୃଷ୍ଟି କରିବାର ସମ୍ଭାବନା ରହିଥିଲା । ସେହିପରି 22ଟି କିସମ ପରିବର୍ତ୍ତନ କ୍ଷେତ୍ରରେ 20 ଫୁଟ୍ ସ୍ଥାନରେ 12 ଫୁଟ୍ ଓସାରର ରାସ୍ତା ରହିଥିଲା ଏବଂ ତାହା ମଧ୍ୟ ପୌରପାଳିକାକୁ ହସ୍ତାନ୍ତର ହୋଇନଥିଲା ।
- ସେହିପରି ଢେଙ୍କାନାଳ ସଦର ଆରଆଇଙ୍କ ଦ୍ୱାରା ଅନ୍ୟ ଏକ[138] ସ୍ଥାନରେ ସରଜମିନ୍ ତଦନ୍ତରୁ ଜଣାଗଲା ଯେ ଏକ ବହୁତଳ ବିଶିଷ୍ଟ କୋଠାଘର 14 ଫୁଟ୍ ଓସାର ବିଶିଷ୍ଟ ରାସ୍ତା ସହ ଉକ୍ତ ଜମିରେ ତିଆରି ହୋଇଥିଲା ଏବଂ ଉପରୋକ୍ତ ରାସ୍ତାର କିଛି ଅଂଶ[139] ସରକାରୀ ଜମିରେ ରହିଥିଲା ଯାହାକି ବର୍ତ୍ତମାନର ଢେଙ୍କାନାଳ- ଶପ୍ତଶଯ୍ୟା ରାସ୍ତା ସହିତ ସଂଯୋଗ ହୋଇଥିଲା । ଏତଦ୍ ବ୍ୟତୀତ ଉକ୍ତ ରାସ୍ତା ସଂପୃକ୍ତ ପୌର ପାଳିକାଙ୍କୁ ହସ୍ତାନ୍ତର ହୋଇନଥିଲା ।

- ***କିସମ ପରିବର୍ତ୍ତନ ସର୍ତ୍ତାବଳୀର ପୂରଣ କରାନଯାଇ କିସମ ପରିବର୍ତ୍ତନ:*** ଦୁଇ ତହସିଲ (ପୁରୀ ଓ ଭୁବନେଶ୍ୱର) ଅଧିନରେ ଥିବା 5.879 ଏକର[140] ବିଶିଷ୍ଟ ଚାରିଟି ଜମିର ମିଳିତ ସରଜମିନ୍ ତଦନ୍ତ ରୁ ଜଣାପଡିଲାଯେ ଯଦିଓ ସେଠାରେ କିସମ ପରିବର୍ତ୍ତନ ହୋଇଥିବା ଜମିକୁ କୌଣସି ପ୍ରବେଶ ମାର୍ଗ ନଥିଲା, ତଥାପି ତହସିଲଦାର କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର ଜନିତ ପରିବର୍ତ୍ତନ ପାଇଁ ଅନୁମତି ଦେଇଥିଲେ (2007)। ରୟାଲ କଲେଜ ଅଫ୍ ସାଇନ୍ସ ଓ ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର ତହସିଲଦାର କିସମ ପରିବର୍ତ୍ତନକୁ ଅନୁମତି ଦେଇଥିଲେ, ଯଦିଓ ଏହା ସମ୍ବେଦନଶୀଳ ପ୍ରାକୃତିକ ପରିବେଶ ଅଞ୍ଚଳ ଯଥା ନଦୀ ଶଯ୍ୟାର ଅଶଂ ବିଶେଷ ଏବଂ ନଦୀର ତଟବନ୍ଧ ଭିତରେ ଥାଇ ଜଳର ପ୍ରାକୃତିକ ଗତିପଥକୁ ଅବରୋଧ କରୁଥିଲା, ଯାହା ଓଏଲ୍ଆର ନିୟମ 2 (ଡି) କୁ ଲଂଘନ କରୁଥିଲା ଯଥା ଜଳର ପ୍ରାକୃତିକ ଗତିପଥକୁ ଅବରୋଧ କରୁଥିଲା । ଓମ୍ ସାଇ ଆର୍କେଡ କ୍ଷେତ୍ରରେ ବିଡିଏ (ସେପ୍ଟେମ୍ବର 2010) ପ୍ଲାନ ଅନୁମୋଦନ କରି ଦର୍ଶାଇଥିଲା ଯେ ପ୍ରସ୍ତାବିତ ନିର୍ମାଣ ଜମିରେ 40 ପୁଟ୍ ଓସାରର ରାସ୍ତା ଦ୍ୱାରା ପହଞ୍ଚି ହେବ । ତେବେବି, ସେଠାରେ କୌଣସି ଅନୁମୋଦିତ ରାସ୍ତା ନଥିଲା ।



*ରୋୟାଲ କଲେଜ ଅଫ୍ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି, କେଶୁରା ନଦୀ ପାର୍ଶ୍ୱରେ*

ତେଣୁ, ମୋଟ ଉପରେ ବ୍ୟାପକ ଉନ୍ନୟନ ଯୋଜନା/ ମାଷ୍ଟର ପ୍ଲାନ୍ / ସହର ଉନ୍ନତି ଯୋଜନାର ଅଭାବ ଥାଇ ବିନା ଯୋଜନାରେ କୃଷିଜମିର କିସମ ପରିବର୍ତ୍ତନ କରାଯାଇଥିଲା । ପ୍ରସ୍ଥାନ ବୈଠକରେ ବିଭାଗ ଆଶ୍ୱାସନା

---

137 ଓଏଲଆର୍ ମାମଲା ସଂଖ୍ୟା 637/13, 638/13 639/13 ଏବଂ 651/13 ଶିବାନୀ ଏଜୁକେସନାଲ ଟ୍ରଷ୍ଟ

138 ଓଏଲଆର୍ ମାମଲା ସଂଖ୍ୟା 40/12, 0.16 ଏକର ଗୋଟିଏ କ୍ଷେତ୍ର ପରିବର୍ତ୍ତନ (ଆର୍ଆଇ ସର୍କଲ-ସଦର, ଗ୍ରାମ ମହିଷିଆପାଟ, ଖାତା ସଂଖ୍ୟା 291/792 ପ୍ଲଟ୍ ନଂ. 229/3382/5697)

139 0.015 ଏକର, ଖାତା ସଂଖ୍ୟା 309, ପ୍ଲଟ୍ ନଂ 304, କ୍ଷେତ୍ର 1.32, କିସମ ନୟନଯୋରୀ, ଗ୍ରାମ ମହିଷିଆପାଟ

140 1.07 ଏକର (ଗ୍ରାମ: କଲରାହାଙ୍ଗ, ଭୁବନେଶ୍ୱର ଓମ୍ ସାଇ ଆର୍କେଡ ପାଇଁ), 2.755 ଏକର (ଗ୍ରାମ: କେଶୁରା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ରୟାଲ କଲେଜ ଅଫ୍ ସାଇନ୍ସ ଏଣ୍ଡ ଟେକନୋଲୋଜି), 0.388 ଏକର (ଗ୍ରାମ: କେଶୁରା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ପଞ୍ଚାନନ ଜେନା ମେମୋରିଆଲ ଟ୍ରଷ୍ଟ) ଏବଂ 1.666 ଏକର (ଗ୍ରାମ: ଭାରତୀପୁର, ବୀରହରେକୃଷ୍ଣପୁର, ପୁରୀ, ଶ୍ରୀହରି ବିହାର ଆପାର୍ଟମେଣ୍ଟ ପାଇଁ

ଦେଇଥିଲେ ଯେ ସମୀକ୍ଷା ଦ୍ୱାରା ଉତ୍ଥାପନ ହୋଇଥିବା ବିଷୟ ଉପରେ ନିର୍ଦ୍ଦିଷ୍ଟ ଉତ୍ତର ପ୍ରଦାନ କରିବେ ଏବଂ ଆହୁରି ଦର୍ଶାଇଥିଲେ ଯେ ଏହିତ୍ରୁଟିକୁ ସୁଧାରିବାକୁ ଓଏଲଆର ଅଧିନିୟମର ଧାରା 8 (ଏ) ର ସଂଶୋଧନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଅଛି ।

### *3.6.3.2 ଅଣକୃଷି ଉଦ୍ଦେଶ୍ୟରେ ଚାଷ ଜମିର ଅନିୟମିତ କିସମ ପରିବର୍ତ୍ତନ*

ନମୁନା ପରୀକ୍ଷାରୁ ଦେଖାଗଲା ଯେ:

- 21ଟି ତହସିଲର 300.707 ଏକର ଅଞ୍ଚଳ ବିଶିଷ୍ଟ 273ଟି (60 ପ୍ରତିଶତ) କୃଷି ଜମିର ଅଣକୃଷି ଉଦ୍ଦେଶ୍ୟ ପାଇଁ କିସମ ପରିବର୍ତ୍ତନ ମାମଲାର ଉଦ୍ଦିଷ୍ଟ ନଥିରେ କିସମ ପରିବର୍ତ୍ତନ ହୋଇଥିବା ଜମିକୁ ପ୍ରବେଶମାର୍ଗ ଦେଖାଉଥିବା ମାନଚିତ୍ର ସଂଯୋଗ ହୋଇନଥିଲା, ଯଦିଓ ତାହା ଜମିର କିସମ ପରିବର୍ତ୍ତନ ପାଇଁ ସର୍ତ୍ତାବଳୀ ଅନୁଯାୟୀ ଆବଶ୍ୟକ । ରାଜସ୍ୱ ମାନଚିତ୍ରରୁ କିସମ ପରିବର୍ତ୍ତିତ ଜମି/ ପ୍ଲଟର ଯାଞ୍ଚରୁ ଜଣାଗଲା ଯେ 27ଟି ମାମଲାରେ ଏହି ପରିବର୍ତ୍ତିତ ଜମିକୁ କୌଣସି ପ୍ରବେଶ ମାର୍ଗ ନଥିଲା ।
- 223ଟି କିସମ ପରିବର୍ତ୍ତନ ମାମଲାରେ (49 ପ୍ରତିଶତ) ଜଡ଼ିତ ଥିବା 223.659 ଏକର ଜମିର ମାମଲା ନଥିରେ ଜମିକୁ ପ୍ରବେଶ ପଥ ଥିବାର କଥା ଉଲ୍ଲେଖ କରାଯାଇନଥିଲା । ସମୀକ୍ଷା ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଏହିପରି 103 ମାମଲାର କରାଯାଇଥିବା ମିଳିତ ସରଜମିନ୍ ତଦନ୍ତରୁ ଜଣାଗଲା ଯେ 19ଟି ମାମଲାରେ କିସମ ପରିବର୍ତ୍ତନ ହୋଇଥିବା ଜମିକୁ କୌଣସି ପ୍ରବେଶ ପଥ ନଥିଲା ।
- 206 କିସମ ପରିବର୍ତ୍ତନ ମାମଲାରେ 208.241 ଏକର କୃଷି ଜମିର କିସମ ଅଣକୃଷି ବ୍ୟବହାର ପାଇଁ ପରିବର୍ତ୍ତନ ସମ୍ବନ୍ଧିତ ମାମଲା ନଥିରେ ଏହି କିସମ ପରିବର୍ତ୍ତନ ପଡୋଶୀ ଜମି ମାଲିକ ମାନଙ୍କ ପାଇଁ କୌଣସି ଅସୁବିଧା ସୃଷ୍ଟି କରିବ ନାହିଁ ବୋଲି ଲିପିବଦ୍ଧ ହୋଇନଥିଲା ।
- 80 କିସମ ପରିବର୍ତ୍ତନ ମାମଲାରେ 45.249 ଏକର କୃଷି ଜମିର କିସମ ପରିବର୍ତ୍ତନ ସମ୍ବନ୍ଧିତ ମାମଲା ନଥିରେ ଏହି କିସମ ପରିବର୍ତ୍ତନ କୌଣସି ଝରଣା, ପାଣି ନାଳ, ନୟନଜୋରି ଭଳି ପ୍ରାକୃତିକ ଜଳ ଉତ୍ସର ଗତିପଥ କିମ୍ବା ଅନ୍ୟ ଜଳ ନିକାଶ ପ୍ରଣାଳୀ ଏବଂ ଜଳ ସେଚନ ପ୍ରଣାଳୀର ଗତିପଥ ଅବରୋଧ କରୁନାହିଁ ବୋଲି ଉଲ୍ଲେଖ ନଥିଲା । 274 କିସମ ପରିବର୍ତ୍ତନ ମାମଲାରେ 271.246 ଏକର କୃଷି ଜମିର କିସମ ପରିବର୍ତ୍ତନ ସମ୍ବନ୍ଧିତ ମାମଲା ନଥିରେ ଏହି କିସମ ପରିବର୍ତ୍ତନ ମନୁଷ୍ୟ, ଜୀବଜନ୍ତୁ ଏବଂ କୃଷି ଉପକରଣର ଯାତାୟତକୁ ଅବରୋଧ କରିବ ନାହିଁ ବୋଲି ଉଲ୍ଲେଖ ନଥିଲା । ମିଳିତ ସରଜମିନ୍ ଯାଞ୍ଚରୁ ଜଣାଗଲା ଯେ 39 ମାମଲାରେ କିସମ ପରିବର୍ତ୍ତନ ପ୍ରାକୃତିକ ଜଳ ଉତ୍ସର ଗତିପଥ ସହିତ ମନୁଷ୍ୟ, ଜୀବଜନ୍ତୁ ଏବଂ କୃଷି ଉପକରଣର ଯାତାୟତକୁ ଅବରୋଧ କରୁଥିଲା ।

ଅର୍ଥାତ୍, ତହସିଲଦାର କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନିୟମିତ ଭାବରେ ଏହାର କିସମ ପରିବର୍ତ୍ତନ କରିଥିଲେ ।

ତହସିଲଦାର ତଥ୍ୟକୁ ସ୍ୱୀକାର କରି ସମୀକ୍ଷା ମନ୍ତବ୍ୟ ପ୍ରତି ଯତ୍ନବାନ୍ ହେବାକୁ ଆଶ୍ୱାସନା ଦେଇଥିଲେ (ଡିସେମ୍ବର 2014/ ଜାନୁଆରୀ 2015) ।

### *3.6.3.3 କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ଅନଧିକୃତ ବ୍ୟବହାରକୁ ରୋକିବାକୁ ପଦକ୍ଷେପ ନନେବା*

ଓଏଲଆର୍ ନିୟମ 1960 ର ଧାରା 8 ଅନୁଯାୟୀ ରୟତ ଦଖଲଚ୍ୟୁତ ହୋଇପାରିବ ଯଦି (i) ଜମି ଏପରି ପ୍ରଣୀଳୀରେ ବ୍ୟବହାର ହେଉଥିବ ଯେଉଁଥିରୁ ଜଣାଯିବ ଯେ ଏହା କୃଷି ପାଇଁ ଅନୁପଯୋଗ; (ii) ଧାରା 6 ର ବ୍ୟବସ୍ଥା ବିରୁଦ୍ଧରେ ଜମିର ଲିଜ୍ ପ୍ରଦାନ କିମ୍ବା ନିଜେ ଜମି ଚାଷ କରିବାରେ ଅସମର୍ଥ ଏବଂ (iii) ଜମିକୁ କୃଷି ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବ । ଏହି କ୍ଷେତ୍ରରେ ରୟତକୁ ତିନି ମାସର ଲିଖିତ ନୋଟିସ୍ ଦେଇ

ଜମିରୁ ଦଖଲଚ୍ୟୁତ୍ କରାଯାଇପାରିବ । ତେବେ ବି ଯଦି ରୟତ ନୋଟିସ୍ ଜାରି ହେବାର ବର୍ଷକ ମଧ୍ୟରେ ଜମିର ଅବସ୍ଥାକୁ ପୂର୍ବପରି କୃଷି ଉପଯୋଗୀ କରିଦିଅନ୍ତି ତେବେ ସେ ଦଖଲଚ୍ୟୁତ ହେବେ ନାହିଁ ।

ସମୀକ୍ଷା ପରିଲକ୍ଷିତ କଲାଯେ ଓଏଲ୍ଆର୍ ଆକ୍ଟ, 1960 ର ଧାରା 8 (1) (ଗ) ରେ କୃଷି ଜମିର ଅନଧିକୃତ ଅଣକୃଷି ବ୍ୟବହାର ପାଇଁ ତହସିଲଦାର, ଭୁବନେଶ୍ୱର (19) ଓ ବାଲିଅନ୍ତା(14) ଙ୍କ ଦ୍ୱାରା 33ଟି ମାମଲା ରୁଜୁ ହୋଇଥିଲା ଏବଂ ଯଥାକ୍ରମେ ମାର୍ଚ୍ଚ 2011 ଓ ଜୁଲାଇ 2013 ରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । କେବଳ ତହସିଲଦାର, ଭୁବନେଶ୍ୱର (ଡିସେମ୍ବର 2011) ସାତ[141]ଟି ମାମଲାରେ ଦଖଲଚ୍ୟୁତ ନୋଟିସ୍ ଜାରି କରିଥିଲା ବେଳେ ଅବଶିଷ୍ଟ 26ଟି ମାମଲାରେ ଦଖଲଚ୍ୟୁତ ନୋଟିସ୍ ଜାରି କରାଯାଇନଥିଲା । ଏହି ମାମଲାଗୁଡ଼ିକ ପାଇଁ କାରଣ ଦର୍ଶାଅ ନୋଟିସ୍/ ଦଖଲଚ୍ୟୁତ ନୋଟିସ୍ ଜାରି ହେବାର ଏକରୁ ତିନି ବର୍ଷ ପରେ ମଧ ତହସିଲଦାରଙ୍କର ବିଚାରାଧୀନ ଥିଲା । ଏପରି ମାମଲାଗୁଡ଼ିକର ଫଏସଲା ନହେବାର କାରଣ ଲିପିବଦ୍ଧ ହୋଇନଥିଲା ।

ମାମଲାଗୁଡ଼ିକ ଦର୍ଶାଯିବା ପରେ ତହସିଲଦାର କହିଥିଲେ (ଡିସେମ୍ବର 2014) ଯେ, ଏହାର ଫଏସଲା ପାଇଁ ଓଏଲ୍ଆର ଆକ୍ଟ 1960 ର ଧାରା 8(1) (ଗ)/8 (4) ଅନୁଯାୟୀ ପଦକ୍ଷେପ ନିଆଯାଉଅଛି । କିନ୍ତୁ ସମୀକ୍ଷାକୁ କୌଣସି ପ୍ରମାଣ ଦଖାଇନଥିଲେ ।

### *3.6.3.4 ଚାଷ ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ଅନଧିକୃତ ବ୍ୟବହାରର ଚିହ୍ନଟ ନକରିବା*

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର (ଅକ୍ଟୋବର 2006) ଆଦେଶ ଅନୁସାରେ, ପ୍ରାଧିକୃତ ଅଧିକାରୀ, ଜମିର କିସମ ପରିବର୍ତ୍ତନ ପାଇଁ କ୍ଷେତ୍ର ତଦନ୍ତ କରୁଥିବା ସମୟରେ ପଡୋଶୀ ଜମିର ବସ୍ତୁଗତ ଅବସ୍ଥାକୁ ପରୀକ୍ଷା କରିବେ ଏବଂ ଓଏଲଆର୍ ଅଧିନିୟମର ଧାରା 8 (1) (ଗ) ଅନୁସାରେ ପଡୋଶୀ ରୟତ ବିରୋଧରେ ମାମଲା ଦାଏର କରିବେ ଯଦି ସେମାନେ ଅପ୍ରାଧିକୃତ ଭାବେ ଚାଷ ଉପଯୋଗୀ ଜମିକୁ ଅଣକୃଷି ଉଦ୍ଦେଶ୍ୟରେ କିସମ ପରିବର୍ତ୍ତନ କରିଥିବେ ।

ସମୀକ୍ଷା 456ଟି ନମୁନା ଯାଞ୍ଚ୍ ଚୂଡ଼ାନ୍ତ କିସମ ପରିବର୍ତ୍ତନ ମାମଲାରୁ ଦେଖିଲା ଯେ ତହସିଲଦାର/ ଅଧିକାରୀମାନଙ୍କୁ ବସ୍ତୁଗତ ଅବସ୍ଥାର ସତ୍ୟ ପ୍ରମାଣ କରିବା ପାଇଁ ଦେଇଥିବା ପଡୋଶୀ ଜମିର ଭୌତିକ ଅବସ୍ଥାରେ ଉଲ୍ଲେଖ କରିନଥିଲେ । କିସମ ପରିବର୍ତ୍ତନ ହୋଇଥିବା ପଡୋଶୀ ଜମି ଗୁଡ଼ିକର ମିଳିତ ନିରୀକ୍ଷଣରୁ ଜଣାଗଲା ଯେ 302.456 ଏକର ଚାଷ ଜମିର 75ଟି ପ୍ଲଟ୍/ ଜାଗା କିସମ ପରିବର୍ତ୍ତନ ନହୋଇ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା ।

ସମୀକ୍ଷା ପୁନଶ୍ଚ ଅବଲୋକନ କଲା ଯେ 75ଟି ଚାଷୋପଯୋଗୀ ପ୍ଲଟ୍/ ଜାଗାରୁ 64.531 ଏକର ବିଶିଷ୍ଟ 32ଟିରେ ବହୁତଳ ବିଶିଷ୍ଟ ବାସୋପଯୋଗୀ କୋଠାଘର ନିର୍ମାଣ କରାଯାଇଥିଲା ।

### *3.6.3.5 ଚୂଡ଼ାନ୍ତ କିସମ ପରିବର୍ତ୍ତନ ବିଚାରାଧୀନ ଥାଇ କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯିବା*

ଚାରିଟି[142] ତହସିଲର ନଅଟି ମାମଲାରେ ସାମିଲ୍ ଥିବା 3.575 ଏକର ଜମିରେ, ଯଦିଓ ଜମି ମାଲିକମାନଙ୍କ ଚାଷପୋଯୋଗୀ ଜମିର କିସମ ପରିବର୍ତ୍ତନ ପାଇଁ ଆବେଦନ ବିଚାରଧୀନ ଥିଲା ତଥାପି ଆବେଦନକାରୀ ମାନେ ଏହାକୁ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲେ । ସଂପୃକ୍ତ ତହସିଲଦାର କିସମ ପରିବର୍ତ୍ତନର ଚୂଡାନ୍ତ ନିଷ୍ପତ୍ତି ନେଇନଥିଲେ କି ଅନଧିକୃତ ଭାବେ ବ୍ୟବହାର କରୁଥିବା ଚାଷଜମି ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

---

141 କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଫର୍ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ (2.140 ଏକର); ବିଜ୍ଞାନ ଭାରତୀ ଚାରିଟେବୁଲ୍ ଟ୍ରଷ୍ଟ (3.030 ଏକର); ଓଡ଼ିଶା ଏଜୁକେସନ ଟ୍ରଷ୍ଟ (1 ଏକର); ସମୃଦ୍ଧି ଏଜୁକେସନାଲ ଟ୍ରଷ୍ଟ (0.920 ଏକର); ଅକ୍ସଫୋର୍ଡ ଇଞ୍ଜିନିୟରିଂ କଲେଜ (3.472 ଏକର); ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି (3 ଏକର) ଏବଂ ଇଏସ୍‌ଟି ଇଞ୍ଜିନିୟରିଂ କଲେଜ (3.250 ଏକର)

142 ବ୍ରହ୍ମଗିରି (2.265 ଏକର: ଚାରିଟି ମାମଲା), ଗୋପ (0.12 ଏକର: ଦୁଇଟି ମାମଲା), ଓଡ଼ପଡ଼ା (0.40 ଏକର: ଗୋଟିଏ ମାମଲା), କାମାକ୍ଷାନଗର (0.79 ଏକର: ଦୁଇଟି ମାମଲା)

ସମୀକ୍ଷା ଅବଲୋକନ କଲା ଯେ ରାଜସ୍ୱ ନିରୀକ୍ଷକ/ ତହସିଲଦାରଙ୍କ ଜମି ବ୍ୟବହାର ରୀତିକୁ ତନଖି କରିବାରେ ଅସଫଳତା ଯୋଗୁ, ନିରବଚ୍ଛିନ୍ନ ଭାବେ ଚାଷ ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ଅନଧିକୃତ ବ୍ୟବହାର କରାଯାଉଥିଲା ।

### 3.6.3.6 କିସମ ପରିବର୍ତ୍ତନ ଶୁଳ୍କ କମ୍ ଆଦାୟ

ଓଡ଼ିଶା ଭୂସଂସ୍କାର ଅଧିନିୟମ 1960 ର ଧାରା 8-ଏ (ବି) ତଥା ସମୟେ ସମୟେ ଜାରୀ ଅନୁଦେଶ ଅନୁସାରେ, ପ୍ରତ୍ୟେକ ମାମଲାର ଯେଉଁଥିରେ କି ପ୍ରାଧିକୃତ ଅଧିକାରୀ ଯେକୌଣସି ଚାଷୋପଯୋଗୀ ଜମିକୁ ବ୍ୟବହାର କରିବା ପାଇଁ କିସମ ପରିବର୍ତ୍ତନର ଅନୁମତି ନେବେ, ଉପଧାରା (2) ରେ ଉଲ୍ଲିଖିତ ହୋଇଥିବା ଦରର[143] ହିସାବ ଅନୁସାରେ, ରୟତ ସେହି ଜମିର କିସମ ପରିବର୍ତ୍ତନ ଶୁଳ୍କ ପ୍ରଦାନ କରିବେ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦର ପରିବର୍ତ୍ତେ କମ୍ ଦର ଲାଗୁ କରିବାରୁ 10ଟି ତହସିଲରେ 60ଟି ମାମଲା ସମ୍ବନ୍ଧିତ 44.16 ଏକର ଜମିର କିସମ ପରିବର୍ତ୍ତନ ପାଇଁ ତହସିଲଦାର 30.28 ଲକ୍ଷ ଟଙ୍କା ବଦଳରେ 18.77 ଲକ୍ଷ ଟଙ୍କା କିସମ ପରିବର୍ତ୍ତନ ଶୁଳ୍କ[144] ଆଦାୟ କରିଥିଲେ । ଫଳସ୍ୱରୂପ 11.51 ଲକ୍ଷ ଟଙ୍କା କମ୍ ଆଦାୟ ହୋଇଥିଲା ।

### 3.6.3.7 କିସମ ପରିବର୍ତ୍ତନ ମାମଲାର ଚୂଡ଼ାନ୍ତରେ ବିଳମ୍ବ

ଓଡ଼ିଶା ସାଧାରଣ ସେବା ଅଧିକାର ଅଧିନିୟମ 2012 ତଥା ସାଧାରଣ ପ୍ରଶାସନ ବିଭାଗର ଅଧିସୂଚନା (ମାର୍ଚ୍ଚ 2013) ଅନୁଯାୟୀ ଓଏଲ୍‌ଆର୍ 8(ଏ) ମାମଲାକୁ ପ୍ରିମିୟମ ଜମା କରିବା ସମୟକୁ ବାଦ୍ ଦେଇ 60 ଦିନ ଭିତରେ ନିକାଶ କରିବା କଥା । ଅପିଲ୍ କରିଥିବା ଆବେଦନକାରୀଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ସେବା ଦିଆ ନଗଲେ, ବିଳମ୍ବ ଦିନ ମାନଙ୍କ ପାଇଁ ପ୍ରତିଦନ 250 ଟଙ୍କା ହିସାବରେ ସର୍ବାଧିକ 5,000 ଟଙ୍କା ଜରିମାନା ଲାଗୁହେବା କଥା ।

ଚୂଡ଼ାନ୍ତ କିସମ ପରିବର୍ତ୍ତନ ମାମଲାର ସମୟ ସୀମା ନିଶ୍ଚିତ କରିବା ପାଇଁ 19ଟି ତହସିଲର 236ଟି ବିଚାରଧୀନ ମାମଲା ଏବଂ 289ଟି ଚୂଡ଼ାନ୍ତ କିସମ ପରିବର୍ତ୍ତନ ମାମଲାର ନମୁନା ଯାଞ୍ଚ୍ କରି ସମୀକ୍ଷା ଜାଣିବାକୁ ପାଇଲା ଯେ:

- କୌଣସି କାରଣ ଲିପିବଦ୍ଧ ନଥାଇ, ଫଏସଲା ହେବାକୁ ଥିବା ମାମଲାଗୁଡ଼ିକ ରାଜସ୍ୱ ନିରୀକ୍ଷକ, ତହସିଲଦାର ଏବଂ ଅଭିଲେଖ ରକ୍ଷକଙ୍କ ପାଖରେ 68 ଦିନରୁ 3,229[145] ଦିନ ପର୍ଯ୍ୟନ୍ତ ପଡ଼ିରହିଥିଲା । ଯାହାର କାରଣ ନଥିଭୁକ୍ତ ନଥିଲା । ଚୁଡାନ୍ତ କିସମ ପରିବର୍ତ୍ତନର ଏହି ବିଳମ୍ବ ପାଇଁ 11.75 ଲକ୍ଷ ଟଙ୍କା ଜରିମାନା (***ପରିଶିଷ୍ଟ 3.6.3***) ଧାର୍ଯ୍ୟ ସମୟ ପରେ 30 ଦିନ ମଧ୍ୟରେ ଯଦି ଆବେଦନ କରାଯାଇଥାଏ, ପ୍ରତି ମାମଲାକୁ ଦିନକୁ 250 ଟଙ୍କା ହିସାବରେ ସର୍ବାଧିକ 5,000 ଟଙ୍କା ଆଦାୟ କରାଯାଇପାରିବ ।
- 19ଟି ତହସିଲର ସମୁଦାୟ 289ଟି କିସମ ପରିବର୍ତ୍ତନ ଚୂଡ଼ାନ୍ତ ମାମଲାର ନମୁନା ଯାଞ୍ଚରୁ ଜଣାଗଲା ଯେ, ନିର୍ଦ୍ଧାରିତ ସମୟ ପରେ 159ଟି ମାମଲା ଚୂଡ଼ାନ୍ତ ହୋଇଥିଲା ଯେଉଁଥିରେ କି 135ଟି କ୍ଷେତ୍ରରେ ସର୍ବାଧିକ ଜରିମାନା ଲାଗୁ ହେବା କଥା ।
- ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ମାମଲା ଆରମ୍ଭ ହେବାର ତାରିଖ ଏବଂ ଫଏସଲା ମଧ୍ୟରେ ସହ ସଂପର୍କ ନଥିଲା, ଯେହେତୁ କେତେକ ମାମଲା ଦୁଇ ମାସ ମଧ୍ୟରେ ଫଏସଲା ହୋଇଥିଲା ବେଳେ କେତେକ ମାମଲା ବହୁ ମାସ ଲାଗିଥିଲା ଯଥା- ଢେଙ୍କାନାଳରେ ମାମଲା ସଂଖ୍ୟା 86/2013 ଜାନୁଆରୀ 2013 ରେ ଆରମ୍ଭ ହୋଇ ମାର୍ଚ୍ଚ 2013 ରେ ଶେଷ ହୋଇଥିଲା ବେଳେ ମାମଲା ସଂଖ୍ୟା 42/2013 ର ଫଏସଲା 399 ଦିନ ଲାଗିଥିଲା । କାରଣ ସଂପର୍କରେ ନଥିରେ କୌଣସି ଉଲ୍ଲେଖ ନଥିଲା । କର୍ମଚାରୀ ଅଭାବ ଯୋଗୁଁ ମାମଲାଗୁଡ଼ିକ ପଡ଼ି ରହିଥିଲା ବୋଲି ତହସିଲଦାର ଦର୍ଶାଇଥିଲେ । ଅର୍ଥାତ୍ କାଳକ୍ରମ ବ୍ୟବସ୍ଥା ଅନୁସରଣ ହେଉ ନଥିବା ଲକ୍ଷ୍ୟ କରାଯାଇଥିଲା ।

[143] 1,000 ଟଙ୍କାରୁ 3,00,000 ଟଙ୍କା

[144] ପ୍ରିମିୟମ, ଭୂମି ଖଜଣା ପ୍ରିମିୟମିର 1 ପ୍ରତିଶତ, ସେସ୍ ଭୂମି ଖଜଣାର 75 ପ୍ରତିଶତ

[145] 68- 80 ଦିନରୁ କମ୍: 3 ମାମଲା; 80-365 ଦିନ: 90 ମାମଲା; 1 ରୁ 2 ବର୍ଷ: 77 ମାମଲା; 2 ରୁ 3 ବର୍ଷ: 59 ମାମଲା; 3 ବର୍ଷରୁ ଅଧିକ: 7 ମାମଲା

### 3.6.3.8 ଅନ୍ୟାନ୍ୟ ଅନିୟମିତତା

- **ନଥିପତ୍ରର ଅନୁଚିତ୍ ରକ୍ଷଣାବେକ୍ଷଣ**

ସମୀକ୍ଷା ପରିଲକ୍ଷିତ କଲା ଯେ, ଛଅଟି ତହସିଲରେ (ବଅଁରପାଳ, ଢେଙ୍କାନାଳ, ଗୋପ, ହିନ୍ଦୋଳ, ଓଡ଼ାପଡ଼ା ଏବଂ ସମ୍ବଲପୁର) ଚାଷ ଜମିର କିସମ ପରିବର୍ତ୍ତନର ନଥିପତ୍ର ଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଉ ନଥିଲା । ଚାଷ ଜମିର କିସମ ପରିବର୍ତ୍ତନର ଆବେଦନକୁ ନଥିରେ କାଳାନୁକ୍ରମରେ ଉଲ୍ଲେଖ କରାଯାଉ ନଥିଲା ଏବଂ କେବଳ ଅଧିମୂଲ୍ୟ ପ୍ରଦାନ କଲାପରେ କିସମ ପରିବର୍ତ୍ତନ ମାମଲା ଆରମ୍ଭ କରାଯାଉଥିବା ଲକ୍ଷ୍ୟ କରାଯାଇଥିଲା, ଯାହା ସୂଚିତ କରୁଥିଲା ଯେ ମାମଲାଗୁଡ଼ିକ କ୍ରମାନ୍ୱୟରେ ନଥିରେ ଦରଜ କରାଯାଉନଥିଲା ଏବଂ ପ୍ରିମିୟମ ଅର୍ଥ ପ୍ରଦାନ ପରେ ମାମଲାଗୁଡ଼ିକୁ ନଥିଭୁକ୍ତ କରାଯାଉଥିଲା । ଢେଙ୍କାନାଳ ତହସିଲ ସମ୍ବନ୍ଧୀୟ କେତେକ ଉଦାହରଣ ନିମ୍ନରେ ଦର୍ଶାଗଲା:

***ସାରଣୀ 3.6.3 ପ୍ରିମିୟମ ଅର୍ଥ ପ୍ରଦାନ କଲା ପରେ ମାମଲାଗୁଡ଼ିକ ଆରମ୍ଭ କରାଯିବା ଦର୍ଶାଯାଇଅଛି***

| ମାମଲା ସଂଖ୍ୟା | ପ୍ରିମିୟମ ଅର୍ଥ ପ୍ରଦାନର ତାରିଖ | ମାମଲା ଆରମ୍ଭ କରିବାର ତାରିଖ |
|---|---|---|
| 01/12-13 | 07 ଅପ୍ରେଲ 2012 | 10 ଅପ୍ରେଲ 2012 |
| 02/12-13 | 07 ଅପ୍ରେଲ 2012 | 10 ଅପ୍ରେଲ 2012 |
| 03/12-13 | 07 ଅପ୍ରେଲ 2012 | 10 ଅପ୍ରେଲ 2012 |
| 04/12-13 | 07 ଅପ୍ରେଲ 2012 | 10 ଅପ୍ରେଲ 2012 |
| 28/12 | 21 ଅପ୍ରେଲ 2012 | 24 ଅପ୍ରେଲ 2012 |
| 39/12 | 02 ମଇ 2012 | 02 ମଇ 2012 |

***(ଉତ୍ସ: ସମୀକ୍ଷା ଦ୍ୱାରା ତହସିଲଦାରଙ୍କ ନଥିରୁ ସଂକଳନ)***

### 3.6.4 ଜମିର ଦାଖଲ ଖାରଜ

ସ୍ୱତ୍ୱ ଲିପିରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ନାମରେ ଶିରୋମାନ ପରିବର୍ତ୍ତନ ପାଇଁ ଜମିର ନାମାନ୍ତରଣ ହେବା ଆବଶ୍ୟକ । ନାମାନ୍ତରଣ ନିୟମାବଳୀର 75 ନମ୍ବର ଅନୁଚ୍ଛେଦ ଓ ସରକାର ନିର୍ଦ୍ଦେଶ ସେପ୍ଟେମ୍ବର 2004 ଓ ନଭେମ୍ବର 2005 ଅନୁଯାୟୀ, ପଞ୍ଜୀକରଣ ଅଧିକାରୀମାନେ ଫର୍ମ-3 କୁ ସଂପୃକ୍ତ ତହସିଲଦାରଙ୍କୁ ଜମି ପଞ୍ଜୀକରଣର ଆଠ ଦିନ ମଧ୍ୟରେ ଉପସ୍ଥାପନ[146] କରିବେ ଏବଂ ତହସିଲଦାରଙ୍କ ଦ୍ୱାରା ଏକ ସପ୍ତାହ ମଧ୍ୟରେ ଦାଖଲ ଖାରଜ କାର୍ଯ୍ୟବିଧି ଆରମ୍ଭ କରାଯିବ । ନିର୍ବିରୋଧ ନାମାନ୍ତରଣ ଦାଖଲ ଖାରଜ ମାମଲାଗୁଡ଼ିକର ଫଇସଲା 90 ଦିନ ମଧ୍ୟରେ ତହସିଲଦାରମାନେ କରିବେ ଏବଂ ପରବର୍ତ୍ତୀ 45 ଦିନ ମଧ୍ୟରେ ସ୍ୱତ୍ୱ ଲିପିର ସଂଶୋଧନ କରିବେ । ଏହି ସମୟ ସୀମା ଓଆରଟିପିଏସ୍ ଆକ୍ଟ 2012 ଅଧିନରେ ଅପରିବର୍ତ୍ତିତ ରହିଥିଲା ଯେଉଁଠି ଜମିର ନାମାନ୍ତରଣ ଏକ ଜନସେବା ଘୋଷିତ ହୋଇଥିଲା (ମାର୍ଚ୍ଚ 2013)। ଏହି ସବୁ ମାମଲାଗୁଡ଼ିକର ଫଇସଲା ଏବଂ ସ୍ୱତ୍ୱଲିପିର ସଂଶୋଧନ ସହିତ 135 ଦିନରୁ ଅଧିକ ବିଳମ୍ବ ପାଇଁ ଜରିମାନା ଲାଗୁ କରାଯିବା କଥା ।

### 3.6.4.1 ବିଚାରାଧୀନ ଦାଖଲ ଖାରଜ ମାମଲା

ସମୀକ୍ଷା ଦ୍ୱାରା 40ଟି ତହସିଲର ନଥିପତ୍ରର ନମୁନା ଯାଞ୍ଚରେ ନିମ୍ନ ବିଷୟ ଗୁଡ଼ିକ ଦୃଷ୍ଟିକୁ ଆସିଥିଲା:

***ସାରଣୀ 3.6.4: ନମୁନା ଯାଞ୍ଚ ତହସିଲରେ ବିଚାରଧୀନ ଦାଖଲ ଖାରଜ ମାମଲାର ଅବସ୍ଥିତି***

| | |
|---|---|
| 31 ମାର୍ଚ୍ଚ 2011 ପର୍ଯ୍ୟନ୍ତ ବିଚାରଧୀନ ମାମଲା | 54733 |
| 2011-14 ମଧ୍ୟରେ ମାମଲାର କାର୍ଯ୍ୟ ଆରମ୍ଭ | 460525 |
| 2011-14 ମଧ୍ୟରେ ମାମଲାର ଫଇସଲା | 465382 |
| 31 ମାର୍ଚ୍ଚ 2014 ପର୍ଯ୍ୟନ୍ତ ବିଚାରଧୀନ ମାମଲା | 49876 |

***(ଉତ୍ସ: ନମୁନା ପରୀକ୍ଷା ତହସିଲଦାରଙ୍କ ନଥି)***

---

[146] ଫେବୃଆରୀ 2013 ଠାରୁ ଉପଲବ୍ଧ (ଡବ୍ଲୁଡବ୍ଲୁଡବ୍ଲୁ.ଆଇଜିଓଆରଆରଆଇଏସଏସଏ.ଜିଓଭି.ଆଇଏନ୍) ସାଇଟରୁ ତହସିଲଦାର ଫର୍ମ 3 ଡାଉନଲୋଡ କରିପାରିବେ

ତହସିଲ ଅନୁଯାୟୀ ପ୍ରାପ୍ତ ହୋଇଥିବା ଏବଂ ବିଚାରାଧିନ ଥିବା ଦାଖଲ ଖାରଜ ମାମଲାର ସଂଖ୍ୟାରୁ ସମୀକ୍ଷା ପରିଲକ୍ଷିତ କଲା ଯେ 100ଟି ମାମଲାରୁ କମ୍ ମାମଲା ପାଞ୍ଚଟି ତହସିଲ[147]ରେ ବିଚାରାଧିନ ଥିଲା ବେଳେ 12,928ଟି ମାମଲା ଭୁବନେଶ୍ୱର ତହସିଲରେ ଫଏସଲା ପାଇଁ ପଡ଼ିରହିଥିଲା, ଏହା ପଛକୁ ଜଟଣୀ (6,281) ଖୋର୍ଦ୍ଧା (3,645) ଟାଙ୍ଗୀ ଚୌଦ୍ୱାର (2,994) ଏବଂ କଟକ ତହସିଲ (2,069) ରହିଥିଲା । ମାମଲାର ଫଏସଲା ଥିବା ନିମ୍ନଲିଖିତ ତୃଟିଗୁଡ଼ିକୁ ସମୀକ୍ଷା ପରିଲକ୍ଷିତ କରିଥିଲା:

ବିଚାରଧୀନଥିବା 49,876ଟି ଦାଖଲ ଖାରଜ ମାମଲା ମଧ୍ୟରୁ 198ଟି ମାମଲାର ପୁଙ୍ଖାନୁପୁଙ୍ଖ ଯାଞ୍ଚରୁ ଜଣାଗଲା ଯେ ନିମ୍ନ ପ୍ରକାରେ ମାମଲାଗୁଡ଼ିକ ବିଭିନ୍ନ କର୍ମଚାରୀଙ୍କ ନିକଟରେ ପଡ଼ିରହିଥିଲା:

***ସାରଣୀ 3.6.5: ଦାଖଲ ଖାରଜ ମାମଲାଗୁଡ଼ିକ ବିଚାରଧୀନ ଥିବା ସ୍ତର***

| ବିଷୟ | ବିଚାରଧୀନ (ଦିନରେ) | ବିଚାରଧୀନ ସମୟକାଳ (ଦିନରେ) | | | |
|---|---|---|---|---|---|
| | | ବେଞ୍ଚକ୍ଲର୍କ | ରାଜସ୍ୱ ନିରୀକ୍ଷକ | ତହସିଲଦାର | ରେକର୍ଡ କିପର |
| ହାରାହାରି ବିଚାରାଧୀନ | 588 | 109 | 92 | 312 | 212 |
| ସର୍ବାଧିକ ସମୟ | 1767 | 1207 | 686 | 1251 | 823 |

***(ଉତ୍ସ: ନମୁନା ଯାଞ୍ଚ ତହସିଲଦାରଙ୍କ ନଥି)***

ଉପରୋକ୍ତ ତଥ୍ୟରୁ ଜଣାପଡ଼େ, ପ୍ରତ୍ୟେକ ସ୍ତରରେ ପଡ଼ିରହିଥିବାର ହାରାହାରି ସମୟ 90 ଦିନରୁ ଅଧିକ ଥିଲା । ଯଦିଓ ଦାଖଲ ଖାରଜ ମାମଲାର ଫଏସଲା ପାଇଁ ସମୟ ସୀମା ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିଲା, ବିଭିନ୍ନ ସ୍ତର ପାଇଁ କୌଣସି ସମୟସୀମା ସରକାରଙ୍କ ଦ୍ୱାରା କିମ୍ବା ଆଭ୍ୟନ୍ତରୀଣ ବ୍ୟବସ୍ଥା ଦ୍ୱାରା ଧାର୍ଯ୍ୟ କରା ନଯିବା ଯୋଗୁଁ ଏହି ବିଳମ୍ବ ଘଟିଥିଲା । ଏହା ବ୍ୟତୀତ ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ନିମ୍ନ ସାରଣୀ ଅନୁଯାୟୀ 127ଟି ମାମଲା (64 ପ୍ରତିଶତ) ଏକ ବର୍ଷରୁ ଅଧିକ ସମୟ ଧରି ବିଚରଧୀନ ଥିଲା:

***ସାରଣୀ 3.6.6: ପଡ଼ିରହିଥିବା ଦାଖଲ ଖାରଜ ମାମଲା***

| ପଡ଼ିରହିଥିବା ସମୟ | |
|---|---|
| **ସମୟ** | **ମାମଲା ସଂଖ୍ୟା** |
| ଏକ ବର୍ଷରୁ କମ୍ | 71 |
| 1 ବର୍ଷରୁ ଅଧିକ ଏବଂ 2 ବର୍ଷରୁ କମ୍ | 58 |
| 2 ବର୍ଷରୁ ଅଧିକ ଏବଂ 3 ବର୍ଷରୁ କମ୍ | 49 |
| 3 ବର୍ଷରୁ ଅଧିକ | 20 |
| **ମୋଟ** | **198** |

***(ଉତ୍ସ: ନମୁନା ଯାଞ୍ଚ ତହସିଲଦାରଙ୍କ ନଥି)***

ଦାଖଲ ଖାରଜ ମାମଲାର ଚୂଡ଼ାନ୍ତରେ ବିଳମ୍ବ ପାଇଁ କର୍ମଚାରୀଙ୍କର ଅଭାବ ଏବଂ ପ୍ରଶିକ୍ଷିତ ମାନବ ବଳ (ଡାଟା ଏଣ୍ଟ୍ରି ଅପରେଟର) ଙ୍କ ଅଭାବକୁ ବିଭାଗ ଦାୟୀ କରିଥିଲେ (ଜୁନ୍ 2015) ଏବଂ ଏହାକୁ ଦ୍ରୁତତର କରିବାକୁ ସଫ୍ଟୱେୟାର ବ୍ୟବହାର ଦ୍ୱାରା ଦାଖଲ ଖାରଜ ବ୍ୟବସ୍ଥାକୁ ପୁନଃ ବ୍ୟବସ୍ଥିତ କରିବାକୁ ପଦକ୍ଷେପ ନିଆଯିବାକୁ ଆଶ୍ୱାସନା ଦେଇଥିଲେ ।

### ***3.6.4.2 ଚୁଡାନ୍ତ ହୋଇଥିବା ଦାଖଲ ଖାରଜ ମାମଲାଗୁଡ଼ିକର ଚୂଡ଼ାନ୍ତରେ ବିଳମ୍ବ***

2011-14 ମଧ୍ୟରେ ଚୂଡ଼ାନ୍ତ ହୋଇଥିବା 4,65,382ଟି ଦାଖଲ ଖାରଜ ମାମଲାରୁ 362ଟି ମାମଲାକୁ ସମୀକ୍ଷା ନମୁନା ଯାଞ୍ଚ କରିଥିଲା ଏବଂ ପରିଲକ୍ଷିତ କରିଥିଲା ଯେ ଚୂଡ଼ାନ୍ତ ହେବା ପାଇଁ 135 ଦିନ ଧାର୍ଯ୍ୟ ହୋଇଥିବାବେଳେ

[147] ଅନୁଗୁଳ, ଲାଇକେରା, କୁଚିଣ୍ଡା, ପାନପୋଷ ଏବଂ ରାଜଗାଙ୍ଗପୁର

329ଟି ମାମଲା (90.88 ପ୍ରତିଶତ) ଧାର୍ଯ୍ୟ ସମୟର 1 ରୁ 2,020 ଦିନ[148] ବିଳମ୍ବରେ ଚୂଡ଼ାନ୍ତ ହୋଇଥିଲା ବେଳେ 33ଟି ମାମଲା (9.12 ପ୍ରତିଶତ) 135 ଦିନ ମଧ୍ୟରେ ଚୂଡ଼ାନ୍ତ ହୋଇଥିଲା । ଗୋଟିଏ ଦାଖଲ ଖାରଜ ମାମଲାକୁ ଚୂଡ଼ାନ୍ତ କରିବାକୁ ହାରାହାରି 431 ଦିନ ସମୟ ଲାଗିଥିଲା ଏବଂ ତାରିଖ ଦସ୍ତଖତ ଥିବା ଏହି ପରି ମାମଲାଗୁଡ଼ିକରେ ଅନ୍ୟାନ୍ୟ ସ୍ତର ଲାଗିଥିବା ହାରାହାରି ସମୟ ତଳ ଚାର୍ଟରେ ଦର୍ଶାଗଲା ।

***ଚାର୍ଟ 3.6.3: ଦାଖଲ ଖାରଜ ମାମଲାରେ ଅନ୍ୟାନ୍ୟ ସ୍ତରରେ ଲାଗିଥିବା ହାରାହାରି ସମୟ***

| ଅବସ୍ଥା | ମାମଲାର ଆରମ୍ଭ | ଆର ଆଇଙ୍କ ନିକଟକୁ ପ୍ରେରିତ ମାମଲା | ଆରଆଇଙ୍କ ଦ୍ୱାରା ଜନସାଧାରଣଙ୍କ ପାଇଁ ବିଜ୍ଞପ୍ତି | ଘୋଷଣା ସମୟ ପତ୍ର (15 ଦିନ) ଆର ଆଇଙ୍କ ଦ୍ୱାରା ଦାଖଲ ଖାରଜ ପାଇଁ ଅନୁମତି | ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ମାମଲା ନଥି ଆର ଆଇଙ୍କ ଦ୍ୱାରା ତହସିଲଦାରଙ୍କ ନିକଟରେ ଉପସ୍ଥାପନ | ଆର ଆଇଙ୍କ ଠାରୁ ପାଇଲା ପରେ ଦାଖଲ ଖାରଜ ମାମଲାର ଅନୁମୋଦନ | ସ୍ୱତ୍ୱ ଦଲିଲ ସଂଶୋଧନ ପାଇଁ ମାମଲା ନଥିକୁ ନଥିପତ୍ର ଗୃହକୁ ପ୍ରେରଣ | ନଥିରକ୍ଷକଙ୍କ ଦ୍ୱାରା ସ୍ୱତ୍ୱ ଦଲିଲ ସଂଶୋଧନ | ସ୍ୱତ୍ୱ ଦଲିଲର ଓ୍ୱେବରେ ଉପସ୍ଥାପନ |
|---|---|---|---|---|---|---|---|---|---|
| ବିଭିନ୍ନ ସ୍ତରେ ଲାଗିଥିବା ହାରାହାରି ସମୟ | 32 | 42 | 36 | 44 | 17 | 45 | 90 | 107 | 17 |

***(ଉତ୍ସ: ନମୁନା ପରୀକ୍ଷିତ ତହସିଲଦାରଙ୍କ ନଥି)***

କର୍ମଚାରୀଙ୍କର ଅଭାବ ଓ ପ୍ରଶିକ୍ଷିତ ଲୋକବଳ ନଥିବାରୁ ଦାଖଲ ଖାରଜ ମାମଲାଗୁଡ଼ିକର ଫଏସଲାରେ ବିଳମ୍ବ ବୋଲି ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ।

### ***3.6.4.3 ଦାଖଲ ଖାରଜ ମାମଲାର ସ୍ୱତଃ ଆରମ୍ଭ ନକରିବା***

ସରକାରଙ୍କ ନିର୍ଦ୍ଦେଶ (ସେପ୍ଟେମ୍ବର 2004) ଅନୁଯାୟୀ, ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରୁ ମିଳିଥିବା ଫର୍ମ-3 ଆଧାରରେ ଦାଖଲ ଖାରଜ ମାମଲା ଆରମ୍ଭ କରାଯିବା କଥା ଏବଂ ଦାଖଲ ଖାରଜ ପାଇଁ ଅଲଗା ଆବେଦନ କରିବାର ଆବଶ୍ୟକତା ନାହିଁ । ରାଜ୍ୟରେ ଇ-ପଞ୍ଜୀକରଣ ଆରମ୍ଭ ହେବା ପୂର୍ବରୁ (ଫେବୃଆରୀ 2013), ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକ ଫର୍ମ-3 ଗୁଡ଼ିକୁ ହାତାହାତି ତହସିଲକୁ ପ୍ରତି ସପ୍ତାହରେ ଥରେ ଲେଖାଏଁ ପଠାଉଥିଲେ । ତା'ପରେ ଦାଖଲ ଖାରଜ ମାମଲାକୁ ସ୍ୱତଃ ଆରମ୍ଭ ପାଇଁ ଫର୍ମ-3 ର ପ୍ରତିଲିପିକୁ ସଂପୃକ୍ତ ତହସିଲଦାରଙ୍କ ନିକଟକୁ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ପ୍ରେରଣ କରାଯାଉଥିଲା ।

ଇଲେକ୍ଟ୍ରୋନିକ୍ ମାଧ୍ୟମରେ 28 ତହସିଲଦାର ପାଇଥିବା 95,969ଟି ସହିତ ଉପନିବନ୍ଧକଙ୍କ ଦ୍ୱାରା 33 ଜଣ ତହସିଲଦାରଙ୍କୁ ପଠାଯାଇଥିବା 2,48,538ଟି ଫର୍ମ-3 ମଧ୍ୟରୁ ମାତ୍ର ନଅ ଜଣ ତହସିଲଦାରଙ୍କ ଦ୍ୱାରା 15,216ଟି ଦାଖଲ ଖାରଜ ମାମଲା (6.12 ପ୍ରତିଶତ) ସ୍ୱତଃ ଆରମ୍ଭ କରାଯାଇଥିଲା ବେଳେ 24 ଜଣ ତହସିଲଦାର (***ପରିଶିଷ୍ଟ 3.6.4***) କୌଣସି ମାମଲା ସ୍ୱତଃ ଆରମ୍ଭ କରିନଥିଲେ । ଅବଶିଷ୍ଟ 2,33,322ଟି ମାମଲାରେ ତହସିଲଦାରମାନେ କ୍ରେତାଙ୍କ ଦାଖଲ ଖାରଜ ପାଇଁ ଆବେଦନକୁ ଅପେକ୍ଷା କରିଥିଲେ ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ତହସିଲଦାରଙ୍କ ସ୍ତରରେ କମ୍ପ୍ୟୁଟର ପ୍ରଶିକ୍ଷିତ କର୍ମଚାରୀଙ୍କ ଅଭାବ ଯୋଗୁଁ ଦାଖଲ ଖାରଜ ମାମଲାଗୁଡ଼ିକର ସ୍ୱତଃ ଆରମ୍ଭରେ ବିଳମ୍ବ ଘଟିଥିଲା ଏବଂ ପ୍ରତ୍ୟେକ କାରବାର ପରେ ଦାଖଲ ଖାରଜ ମାମଲାଗୁଡ଼ିକ ଆରମ୍ଭ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିଲା ।

### ***3.6.4.4 ଓଆରଟିପିଏସ୍ ଅଧିନିୟମ ଅଧିନରେ ସେବା ପ୍ରଦାନରେ ବିଳମ୍ବ ଏବଂ ଜରିମାନା ଲାଗୁ ନହେବା***

ଓଆରଟିପିଏସ୍ ଅଧିନିୟମ 2012 ଅନୁଯାୟୀ, ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସେବା ଯୋଗାଇଦେଇ ନପାରିଲେ ଆବେଦକକାରୀଙ୍କ ଆପତ୍ତି ଦ୍ୱାରା ଦିନକୁ 250 ଟଙ୍କା ହିସାବରେ ସର୍ବାଧିକ 5,000 ଟଙ୍କାର ଜରିମାନା ଲାଗୁ

148 ଏକ ବର୍ଷ ଯାଏ ବିଳମ୍ବ: 219 ଟି ମାମଲା, ଏକରୁ ଦୁଇ ବର୍ଷ ମଧ୍ୟରେ ବିଳମ୍ବ: 79 ଟି ମାମଲା, ଦୁଇରୁ ତିନି ବର୍ଷ ମଧ୍ୟରେ ବିଳମ୍ବ: 17 ଟି ମାମଲା ଏବଂ ତିନି ବର୍ଷ ଏବଂ ଅଧିକ ବିଳମ୍ବ: 14 ଟି ମାମଲା

ହେବ ।

- ***ଦାଖଲ ଖାରଜ ମାମଲାର ଚୁଡାନ୍ତ ରେ ବିଳମ୍ବ ଏବଂ ଜୋରିମାନା ଲାଗୁ ନ ହେବା*** : ସମୀକ୍ଷା ପରିଲକ୍ଷିତ କରିଥିଲା ସେବା ପ୍ରଦାନ କରିବାରେ ଧାର୍ଯ୍ୟ ସମୟ ସୀମା 135 ଦିନ ବିତିଗଲା ପରେ ଯଦି ପରବର୍ତ୍ତୀ 30 ଦିନ ମଧ୍ୟରେ ଆପତ୍ତି କରାଯାଇଥାନ୍ତା ତେବେ ନମୁନା ଯାଞ୍ଚ୍ କରାଯାଇଥିବା 198ଟି ମାମଲାରେ 9.90 ଲକ୍ଷ ଟଙ୍କା ଜରିମାନା ଲାଗୁ ହୋଇଥାନ୍ତା ।

- ***ଜରିମାନା ଲଗାଇବାକୁ ନଥିପତ୍ର ରକ୍ଷଣାବେକ୍ଷଣରେ ଅବହେଳା*** : ଓଡ଼ିଶା ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ନିୟମ 1962 ନିୟମ 35 ଅନୁଯାୟୀ, ଦାଖଲ ଖାରଜ ନଥିରେ କ୍ରମିକ ସଂଖ୍ୟା, ଆବେଦନକାରୀଙ୍କ ନାମ କିମ୍ବା ମାମଲା ସମ୍ବନ୍ଧୀୟ ଦସ୍ତାବିଜର୍ ପ୍ରକାର ମାମଲାର ସାରାଂଶ, ଆରମ୍ଭ ହେବାର ତାରିଖ, ଆଦେଶ ହେବାର ତାରିଖ, ଆଦେଶ ଦେବାର ତାରିଖ, ଆଦେଶର ସାରାଂଶ ଓ ମନ୍ତବ୍ୟ ଆଦି ଉଲ୍ଲେଖ ରହିବା କଥା । ନମୁନା ଯାଞ୍ଚ୍ 40ଟି ତହସିଲ ମଧ୍ୟରୁ 17ଟି ତହସିଲରେ ଉକ୍ତ ନଥି ସଠିକ୍ ପରିଚାଳିତ ହେଉନଥିବା ସମୀକ୍ଷା ପରିଲକ୍ଷିତ କଲା । ପୁନଶ୍ଚ, ନମୁନା ଯାଞ୍ଚ କରାଯାଇଥିବା 362ଟି ମାମଲାରେ ନିମ୍ନ ଚାର୍ଟ ଅନୁଯାୟୀ ବିଭିନ୍ନ ସ୍ତରରେ ଦସ୍ତଖତ ସହିତ ତାରିଖ ନଥିଲା । ।

***ଚାର୍ଟ 3.6.4: ବିଭିନ୍ନ ସ୍ତରରେ ଦସ୍ତଖତ ସହିତ ତାରିଖ ଉଲ୍ଲେଖ ନଥିବା***

| ଅବସ୍ଥା | ମାମଲାର ଆରମ୍ଭ | ଆରଆଇଙ୍କ ନିକଟକୁ ପ୍ରେରିତ ମାମଲା | ଆରଆଇଙ୍କ ଦ୍ୱାରା ଜନସାଧାରଣଙ୍କ ପାଇଁ ବିଜ୍ଞପ୍ତି | ଘୋଷଣା ସମୟ ପତ୍ର (15 ଦିନ) ଆରଆଇଙ୍କ ଦ୍ୱାରା ଦାଖଲ ଖାରଜ ପାଇଁ ଅନୁମତି | ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ମାମଲା ନଥି ଆରଆଇଙ୍କ ଦ୍ୱାରା ତହସିଲଦାରଙ୍କ ନିକଟରେ ଉପସ୍ଥାପନ | ଆରଆଇଙ୍କ ଠାରୁ ପାଇଲା ପରେ ଦାଖଲ ଖାରଜ ମାମଲାର ଅନୁମୋଦନ | ସ୍ୱତ୍ୱ ଦଲିଲ ସଂଶୋଧନ ପାଇଁ ମାମଲା ନଥିକୁ ନଥିପତ୍ର ଗୃହକୁ ପ୍ରେରଣ | ନଥିରକ୍ଷକଙ୍କ ଦ୍ୱାରା ସ୍ୱତ୍ୱ ଦଲିଲ ସଂଶୋଧନ | ସ୍ୱତ୍ୱ ଦଲିଲର ୱେବରେ ଉପସ୍ଥାପନ |
|---|---|---|---|---|---|---|---|---|---|
| ବିଭିନ୍ନ ସ୍ତରରେ ଲାଗିଥିବା ହାରାହାରି ସମୟ | 138 | 93 | 211 | 144 | 174 | 200 | 104 | 142 | 350 |

***(ଉତ୍ସ: ନମୁନା ପରୀକ୍ଷିତ ତହସିଲଦାରଙ୍କ ନଥି)***

ଉପର ଚାର୍ଟରୁ ଏହା ଦେଖାଯାଇପାରେ ଯେ 138ଟି ମାମଲାରେ ମାମଲା ଆରମ୍ଭ ସମୟରେ ତହସିଲଦାର ତାରିଖ ସହିତ ତାଙ୍କର ଦସ୍ତଖତ କରିନଥିବା ବେଳେ 200 ମାମଲା (55 ପ୍ରତିଶତ)ରେ ମାମଲା ନଥି ଗୁଡିକ ତହସିଲଦାରଙ୍କ ଅନୁମୋଦନ ପାଇଁ ଉପସ୍ଥାପନ କଲାବେଳେ ରାଜସ୍ୱ ନିରୀକ୍ଷକ ତାରିଖ ସହିତ ଦସ୍ତଖତ କରିନଥିଲେ ।

ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ଜାତୀୟ ସୂଚନା କେନ୍ଦ୍ର (ଏନଆଇସି) ଦ୍ୱାରା ଗୋଟିଏ ସଫ୍ଟୱେୟାର ବିକଶିତ କରାଯାଉଛି ଏବଂ ଓଆରଟିପିଏସ ଅଧିନିୟମ 2012 ଆଧାରରେ ଧାର୍ଯ୍ୟ ସମୟ ମଧ୍ୟରେ ଦାଖଲ ଖାରଜ ମାମଲା ଗୁଡିକର ଚୂଡାନ୍ତ କରିବାକୁ ଏହାକୁ ଖୁବ୍ ଶୀଘ୍ର ବ୍ୟବହାର କରାଯିବ ।

### ***3.6.4.5 ଦାଖଲ ଖାରଜ ମାମଲାଗୁଡ଼ିକର ପର୍ଯ୍ୟାଲୋଚନା***

ପର୍ଯ୍ୟାଲୋଚନା ଓ ପର୍ଯ୍ୟବେକ୍ଷଣର ନିମ୍ନଲିଖିତ ତ୍ରୁଟି ଗୁଡିକ ସମୀକ୍ଷା ପରିଲକ୍ଷିତ କରିଥିଲା ।

- ***ଅମିନମାନଙ୍କର କ୍ଷେତ୍ର ତଦନ୍ତ ରିପୋର୍ଟକୁ ତହସିଲଦାର ତର୍ଜମା ନ କରିବା:*** ଓଡ଼ିଶା ଦାଖଲ ଖାରଜ ମାନୁଆଲ ନିୟମ 60 ଅନୁଯାୟୀ, ନାଏବ ତହସିଲଦାର ଅମିନଙ୍କ ଦ୍ୱାରା କ୍ଷେତ୍ର ତଦନ୍ତ ମାପ ନିଆଯିବା କଥା ଏବଂ ତହସିଲଦାର ଏହି ତଦନ୍ତ ମାପର ରିପୋର୍ଟ ଅତି କମରେ 10 ପ୍ରତିଶତରେ ତଦାରଖ ନିଜେ ଘଟଣା ସ୍ଥଳରେ କରିବା କଥା । ନମୁନା ଯାଞ୍ଚ ହୋଇଥିବା 362ଟି ଦାଖଲ ଖାରଜ ମାମଲାରୁ ଜଣାଗଲା ଯେ ଅମିନମାନଙ୍କର ଏହି କ୍ଷେତ୍ର ତଦନ୍ତ ରିପୋର୍ଟର ପରୀକ୍ଷାମୂଳକ ମାପ ତହସିଲଦାରଙ୍କ ଦ୍ୱାରା କରାଯାଇନଥିଲା । ବିଭାଗ ଦର୍ଶାଇଥିଲେ (ଜୁନ୍ 2015) ଯେ ତହସିଲଦାରଙ୍କୁ ବହୁବିଧ ଦାୟିତ୍ୱ ଦିଆଯାଇଥିବାରୁ ଏବଂ କର୍ମଚାରୀଙ୍କ ଅଭାବ ଯୋଗୁଁ ଏହି କ୍ଷେତ୍ର ତଦନ୍ତର ମାପ କରାଯାଇପାରିନଥିଲା ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## 3.7 ରାଜ୍ୟରେ ଜାତୀୟ ଆମ୍ବୁଲାନ୍ସ ସେବାର କାର୍ଯ୍ୟକାରିତା

### 3.7.1 ଉପକ୍ରମ

ସାରା ରାଜ୍ୟରେ ସର୍ବକାଳୀନ ନିଶୁଳ୍କ ଚିକିତ୍ସା ପୂର୍ବ ଜରୁରୀ ପରିବହନ ସେବା ଯୋଗାଇବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଆର୍ଥିକ ସହାୟତା ଭିତ୍ତିରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା (ଏନଏଚଏମ) ଅଧିନରେ ରାଜ୍ୟ ସରକାର ଓଡ଼ିଶା ଜରୁରୀ ଚିକିତ୍ସା ଆମ୍ବୁଲାନ୍ସ ସେବା (ଓଇଏମ୍ଏଏସ୍) ପ୍ରଚଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ (ଅକ୍ଟୋବର 2009) । ଭାରତ ସରକାରଙ୍କ ଅନୁଦେଶ (ଜାନୁୟାରୀ 2013) ଅନୁଯାୟୀ ଏହି ସେବାର ନାମ ପରିବର୍ତ୍ତନ କରାଯାଇ "ଜାତୀୟ ଆମ୍ବୁଲାନ୍ସ ସେବା" (ଏନ୍ଏଏସ୍) ରଖାଯାଇଥିଲା (ନଭେମ୍ବର 2014) । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ଏନ୍ଏଚଏମ୍ ମିଶନ ନିର୍ଦ୍ଦେଶାଳୟ ଦ୍ୱାରା ଏନ୍ଏଏସ୍ କାର୍ଯ୍ୟକାରୀ ହେଉଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଏନ୍ଏଚ୍ଏମ୍ ମିଶନ ନିର୍ଦ୍ଦେଶାଳୟ, ରୋଗୀ ପରିବହନ ସେଲ୍, କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଏବଂ ବଲାଙ୍ଗିର, ଭଦ୍ରକ, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଓ ନୂଆପଡ଼ା ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକର ଅକ୍ଟୋବର 2009 ରୁ ମାର୍ଚ୍ଚ 2014 ଅବଧିର ନଥିପତ୍ରକୁ ପରୀକ୍ଷାମୂଳକ ଭାବେ ଯାଞ୍ଚ କରାଯାଇ ଏନ୍ଏଏସ୍ କାର୍ଯ୍ୟକାରୀତା ଉପରେ ମେ-ଜୁଲାଇ 2014 ମଧ୍ୟରେ ସମୀକ୍ଷା କରାଯାଇଥିଲା । ଏତଦ୍ ବ୍ୟତୀତ, ସମୀକ୍ଷା ଉପସ୍ଥିତିରେ ଆମ୍ବୁଲାନ୍ସ ସହିତ ସଂରଞ୍ଜାମ ଗୁଡ଼ିକରେ ବିଭାଗୀୟ ପ୍ରତିନିଧିଙ୍କ ଦ୍ୱାରା ମିଳିତ ସରଜମିନ୍ ତଦନ୍ତ କରାଯାଇଥିଲା ।

ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଆଲୋଚନା କରାଗଲା ।

### 3.7.2 ସରକାରୀ-ଘରୋଇ ସହଭାଗୀତା ପଦ୍ଧତିରେ କାର୍ଯ୍ୟକାରୀତା

ଏନ୍ଏଚ୍ଏମ୍ ଅଧିନରେ ସରକାରୀ-ଘରୋଇ ସହଭାଗୀତାରେ (ପିପିପି) ଜରୁରୀ ପରିବହନ ସେବା ପ୍ରଦାନରେ ଅନ୍ୟ ରାଜ୍ୟମାନଙ୍କ (ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଓ ରାଜସ୍ଥାନ)ରେ ନିଆଯାଇଥିବା ପଦକ୍ଷେପ ଅନୁକରଣରେ ରାଜ୍ୟ ସରକାର ମଧ୍ୟ ପିପିପି ପ୍ରଣାଳୀରେ ଓଇଏମ୍ଏଏସ୍ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ (ଅକ୍ଟୋବର 2009) । ଏହି ବ୍ୟବସ୍ଥା ଅନୁସାରେ ଘରୋଇ ସହଭାଗୀ ରାଜ୍ୟ ସରକାରଙ୍କ ପକ୍ଷରୁ ଆମ୍ବୁଲାନ୍ସ କିଣିବେ ଏବଂ ଚଳାଇବେ ଏବଂ ଆମ୍ବୁଲାନ୍ସ କଲ୍ ସେଣ୍ଟର, ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି) ଓ ଅନ୍ୟାନ୍ୟ ବସ୍ତୁଗତ ଭିତ୍ତିଭୂମି ପାଇଁ ପ୍ରାଥମିକ ସ୍ତରରେ 20 ପ୍ରତିଶତ ମୂଳଧନ ଉପଯୋଗ କରିବେ ଯାହାକି ପରବର୍ତ୍ତି ଚାରି ବର୍ଷ ମଧ୍ୟରେ ଚାରିଟି ସମାନ କିସ୍ତିରେ ସଫ୍ଟୱେୟାରର ମୂଲ୍ୟ ସହ ରାଜ୍ୟ ସରକାରଙ୍କ ଦ୍ୱାରା ଭରଣା କରାଯିବ ।

ପ୍ରଥମ ପର୍ଯ୍ୟାୟରେ, 56ଟି ଉନ୍ନତ ଜୀବନ ସହାୟକ (ଏଏଲ୍ଏସ୍) ଓ 224ଟି ମୌଳିକ ଜୀବନ ସହାୟକ (ବିଏଲ୍ଏସ୍) ଆମ୍ବୁଲାନ୍ସ ସହିତ ପିପିପି ପ୍ରଣାଳୀରେ 15ଟି ଜିଲ୍ଲାରେ (ଜାନୁୟାରୀ ରୁ ସେପ୍ଟେମ୍ବର 2013) ମୋଟ 280ଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇ ଏନ୍ଏଏସ୍ କାର୍ଯ୍ୟକାରୀ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ 15ଟି ଜିଲ୍ଲାରେ 140ଟି ବିଏଲ୍ଏସ୍ ଆମ୍ବୁଲାନ୍ସ ନିୟୋଜିତ କରାଯାଇ ଏହି ସେବା ପ୍ରଦାନ କରାଯାଇଥିଲା (ନଭେମ୍ବର 2013 ରୁ ଫେବୃଆରୀ 2014) ।

ସମୀକ୍ଷାରେ ଦେଖାଗଲା ଯେ, ପିପିପି ପ୍ରଣାଳୀରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର ମିତବ୍ୟୟିତା ଓ ଦକ୍ଷତା ନିର୍ଦ୍ଧାରଣ ଉପରେ ସରକାରଙ୍କର ଉପଯୁକ୍ତ ତତ୍ପରତା ଥିବା ସମ୍ବନ୍ଧରେ କୌଣସି ପ୍ରାମାଣିକ ତଥ୍ୟ ନଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମତବ୍ୟକ୍ତ କରିଥିଲେ (ମାର୍ଚ୍ଚ 2015) ଯେ, ଓଇଏମ୍ଏଏସ୍ ଏକ ଉଚ୍ଚମାନ ବିଶିଷ୍ଟ ଯୋଜନା ଏବଂ କଲସେଣ୍ଟର ପରିଚାଳନା, ଫ୍ଲିଟ୍ ପରିଚାଳନା, ଜିପିଏସ୍ ଭିତ୍ତିକ ଅନୁସରଣ ପ୍ରଭୃତି ପାଇଁ

ବିଶେଷ ଦକ୍ଷତା ଏବଂ ଅଭିଜ୍ଞତା ଆବଶ୍ୟକ କରେ, ଯାହାକି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କୌଣସି ନିର୍ଦ୍ଦେଶାଳୟ ପକ୍ଷେ ଏପରି କାର୍ଯ୍ୟ ସଂପାଦନ ଅସମ୍ଭବ ଥିଲା । କିନ୍ତୁ ପ୍ରକୃତ କଥା ହେଲା ଯେ ଓଇଏମ୍ଏଏସ୍‌କୁ ପିପିପି ଭିତ୍ତିରେ କାର୍ଯ୍ୟକାରୀ କରିବା ପୂର୍ବରୁ ସରକାର ଆମ୍ବୁଲାନ୍ସ ଓ କାର୍ଯ୍ୟକାରୀ କର୍ମଚାରୀ ଭଳି ଲଭ୍ୟ ସମ୍ବଳ ବିଷୟରେ ବିଶ୍ଳେଷଣ କରିନଥିଲେ ।

### 3.7.3 ଘରୋଇ ସହଭାଗୀ ଚୟନ

ପ୍ରଥମ ପର୍ଯ୍ୟାୟରେ 280 ଆମ୍ବୁଲାନ୍ସ ଚଳାଇବାକୁ ଘରୋଇ ସହଭାଗୀ ଚୟନ ପାଇଁ ଏନ୍ଏଚ୍ଏମ୍ ମିଶନ ନିର୍ଦ୍ଦେଶାଳୟ ଆଗ୍ରହ ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରିବା ପରେ ଏକ ତାଲିକା ପ୍ରସ୍ତୁତ କରିଥିଲେ ଏବଂ ତାଲିକାଭୁକ୍ତ ପକ୍ଷଙ୍କୁ ଅନୁରୋଧ ପ୍ରସ୍ତାବ (ଆର୍ଏଫ୍‌ପି) ପ୍ରଦାନ କରିଥିଲେ ଓ ବାଣିଜ୍ୟିକ ବିଡ୍ର ମୂଲ୍ୟାୟନ କରିଥିଲେ । ବୈଷୟିକ ଭାବେ ଯୋଗ୍ୟ ଓ ବାଣିଜ୍ୟିକ ବିଡ୍‌ରେ ଭାଗ ନେଇଥିବା ଚାରିଟି ଫାର୍ମ ମଧ୍ୟରୁ ନ୍ୟୁନତମ ବିଡର ହିସାବରେ ଜିକିଜା ହେଲ୍‌ଥକେୟାର ପ୍ରାଇଭେଟ୍ ଲିମିଟେଡ୍ (ଜେଡ୍ଏଚ୍ଏଲ୍), ମୁମ୍ବାଇଙ୍କୁ ଚୟନ କରାଯାଇଥିଲା । ପାଞ୍ଚବର୍ଷ ଅବଧି ପାଇଁ ଅଗଷ୍ଟ 2012 ରେ ଚୁକ୍ତିନାମା ହୋଇଥିଲା ।

ଚୁକ୍ତିର ସର୍ତ୍ତ ଅନୁସାରେ, ଏଏଲ୍ଏସ୍ ଓ ବିଏଲ୍ଏସ୍ ଚଳାଇବା ପାଇଁ ଜେଡ୍ଏଚ୍ଏଲକୁ ଆମ୍ବୁଲାନ୍ସ ପିଛା ମାସକୁ ଯଥାକ୍ରମେ 1,39,000 ଟଙ୍କା ଓ 1,26,499 ଟଙ୍କା ପଇଠ କରିବାର ଥିଲା । ଅଧିକନ୍ତୁ ଯାନଗୁଡ଼ିକର ଗତିବିଧି ଓ ସ୍ଥିତି ନିରୀକ୍ଷଣ ପାଇଁ ଏକ ଉତ୍ସର୍ଗୀକୃତ ଅହୋରାତ୍ର କଲ ସେଣ୍ଟର 'ଡାଏଲ୍ 108' ନମ୍ବର ସହିତ ଜେଡ୍ଏଚ୍ଏଲ୍ ଏକ କଣ୍ଟ୍ରୋଲ ରୁମ୍ ପରିଚାଳନା କରିବାର ଥିଲା ।

ପୁନଶ୍ଚ, ଦ୍ୱିତୀୟ ପର୍ଯ୍ୟାୟରେ 140ଟି ବିଏଲ୍ଏସ୍ ଆମ୍ବୁଲାନ୍ସ ଚଳାଇବା ଓ ରକ୍ଷଣାବେକ୍ଷଣ ନିମିତ୍ତ ନିମ୍ନତମ ବିଡର ହିସାବରେ ଜେଡ୍ଏଚ୍ଏଲକୁ ଚୟନ କରାଯାଇଥିଲା (ମଇ 2013) ଏବଂ ପ୍ରତି ଆମ୍ବୁଲାନ୍ସ ପାଇଁ ମାସିକ 1,11,360 ଟଙ୍କା ପ୍ରଦାନ କରିବାକୁ ଧାର୍ଯ୍ୟ ହୋଇଥିଲା । ପାଞ୍ଚ ବର୍ଷ ଅବଧି ଥିବା ରାଜିନାମା (ଏମ୍ଓୟୁ) ଜୁଲାଇ 2013 ରେ ସ୍ୱାକ୍ଷର କରାଯାଇଥିଲା ।

ଘରୋଇ ଭାଗିଦାରଙ୍କ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ଓ ଚୟନ ପ୍ରକ୍ରିୟାରେ ଦୃଷ୍ଟିଗୋଚର ହୋଇଥିବା ଦୋଷ ତ୍ରୁଟି ବିଷୟରେ ନିମ୍ନରେ ଆଲୋଚନା କରାଗଲା:

#### *3.7.3.1 ଯୋଗ୍ୟତା ମାନଦଣ୍ଡରେ ପରିବର୍ତ୍ତନ*

ସମ୍ବାଦ ପତ୍ରରେ ବିଜ୍ଞାପନ ଜରିଆରେ ଏନ୍ଏଚ୍ଏମ୍ ନିର୍ଦ୍ଦେଶାଳୟ ସମ୍ଭାବ୍ୟ ବିଡର୍ ମାନଙ୍କ ଠାରୁ ଇଓଆଇ ଆହ୍ୱାନ କରିଥିଲେ (ମଇ 2010) ଯେଉଁଥିରେ ଅନ୍ୟାନ୍ୟ ବିଷୟ ସହିତ ନିର୍ଦ୍ଧାରିତ ହୋଇଥିଲା ଯେ (i) ବିଡରଙ୍କର ଏହିପରି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଓ ରକ୍ଷଣାବେକ୍ଷଣ ଉପରେ ଅତିକମ୍‌ରେ ତିନି ବର୍ଷର ଅଭିଜ୍ଞତା ସର୍ବସାଧାରଣଙ୍କ ଗୋଚରରେ ଥିବ (ii) କୌଣସି ମାଲି ମକଦ୍ଦମାରେ ଲିପ୍ତ ନଥିବେ, (iii) କଳା ତାଲିକାଭୁକ୍ତ ହୋଇନଥିବେ ଏବଂ (iv) ପୂର୍ବ ତିନି ଆର୍ଥିକ ବର୍ଷ ମାନଙ୍କରେ (2007-10) ଏହିଭଳି କାର୍ଯ୍ୟରେ ବାର୍ଷିକ କାରବାର ଅତି କମ୍‌ରେ ହାରାହାରି 20 କୋଟି ଟଙ୍କା ହୋଇଥିବ । ଭାଗିଦାରୀ ସଂସ୍ଥା କ୍ଷେତ୍ରରେ ପ୍ରମୁଖ ସହଭାଗୀଙ୍କର କାରବାର ବିଚାରକୁ ନିଆଯିବ । ପରବର୍ତ୍ତୀ କାଳରେ ବିଡରମାନଙ୍କ ମଧ୍ୟରୁ ଜେଡ୍ଏଚ୍ଏଲ୍ ବାର୍ଷିକ କାରବାରକୁ 3 କୋଟି ଟଙ୍କାକୁ ଓ ଅଭିଜ୍ଞତାକୁ ଏକ ବର୍ଷକୁ କମାଇବା ପାଇଁ ଅନୁରୋଧ କରିଥିଲା (ଜୁନ 2010) । ଏଥିପାଇଁ କାରଣ ଦର୍ଶାଇଥିଲା ଯେ ଭାରତରେ ମାତ୍ର ତିନିଟି[149] ସଂସ୍ଥା ଚାରିଟି ସର୍ତ୍ତ ମଧ୍ୟରୁ ତିନିଟି ସର୍ତ୍ତ ପୂରଣ କରିପାରିବେ ଏବଂ ତନ୍ମଧ୍ୟରୁ ଦୁଇଟି ସଂସ୍ଥା (ଏନ୍ଏନ୍ଇଏସ୍ ଓ ଜେଡ୍ଏଚ୍ଏଲ) ବାର୍ଷିକ କାରବାର ସର୍ତ୍ତ ପୂରଣ କରିପାରିବେ ନାହିଁ । ଅଂଶଗ୍ରାହୀ ସଂଖ୍ୟା ବଢାଇବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ନିମ୍ନତମ ଅଭିଜ୍ଞତାକୁ ଏକ ବର୍ଷ ଓ ହାରାହାରି କାରବାରକୁ 10 କୋଟି ଟଙ୍କାକୁ ସଂଶୋଧନ କରିଥିଲେ (ଜୁନ୍ 2010) ।

[149] ଏମର୍ଜେନ୍ସୀ ମ୍ୟାନେଜ୍‌ମେଣ୍ଟ୍ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଇଏମ୍ଆର୍ଆଇ), ନେସ୍‌ନାଲ୍ ନେଟ୍‌ୱାର୍କ ଅଫ୍ ଏମର୍ଜେନ୍ସୀ ସର୍ଭିସେସ୍ (ଏନ୍ଏନ୍ଇଏସ୍) ଓ ଜେଡ୍ଏଚ୍ଏଲ୍

ଯେଉଁ ବିଡରମାନେ ପୂର୍ବରୁ ବିଡ୍ ଦାଖଲ କରିଥିବେ ସେମାନେ ପୁନଃ ବିଡ୍ ଦାଖଲ କରିବାକୁ ସଂଶୋଧିତ ସର୍ତ୍ତରେ ଉଲ୍ଲେଖ ଥିଲା ।

ସମୀକ୍ଷା ପରିଲକ୍ଷିତ କଲା ଯେ:

- ଯୋଗ୍ୟତା ସର୍ତ୍ତ ସଂଶୋଧନ ହେବା ପୂର୍ବରୁ ସାତଟି ବିଡ୍ ଗ୍ରହଣ ହୋଇଥିଲା ତନ୍ମଧ୍ୟରୁ ପାଞ୍ଚଟି[150] ବିଡର ଯୋଗ୍ୟ ଥିଲେ ଯେଉଁମାନଙ୍କର କି ଆବଶ୍ୟକୀୟ ଅଭିଜ୍ଞତା ତଥା ହାରାହାରି କାରବାର 40 କୋଟି ଟଙ୍କାରୁ ଅଧିକ ଥିଲା ।

- ସଂଶୋଧିତ ବିଡ୍ ସପକ୍ଷରେ ଉକ୍ତ ପାଞ୍ଚଟି ଯୋଗ୍ୟ ବିଡରଙ୍କ ମଧ୍ୟରୁ କେହି ପୁନଃ ଆବେଦନ କରିନଥିଲେ, ଅନ୍ୟ ଚାରି ବିଡର ଏବଂ ଜେଡ୍ଏଚ୍ଏଲ୍ ଅଂଶ ଗ୍ରହଣ କରିଥିଲାବେଳେ ସେମାନଙ୍କ ମଧ୍ୟରୁ ଜେଡ୍ଏଚ୍ଏଲ୍ ସମେତ ଚାରିଟି ବିଡର ଅଯୋଗ୍ୟ ଥିଲେ ।

- ଏତଦ୍‌ବ୍ୟତୀତ, ପ୍ରଥମ ଦଫାରେ 280ଟି ଆମ୍ବୁଲାନ୍ସ ଚଳାଇବାକୁ ନିଷ୍ପତ୍ତି ନେଇଥିବା ବେଳେ 40ଟି ଆମ୍ବୁଲାନ୍ସ ଚଳାଇବାର ଅଭିଜ୍ଞତା ଭଳି ନୂତନ ସର୍ତ୍ତ ରଖିବା ସପକ୍ଷରେ ସରକାରଙ୍କର ନିଷ୍ପତ୍ତି ବାବଦରେ କୌଣସି କାରଣ ନଥିଭୁକ୍ତ ହୋଇନଥିଲା ।

ତେଣୁ, ମିଳିଥିବା ବିଡ୍‌ଗୁଡ଼ିକର ଯୋଗ୍ୟତା ମୂଲ୍ୟାୟନ ନକରି, କେବଳ ଗୋଟିଏ ସଂସ୍ଥାର ଆବେଦନ ଭିତ୍ତିରେ ଯୋଗ୍ୟତା ସର୍ତ୍ତରେ ପରିବର୍ତ୍ତନ କରିବା ଦ୍ୱାରା ଅଧିକ ବିଡ୍ ପାଇବାର ଅଭିପ୍ରାୟ ପ୍ରତିହତ ହୋଇଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କହିଥିଲେ (ମାର୍ଚ୍ଚ 2015) ଯେ, ଇଓଆଇ ପ୍ରଦାନ ସମୟରେ ଦେଶରେ ପ୍ରଚଳିତ ଜରୁରୀ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ସ୍ୱଳ୍ପ ଜ୍ଞାନ ଓ ସ୍ୱଳ୍ପ ପ୍ରମାଣ ଥିବା ଦୃଷ୍ଟିରୁ ଯଥାର୍ଥ ଭାଗିଦାର ପାଇବା ଆଶାରେ ଯୋଗ୍ୟତା ସର୍ତ୍ତ ସଂଶୋଧନ କରାଯାଇଥିଲା । ଏହି ଯୁକ୍ତି ସନ୍ତୋଷଜନକ ନୁହେଁ କାରଣ, ପ୍ରକୃତ ସତ୍ୟକୁ ନ ପରଖି ଏକମାତ୍ର ବିଡରଙ୍କର ଆବେଦନ ଉପରେ ଭରସା କରି ଯୋଗ୍ୟତା ସର୍ତ୍ତ ସଂଶୋଧନ କରିବା ଦ୍ୱାରା ଚୟନ ପ୍ରକ୍ରିୟା ମନମୁଖୀ ଓ ସ୍ୱଚ୍ଛତା ହୀନ ହୋଇଥିଲା ।

### *3.7.3.2 ଚୂଡ଼ାନ୍ତ ମନୋନୟନ ତାଲିକାରେ ଅଯୋଗ୍ୟ ଘରୋଇ ସଂସ୍ଥାଙ୍କ ସାମିଲ*

ସଂଶୋଧିତ ଇଓଆଇ ସପକ୍ଷରେ ଜେଡ୍ଏଚଏଲ୍ ସହିତ ପାଞ୍ଚଟି ସଂସ୍ଥା ଅଂଶ ଗ୍ରହଣ କରିଥିଲେ, ଯେଉଁମାନଙ୍କ ମଧ୍ୟରୁ ମାତ୍ର ଗୋଟିଏ ସଂସ୍ଥା (ଏଲ୍‌ଜିଏସ୍ ଗ୍ଲୋବାଲ ଲିମିଟେଡ୍) ଚୂଡ଼ାନ୍ତ ମନୋନୟନ ତାଲିକା ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ସର୍ତ୍ତାବଳୀକୁ ପୂରଣ କରିଥିଲା । ବିଡ୍ ମୂଲ୍ୟାୟନ କମିଟି ସଂଶୋଧନ ପୂର୍ବର ଇଓଆଇ ସପକ୍ଷରେ ନିବେଦନ କରିଥିବା ସାତଟି ସଂସ୍ଥାର ବିଡ୍‌ଗୁଡ଼ିକୁ ଖୋଲିଥିଲେ (ଅଗଷ୍ଟ 2010) ଏବଂ ଉଭୟ ସଂଶୋଧିତ ଏବଂ ପୂର୍ବ ସଂଶୋଧିତ ଇଓଆଇ ପାଇଁ ନିବେଦନ କରିଥିବା 11ଟି ସଂସ୍ଥା ମଧ୍ୟରୁ ସାତଟି ସଂସ୍ଥା[151]କୁ ଚୂଡ଼ାନ୍ତ ତାଲିକାରେ ସ୍ଥାନିତ କରିଥିଲେ ।

ଜେଡ୍ଏଚ୍ଏଲ୍ ପ୍ରଦାନ କରିଥିବା ଆୟ ଏବଂ ବ୍ୟୟ ହିସାବର ନକଲ ଆଧାରରେ ସମୀକ୍ଷା ଦେଖିଥିଲା ଯେ, ଏହାର ତିନି ବର୍ଷର ( 2006-09) ହାରାହାରି କାରବାର 8.81 କୋଟି ଟଙ୍କା ଥିଲା । କମ୍ପାନୀ ନିବନ୍ଧକ ମୁମ୍ବାଇଙ୍କ ଠାରୁ ସମୀକ୍ଷାକୁ ମିଳିଥିବା ଜେଡ୍ଏଚ୍ଏଲ୍‌ର ବାର୍ଷିକ ହିସାବର ପ୍ରମାଣୀକୃତ ନକଲ ଅନୁସାରେ 2006-09 ଓ 2007-10 ମଧ୍ୟରେ ଏହାର ହାରାହାରି କାରବାର ଯଥାକ୍ରମେ 2.27 କୋଟି ଟଙ୍କା ଓ 3.87 କୋଟି ଟଙ୍କା ଥିଲା । ଜେଡ୍ଏଚ୍ଏଲ୍‌ର ପ୍ରସ୍ତାବରେ ଭାଗିଦାରୀ ବାବଦରେ ଉଲ୍ଲେଖ ଥିଲେ ମଧ୍ୟ ଏହା ସପକ୍ଷରେ କୌଣସି ଭାଗିଦାର

150 ଫ୍ଲାକ୍(ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଜିଭିକେ ଇଏମ୍ଆର୍ଆଇ, ଏଲ୍‌ଜିଏସ୍ ଗ୍ଲୋବାଲ ଲିମିଟେଡ୍-ସାଇ ଆମ୍ବୁଲାନ୍ସ ସର୍ଭିସେସ୍, ଆପୋଲୋ ହସ୍ପିଟାଲ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ଏବଂ ଜୈନ ଭିଡିଓ ଅନ ହୁଇଲସ୍ ଲିମିଟେଡ୍

151 ଫ୍ଲାକ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଜିଭିକେ ଇଏମଆରଆଇ, ଜୈନ ଭିଡିଓ ଅନ ହୁଇଲସ୍ ଲିମିଟେଡ୍, ଜିକିଜା ହେଲ୍ଥକେୟାର ପ୍ରାଇଭେଟ୍ ଲିମିଟେଡ୍, ଆପୋଲୋ ହସ୍ପିଟାଲ ଏଣ୍ଟରପ୍ରାଇଜ ଲିମିଟେଡ୍, ଏକାଡେମି ଅଫ୍ ହେଲ୍ଥ ସେଫ୍ଟି ପ୍ରାଇଭେଟ୍ ଲିମିଟେଡ୍, ଏଲ୍‌ଜିଏସ୍ ଗ୍ଲୋବାଲ ଲିମିଟେଡ୍-ସାଇ ଆମ୍ବୁଲାନ୍ସ ସର୍ଭିସେସ୍

ଚୁକ୍ତିନାମା, ପ୍ରମୁଖ ଭାଗିଦାରୀର ପ୍ରାଧୀକରଣ ପ୍ରମାଣପତ୍ର ଏବଂ ଚୟନ କ୍ଷେତ୍ରରେ ଅନ୍ୟ ସହଭାଗୀଙ୍କର ନ୍ୟୁନତମ ଅବଧି ପାଇଁ ଭାଗିଦାରୀ ନ ଛାଡ଼ିଯିବାର ନିର୍ଭର ପ୍ରମାଣ ପତ୍ର ନଥିଲା ।

ଜେଡ୍‌ଏଚ୍‌ଏଲ୍ ଉଲ୍ଲେଖ କରିଥିଲା ଯେ, ଏହାର ଅଂଶୀଦାର ସଂସ୍ଥାର ହାରାହାରି ବାର୍ଷିକ କାରବାର 106 କୋଟି ଟଙ୍କା ଥିଲା । କିନ୍ତୁ, ଯେହେତୁ ଏହା ପ୍ରମୁଖ ସହଭାଗୀ ଥିଲା ଏବଂ ଏହାର ବାର୍ଷିକ କାରବାର ନିର୍ଦ୍ଧାରିତ ରାଶି 10 କୋଟି ଟଙ୍କାରୁ କମ୍ ଥିଲା, ତେଣୁ ଇଓଆଇ ସର୍ତ୍ତ ଅନୁସାରେ ଏହା ଚୂଡ଼ାନ୍ତ ମନୋନୟନ ତାଲିକାରେ ରହିବା ପାଇଁ ଅଯୋଗ୍ୟ ବିବେଚିତ ହୋଇଥିଲା । ଇଓଆଇର ସର୍ତ୍ତ ପୂରଣ ନକରି ପାରିଲେ ବି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଜେଡ୍‌ଏଚ୍‌ଏଲ୍‌କୁ ଚୂଡ଼ାନ୍ତ ତାଲିକାରେ ଆରଏଫ୍‌ପି ପାଇଁ ସାମିଲ୍ କରିଥିଲେ ଏବଂ ପରିଶେଷରେ ଏହି ସଂସ୍ଥାକୁ ଠିକା ପ୍ରଦାନ କରିଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମାର୍ଚ୍ଚ 2015) ଯେ, ଯୌଥ ଉଦ୍ୟୋଗରେ ପରିଚାଳିତ ସଂସ୍ଥାର ବାର୍ଷିକ କାରବାର ଭିତ୍ତିରେ ଜେଡ୍‌ଏଚ୍‌ଏଲ୍‌କୁ ତାଲିକାଭୁକ୍ତ କରାଯାଇଥିଲା । କିନ୍ତୁ ଜେଡ୍‌ଏଚ୍‌ଏଲ୍ ଏହି ବିଡ୍ ଯୌଥ ଫାର୍ମ ପାଇଁ ନୁହେଁ ବରଂ ନିଜ ଫାର୍ମ ପାଇଁ ଦାଖଲ କରିଥିଲା । ଠିକା ମଧ୍ୟ କେବଳ ଜେଡ୍‌ଏଚ୍‌ଏଲ୍‌କୁ ପ୍ରଦାନ କରାଯାଇ ଥିଲା, କୌଣସି ଯୌଥ ସଂସ୍ଥାକୁ ନୁହେଁ ।

### 3.7.4 ଆମ୍ବୁଲାନ୍ସ ଆବଶ୍ୟକତାର ଆକଳନ

ଚୁକ୍ତିର ସର୍ତ୍ତ ଅନୁସାରେ ଓଇଏମ୍‌ଏସ୍‌ରେ ବ୍ୟବହାର ହେବା ପାଇଁ ଆମ୍ବୁଲାନ୍ସ ତଥା ସରଞ୍ଜାମକୁ କ୍ରୟ କରି ଜେଡ୍‌ଏଚ୍‌ଏଲ୍ ସେହି ଅନୁସାରେ ଡିସେମ୍ବର 2012 ରୁ ଅକ୍ଟୋବର 2013 ମଧ୍ୟରେ 80.33 କୋଟି ଟଙ୍କା ମୂଲ୍ୟର 364ଟି ବିଏଲ୍‌ଏସ୍ ଏବଂ 56ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ ଏବଂ ସରଞ୍ଜାମ ସଂଗ୍ରହ କରିଥିଲା । ସମୀକ୍ଷା ପରିଲକ୍ଷିତ କଲା ଯେ ବିଭାଗ ନୂତନ ଆମ୍ବୁଲାନ୍ସ କ୍ରୟ କରିବା ପୂର୍ବରୁ ଉପଲବ୍ଧ ଥିବା ଆମ୍ବୁଲାନ୍ସ ସମ୍ବନ୍ଧରେ ଧ୍ୟାନ ଦେଇନଥିଲେ ଯାହା ନିମ୍ନରେ ବର୍ଣ୍ଣନା କରାଗଲା ।

### *3.7.4.1 ନୂତନ ଆମ୍ବୁଲାନ୍ସ ସଂଗ୍ରହ କରିବା ପୂର୍ବରୁ ଉପଲବ୍ଧ ଥିବା ଗାଡ଼ିଗୁଡ଼ିକୁ ବିଚାରକୁ ନ ନେବା*

ଓଇଏମ୍‌ଏସ୍‌ର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି (ଅକ୍ଟୋବର 2009) ପୂର୍ବରୁ ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାମାନଙ୍କ ପାଖରେ 421ଟି ଆମ୍ବୁଲାନ୍ସ ଉପଲବ୍ଧ ଥିଲା । ତାହାଛଡ଼ା ଏନ୍‌ଏଚ୍‌ଏମ୍‌ର ଜନନୀ ଏକ୍ସପ୍ରେସ୍ ପରିକଳ୍ପନା ଅଧିନରେ ଗର୍ଭବତୀ ମାଆ ମାନଙ୍କର ପ୍ରସୂତିକୁ ସାଙ୍ଗଠନିକ ପ୍ରୋତ୍ସାହିତ କରିବା ପାଇଁ, ମାସିକ ଭଡ଼ା ଭିତ୍ତିରେ ଆମ୍ବୁଲାନ୍ସର ମାଗଣା ପରିବହନର ବ୍ୟବସ୍ଥା ମଧ୍ୟ ରହିଥିଲା ।

ସମୀକ୍ଷା ପରିଲକ୍ଷିତ କଲା ଯେ:

- ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାମାନଙ୍କରେ ଉପଲବ୍ଧ ଥିବା 421ଟି ଆମ୍ବୁଲାନ୍ସ ସହିତ କାର୍ଯ୍ୟ ସଂପାଦନ କର୍ମଚାରୀମାନଙ୍କୁ ବିଚାକୁ ନେଇ ଆମ୍ବୁଲାନ୍ସର ପ୍ରକୃତ ଆବଶ୍ୟକତା ହିସାବ କରାଯାଇ ନଥିଲା । ପୁନଶ୍ଚ, ପ୍ରକୃତ ଆବଶ୍ୟକତା ଜାଣିବା ପାଇଁ ପ୍ରଚଣ୍ଡ ମାନସିକ ଆଘାତ ପ୍ରାପ୍ତ ରୋଗୀଯନ୍ତ୍ର କେନ୍ଦ୍ରମାନଙ୍କରେ ଥିବା ଆମ୍ବୁଲାନ୍ସ ଗୁଡ଼ିକୁ ମଧ୍ୟ ବିଚାରକୁ ନିଆଯାଇ ନଥିଲା ।

- ଯଦିଓ ଓଡ଼ିଶା ବୈଷୟିକ ଏବଂ ପରିଚାଳନା ସହାୟକ ଟିମ୍ ଦ୍ୱାରା ପ୍ରସ୍ତୁତ (୪ ଫେବୃଆରୀ 2010) ଇଓଆଇରେ ଉପଲବ୍ଧ ଥିବା ଆମ୍ବୁଲାନ୍ସଗୁଡ଼ିକୁ ପରିକଳ୍ପନାରେ ଅନ୍ତର୍ଭୁକ୍ତ କରିବାର ସମ୍ଭାବନାକୁ କଳ୍ପନା କରାଯାଇଥିଲା, ତଥାପି ଆରଏଫ୍‌ପିରେ ଅନ୍ତର୍ଭୁକ୍ତ ହୋଇନଥିଲା ଏବଂ ପରିଶେଷରେ ଘରୋଇ ଅଂଶୀଦାରଙ୍କ ସହ ଚୁକ୍ତିରୁ ତାହା ବାଦ୍ ପଡ଼ିଥିଲା । ଏହି ବିଦ୍ୟମାନ ବିଭାଗୀୟ ଆମ୍ବୁଲାନ୍ସ ଗୁଡ଼ିକୁ ଏନଏଏସ୍‌ରେ ଅନ୍ତର୍ଭୁକ୍ତ କରିବାର ସମ୍ଭାବନାକୁ ଅନୁଧ୍ୟାନ କରିବାର ସର୍ତ୍ତକୁ ଆର୍‌ଏଫ୍‌ପି ଏବଂ ରାଜିନାମାରେ ଅନ୍ତର୍ଭୁକ୍ତ ନକରିବାର କାରଣକୁ ଲିପିବଦ୍ଧ କରାଯାଇ ନଥିଲା ।

- ତାହାଛଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ପ୍ରସ୍ତାବ ଦେଇଥିଲେ (ଅକ୍ଟୋବର 2010 ଏବଂ ଅଗଷ୍ଟ 2011) ଯେ ଦୋହୋରୀ ସମ୍ଭାବନାକୁ ଏଡ଼ାଇବା ପାଇଁ କ୍ରୟ ହୋଇସାରିଥିବା ଓଡ଼ିଶା ସ୍ୱାସ୍ଥ୍ୟ ପଦ୍ଧତି ପ୍ରକଳ୍ପ ଅଧିନରେ 169ଟି ଆମ୍ବୁଲାନ୍ସ ତଥା ଜନନୀ ଏକ୍ସପ୍ରେସ୍ କାର୍ଯ୍ୟକ୍ରମ ଅଧିନରେ 300ଟି ଆମ୍ବୁଲାନ୍ସକୁ ସେବା ପ୍ରଦାନକାରୀ ହାତକୁ ନେବା ଉଚିତ୍ । ଯାହାହେଉ, ଉଭୟ ଥର ଏହି ଆବଶ୍ୟକତାର ଅନ୍ତର୍ଭୁକ୍ତ ବିନା ଓଇଏମ୍ଏଏସ୍ର କାର୍ଯ୍ୟାନ୍ୱୟନ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା ।

- ସାତଟି ଜିଲ୍ଲାର ଆଠଟି ଡାକ୍ତରଖାନାର ନମୁନା ଯାଞ୍ଚରୁ ଦେଖାଗଲା, ଯଦିଓ ସମସ୍ତ ଆମ୍ବୁଲାନ୍ସଗୁଡ଼ିକ ଜରୁରୀକାଳୀନ ପରିସ୍ଥିତି ପାଇଁ ଉଦିଷ୍ଟ ଥିଲା, ରେଫରାଲ୍ ଚିକିତ୍ସା ପାଇଁ ରୋଗୀ ପରିବହନ ବ୍ୟତୀତ ଏନଏଏସ୍ର ପ୍ରବର୍ତ୍ତନ ପରେ ପୁରୁଣା ଆମ୍ବୁଲାନ୍ସଗୁଡ଼ିକ ମାସ ମାସ ଧରି ଅକାମୀ ହୋଇ ପଡିରହିଥିଲା, ଏବଂ କେବେକେବେ ଶିଷ୍ଟାଚାର କାର୍ଯ୍ୟ, ଔଷଧ ପରିବହନ, ସ୍ୱାସ୍ଥ୍ୟ କ୍ୟାମ୍ପକୁ ଯିବା, ର୍ୟାଲିରେ ସାମିଲ୍ ହେବା ଏବଂ ମେଳା ମହୋତ୍ସବ ଇତ୍ୟାଦି ମାନଙ୍କରେ ସହାୟକ ହିସାବରେ ନିୟୋଜିତ ହୋଇଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମାର୍ଚ୍ଚ 2015) ଯେ ବିଦ୍ୟମାନ ଆମ୍ବୁଲାନ୍ସଗୁଡ଼ିକରେ ତାପ ନିୟନ୍ତ୍ରଣ ଏବଂ ସଂକ୍ରମଣ ନିବାରଣ ପାଇଁ ଆଭ୍ୟନ୍ତରୀଣ ବ୍ୟବସ୍ଥାର ଅଭାବ ଥିଲା । ତାହାଛଡ଼ା, ଆମ୍ବୁଲାନ୍ସଗୁଡ଼ିକର ତିଆରି ମଡେଲ, ସମୟ ଏବଂ ଅବସ୍ଥା ଅଲଗା ଅଲଗା ଥିଲା ଯାହା ଅଲଗା ଅବସ୍ଥା ଏବଂ ସମୟର ଗାଡ଼ିମାନଙ୍କ ପାଇଁ ଗୋଟିଏ ମାନର ସେବାର ପରିମାପକ ହିସାବରେ ଅସୁବିଧା ହୋଇଥିଲା । ଉତ୍ତର ବିଶ୍ୱାସଜନକ ନଥିଲା କାରଣ ସରକାର ଓଇଏମ୍ଏଏସ୍ ରେ କ୍ରୟ ହେବାକୁ ଥିବା ନୂତନ ଗାଡ଼ିମାନଙ୍କ ସହିତ ମେଳ ଖାଇବା ପାଇଁ ବିଦ୍ୟମାନ ଗାଡ଼ିଗୁଡ଼ିକର ପୁନରୁଦ୍ଧାରରେ ଜଡ଼ିତ ମିତବ୍ୟୟିତାକୁ ନିର୍ଦ୍ଧାରଣ କରିବା ପାଇଁ ଉଦ୍ୟମ କରିନଥିଲେ ।

### 3.7.4.2 କାର୍ଯ୍ୟାନ୍ୱୟନର ଦ୍ୱିତୀୟ ପର୍ଯ୍ୟାୟରେ ଉନ୍ନତ ଜୀବନ ସହାୟକ (ଏଏଲ୍ଏସ୍)ର ବ୍ୟବସ୍ଥାପନ ନ କରିବା

କ୍ଷମତାପନ୍ନ କମିଟି ଏବଂ ପରିଚାଳନା କମିଟି ସ୍ଥିର କରିଥିଲେ ଯେ ଏଏଲ୍ଏସ୍ ଏବଂ ବିଏଲ୍ଏସ୍ ଆମ୍ବୁଲାନ୍ସ ଯଥାକ୍ରମେ 20 ଏବଂ 80 ଅନୁପାତରେ ରହିବ ।

ସମୀକ୍ଷା ପରିଲକ୍ଷିତ କଲା ଯେ ପ୍ରଥମ ପର୍ଯ୍ୟାୟରେ, 280ଟି ଆମ୍ବୁଲାନ୍ସ କ୍ରୟ କଲାବେଳେ ସରକାର ଯଦିଓ ଏହି ଅନୁପାତ ରକ୍ଷା କରିଥିଲେ କିନ୍ତୁ ତାହା ବଳକା 15ଟି ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାନ୍ୱୟନ ସମୟରେ ପାଳନ କରାଯାଇ ନଥିଲା, କାରଣ ସମସ୍ତ 140ଟି କ୍ରୟ ହୋଇଥିବା ଆମ୍ବୁଲାନ୍ସ ବିଏଲଏସ ପ୍ରକାରର ଥିଲା । ଫଳରେ, ନିମ୍ନ ସ୍ୱାସ୍ଥ୍ୟ ସୂଚକ ଥିବା ସାତଟି[152] ପଛୁଆ ଜିଲ୍ଲା ସହିତ 15ଟି ଜିଲ୍ଲାରେ ଏଏଲ୍ଏସ୍ ସୁବିଧା ଥିବା ଆମ୍ବୁଲାନ୍ସ ଯୋଗାଇ ଦିଆଯାଇନଥିଲା । ତେଣୁ, ପ୍ରଚଣ୍ଡ ମାନସିକ ଆଘାତ ପ୍ରାପ୍ତ ରୋଗୀମାନଙ୍କୁ ଯାତ୍ରା ସମୟରେ ଉନ୍ନତ ଜୀବନ ସହାୟକ ଥିବା ପ୍ରକରଣ ଯୋଗାଇବାର ଉଦ୍ଦେଶ୍ୟ ନିଶ୍ଚିତ ହୋଇପାରି ନଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମାର୍ଚ୍ଚ 2015) ଯେ ଅବଶିଷ୍ଟ 15ଟି ଜିଲ୍ଲାରେ ଏଏଲ୍ଏସ୍ ପୁନଃବଣ୍ଟନ ପ୍ରଚଣ୍ଡ ମାନସିକ ଆଘାତ ପ୍ରାପ୍ତ ଘଟଣା ଅନୁସାରେ ନିର୍ଦ୍ଧାରଣ କରାଯାଇଛି ଯାହା ଖୁବ୍ଶୀଘ୍ର ନିର୍ବାହ କରାଯିବ । ତଥାପି ଦ୍ୱିତୀୟ ପର୍ଯ୍ୟାୟର କର୍ମ ସମ୍ପାଦନର ଏକ ବର୍ଷ ପରେ ମଧ ବିଭାଗ ଦ୍ୱାରା ପୁନଃବଣ୍ଟନ କାର୍ଯ୍ୟ ହୋଇପାରି ନଥିଲା ।

### 3.7.5 ଆମ୍ବୁଲାନ୍ସଗୁଡିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ

ଗୁଣାତ୍ମକ ଓ ସୁସଂଗତ ସେବା ପ୍ରଦାନ କରିବା ପାଇଁ ମାନକ ଚାଳନା ପ୍ରକ୍ରିୟା (ଏସ୍ଓପି) ପ୍ରୟୋଗ ହୋଇଥିଲା (ଡିସେମ୍ବର 2011) ଏବଂ ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜେଡ୍ଏଚ୍ଏଲଲ ପାରସ୍ପରିକ

[152] ମାନବ ସମ୍ବଳ ରିପୋର୍ଟ 2004 ରେ ଥିବା ସ୍ୱାସ୍ଥ୍ୟ ସୂଚକାଙ୍କ- କନ୍ଧମାଳ: 30; ମାଲକାନାଗିରି: 29; ଗଜପତି: 28; ଜଗତସିଂପୁର: 25; ନବରଙ୍ଗପୁର: 23; ବୌଦ୍ଧ: 20; ବରଗଡ଼: 17

ସହମତି ପ୍ରକାଶ କରିଥିଲେ । ଏସ୍‌ଓପିରେ ଥିବା ବ୍ୟବସ୍ଥା ତୁଳନାରେ ଜେଡ୍‌ଏଚ୍‌ଏଲ୍ କାର୍ଯ୍ୟଦକ୍ଷତା ନିମ୍ନରେ ବର୍ଣ୍ଣନା କରାଗଲା ।

### *3.7.5.1 ନିର୍ଦ୍ଧାରିତ ପ୍ରତିକ୍ରିୟା ସମୟର ଅନୁସରଣ ନକରିବା*

ଏସ୍‌ଓପିର ଧାରା 3 (ix) (ଏ) ଅନୁସାରେ ପୌରାଞ୍ଚଳ, ଅର୍ଦ୍ଧ ପୌରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପାଇଁ ହାରାହାରି ପ୍ରତିକ୍ରିୟା ସମୟ ଯଥାକ୍ରମେ 20, 25 ଏବଂ 35 ମିନିଟ୍ ଧାର୍ଯ୍ୟ କରାଯାଇଥିଲା । ଏହାର ବ୍ୟତିକ୍ରମ ହେଲେ ଏସଓପିର ଅନୁସୂଚୀ 1 ରେ ନିର୍ଦ୍ଧାରିତ ଦର ଅନୁଯାୟୀ ଧାରା 16 (ii) ପରିପ୍ରେକ୍ଷୀରେ ଜରିମାନା ବିଧାନ କରାଯିବ । ମାତ୍ର ଡକରା କଲଗୁଡ଼ିକୁ ଧାନ ନଦେବା ପାଇଁ କୌଣସି ଶାସ୍ତି ବିଧାନ କରାଯାଇ ନଥିଲା ।

2013-14 ବର୍ଷରେ କଲ୍ ସେଣ୍ଟର 50,61,986ଟି ଡକରା ପାଇଥିଲେ ଯେଉଁଥିରୁ 2,75,243ଟି ମାମଲାର (5.43 ପ୍ରତିଶତ) ଆମ୍ବୁଲାନ୍ସ ପ୍ରେରଣ କରାଯାଇଥିଲା । ସମୀକ୍ଷା ଅବଲୋକନ କଲା ଯେ ଡାଟାବେସରେ ଯଦିଓ ଧ୍ୟାନ ଦିଆଯାଇଥିବା ଡକରାଗୁଡ଼ିକର ତଥ୍ୟ ଲିପିବଦ୍ଧ ହୋଇଥିଲା, ମାତ୍ର ଧାନ ନ ଦିଆଯାଇଥିବା ଡକରା ଗୁଡ଼ିକର ତଥ୍ୟ ଲିପିବଦ୍ଧ ହୋଇନଥିଲା । 2013-14 ବର୍ଷରେ ଧାନ ଦିଆଯାଇଥିବା 2,75,243[153]ଟି ଡକରା ମଧ୍ୟରୁ 1,13,632ଟି ଡକରା ପ୍ରତି (41 ପ୍ରତିଶତ) ଧାନ ଦେବାରେ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବ ହୋଇଥିଲା ଯାହା ନିମ୍ନରେ ଉଲ୍ଲେଖ କରାଗଲା :

- ପୌରାଞ୍ଚଳମାନଙ୍କରେ 23,668ଟି (44 ପ୍ରତିଶତ) ଡକରା ପ୍ରତି ଧାନ ଦେବାରେ 20 ମିନିଟ୍‌ରୁ ଊର୍ଦ୍ଧ୍ୱ ବିଳମ୍ବ ହୋଇଥିଲା;
- ଅର୍ଦ୍ଧ ପୌରାଞ୍ଚଳ ମାନଙ୍କରେ 15,944ଟି (44 ପ୍ରତିଶତ) ଡକରା ପ୍ରତି ଧାନ ଦେବାରେ 25 ମିନିଟ୍‌ରୁ ଊର୍ଦ୍ଧ୍ୱ ବିଳମ୍ବ ହୋଇଥିଲା; ଏବଂ
- ଗ୍ରାମାଞ୍ଚଳରେ 74,020ଟି (40 ପ୍ରତିଶତ) ଡକରା ପ୍ରତି ଧାନ ଦେବାରେ 35 ମିନିଟ୍ ଲେଖାଏଁ ବିଳମ୍ବ ହୋଇଥିଲା ।
- ଆମ୍ବୁଲାନ୍‌ସ ପ୍ରେରଣ ହୋଇଥିବା 2,75,243ଟି ଡକରା ମଧ୍ୟରୁ 27,575ଟି ଘଟଣାରେ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବାରୁ ରୋଗୀମାନେ ସେବା ଲାଭ କରିପାରି ନଥିଲେ ।

ତେଣୁ, ଗ୍ରାମ୍ୟ ତଥା ପୌରାଞ୍ଚଳମାନଙ୍କରେ 40 ପ୍ରତିଶତ ରୋଗୀ ନିର୍ଦ୍ଧାରିତ ସମୟ ମଧ୍ୟରେ ମାଗଣା ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ ( ମାର୍ଚ୍ଚ 2015) ଯେ ଯାତାୟତ, ଭ୍ରାମ୍ୟମାଣ ଯୋଗାଯୋଗ, ଗୌଣ ସ୍ୱାସ୍ଥ୍ୟ ସୁବିଧା ଥିବା, ସ୍ଥାନ ଇତ୍ୟାଦିକୁ ବିଚାର କରି ଏକକ ଆମ୍ବୁଲାନ୍ସ ପରିବର୍ତ୍ତେ ସମୁଦାୟ ଆମ୍ବୁଲାନ୍ସଗୁଡ଼ିକର ହାରାହାରି କାର୍ଯ୍ୟକ୍ଷମକୁ ପରିମାପକ ହିସାବରେ ନେବା ପାଇଁ ସରକାର ସ୍ଥିର କରିଥିଲେ। ବିପତ୍ତି ଡାକରାଗୁଡ଼ିକ ପ୍ରତି ଠିକ୍ ସମୟରେ ଧ୍ୟାନ ଦେବାକୁ ପ୍ରତିକ୍ରିୟା ସମୟ ନିର୍ଦ୍ଦିଷ୍ଟ ହେବା ଆବଶ୍ୟକ ଥିଲା ।

### *3.7.5.2 ଡକରା କେନ୍ଦ୍ର ନଥି ଏବଂ ଓପିଡି ରେଜିଷ୍ଟର ମଧ୍ୟରେ ଅମେଳ*

108 ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ଗୁଡ଼ିକର ରୋଗୀମାନଙ୍କୁ ଡାକ୍ତରଖାନାଗୁଡ଼ିକୁ ବହନ କରିବାର ସତ୍ୟତାକୁ ନିରୂପିତ କରିବା ପାଇଁ ସମୀକ୍ଷା ଆମ୍ବୁଲାନ୍ସ ପରିବହନ ନଥିର 619ଟି ଘଟଣାରୁ ଆଠଟି

[153] 53,212: ପୌରାଞ୍ଚଳ, 36,484: ଅର୍ଦ୍ଧ ପୌରାଞ୍ଚଳ ଏବଂ 1,85,547: ଗ୍ରାମାଞ୍ଚଳ

ଡାକ୍ତରଖାନା[154]ର କାଜୁଆଲ୍ଟି ନଥି ସହିତ ପାରସ୍ପରିକ ଯାଞ୍ଚ କରିଥିଲେ, ଯେଉଁଠାରେ ଆମ୍ବୁଲାନ୍ସର ନଥି ଅନୁସାରେ ରୋଗୀମାନେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । 619ଟି ଘଟଣାରୁ 142ଟିରେ ଓପିଡି/ କାଜୁଆଲ୍ଟି ରେଜିଷ୍ଟ୍ରେସନ ନମ୍ବର ଡକରା କେନ୍ଦ୍ରର ନମ୍ବର ସହିତ ମେଳ ଖାଉଥିଲା । କିନ୍ତୁ 35ଟି ଘଟଣାରେ ଡକରା କେନ୍ଦ୍ର ନଥି ଏବଂ ଓପିଡି/ କାଜୁଆଲ୍ଟି ନଥି ମଧ୍ୟରେ ରୋଗୀମାନଙ୍କର ନାମ ମେଳ ଖାଉନଥିଲା ଏବଂ 442ଟି ଘଟଣାରେ ଓପିଡି ନମ୍ବର ଏବଂ ଡକରା କେନ୍ଦ୍ର ନଥି ମଧ୍ୟରେ ମେଳ ରହି ନଥିଲା । ଏଥିପାଇଁ, ଏନ୍‌ଏଏସ୍ ଦ୍ୱାରା ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିବା ରୋଗୀମାନଙ୍କର ପ୍ରକୃତ ସଂଖ୍ୟା ନିର୍ଦ୍ଧାରିତ ହୋଇପାରି ନଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମାର୍ଚ୍ଚ 2015) ଯେ ଏହି ଅମେଳତା, ନଥିଗୁଡିକର ଅନୁପଯୁକ୍ତ ରକ୍ଷଣାବେକ୍ଷଣ ଯୋଗୁଁ ହୋଇଥାଇପାରେ ।

### *3.7.5.3 ନିର୍ଦ୍ଧାରିତ ଭ୍ରମଣ ସଂପାଦନ ନ କରିବା*

ଏସ୍‌ଓପିର ଧାରା 15 (vi) ଅନୁଯାୟୀ ପ୍ରତି ଆମ୍ବୁଲାନ୍ସର ହାରାହାରି କାର୍ଯ୍ୟ ସମ୍ପାଦନ ସ୍ତର (ଯାହାର ଆରମ୍ଭ ହେବାର ଛଅ ମାସ ପୂର୍ଣ୍ଣ ହୋଇଥିବ), ଦିନକୁ ଅତି କମ୍‌ରେ ପାଞ୍ଚଟି ଭ୍ରମଣ ହେବା ଉଚିତ୍ । ଏହି କାର୍ଯ୍ୟ ସମ୍ପାଦନ ସ୍ତର ବଜାୟ ରଖିବାରେ ବିଫଳ ହେଲେ ଧାରା 16(iv) ଅନୁଯାୟୀ ଶାସ୍ତି ବିଧାନ ହେବା କଥା ।

ଅଗଷ୍ଟ ଏବଂ ସେପ୍ଟେମ୍ବର 2013 ମାସ ମାନଙ୍କର ସବିଶେଷ ଦେୟର ନମୁନା ଯାଞ୍ଚରୁ ସମୀକ୍ଷା ଜାଣିବାକୁ ପାଇଲା ଯେ 12ଟି ଆମ୍ବୁଲାନ୍ସ ଦିନକୁ ଦୁଇ ଥରରୁ କମ୍ ଭ୍ରମଣ କରିଥିଲେ ଏବଂ 180ଟି ଆମ୍ବୁଲାନ୍ସ ଦିନକୁ ପାଞ୍ଚ ଥରରୁ କମ୍ ଭ୍ରମଣ କରିଥିଲେ । କମ୍ କାର୍ଯ୍ୟ ସଂପାଦନ କରିଥିବା ସତ୍ତ୍ୱେ ତାଙ୍କଠାରୁ 22.59 ଲକ୍ଷ ଟଙ୍କାର ଜରିମାନା ଆଦାୟ କରିବା ପରିବର୍ତ୍ତେ ଏନ୍‌ଏଚ୍‌ଏମ୍‌ର ଏସ୍‌ଓପିର ଧାରା 16 (iv) କୁ ଉଲ୍ଲଙ୍ଘନ କରି ତାଙ୍କୁ ସଂପୂର୍ଣ୍ଣ ଦେୟ ପ୍ରଦାନ କରିଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମାର୍ଚ୍ଚ 2015) ଯେ ଲୋକମାନଙ୍କର ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସୁବିଧା ଥିବା ସ୍ଥାନର ଦୂରତା ଇତ୍ୟାଦିରେ ବିଭିନ୍ନତାକୁ ନେଇ ଆମ୍ବୁଲାନ୍ସ ବ୍ୟବହାର ହେଉଥିବା ଯୋଗୁଁ ସମସ୍ତ 420ଟି ଆମ୍ବୁଲାନ୍ସକୁ ହିସାବକୁ ନେଇ ପ୍ରତି ଆମ୍ବୁଲାନ୍ସର ହାରାହାରି ଭ୍ରମଣ ହିସାବ କରାଯାଇଥିଲା । କିନ୍ତୁ ଏସ୍‌ଓପି ସହିତ ଏହା ସମ୍ମତ ନଥିଲା ।

### 3.7.6 ନିରୀକ୍ଷଣ ଏବଂ ପର୍ଯ୍ୟାଲୋଚନା

ଓଇଏମ୍‌ଏସ୍‌ର କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନା ପାଇଁ ଏବଂ ଜେଡ୍‌ଏଚ୍‌ଏଲ୍‌ର କାର୍ଯ୍ୟକ୍ଷମତାର ମୂଲ୍ୟାଙ୍କନ କରିବା ପାଇଁ ଚୁକ୍ତିର ଧାରା 9 ରେ ନିରୂପିତ ହୋଇଛି ଯେ ଓଇଏମ୍‌ଏସ୍ ନିରୀକ୍ଷଣ କମିଟି ଓଇଏମ୍‌ଏସ୍‌ର ରାଜ୍ୟ ପ୍ରଚାଳନା କମିଟି ତଥା ଓଇଏମ୍‌ଏସ୍‌ର ଜିଲ୍ଲା ସ୍ତରୀୟ ନିରୀକ୍ଷଣ କମିଟି ପ୍ରତିମାସରେ ସେବା ପ୍ରଦାନକାରୀର କାର୍ଯ୍ୟ କ୍ଷମତାକୁ ସମୀକ୍ଷା କରିବେ। ଏହା ବ୍ୟତୀତ, ଗୋଟିଏ ବାହ୍ୟ ଏଜେନ୍ସି ଦ୍ୱାରା ଜେଡ୍‌ଏଚ୍‌ଏଲ୍‌ର ବାର୍ଷିକ କାର୍ଯ୍ୟକଳାପର ମୂଲ୍ୟାଙ୍କନ ପାଇଁ ଚୁକ୍ତିରେ ବ୍ୟବସ୍ଥା ରହିଥିଲା ।

ଓଇଏମ୍‌ଏସ୍‌ର କାର୍ଯ୍ୟାନ୍ୱୟନର ନିରୀକ୍ଷଣ ଏବଂ ପର୍ଯ୍ୟାଲୋଚନାରେ ସମୀକ୍ଷା ନିମ୍ନଲିଖିତ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ କରିଥିଲେ ।

- ଚୁକ୍ତିନାମାରେ ଥିବା ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶ ମୁତାବକ (ଅଗଷ୍ଟ 2012) ସମସ୍ତ ଜିଲ୍ଲାପାଳମାନେ ପ୍ରତି ମାସରେ ଜିଲ୍ଲା ସ୍ତରୀୟ ଓଇଏମ୍‌ଏସ୍‌ର ନିରୀକ୍ଷଣ ସେଲ୍‌ର ବୈଠକ କରିବେ ଏବଂ ପର ମାସର 7 ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ଥିବା ସତ୍ତ୍ୱେ ଗଞ୍ଜାମ

[154] ଡିଏଚ୍‌ଏଚ୍, ବଲାଙ୍ଗିର (95ଟି ମାମଲା), ଭଦ୍ରକ (149ଟି ମାମଲା), ଜଗତସିଂହପୁର (98ଟି ମାମଲା), କନ୍ଧମାଳ (36ଟି ମାମଲା), କଳାହାଣ୍ଡି (78ଟି ମାମଲା), ଖୋର୍ଦ୍ଧା (34ଟି ମାମଲା), ନୂଆପଡ଼ା (38ଟି ମାମଲା) ଏବଂ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର (91ଟି ମାମଲା)

ଜିଲ୍ଲା ବ୍ୟତୀତ, କୌଣସି ଜିଲ୍ଲାପାଳମାନେ ମାର୍ଚ୍ଚ 2014 ସୁଦ୍ଧା କୌଣସି ବୈଠକ ଆୟୋଜନ କରିନଥିଲେ।

- ସେବା ଆରମ୍ଭ କରିବାର ଦୁଇ ବର୍ଷ ପରେ ମଧ୍ୟ କୌଣସି ବାହ୍ୟ ସଂସ୍ଥା ଦ୍ୱାରା ଜେଡ୍ଏଚ୍ଏଲ୍ର କାର୍ଯ୍ୟର ମୂଲ୍ୟାଙ୍କନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ମାର୍ଚ୍ଚ 2015) ଯେ ଜିଲ୍ଲାପାଳମାନଙ୍କୁ ନିୟମିତ ବୈଠକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଜେଡ୍ଏଚ୍ଏଲ୍ କାର୍ଯ୍ୟର ମୂଲ୍ୟାଙ୍କନ ପାଇଁ ଗୋଟିଏ ବାହ୍ୟ ସଂସ୍ଥାକୁ ନିୟୋଜିତ କରିବାକୁ ପଦକ୍ଷେପ ନିଆଯାଇଛି।

## 3.8 ସରକାରୀ ଚିକିତ୍ସାଳୟଗୁଡ଼ିକରେ ବ୍ୟବହାରିକ ଫିସ୍‌ର ସଂଗ୍ରହ, ହିସାବ ଏବଂ ଉପଯୋଗ

ଅତିରିକ୍ତ ଡାକ୍ତରୀ ଚିକିତ୍ସା ସମ୍ବନ୍ଧୀୟ ସୁବିଧାଗୁଡ଼ିକର ସଂପ୍ରସାରଣ କରିବା ପାଇଁ ଅତିରିକ୍ତ ସମ୍ବଳ ଆଦାୟ କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବାସ ସୁବିଧା, ପରିବହନ, ବେତାର ରୋଗନିଦାନ ଏବଂ ନିଦାନ ସମ୍ବନ୍ଧୀୟ ଅନୁସନ୍ଧାନ ପାଇଁ ବ୍ୟବହାରିକ ଫିସ୍ ଆଦାୟର ପ୍ରବର୍ତ୍ତନ କରିଥିଲେ (ଜୁନ୍ 1997)। ପାଣ୍ଠି ସଂଗ୍ରହ, ସଂରକ୍ଷଣ ଏବଂ ସଂଗୃହିତ ପାଣ୍ଠିର ଉପଯୋଗ କରିବା ପାଇଁ ଏହିଭଳି ପ୍ରତ୍ୟେକ ଚିକିତ୍ସାଳୟ ସ୍ତରରେ ଏକ ସମିତି ଗଠନ କରାଯିବା ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଥିଲେ (ଜୁନ୍ 1997) ଏବଂ ସେହି ମର୍ମରେ ଏକ କ୍ରିୟାବିଧି ପ୍ରଚଳନ କରିଥିଲେ।

2011-12 ରୁ 2013-14 ମଧ୍ୟରେ ବ୍ୟବହାରିକ ଫିସ୍‌ର ନିର୍ଦ୍ଧାରଣରେ ସ୍ୱଚ୍ଛତା, ହିସାବର ରୀତି, ସଂଗ୍ରହ ଓ ଉପଯୋଗର ସ୍ୱଚ୍ଛତା, ଦକ୍ଷତା ଏବଂ ମିତବ୍ୟୟିତା ପରୀକ୍ଷା କରିବା ପାଇଁ ସମୀକ୍ଷା ଜୁଲାଇ-ସେପ୍ଟେମ୍ବର 2014 ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତିନିଟି[155] ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ (ଏମ୍‌ସିଏଚ୍), କ୍ୟାପିଟାଲ୍ ହସ୍ପିଟାଲ୍ ଭୁବନେଶ୍ୱର, ସରକାରୀ ଚିକିତ୍ସାଳୟ ରାଉରକେଲା ଏବଂ ପାଞ୍ଚଟି ନମୁନା ଜିଲ୍ଲାର (ବରଗଡ଼, ବଲାଙ୍ଗିର, ଯାଜପୁର, ଖୋର୍ଦ୍ଧା ଏବଂ କୋରାପୁଟ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ର ନଥିପତ୍ରର ନମୁନା ଯାଞ୍ଚ କରିଥିଲା।

ଦଶଟି ନମୁନା ୟୁନିଟ୍‌ରେ 2011-14 ମଧ୍ୟରେ ବ୍ୟବହାରିକ ଫିସ୍‌ର ସଂଗ୍ରହ ଓ ଉପଯୋଗ ନିମ୍ନ ପ୍ରକାରେ ଥିଲା।

***ସାରଣୀ 3.8.1: 2011-14 ମଧ୍ୟରେ ନମୁନା ଯାଞ୍ଚ କରାଯାଇଥିବା ଚିକିତ୍ସାଳୟଗୁଡ଼ିକରେ ବ୍ୟବହାରିକ ଫିସ୍‌ର ପ୍ରାପ୍ୟ ଓ ଉପଯୋଗ***

**(ଲକ୍ଷ ଟଙ୍କାରେ)**

| ଚିକିତ୍ସାଳୟ | 1 ଅପ୍ରେଲ 2011 ସୁଦ୍ଧା ପ୍ରାରମ୍ଭିକ ଅବଶେଷ | 2011-14 ରେ ସଂଗ୍ରହ | 2011-14 ରେ ଅନ୍ୟାନ୍ୟ ପ୍ରାପ୍ତି | ମୋଟ | 2011-14 ରେ ଉପଯୋଗ | 31 ମାର୍ଚ୍ଚ 2014 ସୁଦ୍ଧା ଅନ୍ତିମ ଅବଶେଷ |
|---|---|---|---|---|---|---|
| ତିନିଟି ଏମ୍‌ସିଏଚ୍ | 220.92 | 5506.90 | 287.38 | 6015.20 | 5537.38 | 477.82 |
| କ୍ୟାପିଟାଲ୍ ହସ୍ପିଟାଲ ଭୁବନେଶ୍ୱର ଏବଂ ସରକାରୀ ଚିକିତ୍ସାଳୟ, ରାଉରକେଲା | 312.24 | 644.51 | 0.00 | 956.75 | 693.61 | 263.14 |
| ପାଞ୍ଚଟି ଡିଏଚ୍ଏଚ୍ | 58.31 | 665.63 | 0.00 | 723.94 | 543.13 | 180.81 |
| **ମୋଟ** | **591.47** | **6817.04** | **287.38** | **7695.89** | **6774.12** | **921.77** |

*(ଉତ୍ସ: ନମୁନା ଯାଞ୍ଚ ଚିକିତ୍ସାଳୟ ଗୁଡ଼ିକର ନଥିପତ୍ରରୁ ସମୀକ୍ଷା ଦ୍ୱାରା ସଂକଳିତ)*

155 ଏସ୍‌ସିବି ଭେଷଜ ମହାବିଦ୍ୟାଳୟ କଟକ, ଭିଏସ୍ଏସ୍ ଭେଷଜ ମହାବିଦ୍ୟାଳୟ ବୁର୍ଲା ଏବଂ ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ, ବ୍ରହ୍ମପୁର

### 3.8.1 ଅବ୍ୟାହତି ପ୍ରାପ୍ତ ରୋଗୀ ସମ୍ବନ୍ଧୀୟ ନଥିପତ୍ରର ରକ୍ଷଣାବେକ୍ଷଣା ନକରିବା

ବ୍ୟବହାରିକ ପରିଚାଳନା ଫିସ୍ ପ୍ରଦାନ କରିବାରୁ 'ଅବ୍ୟାହତି ପାଇଥିବା ରୋଗୀ'ଙ୍କ ପାଇଁ ଏକ ଚିରୁକୁଟ ବହି ଏବଂ ତାରିଖ ଅନୁସାରେ କ୍ରମିକ ସଂଖ୍ୟା ଏବଂ କେଉଁ ସେବା ପାଇଁ ଅବ୍ୟାହତି ମିଳିଛି ତାହା ଦର୍ଶାଇ ଏକ ଅବ୍ୟାହତି ରୋଗୀ ଅଭିଲେଖ ବହିର ପ୍ରଚଳନ କରିବା ପାଇଁ ମାର୍ଗଦର୍ଶିକା (ଜୁନ୍ 1997)ର କ୍ରିୟାବିଧି (ଏଫ୍) ଏବଂ (ଆଇ) ଅନୁଯାୟୀ ଆବଶ୍ୟକ ଥିଲା ।

ସମୀକ୍ଷାରୁ ଦେଖାଗଲା ଯେ 2011-14 ମଧ୍ୟରେ ପାଞ୍ଚଟି[156] ନମୁନା ଯାଞ୍ଚ୍ ହୋଇଥିବା ଚିକିତ୍ସାଳୟଗୁଡ଼ିକ ଚିରୁକୁଟ ବହି କିମ୍ବା ଅବ୍ୟାହତି ରୋଗୀଙ୍କ ବାବଦରେ ଅଭିଲେଖ ବହିର ପରିଚାଳନା କରିନଥିଲେ, ଯଦିଓ ସେହି ସମୟ ମଧ୍ୟରେ ଚିକିତ୍ସାଳୟ ଗୁଡ଼ିକରେ ବିଭିନ୍ନ ବିଭାଗମାନଙ୍କର ଦୈନିକ ସଂଗ୍ରହ ଖାତାରୁ ଜଣାଯାଇଥିଲା ଯେ 24,969 ଜଣ ରୋଗୀଙ୍କୁ ଚିକିତ୍ସାଳୟଗୁଡ଼ିକରେ ବ୍ୟବହାରିକ ଦେୟ ପ୍ରଦାନରୁ ଅବ୍ୟାହତି ପ୍ରଦାନ କରିଥିଲେ । କିନ୍ତୁ କେଉଁ ଆଧାରରେ ଅବ୍ୟାହତି ମଞ୍ଜୁର କରାଯାଇଥିଲା ତାହା ଦୈନିକ ସଂଗ୍ରହ ଖାତାରେ ଉଲ୍ଲେଖ କରା ନ ଯିବା ଫଳରେ ଯୋଗ୍ୟତା ହୀନ ରୋଗୀଙ୍କୁ ଅବ୍ୟାହତି ପ୍ରଦାନ କରାଯାଇ ଥିବା ସମ୍ଭାବନାକୁ ସମୀକ୍ଷା ଦ୍ୱାରା ଏଡ଼ାଇ ଦିଆଯାଇ ପାରିନଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଭବିଷ୍ୟତରେ ଏଭଳି ଅଭିଲେଖ ବହିର ପରିଚାଳନା କରିବାକୁ ଆଶ୍ୱାସନା ଦେଇଥିଲେ (ଫେବୃଆରୀ 2015) ।

### 3.8.2 ଚିକିତ୍ସାଳୟର ମୁଖ୍ୟ ସ୍ଥାନଗୁଡ଼ିକରେ ବ୍ୟବହାରିକ ଦେୟର ଦର ପ୍ରଦର୍ଶନ ନକରିବା

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସଂକଳ୍ପ (ଅକ୍ଟୋବର 2003) ଅନୁସାରେ ଚିକିତ୍ସାଳୟମାନଙ୍କରେ କମ୍ ଦରରେ ଉପଲବ୍ଧ ଥିବା ସୁବିଧାଗୁଡ଼ିକ ହାସଲ କରିବା ପାଇଁ ରୋଗୀମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ।

ସମୀକ୍ଷାରୁ ଦେଖାଗଲା ଯେ ଲଭ୍ୟ ସୁବିଧା ଏବଂ ପ୍ରତ୍ୟେକ ସେବାର ଦର ବିଷୟରେ ରୋଗୀମାନଙ୍କୁ ଅବଗତ କରାଇବା ପାଇଁ କୌଣସି ସଚେତନତା କାର୍ଯ୍ୟକ୍ରମ କରାଯାଇ ନଥିଲା ଏବଂ ଚିକିତ୍ସାଳୟମାନଙ୍କରେ ଦର ତଥ୍ୟ ଫର୍ଦ୍ଦ ସହ ଲଭ୍ୟ ସୁବିଧା ଦର୍ଶାଇ ଧାର୍ଯ୍ୟ ଦର ସହିତ କୌଣସି ପ୍ରଦର୍ଶନ ଫଳକ ସଂସ୍ଥାପିତ କରାଯାଇ ନଥିଲା । ସମୀକ୍ଷା ଉପସ୍ଥିତିରେ ନମୁନା ଯାଞ୍ଚ୍ କରାଯାଇଥିବା ଚିକିତ୍ସାଳୟଗୁଡ଼ିକର ଚିକିତ୍ସା ଅଧିକାରୀ/ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ)ମାନଙ୍କର ପ୍ରତିନିଧିମାନଙ୍କ ଦ୍ୱାରା ମିଳିତ ସରଜମିନ୍ ତଦନ୍ତ ସମୟରେ ଲକ୍ଷ୍ୟ କରାଯାଇଥିଲା ଯେ 10ଟି ଚିକିତ୍ସାଳୟ ମଧ୍ୟରେ 3ଟି[157] ଚିକିତ୍ସାଳୟରେ ଦର ତଥ୍ୟ ଫର୍ଦ୍ଦ ସହ ସେବାର ଲଭ୍ୟତା ପ୍ରଦର୍ଶନ କରାଯାଇ ନଥିଲା ।

ସ୍ୱାସ୍ଥ୍ୟ ଅନୁଷ୍ଠାନର ମୁଖ୍ୟ ସ୍ଥାନ ମାନଙ୍କରେ ବ୍ୟବହାରିକ ଫିସ୍ ବିଷୟରେ ପ୍ରଦର୍ଶନ ସୁନିଶ୍ଚିତ କରିବା ନେଇ ଏନ୍ଏଚ୍ଏମ୍ ର ଏମ୍‌ଡି ଆଶ୍ୱାସନା ଦେଇଥିଲେ (ଫେବୃଆରୀ 2015) ।

### 3.8.3 ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଅଭାବରୁ ସଂଗୃହିତ ବ୍ୟବହାରିକ ଦେୟର ସନ୍ଦେହାତ୍ମକ/ ଅସ୍ଥାୟୀ ଆତ୍ମସାତ୍

ସରକାରୀ ମାର୍ଗଦର୍ଶିକା (ଜୁନ୍ 1997) ର କ୍ରିୟାବିଧି (ସି) ର ନିର୍ଦ୍ଧାରଣ ଅନୁସାରେ ରୋଗୀମାନଙ୍କଠାରୁ ଦୈନିକ ସଂଗ୍ରହ ହେଉଥିବା ବ୍ୟବହାରିକ ଦେୟ ପ୍ରତିଦିନ ଗୋଟିଏ କ୍ୟାସ୍ ବହିରେ ନଥିଭୁକ୍ତ ହେବା ଉଚିତ୍ ଏବଂ ରସିଦ୍ ବହି ଓ କ୍ୟାସ୍ ବହି ପ୍ରତିଦିନ ନିୟନ୍ତ୍ରଣ ଅଧିକାରୀଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ ହେବା ଆବଶ୍ୟକ । ଏସ୍‌ସିବି ଚିକିତ୍ସାଳୟର ଅଧୀକ୍ଷକଙ୍କ ଅନୁଦେଶ (ଜୁନ୍ 2006) ଅନୁସାରେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ସଂଗୃହିତ ହୋଇଥିବା ବ୍ୟବହାରିକ ଦେୟ ଅର୍ଥ ସଂଗ୍ରହ ହେବା ପରଦିନ ହିସାବ ଉପବିଭାଗରେ ଜମା କରାଯିବା ଏବଂ ପ୍ରତିଦିନ ହିସାବ

156 କ୍ୟାପିଟାଲ ଚିକିତ୍ସାଳୟ ଭୁବନେଶ୍ୱର, ଡିଏଚ୍ଏଚ୍, ଖୋର୍ଦ୍ଧା, ବରଗଡ଼ ଏବଂ ବଲାଙ୍ଗିର, ଆର୍‌ଜିଏଚ୍ ରାଉରକେଲା

157 ରାଉରକେଲା ସରକାରୀ ଚିକିତ୍ସାଳୟ, ଡିଏଚ୍ଏଚ୍ ଖୋର୍ଦ୍ଧା ଏବଂ ଡିଏଚ୍ଏଚ୍ ଯାଜପୁର

ଅଧିକାରୀ (ୟୁଜର) ଙ୍କ ଦ୍ୱାରା ଯାଞ୍ଚ୍ କରାଯାଇ ସାକ୍ଷରିତ ହେବ।

ସମୀକ୍ଷା ପରିଲକ୍ଷିତ କଲା ଯେ:

- ଏସ୍‌ସିବି ଏମ୍‌ସିଏଚ୍, କଟକରେ ଜୁଲାଇ 2009 ରୁ ମାର୍ଚ୍ଚ 2014 ମଧ୍ୟରେ ତିନି ଜଣ କର୍ମଚାରୀଙ୍କୁ 300 ରସିଦ୍ ବହି ପ୍ରଦାନ କରାଯାଇଥିଲା। ସେଥି ମଧ୍ୟରୁ 186ଟି ରସିଦ୍ ବହି ସେମାନଙ୍କ ଦ୍ୱାରା ଫେରାଇ ଦିଆଯାଇଥିଲା (ଜୁଲାଇ 2009-ମାର୍ଚ୍ଚ 2014)। କିନ୍ତୁ ସେହି ରସିଦ୍ ବହି ଗୁଡ଼ିକରେ ସଂଗୃହିତ ହୋଇଥିବା 19.34 ଲକ୍ଷ ଟଙ୍କା ଭାରପ୍ରାପ୍ତ ହିସାବ ଅଧିକାରୀଙ୍କ ନିକଟରେ ମଇ 2015 ସୁଦ୍ଧା ପଇଠ କରାଯାଇ ନଥିଲା। ପୁନଶ୍ଚ, ଅବଶିଷ୍ଟ 114ଟି ରସିଦ୍ ବହି ମଇ 2015 ସୁଦ୍ଧା ଫେରସ୍ତ ହୋଇନଥିଲା, ଫଳରେ ଉକ୍ତ ପଦାଧିକାରୀଙ୍କ ଦ୍ୱାରା ସଂଗୃହିତ ଅର୍ଥର ପରିମାଣ ସମୀକ୍ଷା ଦ୍ୱାରା ସ୍ଥିର କରାଯାଇ ପାରିନଥିଲା ଏବଂ ଉକ୍ତ ବ୍ୟବହାରିକ ଦେୟର ଆତ୍ମସାତ୍ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

- ଏସ୍‌ସିବି ଏମ୍‌ସିଏଚ୍, କଟକରେ ଏପ୍ରିଲ୍ 2009 ରୁ ଜୁନ୍ 2013 ମଧ୍ୟରେ 329ଟି ରସିଦ୍ ବହି ବ୍ୟବହାର କରି ସଂଗୃହୀତ ହୋଇଥିବା 39.64 ଲକ୍ଷ ଟଙ୍କା ଆଦାୟ କରାଯିବାର 5 ଦିନରୁ 54 ମାସ ବ୍ୟବଧାନ ପରେ ଜମା କରାଯାଇଥିଲା। ଏହାର ପରିଣାମ ସ୍ୱରୂପ ବ୍ୟବହାରିକ ଦେୟର ଜମା ବିଳମ୍ବିତ ହୋଇଥିଲା ଏବଂ ଅସ୍ଥାୟୀ ଆତ୍ମସାତ୍ ହୋଇଥିଲା।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଆଶ୍ୱାସନା ଦେଇଥିଲେ (ଫେବୃଆରୀ 2015) ଯେ ପୁରୁଣା ରସିଦ୍ ବହି ଫେରସ୍ତ ନଦେବା ପର୍ଯ୍ୟନ୍ତ ନୂଆ ରସିଦ୍ ବହି ପ୍ରଦାନ ଉପରେ କଟକଣା ଲଗାଯିବ।

### 3.8.4 ଅପ୍ରାଧିକୃତ ଉଦ୍ଦେଶ୍ୟରେ ବ୍ୟବହାରିକ ଦେୟର ଉପଯୋଗ

ବ୍ୟବହାରିକ ଦେୟ ମାର୍ଗଦର୍ଶିକା (ନଭେମ୍ବର 1998) ର ଅନୁଚ୍ଛେଦ 5 ଅନୁଯାୟୀ ସଂଗୃହୀତ ବ୍ୟବହାରିକ ଦେୟ ସଂପୃକ୍ତ ଚିକିତ୍ସାଳୟମାନଙ୍କରେ ରୋଗୀମାନଙ୍କୁ ଦୈନନ୍ଦିନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଚିକିତ୍ସାଳୟ ଦୈନନ୍ଦିନ ଖର୍ଚ୍ଚ ସହିତ ଏହାର ଉନ୍ନତି କରଣ ପାଇଁ ଥିବା ଆବଶ୍ୟକତା ପାଇଁ ଖର୍ଚ୍ଚ କରାଯିବ। ପୁନଶ୍ଚ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କେଉଁ ସେବାଗୁଡ଼ିକ ପାଇଁ ବ୍ୟବହାରିକ ଦେୟ ଅର୍ଥ ଉପଯୋଗ କରାଯାଇ ପାରିବ ତାହାର ତାଲିକା ପ୍ରସ୍ତୁତ କରି ନିର୍ଦ୍ଦେଶ ନାମା (ନଭେମ୍ବର 2006) ଏବଂ ସ୍ପଷ୍ଟୀକରଣ (ନଭେମ୍ବର 2011) ଜାରି କରିଥିଲେ।

ସମୀକ୍ଷା ପରିଲକ୍ଷିତ କଲା ଯେ ଯାଞ୍ଚ୍ ହୋଇଥିବା 10ଟି ଚିକିତ୍ସାଳୟ ମଧ୍ୟରୁ 9ଟି ଚିକିତ୍ସାଳୟରେ 2011-12 ରୁ 2013-14 ମଧ୍ୟରେ 58.97 କୋଟି ଟଙ୍କାରୁ 92.39 ଲକ୍ଷ ଟଙ୍କା ବ୍ୟବହାରିକ ଦେୟ ରାଶିର ଉପଯୋଗ କରିଥିଲେ ଯାହାକି ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ସଂପୃକ୍ତ ନଥିଲା ***(ପରିଶିଷ୍ଟ 3.8.1)***।

ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରିବା ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱତନ୍ତ୍ର ସଚିବ ଆଶ୍ୱାସନା ପ୍ରଦାନ କରିଥିଲେ ( ଫେବୃଆରୀ 2015)।

### 3.8.5 ବକେୟା ଅଗ୍ରୀମ ରାଶି ବ୍ୟବସ୍ଥିତ ନହେବା

ଅର୍ଥ ବିଭାଗ ଅଧିସୂଚନା (ଡିସେମ୍ବର 1985) ତଥା ଓଡ଼ିଶା ଟ୍ରେଜେରୀ କୋଡ୍ ପ୍ରଥମ ଖଣ୍ଡର ଅନୁପୂରକ ନିୟମ 509 ଅନୁସାରେ ବିଭାଗୀୟ ବା ସେହି ସମ୍ବନ୍ଧୀୟ ଉଦ୍ଦେଶ୍ୟରେ ସରକାରୀ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଉଥିବା ଅଗ୍ରୀମ ରାଶି ସେହି ମାସ ମଧ୍ୟରେ ବ୍ୟବସ୍ଥିତ ହେବା ଆବଶ୍ୟକ ଏବଂ ଯଦି ପ୍ରଦାନ କରାଯାଇଥିବା କୌଣସି ଅଗ୍ରୀମ ରାଶି ମାସ ଶେଷ ସୁଦ୍ଧା ବ୍ୟବସ୍ଥିତ ନ ହୋଇ ରହିଥାଏ ତେବେ ସଂପୃକ୍ତ କର୍ମଚାରୀଙ୍କର ସେହି ମାସର ଦରମା ବିତରଣ କରାନଯାଇ ରୋକା ଯିବା ଆବଶ୍ୟକ।

ସମୀକ୍ଷା ପରିଲକ୍ଷିତ କଲା ଯେ ଜୁଲାଇ 2001 ରୁ ମାର୍ଚ୍ଚ 2014 ମଧ୍ୟରେ କର୍ମଚାରୀ ଓ ଯୋଗାଣକାରୀମାନଙ୍କୁ ଅଗ୍ରୀମ ଭାବେ ପ୍ରଦାନ କରାଯାଇଥିବା 2.38 କୋଟି ଟଙ୍କା ସେପ୍ଟେମ୍ବର 2014 ସୁଦ୍ଧା ଅବ୍ୟବସ୍ଥିତ ରହିଥିଲା । ଏଥି ମଧ୍ୟରେ 0.31 ଲକ୍ଷ ଟଙ୍କା 10 ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଅବ୍ୟବସ୍ଥିତ ରହିଥିଲା ବେଳେ 9.66 ଲକ୍ଷ ଟଙ୍କା ତିନିରୁ ନଅ ବର୍ଷ ପର୍ଯ୍ୟନ୍ତ ଅବ୍ୟବସ୍ଥିତ ହୋଇ ରହିଥିଲା । ତେବେ ସଂପୃକ୍ତ ଚିକିତ୍ସାଳୟ କର୍ତ୍ତୃପକ୍ଷ ବକେୟା ଅଗ୍ରୀମ ରାଶିକୁ ବ୍ୟବସ୍ଥିତ କିମ୍ବା ଆଦାୟ କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଫଳରେ ବ୍ୟବସ୍ଥିତରେ ବିଳମ୍ବ ହେତୁ ଉକ୍ତ ଅର୍ଥର ଆତ୍ମସାତୀକରଣ ଓ ଦୁରୁପଯୋଗ ପାଇଁ ସୁଯୋଗ ସୃଷ୍ଟି କରିଥାଇପାରେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସେହି ବିଷୟରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦର୍ଶାଇଥିଲେ (ଫେବୃଆରୀ 2015) ।

## 3.9 ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାନ ପରିସର ମଧ୍ୟରେ ଔଷଧ ଦୋକାନର ଚୟନ ଓ କାର୍ଯ୍ୟକାରିତା

ସମସ୍ତ ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାନ ପରିସର ମଧ୍ୟରେ ଦିନ ରାତି 24 ଘଣ୍ଟା ଔଷଧ ଦୋକାନ ଖୋଲିବାକୁ ଫାର୍ମାସିଷ୍ଟ ଚୟନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପରିଚାଳନା ପାଇଁ ବିହିତ ନୀତି ନିର୍ଦ୍ଧାରଣ ପୂର୍ବକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲେ (ଜାନୁଆରୀ 2004, ନଭେମ୍ବର 2012 ଏବଂ ଜୁଲାଇ 2013) [158] । ଏ ସଂକ୍ରାନ୍ତରେ ଏକ ଆଦର୍ଶ ରାଜିନାମା ମଇ 1993 ରେ ବିହିତ କରାଯାଇଥିଲା । ଅନ୍ୟାନ୍ୟ ବିଷୟ ବସ୍ତୁ ସହିତ ଖୋଲା ଟେଣ୍ଡର ମାଧ୍ୟମରେ ଇଚ୍ଛୁକ ପକ୍ଷଙ୍କୁ ଚୟନ ଓ ରୋଗୀମାନଙ୍କୁ କମ୍ପ୍ୟୁଟରୀକରଣ ରସିଦ୍ 17 ନଭେମ୍ବର 2012 ର ସଂକଳ୍ପ ନାମା ତାରିଖଠାରୁ ପ୍ରଦାନ ପାଇଁ ମାର୍ଗଦର୍ଶିକାରେ ବ୍ୟବସ୍ଥା କରାଯାଇଥିଲା ।

ଫାର୍ମାସିଷ୍ଟମାନଙ୍କର ଚୟନରେ ସ୍ୱଚ୍ଛତା ଓ ଔଚିତ୍ୟତା ତଥା ସେମାନଙ୍କ ଦ୍ୱାରା କାର୍ଯ୍ୟାତ୍ମକ ମାନଦଣ୍ଡର ଅନୁସରଣତାର ନିର୍ଦ୍ଧାରଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ତିନିଟି ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ଜିଏମ୍‌ସିଏଚ୍)[159], ପାଞ୍ଚଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ୍)[160] ଏବଂ ଦୁଇଟି ସ୍ୱତନ୍ତ୍ର ଚିକିତ୍ସାଳୟ (କ୍ୟାପିଟାଲ ହସପିଟାଲ, ଭୁବନେଶ୍ୱର ଏବଂ ରାଉରକେଲା ସରକାରୀ ଚିକିତ୍ସାଳୟ, ରାଉରକେଲା) ଏବଂ ବାଳକାଟି ଏବଂ ଟାଙ୍ଗୀର ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ର 2011-14 ପର୍ଯ୍ୟନ୍ତ ଅବଧିର ନଥିପତ୍ର ଗୁଡ଼ିକର ଯାଞ୍ଚ୍ ସମୀକ୍ଷା ଦ୍ୱାରା ଜୁନ-ସେପ୍ଟେମ୍ବର 2014 ମଧ୍ୟରେ କରାଯାଇଥିଲା । ଯାଞ୍ଚ୍ ହୋଇଥିବା 12ଟି ସ୍ୱାସ୍ଥ୍ୟ ସଂଗଠନ ମଧ୍ୟରୁ ତିନିଟି ଚିକିତ୍ସାଳୟରେ ଏପରି କୌଣସି ଔଷଧ ଦୋକାନ ଥିବା ପରିଲକ୍ଷିତ ହୋଇନଥିଲା ବେଳେ ଅବଶିଷ୍ଟ ନଅଟି[161] ଚିକିତ୍ସାଳୟରେ 17ଟି ଏହିପରି ଦୋକାନ ଥିବା ଲକ୍ଷ୍ୟ କରାଯାଇଥିଲା । 14[162]ଟି ଦୋକାନ ଥିବା ନଅଟି ଚିକିତ୍ସାଳୟର ନଥିପତ୍ରର ଯାଞ୍ଚରୁ ଅନିୟମିତ ସଂପ୍ରସାରଣ/ ନିଲାମ ନବୀକରଣ ଆଦି ଅଭାବ ପରିଲକ୍ଷିତ ହୋଇଥିଲା ଯାହାକି ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଗଲା ।

[158] 28 ଜାନୁଯାରୀ 2004 (28 ଜାନୁଆରୀ ଠାରୁ 16 ନଭେମ୍ବର 2012 ପର୍ଯ୍ୟନ୍ତ ବୈଧ); 17 ନଭେମ୍ବର 2012 (17 ନଭେମ୍ବର 2012 ଠାରୁ 30 ଜୁନ୍ 2013 ପର୍ଯ୍ୟନ୍ତ ବୈଧ); 1 ଜୁଲାଇ 2013 (1 ଜୁଲାଇ 2013 ଠାରୁ ବୈଧ)

[159] ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲ (ଏସସିବି ଏମସିଏଚ୍), କଟକ; ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲ (ଭିଏସ୍ଏସ ଏମସିଏଚ୍), ବୁର୍ଲା; ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲ (ଏମକେସିଜି ଏମସିଏଚ), ବ୍ରହ୍ମପୁର

[160] ବରଗଡ଼, ବଲାଙ୍ଗିର, ଯାଜପୁର, ଖୋର୍ଦ୍ଧା, କୋରାପୁଟ

[161] ତିନିଟି ଜିଏମସିଏଚ୍; କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର; ଆରଜିଏଚ୍, ରାଉରକେଲା; ଡିଏଚ୍ଏଚ୍ ବରଗଡ଼, ବଲାଙ୍ଗିର, ଯାଜପୁର ଓ କୋରାପୁଟ

[162] ମାମଲା ବିଚାରାଧୀନ ଥିବାରୁ ଗୋଟିଏ ଦୋକାନର ନଥିପତ୍ର ଯାଞ୍ଚ୍ ହୋଇପାରିଲା ନାହିଁ ଏବଂ ଅନ୍ୟ ଦୁଇଟି ଦୋକାନ ସେମାନଙ୍କର ନଥିପତ୍ର ସମୀକ୍ଷାକୁ ପ୍ରଦାନ କରିନଥିଲେ

### 3.9.1 ଔଷଧ ଦୋକାନର ପୂର୍ବ ନିଲାମ ଅବଧିର ଅନିୟମିତ ସଂପ୍ରସାରଣ/ ନବୀକରଣ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶିକା (ଜାନୁଆରୀ 2004, ନଭେମ୍ବର 2012 ଏବଂ ଜୁଲାଇ 2013) ଅନ୍ୟାନ୍ୟ ବିଷୟ ସହିତ ଏହା ମଧ୍ୟ ଆବଶ୍ୟକ କରେ ଯେ ଫାର୍ମାସିଷ୍ଟ/ ଔଷଧ ଦୋକାନ ଚୟନ ସମ୍ବନ୍ଧୀୟ ବିଜ୍ଞାପନ ଅତି କମରେ ଦୁଇଟି ପ୍ରମୁଖ ଓଡ଼ିଆ ଖବର କାଗଜରେ ପ୍ରକାଶିତ ହେବା ସହିତ ସ୍ଥାନୀୟ ମୁଖ୍ୟ ଜାଗାରେ ଏବଂ ସରକାରଙ୍କ ୱେବ୍‌ସାଇଟରେ ପ୍ରକାଶ କରାଯିବ । ମାର୍ଗଦର୍ଶିକାରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ ଯଦି ଜମି/ ସ୍ଥାନର ଜବରଦଖଲ ପରିଲକ୍ଷିତ ହୁଏ ତେବେ ନିଲାମ/ ଲାଇସେନ୍ସ ରଦ୍ଦ କରାଯିବ ଏବଂ ଦିଆଯାଇଥିବା ଲାଇସେନ୍‌ସ ଫିସ୍‌କୁ ବାଜ୍ୟାପ୍ତ କରାଯିବ ।

ସମୀକ୍ଷା ପରିଲକ୍ଷିତ କଲା ଯେ:

- ନଭେମ୍ବର 2012 ପରେ, ପୂର୍ବ ନିଲାମ ଅବଧି ସମାପ୍ତ ହୋଇଥିବା 14ଟି ମାମଲାରୁ ପାଞ୍ଚଟି ମାମଲାରେ, ଖୋଲା ନିଲାମ ପଦ୍ଧତିରେ ଔଷଧ ଦୋକାନ ଚୟନ ପରିବର୍ତ୍ତେ, ବର୍ତ୍ତମାନର ଦୋକାନ ମାଲିକଙ୍କ ନିଲାମକୁ ନବୀକରଣ କରିଥିଲେ (ଫେବୃଆରୀରୁ ମେ 2013), ଯାହାକି ଅନିୟମିତ ଥିଲା ଏବଂ ଏହି ଦୋକାନୀମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିଲା । ଏହାଛଡ଼ା ଗୋଟିଏ ଦୋକାନର ନିଲାମ ଅବଧି ମାର୍ଚ୍ଚ 2014 ଠାରୁ ସମାପ୍ତ ହୋଇଥିଲେ ମଧ୍ୟ  ଜାନୁଆରୀ 2015 ସୁଦ୍ଧା ବିନା ନବୀକରଣରେ ଚାଲୁଥିଲା ।

- ଉଚ୍ଚସ୍ତରୀୟ କମିଟିର[163] ସରଜମିନ ତଦନ୍ତ ରିପୋର୍ଟ ଅନୁଯାୟୀ (ନଭେମ୍ବର 2012 ଏବଂ ମଇ 2013) କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ତିନିଟି[164] ଔଷଧ ଦୋକାନ ରାଜିନାମାରେ ଥିବା ଜବରଦଖଲ, ଅପ୍ରାଧିକୃତ ଢାଞ୍ଚାକୁ ଖାଲି କରିବା, କମ୍ପ୍ୟୁଟରୀକରଣ ରସିଦ୍ ପ୍ରଦାନ କରିବା, ଶୀତତାପ ନିୟନ୍ତ୍ରଣର ସୁବିଧା ଥିବା ଆଦି ସର୍ତ୍ତଗୁଡ଼ିକୁ ଉଲ୍ଲଙ୍ଘନ କରି ଚାଲୁଥିଲା । ତଥାପି ରାଜିନାମାର ଧାରା 16 ଅନୁଯାୟୀ ନିଲାମକୁ ରଦ୍ଦ କରିବା ପରିବର୍ତ୍ତେ, ଏକ ନୂତନ ରାଜିନାମା ବଳରେ (ଫେବୃଆରୀ ରୁ ମଇ 2013) ନିଲାମ ଅବଧିକୁ ସଂପ୍ରସାରଣ କରିଥିଲେ । କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକଙ୍କ ପ୍ରତିନିଧିଙ୍କ ସହିତ ସମୀକ୍ଷା ଉପସ୍ଥିତିରେ ମିଳିତ ସରଜମିନ ତଦନ୍ତ (ଜୁନ୍ 2014)  ରୁ ଜଣାଗଲା ଯେ ଏହି ଦୋକାନ ଗୁଡ଼ିକ ନିଲାମ ରାଜିନାମାର ସର୍ତ୍ତ ଅନୁଯାୟୀ ଚିକିତ୍ସାଳୟର ଉପଯୋଗିତା କମ୍ପ୍ଲେକ୍ସ ମଧ୍ୟରେ ଥିବା ଘରଗୁଡ଼ିକରେ ଚାଲୁଥିଲା । ରାଜିନାମାର ସର୍ତ୍ତ ଅନୁଯାୟୀ ନା ଅସ୍ଥାୟୀ ଚାଳିଆକୁ ଭଙ୍ଗାଯାଇଥିଲା ନା ନିଲାମକୁ ରଦ୍ଦ କରାଯାଇଥିଲା (ମାର୍ଚ୍ଚ 2015) ।

ଉକ୍ତ ବିଷୟ ଉପରେ ଅନୁସନ୍ଧାନ କରାଯିବାକୁ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆଶ୍ୱାସନା ଦେଇଥିଲେ (ଫେବୃଆରୀ 2015) ।

### 3.9.2 ଔଷଧ ଦୋକାନରେ ପଞ୍ଜୀକୃତ ଫାର୍ମାସିଷ୍ଟଙ୍କୁ ମୁତୟନ ନକରିବା

ସରକାରୀ ମାର୍ଗଦର୍ଶିକା (ନଭେମ୍ବର 2012 ଏବଂ ଜୁଲାଇ 2013) ର ଅନୁଚ୍ଛେଦ 13 ଦର୍ଶାଏ ଯେ ଆବଣ୍ଟନ ଗ୍ରାହୀମାନେ ଔଷଧ ବିକ୍ରିର ପର୍ଯ୍ୟବେକ୍ଷଣ ପାଇଁ ଅତି କମ୍‌ରେ ତିନିଜଣ ଫାର୍ମାସିଷ୍ଟଙ୍କୁ ମୁତୟନ କରିବା କଥା ।

ସମୀକ୍ଷା ପରିଲକ୍ଷିତ କଲା ଯେ ମାର୍ଗଦର୍ଶିକାର ବ୍ୟବସ୍ଥାର ବିରୁଦ୍ଧାଚରଣ କରାଯାଇ, କ୍ୟାପିଟାଲ ହସ୍ପିଟାଲ, ବଲାଙ୍ଗିର ଏବଂ ଯାଜପୁର ଡିଏଚ୍‌ଏଚ୍‌ର କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଦୋକାନୀ ମାଲିକମାନଙ୍କ ସହିତ ସଂପନ୍ନ ହୋଇଥିବା ରାଜିନାମା (ମାର୍ଚ୍ଚରୁ ମଇ 2013) ଅନୁଯାୟୀ ଦୋକାନର ମାଲିକ ନିଜେ ଜଣେ ପଞ୍ଜୀକୃତ ଫାର୍ମାସିଷ୍ଟ ହୋଇଥିବେ ନଚେତ୍ ଏକ ବା ତତୋଧିକ ଫାର୍ମାସିଷ୍ଟଙ୍କୁ ନିୟୋଜିତ କରିବେ ।

---

[163] କ୍ୟାପିଟାଲ ହସ୍ପିଟାଲର ଉପ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଧିନରେ

[164] ଆଶୀର୍ବାଦ: 4 ଓ 5 ନଂ. କୋଠରୀ, ସେବା: 11 ଓ 12 ନଂ. କୋଠରୀ; ଶାନ୍ତି 7 ଓ 8 ନଂ. କୋଠରୀ

ଛଅଟି ଔଷଧ ଦୋକାନର[165] ମିଳିତ ସରଜମିନ ତଦନ୍ତରୁ ଜଣାପଡ଼ିଲା ଯେ ଗୋଟିଏ ଔଷଧ ଦୋକାନ ବିନା କୌଣସି ଫାର୍ମାସିଷ୍ଟ ଥାଇ ଚାଲୁଥିଲା ।

ଭେଷଜ ନିୟନ୍ତ୍ରକ ଦର୍ଶାଇଥିଲେ (ଫେବୃଆରୀ 2015) ଯେ ପଞ୍ଜୀକୃତ ଫାର୍ମାସିଷ୍ଟଙ୍କୁ ପ୍ରତ୍ୟେକ ଔଷଧ ଦୋକାନରେ ନିୟୋଜିତ କରାଯାଇଛି । ସମୀକ୍ଷା ପକ୍ଷେ ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ ସଂପୃକ୍ତ ଚିକିତ୍ସାଳୟ ଅଧିକାରୀମାନେ ଏହି ଅଭାବକୁ ସ୍ୱୀକାର କରିଥିଲେ ଏବଂ ଏଥିପାଇଁ ଔଷଧ ଦୋକାନର ସ୍ୱତ୍ତ୍ୱାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ଆଶ୍ୱାସନା ଦେଇଥିଲେ ।

### 3.9.3 ଜନସାଧାରଣଙ୍କୁ କମ୍ପ୍ୟୁଟରୀକରଣ ରସିଦ୍ ନ ଦେବା

ମାର୍ଗଦର୍ଶିକା (ନଭେମ୍ବର 2012) ର ଅନୁଚ୍ଛେଦ 14 ନିର୍ଦ୍ଧାରଣ କରେ ଯେ ଔଷଧ କିଣିଲା ବେଳେ ରୋଗୀ/ ଜନସାଧାରଣଙ୍କୁ ଆବଣ୍ଟନଗ୍ରାହୀ କମ୍ପ୍ୟୁଟରୀକରଣ ରସିଦ୍ ପ୍ରଦାନ କରିବା କଥା । କିନ୍ତୁ ନିଲାମଧାରୀଙ୍କ ସହିତ ସଂପନ୍ନ କରାଯାଇଥିବା ଚୁକ୍ତିନାମାରେ ଏପରି କୌଣସି ସର୍ତ୍ତର ଉଲ୍ଲେଖ କରାଯାଇ ନଥିଲା ।

ସଂପୃକ୍ତ ଚିକିତ୍ସାଳୟ ଅଧିକାରୀଙ୍କ ଦ୍ୱାରା ସମୀକ୍ଷା ଉପସ୍ଥିତିରେ ଔଷଧ ଦୋକାନ ଗୁଡ଼ିକରେ ମିଳିତ ସରଜମିନ୍ ତଦନ୍ତରୁ ଜଣାଗଲା ଯେ 13ଟି ଔଷଧ ଦୋକାନରେ ମୂଲ୍ୟ, ଅତିକ୍ରାନ୍ତ ତାରିଖ, ବ୍ୟାଚ୍ ସଂଖ୍ୟା ଇତ୍ୟାଦି ଥାଇ କମ୍ପ୍ୟୁଟରୀକରଣ ରସିଦ୍ ବଦଳରେ ହସ୍ତଲିଖିତ ରସିଦ୍ ରୋଗୀ/ ଜନସାଧାରଣଙ୍କୁ ପ୍ରଦାନ କରାଯାଉଥିବାବେଳେ ଗୋଟିଏ ଦୋକାନ[166]ରେ ରୋଗୀଙ୍କୁ ଔଷଧ ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ବିକ୍ରି କରିବା ବେଳେ କୌଣସି ରସିଦ୍ ପ୍ରଦାନ କରାଯାଉ ନଥିଲା । ଏହି ଔଷଧ ଦୋକାନଗୁଡ଼ିକର କାଉଣ୍ଟରରେ କୌଣସି କମ୍ପ୍ୟୁଟର ଥିବାର ପରିଲକ୍ଷିତ ହୋଇ ନଥିଲା । ତଥାପି, ଯାଞ୍ଚ କରାଯାଇଥିବା ଦୁଇଟି ଚିକିତ୍ସାଳୟର ପରିସରରେ ଚାଲୁଥିବା ତିନିଟି ଔଷଧ ଦୋକାନ[167]ରେ ରୋଗୀମାନଙ୍କୁ କମ୍ପ୍ୟୁଟରୀକରଣ ରସିଦ୍ ପ୍ରଦାନ କରାଯାଉଥିଲା । ଅନିୟମିତତାକୁ ସୁଧାରିବାକୁ ସଂପୃକ୍ତ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଥିଲେ (ଫେବୃଆରୀ 2015) ଯେ ଅନ୍‌ଲାଇନ୍ ଲାଇସେନ୍‌ସ ପଦ୍ଧତି ଏବଂ ରସିଦ୍ ପ୍ରସ୍ତୁତି ପ୍ରଣାଳୀ କାର୍ଯ୍ୟକ୍ରମ ଚାଲୁରହିଛି ଏବଂ ସଂପୂର୍ଣ୍ଣ ହେବା ପରେ ରସିଦରେ କାରସାଦି କରିବାର କୌଣସି ସମ୍ଭାବନା ରହିବ ନାହିଁ ।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

## 3.10 କମ୍ପ୍ୟୁଟର ଏବଂ ଆନୁସଙ୍ଗିକ ଉପକରଣ ସଂଗ୍ରହଣରେ ସ୍ୱଚ୍ଛତାର ଅଭାବ

କମ୍ପ୍ୟୁଟର ସହାୟତାରେ ଶିକ୍ଷା ଦାନ (ସିଏଏଲ୍) କାର୍ଯ୍ୟକ୍ରମ, ସର୍ବଶିକ୍ଷା ଅଭିଯାନ (ଏସ୍ଏସ୍ଏ) ଅଧିନରେ 2004-05 ରେ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷଙ୍କ (ଓପେପା) ଦ୍ୱାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମଧ୍ୟରେ ଡେକ୍ସଟପ୍ କମ୍ପ୍ୟୁଟର ଏବଂ ସର୍ଭରଗୁଡ଼ିକ ସହିତ କମ୍ପ୍ୟୁଟର ପ୍ରୟୋଗଶାଳାଗୁଡ଼ିକର ସ୍ଥାପନ, ଅବିରତ ଶକ୍ତି ଯୋଗାଣ (ୟୁପିଏସ୍), ଉପକରଣ, ମଲ୍ଟିମିଡିଆ, ଡିଜିଟାଲ ସାମଗ୍ରୀ ଏବଂ ଆବଶ୍ୟକୀୟ ଆସବାବପତ୍ର, ବିଦ୍ୟୁତ୍ ସଂଯୋଗର ସଂପ୍ରସାରଣ ଏବଂ ସଂପୃକ୍ତ ସ୍କୁଲ୍ ଶିକ୍ଷକମାନଙ୍କୁ ଆବଶ୍ୟକ ତାଲିମ୍ ପ୍ରଦାନ ଏହାର ପ୍ରଧାନ ଅଙ୍ଗବିଶେଷ ଥିଲା ।

---

165 ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସରରେ ଆଶୀର୍ବାଦ ଏବଂ ଯାଜପୁର ଡିଏଚ୍ଏଚ୍ ପରିସରରେ କିଶୋର ମେଡିକାଲ୍ସ, ଲକ୍ଷ୍ମୀ ମେଡିକାଲ୍ସ (ଆରଜିଏଚ୍, ରାଉରକେଲା), ହସ୍ପିଟାଲ ପରିସର ମେଡିସିନ୍ ହଲ (ଡିଏଚ୍ଏଚ୍, ବରଗଡ଼), ପଣ୍ଡା ମେଡିକାଲ୍ସ ଏବଂ ରାଜଲକ୍ଷ୍ମୀ ମେଡିକାଲ୍ସ (ଡିଏଚ୍ଏଚ୍, ବଲାଙ୍ଗିର)

166 କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାଲୁଥିବା ବିଜୟକୃଷ୍ଣ ମେଡିକାଲ୍ସ

167 ଆରଜିଏଚ୍, ରାଉରକେଲା: ଲକ୍ଷ୍ମୀ ମେଡିକାଲ୍ସ; ଭିଏସଏସ୍ ଏମ୍‌ସିଏଚ୍: ଚୌଧୁରୀ ଔଷଧ ଦୋକାନ ଏବଂ କ୍ୟାମ୍ପସ୍ ଔଷଧ ଦୋକାନ

ଏହି ଉଦ୍ଦେଶ୍ୟ ପାଇଁ ରାଜ୍ୟରେ 3,045ଟି ଉଚ୍ଚ ପ୍ରାଥମିକ (ୟୁପି) ବିଦ୍ୟାଳୟ ଚିହ୍ନଟ କରାଯାଇଥିଲା, ମାର୍ଚ୍ଚ 2012 ସୁଦ୍ଧା, 1,593ଟି ୟୁପି ସ୍କୁଲ୍ 42.62 କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲେ । 2012-13 ରେ 25.62 କୋଟି ଟଙ୍କା ବ୍ୟୟରେ ଅତିରିକ୍ତ 1,042ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ହାତକୁ ନିଆଯାଇଥିଲା । ସମୀକ୍ଷାରେ ଯୋଗାଣକାରୀମାନଙ୍କର ଚୟନରେ ସ୍ୱଚ୍ଛତା ଏବଂ ଔଚିତ୍ୟତା ସହିତ 1,042ଟି ବିଦ୍ୟାଳୟରେ ସିଏଏଲ୍ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ କମ୍ପ୍ୟୁଟର ଉପକରଣ ଏବଂ ଆସବାବପତ୍ରଗୁଡ଼ିକର କ୍ରୟରେ ମିତ୍ୟବ୍ୟୟିତା, ଦକ୍ଷତା ଏବଂ ଫଳପ୍ରଦତାର ଯାଞ୍ଚ କରାଯାଇ ଥିଲା । ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ନିମ୍ନ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଗଲା ।

### 3.10.1 କମ୍ପ୍ୟୁଟର ଏବଂ କମ୍ପ୍ୟୁଟରଉପକରଣ ଗୁଡ଼ିକର ସଂଗ୍ରହଣ ପାଇଁ ଯୋଗାଣକାରୀ ଚୟନରେ ଅନିୟମିତତା

ଓଡ଼ିଶା ସାଧାରଣ ଆର୍ଥିକ ନିୟମାବଳୀ (ଓଜିଏଫ୍ଆର) ର ନିୟମ 96 ଏବଂ ପରିଶିଷ୍ଟ 6 ଅନୁଯାୟୀ ଅର୍ଥ ବିଭାଗ ଦ୍ୱାରା ଜାରି କରାଯାଇଥିବା ସାମଗ୍ରୀ ସଂଗ୍ରହଣ ପାଇଁ ମାର୍ଗଦର୍ଶିକାର (ଫେବୃଆରୀ 2012) ଅନୁଚ୍ଛେଦ 12 ଅନୁଯାୟୀ 5 ଲକ୍ଷ ଟଙ୍କା ଏବଂ ତଦୁର୍ଦ୍ଧ୍ୱ ଅଟକଳ ମୂଲ୍ୟର ସାମଗ୍ରୀ ସଂଗ୍ରହଣ ପାଇଁ ବିଜ୍ଞାପନ ମାଧମରେ ନିଲାମ ଆହ୍ୱାନ ପାଇଁ ବ୍ୟବସ୍ଥା କରାଯାଇଥିଲା ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ଓପେପାର ବୈଷୟିକ କମିଟି[168] (ଟିସି) 1,042ଟି ବିଦ୍ୟାଳୟ ପାଇଁ କମ୍ପ୍ୟୁଟର କ୍ରୟ ନିମନ୍ତେ ପ୍ରତ୍ୟେକ ସ୍କୁଲ ପାଇଁ ଗୋଟିଏ ହାଇ-ଏଣ୍ଡ ଡେସ୍କଟପ୍[169] ଏବଂ ଛଅଟି[170] ନୋଡ୍ର ବୈଷୟିକ ବିନିର୍ଦ୍ଦିଷ୍ଟ ବିତରଣକୁ ଅନୁମୋଦନ କରିଥିଲା (ଫେବୃଆରୀ 2012) । ତଦନୁଯାୟୀ ରାଜ୍ୟସ୍ତରୀୟ କ୍ରୟ କମିଟି (ଏସ୍ଏଲ୍ପିସି)[171]ର ଅନୁମୋଦନ କ୍ରମେ ଓପେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଏସ୍ପିଡି) ଦୁଇଟି[172] ଆଗ୍ରହ ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରିଥିଲେ ଓ ନିବେଦନ ଦାଖଲର ତାରିଖ ଯଥାକ୍ରମେ 9 ଓ 26 ନଭେମ୍ବର 2012 ଥିଲା । ନିଲାମ ପ୍ରକ୍ରିୟା ଚାଲୁ ରହିଥିଲାବେଳେ, ପ୍ରଥମ ନିଲାମ ଡାକରା ଶେଷ ତାରିଖ ସମାପ୍ତ ହୋଇନଥିଲା ବେଳେ ଗୋଟିଏ ଏଜେନ୍ସି ଯଥା: ଷ୍ଟାଲ୍କୋ କନ୍ସଲ୍ଟାନ୍ସି ଏଣ୍ଡ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏସ୍ସିଏସ୍ପିଏଲ୍) ଉଚ୍ଚ ବିନ୍ୟାସ ସହ ଗୋଟିଏ ମଡେଲ ୱାର୍କ ଷ୍ଟେସନ[173] ଯୋଗାଣ ନିମନ୍ତେ ବିସ୍ତୃତ ପ୍ରସ୍ତାବ ଯଥା ମଡେଲ କମ୍ପ୍ୟୁଟର 1.83 ଲକ୍ଷ ଟଙ୍କା ମୂଲ୍ୟର ଡିଜିଏସ୍ଡି ଦରରେ (ଗୋଟିଏ ୱାର୍କ ଷ୍ଟେସନ ଏବଂ ସହଭାଗୀ କମ୍ପ୍ୟୁଟରୀଂ ଡିଭାଇସ୍ ସହିତ ସଂଯୋଗ ଥିବା ଛଅଟି ଡମ୍ ନୋଡ୍) ଏକ ପ୍ରସ୍ତାବ ଦାଖଲ କରିଥିଲେ (19 ସେପ୍ଟେମ୍ବର 2012) । ଏସ୍ସିଏସ୍ପିଏଲ୍ ମଧ ଗୋଦରେଜ କମ୍ପ୍ୟୁଟର ଆସବାବପତ୍ର ଯୋଗାଣ ପାଇଁ ପ୍ରସ୍ତାବ ଦେଇଥିଲା ଏବଂ ଅନ୍ୟ ଏକ ଫାର୍ମ[174] ନିକଟରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ୟୁପିଏସ୍ ପାଇଁ ଆଦେଶ ଦେବାକୁ ଅନୁରୋଧ କରିଥିଲା । ଓପେପାର ଏସପିଡି, ଏସସିଏସପିଏଲକୁ ପରଦିନ (6 ଅକ୍ଟୋବର 2012) ମଡେଲକୁ ଟିସିଙ୍କ ନିକଟରେ ପ୍ରଦର୍ଶିତ କରିବା ପାଇଁ ଆମନ୍ତ୍ରଣ କରିଥିଲେ (5 ଅକ୍ଟୋବର 2012) । ଯଦିଓ ସେହି ସମୟ ମଧରେ ପାଞ୍ଚଟି ଫାର୍ମ ନିଲାମ ଦସ୍ତାବିଜ୍ କ୍ରୟ କରିସାରିଥିଲେ ଏବଂ ଆଠଟି[175] ଫାର୍ମ ନିଲାମ ପୂର୍ବ ସମ୍ମିଳନୀରେ ଭାଗ ନେଇଥିଲେ (24

[168] ଏସ୍ପିଡି, ଓପେପା; ନିର୍ଦ୍ଦେଶକ, ଆଇଆଇଆଇଟି, ବୈଷୟିକ ନିର୍ଦ୍ଦେଶକ, ଏନ୍ଆଇସି, ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ଓ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ପ୍ରତିନିଧି, ଅତିରିକ୍ତ ନିର୍ଦ୍ଦେଶକ (ପ୍ଲାନିଂ) ଏବଂ ଓପେପାର ଅନ୍ୟ ଚାରିଜଣ ଅଧିକାରୀଙ୍କୁ ନେଇ ଗଠିତ

[169] ଇଣ୍ଟେଲ କୋର- ଆଇ3 (3.1 ଜିଏଚ୍ଜେଡ୍, 3 ଏମବି କ୍ୟାଚେ, 2 କୋର), 4 ଜିବି ରାମ

[170] ଇଣ୍ଟେଲ ଆଟମ୍ ଡି2500/ ଏନ୍ 2600 (1.6 ଜିଏଚ୍ଜେଡ୍)/ 1 ଜିବି ରାମ

[171] ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ଏସ୍ଏଣ୍ଡଏମ୍ଇ) ର ପ୍ରମୁଖ ସଚିବ, ଏସ୍ପିଡି/ ଓପେପା, ସୁଚନାପ୍ରଯୁକ୍ତି ବିଭାଗର ଅନୁସଚିବ ଏବଂ ଏସ୍ଏମ୍ଇ ବିଭାଗର ଅର୍ଥ ଉପଦେଷ୍ଟା ତଥା-ଯୁଗ୍ମ ସଚିବଙ୍କୁ ନେଇ ଗଠିତ

[172] ଯଥାକ୍ରମେ 14 ସେପ୍ଟେମ୍ବର ଏବଂ 11 ଅକ୍ଟୋବର 2012 ପାଇଁ 290 ଏବଂ 752 ବିଦ୍ୟାଳୟ

[173] ଇଣ୍ଟେଲ୍ ଜିୟନ ଇ3-1240/ 1245, 3.3 ଜିଏଚ୍ଜେଡ୍, 8 ଏମ୍ବି କ୍ୟାଚେ 16 ଜିବି ରାମ୍

[174] ଅନିଲ୍ ଏଣ୍ଟରପ୍ରାଇଜର୍ସ, ଭୁବନେଶ୍ୱର ଠାରୁ ୟୁନିଲାଇନ୍ ଡିଆରି ୟୁପିଏସ୍

[175] (1) ସିଏମ୍ସି ଲିମିଟେଡ୍, (2) କୋର ଏଜୁକେସନ ଏବଂ ଟେକ୍ନୋଲୋଜି ଲିମିଟେଡ୍, (3) ଅସମାକସ୍ ସିଷ୍ଟମେସ୍ ସଲ୍ୟୁସନ୍ଓ ପ୍ରାଇଭେଟ୍ ଲିମିଟେଡ୍, (4) ନୋଭେଲ୍, (5) ବେନଜଫ୍ୟାବ୍ ଟେକ୍ନୋଲୋଜି ଲିମିଟେଡ୍, (6) କେଷ୍ଟୋନ ଆଇଏମ୍ଏସ୍ ପ୍ରାଇଭେଟ୍ ଲିମିଟେଡ୍, (7) ଇ-ସ୍କୋୟାର ଟେକ୍ନୋଲୋଜି ଲିମିଟେଡ୍ ଏବଂ (8) ଭାକ୍ରାଙ୍ଗି ସଫ୍ଟୱେୟାରସ୍ ଲିମିଟେଡ୍

ସେପ୍ଟେମ୍ବର 2012) ଯେଉଁଥିରେ କି ଦୁଇଜଣ ବାହାର ବିଶେଷଜ୍ଞ[176]ଙ୍କ ସହିତ ନିଲାମ ସମ୍ବନ୍ଧୀୟ ବୈଷୟିକ ବିନ୍ଦୁ ଉପରେ ବୈଷୟିକ କମିଟି ଦ୍ୱାରା ସ୍ପଷ୍ଟୀକରଣ ଦିଆଯାଇଥିଲା ।

ଫାର୍ମ ଦ୍ୱାରା ମଡେଲ୍‌ର ପ୍ରଦର୍ଶନ ପରେ ଟିସି[177]ର ମୁଖ୍ୟ ଭାବେ ଏହାର ସହାୟକ ନିର୍ଦ୍ଦେଶକ (ପ୍ଲାନିଂ) ମଡେଲ୍‌ଟିକୁ ସୁପାରିଶ କରିଥିଲେ (6 ଅକ୍ଟୋବର 2012) । ଏହାପରେ ଏସପିଡି କମିଶନର ତଥା ସଚିବଙ୍କୁ କ୍ରୟ ପ୍ରକ୍ରିୟାକୁ ବିକେନ୍ଦ୍ରୀକରଣ କରିବାକୁ ପ୍ରସ୍ତାବ ଦେଇଥିଲେ (22 ନଭେମ୍ବର 2012), ଯାହାଫଳରେ କମ୍ପ୍ୟୁଟର ଓ ଏହାର ଉପକରଣ ଗୁଡ଼ିକ ଜିଲ୍ଲା ସ୍ତରରେ ଡିଜିଏସ୍‌ଡି ଦରରେ ସଂଗ୍ରହ କରାଯାଇପାରିବ । ନିଲାମ ପ୍ରକ୍ରିୟା ବାତିଲ କରିବା ପାଇଁ ଅନୁମୋଦନ କରିବା ବେଳେ ମୁଖ୍ୟ ଶାସନ ସଚିବ ତଥା ଓପେପା ଚେୟାରମ୍ୟାନ୍ ଆଦେଶ ଦେଇଥିଲେ (23 ନଭେମ୍ବର 2012) ଯେ ଓପେପାର ଏସ୍‌ପିଡିଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ବୈଷୟିକ କମିଟି ଯେଉଁଥିରେ କି ସୂଚନା ଓ ପ୍ରଯୁକ୍ତି ବିଭାଗ, ଅର୍ଥ ବିଭାଗ ଏବଂ ଜାତୀୟ ସୂଚନା କେନ୍ଦ୍ର (ଏନ୍‌ଆଇସି) ର ପ୍ରତିନିଧି ରହି ତାହାର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ମେକ୍, ମଡେଲ ଏବଂ ବିନ୍ୟାସର ସୁପାରିଶ କରିବେ । ଏସ୍‌ପିଡି 24 ନଭେମ୍ବର 2012 ରେ ନିଲାମ ଗୁଡ଼ିକୁ ବାତିଲ କରିଦେଇଥିଲେ ଏବଂ ବୈଷୟିକ କମିଟି ସହ ପରାମର୍ଶ ନ କରି ସେହି ଦିନ ସମସ୍ତ ଜିଲ୍ଲା ପ୍ରକଳ୍ପ ସମନ୍ୱୟକାରୀ (ଡିପିସି)ଙ୍କୁ ଏସ୍‌ସିଏସ୍‌ପିଏଲ୍ ଦ୍ୱାରା ପ୍ରସ୍ତାବିତ ଫାର୍ମକୁ ପ୍ରତି ବିଦ୍ୟାଳୟ ପାଇଁ 2.46[178] ଲକ୍ଷ ଟଙ୍କା ମୂଲ୍ୟରେ କମ୍ପ୍ୟୁଟର, ୟୁପିଏସ୍ ଏବଂ ଆସବାବପତ୍ର ଯୋଗାଣ ପାଇଁ କ୍ରୟ ଆଦେଶ ପ୍ରଦାନ କରିବାକୁ ଅନୁଦେଶ ଦେଇଥିଲେ ।

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ:

- ***ବୈଷୟିକ ବିବରଣର ପରିବର୍ତ୍ତନ :*** ଯଦିଓ ଏସ୍‌ସିଏସ୍‌ପିଏଲ୍ ଦ୍ୱାରା ପ୍ରସ୍ତାବିତ କମ୍ପ୍ୟୁଟରଗୁଡ଼ିକର ବିବରଣ ଫେବୃଆରୀ 2012 ରେ ଓପେପାର ବୈଷୟିକ କମିଟି ଦ୍ୱାରା ବିନିର୍ଦ୍ଦିଷ୍ଟ କମ୍ପ୍ୟୁଟର ଠାରୁ ଉଚ୍ଚତର ଥିଲା, ତଥାପି ଏହାର ପ୍ରସ୍ତାବ ଗ୍ରହଣ କରିବାର କୌଣସି ଯଥାର୍ଥତା ନଥିଲା । ପୁନଶ୍ଚ, ଯଦିଓ ବୈଷୟିକ କମିଟି ଦ୍ୱାରା ଆବଶ୍ୟକତା ଅନୁସାରେ କମ୍ପ୍ୟୁଟରଗୁଡ଼ିକର ବୈଷୟିକ ବିନ୍ୟାସର ସବିଶେଷ ଉଲ୍ଲେଖ କରିବା ଆବଶ୍ୟକ ଥିଲା ଏହା ଏସ୍‌ସିଏସ୍‌ପିଏଲ୍ ଦ୍ୱାରା ପ୍ରସ୍ତାବିତ ଡେଲ୍ ମେକ୍ ୱାର୍କଷ୍ଟେସନ ବିନ୍ୟାସକୁ ଅନୁମୋଦନ କରିଥିଲା ।

- ***ଡିଜିଏସଏଣ୍ଡଡି ଚୁକ୍ତିଧାରୀ ନଥିବା ବିକ୍ରେତାଙ୍କର ଚୟନ:*** ଏସ୍‌ସିଏସ୍‌ପିଏଲ୍ ଅଥବା ୟୁପିଏସ୍ କ୍ରୟ ପାଇଁ ଚୟନ ହୋଇଥିବା ଏଜେନ୍ସୀ ଡିଜିଏସ୍‌ଏଣ୍ଡଡି ଦର ଚୁକ୍ତିଧାରୀ ନଥିଲେ । ଏସ୍‌ସିଏସ୍‌ପିଏଲ୍ କେବଳ ଡେଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଡିଆଇପିଏଲ)ର ଏକ ସ୍ୱୀକୃତିପ୍ରାପ୍ତ ବ୍ୟବସାୟିକ ସହଯୋଗୀ ଥିଲା । ଡେଲ୍ ମେକ୍ ୱାର୍କ ଷ୍ଟେସନ ପାଇଁ ଆଗ୍ରମେଟାଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଆଇପିଏଲ୍) ନୂଆ ଦିଲ୍ଲୀ କେବଳ ଏକ ଡିଜିଏସଡି ରେଟ୍ ଚୁକ୍ତିଧାରୀ ଫାର୍ମ ଥିଲା। ଯଦିଓ ଏସ୍‌ସିଏସ୍‌ପିଏଲ୍ କମ୍ପ୍ୟୁଟରଗୁଡ଼ିକୁ ଡିଜିଏସ୍‌ଏଣ୍ଡଡି ଦରରେ ଯୋଗାଇଥିଲା, ଏହା କୌଣସି ପ୍ରାଧିକରଣ ବିନା ଏଆଇପିଏଲ୍ ର ରେଟ୍ ଚୁକ୍ତି ନମ୍ବରକୁ ଉଲ୍ଲେଖ କରିଥିଲା। ପୁନଶ୍ଚ, ଏସ୍‌ସିଏସ୍‌ପିଏଲ୍ ଆସବାବପତ୍ରର ମୂଲ୍ୟ ପାଇଁ ଡିଜିଏସ୍‌ଏଣ୍ଡଡି ଦରର ଉଲ୍ଲେଖ କରିନଥିଲା।

- ***ରାଜ୍ୟ ସ୍ତରୀୟ ସଂଗ୍ରହ କମିଟିର ବିନା ଅନୁମୋଦନରେ କ୍ରୟର ବିକେନ୍ଦ୍ରୀକରଣ:*** ଅର୍ଥ ବିଭାଗର ଅନୁଦେଶ (ଏପ୍ରିଲ୍ 2006) ଅନୁଯାୟୀ 2 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର କ୍ରୟ ପାଇଁ ରାଜ୍ୟ ସ୍ତରୀୟ କ୍ରୟ କମିଟିର (ଏସଏଲପିସି) ଅନୁମୋଦନ ଆବଶ୍ୟକ । ଯେହେତୁ ଏସ୍‌ସିଏସ୍‌ପିଏଲ୍‌କୁ ଦିଆଯାଇଥିବା କ୍ରୟ ଆଦେଶର ମୂଲ୍ୟ 25.62 କୋଟି ଟଙ୍କା ଥିଲା, ଏହା ଏସ୍‌ଏଲ୍‌ପିସିର ଅନୁମୋଦନ ଆବଶ୍ୟକ କରୁଥିଲା ।

---

176 ବୈଷୟିକ ନିର୍ଦ୍ଦେଶକ, ଜାତୀୟ ସୂଚନା କେନ୍ଦ୍ର, ଭୁବନେଶ୍ୱର ଏବଂ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ପ୍ରତିନିଧି

177 ବୈଷୟିକ ନିର୍ଦ୍ଦେଶକ, ନେସନାଲ୍ ଇନଫର୍ମେଟିକ୍‌ସ ସେଣ୍ଟର, ଭୁବନେଶ୍ୱର; ଭାରତର ସଫ୍ଟୱେୟାର ଟେକନୋଲୋଜି ପାର୍କର ପ୍ରତିନିଧି; ଏବଂ ସହାୟକ ନିର୍ଦ୍ଦେଶକ (ମ୍ୟାନେଜମେଣ୍ଟ ଇନଫର୍ମେସନ ସାଷ୍ଟମ), ଓପେପା ଏବଂ ଅର୍ଥ ଅଧିକାରୀ, ଓପେପା

178 କମ୍ପ୍ୟୁଟର: 1,82,531 ଟଙ୍କା, ୟୁପିଏସ୍: 20,573 ଟଙ୍କା ଏବଂ କମ୍ପ୍ୟୁଟର ଉପକରଣ: 42,779 ଟଙ୍କା ଏବଂ ଛଅଟି ଏନ୍ କମ୍ପ୍ୟୁଟିଙ୍ଗ୍ ଡିଭାଇସ୍ ଡିଜିଏସ୍‌ଡି ଆଇଟମ୍ ହୋଇନଥିବାରୁ ବିନା ମୂଲ୍ୟରେ ଯୋଗାଇବାର ଥିଲା

ସରକାର ଦର୍ଶାଇଥିଲେ (ଫେବୃଆରୀ 2015) ଯେ ସ୍ୱଳ୍ପ ନିଲାମ ଡକାଳୀମାନଙ୍କର ଅଂଶ ଗ୍ରହଣ ଏବଂ ଅର୍ଥ ରାଶିର ଉପଯୋଗିତା ନିମନ୍ତେ କ୍ରୟ ପ୍ରକ୍ରିୟାକୁ ବିକେନ୍ଦ୍ରୀକରଣ କରାଯାଇଥିଲା । ଉତ୍ତର ସନ୍ତୋଷଜନକ ନଥିଲା ଯେହେତୁ ପାଞ୍ଚଟି ଫାର୍ମ ନିଲାମ ଦସ୍ତାବିଜ୍ କ୍ରୟ କରିସାରିଥିଲେ । ପୁନଶ୍ଚ ପ୍ରକୃତ ପକ୍ଷେ କୌଣସି ବିକେନ୍ଦ୍ରୀୟ କ୍ରୟ ପଦ୍ଧତି ଅବଲମ୍ବନ କରାଯାଇନଥିଲା କାରଣ ମୂଲ୍ୟ ଏବଂ ଯୋଗାଣକାରୀ ସହିତ ମଡେଲର ଚୟନ ଏସ୍‌ପିଡି ଓପେପାଙ୍କ ଦ୍ୱାରା ମୁଖ୍ୟତଃ କରାଯାଇଥିଲା ।

### 3.10.2 ତ୍ରୁଟିପୂର୍ଣ୍ଣ କ୍ରୟ ଆଦେଶ ଯୋଗୁଁ ନିରର୍ଥକ ସମ୍ପତ୍ତିରେ 17.12 କୋଟି ଟଙ୍କାର ନିଷ୍ଫଳ ବ୍ୟୟ

ଯୋଗାଣ ଆଦେଶର ଚୁକ୍ତି ଅନୁସାରେ ଏସ୍‌ସିଏସ୍‌ପିଏଲ୍ ଦ୍ୱାରା ଯୋଗାଇବାକୁ ଥିବା ପ୍ରତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୱାର୍କ ଷ୍ଟେସନର ମୂଲ୍ୟ (1,82,531 ଟଙ୍କା) ମଧ୍ୟରେ ଛଅଟି ଏନ୍-କମ୍ପ୍ୟୁଟିଂ[179] ଉପକରଣ ବିନା ମୂଲ୍ୟରେ ଯୋଗାଇବାର ଥିଲା । କମ୍ପ୍ୟୁଟର ପ୍ରଣାଳୀକୁ କାର୍ଯ୍ୟକ୍ଷମ କରିବା ପାଇଁ ଏହି ଉପକରଣଗୁଡ଼ିକ ଜରୁରୀ ଥିଲା । ସମୀକ୍ଷାରେ ପରିଲକ୍ଷିତ ହେଲା ଯେ :

- ଯଦିଓ ଏସ୍‌ସିଏସ୍‌ପିଏଲ୍ 1,042ଟି ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଥିଲା ଏହା 27[180]ଟି ଜିଲ୍ଲାର 814ଟି ବିଦ୍ୟାଳୟକୁ ଏନ୍-କମ୍ପ୍ୟୁଟିଂ ଉପକରଣ ଯୋଗାଇ ନଥିଲା, ଯାହାଫଳରେ ସେହି ସବୁ ବିଦ୍ୟାଳୟର କମ୍ପ୍ୟୁଟରଗୁଡ଼ିକ ବ୍ୟବହାର ହୋଇପାରି ନଥିଲା । ମାତ୍ର 1.63 କୋଟି ଟଙ୍କା[181] ମୂଲ୍ୟର 814 ଟି ଏନ୍-କମ୍ପ୍ୟୁଟିଂ ଉପକରଣ ପାଇଁ ମାତ୍ର 1.03 କୋଟି ଟଙ୍କା ଅଟକ ରଖାଯାଇଥିଲା ।

- ପୁନଶ୍ଚ, ଯୋଗାଣ ଆଦେଶରେ ଯୋଗାଣ ନକରିଲେ ଜରିମାନା ଲାଗୁ କରିବାକୁ କୌଣସି ସମର୍ଥକାରୀ ବ୍ୟବସ୍ଥା ନଥିବାରୁ ଓପେପା ଏସ୍‌ସିଏସ୍‌ପିଏଲ୍ ଉପରେ କୌଣସି ଜରିମାନା ଲାଗୁ କରିପାରି ନଥିଲା ।

ଯାହାଫଳରେ, ନଭେମ୍ବର 2012 ରୁ ଅପ୍ରେଲ 2013 ମଧ୍ୟରେ 814ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ 17.12 କୋଟି ଟଙ୍କା ବିନିମୟରେ କ୍ରୟ କରାଯାଇଥିବା କମ୍ପ୍ୟୁଟର, ଏହାର ଉପକରଣ ଏବଂ ଆସବାବପତ୍ରଗୁଡ଼ିକ ବ୍ୟବହାର ହୋଇପାରିନଥିଲା ଏବଂ ଅପ୍ରେଲ 2015 ପର୍ଯ୍ୟନ୍ତ ଏଗୁଡ଼ିକ ପ୍ୟାକିଂ/ ଅଣସଂସ୍ଥାପନ ଅବସ୍ଥାରେ ରଖାଯାଇଥିଲା ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସରକାର ଡିଆଇପିଏଲ କୁ କଳା ତାଲିକା ଭୁକ୍ତ କରିଛନ୍ତି ଏବଂ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍) କୁ ଏହିସବୁ କମ୍ପ୍ୟୁଟର/ ୱାର୍କ ଷ୍ଟେସନ ଏବଂ ସିଏଏଲ୍ ପ୍ରୟୋଗଶାଳାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଆଦେଶ ଜାରି କରିଥିଲେ ।

### 3.10.3 ଉଚ୍ଚ କ୍ଷମତାସମ୍ପନ୍ନ ଆନୁସଙ୍ଗିକ ଉପକରଣ କ୍ରୟ କାରଣରୁ ଅତିରିକ୍ତ ବ୍ୟୟ

ଯେହେତୁ ସିଏଏଲ୍ କାର୍ଯ୍ୟକ୍ରମ ଓପେପା ଜରିଆରେ 4 ଜିବି ର୍ୟାଣ୍ଡମ୍ ଆକ୍ସେସ୍ ମେମୋରି (ରାମ୍) ଥିବା ଡେସ୍କ ଟପ୍ ମଡେଲ କମ୍ପ୍ୟୁଟର ସହିତ 1,593ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲୁ ରହିଥିଲା । ସେହି ସମାନ ବିବରଣ ସେପ୍ଟେମ୍ବର-ଅକ୍ଟୋବର 2012 ସମୟରେ ଆହ୍ୱାନ ହୋଇଥିବା ଅଭିବ୍ୟକ୍ତ ଆଗ୍ରହ (ଇଓଆଇ) ରେ ଉଲ୍ଲେଖ ଥିଲା। ତେବେ ଏସସିଏସପିଏଲ୍ ତାହାର ନିବେଦନରେ (19 ସେପ୍ଟେମ୍ବର 2012) 52,000 ଟଙ୍କାର (ରାମ୍ ପ୍ରତି 13,000 ଟଙ୍କା) ଡିଜିଏସ୍‌ଡି ଦରରେ 16 ଜିବି ରାମ୍ (4ଟି 4 ଜିବି ରାମ୍) ବିଶଦ ବିବରଣୀ ଉଲ୍ଲେଖ କରିଥିଲା ଯାହାକି ଓପେପା ଦ୍ୱାରା ଗ୍ରହଣ ହୋଇଥିଲା (6 ଅକ୍ଟୋବର 2012)।

ସମୀକ୍ଷାରେ ପରିଲକ୍ଷିତ ହୋଇଥିଲା ଯେ କ୍ରୟ ହୋଇଥିବା 16 ଜିବିର ରାମ୍ ଇଓଆଇ (ସେପ୍ଟେମ୍ବର ଓ ଅକ୍ଟୋବର 2012) ରେ ଉଲ୍ଲେଖ ଥିବା 4 ଜିବିର ଆବଶ୍ୟକତା ଠାରୁ ବହୁତ ଅଧିକ ଥିଲା । ଏହା ବ୍ୟତୀତ ଓଡ଼ିଶା କମ୍ପ୍ୟୁଟର

179 ଗୋଟିଏ ଅପରେଟିଙ୍ଗ ସିଷ୍ଟମକୁ ଏକାଧିକ ବ୍ୟବହାରକାରୀ ଏକ ସମୟରେ ବ୍ୟବହାର ହୋଇପାରୁଥିବା ଏନ୍ କମ୍ପ୍ୟୁଟିଙ୍ଗ୍ ଡିଭାଇସ୍

180 ବାଲେଶ୍ୱର ବ୍ୟତୀତ, ଯାଜପୁର ଏବଂ ମାଲକାନଗିରି

181 ସ୍ଥାନୀୟ ବଜାର ଦରରେ ଛଅଟି ୟୁନିଟ୍ ପାଇଁ 20,000 ଟଙ୍କା

ଆପ୍ଲିକେସନ୍ ସେଣ୍ଟର ରାଜ୍ୟର ଅନ୍ୟ 1,593 ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସିଏଏଲ୍ ପ୍ରୟୋଗ ଶାଳାରେ ସେହି ସମାନ ଗ୍ରାଫିକ୍ ସଫ୍ଟୱେୟାରରେ 4 ଜିବି ରାମ୍ ବ୍ୟବହାର କରୁଥିଲା । ପୁନଶ୍ଚ, ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ ଅନ୍ତର୍ଗତ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଆଇଏମଏସଏ) ଅଧୀନରେ 4,000 ମାଧ୍ୟମିକ ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀରେ ଫ୍ଲାସ୍ ଫାଇଲ୍ ଆଧାରରେ ଆନିମେସନ୍ ଏବଂ ଗ୍ରାଫିକ୍ ସହିତ ଇ-ଶିକ୍ଷାଦାନ ବ୍ୟବସ୍ଥା କରୁଥିବା ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ ମଧ୍ୟ ଏକ ସମୟରେ 40 ଜଣ ଛାତ୍ରଙ୍କୁ ଶିକ୍ଷା ଦେବାକୁ 4 ଜିବି ରାମ୍‌ର କମ୍ପ୍ୟୁଟର ପଦ୍ଧତି ବ୍ୟବହାର କରୁଥିଲା । ସୁତରାଂ ଏଥିରୁ ସ୍ପଷ୍ଟ ଯେ ଏକାଥରକେ 21 ଜଣ ଛାତ୍ରଙ୍କୁ ସିଏଏଲ୍ ଅଧୀନରେ ଶିକ୍ଷା ଦାନ ନିମନ୍ତେ 4 ଜିବି ରାମ୍ ଯଥେଷ୍ଟ ହୋଇଥାନ୍ତା । କିନ୍ତୁ ଉଚ୍ଚ କ୍ଷମତା ସମ୍ପନ୍ନ ରାମ୍ (16 ଜିବି) କ୍ରୟ ଫଳରେ 1,042ଟି ବିଦ୍ୟାଳୟ ପାଇଁ ଅଧିକ 4.06 କୋଟି[182] ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା ।

ସରକାର ଦର୍ଶାଇଥିଲେ (ଫେବୃଆରୀ 2015) ଯେ ଟିସି ଅକ୍ଟୋବର 2012 ରୁ ଜାନୁଆରୀ 2013 ମଧ୍ୟରେ ହୋଇଥିବା ସେମାନଙ୍କର ବୈଠକରେ 16 ଜିବି ରାମ୍ କ୍ଷମତାକୁ ଅଗ୍ରାଧିକାର ଦେଇଥିଲେ ।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

## 3.11 ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମର ବଣ୍ଟନ ଓ ବିତରଣ

ଭାରତ ସରକାର ଅତ୍ୟାବଶ୍ୟକ ସାମଗ୍ରୀର ବଣ୍ଟନ ପାଇଁ ନିରପେକ୍ଷ ଯୋଗାଣ ବଜାୟ ରଖିବା କିମ୍ବା ବୃଦ୍ଧି କରିବା ତଥା ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଅଧିନିୟମ 2001 ଲାଗୁ କରିଥିଲେ । ଭାରତ ସରକାର ଉପରୋକ୍ତ ଅଧିନିୟମକୁ ଅନୁସରଣ କରି ଦାରିଦ୍ର୍ୟ ସୀମା ରେଖା ଉପରେ (ଏପିଏଲ୍) ଥିବା କାର୍ଡଧାରୀଙ୍କୁ ଗହମ ବିତରଣ ପାଇଁ ରାଜ୍ୟକୁ ଆବଣ୍ଟନ କରନ୍ତି । ପ୍ରତିବଦଳରେ ରାଜ୍ୟ ସରକାର ଦାରିଦ୍ର୍ୟ ସୀମା ରେଖା ଉପରେ ଥିବା କାର୍ଡଧାରୀଙ୍କୁ ବିତରଣ କରିବା ପାଇଁ ଜିଲ୍ଲାମାନଙ୍କୁ ଗହମ ଆବଣ୍ଟନ କରନ୍ତି ଏବଂ ଦର ଓ ବଣ୍ଟନର ମାତ୍ରା ନିର୍ଦ୍ଧାରଣ କରନ୍ତି ।

ଏପିଏଲ୍ ଗହମର ସହଜ ବିତରଣ କରିବା ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ର ଖାଦ୍ୟ ଭଣ୍ଡାର (ଏଫ୍‌ଏସ୍‌ଡି), ଚାଉଳ ଗ୍ରହଣ କେନ୍ଦ୍ର ତଥା ବିଭାଗୀୟ ଭଣ୍ଡାର (ଆର୍‌ଆର୍‌ସି କମ୍ ଡିଏସ୍‌ସି) ରୁ ଗହମ ଉଠାଇବା ଏବଂ ବିତରଣ ପାଇଁ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର (ଏଫ୍‌ପିଏସ୍)କୁ ପରିବହନ କରିବା ପାଇଁ ବ୍ୟବସ୍ଥା କରିବା ହେଉଛି ଜିଲ୍ଲାପାଳ ଏବଂ ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ ଲିମିଟେଡ୍ (ଓଏସ୍‌ସିଏସ୍‌ସି) ବେସାମରିକ ଖାଦ୍ୟ ଯୋଗାଣ ଅଧିକାରୀ ତଥା ଜିଲ୍ଲା ପରିଚାଳକଙ୍କ ଦାୟିତ୍ୱ ।

ଯୋଗ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ଗହମ ବିତରଣ ପାଇଁ ପ୍ରଚଳିତ ଥିବା ବ୍ୟବସ୍ଥାର ପ୍ରଭାବ ଓ ଦକ୍ଷତା ନିର୍ଦ୍ଧାରଣ କରିବା ପାଇଁ ଫେବୃଆରୀ-ମାର୍ଚ୍ଚ 2015 ରେ ସମୀକ୍ଷା କରାଯାଇଥିଲା । ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଏବଂ ବଛାଯାଇଥିବା ପାଞ୍ଚଟି[183] ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ, 10ଟି ଚାଉଳ ଗ୍ରହଣ କେନ୍ଦ୍ର ତଥା ବିଭାଗୀୟ ଭଣ୍ଡାର ଏବଂ 30ଟି ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ରର 2011-14 ର ନଥିପତ୍ର ଯାଞ୍ଚ କରାଯାଇଥିଲା । ଆବଶ୍ୟକ ସ୍ଥଳେ ସମୀକ୍ଷା ଉପସ୍ଥିତିରେ ହିତାଧିକାରୀ ସାକ୍ଷାତକାର କରାଯାଇଥିଲା ।

### 3.11.1 ଅପ୍ରାଧିକୃତ/ମିଥ୍ୟା କାର୍ଡଧାରୀଙ୍କୁ ପିଡିଏସ୍ ଗହମର ବିତରଣ

ସାଧାରଣ ବଣ୍ଟନ ବ୍ୟବସ୍ଥା ନିୟନ୍ତ୍ରଣ (ପିଡିଏସ୍) ଆଦେଶ 2001 ର ଅନୁଚ୍ଛେଦ 2 (6) ଅନୁଯାୟୀ ଅଯୋଗ୍ୟ ଏବଂ ମିଥ୍ୟା ପଡ଼ିକାର୍ଡକୁ ବିଲୋପ କରିବା ପାଇଁ ସରକାର ପ୍ରତିବର୍ଷ ପଡିକାର୍ଡର ନିୟମିତ ଯାଞ୍ଚ କରିବା ଦରକାର । ବାର୍ଷିକ ଯାଞ୍ଚ କରି ମିଥ୍ୟା/ ଭୂତ/ ନକଲି ପଡିକାର୍ଡ ଗୁଡ଼ିକ ଖୋଜି ବାହାର କରିବା ପାଇଁ ରାଜ୍ୟର ମୁଖ୍ୟ ଶାସନ

---

[182] ଅଧିକା ଖର୍ଚ୍ଚ 39,000 ଟଙ୍କା ବିଦ୍ୟାଳୟ ପ୍ରତି (ଗୋଟା ପ୍ରତି 13,000 ଟଙ୍କା ଲେଖାଏଁ ତିନିଟି ରାମର ଦାମ) 1,042 ଟି ୟୁପି ସ୍କୁଲ୍ ପାଇଁ

[183] କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଏବଂ ସୁନ୍ଦରଗଡ଼

ସଚିବ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ (ସେପ୍ଟେମ୍ବର 2010) । ଏହି ଅନୁସାରେ ନଭେମ୍ବର ଏବଂ ଡିସେମ୍ବର 2010 ରେ ବେସାମରିକ ଯୋଗାଣ ଅଧିକାରୀ (ସିଏସ୍‌ଓ)ଙ୍କ ଦ୍ୱାରା 2010-11 ବର୍ଷ ପାଇଁ ଯାଞ୍ଚ୍ କରାଯାଇଥିଲା । ପାଞ୍ଚଟି ନମୁନା ଯାଞ୍ଚ୍ ଜିଲ୍ଲାର ବେସାମରିକ ଯୋଗାଣ ଅଧିକାରୀ 11,30,792 ଏପିଏଲ୍ କାର୍ଡ ମଧ୍ୟରୁ 9,66,863 ଏପିଏଲ୍ କାର୍ଡକୁ ଯୋଗ୍ୟ ବିବେଚିତ କଲେ ଏବଂ 51,041 ମିଥ୍ୟା/ଭୁତ/ନକଲି କାର୍ଡକୁ ରଦ୍ଦ କଲେ ଯାହାକି ନିମ୍ନ ସାରଣୀରେ ବର୍ଣ୍ଣନା କରାଗଲା ।

***ସାରଣୀ3.11.1: ବୈଧ୍ୟମାନ ଏବଂ ରଦ୍ଦ ହୋଇଥିବା ଏପିଏଲ୍ କାର୍ଡର ବିବରଣ***

| କ୍ର.ସଂ | ଜିଲ୍ଲାର ନାମ | ନଭେମ୍ବର 2010 ସୁଦ୍ଧା କାର୍ଡ ସଂଖ୍ୟା | ଯାଞ୍ଚ୍ ପରେ ବୈଧ୍ୟମାନ କାର୍ଡ ସଂଖ୍ୟା | ରଦ୍ଦ ହୋଇଥିବା ମିଥ୍ୟା / ଭୁତକାର୍ଡ |
|---|---|---|---|---|
| 1 | ଖୋର୍ଦ୍ଧା | 261933 | 246518 | 15415 |
| 2 | ପୁରୀ | 119539 | 119323 | 216 |
| 3 | କଟକ | 311966 | 196848 | 2230 |
| 4 | ଜଗତସିଂହପୁର | 204375 | 191490 | 12885 |
| 5 | ସୁନ୍ଦରଗଡ଼ | 232979 | 212684 | 20295 |
| ମୋଟ | | **1130792** | **966863** | **51041** |

***(ଉତ୍ସ: ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ସମୀକ୍ଷାକୁ ଦିଆଯାଇଥିବା ତଦନ୍ତ ରିପୋର୍ଟ)***

ସମୀକ୍ଷା ପରିଲକ୍ଷିତ କଲା ଯେ:

- ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) 2001 ଆଦେଶ ଅନୁସାରେ 2011-2014 ମଧ୍ୟରେ ପଡିକାର୍ଡର ବାର୍ଷିକ ଯାଞ୍ଚ୍ କରାଯାଇ ନଥିଲା । କଟକ ମହାନଗର ନିଗମରେ 1.13 ଲକ୍ଷ ପଡିକାର୍ଡ ଯାଞ୍ଚ୍ କରାଯାଇ ନଥିବା ଲକ୍ଷ୍ୟ କରାଯାଇଥିଲା ।

- ଯାଞ୍ଚ୍ ପ୍ରକ୍ରିୟା ପରେ 88,488 ଅଧିକ ପଡିକାର୍ଡ କଟକ (45,138 କାର୍ଡ), ପୁରୀ (43,350 କାର୍ଡ) ଜିଲ୍ଲାରେ ପ୍ରଚଳିତ ଥିଲା ଯେହେତୁ ଏହି କାର୍ଡଗୁଡ଼ିକୁ ଯାଞ୍ଚ୍ ପ୍ରକ୍ରିୟାବେଳେ ଯାଞ୍ଚ୍ କରିବା ପାଇଁ ରିପୋର୍ଟ କରାଯାଇ ନଥିଲା କିମ୍ବା ପରେ ଏହିଗୁଡ଼ିକୁ ଯାଞ୍ଚ୍ କରାଯାଇ ନଥିଲା ଏବଂ ସେଗୁଡ଼ିକ ଯାଞ୍ଚ୍ ନ ହୋଇ ରହିଗଲା । ଯେହେତୁ ପିଡିଏସ୍ ଗହମର ଆବଣ୍ଟନ ପ୍ରକ୍ରିୟା ଯୋଗ୍ୟ କାର୍ଡର ମାତ୍ରା ଆଧାରରେ ହୋଇଥାଏ ଏହି କାର୍ଡଗୁଡ଼ିକ ହିତାଧିକାରୀଙ୍କ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ମାନଦଣ୍ଡ ଅନୁସାରେ କାର୍ଡଧାରୀଙ୍କୁ ପ୍ରତି ମାସ 10 କିଲୋଗ୍ରାମ ମିଳିବା ସ୍ଥାନରେ 3-6 କିଗ୍ରା ଗହମ କମ୍ ବିତରଣ କରାଯାଇଥିଲା ।

- ଅପ୍ରାଧିକୃତ ଏପିଏଲ କାର୍ଡଧାରୀଙ୍କୁ 37.35 କୋଟି ଟଙ୍କାର ସରକାରୀ ସାହାଯ୍ୟ ସହିତ 3.21 ଲକ୍ଷ କ୍ୱିଣ୍ଟାଲ ଗହମ ଅଯୋଗ୍ୟ ହିତାଧିକାରୀଙ୍କୁ ବିତରଣ କରାଯାଇଥିଲା ।

- ସମୀକ୍ଷା ଉପସ୍ଥିତିରେ ବିଭାଗ ଦ୍ୱାରା ପୁରୀ ଜିଲ୍ଲାର ଛଅଟି ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ରର ଯୁଗ୍ମ ସରଜମିନ ତଦନ୍ତ ସମୟରେ ଦେଖାଗଲା ଯେ 1,294 କାର୍ଡଧାରୀଙ୍କୁ ବିତରଣ ହେବାକୁ ଥିବା ଗହମକୁ 1,724 ଜଣ କାର୍ଡଧାରୀଙ୍କୁ ବିତରଣ କରାଯାଇଥିଲା ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ସରକାର, ସମସ୍ତ ଜିଲ୍ଲାରେ ପ୍ରଚଳିତ ଅପ୍ରାଧିକୃତ/ ମିଥ୍ୟା ପଡିକାର୍ଡକୁ ବିଲୋପ କରିବା ପାଇଁ ଜିଲ୍ଲା କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି ମିଥ୍ୟା ପଡିକାର୍ଡଗୁଡ଼ିକୁ ବିଲୋପ କରିବା ପାଇଁ 2010-11 ରେ ଏକ ବୃହତ୍ ଅଭିଯାନ କରାଯାଇଥିଲା । ସେଥିପାଇଁ ମିଥ୍ୟା ପଡିକାର୍ଡଗୁଡ଼ିକର ଉପସ୍ଥିତି ସେହି ଜିଲ୍ଲାମାନଙ୍କରେ ଆଶା କରାଯାଉ ନଥିଲା । ଯାହାହେଉ, ଡିସେମ୍ବର 2010 ପରେ ବାର୍ଷିକ ଯାଞ୍ଚ୍ କରାଯାଇ ନଥିଲା କିମ୍ବା ଅଧିକା ପଡିକାର୍ଡ ଚିହ୍ନଟ/ ଅଧିପ୍ରମାଣିତ କରାଯାଇ ନଥିଲା ।

### 3.11.2 ପିଡିଏସ୍ ଗହମର ଉଠାଣ ଏବଂ ଯୋଗାଣରେ ପରିହାର୍ଯ୍ୟ ଖର୍ଚ୍ଚ

ୱାଧ୍ୱା କମିଟି[184]ର ସୁପାରିଶ (ନଭେମ୍ବର 2009) ଅନୁସାରେ ପିଡିଏସ୍ ସାମଗ୍ରୀର ପରିବହନ ପାଇଁ ରାଜ୍ୟ ସରକାର ଦୁଇସ୍ତର ବିଶିଷ୍ଟ ପ୍ରକ୍ରିୟା ଲାଗୁ କରିଥିଲେ ଯଥା ଖାଦ୍ୟ ଯୋଗାଣ ନିଗମର ଖାଦ୍ୟ ଭଣ୍ଡାର (ଏଫ୍ଏସ୍ଡି)/ ମୂଳ ଚାଉଳ ଗ୍ରହଣ କେନ୍ଦ୍ରରୁ ଚାଉଳ ଗ୍ରହଣ କେନ୍ଦ୍ର ତଥା ବିଭାଗୀୟ ଭଣ୍ଡାର ପର୍ଯ୍ୟନ୍ତ ଏବଂ ସେହିଠାରୁ ବେସାମରିକ ଯୋଗାଣ ଅଧିକାରୀଙ୍କ ଦ୍ୱାରା ନିୟୋଜିତ ପରିବହନ ଠିକାଦାରଙ୍କ ଦ୍ୱାରା ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀର ପରିବହନ । ବିଭାଗୀୟ ଭଣ୍ଡାର ଚାଳନାର କର୍ମ ସମ୍ପାଦନ ମାର୍ଗଦର୍ଶିକା ଅନୁସାରେ କେଉଁ ଖାଦ୍ୟ ଭଣ୍ଡାର କେନ୍ଦ୍ରରୁ ଗହମ ଉଠାଣ ହେବ, ଜିଲ୍ଲା ତାହା ଉଠାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବେ ଏବଂ ଜିଲ୍ଲା କର୍ତ୍ତୃପକ୍ଷ ଏପରି ଭାବେ ପରିବହନ କାର୍ଯ୍ୟକୁ ସମର୍ପଣ କରିବେ ଯେପରି ନିକଟତମ ରାସ୍ତା ଅନୁସରଣ କରି ପରିବହନ ବ୍ୟୟକୁ କମ୍ କରାଯାଇପାରିବ ।

ଯାହାହେଉ, ସମୀକ୍ଷା ଅବଲୋକନ କଲେ ଯେ ଭାରତୀୟ ଖାଦ୍ୟ ନିଗମର ଉଠାଣ ଆଦେଶକୁ ଆଧାର କରି ବେସାମରିକ ଯୋଗାଣ ଅଧିକାରୀ ତଥା ଜିଲ୍ଲା ପରିଚାଳକ ଖୋର୍ଦ୍ଧା 2012-14 ବର୍ଷରେ 3.15 ଲକ୍ଷ କୁଇଣ୍ଟାଲ ଗହମ, ଜଟଣୀ ଖାଦ୍ୟ ଭଣ୍ଡାରରୁ ମଞ୍ଚେଶ୍ୱର (29 କିଲୋମିଟର), ବାଲିଅନ୍ତା (54 କିଲୋମିଟର) ଏବଂ ବାଲିପାଟଣା (84 କିଲୋମିଟର) ଠାରେ ଅବସ୍ଥାପିତ ଚାଉଳ ସଂଗ୍ରହ କେନ୍ଦ୍ର ଏବଂ ବିଭାଗୀୟ ଭଣ୍ଡାରକୁ ଯୋଗାଇଦେବା ପାଇଁ ଏକ ପରିବହନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । କିନ୍ତୁ ଉପଭୋକ୍ତା ଚାଉଳ ଗ୍ରହଣ କେନ୍ଦ୍ରର[185] ଦୂରତା ଖାଦ୍ୟ ଭଣ୍ଡାର ଭୁବନେଶ୍ୱରଠାରୁ ନିକଟତର ଏବଂ ସେତେବେଳେ ଭୁବନେଶ୍ୱର ଗୋଦାମରେ ଯଥେଷ୍ଟ ପରିମାଣର ଗହମ ମହଜୁଦ୍ ଥିଲା । ଖାଦ୍ୟ ଭଣ୍ଡାର, ଜଟଣୀରୁ ଗହମ ଉଠାଇବା ଦ୍ୱାରା ବେସାମରିକ ଯୋଗାଣ ତଥା ଜିଲ୍ଲା ପରିଚାଳକ ପରିବହନ ଖର୍ଚ୍ଚ ବାବଦକୁ 62.74 ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିଥିଲେ । ସେହିଭଳି ବେସାମରିକ ଯୋଗାଣ ଅଧିକାରୀ ତଥା ଜିଲ୍ଲା ପରିଚାଳକ, ସୁନ୍ଦରଗଡ଼ ଛଅଟି[186] ଚାଉଳ ଗ୍ରହଣ କେନ୍ଦ୍ର ତଥା ବିଭାଗୀୟ ଭଣ୍ଡାର ପାଇଁ 2.11 ଲକ୍ଷ କୁଇଣ୍ଟାଲ ଗହମ 2011-14 ମଧ୍ୟରେ ଭାରତୀୟ ଖାଦ୍ୟ ନିଗମ ବାଲିଜୋରିରୁ ଉଠାଇଥିଲେ ଯାହାର ଦୂରତା 96ରୁ 253 କିଲୋମିଟର ପରିସର ମଧ୍ୟରେ ଥିଲା । କିନ୍ତୁ ଏହି ଛଅଟି ଚାଉଳ ଗ୍ରହଣ କେନ୍ଦ୍ର ତଥା ବିଭାଗୀୟ ଭଣ୍ଡାର ଖାଦ୍ୟ ଭଣ୍ଡାର ରାଉରକେଲା ଠାରୁ 38 ରୁ 14 କିମି ପରିସର ମଧ୍ୟରେ ଥିଲା । ତେଣୁ ଖାଦ୍ୟ ଭଣ୍ଡାର ରାଉରକେଲାରୁ ଗହମ ନ ଉଠାଇବା ଦ୍ୱାରା 1.17 କୋଟି ଟଙ୍କାର ଅଧିକ ଖର୍ଚ୍ଚ ହୋଇଥିଲା ।

ଯଦି ବିଭାଗ ବେସାମରିକ ଯୋଗାଣ ଅଧିକାରୀ ତଥା ଜିଲ୍ଲା ପରିଚାଳକ ନିକଟତମ ଭାରତୀୟ ଖାଦ୍ୟ ନିଗମର ଗୋଦାମରୁ ଗହମ ଉଠାଣ କଥା ଭାରତୀୟ ଖାଦ୍ୟ ନିଗମ ସହିତ ଆଲୋଚନା କରିଥାନ୍ତେ, ତେବେ 1.80 କୋଟି ଟଙ୍କାର ଅଧିକ ପରିବହନ ଖର୍ଚ୍ଚକୁ ରୋକାଯାଇପାରିଥାନ୍ତା ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ନିକଟତମ ଖାଦ୍ୟ ଭଣ୍ଡାରରୁ ଗହମ ଯୋଗାଣ ଅନୁରୋଧକୁ ଭାରତୀୟ ଖାଦ୍ୟ ନିଗମ ଧ୍ୟାନ ଦେଇ ନଥିଲେ ।

### 3.11.3 ପରିବହନରେ ଅତ୍ୟଧିକ ଖର୍ଚ୍ଚ

ଖାଦ୍ୟ ସାମଗ୍ରୀ ଗୁଡ଼ିକ ଚାଉଳ ସଂଗ୍ରହ କେନ୍ଦ୍ର ତଥା ବିଭାଗୀୟ ଭଣ୍ଡାରରୁ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ପର୍ଯ୍ୟନ୍ତ ପରିବହନ କାର୍ଯ୍ୟ ପରିବହନ ଠିକାଦାରଙ୍କୁ ନିଯୁକ୍ତି କରି କରାଯାଇଥାଏ । ପୁନଶ୍ଚ ଅର୍ଥ ବିଭାଗର ନିର୍ଦ୍ଦେଶ (ସେପ୍ଟେମ୍ବର 2011) ଅନୁସାରେ ଆଉଟ୍ ସୋର୍ସ ସେବା ବ୍ୟବହାର କରିବା ପାଇଁ ଆର୍ଥିକ ଦେୟ ପ୍ରକୃତ ନିର୍ଦ୍ଧାରିତ ଦାମ ଠାରୁ ଅଧିକା ହେବା ଉଚିତ ନୁହେଁ ।

---

[184] ଘରୋଇ ମହଜୁଦ୍ ଏଜେନ୍ସୀଙ୍କ ସ୍ଥାନରେ ବିଭାଗୀୟ ମହଜୁଦ ପ୍ରଣାଳୀ ସ୍ଥାପନ କରିବାକୁ ଜଷ୍ଟିସ୍ ୱାଧ୍ୱା କମିଟିଙ୍କ ସୁପାରିଶ 1 ନଭେମ୍ବର 2011 ରୁ ଚାରିଟି ଜିଲ୍ଲା (ବୌଦ୍ଧ, ଦେବଗଡ଼, ନୂଆପଡ଼ା ଓ ସୁବର୍ଣ୍ଣପୁର) ରେ ଆରମ୍ଭ କରାଯାଇଥିଲା ଏବଂ 1 ଅପ୍ରେଲ 2012 ରୁ ଅବଶିଷ୍ଟ 26 ଟି ଜିଲ୍ଲାରେ ଆରମ୍ଭ ହୋଇଥିଲା

[185] ମଞ୍ଚେଶ୍ୱର (6 କିମି); ବାଲିଅନ୍ତା (9 କିମି); ବାଲିପାଟଣା (23 କିମି)

[186] ରାଜଗାଙ୍ଗପୁର, ନୂଆଗାଁ, ଲହୁଣିପଡ଼ା, କୋଇଡା, ବଣାଇ ଏବଂ ଗୁରୁଣ୍ଡିଆ

ବେସାମରିକ ଯୋଗାଣ ଅଧିକାରୀ ତଥା ଜିଲ୍ଲା ପରିଚାଳକ, କଟକ କେନ୍ଦ୍ରିୟ ପଣ୍ୟାଗାର କଟକ, ଓଡ଼ିଶା ରାଜ୍ୟ ପଣ୍ୟାଗାର କେନ୍ଦ୍ର ଜଗତପୁର ଏବଂ ସଦର ନୂଆବଜାର, କଟକ ଅଞ୍ଚଳରୁ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡ଼ିକୁ 2012-13 ରେ ଖାଦ୍ୟ ସାମଗ୍ରୀ ପରିବହନ କରିବା ପାଇଁ ପରିବହନ ଠିକାଦାରଙ୍କ ନିଯୁକ୍ତ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ (ନଭେମ୍ବର 2011) । ନିଲାମ ଦସ୍ତାବିଜର ପରିଶିଷ୍ଟ IV ର ଧାରା 4 ଅନୁସାରେ ପ୍ରତି କ୍ୱିଣ୍ଟାଲ ଗହମର ଉଦ୍ଧୃତ ମୂଲ୍ୟରେ ବୋଝେଇ, ଖଲାସ, ସାମଗ୍ରୀର ଓଜନ ଭଳି ସେବାର ମୂଲ୍ୟ ଅନ୍ତର୍ଭୁକ୍ତ ହୋଇଥିବ । ଟେଣ୍ଡରର ଜବାବରେ 12ଟି ନିଲାମ ଗ୍ରହଣ କରାଯାଇଥିଲା । ଟେଣ୍ଡର ଡକାଳି ମାନଙ୍କ ଦ୍ୱାରା ଉଦ୍ଧୃତ କରାଯାଇଥିବା ଦରକୁ ଟେଣ୍ଡର କମିଟି[187] (ଟିସି) ଗ୍ରହଣ କରିନଥିଲା (ଫେବୃଆରୀ 2012) କାରଣ ଉଦ୍ଧୃତ ଦରରେ କେବଳ ପରିବହନ ଖର୍ଚ୍ଚକୁ ସଂଯୁକ୍ତ କରାଯାଇଥିଲା ଓ ଅନ୍ୟାନ୍ୟ ଖର୍ଚ୍ଚ ଯଥା ବୋଝେଇ, ଖଲାସ ଓ ସାମଗ୍ରୀର ଓଜନ ଭଳି ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରାଯାଇନଥିଲା । ଏହି ସମସ୍ତ ଅଞ୍ଚଳ ପାଇଁ ଠିକାଦାରଙ୍କ ଦ୍ୱାରା ଉଦ୍ଧୃତ ସବୁଠାରୁ କମ୍ ମୂଲ୍ୟ (19 ଟଙ୍କା, 19.50 ଟଙ୍କା ଏବଂ 24 ଟଙ୍କା କୁଇଣ୍ଟାଲ ପ୍ରତି), ବଦଳରେ ଟେଣ୍ଡର କମିଟି ଏହି ସମସ୍ତ ଅଞ୍ଚଳ ପାଇଁ ବୋଝେଇ, ଖଲାସ ଇତ୍ୟାଦି ଖର୍ଚ୍ଚ ସହ କ୍ୱିଣ୍ଟାଲ ପିଛା ଯଥାକ୍ରମେ 38 ଟଙ୍କା, 40 ଟଙ୍କା ଓ 27 ଟଙ୍କା ସ୍ଥିର କଲେ ଏବଂ ତିନିଟି ସ୍ଥାନକୁ ପରିବହନ ପାଇଁ ଆଠ ଜଣ ଟେଣ୍ଡର ଡକାଳିଙ୍କୁ କାର୍ଯ୍ୟ ପ୍ରଦାନ କରିଥିଲେ ।

ସମୀକ୍ଷା ଅବଲୋକନ କଲେ ଯେ ଯଦିଓ ଟେଣ୍ଡର କମିଟି ମୂଲ୍ୟ ନିଲାମ ଅସଂପୂର୍ଣ୍ଣ ବୋଲି ନିର୍ଣ୍ଣୟ କଲେ, ତଥାପି ନିଲାମ ସର୍ତ୍ତର ଧାରା 2.8 ଅନୁସାରେ ତାହାକୁ ରଦ୍ଦ କଲେ ନାହିଁ ଓ ପୁନଃ ନିଲାମ ଡାକିଲେ ନାହିଁ । ପୁନଶ୍ଚ, ଟେଣ୍ଡର କମିଟି ଉଦ୍ଧୃତ ମୂଲ୍ୟକୁ କାର୍ଯ୍ୟକାରୀ ଯୋଗ୍ୟ ନୁହେଁ କହି ଗ୍ରହଣ ନକରିବା ବିଚାର ଯୋଗ୍ୟ ନୁହେଁ କାରଣ 2013-14 ଏବଂ 2014-15 ବର୍ଷର ସମାନ କାର୍ଯ୍ୟ ଏବଂ ଉପରୋକ୍ତ ତିନିଟି ସ୍ଥାନ ପରିବହନ ପାଇଁ ଯଥାକ୍ରମେ 18 ଟଙ୍କା, 18 ଟଙ୍କା ଏବଂ 16 ଟଙ୍କା ଥିବାର ଲକ୍ଷ୍ୟ କରାଯାଇଥିଲା ।

ଏଣୁ, ନିଲାମର ଆବିଷ୍କୃତ ସର୍ବନିମ୍ନ ମୂଲ୍ୟ ଗ୍ରହଣ କରିବା ପରିବର୍ତ୍ତେ ଟେଣ୍ଡର କମିଟି ଦ୍ୱାରା ସ୍ଥିରିକୃତ ଉଚ୍ଚ ମୂଲ୍ୟରେ ଠିକା ପ୍ରଦାନ କରିବା ଦ୍ୱାରା ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିବା ସଙ୍ଗେ ସଙ୍ଗେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମଗ୍ରୀ ପରିବହନରେ 69.39 ଲକ୍ଷ ଟଙ୍କାରଅଧିକ ଖର୍ଚ୍ଚ ହୋଇଥିଲା ।

ବିଭାଗ ଦର୍ଶାଇଥିଲେ (ମଇ 2015) ଯେ ପରିବହନର ଦର ଜିଲ୍ଲା ଟେଣ୍ଡର କମିଟି ଦ୍ୱାରା ନିର୍ଦ୍ଦେଶାବଳୀ ଅନୁସାରେ ସ୍ଥିର କରାଯାଇଥିଲା । ଯାହାହେଉ ମୂଲ୍ୟଗୁଡ଼ିକ ବିନା କୌଣସି ଆଧାରରେ ଚୂଡ଼ାନ୍ତ ହୋଇଥିଲା ଓ ଅସଂପୂର୍ଣ୍ଣ ଦସ୍ତାବିଜ୍ ସତ୍ତ୍ୱେ ଫାର୍ମଗୁଡ଼ିକୁ କାର୍ଯ୍ୟ ପ୍ରଦାନ କରାଯାଇଥିଲା ।

### 3.11.4 ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶକୁ ଅନୁସରଣ ନକରିବା

ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ 2001 ର ଧାରା 6 (3) ଏବଂ 6 (4) ଅନୁଯାୟୀ, ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧିନରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ବଣ୍ଟନ ଓ ବୁଝାଶୁଝାରେ ନିଯୁକ୍ତ ବ୍ୟକ୍ତି ଜାଣିଶୁଣି ଭଣ୍ଡାରର ଚୋରି କିମ୍ବା ଦ୍ରବ୍ୟକୁ ଅନ୍ୟତ୍ର ପଠେଇବା କାର୍ଯ୍ୟରେ ଲିପ୍ତ ରହିବେ ନାହିଁ । ପୁନଶ୍ଚ ମନୋନୀତ ପ୍ରାଧିକୃତ ବ୍ୟକ୍ତି ଦ୍ୱାରା ବଣ୍ଟନ କରାଯାଇଥିବା ଦ୍ରବ୍ୟଗୁଡ଼ିକ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ରରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପହଞ୍ଚିବା ନିଶ୍ଚିତ କରିବା ହେଉଛି ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ।

ସମୀକ୍ଷା ଅବଲୋକନ କଲା ଯେ:

- ବିଭାଗୀୟ ଭଣ୍ଡାର ଚାଳନାର କର୍ମ ସମ୍ପାଦନ ମାର୍ଗଦର୍ଶିକାର ଧାରା 29.26 ଅନୁଯାୟୀ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ପରିବହନ କରାଯାଉଥିବା ଠିକାଦାରମାନଙ୍କର ଗାଡ଼ିରେ ଗ୍ଲୋବାଲ ପୋଜିସନିଂ ସୀଷ୍ଟମ (ଜିପିଏସ୍) ଟ୍ରାକିଂ ବ୍ୟବସ୍ଥା ଲଗେଇବା ଦରକାର । ଯଦି ଗାଡ଼ିରେ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ଖରାପ ଥିବ ତେବେ ସେଭଳି ଗାଡ଼ିରେ ଗହମ ପରିବହନକୁ ଅନୁମତି ଦେବା ଉଚିତ୍ ନଥିଲା । ଯଦିଓ ଠିକାଦାରମାନଙ୍କ ସହ ହୋଇଥିବା ଚୁକ୍ତିର ସର୍ତ୍ତରେ ଜିପିଏସ୍ ଉପକରଣ ଗାଡିରେ ଲଗେଇବା ଓ

[187] ଜିଲ୍ଲାପାଳ, ଜିଲ୍ଲାଶ୍ରମ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ଆଞ୍ଚଳିକ ପରିବହନ ଅଧିକାର ଓ ବେସାମରିକ ଯୋଗାଣ ଅଧିକାର ତଥା ଜିଲ୍ଲା ପରିଚାଳକଙ୍କୁ ନେଇ

ପରବର୍ତ୍ତୀ ସମୟରେ ସେମାନଙ୍କଠାରୁ ତାର ଖର୍ଚ୍ଚକୁ ଅସୁଲ କରିବାର ବ୍ୟବସ୍ଥା ଥିଲା, କିନ୍ତୁ ସେଭଳି ଉପକରଣ ଠିକାଦାରମାନଙ୍କୁ ଯୋଗାଇ ଦିଆଯାଇ ନଥିଲା । ତେଣୁ, ଗାଡିରେ ଜିପିଏସ୍ ବ୍ୟବସ୍ଥା ନଥାଇ ଗହମର ପରିବହନ କରିବା ପାଇଁ ଠିକାଦାରମାନଙ୍କୁ ଜିଲ୍ଲା କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ ।

- ସାଧାରଣ ବଣ୍ଟନ ବ୍ୟବସ୍ଥାର ଦ୍ରବ୍ୟଗୁଡ଼ିକ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡିକୁ ବଣ୍ଟନ କରାଯାଉଥିବା ସମୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ଦ୍ରବ୍ୟକୁ ଅନ୍ୟ ଉଦ୍ଦେଶ୍ୟରେ ଉପଯୋଗ ସମ୍ଭାବନାକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଏହାକୁ ଦ୍ୱିତୀୟ ସ୍ତରର ଠିକାଦାରମାନେ ପୂର୍ବ ଅନୁମୋଦିତ ରାସ୍ତାରେ ନେବା ପାଇଁ କର୍ମ ସଂପାଦନ ମାର୍ଗଦର୍ଶିକାର ଧାରା 4.3.1 ରେ ବ୍ୟବସ୍ଥା ଅଛି । କିନ୍ତୁ ନମୁନା ଯାଞ୍ଚ ଜିଲ୍ଲା ଗୁଡ଼ିକରେ ଏଭଳି ରାସ୍ତାର ଚାର୍ଟ ପ୍ରସ୍ତୁତି ହୋଇ ନଥିବାରୁ ପରିବହନ ଠିକାଦାରମାନେ ଏହାକୁ ଅନୁସରଣ କରୁନଥିଲେ ।

- କଟକ ଜିଲ୍ଲାର ଦୁଇଟି [188] ବ୍ଲକରେ, ସାଧାରଣ ବଣ୍ଟନ ବ୍ୟବସ୍ଥାର ଗହମକୁ ଟ୍ରକ ମାଧମରେ ଦ୍ୱିତୀୟ ସ୍ତରର ଠିକାଦାରମାନଙ୍କ ଦ୍ୱାରା ଚାଉଳ ଗ୍ରହଣ କେନ୍ଦ୍ର ତଥା ବିଭାଗୀୟ ଭଣ୍ଡାରରୁ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ପର୍ଯ୍ୟନ୍ତ ପରିବହନ କରିବା ପାଇଁ ଜିଲ୍ଲା କର୍ତ୍ତୃପକ୍ଷ ପ୍ରାଧିକରଣ ଅର୍ପଣ କରିନଥିଲେ ।

ସହାୟକ ଯୁକ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧିନସ୍ଥ ସାମଗ୍ରୀ ଗୁଡ଼ିକର ଅନ୍ୟ ଉଦ୍ଦେଶ୍ୟରେ ଉପଯୋଗକୁ ପ୍ରତିହତ କରିବା ପାଇଁ ଏବଂ ଆଦେଶରେ ଥିବା ସମସ୍ତ ବ୍ୟବସ୍ଥାକୁ ଅନୁସରଣ କରିବା ପାଇଁ ସମସ୍ତ ଅଧିକାରୀ ଓ ଏଥିରେ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କୁ ଅବଗତ କରାଯାଇ ଥିବାର ବିଭାଗ ସଫେଇ ଦେଇଥିଲେ (ମଇ 2015) ।

### 3.11.5 ସାଧାରଣ ବଣ୍ଟନ ବ୍ୟବସ୍ଥାର ଗହମ ବିତରଣ ନହେବା/ ବିଳମ୍ବ ହେବା

ଭାରତ ସରକାରଙ୍କ ଆବଣ୍ଟନ ଆଦେଶ ଅନୁଯାୟୀ ରାଜ୍ୟ ସରକାର ପ୍ରତ୍ୟେକ ବଣ୍ଟନ ମାସର 15 ତାରିଖ ସୁଦ୍ଧା ଖାଦ୍ୟ ଶସ୍ୟର ମୂଲ୍ୟକୁ ଭାରତୀୟ ଖାଦ୍ୟ ନିଗମ ପାଖରେ ଜମା ଦେବା ଦରକାର । ପୁନଶ୍ଚ ବଣ୍ଟନ ମାସର ସ୍ଥିରିକୃତ ଦିବସରେ ଯଥା ପ୍ରଥମ ପାକ୍ଷିକର 11 ଓ 12 ତାରିଖରେ, ଦ୍ୱିତୀୟ ପାକ୍ଷିକର 23 ଓ 24 ତାରିଖରେ ଏପିଏଲ୍ ଗହମକୁ ଖାଉଟି ମାନଙ୍କ ମଧ୍ୟରେ ବାଣ୍ଟିବା ଦରକାର ।

ସମୀକ୍ଷା ଅବଲୋକନ କଲେ ଯେ:

- 2011-14 ମଧ୍ୟରେ ଭାରତ ସରକାରଙ୍କ ତରଫରୁ ଆବଣ୍ଟନ କରାଯାଇଥିବା 42.11 ଲକ୍ଷ କ୍ୱିଣ୍ଟାଲ ଗହମରୁ, ଯାଞ୍ଚ କରାଯାଇଥିବା ଜିଲ୍ଲାଗୁଡ଼ିକ 24,007.13[189] କ୍ୱିଣ୍ଟାଲ୍ ଗହମ ଗାଡ଼ି ନ ମିଳିବାରୁ ଓ ଶ୍ରମିକ ସମସ୍ୟାରୁ ନ ଉଠାଇବା ଫଳରେ ଆବଣ୍ଟିତ ହିତାଧିକାରୀମାନହ୍କୁ ବଣ୍ଟା ଯାଇ ପାରି ନଥିଲା ।

- ପୁନଶ୍ଚ, 2012-14 ମଧ୍ୟରେ ପାଞ୍ଚଟି ନମୁନା ଯାଞ୍ଚ ଜିଲ୍ଲାରେ 4.63 ଲକ୍ଷ କ୍ୱିଣ୍ଟାଲ ଗହମ ବିତରଣ କରାଯାଇଥିଲା , ସେଥିମଧ୍ୟରୁ 1.76 ଲକ୍ଷ କ୍ୱିଣ୍ଟାଲ (38 ପ୍ରତିଶତ) ଗହମ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡ଼ିକୁ ନିର୍ଦ୍ଧାରିତ ତାରିଖ ଅର୍ଥାତ ବଣ୍ଟନ ମାସର 24 ତାରିଖ କିମ୍ବା ପରେ ଯୋଗାଇ ଦିଆଯାଇଥିଲା । ବିଳମ୍ବରେ ଯୋଗାଣ କରାଯାଇଥିବାରୁ, ଖାଉଟିମାନେ ତାଙ୍କର ପ୍ରାପ୍ୟକୁ ଠିକ୍ ସମୟରେ ପାଇ ପାରିନଥିଲେ ଏବଂ ଏଥିରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ଗହମ ଅନ୍ୟ ଉଦ୍ଦେଶ୍ୟରେ କଳା ବଜାରକୁ ପ୍ରବେଶ କରିବାର ଭୟ ମଧ ଥିଲା ।

ବିଭାଗ ଦର୍ଶାଇଲେ (ମଇ 2015) ଯେ ଗାଡିର ଅଭାବ ଓ କମ୍ ଚାହିଦା ଇତ୍ୟାଦି କାରଣରୁ ଜିଲ୍ଲାଗୁଡ଼ିକ ଆବଣ୍ଟିତ ପରିମାଣର ଗହମକୁ ଉଠେଇ ପାରି ନଥିଲେ । ପୁନଶ୍ଚ ଶ୍ରମିକ ଆନ୍ଦୋଳନ, ଭାରତୀୟ ଖାଦ୍ୟ ନିଗମ ଗୋଦାମରେ

[188] ଆଠଗଡ଼, ମାହାଙ୍ଗା

[189] ଖୋର୍ଦ୍ଧା: 12,007.58 କୁଇଣ୍ଟାଲ; ପୁରୀ: 56.39 କୁଇଣ୍ଟାଲ; କଟକ: 1,226.08 କୁଇଣ୍ଟାଲ; ଜଗତସିଂହପୁର: 6,855.49 କୁଇଣ୍ଟାଲ ଏବଂ ସୁନ୍ଦରଗଡ଼: 3,861.59 କୁଇଣ୍ଟାଲ

ଗହମ ନଥିବା ଓ ଭାରତୀୟ ଖାଦ୍ୟ ନିଗମ ବିଳମ୍ବରେ ଆଦେଶ ଦେବା ଆଦି କାରଣ ହେତୁ ଗହମ ପ୍ରଦାନରେ ବେଳେବେଳେ ବିଳମ୍ବ ହୋଇଥାଏ । କିନ୍ତୁ ସେଠାରେ ଗହମର ପ୍ରଚୁର ଚାହିଦା ଥିଲା । ପୁନଶ୍ଚ ବିଳମ୍ବ ସାମୟିକ ନଥିଲା କାରଣ ଯାଞ୍ଚ କରାଯାଇଥିବା ଜିଲ୍ଲାମାନଙ୍କରେ ସମୁଦାୟ ଗହମର 38 ପ୍ରତିଶତ ଗହମ ନିର୍ଦ୍ଧାରିତ ତାରିଖ ପରେ ବଣ୍ଟନ କରାଯାଇଥିଲା ।

### 3.11.6 ଅପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା ଓ ଅଭିଯୋଗ ଶୁଣାଣୀ ବ୍ୟବସ୍ଥା

ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ 2001 ର ଧାରା 6 (1) ଏବଂ 6 (2) ଅନୁଯାୟୀ ରାଜ୍ୟ ସରକାର ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡ଼ିକରେ ଉପଯୁକ୍ତ ପର୍ଯ୍ୟାଲୋଚନାର ବ୍ୟବସ୍ଥାକୁ ନିଶ୍ଚିତ କରିବା କଥା ଏବଂ ଏକ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଅତି କମରେ ଛଅ ମାସରେ ଥରେ ନିୟମିତ ଯାଞ୍ଚ କରାଇବା କଥା । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡ଼ିକର ଡିଲରମାନଙ୍କର ପ୍ରଦାନ ଓ ବିକ୍ରି ଖାତାକୁ କମ୍ପ୍ୟୁଟିକରଣ କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ (ଫେବୃଆରୀ 2013) । କିନ୍ତୁ ସମୀକ୍ଷା ଅବଲୋକନ କଲା ଯେ :

- ଆଦେଶ ଜାରି ହେବାର ଦୁଇ ବର୍ଷ ବିତିଯାଇଥିଲେ ମଧ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡ଼ିକର ଦେଣନେଣକୁ ଫଳପ୍ରଦ ପର୍ଯ୍ୟାଲୋଚନା କରିବା ପାଇଁ ଜିଲ୍ଲା ଗୁଡ଼ିକ ବିକ୍ରି ଓ ପ୍ରଦାନ ଖାତାର କମ୍ପ୍ୟୁଟିକରଣ କରିନଥିଲେ ।

- ନମୁନା ଯାଞ୍ଚ୍ ତିନିଟି ଜିଲ୍ଲାରେ[190] 2011-14 ମଧରେ ପ୍ରାଧିକୃତ ଅଧିକାରୀମାନେ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡ଼ିକର ଆବଶ୍ୟକ ଥିବା 24,312 ନିରୀକ୍ଷଣରୁ 19,002ଟି ନିରୀକ୍ଷଣ କରିଥିଲେ, ଯାହାଫଳରେ 5,310 (22 ପ୍ରତିଶତ)ଟିର ନିରୀକ୍ଷଣ ହୋଇପାରିନଥିଲା । ଖୋର୍ଦ୍ଧା ଓ କଟକ ଜିଲ୍ଲାର ନିରୀକ୍ଷଣ ସମ୍ବନ୍ଧୀୟ ଦସ୍ତାବିଜ୍ ସମୀକ୍ଷା କୁ ପ୍ରଦାନ କରାଯାଇପାରି ନଥିଲା ।

- ଆବଣ୍ଟନ ଆଦେଶ ଅନୁସାରେ ସୁଲଭ ବିକ୍ରୟ କେନ୍ଦ୍ର ଗୁଡ଼ିକର ମାଲିକ ମାନେ ଆବଣ୍ଟିତ ଏପିଏଲ ଗହମକୁ ଉପଯୁକ୍ତ ଖାଉଟି ମାନଙ୍କୁ ବାଣ୍ଟିବାର ଏକ ପ୍ରମାଣ ପତ୍ର ଯୋଗାଣ ନିରୀକ୍ଷକଙ୍କଠାରୁ ଆଣିବା ପରେ ତାକୁ ଖୁଚୁରା ବିକ୍ରୟ ସ୍ତରୀୟ ଉପଦେଷ୍ଟା କମିଟି (ଆରଏଲଏସଇ) ମାଧମରେ ବେସାମରିକ ଯୋଗାଣ ଅଧିକାରୀମାନଙ୍କ ଠାରେ ଏକ ଘୋଷଣା ପତ୍ର ନିହାତି ଜମା କରିବା ଦରକାର । କିନ୍ତୁ, ନମୁନା ଯାଞ୍ଚ୍ 30ଟି ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ରରେ ଖୁଚୁରା ବିକ୍ରୟ ସ୍ତରୀୟ ଉପଦେଷ୍ଟା କମିଟି ଗଠନ କରାଯାଇ ନଥିଲା କି ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ରର ମାଲିକମାନେ ସେଭଳି ଘୋଷଣାପତ୍ର ପ୍ରଦାନ କରିନଥିଲେ ।

- 2011-14 ମଧରେ ସଂଯୋଗ ହେଲ୍ପଲାଇନ୍ ମାଧମରେ ବିଭାଗ 153ଟି ଆପତ୍ତି / ଅଭିଯୋଗ ଗ୍ରହଣ କରିଥିଲେ । ଏଗୁଡ଼ିକ ଗହମ ନ ମିଳିବା/ କମ୍ / ଅନିୟମିତ ଯୋଗାଣ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡ଼ିକ ଅଧିକା ଦାମ ଦାବି କରିବା ଇତ୍ୟାଦି ସଂପର୍କିତ ଥିଲା । ହିତାଧିକାରୀ ସାକ୍ଷାତକାର ସମୟରେ ଛଅଟି ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ରର ସମସ୍ତ 49 ଜଣ ହିତାଧିକାରୀଙ୍କ ଦର୍ଶାଇଥିଲେ ଯେ, ଡିଲରମାନେ ନିର୍ଦ୍ଧାରିତ 7.00 ଟଙ୍କା ଠାରୁ ଅଧିକ ଦର (7.50 ଟଙ୍କାରୁ 8 ଟଙ୍କା ନେଇଥିଲେ ଏବଂ 44 ଜଣ ହିତାଧିକାରୀ ନିର୍ଦ୍ଧାରିତ 10 କିଗ୍ରା ଠାରୁ କମ୍ ପରିମାଣର 5-6 କିଗ୍ରା ବଣ୍ଟା ଯାଇଥିବାର କହିଥିଲେ । କିନ୍ତୁ ବେସାମରିକ ଯୋଗାଣ ଅଧିକାରୀ ଫେବୃଆରୀ 2015 ସୁଦ୍ଧା ଆଠଟି (ପାଞ୍ଚ ପ୍ରତିଶତ) ଅଭିଯୋଗ/ ଆପତ୍ତିର ଶୁଣାଣି କରିଥିଲେ ।

- ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ 2001 ଅନୁଯାୟୀ ସାଧାରଣ ବଣ୍ଟନ ବ୍ୟବସ୍ଥାର କର୍ମ ସଂପାଦନକୁ ତଦାରଖ କରିବା ପାଇଁ ଯଦିଓ ଜିଲ୍ଲା/ ବ୍ଲକ୍/ ଟାଉନ୍ / ଗ୍ରାମ ପଞ୍ଚାୟତ ସ୍ତରରେ ଉପଦେଷ୍ଟା

[190] ଜଗତସିଂହପୁର: 4,008; ପୁରୀ: 10,092, ସୁନ୍ଦରଗଡ: 4,902

କମିଟିର ଗଠନର ଆବଶ୍ୟକତା ଥିଲ, କିନ୍ତୁ ପୁରୀ ବ୍ୟତୀତ ଅନ୍ୟ ଯାଞ୍ଚ୍ କରାଯାଇଥିବା କୌଣସି ଜିଲ୍ଲାଗୁଡ଼ିକରେ ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ଗଠନ କରାଯାଇ ନଥିଲା । ଜିଲ୍ଲା ଗୁଡ଼ିକର ନମୁନା ଯାଞ୍ଚ 79ଟି ବ୍ଲକ୍ (60) ଏବଂ ସହର (19)ଟି ସ୍ତରୀୟ କମିଟିର ଆବଶ୍ୟକତା ଥିବା ସ୍ଥଳେ ମାତ୍ର 22ଟି କମିଟି (ବ୍ଲକ୍: 18 ଓ ସହର: 4) କମିଟି ଗଠନ କରାଯାଇଥିଲା (ଫେବୃଆରୀ 2015) ଯାହକି ସାଧାରଣ ବଣ୍ଟନ ବ୍ୟବସ୍ଥାରେ କର୍ମ ସଂପାଦନରେ ଥିବା ଅପର୍ଯ୍ୟାପ୍ତତାକୁ ସୂଚୀତ କରୁଥିଲା ।

- ବିଭାଗୀୟ ଭଣ୍ଡାର ଚାଳନାର କର୍ମ ସଂପାଦନ ମାର୍ଗଦର୍ଶିକା ଅନୁଯାୟୀ ବିଭାଗର ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ଫୁଡ୍ଓଡ଼ିଶା.ଇନ୍ ର ସ୍ୱଚ୍ଛ ପୋର୍ଟାଲ୍ ମାଧମରେ ଯେଉଁମାନେ ମୋବାଇଲ୍ ନମ୍ବର ଦେଇଥିବେ ସେମାନଙ୍କୁ ପରିବହନ ସମ୍ବନ୍ଧୀୟ ତଥ୍ୟ ଏସ୍ଏମ୍ଏସ୍ ଆଲାର୍ଟ ମାଧମରେ ଯୋଗାଇ ଦିଆଯାଇ ନାଗରିକମାନଙ୍କୁ ଅଂଶ ଗ୍ରହଣକୁ ନିଶ୍ଚିତ କରିବା କଥା । କିନ୍ତୁ ନମୁନା ଯାଞ୍ଚ ପାଞ୍ଚଟି ଜିଲ୍ଲାରେ 11.31 ଲକ୍ଷ ପଡି କାର୍ଡଧାରୀଙ୍କ ମଧରୁ ମାତ୍ର 8,698 (0.77 ପ୍ରତିଶତ) ହିତାଧିକାରୀ ପଞ୍ଜୀକୃତ ହୋଇଥିଲେ ।

ତେଣୁ , ସାଧାରଣ ବଣ୍ଟନ ବ୍ୟବସ୍ଥାର ନିରୀକ୍ଷଣ ଓ ପର୍ଯ୍ୟାଲୋଚନା ଯଥେଷ୍ଟ ଓ ଫଳପ୍ରଦ ନଥିଲା ।

ବିଭାଗ ଦର୍ଶାଇଲେ (ମଇ 2015) ଯେ ନିର୍ଦ୍ଦେଶାବଳୀ ଅନୁଯାୟୀ ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ଗୁଡ଼ିକ ନିରୀକ୍ଷଣ କରିବା ପାଇଁ କ୍ଷତ୍ରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା ଓ ଅଗ୍ରାଧୀକାର ଭିତ୍ତିରେ ଅଭିଯୋଗଗୁଡ଼ିକୁ ସମାଧାନ ପାଇଁ ଜିଲ୍ଲାର ବେସାମରିକ ଯୋଗାଣ ଅଧିକାରୀ ମାନଙ୍କୁ ସମୟ ବ୍ୟବଧାନରେ ମନେ ପକାଇ ଦିଆଯାଇଥିଲା ।

## ଅର୍ଥ ବିଭାଗ

## 3.12 ସମୀକ୍ଷାକୁ ପ୍ରତିଜବାବ ପ୍ରଦାନରେ ହେଳା

ସମୀକ୍ଷା ସିଦ୍ଧାନ୍ତ ଉପରେ ସମୟୋଚିତ ଜବାବ ଏକ ଉତ୍ତମ ଶାସନରୀତିର ଲକ୍ଷଣ ଅଟେ ଯାହା ପ୍ରକୃତପକ୍ଷେ ସରକାରଙ୍କ ତତ୍ତ୍ୱାବଧାନ ଭୂମିକା ଠିକ୍ ଭାବେ ତୁଲାଇବାର ଭରସା ଦିଏ ।

ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଓ ସେବା ସର୍ତ୍ତାବଳୀ) ନିୟମ 1971 ର ଧାରା 13 କ୍ଷମତା ଅନୁସାରେ ରାଜ୍ୟ ସରକାରଙ୍କ ସମସ୍ତ ଖର୍ଚ୍ଚକୁ ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି) ସମୀକ୍ଷା କରନ୍ତି । ଉକ୍ତ ଅଧିନିୟମର ଧାରା 18 କ୍ଷମତା ବଳରେ ରାଜ୍ୟ ସରକାରଙ୍କ ପ୍ରାଥମିକ କିମ୍ବା ସହାୟକ ହିସାବ ଦାୟିତ୍ୱରେ ଥିବା କାର୍ଯ୍ୟାଳୟଗୁଡିକୁ ସମୀକ୍ଷା କରନ୍ତି । ଅଧିନିୟମର ଧାରା 23 ଅନୁସାରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଲେଖା ଓ ସମୀକ୍ଷା ବିନିୟମ 2007 ଅଧିନିୟମ ଅନୁସାରେ ସମୀକ୍ଷାର ପରିସୀମା, ପରିସର ଏବଂ ପଦ୍ଧତି ଧାର୍ଯ୍ୟ କରାଯାଇଥାଏ । ଲେଖା ଓ ସମୀକ୍ଷା ନିୟମ 2007 (ଅଧ୍ୟାୟ 13 ଓ 14) ଅନୁଯାୟୀ ସରକାରୀ ବିଭାଗ ଏବଂ ଏହାର କ୍ଷେତ୍ର କାର୍ଯ୍ୟାଳୟଗୁଡିକରେ ହେଉଥିବା କେତେକ ଦେଣ ନେଣର ନମୁନା ଚୟନ କରି ନିରୀକ୍ଷଣ କରାଯାଏ । ଏହି ନିରୀକ୍ଷଣ ସମୟରେ ନିର୍ଦ୍ଧାରିତ ନିୟମ ଏବଂ କାର୍ଯ୍ୟବିଧି ଅନୁଯାୟୀ ପ୍ରସ୍ତୁତ ହେଉଥିବା ପ୍ରମୁଖ ହିସାବ ଏବଂ ଅନ୍ୟ ନଥିପତ୍ରର ସମୟାନୁବର୍ତ୍ତିତା ଏବଂ ଗୁଣବତ୍ତା ଯାଞ୍ଚ କରାଯାଏ ଓ ସମୀକ୍ଷା ମନ୍ତବ୍ୟ ଦେବା ସହ ଦେଣ ନେଣର ମିତବ୍ୟୟତା, ଦକ୍ଷତା ଓ ପ୍ରଭାବ ସଂପର୍କରେ ମନ୍ତବ୍ୟ ପ୍ରଦାନ କରିବା ସହ ସତ୍ୟତା ଏବଂ ଔଚିତ୍ୟ ଉପରେ ମଧ୍ୟ ମନ୍ତବ୍ୟ ପ୍ରଦାନ କରାଯାଏ । ଏହି ମତାମତ ଓ ମନ୍ତବ୍ୟ ଗୁଡିକ ନିରୀକ୍ଷଣ ରିପୋର୍ଟ (ଆଇଆର) ମାଧ୍ୟମରେ ଏକତ୍ରିତ କରାଯାଇ କାର୍ଯ୍ୟାଳୟର ମୁଖ୍ୟ ଓ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷମାନଙ୍କ ପାଖକୁ ପଠାଯାଏ ।

ଲେଖା ଓ ସମୀକ୍ଷା ବିନିୟମ 2007 ଅନୁସାରେ ପ୍ରତ୍ୟେକ ସମୀକ୍ଷିତ ସଂସ୍ଥା ଆଇଆର ଗୁଡିକର ପ୍ରାପ୍ତି ଓ ତାର ମୀମାଂସାର ଅଗ୍ରଗତି ପାଇଁ ଏକ ସଠିକ୍ ନଥି ପରିଚାଳନା କରିବେ ଏବଂ ସମୀକ୍ଷା କାର୍ଯ୍ୟାଳୟ ଠାରୁ ନିରୀକ୍ଷଣ

ରିପୋର୍ଟର ଔପଚାରିକ ପ୍ରାପ୍ତିକୁ ଅପେକ୍ଷା ନ କରି ନିରୀକ୍ଷଣ ସମୟରେ ଜାରି କରାଯାଇଥିବା ସମୀକ୍ଷା ସ୍ମାରକକୁ ଆଧାର କରି ଅନୁଚ୍ଛେଦ ଗୁଡିକର ତ୍ୱରିତ ମୀମାଂସା କରିବା ପାଇଁ ପଦକ୍ଷେପ ନେବେ । ଉକ୍ତ ନିୟମର ଧାରା 197 ଅନୁସାରେ ସମୀକ୍ଷା କରାଯାଇଥିବା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ନିରୀକ୍ଷଣ ରିପୋର୍ଟ ଅନୁଚ୍ଛେଦ ପ୍ରାପ୍ତିର ଚାରି ସପ୍ତାହ ମଧ୍ୟରେ ଉତ୍ତର ଦେବେ । ଯଦି ଉକ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ କେତେକ ସମୀକ୍ଷା ସିଦ୍ଧାନ୍ତ କିମ୍ବା ଆଇଆର ଉପରେ ଚୂଡ଼ାନ୍ତ ଜବାବ ଦେବା ସମ୍ଭବ ନ ହୁଏ, ଏଥିପାଇଁ ପ୍ରଥମ ଜବାବ ଦେବାରେ ବିଳମ୍ବ କରିବା ଅନୁଚିତ ଏବଂ ଚୂଡ଼ାନ୍ତ ଉତ୍ତର ଦେବାର ସମ୍ଭାବ୍ୟ ତାରିଖ ଉଲେଖ୍ଖ କରି ଏକ ମଧ୍ୟବର୍ତ୍ତୀ କାଳିନ ଉତ୍ତର ଦେବେ । ସୁତରାଂ ସମସ୍ତ ତ୍ରୁଟି ବିଚ୍ୟୁତି ଗୁଡିକର ଯଥାଶୀଘ୍ର ସଂଶୋଧନ ଆଶା କରାଯାଏ ଏବଂ ସେହି ତ୍ରୁଟି ବିଚ୍ୟୁତିର ସଂଶୋଧନ ପାଇଁ କାର୍ଯ୍ୟପାଳନା / ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା) କୁ ବିବୃତି ପ୍ରଦାନ କରାଯାଏ ।

ମାର୍ଚ୍ଚ 2014 ସୁଦ୍ଧା 24ଟି ବିଭାଗକୁ ଜାରି ହୋଇଥିବା ଆଇଆର ଗୁଡିକର ସମୀକ୍ଷାରୁ ଦେଖାଗଲା ଯେ ଜୁନ 2014 ଶେଷ ସୁଦ୍ଧା 10,395ଟି ଆଇଆର ର 42,736ଟି ଅନୁଚ୍ଛେଦ ଅମୀମାଂସିତ ରହିଥିଲା । ଅମୀମାଂସିତ ଆଇଆର ଏବଂ ଅନୁଚ୍ଛେଦର ବର୍ଷଓ୍ୱାରୀ ସଂପୂର୍ଣ୍ଣ ବିବରଣୀ ***ପରିଶିଷ୍ଟ 3.12.1*** ରେ ପ୍ରଦାନ କରାଯାଇଛି । ସେଥି ମଧ୍ୟରୁ 3,685ଟି ଆଇଆର ର 11,271ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ କାଳ ଅମୀମାଂସିତ ହୋଇ ପଡିରହିଥିଲା (***ପରିଶିଷ୍ଟ 3.12.2***) । ଏପରିକି ଅମୀମାଂସିତ ଆଇଆର ମଧ୍ୟରୁ 1,655ଟି ଆଇଆରର ପ୍ରଥମ ଜବାବ କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ ମିଳିନଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଏବଂ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ଗୃହ ନିର୍ମାଣ ଓ ପୌର ଉନ୍ନୟନ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ହେଲେ ପ୍ରମୁଖ ବିଭାଗ ଯାହାଠାରୁ ବହୁତ ଗୁଡ଼ିଏ ଜବାବର ପ୍ରତୀକ୍ଷା ରହିଥିଲା ।

ନିୟମାବଳୀ ଓ ନିୟନ୍ତ୍ରଣର ସଠିକ୍ ଅନୁପାଳନ ନକରିବା, ଅନୁଚିତ୍ ତଥା ଅଯଥା ଖର୍ଚ୍ଚ, ବ୍ୟାପକ ଅନିୟମିତତା ଓ ତତ୍ତ୍ୱାବଧାନର ବିଫଳତା ଭଳି ଗୁରୁତର ଅନିୟମିତତା ଗୁଡ଼ିକ ଏହି ଆଇଆର ଗୁଡ଼ିକରେ ଦର୍ଶାଯାଇଥିଲେ ମଧ ଜୁନ 2014 ସୁଦ୍ଧା ସେଗୁଡ଼ିକର ମୀମାଂସା ହୋଇନଥିଲା । ସମ୍ପୂର୍ଣ୍ଣ ବିବରଣୀ ***ପରିଶିଷ୍ଟ 3.12.3*** ରେ ଦର୍ଶାଯାଇଛି ।

### *3.12.1* ପୂର୍ବ ସମୀକ୍ଷା ପ୍ରତିବେଦନଗୁଡିକ ଉପରେ ପଦକ୍ଷେପ

ସମୀକ୍ଷା ବେଳେ ନଜରକୁ ଆସିଥିବା ଗୁରୁତର ଅନିୟମିତତାମାନ ସିଏଜିଙ୍କ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଇଥିଲା । ଅର୍ଥ ବିଭାଗର ନିର୍ଦ୍ଦେଶ (ଡିସେମ୍ବର 1993) ଅନୁଯାୟୀ ସମୀକ୍ଷା ପ୍ରତିବେଦନ ବିଧାନସଭାରେ ଉପସ୍ଥାପନ ହେବାର ତିନିମାସ ମଧ୍ୟରେ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ, ସଂପାଦନ ସମୀକ୍ଷା (ପିଏ) ଇତ୍ୟାଦି ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଶାସନିକ ବିଭାଗଗୁଡିକ ପ୍ରଦାନ କରିବା କଥା । ବିଭାଗଗୁଡିକ କିପରି ଭାବରେ ଲୋକ ଲେଖା ସମିତି (ପିଏସି)କୁ ଉତ୍ତର ଦେବା ଉଚିତ୍ ତାହା ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ଲେଖା ଓ ସମୀକ୍ଷା ବିନିୟମ 2007 (ବିନିୟମ 212)ରେ ଦର୍ଶାଯାଇଅଛି। ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନରେ ପ୍ରତିବେଦିତ ଅନୁଚ୍ଛେଦ/ ସଂପାଦନ ସମୀକ୍ଷା ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଗୁଡିକୁ ସଚିବମାନେ ଅନୁମୋଦନ କରିବେ ଏବଂ ଦର୍ଶାଇବେ:

- ଚିଠା ସମୀକ୍ଷା ଅନୁଚ୍ଛେଦ ଉପରେ ଲିଖିତ ଉତ୍ତର ମହାଲେଖାକାରଙ୍କୁ ପଠା ହେଲା କି ନାହିଁ ଏବଂ ଯଦି ନାହିଁ, ନ ପଠାଇବାର କାରଣ;

- ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା ତଥ୍ୟ ଏବଂ ସଂଖ୍ୟା ଗ୍ରହଣୀୟ କି ନାଁ ଏବଂ ଯଦି ନାଁ, ତେବେ ସଚିବ ଚିଠା ଅନୁଚ୍ଛେଦ ଗ୍ରହଣ କରିବା ସମୟରେ ଏହା ନ ଦର୍ଶାଇବା କାରଣ;

- ସମୀକ୍ଷା ଅନୁଚ୍ଛେଦରେ ଦର୍ଶାଯାଇଥିବା ସରକାରୀ ଦେୟ ଓ ଅସୁଲିର ବର୍ତ୍ତମାନ ସ୍ଥିତି;

- ସମୀକ୍ଷା ଅନୁଚ୍ଛେଦରେ ଦର୍ଶାଯାଇଥିବା ପ୍ରସ୍ତାବ ଓ ସୁପାରିଶ ଉପରେ ନିଆଯାଇଥିବା ପଦକ୍ଷେପ କିମ୍ବା ପ୍ରସ୍ତାବିତ ପଦକ୍ଷେପ;

- ସମସଦୃଶ ଅନ୍ୟ ମାମଲା ଗୁଡିକର ପର୍ଯ୍ୟାଲୋଚନାର ଫଳାଫଳ ଏବଂ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଏବଂ

- ପରିଲକ୍ଷିତ ସମସଦୃଶ ଗୁରୁତର ତୃଟି ବିଚ୍ୟୁତି ଗୁଡିକ ଭବିଷ୍ୟତରେ ନ କରିବା, ପଦ୍ଧତିକୁ ସୁବ୍ୟବସ୍ଥିତ କରିବା ଓ ସେଥିରେ ଯଦି କୌଣସି ତୃଟି ଥାଏ ତାହାକୁ ଅପସାରଣ କରିବା ପାଇଁ ନିଆଯାଇଥିବା ପ୍ରତିକାରାତ୍ମକ  ପଦକ୍ଷେପ କିମ୍ବା ପଦକ୍ଷେପ ନେବାକୁ ପ୍ରସ୍ତାବ।

ସପ୍ତମ ସର୍ବୋଚ୍ଚ କମିଟି ବୈଠକ (11 ଏପ୍ରିଲ 2012) ରେ ଅନୁପାଳନ ହୋଇନଥିବା ପିଏସିର ସୁପାରିଶ ଏବଂ ସିଏଜିଙ୍କର ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା ଅନୁଚ୍ଛେଦ ଗୁଡିକର ଅନୁପାଳନ ବିବୃତି ଉପସ୍ଥାପନ କରିବା ପାଇଁ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବା ପାଇଁ ବିହିତ କରାଗଲା। 2012-13 ରେ ପିଏସି ଏହାର 24 ତମ ବୈଠକ (20 ନଭେମ୍ବର 2012) ରେ କେତେକ ବିଭାଗର ସ୍ୱଳ୍ପ ପ୍ରତିଜବାବ ପାଇଁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ସିଏଜିଙ୍କ ପ୍ରତିବେଦନରେ ବାକିଥିବା ଅନୁପାଳନ ବିବୃତି ଏବଂ ପିଏସି ସୁପାରିଶ ଗୁଡିକର କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ (ଏଟିଏନ) ମାର୍ଚ୍ଚ 2013 ସୁଦ୍ଧା ଉପସ୍ଥାପନ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ (ଜାନୁୟାରୀ 2013)। ପୁନଶ୍ଚ ସେ ନିର୍ଦ୍ଦେଶ ଦେଇଥିଲେ ଯେ:

- ବିଭାଗଗୁଡିକ  ପିଏସି ବୈଠକ ଦିନ କିମ୍ବା ବୈଠକର ଦିନକ ପୂର୍ବରୁ ଅନୁପାଳନ ବିବୃତି ପ୍ରଦାନ କରିବେ ନାହିଁ କାରଣ ଶେଷ ମୁହୂର୍ତ୍ତରେ ଅନୁପାଳନ ପ୍ରାପ୍ତି ଯୋଗୁଁ ମହାଲେଖାକାରଙ୍କ ଠାରେ ପିଏସିକୁ ସଂକ୍ଷିପ୍ତ  ଲେଖନ ଦେବାକୁ ପର୍ଯ୍ୟାପ୍ତ ସମୟ ରହୁ ନାହିଁ;

- ଅଧସ୍ତନ ଅଧିକାରୀମାନଙ୍କ ଉତ୍ତରକୁ ମହାଲେଖାକାର/ ପିଏସିକୁ ନିୟମିତ ଭାବରେ ନ ପଠାଇ ବିଭାଗୀୟ ସଚିବମାନେ ବିଭାଗ ଦ୍ୱାରା ପ୍ରଦତ୍ତ ଅନୁପାଳନଗୁଡିକ ପ୍ରତି ଯଥେଷ୍ଟ ଧ୍ୟାନ ଦେବେ।

- ଚିଠା ପ୍ରସ୍ତାବ ସ୍ତରରେ ମହାଲେଖାକାରଙ୍କ ଦ୍ୱାରା ଉଠାଯାଇଥିବା ବିଷୟଗୁଡିକ ଉପରେ ସଚିବମାନେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବେ, ଯାହା ଫଳରେ କି ଧାର୍ଯ୍ୟ ସମୟର ବହୁ ପୂର୍ବରୁ ଅନୁପାଳନ ବିବରଣୀ ପ୍ରଦାନ କରାଯାଇପାରିବ। .

ସର୍ବୋଚ୍ଚ କମିଟି ଏହାର ଅଷ୍ଟମ ବୈଠକ (9 ଏପ୍ରିଲ 2013) ରେ  ଉପରୋକ୍ତ ବିଷୟ ଗୁଡିକ ଦୋହରାଇଥିଲେ। ଏହି କମିଟି ନିଷ୍ପତ୍ତି ନେଇଥିଲେ ଯେ ବିଭାଗଗୁଡିକ ଦ୍ୱାରା ମହାଲେଖାକାର, ଓଡିଶା ଏବଂ ଓଡିଶା ବିଧାନସଭା (ଓଏଲ୍‌ଏ) ସଚିବାଳୟକୁ ଅନୁପାଳନ ବିବୃତି ଉପସ୍ଥାପନର ସ୍ଥିତିକୁ ଅର୍ଥ ବିଭାଗ ପର୍ଯ୍ୟାଲୋଚନା କରିବ।

ତେବେ ବି ଏହା ଦେଖାଗଲା ଯେ 24ଟି ବିଭାଗରୁ 11ଟି ବିଭାଗ, 26ଟି ଅନୁଚ୍ଛେଦ ସଂପର୍କିତ (16ଟି ବ୍ୟକ୍ତିଗତ ଓ 10ଟି ସମ୍ପାଦନ ସମୀକ୍ଷା/ ସମୀକ୍ଷା ଅନୁଚ୍ଛେଦ) ବ୍ୟାଖ୍ୟାତ୍ମକ ଟିପ୍ପଣୀ ଯାହା 2000-01 ଠାରୁ 2011-12 (***ପରିଶିଷ୍ଟ 3.12.4***) ମଧ୍ୟରେ ସିଏଜିଙ୍କ ସମୀକ୍ଷା ପ୍ରତିବେଦନରେ ପ୍ରକାଶ ପାଇଥିଲା, ସେପ୍ଟେମ୍ବର 2014 ସୁଦ୍ଧା ଉପସ୍ଥାପିତ ହୋଇନଥିଲା। ଏହି 16ଟି ବ୍ୟକ୍ତିଗତ ନେଣ ଦେଣ ସମୀକ୍ଷା ଅନୁଚ୍ଛେଦ ଯାହାର ଅନୁପାଳନ ବିବୃତ୍ତି ସାତଟି[191] ବିଭାଗ  ଉପସ୍ଥାପନ କରିନଥିଲେ ତାହା ନିମ୍ନ ପ୍ରକାରେ ବିଭକ୍ତ କରାଯାଇପାରେ (i) ନୀତି ନିୟମ ଅନୁପାଳନ ନକରିବା (6) (ii) ଔଚିତ୍ୟ ଓ ବ୍ୟୟ ସମୀକ୍ଷା (6) (iii) ଚିରାଚରିତ ତଥା ବ୍ୟାପକ ଅନିମିତତା (1) (iv) ତଦାରଖ/ ଶାସନ ରୀତିର ଅସଫଳତା (3)। ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦେଇ ନଥିବା ବିଭାଗଗୁଡ଼ିକ

[191] ଉଚ୍ଚ ଶିକ୍ଷା, ସ୍ୱାସ୍ଥ୍ୟ  ଓ ପରିବାର କଲ୍ୟାଣ, ଗୃହ ନିର୍ମାଣ ଓ ପୌର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସଂସ୍କୃତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା

ହେଲେ ଗୃହ ନିର୍ମାଣ ଓ ପୌର ଉନ୍ନୟନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଯୋଜନା ଓ ସମନ୍ୱୟ ଏବଂ ଉଚ୍ଚ ଶିକ୍ଷା ବିଭାଗ।

ଉପରୋକ୍ତ ବିଚାରାଧିନତା ସ୍ଥିତି ସଂପର୍କରେ ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା), ଓଡ଼ିଶାଙ୍କ ଦ୍ୱାରା ମୁଖ୍ୟ ଶାସନ ସଚିବଙ୍କୁ ପ୍ରତିକାରାତ୍ମକ ପଦକ୍ଷେପ ସକାଶେ, ଅର୍ଦ୍ଧ ସରକାରୀ ପତ୍ର ଦ୍ୱାରା ଅବଗତ କରାଯାଇଥିଲା (ନଭେମ୍ବର 2014)।

### *3.12.2 ଲୋକଲେଖା ସମିତି କରିଥିବା ସୁପାରିଶ ଉପରେ ବିଭାଗ ଗୁଡ଼ିକର ଜବାବ*

ସିଏଜିଙ୍କ ରିପୋର୍ଟ ନିରୀକ୍ଷଣ କରିବା ଏବଂ ସେହି ନିରୀକ୍ଷଣର ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଓଡ଼ିଶା ବିଧାନସଭା ପ୍ରତିବର୍ଷ ଏକ ଲୋକଲେଖା ସମିତି (ପିଏସି) ଗଠନ କରିଥାନ୍ତି। ପିଏସି ରିପୋର୍ଟ/ ସୁପାରିଶ ଗୁଡ଼ିକ ହେଲା ପ୍ରଧାନ ମାଧ୍ୟମ ଯାହା ଦ୍ୱାରା କାର୍ଯ୍ୟନିର୍ବାହୀମାନେ ବିଧାନମଣ୍ଡଳ ପ୍ରତି ଆର୍ଥିକ ଉତ୍ତରଦାୟୀ ରହିବା ପାଇଁ ବାଧ୍ୟ ଏବଂ ଏଥିପାଇଁ ସେମାନେ ବିଭାଗମାନଙ୍କଠାରୁ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ଆକାରରେ ସମୟୋଚିତ ଉତ୍ତର ମାଗିବା ଯଥାର୍ଥ। ଶ୍ରୀ ଏସ୍.ଏଲ.ସିକ୍ଦାରଙ୍କ ଅଧକ୍ଷତାରେ ଗଠିତ ଉଚ୍ଚ ସ୍ତରୀୟ କମିଟିର ସୁପାରିଶ ଆଧାରରେ ଅର୍ଥ ବିଭାଗ ସମସ୍ତ ବିଭାଗକୁ ପିଏସି/ ସିଓପିୟୁ ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ, ବିଧାନସଭାରେ ଉପସ୍ଥାପନାର ଛଅ ମାସ ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ଡିସେମ୍ବର 1993)। ପରବର୍ତ୍ତୀ ସମୟରେ ଏଟିଏନ୍ ଉପସ୍ଥାପନ କରିବାର ସମୟ ସୀମା ଓଡ଼ିଶା ବିଧାନସଭା ଦ୍ୱାରା ଚାରିମାସକୁ କମାଇ ଦିଆଯାଇଥିଲା (ଏପ୍ରିଲ୍ 2005)[192]। ସର୍ବୋଚ୍ଚ କମିଟିର ସପ୍ତମ ବୈଠକ (ଏପ୍ରିଲ୍ 2012)ର କାର୍ଯ୍ୟ ଯୋଜନା ଅନୁସାରେ, ସମସ୍ତ ବିଭାଗ ବାକିଥିବା ପିଏସି ସୁପାରିଶ ଏବଂ ସିଏଜିଙ୍କ ଅନୁଚ୍ଛେଦ ଉପରେ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ଜୁଲାଇ 2012 ଓ ସେପ୍ଟେମ୍ବର 2012 ମଧ୍ୟରେ ପ୍ରଦାନ କରିବେ। ଓଡ଼ିଶାର ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗଗୁଡ଼ିକୁ ପିଏସି ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ 31 ମାର୍ଚ୍ଚ 2013 ସୁଦ୍ଧା ସଫଳତାର ସହ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ଜାନୁଆରୀ 2013)।

ଏହା ଦେଖାଗଲା ଯେ ପିଏସି ଦ୍ୱାରା ଦଶମ ବିଧାନସଭା (1990-95) ର ତୃତୀୟ ରିପୋର୍ଟ ଠାରୁ ଚତୁର୍ଦ୍ଦଶ ବିଧାନସଭା (2009-14) ର ଦଶମ ରିପୋର୍ଟ ପର୍ଯ୍ୟନ୍ତ ପ୍ରଦତ୍ତ 624ଟି ସୁପାରିଶ (***ପରିଶିଷ୍ଟ 3.12.5***) ମଧ୍ୟରୁ 33ଟି ସୁପାରିଶ ଉପରେ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ସାତଟି[193] ବିଭାଗ ଦ୍ୱାରା ପ୍ରଦାନ କରାଯାଇ ନଥିଲା (ସେପ୍ଟେମ୍ବର 2013)। ଯେଉଁ ବିଭାଗ ଗୁଡ଼ିକ ମୁଖ୍ୟତଃ ଏଟିଏନ୍ ନଦେବା ପାଇଁ ଦାୟୀ ସେଗୁଡ଼ିକ ହେଲା ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍ ଓ ମହିଳା ଓ ଶିଶୁ ବିକାଶ ବିଭାଗ।

### 3.12.3 ପର୍ଯ୍ୟାଲୋଚନା

ସିଏଜିଙ୍କ ସମୀକ୍ଷା ପ୍ରତିବେଦନ ଓ ପିଏସି ସୁପାରିଶଗୁଡ଼ିକ ଉପରେ ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନର ପର୍ଯ୍ୟାଲୋଚନା କରିବା ନିମନ୍ତେ ସରକାରୀ ସ୍ତରରେ ନିମ୍ନଲିଖିତ କମିଟିମାନ ଗଠନ କରାଯାଇଥିଲା।

#### *3.12.3.1 ବିଭାଗୀୟ ପର୍ଯ୍ୟାଲୋଚନା କମିଟି*

ମହାଲେଖାକାରଙ୍କ ନିରୀକ୍ଷଣ ରିପୋର୍ଟ(ଆଇଆର), ଚିଠା ସମୀକ୍ଷା ବିବୃତି/ ଚିଠା ଅନୁଚ୍ଛେଦ, ସିଏଜିଙ୍କ ସମୀକ୍ଷା ପ୍ରତିବେଦନ ଏବଂ ପିଏସି ସୁପାରିଶଗୁଡ଼ିକ ଉପରେ ଅନୁପାଳନ ବିବୃତି/ ପ୍ରତ୍ୟୁତ୍ତର ଉପସ୍ଥାପନାର ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନର ପର୍ଯ୍ୟାଲୋଚନା ନିମନ୍ତେ ସରକାରଙ୍କ ସମସ୍ତ ବିଭାଗ ଦ୍ୱାରା ବିଭାଗୀୟ ପର୍ଯ୍ୟାଲୋଚନା କମିଟି (ଡିଏମ୍ସି) ମାନ ଗଠନ କରାଯାଇଥିଲା (ମେଇ 2000 ରୁ ଫେବୃଆରୀ 2002 ମଧ୍ୟରେ)। ବିଭାଗୀୟ ସଚିବ ଏହି କମିଟିର ଅଧକ୍ଷ ଏବଂ ଅର୍ଥ ଉପଦେଷ୍ଟା (ଏଫଏ) ଆବାହକ ଥିଲେ। ସର୍ବୋଚ୍ଚ କମିଟିର ସପ୍ତମ ବୈଠକ (ଅପ୍ରେଲ

---

[192] ଓଡ଼ିଶା ବିଧାନ ସଭା କ୍ରିୟାବିଧି ତଥା କାର୍ଯ୍ୟ ନିୟମାବଳୀର ନିୟମ 213- ବି (1)

[193] ଉଚ୍ଚ ଶିକ୍ଷା (1), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (3), ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (1), ଆଇନ୍ (6), ଗୃହ ନିର୍ମାଣ ଓ ପୌର ଉନ୍ନୟନ (1), ଗ୍ରାମ୍ୟ ଉନ୍ନୟନ (19) ଏବଂ ମହିଳା ଓ ଶିଶୁ ବିକାଶ (2)

2012) ରେ ନିଷ୍ପତ୍ତି ନିଆଯାଇଥିଲା ଯେ ଡିଏମ୍‌ସି ବୈଠକ ପ୍ରତିମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ଡକାଯିବ ଏବଂ ଏହାର ବିବରଣୀ ମହାଲେଖାକାର, ଓଡ଼ିଶାଙ୍କୁ ପଠାଯିବ ।

ଏହା ଦେଖାଗଲା ଯେ 24ଟି ବିଭାଗ ମଧ୍ୟରୁ ଆଠଟି[194] ବିଭାଗ 2013-14 ପାଇଁ କୌଣସି କାର୍ଯ୍ୟ ବିବରଣୀ ସେପ୍ଟେମ୍ବର 2014 ସୁଦ୍ଧା ପ୍ରଦାନ କରିନଥିଲେ । ଅବଶିଷ୍ଟ 16ଟି ବିଭାଗ ମଧ୍ୟ କମ୍ ମାତ୍ରାରେ ବିବରଣୀ ପ୍ରଦାନରେ କରିଥିଲେ ଯାହା 1 ରୁ 11 ଥିଲା ।

### *3.12.3.2 ପୁନର୍ବିଲୋକନ କମିଟି*

ସିଏଜି ରିପୋର୍ଟ ଏବଂ ପିଏସି ରିପୋର୍ଟଗୁଡ଼ିକ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଅଗ୍ରଗତିର ପର୍ଯ୍ୟାଲୋଚନା କରିବା ଏବଂ ରାଜ୍ୟ ପିଏସି ଦ୍ୱାରା ରିପୋର୍ଟ ଗୁଡିକର ନିରୀକ୍ଷଣରେ ସାହାଯ୍ୟ ପାଇଁ ଅର୍ଥ ବିଭାଗର ପ୍ରଧାନ ସଚିବ, ପୂର୍ବତନ ମହାଲେଖାକାର (ଅଡିଟ୍-I), ମହାଲେଖାକାର (ଅଡିଟ୍-II) ଏବଂ ସଂପୃକ୍ତ ବିଭାଗର ପ୍ରଶାସନିକ ସଚିବମାନଙ୍କୁ ନେଇ ଏକ ସମୀକ୍ଷା କମିଟି ଗଠନ କରାଯାଇଥିଲା (ଡିସେମ୍ବର 1992) ।

ବହୁଳ ପରିମାଣରେ ଥିବା ଆଇଆର ଏବଂ ଅନୁଚ୍ଛେଦ ଯାହାର ଅନୁପାଳନ ବିବୃତି ଆଗରୁ ଦିଆଯାଇଥିଲା ସେଗୁଡ଼ିକୁ ଅପସାରଣ କରିବା ପାଇଁ ପିଏସିର 20.11.2012 ବୈଠକରେ ଅଧିକ ତ୍ରିକୋଣୀୟ କମିଟି (ଟିସି) ବୈଠକ କରିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରସ୍ତାବ ଦେଇଥିଲେ । ଏହି ସମୀକ୍ଷା କମିଟି ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ 24 ଜାନୁଆରୀ 2013 ରେ ଏକ ସଭା କରିଥିଲା, ଯେଉଁଥିରେ ପାଞ୍ଚଟି ବିଭାଗ ଯାହାର ବହୁଳ ପରିମାଣରେ ଅନୁଚ୍ଛେଦ ଅମୀମାଂସିତ ଥିଲା, ଟିସି ବୈଠକର ଏକ ଅଗ୍ରୀମ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କରି ବୈଠକ କରିବା ପାଇଁ ସେମାନେ ରାଜିହୋଇଥିଲେ । ଏହି ବୈଠକରେ ସ୍ଥିର ହୋଇଥିଲା ଯେ:

(i) ଏହି କ୍ୟାଲେଣ୍ଡର ଫେବୃଆରୀ 2013 ଠାରୁ ଲାଗୁ ହେବ;

(ii) ଅନୁପାଳନ ବିବୃତିର ଲଭ୍ୟତାକୁ ଅଗ୍ରାଧିକାର ଦେଇ ବିଭାଗ ଟିସି ବୈଠକର କ୍ଷେତ୍ର ବାଛିବେ;

(iii) ସରକାରଙ୍କ ବିଭାଗ ଗୁଡ଼ିକ ପ୍ରତି ମାସରେ ଡିଏମ୍‌ସି ବୈଠକ କାର୍ଯ୍ୟସୂଚୀରେ ଟିସି ବୈଠକ ଆୟୋଜନର ପର୍ଯ୍ୟାଲୋଚନା କରିବେ;

(iv) ପ୍ରତିଜବାବର ଗୁଣବତ୍ତା / ଅନୁଚ୍ଛେଦର ମୀମାଂସା ଉପରେ ସନ୍ଦେହ ହେଲେ ମହାଲେଖାକାର, ଓଡ଼ିଶାଙ୍କ ସହ ଭିଡିଓ/ ଅନ୍‌ଲାଇନ୍ ସମ୍ମିଳନୀ ସହାୟତାରେ ସମାଧାନ କରାଯିବ ଏବଂ

(v) ମୀମାଂସା ହୋଇନଥିବା ପିଏସି ସୁପାରିଶ/ ସିଏଜି ଅନୁଚ୍ଛେଦ ଏବଂ ଚିଠା ବିବୃତ୍ତି/ ଚିଠା ଅନୁଚ୍ଛେଦ ଉପରେ କାର୍ଯ୍ୟାନୁଷ୍ଠାନ ବିବୃତି ପ୍ରତି ମାସ ଡିଏମ୍‌ସି ବୈଠକରେ ଆଲୋଚନା କରାଯିବ ।

ବର୍ଷ 2013-14 ରେ ଦଶଟି ବିଭାଗ ଦ୍ୱାରା କେବଳ 109ଟି ଟିସି ବୈଠକ କରାଯାଇଥିଲା ଏବଂ ବୈଠକ ବିବରଣୀର ସମୀକ୍ଷାରୁ ଦେଖାଗଲା ଯେ କେବଳ 2,272ଟି ଅନୁଚ୍ଛେଦ ଏବଂ 403ଟି ନିରୀକ୍ଷଣ ରିପୋର୍ଟର ମୀମାଂସା ହୋଇଥିଲା ଯାହାର ବ୍ୟାଖ୍ୟା ***ପରିଶିଷ୍ଟ 3.12.6*** ରେ ଦିଆଗଲା । ତେବେବି 5,167ଟି ଅନୁଚ୍ଛେଦ ଥିବା 726ଟି ଆଇଆର ଅମୀମାଂସିତ ଥିବା ***(ପରିଶିଷ୍ଟ 3.12.7)*** ସତ୍ତ୍ୱେ 14ଟି ବିଭାଗ କୌଣସି ଟିସି ବୈଠକ ଡକାଇ ନଥିଲେ ।

194 ସରକାରୀ ଉଦ୍ୟୋଗ, ଉଚ୍ଚ ଶିକ୍ଷା, ସୂଚନା ପ୍ରଯୁକ୍ତିବିଦ୍ୟା, ସଂସଦୀୟ ବ୍ୟାପାର, ଯୋଜନା ଓ ସମନ୍ୱୟ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ, ବିଜ୍ଞାନ ଓ ବୈଷୟିକ ଏବଂ କ୍ରୀଡ଼ା ଓ ଯୁବସେବା

### 3.12.3.3 ସର୍ବୋଚ୍ଚ କମିଟି

ଆଠ ଜଣ ସଦସ୍ୟଙ୍କୁ ନେଇ ରାଜ୍ୟ ସ୍ତରରେ ଏକ ସର୍ବୋଚ୍ଚ କମିଟି ଗଠନ କରାଯାଇଥିଲା (ଡିସେମ୍ବର 2000)। ମୁଖ୍ୟ ସଚିବ ଏହି କମିଟିର ଅଧ୍ୟକ୍ଷ ଥିଲେ। ଅର୍ଥ ବିଭାଗର ସଚିବ ସ୍ଥାୟୀ ସଦସ୍ୟ ଏବଂ ପାଞ୍ଚୋଟି ଅନ୍ୟ ବିଭାଗ (ଜଳ ସମ୍ପଦ, ଗୃହ, ପଞ୍ଚାୟତିରାଜ, କୃଷି ଓ ରାଜସ୍ୱ) ର ସଦସ୍ୟ ସଚିବ ଏବଂ ଅର୍ଥ ବିଭାଗର ଅତିରିକ୍ତ ସଚିବ (ଲେଖା ଓ ଲେଖାଦାରୀ) ଏହି କମିଟିର ଆବାହକ ସଦସ୍ୟ ଥିଲେ। ଏହି କମିଟିର କାର୍ଯ୍ୟ ହେଲା (i) ବିଭାଗୀୟ ପର୍ଯ୍ୟାଲୋଚନା କମିଟିର କାର୍ଯ୍ୟକାରିତାର ସମୀକ୍ଷା କରିବା ଏବଂ ମହାଲେଖାକାର, ଓଡ଼ିଶା ଏବଂ ଲୋକଲେଖା ସମିତିକୁ ସମୟୋଚିତ ଅନୁପାଳନ ବିବୃତ୍ତି ପ୍ରଦାନ ସୁନିଶ୍ଚିତ କରିବା (ii) ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ ପ୍ରତିବେଦନ ଉପରେ ବିଭାଗମାନଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ନିର୍ଦ୍ଧିଷ୍ଟକାଳୀନ ପର୍ଯ୍ୟାଲୋଚନା କରିବା ଏବଂ (iii) ସମୀକ୍ଷା ମନ୍ତବ୍ୟ ଉପରେ ସରକାରଙ୍କ ସମସ୍ତ ବିଭାଗ ନେବାକୁ ଥିବା ତ୍ୱରିତ କାର୍ଯ୍ୟାନୁଷ୍ଠାନରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ ଦୂର କରିବା। ଏହି କମିଟି ପ୍ରତି ଛଅ ମାସରେ ଥରେ ମିଳିତ ହେବେ।

ଅଷ୍ଟମ ବୈଠକ (ଏପ୍ରିଲ୍ 2013)ରେ ଅମୀମାଂସିତ ଥିବା ଏଟିଏନ୍, ସିଏଜି ଅନୁଚ୍ଛେଦ, ଆଇଆର ଏବଂ ଅନୁଚ୍ଛେଦ ଗୁଡ଼ିକର ମୀମାଂସା ନିମନ୍ତେ ପ୍ରସ୍ତୁତ କାର୍ଯ୍ୟଯୋଜନାର ପର୍ଯ୍ୟାଲୋଚନା ସମୟରେ ବିଭାଗ ଗୁଡ଼ିକର ସ୍ୱଚ୍ଛ ଜବାବ ପାଇଁ କମିଟି ଉଦ୍‌ବେଗ ପ୍ରକାଶ କରିଥିଲେ। ଏତଦ୍ ବ୍ୟତୀତ, ଉପରୋକ୍ତ ବୈଠକରେ ନିମ୍ନଲିଖିତ ନିଷ୍ପତ୍ତି ନିଆଯାଇଥିଲା :

- ପ୍ରତିମାସର ଏକ ନିର୍ଦ୍ଧିଷ୍ଟ ତାରିଖରେ ବିଭାଗୀୟ ପର୍ଯ୍ୟାଲୋଚନା କମିଟି (ଡିଏମସି) ବୈଠକର ଆୟୋଜନ ହେବ ଏବଂ ଏହି ବୈଠକର ବିବରଣୀ ମହାଲେଖାକାର, ଓଡ଼ିଶାଙ୍କୁ ପଠାହେବ ଯାହାର ଏକ ନକଲ ଅର୍ଥ ବିଭାଗକୁ ପଠାଯିବ;

- ମହାଲେଖାକାରଙ୍କ ନିରୀକ୍ଷଣ ରିପୋର୍ଟ ଗୁଡ଼ିକର ପ୍ରଥମ ଜବାବ ମହାଲେଖାକାର, ଓଡ଼ିଶାଙ୍କୁ ଏକ ମାସ ମଧ୍ୟରେ ପଠାଯିବ ଓ ଏହା ଡିଏମ୍‌ସି ବୈଠକରେ ପର୍ଯ୍ୟାଲୋଚନା କରାଯିବ;

- 2013 ପାଇଁ ପାଞ୍ଚଟି[195] ବିଭାଗ ସଂପର୍କିତ ତ୍ରିକୋଣୀୟ କମିଟି ବୈଠକର (ଟିସିଏମ୍) ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ଏତଦ୍ ବ୍ୟତୀତ, ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟ ଅମୀମାଂସିତ ମହାଲେଖାକାରଙ୍କ ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦ ଗୁଡ଼ିକର ମୀମାଂସା ପାଇଁ ଟିସି ବୈଠକ ଆୟୋଜନ ବିଷୟରେ ମହାଲେଖାକାର, ଓଡ଼ିଶାଙ୍କ ସହ ଆଲୋଚନା କରିବେ;

- ବିଭାଗ ଗୁଡ଼ିକ ବିଳମ୍ବ ନକରି ଅମୀମାଂସିତ ସିଏଜିଙ୍କ ପ୍ରତିବେଦନର ଅନୁଚ୍ଛେଦ ଏବଂ ପିଏସିର ସୁପାରିଶ ଉପରେ ଅନୁପାଳନ ବିବୃତ୍ତି ପ୍ରଦାନ କରିବେ ଏବଂ ଏହାର ଅନୁପାଳନ ଅର୍ଥ ବିଭାଗକୁ ଜଣାଇବେ;

- ଅଦ୍ୟାବଧି ଅମୀମାଂସିତ ସ୍ଥିତି ବିଷୟରେ ନିୟମିତ ଭାବରେ ମହାଲେଖାକାରଙ୍କ ସହ ଆଲୋଚନା କରି ସମାଧାନ କରିବେ; ଏବଂ

- ବିଭାଗମାନଙ୍କ ଦ୍ୱାରା ମହାଲେଖାକାର, ଓଡ଼ିଶା ଏବଂ ରାଜ୍ୟ ବିଧାନସଭା ସଚିବାଳୟକୁ ପ୍ରଦାନ କରାଯାଇଥିବା ଅନୁପାଳନ ବିବୃତ୍ତିକୁ ଅର୍ଥ ବିଭାଗ ପର୍ଯ୍ୟାଲୋଚନା କରିବେ।

ପୁନଶ୍ଚ, ନଥି ପ୍ରଦାନ ନକଲେ ସର୍ବୋଚ୍ଚ କମିଟି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ 31 ଅଗଷ୍ଟ 2014 ସୁଦ୍ଧା ଚାରିଟି ବିଭାଗ ଦ୍ୱାରା 213ଟି ନଥି ଏବଂ ଛଅଟି ବିଭାଗ ଦ୍ୱାରା 185ଟି ପ୍ରାଥମିକ ମନ୍ତବ୍ୟ ସ୍ମାରକର ଅନୁପାଳନ ବିବୃତ୍ତି ପ୍ରଦାନ କରାଯାଇନଥିଲା, ଯାହା ମୁଖ୍ୟ ଶାସନ ସଚିବଙ୍କୁ ଅର୍ଦ୍ଧ ସରକାରୀ ପତ୍ର

[195] ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଜଳ ସମ୍ପଦ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ

ମାଧ୍ୟମରେ ଅବଗତ କରାଯାଇଥିଲା (ସେପ୍ଟେମ୍ବର 2014) । ତଥାପି 31 ମାର୍ଚ୍ଚ 2015 ସୁଦ୍ଧା ସ୍ଥିତିରେ କୌଣସି ଉନ୍ନତି ହୋଇନଥିଲା ଯେହେତୁ ଛଅଟି ବିଭାଗ ଦ୍ୱାରା 229ଟି ନଥି ଏବଂ 14ଟି ବିଭାଗ ଦ୍ୱାରା 244ଟି ପ୍ରାଥମିକ ମନ୍ତବ୍ୟ ସ୍ମାରକର ଅନୁପାଳନ ବିବୃତ୍ତି ପ୍ରଦାନ କରାଯାଇ ନଥିଲା ।

**ଭୁବନେଶ୍ୱର** **( ଆର. ଅମ୍ବାଲାୱାନନ୍)**
**ତାରିଖ** **ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା)**
**ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆଦିଲ୍ଲୀ** **(ଶଶିକାନ୍ତ ଶର୍ମା)**
**ତାରିଖ** **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

# ପରିଶିଷ୍ଟ 2.1.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.7.3)*

## ଅକାମି/ ଅଚଳ ଯନ୍ତ୍ରାଂଶର ବିବରଣ

| ଜିଏମସିଏଚ୍ ର ନାମ | ଯନ୍ତ୍ରାଂଶର ନାମ (ବିଭାଗ) | ସଂସ୍ଥାପନ ତାରିଖ | ଯନ୍ତ୍ରାଂଶର ବ୍ୟବହାର | ମୂଲ୍ୟ (ଟଙ୍କା ଲକ୍ଷ୍ୟରେ) | କେଉଁ ତାରିଖରୁ ଅଚଳ ଥିଲା | ଅକାମି/ ଅଚଳର କାରଣ |
|---|---|---|---|---|---|---|
| ଭିଏସ୍ଏସ୍ ଏମ୍ସିଏଚ୍ | ମାମୋଗ୍ରାଫି (ରେଡିଓଲୋଜି) | 25 ଅପ୍ରେଲ 2008 | ପ୍ରଥମିକ ଅବସ୍ଥାରେ ସ୍ତନ କର୍କଟ ନିରୂପଣ କରିବା | 28.11 | 25 ଅପ୍ରେଲ 2008 | ନିମ୍ନମାନର ଏକ୍ସ- ରେ ଛବି |
| | ଉଚ୍ଚ କ୍ଷମତା ସଂମ୍ପର୍ଣ୍ଣ ଥିନ୍ ଲେୟର କ୍ରୋମାଟୋଗ୍ରାଫି (ପାଥୋଲୋଜି) | ଜୁନ୍ 2007 | ଔଷଧୀୟ ଗାଢତା ମାପିବା | 25.16 | ଜୁନ୍ 2007 | ଆବଶ୍ୟକତା ଆକଳନ ନକରି, ଏଚଓଡି ବରାଦ କରିଥିଲେ (22 ଜାନୁୟାରୀ 2007) |
| | କାଭିଟ୍ରନ୍ ଅଲଟ୍ରାସାଉଣ୍ଡ୍ ସର୍ଜିକାଲ୍ ଆଷ୍ପିରେଟର | ସଂସ୍ଥାପନ ହୋଇ ନଥିଲା | ହେପାଟୋ ବାଇଲାରି ଓ ପାନକ୍ରିୟାଟିକ ରିସେକ୍ସନ ସର୍ଜରୀ ପାଇଁ | 99.75 | -- | ସତନ୍ତ୍ର ଗାଷ୍ଟ୍ରୋଏଣ୍ଟରୋଲୋଜି ସର୍ଜରୀ ୟୁନିଟରେ ତାଲିମ ପ୍ରାପ୍ତ କର୍ମଚାରୀଙ୍କ ଅଭାବ ଯୋଗୁଁ |
| ଏମକେସିଜି ଏମ୍ସିଏଚ୍ | ଟ୍ରେଡମିଲ (କାର୍ଡିୟାଲୋଜି) | 10 ଜାନୁଆରୀ 2006 | ହୃଦ୍‌ସ୍ପନ୍ଦନ ମାପିବା | 1.34 | 10 ଜାନୁଆରୀ 2006 | ସ୍ଥାନର ଅଭାବ ଯୋଗୁଁ |
| | ପଲିମରିଜ୍ ଚେନ୍ ରିଆକ୍ସନ (ମାଇକ୍ରୋ-ବାଓଲୋଜି) | ସେପ୍ଟେମ୍ବର 2011 | ଏଚଆଇଭି ର ଦ୍ରୁତ ସନ୍ଧାନ କରିବା | 45.00 | ସେପ୍ଟେମ୍ବର 2011 | ଆବଶ୍ୟକ ସାଜ ସରଂଯାମ ଓ ରିଏଜେଣ୍ଟ୍ସ ତତ୍‌ସହିତ ସଂଚାଳନ ପାଇଁ କର୍ମଚାରୀଙ୍କ ଅଭାବରୁ |
| | ଫଣ୍ଡସ୍ କ୍ୟାମେରା (ଅପ୍‌ଥାଲମୋଲୋଜି) | 9 ଜୁଲାଇ 2008 | ଚକ୍ଷୁ ରୋଗର ଚିକିତ୍ସା କରିବା | 13.24 | ନଭେମ୍ବର 2012 | ପାଣ୍ଠି ଅଭାବରୁ ମରାମତି ହୋଇ ନପାରିବା |
| | ବି ସ୍କାନ୍ (ଅପ୍‌ଥାଲମୋଲୋଜି) | 30 ଅପ୍ରେଲ 2010 | | 6.50 | ନଭେମ୍ବର 2012 | |
| | ମାମୋଗ୍ରାଫି (ରେଡିଓଲୋଜି) | ଡିସେମ୍ବର 2007 | ପ୍ରାଥମିକ ଅବସ୍ଥାରେ ସ୍ତନ କର୍କଟ ନିରୂପଣ କରିବା | 28.11 | ମାର୍ଚ୍ଚ 2014 | ଅଧ୍ୟକ୍ଷଙ୍କ ବରାଦ ବିନା ମେସିନ୍ ସଂଗ୍ରହଣ ଯୋଗୁଁ ଅଚଳ ହୋଇ ପଡି ରହିଥିଲା |
| | କେନ୍ଦ୍ରୀୟ ନର୍ସିଂ ଷ୍ଟେସନ | ମାର୍ଚ୍ଚ 2014 | ହୃଦ୍‌ଘାତ ରୋଗୀମାନଙ୍କର ଅବସ୍ଥା ନିରୀକ୍ଷଣ କରିବା ପାଇଁ | 5.20 | ମାର୍ଚ୍ଚ 2014 | ଆବଶ୍ୟକ କର୍ମଚାରୀ ଓ ଭିତ୍ତିଭୂମିର ଅଭାବରୁ ଅଚଳ ହୋଇ ପଡି ରହିଥିଲା |
| | ବେଡ୍ ସାଇଟ୍ ମନିଟର୍ | ଜାନୁଆରୀ 2014 | | 6.65 | ଜାନୁଆରୀ 2014 | |
| | ବ୍ଲଡ୍ ଗ୍ୟାସ୍ ବିଶ୍ଳେଷକ | ଜାନୁଆରୀ 2014 | କରୋନାରୀ କେୟାର ୟୁନିଟ୍ ପାଇଁ ଯନ୍ତ୍ରାଂଶ | 3.29 | ଜାନୁଆରୀ 2014 | |
| | ଆଇସିସିୟୁ ଭେଣ୍ଟିଲେଟର | ମାର୍ଚ୍ଚ 2014 | | 58.53 | ମାର୍ଚ୍ଚ 2014 | କର୍ମଚାରୀ, ଭିତ୍ତିଭୂମି ଓ କେନ୍ଦ୍ରସ୍ଥ ଅମ୍ଳଜାନ ଯୋଗାଣର ଅଭାବରୁ |
| | ଇଣ୍ଟ୍ରା ଏରୋଟିକ୍ ବେଲୁନ୍ ପମ୍ପ | ମଇ 2014 | | 52.50 | ମଇ 2014 | ତାଲିମ ପ୍ରାପ୍ତ କର୍ମଚାରୀଙ୍କ ଅଭାବ ଯୋଗୁଁ |
| | ବାର୍ଡ ଭେଣ୍ଟିଲେଟର୍ | ଡିସେମ୍ବର 2005 | | 10.59 | ଡିସେମ୍ବର 2005 | କେନ୍ଦ୍ରସ୍ଥ ଅମ୍ଳଜାନ ଯୋଗାଣର ଅଭାବରୁ |
| | ମୋଟ୍ | | | **383.97** | | |

*(ଉତ୍ସ: ସଂପୃକ୍ତ ଜିଏମସିଏଚ୍ ଗୁଡିକର ନଥିପତ୍ର)*

## ପରିଶିଷ୍ଟ 2.1.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.8.1)*

### ଜିଏମସିଏଚ୍ - ଦ୍ୱାରା ଖାଲି ପଡିଥିବା ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ପଦବୀର ବିବରଣ

| ସ୍ତର | ଜିଏମସିଏଚ୍‌ର ନାମ | 31 ମାର୍ଚ୍ଚ 2014 ସୁଦ୍ଧା କର୍ମଚାରୀ ସଂଖ୍ୟା | | | ଶତକଡା ଖାଲି ସ୍ଥାନ |
|---|---|---|---|---|---|
| | | ଅନୁମୋଦିତ ସଂଖ୍ୟା | ଉପଲବ୍ଧ ସଂଖ୍ୟା | ଖାଲି ସ୍ଥାନ | |
| ପ୍ରଫେସର | ଏସ୍‌ସିବି ଏମ୍‌ସିଏଚ | 49 | 47 | 2 | 4.08 |
| | ଭିଏସ୍‌ଏସ୍ ଏମ୍‌ସିଏଚ | 36 | 29 | 7 | 19.44 |
| | ଏମକେସିଜି ଏମ୍‌ସିଏଚ୍ | 40 | 32 | 8 | 20 |
| | **ମୋଟ** | **125** | **108** | **17** | **13.6** |
| ଆସୋସିଏଟ ପ୍ରଫେସର | ଏସ୍‌ସିବି ଏମ୍‌ସିଏଚ | 95 | 80 | 15 | 15.78 |
| | ଭିଏସ୍‌ଏସ୍ ଏମ୍‌ସିଏଚ | 70 | 60 | 10 | 14.28 |
| | ଏମକେସିଜି ଏମ୍‌ସିଏଚ୍ | 75 | 62 | 13 | 17.33 |
| | **ମୋଟ** | **240** | **202** | **38** | **15.83** |
| ଆସିଷ୍ଟାଣ୍ଟ ପ୍ରଫେସର | ଏସ୍‌ସିବି ଏମ୍‌ସିଏଚ | 141 | 99 | 42 | 29.78 |
| | ଭିଏସ୍‌ଏସ୍ ଏମ୍‌ସିଏଚ | 142 | 81 | 61 | 42.95 |
| | ଏମକେସିଜି ଏମ୍‌ସିଏଚ୍ | 110 | 80 | 30 | 27.27 |
| | **ମୋଟ** | **393** | **260** | **133** | **33.84** |
| ଟ୍ୟୁଟର/ ସିନିୟର ରେସିଡେଣ୍ଟ | ଏସ୍‌ସିବି ଏମ୍‌ସିଏଚ | 137 | 123 | 14 | 10.21 |
| | ଭିଏସ୍‌ଏସ୍ ଏମ୍‌ସିଏଚ | 117 | 59 | 58 | 49.57 |
| | ଏମକେସିଜି ଏମ୍‌ସିଏଚ୍ | 112 | 79 | 33 | 29.46 |
| | **ମୋଟ** | **366** | **261** | **105** | **28.68** |
| **ସମୁଦାୟ ଶିକ୍ଷକ** | | **1124** | **831** | **293** | **26.06** |
| ମହାବିଦ୍ୟାଳୟରେ ଅଣଶିକ୍ଷକ କର୍ମଚାରୀ (ଟେକ୍‌ନିସିଆନ୍, ଲାବୋରଟୋରି ଆଟେଣ୍ଡାଣ୍ଟ୍, ଷ୍ଟୋର୍ କିପର୍, ଇତ୍ୟାଦି) | ଏସ୍‌ସିବି ଏମ୍‌ସିଏଚ | 274 | 172 | 102 | 37.22 |
| | ଭିଏସ୍‌ଏସ୍ ଏମ୍‌ସିଏଚ | 238 | 157 | 81 | 34.03 |
| | ଏମକେସିଜି ଏମ୍‌ସିଏଚ୍ | 235 | 143 | 92 | 39.14 |
| | **ମୋଟ** | **747** | **472** | **275** | **36.81** |
| ସଂଲଗ୍ନ ହସ୍ପିଟାଲରେ ଚିକିତ୍ସକ | ଏସ୍‌ସିବି ଏମ୍‌ସିଏଚ | 89 | 49 | 40 | 44.94 |
| | ଭିଏସ୍‌ଏସ୍ ଏମ୍‌ସିଏଚ | 53 | 20 | 33 | 62.26 |
| | ଏମକେସିଜି ଏମ୍‌ସିଏଚ୍ | 68 | 27 | 41 | 60.29 |
| | **ମୋଟ** | **210** | **96** | **114** | **54.28** |
| ସଂଲଗ୍ନ ହସ୍ପିଟାଲରେ ନର୍ସିଂ କର୍ମଚାରୀ | ଏସ୍‌ସିବି ଏମ୍‌ସିଏଚ | 1029 | 843 | 186 | 18.07 |
| | ଭିଏସ୍‌ଏସ୍ ଏମ୍‌ସିଏଚ | 684 | 406 | 278 | 40.64 |
| | ଏମକେସିଜି ଏମ୍‌ସିଏଚ୍ | 650 | 442 | 208 | 32.00 |
| | **ମୋଟ** | **2363** | **1691** | **672** | **28.43** |
| ସଂଲଗ୍ନ ହସ୍ପିଟାଲରେ ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀ (ଫର୍ମାସିଷ୍ଟ, ରେଡିଓଗ୍ରାଫର, ଲାବୋରଟୋରି ଟେକ୍‌ନିସିଆନ୍, ଇତ୍ୟାଦି) | ଏସ୍‌ସିବି ଏମ୍‌ସିଏଚ | 107 | 85 | 22 | 20.56 |
| | ଭିଏସ୍‌ଏସ୍ ଏମ୍‌ସିଏଚ | 96 | 68 | 28 | 29.17 |
| | ଏମକେସିଜି ଏମ୍‌ସିଏଚ୍ | 79 | 63 | 16 | 20.25 |
| | **ମୋଟ** | **282** | **216** | **66** | **23.40** |

*(ଉତ୍ସ: ସରକାର/ ଭେଷଜ ମହାବିଦ୍ୟାଳୟଗୁଡିକ ଦ୍ୱାରା ପ୍ରଦତ୍ତ ତଥ୍ୟ)*

# ପରିଶିଷ୍ଟ 2.1.3

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.10.6)*

## ଉପଯୁକ୍ତ ଗୁଣବତ୍ତା ହୀନ ଭାବେ ଘୋଷଣା ହେବା ସମୟରେ ଔଷଧର ଉପଯୋଗ ଏବଂ ବଳକା ଭଣ୍ଡାରର ବିବରଣ

| ବର୍ଷ | ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ଔଷଧର ନାମ | ସେହି ଔଷଧର ପରିମାଣ ସହିତ ପ୍ରାପ୍ତି ତାରିଖ | ସେହି ଔଷଧର ବ୍ୟାଚ୍ ସଂଖ୍ୟା. | ସେହି ଔଷଧର ସମୟ ଅତିବାହିତ ତାରିଖ | ସେହି ଔଷଧ ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ତାରିଖ | ଔଷଧର ପ୍ରାପ୍ତି ତାରିଖ ଠାରୁ ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ତାରିଖ ପର୍ଯ୍ୟନ୍ତ ସମୟ (ଦିନ) | ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ସମୟ ମଧ୍ୟରେ ବ୍ୟବହୃତ ହୋଇଥିବା ପରିମାଣ (ଶତକଡା) | ବଳକା ଏନ୍‌ଏସ୍‌କ୍ୟୁ ଔଷଧର ପରିମାଣ |
|---|---|---|---|---|---|---|---|---|
| **1** | **2** | **3** | **4** | **5** | **6** | **7** | **8** | **9** |
| ଏସ୍‌ସିବି ଏମ୍‌ସିଏଚ, କଟକ | | | | | | | | |
| 2010-11 | ଇଞ୍ଜେକ୍ସନ- ରାବେପ୍ରାଜୋଲ୍ (IV) 20 ମି.ଗ୍ରା. | 200 ଭାଏଲ୍‌ସ (21 ସେପ୍ଟେମ୍ବର 2010) | ଇବି 01081 | 30 ଜୁନ୍ 2012 | 20 ଡିସେମ୍ବର 2010 | 90 | 200 ଭାଏଲ୍‌ସ (100) | ନାହିଁ |
| | ଇଞ୍ଜେକ୍ସନ- ରାବେପ୍ରାଜୋଲ୍ (IV) 20 ମି.ଗ୍ରା. | 800 ଭାଏଲ୍‌ସ (21 ସେପ୍ଟେମ୍ବର 2010) | ଇବି 06102 | ଅଗଷ୍ଟ 2012 | 20 ଡିସେମ୍ବର 2010 | 90 | 220 ଭାଏଲ୍‌ସ (28) | 580 ଭାଏଲ୍‌ସ |
| 2013-14 | ବଟିକା- ଆସେକ୍ଲୋଫେନାକ୍ ଆଇପି 100 ମି.ଗ୍ରା. | 10000 ବଟିକା (24 ଅଗଷ୍ଟ 2013) 6000 ବଟିକା (21 ସେପ୍ଟେମ୍ବର 2013) | ଏସିଏଲ୍-006 | ଜାନୁଆରୀ 2015 | 31 ଡିସେମ୍ବର 2013 | 129 | 16000 ବଟିକା (100) | ନାହିଁ |
| | ଇଞ୍ଜେକ୍ସନ- ଟ୍ରାନେକ୍ସାମିକ ଏସିଡ୍ 500 ମି.ଗ୍ରା./5 ମି.ଲି. (14 ମାର୍ଚ୍ଚ 2014) | 800 ଆମ୍ପସ୍ (17 ଡିସେମ୍ବର 2013) | ଜେଡ୍ ଏଲ୍ 2180 (10 ଡିସେମ୍ବର 2013) | ଅଗଷ୍ଟ 2015 | 14 ମାର୍ଚ୍ଚ 2014 | 87 | 800 ଆମ୍ପସ୍ (100) | ନାହିଁ |
| | ଇଞ୍ଜେକ୍ସନ- ଟ୍ରାନେକ୍ସାମିକ ଏସିଡ୍ 500 ମି.ଗ୍ରା./5 ମି.ଲି. (14 ମାର୍ଚ୍ଚ 2014) | 500 ଆମ୍ପସ୍ (17 ଡିସେମ୍ବର 2013) | ଜେଡ୍ ଏଲ୍ 2180 (10 ଡିସେମ୍ବର 2013) | ଅଗଷ୍ଟ 2015 | 14 ମାର୍ଚ୍ଚ 2014 | 87 | 500 ଆମ୍ପସ୍ (100) | ନାହିଁ |

| ବର୍ଷ | ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ଔଷଧର ନାମ | ସେହି ଔଷଧର ପରିମାଣ ସହିତ ପ୍ରାପ୍ତି ତାରିଖ | ସେହି ଔଷଧର ବ୍ୟାଚ୍ ସଂଖ୍ୟା. | ସେହି ଔଷଧର ସମୟ ଅତିବାହିତ ତାରିଖ | ସେହି ଔଷଧ ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ତାରିଖ | ଔଷଧର ପ୍ରାପ୍ତି ତାରିଖ ଠାରୁ ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ତାରିଖ ପର୍ଯ୍ୟନ୍ତ ସମୟ (ଦିନ) | ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ସମୟ ମଧ୍ୟରେ ବ୍ୟବହୃତ ହୋଇଥିବା ପରିମାଣ (ଶତକଡା) | ବଳକା ଏନ୍‌ଏସ୍‌କ୍ୟୁ ଔଷଧର ପରିମାଣ |
|---|---|---|---|---|---|---|---|---|
| | ଇଞ୍ଜେକ୍ସନ- ଟ୍ରାନେକ୍ସାମିକ ଏସିଡ୍ 500 ମି.ଗ୍ରା./5 ମି.ଲି. | 1000 ଆମ୍ପସ୍ (09 ଜାନୁଆରୀ 2014) | ଜେଡ୍ ଏଲ୍ 2180 (10 ଡିସେମ୍ବର 2013) | ଅଗଷ୍ଟ 2015 | 14 ମାର୍ଚ୍ଚ 2014 | 64 | 1000 ଆମ୍ପସ୍ (100) | ନାହିଁ |
| | ସିରପ ସେଟ୍ରିଜାଇନ୍ ଡାଇହାଇଡ୍ରୋକ୍ଲୋରାଇଡ୍ 5 ମି.ଗ୍ରା./5 ମି.ଲି. | 480 ପିଏଚ୍ (21 ଫେବୃଆରୀ 2014) | 03103- ବିଜି 41 | ସେପ୍ଟେମ୍ବର 2015 | 2 ଅପ୍ରେଲ 2014 | 59 | 94 ପିଏଚ୍ (20) | 386 ପିଏଚ୍ |
| **ଭିଏସ୍‌ଏସ୍ ଏମ୍‌ସିଏଚ, ବୁର୍ଲା** | | | | | | | | |
| 2012-13 | ଅଏଣ୍ଟମେଣ୍ଟ ନାଇଟ୍ରୋଫୁରାଜୋନ୍ (0.2% ଡବ୍ଲ୍ୟୁ/ ଭି) | 120 ଜାର୍‌ସ 05 ଜାନୁଆରୀ 2013 | ଏନ୍ -1218 | 31 ଅକ୍ଟୋବର 2014 | 21 ଫେବୃଆରୀ 2013 | 47 | 29 ଜାର୍‌ସ (24) | 91 ଜାର୍‌ସ |
| | ବଟିକା- ସିପ୍ରୋଫ୍ଲକ୍ସିନ୍ 250 ମି.ଗ୍ରା. | 2000 ବଟିକା- 02 ମାର୍ଚ୍ଚ 2013 | ୟୁୟୁଏଲଟି 04 | 31 ଅକ୍ଟୋବର 2015 | 1 ଜୁନ 2013 | 91 | 270 ବଟିକା (14 %) | 1730 ବଟିକା |
| 2013-14 | ସିରପ- ସଲ୍ବୁଟାମୋଲ ସଲ୍ଫେଟ 100 ମି.ଲି. ବୋତଲ | 9920 ବୋତଲ 08 ଅକ୍ଟୋବର 2013 | 1305 | 31 ଅଗଷ୍ଟ 2015 | 2 ଅପ୍ରେଲ 2014 | 176 | 480 ବୋତଲ (5) | 9440 ବୋତଲ |
| | ଇଞ୍ଜେକ୍ସନ୍- ଡାଇଜେପାମ୍, 5 ମି.ଗ୍ରା./ ମି.ଲି. | 6100 ଆମ୍ପସ୍ 12 ଅଗଷ୍ଟ 2013 | 3 ଏ 05121 | 31 ମଇ 2015 | 23 ଡିସେମ୍ବର 2013 | 133 | 1040 ଆମ୍ପସ୍ (17) | 5060 ଆମ୍ପସ୍ |
| | ବଟିକା-ରାବେପ୍ରାଜୋଲ୍ (IV) 20 ମି.ଗ୍ରା. | 5400 ବଟିକା- 30 ସେପ୍ଟେମ୍ବର 2013 | ଟି 5-13319 | 30 ଅପ୍ରେଲ 2015 | 23 ଡିସେମ୍ବର 2013 | 23 | 4230 ବଟିକା (78) | 1170 ବଟିକା |
| **ଏମକେସିଜି ଏମ୍‌ସିଏଚ୍, ବ୍ରହ୍ମପୁର** | | | | | | | | |
| 2010-11 | ଇଞ୍ଜେକ୍ସନ୍- ଡେକ୍ସାମେଥାସୋନ୍ | 22980 ଭାଏଲ୍‌ସ | ଆଇ -4652 | 01 ଅକ୍ଟୋବର 2009 | 7 ଅପ୍ରେଲ 2011 | | 6914 ଭାଏଲ୍‌ସ (30) | 16066 ଭାଏଲ୍‌ସ |
| 2012-13 | କ୍ୟାପ୍ସୁଲ- ଓମ୍ପେରାଜୋଲ୍ | 6000 କ୍ୟାପ୍ସୁଲ - 15 ଫେବୃଆରୀ 2013 | 1469 | 01 ଡିସେମ୍ବର 2013 | 17 ମଇ 2013 | 91 | 0 | 6000 କ୍ୟାପ୍ସୁଲ |
| 2013-14 | ପୋଭିଡାଇନ୍ ଆଓଡିନ୍ ଲୋସନ | 520 ବୋତଲ 10 ସେପ୍ଟେମ୍ବର 2013 | ଓ -117 | 30 ଜୁନ୍ 2015 | 23 ଡିସେମ୍ବର 2013 | 104 | 0 | 520 ବୋତଲ |

| ବର୍ଷ | ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ଔଷଧର ନାମ | ସେହି ଔଷଧର ପରିମାଣ ସହିତ ପ୍ରାପ୍ତି ତାରିଖ | ସେହି ଔଷଧର ବ୍ୟାଚ୍ ସଂଖ୍ୟା. | ସେହି ଔଷଧର ସମୟ ଅତିବାହିତ ତାରିଖ | ସେହି ଔଷଧ ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ତାରିଖ | ଔଷଧର ପ୍ରାପ୍ତି ତାରିଖ ଠାରୁ ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ତାରିଖ ପର୍ଯ୍ୟନ୍ତ ସମୟ (ଦିନ) | ଏନ୍‌ଏସ୍‌କ୍ୟୁ ଘୋଷଣା କରାଯାଇଥିବା ସମୟ ମଧ୍ୟରେ ବ୍ୟବହୃତ ହୋଇଥିବା ପରିମାଣ (ଶତକଡା) | ବଳକା ଏନ୍‌ଏସ୍‌କ୍ୟୁ ଔଷଧର ପରିମାଣ |
|---|---|---|---|---|---|---|---|---|
| | ବଟିକା- ସିପ୍ରୋଫ୍ଲକ୍ସିନ 250 ମି.ଗ୍ରା. | 5000 ବଟିକା- 15 ଫେବୃଆରୀ 2013 | **ୟୁୟୁଏଲଟି** 04 | 01 ନଭେମ୍ବର 2012 31 ଅକ୍ଟୋବର 2015 | 1 ଜୁନ୍ 2013 | 106 | 2400 ବଟିକା (48) | 2600 ବଟିକା |
| | ଇଞ୍ଜେକ୍ସନ୍- ଅମିକାସେନ ସଲ୍ଫେଟ (2 ମି.ଲି.) | 10000 ଭାଏଲ୍‌ସ 18 ମେ 2013 | **ଭିଆଇ** 3003 | 01 ଜାନୁଆରୀ 2013 01 ଡିସେମ୍ବର 2014 | 24 ଡିସେମ୍ବର 2013 | 220 | 9418 ଭାଏଲ୍‌ସ (94) | 582 ଭାଏଲ୍‌ସ |

*(ଉତ୍ସ: ସଂପୃକ୍ତ ଜିଏମସିଏଚ୍ ଗୁଡିକର ନଥିପତ୍ର)*

## ପରିଶିଷ୍ଟ 2.2.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.2.9.1)*

### ପ୍ରାପ୍ତ ହୋଇଥିବା କମ୍ ସଂଖ୍ୟକ ଏନ୍‌ଟି ବହିର ବିବରଣ

| ଜିଲ୍ଲାର ନାମ | ଶିକ୍ଷା ବର୍ଷ | ସମୁଦାୟ ଆବଶ୍ୟକ ବହି | ପ୍ରକୃତରେ ପ୍ରାପ୍ତ ହୋଇଥିବା ବହି | ନିଅଣ୍ଟ (ଶତକଡା) |
|---|---|---|---|---|
| ବଲାଙ୍ଗୀର୍ | 2009-10 | 1264701 | 546800 | 717901 (56) |
| | 2010-11 | 1726877 | 1064433 | 662444 (38) |
| | 2011-12 | 1401364 | 1116765 | 284599 (20) |
| | 2012-13 | 1368164 | 1210365 | 157799 (11) |
| | 2013-14 | 1281563 | 1258888 | 22675 (2) |
| କଟକ | 2009-10 | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା |
| | 2010-11 | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା |
| | 2011-12 | 1399992 | 1390949 | 9043 (0.64) |
| | 2012-13 | 1326339 | 1315074 | 11265 (0.85) |
| | 2013-14 | 1276658 | 1296206 | 19548 (1.53) |
| ଖୋର୍ଦ୍ଧା | 2009-10 | 1908119 | 1291192 | 616927 (32) |
| | 2010-11 | 1790303 | 1083065 | 707238 (40) |
| | 2011-12 | 1012606 | 1043150 | -30544 (3) |
| | 2012-13 | 1516452 | 1112821 | 403631 (27) |
| | 2013-14 | 1551782 | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା |
| ନବରଙ୍ଗପୁର | 2009-10 | 880037 | 884406 | -4369 |
| | 2010-11 | 1070208 | 984195 | 86013 (8) |
| | 2011-12 | ଉପଲବ୍ଧ ନଥିଲା | 971018 | ଉପଲବ୍ଧ ନଥିଲା |
| | 2012-13 | ଉପଲବ୍ଧ ନଥିଲା | 984195 | ଉପଲବ୍ଧ ନଥିଲା |
| | 2013-14 | 887452 | 826531 | 60921 (7) |
| ନୂଆପଡା | 2009-10 | 661705 | 582472 | 79233 (12) |
| | 2010-11 | 630756 | 540717 | 90039 (14) |
| | 2011-12 | 548792 | 544339 | 4453 (1) |
| | 2012-13 | 529660 | 519723 | 9937 (2) |
| | 2013-14 | 612336 | 601395 | 10941 (2) |
| ରାୟଗଡା | 2009-10 | 739956 | 609226 | 130730 (18) |
| | 2010-11 | 809383 | 632704 | 176679 (22) |
| | 2011-12 | 659923 | 627379 | 32544 (5) |
| | 2012-13 | 733283 | 713074 | 20209 (3) |
| | 2013-14 | 680066 | 614503 | 65563 (10) |

***(ଉତ୍ସ: ଜିଲ୍ଲା ପ୍ରକଳ୍ପ ସମନ୍ୱୟକାରୀଙ୍କର ତଥ୍ୟ)***

# ପରିଶିଷ୍ଟ 2.2.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.2.15)*

## ବିଡିଓ/ ଡିଏସ୍‌ଡବ୍ଲ୍ୟୁଓମାନଙ୍କ ପାଖରେ ଖର୍ଚ୍ଚ ନହୋଇ ପଡ଼ିରହିଥିବା ଏମ୍‌ଡିଏମ୍ ପାଣ୍ଠିର ବିବରଣ

| ନମୁନା ଜିଲ୍ଲାର ନାମ | କାର୍ଯ୍ୟାଳୟର ନାମ | ଖର୍ଚ୍ଚ ହୋଇନଥିବା ଏମ୍‌ଡିଏମ୍ ପାଣ୍ଠି (ଲକ୍ଷ ଟଙ୍କାରେ) |
|---|---|---|
| ବଲାଙ୍ଗୀର୍ | ଡିଏସ୍‌ଡବ୍ଲ୍ୟୁଓ ବଲାଙ୍ଗୀର | 34.86 |
| | ବିଡିଓ ବଲାଙ୍ଗୀର | 40.74 |
| | ବିଡିଓ ଗୁଡ୍‌ଭେଲା | 3.78 |
| | ବିଡିଓ ଲୋଇଶିଘାଂ | 15.37 |
| | ବିଡିଓ ମୁରିବାହାଲ | 11.87 |
| କଟକ | ଡିଏସ୍‌ଡବ୍ଲ୍ୟୁଓ କଟକ | 1162.68 |
| | ବିଡିଓ ଆଠଗଡ | 54.72 |
| | ବିଡିଓ କଟକ ସଦର | 74.31 |
| | ବିଡିଓ ମାହାଙ୍ଗା | 78.12 |
| | ବିଡିଓ ଟିଗିରିଆ | 81.06 |
| କନ୍ଧମାଳ | ଡିଏସ୍‌ଡବ୍ଲ୍ୟୁଓ କନ୍ଧମାଳ | 171.05 |
| | ବିଡିଓ ଟିକାବାଲି | 113.71 |
| | ବିଡିଓ ଜି. ଉଦୟଗିରି | 60.75 |
| | ବିଡିଓକ କେ. ନୁଆଗାଁ | 154.26 |
| କେନ୍ଦ୍ରାପଡା | ଡିଏସ୍‌ଡବ୍ଲ୍ୟୁଓ କେନ୍ଦ୍ରାପଡା | 26.78 |
| | ବିଡିଓ ପଟ୍ଟାମୁଣ୍ଡାଇ | 218.43 |
| | ବିଡିଓ ମାର୍ଶାଘାଇ | 118.87 |
| | ବିଡିଓ ଆଳି (ରୋଷେଇଶାଳ) | 59.40 |
| | ବିଡିଓ ମହାକାଳପଡା | 213.20 |
| ପୁରୀ | ଡିଏସ୍‌ଡବ୍ଲ୍ୟୁଓ ପୁରୀ | 27.02 |
| | ବିଡିଓ ଅସ୍ତରଙ୍ଗ | 84.05 |
| ମୋଟ୍ | | **2805.03** |

***(ଉତ୍ସ: ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀମାନଙ୍କର ନଥି)***

ଦ୍ରଷ୍ଟବ୍ୟ:- *ସମୀକ୍ଷା ନିକଟରେ ହିସାବ ଖାତା ଉପଲବ୍ଧ କରାଯାଇନଥିବାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୀ ସଦର ଏବଂ ନିମାପଡାର ଖର୍ଚ୍ଚ ହୋଇନଥିବା ପାଣ୍ଠି ପରିମାଣ ନିଆଯାଇନାହିଁ*

## ପରିଶିଷ୍ଟ 3.1.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.1.9.1)*

### କ. ଡିଏଚ୍‌ଏଚ୍ ସମ୍ବଲପୁରର ଓଟିରେ ଉପଲବ୍ଧ ନଥିବା ଉପକରଣ ଗୁଡିକର ବିବରଣ

| କ୍ର. ସଂ. | ଯନ୍ତ୍ରାଂଶ ଗୁଡିକର ନାମ | ଆଇପିଏଚ୍‌ଏସ୍ ମାନଦଣ୍ଡ ଅନୁଶାରେ ଆବଶ୍ୟକତା | ଉପଲବ୍ଧ | କମତି |
|---|---|---|---|---|
| 1 | ଅଟୋକ୍ଲେଭ ଏଚ୍‌ପି ହରାଇଜେଣ୍ଟାଲ୍ | 1 | ଶୂନ୍ୟ | 1 |
| 2 | ଅଟୋକ୍ଲେଭ ଏଚପି ଭର୍ଟିକାଲ (2 ବିନ୍) | 4 | 1 | 3 |
| 3 | ମେଜର ଅପରେସନ ଟେବୁଲ ହାଇଡ୍ରୁଲିକ | 4 | 2 | 2 |
| 4 | ମାଇନର ଅପରେସନ ଟେବୁଲ ହାଇଡ୍ରୁଲିକ | 4 | ଶୂନ୍ୟ | 4 |
| 5 | ଅଣ-ହାଇଡ୍ରୁଲିକ ଫିଲ୍ଡ ଟାଇପ୍ ଅପରେସନ ଟେବୁଲ | 2 | ଶୂନ୍ୟ | 2 |
| 6 | ଅସ୍ଥିଶଲ୍ୟ ଅପରେସନ ଟେବୁଲ | 1 | ଶୂନ୍ୟ | 1 |
| 7 | ଏକ ବିନ୍ ଅଟୋକ୍ଲେଭ ଭର୍ଟିକାଲ | 2 | 1 | 1 |
| 8 | ମେଜର ଛାୟା ଶୂନ୍ୟ ଲ୍ୟାମ୍ପ ସିଲିଂ ଟାଇପ | 2 | 1 | 1 |
| 9 | ମାଇନର ଛାୟା ଶୂନ୍ୟ ଲ୍ୟାମ୍ପ ସିଲିଂ ଟାଇପ | 1 | ଶୂନ୍ୟ | 1 |
| 10 | ସିଲିଂ ଷ୍ଟାଣ୍ଡ ମଡେଲ ଛାୟା ଶୂନ୍ୟ ଲ୍ୟାମ୍ପ | 3 | ଶୂନ୍ୟ | 3 |
| 11 | ସାଧାରଣ ଫୋକସ୍ ଲ୍ୟାମ୍ପ | 4 | ଶୂନ୍ୟ | 4 |
| 12 | ଷ୍ଟେରିଲାଇଜର (ବୃହତ ଯନ୍ତ୍ର) | 3 | 1 | 2 |
| 13 | ଷ୍ଟେରିଲାଇଜର (ମଧ୍ୟମ ଯନ୍ତ୍ର) | 5 | ଶୂନ୍ୟ | 5 |
| 14 | ଷ୍ଟେରିଲାଇଜର (କ୍ଷୁଦ୍ର ଯନ୍ତ୍ର) | 5 | ଶୂନ୍ୟ | 5 |
| 15 | ବୃହତ ବାଉଲ ଷ୍ଟେରିଲାଇଜର | 3 | ଶୂନ୍ୟ | 3 |
| 16 | ମଧ୍ୟମ ବାଉଲ ଷ୍ଟେରିଲାଇଜର | 1 | ଶୂନ୍ୟ | 1 |
| 17 | ବୈଦିତ୍ୟୁକ ସକ୍ସନ ଆପାରଟସ | 5 | 1 | 4 |
| 18 | ବୈଦିତ୍ୟୁକ ପଦ ଚାଳିତ ସକ୍ସନ ଆପାରଟସ | 4 | 1 | 3 |
| 19 | ଡିହ୍ୟୁମିଡିଫାର | 1 | ଶୂନ୍ୟ | 1 |
| 20 | ଫିଲିପ୍ସ ମଡେଲ 4 ଫିଟ୍ ଅଲଟ୍ରା ଭାଓଲେଟ ଲ୍ୟାମ୍ପ | 8 | ଶୂନ୍ୟ | 8 |
| 21 | ଏଥିଲିନ ଅକ୍ସାଇଡ ଷ୍ଟେରିଲାଇଜର | 1 | ଶୂନ୍ୟ | 1 |
| 22 | ମାଇକ୍ରୋଓ୍ୱେଭ ଷ୍ଟେରିଲାଇଜର | 1 | ଶୂନ୍ୟ | 1 |

### ଖ. ଡିଏଚ୍‌ଏଚ୍ ସମ୍ବଲପୁରର ଲେବର ରୁମରେ ଉପଲବ୍ଧ ନଥିବା ଉପକରଣ ଗୁଡିକର ବିବରଣ

| କ୍ର. ସଂ. | ଯନ୍ତ୍ରାଂଶ ଗୁଡିକର ନାମ | ଆଇପିଏଚ୍‌ଏସ୍ ମାନଦଣ୍ଡ ଅନୁଶାରେ ଆବଶ୍ୟକତା | ଉପଲବ୍ଧ | କମତି |
|---|---|---|---|---|
| 1 | ରୁମ୍ ଓ୍ୱାର୍ମର | 2 | Nil | 2 |
| 2 | କାର୍ଡିଓ ଟୋକୋ ଗ୍ରାଫିକ ମନିଟର | 3 | Nil | 3 |
| 3 | କ୍ରେନୋଟୋମି | 2 | Nil | 2 |
| 4 | ମେଟାଲ ଭ୍ୟାକ୍ୟୁମ ଏକ୍ସଟ୍ରାକ୍ଟର | 2 | Nil | 2 |
| 5 | ଶିଶୁ ଓ ବୟସ୍କଙ୍କ ପାଇଁ ପଲ୍ସ ଅକ୍ସିମିଟର | 2 | Nil | 2 |
| 6 | ଶିଶୁ ଓ ବୟସ୍କଙ୍କ ପାଇଁ କାର୍ଡିଆକ ମନିଟର | 2 | Nil | 2 |
| 7 | ହିମୋଗ୍ଲୋବିନୋ ମିଟର | 1 | Nil | 1 |
| 8 | ଗ୍ଲୁକୋମିଟର | 1 | Nil | 1 |
| 9 | ଡାକବାଜି ଯନ୍ତ୍ର | 1 | Nil | 1 |
| 10 | ଶିଶୁର ଜରୁରୀକାଳୀନ ରେସ୍କୁସିଏସନ କିଟ୍ | 4 | 3 | 1 |
| 11 | ରାଡିଆଣ୍ଟ ଓ୍ୱାର୍ମର୍ | 3 | 2 | 1 |
| 12 | ଫୋଏଟାଲ ଡପ୍ଲର | 2 | 1 | 1 |
| 13 | ପ୍ରଶବ କିଟ | 15 | 6 | 9 |
| 14 | ଏପିସିଓଟୋମି କିଟ | 10 | 6 | 4 |
| 15 | ନେବୁଲାଇଜର ଶିଶୁ | 4 (ଆଇ.ସି.ୟୁ/ ଓ୍ୱାର୍ଡ) | 1 | 3 |
| 16 | ବୟସ୍କ ଓଜନ ଯନ୍ତ୍ର | 6 | 1 | 5 |
| 17 | ଜନ୍ମଶିଶୁ ଓଜନ ଯନ୍ତ୍ର | 4 | 1 | 3 |

| | | | | |
|---|---|---|---|---|
| 18 | ଅମ୍ଳଜାନ ପାଇଁ ହେଡ ବକ୍ସ | 6 | 2 | 4 |
| 19 | ବିପି ଆପାରଟସ ଓ ଷ୍ଟେଥୋସ୍କୋପ୍ | 3+3 | 1+1 | 2+2 |

***(ଉତ୍ସ: ସିଡିଏମ୍‌ଓ ସମ୍ବଲପୁରଙ୍କ ନଥିପତ୍ର)***

## ପରିଶିଷ୍ଟ 3.1.2

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.1.19)***

**ଅଗଷ୍ଟ 2014 ସୁଦ୍ଧା ଅସମ୍ପୂର୍ଣ୍ଣ ଥିବା ପିଏମ୍‌ଜିଏସ୍‌ୱାଇ ରାସ୍ତାର ବିବରଣ**

*(ଦୈର୍ଘ୍ୟ କିମିରେ ଏବଂ ଟଙ୍କା ଲକ୍ଷରେ)*

| କ୍ର.ସଂ. | ପ୍ୟାକେଜ ସଂ. | ରାସ୍ତାର ନାମ | ପ୍ରଦାନ ମୂଲ୍ୟ | ଆରମ୍ଭ/ ଧାର୍ଯ୍ୟ ସମାପ୍ତ ତାରିଖ | ପ୍ରଦାନ କରାଯାଇଥିବା ରାସ୍ତାର ଦୈର୍ଘ୍ୟ | ସମାପ୍ତ ରାସ୍ତାର ଦୈର୍ଘ୍ୟ | ଖର୍ଚ୍ଚର ପରିମାଣ |
|---|---|---|---|---|---|---|---|
| 1 | ଓ ଆର-28-63 | ଏନଏଚ୍ -42 ରୁ ବର୍ଲୋଇ | 134.95 | 19 ସେପ୍ଟେମ୍ବର 2011/ 18 ଅଗଷ୍ଟ 2012 | 3.57 | 2.267 | 88.25 |
| 2 | ଓ ଆର -28-69 | ଏନଏଚ୍ -42 ରୁ ହାତୀବାରି ସ୍ୱାସ୍ଥ୍ୟ ଗୃହ | 102.18 | 19 ସେପ୍ଟେମ୍ବର 2011/ 18 ଅଗଷ୍ଟ 2012 | 3.50 | 2.800 | 83.54 |
| 3 | ଓ ଆର -28-70 | ଏନଏଚ୍ -42 ରୁ ଖଣ୍ଡୁଆଳ | 123.76 | 29 ସେପ୍ଟେମ୍ବର 2011/ 28 ସେପ୍ଟେମ୍ବର 2012 | 3.30 | 2.817 | 95.24 |
| 4 | ଓ ଆର -28-76 | କେଉଟବେଣୀ ରୁ ବସାଲୋଇ | 157.69 | 20 ସେପ୍ଟେମ୍ବର 2011/ 19 ଅଗଷ୍ଟ 2012 | 4.50 | 0.080 | 60.54 |
| 5 | ଓ ଆର -28-94 | ଘେନୁପଲୀ ରୁ ସଂସାହିର ଓ ପେବାଳି ପର୍ଯ୍ୟନ୍ତ | 127.70 | 29 ଅକ୍ଟୋବର 2011/ 28 ସେପ୍ଟେମ୍ବର 2012 | 3.40 | 1.735 | 112.17 |
| 6 | ଓ ଆର -28-96 | ପିଡବ୍ଲ୍ୟୁଡି ରୋଡ ରୁ ଅର୍ଦା | 119.20 | 19 ସେପ୍ଟେମ୍ବର 2011/ 18 ଅଗଷ୍ଟ 2012 | 4.20 | 3.910 | 108.70 |
| 7 | ଓ ଆର -28-97 | ପିଡବ୍ଲ୍ୟୁଡି ରୋଡ ରୁ ଫଲସାପଲ | 99.46 | 24 ଅଗଷ୍ଟ 2012/ 23 ଅଗଷ୍ଟ 2013 | 3.80 | 2.071 | 86.83 |
| 8 | ଓ ଆର -28-107 | ଆରଡି ରୋଡ ରୁ ତିଳେଇମାଳ | 209.91 | 01 ନଭେମ୍ବର 2011/ 30 ସେପ୍ଟେମ୍ବର 2012 | 6.40 | 6.085 | 178.73 |
| 9 | ଓ ଆର -28-109 | ଲିପିଣ୍ଡା ରୁ ମରମଜୋରି | 180.34 | 29 ଅକ୍ଟୋବର 2011/ 28 ସେପ୍ଟେମ୍ବର 2012 | 6.00 | 5.680 | 147.94 |
| 10 | ଓ ଆର -28-112 | ଏସ୍ଏଚ୍-24 ରୁ ସରଧାପୁର | 183.75 | 20 ସେପ୍ଟେମ୍ବର 2011/ 19 ଅଗଷ୍ଟ 2012 | 5.60 | 5.085 | 161.44 |
| 11 | ଓ ଆର -28-116 | ଆରଡି ରୋଡ ରୁ ବାଲସିଂହା | 27.18 | 22 ଡିସେମ୍ବର 2011/ 21 ଡିସେମ୍ବର 2012 | 1.000 | 0.000 | 12.51 |

| କ୍ର.ସଂ. | ପ୍ୟାକେଜ ସଂ. | ରାସ୍ତାର ନାମ | ପ୍ରଦାନ ମୂଲ୍ୟ | ଆରମ୍ଭ/ ଧାର୍ଯ୍ୟ ସମାପ୍ତ ତାରିଖ | ପ୍ରଦାନ କରାଯାଇଥିବା ରାସ୍ତାର ଦୈର୍ଘ୍ୟ | ସମାପ୍ତ ରାସ୍ତାର ଦୈର୍ଘ୍ୟ | ଖର୍ଚ୍ଚର ପରିମାଣ |
|---|---|---|---|---|---|---|---|
| 12 | ଓ ଆର -28-119 | ପ୍ରତାପପୁର ରୁ କୁଟସିଂହ | 194.82 | 17 ମାର୍ଚ୍ଚ 2012/ 16 ମାର୍ଚ୍ଚ 2013 | 6.000 | 0.450 | 151.14 |
| 13 | ଓ ଆର -28-129 | ଆରଡି ରୋଡ ରୁ ଥୁରୁପଲି | 53.23 | 15 ମାର୍ଚ୍ଚ 2012/ 14 ମାର୍ଚ୍ଚ 2013 | 1.600 | 1.552 | 35.92 |
| 14 | ଓ ଆର -28-129 | ତଡାବାହଲ ରୁ ଭୋଇମୁଣ୍ଡା | 70.10 | 15 ମାର୍ଚ୍ଚ 2012/ 14 ମାର୍ଚ୍ଚ 2013 | 2.430 | 2.462 | 65.41 |
| 15 | ଓ ଆର -28-139 | ପିଡବ୍ଲ୍ୟୁଡି ରୋଡ ରୁ ବଡମାଳ (ଜୁଜୁମୁରା ପିଡବ୍ଲ୍ୟୁଡି ରୋଡ ରୁ ବଡମାଳ) | 59.13 | 22 ଡିସେମ୍ବର 2011/ 21 ଡିସେମ୍ବର 2012 | 1.950 | 0.390 | 18.00 |
| 16 | ଓ ଆର -28-139 | ପିଡବ୍ଲ୍ୟୁଡି ରୋଡ ରୁ ତେନ୍ତେଲକୁର୍ଲା | 95.40 | 22 ଡିସେମ୍ବର 2011/ 21 ଡିସେମ୍ବର 2012 | 3.310 | 0.940 | 52.44 |
| 17 | ଓ ଆର -28-140 | ପିଡବ୍ଲ୍ୟୁଡି ରୋଡ ରୁ ଦେବେଇପଲୀ | 63.30 | 02 ଅପ୍ରେଲ 2012/ 01 ଅପ୍ରେଲ 2013 | 1.950 | 1.490 | 53.01 |
| 18 | ଓ ଆର -28-140 | ଏସଏଚ୍-10 ରୁ ପର୍ଦ୍ଧିଆପଲୀ | 55.27 | 02 ଅପ୍ରେଲ 2012/ 01 ଅପ୍ରେଲ 2013 | 1.750 | 1.461 | 42.95 |
| 19 | ଓ ଆର -28-145 | ଏସଏଚ୍-24 ରୁ କେନ୍ଦୁମାଳ | 68.84 | 24 ଅଗଷ୍ଟ 2012/ 23 ମଇ 2013 | 2.200 | 1.675 | 37.64 |
| 20 | ଓ ଆର -28-146 | କାଳିଆଡିହି କଣ୍ଟକୁଲେଇ | 102.76 | 02 ଅପ୍ରେଲ 2012/ 01 ଅପ୍ରେଲ 2013 | 3.200 | 0.000 | 74.90 |
| 21 | ଓ ଆର -28-147 | କାଳିଆଡିହି ବେତଝରଣ | 96.17 | 02 ଅପ୍ରେଲ 2012/ 01 ଅପ୍ରେଲ 2013 | 3.050 | 0.240 | 40.73 |
| 22 | ଓ ଆର -28-148 | ଆରଡି ରୋଡ ରୁ ଖୋକୋପଡା | 51.12 | 22 ଡିସେମ୍ବର 2011/ 21 ଡିସେମ୍ବର 2012 | 1.400 | 0.240 | 29.32 |
| 23 | ଓ ଆର -28-149 | ଆରଡି ରୋଡ ରୁ ତିତିରପୋଶ | 62.56 | 23 ଡିସେମ୍ବର 2011/ 22 ଡିସେମ୍ବର 2012 | 2.310 | 0.295 | 32.99 |
| 24 | ଓ ଆର -28-154 | ତବଲକଟା ରୁ ଖଡିଆପଲୀ | 49.74 | 02 ଅପ୍ରେଲ 2012/ 01 ଅପ୍ରେଲ 2013 | 1.860 | 1.680 | 40.65 |
| 25 | ଓ ଆର -28-169 | ବଡଫାଣ୍ଟାରିଂ ରୁ ସାନ୍ଦୁମେରମୁଣ୍ଡା | 111.71 | 02 ମାର୍ଚ୍ଚ 2012/ 01 ମାର୍ଚ୍ଚ 2013 | 3.890 | 0.050 | 51.34 |

| କ୍ର.ସଂ. | ପ୍ୟାକେଜ ସଂ. | ରାସ୍ତାର ନାମ | ପ୍ରଦାନ ମୂଲ୍ୟ | ଆରମ୍ଭ/ ଧାର୍ଯ୍ୟ ସମାପ୍ତ ତାରିଖ | ପ୍ରଦାନ କରାଯାଇଥିବା ରାସ୍ତାର ଦୈର୍ଘ୍ୟ | ସମାପ୍ତ ରାସ୍ତାର ଦୈର୍ଘ୍ୟ | ଖର୍ଚ୍ଚର ପରିମାଣ |
|---|---|---|---|---|---|---|---|
| 26 | ଓ ଆର -28-170 | ମରିହାଗରପୋଶ ରୁ ଜୁନାଣୀ | 116.61 | 02 ମାର୍ଚ୍ଚ 2012/ 01 ମାର୍ଚ୍ଚ 2013 | 3.330 | 0.200 | 92.40 |
| 27 | ଓ ଆର -28-172 | ଲୋଲୋବିରା ସାଙ୍ଗିରିଂବାହାଲ ରୋଡ | 114.49 | 23 ଡିସେମ୍ବର 2011/ 22 ଡିସେମ୍ବର 2012 | 3.360 | 0.000 | 78.66 |
| 28 | ଓ ଆର -28-174 | ଏନଏଚ୍ -06 ରୁ ଦଣ୍ଡେଇପଲୀ | 30.22 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 1.000 | 0.000 | 0.00 |
| 29 | ଓ ଆର -28-174 | ଏନଏଚ୍ -06 ରୁ କୁଦୋପଲୀ | 43.27 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 1.400 | 0.000 | 15.14 |
| 30 | ଓ ଆର -28-176 | ଏନଏଚ୍ -06 ରୁ କେନଘାଟୀ | 133.11 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 3.300 | 0.000 | 38.47 |
| 31 | ଓ ଆର -28-177 | ପିଡବ୍ଲ୍ୟୁଡି ରୋଡ ରୁ ବଡିଆପଲୀ (ଭାୟା ଫଲସପଦର) | 93.18 | 07 ଅକ୍ଟୋବର 2013/ 06 ଜୁଲାଇ 2014 | 3.100 | 0.000 | 10.81 |
| 32 | ଓ ଆର -28-178 | ଏନଏଚ୍-06 ରୁ ଦସପଦା (ହରପ୍ରୀୟା ବହଲ ପର୍ଯ୍ୟନ୍ତ) | 42.16 | 07 ଅକ୍ଟୋବର 2013/ 06 ଜୁଲାଇ 2014 | 1.500 | 0.000 | 16.71 |
| 33 | ଓ ଆର -28-178 | ଆରଡି ରୋଡ ରୁ ଝାର୍ଗୁଲୁଣ୍ଡା | 87.65 | 07 ଅକ୍ଟୋବର 2013/ 06 ଜୁଲାଇ 2014 | 2.800 | 0.000 | 13.40 |
| 34 | ଓ ଆର -28-179 | ତାମ୍ପେଗଡ ରୁ ପାନପୋସି | 152.90 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 4.250 | 0.000 | 34.43 |
| 35 | ଓ ଆର -28-180 | ଏନଏଚ୍ -42 ରୁ ବ୍ରିସିଂହଗଡ | 182.49 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 4.000 | 0.250 | 44.67 |
| 36 | ଓ ଆର -28-181 | ଧମା ରୁ ସୁବନପୁର | 185.03 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 4.800 | 0.549 | 102.54 |
| 37 | ଓ ଆର -28-182 | ଆରଡି ରୋଡ ରୁ ସଦାପଲୀ | 112.99 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 3.130 | 0.430 | 61.27 |
| 38 | ଓ ଆର -28-183 | ଏନଏଚ୍-42 (ଫୁଲଝରଣ) ରୁ ମହୁଲପାଳି | 82.40 | 29 ଅକ୍ଟୋବର 2013/ 28 ଜୁଲାଇ 2014 | 2.900 | 0.320 | 36.13 |
| 39 | ଓ ଆର -28-184 | ଲାଇଡା ରୁ ଦେହୁରିପଲୀ | 161.80 | 08 ନଭେମ୍ବର 2013/ 07 ଅଗଷ୍ଟ 2014 | 5.010 | 0.300 | 88.91 |

| କ୍ର.ସଂ. | ପ୍ୟାକେଜ ସଂ. | ରାସ୍ତାର ନାମ | ପ୍ରଦାନ ମୂଲ୍ୟ | ଆରମ୍ଭ/ ଧାର୍ଯ୍ୟ ସମାପ୍ତ ତାରିଖ | ପ୍ରଦାନ କରାଯାଇଥିବା ରାସ୍ତାର ଦୈର୍ଘ୍ୟ | ସମାପ୍ତ ରାସ୍ତାର ଦୈର୍ଘ୍ୟ | ଖର୍ଚ୍ଚର ପରିମାଣ |
|---|---|---|---|---|---|---|---|
| 40 | ଓ ଆର -28-187 | ବ୍ରାହ୍ମଣୀଡିହି ରୁ ବନ୍ଦବାହାଲ | 144.67 | 08 ଅକ୍ଟୋବର 2013/ 07 ଜୁଲାଇ 2014 | 4.200 | 2.240 | 104.80 |
| 41 | ଓ ଆର -28-190 | ଜାମୁଜୋରି ରୁ ଅଙ୍ଗବିରା | 179.37 | 07 ଅକ୍ଟୋବର 2013/ 06 ଜୁଲାଇ 2014 | 5.000 | 0.000 | 113.13 |
| 42 | ଓ ଆର -28-191 | ଏନଏଚ୍ -06 ରୁ ଛେମୁଣ୍ଡା | 111.85 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 3.600 | 0.000 | 55.42 |
| 43 | ଓ ଆର -28-191 | ଏନଏଚ୍ -06 ରୁ ଅର୍ଜୁନପଲୀ | 47.92 | 31 ଅକ୍ଟୋବର 2013/ 30 ଜୁଲାଇ 2014 | 1.590 | 0.050 | 21.57 |
| ମୋଟ | | | **483.81** | | **140.44** | **49.794** | **2790.79** |

*(ଉତ୍ସ: ଗ୍ରାମ୍ୟ ନିର୍ମାଣ ବିଭାଜନ ସମ୍ବଲପୁରଙ୍କ ନଥିରୁ)*

## ପରିଶିଷ୍ଟ 3.2.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.2.3.6)*

### 10ଟି ପୁଲିସ ଥାନାର 473 ନମୁନା ଯାଞ୍ଚ ମାମଲାର ଏକତ୍ରିତ ବିବରଣ

| ନମୁନା ମାମଲାର ମାସ ଓ ବର୍ଷ | ଜୁଲାଇ 2012 | ମାର୍ଚ୍ଚ 2013 | ମୋଟ |
|---|---|---|---|
| ପଞ୍ଜୀକୃତ ମାମଲାର ସଂଖ୍ୟା (ନମୁନା ଯାଞ୍ଚ) | 248 | 225 | 473 |
| ଚାର୍ଜ ସୀଟ୍ ଦାଖଲ | 112 | 102 | 214 |
| ଶେଷ ରିପୋର୍ଟ ସତ୍ୟ କିନ୍ତୁ ସୂତ୍ର ନାହିଁ | 61 | 37 | 98 |
| ବିଚାରାଧୀନ ତଦନ୍ତ | 75 | 85 | 160 |
| ଚୋରି ହୋଇଥିବା ସଂପତ୍ତିର ପରିମାଣ (ଟଙ୍କାରେ) | 5160800 | 2439896 | 7600696 |
| ଆଦାୟ ସଂପତ୍ତି (ଟଙ୍କାରେ) | 1280500 | 208000 | 1488500 |
| ଦସ୍ତଖତ ସହ ଏଫ୍ଆଇଆର୍ ପ୍ରାପ୍ତିପତ୍ର | 188 | 194 | 382 |
| ସମୟ ଓ ଦସ୍ତଖତ ସହ ଏଫ୍ଆଇଆର୍ ସ୍ୱୀକାରପତ୍ର ପ୍ରାପ୍ତି | 11 | 3 | 14 |
| ସମୟ ଉଲ୍ଲେଖ ନକରି ଦସ୍ତଖତ ସହ ଏଫ୍ଆଇଆର୍ ସ୍ୱୀକାରପତ୍ର ପ୍ରାପ୍ତି | 186 | 194 | 380 |
| ଷ୍ଟେସନ ଡାଏରୀରେ ଦରଜ ହୋଇ ନଥିବା ଏଫ୍ଆଇଆର୍ ସଂଖ୍ୟା | 36 | 17 | 53 |
| ଅଭିଯୋଗକାରୀଙ୍କୁ ଏଫ୍ଆଇଆର୍ ନଦେବା | 57 | 31 | 88 |
| ପ୍ରତିକ୍ରିୟା ସମୟ ଉଲ୍ଲେଖ ନହେବା | 177 | 166 | 343 |
| ଅପରାଧ ଇଣ୍ଡେକ୍ସ ତାଲିକାରେ ଏଫ୍ଆଇଆର୍ ପଞ୍ଜୀକରଣର ସମୟ ଉଲ୍ଲେଖ ନକରି | 4 | 0 | 4 |

***(ଉତ୍ସ: ନମୁନା ପୁଲିସ ଥାନାର ନଥିରୁ ସମୀକ୍ଷା ଦ୍ୱାରା ସଂକଳିତ)***

## ପରିଶିଷ୍ଟ 3.2.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.2.7.5)*

**ନମୁନା ଯାଞ୍ଚ ପୁଲିସ ଥାନା ମାନଙ୍କରେ ବନ୍ଧୁକ ଲାଇସେନ୍ସ ସ୍ଥିତିର ବିବରଣ**

| କର୍ମିକ ସଂଖ୍ୟା | ପୁଲିସ ଥାନାର ନାମ | ସମୁଦାୟ ଲାଇସେନ୍ସ ସଂଖ୍ୟା | ନବୀକରଣ ହୋଇନଥିବା ସମୁଦାୟ ଲାଇସେନ୍ସ ସଂଖ୍ୟା | ଫଟୋ ଲାଗିନଥିବା ଲାଇସେନ୍ସଧାରୀଙ୍କ ସଂଖ୍ୟା |
|---|---|---|---|---|
| 1. | ଖଣ୍ଡଗିରି ପୁଲିସ ଥାନା | 134 | 1 | 1 |
| 2. | ବଡଗଡ ପୁଲିସ ଥାନା | 98 | 16 | 4 |
| 3. | ଲକ୍ଷ୍ମୀସାଗର ପୁଲିସ ଥାନା | 176 | 51 | 13 |
| 4. | ଚଉଳିଆଗଞ୍ଜ ପୁଲିସ ଥାନା | 191 | 72 | 70 |
| 5. | ଇନ୍ଫୋସିଟି ପୁଲିସ ଥାନା | 21 | 0 | ଉପଲବ୍ଧ ନଥିଲା |
| 6. | ଦରଘାବଜାର ପୁଲିସ ଥାନା | 29 | 01 | 0 |
| ମୋଟ | | **649** | **141** | **88** |

***(ଉତ୍ସ: ନମୁନା ଯାଞ୍ଚ ପୁଲିସ ଥାନା ଗୁଡିକର ତଥ୍ୟ)***

## ପରିଶିଷ୍ଟ 3.3.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.3.2.1)*

**ଅଣଚିହ୍ନିତ ଉତ୍ସଗୁଡ଼ିକରୁ ଲଘୁ ଖଣିଜ ଦ୍ରବ୍ୟର ଅନଧିକୃତ ଉତ୍ତୋଳନର ବିବରଣ**

| କ୍ର.ସଂ. | ତହସିଲ ନାମ | ରାଜସ୍ୱ କ୍ଷେତ୍ର ନାମ | ଖଣିର ପ୍ରକାର | ମୌଜାର ନାମ | ପ୍ଲଟ୍/ ଖାତାର ସଂଖ୍ୟା | ସଂପୃକ୍ତ କ୍ଷେତ୍ର (ଏକରରେ) | ଉତ୍ତୋଳିତ ଖଣିଜ ଦ୍ରବ୍ୟର ପରିମାଣ (ଘ.ମି. ରେ) | ଘନ ମିଟର ପ୍ରତି ଦର (ଟଙ୍କାରେ) | ଆଦାୟ ଯୋଗ୍ୟ ରୟାଲିଟି (ଟଙ୍କାରେ) |
|---|---|---|---|---|---|---|---|---|---|
| 1 | ବୋଲଗଡ | ବାଙ୍କୋଇ | ପଥର (ଗ୍ରାନାଇଟ୍) | ବେଣାଗଡ଼ିଆ | 9/ ଉପଲବ୍ଧ ନଥିଲା | 0.025 | 273 | 98.78 | 26967 |
| 2 | ବୋଲଗଡ | ବୋଲଗଡ | ମାଟି | ପ ଞ୍ଚୁକୋଟ | 735/233 | 4.942 | 40000 | 27.44 | 1097600 |
| 3 | ଖାରିଅର | ଦୁଆଝର | ପଥର (ଗ୍ରାନାଇଟ୍) | କୁସୁମାଳ | 1352/250 | 1.230 | 1000 | 98.78 | 98780 |
| 4 | ଖରିଆର | ଟୁକୁଲା | ବାଲି | ରିଷିଗାଁ | 1852/358 | 5.000 | 4937 | 27.44 | 135471 |
| 5 | ନୂଆପଡା | ଖରିଆର ରୋଡ୍ | | ଭୈଷଦଳ | 166/667 | 2.680 | 350 | 27.44 | 9604 |
| 6 | ନୂଆପଡା | ସାରବଙ୍ଗା | ପଥର (ଗ୍ରାନାଇଟ୍) | ହଳଦି | 1348/175 | 0.062 | 100 | 98.78 | 9878 |
| 7 | ନୂଆପଡା | ନୂଆପଡା | ବାଲି | ଶଖତରା | 1691/221 | 1.470 | 494 | 27.44 | 13555 |
| 8 | ଶାମାଖୁଣ୍ଟା | ରଙ୍ଗମାଟିଆ | ପଥର (ଗ୍ରାନାଇଟ୍) | ରଙ୍ଗିଭୋଳ | 75/159 | 0.300 | 375 | 98.78 | 37043 |
| 9 | ଶାମାଖୁଣ୍ଟା | ରଙ୍ଗମାଟିଆ | | ରଙ୍ଗିଭୋଳ | 159/9 | 0.070 | 960 | 98.78 | 94829 |
| 10 | ଶାମାଖୁଣ୍ଟା | ରଙ୍ଗମାଟିଆ | | ମହୁଲ କର୍‌କୋଟିଆ | 263/154 | 0.060 | 960 | 98.78 | 94829 |
| 11 | ଟାଙ୍ଗି | ଭୁଷଣ୍ଡପୁର | ମାଙ୍କଡ଼ା ପଥର | ରସୁଲପୁର | 465/288 | 1.500 | 32000 | 137.20 | 4390400 |
| 12 | ଟାଙ୍ଗି | ଭୁଷଣ୍ଡପୁର | | ରସୁଲପୁର | 464/286 | 2.000 | 60000 | 137.20 | 8232000 |
| 13 | ଟାଙ୍ଗି | ଅଚ୍ୟୁତପୁର | | କୁଆଁରକଳି ପାଟଣା | 1/130 | 1.600 | 37740 | 137.20 | 5177928 |
| 14 | ଟାଙ୍ଗି | ଅଚ୍ୟୁତପୁର | | ଅରିଶଲ୍ | 320/266 | 0.800 | 9600 | 137.20 | 1317120 |
| 15 | ଟାଙ୍ଗି | ଅଚ୍ୟୁତପୁର | | କୃପାସିନ୍ଧୁପୁର | 135/215 | 0.129 | 1750 | 137.20 | 240100 |
| 16 | ଟାଙ୍ଗି | ଅଚ୍ୟୁତପୁର | | କୃପାସିନ୍ଧୁପୁର | 135/215 | 0.300 | 3600 | 137.20 | 493920 |
| 17 | ଟାଙ୍ଗି | ଅଚ୍ୟୁତପୁର | | କୃପାସିନ୍ଧୁପୁର | 135/215 | 0.350 | 4200 | 137.20 | 576240 |
| 18 | ଟାଙ୍ଗି | ଅଚ୍ୟୁତପୁର | | କୃପାସିନ୍ଧୁପୁର | 135/215 | 0.375 | 6000 | 137.20 | 823200 |
| 19 | ଟାଙ୍ଗି | ଅଚ୍ୟୁତପୁର | | ଦୁଧିଆଝର | 141/76 | 0.300 | 3600 | 137.20 | 493920 |
| 20 | ଟାଙ୍ଗି | ଅଚ୍ୟୁତପୁର | | ଦୁଧିଆଝର | 2/76 | 0.300 | 6000 | 137.20 | 823200 |
| 21 | ଟାଙ୍ଗି | ଅଚ୍ୟୁତପୁର | | ଦୁଧିଆଝର | 2/76 | 0.300 | 4800 | 137.20 | 658560 |
| 22 | ଟାଙ୍ଗି | ଅଚ୍ୟୁତପୁର | | କମଗୁରୁ | 275/391 | 0.100 | 400 | 137.20 | 54880 |
| 23 | ଟାଙ୍ଗି | ଭୁଷଣ୍ଡପୁର | | ରସୁଲପୁର | 460/288 | 2.000 | 45900 | 137.20 | 6297480 |
| | | | | ମୋଟ | | **25.893** | **265039** | | **31197504** |

*(ଉତ୍ସ: ତହସିଲଦାରଙ୍କ ନଥିରୁ ଓ ମିଳିତ ବସ୍ତୁଗତ ନିରୀକ୍ଷଣ)*

## ପରିଶିଷ୍ଟ 3.3.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.3.2.3)*

### ମୀମାଂସା ହୋଇ ନଥିବା ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ବିବରଣ

| କ୍ର.ସଂ. | ତହସିଲ ନାମ | ରାଜସ୍ୱ କ୍ଷେତ୍ର | ଉତ୍ସର ନାମ | ଖଣିଜପଦାର୍ଥର ପ୍ରକାର | ମୌଜା | କ୍ଷେତ୍ର ଏକରରେ | ଉତ୍ତୋଳିତ/ ଗଦେଇଥିବା ଖଣିଜ ଦ୍ରବ୍ୟର ପରିମାଣ (ଘ.ମି. ରେ) | ଘ.ମି. ପ୍ରତି ଦର (ଟଙ୍କାରେ) | ରାଜସ୍ୱ କ୍ଷତି (ଟଙ୍କାରେ) |
|---|---|---|---|---|---|---|---|---|---|
| 1 | ବୋଲଗଡ଼ | ବାଙ୍କୋଇ | ବେଣାଗଡ଼ିଆ କଳା ପଥର ଖାଦାନ- ବି | କଳା ପଥର | ବେଣାଗଡ଼ିଆ | 0.500 | 0 | | |
| 2 | ବୋଲଗଡ଼ | ମାଣିକଗଉଡ଼ | ଚାଲାଣପଡ଼ା କଳା ପଥର ଖାଦାନ | କଳା ପଥର | ଚାଲାଣପଡ଼ା | 0.5 | 5 | 98.78 | 494 |
| 3 | ଧର୍ମଶାଳା | ଆରୁହା | ଆରୁହା 1 | କଳା ପଥର | ଆରୁହା | 3 | 2 | 98.78 | 198 |
| 4 | ଧର୍ମଶାଳା | ଆରୁହା | ଆରୁହା II | କଳା ପଥର | ଆରୁହା | 19.9 | 1 | 98.78 | 99 |
| 5 | ଧର୍ମଶାଳା | ବଳରାମପୁର -II | ବିଛାଖଣ୍ଡି 4 | କଳା ପଥର | ବିଛାଖଣ୍ଡି | 6.25 | 2 | 98.78 | 198 |
| 6 | ଧର୍ମଶାଳା | ବଳରାମପୁର -II | ଅଞ୍ଜିରା 12 | କଳା ପଥର | ଅଞ୍ଜିରା | 6 | 2 | 100.78 | 202 |
| 7 | ଧର୍ମଶାଳା | ବଳରାମପୁର -II | ତେନ୍ତୋଳ ମାଙ୍କଡା ପଥର | ମାଙ୍କଡ଼ା ପଥର | ତେନ୍ତୋଳ | 1.14 | 2500 | 137.2 | 343000 |
| 8 | ଧର୍ମଶାଳା | ବଳରାମପୁର -II | ବାଘୁଆବେଣୀ ମାଙ୍କଡା ପଥର ଓ ମୋରମ୍ | ମାଙ୍କଡ଼ା ପଥର | ତେନ୍ତୋଳ | 1 | 4000 | 137.2 | 548800 |
| 9 | ଧର୍ମଶାଳା | ଡଙ୍କରୀ | ଡଙ୍କାରୀ 7 | କଳା ପଥର | ଡଙ୍କାରୀ | 7 | 2 | 138.2 | 276 |
| 10 | ସୁକିନ୍ଦା | ନିଜିଗଡ଼ | ଖରାଡିହ | କଳା ପଥର | ଖରଡି | 4 | 20 | 98.78 | 1976 |
| 11 | ସୁକିନ୍ଦା | ନିଜିଗଡ଼ | ଗୁଣ୍ଡିଚିପୋଶୀ 1 | କଳା ପଥର | ଗୁଣ୍ଡିଚିପୋଶୀ | 8 | 3 | 98.78 | 296 |
| 12 | ସୁକିନ୍ଦା | କଙ୍ଗଡ଼ାପାଳ | ଗରମିଆ | ମାଙ୍କଡ଼ା ପଥର | ଗରମିଆ | 5.64 | 2 | 137.2 | 274 |
| 13 | ସୁକିନ୍ଦା | ନିଜିଗଡ଼ | ଆମସଡ଼ା | ମାଙ୍କଡ଼ା ପଥର | ଆମସଡ଼ା | 2 | 3 | 137.2 | 412 |
| 14 | ସୁକିନ୍ଦା | ହରିପୁର | ନଳିଆଝର | ମାଙ୍କଡ଼ା ପଥର | କରଡ଼ାପାଳ | 3.94 | 24000 | 137.2 | 3292800 |
| 15 | ସୁକିନ୍ଦା | ହରିପୁର | ବର୍ତ୍ତଣ୍ଡା | ବାଲି | ବର୍ତ୍ତଣ୍ଡା | 4 | 200 | 27.44 | 5488 |
| 16 | ସୁକିନ୍ଦା | ନିଜିଗଡ଼ | ବରପାଳ | ମାଙ୍କଡ଼ା ପଥର | ବରପାଳ | ଉପଲବ୍ଧ ନଥିଲା | 1600 | 137.2 | 219520 |
| 17 | କପ୍ତିପଦା | ସରଚ | ସୁଖପାଟ ପାହାଡ଼ ପଥର ଖାଦାନ (ଏସ୍‌କ୍ୟୁ) ସଂଖ୍ୟା 21 | କଳା ପଥର | ସୁଖପାଟ ପାହାଡ଼ | 1 | 34 | 98.78 | 3359 |
| 18 | ଶାମାଖୁଣ୍ଟା | ରଙ୍ଗମାଟିଆ | ମହୁଲିକରକଟିଆ ଏସ୍‌କ୍ୟୁ 'ସି' | କଳା ପଥର | ମହୁଲକରକଟିଆ | 3 | 13 | 98.78 | 1284 |

| କ୍ର.ସଂ. | ତହସିଲ ନାମ | ରାଜସ୍ୱ କ୍ଷେତ୍ର | ଉତ୍ସର ନାମ | ଖଣିଜପଦାର୍ଥର ପ୍ରକାର | ମୌଜା | କ୍ଷେତ୍ର ଏକରରେ | ଉତ୍ତୋଳିତ/ ଗଚ୍ଛିତ ଖଣିଜ ଦ୍ରବ୍ୟର ପରିମାଣ (ଘ.ମି. ରେ) | ଘ.ମି. ପ୍ରତି ଦର (ଟଙ୍କାରେ) | ରାଜସ୍ୱ କ୍ଷତି (ଟଙ୍କାରେ) |
|---|---|---|---|---|---|---|---|---|---|
| 19 | ଶାମାଖୁଣ୍ଟା | ରଙ୍ଗମାଟିଆ | ମହୁଲିକରକଟିଆ ଏସ୍‌କ୍ୟୁ 'ଏ' | କଳା ପଥର | ମହୁଲକରକଟିଆ | 3.08 | 10 | 98.78 | 988 |
| 20 | ଶାମାଖୁଣ୍ଟା | ରଙ୍ଗମାଟିଆ | ମହୁଲିକରକଟିଆ ଏସ୍‌କ୍ୟୁ 'ବି' | କଳା ପଥର | ମହୁଲକରକଟିଆ | 3 | 6 | 98.78 | 593 |
| 21 | ଶାମାଖୁଣ୍ଟା | ରଙ୍ଗମାଟିଆ | ରଙ୍ଗଭୋଳ ଏସ୍‌କ୍ୟୁ 'ବି' | କଳା ପଥର | ରଙ୍ଗଭୋଳ | 3.2 | 5 | 98.78 | 494 |
| 22 | ଶାମାଖୁଣ୍ଟା | ରଙ୍ଗମାଟିଆ | ରଙ୍ଗଭୋଳ ଏସ୍‌କ୍ୟୁ 'ଏ' | କଳା ପଥର | ରଙ୍ଗଭୋଳ | 3.2 | 5 | 98.78 | 494 |
| 23 | ନୀଳଗିରି | ନୀଳଗିରି ସଦର | ମିର୍ଗିନି ଏସ୍‌କ୍ୟୁ ସଂଖ୍ୟା.1 | ପଥର | ମିର୍ଗିନି | 40 | 225 | 98.78 | 22226 |
| 24 | ନୀଳଗିରି | ନୀଳଗିରି ସଦର | ମିର୍ଗିନି ଏସ୍‌କ୍ୟୁ ସଂଖ୍ୟା. 2 | ପଥର | ମିର୍ଗିନି | 40 | 225 | 98.78 | 22226 |
| 25 | ନୀଳଗିରି | ନୀଳଗିରି ସଦର | ବାଲିଚୁଆ ଏସ୍‌କ୍ୟୁ | ପଥର | ସଜନାଗଡ଼ | 1.15 | 18 | 98.78 | 1778 |
| 26 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 99 | ପଥର | ଶରିଶୁଆ | 2 | 6 | 98.78 | 593 |
| 27 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 88 | ପଥର | ଶରିଶୁଆ | 2 | 6 | 98.78 | 593 |
| 28 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 87 | ପଥର | ଶରିଶୁଆ | 2 | 12 | 98.78 | 1185 |
| 29 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 86 | ପଥର | ଶରିଶୁଆ | 2 | 18 | 98.78 | 1778 |
| 30 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 84 | ପଥର | ଶରିଶୁଆ | 2 | 18 | 98.78 | 1778 |
| 31 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 95 | ପଥର | ଶରିଶୁଆ | 4 | 60 | 98.78 | 5927 |
| 32 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 19 | ପଥର | ଶରିଶୁଆ | 19 | 60 | 98.78 | 5927 |
| 33 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 20 | ପଥର | ଶରିଶୁଆ | 10 | 60 | 98.78 | 5927 |
| 34 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 23 | ପଥର | ଶରିଶୁଆ | 1 | 30 | 98.78 | 2963 |
| 35 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 31 | ପଥର | ଶରିଶୁଆ | 2 | 6 | 98.78 | 593 |
| 36 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 100 | ପଥର | ଶରିଶୁଆ | 0.5 | 60 | 98.78 | 5927 |
| 37 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 101 | ପଥର | ଶରିଶୁଆ | 0.5 | 60 | 98.78 | 5927 |
| 38 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 33 | ପଥର | ଶରିଶୁଆ | 2.5 | 60 | 98.78 | 5927 |
| 39 | ଖଇରା | କୁପାରି | ଶରିଶୁଆ ଏସ୍‌କ୍ୟୁ ସଂଖ୍ୟା. 14 | ପଥର | ଶରିଶୁଆ | 2 | 36 | 98.78 | 3556 |
| 40 | ଟାଙ୍ଗି-ଚୌଦ୍ୱାର | ମଙ୍ଗରାଜପୁର | ମାଛପାଙ୍ଗି | ମାଙ୍କଡ଼ା ପଥର | ମାଛପାଙ୍ଗି | 0.33 | 2123 | 137.2 | 291276 |
| 41 | ଟାଙ୍ଗି-ଚୌଦ୍ୱାର | ମଙ୍ଗରାଜପୁର | ବରହମ୍ପୁର | ମାଙ୍କଡ଼ା ପଥର | ବରହମ୍ପୁର | 0.5 | 19822 | 137.2 | 2719578 |
| 42 | ଟାଙ୍ଗି | ଅଚ୍ୟୁତପୁର | ଦମନ ଭୂଇଁ | ମାଙ୍କଡ଼ା ପଥର | ଦମନଭୂଇଁ | 2.00 | 1128 | 137.22 | 154762 |
| | ମୋଟ | | | | | **151.96** | | | **7681692** |

*(ଉତ୍ସ: ତହସିଲଦାରଙ୍କ ନଥିରୁ ଓ ମିଳିତ ବସ୍ତୁଗତ ନିରୀକ୍ଷଣ)*

## ପରିଶିଷ୍ଟ 3.3.3

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.3.2.5)***

### ଅଧିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ବିବରଣ

| କ୍ର.ସଂ. | ତହସିଲ ନାମ | ରାଜସ୍ୱ କ୍ଷେତ୍ର | ଉତ୍ସର ନାମ | ଅଧିକୃତ କ୍ଷେତ୍ର (ଏକରରେ) | ପରିଚାଳନା କ୍ଷେତ୍ର | ଅପ୍ରାଧିକୃତ ଉତ୍ତୋଳନ କରାଯାଇଥିବା ଖଣିଜ ଦ୍ରବ୍ୟର ମାତ୍ରା (ଘନ ମିଟର) | ଘନ ମିଟର ପ୍ରତି ଦର (ଟଙ୍କାରେ) | ରାଜସ୍ୱ କ୍ଷତି (ଟଙ୍କାରେ) |
|---|---|---|---|---|---|---|---|---|
| 1 | ବୋଲଗଡ଼ | ପିଚୁକୁଳି | ନୂଆ ଗାଁ ମାଙ୍କଡ଼ା ପଥର ଖାଦାନ | 1.00 | 1.50 | 1419.00 | 137.20 | 194687 |
| 2 | ନିଶ୍ଚିନ୍ତକୋଇଲି | କଲମଶ୍ରୀ | ଚିତ୍ରୋପ୍ତଳା ନଦୀ ବାଲି ଜଳଦିଆ | 12.00 | 14.00 | 14811.21 | 27.44 | 406420 |
| 3 | ନିଶ୍ଚିନ୍ତକୋଇଲି | ବିଷ୍ଣୁପୁର | ଲୁଣା ନଦୀ ବାଲି କୁଳଶୁଜରପଡା | 10.00 | 12.00 | 12327.42 | 27.44 | 338264 |
| 4 | ନିଶ୍ଚିନ୍ତକୋଇଲି | ବିଷ୍ଣୁପୁର | ଲୁଣା ନଦୀ ବାଲି କୁଳଗାଁଇଶାଲୋ | 15.00 | 17.00 | 4937.07 | 27.44 | 135473 |
| 5 | ନିଶ୍ଚିନ୍ତକୋଇଲି | ବିଷ୍ଣୁପୁର | ଲୁଣା ନଦୀ ବାଲି ସାଧକନଗର | 2.34 | 5.00 | 19698.85 | 27.44 | 540536 |
| ମୋଟ | | | | **40.34** | **49.50** | **53193.55** | | **1615380** |

*(ଉତ୍ସ: ଉତ୍ସଗୁଡିକର ମିଳିତ ସରଜମିନ୍ ତଦନ୍ତ ଓ ତହସିଲଦାରଙ୍କ ନଥି)*

## ପରିଶିଷ୍ଟ 3.3.4

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.3.3.2)*

### ଚୁକ୍ତି ଦଲିଲ୍‌ର ସଂପାଦନ ନହେବା ଏବଂ ପଞ୍ଜୀକରଣ ନହେବା ଯୋଗୁ ଷ୍ଟାମ୍ପ ଶୁଳ୍କ କ୍ଷତିର ବିବରଣ

| କ୍ର.ସଂ. | ତହସିଲନାମ | ଚୁକ୍ତି ସଂପାଦନ ହୋଇନଥିବା ଉତ୍ସ ସଂଖ୍ୟା | ଉତ୍ସ ଗୁଡ଼ିକର ବିକ୍ରି ମୂଲ୍ୟ (ଟଙ୍କାରେ) | ଷ୍ଟାମ୍ପ ଶୁଳ୍କ କ୍ଷତି (ଟଙ୍କାରେ) |
|---|---|---|---|---|
| 1 | ବୋଲଗଡ଼ | 33 | 1184400 | 59220 |
| 2 | ଧର୍ମଶାଳା | 2 | 1124000 | 56200 |
| 3 | ହିଞ୍ଜିଳିକାଟୁ | 21 | 5831200 | 291560 |
| 4 | କନିଷି | 35 | 1880700 | 94035 |
| 5 | କପ୍ତିପଦା | 32 | 1567600 | 78380 |
| 6 | ଖଇରା | 26 | 1680900 | 84045 |
| 7 | ଖରିଆର | 31 | 1554200 | 77710 |
| 8 | ନୀଳଗିରି | 11 | 11688100 | 584405 |
| 9 | ନିଶ୍ଚିନ୍ତକୋଇଲି | 6 | 1750601 | 87530 |
| 10 | ନୂଆପଡ଼ା | 10 | 212450 | 10623 |
| 11 | ପାରଳାଖେମୁଣ୍ଡି | 19 | 2004320 | 100216 |
| 12 | ରାୟଗଡ଼ା | 1 | 133000 | 6650 |
| 13 | ଶାମାଖୁଣ୍ଟା | 8 | 2008000 | 100400 |
| 14 | ସୁକିନ୍ଦା | 5 | 699000 | 34950 |
| 15 | ଟାଙ୍ଗି | 24 | 5613116 | 280656 |
| 16 | ଟାଙ୍ଗି- ଚୌଦ୍ୱାର | 22 | 2589780 | 129489 |
| **ମୋଟ** | | **286** | **41521367** | **2076069** |

*(ଉତ୍ସ: ତହସିଲଦାରଙ୍କ ନଥିରୁ)*

## ପରିଶିଷ୍ଟ 3.3.5

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.3.4.1)*

### ଉଭୟ ସରକାରୀ ଓ ବେସରକାରୀ ଜମିରୁ ଖଣିଜ ଦ୍ରବ୍ୟର ଅପ୍ରାଧିକୃତ ଉତ୍ତୋଳନ ଓ ଅପସାରଣର ବିବରଣ

| ତହସିଲ ନାମ | ଉତ୍ସ ନାମ (ମୌଜା) | ପ୍ଲଟ୍ ସଂଖ୍ୟା/ ଖାତା ସଂଖ୍ୟା | ରାଜସ୍ୱ କ୍ଷେତ୍ର | ଅନଧିକୃତ ଭାବେ ଅପସାରିତ ଖଣିଜ ଦ୍ରବ୍ୟର ପରିମାଣ ( ଘନ ମିଟରରେ ) | ଲଘୁ ଖଣିଜ ଦ୍ରବ୍ୟର ନାମ | ଘନ ମିଟର ପ୍ରତି ଦର (ଟଙ୍କାରେ) | ସଂପୃକ୍ତ ରାଶି (ଟଙ୍କାରେ) |
|---|---|---|---|---|---|---|---|
| ଟାଙ୍ଗି-ଚୌଦ୍ୱାର | ଜେମାଦେଇପୁର | 1/ 335 | ମଙ୍ଗରାଜପୁର | 7642 | ମାଙ୍କଡ଼ା ପଥର | 137.20 | 1048482 |
| ଟାଙ୍ଗି-ଚୌଦ୍ୱାର | ରଘୁନାଥ ପ୍ରସାଦ | 495/ 179 | ମଙ୍ଗରାଜପୁର | 17830.97 | ମାଙ୍କଡ଼ା ପଥର | 137.20 | 2446409 |
| ଟାଙ୍ଗି-ଚୌଦ୍ୱାର | ରଘୁନାଥ ପ୍ରସାଦ | 785/938 of 175/38 ଏବଂ 765/934/978 of 175/97 | ମଙ୍ଗରାଜପୁର | 16444.53 | ମାଙ୍କଡ଼ା ପଥର | 137.20 | 2256190 |
| ନୂଆପଡ଼ା | ହଳଦୀ | 1527/ 50 | ସରବାଙ୍ଗ | 368.72 | ମାଟି | 27.44 | 10118 |
| ନୂଆପଡ଼ା | ନନ୍ଦପୁର | 1696/ 91 | ସରବାଙ୍ଗ | 245.81 | ମାଟି | 27.44 | 6745 |
| ନୂଆପଡ଼ା | ଡୁମେରପାଲି | ଉପଲବ୍ଧ ନଥିଲା | ସରବାଙ୍ଗ | 491.62 | ମାଟି | 27.44 | 13490 |
| ନୂଆପଡ଼ା | ପରକୋଡ଼ | 1146/ 79 | ପରକୋଡ | 3682.64 | ମୋରମ | 27.44 | 101052 |
| ନୂଆପଡ଼ା | ଶଖତରା | 452/ 87 | ନୂଆପଡ଼ା | 245.81 | ମୋରମ | 27.44 | 6745 |
| ଜଟଣୀ | ଗଉଡକାଶିପୁର | 184/308 | ଛତାବର | 8000 | ମାଙ୍କଡ଼ା ପଥର | 137.20 | 1097600 |
| ଜଟଣୀ | ନିରଞ୍ଜନପୁର | 854/ 551 | କୁଡିଆରି | 270000 | ମାଙ୍କଡ଼ା ପଥର | 137.20 | 37044000 |
| ଜଟଣୀ | କଣ୍ଟିଆ | 3651 ଓ 3655/ 1543 | କୁଡିଆରି | 315000 | ମାଙ୍କଡ଼ା ପଥର | 137.20 | 43218000 |
| ଜଟଣୀ | ହରପୁର | 193(70)/ 3 | ଯାଆଁଳା | 16000 | ମୋରମ | 27.44 | 439040 |
| ଦର୍ପଣ | ଚାରିନଙ୍ଗଳ | 846/ 10 | ବାଲିଚନ୍ଦ୍ରପୁର | 28350 | ମୋରମ | 28.00 | 793800 |
| ଦର୍ପଣ | ମନ୍ଦୁକା | 3835/1349 | ବାଲିଚନ୍ଦ୍ରପୁର | 2775 | ମୋରମ | 28.00 | 77700 |
| ଦର୍ପଣ | ମନ୍ଦୁକା | 3838/1349 | ବାଲିଚନ୍ଦ୍ରପୁର | 300 | ମୋରମ | 28.00 | 8400 |
| ମୋଟ | | | | **687377.1** | | | **88567771** |

*(ଉତ୍ସ: ଉତ୍ସର ମିଳିତ ସରଜମିନ୍ ତଦନ୍ତ ଓ ତହସିଲଦାରଙ୍କ ନଥି)*

## ପରିଶିଷ୍ଟ 3.4.1

### (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.4.5.2)

### ଜମି ଅଧିଗ୍ରହଣ ପୂର୍ବରୁ କାର୍ଯ୍ୟାରମ୍ଭର ବିବରଣ

*(ଲକ୍ଷ ଟଙ୍କାରେ)*

| କ୍ର.ସଂ. | ବିଭାଜନର ନାମ | କାର୍ଯ୍ୟର ନାମ | ଆକଳନ ମୂଲ୍ୟ (ଯୋଜନା) | ଆରମ୍ଭ ତାରିଖ | ସମାପ୍ତ ହେବାର ନିର୍ଦ୍ଧାରିତ ତାରିଖ | ଖର୍ଚ୍ଚର ପରିମାଣ | ଅସମ୍ପୂର୍ଣ୍ଣ ରହିବାର କାରଣ | ମନ୍ତବ୍ୟ |
|---|---|---|---|---|---|---|---|---|
| 1 | ସମ୍ବଲପୁର | ସମ୍ବଲପୁର ମହାନଦୀବିହାର ଧାମ ରାସ୍ତାର ୱାର୍ଡ ସଂଖ୍ୟା 1ରେ ଅଣଅନ୍ତର୍ଭୁକ୍ତ କ୍ଷେତ୍ରକୁ ଜଳ ଯୋଗାଣର ଉନ୍ନତି | 15.00 | 16 ନଭେମ୍ବର 2013 | 15 ଜାନୁଆରୀ 2014 | 4.62 | ଜମି ବିବାଦ ହେତୁ | ଜମି ନମିଳିବାରୁ 2013-14 ରେ ବଳକା ଅର୍ଥ ଫେରସ୍ତ କରାଗଲା |
| 2 | ସମ୍ବଲପୁର | ପଦ୍ମପୁର ବଜାରକୁ ଜଳଯୋଗାଣର ଉନ୍ନତି | 692.00 | 30 ମାର୍ଚ୍ଚ 2013 | ମାର୍ଚ୍ଚ 2014 | 0.70 | ସରକାରୀ ଜମିର ହସ୍ତାନ୍ତରଣର ପ୍ରତୀକ୍ଷା | |
| 3 | ସମ୍ବଲପୁର | ଦେବଗଡ଼ ବଜାରକୁ ଜଳଯୋଗାଣ ବୃଦ୍ଧି | 1965.35 | 17 ଜୁଲାଇ 2011 | ମାର୍ଚ୍ଚ 2014 | 1.50 | | |
| 4 | ସମ୍ବଲପୁର | ରଙ୍ଗ ନଦୀରୁ ବରପାଲି ବଜାରକୁ ଜଳଯୋଗାଣ | 639.00 | 20 ମାର୍ଚ୍ଚ 2013 | ମାର୍ଚ୍ଚ 2014 | 0.90 | | |
| 5 | ଭଞ୍ଜନଗର | ଫୁଲବାଣୀ ମ୍ୟୁନିସିପାଲିଟିରେ ୟୁଆଇଡିଏସ୍‌ଏସ୍‌ଏମ୍‌ଟି ଅଧିନରେ 6 ଏମ୍‌ଏଲ୍‌ଡି କ୍ଷମତା ଥିବା ଜଳ ବିଶୋଧନାଗାରର ନକ୍ସା ନିର୍ମାଣ, ପରୀକ୍ଷଣ ଓ ପ୍ରାଧିକରଣ | 228.62 | 14 ଜାନୁଆରୀ 2013 | 14 ଡିସେମ୍ବର 2013 | 186.09 | ପ୍ରବେଶ ମାର୍ଗ ପାଇଁ ସ୍ଥାନ ନିରୂପଣରେ ଅସୁବିଧା | ଜମି ହସ୍ତାନ୍ତରଣ କରାଯାଇ ନଥିଲା |
| 6 | ଭଞ୍ଜନଗର | ଜି.ଉଦୟଗିରି ଏନ୍‌ଏସିର 1.50 ଲିଟର କ୍ଷମତା ବିଶିଷ୍ଟ ଦୁଇଟି ଆରସିସି ଉଚ୍ଚିତ ଜଳ ଭଣ୍ଡାର ସହିତ 18 ମିଟର ଷ୍ଟେଜିଂ ନିର୍ମାଣପାଇଁ ମୃତ୍ତିକା ପରୀକ୍ଷଣ ସହିତ ନକ୍ସା, ପ୍ରାଧିକରଣ ଏବଂ ପରୀକ୍ଷଣ | 50.00 | 23 ମାର୍ଚ୍ଚ 2013 | 22 ଜାନୁଆରୀ 2014 | 22.05 | ପ୍ରବେଶ ମାର୍ଗ ପାଇଁ ସ୍ଥାନ ନିରୂପଣରେ ଅସୁବିଧା | ଜମି ହସ୍ତାନ୍ତରଣ କରାଯାଇ ନଥିଲା |
| 7 | ବ୍ରହ୍ମପୁର | ଦକ୍ଷିଣପୁର ଜଳ ବିଶୋଧନଗାରରୁ ବ୍ରହ୍ମପୁର ବଜାରର ପ୍ରଥମ ଗେଟ୍‌କୁ ଜଳଯୋଗାଣ ପାଇପ ଲାଇନର ସ୍ଥାନାନ୍ତରଣ | 699.00 | 31 ମାର୍ଚ୍ଚ 2011 | 30 ସେପ୍ଟେମ୍ବର 2011 | 632.10 | ଜମି ଅଧିଗ୍ରହଣ କରିବାରେ ଅସୁବିଧା | ଜମି ହସ୍ତାନ୍ତରଣ କରାଯାଇ ନଥିଲା |
| | | **ମୋଟ** | **4288.97** | | | **847.96** | | |

*(ଉତ୍ସ: ନମୁନା ଯାଞ୍ଚ ଜନସ୍ୱାସ୍ଥ୍ୟ ବିଭାଜନ)*

# ପରିଶିଷ୍ଟ 3.4.2

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.4.5.3)***

## ଅସମ୍ପୂର୍ଣ୍ଣ କାର୍ଯ୍ୟରେ ନିଷ୍ଫଳ ବ୍ୟୟର ବିବରଣ

*(ଲକ୍ଷ ଟଙ୍କାରେ)*

| କ୍ର.ସଂ. | ବିଭାଜନର ନାମ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ଆରମ୍ଭ ତାରିଖ | ସମାପ୍ତ ହେବାର ନିର୍ଦ୍ଧାରିତ ତାରିଖ | ନିର୍ଦ୍ଧାରିତ ସମାପ୍ତ ହେବା ତାରିଖରୁ ବିତିଥିବା ସମୟ | ହୋଇଥିବା ଖର୍ଚ୍ଚ | ଅସମ୍ପୂର୍ଣ୍ଣର କାରଣ |
|---|---|---|---|---|---|---|---|---|
| 1 | ଭଞ୍ଜନଗର | ୟୁଆଇଡିଏସ୍ଏସ୍ଏମ୍‌ଟି ଅଧିନରେ ଫୁଲବାଣୀ ମ୍ୟୁନିସିପାଲିଟିକୁ 3.5 ମିଟର ଭିତର ବ୍ୟାସ ବିଶିଷ୍ଟ ଆର୍‌ସିସି ଭିତରମୁହାଁ କୂପ ସହିତ ଏମ୍/ଏସ୍ ଫୁଟ୍ ବ୍ରିଜ୍ ପମ୍ପ ହାଉସ୍ ଏବଂ ପ୍ରବେଶ ମାର୍ଗ ସହିତ ଜଳ ଯୋଗାଣ ବୃଦ୍ଧିର ନକ୍ସା, ନିର୍ମାଣ, ପରୀକ୍ଷଣ ଓ ପ୍ରାଧିକରଣ | 19.78 | 24 ନଭେମ୍ବର 2010 | 23 ଜୁଲାଇ 2011 | 43 ମାସ | 17.71 | ବିବିଧ ପତ୍ର ବିନିମୟ ପରେ ମଧ ଠିକାଦାରଙ୍କ ଠାରୁ କୌଣସି ଜବାବ ମିଳିନଥିଲା |
| 2 | ବ୍ରହ୍ମପୁର | ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିରେ 10 ଏମ୍ଏଲ୍‌ଡି କ୍ଷମତା ବିଶିଷ୍ଟ ଜଳ ବିଶୋଧନାଗାର ଏବଂ ଅଶୋଧିତ ଭିତରମୁହାଁ କୂପ, ପମ୍ପ ହାଉସ୍‌ର ନକ୍ସା, ନିର୍ମାଣ, ପରୀକ୍ଷଣ ଓ ପ୍ରାଧିକରଣ | 444.12 | 09 ମାର୍ଚ୍ଚ 2010 | 8 ମାର୍ଚ୍ଚ 2011 | 47 ମାସ | 387.11 | ବିବିଧ ପତ୍ର ବିନିମୟ ପରେ ମଧ ଠିକାଦାରଙ୍କ ଠାରୁ କୌଣସି ଜବାବ ମିଳିନଥିଲା |
| 3 | ବ୍ରହ୍ମପୁର | ବିଏନ୍ ପ୍ରାସାଦ ପାରଳାଖେମୁଣ୍ଡି (ୟୁଆଇଡିଏସ୍ଏସ୍ଏମଟି) ନିକଟରେ ଥିବା ମହେନ୍ଦ୍ର ତନୟା ନଦୀ ମଧ୍ୟରେ ଥିବା ଭିତରମୁହାଁ କୂପ ମଧ୍ୟରେ ଦୁଇଟି ଭୁଲମ୍ବ ଟର୍ବାଇନ୍ ଅଶୋଧିତ ଜଳ ପମ୍ପ ସେଟ୍ ଯୋଗାଣ, ନିର୍ମାଣ, ସ୍ଥାପନ, ପରୀକ୍ଷଣ ଓ ପ୍ରାଧିକରଣ | 52.74 | 04 ମାର୍ଚ୍ଚ 2014 | 3 ମଇ 2014 | 9 ମାସ | 19.71 | ବିବିଧ ପତ୍ର ବିନିମୟ ପରେ ମଧ ଠିକାଦାରଙ୍କ ଠାରୁ କୌଣସି ଜବାବ ମିଳିନଥିଲା |
| 4 | ବ୍ରହ୍ମପୁର | ୟୁଆଇଡିଏସ୍ଏସ୍ଏମ୍‌ଟି ଅଧିନରେ ପାରଳାଖେମୁଣ୍ଡି ସହରର ଅଣ ଅନ୍ତର୍ଭୁକ୍ତ ଅଞ୍ଚଳରେ 350 ଏମଏମ ବ୍ୟାସ ବିଶିଷ୍ଟର ୱାଟର ରାଇଜିଂ ମେନ୍ ଆଣ୍ଡ 200 ଏମ୍ଏମ୍ 150 ଏମ୍ଏମ୍ ଓ 100 ଏମ୍ଏମ୍ ବ୍ୟାସ ବିଶିଷ୍ଟ ବଣ୍ଟନ ନେଟ ୱାର୍କ ସ୍ଥାପନ | 28.45 | 16 ସେପ୍ଟେମ୍ବର 2011 | 15 ମାର୍ଚ୍ଚ 2012 | 35 ମାସ | 21.84 | ବିବିଧ ପତ୍ର ବିନିମୟ ପରେ ମଧ ଠିକାଦାରଙ୍କ ଠାରୁ କୌଣସି ଜବାବ ମିଳିନଥିଲା |

| | | | | | | | | |
|---|---|---|---|---|---|---|---|---|
| 5 | ବ୍ରହ୍ମପୁର | ଗୋପାଳପୁର ଏନଏସିର ପିଏମ୍ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ପାହାଡ଼ର ଶିଖରରେ 350 ଲକ୍ଷ କ୍ଷମତା ବିଶିଷ୍ଟ ଓଜିଆରର ନକ୍ସା, ନିର୍ମାଣ, ପରୀକ୍ଷଣ ଓ ପ୍ରାଧିକରଣ | 12.19 | 15 ଜାନୁଆରୀ 2013 | 14 ମଇ 2013 | 21 ମାସ | 10.99 | ଠିକାଦାରଙ୍କ ଠାରୁ କୌଣସି ଜବାବ ମିଳିନଥିଲା |
| 6 | ବଲାଙ୍ଗିର | ଆର୍ଏଲ୍ଟିଏପି (ପିଏଚ୍-1) ରେ (ପିଏଚ୍-1 ରେ 3 ପ୍ୟାକେଜ) ଭବାନୀପାଟଣା ମ୍ୟୁନିସିପାଲିଟିକୁ ଜଳ ଯୋଗାଣ ଅଭିବୃଦ୍ଧି(ବ୍ୟବସ୍ଥା-ଭିତରମୁହାଁ କୂପ ଡବ୍ଲ୍ୟୁଟିପି ଇଏସ୍ଆର୍ ୟୁଜିଆର୍ -3 ଏବଂ ପମ୍ପ ହାଉସ୍) | 1079.15 | 18 ମାର୍ଚ୍ଚ 2008 | ମାର୍ଚ୍ଚ 2011 (ପୁନଃ ଅଟକଳ ଅନୁସାରେ) | 47 ମାସ | 1079.00 | ଏହି ପ୍ରକଳ୍ପର ପ୍ୟାକେଜଗୁଡ଼ିକରେ ସମାନତା ନଥିବାରୁ ଡବ୍ଲ୍ୟୁଟିପିଇଏସ୍ଆର୍ ଇତ୍ୟାଦି ଅସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ 1079 ଲକ୍ଷଟଙ୍କା ଖର୍ଚ୍ଚ ହୋଇଥିଲା । ଜାନୁଆରୀ 2015 ସୁଦ୍ଧା 39.93 ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ, ଭିତରମୁହାଁ କୂପର କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରି ନଥିଲା। |
| 7 | ବଲାଙ୍ଗିର | ଭବାନୀପାଟଣା ମ୍ୟୁନିସିପାଲିଟିରେ ଆର୍ଏଲ୍ଟିଏପି ଅଧିନରେ (ପିଏଚ୍-1 ଏବଂ ଆଇଆଇ-11) ପିଏଚ୍-1 ରେ 3 ପ୍ୟାକେଜ ଏବଂ ପିଏଚ-11 ରେ 3 ପ୍ୟାକେଜକୁ ଜଳ ଯୋଗାଣର ଅଭିବୃଦ୍ଧି | 819.43 | 3 ମାର୍ଚ୍ଚ 2011 to 3 ମାର୍ଚ୍ଚ 2014 | 16 ମଇ 2011 ରୁ 2 ଜୁନ୍ 2014 | 8 to 45 ମାସ | 651.23 | ଏଜେନ୍ସୀ ମାନଙ୍କର ମନ୍ଥର କାର୍ଯ୍ୟ ପାଇଁ ରାଇଜିଂ ମେନ୍ ଏବଂ ବଣ୍ଟନର କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରି ନଥିଲା |
| 8 | ରାଉରକେଲା | ନେସ୍ନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲାକୁ ଜଳ ଯୋଗାଣର ଉନ୍ନତିକରଣ ନିମନ୍ତେ ନଦୀ ବନ୍ଧରୁ ପମ୍ପହାଉସ୍ ପର୍ଯ୍ୟନ୍ତ ଭିତରମୁହାଁ କୂପ, ଚୌକିଦାର ଘର ହତା ପାଚେରୀ (60 ମିଟର ଲମ୍ବ), ପ୍ରବେଶ ମାର୍ଗର ଉନ୍ନତି ଏବଂ ଟୋ ୱାଲର ନଦୀ ବନ୍ଧ ସହ ସମତଳିକରଣ ଏବଂ ପଥର ଡାଳି ଦେବା ଇତ୍ୟାଦିର ଆର୍ସିସି/ ଏମ୍ଏସ୍ ପାଦୋଲ ପୋଲର ନକ୍ସା, ନିର୍ମାଣ, ପରୀକ୍ଷଣ ଓ ପ୍ରାଧିକରଣ | 36.67 | 16 ଡିସେମ୍ବର 2013 | 15 ଜୁନ୍ 2014 | 8 ମାସ | 23.65 | ଠିକାଦାରଙ୍କ କାର୍ଯ୍ୟ ସଂପାଦନର ଅଭାବ ଯୋଗୁଁ ମନ୍ଥର ପ୍ରଗତି |
| | **ମୋଟ** | | **2492.53** | | | | **2211.24** | |

***(ଉତ୍ସ: ନମୁନା ଯାଞ୍ଚ ଜନସ୍ୱାସ୍ଥ୍ୟ ବିଭାଜନର ନଥିପତ୍ର)***

## ପରିଶିଷ୍ଟ 3.5.1

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.5.2.1)***

### ବିଜୁ ସେତୁ ଯୋଜନା ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରି ସେତୁ ନିର୍ମାଣର ବିବରଣ

| କ୍ର.ସଂ. | ପୋଲର ନାମ | ସଂପୃକ୍ତ ବିଭାଜନର ନାମ | ଅଟକଳ ମୂଲ୍ୟ | ହୋଇଥିବା ଖର୍ଚ୍ଚ | ମନ୍ତବ୍ୟ |
|---|---|---|---|---|---|
| | | | (ଲକ୍ଷ ଟଙ୍କାରେ) | | |
| 1 | ପଥୁରିମୁଣ୍ଡା ନଳା ଉପରେ ଏନ୍ଏଚ୍- 6 ରୁ 1ମ କିମିରୁ ଭୋଇପୁରାକୁ ସେତୁ | ବରଗଡ଼ | 139.77 | 100.49 | 1.2 କିମି ମଧ୍ୟରେ ସେତୁର ଅବସ୍ଥିତି |
| 2 | ଲାଠିକଟା ଗୀର୍ଜାଟୋଳାରେ ତୁରୁତୁରୀ ନଳା ଉପରେ ସେତୁ | ରାଉରକେଲା | 120.07 | 122.76 | 2.5 କିମି ମଧ୍ୟରେ ସେତୁର ଅବସ୍ଥିତି |
| 3 | ଧୋଦ୍ରା ତେଲ୍‌କୋନାଡି ରାସ୍ତା 2ୟ କିମି ଭାସକେଲ୍ ନଦୀ ଉପରେ ସେତୁ | ନବରଙ୍ଗପୁର -II | 437.00 | 0 | 3.00 କିମି ମଧ୍ୟରେ ସେତୁର ଅବସ୍ଥିତି |
| 4 | ଶଙ୍ଖପୁର କାଲାଇପଦା ରାସ୍ତା 2/700 କିମିରେ ବଉଳି ନଳା ଉପରେ ସେତୁ | ଅନୁଗୁଳ | 142.53 | 129.10 | ଜଳନିକାଶ/ ଘୁଷୁଡ଼ାର ଅବସ୍ଥିତି |
| 5 | ଶଙ୍ଖପୁର କାଲାଇପଦା ପିଏମ୍‌ଜିଏସ୍‌ୱାଇ ରାସ୍ତା 3/70 କିମିରେ ନଡକା ନଳା ଉପରେ ସେତୁ | ଅନୁଗୁଳ | 73.15 | 66.10 | ଜଳନିକାଶ/ ଘୁଷୁଡ଼ାର ଅବସ୍ଥିତି |
| 6 | କାଲାଇପଦା ମରଣ୍ଡା ରାସ୍ତା 0/750 କିମିରେ ଗୁକୁଣା ନଳା ଉପରେ ସେତୁ | ଅନୁଗୁଳ | 160.24 | 147.27 | ଜଳନିକାଶ/ ଘୁଷୁଡ଼ାର ଅବସ୍ଥିତି |
| 7 | କଲାଙ୍ଗପଲିରୁ ମୁଖ୍ୟ କେନାଲ ରାସ୍ତା 2ୟ କିମି ଖରମୁଣ୍ଡା ଜୋର ଉପରେ ସେତୁ | ବରଗଡ଼ | 237.95 | 201.54 | ଜଳନିକାଶ/ ଘୁଷୁଡ଼ାର ଅବସ୍ଥିତି |
| 8 | ରାଖାଲଗୁଡ଼ା ପାପିକୋନା ରାସ୍ତା 1ମ କିମିରେ ପୋଲମା ଉପରେ ସେତୁ | ରାୟଗଡ଼ା | 102.00 | 88.53 | ସେତୁର ଲମ୍ବ 20 ମିଟର |
| 9 | କାଶିପୁର ସିକାରପାଇ ରାସ୍ତାର ସ୍ଥାନୀୟ ନଳା ଉପରେ ସେତୁ | ରାୟଗଡ଼ା | 81.00 | 83.36 | ସେତୁର ଲମ୍ବ 10.77 ମିଟର |
| 10 | ତେଲେଙ୍ଗାପଦର ଡଙ୍ଗସୋରଡ଼ା ଚନ୍ଦ୍ରପୁର ରାସ୍ତାର ସ୍ଥାନୀୟ ନଳା ଉପରେ ସେତୁ | ରାୟଗଡ଼ା | 174.43 | 0 | ସେତୁର ଲମ୍ବ 21.39 ମିଟର |
| 11 | ନଇରା ବଇଁଗୁଡ଼ା ରାସ୍ତାର 3ୟ କିମିରେ ସ୍ଥାନୀୟ ନଳା ଉପରେ ସେତୁ | ରାୟଗଡ଼ା | 230.89 | 46.57 | ସେତୁର ଲମ୍ବ 8.77 ମିଟର |
| 12 | ଗୋଡାଡି ନଳା ଉପରେ ସେତୁ | ଫୁଲବାଣୀ | 86.72 | 0 | ସେତୁର ଲମ୍ବ10.77 ମିଟର |
| 13 | ସୋମପଦର ନୂଆ ଗାଁ ରାସ୍ତା 4ର୍ଥ କିମିରେ ସ୍ଥାନୀୟ ନଳା ଉପରେ ସେତୁ | ଫୁଲବାଣୀ | 75.99 | 72.09 | ସେତୁର ଲମ୍ବ 22.17 ମିଟର |
| **ମୋଟ** | | | **2061.74** | **1057.81** | |

***(ଉତ୍ସ: ନମୁନା ଯାଞ୍ଚ ଗ୍ରାମ୍ୟ ନିର୍ମାଣ ବିଭାଜନର ତଥ୍ୟ)***

## ପରିଶିଷ୍ଟ 3.6.1

### (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.6.1.1)

### ସମୀକ୍ଷା ଉପସ୍ଥିତିରେ ଆର୍‌ଆଇଙ୍କଦ୍ୱାରା କରାଯାଇଥିବା ଜମି/ କ୍ଷେତ୍ର ନିରୀକ୍ଷଣରୁ ପରିଲକ୍ଷିତ ହୋଇଥିବା ପ୍ରମୁଖ ଅନଧିକୃତ ଦଖଲର ବିବରଣ

| କ୍ର.ସଂ. | ତହସିଲ ନାମ | ରାଜସ୍ୱ ନିରୀକ୍ଷକଙ୍କ କ୍ଷେତ୍ରର ନାମ/ ଗ୍ରାମ | ଜବର ଦଖଲକାରୀଙ୍କ ନାମ | ଜବର ଦଖଲ ଅଞ୍ଚଳ (ଏକରରେ) | କେଉଁ ଉଦ୍ଦେଶ୍ୟରେ ଉପଯୋଗ ହେଉଥିଲା | ଜବର ଦଖଲର ଅବଧି (ବର୍ଷରେ) | ଜମିର ବେଞ୍ଚ ମାର୍କ ମୂଲ୍ୟ (ଲକ୍ଷ ଟଙ୍କାରେ) |
|---|---|---|---|---|---|---|---|
| 1 | ଆଠଗଡ଼ | ନିଧିପୁର/ମାଧବପୁର | ବ୍ୟକ୍ତିବିଶେଷ | 8 | ବୃକ୍ଷରୋପଣ | 15 | 40.00 |
| 2 | ଆଠଗଡ଼ | ନିଧିପୁର/ରାହଙ୍ଗଲ | ମାହେଶ୍ୱରୀ ଇସ୍ପାତ୍ ଲିମିଟେଡ୍ | 8.8 | ଶିଳ୍ପ | 4 | 61.60 |
| 3 | ବାଲିଅନ୍ତା | ପ୍ରତାପ ସାଶନ/ ପ୍ରତାପ ସାଶନ | ଓଡ଼ିଶା ପାୱାର ଟ୍ରାନ୍ସ୍‌ମିଶନ କର୍ପୋରେସନ ଲିମିଟେଡ୍ | 15.000 | ବାଣିଜ୍ୟିକ ଗ୍ରୀଡ୍ ସବ୍‌ଷ୍ଟେସନ | 6 | 1800.00 |
| 4 | ବଅଁରପାଳ | କୁମନ୍ଦ | ଓଡ଼ିଶା ପାୱାର ଟ୍ରାନ୍ସ୍‌ମିଶନ କର୍ପୋରେସନ ଲିମିଟେଡ୍ | 12.9 | ବାଣିଜ୍ୟ | 5 | 258.00 |
| 5 | ବଅଁରପାଳ | ଗୋଟମରା | ପଞ୍ଚଗଡ଼ ସୋମନାଥ ସିଂହ ଜଗଦେବ ମହାବିଦ୍ୟାଳୟ, ବଅଁରପାଳ | 13.96 | ଶିକ୍ଷାନୁଷ୍ଠାନ | 29 | 279.20 |
| 6 | ବାରଙ୍ଗ | ରାମଦାଶପୁର ରତଗଡ଼ | ବ୍ୟକ୍ତିବିଶେଷ | 7.47 | ଧାର୍ମିକ | ଉପଲବ୍ଧ ନଥିଲା | 224.10 |
| 7 | ବ୍ରହ୍ମଗିରି | ତୋରଣା/କପିଳେଶ୍ୱର | ଯୁବପରିଷଦ, ତୋରଣା ଗ୍ରାମ | 5 | ଆକାଶିଆ ଓ ଝାଉଁ ବୃକ୍ଷରୋପଣ | ଉପଲବ୍ଧ ନଥିଲା | 2.80 |
| 8 | ବ୍ରହ୍ମଗିରି | ସୁନାମୁହି କେଉଟକୁଦି | ବ୍ୟକ୍ତିବିଶେଷ | 7.22 | ବୃକ୍ଷରୋପଣ | 2 | 43.32 |
| 9 | ଦାନଗଦି | ତେଲ୍‌କୋଣି | ଝାଡେଶ୍ୱର ଡିଗ୍ରୀ କଲେଜ, ତେଲକୋଣୀ | 7.2 | ଶିକ୍ଷାନୁଷ୍ଠାନ | ଉପଲବ୍ଧ ନଥିଲା | 15.84 |
| 10 | ଦର୍ପଣ | ଦର୍ପଣିଗଡ | ବ୍ୟକ୍ତିବିଶେଷ | 7 | ଉପଲବ୍ଧ ନୁହେଁ | 4.42 | 17.787 |
| 11 | ଦର୍ପଣ | ଶଇଳପଡ଼ା | ବନମାଳୀ କଲେଜ | 5.2 | ଶିକ୍ଷାନୁଷ୍ଠାନ | ଉପଲବ୍ଧ ନଥିଲା | 41.47 |
| 12 | ଧର୍ମଶାଳା | ମହିଶ୍ୱର/ଡଙ୍କାରୀ | ବ୍ୟକ୍ତିବିଶେଷ | 7.07 | ଚାଷ | 6 | 8.13 |
| 13 | ଢେଙ୍କାନାଳ | ଭାପୁର/ ବିମୋଲ | ବ୍ୟକ୍ତିବିଶେଷ | 5.34 | ଚିମିନି ଇଟା ତିଆରି | 8 | 8.81 |
| 14 | ଢେଙ୍କାନାଳ | ଭାପୁର/ଉପରନଟକଟା | ବ୍ୟକ୍ତିବିଶେଷ | 5.56 | ବୃକ୍ଷରୋପଣ | 7 | 7.78 |
| 15 | ଢେଙ୍କାନାଳ | ଭାପୁର/କୋଇଲିପାଙ୍ଗି | ଦେବେନ୍ଦ୍ର ଶତପଥୀ ମେମୋରିଆଲ କଲେଜ, ଢେଙ୍କାନାଳ | 6.25 | ଶିକ୍ଷାନୁଷ୍ଠାନ | ଉପଲବ୍ଧ ନଥିଲା | 17.19 |
| 16 | ଢେଙ୍କାନାଳ | କଙ୍କଡ଼ାପାଳ/ ବେବର୍ତ୍ତକାଟେଣୀ ଓ କାଶିପଡ଼ା | ବିଜ୍ଞାନ ଓ ବୈଷୟିକ କଲେଜ, ଗେଙ୍ଗୁଟିଆ ଢେଙ୍କାନାଳ ପଞ୍ଚାୟତ କଲେଜ | 7.92 | ଶିକ୍ଷାନୁଷ୍ଠାନ | 24 | 57.87 |

| କ୍ର.ସଂ. | ତହସିଲ ନାମ | ରାଜସ୍ୱ ନିରୀକ୍ଷକଙ୍କ କ୍ଷେତ୍ରର ନାମ/ ଗ୍ରାମ | ଜବର ଦଖଲକାରୀଙ୍କ ନାମ | ଜବର ଦଖଲ ଅଞ୍ଚଳ (ଏକରରେ) | କେଉଁ ଉଦ୍ଦେଶ୍ୟରେ ଉପଯୋଗ ହେଉଥିଲା | ଜବର ଦଖଲର ଅବଧି (ବର୍ଷରେ) | ଜମିର ବେଞ୍ଚ ମାର୍କ ମୂଲ୍ୟ (ଲକ୍ଷ ଟଙ୍କାରେ) |
|---|---|---|---|---|---|---|---|
| 17 | ଢେଙ୍କାନାଳ | ସଦର/ ମହିଷିଆପାଟ | ମଣ୍ଟ୍‌ଫର୍ଟ ସ୍କୁଲ୍ | 7.97 | ଶିକ୍ଷାନୁଷ୍ଠାନ | ଅନେକ ଦିନରୁ | 569.86 |
| 18 | ହିନ୍ଦୋଳ | ପାଇକ ପୁରୁଣା କୋଟ/ ସରପା | ମେସର୍ସ ଭୂଷଣ ଷ୍ଟିଲ୍ ଆଣ୍ଡ ଷ୍ଟ୍ରାଇପ୍ସ ଲିମିଟେଡ୍ | 19.82 | ଶିଳ୍ପ | 0.66 | 119.91 |
| 19 | ହିନ୍ଦୋଳ | ପାଇକ ପୁରୁଣା କୋଟ/ ରଘୁନାଥପୁର | ମେସର୍ସ ଭୂଷଣ ଷ୍ଟିଲ୍ ଆଣ୍ଡ ଷ୍ଟ୍ରାଇପ୍ସ ଲିମିଟେଡ୍ | 30.46 | ଶିଳ୍ପ | 0.66 | 184.28 |
| 20 | ହିନ୍ଦୋଳ | ବାବନ୍ଧ/ ଜମୁଚକଡ଼ା | ସାତଜଣ ବ୍ୟକ୍ତିବିଶେଷ | 42.44 | ବୃକ୍ଷରୋପଣ | 8.33 | 163.39 |
| 21 | ଜଟଣୀ | ଜଟଣୀ ବଡ଼ନୂଆଗାଁ | ବ୍ୟକ୍ତିବିଶେଷ | 5.000 | ପାଚେରୀ କାନ୍ଥ ଓ କୋଠାଘର | 3 | 406.25 |
| 22 | ଜଟଣୀ | ଜଟଣୀ ରାମଚନ୍ଦ୍ରପୁର | ଜଟଣୀ ମହାବିଦ୍ୟାଳୟ, ଜଟଣୀ | 10.000 | ଶିକ୍ଷାନୁଷ୍ଠାନ | 29 | 812.5 |
| 23 | ଜଟଣୀ | ଗଙ୍ଗପଡ଼ା/ ପାଣିଓରା | ମହାବୀର ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ, ପାନିଓରା | 26.455 | ଶିକ୍ଷାନୁଷ୍ଠାନ | 7 | 1775.13 |
| 24 | ଜଟଣୀ | ଉତ୍ତରମୁଣ୍ଡା ମୁହାଣ | ଯାଆଁଳା ଏମ.ଇ.ସ୍କୁଲ୍ | 6 | ଶିକ୍ଷାନୁଷ୍ଠାନ | 56 | 468.00 |
| 25 | କାମାକ୍ଷାନଗର | କାମାକ୍ଷା ନଗର/ ଶରଧାପୁର ଓ ଅଲ୍‌ତୁମା | କାମାକ୍ଷା ନଗର ମହାବିଦ୍ୟାଳୟ | 18.38 | ଶିକ୍ଷାନୁଷ୍ଠାନ | 27 | 257.32 |
| 26 | ଖୋର୍ଦ୍ଧା | ଖୋର୍ଦ୍ଧା/ଜଜାରସିଂହ | ସେଭେନ୍ ଡେ ଆଡଭେଣ୍ଟିଷ୍ଟ ହାୟର ସେକଣ୍ଡାରୀ ସ୍କୁଲ୍ | 5.775 | ଶିକ୍ଷାନୁଷ୍ଠାନ | 20 | 825.83 |
| 27 | ଓଡ଼ପଡ଼ା | ମଙ୍ଗଳପୁର | ଜିଏମ୍‌ଆର୍ ଏନର୍ଜି ଲିମିଟେଡ୍ | 7.5 | ଶିଳ୍ପାଞ୍ଚଳ ରାସ୍ତା ଓ ମୁଖ୍ୟ ଫାଟକ | 8 | 131.25 |
| 28 | ଓଡ଼ପଡ଼ା | ଶିବପୁର | ମେସର୍ସ ଭୂଷଣ ଷ୍ଟିଲ୍ ଆଣ୍ଡ ଷ୍ଟ୍ରାଇପ୍ସ ଲିମିଟେଡ୍ | 8.14 | ଶିଳ୍ପାଞ୍ଚଳ ଡମ୍ପିଙ୍ଗ୍ ୟାର୍ଡ | 5 | 73.26 |
| 29 | ଓଡ଼ପଡ଼ା | ମୋଟଙ୍ଗା/ କେ.ପ୍ରସାଦ | ବ୍ରାହ୍ମଣୀ ପବ୍ଲିକ ସ୍କୁଲ୍ | 8.75 | ଶିକ୍ଷାନୁଷ୍ଠାନ | 6.08 | 127.75 |
| 30 | ଓଡ଼ପଡ଼ା | ମୋଟଙ୍ଗା/ କେ.ପ୍ରସାଦ | ମେସର୍ସ ରବିରାମ ବିନିମୟ | 10.61 | ଶିଳ୍ପ | 5.08 | 154.9 |
| 31 | ଓଡ଼ପଡ଼ା | ମୋଟଙ୍ଗା/ ନରେନ୍ଦ୍ରପୁର | ମେସର୍ସ ଭୂଷଣ ଷ୍ଟିଲ୍ ଆଣ୍ଡ ଷ୍ଟ୍ରାଇପ୍ସ ଲିମିଟେଡ୍ | 16.32 | ଶିଳ୍ପ | 14 | 301.92 |
| 32 | ଓଡ଼ପଡ଼ା | ମୋଟଙ୍ଗା/ କେ.ପ୍ରସାଦ | ମେସର୍ସ ଭି.ପି ଲାଙ୍କୋ | 21.02 | ଶିଳ୍ପ | 6.08 | 306.89 |
| 33 | ପାନପୋଷ | କୁଆଁରମୁଣ୍ଡା | ଦୀପକ ସ୍ୱଞ୍ଜ ଲିମିଟେଡ୍ | 7 | ଶିଳ୍ପ | 11 | 294.00 |
| 34 | ପାନପୋଷ | କୁଆଁରମୁଣ୍ଡା/ଚର୍‌ଦିହରିହରପୁର | ଆଧୁନିକ ମେଟାଲିକ୍ ଲିମିଟେଡ୍ | 63.31 | ଶିଳ୍ପ | 1 | 316.55 |

| କ୍ର.ସଂ. | ତହସିଲ ନାମ | ରାଜସ୍ୱ ନିରୀକ୍ଷକଙ୍କ କ୍ଷେତ୍ରର ନାମ/ ଗ୍ରାମ | ଜବର ଦଖଲକାରୀଙ୍କ ନାମ | ଜବର ଦଖଲ ଅଞ୍ଚଳ (ଏକରରେ) | କେଉଁ ଉଦ୍ଦେଶ୍ୟରେ ଉପଯୋଗ ହେଉଥିଲା | ଜବର ଦଖଲର ଅବଧି (ବର୍ଷରେ) | ଜମିର ବେଞ୍ଚ ମାର୍କ ମୂଲ୍ୟ (ଲକ୍ଷ ଟଙ୍କାରେ) |
|---|---|---|---|---|---|---|---|
| 35 | ରାଜଗାଙ୍ଗପୁର | ମନ୍ଦିଆକୁଦର | ପୁରୁଷୋତ୍ତମ ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ | 11.499 | ଶିକ୍ଷାନୁଷ୍ଠାନ | 12 | 379.46 |
| 36 | ରେଢାଖୋଲ | ବରବାଙ୍କ/ ରାମପୁର | ବାଲାଜି ଇନଫୋ ଟେକ୍ | 10.88 | ପଥର କ୍ରସର | ଉପଲବ୍ଧ ନଥିଲା | 152.32 |
| 37 | ସଇଁତଳା | ଆର୍‌ଆଇ କ୍ଷେତ୍ର ବେଲଗାଁ ମୌଜା-କୁସୁମଖଲ | ୟୁଜି ମହାବିଦ୍ୟାଳୟ | 5 | ଶିକ୍ଷାନୁଷ୍ଠାନ | 13 | 2.30 |
| 38 | ସଇଁତଳା | ଆର୍‌ଆଇ କ୍ଷେତ୍ର ଘୁନ୍‌ସର ମୌଜା-ଦେଉଲି | ପିଏସ୍ ଜୁନିୟର କଲେଜ ଘୁନ୍‌ସର | 5 | ଶିକ୍ଷାନୁଷ୍ଠାନ | 7 | 5.45 |
| 39 | ସଇଁତଳା | ଆର୍‌ଆଇ କ୍ଷେତ୍ର ବେଲଗାଁ ମୌଜା-ଭିକବାହାଲି | ବ୍ୟକ୍ତିବିଶେଷ | 6.1 | ଆବାସିକ | ଉପଲବ୍ଧ ନଥିଲା | 1.04 |
| 40 | ସଇଁତଳା | ଆର୍‌ଆଇ କ୍ଷେତ୍ର ଘୁନ୍‌ସର ମୌଜା-ଡୁମେରମୁଣ୍ଡା | ବ୍ୟକ୍ତିବିଶେଷ | 6.6 | ଚାଷ | ଉପଲବ୍ଧ ନଥିଲା | 1.25 |
| 41 | ସୁନ୍ଦରଗଡ଼ | କୁନ୍ଦୁକେଲା | ଭେସଜ ରମ୍ଭାବତୀ ମହାବିଦ୍ୟାଳୟ କେନ୍ଦୁକେଲା | 9.08 | ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ) | 16 | 19.97 |
| 42 | ଟାଙ୍ଗି-ଚୌଦ୍ୱାର | ନରସିଂହପୁର | ମହନ୍ତ ଜଲୌକ ଆଶ୍ରମ | 5.140 | ଧାର୍ମିକ ଅନୁଷ୍ଠାନ | 25 | 10.28 |
| 43 | ଟାଙ୍ଗି-ଚୌଦ୍ୱାର | ଆଗ୍ରାହାଟ | ଆଗ୍ରାହାଟ ସ୍ପୋର୍ଟ୍‌ସ କ୍ଲବ୍ ଆଗ୍ରାହାଟ | 5.300 | କ୍ଲବ୍ | 10 | 106.00 |
| 44 | ଟାଙ୍ଗି-ଚୌଦ୍ୱାର | ଟାଙ୍ଗି ଚୌଦ୍ୱାର | ବ୍ୟକ୍ତିବିଶେଷ | 6 | ଚାଷ | 26 | 780.00 |
| 45 | ଟାଙ୍ଗି-ଚୌଦ୍ୱାର | ଟାଙ୍ଗି ଚୌଦ୍ୱାର | ବ୍ୟକ୍ତିବିଶେଷ | 6.86 | ପାଚେରୀ | 31 | 891.80 |
| 46 | ଟାଙ୍ଗି-ଚୌଦ୍ୱାର | ଟାଙ୍ଗି ଚୌଦ୍ୱାର | ବ୍ୟକ୍ତିବିଶେଷ | 11.2 | ଅନ୍ୟାନ୍ୟ | 31 | 1456.00 |

***(ଉତ୍ସ: ନମୁନା ଯାଞ୍ଚ ତହସିଲର ନଥିପତ୍ର ଏବଂ ମିଳିତ ସରଜମିନ୍ ତଦନ୍ତର ଫଳାଫଳ)***

## ପରିଶିଷ୍ଟ 3.6.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.6.2.5)*

### ଅବ୍ୟବହୃତ ଆବଣ୍ଟିତ ଜମିର ବିଶଦ୍ ବିବରଣ

| କ୍ରମିକ ସଂଖ୍ୟା | ଲିଜ୍ ମାମଲା ସଂଖ୍ୟା / ବର୍ଷ | ପଟ୍ଟାଧାରୀଙ୍କ ନାମ / ତହସିଲର ନାମ | ମଞ୍ଜୁରୀ ଆଦେଶର ସଂଖ୍ୟା ଏବଂ ତାରିଖ | ଜମି ହସ୍ତାନ୍ତର ତାରିଖ | ମଞ୍ଜୁରୀ ଆଦେଶ/ ଲିଜ୍ ଦଲିଲ୍ ଅନୁସାରେ ଉପଯୋଗ ପାଇଁ ନିର୍ଦ୍ଧାରତ ସମୟ | ଆର୍‌ଆଇ କ୍ଷେତ୍ର/ ଗ୍ରାମର ନାମ | ଖାତା / ପ୍ଲଟ୍ ସଂଖ୍ୟା/ କିସମ | ମଞ୍ଜୁର ହୋଇଥିବା କ୍ଷେତ୍ର (ଏକରରେ) | ଲିଜ୍ ମଞ୍ଜୁର ହେବାର ଉଦ୍ଦେଶ୍ୟ |
|---|---|---|---|---|---|---|---|---|---|
| 1 | 5/83 448/83 | ଶିବ ମେକାନିକାଲ ବ୍ରିକ୍ସ ପ୍ରାଇଭେଟ ଲିମିଟେଡ୍/ ଭୁବନେଶ୍ୱର । | 5848/ 28 ଜୁଲାଇ 1986 | 26 ନଭେମ୍ବର 1987 | 3 ବର୍ଷ | ପାଇକରାପୁର / ବିଦ୍ୟାଧରପୁର | 32/18/ ଜଙ୍ଗଲ | 5.000 | ଇଟା ପ୍ରସ୍ତୁତି |
| 2 | 1/95 | ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିଃ/ ଭୁବନେଶ୍ୱର | 2415/ 28 ସେପ୍ଟେମ୍ବର 2001 | 02 ନଭେମ୍ବର 2001 | ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବ ନାହିଁ । | ଦର୍ପଣ ତହସିଲ୍ ଆରଆଇ ଛତିଆ, ଗ୍ରାମ-ଛତିଆ | 402/1470/1 101 ପତିତ | 0.600 | ପେଟ୍ରୋଲ ପମ୍ପ |
| 3 | 49/09 | ଅର୍‌ବିଟ୍ ମୋଟରସ୍ / ଝାରସୁଗୁଡା | 416/ 24 ମାର୍ଚ୍ଚ 2008 | 08 ଜୁନ 2011 | 3 ବର୍ଷ | ଝାରସୁଗୁଡା-ଟି.ୟୁ ସଂଖ୍ୟା -7 | 503/1029/ 7011 (ପି) | 4.000 | ଭିତ୍ତିଭୂମି ବିକାଶ |
| 4 | 1985 | ଇଡ୍‌କୋ / ପାଟଣାଗଡ | 1155/ 21 ମଇ 1985 | 23 ମଇ 1985 | ଉପଲବ୍ଧ ନଥିଲା | ପାଟଣାଗଡ | 606/4277 607608/42 78798563/ 378760660 860961161 8/A610 | 10.291 | ଶିଳ୍ପ ଉଦ୍ଦେଶ୍ୟରେ |
| 5 | 05/06 | ଇଡ୍‌କୋ /ପୁରୀ | 908/ 20 ମାର୍ଚ୍ଚ 2007 | 22 ଫେବୃଆରୀ 2008 | ଉପଲବ୍ଧ ନଥିଲା | ବାଲୁଖଣ୍ଡ -151 | 533/1439 (ପି)1560 (ପି) | 36.820 | ଶିଳ୍ପ ବିକାଶ |

| | | | | | | | | | |
|---|---|---|---|---|---|---|---|---|---|
| 6 | 02/08 | ଏମ୍/ ଏସ୍ ଆଧୁନିକ ମେଟାଲିକ୍ସ ଲିମିଟେଡ୍/ ରାଉରକେଲା | 670/ 09 ମାର୍ଚ୍ଚ 2010 | 06 ମଇ 2010 | 3 ବର୍ଷ | ଆର୍‌ଟିୟୁ -42 | 111/32(ପି) (ପି) 33(ପି) 34(ପି) 70(ପି) 76(ପି)77(ପି) 71/336(ପି) | 1.000 | ଆର୍‌ଏଣ୍ଡ୍ ଡି କେନ୍ଦ୍ର ଓ ହଷ୍ଟେଲ |
| 7 | 67/05 | ପ୍ଳୁଟୋ ପ୍ଲାଜା ପ୍ରାଇଭେଟ୍ ଲିମିଟେଡ୍/ ରାଉରକେଲା | 476/ 03 ଜୁନ୍ 2009 | 24 ଡିସେମ୍ବର 2009 | 3 ବର୍ଷ | ଆର୍‌ଟିୟୁ -4 ଛେଣ୍ଡ | 3/9510510 610794 ପି 96 ପି | 3.880 | ମଲ୍‌ଟିପ୍ଲେକ୍ସ ଏବଂ କମ୍ପ୍ଲେକ୍ସ ନିର୍ମାଣ |
| 8 | 02/07 | ଇଡ୍‌କୋ /ସମ୍ବଲପୁର | 268/ 29 ମାର୍ଚ୍ଚ 2007 | 25 ନଭେମ୍ବର 2008 | ଉପଲବ୍ଧ ନଥିଲା | ବସନ୍ତପୁର | 68/402 391/598 403/651/ ପତିତ | 100.000 | ଶିକ୍ଷା |
| 9 | 24.02.11 | ଇଡ୍‌କୋ/ ବ୍ୟାସନଗର | 31 ଜୁଲାଇ 2009 | 24 ଫେବୃଆରୀ 2011 | ଉପଲବ୍ଧ ନଥିଲା | ମଣ୍ଡପଡା | 106/178/ ଏଜେଏ | 14.200 | ଉପଲବ୍ଧ ନଥିଲା |
| 10 | 14.08.2009 | ଭିଆଇଟିଟିଏସ୍‌ଇ ମୋଟର୍‌ସ /ରାଜଗାଙ୍ଗପୁର | 1884/ 12 ଅଗଷ୍ଟ 2009 | 09 ଅକ୍ଟୋବର 2009 | 3 ବର୍ଷ | କାଂଶ ବାହାଲ | 128/10991 1001098/1 4251212 ପି ଗୋଡା-1 ଓ ପତିତ | 3.390 | ଅଟୋ ମୋବାଇଲ୍ ବଡି ବିଲଡିଙ୍ଗ ମରାମତି ଏବଂ ସେବା |
| 11 | 19.1.12 | ଇଣ୍ଡିଆନ ଅଏଲ୍ କର୍ପୋରେସନ୍ / ରାଜଗାଙ୍ଗପୁର | 3374/ 19 ନଭେମ୍ବର 2011 | 19 ଜାନୁଆରୀ 2012 | 3 ବର୍ଷ | ଗୁମାବାହାଲ | 119/429/ ଗୋଡା-II | 0.610 | ମୋଟର ଚାଳିତ ଭଲ୍‌ଭ ଷ୍ଟେସନ୍ |
| 12 | 19.1.12 | ଇଣ୍ଡିଆନ ଅଏଲ୍ କର୍ପୋରେସନ୍ / ରାଜଗାଙ୍ଗପୁର | 2822/ 17 ସେପ୍ଟେମ୍ବର 2011 | 19 ଜାନୁଆରୀ 2012 | 3 ବର୍ଷ | ଲାଇଙ୍ଗ | 361/ 1179 3145 ପତିତ | 0.310 | ମୋଟର ଚାଳିତ ଭଲ୍‌ଭ ଷ୍ଟେସନ୍ |
| ମୋଟ | | | | | | | | **180.101** | |

*(ଉତ୍ସ: ନମୁନା ଯାଞ୍ଚ କରାଯାଇଥିବା ସଂପୃକ୍ତ ତହସିଲ/ ଉପ- ରେଜିଷ୍ଟ୍ରର କାର୍ଯ୍ୟାଳୟର ନଥି ଏବଂ ମିଳିତ ସରଜମିନ୍ ତଦନ୍ତର ଫଳାଫଳ)*

## ପରିଶିଷ୍ଟ 3.6.3

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.6.3.7)*

### ନମୁନା ଯାଞ୍ଚ ତହସିଲରେ ବିଚାରାଧିନ ଥିବା କିସମ ପରିବର୍ତ୍ତନ ମାମଲାର ବିଶଦ ବିବରଣ

| କ୍ର.ସଂ. | ତହସିଲର ନାମ | ଯାଞ୍ଚ କରାଯାଇଥିବା ମାମଲା ସଂଖ୍ୟା | ବିଚାରାଧିନର ଅବଧି | | ଅର୍ଥ ଦଣ୍ଡ ବିଧାନ ଯୋଗ୍ୟ (ଟଙ୍କାରେ) |
|---|---|---|---|---|---|
| | | | ସର୍ବନିମ୍ନ ( ଦିନରେ) | ସର୍ବାଧିକ ( ଦିନରେ) | |
| 1. | ବାଲିଅନ୍ତା | 11 | 821 | 1068 | 55000 |
| 2. | ବଅଁରପାଳ | 10 | 510 | 867 | 50000 |
| 3. | ବାରଙ୍ଗ | 10 | 180 | 480 | 50000 |
| 4. | ଭୁବନେଶ୍ୱର | 14 | 365 | 730 | 70000 |
| 5. | ବଲାଙ୍ଗିର | 11 | 132 | 964 | 55000 |
| 6. | ବ୍ରହ୍ମଗିରି | 7 | 98 | 1075 | 35000 |
| 7. | ଢେଙ୍କାନାଳ | 7 | 86 | 336 | 35000 |
| 8. | ଗୋପ | 7 | 75 | 327 | 32500 |
| 9. | ହିନ୍ଦୋଳ | 8 | 86 | 448 | 40000 |
| 10. | ଜଟଣୀ | 14 | 84 | 587 | 70000 |
| 11. | ଝାରସୁଗୁଡ଼ା | 5 | 68 | 1004 | 22000 |
| 12. | କାମାକ୍ଷାନଗର | 10 | 88 | 438 | 50000 |
| 13. | ଖୋର୍ଦ୍ଧା | 11 | 973 | 1165 | 55000 |
| 14. | ନିମାପଡ଼ା | 10 | 231 | 595 | 50000 |
| 15. | ଓଡ଼ପଡ଼ା | 10 | 522 | 1046 | 50000 |
| 16. | ପାନପୋଷ | 10 | 102 | 3229 | 50000 |
| 17. | ପାଟଣାଗଡ଼ | 11 | 196 | 865 | 55000 |
| 18. | ପୁରୀ | 9 | 270 | 856 | 45000 |
| 19. | ରାଜଗାଙ୍ଗପୁର | 10 | 483 | 964 | 50000 |
| 20. | ରେଢ଼ାଖୋଲ | 9 | 98 | 993 | 45000 |
| 21. | ରେଙ୍ଗାଲି | 2 | 1465 | 1474 | 10000 |
| 22. | ରାଉରକେଲା | 10 | 139 | 871 | 50000 |
| 23. | ସମ୍ବଲପୁର | 20 | 230 | 1083 | 100000 |
| 24. | ବ୍ୟାସନଗର | 10 | 86 | 1066 | 50000 |
| | ମୋଟ | **236** | | | **1174500** |

*(ଉତ୍ସ: ତହସିଲଦାରଙ୍କ ନଥିରୁ ସଂକଳିତ)*

## ପରିଶିଷ୍ଟ 3.6.4

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.6.4.3)*

### ତହସିଲଦାରମାନଙ୍କ ଦ୍ୱାରା ସ୍ୱଇଚ୍ଛାରେ ଦାଖଲ ଖାରଜ ଆରମ୍ଭ ନହେବାର ବିବରଣ

| କ୍ର.ସଂ. | ଯାଞ୍ଚ ତହସିଲର ନାମ | ସବ୍-ରେଜିଷ୍ଟ୍ରାରରୁ ତହସିଲଦାରଙ୍କୁ ପଠାଯାଇଥିବା ଫର୍ମ- 3 ସଂଖ୍ୟା | | | ତହସିଲଦାରଙ୍କ ଦ୍ୱାରା ସ୍ୱଇଚ୍ଛାରେ ଆରମ୍ଭ କରାଯାଇଥିବା ଦାଖଲ ଖାରଜ ସଂଖ୍ୟା |
|---|---|---|---|---|---|
| | | ଅନ୍‌ଲାଇନ୍ | ଅଫ୍‌ଲାଇନ୍ | ମୋଟ | |
| 1. | ଅନୁଗୁଳ | 1468 | 10610 | 12078 | 0 |
| 2. | ଆଠଗଡ଼ | 2694 | 6562 | 6562 | 80 |
| 3. | ବଲାଙ୍ଗିର | 1060 | 6412 | 7472 | 6412 |
| 4. | ବାଲିଅନ୍ତା | 2027 | 0 | 2027 | 0 |
| 5. | ବଅଁରପାଳ | 1792 | 0 | 1792 | 1792 |
| 6. | ବାରଙ୍ଗ | 1279 | 1019 | 2298 | 0 |
| 7. | ଭୁବନେଶ୍ୱର | 21289 | 0 | 21289 | 0 |
| 8. | ବ୍ରହ୍ମଗିରି | 625 | 3806 | 4431 | 0 |
| 9. | କଟକ | 8898 | 1893 | 10791 | 0 |
| 10. | ଦାନଗଦି | 190 | 137 | 327 | 0 |
| 11. | ଦର୍ପଣ | 157 | 1759 | 1916 | 130 |
| 12. | ଧର୍ମଶାଳା | 366 | 4254 | 4620 | 0 |
| 13. | ଢେଙ୍କାନାଳ | 5803 | 18332 | 24135 | 0 |
| 14. | ଗୋପ | 0 | 58 | 58 | 58 |
| 15. | ହିନ୍ଦୋଳ | 3002 | 6690 | 9692 | 0 |
| 16. | ଯାଜପୁର | 2220 | 5222 | 5222 | 0 |
| 17. | ଜଟଣୀ | 6039 | 8349 | 14388 | 0 |
| 18. | କାମାକ୍ଷାନଗର | 2265 | 5259 | 5259 | 4373 |
| 19. | ଖୋର୍ଦ୍ଧା | 3606 | 8933 | 12539 | 0 |
| 20. | ଲାଇକେରା | 624 | 0 | 624 | 0 |
| 21. | ନିମାପଡ଼ା | 839 | 6003 | 6842 | 383 |
| 22. | ଓଡ଼ପଡ଼ା | 1495 | 8205 | 9700 | 0 |
| 23. | ପାଲଲହଡ଼ା | 0 | 1498 | 1498 | 1285 |
| 24. | ପାଟଣାଗଡ଼ | 1540 | 2130 | 3670 | 703 |
| 25. | ପିପିଲି | 9161 | 0 | 9161 | 0 |
| 26. | ପୁରୀ | 5179 | 18439 | 18482 | 0 |
| 27. | ରାଜଗାଙ୍ଗପୁର | 456 | 1732 | 1732 | 0 |
| 28. | ରେଢାଖୋଲ | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | 462 | 0 |
| 29. | ରେଙ୍ଗାଲି | 0 | 507 | 507 | 0 |
| 30. | ରାଉରକେଲା | 1075 | 16 | 1091 | 0 |
| 31. | ସମ୍ବଲପୁର | 5786 | 11236 | 11236 | 0 |
| 32. | ଟାଙ୍ଗି-ଚୌଦ୍ୱାର | ଉପଲବ୍ଧ ନଥିଲା | ଉପଲବ୍ଧ ନଥିଲା | 21547 | 0 |
| 33. | ବ୍ୟାସନଗର | 5034 | 10056 | 15090 | 0 |
| ମୋଟ | | **95969** | | **248538** | **15216** |

*(ଉତ୍ସ: ତହସିଲଦାର ଏବଂ ସବ୍-ରେଜିଷ୍ଟ୍ରାରଙ୍କ ନଥିପତ୍ର)*

# ପରିଶିଷ୍ଟ 3.8.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.8.4)*

## ଅପ୍ରାଧିକୃତ ଉଦ୍ଦେଶ୍ୟରେ ବ୍ୟବହାରିକ ଫିସ୍ ବିନିଯୋଗର ବିବରଣ

| ଚିକିତ୍ସାଳୟର ନାମ | ବ୍ୟୟର ପ୍ରକାର | ଅବଧି | ପରିମାଣ (ଟଙ୍କାରେ) |
|---|---|---|---|
| କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର | ନିୟମିତ ପାରିଶ୍ରମିକ | 2011-12 ରୁ 2013-14 | 1495431 |
| | ଛପା ଖର୍ଚ୍ଚ | 2011-12 ରୁ 2013-14 | 1048030 |
| | ବିଜ୍ଞାପନ | 2011-12 ରୁ 2013-14 | 169483 |
| | ଜେରକ୍ସ ମେସିନ୍ ପାଇଁ ଟୋନର | 2011-12 ରୁ 2013-14 | 35239 |
| | ଚିକିତ୍ସାଳୟରେ ୱେବସାଇଟ୍ ଆରମ୍ଭ | 2011-12 ରୁ 2013-14 | 27640 |
| | ଆସବାବ ପତ୍ର | 2011-12 ରୁ 2013-14 | 326622 |
| | ଦୂରଭାଷ | 2011-12 ରୁ 2013-14 | 3392 |
| | **ଉପ ମୋଟ** | | **3105837** |
| ଜିଲ୍ଲା ସଦରମହକୁମା ଚିକିତ୍ସାଳୟ, ଖୋର୍ଦ୍ଧା | ଛପାଖର୍ଚ୍ଚ | 2011-12 ରୁ 2013-14 | 265055 |
| | ବ୍ରଡବ୍ୟାଣ୍ଡ ସଂଯୋଗୀଗରଣ | 2011-12 ରୁ 2013-14 | 13035 |
| | ପ୍ରବେଶ ଫାଟକ ନିର୍ମାଣ | 2011-12 ରୁ 2013-14 | 37980 |
| | କ୍ୟାଟ୍ରିଜ୍ ରିଫିଲିଙ୍ଗ୍ | 2011-12 ରୁ 2013-14 | 12950 |
| | ଆସବାବପତ୍ର | 2011-12 ରୁ 2013-14 | 165706 |
| | **ଉପ ମୋଟ** | | **494726** |
| ରାଉରକେଲା ସରକାରୀ ଚିକିତ୍ସାଳୟ, ରାଉରକେଲା | ଆରଏସ୍‌ବିୱାଇ ରୋଗୀମାନଙ୍କୁ ଦିଆଯାଇଥିବା ଯାତାୟତ ଖର୍ଚ୍ଚ | 2011-12 ରୁ 2013-14 | 202000 |
| | ଡିଜେଲ ବାବଦରେ ଦେୟ | 2011-12 ରୁ 2013-14 | 7635 |
| | ଯାତାୟତ ଭତ୍ତା | 2011-12 ରୁ 2013-14 | 1800 |
| | **ଉପ ମୋଟ** | | **211435** |
| ଜିଲ୍ଲା ସଦରମହକୁମା ଚିକିତ୍ସାଳୟ, ବରଗଡ଼ | ଛପାକାର୍ଯ୍ୟ | 2011-12 ରୁ 2013-14 | 411483 |
| | ଦୂରଭାଷ ଏବଂ ଇଣ୍ଟରନେଟ୍ | 2011-12 ରୁ 2013-14 | 29003 |
| | ଆସବାବ ପତ୍ର | 2011-12 ରୁ 2013-14 | 46645 |
| | ଚିତ୍ର ଏବଂ ବିଜ୍ଞାପନ | 2011-12 ରୁ 2013-14 | 19299 |
| | **ଉପ ମୋଟ** | | **506430** |
| ଜିଲ୍ଲା ସଦରମହକୁମା ଚିକିତ୍ସାଳୟ, ବଲାଙ୍ଗିର | ଛପାଖର୍ଚ୍ଚ | 2011-12 ରୁ 2013-14 | 491505 |
| | ଚିତ୍ର ଏବଂ ସିଗନେଜ୍ | 2011-12 ରୁ 2013-14 | 19364 |
| | ସିଡିଏମ୍‌ଓଙ୍କର ସରକାରୀ ଘର ଏବଂ ପାର୍ଟିସନ କାନ୍ଥର ମରାମତି | 2011-12 ରୁ 2013-14 | 27256 |
| | ଆସବାବପତ୍ର | 2011-12 ରୁ 2013-14 | 12110 |
| | **ଉପ ମୋଟ** | | **550235** |
| ଜିଲ୍ଲା ସଦରମହକୁମା ଚିକିତ୍ସାଳୟ, ଯାଜପୁର | ଛପାଖର୍ଚ୍ଚ | 2011-12 ରୁ 2013-14 | 558215 |
| | ଚିକିତ୍ସାଳୟର ସୌନ୍ଦର୍ଯ୍ୟକରଣ | 2011-12 ରୁ 2013-14 | 2532 |
| | ସିଗନେଜ୍ | 2011-12 ରୁ 2013-14 | 1200 |
| | କାର୍ଯ୍ୟାଳୟର ଆକସ୍ମିକ ବ୍ୟୟ | 2011-12 ରୁ 2013-14 | 18912 |
| | ବିଜ୍ଞାପନ | 2011-12 ରୁ 2013-14 | 27625 |
| | **ଉପ ମୋଟ** | | **608484** |

| | | | |
|---|---|---|---|
| ଜିଲ୍ଲା ସଦରମହକୁମା ଚିକିତ୍ସାଳୟ, କୋରାପୁଟ | ଛାପାଖର୍ଚ୍ଚ | 2011-12 ରୁ 2013-14 | 566902 |
| | ଟେଲିମେଡିସିନ୍ ଟେକନିସିଆନଙ୍କର ପାରିଶ୍ରମିକ | 2011-12 ରୁ 2013-14 | 165000 |
| | ଚିକିତ୍ସାଳୟର ଦୂରଭାଷ ବିଲ୍ | 2011-12 ରୁ 2013-14 | 81290 |
| | ସମୀକ୍ଷା ଖର୍ଚ୍ଚ | 2011-12 ରୁ 2013-14 | 92054 |
| | ଡାକ ଟିକଟ୍ | 2011-12 ରୁ 2013-14 | 3000 |
| | ସେମିନାର ହଲ୍‌ରେ ଥିବା ଏଲ୍‌ସିଡି ଟିଭି | 2011-12 ରୁ 2013-14 | 51300 |
| | **ଉପ ମୋଟ** | | **959546** |
| ଏସ୍‌ସିବି ଏମ୍‌ସିଏଚ୍, କଟକ | ଭଡ଼ା ଗାଡ଼ିର ଦେୟ | 2012-13 | 58979 |
| | ଭଡ଼ା ଗାଡ଼ିର ଦେୟ | 2013-14 | 248017 |
| | **ଉପ ମୋଟ** | | **306996** |
| ଭିଏସ୍‌ଏସ୍ ଏମ୍‌ସିଏଚ୍, ବୁର୍ଲା | ଏମ୍‌ସିଆଇର ପରିଦର୍ଶନ ଖର୍ଚ୍ଚ | 2011-12 | 2400000 |
| | ଭଡ଼ା ଖର୍ଚ୍ଚ | 2011-12 | 8000 |
| | ଭଡ଼ା ଖର୍ଚ୍ଚ | 2012-13 | 34500 |
| | ଭଡ଼ା ଖର୍ଚ୍ଚ | 2013-14 | 42881 |
| | ନିୟୋଜିତ ହୋଇଥିବା ବାହ୍ୟ ସଂସ୍ଥାର ଶ୍ରମିକମାନଙ୍କର ଲାଇସେନ୍ସ ଫି | 2012-13 | 10000 |
| | **ଉପ ମୋଟ** | | **2495381** |
| | **ସର୍ବମୋଟ** | | **9239070** |

*(ଉତ୍ସ: ସମୀକ୍ଷା କରାଯାଇଥିବା କାର୍ଯ୍ୟାଳୟର ନଥିରୁ ସମୀକ୍ଷା ଦ୍ୱାରା ସଂକଳିତ)*

## ପରିଶିଷ୍ଟ 3.12.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.12)*

### ମାର୍ଚ୍ଚ 2014 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ ଜୁନ୍ 2014 ସୁଦ୍ଧା ମୀମାଂସା ହୋଇନଥିବା ପ୍ରତିବେଦନ/ ଅନୁଚ୍ଛେଦ ଗୁଡ଼ିକର ବର୍ଷଓ୍ୱାରୀ ବିବରଣ

| ବର୍ଷ | ନିରୀକ୍ଷଣ ରିପୋର୍ଟ | ଅନୁଚ୍ଛେଦ |
|---|---|---|
| | ସଂଖ୍ୟା | ସଂଖ୍ୟା |
| 1980-81 | 5 | 25 |
| 1981-82 | 3 | 11 |
| 1982-83 | 5 | 8 |
| 1983-84 | 7 | 19 |
| 1984-85 | 11 | 37 |
| 1985-86 | 10 | 28 |
| 1986-87 | 27 | 81 |
| 1987-88 | 32 | 78 |
| 1988-89 | 48 | 80 |
| 1989-90 | 42 | 102 |
| 1990-91 | 61 | 149 |
| 1991-92 | 115 | 290 |
| 1992-93 | 107 | 270 |
| 1993-94 | 122 | 358 |
| 1994-95 | 191 | 535 |
| 1995-96 | 217 | 628 |
| 1996-97 | 225 | 701 |
| 1997-98 | 253 | 819 |
| 1998-99 | 323 | 880 |
| 1999-00 | 324 | 1028 |
| 2000-01 | 325 | 1000 |
| 2001-02 | 354 | 1032 |
| 2002-03 | 372 | 1267 |
| 2003-04 | 506 | 1845 |
| 2004-05 | 486 | 1806 |
| 2005-06 | 467 | 1463 |
| 2006-07 | 660 | 2377 |
| 2007-08 | 935 | 3539 |
| 2008-09 | 1041 | 4861 |
| 2009-10 | 1176 | 5831 |
| 2010-11 | 1326 | 7610 |
| 2011-12 | 457 | 2420 |
| 2012-13 | 106 | 962 |
| 2013-14 | 56 | 596 |
| **ମୋଟ** | **10395** | **42736** |

## ପରିଶିଷ୍ଟ 3.12.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.12)*

**ମାର୍ଚ୍ଚ 2014 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ ଜୁନ୍ 2014 ସୁଦ୍ଧା ମୀମାଂସା ହୋଇ ନଥିବା ନିରୀକ୍ଷଣ ପ୍ରତିବେଦନ / ଅନୁଚ୍ଛେଦ ଗୁଡ଼ିକର ବିବରଣ**

| କ୍ର.ସଂ. | ବିଭାଗର ନାମ | ଜୁନ୍ 2014 ସୁଦ୍ଧା ମୀମାଂସା ହୋଇନଥିବା ରିପୋର୍ଟ | | 10 ବର୍ଷରୁ ଅଧିକ କାଳ ମୀମାଂସା ହୋଇନଥିବା ରିପୋର୍ଟ | | ପ୍ରଥମ ଜବାବ ମିଳିନଥିବା ରିପୋର୍ଟ |
|---|---|---|---|---|---|---|
| | | ରିପୋର୍ଟ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ରିପୋର୍ଟ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ରିପୋର୍ଟ ସଂଖ୍ୟା |
| 1 | ସଂସ୍କୃତି | 28 | 94 | 9 | 24 | 0 |
| 2 | ଅର୍ଥ | 22 | 49 | 4 | 4 | 2 |
| 3 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 152 | 408 | 6 | 6 | 30 |
| 4 | ସାଧାରଣ ପ୍ରଶାସନ | 10 | 28 | 3 | 11 | 0 |
| 5 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 1093 | 3158 | 465 | 1292 | 201 |
| 6 | ଉଚ୍ଚ ଶିକ୍ଷା | 331 | 1557 | 89 | 267 | 89 |
| 7 | ଗୃହ | 114 | 279 | 20 | 38 | 3 |
| 8 | ଗୃହ ଓ ପୌର ଉନ୍ନୟନ | 321 | 3844 | 48 | 677 | 237 |
| 9 | ସୂଚନା ଓ ଲୋକ ସଂପର୍କ | 70 | 211 | 25 | 57 | 14 |
| 10 | ସୂଚନା ପ୍ରଯୁକ୍ତିବିଦ୍ୟା | 10 | 75 | 3 | 15 | 1 |
| 11 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | 31 | 121 | 1 | 1 | 0 |
| 12 | ଆଇନ୍ | 100 | 268 | 30 | 86 | 27 |
| 13 | ପଞ୍ଚାୟତି ରାଜ | 3636 | 18176 | 1193 | 4303 | 70 |
| 14 | ସଂସଦୀୟ ବ୍ୟାପାର | 15 | 40 | 5 | 9 | 1 |
| 15 | ଯୋଜନା ଓ ସମନ୍ୱୟ | 62 | 220 | 9 | 28 | 16 |
| 16 | ସରକାରୀ ଉଦ୍ୟୋଗ | 2 | 6 | 0 | 0 | 0 |
| 17 | ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ | 2 | 3 | 0 | 0 | 2 |
| 18 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 1707 | 4407 | 600 | 1282 | 313 |
| 19 | ଗ୍ରାମ୍ୟ ଉନ୍ନୟନ | 431 | 1570 | 110 | 181 | 53 |
| 20 | ବିଦ୍ୟାଳୟ ଓ ଗଣଶିକ୍ଷା | 1068 | 3305 | 488 | 1272 | 250 |
| 21 | ବିଜ୍ଞାନ ଓ ବୈଷୟିକ | 14 | 80 | 7 | 29 | 1 |
| 22 | ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | 366 | 1738 | 122 | 254 | 48 |
| 23 | କ୍ରୀଡା ଓ ଯୁବ ସେବା | 39 | 128 | 20 | 62 | 36 |
| 24 | ମହିଳା ଓ ଶିଶୁ ବିକାଶ | 771 | 2971 | 428 | 1373 | 261 |
| | **ମୋଟ** | **10395** | **42736** | **3685** | **11271** | **1655** |

## ପରିଶିଷ୍ଟ 3.12.3

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.12)*

### ପରିଲକ୍ଷିତ ହୋଇଥିବା ଏବଂ ନିରୀକ୍ଷଣ ପ୍ରତିବେଦନରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତାର ବିବରଣ

| କ୍ର.ସଂ. | ଅଭିଯୋଗର ନାମ | ଅନୁଚ୍ଛେଦ ସଂଖ୍ୟା | ପରିମାଣ (କୋଟି ଟଙ୍କାରେ) |
|---|---|---|---|
| | **କ. ନିୟମ କାନୁନର ଅନୁପାଳନ ନକରିବା** | | |
| 1. | ନିଷ୍ଫଳ/ ଲାଭହୀନ/ ପରିହାର୍ଯ୍ୟ ବ୍ୟୟ/ ଅତିରିକ୍ତ ଦାୟିତ୍ୱ/ ଅଧିକ ଖର୍ଚ୍ଚ | 520 | 561.50 |
| 2. | ଅଗ୍ରାହ୍ୟ/ ଅନିୟମିତ ଅର୍ଥ ପ୍ରଦାନ | 185 | 188.53 |
| 3. | ଅଗ୍ରୀମ ପ୍ରଦାନ / ଅଗ୍ରୀମର କମ୍ ଅସୁଲ ହେବା | 141 | 1903.11 |
| | **ଉପ-ମୋଟ (କ)** | **846** | **2653.14** |
| | **ଖ. ଔଚିତ୍ୟ/ ଅଯଥା ଖର୍ଚ୍ଚର ସମୀକ୍ଷା** | | |
| 4. | ଫାର୍ମ ଓ ଠିକାଦାରମାନଙ୍କୁ ଅଧିକ ଦେୟ ପ୍ରଦାନ | 44 | 10.07 |
| 5. | କ୍ଷତି/ ଆତ୍ମସାତ୍ ଓ ଭଣ୍ଡାର ଦ୍ରବ୍ୟର କମ୍ତି | 253 | 261.39 |
| 6. | ଅନଧିକୃତ ବ୍ୟୟ | 51 | 103.26 |
| 7. | ଠିକାଦାର/ ଫାର୍ମ ମାନଙ୍କୁ ଅନୁଚିତ୍ ଆର୍ଥିକ ସହାୟତା | 54 | 86.34 |
| | **ଉପ-ମୋଟ (ଖ)** | **402** | **461.06** |
| | **ଗ. ନିରନ୍ତର ଏବଂ ବ୍ୟାପକ ଅନିୟମିତତା** | | |
| 8. | ଅକାମୀ ଭଣ୍ଡାର/ ବଳକା / କାର୍ଯ୍ୟକ୍ଷମ ହୋଇପାରୁ ନଥିବା ଭଣ୍ଡାର/ ସରକାରୀ ପାଣ୍ଠି ଅବରୋଧ | 188 | 219.02 |
| 9. | ବିନିଯୋଗ ପ୍ରମାଣପତ୍ର ଉପସ୍ଥାପନ ନ ହେବା | 16 | 280.11 |
| 10. | ସିଭିଲ ଡିପୋଜିଟରେ ଅର୍ଥ ରଖିବା | 9 | 4.03 |
| 11. | ବିତରଣ ହୋଇପାରିନଥିବା ପାଣ୍ଠିକୁ ପାଖରେ ରଖିବା | 154 | 78.44 |
| 12. | ଗୋଦାମ ଭଡା / ଜରିମାନା | 23 | 16.08 |
| 13. | ମିଶ୍ରିତ/ ସନ୍ଦେହଜନକ ଖର୍ଚ୍ଚ /ଭାଉଚର ପ୍ରଦାନ ନ କରିବା /ଅଧିକ ଅର୍ଥ ଉଠାଣ ଇତ୍ୟାଦି | 36 | 320.55 |
| 14. | ଟିକଟ ଲଗା ଭାଉଚର/ ସ୍ୱୀକୃତି ପତ୍ର ନଥିବା | 3 | 0.12 |
| 15. | ଋଣ/ ଅଗ୍ରୀମ ଆଦାୟ ନହେବା | 22 | 47.04 |
| 16. | ସରକାରୀ ଦେୟ କମ୍ ଆଦାୟ /ଆଦୌ ଆଦାୟ ନହେବା | 404 | 693.50 |
| | **ଉପ-ମୋଟ (ଗ)** | **855** | **1658.89** |
| | **ଘ. ଅନବଧାନତା ଓ ଶାସନରେ ଅସଫଳତା** | | |
| 17. | ଅନିୟମିତ କ୍ରୟ/ ଷ୍ଟକ୍ ଖାତାକୁ ନନେବା / ଦ୍ରବ୍ୟର ମୂଲ୍ୟକୁ ବ୍ୟବସ୍ଥିତ ନ କରିବା | 22 | 0.88 |
| 18. | ଫାର୍ମ / ଠିକାଦାର ଏବଂ ଅନ୍ୟମାନଙ୍କ ଠାରୁ ଦେୟ ଅସୁଲ ନ କରିବା | 54 | 360.33 |
| 19. | ବିଭାଗୀୟ ଯନ୍ତ୍ରପାତିର ପୂର୍ଣ୍ଣ ଉପଯୋଗ ନ କରିବା | 106 | 11.23 |
| | **ଉପ-ମୋଟ (ଘ)** | **182** | **372.44** |
| | **ସର୍ବମୋଟ (କ+ ଖ + ଗ+ ଘ)** | **2285** | **5145.53** |

## ପରିଶିଷ୍ଟ 3.12.4

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.12.1)***

**30 ସେପ୍ଟେମ୍ବର 2014 ସୁଦ୍ଧା ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିବା ସଂପାଦନ ସମୀକ୍ଷା/ ପୁନଃରୀକ୍ଷଣ ଗୁଡିକ ସହିତ ଅନୁଚ୍ଛେଦଗୁଡିକର ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଦାନ କରି ନଥିବା ବିଭାଗୱାରୀ ବିବରଣ**

| କ୍ର.ସଂ. | ବିଭାଗ | 2000-01 | 2001-02 | 2003-04 | 2004-05 | 2006-07 | 2007-08 | 2008-09 | 2009-10 | 2010-11 | 2011-12 | ମୋଟ (ସଂଖ୍ୟାରେ) |
|---|---|---|---|---|---|---|---|---|---|---|---|---|
| 1 | ଉଚ୍ଚ ଶିକ୍ଷା | 3.16 | 3.8 | - | - | - | - | - | 3.4.2.1<br>2.4 (ଆର୍) | - | - | 03<br>ଆର୍-01 |
| 2 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | - | - | - | - | - | - | - | - | - | 3.3 | 01 |
| 3 | ଗୃହ ଓ ନଗର ଉନ୍ନୟନ | - | - | - | - | - | 3.3 (ଆର୍) | 3.1.3<br>3.2.2<br>8.8<br>(ଆର୍ଆର୍) | 3.2.2<br>3.2.4 | 3.8 | 2.2 (ଆର୍) | 06<br>ଆର୍-02 |
| 4 | ଯୋଜନା ଓ ସମନ୍ୱୟ | - | - | 3.3 (ଆର୍) | - | କେବିକେ<br>(ଆର୍)<br>(ଏସଏ) | - | - | - | - | 2.2 (ଆର୍)<br>ବୌଦ୍ଧ (ଏସ୍ଏ) | ଆର୍-04 |
| 5 | ଗ୍ରାମ୍ୟ ଉନ୍ନୟନ | - | - | 3.3 (ଆର୍) | - | - | - | - | - | 3.2 | - | 01 |
| 6 | ସଂସ୍କୃତି | - | - | - | - | - | - | | - | 3.13 | - | 01 |
| 7 | ଅର୍ଥ | - | - | - | - | | - | - | - | 8.2 (ଆର୍)<br>(ଆର୍ଆର୍) | | ଆର୍-01 |
| 8 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | - | - | - | 3.1 (ଆର୍) | - | .- | - | - | - | 3.5 | 01<br>ଆର୍-01 |
| 9 | ସାଧାରଣ ପ୍ରଶାସନ | - | - | - | - | - | - | - | - | - | 2.1(ଆର୍) | ଆର୍-01 |
| 10 | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା | - | - | - | - | - | - | - | - | | 4.3.1.1<br>(ଆର୍ଆର୍)<br>4.3.1.2<br>(ଆର୍ଆର୍)<br>4.3.2(ଆର୍ଆର୍) | 03 |

| କ୍ର.ସଂ. | ବିଭାଗ | 2000-01 | 2001-02 | 2003-04 | 2004-05 | 2006-07 | 2007-08 | 2008-09 | 2009-10 | 2010-11 | 2011-12 | ମୋଟ (ସଂଖ୍ୟାରେ) |
|---|---|---|---|---|---|---|---|---|---|---|---|---|
| 11 | ବିଦ୍ୟାଳୟ ଓ ଗଣଶିକ୍ଷା | - | - | 3.3(ଆର୍) | - | - | - | - | - | - | - | 0 |
| **ମୋଟ** | | **01** | **01** | **ଆର୍-01** | **ଆର୍-01** | **ଆର୍-01** | **ଆର୍-01** | **03** | **03 ଆର୍-01** | **03 ଆର୍-01** | **05 ଆର୍-04** | **16 ଆର୍-10** |

ଆର୍ –ସଂପାଦନ ସମୀକ୍ଷା, ଆରଆର-ରାଜସ୍ୱ ପ୍ରାପ୍ତି, ସିଓଏମ୍ଏଲ୍- ବାଣିଜ୍ୟିକ, ଏସଏ-ଷ୍ଟାଣ୍ଡ୍ ଏଲୋନ

ଅନୁଛେଦ 3.3 (ଆର୍)/ 2003-04, ଏସ୍ଏଣ୍ଡଏମ୍ଇ, ଏଚ୍ଏଣ୍ଡଏଫ୍ଡବ୍ଲ୍ୟୁ, ପିଏଣ୍ଡସି ଏବଂ ଆର୍ଡି ବିଭାଗ ସଂପର୍କରେ ଥିଲା ଏବଂ ପିଏଣ୍ଡସି ବିଭାଗ ଅଧିନରେ ଗୋଟିଏ ଅନୁଛେଦ ଭାବରେ ନିଆଯାଇଥିଲା ।

## ପରିଶିଷ୍ଟ 3.12.5

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.12.2)*

### 30 ସେପ୍ଟେମ୍ବର 2014 ରେ ପିଏସି ସୁପାରିଶ (10ମ ବିଧାନସଭା ଠାରୁ 14ତମ ବିଧାନସଭା) ଉପରେ କାର୍ଯ୍ୟାନୁଷ୍ଠାନ ବିବୃତ୍ତି(ଏଟିଏନ୍)ର ବିଭାଗୱାରୀ ସ୍ଥିତିର ବିବରଣ

*(ସୁପାରିଶ ଏବଂ ଏଟିଏନ୍ ସଂଖ୍ୟାରେ)*

| କ୍ର.ସଂ. | ବିଭାଗର ନାମ | 10ମ ବିଧାନ ସଭା (1990-1995) | | 11 ତମ ବିଧାନ ସଭା (1995-2000) | | 12 ତମ ବିଧାନ ସଭା (2000-2004) | | 13 ତମ ବିଧାନ ସଭା (2004-2009) | | 14 ତମ ବିଧାନ ସଭା (2009-2014) | | ମୋଟ | | |
|---|---|---|---|---|---|---|---|---|---|---|---|---|---|---|
| | | ମୋଟ ସୁପାରିଶ | ଏଟିଏନ୍ ଆସି ନଥିବା | ମୋଟ ସୁପାରିଶ | ଏଟିଏନ୍ ଆସି ନଥିବା | ମୋଟ ସୁପାରିଶ | ଏଟିଏନ୍ ଆସି ନଥିବା | ମୋଟ ସୁପାରିଶ | ଏଟିଏନ୍ ଆସି ନଥିବା | ମୋଟ ସୁପାରିଶ | ଏଟିଏନ୍ ଆସି ନଥିବା | ମୋଟ ସୁପାରିଶ | ଏଟିଏନ୍ ଆସି ନଥିବା | ଏଟିଏନ୍ ଆସି ଏବଂ ଆଲୋଚନା ପାଇଁ ଅପେକ୍ଷିତ |
| 1 | ଅର୍ଥ | ନାହିଁ | ନାହିଁ | 4 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 4 | ନାହିଁ | 4 |
| 2 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ନାହିଁ | ନାହିଁ | ନାହିଁ | ନାହିଁ | 23 | ନାହିଁ | 17 | ନାହିଁ | ନାହିଁ | ନାହିଁ | 40 | ନାହିଁ | 40 |
| 3 | ସାଧାରଣ ପ୍ରଶାସନ | 13 | ନାହିଁ | 5 | ନାହିଁ | ନାହିଁ | ନାହିଁ | 7 | ନାହିଁ | ନାହିଁ | ନାହିଁ | 25 | ନାହିଁ | 25 |
| 4 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 23 | ନାହିଁ | 35 | 3 | 11 | ନାହିଁ | 17 | ନାହିଁ | ନାହିଁ | ନାହିଁ | 86 | 3 | 83 |
| 5 | ଉଚ୍ଚ ଶିକ୍ଷା | 20 | 1 | 5 | ନାହିଁ | 11 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 36 | 1 | 35 |
| 6 | ଗୃହ | 8 | ନାହିଁ | 23 | ନାହିଁ | 13 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 44 | ନାହିଁ | 44 |
| 7 | ଗୃହ ନିର୍ମାଣ ଓ ପୌର ଉନ୍ନୟନ | 30 | 1 | 28 | ନାହିଁ | 5 | ନାହିଁ | 18 | ନାହିଁ | ନାହିଁ | ନାହିଁ | 81 | 1 | 80 |
| 8 | ସୂଚନା ଓ ଲୋକ ସଂପର୍କ | 2 | ନାହିଁ | 7 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 9 | ନାହିଁ | 9 |
| 9 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ନାହିଁ | ନାହିଁ | ନାହିଁ | ନାହିଁ | 15 | ନାହିଁ | 1 | ନାହିଁ | ନାହିଁ | ନାହିଁ | 16 | ନାହିଁ | 16 |
| 10 | ଆଇନ୍ | 5 | ନାହିଁ | 6 | 1 | ନାହିଁ | ନାହିଁ | 18 | 5 | ନାହିଁ | ନାହିଁ | 29 | 6 | 23 |
| 11 | ପଞ୍ଚାୟତିରାଜ | 4 | ନାହିଁ | 1 | ନାହିଁ | 2 | ନାହିଁ | 2 | ନାହିଁ | 4 | ନାହିଁ | 13 | ନାହିଁ | 13 |
| 12 | ଯୋଜନା ଓ ସମନ୍ୱୟ | 9 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 9 | ନାହିଁ | 9 |
| 13 | ସରକାରୀ ଉଦ୍ୟୋଗ | ନାହିଁ | ନାହିଁ | ନାହିଁ | ନାହିଁ | 3 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 3 | ନାହିଁ | 3 |
| 14 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 10 | ନାହିଁ | 18 | 1 | ନାହିଁ | ନାହିଁ | 11 | ନାହିଁ | ନାହିଁ | ନାହିଁ | 39 | 1 | 38 |
| 15 | ଗ୍ରାମ୍ୟ ଉନ୍ନୟନ | 51 | 4 | 18 | 4 | ନାହିଁ | ନାହିଁ | 16 | 7 | 4 | 4 | 89 | 19 | 70 |

| କ୍ର.ସଂ. | ବିଭାଗର ନାମ | 10ମ ବିଧାନ ସଭା (1990-1995) ମୋଟ ପ୍ରାପ୍ତି | 10ମ ବିଧାନ ସଭା (1990-1995) ଏପର୍ଯ୍ୟନ୍ତ ବାକି ରହିଥିବା | 11 ତମ ବିଧାନ ସଭା (1995-2000) ମୋଟ ପ୍ରାପ୍ତି | 11 ତମ ବିଧାନ ସଭା (1995-2000) ଏପର୍ଯ୍ୟନ୍ତ ବାକି ରହିଥିବା | 12 ତମ ବିଧାନ ସଭା (2000-2004) ମୋଟ ପ୍ରାପ୍ତି | 12 ତମ ବିଧାନ ସଭା (2000-2004) ଏପର୍ଯ୍ୟନ୍ତ ବାକି ରହିଥିବା | 13 ତମ ବିଧାନ ସଭା (2004-2009) ମୋଟ ପ୍ରାପ୍ତି | 13 ତମ ବିଧାନ ସଭା (2004-2009) ଏପର୍ଯ୍ୟନ୍ତ ବାକି ରହିଥିବା | 14 ତମ ବିଧାନ ସଭା (2009-2014) ମୋଟ ପ୍ରାପ୍ତି | 14 ତମ ବିଧାନ ସଭା (2009-2014) ଏପର୍ଯ୍ୟନ୍ତ ବାକି ରହିଥିବା | ମୋଟ ମୋଟ ପ୍ରାପ୍ତି | ମୋଟ ଏପର୍ଯ୍ୟନ୍ତ ବାକି ରହିଥିବା | ମୋଟ ଏପର୍ଯ୍ୟନ୍ତ ଉତ୍ତର ପ୍ରାପ୍ତ ହୋଇଥିବା |
|---|---|---|---|---|---|---|---|---|---|---|---|---|---|---|
| 16 | ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | ନାହିଁ | ନାହିଁ | 8 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 8 | ନାହିଁ | 8 |
| 17 | ବିଦ୍ୟାଳୟ ଓ ଗଣଶିକ୍ଷା | 25 | ନାହିଁ | 4 | ନାହିଁ | 16 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 45 | ନାହିଁ | 45 |
| 18 | ବିଜ୍ଞାନ ଓ ବୈଷୟିକ | ନାହିଁ | ନାହିଁ | 7 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 7 | ନାହିଁ | 7 |
| 19 | କ୍ରୀଡ଼ା ଓ ସଂସ୍କୃତି | ନାହିଁ | ନାହିଁ | 5 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 5 | ନାହିଁ | 5 |
| 20 | ମହିଳା ଓ ଶିଶୁ ବିକାଶ | 33 | ନାହିଁ | 1 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 2 | 2 | 36 | 2 | 34 |
| ମୋଟ | | **233** | **6** | **175** | **9** | **99** | **0** | **107** | **12** | **10** | **6** | **624** | **33** | **591** |

## ପରିଶିଷ୍ଟ 3.12.6

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.12.3.2)*

### ଟିସି ବୈଠକରେ ମୀମାଂସା ହୋଇଥିବା ଆଇଆର୍/ ଅନୁଚ୍ଛେଦର ବିବରଣ

| କ୍ର.ସଂ. | ବିଭାଗର ନାମ | 2013-14 ବର୍ଷରେ ହୋଇଥିବା ଟିସି ବୈଠକ ସଂଖ୍ୟା | ଟିସି ବୈଠକରେ ମୀମାଂସା ହୋଇଥିବା ଆଇଆର ସଂଖ୍ୟା | ଟିସି ବୈଠକରେ ମୀମାଂସା ହୋଇଥିବା ଅନୁଚ୍ଛେଦ ସଂଖ୍ୟା |
|---|---|---|---|---|
| 1 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 4 | 1 | 19 |
| 2 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 14 | 181 | 691 |
| 3 | ଉଚ୍ଚ ଶିକ୍ଷା | 5 | 8 | 73 |
| 4 | ଗୃହ | 5 | 10 | 35 |
| 5 | ପଞ୍ଚାୟତିରାଜ | 23 | 82 | 968 |
| 6 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 30 | 58 | 182 |
| 7 | ଗ୍ରାମ୍ୟ ଉନ୍ନୟନ | 1 | 0 | 6 |
| 8 | ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | 2 | 2 | 24 |
| 9 | ବିଦ୍ୟାଳୟ ଓ ଗଣଶିକ୍ଷା | 13 | 23 | 121 |
| 10 | ମହିଳା ଓ ଶିଶୁ ବିକାଶ | 12 | 38 | 153 |
| **ମୋଟ** | | **109** | **403** | **2272** |

## ପରିଶିଷ୍ଟ 3.12.7

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.12.3.2)*

### ଟିସି ବୈଠକ ଆୟୋଜନ କରି ନଥିବା ବିଭାଗ ଏବଂ ଅମୀମାଂସୀତ ଆଇଆର୍/ ଅନୁଚ୍ଛେଦର ବିବରଣ

| କ୍ର.ସଂ. | ବିଭାଗର ନାମ | ମୀମାଂସାର ପ୍ରତୀକ୍ଷାରେ ଥିବା ରିପୋର୍ଟ (ଜୁନ 2014 ପର୍ଯ୍ୟନ୍ତ ) | |
|---|---|---|---|
| | | ରିପୋର୍ଟ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା |
| 1 | ସଂସ୍କୃତି | 28 | 94 |
| 2 | ଅର୍ଥ | 22 | 49 |
| 3 | ସାଧାରଣ ପ୍ରଶାସନ | 10 | 28 |
| 4 | ଗୃହ ନିର୍ମାଣ ଓ ପୌର ଉନ୍ନୟନ | 321 | 3844 |
| 5 | ସୂଚନା ଓ ଲୋକ ସଂପର୍କ | 70 | 211 |
| 6 | ସୂଚନା ପ୍ରଯୁକ୍ତିବିଦ୍ୟା | 10 | 75 |
| 7 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | 31 | 121 |
| 8 | ଆଇନ | 100 | 268 |
| 9 | ସଂସଦୀୟ ବ୍ୟାପାର | 15 | 40 |
| 10 | ଯୋଜନା ଓ ସମନ୍ୱୟ ବିଭାଗ | 62 | 220 |
| 11 | ସରକାରୀ ଉଦ୍ୟୋଗ | 2 | 6 |
| 12 | ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ | 2 | 3 |
| 13 | ବିଜ୍ଞାନ ଓ ବୈଷୟିକ | | 80 |
| 14 | କ୍ରୀଡା ଓ ଯୁବସେବା | 39 | 128 |
| **ମୋଟ** | | **726** | **5167** |

# ଶବ୍ଦକୋଷ

# ସଂକ୍ଷିପ୍ତ ଶବ୍ଦକୋଷ

| | |
|---|---|
| ଏସିପି | ଆସିଷ୍ଟାଣ୍ଟ୍ କମିଶନର ଅଫ୍ ପୋଲିସ |
| ଏଆଇଡିଏସ୍ | ଆକ୍ୟୁଆର୍ଡ ଇମ୍ୟୁନୋ-ଡେଫିସିଏନ୍ସି ସିଣ୍ଡ୍ରୋମ୍ |
| ଏଆଇପି | ଆନୁଆଲ୍ ଇମ୍ପ୍ଲିମେଣ୍ଟେସନ୍ ପ୍ଲାନ୍ |
| ଏଆଇପିଏଲ୍ | ଆଗମାଟେଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ |
| ଏଏଲ୍ଏସ୍ | ଆଡ୍‌ଭାନ୍ସ ଲାଇଫ୍ ସପୋର୍ଟ |
| ଏପିଏଲ୍ | ଏଭବ୍ ପୋଭର୍ଟି ଲାଇନ୍ |
| ଏଏସ୍ଇଆର୍ | ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେସନ୍ ରିପୋର୍ଟ |
| ଏଏସ୍ଆଇ | ଆସିଷ୍ଟାଣ୍ଟ୍ ସବ୍- ଇନ୍‌ସ୍ପେକ୍ଟର |
| ଏଟିଏମ୍ଏ | ଏଗ୍ରିକଲ୍‌ଚର ଟେକ୍‌ନୋଲୋଜି ମ୍ୟାନେଜ୍‌ମେଣ୍ଟ୍ ଏଜେନ୍ସି |
| ଏଟିଏନ୍ | ଆକ୍‌ସନ୍ ଟେକେନ୍ ନୋଟ୍ |
| ଏଡବ୍ଲ୍ୟୁସି | ଅଙ୍ଗନବାଡି ସେଣ୍ଟର |
| ବିଏପି | ବ୍ଲକ୍ ଆକ୍‌ସନ୍ ପ୍ଲାନ୍ |
| ବିଡିଓ | ବ୍ଲକ୍ ଡେଭ୍‌ଲପ୍‌ମେଣ୍ଟ୍ ଅଫିସର |
| ବିଡିପିଏ | ଭୁବନେଶ୍ୱର ଡେଭ୍‌ଲପ୍‌ମେଣ୍ଟ୍ ପ୍ଲାନ୍ ଏରିଆ |
| ବିଇଓ | ବ୍ଲକ୍ ଏଜୁକେସନ୍ ଅଫିସର |
| ବିଏଫଏସି | ବ୍ଲକ୍ ଫାର୍ମରସ୍ ଆଡ୍‌ଭାଇଜରୀ କମିଟି |
| ବିଜି | ବ୍ଲକ୍ ଗ୍ରାଣ୍ଟ୍ |
| ବିଜିଜେଓ୍ୱାଇ | ବିଜୁ ଗ୍ରାମ ଜ୍ୟୋତି ଯୋଜନା |
| ବିଆଇଏସ୍ | ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ |
| ବିଏଲ୍ଏସ୍ | ବେସ୍ ଲାଇନ୍ ସର୍ଭେ |
| ବିଓଡି | ବାଇଓ କେମିକାଲ୍ ଅକ୍ସିଜେନ୍ ଡିମାଣ୍ଡ୍ |
| ବିଓଆର୍ | ବେଡ୍ ଅକୁପାନ୍ସି ରେଟ୍ |
| ବିପିଏଲ୍ | ବିଲୋ ପୋଭର୍ଟି ଲାଇନ୍ |
| ବିପିଆର୍‌ଡି | ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଏଣ୍ଡ୍ ଡେଭ୍‌ଲପ୍‌ମେଣ୍ଟ୍ |
| ବିଆର୍‌ସି | ବ୍ଲକ୍ ରିସୋର୍ସ ସେଣ୍ଟର |
| ବିଏସ୍ୱାଇ | ବିଜୁ ସେତୁ ଯୋଜନା |
| ସିଏଣ୍ଡ୍ଏଜି | କମ୍ପ୍‌ଟ୍ରୋଲର ଏଣ୍ଡ ଅଡିଟର୍ ଜେନେରାଲ୍ |
| ସିଏଏଲ୍ | କମ୍ପ୍ୟୁଟର ଏଡେଡ୍ ଲର୍ଣ୍ଣିଂ |
| ସିଏଏମ୍‌ପିଏ | କମ୍ପେନସେଟୋରି ଆଫୋର୍‌ଷ୍ଟେସନ୍ ଫଣ୍ଡ୍ ମ୍ୟାନେଜମେଣ୍ଟ୍ ଏଣ୍ଡ୍ ପ୍ଲାନିଂ ଅଥରିଟି |
| ସିବିଡି | କମନ୍ ବାଇଲ୍ ଡକ୍ଟ |
| ସିସି | କଂକ୍ରିଟ୍ -ସିମେଣ୍ଟ୍ |
| ସିସିଇ | କଣ୍ଟିନ୍ୟୁଅସ୍ ଏଣ୍ଡ୍ କମ୍ପ୍ରେହେନ୍‌ସିଭ୍ ଇଭାଲୁଏସନ୍ |
| ସିସିଟିଭି | କ୍ଲୋଜ୍‌ଡ୍ ସର୍କିଟ ଟେଲିଭିଜନ |
| ସିଡି | କ୍ରସ୍ ଡ୍ରେନେଜ୍ |
| ସିଡିଏ | କଟକ ଡେଭ୍‌ଲପ୍‌ମେଣ୍ଟ୍ ଅଥରିଟି |
| ସିଡିଏପି | କମ୍ପ୍ରେହେନ୍‌ସିଭ୍ ଡିଷ୍ଟ୍ରିକ୍ଟ ଏଗ୍ରିକଲ୍‌ଚର୍ ପ୍ଲାନ୍ |
| ସିଡିଏମ୍ଓ | ଚିଫ୍ ଡିଷ୍ଟ୍ରିକ୍ଟ ମେଡିକାଲ୍ ଅଫିସର |
| ସିଡିପି | କମ୍ପ୍ରେହେନ୍‌ସିଭ୍ ଡେଭ୍‌ଲପ୍‌ମେଣ୍ଟ୍ ପ୍ଲାନ୍ |
| ସିଇ | ଚିଫ୍ ଇଞ୍ଜିନିୟର |
| ସିଏଚ୍‌ସି | କମ୍ୟୁନିଟି ହେଲଥ୍ ସେଣ୍ଟର୍ |
| ସିପି | କମିଶନର ଅଫ୍ ପୋଲିସ୍ |

| | |
|---|---|
| ସିପିଏଚ୍ଇଇଓ | ସେଣ୍ଟ୍ରାଲ୍ ପବ୍ଲିକ୍ ହେଲ୍ଥ ଏଣ୍ଡ୍ ଏନ୍ଭାଇରନ୍ମେଣ୍ଟାଲ୍ ଏଣ୍ଡ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ |
| ସିପିୟୁ | କ୍ଲିନିକାଲ୍ ଫାର୍ମାକୋଲୋଜି ୟୁନିଟ୍ |
| ସିଆର୍ସିସି | କ୍ଲଷ୍ଟର୍ ରିସୋର୍ସ ସେଣ୍ଟର କୋର୍ଡିନେଟର |
| ସିଆର୍ଏଲ୍ | ସେଣ୍ଟ୍ରାଲ୍ ରିସର୍ଚ୍ଚ ଲାବୋରେଟୋରି |
| ସିଆର୍ଏସ୍ପି | ସେଣ୍ଟ୍ରାଲ୍ ରୁରାଲ୍ ସାନିଟେସନ୍ ପ୍ରୋଗ୍ରାମ୍ |
| ସିଏସ୍ସି | କମନ୍ ସର୍ଭିସ୍ ସେଣ୍ଟର |
| ସିଏସ୍ଓ | ସିଭିଲ୍ ସପ୍ଲାଇଜ୍ ଅଫିସର |
| ସିଏସ୍ପି | ସେଣ୍ଟ୍ରାଲି ସ୍ପୋନସର୍ଡ ପ୍ଲାନ୍ |
| ସିଟିଭିଏସ୍ | କାର୍ଡିଓ ଥୋରାସିକ୍ ଏଣ୍ଡ୍ ଭାସ୍କୁଲାର୍ ସର୍ଜରୀ |
| ଡିଏ | ଡେଭ୍ଲପ୍ମେଣ୍ଟ୍ ଅଥରିଟି |
| ଡିଏଏପି | ଡିଷ୍ଟ୍ରିକ୍ଟ ଏଗ୍ରିକଲଚର୍ ଆକ୍ସନ୍ ପ୍ଲାନ୍ |
| ଡିଏଓ | ଡିଷ୍ଟ୍ରିକ୍ଟ ଏଗ୍ରିକଲ୍ଚର୍ ଅଫିସର |
| ଡିଏପି | ଡିଷ୍ଟ୍ରିକ୍ଟ ଆନୁଆଲ୍ ପ୍ଲାନ୍ |
| ଡିବିସିଏସ୍ | ଡିଷ୍ଟ୍ରିକ୍ଟ ବ୍ଲାଇଣ୍ଡ୍ନେସ୍ କଣ୍ଟ୍ରୋଲ୍ ସୋସାଇଟି |
| ଡିସିପି | ଡେପୁଟି କମିଶନର ଅଫ୍ ପୋଲିସ |
| ଡିଡିଏ | ଡେପୁଟି ଡାଇରେକ୍ଟର ଅଫ୍ ଏଗ୍ରିକଲ୍ଚର୍ |
| ଡିଇସି | ଡିଷ୍ଟ୍ରିକ୍ଟ ଇଲେକ୍ଟ୍ରିକାଲ୍ କମିଟି |
| ଡିଇଇ | ଡାଇରେକ୍ଟୋରେଟ୍ ଅଫ୍ ଏଲିମେଣ୍ଟାରୀ ଏଜୁକେସନ୍ |
| ଡିଇଓ | ଡିଷ୍ଟ୍ରିକ୍ଟ ଏଜୁକେସନ୍ ଅଫିସର |
| ଡିଏଫ୍ଓ | ଡିଭିଜନାଲ୍ ଫରେଷ୍ଟ ଅଫିସର |
| ଡିଜିପି | ଡାଇରେକ୍ଟର ଜେନେରାଲ୍ ଏଣ୍ଡ ଇନସ୍ପେକ୍ଟର ଜେନେରାଲ୍ ଅଫ୍ ପୋଲିସ |
| ଡିଜିଏସ୍ଏଣ୍ଡ୍ଡି | ଡାଇରେକ୍ଟର ଜେନେରାଲ୍ ଅଫ୍ ସପ୍ଲାଇଜ୍ ଏଣ୍ଡ୍ ଡିସ୍ପୋଜାଲ୍ |
| ଡିଏଚ୍ଏଚ୍ | ଡିଷ୍ଟ୍ରିକ୍ଟ ହେଡକ୍ୱାର୍ଟର୍ସ ହସ୍ପିଟାଲ୍ |
| ଡିଏଚ୍ଏସ୍ | ଡାଇରେକ୍ଟର ଅଫ୍ ହେଲଥ୍ ସର୍ଭିସ୍ |
| ଡିଆଇପିଏଲ୍ | ଡେଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ |
| ଡିଏଲ୍ଏମ୍ସି | ଡିଷ୍ଟ୍ରିକ୍ଟ ଲେଭଲ୍ ମନିଟରିଂ କମିଟି |
| ଡିଏଲ୍ଏମ୍ଆର୍ସି | ଡିଷ୍ଟ୍ରିକ୍ଟ ଲେଭଲ୍ ମନିଟରିଂ ଏଣ୍ଡ୍ ରିଭ୍ୟୁ କମିଟି |
| ଡିଏଲ୍ଏସ୍ଡବ୍ଲ୍ୟୁସିଏ | ଡିଷ୍ଟ୍ରିକ୍ଟ ଲେଭଲ୍ ସିଙ୍ଗଲ୍ ଉଇଣ୍ଡୋ କ୍ଲିଅରାନସ୍ ଅଥରିଟି |
| ଡିଏଲ୍ଭିଏମ୍ସି | ଡିଷ୍ଟ୍ରିକ୍ଟ ଲେଭଲ୍ ଭିଜିଲାନସ୍ ଏଣ୍ଡ୍ ମନିଟରିଂ କମିଟି |
| ଡିଏମ୍ସି | ଡିପାର୍ଟମେଣ୍ଟାଲ୍ ମନିଟରିଂ କମିଟି |
| ଡିଏମ୍ଇଟି | ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ ଏଣ୍ଡ୍ ଟ୍ରେନିଙ୍ଗ |
| ଡିପିସି | ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ କୋର୍ଡିନେଟର |
| ଡିପିଏମ୍ୟୁ | ଡିଷ୍ଟ୍ରିକ୍ଟ ପ୍ଲାନିଂ ଏଣ୍ଡ୍ ମନିଟରିଂ ୟୁନିଟ୍ |
| ଡିପିଆର୍ | ଡିଟେଲଡ୍ ପ୍ରୋଜେକ୍ଟ ରିପୋର୍ଟ |
| ଡିଆର୍ଡିଏ | ଡିଷ୍ଟ୍ରିକ୍ଟ ରୁରାଲ୍ ଡେଭଲପ୍ମେଣ୍ଟ ଏଜେନ୍ସୀ |
| ଡିଆର୍ଆଇଟି | ଢେଙ୍କାନାଳ ରିଜିଓନାଲ୍ ଇମ୍ପ୍ରୁଭ୍ମେଣ୍ଟ୍ ଟ୍ରଷ୍ଟ |
| ଡିଏସ୍ସି | ଡିପାର୍ଟମେଣ୍ଟାଲ୍ ଷ୍ଟୋରେଜ୍ ସେଣ୍ଟର |
| ଡିଡବ୍ଲ୍ୟୁଏସ୍ସି | ଡିଷ୍ଟ୍ରିକ୍ଟ ୱାଟର ଏଣ୍ଡ୍ ସାନିଟେସନ୍ କମିଟି |
| ଡିଡବ୍ଲ୍ୟୁଏସ୍ଏମ୍ | ଡିଷ୍ଟ୍ରିକ୍ଟ ୱାଟର ଏଣ୍ଡ୍ ସାନିଟେସନ୍ ମିଶନ |
| ଇସି | ଏନଭାଇରନ୍ମେଣ୍ଟାଲ୍ କ୍ଲିଅରାନ୍ସ |
| ଇଇ | ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର |
| ଇଆଇ | ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍ |
| ଇଆଇସି | ଇଞ୍ଜିନିୟର-ଇନ୍-ଚିଫ୍ |

| | |
|---|---|
| ଇଏମ୍ଆର୍ଆଇ | ଏମର୍ଜେନ୍ସୀ ମ୍ୟାନେଜ୍‌ମେଣ୍ଟ୍ ଏଣ୍ଡ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ |
| ଇଏନ୍‌ଟି | ଇୟର, ନୋଜ୍ ଏଣ୍ଡ୍ ଥ୍ରୋଟ୍ |
| ଇଓ | ଏକ୍‌ଜିକ୍ୟୁଟିଭ୍ ଅଫିସର |
| ଇଓଆଇ | ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍‌ରେଷ୍ଟ |
| ଏଫ୍‌ସିଆଇ | ଫୁଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ |
| ଏଫ୍‌ଏଫ୍ | ଫାର୍ମିସ୍ ଫ୍ରେଣ୍ଡ୍ |
| ଏଫ୍‌ଆଇଆର୍ | ଫାଷ୍ଟ୍ ଇନ୍‌ଫର୍ମେସନ୍ ରିପୋର୍ଟ |
| ଏଫ୍‌ପିଏସ | ଫେୟାର ପ୍ରାଇସ୍ ସପ୍ |
| ଏଫ୍‌ଏସ୍ ଏଣ୍ଡ୍ ସିଡବ୍ଲ୍ୟୁ | ଫୁଡ୍ ସପ୍ଲାଏଜ୍ ଏଣ୍ଡ୍ କଞ୍ଜୁମର ୱେଲ୍‌ଫେୟାର |
| ଏଫ୍‌ଏସ୍‌ଡି | ଫୁଡ୍ ଷ୍ଟୋରେଜ୍ ଡିପୋଟ୍ |
| ଜି2ସି | ଗଭର୍ଣ୍ଣମେଣ୍ଟ୍ ଟୁ ସିଟିଜେନ୍ |
| ଜିଏ | ଜେନେରାଲ୍ ଆଡମିନିଷ୍ଟ୍ରେସନ୍ |
| ଜିଏଡି | ଜେନେରାଲ୍ ଆଲାଇନ୍‌ମେଣ୍ଟ୍ ଡ୍ରଇଙ୍ଗ୍ |
| ଜିବି | ଜିଗା ବାଇଟ୍ |
| ଜିଇଆର୍ | ଗ୍ରସ୍ ଏନରୋଲ୍‌ମେଣ୍ଟ୍ ରେସିଓ |
| ଜିଆଇଏ | ଗ୍ରାଣ୍ଟସ୍-ଇନ୍-ଏଡ୍ |
| ଜିଏମ୍‌ସିଏଚ୍ | ଗଭର୍ଣ୍ଣମେଣ୍ଟ୍ ମେଡିକାଲ୍ କଲେଜେସ୍ ଏଣ୍ଡ୍ ହସ୍ପିଟାଲ୍ |
| ଜିଓଆଇ | ଗଭର୍ଣ୍ଣମେଣ୍ଟ୍ ଅଫ୍ ଇଣ୍ଡିଆ |
| ଜିଓଓ | ଗଭର୍ଣ୍ଣମେଣ୍ଟ୍ ଅଫ୍ ଓଡ଼ିଶା |
| ଜିପି | ଗ୍ରାମ ପଞ୍ଚାୟତ |
| ଜିପିଏସ୍ | ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍ |
| ଜିଏସ୍ | ଗଣ ଶିକ୍ଷକ |
| ଏଚ୍‌ଏଣ୍ଡ୍‌ଏଫ୍‌ଡବ୍ଲ୍ୟୁ | ହେଲ୍‌ଥ ଏଣ୍ଡ୍ ଫ୍ୟାମିଲି ୱେଲ୍‌ଫେୟାର |
| ଏଚ୍‌ଏଣ୍ଡ୍‌ୟୁଡି | ହାଉସିଂ ଏଣ୍ଡ୍ ଅର୍ବାନ୍ ଡେଭଲପ୍‌ମେଣ୍ଟ୍ ଡିପାର୍ଟମେଣ୍ଟ୍ |
| ଏଚ୍‌ଏଫ୍‌ଏଲ୍ | ହାଇ ଫ୍ଲଡ୍ ଲେଭଲ୍ |
| ଏଚ୍‌ଜି | ହୋମ୍ ଗାର୍ଡ |
| ଏଚ୍‌ଆଇଭି | ହ୍ୟୁମାନ୍ ଇମ୍ୟୁନୋ-ଡେଫିସିଏନ୍‌ସି ଭାଇରସ୍ |
| ଏଚ୍‌ଓଡି | ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ୍ |
| ଏଚ୍‌ପିସି | ହାଇ ପାୱାର କମିଟି |
| ଆଇଏୱାଇ | ଇନ୍ଦିରା ଆୱାସ ଯୋଜନା |
| ଆଇସିଏଆର୍ | ଇଣ୍ଡିଆନ୍ କାଉନସିଲ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ରିସର୍ଚ୍ଚ |
| ଆଇସିସିୟୁ | ଇଣ୍ଟେନ୍‌ସିଭ୍ କରୋନାରୀ କେୟାର ୟୁନିଟ୍ |
| ଆଇସିଡିଏସ୍ | ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭଲପ୍‌ମେଣ୍ଟ୍ ସର୍ଭିସେସ୍ |
| ଆଇସିୟୁ | ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ |
| ଓଆଇଡିସି | ଓଡ଼ିଶା ଇନଫ୍ରାଷ୍ଟ୍ରକ୍‌ଚର ଡେଭଲପ୍‌ମେଣ୍ଟ୍ କର୍ପୋରେସନ୍ |
| ଆଇଏଚ୍‌ଏଚ୍‌ଏଲ୍ | ଇଣ୍ଡିଭିଜୁଆଲ୍ ହାଉସ୍‌ହୋଲ୍‌ଡ ଲାଟ୍ରିନ୍ସ |
| ଆଇଆଇସି | ଇନସ୍ପେକ୍ଟର-ଇନ୍-ଚାର୍ଜ |
| ଆଇଏମ୍‌ସିଏ | ଇଣ୍ଡିଆନ୍ ମେଡିକାଲ୍ କାଉନସିଲ୍ ଆକ୍ଟ |
| ଆଇଓ | ଇନଭେଷ୍ଟିଗେଟିଙ୍ଗ୍ ଅଫିସର |
| ଆଇପିସି | ଇଣ୍ଡିଆନ୍ ପେନାଲ୍ କୋଡ୍ |
| ଆଇପିଏଚ୍‌ସି | ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ୍ |
| ଆଇପିଆର | ଇଣ୍ଡଷ୍ଟ୍ରିଆଲ୍ ପଲିସି ରିଜୋଲୁସନ |
| ଆଇଆର | ଇନସ୍ପେକ୍ସନ ରିପୋର୍ଟ |

| | |
|---|---|
| ଆଇଆର୍‌ସି | ଇଣ୍ଡିଆନ୍ ରୋଡ କଂଗ୍ରେସ୍ |
| ଆଇଆର୍‌ପି | ଆଇରନ୍ ରିମୁଭାଲ୍ ପ୍ଲାଣ୍ଟ |
| ଆଇଏସ୍ | ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ |
| ଆଇଟି | ଇମ୍ପ୍ରୁଭ୍‌ମେଣ୍ଟ୍ ଟ୍ରଷ୍ଟ |
| ଆଇଟିବିପି | ଇଣ୍ଡୋ ଟିବେଟାନ୍ ବର୍ଡର ପୋଲିସ |
| ଜେଏନ୍‌ଏନ୍‌ୟୁଆର୍‌ଏମ୍ | ଜବାହାରଲାଲ ନେହେରୁ ନେସ୍‌ନାଲ୍ ଅର୍ବାନ୍ ରିନୁଆଲ୍ ମିଶନ |
| ଜେପିଆଇ | ଜଏଣ୍ଟ ଫିଜିକାଲ ଇନସ୍ପେକ୍ସନ୍ |
| କେପିଆଇ | କୀ ପରଫର୍ମାନ୍ସ ଇଣ୍ଡିକେଟର |
| ଏଲ୍‌ଆଇ | ଲିଫ୍ଟ ଇରିଗେସନ୍ |
| ଏଲ୍‌ପିସିଡି | ଲିଟର ପର କ୍ୟାପିଟା ପର ଡେ |
| ଏମ୍‌ବିବିଏସ୍ | ବ୍ୟାଚଲର ଇନ୍ ମେଡିସିନ୍ ଏଣ୍ଡ୍ ବ୍ୟାଚଲର ଇନ୍ ସର୍ଜରୀ |
| ଏମବିପିଓ୍ୱାଇ | ମଧୁ ବାବୁ ପେନ୍‌ସନ୍ ଯୋଜନା |
| ଏମସିଏଚ୍ | ମେଡିକାଲ୍ କଲେଜ୍ ହସ୍ପିଟାଲ୍ |
| ଏମ୍‌ସିଆଇ | ମେଡିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ |
| ଏମ୍‌ସିଆର୍ | ମଡର୍ଣ୍ଣ କଣ୍ଟ୍ରୋଲ୍ ରୁମ୍ |
| ଏମ୍‌ଡି | ମିଶନ୍ ଡାଇରେକ୍ଟର |
| ଏମ୍‌ଡିଏମ୍ | ମିଡ୍ ଡେ ମିଲ୍ |
| ଏମ୍‌ଡିଆର୍ | ମେଜର ଡିଷ୍ଟ୍ରିକ୍ଟ ରୋଡ୍ |
| ଏମ୍‌ଇଟି | ମେଡିକାଲ୍ ଏଜୁକେସନ୍ ଟିଚିଙ୍ଗ୍ |
| ଏମ୍‌ଇୟୁ | ମେଡିକାଲ୍ ଏଜୁକେସନ ୟୁନିଟ୍ |
| ଏମ୍‌ଏଫ୍‌ପିଏସ୍ | ମଡେଲ୍ ଫେୟାର ପ୍ରାଇସ୍ ସପ୍ |
| ଏମ୍‌ଜିଏନ୍‌ଆର୍‌ଇଜିଏସ୍ | ମହାତ୍ମାଗାନ୍ଧୀ ନେସନାଲ୍ ରୁରାଲ୍ ଏମ୍ପ୍ଲଏମେଣ୍ଟ୍ ଗ୍ୟାରେଣ୍ଟୀ ସ୍କିମ୍ |
| ଏମଏଚଏ | ମିନିଷ୍ଟ୍ରି ଅଫ୍ ହୋମ୍ ଆଫେୟାର୍ସ |
| ଏମଆଇପି | ମାଇନର୍ ଇରିଗେସନ୍ ପ୍ରୋଜେକ୍ଟ |
| ଏମ୍‌କେସିଜି ଏମ୍‌ସିଏଚ୍ | ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ |
| ଏମ୍‌ଏଲ୍‌ଏଏଲ୍‌ଏଡି | ମେମ୍ବର୍ସ ଅଫ୍ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି ଲୋକାଲ ଏରିଆ ଡେଭଲପ୍‌ମେଣ୍ଟ |
| ଏମଏଲଡି | ମିଲିୟନ୍ ଲିଟର ପର ଡେ |
| ଏମ୍‌ଓଆରଟିଏଚ୍ | ମିନିଷ୍ଟ୍ରି ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ ଏଣ୍ଡ ହାଇଓ୍ୱେ |
| ଏମଓୟୁ | ମେମୋରେଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ |
| ଏମପିଆର | ମନ୍ଥଲି ପ୍ରୋଗ୍ରେସ ରିପୋର୍ଟ |
| ଏମ୍‌ଆର୍‌ଆଇ | ମ୍ୟାଗ୍ନେଟିକ୍ ରିଜୋନାନ୍ସ ଇମେଜିଙ୍ଗ୍ |
| ଏମ୍‌ଏସ୍ | ମାଷ୍ଟର ଇନ୍ ସର୍ଜରୀ |
| ଏମ୍‌ଏସ୍‌ଆର୍‌ଆର୍ | ମିନିମମ ଷ୍ଟାଣ୍ଡାର୍ଡ ରିକ୍ୱାୟାରମେଣ୍ଟସ୍ ଫର୍ ମେଡିକାଲ କଲେଜ ରେଗୁଲେସନସ୍ |
| ଏନ୍‌ଏସି | ନୋଟିଫାଏଡ ଏରିଆ କାଉନସିଲ୍ |
| ଏନ୍‌ଏସିପି | ନେସ୍‌ନାଲ ଏଡ୍‌ସ କଣ୍ଟ୍ରୋଲ ପ୍ରୋଗ୍ରାମ |
| ଏନ୍‌ଏଏସ୍ | ନେସନାଲ ଆମ୍ବୁଲାନ୍ସ ସର୍ଭିସ୍ |
| ଏନ୍‌ବିଏ | ନିର୍ମଳ ଭାରତ ଅଭିଯାନ |
| ଏନ୍‌ବିଡବ୍ଲ୍ୟୁ | ନନ୍‌-ବେଲେବଲ ଓ୍ୱାରେଣ୍ଟ |
| ଏନ୍‌ଇଆର୍ | ନେଟ୍ ଏନରୋଲମେଣ୍ଟ ରେସିଓ |
| ଏନ୍‌ଏଫ୍‌ଏସ୍‌ଏମ୍ | ନେସନାଲ ଫୁଡ୍ ସିକ୍ୟୁରିଟି ମିଶନ |
| ଏନ୍‌ଜିଓ | ନନ୍‌-ଗଭର୍ଣ୍ଣମେଣ୍ଟ ଅର୍ଗାନାଇଜେସନ୍ |
| ଏନ୍‌ଏଚ୍ | ନେସ୍‌ନାଲ ହାଇଓ୍ୱେ |
| ଏନ୍‌ଏଚ୍‌ଏଆଇ | ନେସନାଲ ହାଇଓ୍ୱେଜ୍ ଅଥରିଟୀ ଅଫ୍ ଇଣ୍ଡିଆ |

| | |
|---|---|
| ଏନ୍‌ଏଚ୍‌ଏଆର୍‌ଏସ୍‌ଏସ୍ | ନେସନାଲ ହାଇୱେ ଆକ୍‌ସିଡେଣ୍ଟ ରିଲିଫ୍ ସର୍ଭିସ୍ ସ୍କିମ୍ |
| ଏନ୍‌ଏଚ୍‌ଏମ୍ | ନେସନାଲ ହେଲ୍‌ଥ ମିଶନ |
| ଏନ୍‌ଆଇସି | ନେସନାଲ ଇନଫର୍‌ମେଟିକ୍ସ ସେଣ୍ଟର |
| ଏନ୍‌ଆଇଓଏସ୍ | ନେସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ୍ ସ୍କୁଲିଙ୍ଗ୍ |
| ଏନ୍‌ଏଲ୍‌ଇପି | ନେସନାଲ ଲେପ୍ରସି ଏରାଡିକେସନ ପ୍ରୋଗ୍ରାମ |
| ଏନ୍‌ଓଏପି | ନେସନାଲ ଓଲ୍ଡ ଏଜ୍ ପେନସନ୍ |
| ଏନ୍‌ଓସି | ନୋ ଅବଜେକ୍ସନ ସାର୍ଟିଫିକେଟ୍ |
| ଏନ୍‌ପି-ଏନ୍‌ଏସ୍‌ପିଇ | ନେସନାଲ ପ୍ରୋଗ୍ରାମ ଅଫ୍ ନ୍ୟୁଟ୍ରିସନାଲ ସପୋର୍ଟ ଟୁ ପ୍ରାଇମେରୀ ଏଜୁକେସନ |
| ଏନ୍‌ଆର୍‌ଡିଡବ୍ଲ୍ୟୁପି | ନେସନାଲ୍ ରୁରାଲ ଡ୍ରିଙ୍କିଙ୍ଗ୍ ୱାଟର ପ୍ରୋଗ୍ରାମ |
| ଏନ୍‌ଆର୍‌ଇଜିଏ | ନେସନାଲ୍ ରୁରାଲ ଏମ୍ପ୍ଲଏମେଣ୍ଟ ଗ୍ୟାରେଣ୍ଟି ଆକ୍ଟ |
| ଏନ୍‌ଆରଏଚ୍‌ଏମ୍ | ନେସନାଲ୍ ରୁରାଲ ହେଲ୍‌ଥ ମିଶନ |
| ଏନ୍‌ଏସ୍‌କ୍ୟୁ | ନଟ୍ ଅଫ୍ ଷ୍ଟାଣ୍ଡାର୍ଡ କ୍ୱାଲିଟି |
| ଓଏଣ୍ଡଜି | ଅବଷ୍ଟେଟ୍ରିକ୍‌ସ ଆଣ୍ଡ ଗାଇନକୋଲୋଜି |
| ଓଡିଆର | ଅଦର ଡିଷ୍ଟ୍ରିକ୍ଟ ରୋଡ |
| ଓଇଏମ୍‌ଏଏସ୍ | ଓଡ଼ିଶା ଏମର୍ଜେନ୍‌ସୀ ମେଡିକାଲ ଆମ୍ବୁଲାନ୍ସ ସର୍ଭିସ୍ |
| ଓଜିଏଫ୍‌ଆର୍ | ଓରିଶା  ଜେନେରାଲ ଫାଇନାନ୍‌ସିଆଲ ରୁଲ୍‌ସ |
| ଓଜିଏଲ୍‌ଏସ୍ ଆକ୍ଟ | ଓରିଶା  ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ ସେଟଲମେଣ୍ଟ ଆକ୍ଟ |
| ଓଏଲ୍‌ଏ | ଓଡିଶା ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି |
| ଓଏଲ୍‌ଆର | ଓରିଶା  ଲ୍ୟାଣ୍ଡ ରିଫର୍ମସ୍ |
| ଓଏଲ୍‌ଆର୍ ଆକ୍ଟ | ଓରିଶା ଲ୍ୟାଣ୍ଡ ରିଫର୍ମସ ଆକ୍ଟ |
| ଓଏମ୍‌ଏମ୍ | ଓରିଶା  ମ୍ୟୁଟେସନ ମାନୁଆଲ୍ |
| ଓଏମ୍‌ଏମ୍‌ସି | ଓରିଶା ମାଇନର ମିନେରାଲ୍ସ କନ୍‌ସେସନ |
| ଓପିଡି | ଆଉଟ୍ ପେସେଣ୍ଟ ଡିପାର୍ଟମେଣ୍ଟ |
| ଓପିଡିଆର୍ | ଓରିଶା ପବ୍ଲିକ୍ ଡିମାଣ୍ଡ୍‌ସ ରିକଭରି |
| ଓପିଇପିଏ | ଓଡ଼ିଶା ପ୍ରାଇମେରୀ ଏଜୁକେସନ ପ୍ରୋଗ୍ରାମ ଅଥରିଟି |
| ଓପିଏଲଇ ଆକ୍ଟ | ଦି ଓରିଶା ପ୍ରିଭେନ୍‌ସନ୍ ଅଫ୍ ଲ୍ୟାଣ୍ଡ ଏନ୍‌କ୍ରୋଚ୍‌ମେଣ୍ଟ୍ ଆକ୍ଟ |
| ଓପିଏମ | ଓରିଶା ପୋଲିସ୍ ମାନୁଆଲ୍ |
| ଓପିପି(ଇୟୁଓ) ଆକ୍ଟ | ଓରିଶା ପବ୍ଲିକ୍ ପ୍ରେମିସେସ୍ (ଏଭିକ୍‌ସନ୍ ଅଫ୍ ଅନଅଥରାଇଜଡ୍ ଅକୁପାଣ୍ଟସ) ଆକ୍ଟ |
| ଓପିଡବ୍ଲ୍ୟୁଡି | ଓଡ଼ିଶା ପବ୍ଲିକ୍ ୱାର୍କସ ଡିପାର୍ଟମେଣ୍ଟ |
| ଓଆରଟିପିଏସ ଆକ୍ଟ | ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସ୍ ଆକ୍ଟ |
| ଓଏସସିଏସସି | ଓଡ଼ିଶା ଷ୍ଟେଟ୍ ସିଭିଲ୍ ସପ୍ଲାଏଜ୍ କର୍ପୋରେସନ ଲିମିଟେଡ୍ |
| ଓଏସଆଇଏଚପି | ଓଡ଼ିଶା ଷ୍ଟେଟ୍ ଇଣ୍ଟିଗ୍ରେଟେଡ୍ ହେଲ୍‌ଥ ପଲିସି |
| ଓଏସପିଏଚଡବ୍ଲ୍ୟୁସି | ଓଡ଼ିଶା ଷ୍ଟେଟ୍ ପୋଲିସ୍ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଲିମିଟେଡ୍ |
| ଓଏସ୍‌ଏସ୍ | ଓରିଶା ସର୍ଭେ ଆଣ୍ଡ ସେଟ୍‌ଲମେଣ୍ଟ |
| ଓଏସ୍‌ଏସ୍‌ସି | ଓଡ଼ିଶା ଷ୍ଟେଟ୍ ସିଡ୍‌ସ୍ କର୍ପୋରେସନ ଲିମିଟେଡ୍ |
| ଓଏସ୍‌ଟିଏଫ | ଓଡ଼ିଶା ଷ୍ଟେଟ୍ ଟ୍ରିଟ୍‌ମେଣ୍ଟ ଫଣ୍ଡ |
| ଓଏସ୍‌ୟୁଡବ୍ଲ୍ୟୁଏସ | ଓଡ଼ିଶା ଷ୍ଟେଟ୍  ଅର୍ବାନ୍ ୱାଟର ସପ୍ଲାଏ ପଲିସି |
| ଓଏସ୍‌ଡବ୍ଲ୍ୟୁପି | ଓଡ଼ିଶା ଷ୍ଟେଟ୍ ୱାଟର ପଲିସି |
| ଓଏସଡବ୍ଲ୍ୟୁଏସଏମ | ଓଡ଼ିଶା ଷ୍ଟେଟ୍  ୱାଟର ଏଣ୍ଡ ସାନିଟେସନ ମିଶନ |
| ଓଟି | ଅପରେସନ ଥିଏଟର |
| ଓଟିସି | ଓଡ଼ିଶା  ଟ୍ରେଜେରୀ  କୋଡ |
| ଓଟିଡିସି | ଓଡ଼ିଶା  ଟୁରିଜିମ୍ ଡେଭଲପମେଣ୍ଟ କର୍ପୋରେସନ୍ ଲିମିଟେଡ୍ |
| ଓୟୁପି | ଓଡ଼ିଶା  ଅର୍ବାନ ପୋଲିସ |

| | |
|---|---|
| ପିଏଣ୍ଡସି | ପ୍ଲାନିଂ ଏଣ୍ଡ କୋଓର୍ଡିନେସନ୍ |
| ପିଏ | ପରଫରମାନସ୍ ଅଡିଟ୍ |
| ପିଏବି | ପ୍ରୋଜେକ୍ଟ ଆପ୍ରାଇଜାଲ ବୋର୍ଡ |
| ପିଏସି | ପବ୍ଲିକ ଆକାଉଣ୍ଟସ୍ କମିଟି |
| ପିସିଆର୍ | ପୋଲିସ କଣ୍ଟ୍ରୋଲ ରୁମ୍ |
| ପିଡିଏସ୍ | ପବ୍ଲିକ ଡିଷ୍ଟ୍ରିବୁସନ୍ ସିଷ୍ଟମ୍ |
| ପିଜି | ପୋଷ୍ଟ ଗ୍ରାଜୁଏଟ୍ |
| ପିଏଚ୍ସି | ପ୍ରାଇମେରୀ ହେଲ୍ଥ ସେଣ୍ଟର୍ |
| ପିଏଚଇଓ | ପବ୍ଲିକ ହେଲ୍ଥ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ |
| ପିଆଇପି | ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ୍ ପ୍ଲାନ୍ |
| ପିଏମ୍ଜିଏସୱାଇ | ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା |
| ପିପି | ପରସ୍ପେକ୍ଟିଭ୍ ପ୍ଲାନ୍ |
| ପିପିପି | ପବ୍ଲିକ ପ୍ରାଇଭେଟ୍ ପାର୍ଟନରସିପ୍ |
| ପିଆର | ପଞ୍ଚାୟତି ରାଜ୍ |
| ପିଏସ | ପୋଲିସ ଷ୍ଟେସନ୍ |
| ଆରଏଏମ | ରାଣ୍ଡମ ଆକ୍ସେସ୍ ମେମୋରୀ |
| ଆରବିଆଇ | ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ |
| ଆରଡିସି | ରେଭିନ୍ୟୁ ଡିଭିଜନାଲ କମିଶନର |
| ଆରଏଣ୍ଡଡିଏମ | ରେଭିନ୍ୟୁ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ |
| ଆରଏଫପି | ରିକ୍ୱେଷ୍ଟ ଫର୍ ପ୍ରୋପୋଜାଲ |
| ଆରଜିଜିଭିୱାଇ | ରାଜୀବ ଗାନ୍ଧି ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା |
| ଆର୍ଜିଏସ୍କେ | ରାଜୀବ ଗାନ୍ଧି ସେବା କେନ୍ଦ୍ର |
| ଆରଏଚ୍ଟିସି | ରୁରାଲ ହେଲ୍ଥ ଟ୍ରେନିଂ ସେଣ୍ଟର |
| ଆର୍ଆଇ | ରେଭିନ୍ୟୁ ଇନସ୍ପେକ୍ଟର |
| ଆର୍ଆଇସି | ରିଜିଓନାଲ ଇଣ୍ଡଷ୍ଟ୍ରିଜ୍ ସେଣ୍ଟର |
| ଆର୍ଆଇଟି | ରିଜିଓନାଲ୍ ଇମ୍ପ୍ରୁଭ୍ମେଣ୍ଟ ଟ୍ରଷ୍ଟ |
| ଆର୍କେଏସ | ରୋଗୀ କଲ୍ୟାଣ ସମିତି |
| ଆର୍କେଭିୱାଇ | ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା |
| ଆର୍ଏମ୍ଏସ୍ଏ | ର୍ରାଷ୍ଟ୍ରୀୟ ମାଧମିକ ଶିକ୍ଷା ଅଭିଯାନ |
| ଆରଓଆର୍ | ରେକର୍ଡ ଅଫ୍ ରାଇଟ୍ସ |
| ଆରପିଡବ୍ଲ୍ୟୁଏସ | ରୁରାଲ୍ ପାଇପ୍ଡ ୱାଟର ସପ୍ଲାଏ |
| ଆର୍ଆର୍ସି –କମ-ଡିଏସ୍ସି | ରାଇସ୍ ରିସିଭିଂ ସେଣ୍ଟର-କମ୍-ଡିପାର୍ଟମେଣ୍ଟାଲ ଷ୍ଟୋରେଜ୍ ସେଣ୍ଟର |
| ଆରଟିଇ | ରାଇଟ୍ ଅଫ୍ ଚିଲ୍ଡ୍ରେନ୍ ଟୁ ଫ୍ରି ଆଣ୍ଡ କମ୍ପଲସରି ଏଜୁକେସନ |
| ଆରଡବ୍ଲ୍ୟୁ | ରୁରାଲ ୱାର୍କ୍ସ |
| ଏସଏଣ୍ଡ ଏମଇ | ସ୍କୁଲ୍ ଏଣ୍ଡ ମାସ ଏଜୁକେସନ |
| ଏସସି | ସିଡ୍ୟୁଲ୍ଡ କାଷ୍ଟ |
| ଏସସିବି ଏମ୍ସିଏଚ୍ | ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ |
| ଏସ୍ସିଇଆର୍ଟି | ଷ୍ଟେଟ୍ କାଉନସିଲ୍ ଅଫ ଏଜୁକେସନ, ରିସର୍ଚ୍ଚ ଏଣ୍ଡ ଟ୍ରେନିଂ |
| ଏସ୍ସିଏସ୍ସି | ସିନିୟର ସିଟିଜେନ୍ ସିକ୍ୟୁରିଟି ସେଲ୍ |
| ଏସ୍ସିଏସ୍ପିଏଲ | ଷ୍ଟାଲକୋ କନସଲ୍ଟାନ୍ସି ଏଣ୍ଡ ସିଷ୍ଟମସ୍ ପ୍ରାଇଭେଟ୍ ଲିମିଟେଡ୍ |
| ଏସ୍ଡି | ଷ୍ଟେସନ ଡାଏରୀ |
| ଏସ୍ଡିଏଚ | ସବ୍ ଡିଭିଜନାଲ ହସ୍ପିଟାଲ |
| ଏସ୍ଡିଏମୟୁ | ଷ୍ଟେଟ ଡ୍ରଗ୍ ମ୍ୟାନେଜମେଣ୍ଟ ୟୁନିଟ୍ |

| | |
|---|---|
| ଏସ୍‌ଡିପି | ସ୍କୁଲ୍ ଡେଭଲପମେଣ୍ଟ ପ୍ଲାନ୍ |
| ଏସଇ | ସୁପରିଟେଣ୍ଡିଂ ଇଞ୍ଜିନିୟର |
| ଏସଇଏସି | ଷ୍ଟେଟ ଏକସପର୍ଟ ଆପ୍ରାଇଜାଲ କମିଟି |
| ଏସ୍‌ଇଆଇଏଏ | ଷ୍ଟେଟ ଏନଭରନମେଣ୍ଟାଲ ଇମ୍ପ୍ୟାକ୍ଟ ଆସେସମେଣ୍ଟ ଅଥରିଟି |
| ଏସ୍‌ଆଇ | ସବ୍- ଇନସ୍ପେକ୍ଟର |
| ଏସ୍‌ଏଲବି | ସର୍ଭିସ୍ ଲେବଲ ବେଞ୍ଚମାର୍କ |
| ଏସ୍‌ଏଲ୍‌ଏସ୍‌ସି | ଷ୍ଟେଟ ଲେବଲ ସାଂକସନିଂ କମିଟି |
| ଏସ୍‌ଏମ୍‌ସି | ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି |
| ଏସ୍‌ଏମ୍‌ଏସ୍ | ସର୍ଟ ମେସେଜିଂ ସର୍ଭିସ୍ |
| ଏସ୍‌ଏନ୍‌ସିୟୁ | ସ୍ପେସିଆଲ୍ ନିୟୁ-ବର୍ଣ୍ଣ କେୟାର ୟୁନିଟ୍ |
| ଏସ୍‌ଏନ୍‌ଓ | ଷ୍ଟେଟ ନୋଡାଲ ଅଫିସର |
| ଏସଓପି | ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର |
| ଏସ୍‌ପିସିବି | ଷ୍ଟେଟ୍ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ |
| ଏସ୍‌ପିଡି | ଷ୍ଟେଟ୍ ପ୍ରୋଜେକ୍ଟ ଡାଇରେକ୍ଟର |
| ଏସ୍‌ପିଓ | ସ୍ପେସିଆଲ ପୋଲିସ ଅଫିସର |
| ଏସ୍‌କ୍ୟୁଏମ | ଷ୍ଟେଟ କ୍ୱାଲିଟି ମନିଟର |
| ଏସ୍‌ଏସ୍ | ଶିକ୍ଷା ସହାୟକ |
| ଏସ୍‌ଏସ୍‌ଏ | ସର୍ବ ଶିକ୍ଷା ଅଭିଯାନ |
| ଏସ୍‌ଟି | ସିଡ୍ୟୁଲ୍‌ଡ ଟ୍ରାଇବ୍ |
| ଏସ୍‌ଭିଏସ୍ | ସିଡ ଭିଲେଜ ସ୍କିମ |
| ଏସ୍‌ଡବ୍ଲ୍ୟୁ | ସାନିଟାରୀ ୱେଲ |
| ଟିଏ | ଟ୍ରାନସପୋର୍ଟ ଏଜେଣ୍ଟ |
| ଟିଏଏମ୍ | ତହସିଲ ଆକାଉଣ୍ଟସ ମାନୁଆଲ |
| ଟିସି | ଟେକ୍‌ନିକାଲ କମିଟି |
| ଟିସିସି | ଟ୍ରମା କେୟାର ସେଣ୍ଟରସ |
| ଟିସିଏମ | ଟ୍ରାଙ୍ଗୁଲାର କମିଟି ମିଟିଂ |
| ଟିପିଏ | ଟାଉନ୍ ପ୍ଲାନିଂ ଅଥରିଟି |
| ଟିଏସ୍‌ସି | ଟୋଟାଲ ସାନିଟେସନ କ୍ୟାମ୍ପେନ୍ |
| ଟିଡବ୍ଲ୍ୟୁ | ଟ୍ୟୁବ୍‌ୱେଲ |
| ୟୁସି | ୟୁଟିଲାଇଜେସନ ସାର୍ଟିଫିକେଟ୍ |
| ୟୁଡି | ଅନ୍‌ନାଚୁରାଲ ଡେଥ୍ |
| ୟୁଜି | ଅଣ୍ଡର ଗ୍ରାଜୁଏଟ୍ |
| ୟୁଏଚ୍‌ଟିସି | ଅର୍ବାନ ହେଲଥ୍ ଟ୍ରେନିଂ ସେଣ୍ଟର |
| ୟୁଆଇଡିଏସଏସଏମଟି | ଅର୍ବାନ ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ସ୍କିମ୍ ଫର ସ୍ମଲ ଏଣ୍ଡ ମିଡିଅମ୍ ଟାଉନ୍‌ସ |
| ୟୁଏଲ୍‌ବି | ଅର୍ବାନ ଲୋକାଲ ବଡି |
| ୟୁପି | ଅପର ପ୍ରାଇମେରୀ |
| ୟୁପିଡି | ଅର୍ବାନ ପୋଲିସ ଡିଷ୍ଟ୍ରିକ୍ଟ |
| ୟୁପିଏସ୍ | ଅପର ପ୍ରାଇମେରୀ ସ୍କୁଲ |
| ଭିଡି | ଭେନେରିଅଲ ଡିଜିଜ୍ |
| ଭିଇସି | ଭିଲେଜ ଏଜୁକେସନ କମିଟି |
| ଭିଇଆର | ଭିଲେଜ ଏଜୁକେସନ ରେଜିଷ୍ଟର |
| ଭିଏଲଇ | ଭିଲେଜ ଲେବେଲ ଏଣ୍ଟରପ୍ରିନିଅର୍ |
| ଭିଏସ୍‌ଏସ୍ ଏମ୍‌ସିଏଚ୍ | ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଏଣ୍ଡ ହସପିଟାଲ |

| | |
|---|---|
| ଭିଭିଆଇପି | ଭେରି ଭେରି ଇମ୍ପୋଟାଣ୍ଟ ପର୍ସନ |
| ଭିଡବ୍ଲ୍ୟୁଏସ୍‌ସି | ଭିଲେଜ ଓ୍ୱାଟର ଏଣ୍ଡ ସାନିଟେସନ କମିଟି |
| ଡବ୍ଲ୍ୟୁଏଣ୍ଡସିଡି | ଓ୍ୱମେନ ଏଣ୍ଡ ଚାଇଲ୍ଡ ଡେଭଲପମେଣ୍ଟ |
| ଡବ୍ଲ୍ୟୁଇଏସସିଓ | ଓ୍ୱେଷ୍ଟର୍ଣ୍ଣ ଇଲେକ୍‌ଟ୍ରିସିଟି ସପ୍ଲାଏ କମ୍ପାନୀ ଅଫ୍ ଓଡିଶା ଲିମିଟେଡ୍ |
| ଡବ୍ଲ୍ୟୁଟିପି | ଓ୍ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ |
| ଜେଡ୍‌ଏଚ୍‌ଏଲ | ଜିକିଜା ହେଲ୍‌ଥକେୟାର ପ୍ରାଇଭେଟ୍ ଲିମିଟେଡ୍ |
| ଜେଡ୍‌ଏସ୍‌ଏସ୍ | ଜିଲ୍ଲା ସ୍ୱାସ୍ଥ୍ୟ ସମିତି |

© ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ
www.cag.gov.in

**www.agodisha.gov.in**